ମୋ ଜୀବନ କାହାଣୀ

ମୋରାରଜୀ ଦେସାଇ

(ଦ୍ୱିତୀୟ ଭାଗ)

Digitized by srujanika@gmail.com

ମୋ ଜୀବନ କାହାଣୀ

(ଦ୍ୱିତୀୟ ଭାଗ)

ମୋରାରଜୀ ଦେଶାଇ

ଭାଷାନ୍ତର

ବିଚିତ୍ରାନନ୍ଦ ପରିଡ଼ା

ପ୍ରକାଶକ

ନବଜୀବନ ଟ୍ରଷ୍ଟ

ଅହମଦାବାଦ-୩୮୦୦୧୪

Digitized by srujanika@gmail.com

Vol. I : Rs.100
Vol. II : Rs.150
Set : Rs.250

© Navajivan Trust, 2003

MO JIBANA KAHANI
(An Autobiography)

Author
Morarji Desai
Oriya Translator
Bichitrananda Parida

First Edition, 750 Copies, November 2003

ISBN 81-7229-334-8 (set)

Printed and Published by
Jitendra T. Desai
Navajivan Mudranalaya
Ahmedabad-380 014
(INDIA)

Digitized by srujanika@gmail.com

Digitized by srujanika@gmail.com



ଲେଖକଙ୍କ ସହିତ ଅନୁବାଦକ
ତା ୦୮-୧୨-୧୯୮୫

ଭାଷାନ୍ତର

ଏହି ପୁସ୍ତକ ଓଡ଼ିଆରେ ଅନୁବାଦ କରିବାର ମୋର ଏକମାତ୍ର ଉଦ୍ଦେଶ୍ୟ ହେଲା ଭାରତମାତାଙ୍କର ଏହି ବରେଣ୍ୟ ବରପୁତ୍ର, ଜାତି ପିତା ମହାତ୍ମାଗାନ୍ଧୀଙ୍କର ଅହିଂସା ଓ ସତ୍ୟାଗ୍ରହର ପ୍ରକୃଷ୍ଟ ନିଷ୍ଠାପର ଉପାସକ ତଥା ଭାରତର ଜଣେ ପ୍ରଧାନମନ୍ତ୍ରୀଙ୍କର ମହନୀୟ ବ୍ୟକ୍ତିତ୍ୱ ଓଡ଼ିଆ ପାଠକ, ପାଠିକାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ।

ଅନୁବାଦରେ ଅନେକ ତ୍ରୁଟି ଥାଇପାରେ । ଏଣୁ ପାଠକ, ପାଠିକାମାନଙ୍କୁ ସବିନୟ ଅନୁରୋଧ ଅନୁଗ୍ରହ ପୂର୍ବକ ସମସ୍ତ ଭୁଲ କ୍ଷମା କରିବେ ।

ବିଚିତ୍ରାନନ୍ଦ ପରିଡ଼ା
ଅନୁବାଦକ

Digitized by srujanika@gmail.com

ସୂଚୀପତ୍ର

୧.	ବମ୍ବେର ମୁଖ୍ୟମନ୍ତ୍ରୀ	1
୨.	ପ୍ରଶାସନିକ ସଂସ୍କାର	13
୩.	ଶିକ୍ଷାର ମାଧ୍ୟମ	24
୪.	ପ୍ରଶାସନତନ୍ତ୍ର ଏବଂ ନ୍ୟାୟତନ୍ତ୍ର	29
୫.	ସମ୍ବାଦପତ୍ରର ସ୍ୱତନ୍ତ୍ରତା	34
୬.	ଡିଉ, ଦାମନ ଏବଂ ଗୋଆ	40
୭.	ସଂଯୁକ୍ତ ମହାରାଷ୍ଟ୍ର ପାଇଁ ସଂଘର୍ଷ	45
୮.	ମହାଗୁଜରାଟ ଆନ୍ଦୋଳନ	58
୯.	ବିନୋବାଜୀଙ୍କ ସହିତ ବିଚାର ବିନିମୟ	66
୧୦.	ବମ୍ବେରୁ ଦିଲ୍ଲୀ	69
୧୧.	କେନ୍ଦ୍ରରେ ବାଣିଜ୍ୟ-ଉଦ୍ୟୋଗ ମନ୍ତ୍ରୀ	76
୧୨.	ବିଦେଶୀ ଅତିଥିଙ୍କ ସହିତ	86
୧୩.	କେନ୍ଦ୍ର ଅର୍ଥମନ୍ତ୍ରୀ	89
୧୪.	ମୋର ପ୍ରଥମ ବିଦେଶ ଯାତ୍ରା	99
୧୫.	ଇନ୍ଦିରା ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷା ହେଲେ	111
୧୬.	ଭାରତ ଓ ପାକିସ୍ତାନ ସମ୍ବନ୍ଧ	115
୧୭.	ଦ୍ୱିଭାଷୀ ବମ୍ବେ ରାଜ୍ୟ ବିଭାଜନ	118
୧୮.	ୟୁରୋପ, ଆମେରିକା ଓ ଜାପାନ ଯାତ୍ରା	121
୧୯.	ପାକିସ୍ତାନ ଯାତ୍ରା	126
୨୦.	ଶ୍ରୀ କୃଷ୍ଣ ମେନନ ତଥା ଜିପ୍ ବୃତ୍ତାନ୍ତ	131
୨୧.	ରୁଷ ଯାତ୍ରା	135
୨୨.	ଦଶବର୍ଷୀୟ ନିୟମ ଓ ଗୁଜରାଟ	147
୨୩.	ଉପନେତା ପ୍ରସଙ୍ଗ	150
୨୪.	ରାଷ୍ଟ୍ରପତି କେନେଡିଙ୍କ ସହିତ ବାର୍ତ୍ତାଳାପ	154
୨୫.	ଗୋଆରୁ ମୁକ୍ତି	160
୨୬.	ବ୍ରିଟେନ ଓ କମନ୍ ମାର୍କେଟ୍	166

Digitized by srujanika@gmail.com

୨୭. ଚୀନ ଆକ୍ରମଣ 170
୨୮. ୧୯୬୩-୬୪ ବଜେଟ ଓ ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଦେଶ 175
୨୯. କାମରାଜ ଯୋଜନା 183
୩୦. ଜବାହରଲାଲଜୀଙ୍କ ଅବସାନ 194
୩୧. ମୋ ଦୃଷ୍ଟିରେ ଜବାହରଲାଲ ନେହେରୁ 198
୩୨. ଲାଲବାହାଦୂର ଶାସ୍ତ୍ରୀ ତଥା ପାକିସ୍ତାନ ସହ ଯୁଦ୍ଧ 205
୩୩. ଶ୍ରୀମତୀ ଇନ୍ଦିରାଜୀ ପ୍ରଧାନମନ୍ତ୍ରୀ ହେଲେ 212
୩୪. ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ 220
୩୫. ବ୍ୟାଙ୍କ ଉପରେ ନିୟନ୍ତ୍ରଣ ଓ ପ୍ରିଭିପର୍ସର ସମାପ୍ତି 227
୩୬. ଆର୍ଥିକ ନିଶ୍ଚଳତା ବିରୁଦ୍ଧରେ ଲଢାଇ 233
୩୭. ଜାପାନ, ତ୍ରିନିଦାଦ ଓ ବ୍ରାଜିଲ ଯାତ୍ରା 237
୩୮. ନେପାଳ, ଭୂଟାନ ଓ ସିକିମ 245
୩୯. କୋଶିଜିନଙ୍କ ସହିତ କଥାବାର୍ତ୍ତା 252
୪୦. କାନ୍ତିଲାଲ ସମ୍ବନ୍ଧୀୟ ଆରୋପର ଉତ୍ତର 255
୪୧. ପୁନଃ ବିଦେଶ ଯାତ୍ରା 260
୪୨. ଡ. ଜାକିର ହୁସେନଙ୍କ ମୃତ୍ୟୁ ଓ ନୂଆ ରାଷ୍ଟ୍ରପତି ମନୋନୟନ 264
୪୩. ମନ୍ତ୍ରୀମଣ୍ଡଳରୁ ତ୍ୟାଗପତ୍ର 272
୪୪. କଂଗ୍ରେସ ଦଳରେ ଫାଟ 277
୪୫. ମୋ ପରିବାର 287
୪୬. ଅସୁସ୍ଥତାର ଅନୁଭବ 294
୪୭. ମୋର ପ୍ରତ୍ୟୟ 300
ପରିଶିଷ୍ଟ-୧ 307
ପରିଶିଷ୍ଟ-୨ 317
ପରିଶିଷ୍ଟ-୩ 319

Digitized by srujanika@gmail.com

ମୋ ଜୀବନ କାହାଣୀ

ମୋରାରଜୀ ଦେସାଇ

ଭାଷାନ୍ତର: ବିଚିତ୍ରାନନ୍ଦ ପରିଡ଼ା

Digitized by srujanika@gmail.com

(୧) ବମ୍ବେର ମୁଖ୍ୟମନ୍ତ୍ରୀ

ନୂଆ ସମ୍ବିଧାନ ଅନୁସାରେ ୧୯୫୨ର ନିର୍ବାଚନ ପାଇଁ, ଅନ୍ୟଦଳ ପରି, କଂଗ୍ରେସ ୧୯୫୧ର ଶେଷ ଛ ମାସରୁ ଆୟୋଜନ ଆରମ୍ଭ କରିଥିଲା । କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡ ଏହାର ସବୁ ବନ୍ଦୋବସ୍ତ କରୁଥିଲା । ସେ ସମୟରେ ମୁଁ ମଧ୍ୟ ବୋର୍ଡରେ ଜଣେ ସଦସ୍ୟ ଥିଲି । ବମ୍ବେ ରାଜ୍ୟର ଚାରି ପ୍ରଦେଶ-କଂଗ୍ରେସ-ବୋର୍ଡ ରାଜ୍ୟରେ ନିର୍ବାଚନ ବିଷୟ ବିଚାର କରୁଥିଲେ । ଶ୍ରୀ ବାଲାସାହେବ ନିର୍ବାଚନରେ ଛିଡା ହେବେ ନାହିଁ ବୋଲି ନିଜର ନିର୍ଣ୍ଣୟ ଘୋଷଣା କରିଦେଇଥିଲେ । ମୁଁ ତାଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କରି କହିଲି ଯେ ମୋର ମୁଖ୍ୟମନ୍ତ୍ରୀ ହେବାର ଆଦୌ ଇଚ୍ଛା ନାହିଁ ଏବଂ ସେ ସେଇ ପଦରେ ରହିବା ଉଚିତ । କିନ୍ତୁ ସେ ନିଜ ନିର୍ଣ୍ଣୟ ବଦଳାଇଲେ ନାହିଁ କାରଣ ତାଙ୍କୁ ଲାଗୁଥିଲା ଯେ ତାଙ୍କ ନିରପେକ୍ଷ ନୀତି ଯୋଗୁଁ କେତେକ ଲୋକ ତାଙ୍କୁ ବିରୋଧ କରୁଥିଲେ । ଏ ପରିସ୍ଥିତିରେ ଆଉ ବେଶି ଦିନ ସେ ପଦରେ ରହିବାକୁ ଚାହୁଁ ନଥିଲେ ଏବଂ ଏହି ଭାର ମୁଁ ସମ୍ଭାଳିବା ଉଚିତ, ବୋଲି ସେ ମତେ କହିଲେ ।

ଏହି ସମୟରେ ବମ୍ବେ ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଥିଲେ ଶ୍ରୀ ସଦୋବା ପଟିଲ । ମହାରାଷ୍ଟ୍ରରେ ଅଧ୍ୟକ୍ଷ ଶ୍ରୀ ଭାଉସାହେବ ହୀରେ, ଗୁଜରାଟରେ ଶ୍ରୀ କାଣ୍ଟିଭାଇ ଦେସାଇ ଓ କର୍ଣ୍ଣାଟକରେ ଶ୍ରୀ ନିଜଲିଙ୍ଗପ୍ପା ଥିଲେ । ଆମେ ପ୍ରାର୍ଥୀ ବହୁ ସାବଧାନତା ସହକାରେ ବାଛିଲୁ । କେନ୍ଦ୍ର ପାର୍ଲାମେଣ୍ଟାରୀ ବୋର୍ଡ ସବୁ ସମିତିର ସୁପାରିଶରେ ଅଳ୍ପ ବହୁତ ପରିବର୍ତ୍ତନ କରି ସ୍ୱୀକାର କରିଥିଲେ । ୧୯୫୨ ନିର୍ବାଚନରେ ବିରୋଧି ଦଳ ଜୋରରେ ଲାଗିଥିଲେ । କଂଗ୍ରେସ ଜନତାର ଅପ୍ରିୟ ହୋଇଯାଇଛି, ନିର୍ବାଚନରେ ଲୋକେ ତାଙ୍କୁ ଭୋଟ ଦେବେ ନାହିଁ ଏବଂ କେଉଁଠାରେ ତା'ର ବହୁମତ ରହିବ ନାହିଁ ବୋଲି ହାୱା ତିଆରି କରିଥିଲେ । ସମ୍ବାଦପତ୍ରରେ ବି ଏପରି ଖୁବ୍ ପ୍ରଚାର ଚାଲିଥିଲା । ୧୯୫୧ରେ ମୁଁ ବମ୍ବେ ପ୍ରଦେଶର ସବୁ ଜିଲ୍ଲାକୁ ଗସ୍ତରେ ଗଲି । ଗୁଜରାଟରେ ତିନି ସପ୍ତାହ ପାଖାପାଖି ବୁଲିଲି ଫଳରେ ମୋ ନିଜ ନିର୍ବାଚନ କ୍ଷେତ୍ରକୁ ଦୁଇ ପର୍ଯ୍ୟାୟରେ ଛ' ସାତ ଦିନରୁ ବେଶୀ ଯାଇପାରିନଥିଲି । ଗୁଜରାଟ ଏବଂ ସୌରାଷ୍ଟ୍ରରେ ଶ୍ରୀ ଭାଇଲାଲ ପଟେଲ ଆଦି ମିଶିକରି ଗୋଟିଏ କୃଷକ ଦଳ ତିଆରି କରିଥିଲେ ଯାହା କି ପରେ ସ୍ୱତନ୍ତ୍ର ଦଳର ଗୁଜରାଟ ଶାଖାରେ ପରିଣତ ହୋଇଥିଲା । ୧୯୫୨ ନିର୍ବାଚନରେ କୃଷକ ଦଳ ସବୁ ଜିଲ୍ଲାରେ କଂଗ୍ରେସ ବିରୁଦ୍ଧରେ ଛିଡା ହୋଇଥିଲା ।

ସୌରାଷ୍ଟ୍ରରେ ଭୂପତ ନାମକ ଜଣେ ଡକାୟତ କିଛି ସମୟ ଆଗରୁ ଖୁବ୍ ଲୁଟତରାଜ କରୁଥିଲା । ତା' ସାହାଯ୍ୟରେ କୃଷକ ଦଳ ରାଜ୍ୟରେ କଂଗ୍ରେସ ବିରୁଦ୍ଧରେ ପ୍ରତିକୂଳ ବାତାବରଣ ଠିଆ କରିଦେଇଥିଲା । ଶ୍ରୀ ଶ୍ୟାମଳ ଦାସ ଗାନ୍ଧୀ ଏହାର ନେତା ଥିଲେ । ସେଥିସକାଶେ ସୌରାଷ୍ଟ୍ରରେ ମତେ ବେଶୀ ବୁଲିବାକୁ ପଡିଥିଲା । ମୁଁ ଗସ୍ତରେ ଗଲାବେଳେ କଂଗ୍ରେସ ଓ ବିରୋଧି ଦଳ ପକ୍ଷରୁ ପ୍ରସ୍ତୁତ ହୋଇ ଦୁଇପକ୍ଷର ରୀତିନୀତି ଲୋକମାନଙ୍କ ସମ୍ମୁଖରେ ରଖୁଥିଲି । ଏହାଦ୍ୱାରା କଂଗ୍ରେସ ପାଇଁ ଅନୁକୂଳ ବାତାବରଣ ତିଆରି ହୋଇପାରିଲା ଏବଂ ନିର୍ବାଚନରେ ଏଠାରେ କଂଗ୍ରେସକୁ ଭଲ ଭୋଟ ମିଳିଲା । ମୋର ଅନ୍ୟ ସାଥିମାନେ ନିର୍ବାଚନ ବେଳେ ବହୁତ ପରିଶ୍ରମ କରିଥିଲେ । ସେଥିପାଇଁ ବମ୍ବେ ରାଜ୍ୟରେ କଂଗ୍ରେସ ବେଶ୍ ବିଜୟୀ ହୋଇଥିଲା । କୃଷକ ଦଳ ହାରିଗଲା ଓ କଂଗ୍ରେସ ବିରୁଦ୍ଧରେ ପ୍ରଚାର ସବୁ ଭୁଲ ପ୍ରମାଣିତ ହେଲା ।

ଏହା ପୂର୍ବରୁ ନଭେମ୍ବର-ଡିସେମ୍ବରରେ ନିର୍ବାଚନ ସମ୍ବନ୍ଧରେ ମୋ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଥିଲା । ଶ୍ରୀ ବାଲାସାହେବ ଖେର ନିର୍ବାଚନ ଲଢୁନଥିଲେ । କଂଗ୍ରେସ ଜିତିଲେ ବମ୍ବେ ରାଜ୍ୟର ଶାସନ ଭାର ମୋ ଉପରେ ଆସିବାର ପୂର୍ଣ୍ଣ ସମ୍ଭାବନା ଥିଲା । ମୋ ସବୁ ସାଥିମାନେ ମଧ୍ୟ ଏହା ଚିନ୍ତା କରୁଥିଲେ ।

Digitized by srujanika@gmail.com

ମତେ ଲାଗିଲା ଯେ ଶାସନରେ ରହିଲେ ସତ୍ୟର ସନ୍ଧାନ କଠିନ ହେବ । ସତ୍ୟ ପାଇଁ ମୁଁ ଯେତେ ସାବଧାନ ହେଲେ ବି ଶାସନରେ ଅନେକ ବ୍ୟକ୍ତିଙ୍କ ସହିତ କାମ କରିବାକୁ ପଡିବ । ସେଥି ମଧ୍ୟରୁ ଅନେକଙ୍କ ଆକାଂକ୍ଷା ସତ୍ୟ ଦିଗରେ ନଥାଇପାରେ । ଏପରି ଅବସ୍ଥାରେ ସେ ମତେ ଯାହା କହିବେ ସବୁ ସତ୍ୟ ହୋଇନପାରେ ଏବଂ ମୋ ଦ୍ୱାରା ହୋଇଥିବା କାମ ସତ୍ୟର ଅନ୍ତରାୟ ହୋଇପାରେ ।

ତା' ସହିତ ବମ୍ବେ ରାଜ୍ୟର ପୁର୍ନଗଠନ କାମ ଆସୁଥିଲା । ପୁର୍ନଗଠନରେ କର୍ଣ୍ଣାଟକ ଜିଲ୍ଲା ମହୀଶୁର ରାଜ୍ୟରେ ମିଶିବାକୁ ଇଚ୍ଛା କରୁଥିଲା । ସେଥିରେ ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ହେବାର ସମ୍ଭାବନା ଥିଲା । ମୋର ଦୃଢ ବିଶ୍ୱାସ ଥିଲା ଯେ ବମ୍ବେ ରାଜ୍ୟ ଯେପରି ଥିଲା ସେଇପରି ରହିଲେ ଭାରତ ସୁଦୃଢ ରହିବ କାରଣ ମୁଁ ମାନୁଥିଲି ଯେ ଦେଶରେ ଏକତାର ବାତାବରଣ ସୃଷ୍ଟିରେ ବମ୍ବେର ଯୋଗଦାନ ମହାନ ଥିଲା । ଭାଷାସୂତ୍ରରେ ରାଜ୍ୟ ଗଠନ ଅନେକଙ୍କର ଇଚ୍ଛା ଥିଲା ଏବଂ ଏହାର ଯଥେଷ୍ଟ ଯୌକ୍ତିକତା ବି ଥିଲା । ଭାଷା ସୂତ୍ରରେ ରାଜ୍ୟ ଗଠନ ହେଲେ ରାଜ୍ୟ ଚଳାଇବାରେ ସୁବିଧା ହେବ ଏବଂ ରାଜ୍ୟରେ ଜନସମ୍ପର୍କ ସୁବିଧାଜନକ ହେବ । ଜନତାର ଭାଷାରେ ଶାସନ ଚାଲିଲେ ଲୋକମାନଙ୍କ ଶ୍ରଦ୍ଧା ବଢିବ । ଏକଥା ସମସ୍ତେ ଜାଣିଥିଲେ ଯେ କଂଗ୍ରେସ ସ୍ୱାଧୀନତା ସଂଗ୍ରାମରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ଉପରେ ଜୋର ଦେଇଥିଲା । ଗାନ୍ଧିଜୀ ମଧ୍ୟ ଏଭଳି ପୁର୍ନଗଠନର କଥା କହିଥିଲେ । କଂଗ୍ରେସର ସଂଗଠନ ମଧ୍ୟ ସେଇପରି କରାଯାଇଥିଲା । ପ୍ରତ୍ୟେକ ପ୍ରଦେଶରେ କଂଗ୍ରେସର କାମ ସେଇ ପ୍ରଦେଶର ଭାଷାରେ ହେଉଥିଲା । ଫଳରେ ଲୋକମାନଙ୍କର କଂଗ୍ରେସ ପ୍ରତି ଶ୍ରଦ୍ଧା ବଢୁଥିଲା । ସେଇ କାରଣରୁ ଭାଷା ଭିତ୍ତିରେ ରାଜ୍ୟ ପୁର୍ନଗଠନର ଭୂମିକା ତିଆରି ହୋଇଥିଲା ।

କିନ୍ତୁ ଭାରତରେ ଗତ ତିନି ଶତାବ୍ଦୀର ପରିସ୍ଥିତି ଅଧ୍ୟୟନରୁ ଜଣାପଡୁଥିଲା ଯେ ସମଗ୍ର ଦେଶରେ ଗୋଟିଏ ଉତ୍କଟ ଦେଶାତ୍ମକ ଭାବନା ନ ହେଲେ ଭାରତରେ ଭାବନାତ୍ମକ ଏକତା ଅଥବା ଦେଶର ଏକତା ଜନ୍ମ ହୋଇପାରିବ ନାହିଁ । ଏଭଳି ପରିସ୍ଥିତିରେ ଭାଷାସୂତ୍ରରେ ପ୍ରଦେଶ ପୁର୍ନଗଠନ ହେଲେ ଭାରତକୁ ଗୋଟିଏ ଦେଶ ଭାବରେ ବାନ୍ଧି ରଖିବା କଷ୍ଟକର ହେବ ବୋଲି ମତେ ଲାଗୁଥିଲା । ମୋର ଏପରି ଭାବନା ଯୋଗୁଁ ଭାଷା ଭିତ୍ତିକ ରାଷ୍ଟ୍ରରେ ବିଶ୍ୱାସ କରୁଥିବା ଗୁଜରାଟ ଓ ମହାରାଷ୍ଟ୍ରର ଅନେକ ନେତାଙ୍କ ସହ ମୋର ତୀବ୍ର ମତଭେଦ ହେବାର ସ୍ପଷ୍ଟ ସମ୍ଭାବନା ମତେ ଦେଖାଯାଉଥିଲା ।

ଏସବୁ ପରିସ୍ଥିତିରେ ବମ୍ବେ ରାଜ୍ୟରେ ଶାସନ ଭାର ମତେ ଉଠାଇବାକୁ ପଡିଲେ ମୁଁ କେତେ ଦୂର ସଫଳତା ହାସଲ କରିବି -- ସେ ବିଷୟରେ ମୋର ମନ ଆଶଙ୍କାଶୀଳ ଥିଲା । ଏହାଛଡା ମତେ ଲାଗୁଥିଲା ଯେ ଶାସନ କାମ ସତ୍ୟ ସାଧନର ବିରୋଧାତ୍ମକ ଅଟେ । ଏଥିରୁ କିପରି ରକ୍ଷା ମିଳିବ ମୁଁ ସେ ବିଷୟରେ ବହୁତ ଭାବୁଥିଲି । ଏହା ମୋର ମହାଚିନ୍ତାର ବିଷୟ ଥିଲା । ବହୁତ ବିଚାର କରିବା ପରେ ମତେ ଲାଗିଲା ଯେ ଲୋକମାନଙ୍କର ସେବା ତ ମୁଁ ଆଗରୁ ନିଜର ଲକ୍ଷ୍ୟ ବୋଲି ସ୍ଥିର କରିଛି କାରଣ ମୋ ମତରେ ସେଇ ସେବା ଦ୍ୱାରା ସତ୍ୟର ସାଧନ ହେବ । ତେଣୁ କଂଗ୍ରେସ ଜରିଆରେ ମତେ ଜନସେବା କରିବାକୁ ହେବ ଏବଂ କଂଗ୍ରେସର ସାଥିମାନେ ଚାହିଁଲେ ମୁଁ ଶାସନ ଦାୟିତ୍ୱ ଗ୍ରହଣ କରିବାକୁ ମନା କରିପାରିବି ନାହିଁ । ଚାରି ପାଞ୍ଚଥର ମନରେ ଆସିଲା କି ନିର୍ବାଚନରେ ହାରିଗଲେ ଏ ଜଞ୍ଜାଳରୁ ରକ୍ଷା ପାଇଯାଆନ୍ତି ଓ ମତେ ଏ ଦାୟିତ୍ୱ ଉଠାଇବାକୁ ପଡ଼ନ୍ତା ନାହିଁ । ସେତେବେଳେ ମୁଁ ଅଙ୍ଗୀକାର କରିଥିବା ସିଦ୍ଧାନ୍ତକୁ ଭୁଲି ଯାଇଥିଲି ।

ଜନସେବାରେ ନିଜକୁ ଉତ୍ସର୍ଗ କରିବାକୁ ସ୍ଥିର କରିବା ବେଳେ ମୁଁ ମନସ୍ଥ କରିଥିଲି ଯେ ମୁଁ କୌଣସି ସଂସ୍ଥା ତିଆରି କରିବି ନାହିଁ ଏବଂ କୌଣସି ପଦ ପାଇଁ ଇଚ୍ଛା କରିବି ନାହିଁ । ବାସ୍ ଯେଉଁ କାମ ସାମନାକୁ ଆସିବ ତାହା କରିବା ଉଚିତ ଏବଂ ଯେଉଁ ଦାୟିତ୍ୱ ଛାଏଁ ଛାଏଁ ଆସିବ ତାକୁ ସମ୍ଭାଳିବା ଉଚିତ । ଯେପରି ଜିମାଦାରୀ ବା

Digitized by srujanika@gmail.com

ଦାୟିତ୍ୱ ନେବାକୁ କୌଣସି ଚେଷ୍ଟା କରିବା ଉଚିତ ନୁହେଁ; ସେଇପରି ଦାୟିତ୍ୱ ଆସିଲେ ତା'କୁ ହାତଛଡା କରିବାକୁ ଇଚ୍ଛା କରିବା ଅନୁଚିତ । ପରେ ମୁଁ ବୁଝିଲି ଯେ ହାରିକରି ଦାୟିତ୍ୱରୁ ଦୂରରେ ରହିବା ବି ଠିକ୍ ନୁହେଁ ।

ନିର୍ବାଚନରେ ହାରିଯିବା ପରେ ମୁଁ ଭାବିଲି ଯେ ହାରିବା ମୋ ପାଇଁ ଶିକ୍ଷାପ୍ରଦ ଅଟେ କାରଣ ଜିମାଦାରୀରୁ ପଳାଇଯିବା ପାଇଁ ମୁଁ ଯାହା ବିଚାର କରୁଥିଲି, ତାହା ଉଚିତ ନଥିଲା । ମତେ ଜଣାଗଲା ଯେ ଏହି ଶିକ୍ଷା ହୃଦୟଙ୍ଗମ କରିବା ପାଇଁ ମୁଁ ହାରିଗଲି । କାରଣ ଯେଉଁ ନିର୍ବାଚନ କ୍ଷେତ୍ରରେ ମୁଁ ଛିଡା ହୋଇଥିଲି ସେଠାରେ ସହଜରେ ହାରିବା କଥା ନୁହେଁ । ୧୯୫୭ ନିର୍ବାଚନ ଫଳରୁ ଏହାର ପ୍ରମାଣ ମିଳେ । ୧୯୫୭ ନିର୍ବାଚନରେ ମୁଁ ଲୋକସଭା ସଦସ୍ୟ ଥିବାରୁ ରାଜ୍ୟ ବିଧାନସଭା ପାଇଁ ଛିଡା ହୋଇ ନଥିଲି । କିନ୍ତୁ ଅନ୍ୟ ଜଣେ କଂଗ୍ରେସ ପ୍ରାର୍ଥୀଙ୍କୁ ଛିଡା କରାଯାଇଥିଲା । ୧୯୫୨ ନିର୍ବାଚନରେ କେବଳ ୧୯ ଭୋଟରେ ମୁଁ ହାରିଥିଲି କିନ୍ତୁ ୧୯୫୭ ନିର୍ବାଚନରେ ମୋ କଂଗ୍ରେସ ସାଥୀ ମତେ ପରାସ୍ତ କରିଥିବା ପ୍ରାର୍ଥୀଙ୍କୁ ୧୯ ହଜାରରୁ ଅଧିକ ଭୋଟରେ ହରାଇଥିଲେ । ତେଣୁ ମୁଁ ଭାବୁଛି ଈଶ୍ୱର ମତେ ପରାଜିତ କରି ବୁଝାଇ ଦେଲେ ଯେ ଦାୟିତ୍ୱରୁ ଦୂରରେ ରହିବା ଚିନ୍ତା କରିବା ମୋ ପକ୍ଷରେ ଉଚିତ ନୁହେଁ । ଯେଉଁ ଦାୟିତ୍ୱ ସ୍ୱଭାବିକ ଭାବରେ ଆସେ, ଯେ କୌଣସି କାରଣରୁ ହେଉନା କାହିଁକି, ତା'କୁ ପୂରା କରିବାରେ ଭଗବାନଙ୍କ ଦର୍ଶନ ବା ସତ୍ୟର ସାଧନ ସମ୍ଭବ ହୁଏ । ଏ ସମ୍ବନ୍ଧରେ ମୋ ମନରେ କୌଣସି ସନ୍ଦେହ ଆଉ ରହିଲା ନାହିଁ । ରାଜନୀତିରେ ରହି ମଣିଷ ସାଧାରଣତଃ ସତ୍ୟର ସାଧନା କରେ ନାହିଁ । କିନ୍ତୁ ଆମକୁ ମାନିବା ଉଚିତ ଯେ ସେଥିରେ ରହିକରି ମଧ୍ୟ ସତ୍ୟର ସାଧନା କରାଯାଇପାରେ। ଯାହା ରାଜା ଜନକଙ୍କ ଉଦାହରଣରୁ ସ୍ପଷ୍ଟ ହୁଏ । ଯଦି ମନୁଷ୍ୟ ଈଶ୍ୱରଙ୍କୁ ସ୍ମରଣ କରି, କୌଣସି ପ୍ରକାର ନିଜ ସ୍ୱାର୍ଥ ନରଖି, କେବଳ କର୍ତ୍ତବ୍ୟ ଭାବନାରେ ଜୀବନଯାପନ କରିବାକୁ ଚେଷ୍ଟା କରେ ଏବଂ ସେହିପରି ନିଜର ଦାୟିତ୍ୱ ସମ୍ପନ୍ନ କରେ, ତେବେ ରାଜ୍ୟ ଶାସନ କରୁଥିବାବେଳେ ମଧ୍ୟ ସତ୍ୟର ସାଧନା କରିପାରେ -- ଏକଥା ମୁଁ ସେତେବେଳେ ବୁଝିପାରିଲି ।

ନିର୍ବାଚନରେ ମୋର ପରାଜୟର ପ୍ରଶ୍ନ ବିଷୟରେ କହିବି ଯେ ପ୍ରଥମ ଭୋଟ ଗଣତିରେ ମୁଁ ୨୧୯ ଭୋଟରେ ହାରିଥିଲି । କିଛି ଭୋଟ ବାକ୍ସ ଆଉଥରେ ଗଣାଯିବାରୁ ମୋ ପକ୍ଷରେ ୨୦୦ ଭୋଟ ବାହାରିଲା । ତେଣୁ ପାର୍ଥକ୍ୟ କେବଳ ୧୯ ଭୋଟ ରହିଲା । ଆଉ କିଛି ଭୋଟ ବାକ୍ସ ଆଉଥରେ ଗଣିବା ବାକିଥିଲା । କିନ୍ତୁ ମୋର ବିପକ୍ଷବାଲାଙ୍କୁ ଲାଗିଲା କି ବାକି ବାକ୍ସ ପୁଣି ଗଣାଗଲେ ମତେ ବହୁମତ ମିଳିବାର ସମ୍ଭାବନା ବେଶୀ ତେଣୁ ସେମାନେ ବାକି ବାକ୍ସ ପୁଣି ଗଣିବାର ବିରୋଧ କଲେ । ମୁଁ ବମ୍ବେରେ ଥିଲି । ସେଠାକୁ ମତେ ଟେଲିଫୋନରେ କୁହାଗଲାକି ପୁନଃ ମତଗଣନା କରାଇବା ମୋ ପକ୍ଷରେ ଉଚିତ ହେବ ନାହିଁ । କାରଣ ଲୋକେ କହିବେ, "ଗୃହମନ୍ତ୍ରୀ ହୋଇଥିବାରୁ ମୁଁ ପରିସ୍ଥିତିର ଲାଭ ଉଠାଉଛି ।" ମତେ ବି ଲାଗିଲା ଯେ ମୋର ବା କଂଗ୍ରେସ ବିଷୟରେ ଏପରି ଦୁର୍ନାମ ଲୋକଙ୍କ ଭିତରେ ପ୍ରଚାର ହେବାଠାରୁ ଭଲ ହେବ ଯେ ମୁଁ ମୋର ବିଫଳତା ମାନି ନିଏ । ଏପରି ସୂଚନା ମୁଁ ବଲସାଦରେ ଥିବା ମୋ ସାଥିମାନଙ୍କୁ ଦେଲି । ସେଠାରେ ଥିବା ମୋ ବନ୍ଧୁମାନଙ୍କୁ ଏପରି ଲାଗୁଥିଲା ଯେ ବାକି ଭୋଟ ବାକ୍ସର ପୁନଃଗଣତି ହେଲେ ୧୯ ଭୋଟରେ ହାରିବା ବଦଳରେ ମୁଁ କାହିଁ କେତେ ଭୋଟରେ ଜିତିବି । କିନ୍ତୁ ମତେ ଲାଗିଲା ଯେ ଏପରି ଜିତିବା ଭଲ ହେବ ନାହିଁ । ତେଣୁ ମୁଁ ହାର ମାନିନେଲି ।

ହାରିବା ପରେ ମୋ ମନରେ ସ୍ପଷ୍ଟ ହୋଇଗଲା ଯେ ଶାସନରେ ନିଜ ପଦରୁ ମତେ ହଟିଯିବା ଉଚିତ ଏବଂ ପୁଣି ସେଥିରେ ପଶିବାକୁ ଚିନ୍ତା କରିବା ଉଚିତ ହେବ ନାହିଁ । କିନ୍ତୁ ତ୍ୟାଗ ପତ୍ର ଦେବା ପୂର୍ବରୁ ବାଲାସାହେବ ଖବର ଦେଲେ ଯେ ତାଙ୍କ ସହ କଥାବାର୍ତ୍ତା କରିବା ପୂର୍ବରୁ ମୁଁ କିଛି କରିବି ନାହିଁ କି କିଛି ବକ୍ତବ୍ୟ

Digitized by srujanika@gmail.com

ଦେବି ନାହିଁ । ମୁଁ ଯେତେବେଳେ ତାଙ୍କ ସହିତ ସାକ୍ଷାତ କଲି ସେ ପ୍ରଥମେ ମତେ କହିଲେ, ''ଆପଣ ତ୍ୟାଗପତ୍ର ଦିଅନ୍ତୁ ନାହିଁ । ଆପଣଙ୍କୁ ତ ବମ୍ବେ ରାଜ୍ୟ ଦାୟିତ୍ୱ ସମ୍ଭାଳିବାକୁ ହେବ । ତେଣୁ ପୁଣି ନିର୍ବାଚନ ଲଢିବାକୁ ହେବ ।'' ମୁଁ କହିଲି, ''ମୁଁ ଏକଥା ବୁଝିପାରୁ ନାହିଁ । ନିର୍ବାଚନରେ ମତେ ସଫଳତା ମିଳିଲା ନାହିଁ । ଏଥିରୁ ଈଶ୍ୱରଙ୍କ ଇଚ୍ଛା ମତେ ଜଣାଯାଉଛି ଯେ ମତେ ଶାସନରେ ଆଉ ରହିବା ଉଚିତ ନୁହେଁ । ତେଣୁ ମନ୍ତ୍ରୀପଦ ଛାଡି ଶାସନରୁ ବାହାରି ଯିବା ଉଚିତ ହେବ ବୋଲି ମୁଁ ଭାବୁଛି । ଏହାର ମାନେ ନୁହେଁ ଯେ ବିଧାନସଭାରୁ ବାହାରିଯାଇ ମୁଁ କଂଗ୍ରେସର କାମ କରିପାରିବି ନାହିଁ । ଏ ମଧ୍ୟ ହୋଇପାରେ ଯେ ବାହାରେ ରହି କଂଗ୍ରେସ ସଂଗଠନ କାମ ମୁଁ ଅଧିକ ଭଲ ଭାବରେ କରିପାରିବି ।'' ବାଲାସାହେବ କହିଲେ, ''ଶାସନ ଠିକ୍ ଭାବରେ ଚାଲିଲେ ସଂଗଠନ ଆହୁରି ମଜଭୁତ ହୋଇପାରିବ । ସାମ୍ପ୍ରତିକ ପରିସ୍ଥିତିରେ ସରକାର ମଧ୍ୟରେ ଆପଣ ଲୋକମାନଙ୍କର ଉତ୍ତମ ସେବା କରିପାରିବେ । ନିର୍ବାଚନରେ ହାରିଯିବାରୁ ଶାସନତନ୍ତ୍ରରୁ ବାହାରିଯିବା ବିଚାର ଆପଣଙ୍କୁ ଛାଡିବାକୁ ହେବ ।''

ନିଜ ଯୁକ୍ତିର ସମର୍ଥନରେ ସେ ଯେ ଯୁକ୍ତି ବାଢିଲେ, ''ଅନେକ ଲୋକତାନ୍ତ୍ରିକ ଦେଶରେ ଆମେ ଦେଖୁଛୁ ଯେ ନିର୍ବାଚନରେ ହାରିଗଲେ ବୋଲି ନିଜ କାମ ଛାଡୁ ନାହାନ୍ତି । ବରଂ ପୁଣି ନିର୍ବାଚନ ଲଢୁଛନ୍ତି ଓ ଜିତୁଛନ୍ତି । ଅଥବା ଥରେ ଦୁଇଥର ହାରିଯାଇ ମଧ୍ୟ ନିର୍ବାଚନରେ ଲଢୁଛନ୍ତି । ସେଥିରେ କିଛି ଭୁଲ ବି ନାହିଁ ।'' ମୁଁ କହିଲି, ''ମୁଁ ମାନୁଛି ଯେ ସାଧାରଣତଃ ଏହା ହିଁ ହୁଏ । କିନ୍ତୁ ମୋ ଜୀବନର ଯେଉଁ ଲକ୍ଷ୍ୟ ରଖିଛି, ସେ ଦୃଷ୍ଟିରୁ ମତେ ଏପରି କାମ କରିବା ଠିକ୍ ଲାଗୁ ନାହିଁ ।'' ପୁଣି ସେ କହିଲେ, ''ଆପଣ ଯଦି ଏ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି ତେବେ ବମ୍ବେ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦପାଇଁ, ସର୍ବସମ୍ମତି କ୍ରମେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଛିଡାକରିବା ସମ୍ଭବତଃ ମୁସ୍କିଲ ହେବ ।'' ତା' ଉପରେ ମୁଁ କହିଲି, ''ମୁଁ ଆଜି ଦୁନିଆରୁ ଚାଲିଗଲେ କ'ଣ ହେବ ? ସେତେବେଳେ କିଛି ନା କିଛି ବ୍ୟବସ୍ଥା ହେବ ହିଁ ହେବ । ଏବଂ ଏ କିପରି କୁହାଯାଇ ପାରିବ ଯେ ସେ ବ୍ୟବସ୍ଥା ଏହାଠାରୁ ଅଧିକ ଉତ୍ତମ ନ ହେବ । ତେଣୁ ବର୍ତ୍ତମାନ ମଧ୍ୟ ମୁଁ ବିଚାର କରୁଛି ଯେ ସରକାରରୁ ବାହାରିଯିବା ମୋର କର୍ତ୍ତବ୍ୟ ଅଟେ ।'' ଏହାପରେ ବାଲାସାହେବ କହିଲେ ''ଆପଣ ନଥିଲେ ଆପଣଙ୍କ ବିଷୟରେ ଚିନ୍ତା କରିବା ପ୍ରଶ୍ନ ଉଠିବ ନାହିଁ । କିନ୍ତୁ ଆପଣ ତ ବର୍ତ୍ତମାନ ଜୀବିତ ଅଛନ୍ତି ଏବଂ ମତେ ଲାଗୁଛି ଯେ ଯେ ଯେଉଁ କୁଶଳତା ସହ ଆପଣ ଏ କାମ କରିପାରିବେ ଆଉ କେହି ସେପରି କହିପାରିବେ ନାହିଁ । ତଥାପି ଯଦି ଆପଣ କୌଣସି ବ୍ୟକ୍ତିଙ୍କୁ ଜାଣିଛନ୍ତି ଯେ ଏ କାମ ଉତ୍ତମ ରୂପେ କରିପାରିବେ ତାଙ୍କ ନାମ କୁହନ୍ତୁ, ମୁଁ ସେ ବିଷୟରେ ବିଚାର କରିବି ।''

ସେତେବେଳେ ମୁଁ ପ୍ରମାଣ ସହକାରେ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ପାଇଲି ନାହିଁ ଯେକି ତାଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ହୋଇପାରିଥା'ନ୍ତା । ମୁଁ ତାଙ୍କୁ କହିଲି, ''ଆପଣ ଯାହା କହୁଛନ୍ତି ତା'କୁ ସ୍ୱୀକାର କରିବାକୁ ହେଲେ ବମ୍ବେ ରାଜ୍ୟ ଅନ୍ତର୍ଗତ ସବୁ ପ୍ରଦେଶ ସମିତିର ଅଧ୍ୟକ୍ଷ ସର୍ବସମ୍ମତି କ୍ରମେ ଆପଣଙ୍କ ସହ ଏକମତ ହେବା ଜରୁରୀ ଅଟେ ଏବଂ ଏହାଠାରୁ ଅଧିକ ଜରୁରୀ ପାର୍ଲାମେଣ୍ଟାରୀ ବୋର୍ଡ଼ ଓ ଜବାହାରଲାଲଜୀ ବି (ସେ ସେତେବେଳେ ପ୍ରଧାନମନ୍ତ୍ରୀ ସହିତ କଂଗ୍ରେସ ଅଧ୍ୟକ୍ଷ ଥିଲେ) ଏଥି ସହିତ ଏକମତ ହେବେ । ତାହା ସହିତ ମୁଁ ଏ ସର୍ତ୍ତ ବି ରଖିଥିଲି ଯେ, ''ଏଥିପାଇଁ ଆପଣ ସେମାନଙ୍କୁ ବୁଝାଇବେ ନାହିଁ କି ପ୍ରଥମରୁ କିଛି କହିବେ ନାହିଁ । ଆପଣ ମତେ ଯେପରି କହିଲେ ସେଇପରି ସେମାନେ ମତେ କୁହନ୍ତୁ । ତେବେ ଯାଇ ଆପଣଙ୍କ କଥା ମାନିବା ମୋର ଧର୍ମ ହେବ ।'' ସେ ଜବାବ ଦେଲେ ଯେ, ''ମୁଁ କାହାରିକୁ ବୁଝାଇବାକୁ ଚେଷ୍ଟା କରିବି ନାହିଁ । ଆପଣ ଏତିକି ବିଶ୍ୱାସ ରଖନ୍ତୁ ।''

Digitized by srujanika@gmail.com

ପରଦିନ ଜବାହାରଲାଲଜୀଙ୍କ ଚିଠି ମତେ ମିଳିଲା ଯେଉଁଥିରେ ସେ ମୋ ପରାଜୟରେ ଦୁଃଖ ଓ ଆଶ୍ଚର୍ଯ୍ୟ ପ୍ରକଟ କରି ଲେଖିଥିଲେ ଯେ ମତେ ଦ୍ୱିତୀୟବାର ନିର୍ବାଚନ ଲଢ଼ିବାକୁ ହେବ । ସେ ଏକଥା ଉପରେ ଜୋର ଦେଇଥିଲେ ଯେ ଜିମାଦାରୀ ଛାଡିବା କଥା ଚିନ୍ତା କରିବା ଉଚିତ ହେବ ନାହିଁ ଏବଂ ଏହାଛଡା ଅନ୍ୟ କୌଣସି କଥା ମାନିବାକୁ ସେ ପ୍ରସ୍ତୁତ ନାହାନ୍ତି ।

ବମ୍ବେ ରାଜ୍ୟ ଅନ୍ତର୍ଗତ ସବୁ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ବି ବାଲାସାହେବଙ୍କୁ ଏଭଳି ଆଶା ପ୍ରକାଶ କରି କହିଥିଲେ । ଏହାପରେ ଦିଲ୍ଲୀରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ଯେଉଁ ଅଧିବେଶନ ହୋଇଥିଲା ସେଥିରେ ସମସ୍ତେ ଏହି ଅନୁରୋଧ କରିଥିଲେ । ଜବାହାରଲାଲଜୀଙ୍କୁ ମୁଁ, ନନ୍ଦାଜୀ ଆଦି ମିତ୍ରମାନଙ୍କ ଜରିଆରେ କୁହାଇଥିଲି କି ଅନ୍ୟ କେହି ପରାଜିତ ମନ୍ତ୍ରୀ ଦ୍ୱିତୀୟ ଥର ନିର୍ବାଚନ ଲଢୁନଥିବା ବେଳେ ଏକା ମୁଁ ଏଭଳି କଲେ ଲୋକମାନଙ୍କ ମନରେ ମୋ ପ୍ରତି ଈର୍ଷା ଜନ୍ମିବାର ସମ୍ଭାବନା ଅଛି ଏବଂ ମୋର ଏପରି କରିବା ସମ୍ଭବତଃ ନ୍ୟାୟପୂର୍ଣ୍ଣ ହେବ ନାହିଁ । ଏହା ଉପରେ ମତେ ସାଙ୍ଗେ ସାଙ୍ଗେ ଜବାବ ମିଳିଲା ଯେ ମୋର ଏପରି ଚିନ୍ତା କରିବା ଉଚିତ ହେବ ନାହିଁ । ଜବାହାରଲାଲଜୀ କହିଥିଲେ, ''ଅନ୍ୟ କାହା ସମ୍ବନ୍ଧରେ ଏପରି ନିର୍ଣ୍ଣୟ ନିଆଯାଉ କି ନାହିଁ, ଏଥିରେ ମୋର କୌଣସି ସନ୍ଦେହ ନାହିଁ ଯେ ଆପଣଙ୍କୁ ଦ୍ୱିତୀୟ ଥର ନିର୍ବାଚନ ଲଢିବାକୁ ହିଁ ହେବ ।''

କାର୍ଯ୍ୟକାରୀ ସମିତିରେ ଏପରି ପ୍ରସ୍ତାବ ପାସ ହୋଇଥିଲେ ଯେ ଜଣେ ମନ୍ତ୍ରୀ ପରାଜିତ ହେଲେ ସେ ପୁଣି ମନ୍ତ୍ରୀ ହେବା ଉଚିତ ନୁହେଁ ଏବଂ ତତ୍‌କାଳ ଦ୍ୱିତୀୟଥର ନିର୍ବାଚନ ଲଢିବା ଉଚିତ ହେବ ନାହିଁ । କିନ୍ତୁ ମୋ ପାଇଁ ସମସ୍ତେ ଆଗ୍ରହ ପୂର୍ବକ କହିଲେ ଯେ ବମ୍ବେ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦର ଦାୟିତ୍ୱ ମତେ ହିଁ ଗ୍ରହଣ କରିବାକୁ ହେବ, ଯେଉଁ ସକାଶେ ମତେ ସାଙ୍ଗେ ସାଙ୍ଗେ ଦ୍ୱିତୀୟଥର ନିର୍ବାଚନ ଲଢିବାକୁ ହେବ । ଏହି ପରିସ୍ଥିତିରେ, ମୁଁ ଶେଷରେ ଏ ନିର୍ଦ୍ଦେଶ ସ୍ୱୀକାର କଲି ।

୧୯୫୨ ନିର୍ବାଚନ ହେବାକୁ ଥାଏ, ପାରଡ଼ୀ ତାଲୁକାର ଗୋଟିଏ ଗାଁରେ ଯେଉଁ ସଭା ହୋଇଥିଲା ସେଥିରେ ମତେ କେହି ଜଣେ ପଚାରିଥିଲା, ''ଆପଣଙ୍କ ବିରୁଦ୍ଧରେ ଛିଡା ହୋଇଥିବା ପ୍ରାର୍ଥୀ କହୁଛନ୍ତି ଯେ ସେ ନିର୍ବାଚନରେ ଆପଣଙ୍କୁ ପରାସ୍ତ କରିଦେବେ । ଏ ବିଷୟରେ ଆପଣ କ'ଣ କହିବେ ?'' ସେତେବେଳେ ମୁଁ ଏପରି କିଛି ଜବାବ ଦେଇଥିଲି, ''ମତେ ହରାଇଦେବେ ଏ କଥା ମତେ କିଛି ଜଣାନାହିଁ । କିନ୍ତୁ ତାଙ୍କ ଡିପୋଜିଟ୍ ସମ୍ଭବତଃ ନ ରହିପାରେ ।'' ମୋର ପରାଜୟ ହେଲା, ତେବେ ଏ କଥା ମୋର ମନେ ପଡିଲା । ଏବଂ କେତେ ଜଣ ମତେ ଏକଥା ମନେ ପକାଇ ଦେଇଥିଲେ, ସେତେବେଳେ ମୁଁ ଅନୁଭବ କଲି ଯେ ଏହା ମୋର ଅଭିମାନ ଥିଲା, ବୋଧହୁଏ ସେଇପାଇଁ ମୁଁ ହାରିଗଲି । ଏହାର ଆହୁରି ଗୋଟିଏ ସୁଫଳ ହେଲା ଯେ ମନୁଷ୍ୟ ଅଭିମାନ କରିବା ଉଚିତ ନୁହେଁ -- ଏକଥା ମୁଁ ବୁଝିପାରିଲି ।

୧୯୫୨ ନିର୍ବାଚନ ପରେ, ଏଇସବୁ କାରଣ ବିଚାର କରି ମୁଁ ଅନୁଭବ କଲି ଯେ ଆମ ଶାସ୍ତ୍ରଜ୍ଞମାନେ ଯାହା କହିଥିଲେ ''ସତ୍ୟମପି ପ୍ରିୟଂ ବୃୟାତ, ନ ବୃୟାତ ସତ୍ୟମପ୍ରିୟମ୍'' -- ସେଥିପ୍ରତି ମୁଁ ଧ୍ୟାନ ଦେଇ ନଥିଲି । ପ୍ରଥମେ ମତେ ଲାଗୁଥିଲା ଯେ କାହାକୁ ସତ୍ୟ କଟୁ ଲାଗିଲେ, ତା'କୁ ସତ୍ୟ ନକହିବା କିପରି ଠିକ୍ ହେବ'? ଏଥିପାଇଁ କାହାକୁ କଟୁ ଲାଗିଲେ ବି ସତ କହିବାରେ ସଙ୍କୋଚ କରିବା ଉଚିତ ନୁହେଁ, ଏଭଳି ମୋ ମତଥିଲା । କିନ୍ତୁ ୧୯୫୨ ଘଟଣା ପରେ, ଗଭୀର ଭାବେ ବିଚାର କରିବା ପରେ ଏ କଥା ମୁଁ ବୁଝିପାରିଲି ଯେ ଯେଉଁ ଋଷିମାନେ ସମାଜକୁ ଏହି ଶିକ୍ଷା ଦେଇଥିଲେ ସେମାନେ ମୋଠାରୁ କେତେ ଅଧିକ ଜ୍ଞାନୀ ଥିଲେ; ମୁଁ ତ ସେମାନଙ୍କ ତୁଳନାରେ ସାମାନ୍ୟ ଜ୍ଞାନ ବି ଲାଭ କରି ନାହିଁ । ଏହି ବିଷୟରେ ଅଧିକ ବିଚାର କରି ମୁଁ ଅନୁଭବ କଲି ଯେ ମୋର ପ୍ରଥମ ବୁଝିବା ଭ୍ରମାତ୍ମକ ଥିଲା । ସତ୍ ଅର୍ଥାତ ଯାହା ଅଛି । ସତ୍‌ରୁ ହିଁ ସତ୍ୟ ଶବ୍ଦ ତିଆରି

Digitized by srujanika@gmail.com

ହୋଇଛି । ଏଣୁ ଯାହା ଅଛି ତାହା ବାସ୍ତବିକ ବା ଯଥାର୍ଥ ଅଟେ । ପୁଣି ଏହା କାହାକୁ ଅପ୍ରିୟ କାହିଁକି ଲାଗିବ ? ମତେ ଲାଗିଲା ଯେ ଏହା କାହାକୁ ଅପ୍ରିୟ ଲାଗିପାରିବ ନାହିଁ ।

ତେବେ, ପ୍ରଶ୍ନ ଉଠେ, ସତ୍ୟ କହିଲେ କାହାକୁ ଅପ୍ରିୟ କାହିଁକି ଲାଗୁଛି ? ଏ ବିଷୟରେ ଅନେକ ଚିନ୍ତା, ବିଚାର କରିବା ପରେ ଏହାର ଦୁଇଟି କାରଣ ମୁଁ ବୁଝିପାରିଲି । ଏକରେ ହେଲା, ଯେଉଁ କଥାକୁ ମୁଁ ସତ୍ୟ ଭାବିଛି, ସେ କଥା ଅନ୍ୟ କେହି ମତେ କହିଥିବାରୁ ମୁଁ ସତ୍ୟ ବୋଲି ଗ୍ରହଣ କରିଛି । କିନ୍ତୁ ସେ କଥା ସତ୍ୟ ନ ହୋଇ ଅସତ୍ୟ ହୋଇପାରେ ଏବଂ ଅସତ୍ୟ ହୋଇଥିବାରୁ ଏହା ଅନ୍ୟକୁ ଅପ୍ରିୟ ଲାଗୁଛି । ଦୁଇରେ, ଅନ୍ୟ ଜଣଙ୍କ ପ୍ରତି ମୋ ମନରେ ଅରୁଚି ତଥା ନାପସନ୍ଦ ଭାବନା ଥିଲେ, ମୁଁ ତାଙ୍କ ପ୍ରତି ଯେତେ ଭଲ ବ୍ୟବହାର କରେ ନା କାହିଁକି, ମୋ ସତ୍ୟ ଭାଷଣରେ, ମଧ୍ୟ, ମୋ ଭିତରେ ଥିବା ଅରୁଚି ଭାବନା ନଆସି ରହିପାରିବ ନାହିଁ, କାରଣ ମୁଁ ଯାହା କିଛି କହିବି ସେଥିରେ ସେ ଅରୁଚିର ଧ୍ୱନି-ବିନା କହିପାରିବି ନାହିଁ । ମୁଁ ଭାବିଲି, ଏଥିଯୋଗୁ ମୋ ସତ୍ୟ ଅନ୍ୟ ଜଣଙ୍କୁ ଅପ୍ରିୟ ଓ କଡା ଲାଗିପାରେ । ମୋ ପ୍ରଥମ ବିଚାରଶୈଳୀରେ କିଛି ଭୁଲ ଥିଲା -- ଏହା ମୁଁ ବୁଝିପାରିଲି ଏବଂ ମୁଁ ସ୍ଥିର କଲି ଯେ କାହାରି ପ୍ରତି ଅରୁଚି ବା ଅପସନ୍ଦ ଭାବନା ମନରେ ରଖିବା ଉଚିତ ନୁହେଁ । ଏକଥା ବୁଝିବାପରେ ତଦନୁସାରେ କାମ କରିବା ମୁଁ ଆରମ୍ଭ କଲି ଏବଂ ମୁଁ କହିପାରେ ଯେ ସେଥିରୁ ମତେ ବହୁତ ସଫଳତା ମିଳିଛି ।

ଏହାଠାରୁ ଅଧିକ ଏକ ପରିବର୍ତ୍ତନ ମୋ ଭିତରେ ଆସିଲା । ମୁଁ ସ୍ଥିର କଲି ଯେ ମୋ କଥା କାହାରିକୁ ଯେପରି ଖରାପ ନଲାଗେ ସେଥିପାଇଁ ମୋର ପ୍ରୟାସ କରିବା ଉଚିତ । ତେଣୁ କହିବା ବେଳେ ସାବଧାନତା ସହକାରେ କହିବାକୁ ହେବ । ଏପରି ବିଚାର ମନ୍ଥନ କରିବାରୁ ମତେ ଲାଗିଲା ଯେ ନିର୍ବାଚନରେ ହାରିଯିବା ପରେ ମୋର ମନ୍ତ୍ରୀମଣ୍ଡଳରେ ରହିବା ଠିକ୍ ହେଲା ନାହିଁ । ମୋର ତ୍ୟାଗପତ୍ର ଦେବାର ଥିଲା ଏବଂ ପୁଣି ଏ ଝିନ୍‌ଝଟରେ ପଶିବାର ନଥିଲା । ରାଜନୀତି ନିୟମ ପରିବର୍ତ୍ତନଶୀଳ କିନ୍ତୁ ଯେଉଁ ନୀତି ନିୟମ ମୁଁ ମାନୁଛି, ସେଇ ଅନୁସାରେ ମତେ ଲାଗୁଛି, ଯେ ଏ ଝିନ୍‌ଝଟରେ ଆଉ ପଡିବାର ନଥିଲା ।

ମୋ ମନ ଏଇ ଚିନ୍ତାରେ ବ୍ୟସ୍ତ ଥିବାବେଳେ, ମୁଁ ଶ୍ରୀ କିଶୋରଲାଲ ଭାଇ ମଶ୍ରୁୱାଲାଙ୍କ ସହିତ ସାକ୍ଷାତ କରି ଏହି ବିଷୟ କଥାବାର୍ତ୍ତା ହେଲି । ଆଧ୍ୟାତ୍ମିକତା କ୍ଷେତ୍ରରେ ପ୍ରତିଷ୍ଠିତ ଅନ୍ୟ ଜଣେ ଦି' ଜଣ ସଜ୍ଜନଙ୍କ ସହିତ ସାକ୍ଷାତ କରିଥିଲି । ଏ ସମସ୍ତେ ମତେ କହିଲେ ଯେ ସାରା ସ୍ଥିତିକୁ ଦୃଷ୍ଟିରେ ରଖି ବାଲାସାହେବଙ୍କ କଥା ମାନିବା ମୋର କର୍ତ୍ତବ୍ୟ ହେବ । ବାଲାସାହେବ ଏ ସମ୍ବନ୍ଧରେ ଆଇନଜ୍ଞଙ୍କ ମତ ନେଇଥିଲେ କାରଣ ସେ ଇଚ୍ଛା କରୁଥିଲେ ଯେ ଯାହା କିଛି ହେବ ତାହା ଆଇନ ସମ୍ମତ ଓ ନୈତିକ ଦୃଷ୍ଟିରେ ଠିକ ହେବା ଉଚିତ । ଆଇନ ଓ ନୈତିକତା ଦୃଷ୍ଟିରୁ କୌଣସି ତ୍ରୁଟି ଥିଲେ ସେ ଏପରି କରିବାକୁ ମତେ କେବେ କହିବେ ନାହିଁ -- ଏଥିରେ ମୋର ସନ୍ଦେହ ନଥିଲା ।

ବମ୍ବେ ରାଜ୍ୟରେ ନିର୍ବାଚନରେ ଆମର ଭଲ ବିଜୟ ଲାଭ ହୋଇଥିଲା ଏବଂ କଂଗ୍ରେସକୁ ଅଧିକ ବହୁମତ ମିଳିଥିଲା । ସମସ୍ତେ କହୁଥିଲେ ଯେ ଏହା ଥିଲା ମୋର ନିର୍ବାଚନ ପ୍ରଚାରର ଫଳ । କାରଣ ପ୍ରତ୍ୟେକ ଜାଗାରେ ଏହାର ପ୍ରଭାବ ପଡିଥିଲା । ସେଥିପାଇଁ ଦିଲ୍ଲୀରେ କେହି ଜଣେ ଜବାହାରଲାଲଜୀଙ୍କୁ ମୋ ହାରିଯିବା କଥା କହିବାରୁ ସେ କହିଥିଲେ, ''ହିଇଜ୍ ଏ ଭିକ୍ଟୋରିୟସ ଲିଡର ଅଫ୍ ଏ ଭିକ୍ଟୋରିୟସ ପାର୍ଟି'' ଅର୍ଥାତ ସେତ ବିଜୟୀ ପକ୍ଷର ବିଜୟୀ ନେତା ଅଟନ୍ତି ।

ଏହିପରି ସବୁ ଦୃଷ୍ଟିରୁ ବିଚାର କରି ଏବଂ ବାଲାସାହେବ ତଥା ବମ୍ବେ କଂଗ୍ରେସ ଅଧ୍ୟକ୍ଷ ଏବଂ ଜବାହାରଲାଲଜୀଙ୍କ ଆଗ୍ରହକୁ ମାନି ଦାୟିତ୍ୱ ଛାଡିବା ବିଚାର ତ୍ୟାଗ କରି ବମ୍ବେର ମୁଖ୍ୟମନ୍ତ୍ରୀ ହେବାରୁ ରାଜି ହେଲି ।

Digitized by srujanika@gmail.com

ଏହାପରେ ବମ୍ବେ ରାଜ୍ୟରେ କଂଗ୍ରେସ ଦଳର ସମ୍ବିଧାନ ବାଲାସାହେବଙ୍କ ସମ୍ମୁଖରେ ଦ୍ୱିତୀୟ ସମସ୍ୟା ଛିଡା କଲା । ଏଇ ସମ୍ବିଧାନ ଅନୁସାରେ ବିଧାନସଭାର ସଭ୍ୟମାନଙ୍କ ମଧ୍ୟରୁ ନେତା ବଛାଯିବା ଉଚିତ । ଏପରିକି ବିଧାନ ପରିଷଦର ସଭ୍ୟ ଏହାର ନେତା ହୋଇପାରିବେ ନାହିଁ । ନେତା ବାଛିବା ପାଇଁ ଅଳ୍ପଦିନ ବାକି ରହିଲା । ଦେଢମାସ ଭିତରେ ନେତା ବଛାଯିବା କଥା । ଏତେ କମ୍ ସମୟରେ ଦ୍ୱିତୀୟଥର ନିର୍ବାଚନ ଲଢି ବିଧାନସଭା ପାଇଁ ନିର୍ବାଚିତ ହେବାର କୌଣସି ସମ୍ଭାବନା ଦେଖାଯାଉନଥିଲା । ତେଣୁ ସମ୍ବିଧାନରେ ପରିବର୍ତ୍ତନ ଆଣିବା ଛଡା ଅନ୍ୟ କିଛି ରାସ୍ତା ନଥିଲା । ବାଲାସାହେବ ଏସବୁ ଦେଖି ସମ୍ବିଧାନରେ ପରିବର୍ତ୍ତନ ଆଣିବା ପାଇଁ କଂଗ୍ରେସ ଦଳର ବୈଠକ ଡକାଇଲେ ।

ବାହାରର ଯେଉଁମାନେ ମତେ ପସନ୍ଦ କରୁନଥିଲେ, ସେମାନେ ଜବାହାରଲାଲଜୀଙ୍କୁ ଲେଖିଲେ ଯେ ଯାହା ସବୁ ହେଉଛି କିଛି ଠିକ୍ ହେଉନାହିଁ । ତେବେ ଯାଇ ଜବାହାରଲାଲଜୀ ଆମକୁ ଚିଠି ଲେଖିଲେ, ''ଗୋଟିଏ ଦଳର କାର୍ଯ୍ୟକାଳ ସମାପ୍ତ ହେବାପରେ ଯେତେବେଳେ ନୂଆ ଦଳକୁ କାମ କରିବାକୁ ପଡ଼େ ସେତେବେଳେ ପୁରୁଣା ଦଳ ସମ୍ବିଧାନରେ ପରିବର୍ତ୍ତନ ଆଣିବା ଠିକ୍ ଲାଗୁନାହିଁ; ପୁଣି ଆପଣ ଏଥିପାଇଁ ଏତେ ଲଣ୍ଡଭଣ୍ଡ କାହିଁକି ହେଉଛନ୍ତି ?'' ଜବାହାରଲାଲଜୀଙ୍କୁ ସାମ୍ବିଧାନିକ ଅସୁବିଧା ଜଣାନଥିଲା । ସେଥିପାଇଁ ସେ ଏପରି ଲେଖିଥିଲେ । ମୁଁ ଶୀଘ୍ର ଚିଠି ଲେଖି ସବୁ ବିଷୟ ଜଣାଇଲି ତା' ସାଥିରେ ଏକଥା ମଧ୍ୟ ଲେଖିଲି ଯେ, ''ଏଭଳି ଅସୁବିଧା ଓ ଭୁଲ ବୁଝାମଣାର ସମ୍ଭାବନା ଯୋଗୁଁ ମୁଁ ବିଧାନସଭାରେ ରହିବା ପାଇଁ ପ୍ରସ୍ତୁତ ନୁହେଁ ଏବଂ ବର୍ତ୍ତମାନ ମଧ୍ୟ ଆପଣଙ୍କୁ ପ୍ରାର୍ଥନା କରୁଛି ଯେ ଆପଣ ମତେ ଏଥିରୁ ମୁକ୍ତ କରିଦିଅନ୍ତୁ । କିନ୍ତୁ ମତେ କଂଗ୍ରେସ ବିଧାୟକ ଦଳର ନେତା କରିବାକୁ ହେଲେ, ସମ୍ବିଧାନରେ ପରିବର୍ତ୍ତନ ନହେଲେ ହୋଇପାରିବ ନାହିଁ । ତେଣୁ ସମ୍ବିଧାନରେ ପରିବର୍ତ୍ତନ ଆଣିବା ପାଇଁ କଂଗ୍ରେସ ଦଳର ବୈଠକ ଯେଉଁ ଦିନକୁ ରଖାଯାଇଛି, ତା'ଆଗରୁ ସେଥିପାଇଁ ଆପଣଙ୍କ ଅନୁମତି ନ ମିଳିଲେ ବୈଠକ ସ୍ଥଗିତ କରି ସମ୍ବିଧାନରେ ପରିବର୍ତ୍ତନ ଆଣିବା ବିଚାର ବନ୍ଦ କରି ଦିଆଯିବ ଏବଂ ମୁଁ ନେତା ହେବାକୁ ମନା କରିଦେବି ।'' ଏହା ଉପରେ ଜବାହାରଲାଲଜୀ ତୁରନ୍ତ ଚିଠି ଲେଖି ମତେ ଜଣାଇଲେ ଯେ ତାଙ୍କୁ ଏସବୁ ଅସୁବିଧା ବିଷୟ ଜଣା ନଥିବାରୁ ସେ ଏପରି ଲେଖିଥିଲେ । ସମ୍ବିଧାନରେ ଉପଯୁକ୍ତ ପରିବର୍ତ୍ତନ ଆଣିବା ପାଇଁ ସାଙ୍ଗେ ସାଙ୍ଗେ ଦଳର ବୈଠକ ଡାକିବା ପାଇଁ ସୂଚନା ଦେଇଥିଲେ ।

ସମ୍ବିଧାନରେ ଆବଶ୍ୟକ ପରିବର୍ତ୍ତନ ହେବା ପରେ ମୁଁ ପ୍ରଥମେ ଅହମ୍ମଦାବାଦର ଲୋକାଲ ବୋର୍ଡରୁ ବମ୍ବେ ବିଧାନ ପରିଷଦରେ ଯେଉଁ ସିଟ୍ ଖାଲିଥିଲା ସେଥିପାଇଁ ନିର୍ବାଚିତ ହେଲି । କାରଣ ଏପରି ମନୋନୀତ ହେବା ପରେ ମୁଁ ଦଳର ନେତା ମନୋନୀତ ହେଲେ ଉଚିତ ହେବ ବୋଲି ମତେ ଲାଗୁଥିଲା । ତା'ପରେ ଦୁଇ ତିନିମାସ ଭିତରେ ଅହମ୍ମଦାବାଦର ମଜଦୁର କ୍ଷେତ୍ରରେ ବିଧାନସଭାର ଗୋଟିଏ ସ୍ଥାନ ଖାଲି ହେଲା, ସେଥିପାଇଁ ମୁଁ ନିର୍ବାଚନ ଲଢିଲି ଏବଂ ଅନେକ ଭୋଟରେ ଜିତିଲି ।

ଏହାପରେ କଂଗ୍ରେସ ବିଧାୟକ ଦଳ ବୈଠକରେ ମତେ ନେତା ରୂପେ ସର୍ବସମ୍ମତି କ୍ରମେ ନିର୍ବାଚନ କରିବା ନିଶ୍ଚିତ କରାଗଲା । କିନ୍ତୁ ନିର୍ବାଚନ ପୂର୍ବରୁ ମୁଁ ବିଧାୟକମାନଙ୍କୁ ସମ୍ବୋଧନ କରି ଏ ସମ୍ବନ୍ଧରେ ମୋର ନୀତି ସ୍ପଷ୍ଟ କରି କହିଲି, ''ନିର୍ବାଚନରେ ମୋର ପରାଜୟ ପରେ ବି ଆପଣମାନେ ମତେ ଆପଣଙ୍କ ନେତା ମନୋନୀତ କରୁଛନ୍ତି ସେଇପାଇଁ ମୁଁ ଆପଣମାନଙ୍କ ପାଖରେ ଋଣୀ । କିନ୍ତୁ ମୁଁ ଚାହୁଁଛି ଯେ ମୋର ଯେଉଁ ବୁନିୟାଦୀ ନୀତି ଅଛି ତାହା ଆପଣମାନଙ୍କୁ ସ୍ପଷ୍ଟ କରିଦିଏ ଏବଂ ସେସବୁ ଜାଣିବା ପରେ ହିଁ ଆପଣମାନେ ଇଚ୍ଛା କଲେ ମତେ ଆପଣଙ୍କ ନେତା ନିର୍ବାଚିତ କରିବେ । ମୁଁ ଏକଥା କହିବାର କାରଣ ହେଉଛି ଯେ ଭବିଷ୍ୟତରେ

Digitized by srujanika@gmail.com

ଏପରି ପ୍ରଶ୍ନ ଆସିପାରେ ଯେଉଁଥିରେ ସଭ୍ୟମାନଙ୍କ ସହିତ ମୋର ମତଭେଦ ହୋଇପାରେ । ସେତେବେଳେ ସଭ୍ୟମାନଙ୍କୁ ତାଙ୍କ ନିର୍ଣ୍ଣୟ ଠିକ୍ ଲାଗିବ ଏବଂ ମତେ ମୋ ନିର୍ଣ୍ଣୟ । କିନ୍ତୁ ଯଦି ସେତେବେଳେ ମୋର ବିଶ୍ୱାସ ହୁଏ ଯେ ଦଳର ସଭ୍ୟମାନଙ୍କ ନିର୍ଣ୍ଣୟ ମାନିଲେ ରାଜ୍ୟର କ୍ଷତି ହେବାର ପୂର୍ଣ୍ଣ ସମ୍ଭାବନା ଅଛି, ତେବେ କଂଗ୍ରେସ ଦଳକୁ ମଧ୍ୟ ମୋ ନିର୍ଣ୍ଣୟ ସ୍ୱୀକାର କରିବାକୁ ହେବ । ଅନ୍ୟ ପକ୍ଷରେ ଯଦି କଂଗ୍ରେସ ଦଳ ସ୍ଥିର କରେ ଯେ ଦଳ ନିର୍ଣ୍ଣୟାନୁସାରେ କାମ ହେବା ଉଚିତ, କିନ୍ତୁ ଦଳର ନିର୍ଣ୍ଣୟାନୁସାରେ କାମ କରିବାକୁ ମୁଁ ରାଜି ନହୁଏ, ସେ କ୍ଷେତ୍ରରେ ମୁଁ ନେତା ପଦରୁ ହଟିଯିବି ଏବଂ ଦଳକୁ ଅନ୍ୟ ଜଣେ ନେତା ମନୋନୀତ କରିବାକୁ ହେବ । ଏପରି ଅବସ୍ଥାରେ ଆପଣମାନେ ଭଲକରି ଚିନ୍ତା କରନ୍ତୁ । ମତେ ନେତା କରିବା ଆବଶ୍ୟକ ମନେ କଲେ ଦଳକୁ ମୋ ନିର୍ଣ୍ଣୟ ସ୍ୱୀକାର କରିବାକୁ ହେବ । ଦଳୀୟ ଲୋକ ଏବଂ ଅନ୍ୟ ସବୁ ସାଥି ଏଥିରେ ରାଜିଥିଲେ ମତେ ନେତା ମନୋନୀତ କରାଯାଉ ନହେଲେ ଆପଣ ଯାହାଙ୍କୁ ଠିକ୍ ଭାବିବେ ତାଙ୍କୁ ମନୋନୀତ କରିବା ଠିକ୍ ହେବ ।''

ସବୁ ସାଥିମାନେ ଏକମତ ହୋଇ ମୋ କଥା ମାନିନେଲେ, ତା'ପରେ ମୁଁ ନେତା ହେବାକୁ ରାଜି ହେଲି । ଟାଇମ୍ସ ଅଫ ଇଣ୍ଡିଆ ଓ ଅନ୍ୟାନ୍ୟ ସମ୍ବାଦପତ୍ରରେ ଏଇ ବିଷୟରେ ବହୁତ ଆଲୋଚନା ହୋଇଥିଲା ଏବଂ ମୋର ଭାବନାକୁ ଲୋକତାନ୍ତ୍ରିକ ନୀତିର ବିରୁଦ୍ଧ ବୋଲି କୁହାଯାଇଥିଲା । ସ୍ପଷ୍ଟତଃ ଯେଉଁମାନେ ମୋର ପ୍ରାୟ ବିରୋଧ କରୁଥିଲେ ସେଇମାନେ ଏଇ ଆଲୋଚନା କରିଥିଲେ । ଲୋକତନ୍ତ୍ରରେ ନିର୍ବାଚିତ ଲୋକମାନଙ୍କ ଦ୍ୱାରା ମନୋନୀତ ନେତା ଉପରେ ହିଁ ବେଶୀ ଦାୟିତ୍ୱ ଥାଏ; ବିଶେଷତଃ ସଙ୍କଟ ସମୟରେ । ଏଇ ସମୟରେ ଯଦି ସେ ନେତା ନିଜେ ଦଳର ନେତୃତ୍ୱ ନକରି ଦଳର ଇଙ୍ଗିତରେ ଚାଲେ ତେବେ ସେଥିରେ ଦେଶ ଓ ଲୋକତନ୍ତ୍ର ବିପଦରେ ପଡିପାରେ । ଏଥିରେ ଗୋଟିଏ କଥା ସ୍ପଷ୍ଟ ଯେ ଜଣେ ନେତା ଯଦି ଦଳ କଥା ନମାନେ ଏବଂ ଦଳ ନିଜ କଥାରେ ଅଟଳ ରହେ ତେବେ ସେ ନେତା ନେତୃତ୍ୱରୁ ହଟିଯିବା ଉଚିତ । ଏଥିରେ ଲୋକତନ୍ତ୍ରର ବିରୋଧ କଥା କେଉଁଠି ଅଛି ? ମନ୍ତ୍ରୀମଣ୍ଡଳରେ ବି ସବୁବେଳେ ସମସ୍ତଙ୍କର ଏକମତ ହୁଏ ନାହିଁ । ଅନେକ ମହତ୍ୱପୂର୍ଣ୍ଣ କଥାରେ ମତଭେଦ ହୁଏ । ଅବଶ୍ୟ ଏ କଥା ଠିକ୍ ଯେ ସେଠାରେ ଯେଉଁ ନିର୍ଣ୍ଣୟ ନିଆଯାଏ ତା' ପ୍ରାୟ ବହୁମତରେ କରାଯାଏ । କିନ୍ତୁ ଏଥିରେ ବି ନେତାଙ୍କ ମତକୁ ସର୍ବାଧିକ ମହତ୍ୱ ଦିଆଯାଏ । ଯଦି ମୁଖ୍ୟମନ୍ତ୍ରୀଙ୍କୁ ଲାଗିଲା ଯେ ଯେଉଁ ନିର୍ଣ୍ଣୟ ନିଆଯାଉଛି ତା'କୁ ସିଦ୍ଧାନ୍ତନୁସାରେ ସ୍ୱୀକାର କରାଯାଇ ପାରିବ ନାହିଁ, ସେଥିରେ ତାଙ୍କର ମୌଳିକ ମତଭେଦ ଅଛି, ତେବେ ସେ ନିଜର ବିରୋଧ ସ୍ପଷ୍ଟ କରି ମନ୍ତ୍ରୀପଦ ଛାଡି ଦେବା ଉଚିତ । କିନ୍ତୁ ଯଦି ସେ ନିଜ ପଦରେ ରହିବାକୁ ଇଚ୍ଛା କରନ୍ତି ତେବେ ସେ ବହୁମତ ନିର୍ଣ୍ଣୟକୁ ନିଜ ନିର୍ଣ୍ଣୟ ମାନି କାମ କରିବା ଉଚିତ ।

ସବୁ ନିର୍ଣ୍ଣୟ ଓ ବିଷୟରେ ଅନ୍ତରାତ୍ମାର ପ୍ରଶ୍ନ ଉଠେ ନାହିଁ । ବହୁତ କଥା ଆଦର୍ଶ ମୂଳକ ହୋଇଥାଏ । କେତେକ ବିଚାର ସ୍ୱୟଂ ବ୍ୟକ୍ତି ଉପରେ ଆଧାରିତ ଏବଂ କିଛି ଦଳର ନୀତି ଉପରେ । ଏ ସବୁରେ ମଣିଷର ଅନ୍ତରାତ୍ମା ବା ନୀତିଗତ ଦ୍ୱନ୍ଦର ପ୍ରଶ୍ନ ଉଠେ ନାହିଁ । ମୋର ତ ଏଇ ଧାରଣା ଯେ ମତଭେଦ ହେଲେ ସଂଖ୍ୟା ଗରିଷ୍ଠ ନିର୍ଣ୍ଣୟ ସବୁଠାରୁ ଭଲ ନିର୍ଣ୍ଣୟ । ବମ୍ବେ ରାଜ୍ୟରେ ଶାସନ ଭଲରେ ଚାଲୁଥିଲା ବୋଲି ସାରା ଦେଶରେ ଯେଉଁ ସୁନାମ ଥିଲା ତାହାର କାରଣ ହେଲା ସେଠାର ମନ୍ତ୍ରୀମଣ୍ଡଳରେ ବଡ଼ ଏକତା ଥିଲା । ଭିତରେ ଯେତେ ମତଭେଦ ଥିଲେ ମଧ୍ୟ ବାହାରେ କାହାକୁ କିଛି ଜଣା ନଥିଲା । ୧୯୪୬ରୁ ୧୯୫୬ -- ଦଶବର୍ଷ ପର୍ଯ୍ୟନ୍ତ ଆମ ମନ୍ତ୍ରୀମଣ୍ଡଳ ମୁଖ୍ୟମନ୍ତ୍ରୀଙ୍କ ନିର୍ଣ୍ଣୟକୁ ଶିରୋଧାର୍ଯ୍ୟ ମାନୁଥିଲେ । ଏହାର ମାନେ ନୁହେଁ ଯେ ମୁଖ୍ୟମନ୍ତ୍ରୀ ନିଜ ଇଚ୍ଛା ମୁତାବକ ଶାସନ ଚଳାଉଥିଲେ । ସେପରି କଲେ ତ କୌଣସି ମୁଖ୍ୟମନ୍ତ୍ରୀ ବେଶୀ ଦିନ ଗାଦିରେ ରହିପାରିବେ ନାହିଁ ଏବଂ ଦଳ ଦୁର୍ବଳ ନ ହୋଇ ରହି ପାରିବ ନାହିଁ । ମୁଖ୍ୟମନ୍ତ୍ରୀ ଏପରି କରିପାରିବେ ନାହିଁ କାରଣ ସବୁ ସାଥୀମାନଙ୍କ ମନ ନେଇ, ସମସ୍ତଙ୍କ ବିଶ୍ୱାସଭାଜନ ହୋଇ ଏବଂ ସମସ୍ତଙ୍କୁ ବିଶ୍ୱାସଭାଜନ କରାଇ କାମ କରିବାର ଦାୟିତ୍ୱ ତାଙ୍କର । ସେଥିରେ ସମସ୍ତଙ୍କ ସହିତ ବିଚାର ବିନିମୟ କରିବାକୁ ସବୁବେଳେ

Digitized by srujanika@gmail.com

ପ୍ରସ୍ତୁତ ରହିବା ଓ ସମସ୍ତଙ୍କ ବିଶ୍ୱାସ ପ୍ରାପ୍ତ କରିବା ଉଚିତ । ଏପରି ରହିଲେ କୌଣସି ବିରଳ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ରାୟ ଅନ୍ୟମାନଙ୍କ ରାୟଠାରୁ ସମ୍ପୂର୍ଣ୍ଣ ଅଲଗା ହେଲେ ମଧ୍ୟ ସେମାନେ ତାଙ୍କ ରାୟକୁ ପ୍ରସନ୍ନତା ପୂର୍ବକ ସ୍ୱୀକାର ନକରି ରହିପାରିବେ ନାହିଁ ।

ବମ୍ବେ ରାଜ୍ୟର ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ମନ୍ତ୍ରୀମଣ୍ଡଳ ଗଠନ ବେଳେ କିଛି ଅସୁବିଧା ଆସିଥିଲା । କାରଣ ମହାରାଷ୍ଟ୍ର କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଭାଉସାହେବ ହୀରେଙ୍କ ଆଗ୍ରହ ଯେ ମୁଁ ମହାରାଷ୍ଟ୍ରରୁ ତାଙ୍କ ପସନ୍ଦ ମୁତାବକ ମନ୍ତ୍ରୀ ମନୋନୀତ କରେ ଏବଂ କର୍ଣ୍ଣାଟକର ଶ୍ରୀ ଏମ୍.ପି. ପାଟିଲଙ୍କ ଇଚ୍ଛା ଥିଲା ଯେ କର୍ଣ୍ଣାଟକରୁ ଖୁବ୍ କମ୍‌ରେ ଦୁଇଜଣ ମନ୍ତ୍ରୀ ମନୋନୀତ ହେବା ଉଚିତ ଓ ଏପରି କରାନଗଲେ ସେ ମନ୍ତ୍ରୀପଦ ସ୍ୱୀକାର କରିବେ ନାହିଁ ।

ମୁଁ ପ୍ରଥମେ ସବୁ କମିଟି ଅଧ୍ୟକ୍ଷଙ୍କ ସହିତ କଥାବାର୍ତ୍ତା କଲି । ସେଥିରେ ସମ୍ମତି କ୍ରମେ ସ୍ଥିର କରାଗଲା ଯେ ନଅଜଣ ମନ୍ତ୍ରୀଙ୍କୁ ନେଇ ମନ୍ତ୍ରୀମଣ୍ଡଳ ଗଢାଯିବ, ସେଥିରେ ଚାରିଜଣ ମହାରାଷ୍ଟ୍ରରୁ, ଜଣେ କର୍ଣ୍ଣାଟକରୁ, ଜଣେ ବମ୍ବେରୁ ଓ ତିନିଜଣ ଗୁଜରାଟରୁ ରହିବେ । ଗୁଜରାଟର ତିନିଜଣଙ୍କ ମଧ୍ୟରେ ମୁଁ ଥିଲି, ବମ୍ବେର ଜଣକ ପାଇଁ ଶ୍ରୀ ସଦୋବା ପାଟିଲଙ୍କ ସହମତି ମିଳିଗଲା । କିନ୍ତୁ ମହାରାଷ୍ଟ୍ରରୁ ଯେଉଁ ଚାରିଜଣଙ୍କୁ ମୁଁ ବାଛିଥିଲି ସେଥିରୁ ଦୁଇଜଣଙ୍କ ପାଇଁ ଶ୍ରୀ ହୀରେ ରାଜି ହେଲେ ନାହିଁ, ଯେଉଁ ଦୁଇଜଣ ପାଇଁ ସେ ରାଜି ଥିଲେ ସେଥିରେ ସେ ନିଜେ ଜଣେ ଥିଲେ ଏବଂ ଅନ୍ୟ ଜଣକ ଥିଲେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ, ଆଉ ଦୁଇଜଣ ତାଙ୍କ ପସନ୍ଦ ମୁତାବକ ହେବେ ବୋଲି ତାଙ୍କର ଇଚ୍ଛା ଥିଲା । ସେଥିରୁ ଜଣଙ୍କ ନାମ ଶ୍ରୀକୁନ୍ତେ ବୋଲି ସେ କହିଥିଲେ ।

ମୁଁ ଶ୍ରୀ ହୀରେଙ୍କୁ ବୁଝାଇବାକୁ ଚେଷ୍ଟା କରି କହିଲି ଯେ ମନ୍ତ୍ରୀମଣ୍ଡଳରେ ଦୁଇ ଜଣ ନେତା ରହିବା ଉଚିତ୍ ନୁହେଁ; ମନ୍ତ୍ରୀମଣ୍ଡଳ ଜଣେ ନେତା ଦ୍ୱାରା ଗଢାଯିବା ଉଚିତ । ଅନ୍ୟ ଜଣଙ୍କର ମନୋନୀତ ମନ୍ତ୍ରୀଙ୍କର ଦଳର ନେତା ପ୍ରତି ଯେତିକି ଦାୟିତ୍ୱ ରହିବା କଥା ସେତିକି ରହିବ ନାହିଁ । ମୁଁ ଯାହାଙ୍କୁ ମନ୍ତ୍ରୀ ପଦରେ ନେବାକୁ ଇଚ୍ଛା କରିଥିଲି ସେମାନେ ହେଲେ ଶ୍ରୀ ନାୟକ ନିମ୍ବଲକର ଓ ଶ୍ରୀ ତପାସେ । ଶ୍ରୀ ନାୟକ ନିମ୍ବଲକର ଫଲ୍‌ଟନର ରାଜା ସାହେବ ଥିଲେ, ବମ୍ବେରେ ନିଜ ରାଜ୍ୟ ମିଶ୍ରଣ ବେଳେ ସେ ରାଜ୍ୟର ସବୁ ଖଜଣା ବମ୍ବେକୁ ଦେଇଥିଲେ ଏବଂ ସେଥିରୁ ନିଜ ପାଇଁ କିଛି ରଖିନଥିଲେ । ସେ କେବଳ ନିଜେ ରହିବା ପାଇଁ କୋଠା, ବଙ୍ଗଳା ଏବଂ କିଛି ଜମି ରଖିଥିଲେ । ବାଳାସାହେବ ଓ ମୁଁ ତାଙ୍କୁ ମନ୍ତ୍ରୀମଣ୍ଡଳରେ ନେବାକୁ ଇଚ୍ଛା କରୁଥିଲୁ । ଗୁଜରାଟର ବରୋଦା ରାଜ୍ୟର ଡ. ଜୀବରାଜ ମେହେଟାଙ୍କୁ ମୁଁ ନେଇଥିଲି । ସେଇପରି ମହାରାଷ୍ଟ୍ରର ଜଣେ ଭୂତପୂର୍ବ ରାଜାଙ୍କୁ ନେବାକୁ ଚାହୁଁଥିଲି ।

ଶ୍ରୀ ବାଳାସାହେବ ଯେତେବେଳେ ଶ୍ରୀ ନିମ୍ବଲକରଙ୍କୁ ଏକଥା କହିଲେ, ସେ କହିଲେ, "ମୁଁ କଂଗ୍ରେସରେ ନାହିଁ, ଏବଂ ମନ୍ତ୍ରୀ ହେବା ପାଇଁ କଂଗ୍ରେସ ସଭ୍ୟ ହେବାକୁ ପଡିବ, କିନ୍ତୁ ଏହା ମୋର ସ୍ୱାଭିମାନ ବିରୁଦ୍ଧ ହେବ । ତା' ଛଡା ମୋ ରାଜ୍ୟ ବମ୍ବେ ପ୍ରଦେଶରେ ମିଶିଯାଇଛି । ତା'ପରେ ମୁଁ ଚାଷବାସ ଆରମ୍ଭ କରିଦେଇଛି ଏବଂ ସେଥିରେ ଅର୍ଥ ଖଟାଇଛି । ମୁଁ ମନ୍ତ୍ରୀମଣ୍ଡଳରେ ମିଶିଲେ ଏସବୁ ବେକାର ହୋଇଯିବ କାରଣ ଚାଷରେ ଧ୍ୟାନ ଦେବାକୁ କେହି ରହିବେ ନାହିଁ ।" ମୁଁ ଶ୍ରୀ ନିମ୍ବଲକରଙ୍କୁ ବହୁତ ବୁଝାଇ କହିଲି, "ଆମେ ଆପଣଙ୍କୁ ସାଙ୍ଗେ ସାଙ୍ଗେ କଂଗ୍ରେସରେ ମିଶିବାକୁ ଅନୁରୋଧ କରୁନାହୁଁ । ଆପଣଙ୍କୁ ଠିକ୍ ଲାଗିଲେ ଆପଣ ଏହାର ସଭ୍ୟ ହୋଇପାରିବେ । ସଭ୍ୟ ନହେବାକୁ ଇଚ୍ଛା କଲେ ହେବେ ନାହିଁ; ଚାଷବାସ ପୁଅମାନଙ୍କ ଜିମା ଦେଇ ଆପଣ ମନ୍ତ୍ରୀମଣ୍ଡଳରେ ଯୋଗ ଦିଅନ୍ତୁ । ଏଥିରେ ମନ୍ତ୍ରୀମଣ୍ଡଳର ଲାଭ ହେବ ଏବଂ ମହାରାଷ୍ଟ୍ରରୁ ଜଣେ ଭଲ ପ୍ରତିନିଧି ମିଳିବ ।" ଶ୍ରୀ ନାୟକ ନିମ୍ବଲକର ବଡ଼ ସରଳ, ସାଦାସିଧା ଓ ଇମାନଦାର ବ୍ୟକ୍ତି ଥିଲେ,

Digitized by srujanika@gmail.com

ତାଙ୍କର ଶାସନ ନୀତି ମଧ୍ୟ ଭଲ ଥିଲା, ନିରାଭିମାନୀ ଥିଲେ ସେ । ସେ ନିଷ୍ଠାବାନ ଥିବାରୁ ମନ୍ତ୍ରୀମଣ୍ଡଳକୁ ଶକ୍ତି ମିଳିବ -- ଏହିପରି ମତେ ଲାଗୁଥିଲା । ତେଣୁ ତାଙ୍କୁ ମନ୍ତ୍ରୀ କରିବାକୁ ମୁଁ ବିଚାର କରୁଥିଲି ଏବଂ ମୋ ଅନୁରୋଧ ଯୋଗୁ ହିଁ ସେ ୧୯୫୦ରେ ମନ୍ତ୍ରୀ ହେବାକୁ ରାଜି ହେଲେ । ମନ୍ତ୍ରୀମଣ୍ଡଳରେ ସେ ଭଲକାମ କରିଥିଲେ । ସେଥିପାଇଁ ୧୯୫୨ ମନ୍ତ୍ରୀମଣ୍ଡଳରେ ତାଙ୍କୁ ମନ୍ତ୍ରୀ କରିବା ମୁଁ ନିଜର କର୍ତ୍ତବ୍ୟ ବୋଲି ଭାବୁଥିଲି, ଏବଂ ଭାଉସାହେବ ହୀରେଙ୍କୁ ବୁଝାଇବାକୁ ଚେଷ୍ଟା ମଧ୍ୟ କରିଥିଲି । ଏମାନଙ୍କ ସହିତ ମୁଁ ଜଣେ ହରିଜନ ମନ୍ତ୍ରୀ ରଖିବାକୁ ଇଚ୍ଛା କରିଥିଲି । ସେଥିପାଇଁ ମୋ ଦୃଷ୍ଟିରେ ଶ୍ରୀ ତପାସେ ଉପଯୁକ୍ତ ଥିଲେ । ଶ୍ରୀ ତପାସେ ଅନୁଭବି ବ୍ୟକ୍ତି ଥିଲେ ଓ କାମ ବି ଭଲ କରିଥିଲେ । ତାଙ୍କ ପାଇଁ ବି ମୁଁ ଭାଉସାହେବଙ୍କୁ ବହୁତ ବୁଝାଇଥିଲି କିନ୍ତୁ ନିଜେ କହିଥିବା ଦୁଇଜଣଙ୍କ ପାଇଁ ତାଙ୍କ ଇଚ୍ଛା ଥିଲା । ମୁଁ ଯେତେବେଳେ କହିଲି, ''ମୁଁ ତ ଏପରି କରିପାରିବି ନାହିଁ,'' ସେତେବେଳେ ସେ ମତେ କହିଦେଲେ, ''ତେବେ ମୁଁ ମନ୍ତ୍ରୀମଣ୍ଡଳରେ ରହିବି ନାହିଁ,'' ଏବଂ ସେଠାରେ ଆଲୋଚନା ସମାପ୍ତ ହେଲା ।

ଶ୍ରୀ ଏମ୍.ପି. ପଟିଲ ମତେ କହିଥିଲେ ଯେ, ''କର୍ଣ୍ଣାଟକରୁ ଅତି କମ୍‌ରେ ଦୁଇଜଣ ମନ୍ତ୍ରୀ ନିଆନଗଲେ ମୁଁ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇପାରିବି ନାହିଁ ।'' ମୁଁ ତାଙ୍କୁ କହିଲି, ''କର୍ଣ୍ଣାଟକରୁ ଜଣକରୁ ଅଧିକ ମନ୍ତ୍ରୀ ନେଇପାରିବି ନାହିଁ । ଆପଣ ଚିନ୍ତା କରନ୍ତୁ । ଯଦି ଏପରି କରିବା ଠିକ୍ ନହେବ, ଆପଣ ମନ୍ତ୍ରୀ ନ ହୁଅନ୍ତୁ ।''

ଏହାପରେ ମୁଁ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କ ସହିତ କଥାବାର୍ତ୍ତା କଲି । ଶ୍ରୀ ହୀରେ ଯାହାସବୁ କହିଥିଲେ ସବୁ କହି ପଚାରିଲି, ''ଆପଣ ମନ୍ତ୍ରୀ ହେବାକୁ ରାଜି ଅଛନ୍ତି ନା ନାହିଁ ?'' ସେ ଏ ବିଷୟରେ ମୋ ପରାମର୍ଶ ପଚାରିଲେ । ମୁଁ କହିଲି ''ଏ ବିଷୟରେ ତ ସ୍ୱୟଂ ଆପଣ ନିର୍ଣ୍ଣୟ ନେବା ଉଚିତ । ମୁଁ ଆପଣଙ୍କୁ ପରାମର୍ଶ ଦେଲେ ଆପଣଙ୍କ ପାଇଁ କେତେ ଦୂର ଲାଭପ୍ରଦ ହେବ ତାହା ଆପଣ ଭାବିବା କଥା ।'' ସାଥିରେ ଏହା ମଧ୍ୟ କହିଲି ''ଆପଣଙ୍କୁ ଯଦି ଭାଉସାହେବଙ୍କ କଥା ଠିକ ଲାଗୁଛି ତେବେ ଆପଣ ତାଙ୍କ ସାଥିରେ ରହିବା ଉଚିତ । କିନ୍ତୁ ଆପଣ ଯଦି ମୋ କଥାରେ ଏକମତ ଏବଂ ସେଥିରେ ଆପଣଙ୍କର କୌଣସି ଆଶଙ୍କା ନାହିଁ, ତେବେ ଆପଣ ମନ୍ତ୍ରୀ ହେବା ଉଚିତ ।'' ଏତିକି କେବଳ ନୁହେଁ, ଆହୁରି ସ୍ପଷ୍ଟ ଭାବେ କହିଲି, ''ଯେଉଁ ପରିସ୍ଥିତିରେ ମୁଁ ମନ୍ତ୍ରୀମଣ୍ଡଳ ଗଠନ କରୁଛି, ସେ ପରିସ୍ଥିତିରେ କେତେଦିନ ମନ୍ତ୍ରୀମଣ୍ଡଳ ତିଷ୍ଠିପାରିବ ସେ ବିଷୟରେ ନିଷ୍ଚୟ ପୂର୍ବକ ମୁଁ କିଛି କହିପାରୁନାହିଁ, ଏବଂ ଭବିଷ୍ୟତରେ କୌଣସି ଅସୁବିଧା ହେଲେ ମୁଁ ମନ୍ତ୍ରୀମଣ୍ଡଳ ଛାଡି ଦେଲେ ଆପଣଙ୍କ ସ୍ଥିତି ବିଷମ ହୋଇପାରେ କାରଣ ଆପଣ ଏପରି ଭାବରେ ମନ୍ତ୍ରୀ ହେଲେ ଭାଉସାହେବ ନାରାଜ ନହୋଇ ରହିପାରିବେ ନାହିଁ ଏବଂ ସେତେବେଳେ ଆପଣଙ୍କ ଭବିଷ୍ୟତ ବିପଦରେ ପଡିପାରେ । ତେଣୁ ଆପଣଙ୍କୁ ଏଭଳି ବିପଦର ଆଶଙ୍କା ଲାଗୁଥିଲେ ବର୍ତ୍ତମାନ ମନ୍ତ୍ରୀ ନ ହେବାକୁ ସ୍ଥିର କଲେ ମତେ ଆଦୌ ଖରାପ ଲାଗିବ ନାହିଁ -- ଏକଥା ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି ।''

ଶ୍ରୀ ଚୌହ୍ୱାନ ମତେ ସଙ୍ଗେ ସଙ୍ଗେ କହିଲେ, ''ବିପଦର ଚିନ୍ତା ମୁଁ କରେ ନାହିଁ, ଆପଣଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ହେବା ମୋର କର୍ତ୍ତବ୍ୟ ବୋଲି ମୁଁ ମାନୁଛି, ଭବିଷ୍ୟତ ଚିନ୍ତା କରିବା ମୋର କୌଣସି ଦରକାର ନାହିଁ ।'' ତାଙ୍କର ଏପରି ସାହସ ପୂର୍ଣ୍ଣ ଭାବନା ଯୋଗୁ ମୁଁ ତାଙ୍କୁ ଧନ୍ୟବାଦ ଦେଲି । ପରେ ଶ୍ରୀ ନାୟକ ନିମ୍ବଲକରଙ୍କୁ ମୁଁ ପଚାରିଲି ଯେ, ''ଶ୍ରୀ ଭାଉସାହେବଙ୍କ ଏପରି ଭାବନାରେ ଆପଣ ମନ୍ତ୍ରୀ ହୋଇ ମନ୍ତ୍ରୀମଣ୍ଡଳ ଯୋଗ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି କି ନାହିଁ । ଏହା ଆପଣ କିଛି ସଙ୍କୋଚ ନକରି କୁହନ୍ତୁ ।'' ସେ ସାଙ୍ଗେ ସାଙ୍ଗେ ''ହଁ'' କହିଲେ, ଏପରି ମହାରାଷ୍ଟ୍ରର ତିନି ଜଣ ମନ୍ତ୍ରୀଙ୍କ ସମ୍ବନ୍ଧରେ ନିଶ୍ଚିନ୍ତ ହୋଇଗଲି ।

Digitized by srujanika@gmail.com

ଚତୁର୍ଥ ସ୍ଥାନ ମୁଁ ବର୍ତ୍ତମାନ ଏକ ମାସ ପାଇଁ ଖାଲି ରଖିବାକୁ ସ୍ଥିର କଲି । ମୁଁ ଭାବିଲି ଭାଉସାହେବଙ୍କୁ ଆହୁରି ବୁଝାଇବି । ତଥାପି ଯଦି ସେ ନ ମାନନ୍ତି ତେବେ ଆଉ କାହାକୁ ଦେଖିବି । କର୍ଣ୍ଣାଟକରୁ ମଧ୍ୟ ଶ୍ରୀ ଏମ୍.ପି. ପଟିଲ ପ୍ରସ୍ତୁତ ନ ହେଲେ ଅନ୍ୟ ଜଣଙ୍କ ନେବାକୁ ସ୍ଥିର କରିଥିଲି । ଏଇ ପରିସ୍ଥିତି ମୁଁ ଫୋନରେ ଜବାହାରଲାଲଜୀଙ୍କୁ ଜଣାଇଲି ଓ ମୁଁ କି ପ୍ରକାର ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଇଚ୍ଛା କରୁଛି ତାଙ୍କୁ କହିଲି । ସେ ମତେ କହିଲେ, ''ଆପଣ ଯଦି ଏଠାକୁ ଆସି କଥାବାର୍ତ୍ତା କରନ୍ତି ତେବେ ଠିକ୍ ହେବ । କାରଣ ଏଠାରୁ ବି ଆପଣଙ୍କୁ ସାହାଯ୍ୟ ମିଳିପାରେ ।'' ମନ୍ତ୍ରୀମଣ୍ଡଳ ଗଠନ କରିବାରେ ସାହାଯ୍ୟ କରିବାକୁ କାକାସାହେବ ଗାଡଗିଲ (କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ), ଜବାହାରଲାଲଜୀଙ୍କଠାରୁ ବମ୍ବେ ଆସିବାକୁ ଅନୁମତି ମାଗିଥିଲେ । ଏହି ବିଷୟରେ ଜବାହାରଲାଲଜୀ ମତେ କହିଲେ, ''ମୁଁ ତାଙ୍କୁ ବମ୍ବେ ଯିବାକୁ ମନା କରିଥିଲି । ତେଣୁ ସେ ବମ୍ବେ ଗଲେ ନାହିଁ ।''

ଶ୍ରୀ ଭାଉସାହେବ ହୀରେ ମଧ୍ୟ ଦିଲ୍ଲୀ ଯାଉଥିଲେ, ଫୋନରେ ସେ ମତେ କହିଥିଲେ । ଏକଥା କହିବାରୁ ଜବାହାରଲାଲଜୀ ମତେ ପଚାରିଲେ, ''ଭାଉସାହେବ ହୀରେ ମତେ ଦେଖା କରିବାକୁ ଆସିଲେ, ସାକ୍ଷାତ ଦେବି ନା ନାହିଁ,'' ମୁଁ କହିଲି, ''ଆପଣ ତାଙ୍କ ସହିତ ନିଶ୍ଚୟ ସାକ୍ଷାତ କରନ୍ତୁ । ତାଙ୍କ କଥା ମଧ୍ୟ ଆପଣଙ୍କର ଶୁଣିବା ଉଚିତ । ତାଙ୍କ କଥା ନଶୁଣି ମୁଁ ଯାହା କହୁଛି ମାନି ନେବା ଉଚିତ ହେବ ନାହିଁ । ଆପଣଙ୍କର ତାଙ୍କ ସହିତ ସାକ୍ଷାତ ଦରକାର ।''

ଏହାପରେ ମୁଁ ଦିଲ୍ଲୀ ଗଲି ଏବଂ ସେଇ ବିମାନରେ ଭାଉସାହେବ ହୀରେ ବି ଦିଲ୍ଲୀ ଯାଇଥିଲେ । ମୁଁ ଜବାହାରଲାଲଜୀଙ୍କ ସହିତ ଦେଖାକରି ସମସ୍ତ ବିଷୟ ସ୍ପଷ୍ଟ ଭାବେ ତାଙ୍କ ଆଗରେ ରଖିଲି । ସେ ପାର୍ଲାମେଣ୍ଟାରୀ ବୋର୍ଡ ବୈଠକ ଡକାଇ ଏ ବିଷୟରେ ବିଚାର କରିବାକୁ କହିଲେ । ସେଇଠି ମୁଁ କହିଲି, ''ପାର୍ଲାମେଣ୍ଟାରୀ ବୋର୍ଡ ବୈଠକ କରି ଆପଣ ମୋ ନିର୍ଣ୍ଣୟରେ ପରିବର୍ତ୍ତନ କରିପାରିବେ ନାହିଁ । ସେଥିରେ ପରିସ୍ଥିତି ବିଷମ ହୋଇଯାଇପାରେ । ତେଣୁ ଆପଣ ବିଚାର କରି ମତେ ପରାମର୍ଶ ଦିଅନ୍ତୁ । ଆପଣ ଯେପରି କହିବେ ମୁଁ ସେଇପରି କରିବି ।'' ସେ ମୋ କଥା ବୁଝିଗଲେ । ମୁଁ ତାଙ୍କୁ ଏକଥା ବି କହିଲି, ''ଭାଉସାହେବ ଆପଣଙ୍କୁ ସାକ୍ଷାତ କରିବେ ତଥାପି ଆପଣ କିଛି କହିବେ ନାହିଁ । କିନ୍ତୁ ଲିଖିତ ନିବେଦନ ନେବେ, କାରଣ ସେ ଚର୍ଚ୍ଚା କରିପାରିବେ ନାହିଁ ।'' ପରେ ଭାଉସାହେବ ତାଙ୍କୁ ସାକ୍ଷାତ କଲେ, ଲିଖିତ ନିବେଦନ ହିଁ ଦେଲେ -- ଏପରି ମତେ ଖବର ମିଳିଲା । ଭାଉସାହେବଙ୍କ ସହିତ କଥାବାର୍ତ୍ତା ପରେ ଜବାହାରଲାଲଜୀ ମତେ ପଚାରିଲେ, ''ତାଙ୍କୁ କ'ଣ ଜବାବ ଦିଆଯିବ ?'' ମୁଁ କହିଲି, ''ଆପଣଙ୍କୁ ଯାହା ଠିକ୍ ଲାଗୁଛି -- ସେଇପରି ପରାମର୍ଶ ଦିଅନ୍ତୁ ।'' ଏସବୁ ପରେ ମଧ୍ୟ ସେ ଆଗ୍ରହ ପୂର୍ବକ ମୋ ଅଭିପ୍ରାୟ ପଚାରିଲେ । ତେବେ ମୁଁ ଜବାବ ଦେଲି, ''ଭାଉ ସାହେବଙ୍କୁ ମନ୍ତ୍ରୀମଣ୍ଡଳରେ ଯୋଗଦେବାକୁ ଆପଣ ପରାମର୍ଶ ଦେଲେ ଠିକ୍ ହେବ ।'' ଏହି ପରାମର୍ଶ ସେ ଭାଉସାହେବଙ୍କୁ ଦେଇଥିଲେ । ଏକଥା ପରେ ସେ ମତେ କହିଥିଲେ ।

ଏହାପରେ ଜବାହାରଲାଲଜୀ ମତେ କହିଲେ, ''ଆପଣ ଯେତେବେଳେ ଆସିଛନ୍ତି ତେବେ ମୌଲାନା ସାହେବଙ୍କ ସହିତ ସାକ୍ଷାତ କରି ଅନ୍ୟ ବିଷୟ ଯାହା ଅଛି ବିଚାର କରିନେଲେ ଠିକ୍ ହେବ ।'' ମୌଲାନା ସାହେବ ପାର୍ଲାମେଣ୍ଟାରୀ ବୋର୍ଡର ସଦସ୍ୟ ଥିଲେ ଓ ଜବାହାରଲାଲଜୀ ଏହାର ଅଧ୍ୟକ୍ଷ ଥିଲେ । ପରେ କୁଶଳତା ପୂର୍ବକ ଅନ୍ୟସାଥିମାନଙ୍କୁ ସେ ଚର୍ଚ୍ଚାରେ ଲଗାଇ ଦେଲେ । ଏହିପରି ଆମେ ଚାରି ପାଞ୍ଚଜଣ ହୋଇଗଲୁ । ଅନ୍ୟ ବିଷୟ ସାଙ୍ଗରେ ଜବାହାରଲାଲଜୀ ବମ୍ବେ ମନ୍ତ୍ରୀମଣ୍ଡଳ ଗଠନ କଥା ବି ପକାଇଲେ । ମନ୍ତ୍ରୀମଣ୍ଡଳ ସମ୍ବନ୍ଧରେ ଯୋଜନା ଚିନ୍ତା କରାଯାଇଥିଲା । ସେଥିରେ ନିଜ ସହମତି ପ୍ରକାଶ କରି ସେ ଅନ୍ୟମାନଙ୍କର

Digitized by srujanika@gmail.com

ମତ ପଚାରିଲେ । ମନ୍ତ୍ରୀମଣ୍ଡଳରେ ଯେଉଁ ନ'ଜଣଙ୍କ ନାମ ମୁଁ ସ୍ଥିର କରିଥିଲି ସେଥିରେ ମୁସଲମାନ କେହି ନଥିଲେ । ଅବଶ୍ୟ ଯେଉଁ କେତେକ ଉପମନ୍ତ୍ରୀଙ୍କ ନାମ ମୁଁ ସ୍ଥିର କରିଥିଲି ସେଥିରେ ଜଣେ ମୁସଲମାନ ଥିଲେ ।

ମୌଲାନା ସାହେବ ମତେ କହିଲେ, ''ମନ୍ତ୍ରୀମଣ୍ଡଳରେ ଆପଣ କୌଣସି ମୁସଲମାନଙ୍କୁ ରଖିବା ଉଚିତ୍ । ଆପଣ ତ ଏ ବିଷୟରେ ବେଶ ଜାଗ୍ରତ ଥାଆନ୍ତି, ଏବଂ ସମାଜରେ ମୁସଲମାନମାନଙ୍କୁ ଉପଯୁକ୍ତ ସ୍ଥାନ ଦେବାକୁ ସର୍ବଦା ଆଗ୍ରହ ପ୍ରକାଶ କରନ୍ତି, ମୋର ଏ ପରାମର୍ଶ ଆପଣ ନିଶ୍ଚୟ ମଞ୍ଜୁର କରିବେ ।'' ମୁଁ ତାଙ୍କୁ କହିଲି, ''ବିଧାନସଭାକୁ ଯେଉଁ ମୁସଲମାନ ସଭ୍ୟ ନିର୍ବାଚିତ ହୋଇ ଆସିଛନ୍ତି ସେଥିରୁ ମନ୍ତ୍ରୀମଣ୍ଡଳରେ ଯୋଗ ଦେବା ଭଳି ଯୋଗ୍ୟ କେହିନାହାନ୍ତି । ତେଣୁ ମନ୍ତ୍ରୀ ବଦଳରେ ଉପମନ୍ତ୍ରୀ ଭାବରେ ଜଣେ ଭାଇଙ୍କୁ ମୁଁ ନେଇଛି ।'' ମୌଲାନା ସାହେବ କହିଲେ, ''ମୁଁ ଆପଣଙ୍କୁ ଏପରି ଜଣଙ୍କ ନାମ ବତାଇଲେ ?'' ମୁଁ କହିଲି, ''ଆମର ସେଠାରେ ଯେଉଁମାନେ ଅଛନ୍ତି ସେମାନଙ୍କ ଯୋଗ୍ୟତା-ଅଯୋଗ୍ୟତା ବିଷୟରେ ମୋ ମତକୁ ମହତ୍ୱପୂର୍ଣ୍ଣ ମାନିବା ଉଚିତ । ଆପଣ ଯାହା କହିବେ ମତେ ଠିକ୍ ନଲାଗିଲେ ମୁଁ କିପରି ସ୍ୱୀକାର କରିପାରିବି ?'' ଏତିକି ପରେ ମୌଲାନା ସାହେବ ନିଜର ଆଗ୍ରହ ଜାରି ରଖି ଜବାହାରଲାଲଜୀଙ୍କୁ ପଚାରିଲେ, ''ଆପଣଙ୍କୁ ଏକଥା କଣ ଠିକ୍ ଲାଗୁନାହିଁ ଯେ କୌଣସି ମୁସଲମାନଙ୍କୁ ମନ୍ତ୍ରୀମଣ୍ଡଳରେ ରଖିବା ଉଚିତ ହେବ ?'' ଜବାହାରଲାଲଜୀ କହିଲେ, ''କୌଣସି ଯୋଗ୍ୟ ବ୍ୟକ୍ତି ମିଳିଲେ ତ ନିଶ୍ଚୟ ରଖିବା ଉଚିତ ହେବ ।'' ଏହା ଉପରେ ମୁଁ ତତ୍‌କାଳ କହିଲି, ''ଏପରି ଯୋଗ୍ୟ ବ୍ୟକ୍ତି କେହି ନାହାନ୍ତି ଯାହାଙ୍କୁ ମନ୍ତ୍ରୀ କରାଯାଇ ପାରିବ ।'' ଏହା କହିବା ପରେ ମଧ୍ୟ ମୌଲାନା ସାହେବ ନିଜର ଆଗ୍ରହ ଜାରି ରଖିଲେ । ତେଣୁ ମୁଁ ତାଙ୍କୁ କହିଲି ''ଆପଣ ଯଦି ଭାବୁଥାନ୍ତି ଯେ ମନ୍ତ୍ରୀମଣ୍ଡଳରେ ମୁସଲମାନ ରଖିଲେ ମୋ ନିଷ୍ଠା ସାବ୍ୟସ୍ତ ହେବ, ତାହା ଠିକ୍ ନୁହେଁ ଏବଂ ଆପଣଙ୍କୁ ଏ ବିଷୟରେ ମୋ ଉପରେ ପ୍ରଭାବ ପକାଇବା ଉଚିତ ହେବ ନାହିଁ ।'' ଅନ୍ୟମାନେ ମୋ କଥା ସମର୍ଥନ କଲେ, ତେବେ ଯାଇ ସମସ୍ୟା ସେଇଠି ସମାପ୍ତ ହେଲା ।

ଏହାପରେ ମୁଁ ବମ୍ବେ ଫେରିଗଲି । ଭାଉସାହେବ ହୀରେ ମଧ୍ୟ ବମ୍ବେ ଆସି ଯାଇଥିଲେ । ମୁଁ ପୁଣି ତାଙ୍କୁ ଡାକି ବୁଝାଇଲି ଯେ, ''ଆପଣ ବର୍ତ୍ତମାନ ମଧ୍ୟ ଚିନ୍ତା କରନ୍ତୁ, ଶ୍ରୀ କୁନ୍ତେଙ୍କୁ ଆମେ ବିଧାନସଭା ଅଧ୍ୟକ୍ଷ ନିର୍ବାଚନ କରିଦା । ଏଥିରେ ଆପଣଙ୍କ କଥା ରହିବ ।'' ଭାଉସାହେବଙ୍କୁ ଲାଗିଲା ଯେ ଶ୍ରୀ କୁନ୍ତେ ଅଧ୍ୟକ୍ଷ ପାଇଁ ମଙ୍ଗିବେ ନାହିଁ । ମୁଁ କହିଲି, ''ମୁଁ ତାଙ୍କୁ ଏଥିପାଇଁ ବୁଝାଇବି । ଆପଣଙ୍କୁ ରାଜସ୍ୱ ବିଭାଗ ଦେବାକୁ କହିଥିଲି ତା' ସହିତ କୃଷି ବିଭାଗ ବି ଦିଆଯିବ । ମନ୍ତ୍ରୀମଣ୍ଡଳରେ ଆପଣଙ୍କ ମହତ୍ୱପୂର୍ଣ୍ଣ ସ୍ଥାନ ରହିବ । ତେଣୁ ବର୍ତ୍ତମାନ ଆପଣ ମନ୍ତ୍ରୀ ହେବାକୁ ମନା କରନ୍ତୁ ନାହିଁ ।'' ତା' ସହିତ ଏକଥା ମଧ୍ୟ କହିଲି, ''ମନ୍ତ୍ରୀମଣ୍ଡଳରେ ଯୋଗ ଦେବା ପରେ ଆପଣଙ୍କୁ ଯଦି ଲାଗିବ ଯେ ଆମ କାମ ଠିକ୍ ପ୍ରକାରେ ଚାଲୁନାହିଁ ଏବଂ ଆପଣ ଅସନ୍ତୁଷ୍ଟ ହେବେ, ତେବେ ଆପଣ ସାଙ୍ଗେ ସାଙ୍ଗେ ମନ୍ତ୍ରୀମଣ୍ଡଳ ତ୍ୟାଗ କରିପାରିବେ । କିନ୍ତୁ ବର୍ତ୍ତମାନ ଆପଣ ମନ୍ତ୍ରୀ ହୋଇଯାଆନ୍ତୁ, ଏଥିରେ ସମସ୍ତଙ୍କର ମଙ୍ଗଳ ହେବ ।'' ସେ ମନ୍ତ୍ରୀମଣ୍ଡଳରେ ଯୋଗ ଦେଲେ ।

ଏହାପରେ ମୁଁ ଶ୍ରୀ ଏମ୍.ପି. ପାଟିଲଙ୍କୁ ଡାକି କହିଲି, ''କର୍ଣ୍ଣାଟକରୁ ତ ଦୁଇଜଣ ମନ୍ତ୍ରୀ ମୁଁ ନେଇପାରିବି ନାହିଁ । ଏଣୁ ଏଇ ବାସ୍ତବତାକୁ ମାନି ଆପଣ ମନ୍ତ୍ରୀ ହେବାକୁ ପ୍ରସ୍ତୁତ ଥିଲେ ମୁଁ ଆପଣଙ୍କୁ ମନ୍ତ୍ରୀମଣ୍ଡଳରେ ନେବି । ଆପଣ ରାଜି ନହେଲେ ମତେ ଆଉ କାହାକଥା ବିଚାର କରିବାକୁ ପଡିବ ।'' ତା' ସହିତ ମୁଁ ତାଙ୍କୁ ଏହା ବି କହିଲି ଯେ, ''ଭାଉସାହେବ ହୀରେ ମନ୍ତ୍ରୀ ହେବାରୁ ରାଜି ହୋଇଗଲେଣି ।'' ଶ୍ରୀ ପାଟିଲ କହିଲେ, ''ଏ ସମସ୍ୟା ବିଷୟରେ ମୁଁ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷଙ୍କୁ ପଚାରି ଆପଣଙ୍କୁ ଜବାବ ଦେବି ।'' ମୁଁ କହିଲି, ''ସାତଟା ପର୍ଯ୍ୟନ୍ତ ଆପଣଙ୍କ ଜବାବ ମତେ ମିଳିବା ଉଚିତ ।''

Digitized by srujanika@gmail.com

ଆମ କଥାବାର୍ତ୍ତା ତୃତୀୟ ପ୍ରହର ଚାରିଟା ବେଳେ ହୋଇଥିଲା । ଏହାପରେ ସନ୍ଧ୍ୟା ସାତଟା ବେଳେ ମୁଁ ଯେତେବେଳେ ତାଙ୍କୁ ମନେ ପକାଇଲି, ସେତେବେଳେ ଯାଏ ସେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷଙ୍କୁ ପାଇ ନଥିଲେ । କିନ୍ତୁ ମନ୍ତ୍ରୀ ହେବାକୁ ହଁ କହିଲେ । ରାତି ପ୍ରାୟ ଆଠଟା ବେଳେ ମୁଁ ରାଜ୍ୟପାଳଙ୍କୁ ମନ୍ତ୍ରୀମଣ୍ଡଳର ନାମ ପଠାଇଦେଲି । ଏବଂ ପରଦିନ ସକାଳେ ଶପଥ ଗ୍ରହଣ ବିଧି ପୂରା କରାଗଲା, ଏହିପରି ମୁଁ ବମ୍ବେ ମନ୍ତ୍ରୀମଣ୍ଡଳ ଗଠନ କରିଲି ।

ମନ୍ତ୍ରୀମଣ୍ଡଳ ତିଆରି ହେବାପରେ ଶ୍ରୀ ଗାଡ଼ଗିଲଙ୍କ ସହିତ ସାକ୍ଷାତ ହୋଇଥିଲା । ସେ କହିଲେ, "ଆପଣ ଯେଉଁ ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି ତା' ଚଳିପାରିବ ନାହିଁ ଏବଂ ଆପଣଙ୍କୁ ପୁଣି ଅଦଳ ବଦଳ କରିବାକୁ ପଡିବ ।" ମୁଁ କହିଲି, "ମନ୍ତ୍ରୀମଣ୍ଡଳରେ ମୁଁ କୌଣସି ଅଦଳ ବଦଳ କରିବି ନାହିଁ । ଏପରି ଅବସ୍ଥା ଆସିଲେ ମୁଁ ମୁଖ୍ୟମନ୍ତ୍ରୀ ପଦରେ ରହିବି ନାହିଁ, କିନ୍ତୁ ମୋର ପୂରା ବିଶ୍ୱାସ ଯେ ଏପରି ପରିସ୍ଥିତି ଆସିବ ନାହିଁ, ଏବଂ ଏ ମନ୍ତ୍ରୀମଣ୍ଡଳ ପାଞ୍ଚବର୍ଷ ପର୍ଯ୍ୟନ୍ତ ଖୁବ୍ ଭଲ ଭାବରେ କାମ କରିବ ।"

ଏହାପରେ ମୁଁ ଶ୍ରୀ କୁନ୍ତେଙ୍କ ସହିତ କଥାବାର୍ତ୍ତା କଲି ଏବଂ ତାଙ୍କୁ ବିଧାନସଭା ଅଧ୍ୟକ୍ଷ ହେବାକୁ ବୁଝାଇଲି । ତାଙ୍କୁ ଏକଥା ବହୁତ ଖରାପ ଲାଗିଲା କାରଣ ଶ୍ରୀ ଭାଉସାହେବ ହୀରେ ତାଙ୍କୁ ମନ୍ତ୍ରୀ କରିବା କଥା ନିଶ୍ଚିନ୍ତ ଭାବରେ କହିଥିଲେ । ତାଙ୍କ ସହିତ ମୋର ଖୁବ୍ ନିକଟ ସମ୍ପର୍କ ଥିଲା । ତଥାପି ବହୁତ ବୁଝାଇବାକୁ ପଡିଲା । ବହୁତ ବୁଝାଇବା ପରେ ସେ ଅଧ୍ୟକ୍ଷ ହେବାକୁ ରାଜି ହେଲେ ।

(୨) ପ୍ରଶାସନିକ ସଂସ୍କାର

ମନ୍ତ୍ରୀମଣ୍ଡଳ ତିଆରି ପରେ ମୁଁ ବଜେଟ ତିଆରି କରିବାରେ ଧ୍ୟାନ ଦେଲି । ନୂଆ ବଜେଟ୍‌ରେ ବିକ୍ରିକର ବହୁତ ବଢାଇ ସେଥିରୁ ୧୦/୧୧କୋଟିରୁ ଅଧିକ ପାଇବାର ଆଶା ଥିଲା । ଏହାଛଡା ଭୂମିକର ଉପରେ ସରଚାର୍ଯ ଲଗାଇ ସେଥିରୁ ଏକକୋଟି ଆୟ ହେବାର ଅନୁମାନ ଲଗାଇଲି । ଡ. ଜୀବରାଜ ମେହେତା ସେ ସମୟରେ ଅର୍ଥ ମନ୍ତ୍ରୀ ଥିଲେ । ବିଧାନସଭାରେ ବଜେଟ ପେଶ୍ କରିବା ପରଦିନ କଂଗ୍ରେସ କାର୍ଯ୍ୟ ସମିତି ବୈଠକରେ ଯୋଗଦେବା ପାଇଁ ମୁଁ ଦିଲ୍ଲୀ ଗଲି । ମୁଁ ଯିବାଦିନ ସନ୍ଧ୍ୟା ବେଳେ ବିଧାନସଭାର କଂଗ୍ରେସ ଦଳରେ ବଜେଟ ଉପରେ ଚର୍ଚ୍ଚା କରିବାର ବ୍ୟବସ୍ଥା କରିଯାଇଥିଲି । ସେ ସମୟରେ ବିଧାନସଭାର ଅଧିବେଶନ ପୂନାରେ ହେଉଥିଲା ସେଥିପାଇଁ ମନ୍ତ୍ରୀମଣ୍ଡଳ ମଧ୍ୟ ପୂନାରେ ଥିଲେ ଏବଂ ସେଇଠି ବିଧାନସଭା କଂଗ୍ରେସ ଦଳ ବୈଠକ ରଖାଯାଇଥିଲା । ମୁଁ ଦିଲ୍ଲୀରେ ପହଞ୍ଚିଲି । ସେଇ ରାତିରେ ପୂନାରୁ ଟେଲିଫୋନରେ ମତେ ଖବର ମିଳିଲା ଯେ ଦଳର ବୈଠକରେ ପ୍ରସ୍ତାବିତ କର ବୃଦ୍ଧିକୁ ଭୀଷଣ ବିରୋଧ କରାଯାଇଛି, ଏବଂ ଡ. ଜୀବରାଜ ମେହେତା ଏହାକୁ ସଫଳତା ପୂର୍ବକ ଶାନ୍ତ କରାଇପାରି ନାହାନ୍ତି, ସେଥିରେ ତିକ୍ତତା ଆସିଯାଇଛି । ମୁଁ ତାଙ୍କୁ କହିଲି ମୋ ଫେରିବା ପର୍ଯ୍ୟନ୍ତ ଦଳର ବୈଠକ ସ୍ଥଗିତ ରଖାଯାଉ । ତଦନୁସାରେ ବୈଠକ ସ୍ଥଗିତ କରାଗଲା ।

ଦିଲ୍ଲୀରୁ ଫେରିବା ପରେ ପୁଣି ଦଳର ବୈଠକ ବସିଲା । ବୈଠକରେ ମୁଁ ସବୁ ସଦସ୍ୟଙ୍କୁ ନିଜ ନିଜର ବିଚାର ପ୍ରକାଶ କରିବାକୁ କହିଲି ଏବଂ ସେମାନେ କହିଲେ, "ଏହି ଅତିରିକ୍ତ ଲାଗୁ ହେଲେ, ଆମେ ଲୋକମାନଙ୍କୁ ଏହାର ଉଦ୍ଦେଶ୍ୟ ବୁଝାଇ ସନ୍ତୁଷ୍ଟ କରିପାରିବୁ ନାହିଁ । ସେଥିରେ ବିପକ୍ଷଙ୍କୁ ବହୁତ ବଳ ମିଳିବ ଏବଂ କଂଗ୍ରେସ ଦୁର୍ବଳ ହୋଇପଡିବ ।" ତା'ପରେ ମୁଁ ସେମାନଙ୍କୁ ରାଜ୍ୟର ପରିସ୍ଥିତି ଓ ଆର୍ଥିକ ସ୍ଥିତି ବିସ୍ତାର

Digitized by srujanika@gmail.com

ଭାବରେ ବୁଝାଇକରି 'କର' କାହିଁକି ଦରକାର ଓ ବିପକ୍ଷର ଭୁଲ ପ୍ରଚାରରେ ପଡି ଆମେ ଲୋକମାନଙ୍କୁ ଠିକ୍ କଥା ବୁଝାଇବାରେ ପଛାଇବା ଉଚିତ ହେବ ନାହିଁ ବୋଲି କହିଲି । ସବୁ ଚର୍ଚ୍ଚା ପରେ ମୁଁ ସେମାନଙ୍କୁ ଚେତାବନୀ ଦେଲି ଯେ, "ବଜେଟର ଯଦି ଆମେ ଏପରି ବିରୋଧ କରୁ, ତେବେ ଆମପାଇଁ ଶାସନ ଚଳାଇବା ମୁସ୍କିଲ ହୋଇଯିବ ଏବଂ ଆମ ଦଳ ବି ଦୁର୍ବଳ ହୋଇଯିବ । ତେଣୁ ଯଦି ଆପଣଙ୍କୁ ଏହା ପସନ୍ଦ ନ ହେଉଛି ତେବେ ଏହାର ଏକମାତ୍ର ଉପାୟ ହେଉଛି ଆପଣ ଅନ୍ୟ କାହାକୁ ନେତା ମନୋନୀତ କରିନିଅନ୍ତୁ, କାରଣ ଏପରି ପରିସ୍ଥିତିରେ ମୁଁ ଦଳର ନେତୃତ୍ୱ କରିପାରିବି ନାହିଁ । ଆପଣମାନେ ଗମ୍ଭୀରତା ସହକାରେ ଏହାର ବିଚାର କରି ଯାହା ନିର୍ଣ୍ଣୟ ନେବେ ଓ ମତେ କହିବେ ।" ମୋର ଏ କଥାର ସୁପ୍ରଭାବ ଦଳ ଉପରେ ପଡିଲା । ସମସ୍ତେ ବିରୋଧ ବନ୍ଦ କରି ମତେ କହିଲେ, "ଆପଣଙ୍କୁ ଯାହା ଠିକ୍ ଲାଗୁଛି ତା' କରନ୍ତୁ, ଆମେ ବିନା ଦ୍ୱିଧାରେ ଆପଣଙ୍କୁ ସମର୍ଥନ କରିବୁ ।" ମୁଁ କହିଲି, "ତା'ହେଲେ ନିର୍ଣ୍ଣୟ କାମ ମୋ ଉପରେ ଛାଡିଦିଅନ୍ତୁ ।" ତା'ପରେ ବହୁତ ବିଚାର କରି ବଜେଟରେ ଭୂମି ଅତିରିକ୍ତ କର ପ୍ରସ୍ତାବ ପ୍ରତ୍ୟାହାର କରିନେଲି । କିନ୍ତୁ ବିକ୍ରିକରରୁ ଯେଉଁ ବେଶି ଆମଦାନୀ ହେବାର ଥିଲା ସେଥିରେ କିଛି କମ୍ କଲି ନାହିଁ । ଏବଂ ସମସ୍ତେ ମୋ ନିର୍ଣ୍ଣୟ ମଞ୍ଜୁର କଲେ ।

ଏହାପରେ ମୁଁ ଦଳର ଏକ ତିନିଦିନିଆ ବୈଠକ ଆୟୋଜନ କଲି । ସେଠାରେ ସମସ୍ତଙ୍କ ସହିତ ଖୋଲିକରି ଦଳର କାମ ବିଷୟରେ ବିଚାର ବିମର୍ଶ କଲି, ଦଳର ନୀତି କ'ଣ ଓ ଆମେ କି ପ୍ରକାର କାମ କରିବା ଉଚିତ ଇତ୍ୟାଦି ବିଷୟରେ ଦୁଇ ଅଢେଇ ଘଣ୍ଟା ପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ବ୍ୟକ୍ତ କଲି । ବଜେଟ ଉପରେ ଯେଉଁ ପ୍ରକାର ଯୁକ୍ତି କରାଯାଇଥିଲା ସେପରି କଲେ କ୍ଷତି ଘଟିବ ବୋଲି ବୁଝାଇ କହିଲି, "ଏ ଚର୍ଚ୍ଚା ମୁଁ ଏଇଥି ପାଇଁ କରୁଛି ଯେ ଭବିଷ୍ୟତରେ ମତେ କୌଣସି ଭୁଲ ପରିସ୍ଥିତିର ସାମନା କରିବାକୁ ଯେପରି ନପଡ଼େ ।" ଏହାର ଭଲ ପ୍ରଭାବ ପଡିଲା ଏବଂ ସମସ୍ତେ ମୋ କଥା ବୁଝି କରି କହିଲେ, "ଏ ବିଷୟରେ ଆଉ ଅଧିକ ଚର୍ଚ୍ଚା ବା ବାଦବିବାଦ କରିବା ଦରକାର ନାହିଁ ।" ଏଇପରି ବୈଠକ କାମ ଗୋଟିଏ ଦିନରେ ହିଁ ସରିଗଲା ଏବଂ ଏହାପରେ ମୁଁ କେନ୍ଦ୍ର ସରକାରରେ ଯୋଗ ଦେବା ପାଇଁ ବମ୍ବେ ଛାଡିବା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଦଳର ବୈଠକରେ କୌଣସି ଦିନ କିଛି ଅସୁବିଧା ହେଲା ନାହିଁ । ସମସ୍ତେ ଗୋଟିଏ କୁଟୁମ୍ବ ଭଳି କାମ କଲେ ।

ଏହି ଘଟଣା ପରେ କାକାସାହେବ ଗାଡ଼ଗିଲ ପୂନା ଆସି ମୋ ସହିତ ସାକ୍ଷାତ କରି କହିଲେ ଯେ ବଜେଟରେ ଭୂମିକର ଛାଡିଦେବାର ନଥିଲା । ମୁଁ ତାଙ୍କୁ କହିଲି, "ଭାଉସାହେବ ହୀରେ ଆପଣଙ୍କ ବନ୍ଧୁ, ସେ ଭୂମିକର ବୃଦ୍ଧି ପାଇଁ ଏକମତ ହେବା ପରେ ବି ଦଳର ବୈଠକରେ ଏହାର ସମ୍ପୂର୍ଣ୍ଣ ସମର୍ଥ କଲେ ନାହିଁ ଯାହାଦ୍ୱାରା କେତେକ ସାଥିମାନଙ୍କୁ ଏହାକୁ ବିରୋଧ କରିବାକୁ ବଳ ମିଳିଲା । ଏସବୁ ବିଷୟକୁ ବିଚାର କରି ହିଁ ମତେ ଭୂମିକର ବୃଦ୍ଧି ଛାଡି ଦେବାକୁ ପଡିଲା । ଏଥିପାଇଁ ଏ ସମ୍ବନ୍ଧରେ ଆପଣଙ୍କ ବିରୋଧ ଭାଉସାହେବ ହୀରେଙ୍କ ଆଗରେ କରିବା ଉଚିତ ହେବ, ମୋ ଆଗରେ ନୁହେଁ ।" ସେ ସେକଥା ଭାଉସାହେବ ହୀରେଙ୍କୁ କହିଥିବେ । ସେଇଥିପାଇଁ ପର୍‌ଦିନ ମନ୍ତ୍ରୀମଣ୍ଡଳର ଅନୌପଚାରିକ ବୈଠକରେ ଭାଉସାହେବ ମତେ କହିଲେ, "ଆପଣ କାକାସାହେବଙ୍କ ସହିତ ମତେ ଆଲୋଚନା କରି ଠିକ୍ କଲେ ନାହିଁ । ଆପଣଙ୍କର ମୋ ଉପରେ ବିଶ୍ୱାସ ନହେଲେ ମତେ ମନ୍ତ୍ରୀପଦ ଛାଡି ଦେବା ଦରକାର ।" ମୁଁ କହିଲି, "କାକାସାହେବ ମତେ ପଚାରିଲେ ଏବଂ ସେ ଆପଣଙ୍କ ବନ୍ଧୁ । ତେଣୁ ମତେ ଯେଉଁ କଥା ଠିକ୍ ଲାଗିଲା ମୁଁ ସେ କଥା ତାଙ୍କୁ କହିଲି । ଆଜି ମଧ୍ୟ ସେ କଥା ମତେ ଠିକ୍ ଲାଗୁଛି । ସେ କଥା ଆପଣଙ୍କ ପସନ୍ଦ ହେଉ ନାହିଁ ଏବଂ ଆପଣ ମନ୍ତ୍ରୀପଦରୁ ମୁକ୍ତ ହେବାକୁ ଇଚ୍ଛା କରୁଛନ୍ତି ତ ହୋଇପାରନ୍ତି । କିନ୍ତୁ ଏପରି ବ୍ୟବହାର ଠିକ୍ ନୁହେଁ ବୋଲି ମୁଁ ଆପଣଙ୍କୁ ନିଶ୍ଚୟ କହିବି ।" ଭାଉସାହେବ ମୋ କଥା ବୁଝିଗଲେ ଏବଂ ମନ୍ତ୍ରୀପଦ ଛାଡିବା କଥା ଆଉ କହିଲେ ନାହିଁ । ଏତିକି ନୁହେଁ, ମୁଁ ଯେତେଦିନ ବମ୍ବେରେ ରହିଲି, ସେ ଏପରି କଥା ଆଉ କେବେ କହିନଥିଲେ ।

Digitized by srujanika@gmail.com

ବିକ୍ରିକର ବୃଦ୍ଧି ଉପରେ ବମ୍ବେ କଂଗ୍ରେସ ସମିତି ଅଧ୍ୟକ୍ଷ ଶ୍ରୀ ଏସ୍.କେ. ପଟିଲ ବହୁତ ଆଲୋଚନା କଲେ । ମୁଁ କଥାବାର୍ତ୍ତା କରିବାକୁ ତାଙ୍କୁ ଡାକିଲି କିନ୍ତୁ ସେ ଆସିଲେ ନାହିଁ । ଏ ବିଷୟରେ ମୁଁ ଜବାହାରଲାଲଜୀଙ୍କୁ ଲେଖିଥିଲି । ତାଙ୍କୁ ଶ୍ରୀ ପଟିଲଙ୍କ ଏ ବ୍ୟବହାର ଭଲ ଲାଗି ନଥିଲା ଏବଂ ସେ ଶ୍ରୀ ପଟିଲଙ୍କୁ ପତ୍ର ଲେଖିଥିଲେ। ଜବାହାରଲାଲଜୀଙ୍କୁ ଲେଖିବା ପରେ ଶ୍ରୀ ପଟିଲ ଏହାର ବିରୋଧ କରିବା ବନ୍ଦ କରି ଦେଇଥିଲେ । ବେପାରୀମାନଙ୍କର ପସନ୍ଦ ନଥିବାରୁ ଶ୍ରୀ ପଟିଲଙ୍କ ଆଶଙ୍କା ଥିଲା ଯେ ଏହାଦ୍ୱାରା କଂଗ୍ରେସର ଲୋକପ୍ରିୟତା କମ୍ ହୋଇଯିବ । ମତେ ଲାଗିଲା ଯେ କଂଗ୍ରେସର କୌଣସି କ୍ଷତି ନ ହେଉ; ସେଥିପାଇଁ ସେ ବିରୋଧ କରୁଥିଲେ । କିନ୍ତୁ ଆମର ବ୍ୟକ୍ତିଗତ ସମ୍ପର୍କ ଭଲ ଥିଲା । ଏ ବିରୋଧ ବ୍ୟକ୍ତିଗତ ନହୋଇ ରାଜ୍ୟର ନୀତି ବିଷୟରେ ଥିଲା । ତେଣୁ ମୁଁ ଆମ ବ୍ୟକ୍ତିଗତ ସମ୍ପର୍କରେ କୌଣସି ଆଞ୍ଚ ଆଣିବାକୁ ଦେଇ ନଥିଲି ।

୧୯୫୨ରେ ମନ୍ତ୍ରୀମଣ୍ଡଳ ତିଆରି ପୂର୍ବରୁ ଶିକ୍ଷା ବିଭାଗ ମୋ ପାଖରେ ରଖିବାକୁ ବିଚାର କରିଥିଲି, କାରଣ ଶିକ୍ଷା ଓ କୃଷିରେ ମୋର ବହୁତ ସ୍ପୃହା ଥିଲା । କିନ୍ତୁ ଏଥିରୁ କୌଣସି ବିଭାଗ ହାତକୁ ଆସିଲା ନାହିଁ । ୧୯୩୭ରେ କୃଷି ବିଭାଗ କିଛି ମାସ ପାଇଁ ମୋ ପାଖରେ ଥିଲା କିନ୍ତୁ ପରେ ଶ୍ରୀ ଲାଠଙ୍କ ପାଖରେ କମ୍ କାମଥିବାରୁ ନିଜ ଇଚ୍ଛାରେ ମୁଁ ତାଙ୍କୁ ଏ ବିଭାଗ ସମର୍ପି ଦେଇଥିଲି । ବର୍ତ୍ତମାନ ନିଜ ପାଇଁ ବିଭାଗ ବିଚାର କରିବାବେଳେ ଅନେକ ସଦସ୍ୟ ମୋ ପାଖକୁ ଆସିଲେ ଏବଂ ଆଗ୍ରହ କଲେ କି "ଗୃହ ବିଭାଗ ଆପଣ ନିଜ ପାଖରେ ରଖିବା ଉଚିତ । କାରଣ ଏ ସମୟରେ ରାଜ୍ୟରେ ଯାହା ପରିସ୍ଥିତି ସେଥିରେ ରାଜ୍ୟର ଗୃହ ବିଭାଗ ଆପଣଙ୍କ ଛଡା ଆଉ କେହି ସମ୍ଭାଳି ପାରିବେ ନାହିଁ ।" ଏପରି ଆଗ୍ରହ କାରଣରୁ ଗୃହ ବିଭାଗ ମୋ ପାଖରେ ରଖିବାକୁ ପଡିଲା । ତେଣୁ ଶିକ୍ଷା ବିଭାଗ ମୁଁ ଶ୍ରୀ ଦୀନକର ରାଓ ଦେସାଇଙ୍କୁ ଦେଲି । ଏମିତି ତ ଏ ଦୁଇ ବିଭାଗ ମୋ ପାଖରେ ରଖିପାରି ଥାଆନ୍ତି, କିନ୍ତୁ ମୋ ବିଚାରରେ ମୁଖ୍ୟଙ୍କ ପାଖରେ ଅନେକ ବିଭାଗ ରଖିବା ଉଚିତ ନୁହେଁ । ତେଣୁ ଶିକ୍ଷା ବିଭାଗ ପାଖରେ ରଖିବା ବିଚାର ଛାଡିଦେଲି ।

ଶ୍ରୀ ବାଲାସାହେବ ଖେର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଶିକ୍ଷା ବିଭାଗ ତାଙ୍କ ପାଖରେ ଥିଲା । କାରଣ ସେଥିରେ ତାଙ୍କ ବଡ ଅଭିରୁଚି ଥିଲା । ସେ ସମୟରେ ନୂଆ ଶିକ୍ଷାନୀତିର ଯେଉଁ ନିଅଁ ଢଳାଯାଉଥିଲା ସେ ବିଷୟରେ ସେ ମୋ ସହିତ ବିଚାର ବିନିମୟ କରୁଥିଲେ ଏବଂ ମତେ ଯାହା ଭଲ ଲାଗୁଥିଲା ମୁଁ ସେଇ ପରାମର୍ଶ ଦେଉଥିଲି । ମୋର ଦୃଢ ବିଶ୍ୱାସ ଥିଲା ଯେ ଦେଶର ସମ୍ପୂର୍ଣ୍ଣ ଆର୍ଥିକ ଓ ଆଧ୍ୟାତ୍ମିକ ସମୃଦ୍ଧି ସାଧନ ପାଇଁ ଶିକ୍ଷା ଓ କୃଷି ଦୁଇଟି ମହତ୍ତ୍ୱପୂର୍ଣ୍ଣ ସାଧନ ଅଟେ । ଅତଃ ଏଇ ଦୁଇଟି ମାଧ୍ୟମରେ ଆମମାନଙ୍କୁ ଜନତାର ଶକ୍ତି ବଢାଇବା ଉଚିତ । କିନ୍ତୁ ମୁଁ ତ ନିଜ ପାଇଁ ଏଇ ନୀତି ତିଆରି କରିଥିଲି ଯେ କୌଣସି କାମ ପ୍ରତି ଆଗ୍ରହ ରଖିବା ଠିକ୍ ନୁହେଁ, ଏବଂ ଯେଉଁ କାମ ମିଳିବ ତାକୁ ଯଥା ସମ୍ଭବ ଭଲଭାବେ କରିବାକୁ ଚେଷ୍ଟା କରିବି । ବାଲାସାହେବ ମୁଖ୍ୟମନ୍ତ୍ରୀ ଥିବା ବେଳେ ମତେ ସେ ଗୃହ ଏବଂ ରାଜସ୍ୱ ବିଭାଗ ଦେଇଥିଲେ କାରଣ ତାଙ୍କର ଧାରଣା ଥିଲା ଯେ ଏ ବିଭାଗକୁ ମୁଁ ଯେତେ ଭଲ ଭାବରେ ସମ୍ଭାଳିବି ଆଉ କେହି ସମ୍ଭାଳି ପାରିବେ ନାହିଁ । ଏବଂ ମୋ କାମରେ ସେ ସନ୍ତୁଷ୍ଟ ଥିଲେ । ମୁଁ ମନ୍ତ୍ରୀମଣ୍ଡଳ ତିଆରି କଲି ତେବେ ବି ମୋ ସାଥିମାନଙ୍କର ଆଗ୍ରହ ଥିଲା କି ମତେ ଗୃହ ବିଭାଗ ପାଖରେ ରଖିବା ଉଚିତ ।

୧୯୫୧ରେ ଲୁଗାକଳ ଉପରେ ଯେଉଁ ନିୟନ୍ତ୍ରଣ ଥିଲା ସେଥିରେ ଲୋକମାନେ ବହୁତ ଅସନ୍ତୁଷ୍ଟ ଥିଲେ । ସେଥିପାଇଁ ମୁଁ କେନ୍ଦ୍ରରେ ଏହି ବିଭାଗ ମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କୁ ଟେକ୍ସଟାଇଲ ଆଡ୍‌ଭାଇଜରୀ କମିଟି ତିଆରି କରିବାକୁ ସୁପାରିଶ କଲି । ମୋ କଥା ଡ. ମହତାବ ସ୍ୱୀକାର କଲେ ଏବଂ ମତେ ଏ କମିଟିର ଅଧ୍ୟକ୍ଷ ହେବାକୁ କହିଲେ । ମୁଁ ତାଙ୍କୁ କହିଲି ମୋ ପାଖରେ ଏତେ କାମ ଅଛି ଯେ ଅନ୍ୟ କୌଣସି କାମର

Digitized by srujanika@gmail.com

ଦାୟିତ୍ୱ ସମ୍ଭାଳିବା ମୋ ପକ୍ଷରେ କଠିନ । ପରେ କାକାସାହେବ ଗାଡଗିଲ ଏବଂ ବାଲାସାହେବ ଖେର ଏହିକାମ ସମ୍ଭାଳିବାକୁ ମତେ ଆଗ୍ରହ କଲେ । ତା'ପରେ ମୁଁ ଏ କାମ ହାତକୁ ନେଲି, ଏହି କମିଟିର ସଭ୍ୟ ନିଯୁକ୍ତି ମୋ ପରାମର୍ଶ ଅନୁସାରେ କରାଗଲା । ଏହାଦ୍ୱାରା କମିଟି କାମ କରିବା ମୋ ପକ୍ଷରେ ସରଳ ହୋଇଗଲା । ଏହି କମିଟି କାମ ବହୁତ ଭଲ ଭାବରେ ଚାଲୁଥିଲା । ପ୍ରାୟ ସମସ୍ତ ଅଭିଯୋଗ ଦୂର ହୋଇଯାଇଥିଲା ଏବଂ ଅଧିକାଂଶ ନିୟନ୍ତ୍ରଣ ଉଠାଇ ଦିଆଯାଇଥିଲା ।

ଆମ ମନ୍ତ୍ରୀମଣ୍ଡଳ କଥା ଆଗକୁ ବଢାଇବା ପୂର୍ବରୁ ଇତି ମଧ୍ୟରେ ହୋଇଥିବା ଗୋଟିଏ ଘଟଣା ଉଲ୍ଲେଖ କରିବା ଠିକ୍ ହେବ ।

୧୯୫୨ ସାଧାରଣ ନିର୍ବାଚନରେ ମାଡ୍ରାସର ମୁଖ୍ୟମନ୍ତ୍ରୀ ହାରି ଯାଇଥିଲେ ଏବଂ କଂଗ୍ରେସକୁ ବହୁମତ ମିଳିନଥିଲା । ତେଣୁ ମାଡ୍ରାସରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରିବା ଗୋଟିଏ ସମସ୍ୟା ହୋଇଯାଇଥିଲା । ଏହା ପୂର୍ବରୁ ଆଉ ଗୋଟିଏ ପ୍ରଶ୍ନ ଉଠିଥିଲା ଯେ ସେଠାରେ ରାଜ୍ୟପାଳ କାହାକୁ କରାଯିବ, କାରଣ ସେ ଜାଗା ବି ଖାଲିଥିଲା । ମୁଁ ବମ୍ବେ ବିଧାନସଭାର କଂଗ୍ରେସ ଦଳର ନେତା ନିର୍ବାଚିତ ହେବା ପୂର୍ବରୁ ହିଁ ଜବାହାରଲାଲଜୀ ବାଲାସାହେବଙ୍କୁ ମାଡ୍ରାସ ଗଭର୍ଣ୍ଣର ପଦ ସ୍ୱୀକାର କରିବାକୁ ଅନୁରୋଧ କରିଥିଲେ କାରଣ ବାଲାସାହେବ ନିର୍ବାଚନରେ ଛିଡା ହୋଇ ନଥିଲେ ଏବଂ ମାଡ୍ରାସ ପାଇଁ ତାଙ୍କ ଭଳି ଜଣେ ପ୍ରୌଢ଼ ଏବଂ ସମସ୍ତଙ୍କ ବିଶ୍ୱାସଭାଜନ ବ୍ୟକ୍ତିଙ୍କର ଆବଶ୍ୟକତା ଥିଲା । କିନ୍ତୁ ବାଲାସାହେବଙ୍କର ଗଭର୍ଣ୍ଣର ହେବାକୁ ଇଚ୍ଛା ନଥିଲା, ସେଥିପାଇଁ ସେ ମନା କରୁଥିଲେ । ତଥାପି ଜବାହାରଲାଲଜୀ ନିଜ ଆଗ୍ରହ ଛାଡିଲେ ନାହିଁ ଏବଂ ପୁଣି ବିଚାର କରିବାକୁ କହିଲେ । ବାଲାସାହେବ ଏ ବିଷୟରେ ମୋ ସହିତ କଥା ହେଲେ ଏବଂ କହିଲେ, ''ମୋର ସେଠାକୁ ଯିବା ଠିକ୍ ହେବ ନାହିଁ କାରଣ ମୁଁ ଏପରି କାମରେ ପଡିବାକୁ ଚାହେଁ ନାହିଁ । ତେଣୁ ଆପଣ ଜବାହାରଲାଲଜୀଙ୍କୁ ଏଥିରୁ ମତେ ମୁକ୍ତ କରିବାକୁ ବୁଝାଇ ପାରିଲେ ଠିକ୍ ହେବ ।'' ମୁଁ କହିଲି ଜବାହାରଲାଲଜୀ ମୋ ସହିତ କଥା ହେଲେ ମୁଁ ବୁଝାଇବାକୁ ଚେଷ୍ଟା କରିବି । ସଂଯୋଗ ବଶତଃ ଜବାହାରଲାଲଜୀ ସେଇଦିନ କି ତା' ପରଦିନ ମୋ ସହିତ ଫୋନରେ କଥା ହେଲେ ଓ ବାଲାସାହେବଙ୍କୁ ବୁଝାଇବାକୁ କହିଲେ । ସାଥିରେ ଏକଥା ବି କହିଲେ ଯେ ମାଡ୍ରାସରେ ନୂଆ ବିଧାନସଭା ଓ ନୂଆ ମନ୍ତ୍ରୀମଣ୍ଡଳର ଅସ୍ତିତ୍ୱ ଆସିବା ପୂର୍ବରୁ ହିଁ ବାଲାସାହେବ ସେଠାରେ ପହଞ୍ଚିବା ଉଚିତ ହେବ । ସେତେବେଳେ ଯାଇ ମୁଁ ଜବାହାରଲାଲଜୀଙ୍କୁ କହିଲି, ''ମୁଖ୍ୟମନ୍ତ୍ରୀ ପଦ ଛାଡି ସେ ସେଠାକୁ ଚାଲିଗଲେ ନୂଆ ମନ୍ତ୍ରୀମଣ୍ଡଳ ଗଢିବା ପର୍ଯ୍ୟନ୍ତ କାମ ଚଳିବା କଠିନ ହେବ ।'' ଜବାହାରଲାଲଜୀ କହିଲେ, ''ଆପଣ ତ ଅଛନ୍ତି ଏବଂ ନୂଆ ମନ୍ତ୍ରୀମଣ୍ଡଳର ନେତା ଆପଣଙ୍କୁ ହିଁ ହେବାକୁ ପଡିବ । ତେଣୁ କାମ ସମ୍ଭାଳିବାକୁ କୌଣସି କଠିନତା ହେବ ନାହିଁ ।'' ଏହାପରେ ମୁଁ କହିଲି, ''ବର୍ତ୍ତମାନ ମୁଁ ବିଧାନସଭା ପାଇଁ ନିର୍ବାଚିତ ହୋଇନାହିଁ; ଏବଂ ନିର୍ବାଚନରେ ହାରିଯାଇଛି, ତେଣୁ ବିରୋଧି ଲୋକମାନେ ଆପତ୍ତି କରିବେ ଏବଂ କହିବେ କି ନିର୍ବାଚନରେ ହାରିଥିବା ବ୍ୟକ୍ତିଙ୍କୁ ଆପଣ କିପରି ମୁଖ୍ୟମନ୍ତ୍ରୀ କରିପାରିବେ ? ଆପଣଙ୍କୁ ଏହାର ଉତ୍ତର ଦେବାକୁ କଷ୍ଟ ହେବ । ଯଦି ଆପଣଙ୍କର ସେଥିପାଇଁ ଚିନ୍ତା ନାହିଁ ଏବଂ ଆପଣ ତାଙ୍କୁ ଉଚିତ ଜବାବ ଦେଇପାରିବେ ତେବେ ମୁଁ ବାଲାସାହେବଙ୍କୁ ବୁଝାଇବାକୁ ଚେଷ୍ଟା କରିବି ।'' ତା'ପରେ କିଛି ଚିନ୍ତାକରି ସେ କହିଲେ, ''ଆପଣ ଯାହା କହିଲେ ଠିକ୍ । ତେଣୁ ଏ ବିଚାର ଛାଡି ଦେବା ଦରକାର,'' ମାଡ୍ରାସ ଗଭର୍ଣ୍ଣର ପାଇଁ ଆଉ କାହା ନାମ ସୁପାରିଶ କରିବାକୁ କହିଲେ । ମୁଁ ଶ୍ରୀ ଆମ୍ରପ୍ରକାଶଙ୍କ ନାଁ କହିଲି ଯାହାକି ତାଙ୍କର ପସନ୍ଦ ହେଲା ଏବଂ ଶ୍ରୀ ପ୍ରକାଶଜୀ ମାଡ୍ରାସର ଗଭର୍ଣ୍ଣର ହେଲେ ।

ମାଡ୍ରାସରେ ମନ୍ତ୍ରୀମଣ୍ଡଳ ତିଆରି କରିବା ପାଇଁ କାହାକୁ କଂଗ୍ରେସ ଦଳର ନେତା କରିବାକୁ ହେବ ତାହା ବି ଗୋଟିଏ ସମସ୍ୟା ଥିଲା । ଶ୍ରୀ ପ୍ରକାଶଜୀଙ୍କୁ ଲାଗିଲା ଯେ ଯଦି ରାଜାଜୀଙ୍କୁ ନେତା କରାଯାଏ ତେବେ

Digitized by srujanika@gmail.com

ସେ ଖାଲି ଯେ କଂଗ୍ରେସ ଦଳ ସମ୍ଭାଳିବେ ସେ କଥା ନୁହେଁ, କଂଗ୍ରେସ ଦଳକୁ ସୁଦୃଢ ମଧ୍ୟ କରିପାରିବେ । ମୁଁ ବି ଜବାହାରଲାଲଜୀଙ୍କୁ ସେଇକଥା କହିଥିଲି । ଜବାହାରଲାଲଜୀ କହିଲେ, "ଏପରି ବ୍ୟବସ୍ଥା ହୋଇପାରିଲେ ଭଲକଥା । କିନ୍ତୁ ରାଜାଜୀ ଏଥିପାଇଁ ବିଧାନସଭା ବା ବିଧାନ ପରିଷଦ ପାଇଁ ନିର୍ବାଚିତ ହେବା ଉଚିତ ।" ଶ୍ରୀ ପ୍ରକାଶଜୀ ରାଜାଜୀଙ୍କ ସହିତ କଥାହେଲେ । ରାଜାଜୀ ଦୁଇଟି ମଧ୍ୟରୁ କୌଣସିଟିରେ ସେ ପ୍ରାର୍ଥୀ ହେବା ମନାକରି ଦେଇ କହିଲେ, "ଉଚ୍ଚ ସଦନକୁ (ବିଧାନ ପରିଷଦ) ମନୋନୀତ କରିଦେଲେ ମୁଁ ତା'ର ସଦସ୍ୟ ହୋଇ କଂଗ୍ରେସ ଦଳର ନେତୃତ୍ୱ ନେଇପାରିବି ।" ଏପରି ଭାବରେ ଗଭର୍ଣ୍ଣରଙ୍କ ଦ୍ୱାରା ବିଧାନ ପରିଷଦ ପାଇଁ ମନୋନୀତ ହୋଇ ମୁଖ୍ୟମନ୍ତ୍ରୀ ହେବା ଜବାହାରଜୀଙ୍କୁ ବା ଆମ କାହାକୁ ଭଲ ଲାଗିଲା ନାହିଁ । କିନ୍ତୁ ଆମେ ଏ ବିଷୟରେ କିଛି ପରାମର୍ଶ ଦେବା ପୂର୍ବରୁ ହିଁ ଶ୍ରୀ ପ୍ରକାଶଜୀ ନିଜ ଅଧିକାର ପ୍ରୟୋଗ କରି ରାଜାଜୀଙ୍କୁ ଉଚ୍ଚ ପରିଷଦକୁ ମନୋନୀତ କରିଦେଲେ । ଏହାପରେ ରାଜାଜୀଙ୍କୁ ମାଡ୍ରାସ କଂଗ୍ରେସ ଦଳର ନେତା ନିର୍ବାଚିତ କରାଗଲା ଏବଂ ସେ ମନ୍ତ୍ରୀମଣ୍ଡଳ ଗଠନ କଲେ । ରାଜାଜୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ କୌଣସି ପ୍ରକାରରେ ରାଜି ହେଲେ ନାହିଁ । ସେଥିପାଇଁ ଶ୍ରୀ ପ୍ରକାଶଜୀ ଏଇ ବାଟ ଧରି ନେଇଥିଲେ । ରାଜାଜୀ ଏପରି ସର୍ତ୍ତ କାହିଁକି ରଖିଥିଲେ ଆଜି ପର୍ଯ୍ୟନ୍ତ ମୁଁ ବୁଝିପାରି ନାହିଁ । କିନ୍ତୁ ସବୁ କିଛି ହୋଇଯିବାପରେ ଏ ବିଷୟ ପଚାରିବାର କିଛି ଅର୍ଥ ନଥିଲା ।

ମୁଁ ଯେଉଁ ମନ୍ତ୍ରୀମଣ୍ଡଳ ଗଢ଼ିଲି ସେଥିରେ ଶ୍ରୀଯଶବନ୍ତ ରାଓ ଚୌହ୍ୱାନ ମଧ୍ୟ ଜଣେ ମନ୍ତ୍ରୀ ଥିଲେ ଏବଂ ମୁଁ ତାଙ୍କୁ ସିଭିଲ ସପ୍ଲାଇଜ୍ ବିଭାଗ ଦେଇଥିଲି । ଏହି ବିଭାଗର କାମଥିଲା, ଖାଦ୍ୟଶସ୍ୟ ବ୍ୟବସ୍ଥା ଏବଂ ବିତରଣ । କେନ୍ଦ୍ରରେ ରଫି ସାହେବ (ଶ୍ରୀ ରଫି ଅହମଦ କିଦ୍‌ୱାଇ)ଙ୍କ ପାଖରେ ଏ ବିଭାଗ ଥିଲା ଏବଂ ସେ ସମୟରେ ଖାଦ୍ୟଶସ୍ୟ ଉପରେ କିଛି ନିୟନ୍ତ୍ରଣ ମଧ୍ୟ ଥିଲା । ସବୁ ଜାଗାରେ ବିଶେଷ କରି ଅଭାବଗ୍ରସ୍ତ ପ୍ରଦେଶରେ ରେଶନ ଦୋକାନ ଖୋଲା ଯାଇଥିଲା ଯେଉଁଠାରୁ ଲୋକମାନଙ୍କୁ ରେଶନରେ ଖାଦ୍ୟଶସ୍ୟ ମିଳୁଥିଲା । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଏ ପ୍ରଥା ଆରମ୍ଭ ହୋଇଥିଲା କାରଣ ସେ ସମୟରୁ ଖାଦ୍ୟଶସ୍ୟର ଅଭାବ ଅନୁଭୂତ ହେଉଥିଲା । ୩୦ରୁ ୩୫ ଲକ୍ଷ ଟନ ଖାଦ୍ୟଶସ୍ୟ ବିଦେଶରୁ ଆଣିବାକୁ ପଡୁଥିଲା ଏବଂ ସେଥିରେ ଦେଶର ଖାଦ୍ୟଶସ୍ୟ ଅଭାବ ପୂରା ହୋଇଯାଉଥିଲା ।

ଖାଦ୍ୟଶସ୍ୟ କଣ୍ଟ୍ରୋଲରେ ଲୋକମାନଙ୍କ ମଧ୍ୟରେ ବଡ ଅସନ୍ତୋଷ ଦେଖାଯାଉ ଥିଲା, ଏବଂ ଏହାକୁ ବନ୍ଦ କରିବାକୁ ଦାବି ଜୋରରେ କରାଯାଉଥିଲା । ଗାନ୍ଧିଜୀ ଜୀବିତ ଥିଲେ । ସେ ମଧ୍ୟ ଏହାକୁ ଉଠାଇବାକୁ ଆଗ୍ରହ କରିଥିଲେ କିନ୍ତୁ ଉତ୍ପାଦନ କମ୍ ହେଉଥିବାରୁ ତା'କୁ ବନ୍ଦ କରି ଦିଆଯାଇ ପାରୁନଥିଲା । ରଫି ସାହେବ ମଧ୍ୟ ଅନୁଭବ କଲେ ଯେ ଖାଦ୍ୟଶସ୍ୟ ଉପରୁ ନିୟନ୍ତ୍ରଣ ଉଠାଇ ଦେବା ଉଚିତ ହେବ ଏବଂ କେନ୍ଦ୍ର ମନ୍ତ୍ରୀମଣ୍ଡଳ ଆଗରେ ସେ ଏପରି ପ୍ରସ୍ତାବ ରଖିଥିଲେ କିନ୍ତୁ ତାକୁ କେହି ମାନିଲେ ନାହିଁ । ସେ ଯେତେବେଳେ ବମ୍ବେ ଆସୁଥିଲେ ମତେ ସାକ୍ଷାତ କରୁଥିଲେ ଏବଂ କେତେକ ମାମଲାରେ ମୋ ସହ ପରାମର୍ଶ ବି କରୁଥିଲେ । ୧୯୫୦-୫୧ରେ ଆମ ମଧ୍ୟରେ କୌଣସି ସମ୍ବନ୍ଧ ନଥିଲା । ଏକଥା ମୁଁ ଆଗରୁ କହିଛି ଯେ ପାର୍ଲାମେଣ୍ଟାରୀ ବୋର୍ଡ ନିର୍ବାଚନ ବେଳେ ମୁଁ ତାଙ୍କୁ ଭୋଟ ଦେବାକୁ ମନାକରି ଦେଇଥିଲି । ଏଭଳି ପରିସ୍ଥିତିରେ ତାଙ୍କ ସହିତ ମୋ ସମ୍ବନ୍ଧକୁ ମିତ୍ରତା କୁହାଯାଇ ନପାରେ । କିନ୍ତୁ ରଫି ସାହେବ ଖୋଲା ହୃଦୟ ଏବଂ ବଡ ଉଦାର ବ୍ୟକ୍ତି ଥିଲେ । ୧୯୫୧ ଘଟଣାର କିଛି ଦିନ ପରେ ତାଙ୍କର ଓ ପନ୍ଥଜୀଙ୍କ (ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥ) ମଧ୍ୟରେ କିଛି ଝଗଡା ଲାଗି ରହୁଥିଲା । ଜବାହାରଲାଲଜୀଙ୍କ ପାଖରେ ଏ ଖବର ପହଞ୍ଚିବାରୁ ସେ ରଫି ସାହେବଙ୍କୁ ଏ ବିଷୟରେ ପଚାରିଲେ । ସେତେବେଳେ ରଫି ସାହେବ ଏ ବିଷୟରେ ତଦନ୍ତ କରିବାକୁ ପ୍ରସ୍ତାବ ଦେଇ କହିଲେ, "ମୋରାରଜୀ

Digitized by srujanika@gmail.com

ଦେସାଇ ତ ମୋ ମିତ୍ର ନୁହନ୍ତି । ଆପଣ ତାଙ୍କ ଦ୍ୱାରା ତଦନ୍ତ କରାନ୍ତୁ । ସେ ଏଥିରେ ମୋ ଦୋଷ ବାହାର କଲେ ମୁଁ ତାଙ୍କ ନିଷ୍ପତ୍ତି ମାନିବି, କାରଣ ତାଙ୍କର ନିରପକ୍ଷତା ଉପରେ ମୋର ପୂରା ବିଶ୍ୱାସ ଅଛି ।'' ରଫି ସାହେବଙ୍କର ମୋ ଉପରେ ବହୁତ ଭଲ ଧାରଣା ଥିଲା ।

ତାଙ୍କ କଣ୍ଟ୍ରୋଲ ଉଠାଇବା କଥା ମନ୍ତ୍ରୀମଣ୍ଡଳ ମାନିଲେ ନାହିଁ । ତା'ପରେ ସେ ଯେତେବେଳେ ବମ୍ବେ ଆସିଲେ ସେଥିପାଇଁ କୌଣସି ରାସ୍ତା ବାହାର କରିବାକୁ ମତେ କହିଲେ । ମୁଁ ତାଙ୍କୁ କହିଲି, ''ରାସ୍ତା ତ ବାହାରି ପାରିବ । ଆପଣ ବମ୍ବେ ସହର ପାଇଁ କିଛି ମାସ ଖାଦ୍ୟଶସ୍ୟର ବନ୍ଦୋବସ୍ତ କରିଦେଲେ ମୁଁ ଆପଣଙ୍କ କଣ୍ଟ୍ରୋଲ ଉଠାଇବା କାମରେ ଆପଣଙ୍କୁ ସମର୍ଥନ କରିବି ଏବଂ ଆପଣ କଣ୍ଟ୍ରୋଲ ଉଠାଇ କରି ବି ସଫଳତା ପୂର୍ବକ ନିଜ କାମ ଚଳାଇ ପାରିବେ ।'' ମୋ ଠାରୁ ଏପରି ସମର୍ଥନ ପାଇ, ସେ ବମ୍ବେ ସହର ପାଇଁ କିଛି ମାସର ଖାଦ୍ୟଶସ୍ୟ ବ୍ୟବସ୍ଥା କରି କଣ୍ଟ୍ରୋଲ ଉଠାଇବା ଦିଗରେ କାମ ଆରମ୍ଭ କଲେ । ଏହିପରି ସେ ଯେତେବେଳେ ସତରେ କଣ୍ଟ୍ରୋଲ ଉଠାଇ ଦେଲେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ଏହାର ବାସ୍ତବିକତା ମାନି ଏହାକୁ ସ୍ୱୀକାର କରିନେଲେ । ଲୋକମାନେ ବହୁତ ଖୁସି ହୋଇ ଆଶ୍ୱାସନାର ନିଶ୍ୱାସ ନେଲେ ।

ଏହାପୂର୍ବରୁ ବମ୍ବେ ପ୍ରଦେଶର ଚାଷୀମାନଙ୍କ ପାଇଁ ତାଙ୍କର ଜମିର କେତେ ଭାଗରେ ଖାଦ୍ୟଶସ୍ୟ ଉତ୍ପାଦନ କରିବା କଥା ତାହା ସ୍ଥିର ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଖାଦ୍ୟଶସ୍ୟର ଉତ୍ପାଦନ ବଢୁ । କିନ୍ତୁ କାନୁନ ଠିକ୍ ଭାଗରେ ଲାଗୁ କରାଯାଉ ନଥିଲା ଏବଂ ଏଥିରେ ନିମ୍ନଶ୍ରେଣୀ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଭ୍ରଷ୍ଟାଚାର ବଢିଯାଇଥିଲା । ଲୋକମାନେ ଯେଉଁ ଫସଲ କରିବା କଥା, ତାହା କରୁଥିଲେ କିନ୍ତୁ ସରକାରୀ ଲୋକଙ୍କୁ ଲାଞ୍ଚ ଦେଇ ଗାଁରେ କାର୍ଡରେ ମିଛ ଲେଖୁଥିଲେ । ଏ ବ୍ୟବସ୍ଥାର କାମ ବଡ କଠିନ ହୋଇଯାଇ ଥିଲା ଏବଂ ମୋର ବିଶ୍ୱାସ ହୋଇଗଲା କି ଏପରି ଭାବରେ ଚାଷୀଙ୍କୁ ବାଧ୍ୟ କରି ଚାଷ କରାଇବା କାମ ସଫଳତା ପୂର୍ବକ ହୋଇପାରିବ ନାହିଁ, ଏଥିପାଇଁ ପରେ ମୁଁ ଏ ପ୍ରଥା ବନ୍ଦ କରିଦେଲି ।

ବମ୍ବେ ରାଜ୍ୟରେ ମୁଁ ମଦ୍ୟ ନିଷେଧ ଆରମ୍ଭ କରିଥିଲି ଏବଂ ୧୯୫୦ରୁ ଏହାକୁ ପୂରା ଭାବରେ ଲାଗୁ କରି ଦେଇଥଲି । ଏଥିପାଇଁ ୧୯୫୨ରେ ସାଧାରଣ ନିର୍ବାଚନରେ ବେଶ୍ ଲାଭ ହେଲା । ଆଗେ ବମ୍ବେ ସହରରେ ଜଣେ ଦି'ଜଣ ସାମ୍ୟବାଦୀ ନେତା ବିଧାନସଭା ପାଇଁ ଅବଶ୍ୟ ନିର୍ବାଚିତ ହେଉଥିଲେ । କିନ୍ତୁ ୧୯୫୨ ନିର୍ବାଚନରେ ସେମାନେ ମଦ୍ୟ ନିଷେଧର ବିରୋଧ କଲେ, ଯେତେବେଳେ ଜନତା ମଦ୍ୟ ନିଷେଧକୁ ପସନ୍ଦ କରୁଥିଲେ । ଏଥିପାଇଁ ସେମାନେ ପ୍ରଥମଥର ପାଇଁ ବମ୍ବେ ସହରରେ ନିର୍ବାଚନରେ ହାରିଗଲେ । କାରଣ ମଦ୍ୟ ନିଷେଧରେ ବମ୍ବେର ଜନତା ବହୁତ ଖୁସିଥିଲେ । ମଦ୍ୟ ନିବାରଣରେ ସ୍ତ୍ରୀ ଲୋକମାନେ ବହୁତ ଖୁସିଥିଲେ ଓ ସେମାନେ କଂଗ୍ରେସକୁ ଉତ୍ସାହ ପୂର୍ବକ ସମର୍ଥନ କଲେ । ଏହାର ପ୍ରମାଣ ଇଂରେଜୀ ମିଲ୍ ମାଲିକଙ୍କ ସହିତ କଥାବାର୍ତ୍ତାରୁ ମିଳିଥିଲା । ମଦ୍ୟ ନିଷେଧ ଯୋଗୁଁ ତାଙ୍କ ମଜଦୂରଙ୍କ ଉପରେ କି ପ୍ରଭାବ ପଡିଲା ବୋଲି ପଚାରିବାରୁ ସେମାନେ ମଦ୍ୟ ନିଷେଧ ଯୋଗୁଁ ସେମାନଙ୍କ ରହିବା ଢଙ୍ଗରେ ପଡିଥିବା ଉତ୍ତମ ପ୍ରଭାବ ବିଷୟରେ ମତେ କହିଥିଲେ ।

୧୯୫୧ରେ ବମ୍ବେ ଲୁଗା କଳରେ ଶ୍ରୀ ଜୟପ୍ରକାଶ ନାରାୟଣ ଏବଂ ତାଙ୍କର ଅନୁଗତଙ୍କ ନେତୃତ୍ୱରେ ହରତାଳ ହୋଇଥିଲା । ହରତାଳ ପାଇଁ ଶ୍ରମିକମାନଙ୍କୁ ସେ ପ୍ରୋତ୍ସାହନ ଦେଇଥିଲେ । ଶ୍ରମିକମାନେ ସେ ବର୍ଷ ଚାରିମାସର ବୋନସ ଦାବି କରିଥିଲେ କିନ୍ତୁ ଶ୍ରମ ଅଦାଲତ ଦୁଇମାସର ବୋନସ ଦେବାକୁ କହିଥିଲେ । ଶ୍ରମିକମାନେ ଏଥିରେ ସନ୍ତୁଷ୍ଟ ହେଲେ ନାହିଁ ଏବଂ ସେମାନେ ତିନିମାସର ବୋନସ ଦାବି କରିଥିଲେ । ମିଲ୍

Digitized by srujanika@gmail.com

ମାଲିକମାନେ ସେମାନଙ୍କର ଦାବି ପୂରଣ କରି ନଥିଲେ, ସେଥିପାଇଁ ହରତାଳ ହୋଇଥିଲା । ସେ ସମୟରେ ତୁଳାର ଅଭାବ ଥିଲା ଏବଂ ସେଥିଯୋଗୁ ମିଲ୍ ପୂରା ଭାବରେ ନ ଚଳିବାର ଆଶଙ୍କା ଥିଲା । ମୁଁ ମିଲ୍ ମାଲିକ ପ୍ରତିନିଧିମାନଙ୍କୁ ଡାକି ସେମାନେ ତିନିମାସର ବୋନସ ଦେଇପାରିବା ସ୍ଥିତିରେ ଅଛନ୍ତି କି ନାହିଁ ପଚାରିଲି । ସେମାନେ ନିଜର ଅସମର୍ଥତା ପ୍ରକାଶ କଲେ ଏବଂ ହରତାଳରେ ମୁକାବିଲା କରିବା ପାଇଁ ସରକାରଙ୍କ ସାହାଯ୍ୟ ମାଗିଲେ । ମୁଁ କହିଲି, ''ଆପଣମାନେ ଧୈର୍ଯ୍ୟ ଧରନ୍ତୁ, ଶ୍ରମିକମାନଙ୍କ ଦାବୀ ଯଥାର୍ଥ ଲାଗୁ ନାହିଁ । ଶେଷରେ ହରତାଳ ଭାଙ୍ଗି ସେମାନଙ୍କୁ କାମକୁ ଆସିବାକୁ ପଡିବ ।''

ଏ ହରତାଳ ଦୁଇମାସ ପର୍ଯ୍ୟନ୍ତ ଚାଲିଲା । ଯେତେବେଳେ ହରତାଳ ଦେଢ ମାସର ହୋଇଥିଲା, ସେତେବେଳେ ଶ୍ରମିକମାନଙ୍କ ପ୍ରତିନିଧିମାନେ ଜବାହାରଲାଲଜୀଙ୍କ ସହିତ ସାକ୍ଷାତ କରି ଏଥିରେ ମଧ୍ୟସ୍ଥତା କରିବାକୁ ପ୍ରାର୍ଥନା କରିଥିଲେ । ଇଣ୍ଡିୟାନ୍ ନ୍ୟାସନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ ସେ ସମୟରେ ମଜଦୂରଙ୍କ ମାନ୍ୟତା ପ୍ରାପ୍ତ ସଂଗଠନ ଥିଲା । ସେମାନେ ହରତାଳରେ ଯୋଗଦେଇ ନଥିଲେ । କିନ୍ତୁ ହରତାଳ କରାଉଥିବା ସଂଗଠନର ଡର ଓ ଧମକରେ ତାଙ୍କର ଅନେକ ସଦସ୍ୟ ଇଚ୍ଛା ନଥାଇ, ମଧ୍ୟ ହରତାଳରେ ଯୋଗ ଦେଇଥିଲେ ।

ଏହାପରେ ଜବାହାରଲାଲଜୀ ବମ୍ବେ ଆସିଲେ ଏବଂ ଏ ବିଷୟରେ ମୋ ସହିତ କଥାବାର୍ତ୍ତା କଲେ । ସେ ମତେ ପଚାରିଲେ, ''ଯେତେବେଳେ ସବୁ ମିଲ୍ ଶ୍ରମିକ ହରତାଳରେ ଯୋଗ ଦେଇଛନ୍ତି ସେତେବେଳେ ଯେଉଁ ଶ୍ରମିକ ସଂଗଠନ ଏ ହରତାଳ କରାଉଛନ୍ତି ସେମାନଙ୍କୁ ମାନ୍ୟତା ନଦେଇ ଆପଣ ଇଣ୍ଡିୟାନ୍ ନ୍ୟାସନାଲ ଟ୍ରେଡ୍ ୟୁନିୟନ କଂଗ୍ରେସକୁ ମାନ୍ୟତା ଦେଇଛନ୍ତି; ଏହାକୁ କିପରି ଠିକ କୁହାଯାଇ ପାରିବ ? ଏ ଲୋକମାନଙ୍କ କଥା ଆପଣଙ୍କର ଶୁଣିବା ଉଚିତ ।'' ମୁଁ ସମ୍ପୂର୍ଣ୍ଣ ବାସ୍ତବ ଘଟଣା, ପରିସ୍ଥିତି ଏବଂ ଆଇନ ସ୍ଥିତି ବୁଝାଇବାକୁ ଚେଷ୍ଟା କଲି ଏବଂ କହିଲି, ''ଆପଣ ସବୁ କଥା ବିଚାର କରି ଏହି ନିର୍ଣ୍ଣୟରେ ପହଞ୍ଚିବେ ଯେ ହରତାଳ କରୁଥିବା ଲୋକଙ୍କ କଥା ଠିକ୍ ନୁହେଁ ।'' ଏହାପରେ ମୁଁ ପଚାରିଲି, ''ବିଧାନସଭା ଆଇନ ତିଆରି କରିବା ଉଚିତ ନା ଆପଣ ଭାବୁଛନ୍ତି ହରତାଳ ଆଧାର ଉପରେ ଆଇନ ତିଆରି ହେବା ଉଚିତ ।'' ଏ ପ୍ରଶ୍ନ ଶୁଣି ସେ ଆଶ୍ଚର୍ଯ୍ୟ ହେଲେ । ତା'ପରେ ମୁଁ ସ୍ପଷ୍ଟୀକରଣ ଦେଇ କହିଲି, ''ଆମ ଆଇନ ହିସାବରେ ଯେଉଁ ସଂଗଠନର ସଦସ୍ୟ ସଂଖ୍ୟା ସର୍ବାଧିକ, ସେଇ ସଂଗଠନକୁ ମାନ୍ୟତା ଦିଆଯାଏ । ଯଦି ମାନ୍ୟତା ପାଇବା ପରେ ସେ ସଂଗଠନର ସଦସ୍ୟ ସଂଖ୍ୟା କମ୍ ହୋଇଯାଏ ଏବଂ ଅନ୍ୟ କୌଣସି ସଂଗଠନର ବଢିଯାଏ ତେବେ ପ୍ରଥମ ସଂଗଠନଠାରୁ ମାନ୍ୟତା ପ୍ରତ୍ୟାହାର କରି ଅଧିକ ସଂଖ୍ୟାବାଲା ସଂଗଠନକୁ ମାନ୍ୟତା ଦିଆଯାଏ । ଏହିପରି ଆମ ଆଇନ ଏଠାରେ ବଳବତ୍ତର ଅଛି । କିନ୍ତୁ ଯେଉଁ ଶ୍ରମିକ ସଂଗଠନ ହରତାଳ କରାଇଛନ୍ତି, ତା'ର ସଦସ୍ୟ ସଂଖ୍ୟା ଯଦି ସର୍ବାଧିକ ଥାଏ ତେବେ ସେଥିପାଇଁ କୌଣସି ଅସୁବିଧା ନାହିଁ । ସମ୍ପର୍କିତ ଅଧିକାରୀଙ୍କ ଆଗରେ ସବୁ ପ୍ରମାଣ ରଖି ତାଙ୍କର ବିଶ୍ୱାସ ପ୍ରାପ୍ତ କରିବା ଉଚିତ । ଏପରି କଲେ ନିଶ୍ଚୟ, ତାଙ୍କୁ ମାନ୍ୟତା ମିଳିବ । କିନ୍ତୁ ସେମାନେ ଏପରି କରିବେ ନାହିଁ । ଏଥିରୁ ସ୍ପଷ୍ଟ ହୁଏ ଯେ ତାଙ୍କ ସଂଗଠନର ସଭ୍ୟ ସଂଖ୍ୟା କମ୍ । ଶ୍ରମ ଅଦାଲତ ଯେତିକି ବୋନସ୍ ଦେବାକୁ କହିଛନ୍ତି ତା'ଠାରୁ ଅଧିକ ଦେବାକୁ ସରକାର କିପରି ମଞ୍ଜୁରୀ ଦେବେ ? ଆମେ ଯଦି ମନ ଇଚ୍ଛାରେ ଏପରି ମଞ୍ଜୁର କରିବୁ ତେବେ ଅଦାଲତର କ'ଣ ଆବଶ୍ୟକତା ରହିବ ?''

ଘଣ୍ଟାଏ କାଳ ବାଦ-ବିବାଦ ପରେ ଜବାହାରଲାଲଜୀ ମୋ କଥା ସ୍ୱୀକାର କଲେ ଏବଂ ତଦନୁଯାୟୀ ନିଜର ବକ୍ତବ୍ୟ ପ୍ରକାଶ କଲେ । ହରତାଳ କରୁଥିବା ଶ୍ରମିକଙ୍କୁ ସମର୍ଥନ ମିଳିଲା ନାହିଁ ଏବଂ ତାଙ୍କର ସ୍ଥିତି ଦୁର୍ବଳ ହୋଇଯାଇଥିଲା । ତେଣୁ ଦୁଇମାସ ପରେ ସେମାନେ ନିଜେ ବିନା ସର୍ତ୍ତରେ କାମକୁ ଫେରିଆସିଲେ । ଏ ପ୍ରକାର

Digitized by srujanika@gmail.com

ହରତାଳ କରିବାକୁ ଶ୍ରମିକମାନଙ୍କର କ୍ଷତି ହେଲା କାରଣ ସେମାନେ ଠିକ୍ ରାସ୍ତାରେ ନଥିଲେ । ଗୋଟିଏ ମାସ ଅଧିକ ବୋନସ ପାଇଁ ହରତାଳରେ ଦୁଇମାସର ବେତନ ହରାଇଲେ । ଏହାଥିଲା ତାଙ୍କ ହରତାଳର ପରିଣାମ । ମୋ ଖିଆଲରେ ଏହି କାରଣରୁ ଦଶବର୍ଷ ପର୍ଯ୍ୟନ୍ତ ବୟନ କାରଖାନାରେ ହରତାଳ ହୋଇ ନଥିଲା ।

୧୯୫୨ରେ ବାଲାସାହେବ ମୁଖ୍ୟମନ୍ତ୍ରୀ ପଦରୁ ମୁକ୍ତ ହେବା ପରେ ଆଦିବାସୀଙ୍କ ଉନ୍ନତି ତଥା ଅନ୍ୟ ମଙ୍ଗଳାତ୍ମକ କାମରେ ଲାଗିଗଲେ । କିନ୍ତୁ କିଛି ଦିନ ପରେ ଜବାହାରଲାଲଜୀ ତାଙ୍କୁ ଲଣ୍ଡନରେ ଭାରତର ରାଜଦୂତ ପଦ ପାଇଁ ଅନୁରୋଧ କଲେ । ବାଲାସାହେବ ଏ ସମ୍ବନ୍ଧରେ ମୋ ସହିତ ପରାମର୍ଶ କଲେ । ମୁଁ ଏ ପଦ ସ୍ୱୀକାର କରିବାକୁ ତାଙ୍କୁ ଆଗ୍ରହ କଲି । ମୋର ଦୃଢ଼ ବିଶ୍ୱାସ ଥିଲା ଯେ ସେ ଲଣ୍ଡନ ଗଲେ ସେଠାରେ ଆମ ଦେଶର ପ୍ରତିଷ୍ଠା ବଢ଼ିବ ଏବଂ ଦୁଇ ଦେଶର ସମ୍ବନ୍ଧ ଅଧିକ ଘନିଷ୍ଠ ହେବ । ସେ ଜବାହାରଲାଲଜୀଙ୍କ ଅନୁରୋଧ ସ୍ୱୀକାର କଲେ । ସେଇବର୍ଷ ଜୁନ ମାସରେ ତାଙ୍କ ନିଯୁକ୍ତି ଘୋଷଣା କରିଦିଆଗଲା । ଦ୍ୱିତୀୟ ସପ୍ତାହରେ ସେ ଲଣ୍ଡନ ଗଲେ ଏବଂ ନିଜ ପଦର କାମ ସମ୍ଭାଳିଲେ ।

ଲଣ୍ଡନ ଯିବାବେଳେ ସେ ପ୍ୟାରିସ୍‌ରୁ ମୋ ପାଖକୁ ଚିଠି ଲେଖିଥିଲେ ଏବଂ ଲଣ୍ଡନରେ ପହଞ୍ଚି ମୋ ପାଖକୁ ଚିଠ ଲେଖିବା ଆରମ୍ଭ କରିଦେଲେ । ସେ ଯେତେଦିନ ସେଠାରେ ଥିଲେ ସେତେଦିନ ପତ୍ରର ଆଦାନ ପ୍ରଦାନ ଚାଲିଥିଲା । ସେଠାରେ ତାଙ୍କର ଯେଉଁ ସମସ୍ୟା ହେଲା ଓ ମୋର ଏଠାରେ ଯେଉଁ ସମସ୍ୟା ଆସିଲା ସେଇ ସମ୍ବନ୍ଧରେ ଚିଠି ଆଦାନ ପ୍ରଦାନ ଚାଲିଲା । ଗମ୍ଭୀର ଏବଂ ମହତ୍ତ୍ୱପୂର୍ଣ୍ଣ ବିଷୟରେ ପତ୍ରଦ୍ୱାରା ଚର୍ଚ୍ଚା କରୁଥିଲେ କାରଣ ଆମ ସମ୍ପର୍କ ବହୁତ ଘନିଷ୍ଠ ଥିଲା । ଦଶ ବର୍ଷ ପର୍ଯ୍ୟନ୍ତ ପ୍ରେମ ପୂର୍ବକ ଏକାଠି କାମକରି ଆମେ ଅଲଗା ହୋଇଥିଲୁ ତେଣୁ ତାଙ୍କର ଅଭାବ ମତେ ବହୁତ ଲାଗୁଥିଲା । କିନ୍ତୁ ତା'ର କିଛି ପ୍ରତିକାର ନଥିଲା ।

ବାଲାସାହେବ ଲଣ୍ଡନ ପହଞ୍ଚିବା ପରେ ବରଂ ତା ପୂର୍ବରୁ ନିଜର ବିଶ୍ୱସନୀୟ ଅଧିକାରୀମାନଙ୍କୁ ନିଜ ପାଖରେ ରଖିବାକୁ ଆଗ୍ରହ ପ୍ରକାଶ କଲେ । ତେଣୁ ଶ୍ରୀ ପି.ବି.ଆର. ରାଓ ଓ ଶ୍ରୀ ଏସ୍.ଜି. ଭର୍ଭେଙ୍କୁ ଲଣ୍ଡନ ପଠାଇବାକୁ ମତେ ଲେଖିଲେ । ଶ୍ରୀ ରାଓ ସେ ସମୟରେ ବମ୍ବେରେ ଥିଲେ କିନ୍ତୁ ଶ୍ରୀ ଭର୍ଭେ କେନ୍ଦ୍ରକୁ ଚାଲିଯାଇଥିଲେ । ଶ୍ରୀ ବାଲାସାହେବଙ୍କ କାର୍ଯ୍ୟ ପଦ୍ଧତି ଏପରି ଥିଲା ଯେ ତାଙ୍କର ଯାହା ଉପରେ ବିଶ୍ୱାସ ଥିଲା ସେମାନଙ୍କର ଉପସ୍ଥିତି ତାଙ୍କ ପାଇଁ ଜରୁରୀ ଥିଲା । ସେଥିପାଇଁ ଏ ଦୁଇ ଅଫିସରଙ୍କ ବିଷୟ ଲେଖିଥିଲେ । ଶ୍ରୀ ରାଓ ପ୍ରଥମରୁ ସେଠାକୁ ଯିବାକୁ ମନା କରିଥିଲେ । ମୁଁ ବାଲାସାହେବଙ୍କୁ ଯେତେବେଳେ ଏ ସୂଚନା ଦେଲି ସେ ମତେ ଲେଖିଲେ ଯେ ସେ ମନାକଲେ ନ ଆସନ୍ତୁ କିନ୍ତୁ ଶ୍ରୀ ଭର୍ଭେଙ୍କୁ ନିଶ୍ଚୟ ପଠାଇବାର ବ୍ୟବସ୍ଥା କରନ୍ତୁ । ଶ୍ରୀ ଭର୍ଭେଙ୍କୁ ପଠାଇବାକୁ ଜବାହାରଲାଲଜୀ ପ୍ରସ୍ତୁତ ନଥିଲେ କାରଣ ଫରିଦାବାଦରେ ତାଙ୍କର ଆବଶ୍ୟକତା ଥିଲା । ତେଣୁ ଶ୍ରୀ ରାଓଙ୍କୁ ମୁଁ ପୁଣି ବୁଝାଇଲି । ସେ ଦୁଇତିନି ମାସ ପାଇଁ ଯିବାକୁ ରାଜି ହେଲେ । ଭବିଷ୍ୟତ ପାଇଁ ସେ କହିଲେ, "ସେଠାରେ ଜମିଗଲେ ରହିଯିବି," ଏହିପରି ଭାବରେ ଶ୍ରୀ ରାଓଙ୍କୁ ଲଣ୍ଡନ ପଠାଇ ଦିଆଗଲା ।

ଏଇ ପତ୍ର ଆଦାନ ପ୍ରଦାନ ବେଳେ ମୁଁ ବାଲାସାହେବଙ୍କୁ ଲେଖିଥିଲି ଯେ ଏ ବିଷୟରେ ଜବାହାରଲାଲଜୀଙ୍କୁ ଲେଖିବା ପରେ ମତେ ସେ ସୂଚିତ କଲେ, ମୋ ଦ୍ୱାରା ଯାହା ହେବ ତାହା ନିଶ୍ଚୟ ଅତି ଶୀଘ୍ର କରିବି ଏବଂ ଏଥିରେ ଢିଲା ହେବ ନାହିଁ ବୋଲି ବାଲାସାହେବଙ୍କ ବିଶ୍ୱାସ ଥିଲା ।

ବାଲାସାହେବ ବଡ଼ ସମ୍ବେଦନଶୀଳ ବ୍ୟକ୍ତି ଥିଲେ । ସମ୍ବେଦନଶୀଳତା ତାଙ୍କ ହୃଦୟରେ ଭରି ରହିଥିଲା । ଏଥିଯୋଗୁଁ ଜଣା ପଡୁନଥିଲା ସେ କେଉଁ କଥା ଖରାପ ଭାବିବେ । ତାଙ୍କର ଦୁଇତିନି ଖଣ୍ଡ ପତ୍ର

Digitized by srujanika@gmail.com

ଔପଚାରିକ ଚିଠିପରି ଥିଲା । ସେଥିରୁ ମୋର ଆଶଙ୍କା ହେଲା ଯେ କୌଣସି କଥା ତାଙ୍କୁ ଖରାପ ଲାଗିଛି । ମୁଁ ତାଙ୍କୁ ପଚାରିଲି ଆପଣଙ୍କ ମନରେ କୌଣସି ଆଶଙ୍କା ବା ଭୁଲ ବୁଝାମଣା ହୋଇ ନାହିଁତ ? ତେବେ ଯାଇ ତାଙ୍କ ମନ ଖୋଲିଲା ଏବଂ ମୁଁ ତାଙ୍କୁ ଲେଖିଲି ଯେ ସେ କିଛି ମନରେ ରଖିବା ଉଚିତ ନୁହେଁ । ଏ ଆଶ୍ୱାସନା ମୁଁ ଦେଲି ଯେ ମୋ ମନରେ ତାଙ୍କ ପ୍ରତି କୌଣସି ଦୁର୍ଭାବନା ନାହିଁ ଏବଂ ମୋ ସହିତ ସେ କୌଣସି ସମ୍ବନ୍ଧ ରଖିବାକୁ ଇଚ୍ଛା ନକଲେ, ମୁଁ ତାଙ୍କୁ ସେପରି କରିବାକୁ ଦେବି ନାହିଁ । ସେ ସ୍ୱୀକାର କଲେ ଯେ କିଛି ଭୁଲ ବୁଝାମଣା ହୋଇଯାଇଥିଲା, ଏବଂ ଆଶ୍ୱାସନା ଦେଲେ ଯେ ଭବିଷ୍ୟତରେ ଏପରି ହେବ ନାହିଁ ।

ସେ ଯିବାପରେ ବମ୍ବେର ଶିକ୍ଷାନୀତିରେ ମୁଁ ଅଦଳବଦଳ କରିଥିଲି, ସେଥିପାଇଁ କିଏ ଜଣେ ତାଙ୍କ ପାଖରେ ଅଭିଯୋଗ କରିଥିଲେ । ସେଥିରେ ତାଙ୍କ ମନରେ କିଛି ଭୁଲ ବୁଝାମଣା ହୋଇଥିଲା ବୋଲି ସେ ମୋ ପାଖକୁ ଲେଖିଥିଲେ । ମୁଁ ଲେଖିଥିଲି, ''ନୀତି ବଦଳି ନାହିଁ, ବରଂ ସେଥିରେ ଯାହା କିଛି କମ୍ ଥିଲା, ମୁଁ ତାହା ପୂରଣ କରି ପୂରାମାତ୍ରାରେ କାର୍ଯ୍ୟ କରୁଛି ।'' ମୋର ନିଜର ଦୃଷ୍ଟିକୋଣ ଏ ବିଷୟରେ ଅଲଗା ଥିଲା । ମୋ ବିଚାରରେ ମଣିଷ ଯେଉଁ କାମ କରେ ତାକୁ ଛାଡି ଦେବା ପରେ ତା ପ୍ରତି ଆଉ ମମତା ରଖିବା ଉଚିତ ନୁହେଁ ଏବଂ ସେ ନୀତିରେ ପରିବର୍ତ୍ତନ ହେଲେ ମଧ୍ୟ ଚିନ୍ତା କରିବା ଉଚିତ ନୁହେଁ କାରଣ ତାଙ୍କ ସ୍ଥାନରେ ଯେଉଁ ବ୍ୟକ୍ତି ସେ ପଦରେ କାମ କରନ୍ତି, ନିଜ ଇଚ୍ଛାନୁସାରେ ନୀତି ନିଶ୍ଚିତ କରିବାର ତାଙ୍କର ପୂର୍ଣ୍ଣ ଅଧିକାର ରହିବା ଉଚିତ । ଯେ ଠିକ୍ କଥା ଯେ ଯେତେଦିନ କାମ କରିବାକୁ ହୁଏ, ପୂର୍ଣ୍ଣ ମନଲଗାଇ କାମ କରିବା ଉଚିତ । ମୋ ପରେ ଯେଉଁ ବ୍ୟକ୍ତି ଆସିବେ ସେ ସେଥିରେ କିଛି ଅଦଳବଦଳ କଲେ ସେଥିପାଇଁ ମୁଁ କାହିଁକି ଚିନ୍ତା କରିବି ? ବାଲାସାହେବଙ୍କୁ ଯେପରି ଖରାପ ନଲାଗିବ ସେଇପରି ମୁଁ ତାଙ୍କୁ ସୂଚିତ କଲି ଏବଂ ସେ ମୋ ଦୃଷ୍ଟିକୋଣକୁ ମଧ୍ୟ ମାନି ନେଇଥିଲେ ।

ମଦ୍ୟ ନିଷେଧ ବିଷୟରେ ତାଙ୍କୁ କିଏ ଆପତ୍ତି କରିଥିଲା ଯେ ସେଥିରେ ଆମେ ଢିଲା ଦେଇଛୁ । ଏ ବିଷୟରେ ମୁଁ ତାଙ୍କୁ ଆଶ୍ୱାସନା ଦେଇଥିଲି ଯେ ତାଙ୍କ ଯିବାପରେ ଏ କାମରେ ଶିଥିଳତାର କୌଣସି କାରଣ ନାହିଁ । ମୁଁ ଓଲଟା ଲେଖିଲି, ''ବରଂ ଲଣ୍ଡନ ଯିବାପରେ ଆପଣଙ୍କଠାରେ ଏ ବିଷୟରେ ଶିଥିଳତା ଆସିଯାଇଛି।'' ମୋର ଏପରି ଲେଖିବାର କାରଣ ହେଲା ଯେ ମୁଁ ଶୁଣୁଥିଲି ଯେ ସେଠାରେ ଯେଉଁ ପାର୍ଟି ହୁଏ ସେଥିରେ ଅତିଥି ଚର୍ଚ୍ଚାରେ ସେ ମଦ ବ୍ୟବହାର କରୁଥିଲେ । ପରିସ୍ଥିତି ଅନୁସାରେ କିଛି ଏପଟସେପଟ କରିବାକୁ ପଡିଲେ, କରନ୍ତୁ, ସେଥିରେ କାହାର ଆପତ୍ତି ନାହିଁ । କିନ୍ତୁ ସିଦ୍ଧାନ୍ତ ବିଷୟରେ ଏପଟସେପଟ କରିବାର ସମୟ ଆସିଲେ ସାବଧାନତାର ସହ ଭାବିବା ଦରକାର ବୋଲି ମୁଁ ବିଶ୍ୱାସ କରେ । ଏଇପରି ମୁଁ ଲେଖିଥିଲି ମଧ୍ୟ । ଏଇପରି ଅନେକ ବିଷୟରେ ଅନେକ ପତ୍ରାଳାପ ହୋଇଛି । ଏହା ଯେ ଆମପାଇଁ କେବଳ ବିଶେଷ ଉପଯୋଗୀ ହେଲା ତାହା ନୁହେଁ, ବରଂ ଆମ ସମ୍ବନ୍ଧ ଅଧିକ ଘନିଷ୍ଠ ଓ ପ୍ରେମପୂର୍ଣ୍ଣ ହୋଇଉଠିଲା ।

ମୋ ପୁଅ କାନ୍ତିର ନିର୍ବନ୍ଧ ଖବର ଯେତେବେଳେ ମୁଁ ଦେଲି ସେ ବହୁତ ଖୁସି ହୋଇଥିଲେ । ମୁଁ ଯେଉଁ ସମ୍ବନ୍ଧ କଲି ତାହା ଆନ୍ତଃପ୍ରାଦେଶିକ ଥିଲା । ସେଥିରେ ସେ ବିଶେଷ କରି ପ୍ରସନ୍ନ ହେଲେ । ନିର୍ବନ୍ଧ ଗୋଟିଏ ମହାରାଷ୍ଟ୍ରୀୟ କନ୍ୟା ସହିତ ହୋଇଥିଲା । ସେ ପରିବାରକୁ ବାଲାସାହେବ ଏବଂ ତାଙ୍କ ପତ୍ନୀ ଭଲ କରି ଜାଣିଥିଲେ । ସେଇଥିପାଇଁ ଏ ସମ୍ବନ୍ଧରେ ବହୁତ ଖୁସି ହେଲେ, ବାଲାସାହେବଙ୍କୁ ମୁଁ ଜଣାଇଥିଲି ଯେ ଯେଉଁ କନ୍ୟା ସହିତ ନିର୍ବନ୍ଧ ହେଲା, ସେ ସୌଭାଗ୍ୟବତୀ ପଦ୍ମା, ଆମଘରେ କିଛିଦିନ ରହିଥିଲେ ଓ ମୁଁ ତାଙ୍କୁ ଗୁଜରାଟୀ ଶିଖାଇଥିଲି । ବାଲାସାହେବଙ୍କୁ ବଡ ଆଶ୍ଚର୍ଯ୍ୟ ଲାଗିଲା କାରଣ ଗୁଜରାଟୀ ଶିଖାଇବାକୁ ମୁଁ ସମୟ କିପରି ପାଇଲି । କିନ୍ତୁ ମୁଁ ଜାଣେ ମଣିଷ କୌଣସି କାମ କରିବାକୁ ଇଚ୍ଛା କଲେ ସେ ସବୁ ଅବସ୍ଥାରେ ସେ କାମ

Digitized by srujanika@gmail.com

ପାଇଁ ସମୟ ବାହାର କରିପାରିବ । ସମୟର ବାହାନା କରାଯାଏ ଯେଉଁଠାରେ କାମ କରିବାକୁ ଇଚ୍ଛା ନଥାଏ । ଅନୁଭବରୁ ମଧ୍ୟ ମୋର ଏ ଧାରଣା ଦୃଢ ହୋଇଛି ।

୧୯୫୩ରେ ହିଲ୍ଲାରୀ ଏବଂ ତେନସିଂହ ଏଭରେଷ୍ଟ ଉପରେ ଚଢିବାରେ ସଫଳତା ହାସଲ କରିଥିଲେ । ଏହି ବର୍ଷ ମୁଁ ଯେଉଁ ବୟନ ଉପଦେଶ କମିଟିର ଅଧ୍ୟକ୍ଷ ଥିଲି, ସେହି କମିଟିର ସୁପାରିଶରେ ଲୁଗା ଉପରୁ ନିୟନ୍ତ୍ରଣ ଉଠାଇ ଦିଆଯାଇଥିଲା ।

ଏହି ବର୍ଷ କାଶ୍ମୀରରେ ଗୋଟିଏ ମହତ୍ୱପୂର୍ଣ୍ଣ ଘଟଣା ଘଟିଲା । ଶେଖ୍ ଅବ୍ଦୁଲ୍ଲା ପ୍ରଥମେ କାଶ୍ମୀରର ପ୍ରଧାନମନ୍ତ୍ରୀ ଥିଲେ ଏବଂ ୧୯୪୮ରେ ଯେତେବେଳେ କାଶ୍ମୀର ଭାରତରେ ମିଶିଲା ସେତେବେଳେ ସେ କାଶ୍ମୀର ନ୍ୟାସନାଲ କନ୍‌ଫରେନ୍ସର ଅଧ୍ୟକ୍ଷ ଏବଂ କାଶ୍ମୀରର ନେତା ହିସାବରେ କାଶ୍ମୀରକୁ ଭାରତରେ ମିଶାଇବାକୁ ଜବାହାରଲାଲଜୀଙ୍କୁ ଆଗ୍ରହ କରିଥିଲେ, ସେ ସମୟରେ ସେ ମାନୁଥିଲେ ଯେ କାଶ୍ମୀର ସ୍ୱତନ୍ତ୍ର ହୋଇ ରହିପାରିବ ନାହିଁ; ଏବଂ ସ୍ୱତନ୍ତ୍ର ଥିବାବେଳେ, ସେଇ କାରଣରୁ ହିଁ, ପାକିସ୍ତାନ ଆକ୍ରମଣର ଶିକାର ହୋଇଥିଲା । ନିଜର ଏହି ଭାବନା ଯୋଗୁ ହିଁ ଶେଖ ସାହେବ ଭାରତରେ କାଶ୍ମୀର ମିଶ୍ରଣରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିଥିଲେ । ଏହାପରେ କାଶ୍ମୀରରେ ସମ୍ବିଧାନ-ପ୍ରଣୟନ-ସଭା ନିର୍ବାଚନର ଆୟୋଜନ କରିଥିଲେ ଓ ସେ ଘୋଷଣା କରିଥିଲେ ଯେ ଭାରତରେ କାଶ୍ମୀରର ମିଶ୍ରଣ ସ୍ଥାୟୀରୂପେ କରାଯାଇଛି ଏବଂ ଏହାକୁ ଆଉ ବଦଳି କରାଯାଇ ପାରିବ ନାହିଁ ।

କିନ୍ତୁ ୧୯୫୨ ଶେଷ ଭାଗରେ ବା ୧୯୫୩ ପ୍ରାରମ୍ଭରେ ଶେଖ୍‌ସାହେବଙ୍କ ଭାବନାରେ କିଛି ପରିବର୍ତ୍ତନ ଆସିଲା ଏବଂ ସେ କାଶ୍ମୀରର ସ୍ୱତନ୍ତ୍ରତା ବିଷୟ ସମ୍ମୁଖରେ ରଖିଥିଲେ । ଏଥିରେ ତାଙ୍କ ସାଥିମାନଙ୍କର ତାଙ୍କ ସହିତ ମତଭେଦ ହେଲା । ଜବାହାରଲାଲଜୀ ଶେଖ୍‌ସାହେବଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କଲେ କିନ୍ତୁ ସେ ମାନିଲେ ନାହିଁ ଓ ନିଜ ଜିଦ୍‌ରେ ଅଟଳ ରହିଲେ । କାଶ୍ମୀରରେ ଯେଉଁ ଭାରତୀୟ ସେନା ଥିଲେ ସେମାନଙ୍କୁ ତାଙ୍କ ଦାବି ଅନୁସାରେ ରଖାଯାଇଥିଲା । କିନ୍ତୁ ସେ ତା'ର ବି ବିରୋଧ କରିବାକୁ ଲାଗିଲେ । ଏଥିରୁ ପାକିସ୍ତାନକୁ ପ୍ରୋତ୍ସାହନ ମିଳିଲା ଏବଂ ପରିସ୍ଥିତି ବଡ଼ ଗମ୍ଭୀର ହୋଇଗଲା । ତେଣୁ କେନ୍ଦ୍ର ସରକାରଙ୍କୁ ଶେଖ୍‌ସାହେବଙ୍କୁ ଅପଦସ୍ଥ କରି ଜେଲ୍‌ରେ ରଖିବା ଆବଶ୍ୟକତା ପଡିଲା ଏବଂ ତାଙ୍କ ସ୍ଥାନରେ ବକ୍ସି ଗୋଲାମ ମହମ୍ମଦ କାଶ୍ମୀରର ପ୍ରଧାନମନ୍ତ୍ରୀ ହେଲେ । ଶେଖ୍‌ସାହେବ ଯେଉଁ ଗମ୍ଭୀର ପରିସ୍ଥିତି ଭିଆଇଥିଲେ ବକ୍ସି ସାହେବ କୁଶଳତା ପୂର୍ବକ ତା'ର ସମ୍ମୁଖୀନ ହୋଇ ପୁଣି ଶାନ୍ତି ସ୍ଥାପନା କଲେ ।

କାଶ୍ମୀର ପ୍ରଶ୍ନକୁ ଏଇପରି ଶେଖ୍‌ସାହେବ ବିବାଦାସ୍ପଦ କରି ଦେଉଥିଲେ ଯେଉଁଥିରୁ ପାକିସ୍ତାନର ଦାବୀକୁ ଆହୁରି ବଳ ମିଳିଲା । କାଶ୍ମୀରରେ ଜନମତ ସଂଗ୍ରହ ପାଇଁ ମଧ୍ୟ ଶେଖ୍‌ସାହେବ ଜୋର ଦେଲେ ଏବଂ କାଶ୍ମୀର ଜନତା ମଧ୍ୟରେ ଖୁବ୍ ଜୋରରେ ପ୍ରଚାର କରିବାରେ ଲାଗିଥିଲେ । ମୌଲାନା ଅବୁଲ କାଲାମ ଆଜାଦ ମଧ୍ୟ ତାଙ୍କୁ ବୁଝାଇବାକୁ ବହୁତ ପ୍ରଯତ୍ନ କରିଥିଲେ । କିନ୍ତୁ ତାଙ୍କ କଥା ମଧ୍ୟ ଶେଖ୍‌ସାହେବ ମାନିଲେ ନାହିଁ । କେବଳ ଏତିକି ନୁହେଁ, ତାଙ୍କ ସହିତ ମର୍ଯ୍ୟାଦାର ସହିତ ବ୍ୟବହାର କରି ନଥିଲେ । କାଶ୍ମୀରର ଇତିହାସ ଯାହା, ଏବଂ ବିଶେଷ କରି କି ପ୍ରକାର କାଶ୍ମୀର ଭାରତ ସହିତ ମିଶିଲା, ଏସବୁ ପୂରାଭାବେ ଧ୍ୟାନରେ ରଖିଲେ, କାଶ୍ମୀରରେ ଜନମତ ସଂଗ୍ରହ ବା କାଶ୍ମୀରକୁ ଭାରତରୁ ଅଲଗା କରିବା କଥା କହିବା କେତେ ଭୁଲ ଏବଂ ହାନିକାରକ ତାହା ଯେ କୌଣସି ସାଧାରଣ ବ୍ୟକ୍ତି ବି ବୁଝିପାରିବେ ।

୧୯୫୩ରେ ଆମେରିକାର ପର ରାଷ୍ଟ୍ର ସଚିବ ଶ୍ରୀ ଜନ ଫଷ୍ଟର ଡଲେସ ଜବାହାରଲାଲଜୀଙ୍କ ସହିତ ସାକ୍ଷାତ କରିବାକୁ ନୂଆଦିଲ୍ଲୀ ଆସିଥିଲେ । ସେ ସମୟରେ ଭାରତ ଓ ଆମେରିକା ମଧ୍ୟରେ କିଛି

Digitized by srujanika@gmail.com

ମତଭେଦ ଥିଲା ଯାହାର ସମାଧାନ କରିବାକୁ ସେ ଜବାହାରଲାଲଜୀଙ୍କୁ ସାକ୍ଷାତ କରିବାକୁ ଆସିଥିଲେ । ସେ ଜବାହାରଲାଲଜୀଙ୍କ ସହିତ କିଛି କଥାବାର୍ତ୍ତା କରିବା ପରେ ତାଙ୍କୁ ଏପରି ଲାଗିଲା ଯେ ଜବାହାରଲାଲଜୀ ଅନ୍ୟମନସ୍କ ହେଲେଣି ଏବଂ କଥାବାର୍ତ୍ତାରେ ତାଙ୍କର ଆନ୍ତରିକତା ନାହିଁ । ଡଲେସଙ୍କୁ ଜବାହାରଲାଲଜୀଙ୍କ ଏପରି ବ୍ୟବହାର ଅପମାନଜନକ ଲାଗିଲା ଏବଂ ସେ କଥାବାର୍ତ୍ତା ଶେଷ କରି ଚାଲିଗଲେ । ଏହାର କିଛି ସମୟ ପରେ ହିଁ ସେ ପାକିସ୍ତାନ ସହିତ ସନ୍ଧି କଲେ ଯେଉଁଥିରେ ପାକିସ୍ତାନଙ୍କୁ ଅସ୍ତ୍ରଶସ୍ତ୍ର ସହ ସୈନିକ ସହାୟତା ଦେବାର ବ୍ୟବସ୍ଥା କରାଯାଇଥିଲା । ଜବାହାରଲାଲଜୀ ଏହାର ବଡ଼ ବିରୋଧ କଲେ । କିନ୍ତୁ ସନ୍ଧି ହୋଇଯିବା ପରେ ବିରୋଧ ବ୍ୟର୍ଥରେ ପରିଣତ ହେଲା ଏବଂ ସ୍ଥିତିକୁ ବଦଳାଯାଇ ପାରିଲା ନାହିଁ । ୧୯୫୪ରେ ମୁଁ ଯେତେବେଳେ ପ୍ରଥମଥର ୱାଶିଂଟନ ଯାଇଥିଲି, ମତେ ସବୁ କଥା ଜଣାପଡିଲା । ସେ ସମୟରେ ଡଲେସ୍‌ଙ୍କ ସହିତ ମୁଁ ସାକ୍ଷାତ କରିଥିଲି ଏବଂ ପରୋକ୍ଷ ଭାବେ ତାଙ୍କଠାରୁ ଏ ଘଟଣା ଜାଣିପାରିଲି । ସେ ସମୟରେ ମତେ ଏପରି ଲାଗିଲା ଯେ ଜବାହାରଲାଲଜୀ ଡଲେସ୍‌ଙ୍କ ସହିତ ଠିକ୍ ଭାବରେ କଥାବାର୍ତ୍ତା କରିଥିଲେ ସ୍ଥିତି ଅଲଗା ହୋଇଥାନ୍ତା ଏବଂ ଏହାର ଅନିଷ୍ଟ ପରିଣାମରୁ ଆମେ ବଞ୍ଚିଯାଇଥାନ୍ତେ ।

୧୯୫୩ରେ ଡା. ହୋମି ଭାଭା ଘୋଷଣା କରିଥିଲେ ଯେ ତିନିବର୍ଷ ଭିତରେ ସେ ଅଣୁଶକ୍ତି -- ଆଟମିକ ଏନର୍ଜୀ ପ୍ରସ୍ତୁତ କରିପାରିବେ । ଏଥିରୁ ଅଣୁ ଶକ୍ତିରେ ଆମେ କେତେ ଆଗେଇଥିଲୁ ବୁଝାଯାଇ ପାରେ । ଅଣୁ ଶକ୍ତିର ଏ ପ୍ରଗତିରେ ଡ. ଭାଭା ବଡ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ଡ. ଭାଭା ନଥିଲେ, ଏକାମ ବର୍ଷ ବର୍ଷ ପର୍ଯ୍ୟନ୍ତ ହୋଇପାରି ନଥାଆନ୍ତା -- ଏହା କହିବା ଅତିଶୟୋକ୍ତି ପୂର୍ଣ୍ଣ ହେବ ନାହିଁ । ଡ. ଭାଭା ପ୍ରସିଦ୍ଧ ବୈଜ୍ଞାନିକ ଥିଲେ ସେଇପରି କଳାପ୍ରେମୀ ଏବଂ ଦେଶ ଭକ୍ତ ମଧ୍ୟ ଥିଲେ । ସେଥିପାଇଁ ବିଜ୍ଞାନ କ୍ଷେତ୍ରରେ ଦେଶକୁ ଆଗକୁ ବଢ଼ାଇବାକୁ ଅଦମ୍ୟ ପରିଶ୍ରମ କରୁଥିଲେ । ସେ ବିଜ୍ଞାନ କ୍ଷେତ୍ରରେ ଅଦ୍ଭୁତ ପ୍ରଗତି ସାଧନ କରିଥିଲେ । ୧୯୬୬ ଆରମ୍ଭରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁରେ ଦେଶର ଅପୂରଣୀୟ କ୍ଷତି ଘଟିଲା । ମୋର ତାଙ୍କ ସହିତ ଘନିଷ୍ଠ ପରିଚୟ ଥିଲା, ଯେଉଁଥିରୁ ମୁଁ ଜାଣିଥିଲି ଭାରତ ପାଇଁ ତାଙ୍କ ମନରେ କିପରି ତମନ୍ନା ଥିଲା । ତାଙ୍କରି ପ୍ରଯତ୍ନ ଯୋଗୁ ହିଁ ଏବେ ଆମେ ତାରାପୁର ଅଣୁଶକ୍ତିରୁ ବିଦ୍ୟୁତ ଉତ୍ପାଦନ କରିପାରିଛୁ ଏବଂ ଦୁଇ ତିନି ଅନ୍ୟ ସ୍ଥାନରେ ଶୀଘ୍ର ଏପରି ହେବାର ସମ୍ଭାବନା ଅଛି ।

ଏହିବର୍ଷ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ସଂଯୁକ୍ତ ମହାସଂଘର ମହାସଭାକୁ ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲେ । ତାଙ୍କର ଏ ସଫଳତାରେ ବିଶ୍ୱ ଦରବାରେ ଭାରତର ମହତ୍ୱର ଯେତିକି ଭୂମିକା ଥିଲା ସେତିକି ଅବଦାନ ତାଙ୍କ ବ୍ୟକ୍ତିତ୍ୱର ଥିଲା । ଏଥିରେ ସନ୍ଦେହ ନାହିଁ ଯେ ଏଇ ପଦର କାର୍ଯ୍ୟ ସେ ବଡ କୁଶଳତାର ସହିତ ସମ୍ପନ୍ନ କରିଥିଲେ ଏବଂ ଦେଶର ଗୌରବ ବୃଦ୍ଧିରେ ସେ ମହତ୍ୱପୂର୍ଣ୍ଣ ଯୋଗଦାନ କରିଥିଲେ ।

୧୯୫୧-୫୨ରେ କୌଣସି ଏକ ସଭା ସମ୍ବନ୍ଧରେ ମୁଁ ଦିଲ୍ଲୀ ଯାଇଥିବାବେଳେ ଜବାହାରଲାଲଜୀ ତାଙ୍କ ସହିତ ରହିବାକୁ ଦୁଇ ତିନିଥର ଆଗ୍ରହ କରିଥିଲେ । ଏମିତି ମୁଁ ଯେବେ ଦିଲ୍ଲୀ ଯାଉଥିଲି, ୪, ଫିରୋଜସାହ ରୋଡରେ କାନଜୀଭାଇଙ୍କ ପାଖରେ ରହୁଥିଲି କାରଣ ୧୯୩୦ରେ ମୁଁ ତାଙ୍କର ସେଇଠି ରହୁଥିଲି ଏବଂ ସେଇଦିନୁ ତାଙ୍କର ସେଇଠି ରହିଆସୁଥିଲି ।

ଥରେ ଜବାହାରଲାଲଜୀ ଜୋର ଦେଇ ମତେ କହିଲେ କାନଜୀଭାଇଙ୍କ ସ୍ଥାନରୁ ନିଜ ଜିନିଷପତ୍ର ମଗାଇ ଦିଅ । ମୁଁ ତାଙ୍କୁ କହିଲି, ''ମୋର ଓ କାନଜୀଭାଇଙ୍କ ମଧ୍ୟରେ ସମ୍ପର୍କ ଏପରି ଯେ ମୁଁ ଆଉ କେଉଁଠି ରହିପାରିବି ନାହିଁ । ଏଣୁ ଆପଣଙ୍କ ଇଚ୍ଛାନୁସାରେ ମୁଁ ଆପଣଙ୍କର ଏଠାରେ ରହିପାରିବି ନାହିଁ । ଏଥିପାଇଁ ମୁଁ ଆପଣଙ୍କଠାରୁ କ୍ଷମା ଚାହୁଁଛି ।''

Digitized by srujanika@gmail.com

ନିଜ ଜୀବନରେ ଏପରି ନିୟମ ମୁଁ ତିଆରି କରିଛି ଯେ ମୁଁ ଯୁଆଡେ ଯାଏ, ସେଠାରେ କୌଣସି ବିଶେଷ କାରଣ ଛଡା ଯେଉଁ ଜାଗାରେ ସବୁବେଳେ ରୁହେ, ସେଠାରେ ରୁହେ, ଏବଂ ଅନ୍ୟ କୌଣସି ଜାଗାରେ ରହିବା ବିଚାର କରେ ନାହିଁ । ଏଥିପାଇଁ ଜବାହାରଲାଲଜୀଙ୍କୁ ସେଠାରେ ରହିବାକୁ ମନା କରିଥିଲି । ତାଙ୍କର ସେଠାରେ ନ ରହିବାର ଦ୍ୱିତୀୟ କାରଣ ହେଲା ସେଠାରେ ରହିଲେ ମତେ ସାକ୍ଷାତ କରିବାକୁ ଆସୁଥିବା ଲୋକମାନଙ୍କୁ ସେଠାର ସୁରକ୍ଷା ବ୍ୟବସ୍ଥା ଯୋଗୁ ଅସୁବିଧା ହୋଇପାରେ ।

ଜବାହାରଲାଲଜୀଙ୍କ ସେଠାରେ ରହିବାକୁ କହିବାର ଏକମାତ୍ର ଉଦ୍ଦେଶ୍ୟ ତାଙ୍କର ଥିଲା ଯେ ସେ ଯେତେବେଳେ ଇଛା କରିବେ ମୋ ସହିତ କଥାବାର୍ତ୍ତା କରିପାରିବେ ଏବଂ ସେଇପରି ମୁଁ ବି ଯେତେବେଳେ ଇଛା ତାଙ୍କ ସହିତ କଥାବାର୍ତ୍ତା କରିପାରିବି । ଏ ସୁବ୍ୟବସ୍ଥା ଥିଲେ ମଧ୍ୟ, ଉପର କାରଣ ଯୋଗୁଁ ମୁଁ ଏହାର ଲାଭ ଉଠାଇ ପାରିଲି ନାହିଁ ।

(୩) ଶିକ୍ଷାର ମାଧ୍ୟମ

୧୯୫୩-୫୪ ମଧ୍ୟ ଭାଗରେ ଶିକ୍ଷା କ୍ଷେତ୍ରରେ ନୂତନ ପଦକ୍ଷେପ ନେଇଥିଲି । ପ୍ରାଥମିକ ସ୍କୁଲର ପ୍ରଶାସନ ସ୍କୁଲ ବୋର୍ଡକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେବାକୁ ମୁଁ ସ୍ଥିର କଲି କାରଣ ସେ ସମୟରେ, ରାଜ୍ୟ ଓ ସ୍କୁଲ ବୋର୍ଡ ଯେଉଁ ଦୁଇଟି ଅନୁଷ୍ଠାନର ବନ୍ଦୋବସ୍ତ ଥିଲା, ମତେ ତାହା ସନ୍ତୋଷଜନକ ଲାଗୁ ନଥିଲା ଏବଂ ମୁଁ ଦେଖିଲି ଯେ ସ୍କୁଲର ପ୍ରଗତି ଠିକ୍ ଭାବରେ ହେଉନାହିଁ । ତେଣୁ ଗମ୍ଭୀରତା ସହ ବିଚାର କରି ମୁଁ ନୂଆ ବ୍ୟବସ୍ଥା ପରିବର୍ତ୍ତନ କଲି ।

ବାଲାସାହେବ ଏ ଦ୍ୱିବିଧ ବନ୍ଦୋବସ୍ତ ପ୍ରଥମେ ପ୍ରଚଳନ କରିବା ବେଳେ ମୁଁ ତାଙ୍କ ସହିତ କଥାବାର୍ତ୍ତା କରିଥିଲି । କିନ୍ତୁ ସେ ସମୟରେ ସେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ବି ଥିଲେ । ତେଣୁ ତାଙ୍କ ବିଚାରକୁ ମୁଁ ମାନି ନେଇଥିଲି । କିନ୍ତୁ ପରେ ଯେଉଁ ଅଭିଜ୍ଞତା ହେଲା, ତଦ୍ୱାରା ୧୯୫୩ରେ ମୁଁ ଏହି ନିର୍ଣ୍ଣୟରେ ପହଞ୍ଚିଲି ଯେ ସ୍କୁଲ ପ୍ରଶାସନ ପୂରା ଭାବରେ ସ୍କୁଲ ବୋର୍ଡକୁ ଦିଆଯିବା ଉଚିତ ଏବଂ ତଦନୁଯାୟୀ ମୁଁ ସ୍କୁଲ ବ୍ୟବସ୍ଥାରେ ପରିବର୍ତ୍ତନ କଲି । ଲଣ୍ଡନରେ ବାଲାସାହେବଙ୍କୁ ପତ୍ର ଦ୍ୱାରା ମୁଁ ଏ ସବୁ ବିଷୟ ଜଣାଇଦେଲି, କାରଣ ନିଜନୀତିରେ କୌଣସି ପରିବର୍ତ୍ତନ ତାଙ୍କୁ ଭଲ ଲାଗୁ ନଥିଲା । ତାଙ୍କୁ ଏକଥା ବି ଭଲ ଲାଗିଲା ନାହିଁ, କିନ୍ତୁ ସେ ସ୍ୱୀକାର କରିଥିଲେ ଯେ କୌଣସି ବ୍ୟବସ୍ଥା ସବୁଦିନ ପାଇଁ ଅଟଳ ହୋଇ ରହିନପାରେ ଏବଂ ସରକାରଙ୍କୁ ଆବଶ୍ୟକାନୁଯାୟୀ ପରିବର୍ତ୍ତନ କରିବା ଉଚିତ ।

ଏହାଛଡା ଶିକ୍ଷାର ମାଧ୍ୟମ ପ୍ରଶ୍ନ ମଧ୍ୟ ସେ ସମୟରେ ମହତ୍ୱପୂର୍ଣ୍ଣ ହୋଇଯାଇ ଥିଲା । ମୁଁ ଆଦେଶ ଦେଇଥିଲି ଯେ ରାଜ୍ୟରେ ପ୍ରାଦେଶିକ ଭାଷା ଉପରେ ବିଶେଷ ଧ୍ୟାନ ଦିଆଯାଉ ଏବଂ ଇଂଲିଶକୁ ପ୍ରାଦେଶିକ ଭାଷାଠାରୁ ଅଧିକ ମହତ୍ୱ ଦିଆନଯାଉ । ଇଂଲିଶ ଭାଷାର ପ୍ରଶ୍ନ ଆମ ଦେଶରେ ବହୁତ ବିବାଦାସ୍ପଦ ହୋଇଯାଇଥିଲା । ଇଂଲିଶର ପ୍ରଭୁତ୍ୱ ରହିବା ଉଚିତ ନୁହେଁ ଏପରି କହିବା ଲୋକମାନଙ୍କ ବିରୁଦ୍ଧରେ କେତେକ ଲୋକ ଆରୋପ କରୁଥିଲେ ଯେ ସେମାନେ ଇଂରେଜୀ-ବିରୋଧି ଅଟନ୍ତି । କିନ୍ତୁ ଏକଥା ଠିକ୍ ନୁହେଁ । ପ୍ରଶ୍ନ ଗୋଟିଏ -- ଭାରତୀୟ ଭାଷାମାନଙ୍କର ପ୍ରଗତି ହେବା ଉଚିତ ନା ନାହିଁ । ଭାରତର ସଂସ୍କୃତି ଓ ସାହିତ୍ୟ ଭାରତୀୟ

Digitized by srujanika@gmail.com

ଭାଷାରେ ଅଛି, ଇଂଲିଶ୍ ଭାଷାରେ ନାହିଁ । କିଛି ଆଂଗ୍ଲୋ ଇଣ୍ଡିଆନମାନଙ୍କୁ ଛାଡି ସବୁ ଭାରତୀୟମାନଙ୍କର ମାତୃଭାଷା କୌଣସି ନା କୌଣସି ଭାରତୀୟ ଭାଷା ଅଟେ । ଅଧିକାଂଶ ବିଶେଷଜ୍ଞଙ୍କ ମତ ଯେ ଶିକ୍ଷା ମାତୃଭାଷାରେ ଦିଆଯିବା ଉଚିତ କାରଣ ପିଲାମାନେ ଏଥରୁ ଭଲ ଭାବରେ ଶିକ୍ଷା ପାଇ ଉତ୍ତମ ନାଗରିକ ହୋଇପାରିବେ । ବିଦେଶୀ ଭାଷା ମାଧ୍ୟମରେ ଶିକ୍ଷା ପ୍ରାପ୍ତ କଲେ ପିଲାମାନଙ୍କର ଅଧିକାଂଶ ଶକ୍ତି ସେଇଭାଷା ଶିଖିବାରେ ଖର୍ଚ୍ଚ ହୋଇଯାଏ ଏବଂ କୌଣସି ବିଷୟ ବୁଝିବା ପାଇଁ ଏହା ପ୍ରତିବନ୍ଧକ ସୃଷ୍ଟି କରେ । ମାତୃଭାଷାରେ ଶିକ୍ଷା ଦିଆଗଲେ ପିଲାମାନଙ୍କର ବିକାଶ ସହଜରେ ହୋଇପାରିବ ଏବଂ ସେମାନେ ଯେ କୌଣସି ବିଷୟରେ ସହଜରେ ପାରଙ୍ଗମ ହୋଇପାରିବେ ।

ଆମ ଦେଶରେ ବୁଦ୍ଧିର ଅଭାବ ନାହିଁ । କୌଣସି ଅନ୍ୟ ଦେଶ ତୁଳନାରେ ଏହା ଅଧିକ ହେବ; କମ୍ କୌଣସି ପ୍ରକାରେ ହେବ ନାହିଁ । କିନ୍ତୁ ଏହା ସତ ଯେ ଏ ଦେଶର ଜନସଂଖ୍ୟା ତୁଳନାରେ ଯେତେ ବିଶେଷଜ୍ଞ ହେବା ଉଚିତ ସେତେ ନାହାନ୍ତି । ଏହାର କାରଣ ହେଲା ଆମ ଦେଶରେ ବିଦେଶୀ ମାଧ୍ୟମରେ ଶିକ୍ଷା ଦିଆଯାଉଛି; ଅନ୍ୟ କିଛି କାରଣ ନାହିଁ । ମାତୃଭାଷାରେ ଶିକ୍ଷା ଦିଆଗଲେ ଏହି ଜନସଂଖ୍ୟା ଅନୁପାତରେ କୌଣସି ଦେଶରୁ କମ୍ ବିଶେଷଜ୍ଞ ଏଠାରେ ରହିବେ ନାହିଁ । କେବଳ ଏତିକି ନୁହେଁ ବରଂ ବିଶେଷଜ୍ଞଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରିବ । ଏପରି ସ୍ଥିତି ଆମେ ଉତ୍ପନ୍ନ କରିନପାରିଲେ ଏ ଦେଶର ପ୍ରଗତି ଯେତିକି ଓ ଯେପରି ହେବା କଥା ତାହା ହୋଇପାରିବ ନାହିଁ । ତେଣୁ ଏଥିରେ ସନ୍ଦେହ ନାହିଁ ଯେ ଦେଶରେ ଆରମ୍ଭରୁ ଶେଷଯାଏ ମାତୃଭାଷାରେ ହିଁ ଶିକ୍ଷା ଦେବା ଉଚିତ ଏବଂ ସେଥିପାଇଁ ଆମକୁ ସବୁ ଆବଶ୍ୟକୀୟ ବ୍ୟବସ୍ଥା କରିବା ଉଚିତ । ଏଥିରେ ଇଂଲିଶ୍ ଭାଷାର ବିରୁଦ୍ଧ କରିବା ପ୍ରଶ୍ନ ନାହିଁ । ଏତିକି କହିବାର କଥା ଯେ ତାକୁ ଭାରତୀୟ ଭାଷାମାନଙ୍କ ଅପେକ୍ଷା ଅଧିକ ମହତ୍ୱ ଦେବା ଅନୁଚିତ ଏବଂ ଶିକ୍ଷାରେ ତାର ପ୍ରଭୁତ୍ୱ ନ ରଖି ଭାରତୀୟ ଭାଷାର ପ୍ରଭୁତ୍ୱ ରଖିବା ଉଚିତ ।

ଭାରତର ଅଧିକାଂଶ ସ୍ଥାନରେ ସ୍ୱତନ୍ତ୍ରତା ପୂର୍ବରୁ ଲୋକମାନେ ହିନ୍ଦୀକୁ ରାଷ୍ଟ୍ରଭାଷା ସ୍ୱୀକାର କରି ନେଇଥିଲେ । କିନ୍ତୁ ଦେଶ ସ୍ୱତନ୍ତ୍ର ହେବା ପରେ ଦ୍ୱିତୀୟ ସ୍ୱର ବାହାରିଲା । ଆମ ଦେଶରେ ଷୋହଳ ମୁଖ୍ୟ ଭାଷା ଅଛି । ଏସବୁ ଭାଷା ଲୋକମାନେ ଶିଖିପାରିବେ ନାହିଁ । ତେଣୁ ଗୋଟିଏ ସାଧାରଣ ଭାଷାର ଆବଶ୍ୟକତା ଅଛି । ଏହା ଆଲୋକ ଭଳି ସ୍ପଷ୍ଟ ଯେ ଏ ଭାଷା ଇଂଲିଶ ହୋଇ ନପାରେ । ଦୁଇଶହ ବର୍ଷ ପର୍ଯ୍ୟନ୍ତ ଏଠାରେ ଇଂରେଜୀ ଶାସନ ରହିଲା । ଦେଶର ସବୁ ଭାଷାକୁ ଗୌଣ କରି ସେମାନେ ଇଂଲିଶକୁ ମହତ୍ୱ ଦେଲେ । ଏତେକରି ମଧ୍ୟ ଜନତାର ଏକ-ଦୁଇ ପ୍ରତିଶତରୁ ଅଧିକ ଲୋକ ଇଂରେଜୀରେ ଲେଖା ପଢାକରିପାରନ୍ତି ନାହିଁ । ଏପରି ସମ୍ପୂର୍ଣ୍ଣ ପ୍ରୋତ୍ସାହନ ସତ୍ତ୍ୱେ ଯଦି ଏଇ ଦଶା ହୁଏ ତେବେ ଇଂଲିଶ ଏ ଦେଶର ସାଧାରଣ ଭାଷା କିପରି ହୋଇପାରିବ ? ଭାରତର ଅନ୍ୟ ଭାଷା ଅପେକ୍ଷା ହିନ୍ଦୀ ଭାଷାର ମହତ୍ୱ ବେଶୀ -- ଏକଥା କେହି କହିପାରିବେ ନାହିଁ । କିନ୍ତୁ ଏକଥା ସତଯେ ଭାରତର ଅଧିକାଂଶ ଜନତା ଏ ଭାଷାକୁ ବୁଝିପାରନ୍ତି ଏବଂ ଏଥିରେ କାମ ଚଳାନ୍ତି । ସେଥିପାଇଁ ସମସ୍ତେ ଏ ଭାଷାକୁ ବୁଝିପାରିବେ ଏପରି ବ୍ୟବସ୍ଥା କରିବା କଷ୍ଟସାଧ୍ୟ ନୁହେଁ । ତେଣୁ ମୋ ବିଚାରରେ ହିନ୍ଦୀ ରାଜଭାଷା ଓ ରାଷ୍ଟ୍ରଭାଷା ରୂପରେ ଇଂଲିଶର ସ୍ଥାନ ନେବା ଉଚିତ ଏବଂ ବିଶ୍ୱର ସାହିତ୍ୟ ଏବଂ ବିଜ୍ଞାନ ସମ୍ବନ୍ଧରେ ଜ୍ଞାନପ୍ରାପ୍ତି ପାଇଁ ଇଂଲିଶ ଶିକ୍ଷା ଦିଆଯାଉ । ଏପରି ବ୍ୟବସ୍ଥା ଏ ଦେଶ ପାଇଁ ଶ୍ରେୟସ୍କର ଅଟେ ।

ଏଇ ବିଷୟରେ ଯେଉଁ ବିଭିନ୍ନ ବିଚାର ସମ୍ମୁଖକୁ ଆସୁଛି ତାର ଏକମାତ୍ର କାରଣ ହେଲା ଯେ ଆମେ ଏ ପ୍ରଶ୍ନକୁ ସମ୍ପୂର୍ଣ୍ଣ ଦେଶ ଦୃଷ୍ଟିରୁ ବିଚାର ନକରି ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଦେଖୁଛୁ । କିନ୍ତୁ ମୋର ପୂରା ବିଶ୍ୱାସ,

Digitized by srujanika@gmail.com

ମତଭେଦ ସତ୍ତ୍ୱେ କିଛି ସମୟରେ ହିନ୍ଦୀଭାଷା ପୂରା ଭାବରେ କେନ୍ଦ୍ରୀୟ ରାଜଭାଷା ହୋଇଯିବ ଏବଂ ସବୁ ପ୍ରଦେଶ ପାଇଁ ପରସ୍ପର ମଧ୍ୟରେ ସାଧାରଣ ଭାଷା ହେବ । ହିନ୍ଦୀ ଏଇପରି ସାର୍ବଜନୀକ ସର୍ବସାଧାରଣ ଭାଷା ହେଲେ ଅନ୍ୟ ଭାରତୀୟ ଭାଷାର କୌଣସି କ୍ଷତି ହେବାର ସମ୍ଭାବନା ନାହିଁ । ଏସବୁ ଭାଷାର ଯଦି କୌଣସି କ୍ଷତି ହୋଇଛି ତାହା ଇଂଲିଶ ଭାଷାକୁ ମହତ୍ୱ ଦେବାରୁ ହିଁ ଘଟିଛି । ହିନ୍ଦୀ ଭାଷାକୁ ସମଗ୍ର ଦେଶରେ ସାଧାରଣ ଭାଷା କରାଗଲେ, ହିନ୍ଦୀ ଭାଷାର ସମୃଦ୍ଧି ତ ହେବ ଏବଂ ଭାରତର ଅନ୍ୟ ଭାଷାର ସମୃଦ୍ଧିରେ ଏହା ସହାୟକ ହେବ । ଆମକୁ ଏପରି ବ୍ୟବସ୍ଥା କରିବାକୁ ହେବ, ଯେପରି ଭାରତର ସବୁ ଭାଷା ପରସ୍ପରର ପୂରକ ଭାଷା ହୁଏ । ମାତୃଭାଷାରେ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶିକ୍ଷାର ବ୍ୟବସ୍ଥା ସାର୍ବଜନିକ ହୋଇଗଲେ ହିନ୍ଦୀଭାଷା ପାଇଁ ଦେଖାଯାଉ ଥିବା ଦୁର୍ଭାବନାର ଅନ୍ତ ହୋଇଯିବ । ମାତୃଭାଷାରେ ଶିକ୍ଷା ମିଳିଲେ ମାତୃଭାଷା ସଶକ୍ତ ନହୋଇ ରହିପାରିବ ନାହିଁ । ଏଣୁ ମୋର ବିଶ୍ୱାସ, ଭାରତର ଭବିଷ୍ୟତ ସବୁ ଭାରତୀୟ ଭାଷାର ବିକାଶ ଉପରେ ନିର୍ଭର କରେ ।

ଏଥିପାଇଁ ମୁଁ ବମ୍ବେ ରାଜ୍ୟରେ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଇଂଲିଶ୍ ନରଖି ପ୍ରାଦେଶିକ ଭାଷା ଏବଂ ଇଂରେଜୀ ଅଷ୍ଟମ ଶ୍ରେଣୀରୁ ଆରମ୍ଭ ହେବା ଶିକ୍ଷାନୀତି ସ୍ୱୀକାର କରିଥିଲି । ରାଷ୍ଟ୍ରଭାଷା ଭାବରେ ହିନ୍ଦୀ ପରୀକ୍ଷାରେ ସମସ୍ତଙ୍କୁ ପାଶ୍ କରିବା ଉଚିତ ବୋଲି ମୁଁ ନିଶ୍ଚିନ୍ତ କରିଥିଲି ।

ବିଶ୍ୱବିଦ୍ୟାଳୟ ସ୍ତରରେ ମୁଁ ମାନୁଥିଲି ଯେ ଶିକ୍ଷା ପ୍ରାଦେଶିକ ଭାଷା ଓ ହିନ୍ଦୀ -- ଦୁଇଟି ଭାଷା ମାଧ୍ୟମରେ ହେବା ଉଚିତ ତେଣୁ ସରକାରୀ କଲେଜରେ ହିନ୍ଦୀକୁ ବି ବୈକଳ୍ପିକ ମାଧ୍ୟମ କରିବାକୁ ମୁଁ ବିଚାର କରୁଥିଲି । ଏ ବିଷୟରେ ଗୁଜରାଟର କେତେକ ମିତ୍ରଙ୍କ ସହିତ ମୋର ମତଭେଦ ହୋଇଥିଲା । ଗୁଜରାଟ ୟୁନିଭରସିଟି ଆରମ୍ଭ ହେଲା । ସେଠାରେ ଗୁଜରାଟୀ ଓ ହିନ୍ଦୀ ଦୁଇଭାଷା ମାଧ୍ୟମ ରଖାଗଲା । ଅର୍ଥାତ ଗୁଜରାଟୀ ବା ହିନ୍ଦୀ ଭାଷାରେ ପଢିହେବ । ବିଦ୍ୟାର୍ଥୀ ଯେଉଁ ଭାଷାରେ ପଢିବାକୁ ଇଚ୍ଛା କରିବେ ସେଇ ଭାଷାରେ ପଢିବେ ଏବଂ ପ୍ରଫେସର ମଧ୍ୟ ଏଇ ଦୁଇଭାଷାରୁ ଯେ କୌଣସି ଭାଷାରେ ପଢାଇ ପାରିବେ । କେବଳ ଏତିକି ନୁହେଁ, ବିଦ୍ୟାର୍ଥୀ ଯେଉଁ ଭାଷାରେ ଇଚ୍ଛା କରିବେ ସେଇ ଭାଷାରେ ଉତ୍ତର ଲେଖି ପାରିବେ । ଜାତୀୟ ସ୍ତରରେ ହିନ୍ଦୀକୁ ଇଂଲିଶ୍ ଭାଷାର ସ୍ଥାନ ଦେବା ପାଇଁ ମୁଁ ଆବଶ୍ୟକ ମନେ କରୁଥିଲି । କିନ୍ତୁ ଗୁଜରାଟର କେତେକ ମିତ୍ରଙ୍କ ମତ ଅନ୍ୟପ୍ରକାର ଥିଲା । ସେମାନେ ନିଶ୍ଚିନ୍ତ ଭାବରେ ମାନୁଥିଲେ ଯେ ବିଶ୍ୱ ବିଦ୍ୟାଳୟରେ ପଢାର ମାଧ୍ୟମ ପ୍ରାଦେଶିକ ଭାଷା ହେବା ଉଚିତ । ହିନ୍ଦୀ ପଢାଯାଉ କିନ୍ତୁ ଶିକ୍ଷାର ମାଧ୍ୟମ ପ୍ରାଦେଶିକ ଭାଷା ରହୁ; ହିନ୍ଦୀ ମାଧ୍ୟମରେ ଶିକ୍ଷା ଦିଆନଯାଉ । ଅନ୍ୟ କେତେକ ପ୍ରଦେଶରେ, କଂଗ୍ରେସ କାର୍ଯ୍ୟକମିଟିର ପ୍ରସ୍ତାବନୁସାରେ ପ୍ରାଦେଶିକ ଭାଷାକୁ ମାଧ୍ୟମ ରଖାଯାଇଥିଲା ।

ଗୁଜରାଟ କଂଗ୍ରେସ ସମିତି ଏବଂ ଗୁଜରାଟ ୟୁନିଭରସିଟିରେ ଏ ବିଷୟରେ ବହୁତ ବାଦବିବାଦ ଲାଗିଲା । କେତେକଙ୍କ ବିଚାରରେ ୟୁନିଭରସିଟିରେ ଗୁଜରାଟୀ ବଦଳରେ ହିନ୍ଦୀ ବା ଇଂଲିଶ ରଖିବା ଉଚିତ । ଗୁଜରାଟୀ ଅର୍ଥାତ ପ୍ରାଦେଶିକ ଭାଷାକୁ ମାଧ୍ୟମ କରିବା ସମର୍ଥକଙ୍କ ପକ୍ଷରୁ ଏହା ବିପକ୍ଷରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । ସେମାନଙ୍କୁ ଲାଗିଲା ଯେ ଏପରି କରାଗଲେ ଶେଷରେ ଇଂଲିଶ୍ ହିଁ ରହିବ ଏବଂ ସମ୍ଭବତଃ ହିନ୍ଦୀ ପ୍ରାଦେଶିକ ଭାଷାର କ୍ଷତି କରିବ । ତେଣୁ ଆମର ଏଇ ବନ୍ଧୁମାନେ କଂଗ୍ରେସ କାର୍ଯ୍ୟ କମିଟିର ପ୍ରସ୍ତାବ ପରେ ୟୁନିଭରସିଟିରେ ଗୋଟିଏ ପ୍ରସ୍ତାବ ରଖିଲେ ଯାହାକି ବହୁମତରେ ପାଶ୍ ହେଲା । ସେଥିରେ ଗୁଜରାଟୀ ବା ହିନ୍ଦୀକୁ ବଦଳାଇ କେବଳ ଗୁଜରାଟୀ ମାଧ୍ୟମ ରଖିବାକୁ ନିର୍ଣ୍ଣୟ ନିଆଗଲା । ଏଥିରେ ହିନ୍ଦୀ ବା ଇଂଲିଶକୁ ଶିକ୍ଷାର ମାଧ୍ୟମ ରଖିବା ପ୍ରଥମ ପ୍ରସ୍ତାବ ବନ୍ଦ ହୋଇଗଲା ।

Digitized by srujanika@gmail.com

ଏ ସମ୍ବନ୍ଧରେ ଯେଉଁ ବାଦବିବାଦ ଉଠିଲା, ସେଥିରେ ମୋ ମତାନୁସାରେ କାମ କରିବାପାଇଁ ମୁଁ କିଛି ସକ୍ରିୟ ପଦକ୍ଷେପ ନେଲି ନାହିଁ କାରଣ ସେଥିରେ ପାରସ୍ପରିକ କଟୁତା ବଢିବାର ସମ୍ଭାବନା ଥିଲା । ମାଧ୍ୟମ ବିଷୟରେ ମୋର ଓ ମିତ୍ରଙ୍କ ବିଚାରରେ ବିଶେଷ ପାର୍ଥକ୍ୟ ନଥିଲା କାରଣ ପ୍ରାଦେଶିକ ଭାଷାକୁ ମାଧ୍ୟମର ମାନ୍ୟତା ଦେବାକୁ ମୁଁ ଇଚ୍ଛା କରୁଥିଲି । ଅନ୍ୟ ପ୍ରଦେଶରୁ ଆସି ଗୁଜରାଟ କଲେଜରେ ପଢିବା ଛାତ୍ରମାନଙ୍କ ପାଇଁ ଗୁଜରାଟୀ ମାଧ୍ୟମ ମାନି ନେଲାପରେ ମୁଁ ଏବିଷୟରେ ଅଧିକ ଆଗ୍ରହ ଦେଖାଇଲି ନାହିଁ । ମୋର ଏପରି ବିଶ୍ୱାସ ହୋଇଯାଇଥିଲା ଯେ ଯେଉଁ ପରିସ୍ଥିତିରେ ଆମେ ଆଜି ଅଛୁ ସେତେବେଳେ ଯଦି ଆମେ ହିନ୍ଦୀ ଓ ପ୍ରାଦେଶିକ ଭାଷା ମାଧ୍ୟମ ସମ୍ବନ୍ଧରେ ଝଗଡାରେ ପଡୁ, ତେବେ ଇଂଲିଶ୍ ମାଧ୍ୟମ ହୋଇ ରହିବା ସମ୍ଭାବନା ବେଶୀ ହେବ, ଏବଂ ଏହାଠାରୁ ବଳି ହାନୀକାରକ ଆଉ କିଛି ହୋଇପାରିବ ନାହିଁ । ଏକଥା ଦେଖିବା ଆବଶ୍ୟକ ଯେ ପ୍ରାଦେଶିକ ଭାଷା ପ୍ରତି କୌଣସି ଅନ୍ୟାୟ ନହେଉ ଏବଂ ତା'ର ବିକାଶରେ କିଛି ପ୍ରତିବନ୍ଧ ନଆସୁ, ଓ ହିନ୍ଦୀ ଏବଂ ପ୍ରାଦେଶିକ ଭାଷା ମଧ୍ୟରେ କଟୁତା ଉତ୍ପନ୍ନ ନହେଉ । ତେଣୁ ପ୍ରାଦେଶିକ ଭାଷା ଶିକ୍ଷାର ମାଧ୍ୟମ ରହୁ ଏବଂ ହିନ୍ଦୀ ବୈକଳ୍ପିକ ମାଧ୍ୟମରେ ଭାବରେ ରହୁ -- ମୋର ଏ ଭାବନା ମୁଁ ଛାଡି ଦେଇଥିଲି; ଏ ପ୍ରାଦେଶିକ ଭାଷାକୁ ମାଧ୍ୟମ ମାନ୍ୟତା ମାନି ନେଇଥିଲି । କିନ୍ତୁ ମୋର ମତରେ କୌଣସି ଅଣହିନ୍ଦୀ ପ୍ରଦେଶରେ ଯଦି କେହି ହିନ୍ଦୀ ମାଧ୍ୟମରେ ଶିକ୍ଷା ଦେବା ଆରମ୍ଭ କରେ ତା'ର ବିରୋଧ କରିବା ଉଚିତ ହେବ ନାହିଁ । କିନ୍ତୁ ଏହା ଏକ ଦୁଃଖର କଥା ଯେ ଏ ପ୍ରଶ୍ନର ଶେଷ ସମାଧାନ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରି ନାହିଁ ।

ଇତି ମଧ୍ୟରେ ହାଇଦ୍ରାବାଦ ରାଜ୍ୟରେ କଂଗ୍ରେସ ଦଳର କିଛି ବ୍ୟକ୍ତି ସେଠାକାର ମୁଖ୍ୟମନ୍ତ୍ରୀ ଶ୍ରୀ ରାମକୃଷ୍ଣ ରାଓଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଏହା ଉପରେ ପାର୍ଲାମେଣ୍ଟାରୀ ବୋର୍ଡ ବିଚାର କରିଥିଲା । ବାଦବିବାଦ ପରେ ବୋର୍ଡ ନିର୍ଣ୍ଣୟ ନେଲା ଯେ ଜବାହାରଲାଲଜୀ ବା ବୋର୍ଡର କୌଣସି ସଦସ୍ୟ ସେଠାକୁ ଯାଆନ୍ତୁ । ତେବେ ଯାଇ ଜଣାପଡିବ କଂଗ୍ରେସ ଦଳ କାହାକୁ ନେତା କରିବାକୁ ଇଚ୍ଛା କରୁଛି । ତାପରେ ଏ ସମ୍ବନ୍ଧରେ କିଛି ନିର୍ଣ୍ଣୟ ନିଆଯାଇପାରିବ । ତଦନୁଯାୟୀ ଜବାହାରଲାଲଜୀ ସେଠାକୁ ଗଲେ ଓ ସେଠାରେ କଂଗ୍ରେସ ଦଳକୁ ସମ୍ବୋଧନ କରି ବହୁ ମତରେ ନେତା ବାଛିବାକୁ କହିଲେ । ଶ୍ରୀ ରାମକୃଷ୍ଣ ରାଓଙ୍କ ପକ୍ଷରେ ବହୁମତ ରହିଲା ଓ ସେ ନେତା ହୋଇ ରହିଲେ ।

୧୯୫୨ ପରେ ରାଜାଜୀ ମାଡ୍ରାସର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏହାର ଉଲ୍ଲେଖ ମୁଁ ଆଗରୁ କରିସାରିଛି । ଶ୍ରୀ କାମରାଜ ଏଇ ସମୟରେ ସେଠାରେ ପ୍ରାଦେଶିକ କଂଗ୍ରେସର ଅଧ୍ୟକ୍ଷ ଥିଲେ ଏବଂ ସେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ରାଜାଜୀଙ୍କ ନାମ ପରାମର୍ଶ କରିଥିଲେ । କିନ୍ତୁ ପର ଦୁଇବର୍ଷରେ ସେ ଦୁଇଜଣଙ୍କ ମଧ୍ୟରେ ସମ୍ବନ୍ଧ ଠିକ ରହିଲା ନାହିଁ । କାମରାଜଙ୍କ ଅଭିଯୋଗ ହେଲା ଯେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷଙ୍କ ସହିତ ରାଜାଜୀଙ୍କ ବ୍ୟବହାର ଠିକ୍ ରହୁ ନାହିଁ, ସାର୍ବଜନିକ କ୍ଷେତ୍ରରେ ମଧ୍ୟ । ହେଉ ହେଉ ଦୁଇଜଣଙ୍କ ପାରସ୍ପରିକ ସମ୍ବନ୍ଧ ଏତେ ବିଗିଡି ଗଲା ଯେ କାମରାଜ ପରିସ୍ଥିତି ଆଉ ସହ୍ୟ କରିପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଗଲା । କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ବହୁମତ ଶ୍ରୀ କାମରାଜଙ୍କ ସପକ୍ଷରେ ଥିଲା, ରାଜାଜୀଙ୍କ ସପକ୍ଷରେ ନୁହେଁ । ପାର୍ଲାମେଣ୍ଟାରୀ ବୋର୍ଡର ଏ ବିଷୟରେ ବହୁତ ଆଲୋଚନା ହେଲା ଏବଂ ମୁଁ ମଧ୍ୟ କାମରାଜଙ୍କ ସହିତ କଥାବାର୍ତ୍ତା କରିଥିଲି ।

ମୋର ପୂରା ବିଶ୍ୱାସ ହୋଇଯାଇଥିଲା ଯେ, ପରିସ୍ଥିତି ଏପରି ବିଗିଡି ଯାଇଛି ଯଦ୍ଦ୍ୱାରା ରାଜାଜୀ ବେଶିଦିନ ମୁଖ୍ୟମନ୍ତ୍ରୀ ପଦରେ ରହିପାରିବେ ନାହିଁ, ତେଣୁ ତାଙ୍କୁ ସୂଚିତ କରିଦିଆ ଯାଇଥିଲା ଯେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡି ଦିଅନ୍ତୁ । ତଦନୁଯାୟୀ ରାଜାଜୀ ମୁଖ୍ୟମନ୍ତ୍ରୀ ପଦରୁ ତ୍ୟାଗପତ୍ର ଦେଇଥିଲେ ।

Digitized by srujanika@gmail.com

ବର୍ତ୍ତମାନ ପ୍ରଶ୍ନ ଉଠିଲା ରାଜାଜୀଙ୍କ ପରେ ମୁଖ୍ୟମନ୍ତ୍ରୀ କିଏ ହେବ ଓ ପାର୍ଲାମେଣ୍ଟାରୀ ବୋର୍ଡରେ ଆମେ ଏହି ପ୍ରସଙ୍ଗ ବିଚାର କଲୁ । ସମସ୍ତଙ୍କୁ ଲାଗିଲା ଯେ ଶ୍ରୀ କାମରାଜ ମୁଖ୍ୟମନ୍ତ୍ରୀ ହେବା ଠିକ୍ ହେବ । ଅସୁବିଧା ଏହାଥିଲା ଯେ ଶ୍ରୀ କାମରାଜ କେବଳ ତାମିଲ ଭାଷା ଜାଣିଥିଲେ; ଅନ୍ୟ କୌଣସି ଭାଷା ଜାଣି ନଥିଲେ । ଇଂଲିଶ୍ ଜ୍ଞାନ ତାଙ୍କର ଖୁବ୍ କମ୍ ଥିଲା । ମୁଖ୍ୟମନ୍ତ୍ରୀ ହେବାକୁ ତାଙ୍କର ଇଚ୍ଛା ବି ନଥିଲା । ମତେ ଲାଗିଲା ଯେ କୌଣସି ପ୍ରଦେଶର ମୁଖ୍ୟମନ୍ତ୍ରୀ ଇଂଲିଶ୍ ନ ଜାଣିଲେ, କାମରେ ପ୍ରତିବନ୍ଧକ ଆସିବାର କୌଣସି କାରଣ ନାହିଁ ଏବଂ କେବଳ ଇଂଲିଶ ଜାଣିବା ବ୍ୟକ୍ତି ମନ୍ତ୍ରୀତ୍ୱ ପାଇଁ ଯୋଗ୍ୟ ବିଚାର କରିବା ରାଷ୍ଟ୍ର ପାଇଁ ଶୋଭାଜନକ ନୁହେଁ । ତେଣୁ ମୁଁ ଶ୍ରୀ କାମରାଜଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ଆଗ୍ରହ କଲି । ଶ୍ରୀ ମଲୟା ତାଙ୍କର ଘନିଷ୍ଠ ବନ୍ଧୁ ଥିଲେ । ସେ ତାଙ୍କୁ ବହୁତ ବୁଝାଇଲେ । ତେବେ ଯାଇ ସେ ରାଜି ହେଲେ ଏବଂ କଂଗ୍ରେସ ବିଧାୟକ ଦଳର ନେତା ପାଇଁ ପ୍ରାର୍ଥୀ ହେବାକୁ ରାଜି ହେଲେ । ଶ୍ରୀ ସୁବ୍ରମଣ୍ୟମ ମଧ୍ୟ ସେ ସମୟରେ ନେତା ପଦ ପାଇଁ ପ୍ରାର୍ଥୀ ଥିଲେ । କୁହାଯାଏ ଯେ ସେ ରାଜାଜୀଙ୍କ ଇଚ୍ଛାରେ ଛିଡା ହୋଇଥିଲେ । ନିର୍ବାଚନରେ ଶ୍ରୀ କାମରାଜଙ୍କୁ ବହୁମତ ମିଳିଲା ଏବଂ ସେ ନେତା ନିର୍ବାଚିତ ହେଲେ । ସେ ସାତ ଆଠଜଣ ମନ୍ତ୍ରୀଙ୍କୁ ନେଇ ମନ୍ତ୍ରୀମଣ୍ଡଳ ତିଆରି କଲେ ଏବଂ ଶ୍ରୀ ସୁବ୍ରମଣ୍ୟମଙ୍କୁ ସେଥିରେ ସ୍ଥାନ ଦେଇଥିଲେ ।

୧୯୬୩ରେ କାମରାଜ ଯୋଜନା ଲାଗୁ ହେବା ପର୍ଯ୍ୟନ୍ତ ସେ ମାଡ୍ରାସ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ରାଜ୍ୟର କାରବାର ବହୁତ ସଫଳତାର ସହିତ ସମ୍ପନ୍ନ କରିଥିଲେ । ରାଜାଜୀଙ୍କୁ ଏଥିରେ ବହୁତ ଦୁଃଖ ଲାଗିଲା କାରଣ ଏତେ ପ୍ରଖର ବୁଦ୍ଧିମାନ ଏବଂ ବିଦ୍ୱାନ ପୁରୁଷ ହୋଇ ସୁଦ୍ଧା କାମରାଜ ପରି ଏକ ଅଳ୍ପ ଶିକ୍ଷିତ ପୁରୁଷ ହାତରେ ତାଙ୍କୁ ପରାଜିତ ହେବାକୁ ପଡିଲା । ରାଜାଜୀ ଶ୍ରୀ କାମରାଜଙ୍କ ତୀବ୍ର ବିରୋଧ କରିଥିଲେ ଯାହା ୧୯୬୯ ପର୍ଯ୍ୟନ୍ତ ଜାରିଥିଲା । ଶେଷରେ ସେ କଂଗ୍ରେସଠାରୁ ଅଲଗା ହୋଇ ସ୍ୱତନ୍ତ୍ର ଦଳ ସ୍ଥାପନ କଲେ । ପ୍ରଥମେ ତ ସେ କେବଳ କାମରାଜଙ୍କୁ ବିରୋଧ କରୁଥିଲେ ଏବଂ କଂଗ୍ରେସ ଓ ଜବାହାରଲାଲଜୀଙ୍କ ବିରୋଧ କରୁନଥିଲେ । ମୋ ଧାରଣା ଯେ ପରେ ତାଙ୍କୁ ଲାଗିଲା ଯେ ଜବାହାରଲାଲଜୀଙ୍କୁ ଦୁର୍ବଳ ନ କରି କାମରାଜଙ୍କୁ ହଟାଇ ଦିଆଯାଇ ପାରିବ ନାହିଁ । କାରଣ ଜବାହାରଲାଲଜୀ କାମରାଜଙ୍କୁ ସମର୍ଥନ କରୁଥିଲେ । ତେଣୁ ସେ ଜବାହାରଲାଲଜୀଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଦେଲେ । ତା'ପରେ ତାଙ୍କୁ ଲାଗିଲା ଯେ କଂଗ୍ରେସକୁ ଦୁର୍ବଳ ନକରି କେବଳ ଜବାହାରଲାଲଜୀଙ୍କୁ ଦୁର୍ବଳ କଲେ ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ । ତା'ପରେ ପ୍ରତିକଥାରେ ସେ କଂଗ୍ରେସର ବିରୋଧ କରିବା ଆରମ୍ଭ କରିଦେଲେ । ୧୯୭୦ ଆରମ୍ଭ ପର୍ଯ୍ୟନ୍ତ ତାଙ୍କର ଏଇ ଉଦ୍ଦେଶ୍ୟ ଥିଲା ଯେ କଂଗ୍ରେସକୁ ଯେପରି ହେଉ ଶେଷ କରିବା ଦରକାର ।

ଲୋକତନ୍ତ୍ରବାଦୀ ହୋଇଥିବାରୁ ଲୋକତନ୍ତ୍ରକୁ ସଫଳତା ପୂର୍ବକ ଏବଂ ଦୃଢତାର ସହିତ ଚଳାଇବା ପାଇଁ ଶାସନର ବିକେନ୍ଦ୍ରୀକରଣର ଆବଶ୍ୟକତା ମୁଁ ସ୍ୱୀକାର କରେ । ଆମ ଦେଶରେ ଗ୍ରାମ ପଞ୍ଚାୟତ ଏକ ବହୁ ପୁରୁଣା ସଂସ୍ଥା ଓ ଏହା ବହୁତ ବର୍ଷରୁ ଚାଲିଆସିଥିଲା । ପ୍ରତ୍ୟେକ ଗ୍ରାମରେ ସବୁ କାରବାର ଗ୍ରାମ ପଞ୍ଚାୟତ ହିଁ କରୁଥିଲା । ଇଂରେଜୀଙ୍କ ସମୟରେ ଏ ପ୍ରଥା ମୃତ ପ୍ରାୟ ହୋଇଯାଇଥିଲା । ଶ୍ରୀ ବଳବନ୍ତ ରାୟ ମେହେତାଙ୍କ ଅଧ୍ୟକ୍ଷତାରେ ନିଯୁକ୍ତ ଏକ ସମିତି, ଜିଲ୍ଲା ସ୍ତରରେ ଜିଲ୍ଲା ପଞ୍ଚାୟତ, ତାଲୁକା ସ୍ତରରେ ତାଲୁକା ପଞ୍ଚାୟତ ଏବଂ ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ ଏଇପରି ଏହାର ଢାଞ୍ଚା ତିଆରି କରିଥିଲେ ଏବଂ ପଞ୍ଚାୟତକୁ ବିଶେଷ କ୍ଷମତା ଦେବାକୁ ସୁପାରିଶ କରିଥିଲେ । ଏହିପରି ପଞ୍ଚାୟତିରାଜ ସ୍ଥାପନା କରିବାକୁ ସେ ସୁପାରିଶ କରିଥିଲେ ଏବଂ କଂଗ୍ରେସ କାର୍ଯ୍ୟସମିତି ରିପୋର୍ଟ ପାଇବାର ଦୁଇ ମାସ ମଧ୍ୟରେ ଏହାକୁ ଯତ୍ନ ସହକାରେ ଅଧ୍ୟୟନ କରି ପ୍ରତ୍ୟେକ ରାଜ୍ୟରେ ପଞ୍ଚାୟତିରାଜ ସ୍ଥାପନ କରିବାକୁ ସୁପାରିଶ କରିଥିଲେ । କେନ୍ଦ୍ର ସରକାର ତଦନୁସାରେ ସବୁ ପ୍ରାଦେଶିକ ସରକାରଙ୍କୁ ଶୀଘ୍ର ପଞ୍ଚାୟତିରାଜ ଆରମ୍ଭ କରି ଦୃଢତାର ସହିତ ଚଳାଇବାକୁ ଆଦେଶ

Digitized by srujanika@gmail.com

ଦେଇଥିଲେ ପ୍ରାୟ ପ୍ରତ୍ୟେକ ପ୍ରଦେଶରେ ଆଇନ ତିଆରି ହୋଇ ଯାଇଥିଲା । କିନ୍ତୁ ଫଳ ସବୁ ଜାଗାରେ ଠିକ୍ ଭାବରେ ହେଲା ନାହିଁ । ମହାରାଷ୍ଟ୍ର ଓ ଗୁଜରାଟ ରାଜ୍ୟରେ ପଞ୍ଚାୟତିରାଜର ପ୍ରଥା ବଡ ସୁଦୃଢ ରୂପେ ବିକଶିତ ହୋଇଛି । ଏହିପରି ଅନ୍ୟ ପ୍ରଦେଶରେ ମଧ୍ୟ ଏହାର ବିକାଶ ହେବ ମୁଁ ଆଶା କରୁଛି ।

ଗୁଜରାଟରେ ତ ଭୂମିକର ବ୍ୟବସ୍ଥା ପଞ୍ଚାୟତକୁ ଦିଆଯାଇଛି । ତା'ଛଡା ରାଜ୍ୟର ଅନେକ କାମ ତାଙ୍କୁ ଦିଆଯାଇଛି । ରାଷ୍ଟ୍ରୀୟ ମହତ୍ୱ ସମ୍ପନ୍ନ ବଡ଼ ରାସ୍ତାକୁ ଛାଡି ସବୁ ସଡକ ଓ ପ୍ରାଥମିକ ଶିକ୍ଷା କାମ ତାଙ୍କ ପାଖରେ । ମୋ ମତରେ ଏ ପ୍ରଥାର ବିକାଶ ଏପରି ହେବା ଉଚିତ ଯେ ଜିଲ୍ଲାର ସବୁ କାମ ଜିଲ୍ଲା ପଞ୍ଚାୟତ ଦ୍ୱାରା, ତାଲୁକାର ତାଲୁକା ପଞ୍ଚାୟତ ଦ୍ୱାରା, ଏବଂ ଗ୍ରାମର ଗ୍ରାମ ପଞ୍ଚାୟତ ଦ୍ୱାରା ସମାହିତ ହେବ । ନ୍ୟାୟ ପଞ୍ଚାୟତକୁ ବହୁତ ମଜଭୂତ କରାଗଲେ, ମୋ ମତରେ, ଅଧିକାଂଶ ଝଗଡାଝାଟି ଏବଂ ଦିୱାନୀ ମାମାଲାର ମୀମାଂସା ଶୀଘ୍ର ଓ ସରଳ, ସୁଗମ ଭାବେ ହୋଇପାରିବ । ସେଥିପାଇଁ ଗୁଜରାଟ ରାଜ୍ୟରେ ମୁଁ କହିଆସୁଛି ଯେ ପଞ୍ଚାୟତକୁ କ୍ରମଶଃ ଅଧିକରୁ ଅଧିକ କ୍ଷମତା ଦେବା ଦରକାର । ମୋ ଧାରଣାନୁସାରେ ଗୁଜରାଟ ରାଜ୍ୟର ନୀତି ଏଇ ପ୍ରକାର ଅଟେ । ମହାରାଷ୍ଟ୍ରରେ ମଧ୍ୟ ଏ କ୍ଷେତ୍ରରେ ବହୁତ ପ୍ରଗତି ହୋଇଛି । ଏଇପରି ଯଦି ସବୁ ରାଜ୍ୟରେ ପଞ୍ଚାୟତିରାଜର ବିକାଶ ଶୀଘ୍ର ଶୀଘ୍ର ହୁଏ ତେବେ କେନ୍ଦ୍ର ତଥା ପ୍ରଦେଶରେ ପ୍ରଶାସନ ସୁଦୃଢ ଏବଂ କାର୍ଯ୍ୟକୁଶଳ ହୋଇପାରିବ ।

(୪) ପ୍ରଶାସନତନ୍ତ୍ର ଏବଂ ନ୍ୟାୟତନ୍ତ୍ର

ବମ୍ବେ ରାଜ୍ୟରେ ନ୍ୟାୟତନ୍ତ୍ର ଏବଂ ପ୍ରଶାସନତନ୍ତ୍ରକୁ ଅଲଗା ଅଲଗା ରଖିବାକୁ ଆମର ପ୍ରଥମରୁ ଆଗ୍ରହ ଥିଲା । ତତ୍‌ସମ୍ବନ୍ଧୀୟ କାମ ମଧ୍ୟ ମୁଁ କେବେଠାରୁ ଆରମ୍ଭ କରିଥିଲି ଯାହାର ଉଲ୍ଲେଖ ମୁଁ ଆଗରୁ କରିସାରିଛି । ୧୯୫୩ରେ ଏ ପ୍ରକ୍ରିୟା ପୂରା ହୋଇଥିଲା । ଏହିପରି ଆମ ସମ୍ବିଧାନରେ ଥିବା ଦ୍ୱିତୀୟ ନିର୍ଦ୍ଦେଶକ ସିଦ୍ଧାନ୍ତ ବମ୍ବେ ରାଜ୍ୟରେ କ୍ରିୟାନ୍ୱିତ କରାଯାଇଥିଲା । ବମ୍ବେ ହାଇକୋର୍ଟର ତତ୍‌କାଳୀନ ନ୍ୟାୟଧୀଶ ଶ୍ରୀ ଏମ୍.ସି. ଚଗଲା ଏଥିପାଇଁ ବମ୍ବେ ସରକାରଙ୍କ ସହାୟତା କରିଥିଲେ ଏବଂ ସାର୍ବଜନିକ ଭାବେ ମଧ୍ୟ ଏ ନୀତିର ପ୍ରଶଂସା କରିଥିଲେ ।

ଏହାପୂର୍ବରୁ ଶ୍ରୀ ଚଗଲାଙ୍କ ସହିତ ମୋ ନିଜ ସମ୍ପର୍କ ଭଲ ଥାଇ ମଧ୍ୟ ରାଜନୈତିକ ବିଷୟରେ ଆମର ବୈଚାରିକ ସଂଘର୍ଷ ହୋଇଯାଉଥିଲା କାରଣ ନ୍ୟାୟ ତନ୍ତ୍ରରେ ଯୋଗ ଦେବା ପୂର୍ବରୁ, ସେ ରାଜନୀତିରେ ବେଶ ରୁଚି ରଖୁଥିଲେ ଓ ସକ୍ରିୟ ଯୋଗଦାନ କରୁଥିଲେ ମଧ୍ୟ । ରାଜନୀତିରେ ନିଜର ଅଭିରୁଚି ଯୋଗୁଁ ସେ ସରକାରଙ୍କ ଅନେକଥର ଆଲୋଚନା କରୁଥିଲେ, ଏ ସମ୍ବନ୍ଧରେ ଆମ ଭିତରେ ବହୁତ ବାଦବିବାଦ ଲାଗିଥିଲା ଏବଂ ଲମ୍ବାପତ୍ର ଆଦାନପ୍ରଦାନ ମଧ୍ୟ ଚାଲିଥିଲା । ଏ ପତ୍ର ଆଦାନପ୍ରଦାନ ଦ୍ୱାରା ମୋର ଏବଂ ଶ୍ରୀ ଚଗଲାଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ହୋଇଯାଇଥିଲା ଏବଂ ପତ୍ର ବ୍ୟବହାର ଶେଷରେ ଶ୍ରୀ ଚଗଲା ମୋର ସଦ୍‌ଭାବନାକୁ ମାନିଥିଲେ । ଉତ୍ତମ ନ୍ୟାୟଧୀଶ ଭାବେ ଶ୍ରୀ ଚଗଲାଙ୍କ ଖ୍ୟାତି ତ ଥିଲା କିନ୍ତୁ ରାଜନୀତିରେ ନିଜର କିଛି ମନ୍ତବ୍ୟ ଏବଂ ପୂର୍ବାଗ୍ରହ ଆବଦ୍ଧ ଥିବାରୁ ସେ କେବେ କେବେ ସରକାରଙ୍କର ଆଲୋଚନା କରୁଥିଲେ । ୧୯୫୨ରେ ମୋର ଏ କଥାରେ ତୀବ୍ର ଅନୁଭୂତି ହେଲା । ଏକ ରାତ୍ର ଭୋଜନରେ କେବଳ ଏ ବିଷୟରେ ତାଙ୍କ ସହିତ ମୋର କଥାବାର୍ତ୍ତା ହେଲା ଯାହା କି ପରେ ଉଗ୍ର ରୂପ ନେଇଥିଲା । ଘରେ ପହଞ୍ଚି ମୁଁ ସାଙ୍ଗେ ସାଙ୍ଗେ ଏହାକୁ ଲେଖି

Digitized by srujanika@gmail.com

ପକାଇଥିଲି । ସେଥିରୁ ପାଠକମାନଙ୍କୁ ସେ ସମୟର ଠିକ୍ ଚିତ୍ର ମିଳିପାରିବ । ତେଣୁ ସେ ସମ୍ବନ୍ଧରେ ଏଠାରେ ବିଶେଷ ଟୀକାଟିପ୍ପଣୀ କରିବା ଉଚିତ ମନେ ହେଉ ନାହିଁ । (ପତ୍ର ବ୍ୟବହାର ପରିଶିଷ୍ଟ ୧ରେ ଏବଂ କଥାବାର୍ତ୍ତାର ନୋଟ ପରିଶିଷ୍ଟ ୨ରେ ଦିଆଯାଇଛି) ।

ଆମ ସଂଘର୍ଷର ଅନ୍ୟ ଏକ କାରଣ ହାଇକୋର୍ଟରେ ଏକ ନ୍ୟାୟଧୀଶ ନିଯୁକ୍ତି ସମ୍ବନ୍ଧରେ ହୋଇଥିଲା । ଶ୍ରୀ ପି.ଏମ୍. ଲାଡ ଜଣେ ଆଇ.ସି.ଏସ୍. ଅଧିକାରୀ ଥିଲେ, ସ୍ୱତନ୍ତତା ପୂର୍ବରୁ ଯେଉଁ ଆଇ.ସି.ଏସ୍. ଅଧିକାରୀ ନ୍ୟାୟ ବିଭାଗରେ ଥିଲେ ସେମାନେ ଶାସନ ତନ୍ତ୍ରକୁ ଫେରି ଆସିଥିଲେ, କିନ୍ତୁ ଶ୍ରୀ ଲାଡ ନ୍ୟାୟ ବିଭାଗରେ ରହିଥିଲେ । ସେ ପ୍ରଶାସନକୁ ଆସିବାକୁ ଇଚ୍ଛା କରୁଥିଲେ । ଆମେ ତାଙ୍କୁ ସରକାରଙ୍କର ଆଇନ ପରାମର୍ଶଦାତା ନିଯୁକ୍ତ କରିଥିଲୁ । ସେ ନିଜ କାମ ବହୁତ ଭଲ ଭାବେ କରୁଥିଲେ । ଆମେ ମଧ୍ୟ ଆଇନ୍ ପ୍ରଣୟନ କରିବା ବେଳେ ଓ ଆଇନ ସମ୍ବନ୍ଧୀୟ ସମସ୍ୟାରେ ତାଙ୍କ ପରାମର୍ଶ ନେଉଥିଲୁ । ସେ ସ୍ୱତନ୍ତ, ନିଷ୍ପାପର ଓ ନିଷ୍ପକ୍ଷ ଭାବେ ଯାହା ଠିକ୍ ଭାବୁଥିଲେ ସେଇ ପରାମର୍ଶ ଦେଉଥିଲେ । ହାଇକୋର୍ଟରେ ପ୍ରାୟ ଏଗାର ବାର ମୋକଦ୍ଦମାରେ ଆମ ବିରୁଦ୍ଧରେ ନିଷ୍ପତ୍ତି ହୋଇଥିଲା, ଯାହାର ସୁପ୍ରିମକୋର୍ଟରେ ଅପିଲ ଫଳରେ ଆମେ ବହୁତ କେଶ୍‌ରେ ଜିତିଥିଲୁ । ଶ୍ରୀ ଲାଡ ଏଥିରେ ଆମକୁ ବହୁତ ସାହାଯ୍ୟ କରିଥିଲେ । ଏଥିରେ ଶ୍ରୀ ଲାଡଙ୍କ ପ୍ରତି ଚଗଲାଙ୍କର କିଛି ମନାନ୍ତର ହୋଇଯାଇଥିଲା ଏବଂ ସେ ତାଙ୍କୁ ଅପସନ୍ଦ କରିବାକୁ ଲାଗିଲେ । ଶ୍ରୀ ଲାଡ ସୁଯୋଗ୍ୟ ଆଇନଶାସ୍ତ୍ରୀ ଥିଲେ । ସେଥିପାଇଁ ମୁଁ ତାଙ୍କୁ ହାଇକୋର୍ଟର ଜଜ ପଦ ପାଇଁ ସୁପାରିଶ କରିଥିଲି । କିନ୍ତୁ ଶ୍ରୀ ଚଗଲା ଏହାର ବିରୋଧ କରିଥିଲେ ।

କେନ୍ଦ୍ରରେ ସେତେବେଳେ ଡ. କୈଳାସ ନାଥ କାଟଜୁ ଗୃହ ମନ୍ତ୍ରୀ ଥିଲେ । ମୁଁ ବହୁତ ଆଗ୍ରହ ପୂର୍ବକ ଶ୍ରୀ ଲାଡଙ୍କ ନିଯୁକ୍ତି ବିଷୟରେ ଲେଖିଲି । ଡ. କାଟ୍‌ଜୁଙ୍କୁ ମୋ କଥା ଉଚିତ ଲାଗିଲା କିନ୍ତୁ ସେ ବମ୍ବେ ହାଇକୋର୍ଟ ଚିଫ୍ ଜଷ୍ଟିସଙ୍କୁ ବିରୋଧ ନକରି ତାଙ୍କୁ ରାଜି କରାଇବା ଉପରେ ଜୋର ଦେଇଥିଲେ । ସବୁ ତଥ୍ୟ ଏବଂ ଦଲିଲ ସହିତ ଅତ୍ୟନ୍ତ ଆଗ୍ରହ ପୂର୍ବକ ମୁଁ ତାଙ୍କୁ ଲେଖିଥିଲି କି ଏଥିରେ ଶ୍ରୀ ଲାଡଙ୍କ ପ୍ରତି ଘୋର ଅନ୍ୟାୟ ହେଉଛି ଏବଂ ପୂର୍ବାଗ୍ରହ କାରଣରୁ ଯଦି ଏପରି ଅନ୍ୟାୟ ହେବାକୁ ଦିଆଯାଏ ତେବେ ଭବିଷ୍ୟତରେ ହାଇକୋର୍ଟରେ ନିଯୁକ୍ତି ପାଇଁ କୌଣସି ସୁପାରିଶ ମୁଁ କରିବି ନାହିଁ କାରଣ ମୋ ପାଇଁ ଏହା ଆତ୍ମସମ୍ମାନର ପ୍ରଶ୍ନ ଅଟେ ।

ସେ ନିଯୁକ୍ତି ହେଲା ନାହିଁ । ଆଉ କାହାକୁ ବି ଡ. କାଟଜୁ ନିଯୁକ୍ତି ଦେଲେ ନାହିଁ ଏବଂ ଶ୍ରୀ ଲାଡଙ୍କୁ ନିଯୁକ୍ତ କରିବାକୁ ତାଙ୍କର ସାହସ ହେଲା ନାହିଁ । ଶେଷରେ ଶ୍ରୀ ଲାଡଙ୍କୁ ଲାଗିଲା ଯେ ଯଦି ଏତେ ସଂଘର୍ଷ ହେଉଛି ଏବଂ ଚିଫ୍ ଜଷ୍ଟିସ୍ ତାଙ୍କର ଏତେ ବିରୋଧି ତେବେ ତାଙ୍କ ପାଇଁ ହାଇକୋର୍ଟରେ କାମ କରିବା ମଙ୍ଗଳକାରକ ହେବ ନାହିଁ; ଏବଂ ସେ ନିଜେ ଅଶାନ୍ତ ରହିବେ । ତେଣୁ ହାଇକୋର୍ଟରେ ତାଙ୍କୁ ନିଯୁକ୍ତ କରିବା କଥା ଛାଡିଦେବାକୁ ମତେ ଅନୁରୋଧ କଲେ । ତାଙ୍କ କଥାରେ ସତ୍ୟତା ଥିଲା ଏବଂ ସେ ନିଜେ ମନକୁ ଏ ଇଚ୍ଛା ପ୍ରକାଶ କରିଥିଲେ । ତେଣୁ ମୁଁ ମୋର ଚେଷ୍ଟା ଛାଡି ଦେଲି, ପରେ ମୁଁ ତାଙ୍କୁ କେନ୍ଦ୍ରୀୟ ଆଇନ ବିଭାଗରେ ସଚିବ ପଦ ପାଇଁ ସୁପାରିଶ କରିଥିଲି ଏବଂ ତାଙ୍କର ନିଯୁକ୍ତି ହୋଇଥିଲା । ଏଇ ପଦରେ ଶ୍ରୀ ଲାଡ ବଡ କୁଶଳତା ସହକାରେ କାମ କଲେ । କେନ୍ଦ୍ର ସରକାର ତାଙ୍କ କାମରେ ସନ୍ତୁଷ୍ଟ ଥିଲେ । କାମରେ ସେ ଏତେ ବ୍ୟସ୍ତ ରହୁଥିଲେ ଯେ ଶେଷରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେଥିପ୍ରତି ସେ ଦୃଷ୍ଟି ଦେଲେ ନାହିଁ, ସେଥିରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଶ୍ରୀ ଲାଡ କେନ୍ଦ୍ରରେ ଆଇନ ସଚିବ ହେବା ପରେ, ଗାନ୍ଧିଜୀଙ୍କ ଲେଖା, ଭାଷଣ ଚିଠି ସଂଗ୍ରହ କରିବାର ଗୋଟିଏ ଯୋଜନା ତିଆରି କଲେ । କେନ୍ଦ୍ର ସରକାରଙ୍କର ମାର୍ଫତରେ ଏ କାମ ହେଉ -- ଏପରି

Digitized by srujanika@gmail.com

ଯୋଜନାଟି ଥିଲା । ଏ ଯୋଜନାର ସଫଳତାରେ ସହଯୋଗ ଦେବାକୁ ସେ ମତେ ପ୍ରାର୍ଥନା କରିଥିଲେ ଏବଂ ଏଥିପାଇଁ ଗୋଟିଏ ପରାମର୍ଶ ସମିତି ମଧ୍ୟ ତିଆରି କରିଥିଲେ । ଉକ୍ତ କମିଟିର ଅଧ୍ୟକ୍ଷ ହେବା ପାଇଁ ତାଙ୍କ ଅନୁରୋଧ ମୁଁ ରକ୍ଷା କରିଥିଲି । ଗାନ୍ଧିଜୀଙ୍କ କାମ ସବୁ ଇଂରେଜୀ, ହିନ୍ଦୀ ଓ ଗୁଜରାଟୀରେ ସଂଗ୍ରହ କରି ସମ୍ପାଦନ କରିବାର ଥିଲା । ଯେତେ ଭାବିଥିଲି, ଏ ସଂଗ୍ରହ କାମ ତା'ଠାରୁ ଅନେକ ବଡ ହୋଇଗଲା କାରଣ ଆଜି ପର୍ଯ୍ୟନ୍ତ ଯେ କୌଣସି ବ୍ୟକ୍ତି ଯେତେ ଲେଖିଥିବେ ବା ଭାଷଣ ଦେଇଥିବେ, ଅଥବା ପତ୍ର ଲେଖିଥିବେ ସେ ସବୁଠାରୁ ଅନେକ ଅଧିକ ପରିମାଣରେ ଏବଂ ବିସ୍ତୃତ ଭାବରେ ଗାନ୍ଧିଜୀଙ୍କର ଏ ପ୍ରବୃତ୍ତି ରହିଥିଲା । ପ୍ରଥମେ ଆମର କଳ୍ପନା ଥିଲା ଯେ ଏ ସଂଗ୍ରହ ୫୦ ବା ୫୫ ଗ୍ରନ୍ଥରେ ପ୍ରକାଶିତ ହେବ, କିନ୍ତୁ ବର୍ତ୍ତମାନ ଯେତେବେଳେ ହିସାବ କଲି, ଦେଖିଲି ଏହା ୮୦ ଉପରକୁ ଯିବାର ସମ୍ଭାବନା ଅଛି । ଗାନ୍ଧୀ ଶତାବ୍ଦୀ ସୁଦ୍ଧା ଆମେ ଏ କାମ ଶେଷ କରିବାକୁ ଇଚ୍ଛା କରୁଥିଲୁ କିନ୍ତୁ କାମର ବିସ୍ତୃତି ଏବଂ ସହଜାତ ଅସୁବିଧା ଯୋଗୁଁ ଆମେ ଏ ଇଚ୍ଛା ପୂରା କରିପାରିଲୁ ନାହିଁ । ବର୍ତ୍ତମାନ ମଧ୍ୟ ଏପରି ଲାଗୁଛି ଯେ ଏହାକୁ ପୂରା କରିବାକୁ ଆହୁରି କିଛି ବର୍ଷ ଲାଗିଯିବ ।

ଶ୍ରୀ ଚଗଲାଙ୍କ ଦ୍ୱାରା କେତେଥର ସାର୍ବଜନିକ ଭାବରେ ସରକାରଙ୍କର ଆଲୋଚନା ସତ୍ତ୍ୱେ ମୁଁ ଏହା ନିଶ୍ଚିତ କରିଥିଲି ଯେ ତାଙ୍କ ସହିତ ଏ ବିଷୟରେ ସାର୍ବଜନିକ ଭାବେ ବିବାଦରେ ପଡିବି ନାହିଁ, କାରଣ ଏପରି କଲେ ନ୍ୟାୟ ବିଭାଗର ମହତ୍ୱ କ୍ଷୁର୍ଣ୍ଣ ହେବ । ମୁଁ ଏକଥା ସବୁବେଳେ ମାନି ଆସିଛି ଯେ ଲୋକତନ୍ତ୍ରକୁ ଶକ୍ତିଶାଳୀ କରିବା ପାଇଁ ନ୍ୟାୟ ବିଭାଗର କାର୍ଯ୍ୟକଳାପ ଉପରେ ଜନତାର ପୂର୍ଣ୍ଣ ବିଶ୍ୱାସ ଏବଂ ଆଦର ଭାବ ରହିବା ଉଚିତ । ତେଣୁ ସେ ଯେପରି ଆଲୋଚନା କଲେ ବି ମୁଁ ନ୍ୟାୟ ବିଭାଗର ଆଲୋଚନା ନକରିବା ଠିକ୍ ବୋଲି ଭାବିଥିଲି । ଏହି ନୀତି ମୁଁ ପୂରା ପାଳନ କଲି । ମୋର ମନେ ଅଛି, ମୁଁ ଯେତେବେଳେ ବମ୍ବେ ଛାଡିଲି ଶ୍ରୀ ଚଗଲା ଖୋଲାଖୋଲି ଭାବେ ଏ କଥା ସ୍ୱୀକାର କରିଥିଲେ ।

ବାଲାସାହେବ ଖେର ୧୯୫୪ରେ କାର୍ଯ୍ୟକାଳ ପୂରିବା ପୂର୍ବରୁ, ଦୁଇବର୍ଷରେ ଲଣ୍ଡନରୁ ଫେରି ଆସିଥିଲେ । ମୁଖ୍ୟ କାରଣ ହେଲା ଯେ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବହୁତ ଖରାପ ହୋଇଯାଇ ଥିଲା । ଲଣ୍ଡନରେ ଜଣାପଡିଲା ଯେ ତାଙ୍କୁ କ୍ୟାନ୍‌ସର୍ ରୋଗ ହୋଇଥିଲା ଏବଂ ଏହା ଖୁବ୍ ଶୀଘ୍ର ବଢୁଥିଲା । ତେଣୁ ଲଣ୍ଡନରେ ଉଚ୍ଚାୟୁକ୍ତ ପଦ ଛାଡି ତାଙ୍କୁ ଫେରି ଆସିବାକୁ ପଡିଥିଲା । ଏଠାକୁ ଆସିବା ପରେ ୧୮ ଅକ୍ଟୋବର ୧୯୫୪ ଦିନ ତାଙ୍କ ପତ୍ନୀଙ୍କ ସ୍ୱର୍ଗବାସ ହୋଇଥିଲା ।

ସମ୍ବିଧାନ ଅନୁସାରେ ହିନ୍ଦୀକୁ ରାଜ୍ୟ ଭାଷା କରିବା ପଦ୍ଧତି ବିଷୟ ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କର ଭାଷା ଆୟୋଗ ନିଯୁକ୍ତ କରିବାର ଥିଲା । ତାହାର ଅଧ୍ୟକ୍ଷତା କରିବା ପାଇଁ ବାଲାସାହେବ ଖେରଙ୍କ ନାମ ଚିନ୍ତା କରାଯାଉଥିଲା । ତଦନୁସାରେ ତାଙ୍କୁ ଅନୁରୋଧ ମଧ୍ୟ କରାଗଲା । ମୁଁ ତାଙ୍କୁ ଏହାକୁ ମଞ୍ଜୁର କରିବାକୁ ବିଶେଷ ଆଗ୍ରହ କଲି । ହିନ୍ଦୀ ପ୍ରତି ତାଙ୍କର ମମତା, ଆଦର ଭାବ ଏବଂ ତା' ସହିତ ଏହାକୁ ଖୁବ୍ ଶୀଘ୍ର ରାଷ୍ଟ୍ର ଭାଷା କରିବାକୁ ତାଙ୍କର ଇଚ୍ଛା ମତେ ଭଲ ଭାବରେ ଜଣାଥିଲା । ତେଣୁ ମୁଁ ତାଙ୍କୁ ଏପରି ଆଗ୍ରହ କରିଥିଲି । ସେ କହିଲେ ଯେ ଶ୍ରୀ ଭର୍ଭେଙ୍କୁ ଆୟୋଗର ସଚିବ କଲେ ସେ ତା'ର ଅଧ୍ୟକ୍ଷ ହେବାକୁ ପ୍ରସ୍ତୁତ ଅଛନ୍ତି ତଦନୁସାରେ ଶ୍ରୀ ଭର୍ଭେ ସଚିବ ହେବାକୁ ପ୍ରସ୍ତୁତ ହେଲେ ଏବଂ ସେ କାମ ଆରମ୍ଭ ହେଲା ।

ଶ୍ରମିକମାନଙ୍କ କଲ୍ୟାଣ ପାଇଁ କଲ୍ୟାଣ କେନ୍ଦ୍ର ସ୍ଥାପନ କରିବା କାମ ସବୁ ରାଜ୍ୟମାନଙ୍କ ଠାରୁ ସର୍ବ ପ୍ରଥମେ ବମ୍ବେ ରାଜ୍ୟରେ ଆରମ୍ଭ କରାଯାଇଥିଲା । ଏ କାମ ଠିକ୍ ଭାବରେ ଚଳାଇବା ପାଇଁ ୧୯୫୩ ମଧ୍ୟ ଭାଗରେ ଗୋଟିଏ ବୋର୍ଡ; ଲେବର ୱେଲଫେୟାର ବୋର୍ଡ ଗଠନ କରାଗଲା । ଏହାଦ୍ୱାରା ଶ୍ରମିକ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ବ୍ୟବସ୍ଥା କରିବା ସ୍ଥିର କଲି, ଯେଉଁଠାରୁ ସବୁ କଲ୍ୟାଣ କେନ୍ଦ୍ରକୁ ଉଚିତ ସହାୟତା ଏବଂ ମାର୍ଗ

Digitized by srujanika@gmail.com

ଦର୍ଶନ ମିଳିପାରିବ । ତା'ସହିତ ଆଦିବାସୀ କ୍ଷେତ୍ରରେ ବୋର୍ଡିଙ୍ଗ ସ୍କୁଲ ଆରମ୍ଭ କରିବାକୁ ସ୍ଥିର କରାଗଲା । ମଧ୍ୟମ ଏବଂ ଲଘୁ ଉଦ୍ୟୋଗକୁ ଆର୍ଥିକ ସହାୟତା ପାଇଁ ବମ୍ବେ ଷ୍ଟେଟ ଫାଇନାନ୍‌ସିୟାଲ କର୍ପୋରେସନ ମଧ୍ୟ ସେଇବର୍ଷ ତିଆରି ହେଲା ।

ଏଇ ସମୟରେ ଜବାହାରଲାଲଜୀ ରାଜ୍ୟ ବିଧାନ ପରିଷଦ ବନ୍ଦ କରିଦେବା ସମ୍ବନ୍ଧରେ ମୋ ସହିତ ପତ୍ରବିନିମୟ କରିଥିଲେ । ଜବାହାରଲାଲଜୀଙ୍କ ମତାନୁସାରେ ବିଧାନସଭା ସହିତ ବିଧାନ ପରିଷଦ ଭାବରେ ଦ୍ୱିତୀୟ ସଦନ ରଖିବାର କୌଣସି ଉପଯୋଗିତା ନଥିଲା କିନ୍ତୁ ତାକୁ ବନ୍ଦ କରିବାକୁ ସରକାର କୌଣସି ପଦକ୍ଷେପ ନେବା ଅପେକ୍ଷା, ସେ ଭାବୁଥିଲେ ଯେ କଂଗ୍ରେସ ଦଳ ବା ଅନ୍ୟ କୌଣସି ଦଳର ସଦସ୍ୟମାନଙ୍କ ଦାବୀ ଉପରେ ସରକାର ଏ ପଦକ୍ଷେପ ନେଲେ ଭଲ ହେବ । ମୁଁ ତ ପ୍ରଥମରୁ ହିଁ ଦୁଇ ସଦନ ସପକ୍ଷରେ ନଥିଲି । ତେଣୁ ବର୍ଷେ ଦି'ବର୍ଷ ପରେ ଯେବେ ବମ୍ବେରେ ବିଧାନ ପରିଷଦ ବନ୍ଦ କରିବା ପ୍ରସ୍ତାବ ଆସିଲା ସେତେବେଳେ ଏକଥା ସର୍ବ ସମ୍ମତି କ୍ରମେ ସ୍ୱୀକାର କରାଯାଇଥିଲା ଏବଂ ସେ ପ୍ରସ୍ତାବକୁ ହିଁ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇ ଦେଇଥିଲି । କିନ୍ତୁ କେନ୍ଦ୍ର ଏହା ଉପରେ କୌଣସି ନିର୍ଣ୍ଣୟ ନେବା ପୂର୍ବରୁ ହିଁ ବମ୍ବେ ରାଜ୍ୟର ବିଭାଜନ ହେଲା । ଏହାପରେ ମହାରାଷ୍ଟ୍ର ରାଜ୍ୟ ନିଜର ବିଚାର ବଦଳ କରି ମହାରାଷ୍ଟ୍ରରେ ଦ୍ୱିତୀୟ ସଦନକୁ ରଖିଲା ଏବଂ ଆଜି ବି ଏହା ଚାଲୁଛି ।

୧୯୫୩ରେ ସରକାର ଓ ପ୍ରଦେଶ କଂଗ୍ରେସ କମିଟି ମଧ୍ୟରେ ସମ୍ପର୍କ ବିଷୟରେ ପ୍ରାଦେଶିକ କଂଗ୍ରେସ ଅଧ୍ୟକ୍ଷ ଏବଂ ମନ୍ତ୍ରୀମାନଙ୍କ ସହିତ ମିଳିକରି ବିବାଦୀୟ ପ୍ରଶ୍ନର ସମାଧାନ କରିବାକୁ ବମ୍ବେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଏସ୍. କେ. ପତିଲଙ୍କ ସହିତ ସ୍ଥିର କରାଯାଇଥିଲା । ଶ୍ରୀ ପତିଲଙ୍କ ଆଗ୍ରହ ଥିଲା ଯେ ପ୍ରତ୍ୟେକ ବିଷୟରେ ଦଳ ଅର୍ଥାତ କଂଗ୍ରେସର ପ୍ରାଦେଶିକ ସମିତିର ନିର୍ଣ୍ଣୟ ଚୂଡାନ୍ତ ଭାବେ ଗ୍ରହଣ କରାଯିବା ଉଚିତ । କିନ୍ତୁ ଅନ୍ୟ ତିନି ପ୍ରାଦେଶିକ ସମିତି ଏବଂ ମୋର ମତ ଥିଲା ଯେ ମତଭେଦ ହେଲେ, ବିବାଦୀୟ ପ୍ରଶ୍ନକୁ ଅଖିଳ ଭାରତ କଂଗ୍ରେସ ସମିତି ବା କାର୍ଯ୍ୟ ସମିତିକୁ ସମର୍ପି ଦେବା ଉଚିତ ହେବ । ଶ୍ରୀ ପତିଲ ଏଥିରେ ଏକମତ ହେଲେ ନାହିଁ । କିନ୍ତୁ ଜବାହାରଲାଲଜୀ ମତେ ସମର୍ଥନ କଲେ । ଫଳରେ ଶ୍ରୀ ପତିଲ ସମ୍ପୃକ୍ତ ମନ୍ତ୍ରଣାରେ ଭାଗ ମଧ୍ୟ ନେଉ ନଥିଲେ । କେତେକ ବିଷୟରେ ସେ ସାର୍ବଜନିକରୂପେ ସରକାରଙ୍କର ଆଲୋଚନା ମଧ୍ୟ କରିଥିଲେ । କିନ୍ତୁ ମୁଁ ସେ ବିଷୟରେ ଖୋଲିକରି କିଛି କହୁନଥିଲି, ଏଥିରେ ଆମ ବ୍ୟକ୍ତିଗତ ସମ୍ବନ୍ଧରେ କୌଣସି ଅପ୍ରିୟତା ଆସିନଥିଲା ଏବଂ ସରକାରୀ କାମରେ ମଧ୍ୟ କୌଣସି ଅସୁବିଧା ଆସିଲା ନାହିଁ ।

୧୯୫୩ ପ୍ରାରମ୍ଭରେ ବମ୍ବେ ରାଜ୍ୟର କେତେକ ଜିଲ୍ଲାରେ ଅକାଳ ପଡିଥିଲା । ଫଳରେ ବମ୍ବେର କେତେକ ଜିଲ୍ଲା ଦୁର୍ଭିକ୍ଷ ଗ୍ରସ୍ତ ହୋଇ ପଡିଥିଲା । ଦୁର୍ଭିକ୍ଷ ସହାୟତା କାମ ଆରମ୍ଭ କରାଗଲା । ଦୁର୍ଭିକ୍ଷ ବା ଅଭାବ ସ୍ଥିତିରେ କେଉଁ ପ୍ରକାର କାମ କରାଯାଏ, ତାହା ମତେ ବ୍ରିଟିଶ ସାମ୍ରାଜ୍ୟରେ ରାଜସ୍ୱ ଅଧିକାରୀ ଏବଂ ୧୯୩୭ରୁ ୧୯୩୯ ପର୍ଯ୍ୟନ୍ତ ରାଜସ୍ୱ ମନ୍ତ୍ରୀ ଭାବରେ କାମ କରିଥିବାରୁ, ଭଲ ଭାବରେ ଜଣାଥିଲା । ମୁଁ ଆଗରୁ ଉଲ୍ଲେଖ କରିଛି ଯେ ୧୯୪୬-୪୭ରୁ ମୁଁ ଏପରି ବ୍ୟବସ୍ଥା କରିଥିଲି ଯେ ଯେଉଁ ସ୍ଥାନରେ ଅକାଳ ପରିସ୍ଥିତି ଆସିବ ସେଠାରେ ତତ୍‌କାଳ ଲୋକମାନଙ୍କୁ ସାହାଯ୍ୟ ଦେବା କାମ ଆରମ୍ଭ ହେବ ଏବଂ ଅଧିକାରୀମାନେ ଉଚ୍ଚ ଅଧିକାରୀଙ୍କ ଆଦେଶକୁ ଅପେକ୍ଷା ନକରି କାମ ଆରମ୍ଭ କରିଦେବେ । ଲୋକଙ୍କୁ କାମ ଦେବା, କାମ କରିବା, ଅକ୍ଷମ ଲୋକଙ୍କ ପାଖରେ ସାହାଯ୍ୟ ପହଞ୍ଚାଇବା ଏବଂ ପଶୁମାନଙ୍କୁ ଘାସ ଚାରା ଯୋଗାଇବା ଇତ୍ୟାଦି ବ୍ୟବସ୍ଥାର ନିଶ୍ଚିତ ନିୟମ ତିଆରି ହୋଇଥିଲା । ଯେଉଁଠାରେ ପାଣିର ଅଭାବ ସେଠାକୁ ପାଣି ଯୋଗାଇବାର ବ୍ୟବସ୍ଥା ପାଇଁ ନିୟମ ତିଆରି କରି ତଦନୁସାରେ ସୂଚନା ଦିଆଯାଇଥିଲା । ତେଣୁ ୧୯୫୩ରେ ଯେତେବେଳେ ଅକାଳର ଭୀଷଣତା ବଢିଗଲା ସେତେବେଳକୁ ଏପରି ସହାୟତା କାମ ଆରମ୍ଭ ହୋଇସାରିଥିଲା ।

Digitized by srujanika@gmail.com

ଭାଉସାହେବ ହୀରେ ସେ ସମୟରେ ବମ୍ବେରେ ରାଜସ୍ୱ ମନ୍ତ୍ରୀ ଥିଲେ । ସେ ମତେ ପଚାରିଲେ ଯେ ସହାୟତା କାମ ପାଇଁ ମୁଁ କେତେ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ଇଚ୍ଛା କରିଛି । ସେ ସମୟରେ, ଏପରି ପରିସ୍ଥିତିରେ କେନ୍ଦ୍ର ଦ୍ୱାରା ରାଜ୍ୟକୁ ସହାୟତା ଦେବା ବ୍ୟବସ୍ଥା ନଥିଲା । କିନ୍ତୁ ରାଜ୍ୟ ଏ ସମ୍ବନ୍ଧରେ ବ୍ୟବସ୍ଥା କରି ନେଇଥିଲା । ମୁଁ ଶ୍ରୀ ହୀରେଙ୍କୁ କହିଲି, ''କେତେ ଟଙ୍କା ଆମକୁ ସହାୟତା କାର୍ଯ୍ୟ ପାଇଁ ଖର୍ଚ୍ଚ କରିବାକୁ ହେବ, ତାହା ବିଚାର ନକରି, ଯେତିକି ସାହାଯ୍ୟର ଆବଶ୍ୟକତା ଅଛି ସେତିକି ସାହାଯ୍ୟ ପାଇଁ ଆମକୁ ପ୍ରସ୍ତୁତ ହେବା ଉଚିତ । ଅନ୍ୟ କାମ ଉପରେ ଥିବା ଖର୍ଚ୍ଚ ଆମେ କମ୍ କରିପାରିବୁ କିନ୍ତୁ ଏ କାମରେ କୌଣସି ଢିଲା ଦେବା ଉଚିତ ହେବ ନାହିଁ । ତେଣୁ ଏଥିପାଇଁ ଆପଣ କୌଣସି ଚିନ୍ତା କରନ୍ତୁ ନାହିଁ ଏବଂ ଯେଉଁ ସବୁ ସହାୟତାର ଆବଶ୍ୟକତା ଅଛି ତା'ର ବ୍ୟବସ୍ଥା ଠିକ୍ ଭାବରେ କରିବାକୁ ଧ୍ୟାନ ଦିଅନ୍ତୁ ।'' ଶ୍ରୀ ହୀରେ ବୁଝିଗଲେ ଏବଂ କିଛି ବିଶେଷ ଅର୍ଥ ଅଲଗା ସୁରକ୍ଷିତ ରଖିବା ଦରକାର ପଡିଲା ନାହିଁ । ଏଥିରେ ଆମକୁ ବେଶ୍ ଖର୍ଚ୍ଚ କରିବାକୁ ପଡିଲା । କିନ୍ତୁ ସମସ୍ତେ ସ୍ୱୀକାର କଲେ ଯେ ଯେଉଁ ବ୍ୟବସ୍ଥା କରାଯାଇଥିଲା ସେଥିରେ ଲୋକମାନଙ୍କୁ ସନ୍ତୋଷ ମିଳିଲା ।

ଜବାହାରଲାଲଜୀ ଦୁର୍ଭିକ୍ଷ ନିରାକରଣ କାମ ଦେଖିବାକୁ ଆସିଥିଲେ । ଭାଉସାହେବ ହୀରେ ଏବଂ ମୁଁ ତାଙ୍କ ସାଥିରେ ଯାଇଥିଲୁ । ଜବାହାରଲାଲଜୀ କେତେ ଜାଗାରେ ବୁଲି ଲୋକମାନଙ୍କ ସହିତ କଥାବାର୍ତ୍ତା କଲେ ଏବଂ ସହାୟତା କାମ ମଧ୍ୟ ଦେଖିଲେ । ଆମେ ଯେଉଁ ବ୍ୟବସ୍ଥା କରିଥିଲୁ ସେସବୁ କଥା ସେ ଜାଣିଲେ । ଯେଉଁ କାମ ହେଉଥିଲା ତା'କୁ ଦେଖି ସେ ପୂର୍ଣ୍ଣ ସନ୍ତୋଷ ବ୍ୟକ୍ତ କରିଥିଲେ । ଏତିକି ନୁହେଁ, ସେ ସାର୍ବଜନିକ ଭାବେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ । ସେ ଏକଥା ବି କହିଥିଲେ ଯେ ଅନ୍ୟ ରାଜ୍ୟ ତୁଳନାରେ ବମ୍ବେ ରାଜ୍ୟରେ ଏ କାମ ବେଶି ଭଲଭାବରେ ହେଉଛି ବୋଲି ତାଙ୍କର ପୂରା ବିଶ୍ୱାସ ହୋଇଯାଇଛି ଏବଂ ସେ ଏ ବିଷୟରେ ପୂର୍ଣ୍ଣ ଆଶ୍ୱସ୍ତ ହୋଇଛନ୍ତି । ଭାଉସାହେବ ହୀରେଙ୍କ ଇଚ୍ଛା ଥିଲା ଯେ ସେ ସମ୍ପୂର୍ଣ୍ଣ ଭାବେ ଜବାହାରଲାଲଜୀ ସହିତ ରହିବେ ଏବଂ ମୁଁ ତାଙ୍କ ସହିତ ଯିବି ନାହିଁ । କିନ୍ତୁ ଜବାହାରଲାଲଜୀଙ୍କ ଇଚ୍ଛାଥିଲା ଯେ ମୁଁ ତାଙ୍କ ସହିତ ଯିବା ଉଚିତ ତେଣୁ ମୁଁ ମଧ୍ୟ ସାଥିରେ ଗଲି । ଶ୍ରୀ ହୀରେ ଏଥିରେ ଟିକିଏ ନାରାଜ ହୋଇଥିଲେ ବୋଲି ଜବାହାରଲାଲଜୀଙ୍କ ସାଥିରେ ଆସିଥିବା ଶ୍ରୀମତୀ ପଦ୍ମଜା ନାଇଡୁ କହିଥିଲେ । କିନ୍ତୁ ମୋର ମନେହୁଏ ଗସ୍ତ ପରେ ତାଙ୍କର ନାରାଜୀ ଦୂର ହୋଇଗଲା, କାରଣ ସେ ଦେଖିଲେ ଯେ ଜବାହାରଲାଲଜୀଙ୍କ ଅପେକ୍ଷା ମୁଁ ତାଙ୍କ କାମର ପ୍ରଶଂସା ବେଶୀ କରିଥିଲି ।

୧୯୫୩ ଅକ୍ଟୋବରରେ ଜବାହାରଲାଲଜୀ ଆର୍ଥିକ ସଙ୍କଟରେ ପଡିଥିବା ଉର୍ଦ୍ଦୁ କବି ଶ୍ରୀ ସାଗର ନିଜାମୀଙ୍କୁ ସାହାଯ୍ୟ ପାଇଁ ମତେ ଲେଖିଥିଲେ । ମୁଁ ତାଙ୍କର ସହାୟତା କରିଥିଲି । ଶ୍ରୀ ନିଜାମୀଙ୍କ ଠାରୁ ଜାଣିଥିଲି ଯେ ରାଜ୍ୟ ସରକାରଙ୍କ ସାହାଯ୍ୟରେ ସେ ସନ୍ତୁଷ୍ଟ ଥିଲେ ।

ଏଇ ସମୟରେ ଦିଲ୍ଲୀ ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଯେଉଁ କେତେ ସଦସ୍ୟ ନିଯୁକ୍ତ କରାଯାଏ, ସେଥିପାଇଁ କୌଣସି ନାମଜାଦା କଳାକାରଙ୍କ ନାମ ପ୍ରସ୍ତାବ କରିବାକୁ ମତେ କୁହାଗଲା । କୌଣସି କଳାକାରଙ୍କ ନାମ ମୁଁ ତ କହିପାରିଲି ନାହିଁ, କିନ୍ତୁ ଡା. କାଣେ, ଡା. ଖାନୋଲକର ଏବଂ ଶ୍ରୀମତୀ ହଂସା ମେହେତାଙ୍କ ନାମ ପରାମର୍ଶ କରିଥିଲି । ଜବାହାରଲାଲଜୀ ଡ. କାଣେଙ୍କ ନାମ ପସନ୍ଦ କରିଥିଲେ । ଡ. କାଣେଙ୍କୁ ମୁଁ ଯେତେବେଳେ ଏକଥା କହିଲି ସେ କହିଲେ କି ସେ ନିୟମିତ ଭାବରେ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ରାଜ୍ୟସଭା ଅଧିବେଶନରେ ଉପସ୍ଥିତ ହୋଇପାରିବେ ନାହିଁ -- ଏ ସର୍ତ୍ତ ମଞ୍ଜୁର ହେଲେ ସେ ଏ ନିଯୁକ୍ତି ସ୍ୱୀକାର କରିବେ । ମୁଁ ଜବାହାରଲାଲଜୀଙ୍କୁ ଏହାର ସୂଚନା ଦେଲି ଓ ସେ ଡ. କାଣେଙ୍କ ସର୍ତ୍ତ ସ୍ୱୀକାର କଲେ ଏବଂ ଏହାପରେ ରାଷ୍ଟ୍ରପତି ତାଙ୍କୁ ରାଜ୍ୟସଭା ସଦସ୍ୟ ନିଯୁକ୍ତ କଲେ ।

Digitized by srujanika@gmail.com

ସମ୍ବିଧାନରେ 'କନ୍‌କରେଣ୍ଟ' ଅର୍ଥାତ କେନ୍ଦ୍ର ଓ ରାଜ୍ୟର ଏକ ବିଷୟରେ ଆଇନ ତିଆରି କରିବା ପାଇଁ ଯେଉଁ ବ୍ୟବସ୍ଥା ଅଛି, ସେ ବିଷୟରେ ମତେ ଜବାହାରଲାଲଜୀଙ୍କୁ ୧୯୫୩ର ଶେଷ ଭାଗରେ କିଛି ଲେଖିବାକୁ ପଡିଥିଲା । ରାଜ୍ୟକୁ ଏପରି କୌଣସି ବିଷୟରେ ଆଇନ ତିଆରି କରିବାକୁ ହେଲେ, ପ୍ରଥମେ କେନ୍ଦ୍ରର ସ୍ୱୀକୃତି ପ୍ରାପ୍ତ କରିବାକୁ ପଡିଥାଏ । କିନ୍ତୁ କେନ୍ଦ୍ର ପାଇଁ ଏଭଳି ବିଷୟରେ ସଂସଦରେ ଆଇନ ପେଶ୍ କରିବା ପୂର୍ବରୁ ରାଜ୍ୟଙ୍କୁ ପଚାରିବା ଆବଶ୍ୟକତା ନଥିଲା । ସେଇ ଅନୁସାରେ କେନ୍ଦ୍ର ସରକାର ଯେବେ ସମ୍ବାଦପତ୍ରରେ ବିଜ୍ଞାପନ ଉପରେ ନିୟନ୍ତ୍ରଣ ରଖିବା ଆଇନ ରାଜ୍ୟ ସଭାରେ ପେଶ୍ କଲେ, ଆମକୁ ସେ ବିଷୟରେ କିଛି ପଚରା ଯାଇନଥିଲା । ମୁଁ ଜବାହାରଲାଲଜୀଙ୍କୁ ଏଇ ବିଷୟରେ ଲେଖିଥିଲି କାରଣ ଏ ବିଷୟ ଏକବର୍ଷ ହେବ ବମ୍ବେ ସରକାରଙ୍କର ବିଚାରାଧୀନ ଥିଲା । ଜବାହାରଲାଲଜୀଙ୍କୁ ମୁଁ ଲେଖିଲି, ''ଆପଣ ଏ ସମ୍ବନ୍ଧରେ ଆମକୁ ପଚାରିଥିଲେ ଆମେ ଆପଣଙ୍କୁ କିଛି ଉପଯୋଗୀ ପରାମର୍ଶ ଦେଇପାରିଥାନ୍ତୁ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମାନ ବ୍ୟବହାର ହେବା ଉଚିତ ।'' ଜବାହାରଲାଲଜୀ ଏକଥା ସ୍ୱୀକାର କରିଥିଲେ ଏବଂ ତଦନୁସାରେ ଏପରି ବିଷୟରେ ରାଜ୍ୟ ସହିତ ପୂର୍ବରୁ ପରାମର୍ଶ କରିବା ନୂଆ ପ୍ରଥା ଆରମ୍ଭ କରିଥିଲେ ।

(୫) ସମ୍ବାଦପତ୍ରର ସ୍ୱତନ୍ତ୍ରତା

୧୯୫୩ରେ ଏପରି ଗୋଟିଏ ପରିସ୍ଥିତି ଆସିଲା ଯେତେବେଳେ କେତେକ ଖବରକାଗଜ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ କରିବାକୁ ପଡିଲା । ବମ୍ବେରୁ ପ୍ରକାଶିତ 'ବ୍ଲିଟ୍‌ଜ'ରେ ଦୁଇ ତିନିଥର ଏପରି ଖବର ପ୍ରକାଶ ପାଇଲା ଯେଉଁଥିରେ ଜବାହାରଲାଲଜୀଙ୍କ ବଦନାମୀ ହେଉଥିଲା । ତା' ଉପରେ ଜବାହାରଲାଲଜୀଙ୍କ ତରଫରୁ 'ବ୍ଲିଟ୍‌ଜ' ସମ୍ପାଦକ ଶ୍ରୀ ରୁଷି କରଞ୍ଜିୟାଙ୍କୁ ନୋଟିସ୍ ଦିଆଗଲା ଯେ, ଏଥିପାଇଁ ସେ କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ଜୋରିମାନା ସ୍ୱରୂପ କୌଣସି ସାର୍ବଜନିକ କୋଷକୁ ଦଶହଜାର ଟଙ୍କା ଦାନ ଦିଅନ୍ତୁ । ଏ ସମ୍ବନ୍ଧୀୟ କାଗଜପତ୍ର ମୋ ପାଖକୁ ଆସିଥିଲା ଏବଂ ମୋ ପରାମର୍ଶ ମଧ୍ୟ ମଗାଯାଇଥିଲା । ମୁଁ କୌଣସି ଜବାବ ଦେବା ଆଗରୁ ଶ୍ରୀ କରଞ୍ଜିୟା ସାର୍ବଜନିକ ଭାବେ ଦୁଃଖ ପ୍ରକାଶ କରିଦେଇଥିଲେ । କିନ୍ତୁ ଏହା ଆଦୌ ସ୍ୱଷ୍ଟ ନଥିଲା କାରଣ ସେଥିରେ ସେ ନିଜର ଲେଖାର କେବଳ ସଫେଇ ଦେଇଥିଲେ ଏବଂ ଲେଖିଥିଲେ କୌଣସି କୋଷକୁ ଦାନ ଦେଇପାରିବେ ନାହିଁ । ସେ ଲେଖିଥିଲେ, ''ଆପଣ କୌଣସି କୋଷରେ କିଛି ଅର୍ଥ ଦାନ ଦେବାକୁ ଲେଖିଛନ୍ତି, କିନ୍ତୁ ଏପରି ଭାବରେ କୌଣସି ଅର୍ଥ ମୁଁ ବର୍ତ୍ତମାନ ଦେଇପାରିବି ନାହିଁ ।'' ଏହାର ଜବାବରେ ଜବାହାରଲାଲଜୀଙ୍କ ନିଜ ସହାୟକ ଲେଖିଥିଲେ ଯେ ତାଙ୍କୁ କୌଣସି କୋଷରେ ଚାନ୍ଦା ଦେବାକୁ କୁହାଯାଇ ନାହିଁ; ସେ ଯେଉଁ ବଦନାମୀ ଓ ମାନହାନୀ ଘଟାଇଛନ୍ତି ତା'ର ପ୍ରାୟଶ୍ଚିତ ସ୍ୱରୂପ ଟଙ୍କା ଦେବାକୁ କୁହାଯାଇଛି । ପରିଶେଷରେ ପ୍ରଧାନମନ୍ତ୍ରୀ ଶ୍ରୀ କରଞ୍ଜିୟାଙ୍କର ଦୁଃଖ ପ୍ରକାଶ ସ୍ୱୀକାର କରିନେଲେ ଏବଂ ଅର୍ଥ ଦେବା ଦାବୀ ମଧ୍ୟ ଛାଡି ଦେଇଥିଲେ । ଏ ଖବର ପାଇବା ମାତ୍ରେ ମୁଁ ଜବାହାରଲାଲଜୀଙ୍କୁ ଲେଖିଥିଲି, ''ଦୁଃଖ ପ୍ରକାଶ ବିନା ସର୍ତ୍ତରେ ହେବା ଉଚିତ କିନ୍ତୁ ଶ୍ରୀ କରଞ୍ଜିୟାଙ୍କ ଦୁଃଖ ପ୍ରକାଶ ଏପରି ନୁହେଁ । କିନ୍ତୁ ଆପଣ ଯେତେବେଳେ ସ୍ୱୀକାର କରିସାରିଲେଣି ସେତେବେଳେ ସେ ସମ୍ବନ୍ଧରେ ମୋର କିଛି କହିବାର ବା ପରାମର୍ଶ ଦେବାର ପ୍ରଶ୍ନ ଉଠୁନାହିଁ ।''

'ଟାଇମ୍‌ସ ଅଫ୍ ଇଣ୍ଡିଆ' ବିରୁଦ୍ଧରେ କିଛି କାର୍ଯ୍ୟକ୍ରମ କରିବା ପ୍ରଶ୍ନ ମଧ୍ୟ ଏଇ ବର୍ଷ ଉଠିଥିଲା । ଏ ଖବରକାଗଜର ସମ୍ପାଦକ ମଦ ନିଷେଧ ନୀତିର ତୀବ୍ର ବିରୋଧୀ ଥିଲେ ଏବଂ ଏହା ମୋ ବିରୁଦ୍ଧରେ ବ୍ୟକ୍ତିଗତ ବିରୋଧ ରୂପ ଧାରଣ କରିଥିଲା । ଏ କାଗଜ ପ୍ରାୟ ଶହେବର୍ଷ ହେବ ପ୍ରକାଶ ପାଉଥିଲା ଏବଂ ଯେତେ ତୀବ୍ର

Digitized by srujanika@gmail.com

ଆଲୋଚନା କରିଲେ ବି କୌଣସି ଅଶ୍ଲୀଳ ଭାଷା ବ୍ୟବହାର କରୁନଥିଲା କି ବ୍ୟକ୍ତିଗତ ଆକ୍ଷେପ ବି କରୁନଥିଲା । କିନ୍ତୁ ପରେ ତାର ଏ ନୀତି ବଦଳି ଥିଲା ଏବଂ ଅଶ୍ଳୀଳ ଭାଷା ଓ ବ୍ୟକ୍ତିଗତ ଆକ୍ଷେପକୁ ଏହା ଓହ୍ଲାଇ ଆସିଲା । 'ଟାଇମ୍‌ସ ଅଫ୍ ଇଣ୍ଡିଆ'ର ଏ ପରିବର୍ତ୍ତିତ ନୀତି ସମ୍ବାଦପତ୍ର ପାଇଁ ଲାଭପ୍ରଦ ନଥିଲା । ଏପରି ନୀତିରେ ତ ''ହଳଦିଆ ପତ୍ରକାରୀ'' ମାନେ ଖବରକାଗଜ ଚଳାନ୍ତି, ଭଲ ଜଣାଶୁଣା ସମ୍ବାଦପତ୍ରର ନୀତି ଏପରି ହୋଇପାରିବ ନାହିଁ । ସାମ୍ପ୍ରଦାୟିକ ସମ୍ବାଦପତ୍ର ଓ ''ହଳଦିଆ ପତ୍ରକାରିତା'' ବାଲାଙ୍କ ସମ୍ବାଦପତ୍ରକୁ ସରକାରୀ ବିଜ୍ଞାପନ ନଦେବା ବମ୍ବେ ସରକାରଙ୍କ ନୀତି ଥିଲା । 'ଟାଇମ୍‌ସ ଅଫ୍ ଇଣ୍ଡିଆ' ବମ୍ବେ ସରକାରଙ୍କର ଆଲୋଚନା କରିବା ଉପରେ ବମ୍ବେ ସରକାର ବା ମୁଁ କେବେ କୌଣସି ଆପତ୍ତି କରି ନଥିଲୁ କାରଣ ଲୋକତନ୍ତ୍ରରେ ଏପରି ଆପତ୍ତି ଶୋଭାପାଏ ନାହିଁ । ତେଣୁ ସରକାରୀ ଆଲୋଚନା ପାଇଁ ଆମେ କୌଣସି ସମ୍ପାଦକ ବା ପତ୍ରକାରକଙ୍କୁ କେବେ କିଛି ଦୋଷ ଦେଉ ନଥିଲୁ କି ନିଜର ବା ନିଜ ପକ୍ଷରେ କୌଣସି ବିଷୟ ଛପାଇବାକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ କୌଣସି ପ୍ରକାର ଚାପ ପକାଉ ନଥିଲୁ । କିନ୍ତୁ 'ଟାଇମ୍‌ସ ଅଫ୍ ଇଣ୍ଡିଆ' ପତ୍ରକାରିତାକୁ ଭୁଲ ବାଟରେ ଚଳାଇବା ଆରମ୍ଭ କରିବାରୁ ତା' ବିରୁଦ୍ଧରେ କାର୍ଯ୍ୟକ୍ରମ ଆରମ୍ଭ କରିବା ଆମ ପାଇଁ ଜରୁରୀ ହୋଇପଡିଲା ଏବଂ ଆମେ ତାକୁ ସରକାରୀ ବିଜ୍ଞାପନ ଦେବାକୁ ବନ୍ଦ କରିଦେଲୁ କାରଣ ମୋ ମତ ଅନୁସାରେ ସରକାରୀ ବିଜ୍ଞାପନ ଦେଇ ଏପରି ଭୁଲ ନୀତିର ସମର୍ଥନ କରିବା ବି ଲୋକତନ୍ତ୍ର ପାଇଁ ଶୋଭନୀୟ ନୁହେଁ ।

'ଟାଇମ୍‌ସ ଅଫ୍ ଇଣ୍ଡିଆ' ଏହା ଉପରେ ବହୁତ ହଟଚମଟ କଲା ଏବଂ ଏହାର ସମ୍ପାଦକ ଜବାହାରଲାଲଜୀଙ୍କୁ ସାକ୍ଷାତ କରି ଅଭିଯୋଗ ମଧ୍ୟ କଲେ । ଜବାହାରଲାଲଜୀ ଏକଥା ମତେ ଜଣାଇଥିଲେ । ସେ କୌଣସି ଆପତ୍ତି ନକରି ମୋ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଥିଲେ । ତଥାପି ଏ କଥା ମୁଁ କାହାକୁ କହିନଥିଲି କାରଣ ଜବାହାରଲାଲଜୀଙ୍କୁ କେହି ଦୋଷ ଦିଅନ୍ତୁ ଏକଥା ମୁଁ ଇଚ୍ଛା କରୁନଥିଲି । ତାଙ୍କ ସମର୍ଥନ ଯୋଗୁ ଖୁବ ଆତ୍ମସନ୍ତୋଷ ଲାଭ କଲି । ଜବାହାରଲାଲଜୀ କେବଳ ମୋର ସମର୍ଥନ କରିନଥିଲେ, ଏକଥା ମଧ୍ୟ ପରାମର୍ଶ ଦେଇଥିଲେ ଯେ ବିଜ୍ଞାପନ ପାଇଁ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ର ଦାମ୍ ବହୁତ ବେଶି ଥିବାରୁ ତାହା ବନ୍ଦ କରାଯାଇଛି ବୋଲି ଆରୋପ କରିବାକୁ, କିନ୍ତୁ ମୁଁ ତାଙ୍କର ଏ ପରାମର୍ଶର ଉପଯୋଗ କରିଲି ନାହିଁ । କାରଣ ଯେଉଁ କାରଣରୁ ବିଜ୍ଞାପନ ବନ୍ଦ କରାଯାଇଥିଲା ସେଥିରେ ବିଜ୍ଞାପନର ଦରର କୌଣସି ସମ୍ବନ୍ଧ ନଥିଲା ଏବଂ ଏପରି ଓଲଟା-ସିଧା କାରଣ ଦେବା ମତେ ଠିକ୍ ଲାଗୁ ନଥିଲା । କିଛି ସମୟ ପରେ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ର ନୀତିରେ କିଛି ସୁଧାର ଆସିଲା ତେଣୁ ସରକାରୀ ବିଜ୍ଞାପନ ପୁଣି ଦିଆଗଲା ।

ଏହି ସମ୍ବାଦପତ୍ରର ସ୍ୱାମୀତ୍ୱରେ ମଧ୍ୟ ଏତିକି ବେଳେ ପରିବର୍ତ୍ତନ ହୋଇଥିଲା । କିନ୍ତୁ ତା' ପୂର୍ବରୁ ଏହାର କର୍ମଚାରୀମାନେ ହରତାଳ କରିଥିଲେ ଏବଂ ସେମାନେ ମୋ ପାଖକୁ ଆସିଥିଲେ । ସେମାନେ ନିଜ ବିବାଦରେ ମତେ ମଧ୍ୟସ୍ଥତା କରିବାକୁ ଅନୁରୋଧ କରିଥିଲେ । ମୁଁ ତାଙ୍କୁ କହିଲି, ''ଦୁଇପକ୍ଷ ମଧ୍ୟସ୍ଥତା ପାଇଁ କହିଲେ ମୁଁ ମଧ୍ୟସ୍ଥ ହୋଇପାଇବି ।'' ସମ୍ବାଦପତ୍ରର ପରିଚାଳକ ମଧ୍ୟ ମତେ ମଧ୍ୟସ୍ଥତା କରିବାକୁ କହିବାରୁ ମୁଁ ରାଜି ହେଲି । ଦୁଇପକ୍ଷରୁ ଏକଥା ମୁଁ ରାଜି କରାଇ ନେଇଥିଲି ମୋ ମୀମାଂସା ପରେ ଯଦି କୌଣସି ପକ୍ଷ ତଦନୁସାରେ କାମ ନ କରେ ତେବେ ମୁଁ ସେ ପକ୍ଷର କୌଣସି ସହାୟତା କରିବି ନାହିଁ ଏବଂ ଅନ୍ୟପକ୍ଷକୁ ସମର୍ଥନ କରିବି । ପରେ ଯେଉଁ ମୀମାଂସା ଦେଲି, ସେଥିରେ କର୍ମଚାରୀମାନେ ସନ୍ତୁଷ୍ଟ ହେଲେ ନାହିଁ । ମୁଁ ସେମାନଙ୍କୁ ସ୍ପଷ୍ଟ ଭାବେ ସାବଧାନ କରାଇଦେଲି ଯେ ଭଙ୍ଗାରୁଜା ନୀତି ସହ୍ୟ କରାଯିବ ନାହିଁ । ଅନୁଷ୍ଠାନକୁ ନଷ୍ଟ କରିବାକୁ ଦିଆଯିବ ନାହିଁ । ଏଇ ଚେତାବନୀ କାରଣରୁ କର୍ମଚାରୀମାନେ ଶାନ୍ତ ହୋଇଗଲେ ।

'ଟାଇମ୍‌ସ ଅଫ୍ ଇଣ୍ଡିଆ' ମୋ ପ୍ରତି ପ୍ରଥମେ କ୍ରୁଦ୍ଧ ଥିଲେ । ତା' ସତ୍ତ୍ୱେ ମୋର ଏପରି ନୀତି ସମ୍ବାଦପତ୍ରର ପରିଚାଳକମାନଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା କାରଣ ସେମାନେ ବିଶ୍ୱାସ କରୁନଥିଲେ ଯେ ମୁଁ ଏ

Digitized by srujanika@gmail.com

ହରତାଳରେ ସେମାନଙ୍କୁ ସାହାଯ୍ୟ କରିବି । ସେମାନେ ବହୁତ କୃତଜ୍ଞତା ଜ୍ଞାପନ କଲେ ଏବଂ ପରୋକ୍ଷରେ ମତେ ପଚାରିଲେ ଯେ ମୋ ପାଇଁ ସେ କ'ଣ କରିପାରିବେ । ମୁଁ ତାଙ୍କୁ କହିଲି, ''ମତେ ଯାହା ଠିକ୍ ଲାଗିଲା ତାହା ହିଁ କରିଛି, ତେଣୁ ବିଶେଷ କୃତଜ୍ଞତା ସ୍ୱୀକାର କରିବାର ପ୍ରଶ୍ନ ହିଁ ଉଠୁନାହିଁ ।'' ଯେତେବେଳେ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ର ସ୍ୱାମିତ୍ୱ ପରିବର୍ତ୍ତନ ହେଲା ସେତେବେଳେ ନୂଆ ମାଲିକମାନେ ମତେ ସୂଚିତ କଲେ ଯେ, ''ସମ୍ବାଦପତ୍ରର ସମ୍ପାଦକ ଆପଣ ବଦଳାଇବାକୁ ଇଚ୍ଛା କଲେ ଆମେ ତାହା କରିବାକୁ ପ୍ରସ୍ତୁତ ଅଛୁ ।'' ମୁଁ କହିଲି, ''ସମ୍ପାଦକ ବଦଳି ବିଷୟରେ ମୋର କିଛି କହିବା ମୋ ପକ୍ଷରେ ଅତ୍ୟନ୍ତ ଅଶାଳୀନ ହେବ, ସେଥିପାଇଁ ମତେ ପଚାରିବାର କୌଣସି ଆବଶ୍ୟକତା ନାହିଁ । ସମ୍ପାଦକ ମୋ ବିରୁଦ୍ଧରେ ଲେଖିଲେ ତାଙ୍କୁ ବଦଳି କଥା ମୁଁ କେବେ ହେଲେ କହିବି ନାହିଁ କାରଣ ମୁଁ ସମ୍ବାଦପତ୍ର ସ୍ୱତନ୍ତ୍ରତାର ସିଦ୍ଧାନ୍ତ ଉପରେ ବିଶ୍ୱାସ କରେ ।'' ଏହାପରେ ସମ୍ପାଦକଙ୍କୁ ସାଙ୍ଗରେ ନେଇ, ମୁଖ୍ୟ ପରିଚାଳକ ଶ୍ରୀ ଯେ.ସି. ଜୈନ ମୋ ପାଖକୁ ଆସିଥିଲେ ଏବଂ ମୋ ସହିତ କିଛି କଥାବାର୍ତ୍ତା ମଧ୍ୟ କଲେ । ସେ ସ୍ୱୟଂ ମୋ ପାଖକୁ ଆସିଥିଲେ । ସମ୍ପାଦକ ମହୋଦୟ ସମ୍ବାଦପତ୍ରର ନୀତିରେ କିଛି ପରିବର୍ତ୍ତନ କରିବା ବିଷୟରେ ମୋର ପରାମର୍ଶ ଜାଣିବାକୁ ଚାହିଁଲେ । ମୁଁ ତାଙ୍କୁ ସ୍ପଷ୍ଟ କହିଲି, ''ଏଥିରେ ମୋ ପରାମର୍ଶର କୌଣସି ପ୍ରଶ୍ନ ନାହିଁ । ଆପଣଙ୍କ ସମ୍ବାଦପତ୍ରର ଯେଉଁ ନୀତି ଅଛି, ତା'କୁ କାମରେ ଲଗାଇବା ଆପଣଙ୍କର କର୍ତ୍ତବ୍ୟ ଅଟେ । ଏହାଛଡା ମୁଁ ଆପଣଙ୍କୁ ଆଉ କିଛି କହି ପାରିବ ନାହିଁ ।'' ସେ ବିଶେଷ ଅନୁରୋଧ କରିବାରୁ ମୁଁ କହିଲି, ''ଆପଣ ନିଜ ସିଦ୍ଧାନ୍ତ ଉପରେ ସେତିକି ବେଳେ ଠିକ୍‌କରି ଚାଲିପାରିବେ ଏବଂ ସେତିକି ବେଳେ ଜନତାର ମଙ୍ଗଳ କରିପାରିବେ ଯେତେବେଳେ ନିଜେ ମାନି ନେଇଥିବା ନୀତିର ଅନୁସରଣ କରି ସରକାରଙ୍କ ଭୁଲ ଜଣାପଡିଲେ ତାହା ତାଙ୍କ ସମ୍ମୁଖକୁ ଆଣିବେ ଏବଂ ଜନତାର ଭୁଲ ଜଣାପଡିଲେ ତାହା ଜନତାଙ୍କୁ ନ କହି ରହିପାରିବେ ନାହିଁ । ବ୍ୟକ୍ତିଗତ ଆଲୋଚନା ଏବଂ ଆକ୍ଷେପ କରି ଲେଖିବା ବଦଳରେ କେବଳ ନୀତି ସମ୍ବନ୍ଧ ଆଲୋଚନା କରିବା ଆପଣଙ୍କର ଉଚିତ ହେବ ଏବଂ ଏହା ମଧ୍ୟ ଶିଷ୍ଟ ଭାଷାରେ ବିବେକାନୁମୋଦନ ପୂର୍ବକ କରିବା ଉଚିତ । ସେଥିପାଇଁ ମତେ କୌଣସି ବିଶେଷ ପରାମର୍ଶ ଦେବା ଉଚିତ ହେବ ନାହିଁ । କୌଣସି ବିଷୟରେ ମୋ ମତ ପଚାରିବାର ଥିଲେ ଆପଣ ଅବଶ୍ୟ ପଚାରିପାରନ୍ତି । ପଚାରିଲେ ମୁଁ ମୋର ମତ ଦେବି ଏବଂ ତା' ସହିତ ଆବଶ୍ୟକୀୟ ତଥ୍ୟ ମଧ୍ୟ ଦେବି । କିନ୍ତୁ ମୁଁ ଆପଣଙ୍କୁ ଏକଥା ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ ମୋ ଇଚ୍ଛାକୁ ମାନିବା ଆପଣଙ୍କ ପକ୍ଷେ ଜରୁରୀ ନୁହେଁ ।''

ଏହାର କିଛି ଦିନ ପରେ, ପରିଚାଳକ ଏବଂ ସମ୍ପାଦକ ଦୁଇଜଣଙ୍କ ମଧ୍ୟରେ ନିଜ ନିଜର କାର୍ଯ୍ୟକ୍ଷେତ୍ର ସୀମା ଓ ଅଧିକାର ନେଇ ବିବାଦ ଲାଗିଥିଲା । ସମ୍ପାଦକ ଜୋର ଦେଲେ ଯେ ସମ୍ପାଦକୀୟ କାର୍ଯ୍ୟରେ ପରିଚାଳକ କୌଣସି ହସ୍ତକ୍ଷେପ କରିବା ଉଚିତ ନୁହେଁ । ଏ ବିଷୟରେ ମୋ ଉପଦେଶ ଚାହିଁବାରୁ ମୁଁ ମୋର ସ୍ପଷ୍ଟ ରାୟ ଦେଇ କହିଲି, ''ସମ୍ବାଦପତ୍ରର ସ୍ୱତନ୍ତ୍ରତା, ସମ୍ପୂର୍ଣ୍ଣ ଭାବେ ପାଳନ କରାଯିବା ଉଚିତ । ସମ୍ବାଦପତ୍ରରେ ଯାହା କିଛି ଲେଖାଯାଏ ସେଥିରେ ସମ୍ପାଦକଙ୍କ ସ୍ୱତନ୍ତ୍ରତାର ସିଦ୍ଧାନ୍ତକୁ ସମ୍ପୂର୍ଣ୍ଣ ଭାବେ ମାନିବା ଉଚିତ । ଏହାଛଡା ଅନ୍ୟାନ୍ୟ କାମ ପରିଚାଳକ କରିପାରନ୍ତି, କିନ୍ତୁ ସମ୍ପାଦକୀୟ ବିଭାଗରେ କାମ କରୁଥିବା କର୍ମଚାରୀଙ୍କୁ କେବଳ ସମ୍ପାଦକ ନିୟନ୍ତ୍ରଣ କରିବା ଉଚିତ । ପରିଚାଳକ ସମ୍ବାଦପତ୍ରର ସ୍ୱୀକୃତ ନୀତି ପ୍ରତି ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତି ।'' ମୋର ଏହି ବିଚାରଧାରାରେ ସମ୍ପାଦକ ବେଶ୍ ସନ୍ତୁଷ୍ଟ ହୋଇଥିଲେ ଏବଂ ପରିଚାଳକ ଏହାକୁ ସ୍ୱୀକାର କରି ନେଇଥିଲେ ।

ଏହିବର୍ଷ 'ବ୍ଲିଟ୍‌ଜ' ମୋର ସାଥୀ ଶ୍ରୀ ହୀରେଙ୍କ ବିରୁଦ୍ଧରେ ମାଲେଗାଁରେ ଏବଂ ଅନ୍ୟତ୍ର ଫଣ୍ଡ ସଂଗ୍ରହ ସମ୍ବନ୍ଧରେ କିଛି ଆରୋପ ଆଣିଥିଲେ । ଆରୋପ ଥିଲା ଯେ ଶ୍ରୀ ହୀରେ ସାର୍ବଜନିକ ଫଣ୍ଡ ଜମା କରିବାବେଳେ ସେଥିରୁ କିଛି ଅର୍ଥ ବ୍ୟକ୍ତିଗତ ଭାବେ ଜମା କରିଥିଲେ । ଏହିପରି ଶାସନ କ୍ଷମତାର ଦୁରୋପଯୋଗ ଅଭିଯୋଗ

Digitized by srujanika@gmail.com

ହୋଇଥିଲା । ବିଧାନସଭାରେ ମଧ୍ୟ ଏ ପ୍ରଶ୍ନ ଉଠିଲା । ମୁଁ ଶ୍ରୀ ହୀରେଙ୍କ ସହିତ କଥାବାର୍ତ୍ତା କରି ସବୁ କଥା ବୁଝି ନେଇଥିଲି । ସବୁ ଚର୍ଚ୍ଚା ପରେ ମତେ ଲାଗିଲା ଯେ ହିସାବ କିତାବରେ ଅନିୟମିତତା ଅଛି କିନ୍ତୁ ଶ୍ରୀ ହୀରେ କିଛି ବେନାମୀ କରିନାହାନ୍ତି । ବିଧାନସଭାରେ ଶ୍ରୀ ହୀରେଙ୍କ ଅପେକ୍ଷା ମତେ ଜବାବ ଦେବା ଠିକ୍ ଲାଗିଲା । ଶ୍ରୀ ହୀରେଙ୍କୁ ବି ଏକଥା ପସନ୍ଦ ହେଲା କାରଣ ମୋ ଜବାବରେ ଲୋକମାନଙ୍କ ଅଧିକ ବିଶ୍ୱାସ ହେବା ସମ୍ଭାବନା ଥିଲା । ମୁଖ୍ୟମନ୍ତ୍ରୀ ଭାବରେ ମୁଁ ଏହା ନିଜର କର୍ତ୍ତବ୍ୟ ମାନୁଥିଲି ଯେ ମୋ ସାଥିମାନଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ତା'ର ଜବାବ ମତେ ଦେବା ଉଚିତ । ତେଣୁ ମୁଁ ଏହାର ଜବାବ ଦେବାକୁ ସ୍ଥିର କଲି । ବିଧାନସଭାରେ ମୁଁ ବିସ୍ତାର ପୂର୍ବକ ସବୁକଥା କହି ସଫାଇ ଦେଲି । ଏହାର ପରିଣାମ ସ୍ୱରୂପ ଏ ସମ୍ବନ୍ଧରେ ଆଉ କୌଣସି ପ୍ରଶ୍ନ ଉଠିଲା ନାହିଁ ଏବଂ ଏ ଚର୍ଚ୍ଚା ପୂରାପୂରି ବନ୍ଦ ହୋଇଗଲା ।

ଜବାହାରଲାଲଜୀଙ୍କୁ ଏ ଅଭିଯୋଗ ଜଣାପଡିବାରୁ ସେ ମତେ ପ୍ରକୃତ ଘଟଣା ପଚାରିଲେ । ସମ୍ବାଦପତ୍ରରେ ଯାହା ପ୍ରକାଶ ହୋଇଥିଲା ତାହା ଆକ୍ଷେପାତ୍ମକ ଏବଂ ଅପମାନଜନକ ଥିଲା । କୌଣସି ଦାୟିତ୍ୱପୂର୍ଣ୍ଣ ମନ୍ତ୍ରୀଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଠିକ୍ ନୁହେଁ । ତେଣୁ ସେ ସଠିକ୍ ଖବର ଜାଣିବାକୁ ଚାହିଁଲେ । ଏ ଚିଠି ମୁଁ ଶ୍ରୀ ହୀରେଙ୍କୁ ଦେଲି ଓ ଜବାବ ତାଙ୍କୁ ଦେଖାଇ ମୁଁ ଜବାହାରଲାଲଜୀଙ୍କ ପାଖକୁ ପଠାଇଲି । ମୋ ଜବାବ ପାଇ ଜବାହାରଲାଲଜୀଙ୍କ ଆଶଙ୍କା ଦୂର ହେଲା -- ଏପରି ସେ ମତେ ପରେ ସାକ୍ଷାତରେ କହିଥିଲେ ।

ମୁଁ ଏକଥା ଉଲ୍ଲେଖ କରିଛି ଯେ ମନ୍ତ୍ରୀମଣ୍ଡଳ ତିଆରି କରିବା ଦିନଠାରୁ ଶ୍ରୀ ହୀରେ ମୋ ଉପରେ ଅସନ୍ତୁଷ୍ଟ ଥିଲେ । ମନ୍ତ୍ରୀଭାବେ ଯୋଗ ଦେବାପରେ ମଧ୍ୟ ମତେ ଯେତିକି ତାଙ୍କଠାରୁ ସହଯୋଗ ମିଳିବା କଥା ସେତିକି ମିଳୁନଥିଲା -- ଏକଥା ସମସ୍ତେ ଜାଣୁଥିଲେ । ତେଣୁ ମୁଁ ଯେତେବେଳେ ଶ୍ରୀ ହୀରେଙ୍କୁ ବଞ୍ଚାଇଲି, ସେତେବେଳେ କିଛି ବନ୍ଧୁ କର୍ମକର୍ତ୍ତାମାନଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ସେମାନଙ୍କ ମଧ୍ୟରୁ କେତେଜଣଙ୍କର ଇଚ୍ଛା ଥିଲା ଯେ ମୁଁ ତାଙ୍କୁ ରକ୍ଷା କରିନଥାନ୍ତି ଏବଂ ଶ୍ରୀ ହୀରେ ଏଇ ସମାଲୋଚନା ଜନିତ କଷ୍ଟ ଭୋଗ କରିଥାନ୍ତେ । କିନ୍ତୁ ସେ ସମସ୍ତଙ୍କୁ ବୁଝାଇ ମୁଁ କହିଲି ଶ୍ରୀ ହୀରେ ମୋ ସହିତ ସହଯୋଗ ନ କରନ୍ତୁ କିନ୍ତୁ ସେ ଯେତେଦିନ ଯାଏ ମୋ ମନ୍ତ୍ରୀମଣ୍ଡଳରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ସେତେଦିନ ଯାଏ ମତେ ତାଙ୍କ ସହିତ ସହଯୋଗ କରିବାକୁ ହେବ, ଏବଂ ଭୁଲ ଆରୋପ ଯୋଗୁ ତାଙ୍କ ସମ୍ମାନରେ ଆଞ୍ଚ ଆସିଲେ ମୁଁ ତାଙ୍କୁ ରକ୍ଷା କରିବା ଉଚିତ । ମୁଁ ତ ସବୁବେଳେ କହିଆସୁଛି ଯେ ଅନ୍ୟର ବ୍ୟବହାର ଅନୁଚିତ ହେଲେ ମଧ୍ୟ ତାକୁ ନଦେଖି ନିଜେ ଠିକ୍ ବ୍ୟବହାର କରିବା ଉଚିତ । ଏଣୁ ଶ୍ରୀ ହୀରେଙ୍କୁ ମୁଁ ଯେଉଁ ସୁରକ୍ଷା ଦେଇଥିଲି, ମୋ କର୍ତ୍ତବ୍ୟ ଭାବି ଦେଇଥିଲି ।

ଏ ଘଟଣାର କିଛି ଦିନ ପରେ ମୋ ସହିତ କାମ କରିବା ରୀତିନୀତି ବିଷୟରେ ମୁଁ ହୀରେଙ୍କ ସହିତ କଥାବାର୍ତ୍ତା କରିଥିଲି । ଆମେ ପଡୋଶୀ ଥିଲୁ ତଥାପି ଦୁଇ ପରିବାର ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ହୋଇପାରି ନଥିଲା । ଆମେ ଆପୋଷରେ କମ୍ ମିଳାମିଶା କରୁଥିଲୁ । ମୁଁ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲି ଯେ ମନରୁ ବିରୋଧ ଭାବ ଦୂରକରି ମହତ୍ୱପୂର୍ଣ୍ଣ ବନ୍ଧୁଙ୍କୁ ଯେପରି ଶୋଭାପାଏ ସେପରି ସହଯୋଗ କରିବା ଉଚିତ । ଏହାପରେ ପୁଣି ସଂଯୁକ୍ତ ମହାରାଷ୍ଟ୍ର ଗୋଳମାଳ ଆରମ୍ଭ ହୋଇଗଲା ଏବଂ ସେଥିରେ ସେ ଖୁବ୍ ସକ୍ରିୟ ଭାଗ ନେଇଥିଲେ । ଏ ସମ୍ବନ୍ଧରେ ମଧ୍ୟ ମୁଁ ତାଙ୍କୁ କହିଥିଲି, "ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ଅଲଗା ହୋଇଗଲେ ଦୁହିଁଙ୍କ ମଧ୍ୟରୁ ଜଣକୁ ବି ଲାଭ ହେବ ନାହିଁ । ବରଂ ଦୁହିଁଙ୍କର କିଛି ନା କିଛି କ୍ଷତି ହେବ । ଦୁଇଟି ପ୍ରଦେଶ ଏପରି ଯେ ସ୍ୱଭାବ ଏବଂ ଶକ୍ତିରେ ଜଣେ ଅନ୍ୟ ଜଣର ପରିପୂରକ ଅଟେ । କେବଳ ଏତିକି ନୁହେଁ ଜଣେ ଅନ୍ୟର ପରିପୂରକ ଭାବେ ସଂଯୁକ୍ତ ହୋଇ ରହିଲେ ଭାରତରେ ଅନ୍ୟ ସବୁ ପ୍ରାଦେଶିକ ସରକାର ମଧ୍ୟରେ ବମ୍ବେ

Digitized by srujanika@gmail.com

ସର୍ବୋତ୍ତମ ରହିବ ଏବଂ ଭାରତର ଏକୀକରଣରେ ବହୁତ ବଡ଼ ଯୋଗଦାନ କରିପାରିବ ।'' ମୁଁ ଏକଥା ବି କହିଲି ଯେ ''ମୁଁ ପାଞ୍ଚବର୍ଷରୁ ଅଧିକ ମୁଖ୍ୟମନ୍ତ୍ରୀ ରହିବାକୁ ଚାହେଁ ନାହିଁ ଏବଂ ଆପଣ ଯଦି ମୋ ସହିତ ପୂରା ଭାବେ ସହଯୋଗ କରନ୍ତି ଓ ଭଲ କାମ କରନ୍ତି ତେବେ ମୋ ପରେ ଆପଣ ହିଁ ମୁଖ୍ୟମନ୍ତ୍ରୀ ହେବେ ।'' କିନ୍ତୁ ତାଙ୍କ କ୍ରୋଧରେ ପରିବର୍ତ୍ତନର କୌଣସି ସଙ୍କେତ ଦେଖାଗଲା ନାହିଁ । ସେ କହିଲେ ଯେ ସଂଯୁକ୍ତ ମହାରାଷ୍ଟ୍ର ଅନ୍ଦୋଳନ ପାଇଁ ସେ ବଚନବଦ୍ଧ ହୋଇସାରିଛନ୍ତି । ତେଣୁ ଏ ସମ୍ବନ୍ଧରେ ସେ ବଦଳି ପାରିବେ ନାହିଁ । ଏହାପରେ ମୁଁ ତାଙ୍କ ସହିତ ଏ ବିଷୟ ଚର୍ଚ୍ଚା କରିବା ବନ୍ଦ କରିଦେଲି ଏବଂ ତାଙ୍କ ପାଖକୁ ଆସିବା ଛାଡିଦେଲି ।

ଏ ଚର୍ଚ୍ଚା ପରେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କୁ ମୁଁ ମୋର ଉତ୍ତରାଧିକାରୀ କରିବାକୁ ବିଚାର କଲି ଏବଂ ବମ୍ବେ ପ୍ରାଦେଶିକ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ଯେଉଁମାନେ ଅଧିକାଂଶ ସମୟରେ ମୋ ମତ ସ୍ୱୀକାର କରୁଥିଲେ, ସେମାନଙ୍କୁ ମୁଁ ତାଙ୍କ ପାଇଁ ସୁପାରିଶ କଲି । ଏହାଦ୍ୱାରା ୧୯୫୬ ନଭେମ୍ବର ପହିଲାରେ ଯେତେବେଳେ ବମ୍ବେ ପ୍ରଦେଶରୁ କର୍ଣ୍ଣାଟକ ଅଲଗା ହୋଇଗଲା ଏବଂ ବିଦର୍ଭ, ମରାଥୱାଡା ଓ ସୌରାଷ୍ଟ୍ର ସହିତ ମିଶି ବିଶାଳ ବମ୍ବେ ରାଜ୍ୟର ନୂଆ ପ୍ରଦେଶ ତିଆରି ହେଲା, ସେତେବେଳେ କଂଗ୍ରେସ ଦଳର ନେତା ନିର୍ବାଚନରେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କୁ ସବୁଠାରୁ ଅଧିକ ମତ ମିଳିଥିଲା ଏବଂ ସେ ନେତା ନିର୍ବାଚିତ ହୋଇଥିଲେ । ଭାଉସାହେବ ହୀରେ ପ୍ରାର୍ଥୀ ଥିଲେ, କିନ୍ତୁ ତାଙ୍କୁ ବହୁତ କମ ମତ ମିଳିଥିଲା ।

ଏହାର ବର୍ଷେ ପରେ ଶ୍ରୀ ଭାଉସାହେବ ହୀରେଙ୍କ ସ୍ୱର୍ଗବାସ ହୋଇଥିଲା । ତା' ପୂର୍ବରୁ ସେ ଦିଲ୍ଲୀ ଆସିଥିଲେ ଓ ମୋ ସହିତ ସାକ୍ଷାତ କରିଥିଲେ । ସେତେବେଳେ ସେ ନିଜ ଦୋଷ ସ୍ୱୀକାର କରିଥିଲେ ଏବଂ ସେଥିପାଇଁ କ୍ଷମା ପ୍ରାର୍ଥନା କରିଥିଲେ, ତା'ପରେ ମଧ୍ୟ ସେ ମୋ ପାଖକୁ ଆସୁଥିଲେ ମୁଁ ନିଜ ତରଫରୁ ତାଙ୍କ ସହିତ ଭଲ ସମ୍ପର୍କ ରଖିଥିଲି ।

ମୁଁ ଆଗରୁ ଲେଖିସାରିଛି ଯେ ୧୯୫୨ ନିର୍ବାଚନ ପୂର୍ବରୁ ଭୂପତ ଡକାୟତ ସୌରାଷ୍ଟ୍ରରେ ବହୁତ ଉପଦ୍ରବ କରୁଥିଲା । ଲୋକମାନଙ୍କ ମଧ୍ୟରେ ତା' ପ୍ରତି ବଡ ଅସନ୍ତୋଷ ଓ ଆତଙ୍କ ମଧ୍ୟ ଥିଲା । ଧେବରଭାଇ ସେ ସମୟରେ ସୌରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ । କିନ୍ତୁ ନିଜର ଦୁଇ ବନ୍ଧୁ ଶ୍ରୀ ବଳବନ୍ତ ରାୟ ମେହେତା ଓ ଶ୍ରୀ ରସିକଲାଲ ପରିଖ୍ଙ୍କ ସହିତ ତାଙ୍କର ବେଶି ପଟୁ ନଥିଲା । ସ୍କୁଲ ଫିସ୍ ବୃଦ୍ଧି ପାଇଁ ଆନ୍ଦୋଳନକୁ କେନ୍ଦ୍ରକରି ଶ୍ରୀ ବଳବନ୍ତ ରାୟ ମେହେତା ମନ୍ତ୍ରୀମଣ୍ଡଳରୁ ଆଗରୁ ଚାଲିଯାଇଥିଲେ । ମନ୍ତ୍ରୀମଣ୍ଡଳକୁ ବିରୋଧି ପକ୍ଷରୁ ବଞ୍ଚାଇବା ପାଇଁ ନିଜେ ବଳିଦାନ ଦେଇଥିଲେ । ଫିସ୍ ବୃଦ୍ଧି ଦାୟିତ୍ୱ ସମସ୍ତ ମନ୍ତ୍ରୀମଣ୍ଡଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଥିଲା । ଏଥିରେ ଦୁଇଜଣଙ୍କ ମନୋମାଳିନ୍ୟ ଦୂର ହେବା କଥା କିନ୍ତୁ ଏପରି ହେଲା ନାହିଁ, ଓଲଟି ଦୁଇଜଣଙ୍କ ମଧ୍ୟରେ ଦୂରତା ଆହୁରି ବଢିଯାଇଥିଲା ।

ଏଇସବୁ ଆଭ୍ୟନ୍ତରିକ ପରିସ୍ଥିତି ଅବଗତ କରାଇ ଧେବରଭାଇ ମତେ କହିଲେ, ''ନିର୍ବାଚନରେ ଛିଡା ହେବାର ମୋର ଇଚ୍ଛା ନାହିଁ । କାରଣ ଏପରି ପରିସ୍ଥିତିରେ ମନ୍ତ୍ରୀମଣ୍ଡଳର ଦାୟିତ୍ୱ ନେବା ମତେ ଭଲ ଲାଗୁନାହିଁ ।'' କିନ୍ତୁ ସେ ସମୟରେ ସୌରାଷ୍ଟ୍ରରେ ଯେଉଁ ପରିସ୍ଥିତି ଥିଲା, ସେଥିରେ କଂଗ୍ରେସ ନିର୍ବାଚନରେ ଜିତିବା ନିହାତି ଆବଶ୍ୟକ ଥିଲା । କଂଗ୍ରେସକୁ ଭଲ ସଫଳତା ମିଳିବା ପାଇଁ ଧେବରଭାଇଙ୍କୁ ନିର୍ବାଚନ ଲଢିବା ଅତ୍ୟନ୍ତ ଜରୁରୀ ଥିଲା କାରଣ ତାଙ୍କ ପ୍ରାର୍ଥୀତ୍ୱ ଉପରେ କଂଗ୍ରେସକୁ ସମସ୍ତଙ୍କ ସମର୍ଥନ ମିଳିବା ନିର୍ଭର କରୁଥିଲା । ମୁଁ ତେଣୁ ତାଙ୍କୁ ଆଗ୍ରହ ପୂର୍ବକ କହିଲି ଯେ ସେ ନିର୍ବାଚନ ଲଢିବା ଉଚିତ ଓ ମନ୍ତ୍ରୀମଣ୍ଡଳ ଗଢିବା ଉଚିତ । ଧେବରଭାଇ ଶେଷରେ ମୋ କଥା ମାନିଲେ ଏବଂ ନିର୍ବାଚନରେ ଜିତି ମନ୍ତ୍ରୀମଣ୍ଡଳ ଗଢିଲେ ।

Digitized by srujanika@gmail.com

ଏହାପରେ ବି ଥରେ ଦୁଇଥର ସେ ମତେ କହିଥିଲେ ଯେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ମୁକ୍ତି ମିଳିଗଲେ ଠିକ୍ ହେବ । ୧୯୫୩ ଆରମ୍ଭରେ ଯେତେବେଳେ ପଶ୍ଚିମ ବଙ୍ଗଳାର କଲ୍ୟାଣୀରେ କଂଗ୍ରେସ ଅଧିବେଶନ ହୋଇଥିଲା, ସେ ପୁଣି ସେ ସମ୍ବନ୍ଧରେ ମତେ କହିଲେ ଏବଂ ଜୋରଦେଇ କହିଲେ ଯେ, ''ଆପଣ ଜବାହାରଲାଲଜୀଙ୍କୁ ବୁଝାନ୍ତୁ -- ସେ ମତେ ମନ୍ତ୍ରୀମଣ୍ଡଳରୁ ମୁକ୍ତ ହେବାକୁ ଅନୁମତି ଦିଅନ୍ତୁ ।'' ମୁଁ ତାଙ୍କୁ ଏପରି ମନ୍ତ୍ରୀମଣ୍ଡଳରୁ ବାହାରି ନଯିବାକୁ ପୁଣି ବୁଝାଉଲି କିନ୍ତୁ ସେ ମାନିଲେ ନାହିଁ । ମୁଁ ତାଙ୍କୁ ଏକଥା ମଧ୍ୟ କହିଲି ଯେ, ''ଆପଣ ରାଜକୋଟ ଫେରିବେ, ମନ୍ତ୍ରୀମଣ୍ଡଳର ସାଥିମାନେ ଆପଣଙ୍କୁ ମନ୍ତ୍ରୀମଣ୍ଡଳରେ ରହିବାକୁ ଅନୁରୋଧ କରିବେ । ସେତେବେଳେ ମନ୍ତ୍ରୀମଣ୍ଡଳ ତ୍ୟାଗ କରିବା କଥା ଆପଣଙ୍କୁ ଛାଡିବାକୁ ପଡିବ, ଏହା ମୋର ବିଶ୍ୱାସ ।'' କିନ୍ତୁ ସେ ତୁରନ୍ତ କହିଲେ, ''ମନ୍ତ୍ରୀମଣ୍ଡଳ ଛାଡିବା ବିଚାର ମୁଁ କୌଣସି ପରିସ୍ଥିତିରେ ବଦଳାଇ ପାରିବି ନାହିଁ । ତେଣୁ ଆପଣ ଏ ବିଷୟରେ ଜବାହାରଲାଲଜୀଙ୍କ ସହିତ କଥା ହୁଅନ୍ତୁ ।'' ମୁଁ ଜବାହାରଲାଲଜୀଙ୍କୁ ତାଙ୍କ ବିଚାରଧାରା ସହ ଏ ବିଷୟରେ କହିଲି । ଜବାହାରଲାଲଜୀ କହିଲେ, ''ଯଦି ତାଙ୍କର ଏତେ ପ୍ରବଳ ଇଚ୍ଛା ତେବେ ସେ ମନ୍ତ୍ରୀମଣ୍ଡଳ ଛାଡି ପାରନ୍ତି, ମୋର ଏଥିରେ କୌଣସି ଆପତ୍ତି ନାହିଁ ।'' ଧେବରଭାଇଙ୍କୁ ମୁଁ ଏକଥା କହି ଦେଇଥିଲି ।

ଧେବରଭାଇ କଲ୍ୟାଣୀରୁ ଫେରିଯିବା ପରେ ତାଙ୍କ ସାଥିମାନେ ମନ୍ତ୍ରୀମଣ୍ଡଳ ଛାଡି ରାଜକୋଟରୁ ନ ଯିବାକୁ ତାଙ୍କୁ ଆଗ୍ରହ କଲେ ଏବଂ ଧେବର ଭାଇ ସେମାନଙ୍କ କଥାମାନି ନେଲେ । ଏପରି ଭାବରେ ଯେଉଁ ଆଶଙ୍କା ମୁଁ ଧେବରଭାଇଙ୍କୁ କହିଥିଲି ତାହା ପ୍ରମାଣିତ ହେଲା । ଏଇ ସମୟରେ ଧେବରଭାଇ ସାର୍ବଜନିକ ଭାବରେ ଘୋଷଣା କରିଥିଲେ ଯେ, ''ସାଥିମାନଙ୍କର ଆଗ୍ରହ ଚାପରେ ମୁଁ ଏ ନିର୍ଣ୍ଣୟ ନେଲି ଏବଂ ମୁଖ୍ୟମନ୍ତ୍ରୀ ହୋଇରହିବି ।'' ଜବାହାରଲାଲଜୀଙ୍କ ମନ ଉପରେ ଏହାର ଭଲ ପ୍ରଭାବ ପଡିଲା ନାହିଁ । ତାଙ୍କ କଥାରୁ ମତେ ଏହିପରି ଲାଗିଲା । ସ୍ୱୟଂ ମତେ ବି ଲାଗିଲା ଯେ ଧେବରଭାଇଙ୍କ ଆଗ୍ରହ ସତ୍ତ୍ୱେ ଜବାହାରଲାଲଜୀଙ୍କୁ ଏକଥା ମୋର କହିବା ଉଚିତ ନଥିଲା ଏବଂ ଧେବରଭାଇଙ୍କୁ କହି ଦେବାର ଥିଲା ଯେ ସେ ନିଜେ ସିଧା ଜବାହାରଲାଲଜୀଙ୍କ ସହିତ କଥା ହୁଅନ୍ତୁ । କିନ୍ତୁ ଯାହା ହେବାର ଥିଲା ତାହା ହୋଇସାରିଥିଲା । ତେଣୁ ସେ ବିଷୟ କିଛି ଭାବିବା ବ୍ୟର୍ଥ ।

ଏହାପରେ କଂଗ୍ରେସ ସଂଗଠନରେ କିଛି ରଚନାତ୍ମକ କାମ କରିବାକୁ, ଧେବର ଭାଇଙ୍କର ଇଚ୍ଛା ହେଲା ଏବଂ ଏଥିପାଇଁ ଜବାହାରଲାଲଜୀଙ୍କ ସହିତ କଥା ହେବାକୁ ସେ ମତେ କହିଲେ । ଜବାହାରଲାଲଜୀଙ୍କୁ ମୁଁ ଯେତେବେଳେ ଏ ବିଷୟରେ କହିଲି ସେ ପଚାରିଲେ, ''ଏଥିପାଇଁ କ'ଣ କରାଯାଇପାରେ ?'' ମୁଁ କହିଲି, ''ଆପଣ କଂଗ୍ରେସର ଅଧ୍ୟକ୍ଷ ଏବଂ ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ଅଛନ୍ତି । ସେଥିପାଇଁ କଂଗ୍ରେସରେ ରଚନାତ୍ମକ କାମ ପାଇଁ ଆପଣ ଧ୍ୟାନ ଦେଇପାରିବେ ନାହିଁ । ଶ୍ରୀ ଧେବରଭାଇଙ୍କୁ ଯଦି ଆପଣ ଏକାମ ସମର୍ପି ଦିଅନ୍ତି ତେବେ କାମ ଅଧିକ ଭଲ ଭାବରେ ଓ କୁଶଳତାରେ ହୋଇପାରିବ ।''

୧୯୫୪ ସେପ୍ଟେମ୍ବର-ଅକ୍ଟୋବର ମାସରେ ଜବାହାରଲାଲଜୀ କଂଗ୍ରେସର ଅଧ୍ୟକ୍ଷ ନ ରହିବାକୁ ନିଶ୍ଚୟ କଲେ, କାରଣ ତାଙ୍କୁ ଜଣାପଡିଥିଲା ଯେ ଶ୍ରୀ ଟଣ୍ଡନଙ୍କ ପରେ ନିୟମ ବହିର୍ଭୂତ ପରିସ୍ଥିତିରେ ସେ କଂଗ୍ରେସର ଅଧ୍ୟକ୍ଷ ହୋଇଥିଲେ । ଏଠାରେ ସ୍ମରଣ କରାଯାଇପାରେ ଯେ ଟଣ୍ଡନଜୀ ତ୍ୟାଗପତ୍ର ଦେବା ପରେ, ସେହି ଅସାଧାରଣ ପରିସ୍ଥିତିରେ ଜବାହାରଲାଲଜୀ ତାଙ୍କ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ମନରେ କୌଣସି ସନ୍ଦେହ ନଥିଲା ଯେ ଦେଶର ପ୍ରଧାନମନ୍ତ୍ରୀ ଏବଂ କଂଗ୍ରେସ ଅଧ୍ୟକ୍ଷ କୌଣସି ଜଣେ ବ୍ୟକ୍ତି ହେବା ଉଚିତ ନୁହେଁ । ତେଣୁ ସେ ସ୍ଥିର କରିଥିଲେ ଯେ କଂଗ୍ରେସର ନୂଆ ଅଧ୍ୟକ୍ଷ ନିର୍ବାଚିତ ହେବା ଉଚିତ । ନୂଆ ଅଧ୍ୟକ୍ଷ କିପରି ନିର୍ବାଚନ କରାଯିବ ସେ ବିଷୟରେ ସେ ମୋ ସହିତ କଥା ହେଲେ । ସେତେବେଳେ, ଆଗରୁ ଧେବରଭାଇଙ୍କୁ ନେଇ

Digitized by srujanika@gmail.com

ରଚନାତ୍ମକ କାମ ବିଷୟ ଯାହା କହିଥିଲି, ତାହା ମନେ ପକାଇ, ତାଙ୍କର ନାମ ପରାମର୍ଶ କରି, ମୁଁ ଜବାହାରଲାଲଜୀଙ୍କୁ କହିଲି, ''ସୌରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ପଦରେ ଧେବରଭାଇ ବହୁତ ଖୁସି ନାହାନ୍ତି । ତେଣୁ ତାଙ୍କୁ ଏ ପଦ ପାଇଁ କୁହାଗଲେ ସେ ସ୍ୱୀକାର କରିବେ ।'' ଜବାହାରଲାଲଜୀ ଏ ବିଷୟରେ ଧେବରଭାଇଙ୍କୁ ପଚାରିବାକୁ କହିଲେ । ବମ୍ବେରୁ ରାଜକୋଟକୁ ଫୋନ କରି ଧେବରଭାଇଙ୍କ ସହିତ ମୁଁ କଥା ହେଲି । ପ୍ରଥମେ ସେ ଏପଟ ସେପଟ ହୋଇ କହିଲେ, ''ଏତେ ବଡ ଦାୟିତ୍ୱ ମୁଁ କିପରି ସମ୍ଭାଳି ପାରିବି ?'' ମୁଁ ତାଙ୍କୁ ସାହସ ଦେଇ କହିଲି, ''ଜବାହାରଲାଲଜୀଙ୍କ ସହଯୋଗ ଓ ମାର୍ଗଦର୍ଶନ ଆପଣଙ୍କୁ ମିଳିବ ।'' ସେଥିରେ ସନ୍ତୁଷ୍ଟ ନହୋଇ ସେ ମୋ ପରାମର୍ଶ ପଚାରିଲେ । ମୁଁ କହିଲି, ''ମୋର ପସନ୍ଦ ନଥିଲେ ମୁଁ ଆପଣଙ୍କୁ ପଚାରନ୍ତି କାହିଁକି ?'' ଏସବୁ ସତ୍ତ୍ୱେ, କଥାବାର୍ତ୍ତା ଶେଷରେ ସେ କହିଲେ ଯେ ଏତେ ବଡ ଦାୟିତ୍ୱ ନେବାକୁ ସେ ପ୍ରସ୍ତୁତ ନାହାନ୍ତି । ତାଙ୍କର ଏ ଜବାବରେ ଆମ କଥାବାର୍ତ୍ତା ଶେଷ ହୋଇଗଲା । କିନ୍ତୁ ଦୁଇଘଣ୍ଟା ପରେ ଧେବରଭାଇ ସ୍ୱୟଂ ଟେଲିଫୋନରେ ମତେ କହିଲେ, ''ମୁଁ ନିଜ ବିଚାର ବଦଳାଇଛି ଏବଂ ଏ ପଦ ପାଇଁ ମତେ ଅନୁରୋଧ କରାଗଲେ ମୁଁ ସ୍ୱୀକାର କରିବି ।'' ମୁଁ ତାଙ୍କୁ କହିଲି, ''ଏ ବିଷୟରେ ମୁଁ ଜବାହାରଲାଲଜୀଙ୍କ ସହିତ କଥାବାର୍ତ୍ତା କରିବି ।'' ଜବାହାରଲାଲଜୀଙ୍କୁ କହିବା ପରେ ସେ ଧେବରଭାଇଙ୍କୁ ଆଗ୍ରହ ସହକାରେ କହିଲେ, ''କଂଗ୍ରେସର ଅଧ୍ୟକ୍ଷ ପଦ ଆପଣଙ୍କୁ ଗ୍ରହଣ କରିବା ଉଚିତ ।'' ତା'ପରେ ସେ ଏକଥା ମଞ୍ଜୁର କଲାପରେ କାର୍ଯ୍ୟ ସମିତି ଅଧ୍ୟକ୍ଷ ପଦ ପାଇଁ ତାଙ୍କ ନାମ ସୁପାରିଶ କରାଗଲା ଏବଂ ୧୯୫୪ ଡିସେମ୍ବରରେ ଧେବରଭାଇ ଦୁଇବର୍ଷ ପାଇଁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ ।

(୬) ଡିଉ, ଦାମନ ଏବଂ ଗୋଆ

ଭାରତ ସ୍ୱାଧୀନ ହୋଇଯିବା ପରେ ମଧ୍ୟ ଫରାସୀ ଅଧୀନରେ ଥିବା ପଣ୍ଡିଚେରୀ, ଚନ୍ଦ୍ରନଗର ଓ ପର୍ତ୍ତୁଗୀଜ ଅଧୀନସ୍ଥ ଡିଉ, ଦାମନ ଏବଂ ଗୋଆ ଉପନିବେଶ ଗୁଡିକ ସ୍ୱତନ୍ତ୍ର ହୋଇନଥିଲା । ଫ୍ରାନ୍ସ ଅଧୀନରେ ଯେଉଁ ପ୍ରଦେଶ ଥିଲା ସେ ସବୁ ପାଇଁ ଫରାସୀ ସରକାର ଭାରତ ସହିତ କଥାବାର୍ତ୍ତା କରି ପାରସ୍ପରିକ ବୁଝାମଣାରେ ପାଖାପାଖି ଦୁଇବର୍ଷ ମଧ୍ୟରେ ଅର୍ଥାତ ୧୯୫୪ ଶେଷ ଆଡକୁ ନିଜ ଅଧୀନସ୍ଥ ଭାରତୀୟ ସ୍ଥାନ ଭାରତକୁ ସମର୍ପି ଦେଲା । କିନ୍ତୁ ପର୍ତ୍ତୁଗାଲ ସରକାର ଏ ବିଷୟରେ ଭାରତ ସହିତ କଥାବାର୍ତ୍ତା କରିବାକୁ ରାଜି ହେଲେ ନାହିଁ । ସେମାନେ ଦାବି କରୁଥିଲେ ଯେ ଡିଉ, ଦାମନ ଓ ଗୋଆ ପର୍ତ୍ତୁଗାଲର ଅଂଶ, ଭାରତର ନୁହେଁ । ଏମାନେ ବିଦେଶୀ ସରକାର ଅଧୀନରେ ଥିଲେ ।

ଅନ୍ତର୍ରାଷ୍ଟ୍ରୀୟ ବିବାଦର ସମାଧାନ ବିଷୟରେ ଭାରତ ସରକାରଙ୍କର ନୀତି ପ୍ରଥମରୁ ବିଶିଷ୍ଟ ପ୍ରକାରର ଥିଲା । ଏପରି ବିବାଦର ନିରାକରଣ ଲଢେଇ ଝଗଡା ଦ୍ୱାରା ନ କରି ପାରସ୍ପରିକ କଥାବାର୍ତ୍ତା କରିବା ନୀତି ଭାରତ ଗ୍ରହଣ କରିଥିଲା । ପର୍ତ୍ତୁଗାଲ ବର୍ତ୍ତମାନ ଅମଙ୍ଗ ହେଲେ ମଧ୍ୟ ଶେଷରେ ମାନିଯିବ ଏବଂ ଅନ୍ୟ ଦେଶ ମଧ୍ୟ ତାଙ୍କୁ ବୁଝାଇବେ -- ଏପରି ଆଶା ଭାରତ ସରକାରଙ୍କର ଥିଲା ।

ମୁକ୍ତି ପାଇଁ ଗୋଆରେ କିଛି ଯୁବକ ଆନ୍ଦୋଳନ ଚାଲୁ ରଖିଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ କମ ବେଶୀ ଜେଲଦଣ୍ଡ ଦିଆଯାଇଥିଲା । କିନ୍ତୁ ଗୋଆ ଜନତାର ଦୁର୍ବଳତା ସକାଶେ ସେ ଆନ୍ଦୋଳନ ବହୁତ ଜୋର ଧରି ପାରିନଥିଲା । ଭାରତର କେତେକ ଜନସେବକ ସେ ଆନ୍ଦୋଳନକୁ ଶକ୍ତିଶାଳୀ କରିବାକୁ ଚେଷ୍ଟା

Digitized by srujanika@gmail.com

କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରଜା ସମାଜବାଦୀ ଦଳର ନେତା ଶ୍ରୀ ପିଟର ଅଲ୍‌ଭାରେସ୍ ଅଗ୍ରଗଣ୍ୟ ଥିଲେ । ଡ. ରାମମନୋହର ଲୋହିଆ ମଧ୍ୟ ଏ ଆନ୍ଦୋଳନକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଥିଲେ ।

୧୯୫୩-୫୪ରେ ବମ୍ବେ ରାଜ୍ୟ ଅନ୍ତର୍ଗତ ଦାମନ ପାଖରେ ଦାଦରା ଓ ନଗର ହାବେଳି ନାମକ ଦୁଇଟି ଛୋଟ ଇଲାକା ଗୋଆର ଶାସନାଧୀନ ଥିଲା । ଦାମନ ସମୁଦ୍ର କୂଳରେ ଥିଲା, ସେଠାରେ ସମୁଦ୍ର ରାସ୍ତାରେ ଗୋଆରୁ ଶାସନ ଚଳା ଯାଉଥିଲା । କିନ୍ତୁ ଦାଦରା ଏବଂ ନଗର ହାବେଳି ଉପରେ ଶାସନ କରିବାକୁ ଗୋଆ ଅଧିକାରୀଙ୍କୁ ବମ୍ବେ ରାଜ୍ୟ ସୀମା ଭିତରେ ଯିବାକୁ ପଡୁଥିଲା । ଏପରି ଭୌଗଳିକ ପରିସ୍ଥିତି ଯୋଗୁ ଗୋଆର କିଛି ନେତା ଦାଦରା ଓ ନଗର ହାବେଳି ମୁକ୍ତି ପାଇଁ ଆନ୍ଦୋଳନ ସମ୍ବନ୍ଧରେ ମୋ ସହିତ ସାକ୍ଷାତ କରିଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ ମୁଁ କୌଣସି ପ୍ରକାର ସେମାନଙ୍କୁ ସାହାଯ୍ୟ କଲେ ସେମାନେ ଆନ୍ଦୋଳନରେ ସଫଳତା ଲାଭ କରିପାରିବେ । ଏଥିରେ ମୋର ସହାନୁଭୂତି ତ ଥିଲା କିନ୍ତୁ ମତେ ଲାଗୁଥିଲା ଏ କାମ ଭାରତର ନୀତି ଅନୁରୂପ ଏବଂ ସୁସଂଗତ ହେବା ଉଚିତ । ତେଣୁ ମୁଁ ସେମାନଙ୍କୁ କହିଲି, ''ଆପଣମାନେ ସେ ଇଲାକାକୁ ଯାଇ ସେଠାରେ ଅଧିକାର ବିସ୍ତାର କରିବାକୁ ଚାହାନ୍ତି ଓ କରିପାରନ୍ତି, କାରଣ ପର୍ତ୍ତୁଗାଲ ଅଧିକାରୀ ଗୋଆଠାରୁ ସେଠାକୁ ନିଜ ଲୋକ ପଠାଇ ପାରିବେ ନାହିଁ । ଆମ ରାଜ୍ୟ ମଧ୍ୟ ଦେଇ ତାଙ୍କୁ ସେଠାକୁ ଯିବାକୁ ଦିଆଯିବ ନାହିଁ । ମୁଁ ଏତକ ନିଶ୍ଚୟ କରିପାରିବି ।'' ଏକଥା ମୁଁ କେନ୍ଦ୍ର ସରକାରଙ୍କ ସହିତ ଚର୍ଚ୍ଚା କରିବା ପରେ କହିଥିଲି ।

ସତ୍ୟାଗ୍ରହୀମାନେ ଦାଦରା ଓ ନଗର ହାବେଳିରେ ପ୍ରବେଶ କରିବା ପରେ ତାଙ୍କ ଉପରେ ସେଠାରେ ଅତ୍ୟାଚାର ହେଲେ ସେମାନଙ୍କ ପାଖକୁ ସହାୟତା ପହଞ୍ଚାଇବା ଅସମ୍ଭବ -- ଏହା ସ୍ପଷ୍ଟ ଥିଲା । କିନ୍ତୁ ପରୋକ୍ଷ ଭାବରେ ସେମାନଙ୍କୁ ସାହାଯ୍ୟ କରାଯିବା ସମ୍ଭବ ଥିଲା । ତେଣୁ ଏକ ଯୋଜନା ତିଆରି କରି ସବୁ ବନ୍ଦୋବସ୍ତ କଲି । ମୁଁ ଆଗରୁ କହିଛି ଯେ ଦାଦରା ଓ ନଗର ହାବେଳି ବମ୍ବେର ସୀମା ମଧ୍ୟରେ ଅବସ୍ଥିତ । ଏହି ଇଲାକାକୁ ଘେରିଥିବା ଅଞ୍ଚଳକୁ ରିଜର୍ଭ ପୋଲିସ ଫୋର୍ସ ପଠାଇ ଦିଆଗଲା । ସେ ପୋଲିସ ଫୋର୍ସ ସୈନ୍ୟମାନଙ୍କ ଭଳି ଦେଖା ଯାଉଥିଲେ । ଏ ବ୍ୟବସ୍ଥା କରାଯିବା ପରେ ସତ୍ୟାଗ୍ରହୀମାନେ ଦାଦରା ଓ ନଗର ହାବେଳିରେ ପ୍ରବେଶ କଲେ । ସେଠାରେ ଥିବା ଗୋଆର ଶାସନାଧିକାରୀମାନେ ପୋଲିସ ଓ ଅନ୍ୟ ଲୋକମାନଙ୍କୁ ଭୁଲବଶତଃ ସାମରିକ ବାହିନୀ ବୋଲି ଭାବିଲେ । ସେମାନଙ୍କୁ ଅଧିକ ସଂଖ୍ୟାରେ ଦେଖି ଡରିଯାଇ ଅଧିକାରୀମାନେ ଜଙ୍ଗଲକୁ ପଳାଇଗଲେ । ଏ ପରିସ୍ଥିତିରେ ସତ୍ୟାଗ୍ରହୀମାନଙ୍କୁ ଦାଦରା ଓ ନଗର ହାବେଳିକୁ ଅଧିକାର କରିବାକୁ କିଛି କଷ୍ଟ ହେଲା ନାହିଁ ।

ଏହାପରେ ଗୋଆ ପ୍ରଶାସନର ଯେଉଁମାନେ ଜଙ୍ଗଲକୁ ପଳାଇ ଯାଇଥିଲେ ସେମାନଙ୍କୁ ଧରିବା ଅତ୍ୟାବଶ୍ୟକ ହେବାରୁ ତାଙ୍କୁ ଗିରଫ କରିବା ବ୍ୟବସ୍ଥା ମତେ କରିବାକୁ ପଡିଲା । କାରଣ ଏପରି ନ କରିଥିଲେ ପରିସ୍ଥିତି ବଡ ଜଟିଳ ହୋଇଯିବାର ସମ୍ଭାବନା ଥିଲା । ଏଇପରି ଦାଦରା ଓ ନଗର ହାବେଳି ସ୍ୱାଧୀନ ହେଲା ଏବଂ ସେଠାକାର ଜନତା ପତ୍ର ଦ୍ୱାରା ମୋର ଅଭିନନ୍ଦନ କରିଥିଲେ । ସେଠାକାର ଲୋକମାନଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ମୁଁ କେତେକ ଅବସରପ୍ରାପ୍ତ ସେବାଧିକାରୀଙ୍କୁ ପଠାଇଥିଲି । ପର୍ତ୍ତୁଗାଲ ସରକାର ଦାଦରା ଏବଂ ନଗର ହାବେଳିକୁ ସତ୍ୟାଗ୍ରହୀଙ୍କ ଠାରୁ ଛଡାଇବା ପାଇଁ ନିଜ ସେନା ଭାରତ ସୀମା ମଧ୍ୟ ଦେଇ ଯିବା ପାଇଁ ଅନୁମତି ମାଗିଥିଲେ । କିନ୍ତୁ ଭାରତ ସରକାର ଅନୁମତି ଦେବାକୁ ମନା କରିଦେଲେ । ଥରେ ମୁକ୍ତ ହେବା ପରେ ପର୍ତ୍ତୁଗାଲ ସରକାର ପୁଣି ଅଧିକାର କରିପାରି ନଥିଲେ । ପର୍ତ୍ତୁଗାଲ ସରକାର ବିଶ୍ୱ ନ୍ୟାୟାଳୟରେ ଏହା ବିରୁଦ୍ଧରେ ଅଭିଯୋଗ କଲେ । ଭାରତର ପ୍ରତିନିଧିତ୍ୱ କରିବାକୁ ଶ୍ରୀ ଏମ୍. ସି. ଚଗଲାଙ୍କୁ ପଠାଯାଇଥିଲା ଓ ଶେଷ ନିଷ୍ପତ୍ତି ପର୍ତ୍ତୁଗାଲ ସରକାରଙ୍କ ବିରୁଦ୍ଧରେ ଆସିଲା ।

Digitized by srujanika@gmail.com

ଦାଦରା ଓ ନଗର ହାବେଳି ପର୍ତ୍ତୁଗାଲ ଆଧିପତ୍ୟରୁ ମୁକ୍ତ ହୋଇଯିବା ପରେ ଗୋଆକୁ ବି ମୁକ୍ତ କରିବା ଆନ୍ଦୋଳନ ଜୋର ଧରିଲା । କେତେକ ଆନ୍ଦୋଳନକାରୀ ସେଥିପାଇଁ ଉପରୋକ୍ତ କାର୍ଯ୍ୟକ୍ରମ ବିଚାର କରୁଥିଲେ, କିନ୍ତୁ ଏ ବିଚାର ଅବ୍ୟବହାରିକ ଓ ଅନୁପଯୁକ୍ତ ଥିଲା । ଗୋଆକୁ ମୁକ୍ତି କରିବାକୁ ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ଦୁଇଟି ସମିତି ଥିଲା । ଗୋଟିଏ ସମିତି ପ୍ରଜା ସମାଜବାଦୀ ଦଳର ଥିଲା, ଯାହାର ସଂଚାଳକ ଥିଲେ ଶ୍ରୀ ପିଟର ଅଲ୍‌ଭାରେସ୍ । ଦ୍ୱିତୀୟ ସମିତି ଉପରେ ସାମ୍ୟବାଦୀମାନଙ୍କ ପ୍ରଭାବ ଥିଲା । ଡା. ରାମ ମନୋହର ଲୋହିଆ ମଧ୍ୟ କିଛି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଏପରି ଆନ୍ଦୋଳନ ଚଳାଉଥିଲେ । ଏଇ ସମସ୍ତଙ୍କ ସହିତ, ବମ୍ବେର ମୁଖ୍ୟମନ୍ତ୍ରୀ ହିସାବରେ, ମୁଁ ସମ୍ପର୍କ ରଖିଥିଲି ଏବଂ କେନ୍ଦ୍ର ସରକାର ମଧ୍ୟ ଏ ସମ୍ବନ୍ଧରେ ପୂର୍ଣ୍ଣ ସମ୍ପର୍କ ରଖିଥିଲେ । ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଗୋଆରେ ସ୍ୱାଧୀନତା ଆନ୍ଦୋଳନକୁ ଅହିଂସା ମାର୍ଗରେ ହିଁ ସୁଦୃଢ଼ କରାଯାଇ ପାରିବ । ତେଣୁ ଆନ୍ଦୋଳନକାରୀମାନଙ୍କୁ ମୁଁ ଏକଥା ବୁଝାଉଥିଲି ଏବଂ କେନ୍ଦ୍ର ସରକାର ମଧ୍ୟ ମୋ ସହିତ ଏକମତ ଥିଲେ ।

କେତେକ ବ୍ୟକ୍ତି ବମ୍ବେରୁ ଗୋଆକୁ ସତ୍ୟାଗ୍ରହୀ ପଠାଇବା ବିଚାର କରୁଥିଲେ । ମୁଁ ତାଙ୍କୁ ବୁଝାଇଲି ଯେ ଏହା ଅଧିକ କ୍ଷତିକାରକ ହେବ । କାରଣ, ଗୋଆ ସରକାର ସତ୍ୟାଗ୍ରହୀଙ୍କ ଉପରେ ଅତ୍ୟାଚାର କଲେ ଆମେ ସେମାନଙ୍କୁ ସୁରକ୍ଷା ଦେଇପାରିବା ନାହିଁ, ଏତିକି ନୁହେଁ, ଏଥିରେ ପରିସ୍ଥିତି ଜଟିଳ ହୋଇଯିବାର ସମ୍ଭାବନା ଅଛି । ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହ କରିବାକୁ ଯାଇପାରନ୍ତି । କିନ୍ତୁ ସେମାନେ ମୂଳତଃ ଗୋଆ ବାସିନ୍ଦା ହୋଇଥିବା ଉଚିତ । ଗୋଆରେ ଯେଉଁ ହିଂସାତ୍ମକ କାମ ହେଉଥିଲା ତାହାର ଓଲଟା ପ୍ରଭାବ ପଡୁଥିଲା । କାରଣ ସେଠାକାର ସରକାର ଲୋକମାନଙ୍କ ଉପରେ ପ୍ରତିଶୋଧ ମୂଳକ ଅତ୍ୟାଚାର କରୁଥିଲେ ଏବଂ ଏଥିରେ ଲୋକମାନଙ୍କ ମଧ୍ୟରେ ଦୁର୍ବଳତା ବଢ଼ିଯାଉଥିଲା । ମୁକ୍ତି ସଂଗ୍ରାମରୁ ଜଣାପଡୁଥିଲା ଯେ ସେଠାରେ ଅଧିକାଂଶ ଲୋକ ପର୍ତ୍ତୁଗାଲ ଶାସନରୁ ମୁକ୍ତ ହେବାକୁ ଚାହୁଁଥିଲେ କିନ୍ତୁ ଏଥିପାଇଁ ବ୍ୟବସ୍ଥିତ ଭାବେ ସୁଦୃଢ଼ ଆନ୍ଦୋଳନ ଚଳାଇବାର ଶକ୍ତି ସେମାନଙ୍କର ନଥିଲା; କାରଣ ଚାରିଶହ ବର୍ଷ ସେମାନେ ପର୍ତ୍ତୁଗାଲ ଶାସନରେ ଦବି ରହିଥିଲେ ଏବଂ ଶାସନ ନୀତି ସେମାନଙ୍କୁ ଏପରି ଆନ୍ଦୋଳନ କରିବାକୁ ପ୍ରଶୟ ଦେଉନଥିଲା । କଂଗ୍ରେସ ସଂସ୍ଥା ମଧ୍ୟ ଏ ଆନ୍ଦୋଳନରେ ସକ୍ରିୟ ଭାଗ ନେଉନଥିଲା । କଂଗ୍ରେସ ଲୋକ ଅବଶ୍ୟ ବ୍ୟକ୍ତିଗତ ଭାବରେ ଏ ଆନ୍ଦୋଳନକୁ ସମର୍ଥନ କରୁଥିଲେ ।

୧୯୫୫ରେ ବାତାବରଣ ବଡ ଉତ୍ତେଜନା ପୂର୍ଣ୍ଣ ହୋଇଯାଇଥିଲା । ଗୋଆରେ ମୁକ୍ତି ପାଇଁ ସତ୍ୟାଗ୍ରହୀମାନଙ୍କୁ ସେଠାକୁ ପଠାଇବା ବିଷୟ ଖୁବ୍ ଜୋରରେ ଆଲୋଚିତ ହେଉଥିଲା ଓ କଂଗ୍ରେସ ଠାରୁ ଜୋର ଦାବି କରାଯାଉଥିଲା । କାରଣ ଅନ୍ୟ କୌଣସି ଦଳରେ ଏହା କରିବା ପାଇଁ ଶକ୍ତି ନଥିଲା । କଂଗ୍ରେସ କାର୍ଯ୍ୟ ସମିତିରେ ଏହାର ବହୁତ ବିଚାର ହେଲା । କିନ୍ତୁ ମୁଁ ସେଠାରେ ମଧ୍ୟ ଏପରି କାର୍ଯ୍ୟକ୍ରମର ବିରୋଧ କରିଥିଲି । କାରଣ ସତ୍ୟାଗ୍ରହୀ ଭାରତର ସୀମା ବାହାରେ ଗୋଆରେ ମୁକ୍ତି ଆନ୍ଦୋଳନ ପାଇଁ ଗଲେ ତାକୁ ଏକ ପ୍ରକାର ଯୁଦ୍ଧ ବୋଲି କୁହାଯିବ ଏବଂ ପର୍ତ୍ତୁଗାଲ ସରକାର ତାକୁ ଦମନ କରିବାକୁ ହିଂସାତ୍ମକ ବଳ ପ୍ରୟୋଗ କଲେ ଆମେ କିଛି କରିପାରିବୁ ନାହିଁ । ଯଦି ସତ୍ୟାଗ୍ରହୀମାନେ ଗୋଆରେ ମୃତ୍ୟୁବରଣ କରନ୍ତି ତେବେ ଭାରତରେ ସରକାର ଏବଂ କଂଗ୍ରେସ ବିରୁଦ୍ଧରେ ସର୍ବତ୍ର ଅସନ୍ତୋଷ ଖେଳିଯିବ । ଫଳରେ କ୍ଷତି ହିଁ ହେବ, ଲାଭର କୌଣସି ସମ୍ଭାବନା ରହିବ ନାହିଁ । ମୁଁ ଏହା ବି କହିଥିଲି ଯେ କାଶ୍ମୀରକୁ ମୁକ୍ତ କରିବାକୁ ପାକିସ୍ତାନ ଏପରି କାରବାର କଲେ ଆମକୁ ତା' ବିରୋଧରେ ଶକ୍ତ ପଦକ୍ଷେପ ନେବାକୁ ପଡିପାରେ । ସେଇପରି ପର୍ତ୍ତୁଗାଲ ସରକାର ଆମ ସତ୍ୟାଗ୍ରହୀଙ୍କ ବିରୁଦ୍ଧରେ ଶକ୍ତ ପଦକ୍ଷେପ ନେଇପାରନ୍ତି । କିନ୍ତୁ ଉତ୍ତେଜନା ଏତେ ବଢ଼ିଯାଇଥିଲା ଏବଂ ଏପରି ବାତାବରଣ ସୃଷ୍ଟି ହୋଇଯାଇଥିଲା ଯେ ଏ ଆନ୍ଦୋଳନର ବିରୋଧ କରିବା ଉଚିତ ନୁହେଁ ବୋଲି ଲୋକେ

Digitized by srujanika@gmail.com

ଅନୁଭବ କରୁଥିଲେ । ଏହାର ଫଳ ସ୍ୱରୂପ ୧୯୫୫ ଅଗଷ୍ଟରେ କିଛି ସତ୍ୟାଗ୍ରହୀ ଗୋଆ ଏବଂ ଦାମନକୁ ଗଲେ ।

ପର୍ତ୍ତୁଗାଲ ସୀମା ପ୍ରବେଶ କରିବା ମାତ୍ରେ ସେମାନଙ୍କ ଉପରେ ହିଂସାତ୍ମକ ବଳ ପ୍ରୟୋଗ କରାଗଲା, ଯେଉଁଥିରେ କିଛି ସତ୍ୟାଗ୍ରହୀ ମୃତ୍ୟୁବରଣ କଲେ ଏବଂ କିଛି ଆହତ ହେଲେ । ଏଥିରେ ଆନ୍ଦୋଳନ ବନ୍ଦ ହୋଇଗଲା । କିନ୍ତୁ ଗୋଆର ଜନତା ଓ ଗୋଆ ବାହାରେ ଲୋକେ ଅନୁଭବ କଲେ ଯେ ଭାରତ ସରକାର ହିଁ ଗୋଆକୁ ମୁକ୍ତ କରିପାରିବେ, ଏହାଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । କିନ୍ତୁ ଏସବୁ ବିଷୟରେ ହିଂସାତ୍ମକ ବଳ ପ୍ରୟୋଗ ନ କରିବା ନୀତିକୁ ମୁଁ ସ୍ୱୀକାର କରିଥିଲି । ତେଣୁ ୧୯୬୧ ପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ କରାଗଲା ନାହିଁ । ଏଣେ ପର୍ତ୍ତୁଗାଲ ସରକାର ଗୋଆ ବିଷୟରେ କୌଣସି ବୁଝାମଣା ନ କରବାକୁ ନିଷ୍ପତ୍ତି କରିଥିଲେ ଏବଂ କୌଣସି ଅବସ୍ଥାରେ ଗୋଆ ନ ଛାଡ଼ିବାର ନୀତି ଗ୍ରହଣ କରିଥିଲେ । ଶେଷରେ ଭାରତ ସରକାର ତାଙ୍କ ସହିତ ରାଜଦୌତ୍ୟ ସମ୍ବନ୍ଧ ଛିନ୍ନ କରିଥିଲେ ।

ଶାନ୍ତିପୂର୍ଣ୍ଣ ନିରାକରଣର ସମ୍ଭାବନା ଯେତେବେଳେ ଦେଖାନଗଲା, ଭାରତ ସରକାର ୧୯୬୧ରେ ଗୋଆରେ ସୈନିକ କାର୍ଯ୍ୟକ୍ରମ ଆରମ୍ଭ କଲେ । ଏହିପରି ଗୋଆକୁ ମୁକ୍ତ କରାଗଲା ଓ ପର୍ତ୍ତୁଗାଲ ଶାସନ ଶେଷ ହେଲା । ଏହାର ବିସ୍ତୃତ ବର୍ଣ୍ଣନା ପରେ କରାଯିବ ।

୧୯୫୪ରେ ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ ଟିଟୋ ଭାରତ ଆସିଥିଲେ । ପ୍ରଥମେ ସେ ବମ୍ବେ ବନ୍ଦରରେ ଓହ୍ଲାଇଲେ । ତାଙ୍କର ଆସିବା ଆଗରୁ ତାଙ୍କ ପାଇଁ ଗୁଳି ପ୍ରତିରୋଧକ୍ଷମ ମୋଟର ଗାଡ଼ି ବ୍ୟବସ୍ଥା କରିବାକୁ ମତେ ଆଦେଶ ମିଳିଥିଲା । କିନ୍ତୁ ମୋ ପାଖରେ ସେପରି ଗାଡ଼ି ନଥିବାରୁ ବନ୍ଦରରୁ ଓହ୍ଲାଇବା ପରେ ଖୋଲାଗାଡ଼ିରେ ତାଙ୍କୁ ରାଜଭବନ ପର୍ଯ୍ୟନ୍ତ ନେବାର ମୁଁ ବନ୍ଦୋବସ୍ତ କରିଥିଲି । ମାର୍ଶାଲ ଟିଟୋଙ୍କ ସହିତ ଆସିଥିବା ଅତିଥିମାନେ ତାଙ୍କ ସୁରକ୍ଷା ପାଇଁ ଚିନ୍ତିତ ଥିଲେ ଏବଂ ଖୋଲା ଗାଡ଼ିରେ ତାଙ୍କୁ ନେବାକୁ ସେମାନେ କୁଣ୍ଠିତ ଥିଲେ । ମୁଁ ସେମାନଙ୍କୁ ବୁଝାଇଲି ଯେ ଏଥିରେ ବିପଦର କୌଣସି ଅବକାଶ ନାହିଁ ଏବଂ ମାର୍ଶାଲ ଟିଟୋଙ୍କ ସୁରକ୍ଷା ଭାର ମୋର ଓ ବମ୍ବେ ରାଜ୍ୟ ଉପରେ ଅଛି । ମୁଁ ବହୁତ ସାବଧାନତାର ସହ ବନ୍ଦୋବସ୍ତ କରିଛି ଏବଂ ଏହା ସମ୍ପୂର୍ଣ୍ଣ ରୂପେ ସନ୍ତୋଷଜନକ ଅଟେ । ମାର୍ଶାଲ ଟିଟୋ ମୋ ସହିତ ଖୋଲାଗାଡ଼ିରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ରାଜଭବନ ପର୍ଯ୍ୟନ୍ତ ଆସିଲେ ଏବଂ ସହରର ଲୋକ ବଡ଼ ଉତ୍ସାହର ସହିତ ତାଙ୍କର ସ୍ୱାଗତ କଲେ ।

ସେଇବର୍ଷ କାନାଡାର ପ୍ରଧାନମନ୍ତ୍ରୀ ଶ୍ରୀ ସେଣ୍ଟ ଲରେଣ୍ଟ ମଧ୍ୟ ଭାରତ ଆସିଥିଲେ । ସେ ଦିଲ୍ଲୀରୁ ବମ୍ବେ ଆସିଥିଲେ । ସେ ବଡ଼ ସଜ୍ଜନ ଥିଲେ ଏବଂ ଭାରତ ପ୍ରତି ତାଙ୍କର ବଡ଼ ମୈତ୍ରୀ ଭାବନା ଥିଲା । ଭାରତ ସହିତ କାନାଡାର ମିତ୍ରତା ପ୍ରଥମରୁ ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ ଅନୁକୂଳ ରହିଆସିଛି, କେବଳ ଏତିକି ନୁହେଁ, ମିତ୍ରତା ଏତେ ଘନିଷ୍ଠ ଯେ ବିଶ୍ୱର ସବୁ ଦେଶ ସହିତ ଭାରତର ମିତ୍ରତାରେ ଏହା ସର୍ବାଧିକ ଧ୍ୟାନ ଆକର୍ଷଣ କରୁଥିଲା । ଅନେକ ରାଜନୈତିକ ବିଷୟରେ ଦୁଇ ଦେଶ ଏକମତ ହୋଇଥିଲେ ଏବଂ ପରସ୍ପର ପ୍ରତି ଆଦରର ଭାବନା ଥିଲା ।

ଆମେରିକାର ବିଦେଶ ମନ୍ତ୍ରୀ ଶ୍ରୀ ଫଷ୍ଟର ଡଲେସ ଦିଲ୍ଲୀରୁ ଆମେରିକା ଫେରିଯିବା ପରେ ପାକିସ୍ତାନ ସହିତ ସୈନିକ ସନ୍ଧି କରିଥିଲେ । ଏଥିରେ ପାକିସ୍ତାନକୁ ପ୍ରଚୁର ପରିମାଣରେ ସୈନିକ ସାଧନ-ସାମଗ୍ରୀ ଦେବାକୁ ସ୍ଥିର କରାଯାଇଥିଲା । ରାଷ୍ଟ୍ରପତି ଆଇଜନ ହାୱାର ଭାରତକୁ ମଧ୍ୟ ସୈନିକ ସହାୟତା ଦେବା ପାଇଁ କହିଥିଲେ କିନ୍ତୁ ଜବାହାରଲାଲଜୀ ତାହା ସ୍ୱୀକାର କରିବାକୁ ସ୍ପଷ୍ଟ ଭାବେ ମନା କରିଦେଇଥିଲେ ଏବଂ ପାକିସ୍ତାନକୁ ଯେପରି

Digitized by srujanika@gmail.com

ଭାବରେ ସୈନିକ ସାମଗ୍ରୀ ତଥା ସହାୟତା ଦେବା ପାଇଁ ଆମେରିକା ସ୍ଥିର କରିଥିଲା ତା'ର ତୀବ୍ର ବିରୋଧ କରିଥିଲେ ।

ଇଂରେଜଙ୍କ ସମୟରେ ରାଜ୍ୟରେ ଉପାଧି ସବୁ ଦେବାର ଯେଉଁ ପ୍ରଥା ଚାଲୁଥିଲା ତାହା ସ୍ୱତନ୍ତ୍ରତା ପ୍ରାପ୍ତି ପରେ ଭାରତ ସରକାର ବନ୍ଦ କରି ଦେଇଥିଲେ । କାରଣ ଏଥି ଯୋଗୁଁ କେତେଲୋକ କ୍ଷମତାସୀନ ବ୍ୟକ୍ତିଙ୍କର ଚାଟୁକାର ହୋଇଯାଉଥିଲେ । ଏଥିରେ ରାଜ୍ୟ ତଥା ସମାଜର ବହୁତ କ୍ଷତି ହେଉଥିଲା । କିନ୍ତୁ ପୃଥିବୀରେ ପ୍ରାୟ ସବୁ ସରକାର ଏପରି ପ୍ରଲୋଭନର ବ୍ୟବସ୍ଥା ରଖନ୍ତି । ୧୯୫୪ରେ ଭାରତ ସରକାର ମଧ୍ୟ ''ଭାରତ ରତ୍ନ'' ଠାରୁ ''ପଦ୍ମଶ୍ରୀ'' ପର୍ଯ୍ୟନ୍ତ ପଦବୀ ଦେବା ସ୍ଥିର କଲେ ଏବଂ ସେଇଦିନ ଠାରୁ ଏ ପଦବୀ ବିଭିନ୍ନ ବ୍ୟକ୍ତିଙ୍କୁ ଦିଆଯାଉଛି ।

ମତେ କିନ୍ତୁ ଏ ନିର୍ଣ୍ଣୟ ପସନ୍ଦ ହେଲା ନାହିଁ, ଏଥିପାଇଁ ଆଜି ପର୍ଯ୍ୟନ୍ତ କାହାକୁ ପଦବୀ ଦେବାକୁ ସୁପାରିଶ କରିନାହିଁ । ଏହାକୁ ଉପାଧି ଭାବରେ ଉପଯୋଗ ନକରିବାକୁ କୁହାଯାଇଥିବା ସତ୍ତ୍ୱେ ପଦବୀ ପ୍ରାପ୍ତ ଅନେକ ବ୍ୟକ୍ତି ଏହାକୁ ଉପାଧି ଭଳି ଉପଯୋଗ କରୁଛନ୍ତି; ନିଜ ନାମରେ ଆଗରେ ବା ପରେ ଏହାକୁ ଲଗାଉଛନ୍ତି । ଭାରତ ରତ୍ନ ପଦବୀ ବହୁତ କମ ଲୋକଙ୍କୁ ଦିଆଯାଉଛି । କିନ୍ତୁ ପଦ୍ମ ବିଭୂଷଣ ଓ ପଦ୍ମଶ୍ରୀ ଏବଂ ଅନ୍ୟ ପଦବୀ ପ୍ରତିବର୍ଷ ବହୁତଙ୍କୁ ଦିଆଯାଉଛି । କେତେଲୋକ ଏହାକୁ ପାଇବାକୁ ଖାଲି ଇଚ୍ଛା କରୁନାହାନ୍ତି ବରଂ ଏଥିପାଇଁ ପ୍ରଯତ୍ନଶୀଳ ରହୁଛନ୍ତି । ଏପରି ଲୋକ କ୍ଷମତାସୀନ ଲୋକମାନଙ୍କୁ ତୋଷାମଦ କରୁଛନ୍ତି । ଏଥିପାଇଁ ଏ ପ୍ରଥାକୁ ମୁଁ ପସନ୍ଦ କରୁ ନାହିଁ । ସତ କହିବାକୁ ଗଲେ ଲୋକତନ୍ତ୍ରରେ ଏପରି ପଦବୀ ଲୋକମାନଙ୍କ ମନୋବଳ ଉଚ୍ଚକୁ ଉଠାଇବା ପରିବର୍ତ୍ତେ ନିମ୍ନଗାମୀ କରିବାର ସାଧନ ହେଉଛି ।

୧୯୫୪ରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ ଜବାହାରଲାଲଜୀ ଆମନ୍ତ୍ରଣ କଲେ । ତାଙ୍କୁ ଆମନ୍ତ୍ରଣ କରିବା ପୂର୍ବରୁ ଜବାହାରଲାଲଜୀ ମତେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ କହିଥିଲେ । ରାଜ୍ୟ ପୁନର୍ଗଠନ ଆୟୋଗ ନିଯୁକ୍ତି ପରେ ତା'ର ନିର୍ଣ୍ଣୟ ଜାଣିବା ପୂର୍ବରୁ ମୁଁ ବମ୍ବେ ଛାଡି ପାରୁନଥିଲି । ଏଣୁ ଜବାହାରଲାଲଜୀ ମୋ ବିଚାର ଛାଡି ପନ୍ଥଜୀକୁ ନେବାକୁ ସ୍ଥିର କରିଥିଲେ ଏବଂ ଏଥିପାଇଁ ପନ୍ଥଜୀଙ୍କୁ ବୁଝାଇବାକୁ ମତେ କହିଥିଲେ ।

ବହୁତ ବିଚାର ପରେ ପନ୍ଥଜୀ କେନ୍ଦ୍ର ମନ୍ତ୍ରୀମଣ୍ଡଳକୁ ଆସିବା ମଞ୍ଜୁର କଲେ । ଡିସେମ୍ବର ଶେଷକୁ ସେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ ମୁକ୍ତ ହୋଇ ୧୯୫୫ ଜାନୁଆରୀ ଶେଷକୁ କେନ୍ଦ୍ର ମନ୍ତ୍ରୀମଣ୍ଡଳକୁ ଆସିଗଲେ । ତାଙ୍କୁ କେଉଁ ବିଭାଗ ଦିଆଯିବ ସେ ବିଷୟରେ ଜବାହାରଲାଲଜୀଙ୍କ ସ୍ପଷ୍ଟ କଳ୍ପନା ନଥିଲା । ପ୍ରଥମେ ତ ସେ ପନ୍ଥଜୀଙ୍କୁ ବିନା ବିଭାଗରେ ରଖିବାକୁ ବିଚାର କରୁଥିଲେ କିନ୍ତୁ ପରେ ରକ୍ଷା ବିଭାଗ ଦେବାକୁ କହିଲେ । ମତେ ଏ ଖବର ମିଳିବା ବେଳକୁ ପନ୍ଥଜୀ ଏଥିପାଇଁ ସ୍ୱୀକୃତି ମଧ୍ୟ ଦେଇସାରିଥିଲେ । ମତେ ଜଣାଯିବା ପରେ ମୁଁ ପନ୍ଥଜୀଙ୍କୁ ଏ ବିଭାଗ ନ ନେବା ପାଇଁ ବୁଝାଇଲି । ପନ୍ଥଜୀ ଏପରି ସମର୍ଥ ବ୍ୟକ୍ତି ଥିଲେ ଯେ, ଯେକୌଣସି ବିଭାଗ କାମ କୁଶଳତା ସହ କରିପାରୁଥିଲେ । କିନ୍ତୁ ମୋ ମତଥିଲା ଯେ ତାଙ୍କର କିଛି ଶାରୀରିକ ଅସୁବିଧା ଯୋଗୁଁ ତାଙ୍କୁ ରକ୍ଷା ବିଭାଗ ନେବା ଉଚିତ ହେବ ନାହିଁ । ତେଣୁ ମୁଁ ତାଙ୍କୁ ଏକଥା କହିଥିଲି ।

ପନ୍ଥଜୀ ମତେ କହିଲେ, ''ଯଦିଓ ସ୍ୱୟଂ ମତେ ମଧ୍ୟ ଏ ବିଭାଗ ବହୁତ ପସନ୍ଦ ନୁହେଁ, କିନ୍ତୁ ଜବାହାରଲାଲଜୀଙ୍କୁ ମୁଁ ଏ ବିଷୟରେ କିଛି କହିପାରିବି ନାହିଁ ଏବଂ ସେ ଯେଉଁ ଆଦେଶ ଦେଇଛନ୍ତି ତାକୁ ହିଁ ପାଳନ କରିବି ।'' ତା'ପରେ ଜବାହାରଲାଲଜୀଙ୍କ ସହିତ ମୁଁ ଏ ବିଷୟରେ କଥାବାର୍ତ୍ତା କଲି । ମୁଁ କହିଲି,

Digitized by srujanika@gmail.com

''ଏହା ଠିକ୍ ହେଉ ନାହିଁ, ତେଣୁ ତାଙ୍କୁ ଏ ବିଭାଗ ନଦେଇ ଅନ୍ୟ କୌଣସି ବିଭାଗ ଦିଆଯିବା ଉଚିତ ।'' ସେ କହିଲେ, ''ଅନ୍ୟ କୌଣସି ବିଭାଗ ଖାଲି ନାହିଁ, କେଉଁଠୁ ଦେବି?'' ମୁଁ ତାଙ୍କୁ କହିଲି, ''ଆପଣ ତାଙ୍କୁ ଗୃହ ବିଭାଗ ଦେବା ଉଚିତ ।''

ଗୃହ ବିଭାଗ ସେ ସମୟରେ ଡ. କଟଜୁଙ୍କ ପାଖରେ ଥିଲା । ତେଣୁ ତାଙ୍କୁ ପରିବର୍ତ୍ତନ କରିବାକୁ ବୋଧେ କଷ୍ଟ ହେବ । ତେଣୁ ମୁଁ ଜବାହାରଲାଲଜୀଙ୍କୁ ବୁଝାଇଲି, ''ରକ୍ଷା ବିଭାଗ ଡା. କଟଜୁଙ୍କୁ ଦିଆଯାଉ ଏବଂ ଗୃହ ବିଭାଗ ପନ୍ଥଜୀଙ୍କୁ ।'' ଜବାହାରଲାଲଜୀ ମୋ ପରାମର୍ଶ ମାନିନେଲେ ଏବଂ ଡା. କଟଜୁଙ୍କୁ ରକ୍ଷା ବିଭାଗ ଦେଇ ପନ୍ଥଜୀଙ୍କୁ ଗୃହ ମନ୍ତ୍ରୀ କଲେ । ଏଥିରେ ପନ୍ଥଜୀ ବହୁତ ସନ୍ତୁଷ୍ଟ ହେଲେ । ମତେ ସେ କହିଲେ, ''ମୋ ଜାଗାରେ ଆପଣଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳକୁ ଆସିବା ଉଚିତ, କାରଣ ଆପଣ ଯେପରି ଜବାହାରଜୀଙ୍କୁ କହିପାରନ୍ତି ଓ ବୁଝାଇପାରନ୍ତି. ମୁଁ ତ କରିପାରିବି ନାହିଁ । ମୋର ତ ଜବାହାରଲାଲଜୀଙ୍କ ସହିତ ଏପରି ସମ୍ବନ୍ଧ ଯେ ମୁଁ ତାଙ୍କୁ କୌଣସି କଥା ଜୋର ଦେଇ କହିପାରିବି ନାହିଁ ।''

(୭) ସଂଯୁକ୍ତ ମହାରାଷ୍ଟ୍ର ପାଇଁ ସଂଘର୍ଷ

ଆନ୍ଧ୍ରକୁ ଅଲଗା ରାଜ୍ୟ କରିବାକୁ ଆନ୍ଧ୍ରର ଶ୍ରୀ ରାମୁଲୁ ଅନଶନ କରିଥିଲେ ଏବଂ ଏଥିରେ ତାଙ୍କର ଦେହାନ୍ତ ହୋଇଗଲା । ଏହାପରେ ଆନ୍ଧ୍ରକୁ ଅଲଗା ରାଜ୍ୟ କରିବାକୁ ହିଂସାତ୍ମକ କାଣ୍ଡ ବି ଘଟିଲା । କେନ୍ଦ୍ର ସରକାର ଶ୍ରୀ ରାମୁଲୁଙ୍କ ମୃତ୍ୟୁ ଯୋଗୁ ହେଉ ବା ପୃଥକ ରାଜ୍ୟ ଦାବୀର ଯଥାର୍ଥତାକୁ ବିଚାର କରି ଆନ୍ଧ୍ରକୁ ଅଲଗା ପ୍ରଦେଶ କରିବାକୁ ସ୍ଥିର କଲେ ଏବଂ ୧୯୫୩ ଆରମ୍ଭରେ ଜବାହାରଲାଲଜୀ ଘୋଷଣା କଲେ ଯେ ସେଇବର୍ଷ ଅକ୍ଟୋବର ପହିଲା ସୁଦ୍ଧା ଆନ୍ଧ୍ର ପ୍ରଦେଶ ନାମରେ ଅଲଗା ରାଜ୍ୟ ତିଆରି ହେବ ।

ଜବାହାରଲାଲଜୀଙ୍କୁ ମୁଁ ଲେଖିଥିଲି, ''ଏଭଳି ନିଷ୍ପତ୍ତି ଯୋଗୁଁ ଦେଶରେ ଏଭଳି ଅନ୍ୟ ପ୍ରବୃତ୍ତିକୁ ପ୍ରୋତ୍ସାହନ ମିଳିବ ଏବଂ ଦେଶର ସମ୍ପୂର୍ଣ୍ଣତାକୁ ସମ୍ଭାଳିବା କଷ୍ଟସାଧ୍ୟ ହେବ ।'' କିନ୍ତୁ ଜବାହାରଲାଲଜୀ ସହଜରେ ଏପରି ଚାପର ଶିକାର ହୋଇ ଯାଉଥିଲେ । କୌଣସି ବିଷୟ ତାଙ୍କର ପସନ୍ଦ ନ ହେଲେ ମଧ୍ୟ, ଚାପ ପଡିଲେ ସେ ସେକଥା ମାନି ଯାଉଥିଲେ -- ଏକଥା ତାଙ୍କ ଜୀବନର ଅନେକ ପ୍ରସଙ୍ଗରେ ସ୍ପଷ୍ଟ ହୋଇଛି ।

ଆନ୍ଧ୍ର ରାଜ୍ୟ ତିଆରି ଘୋଷଣା ପରେ, ଜବାହାରଲାଲଜୀ ସାରା ଦେଶରେ ରାଜ୍ୟମାନଙ୍କର ପୁନର୍ଗଠନ ପାଇଁ ରାଜ୍ୟ ପୁନର୍ଗଠନ ଆୟୋଗ ନିଯୁକ୍ତ କରିବା ବିଚାର କଲେ । ମୋ ସହିତ ମଧ୍ୟ ଏ ବିଷୟରେ ଆଲୋଚନା ହୋଇଥିଲା । ଏହାପରେ କଂଗ୍ରେସ କାର୍ଯ୍ୟକାରୀ ସମିତି ଏ ପ୍ରଶ୍ନ ବିଚାର କରିଥିଲେ । ମୁଁ ଆଗ୍ରହ ପୂର୍ବକ ତାଙ୍କୁ କହିଲି ଯେ ଏପରି ଆୟୋଗ ନିଯୁକ୍ତ କରନ୍ତୁ ନାହିଁ । ଏକଥା ବୁଝାଇବାକୁ ପ୍ରଯତ୍ନ ବି କରିଥିଲି ଯେ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ଏପରି କୌଣସି କାର୍ଯ୍ୟକ୍ରମ କରିବା ବିପଦଜନକ ହେବ । ଏପରି କଲେ ଭାଷା ସୂତ୍ରରେ ରାଜ୍ୟ ଗଠନ ହେବ ଏବଂ ଏହାର ପରିଣାମ ଓଲଟା ହେବ, ଭାଷା ସୂତ୍ରରେ ପ୍ରଦେଶ ଗଠନ ଗୋଟିଏ ବିକଟ ସମସ୍ୟା ହୋଇଯିବ ଓ ଦେଶରେ ଅସ୍ଥିରତା ସୃଷ୍ଟି ହେବ । ଦେଶରେ ଆର୍ଥିକ ଏବଂ ରାଜନୈତିକ ସନ୍ତୁଳନ ସୁପ୍ରତିଷ୍ଠିତ ହୋଇଯିବା ପରେ ଏ ବିଷୟ ବିଚାର କରାଗଲେ ତାହା ସହଜସାଧ୍ୟ ହେବାର ସମ୍ଭାବନା ଅଛି । ମୁଁ ବହୁ ପ୍ରକାର ବୁଝାଇବାକୁ ଚେଷ୍ଟା କଲି ବର୍ତ୍ତମାନ ଏ କାର୍ଯ୍ୟାନୁଷ୍ଠାନ କରିବା ସମୟୋପଯୋଗୀ ନୁହେଁ । କିନ୍ତୁ ସେ ମୋ କଥା ମାନିଲେ ନାହିଁ ଏବଂ କଂଗ୍ରେସ ମହାସମିତିରୁ ନିଜ ପ୍ରସ୍ତାବ ଉପରେ ସ୍ୱୀକୃତି ନେଇ ଆୟୋଗ ନିଯୁକ୍ତି କରିଦେଲେ । ଶ୍ରୀ ଫଜଲ ଅଲ୍ଲୀଙ୍କୁ ଆୟୋଗର ଅଧ୍ୟକ୍ଷ କରାଯାଇଥିଲା । ସେ ସର୍ବୋଚ୍ଚ ନ୍ୟାୟାଳୟର

Digitized by srujanika@gmail.com

ନ୍ୟାୟାଧୀଶ ଥିଲେ ଏବଂ ଓଡ଼ିଶାର ରାଜ୍ୟପାଳ ମଧ୍ୟ ହୋଇଥିଲେ । ପଣ୍ଡିତ ହୃଦୟନାଥ କୁଞ୍ଜରୁ ଓ ଶ୍ରୀ କେ. ଏମ୍. ପନିକ୍କର ଏହାର ଦୁଇ ସଦସ୍ୟ ଥିଲେ । ଏଇ ଆୟୋଗ ନିଯୁକ୍ତ ହେବା ମାତ୍ରେ ଭିନ୍ନ ଭିନ୍ନ ରାଜ୍ୟରେ ପୃଥକତାବାଦର ପ୍ରଚାର ଜୋରରେ ଆରମ୍ଭ ହେଲା । ବମ୍ବେ ସହର ଓ ମହାରାଷ୍ଟ୍ର ଏଥିରେ ସମସ୍ତଙ୍କ ଆଗରେ ଥିଲେ ।

ମହାରାଷ୍ଟ୍ରରେ ଆଗରୁ ଏପରି ଚର୍ଚ୍ଚା ଓ ଦାବୀ ହୋଇଆସୁଥିଲା ଯେ ସଂଯୁକ୍ତ ମହାରାଷ୍ଟ୍ର ନାମରେ ଅଲଗା ରାଜ୍ୟ ତିଆରି ହେବା ଉଚିତ ଏବଂ ବମ୍ବେ ସହର ସେଥିରେ ରହିବା ଉଚିତ । ଯେତେବେଳେ ରାଜ୍ୟ ପୁନର୍ଗଠନ କଥା ଆରମ୍ଭ ହେଲା, ଏ ଆନ୍ଦୋଳନ ଖୁବ୍ ଜୋରରେ ଚାଲିଲା । ବିଦର୍ଭ, ମରାଠାଓ୍ୱାଡ଼ା ଏବଂ ବମ୍ବେର ମରାଠୀ ଇଲାକା ଓ ବମ୍ବେ ସହର ସମେତ ସଂଯୁକ୍ତ ମହାରାଷ୍ଟ୍ର ନାମରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ଏ ଆନ୍ଦୋଳନର ଦାବି ଥିଲା । ୧୯୫୩ରୁ ଏ ଆନ୍ଦୋଳନକୁ ବିଶେଷ ବଳ ମିଳିଲା ଏବଂ ସେମାନେ ହିଂସାତ୍ମକ ପନ୍ଥା ଗ୍ରହଣ କଲେ । ଏହି ଆନ୍ଦୋଳନ ଚଳାଇବା ପାଇଁ ଶ୍ରୀ ଶଙ୍କର ରାଓ ଦେବ ସବୁ ଦଳଙ୍କୁ ଏକାଠି କରି ସଂଯୁକ୍ତ ମହାରାଷ୍ଟ୍ର ସମିତି ତିଆରି କଲେ । ପ୍ରଜା ସମାଜବାଦୀ ଏବଂ ସାମ୍ୟବାଦୀ ଦଳର ଏଥିରେ ଯୋଗଦାନ ଥିଲା । ଏଇ କାରଣରୁ ଏଥିରେ ହିଂସାତ୍ମକ କାମ କିଛି ଅଧିକ ହୋଇଯାଇଥିଲା ।

ବମ୍ବେ ସହରର ଜନସାଧାରଣ ବିବେଚନା କରୁଥିଲେ ଯେ ବମ୍ବେ ରାଜ୍ୟ ବିଭାଜିତ ହେଲେ ବମ୍ବେ ସହରକୁ ଅଲଗା ରଖିବା ଉଚିତ । ବମ୍ବେ ସହର ସବୁବେଳେ ମିଳିମିଶି ରହିବା ସ୍ଥାନ -- କସ୍ମୋପଲିଟାନ -- ହୋଇ ଆସିଛି । ସେଠାରେ କୌଣସି ଏକ ଭାଷାଗତ ଗୋଷ୍ଠୀର ବହୁମତ ନାହିଁ । ଯଦି ଏ ସହର କୌଣସି ଗୋଟିଏ ପ୍ରଦେଶର ଅଂଶ ହୋଇଯାଏ ତେବେ ବମ୍ବେର କ୍ଷତି ହେବ, ତା'ର ପ୍ରାଚୀନ ପ୍ରତିଷ୍ଠା ନଷ୍ଟ ହୋଇଯିବ ଏବଂ ଏଥିରେ ଦେଶର ମଧ୍ୟ କ୍ଷତି ହେବ । ଏହା ବିରୁଦ୍ଧରେ ସଂଯୁକ୍ତ ମହାରାଷ୍ଟ୍ର ସମିତିର ଦାବୀ ଥିଲା ଯେ ଭାଷା ସୂତ୍ରରେ ଗଠିତ ନୂତନ ମହାରାଷ୍ଟ୍ର ମଧ୍ୟରେ ବମ୍ବେ ସହର ରହିବା ଉଚିତ । କିନ୍ତୁ କର୍ତ୍ତୃପକ୍ଷ ଏ ଦାବୀ ଗ୍ରହଣ କରୁନଥିଲେ; ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କଲା । ଲୁଟତରାଜ, ଅଗ୍ନିକାଣ୍ଡ ଆଦିର କଥା କହୁଥିବା ବ୍ୟକ୍ତିମାନେ ଏ ଆନ୍ଦୋଳନକୁ ସବୁଠାରୁ ଅଧିକ ସମର୍ଥନ କରୁଥିଲେ । ମହାରାଷ୍ଟ୍ରରେ ସାର୍ବଜନିକ ମତ ସଂଯୁକ୍ତ ମହାରାଷ୍ଟ୍ର ପକ୍ଷରେ ଥିଲା ।

ଶ୍ରୀ ଡି. କେ. କୁନ୍ତେ ବମ୍ବେ ବିଧାନସଭାର ଅଧ୍ୟକ୍ଷ ଥିଲେ । ମୁଁ ଆଗରୁ କହିଛି ଯେ ଶ୍ରୀ ଭାଉସାହେବ ହୀରେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ନେବାକୁ ଆଗ୍ରହ କରିଥିଲେ; କିନ୍ତୁ ଏହା ସମ୍ଭବ ନ ହେବାରୁ ମୁଁ ତାଙ୍କୁ ଅଧ୍ୟକ୍ଷ କରିବାର ସୂତ୍ରପାତ କରିଥିଲି । ସେ ସମୟରେ ଯେଉଁ ପରିସ୍ଥିତି ଥିଲା ସେଥିରେ ଶ୍ରୀ କୁନ୍ତେଙ୍କର ଅଧ୍ୟକ୍ଷ ପଦରେ ରହିବା ଆବଶ୍ୟକ ଥିଲା । ଏ ପଦକୁ ସ୍ୱୀକାର କରିବାକୁ ସେ ଗୋଟିଏ ସର୍ତ୍ତ ରଖିଥିଲେ । ଅଧ୍ୟକ୍ଷ ହେଲେ ମଧ୍ୟ ସେ କଂଗ୍ରେସର ସକ୍ରିୟ ସଦସ୍ୟ ରହିବେ ଏବଂ କଂଗ୍ରେସ ମହାସମିତିର ସଦସ୍ୟ ମଧ୍ୟ ହୋଇ ରହିବେ । ସେ ସମୟରେ ମୁଁ ତାଙ୍କର ଏ ସର୍ତ୍ତ ମାନି ନେଇଥିଲି । କିନ୍ତୁ ତା' ମାନେ ନୁହେଁ ଯେ ଏହାର ଲାଭ ଉଠାଇ ସେ କୌଣସି ରାଜନୈତିକ ଆନ୍ଦୋଳନରେ ଭାଗ ନେବେ । ଅଧ୍ୟକ୍ଷ ସର୍ବଦା ସବୁ ଦଳୀୟ ନୀତିର ଉପରେ ରହି କୌଣସି ଆନ୍ଦୋଳନରେ ଭାଗ ନ ନେବା ଉଚିତ -- ଲୋକତନ୍ତ୍ରରେ ଏଇନୀତି ସାଧାରଣତଃ ସ୍ୱୀକାର କରାଯାଇଥାଏ । ଶ୍ରୀ କୁନ୍ତେ ଅଧ୍ୟକ୍ଷ ହେବା ସମୟରେ କଂଗ୍ରେସରେ ସକ୍ରିୟ ସଭ୍ୟ ଓ କଂଗ୍ରେସ ମହାସମିତିର ସଦସ୍ୟ ହୋଇରହିବା ମୁଁ ମଞ୍ଜୁର କରିଥିଲି, କିନ୍ତୁ ଏହା ଉଚିତ ନଥିଲା । ବାଧ୍ୟ ହୋଇ ମତେ ଏକଥା ମାନିବାକୁ ପଡିଥିଲା ।

ଶ୍ରୀ କୁନ୍ତେ ଏହାପରେ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନରେ ଭାଗନେବା ଆରମ୍ଭ କରିଦେଲେ । ବିରୋଧୀ ଦଳର ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନରେ ଯୋଗ ଦେଇଥିବା ସଦସ୍ୟଙ୍କ ଏକ ସଭାରେ ସେ ଅଧ୍ୟକ୍ଷତା

Digitized by srujanika@gmail.com

କରିଥିଲେ । ତାଙ୍କର ଅଧ୍ୟକ୍ଷତାରେ ବିରୋଧୀ ଦଳର ସଦସ୍ୟମାନେ ଭାଷଣ ଦେଲେ । ଜବାହାରଲାଲଜୀଙ୍କୁ ଜଣାପଡିବାରୁ ସେ ଆପତ୍ତି ଉଠାଇଲେ ଏବଂ ଶ୍ରୀ କୁନ୍ତେଙ୍କୁ ଏ ବିଷୟ ପଚାରିଲେ । ଶ୍ରୀ କୁନ୍ତେ କହିଲେ ଯେ ମୋ ସମ୍ମତିରେ ସେ କଂଗ୍ରେସର ସକ୍ରିୟ ସଭ୍ୟ ଅଛନ୍ତି । ଜବାହାରଲାଲଜୀ ମତେ ପଚାରିଲେ । ମୁଁ ପୂରା ସ୍ଥିତି ସ୍ପଷ୍ଟ କରି ତାଙ୍କୁ ଲେଖିଲି, ''କୌଣସି ଆନ୍ଦୋଳନରେ ଭାଗ ନେବାକୁ ମଁ ଶ୍ରୀ କୁନ୍ତେଙ୍କୁ ସମ୍ମତି ଦେଇ ନଥିଲି ଏବଂ ବିବାଦପୂର୍ଣ୍ଣ ମାମଲାରେ ପଡ଼ିବା ତାଙ୍କର ଉଚିତ ନଥିଲା ।'' ଏହାର କିଛି ସମୟ ପରେ କଂଗ୍ରେସ ମହାସମିତିରୁ ବାହାରି ଯିବାକୁ ଶ୍ରୀ କୁନ୍ତେ ରାଜି ହୋଇଥିଲେ । ଏକଥା ମଧ୍ୟ ମୁଁ ଜବାହରଲାଲଜୀଙ୍କୁ ଲେଖିଥିଲି ।

ବମ୍ବେ କଂଗ୍ରେସ ସମିତି ଅଧ୍ୟକ୍ଷ ଶ୍ରୀ ଏସ୍.କେ. ପଟିଲ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନର ବିରୁଦ୍ଧରେ ଥିଲେ । ସେ ଚାହୁଁଥିଲେ ଯେ ମିଶ୍ରିତ ବମ୍ବେ ରାଜ୍ୟ ରହୁ ଏବଂ ଏହା ଯଦି ହୋଇ ନପାରେ ତେବେ ବମ୍ବେ ସହର ଗୋଟିଏ ଅଲଗା ରାଜ୍ୟ ହୋଇରହୁ । ଏଣୁ ସେ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନର ବିରୋଧ କରୁଥିଲେ । କିନ୍ତୁ ସେ ନିଜ କାମ ଓ ଭାଷଣରେ ଆକ୍ରମଣଶୀଳତା ବା ଦୃଢତା ପ୍ରଦର୍ଶନ କରୁନଥିଲେ । ତାଙ୍କ ବିରୁଦ୍ଧରେ ଜବାହରଲାଲଜୀଙ୍କୁ ଅଭିଯୋଗ କରାଯାଇଥିଲା ଯେ, ସେ ଯାହା କିଛି କହୁଛନ୍ତି ସେଥିରେ ମହାରାଷ୍ଟ୍ରରେ ଉଗ୍ରତା ଓ ଉତ୍ତେଜନା ବଢୁଛି । ତେଣୁ ଏସବୁ ନ କରିବାକୁ ଜବାହରଲାଲଜୀଙ୍କୁ ଅନୁରୋଧ କରାଯାଇଥିଲା । ଜବାହରଲାଲଜୀ ଏ ବିଷୟରେ ଯେତେବେଳେ ମୋ ପାଖକୁ ଲେଖିଲେ ସେତେବେଳେ ମୁଁ କହିଲି ଯେ, ''ଶ୍ରୀ ପଟିଲ ସଂଯୁକ୍ତ ମହାରାଷ୍ଟ୍ରର ବିରୋଧ କରନ୍ତି କିନ୍ତୁ ଉତ୍ତେଜିତ କରିବା ଭଳି କୌଣସି କଥା କୁହନ୍ତି ନାହିଁ । ସଂଯୁକ୍ତ ମହାରାଷ୍ଟ୍ର ସମିତିର ନେତାମାନେ ଏତେ ଅଧିକ ଅସହିଷ୍ଣୁ ଯେ ନିଜ ବିରୁଦ୍ଧରେ କିଛି ଶୁଣିବାକୁ ଚାହାନ୍ତି ନାହିଁ ଏବଂ ବିରୋଧୀକୁ ଦବାଇ ଦେବା ପାଇଁ ସେମାନେ ଏପରି ମିଛ ଅଭିଯୋଗ ଆପଣଙ୍କ ପାଖରେ କରିଛନ୍ତି ।''

ମୁଁ ନିଜେ ବୃହତ ରାଜ୍ୟର ପକ୍ଷପାତୀ ଥିଲି । କାରଣ ମୋ ମତରେ ଏହାଦ୍ୱାରା ଉଭୟ ପ୍ରାଦେଶିକ ରାଜ୍ୟ ଏବଂ କେନ୍ଦ୍ର ସୁଦୃଢ ହୋଇପାରିବ । ମୁଁ ମାନୁଥିଲି ଯେ ଭାରତର ଏକତା ରଖିବା ଏବଂ ଦେଶକୁ ସୁଦୃଢ କରିବା ପାଇଁ ଭାଷାସୂତ୍ରରେ ପ୍ରଦେଶ ଗଠନ ଉପଯୋଗୀ ନୁହେଁ । ଏଣୁ ଭାଷା ସୂତ୍ରରେ ରାଜ୍ୟର ବିଭାଜନ ହେବା ଉଚିତ ନୁହେଁ । ଗୁଜରାଟରେ ସେ ସମୟରେ ଅନେକଙ୍କ ମତଥିଲା ଯେ ମହାରାଷ୍ଟ୍ର ଏବଂ ଗୁଜରାଟ ଅଲଗା ଅଲଗା ରାଜ୍ୟ ହେବା ଉଚିତ । କଂଗ୍ରେସର କିଛିଲୋକ ଏକଥା ମାନୁଥିଲେ ।

୧୯୫୫ରେ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନ ବିଶେଷ ଜୋର ଧରିଲା । ଆନ୍ଦୋଳନର ନେତାମାନେ ନିଜ ମତ ଆୟୋଗ ସାମନାରେ ରଖିଲେ । ଆୟୋଗ ମୋ ସହିତ ରାଜ୍ୟ ପୁନର୍ଗଠନ ସମ୍ବନ୍ଧରେ ଦୀର୍ଘ ସମୟ ଚର୍ଚ୍ଚା କରିଥିଲେ । କଥାବାର୍ତ୍ତା ବେଳେ ଭାରତର ଏକତା ଉପରେ ଜୋର ଦେଇ ମୁଁ କହିଥିଲି ଯେ ରାଜ୍ୟ ପୁନର୍ଗଠନ ଏପରି ହେବା ଉଚିତ ଯେ ସେଥିରୁ ଦେଶର ଏକତା ବଢିପାରେ । କିନ୍ତୁ ଭାଷା ସୂତ୍ରରେ ରାଜ୍ୟ ଗଠନ ହେଲେ ଭାରତର ଏକତାରେ ଆଞ୍ଚ ଆସିବ । ଏକଥା ମଧ୍ୟ ମୁଁ ଆୟୋଗ ଆଗରେ ସ୍ପଷ୍ଟ କରି ରଖିଥିଲି ଯେ ଦୁଇ ତିନି ପ୍ରଦେଶ ମିଶି ଦ୍ୱିଭାଷିକ ବା ତ୍ରିଭାଷୀ ରାଜ୍ୟ ଗଠନ ହେଲେ ବିଶେଷ ଲାଭ ହେବ । ମୋର ଆଶଙ୍କା ବ୍ୟକ୍ତ କରି ମୁଁ କହିଥିଲି ଯେ ଭାଷା ସୂତ୍ରରେ ରାଜ୍ୟ ଗଠନ ହେଲେ ଆମେ କେଉଁଠାରେ ପହଞ୍ଚିବୁ ଠିକ୍ ନାହିଁ ।

୧୯୫୫ ସେପ୍ଟେମ୍ବରରେ ରାଜ୍ୟ ପୁନର୍ଗଠନ ଆୟୋଗ ନିଜ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲେ ଏବଂ ଅକ୍ଟୋବରରେ ଏହା ପ୍ରକାଶ ପାଇଲା । ଫଜଲ୍ ଅଲ୍ଲୀ ଆୟୋଗ ସମ୍ପୂର୍ଣ୍ଣ ପ୍ରଶ୍ନର ସମ୍ପୂର୍ଣ୍ଣ ଅଧ୍ୟୟନ କରିଥିଲେ । ତାଙ୍କୁ ଦୁଇହଜାର ଆବେଦନ ପତ୍ର ମିଳିଥିଲା । ସେ ୧୦୪ ସ୍ଥାନରେ କଥାବାର୍ତ୍ତା କରିଥିଲେ ଏବଂ ଏହାର ସଦସ୍ୟମାନେ ନ'ହଜାରରୁ ଅଧିକ ବ୍ୟକ୍ତିଙ୍କୁ ଭେଟିଥିଲେ । ଆୟୋଗ ସେତେବେଳର

Digitized by srujanika@gmail.com

୨୭ ରାଜ୍ୟ ସ୍ଥାନରେ ୧୬ ପୁନର୍ଗଠିତ ରାଜ୍ୟ ପାଇଁ ସୁପାରିଶ କରିଥିଲେ: ମାଡ୍ରାସ, କେରଳ, କର୍ଣ୍ଣାଟକ (ମହୀଶୁର), ହାଇଦ୍ରାବାଦ, ଆନ୍ଧ୍ର, ବମ୍ବେ, ବିଦର୍ଭ, ମଧ୍ୟ ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗଳା, ଆସାମ, ଓଡ଼ିଶା ଏବଂ ଜାମ୍ମୁ କାଶ୍ମୀର । ନୂଆ ବମ୍ବେ ରାଜ୍ୟର ରୂପଥିଲା -- ସେତେବେଳର ରାଜ୍ୟ ବିଯୁକ୍ତ ଆବୁ ଓ କନ୍ନଡ ଭାଷୀ ଅଞ୍ଚଳ ଯୁକ୍ତ ସୌରାଷ୍ଟ୍ର, କଛ ଏବଂ ହାଇଦ୍ରାବାଦ ରାଜ୍ୟର ମରାଠୱାଡା କ୍ଷେତ୍ର । ଏହାଛଡା ଫଜଲ ଅଲ୍ଲୀ ଆୟୋଗ ଦିଲ୍ଲୀ, ମଣିପୁର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପ ଏଇ ତିନି କେନ୍ଦ୍ର ଦ୍ୱାରା ଶାସିତ କ୍ଷେତ୍ର ସୁପାରିଶ କରିଥିଲେ ।

ଏ ରିପୋର୍ଟ ଉପରେ ଜବାହରଲାଲଜୀଙ୍କ ଭଲ ପ୍ରତିକ୍ରିୟା ହୋଇ ନଥିଲା ଏବଂ ଖୋଲାଖୋଲି ଭାବେ ସେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ଏହାର ପରିଣାମ ଏହା ହେଲା ଯେ ଯେଉଁ ପ୍ରଦେଶରେ ଅସନ୍ତୋଷ ଥିଲା ସେଠାରେ ଅସନ୍ତୋଷ ଖୁବ୍ ଜୋରରେ ପ୍ରକଟ ହେଲା । ମହାରାଷ୍ଟ୍ରର କେତେକ ବ୍ୟକ୍ତି ଏକଥା କହିଥିଲେ ଯେ, ''ଆମ ଇଚ୍ଛାନୁସାରେ ଆମକୁ ନ୍ୟାୟ ନ ମିଳିଲେ ଗୁଳିରେ ଲଢି ଆମେ ଏହାର ନିଷ୍ପତ୍ତି କରିବୁ ।'' ଏହିପରି ଉପଦ୍ରବ କରି ନିଜ ଲକ୍ଷ୍ୟ ହାସଲ କରିବାକୁ ସେମାନେ ସ୍ଥିର କରିଥିଲେ ଏବଂ କେତେକ ସ୍ଥାନରେ ସେମାନେ ଦଙ୍ଗାଫସାଦ ମଧ୍ୟ କରିଥିଲେ । ମୋ ମତରେ ଜବାହରଲାଲଜୀ ଆୟୋଗର ସୁପାରିଶକୁ ଠିକ୍ 'ଯେପରି ସେପରି' ସ୍ୱୀକାର କରିଥିଲେ ଏବଂ ଦେଶର ଜନତାଙ୍କୁ ଏହାକୁ ସ୍ୱୀକାର କରିବାକୁ ଅନୁରୋଧ କରିଥିଲେ, ପରେ ଯେଉଁ ଅନିଷ୍ଟ ଘଟଣା ସବୁ ଘଟିଲା ସେଥିରୁ ଦେଶ ରକ୍ଷା ପାଇପାରିଥାନ୍ତା । ଜବାହରଲାଲଜୀଙ୍କ ଅସନ୍ତୋଷ ବିଶେଷ କରି ମଧ୍ୟ ପ୍ରଦେଶର ପୁନର୍ଗଠନ ନିମନ୍ତେ ଆୟୋଗର ସୁପାରିଶ ଉପରେ ଥିଲା କିନ୍ତୁ ଆୟୋଗର ସୁପାରିଶ ଉପରେ ନିଷ୍ପତ୍ତି ନେବାବେଳେ କେନ୍ଦ୍ର ସରକାର ମଧ୍ୟ ପ୍ରଦେଶ ଉପରେ ସମସ୍ତ ସୁପାରିଶ ସମ୍ପୂର୍ଣ୍ଣ ରୂପେ ସ୍ୱୀକାର କରିଥିଲେ -- ଏକଥା ମଧ୍ୟ ସତ । ଜବାହରଲାଲଜୀ କେତେଥର ଭାବାବେଶରେ ପ୍ରଶ୍ନକୁ ଗଭୀର ଭାବେ ଚିନ୍ତା ନକରି ଉପରେ ଉପରେ ଭାସିଯାଇ ତାଙ୍କୁ ଯାହା ଲାଗୁଥିଲା କହି ପକାଉଥିଲେ ଏବଂ ସାର୍ବଜନିକ ଭାବେ ମଧ୍ୟ ନିଜର ବିରୋଧ ପ୍ରକାଶ କରି ଦେଉଥିଲେ । କିନ୍ତୁ ପରେ ବିଚାର କରି ବାସ୍ତବିକତାକୁ ସ୍ୱୀକାର ମଧ୍ୟ କରିନେଉଥିଲେ । କେତେଥର ଏହାର ଭଲ ପ୍ରଭାବ ପଡୁ ନଥିଲା ଏବଂ କେତେଲୋକ ନିଜର ନାପସନ୍ଦ ପ୍ରକାଶ କରୁଥିଲେ ।

ଆୟୋଗର ସୁପାରିଶ ମହାରାଷ୍ଟ୍ର ବାଲାଙ୍କ ଦାବିର ଅନୁକୂଳ ନ ହେବାରୁ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନ ଖୁବ୍ ଜୋରରେ ଚାଲିଲା ଏବଂ ଉଗ୍ରରୂପ ଧାରଣ କରିଲା । ଏଇ ଆନ୍ଦୋଳନର ନେତାମାନେ ଆୟୋଗର ସୁପାରିଶ ଉପରେ ତୀବ୍ର ଅସନ୍ତୁଷ୍ଟ ଥିଲେ । ମହାରାଷ୍ଟ୍ରରେ ସଂଯୁକ୍ତ ମହାରାଷ୍ଟ୍ର ପାଇଁ ଜୋରଦାର ଆନ୍ଦୋଳନ ଚାଲିବା ବେଳେ ଗୁଜରାଟରେ ଏହାର ପ୍ରତିକ୍ରିୟା ଦେଖାଗଲା । ଗୁଜରାଟ ପ୍ରଦେଶ କଂଗ୍ରେସ କମିଟି ବୈଠକ ଅହମ୍ମଦାବାଦରେ ବସିଲା ଏବଂ ସେମାନେ ବମ୍ବେ ରାଜ୍ୟକୁ ତିନିଭାଗରେ ବିଭକ୍ତ କରିବା ପାଇଁ ପ୍ରସ୍ତାବ ପାଶ୍ କଲେ -- ମହାରାଷ୍ଟ୍ର, ଗୁଜରାଟ ଓ ବମ୍ବେ ସହର ।

ମହାରାଷ୍ଟ୍ର ଗୁଜରାଟ ସହିତ ରହିବାକୁ ଇଚ୍ଛା କରୁନଥିବା ବେଳେ ଗୁଜରାଟକୁ ମହାରାଷ୍ଟ୍ର ସହିତ ରଖିଲେ କିଛି ଲାଭ ହେବ ନାହିଁ -- ଏଇ ଭାବନାର ଆଧାର ଉପରେ ଆମ ସମସ୍ତଙ୍କୁ ନିର୍ଣ୍ଣୟ ନେବାକୁ ପଡିଲା ଯେ ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ଅଲଗା ରାଜ୍ୟ ଗଠିତ ହେଉ, ବମ୍ବେକୁ କେନ୍ଦ୍ର ଶାସିତ ଇଲାକା ଭାବେ ଅଲଗା କରାଯାଉ ଓ କର୍ଣ୍ଣାଟକ ମହୀଶୂର ସହିତ ମିଶିଯାଉ । ଏ ପ୍ରଶ୍ନ ବିଚାର କରିବାକୁ କଂଗ୍ରେସ କାର୍ଯ୍ୟକାରୀ ସମିତିର ବୈଠକ ନଭେମ୍ବରରେ ବସିଲା, ସେଥିରେ ବହୁତ ବିଚାର ବିନିମୟ ପରେ ଏଇ ପ୍ରସ୍ତାବ ଗୃହୀତ ହେଲା । ମହାରାଷ୍ଟ୍ର ଛଡା ସବୁ ରାଜ୍ୟର ସଦସ୍ୟ ଏ ପ୍ରସ୍ତାବ ସପକ୍ଷରେ ଥିଲେ । ମହାରାଷ୍ଟ୍ରର ପ୍ରାନ୍ତୀୟ କଂଗ୍ରେସ

Digitized by srujanika@gmail.com

ଅଧ୍ୟକ୍ଷ ଶ୍ରୀ ଦେଓଗିରିକର କାର୍ଯ୍ୟ ସମିତିକୁ ସଂଯୁକ୍ତ ମହାରାଷ୍ଟ୍ର ସମ୍ବନ୍ଧରେ ବୁଝାଇବାକୁ ବହୁତ ଚେଷ୍ଟା କଲେ କିନ୍ତୁ କାର୍ଯ୍ୟ ସମିତି ତାଙ୍କ କଥା ମାନିଲେ ନାହିଁ ।

ଏହା ବିରୁଦ୍ଧରେ ବମ୍ବେରେ ଭୟଙ୍କର ଉପଦ୍ରବ ଦେଖାଗଲା ଏବଂ ସାରା ମହାରାଷ୍ଟ୍ରରେ ଉଗ୍ର ବିରୋଧ ପ୍ରକଟିତ ହେଲା । ନଭେମ୍ବର ମାସରେ ମୁଁ ଚୌପାଟିରେ ବିଶାଳ ସଭା ଆୟୋଜନ କଲି ଯେଉଁଠାରେ ଖୁବ୍ ପଥର ମାଡ ହେଲା ଓ ଶାନ୍ତି ଭଗ୍ନ କରାଯିବାର ଚେଷ୍ଟା କରାଗଲା । ମୁଁ ଭାଷଣ ଦେଉଥିଲି, ସେଠାରେ ବି ପଥର ଫୋପଡା ଯାଇଥିଲା ଏବଂ ଗୋଟାଏ ପଥର ମୋ ଦେହରେ ବାଜିଥିଲା -- ବେଶୀ କିଛି ଖଣ୍ଡିଆ ହେଲା ନାହିଁ କିନ୍ତୁ ଅନ୍ୟମାନେ ଖଣ୍ଡିଆ ଖାବରା ହେଲେ । ଏହା ସତ୍ୱେ ସଭା ଚାଲିଥିଲା । ଦୁଇତିନି ଦିନ ପରେ ଶାନ୍ତି ସ୍ଥାପିତ ହେଲା । ରୁଷର ପ୍ରଧାନମନ୍ତ୍ରୀ ଶ୍ରୀ ବୁଲ୍ ଗାନିନ୍ ଓ ସାମ୍ୟବାଦୀ ପାର୍ଟିର ଅଧ୍ୟକ୍ଷ ଶ୍ରୀ କୃଶ୍ଚେଭ, ଶାନ୍ତି ସ୍ଥାପନାର ପରଦିନ ବମ୍ବେ ଆସିଥିଲେ । ଅଶାନ୍ତ ବାତାବାରଣ ମଧ୍ୟରେ ବମ୍ବେରେ ତାଙ୍କ କାର୍ଯ୍ୟକ୍ରମ ରଖାଯିବ ନା ନାହିଁ -- ଏ ସମ୍ବନ୍ଧରେ ଜବାହାରଲାଲଜୀଙ୍କ ମନରେ ଦ୍ୱିଧା ଥିଲା । କିନ୍ତୁ ମୁଁ ତାଙ୍କୁ ପୂର୍ଣ୍ଣ ଆଶ୍ୱାସନା ଦେଲି ଯେ କିଛି ଗଡ଼ବଡ ହେବ ନାହିଁ । ଏବଂ ସେମାନଙ୍କ କାର୍ଯ୍ୟକ୍ରମ ଅପରିବର୍ତ୍ତିତ ରଖିବାକୁ କହିଲି । ତଦନୁସାରେ ସେମାନେ ବମ୍ବେ ଆସିଲେ ଏବଂ ସବୁ କାର୍ଯ୍ୟକ୍ରମ ସଫଳତା ପୂର୍ବକ ସମ୍ପନ୍ନ ହେଲା ।

ସଂଯୁକ୍ତ ମହାରାଷ୍ଟ୍ର ସମର୍ଥନକାରୀମାନେ ଯେଉଁ କ୍ରୋଧ ପ୍ରଦର୍ଶନ କରିଥିଲେ ଏବଂ ଶ୍ରୀ ଶଙ୍କର ରାଓ ଦେଓ ତଥା ଅନ୍ୟ ସଦସ୍ୟମାନେ ପୁନାରେ ଏ ସମ୍ବନ୍ଧରେ ଯେଉଁ ସମାଲୋଚନା ମୂଳକ ଭାଷଣ ଦେଇଥିଲେ, ତାହାର ପରିଣାମ ସ୍ୱରୂପ, ଗୁଜରାଟ ପ୍ରାନ୍ତୀୟ କଂଗ୍ରେସରେ ବମ୍ବେ ରାଜ୍ୟକୁ ତିନି ଭାଗ କରିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ସ୍ୱୀକାର କରାଯାଇଥିଲା । ଏହାପରେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ପୁନାରେ ଏକ ଭାଷଣ ଦେଲେ । ସେଥିରେ ସେ ଗୁଜରାଟ ପ୍ରାନ୍ତୀୟ କଂଗ୍ରେସର ପ୍ରସ୍ତାବକୁ ତୀବ୍ର ଆଲୋଚନା କରି କହିଲେ ଯେ ଏହା ଗୁଜରାଟରେ ସାମ୍ରାଜ୍ୟବାଦ ଚିନ୍ତାଧାରାର ପରିଚାୟକ । ୧୯୪୬ ରୁ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କ ସହିତ ମୋର ଘନିଷ୍ଠ ସମ୍ବନ୍ଧ ଥିଲା । ଏଣୁ ତାଙ୍କଠାରୁ ଏପରି ଆଲୋଚନା ମୁଁ ଆଶା କରୁନଥିଲି । ତାଙ୍କର ଏପରି ଆଲୋଚନାରେ ମତେ ବହୁତ ଦୁଃଖ ଲାଗିଲା । କିନ୍ତୁ କିଛିଦିନ ପରେ ଶ୍ରୀ ଚୌହ୍ୱାନଙ୍କୁ ନିଜର ଭୁଲ ବିଶ୍ୱାସ ହୋଇଯାଇଥିଲା ଏବଂ ସେ ମୋ ପାଖକୁ ଆସି ସ୍ପଷ୍ଟୀକରଣ ଦେଇ ଦୁଃଖ ପ୍ରକାଶ କରିଥିଲେ ।

ଏତିକି ନୁହେଁ, ପରେ ପତ୍ର ଲେଖି ସେ ନିଜର ସଫାଇ ଦେଇଥିଲେ । ଶ୍ରୀ ଯଶବନ୍ତରାଓ ଚୌହ୍ୱାନଙ୍କ ପତ୍ର ନିମ୍ନପ୍ରକାର ଥିଲା ।

ଉଇଣ୍ଟର ରୋଡ୍, ବମ୍ବେ

ତା ୧୦।୧୧।୧୯୫୫

ପ୍ରିୟ ମୋରାରଜୀ ଭାଇ,

ଆପଣଙ୍କ ସହିତ କଥାବାର୍ତ୍ତା କରିବା ପରେ, କିଛି ଦିନରୁ ମୋ ଭିତରେ ଏକ ପ୍ରକାର ଆନ୍ତରିକ ସଂଘର୍ଷ ଚାଲିଛି ଯଦ୍ୱାରା ଆମ ଭିତରେ ଏତେ ବର୍ଷରୁ ଯେଉଁ ସ୍ନେହ ଓ ସୌହାର୍ଦ୍ଦ୍ୟର ସମ୍ବନ୍ଧ ରହିଆସିଛି ତାହା ନଷ୍ଟ ହୋଇଯିବାର ଆଶଙ୍କା ଦେଖା ଦେଉଛି । ଶେଷରେ ଗୋଟିଏ ଭଲ କାମ କରିବା ଉଦ୍ଦେଶ୍ୟରେ ମୁଁ ନଭାବି ଅଚାନକ ଯେଉଁ ଉତ୍ତେଜନା ଦେଖାଇଥିଲି ସେଥିରେ ଆପଣ ଗଭୀର ଆଘାତ ପାଇଲେ ।

ଏକଥା ମୁଁ ଆପଣଙ୍କୁ କହିସାରିଛି ଯେ ଆପଣଙ୍କୁ ଦୁଃଖ ଲାଗୁ ଏପରି କିଛି କରିବାକୁ ମୋର କୌଣସି ବିଚାର ନଥିଲା, କାରଣ ଆପଣଙ୍କ ପ୍ରତି ଅତ୍ୟଧିକ ଆଦର ଓ ସ୍ନେହ ଥାଇ ଏପରି ସ୍ଥିତି ମୁଁ କିପରି ତିଆରି କରିପାରିବି ଯଦ୍ୱାରା ଆପଣ ଦୁଃଖୀ ହେବେ ଅଥବା ଆମ ଭିତର ସ୍ନେହ ଓ ସର୍ବୋଚ୍ଚ ଆଦର୍ଶକୁ ଟିକିଏ ହେଲେ ଆଞ୍ଚ ଆସିବ?

Digitized by srujanika@gmail.com

ମନରେ ଗଭୀର ଦୁଃଖ ଯୋଗୁଁ ମୁଁ ନିଜର ଭାବନାକୁ ଶବ୍ଦରେ ଠିକ୍ ଭାବରେ ବ୍ୟକ୍ତ କରିପାରୁ ନାହିଁ । ତେଣୁ ଏ ଚିଠି ଲେଖିବାକୁ ପ୍ରଯତ୍ନ କରୁଛି, ଏହି ଆଶାରେ ଯେ ଆପଣ ମୋର ଆନ୍ତରିକ ମନୋଭାବ ବୁଝିପାରିବେ । ଗତ ରାତିରେ ମାଣେକଜୀଙ୍କ ସହିତ ଲମ୍ବା କଥାବାର୍ତ୍ତା ପରେ ହିଁ ଏ ଚିଠି ଲେଖିବା ପାଇଁ ମୋର ନୈତିକ ସାହସ ହେଲା ।

ଆପଣଙ୍କ ଭଳି ନେତାଙ୍କର ପ୍ରେରଣା ଏବଂ ମାର୍ଗଦର୍ଶନରେ ମୁଁ ବର୍ତ୍ତମାନ ଆହୁରି ଉଚ୍ଚରେ ପହଞ୍ଚିବାକୁ ଆଶା ରଖୁଛି । ବିଗତ କିଛି ବର୍ଷରେ ମୋର ସାର୍ବଜନିକ ଜୀବନ ଆପଣ ବତାଇଥିବା ଆଧାର ଉପରେ ତିଆରି ହୋଇଛି । ଏହା କିଛି ସରଳ କାମ ନଥିଲା । ମୁଁ ନିଷ୍ଠାର ସହିତ ବିବେକାନୁମୋଦିତ ପ୍ରଯତ୍ନ କରିଆସିଛି ଏବଂ ଏଥିରୁ ଯଦି ସବୁବେଳେ ସଫଳତା ନ ମିଳିଲା ତାର କାରଣ ହେଲା ଯେ ମୁଁ ବର୍ତ୍ତମାନ ସୁଦ୍ଧା ଆପଣଙ୍କ ଭଳି ପରିପକ୍ୱତା ଲାଭ କରିପାରି ନାହିଁ ।

ସର୍ବୋଚ୍ଚ ନେତାମାନଙ୍କ ନିର୍ଣ୍ଣୟ ଶେଷରେ ଆଜି ମତେ ମିଳିଛି । ଏହି ପତ୍ରଦ୍ୱାରା ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆଜିଯାଏ ଯାହା ସବୁ ମୁଁ କହିଛି ତାହାର ସତ୍ୟତା ଆପଣ ସ୍ୱୀକାର କରନ୍ତୁ । ଏହାସତ୍ତ୍ୱେ ଯଦି ଆପଣଙ୍କୁ ଲାଗେ ଯେ ମୁଁ ଯାହା କହିଛି ତାହା ସତ୍ୟ ନୁହେଁ, ତେବେ ଆଜି ପର୍ଯ୍ୟନ୍ତ ମୁଁ ଯାହା କିଛି ସିଦ୍ଧ କରିଛି ସେସବୁ ଛାଡି ଦେଇ ରାଜନୀତି କ୍ଷେତ୍ରରୁ ସବୁଦିନ ପାଇଁ ଛୁଟି ନେଇ ଯିବାକୁ ପ୍ରସ୍ତୁତ ଅଛି ।

ମୋର ଆପଣଙ୍କୁ ଅନୁରୋଧ, ମୋ ସମ୍ମୁଖରେ ଯେଉଁ ଅନ୍ଧକାର ଘୋଟି ଅଛି, ସେଥିରେ ଆପଣ ଏପରି ଆଲୋକ ଦେଖାନ୍ତୁ ଯାହା କୌଣସି ପିତା ନିଜ ପୁତ୍ରକୁ ଦେଖାଏ, ଯଦ୍ୱାରା ଏତେ ବର୍ଷରୁ ଆପଣ ମୋ ପ୍ରତି ଯେଉଁ ଆଶା, ଆସ୍ଥା ଏବଂ ବିଶ୍ୱାସ ରଖିଛନ୍ତି ତାହାର ଯୋଗ୍ୟ ହେବାକୁ ମୁଁ ପୁଣି ଚେଷ୍ଟା କରିପାରେ ।

ଆପଣଙ୍କ ପ୍ରତି ସମ୍ମାନ ଓ ସ୍ନେହ ସହିତ

ଯଶବନ୍ତ ରାଓ

ଡିସେମ୍ବରରେ ''ପାଇଲାଇଟିସ୍'' ଆକ୍ରମଣ ପରେ ବିଶ୍ରାମ ନେବାକୁ ମୁଁ କିଛି ଦିନ ଜୁହୁରେ ରହିବାକୁ ଗଲି । ସେଠାରେ ରାଜ୍ୟ ପୁର୍ନଗଠନ ସମ୍ବନ୍ଧରେ ଜବାହରଲାଲଜୀଙ୍କ ଠାରୁ ଖଣ୍ଡେ ଲମ୍ବା ଚିଠି ପାଇଲି । ଜବାହରଲାଲଜୀଙ୍କ ମନରେ ତାକୁ ନେଇ ଯେଉଁ ବିଚଳିତ ଭାବନା ଥିଲା ତାହା ଏଥିରେ ବିସ୍ତାରିତ ଭାବେ ବର୍ଣ୍ଣନା କରାଯାଇଥିଲା । ଗାନ୍ଧିଜୀ ଏ ବିଷୟରେ କ'ଣ କରିଥାନ୍ତେ ସେ ବିଷୟରେ ଭାବିବାକୁ ସେ ଲେଖିଥିଲେ । ତା' ସହିତ ଏକଥା ମଧ୍ୟ ଲେଖିଥିଲେ ଯେ ସେ ଗସ୍ତରେ ଅଛନ୍ତି ଓ ଗସ୍ତରେ ବମ୍ବେ ହୋଇ ଦିଲ୍ଲୀ ଫେରି ଆସିବେ । ସେତେବେଳେ ଜୁହୁ ଆସି ମୋ ସହିତ କଥାବାର୍ତ୍ତା କରିବେ । ସେ ସାନ୍ତାକ୍ରୁଜ ଉଡାଜାହାଜ ପଡିଆରେ ଓହ୍ଲାଇ ହେଲିକପ୍ଟର ଯୋଗେ ଜୁହୁ ଗୋଟିଏ ଘଣ୍ଟା ପାଇଁ ଆସି ମୋ ସହିତ କଥାବାର୍ତ୍ତା ହୋଇଗଲେ । ଏତିକି ନୁହେଁ, ଜାନୁଆରୀରେ ଦିଲ୍ଲୀ ଆସି ତାଙ୍କ ସହିତ ଆହୁରି କଥାବାର୍ତ୍ତା କରିବାକୁ କହିଥିଲେ । ତା'ପରେ ୧୯୫୬ ଜାନୁଆରୀ ମାସରେ ରାଜ୍ୟ ପୁନର୍ଗଠନ ଆୟୋଗର ସୁପାରିଶ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କର ନିର୍ଣ୍ଣୟ ଘୋଷଣା କରାଯାଇଥିଲା ।

କେନ୍ଦ୍ର ସରକାରଙ୍କ ଏଇ ନିର୍ଣ୍ଣୟ ଅନୁସାରେ, ସେତେବେଳର ବମ୍ବେ ରାଜ୍ୟ ସ୍ଥାନରେ ଦୁଇଟି ଅଲଗା ରାଜ୍ୟ ତିଆରି କରାଯିବାର ସୂଚନା ଦିଆଯାଇଥିଲା -- ମରାଠୀ ଭାଷୀ କ୍ଷେତ୍ର ମହାରାଷ୍ଟ୍ର ରାଜ୍ୟ ଓ ଗୁଜରାଟୀ

Digitized by srujanika@gmail.com

ଭାଷୀ କ୍ଷେତ୍ର ଗୁଜରାଟ ରାଜ୍ୟ ଓ ବମ୍ବେ ସହରକୁ କେନ୍ଦ୍ର ଶାସିତ ରାଜ୍ୟ କରିବାକୁ ଘୋଷଣା କରାଯାଇଥିଲା । ଅନ୍ୟ ରାଜ୍ୟ ନିର୍ମାଣ ଆୟୋଗର ସୁପାରିଶ ମୁତାବକ ଥିଲା । କେନ୍ଦ୍ର ଶାସିତ କ୍ଷେତ୍ରରେ ବମ୍ବେ, ଦିଲ୍ଲୀ, ମଣିପୁର ତଥା ଆଣ୍ଡାମାନ ନିକୋବର ଛଡା ତ୍ରିପୁରା, ହିମାଚଳ ପ୍ରଦେଶ, ଲକ୍ଷଦ୍ୱୀପ, ମିନିକୋୟ ଓ ଅମାନ ଦିବି ଟାପୁମାନଙ୍କର ସମାବେଶ ହୋଇଥିଲା ।

କିନ୍ତୁ ଏଥିରେ ମୂଳ ପ୍ରଶ୍ନର ସମାଧାନ ହେଲା ନାହିଁ ଏବଂ ଚର୍ଚ୍ଚା ଚାଲୁ ରହିଲା ।

ଏ ନିର୍ଣ୍ଣୟ ଘୋଷଣା ହେବାର ଚାରି ପାଞ୍ଚ ଦିନ ପରେ ଗୋଟିଏ ଆବଶ୍ୟକ ବୈଠକରେ ଯୋଗଦେବାକୁ ମତେ ଦିଲ୍ଲୀ ଯିବାକୁ ପଡିଲା । ସେଥିପାଇଁ ମୁଁ ବମ୍ବେରୁ ବାହାରି ବଲସାଦରେ ରହିଥିଲି । ବଲସାଦରେ ମତେ ସକାଳେ ବମ୍ବେରୁ ଟେଲିଫୋନ ମିଳିଲା ଯେ ବମ୍ବେରେ ଦଙ୍ଗା ହଙ୍ଗାମା ଆରମ୍ଭ ହୋଇଗଲାଣି ଏବଂ ଏହା ଉଗ୍ରରୂପ ନେଇସାରିଲାଣି । ତେଣୁ ମତେ ବମ୍ବେ ଫେରିଯିବା ଦରକାର ।

ଜବାହରଲାଲଜୀ ଆବଶ୍ୟକୀୟ କଥାବାର୍ତ୍ତା ପାଇଁ ଦିଲ୍ଲୀ ଡାକିଥିଲେ । ସେଥିପାଇଁ ମୁଁ ତୁରନ୍ତ ଟେଲିଫୋନ ଯୋଗେ ବମ୍ବେରେ ଦଙ୍ଗା ବିଷୟ ତାଙ୍କୁ ଜଣାଇ କହିଲି ଯେ ବମ୍ବେରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ମତେ ଶୀଘ୍ର ବମ୍ବେ ଫେରିଯିବାକୁ ହେବ । କିନ୍ତୁ ଆପଣ ଯଦି ଭାବନ୍ତି ମୋତେ ଦିଲ୍ଲୀ ଯିବା ଦରକାର, ତେବେ ମୁଁ ଦିଲ୍ଲୀ ଆସିଯିବି । ଜବାହରଲାଲଜୀ କହିଲେ ଯେ ମତେ ଶୀଘ୍ର ବମ୍ବେ ଫେରିଯିବା ଉଚିତ କାରଣ ସେଠାରେ ସ୍ଥିତିକୁ କାବୁରେ ରଖିବା ନିହାତି ଦରକାର । ତେଣୁ ମୁଁ ତତ୍‌କାଳ ବମ୍ବେ ଫେରିଗଲି ।

ବମ୍ବେ ଫେରିଆସି ପରିସ୍ଥିତିକୁ ଅଧ୍ୟୟନ କରିବା ପରେ ସ୍ପଷ୍ଟ ହୋଇଯାଇଥିଲା ଯେ ଦଙ୍ଗା ସଂଯୁକ୍ତ ମହାରାଷ୍ଟ୍ରର ପକ୍ଷପାତୀଙ୍କ ତରଫରୁ ଆରମ୍ଭ କରାଯାଇଥିଲା । ସେମାନେ ଗୁଜରାଟୀଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲେ । ମହିଳା ଓ ପୁରୁଷମାନଙ୍କୁ ଅପଦସ୍ଥ କରୁଥିଲେ ଏବଂ ଗୁଜରାଟୀଙ୍କ ଦୋକାନ ଲୁଟି ନେଉଥିଲେ । ବମ୍ବେ ପୋଲିସ ତୀବ୍ର ପରୀକ୍ଷାର ସମ୍ମୁଖୀନ ହେଉଥିଲେ । ବମ୍ବେ ପୋଲିସରେ ଶତକଡ଼ା ୯୫ ଭାଗ ମହାରାଷ୍ଟ୍ରୀୟ ଥିଲେ । ତାଙ୍କର ସହାନୁଭୂତି ସ୍ୱଭାବତଃ ସଂଯୁକ୍ତ ମହାରାଷ୍ଟ୍ରବାଲାଙ୍କ ସହିତ ଥିବାରୁ ଦଙ୍ଗା କରିବାବାଲାଙ୍କ ବିରୁଦ୍ଧରେ କାର୍ଯ୍ୟକ୍ରମ କିଛି ଶିଥିଳ ଥିଲା । ଏଥିରେ ଉପଦ୍ରବକୁ ଆହୁରି ପ୍ରୋତ୍ସାହନ ମିଳୁଥିଲା ।

ବମ୍ବେ ମନ୍ତ୍ରୀମଣ୍ଡଳରେ ସେ ସମୟରେ ଶ୍ରୀ ନବରଣେ ଜଣେ ଉପମନ୍ତ୍ରୀ ଥିଲେ । ସେ ମଦ୍ୟ ନିଷେଧ କାମ ଦେଖୁଥିଲେ ଯଦ୍ୱାରା ପୋଲିସ ବିଭାଗ ସହିତ ତାଙ୍କର ଘନିଷ୍ଠ ସମ୍ବନ୍ଧ ହୋଇଯାଇଥିଲା । ସେ ତୀବ୍ର ସଂଯୁକ୍ତ ମହାରାଷ୍ଟ୍ରବାଦୀ ଥିଲେ ଯଦ୍ୱାରା ପୋଲିସ ଉପରେ ଓଲଟା ପ୍ରଭାବ ପଡୁଥିଲା । ଆନ୍ଦୋଳନରେ ମଧ୍ୟ ସେ ଭାଗ ନେଉଥିଲେ । ମୁଁ ଏ ବିଷୟରେ ତାଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲି ଏବଂ ଏହା ସନ୍ତୋଷଜନକ ନହେବାରୁ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବାହାର କରି ଦେଇଥିଲି । ଅନ୍ୟ କେତେକ ମହାରାଷ୍ଟ୍ରୀୟ ମନ୍ତ୍ରୀ-ଉପମନ୍ତ୍ରୀମାନଙ୍କ ମଧ୍ୟରେ ମଧ୍ୟ ଏ ବିଷୟରେ ସହାନୁଭୂତିଜନକ ଭାବନା ଥିଲା କିନ୍ତୁ ଉପଦ୍ରବକୁ ସେମାନେ ପ୍ରୋତ୍ସାହନ ଦେଉ ନଥିଲେ ଏବଂ ଉପଦ୍ରବ ତାଙ୍କର ପସନ୍ଦ ମଧ୍ୟ ନଥିଲା ।

ଶ୍ରୀ ଡି.ଏସ୍. ଜୋଷୀ ମୋ ଗୃହ ବିଭାଗରେ ସଚିବ ଥିଲେ । ତାଙ୍କ ସହିତ ମୋର ସମ୍ପର୍କ ଅନେକ ବର୍ଷରୁ ଥିଲା । ମୋ ଉପରେ ସର୍ବଦା ତାଙ୍କର ଯୋଗ୍ୟ ଓ ନିଷ୍ଠାବାନ ଅଧିକାରୀ ହେବାର ଛାପ ରହିଥିଲା, ସେ ଅତ୍ୟନ୍ତ ପ୍ରାମାଣିକ ଓ ନିଷ୍ଠାବାନ ଅଧିକାରୀ ଥିଲେ । କାମରେ ନିଜର ମତକୁ କେବେ ହେଲେ ଆଗକୁ ଆଣୁ ନଥିଲେ । ଆମ ଦୁଇଜଣଙ୍କ ମଧ୍ୟରେ ପୂର୍ଣ୍ଣ ବିଶ୍ୱାସ ଥିଲା । ତେଣୁ ତାଙ୍କ ସହିତ ମୁଁ ଏ ବିଷୟରେ ପରାମର୍ଶ

Digitized by srujanika@gmail.com

କଲି । ମୁଁ ତାଙ୍କୁ କହିଲି, ''ସଂଯୁକ୍ତ ମହାରାଷ୍ଟ୍ର ପାଇଁ ଦାବି କରାଗଲେ ମୋର ସେଥିରେ କୌଣସି ପ୍ରକାର ବିରୋଧ କରିବାର କାରଣ ନାହିଁ, କିନ୍ତୁ ସେ ଦାବି ପୂରଣ କରାଇବାକୁ ଉପଦ୍ରବର ଆଶ୍ରୟ ନିଆଗଲେ ଲୋକତନ୍ତ୍ର ନଷ୍ଟ ହୋଇ ଅରାଜକତା ଖେଳିଯିବ ଯେପରି ବର୍ତ୍ତମାନ ହେଉଛି । ଏପରି କଠିନ ପରିସ୍ଥିତିରେ ଯଦି ପୋଲିସ ନିଜର କର୍ତ୍ତବ୍ୟ ପାଳନ ନକରନ୍ତି ତେବେ ସଂଯୁକ୍ତ ମହାରାଷ୍ଟ୍ର ତିଆରି ପରେ ମଧ୍ୟ ସେଇ ପୋଲିସ ସରକାରଙ୍କର ବିଶ୍ୱସ୍ତ ହୋଇପାରିବେ ନାହିଁ ଏବଂ ହିଂସାର ଭାବନା ଏତେ ତୀବ୍ର ହେବ ଯେ ତାହା ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ । ତେଣୁ ଏ ଅବସରରେ ସରକାରଙ୍କୁ ଶାନ୍ତି ସ୍ଥାପନା ପାଇଁ ନିଜ କର୍ତ୍ତବ୍ୟ କରିବା ଉଚିତ ଏବଂ ସେଥିପାଇଁ ଯେ କୌଣସି କାର୍ଯ୍ୟକ୍ରମ ଆବଶ୍ୟକ ହେଲେ ତାହା କରିବା ଉଚିତ ।''

ଶ୍ରୀ ଜୋଷୀ ଏ ବିଷୟରେ ମୋ ସହିତ ଏକମତ ଥିଲେ । ତେଣୁ ସେ ମୋ କଥା ସାଙ୍ଗେ ସାଙ୍ଗେ ମାନିନେଲେ । ତାଙ୍କର ମଧ୍ୟ ଏହି ମତ ଥିଲା ଯେ ଉପଦ୍ରବକୁ କୌଣସି ପ୍ରକାରରେ ସହ୍ୟ କରାଯିବା ଉଚିତ ନୁହେଁ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉପଦ୍ରବ ଦମନ କରିବା ଉଚିତ । ଯେ କୌଣସି ପ୍ରଶ୍ନର ନିରାକରଣ ଶାନ୍ତିପୂର୍ଣ୍ଣ ରୀତିରେ ଓ ବୈଧାନିକ ରାସ୍ତାରେ ହିଁ କରାଯିବା ଉଚିତ । ଏପରି ନ ହେଲେ ତ ଲୋକତନ୍ତ୍ର ତିଷ୍ଠିପାରିବ ନାହିଁ । ମୁଁ ତାଙ୍କୁ ଏ କଥା ମଧ୍ୟ କହିଛି, ''ଆପଣ ଏ ସମ୍ବନ୍ଧରେ ଆବଶ୍ୟକ ଆଦେଶ ଦିଅନ୍ତୁ ଓ ପୋଲିସ ଅଧିକାରୀମାନଙ୍କୁ ଆବଶ୍ୟକୀୟ ହୁକୁମ ଦିଅନ୍ତୁ ।'' କ'ଣ କରିବା ଦରକାର -- ସେ ଚର୍ଚ୍ଚା ମଧ୍ୟ ମୁଁ ତାଙ୍କ ସହିତ କରିଥିଲି । ସେ ଆବଶ୍ୟକୀୟ ଆଦେଶ ସାଙ୍ଗେ ସାଙ୍ଗେ ଜାରି କରି ନେଇଥିଲେ । ମୁଁ ନିଜେ ପୋଲିସ କମିଶନର, ଡେପୁଟି କମିଶନରଙ୍କୁ ଡାକି ବିସ୍ତୃତ ଆଦେଶ ଦେଇଥିଲି । ଉପଦ୍ରବକୁ ଶୀଘ୍ର କାବୁରେ ଆଣିବା ଉପରେ ଜୋର ଦେଲି ଏବଂ ଏ କଥା ବୁଝାଇ ଦେଇଥିଲି ଯେ ଉପଦ୍ରବକୁ କାବୁରେ ଆଣିବାକୁ କୌଣସି ପ୍ରକାର ଢିଲା ବା ଭୁଲ ଯେପରି ନହୁଏ, ଏବଂ ପୋଲିସ ଉପଦ୍ରବ ଯେପରି ବେଶୀ ନ ହୁଏ । ପୋଲିସ ଶକ୍ତି ସହକାରେ କାମ କରି ଉପଦ୍ରବ ଦମନ କରିଲେ । ପ୍ରଥମରେ ମୋ ଅନୁପସ୍ଥିତି ସମୟରେ କିଛି ଢିଲା ଦେଖା ଦେଇଥିଲା ତେଣୁ ଉପଦ୍ରବ ଉଗ୍ର ରୂପଧାରଣ କରିଥିଲା, ସେଥିରେ ବହୁତ ସଂଖ୍ୟାରେ ଦୋକାନ ଲୁଟ ହୋଇଥିଲା ଓ ଅନେକ ଲୋକଙ୍କୁ ହଇରାଣ କରାଯାଇଥିଲା । ଯେଉଁ କାରଣରୁ ବହୁତ ସ୍ଥାନରେ ଗୁଳି ଚଳାଇବାକୁ ପଡିଥିଲା ।

ରାତିରେ ଜବାହରଲାଲଜୀ ଟେଲିଫୋନରେ ଦଙ୍ଗା ବିଷୟ ମତେ ପଚାରିଲେ ଏବଂ ମୁଁ ସାରା ପରିସ୍ଥିତି ତାଙ୍କୁ କହିଲି । ଦରକାର ପଡିଲେ ସେନା ଓ ଟ୍ୟାଙ୍କର ସାହାଯ୍ୟ ନେବାକୁ ସଙ୍କୋଚ କରିବେ ନାହିଁ ବୋଲି ସେ ପରାମର୍ଶ ଦେଲେ । କିନ୍ତୁ ମୋ ଧାରଣା ଥିଲା ଯେ ଆଇନ ଓ ବ୍ୟବସ୍ଥା କାମରେ ପୋଲିସର ଉପଯୋଗ ଖୁବ କମ୍ ହେବା ଉଚିତ । ସେନାର ଉପଯୋଗ କଲେ ଅଧିକ ପ୍ରାଣହାନୀର ଆଶଙ୍କା ରହେ -- ଏକଥା ମୁଁ ଜାଣିଥିଲି । ପୋଲିସର ମନୋବଳ ନଷ୍ଟ ହୋଇଗଲେ, ଓ ସେମାନଙ୍କୁ ଶାନ୍ତିସ୍ଥାପନା ଦାୟିତ୍ୱରୁ ମୁକ୍ତ କରି ଦିଆଗଲେ, ମୋର କୌଣସି ସନ୍ଦେହ ନଥିଲା ଯେ ଭବିଷ୍ୟତରେ ସଙ୍କଟ ନ ଆସି ରହିପାରିବ ନାହିଁ । ସେଥିପାଇଁ ଶାନ୍ତି ସ୍ଥାପନା ନିମନ୍ତେ ପୋଲିସଠାରୁ କାମ ନେବାକୁ ସ୍ଥିର କରିଥିଲା । ଜବାହରଲାଲଜୀଙ୍କୁ ଏସବୁ କହିବାରୁ ସେ ମଧ୍ୟ ପୂରାଭାବରେ ମୋ ସହିତ ଏକମତ ହେଲେ । ଏଣୁ ମୁଁ କେବଳ ପୋଲିସଙ୍କ ଦ୍ୱାରା ଶାନ୍ତି ସ୍ଥାପନ କଲି ।

ଏଇ ଉପଦ୍ରବରେ ପୋଲିସର ଗୁଳିରେ ୭୦-୮୦ ଜଣ ପ୍ରାଣ ହରାଇଥିଲେ -- ଏଥିପାଇଁ ମୁଁ ବଡ ଦୁଃଖିତ ହୋଇଥିଲି । କିନ୍ତୁ ବମ୍ବେ ସହରର ସୁରକ୍ଷା ଏବଂ ବମ୍ବେ ପ୍ରଦେଶରେ ଶାନ୍ତି ରଖିବା ପାଇଁ ମତେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିଥିଲା, କାରଣ ଏହାକୁ ମୁଁ ମୋର ନିଜ ଦାୟିତ୍ୱ ବୋଲି ଭାବିଥିଲି । ପୋଲିସକୁ ଗୁଳି ଚଳାଇବାକୁ ଆଦେଶ ଦେଇ ନଥିଲେ ସେମାନେ ଗୁଳିଚଳାଇ ନଥାନ୍ତେ । କିନ୍ତୁ ଏପରି ଭୁଲ ବାଟରେ ଯିବାକୁ ବିଚାର କରି ଦୃଢ କାର୍ଯ୍ୟାନୁଷ୍ଠାନ କରିନଥିଲେ ଦଙ୍ଗାରେ ସାରା ବମ୍ବେ ସହରର ନଷ୍ଟ ହୋଇଯାଇ

Digitized by srujanika@gmail.com

ଥାଆନ୍ତା ଏବଂ କେତେ ଅଧିକ ନିର୍ଦ୍ଦୋଷ ଲୋକ ଦଙ୍ଗାର ଶିକାର ହୋଇଥାନ୍ତେ । କେବଳ ଏତିକି ନୁହେଁ ପରିସ୍ଥିତି ଉପରେ କାବୁ ପାଇବା ଅସମ୍ଭବ ହୋଇଯାଇଥାନ୍ତା । ମୋର ସେତେବେଳେ କୌଣସି ସନ୍ଦେହ ନଥିଲା, ନା ବର୍ତ୍ତମାନ ଅଛି ଯେ ଉପଦ୍ରବକୁ ଦବାଇବା ପାଇଁ ଖୁବ୍ କମ୍‌ରେ ଯେତେ କାର୍ଯ୍ୟାନୁଷ୍ଠାନ କରିବା ଦରକାର, ସେତିକି କରି ତା'କୁ ଦବାଇ ଦେବା ଶାସନର ପରମ କର୍ତ୍ତବ୍ୟ ଅଟେ । ତେଣୁ ଏପରି କରିବା ମୁଁ ନିଜର କର୍ତ୍ତବ୍ୟ ବୋଲି ଭାବିଥିଲି ।

ଉପଦ୍ରବ ବିରୋଧରେ ମୁଁ ଯେଉଁ କାର୍ଯ୍ୟାନୁଷ୍ଠାନ କଲି ସେଥିପାଇଁ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନର ନେତାମାନେ ମୋର ତୀବ୍ର ଆଲୋଚନା କଲେ -- ବିଶେଷ କରି ସାମ୍ୟବାଦୀମାନେ । କିନ୍ତୁ ମୁଁ ସେ ଆଲୋଚନାର ଜବାବ ଦେବା ଝମେଲାରେ ପଡିଲି ନାହିଁ କାରଣ କାହା ପ୍ରତି ଦ୍ୱେଷଭାବ ମୋ ମନରେ ନଥିଲା ନା କୌଣସି ପ୍ରକାରର ପକ୍ଷପାତରେ ମୁଁ ଏ କାମରେ କରିଥିଲି । ମୋର ବିଶ୍ୱାସ ଯେ ସେମାନେ ସମସ୍ତେ ଏକଥା ବୁଝିଯାଇଥିବେ ଯେ ମୁଁ ଯେଉଁ ପ୍ରକାର ବ୍ୟବସ୍ଥା କରୁଥିଲି ଓ ପରିସ୍ଥିତି ଯେପରି ଥିଲା ସେଥିରେ ଏପରି କାର୍ଯ୍ୟାନୁଷ୍ଠାନ ଛଡା ଅନ୍ୟ କୌଣସି ବାଟ ନଥିଲା ।

ସଂଯୁକ୍ତ ମହାରାଷ୍ଟ୍ରବାଦୀମାନେ ଦଙ୍ଗାର କାରଣ ଓ ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ନ୍ୟାୟିକ ତଦନ୍ତ ମଧ୍ୟ ଦାବି କରିଥିଲେ । ମୁଁ ଏପରି ତଦନ୍ତ କରାଇବାକୁ ମନା କରିଦେଲି କାରଣ ଏପରି ତଦନ୍ତ କରାଗଲେ ପୋଲିସ ଏଭଳି ପରିସ୍ଥିତିରେ କେବେହେଁ ଆତ୍ମବିଶ୍ୱାସ ଓ କୁଶଳତା ସହକାରେ କାମ କରିପାରିବେ ନାହିଁ ଓ ହିଂସା କରିବାବାଲାଙ୍କୁ ଅଧିକ ପ୍ରୋତ୍ସାହନ ମିଳିବ । ଜବାହରଲାଲଜୀ ମଧ୍ୟ ମୋର ସମର୍ଥନ କଲେ । ପରିସ୍ଥିତି ଉପରେ ମୁଁ ନିଜେ ପୂରା ଧ୍ୟାନ ରଖିଥିଲି ଏବଂ ଆବଶ୍ୟକତାରୁ ଅଧିକ ବଳପ୍ରୟୋଗ କରାନଯିବା ଉପରେ ପୂରା ସାବାଧାନତା ଅବଲମ୍ବନ କରିଥିଲି । ଯେଉଁ ଲୋକମାନେ ମରିଥିଲେ ସେମାନେ ସମସ୍ତେ ଲୁଟତରାଜ କରିବା ବେଳେ ମରିଥିଲେ । ଏଣୁ ତଦନ୍ତ କରାଇବାର କୌଣସି ନ୍ୟାୟ ସଙ୍ଗତ କାରଣ ମଧ୍ୟ ନଥିଲା ।

ମୁଁ ଯେଉଁ କାର୍ଯ୍ୟାନୁଷ୍ଠାନ କଲି ତାହାର ଆଲୋଚନା କରିବାବାଲା ସାମ୍ୟବାଦୀ ମିତ୍ରମାନେ ସାମ୍ୟବାଦୀ ଦେଶର ଇତିହାସ ଦେଖନ୍ତୁ । ତେବେ ଜାଣିବେ ଯେ ରାଜ୍ୟ ଚଳାଇବାରେ ତଥା ବିରୋଧକୁ ଦବାଇବା ପାଇଁ ସେଠାରେ ଭାରତ ଠାରୁ କେତେଗୁଣ ଅଧିକ ହିଂସାରେ କାମ କରାଯାଇଛି । ଚେକୋସ୍ଲୋଭାକିଆ ସ୍ୱତନ୍ତ୍ର ରାଜ୍ୟ ହୋଇ ମଧ୍ୟ ଏବେ ତାକୁ ସାମ୍ୟବାଦୀ ବିଚାରଧାରାରୁ ବିମୁଖ ନ ହେବା ପାଇଁ ରୁଷ ଯେଉଁ ପ୍ରକାର ସୈନିକ ଶକ୍ତି ସାହାଯ୍ୟରେ ତାଙ୍କୁ ଦବାଇଲା ତାହାର ଉଦାହରଣ ଆମ ଆଗରେ ଅଛି ।

ମୁଁ ଅହିଂସାବାଦୀ ଅଟେ । କିନ୍ତୁ ମୁଁ ମଧ୍ୟ ଏକଥା ମାନୁଛି ଯେ ଦେଶ ଓ ସମାଜକୁ ରକ୍ଷା କରିବା ସରକାରଙ୍କର କର୍ତ୍ତବ୍ୟ ଅଟେ । ଦେଶ ଓ ସମାଜକୁ ଅହିଂସାରେ ରକ୍ଷା କରିବା ସ୍ଥିତି ଆସିନାହିଁ । ବର୍ତ୍ତମାନ ତ ସମାଜର ବହୁତ କମ୍ ଲୋକ ଅହିଂସା ମାନୁଛନ୍ତି । ଅଧିକାଂଶ ଲୋକ ହିଂସା କର୍ମର ସାହାଯ୍ୟ ନେଉଛନ୍ତି । ଏପରି କାମକୁ ବନ୍ଦ କରିବା ପାଇଁ ହିଂସାର ସାହାରା ଛଡା ଚାରାନାହିଁ ।

ଏଠାରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠୁଛି ଯେ ସତ୍ୟ ଏବଂ ଅହିଂସାରେ ଆସ୍ଥା ରଖିବା ବ୍ୟକ୍ତି ରାଜ୍ୟ ଚଳାଇବାରେ କିପରି ଭାଗ ନେଇପାରିବେ? କିନ୍ତୁ ତା ସହିତ ଭାବିବାର କଥା ଯେ ମନୁଷ୍ୟ ନିଜର ଖାଲି ବିଚାରକୁ ଧରି ସନ୍ତୁଷ୍ଟ ରହିବା ଉଚିତ୍, ନା ସମାଜକୁ ଦୃଢ କରିବାକୁ ତଥା ଏହାକୁ ରକ୍ଷା କରିବା ପାଇଁ ଯେଉଁ ସେବାର ଆବଶ୍ୟକତା ଅଛି ଓ ସେଥିରେ କୌଣସି କ୍ଷତି ସହିବାକୁ ହେଲେ କ୍ଷତି ସହି ମଧ୍ୟ ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ । ରାଜ୍ୟର କାମ ତ ସବୁବେଳେ ରହିବ ଏବଂ ଯେ ପର୍ଯ୍ୟନ୍ତ ଅଧିକରୁ ଅଧିକ ଶାସନକର୍ତ୍ତା ଅହିଂସାତ୍ମକ ପ୍ରତିକାର ତଥା ସତ୍ୟ ଆଚରଣ ପାଇଁ ପ୍ରସ୍ତୁତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ସମାଜରେ ଅହିଂସା ଓ

Digitized by srujanika@gmail.com

ସତ୍ୟ ଅଧିକ ପ୍ରଚଳନର ସମ୍ଭାବନା ନାହିଁ । ସାଧାରଣ ଲୋକ ଅହିଂସକ, ସାଧୁ ଓ ସତ୍ୟବାଦୀଙ୍କର ଇଜ୍ଜତ ତ କରନ୍ତି କିନ୍ତୁ ଏହାକୁ ଠିକ୍ ଭାବରେ ଅନୁସରଣ କରନ୍ତି ନାହିଁ । ଯେତେଦିନ ଯାଏ ଶାସନକର୍ତ୍ତା ଓ ଧନୀ ବ୍ୟକ୍ତିମାନେ ଅଂହିସା ଓ ସତ୍ୟାଚରଣ ମାର୍ଗରେ ଚାଲିବା ପାଇଁ ଚେଷ୍ଟା କରିବେ ନାହିଁ ସେତେଦିନ ଯାଏ ସର୍ବସାଧାରଣଙ୍କର ଏପରି ପ୍ରବୃତ୍ତି ହେବା ସମ୍ଭବ ନୁହେଁ । ଯେଉଁମାନେ ସତ୍ୟ ଓ ଅହିଂସା ରାସ୍ତାରେ ଚାଲିବା ବିଶ୍ୱାସ କରନ୍ତି ସେମାନେ ଯଦି ରାଜ୍ୟ ଚଳାଇବା ଦାୟିତ୍ୱ ନ ନିଅନ୍ତି ତେବେ ଯେଉଁମାନେ ଏପରି ବିଶ୍ୱାସ ନକରନ୍ତି ତାଙ୍କରି ହାତକୁ ଦାୟିତ୍ୱ ଚାଲିଯିବ । ସେମାନେ ତ ନ୍ୟୂନତମ ବଦଳରେ ଅଧିକତମ ହିଂସାରେ ହିଁ କାମ ଚଳାଇବେ ।

ଅହିଂସା ଏବଂ ସତ୍ୟମାର୍ଗ ପସନ୍ଦ କରୁଥିବା ଲୋକମାନଙ୍କ ପାଇଁ ରାଜ୍ୟ ଚଳାଇବାରେ ନିଜର ତତ୍ତ୍ୱଠାରୁ ଦୂରେଇ ଯିବାର ଆଶଙ୍କା ରହିଛି । କିନ୍ତୁ ଯଦି ସେମାନେ ସମସ୍ତଙ୍କ ମଙ୍ଗଳରେ ନିଜର ମଙ୍ଗଳ ନିହିତ ବୋଲି ବିଶ୍ୱାସ କରନ୍ତି ତେବେ ଏଭଳି ବିପଦର ସମ୍ମୁଖୀନ ହୋଇ ଜନ ସେବାର ଏ ରାସ୍ତାକୁ ଛାଡିପାରିବେ ନାହିଁ, ତେଣୁ କଠିନ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଆସିଲେ ତାଙ୍କୁ ସେ କର୍ତ୍ତବ୍ୟ ପାଳନ କରିବା ଉଚିତ । ଏକଥା ସତ୍ୟ ଯେ ଏପରି କାମ କରିବା ସମୟରେ ସବୁବେଳେ ସାବଧାନ ରହିବାକୁ ହେବ । ସେମାନଙ୍କୁ ଶାସନ, ସମ୍ମାନ ଏବଂ ଧନ ମୋହରେ ପଡିବା ଉଚିତ ନୁହେଁ ଏବଂ ଯାହା କିଛି କରିବାକୁ ପଡିବ ତାହା କେବଳ ଜନକଲ୍ୟାଣ ନିମନ୍ତେ ହିଁ କରିବାକୁ ହେବ -- ଏଇ ନିର୍ଣ୍ଣୟରୁ କେବେ ହେଲେ ହଟିବା ଉଚିତ ହେବ ନାହିଁ । ଏପରି ବିଚାର ସହିତ ରାଜ୍ୟ ପରିଚାଳନା ଦାୟିତ୍ୱ ନେବା ଉଚିତ । ଏପରି ମାନିକରି ମୁଁ ଏ ଦାୟିତ୍ୱ ନେବାକୁ ସ୍ଥିର କରିଥିଲି । ମୁଁ ମାନୁଛି ଯେ ସମାଜର ସୁରକ୍ଷା ଓ ଏହାର ହିତ ପାଇଁ ହିଂସାତ୍ମକ କାମ କରିବା ବାଲାଙ୍କୁ ଏପରି କାମରୁ ନିବାରଣ କରିବାକୁ ଯଦି ହିଂସା ଛଡା ଅନ୍ୟ ରାସ୍ତା ଦେଖା ନଯାଏ ତେବେ ଅନିବାର୍ଯ୍ୟ ପଦକ୍ଷେପ ରୂପେ ହିଂସା ଉପଯୋଗ କରିବା ଉଚିତ । ଏହାର ଉଦ୍ଦେଶ୍ୟ ନିଜର ଶାସନ କାଏମ ରଖିବା ଅଥବା ନିଜ ସ୍ୱାର୍ଥ ହାସଲ କରିବା ହେବା ଉଚିତ ନୁହେଁ, ମୁଁ ଏପରି ସତର୍କତା ରଖିବା ପାଇଁ ସବୁବେଳେ ପ୍ରଯତ୍ନ କରିଛି । ମୁଁ ଦୃଢତାର ସହିତ କହିପାରିବି ନାହିଁ ଯେ ମତେ ପୂର୍ଣ୍ଣ ସଫଳତା ମିଳିଛି, କିନ୍ତୁ ଏକଥା ଠିକ୍ ଯେ ସେଥିରେ ସଫଳତା ଲାଭ ପାଇଁ ତଥା ପ୍ରଲୋଭନରେ ନ ପଡିବା ପାଇଁ ଯେତେ ସତର୍କତା ଅବଲମ୍ୱନ କରିବା ଦରକାର ସେତକ ମୁଁ ରଖେ । ଏଥିରେ ମୋର ସଫଳତା ବା ଅସଫଳତା ଲାଭ ହୋଇଛି ତା କେହି ଅନ୍ୟ ଯୋଗ୍ୟ ବ୍ୟକ୍ତି ଅନୁମାନ କରି କହିପାରିବେ । ମୁଁ ସବୁବେଳେ, ସାରା ଜୀବନ ଭଗବାନଙ୍କ ଅନ୍ୱେଷଣରେ ଥିବା ସାଧକମାନଙ୍କ ସହିତ ପରାମର୍ଶ କରେ ଏବଂ ମୋର ତ୍ରୁଟି ଜଣାପଡିଲେ ଉଚିତ ସଂଶୋଧନ କରେ ।

୧୯୫୬ ଜାନୁଆରୀରେ ବମ୍ବେ ରାଜ୍ୟର ପୁନର୍ଗଠନର ଘୋଷଣା ପରେ ଅମୃତସରରେ କଂଗ୍ରେସର ଅଧିବେଶନ ହୋଇଥିଲା । ମୁଁ ସେଠାକୁ ଯାଇଥିଲି । ସେ ସମୟରେ ଶ୍ରୀ ଧେବରଭାଇ କଂଗ୍ରେସ ଅଧ୍ୟକ୍ଷ ଥିଲେ । ଜବାହରଲାଲଜୀ ଓ ପନ୍ଥଜୀ କହିବାରୁ ସେ ଆମ ପାଞ୍ଚ ଛ'ଜଣଙ୍କ ବୈଠକ ଡକାଇଥିଲେ । ଧେବରଭାଇ ଜବାହରଲାଲଜୀ, ପନ୍ଥଜୀ, ମୌଲାନା ଆଜାଦ ଓ ମୁଁ ଉପସ୍ଥିତ ଥିଲୁ । ସେଥିରେ ପନ୍ଥଜୀ ମତେ କହିଲେ, ''ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନର ତୀବ୍ରତାକୁ ଦେଖିଲେ ମନେ ହୁଏ ଯେ ବମ୍ବେ ରାଜ୍ୟ ବହୁଭାଷୀ ହୋଇ ରହିଲେ ଠିକ୍ ହେବ । ଏଥିରେ ଆପଣ ଏକମତ ହେଲେ କାମ କିଛି ସହଜରେ ହୋଇପାରିବ ଓ କୌଣସି ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିବ ।'' ମୁଁ କହିଲି, ''ଯେଉଁ ନିର୍ଣ୍ଣୟ ରାଜ୍ୟ ପୁନର୍ଗଠନ ଆୟୋଗ ଓ କେନ୍ଦ୍ର ସରକାର କରିଛନ୍ତି ଓ ମହାରାଷ୍ଟ୍ରର ଯେପରି ଲୋକମତ ଅଛି -- ଏ ସବୁକୁ ଦେଖି ମୋ ପକ୍ଷରେ ଏ ଦାୟିତ୍ୱ ଉଠାଇବା ସମ୍ଭବ ନୁହେଁ । ପୁଣି ଏଥିରେ ମୋ ସମ୍ମତି ନେବାର ଦରକାର କ'ଣ ? ଆପଣମାନେ ସମସ୍ତେ ମିଶିକରି ସମାଧାନ କରନ୍ତୁ । କଂଗ୍ରେସ କାର୍ଯ୍ୟ ସମିତି ଏବଂ କେନ୍ଦ୍ର ସରକାର ଦୁହେଁ ଏହା ସ୍ଥିର କଲେ ମୋର ବିରୋଧ କରିବା ପ୍ରଶ୍ନ କେଉଁଠି ଉଠିବ ? କିନ୍ତୁ ଆପଣ ଯାହା କରିବାକୁ କହୁଛନ୍ତି ସେ ଦାୟିତ୍ୱ ମୁଁ ନେଇପାରିବି

Digitized by srujanika@gmail.com

ନାହିଁ । ଗୁଜରାଟକୁ ବୁଝାଇବା କାମ ଆପଣ ମୋ ଉପରେ ଲଦିବା ଉଚିତ ହେବ ନାହିଁ । କାରଣ ଆଜିର ପରିସ୍ଥିତିରେ ମୁଁ ଜାଣୁଛି ଯେ ଏକାମ କରିବା ମୋ ପକ୍ଷରେ ସମ୍ଭବ ନୁହେଁ ।''

କିନ୍ତୁ ଧେବରଭାଇ ଆଗ୍ରହ କଲେ, ''ଆପଣ ଦାୟିତ୍ୱ ନିଜ ଉପରେ ନେଇ ଗୁଜରାଟୀ ଜନତାକୁ ବୁଝାଇଲେ ମୋର ପୂରା ବିଶ୍ୱାସ ଯେ ଜନତା ଆପଣଙ୍କ କଥା ମାନିବେ ।'' ମୁଁ ତାଙ୍କୁ କହିଲି, ''ଆପଣ କଂଗ୍ରେସର ଅଧ୍ୟକ୍ଷ ଅଛନ୍ତି, ଆପଣ କାହିଁକି ଏକଥା ଗୁଜରାଟକୁ ବୁଝାଉ ନାହାନ୍ତି ? ମୋ ଉପରେ ଦାୟିତ୍ୱ କାହିଁକି ଦେଉଛନ୍ତି ?'' ସେ କହିଲେ, ''ମୁଁ ବୁଝାଇ ପାରିବି ନାହିଁ,'' ମୁଁ କହିଲି, ''ଏ ତ ସ୍ୱୟଂ ନିଜେ ଦାୟିତ୍ୱ ନ ନେଇ ଅନ୍ୟ ଉପରେ ଲଦି ଦେବା କଥା ହେଲା ।'' ଜବାହରଲାଲଜୀ କହିଲେ, ''ଏପରି କିଛି ହୋଇପାରିଲେ ଭଲ ହେବ, ଓ ଆପଣ ଚେଷ୍ଟା କରିଲେ ହିଁ ଏହା ସମ୍ଭବ ହୋଇପାରେ ।'' ମୁଁ ତାଙ୍କୁ କହିଲି, ''ଗୁଜରାଟ ଜନତାଙ୍କୁ ମୁଁ ଯଦି କହିବି ଯେ ଆପଣମାନେ ମୋ କଥା ନ ମାନିଲେ ମତେ ରାଜନୀତିରୁ ସନ୍ନ୍ୟାସ ନେବାକୁ ହେବ ବା ମୁଁ ନିଜ ଜୀବନକୁ ଶେଷ କରିଦେବି ତେବେ ଯାଇ ବୋଧେ ସେମାନେ ମୋ କଥା ମାନିବେ କିନ୍ତୁ ଏହା କରିବା ରକ୍ଷସାତ୍ମକ ହେବ ଓ ଏପରି କହିବା ମୋ ପକ୍ଷରେ ଶୋଭନୀୟ ହେବ ନାହିଁ -- ଏଥିରେ ମୋର ସନ୍ଦେହ ନାହିଁ । ଏଣୁ ଏପରି ଅନୁଚିତ ଦାୟିତ୍ୱ ମୋ ଉପରେ ଦେବାକୁ ଆପଣମାନଙ୍କ ମଧ୍ୟରୁ କେହି କହିବା ଅନ୍ୟାୟ ହେବ ।''

ଏକଥା ଏଇଠି ଶେଷ ହେଲା ।

ଏହାପରେ ଏ ଦିଗରେ କିଛି ଆଗେଇବା ଦୃଷ୍ଟିରୁ, ପଶ୍ଚିମ ବଙ୍ଗଳାର ଡା. ବିଧାନ ଚନ୍ଦ୍ର ରାୟ ଓ ବିହାରର ଶ୍ରୀ ଶ୍ରୀକୃଷ୍ଣ ସିହ୍ନାଙ୍କୁ ବିହାର ତଥା ବଙ୍ଗଳାକୁ ଗୋଟିଏ ରାଜ୍ୟ କରିବା ପାଇଁ ବୁଝାଇବା ଚେଷ୍ଟା କରାଗଲା । ଦୁହେଁ ବିଚାର କରିବାକୁ ତ ମଞ୍ଜୁର କଲେ କିନ୍ତୁ ଏ ପରାମର୍ଶ ଅସ୍ୱାଭାବିକ ଥିବାରୁ କିଛି ବୁଝାମଣା ହେଲା ନାହିଁ ।

ଅମୃତସର କଂଗ୍ରେସ ଅଧିବେଶନରେ ଏହି ମହତ୍ୱପୂର୍ଣ୍ଣ କଥା ଉପରେ ବିଚାର ବିନିମୟ ହେଲା ଏବଂ ଜନସାଧାରଣଙ୍କୁ ଏ ବିଷୟରେ ବିଚାର କରିବାକୁ ଅନୁରୋଧ କରାଗଲା ।

ସଂଯୁକ୍ତ ମହାରାଷ୍ଟ୍ର ସମିତି ନିଜର ଆନ୍ଦୋଳନ ଚାଲୁ ରଖିଥିଲେ ଓ ମହାରାଷ୍ଟ୍ରରେ କେତେକ ସ୍ଥାନରେ ଉପଦ୍ରବ ମଧ୍ୟ ଚାଲୁଥିଲା । କିନ୍ତୁ ସରକାରଙ୍କ ତରଫରୁ ଉପଯୁକ୍ତ କ୍ରିୟାନୁଷ୍ଠାନ କରାଯିବାରୁ ପରିସ୍ଥିତି ଆୟତ୍ତାଧୀନ ରହିଲା । ଏହାପରେ କେନ୍ଦ୍ର ସରକାର ଯେଉଁପରି ଭାବରେ ବମ୍ବେ ରାଜ୍ୟର ପୁନର୍ଗଠନ ନିଷ୍ପତ୍ତି କରିଥିଲେ ତା'କୁ କ୍ରିୟାନ୍ୱିତ କରିବା ପାଇଁ ମୁଁ ବମ୍ବେ ବିଧାନ ସଭାରେ ପ୍ରସ୍ତାବ ରଖିଲି । ପ୍ରସ୍ତାବ ସ୍ଥାପନ କରିବା ବେଳେ ମୁଁ ଏହାର କାରଣ ସବୁ କହିଥିଲି ।

ସଂଯୁକ୍ତ ମହାରାଷ୍ଟ୍ର ସମିତି ତରଫରୁ ଏ ପ୍ରସ୍ତାବର ତୀବ୍ର ବିରୋଧ କରାଗଲା । ମହାରାଷ୍ଟ୍ର ପ୍ରାଦେଶିକ କଂଗ୍ରେସ ଆଗରୁ ନିଜ ସଭ୍ୟମାନଙ୍କୁ ସରକାରୀ ପଦରୁ ତ୍ୟାଗପତ୍ର ଦେବାକୁ କହିଥିଲେ । କିନ୍ତୁ ଏହା କରିବା କଂଗ୍ରେସ-ବିରୁଦ୍ଧ ହେବ । ତେଣୁ ଏ ନିର୍ଣ୍ଣୟକୁ ବଦଳାଇ ତ୍ୟାଗପତ୍ର ନ ଦେବାକୁ ସ୍ଥିର କରାଗଲା । ମହାରାଷ୍ଟ୍ରର କେତେକ ସଭ୍ୟ ବିଧାନ ସଭାରେ ପ୍ରସ୍ତାବ ବିରୋଧରେ ମତଦାନ କରିଥିଲେ ଓ ଶ୍ରୀ ହୀରେ ଏ ବିଷୟରେ ଏକ ବିବୃତି ଦେଇଥିଲେ । ପରେ ଶ୍ରୀ ଶଙ୍କର ରାଓ ଦେବ ଓ ଶ୍ରୀ ଦେଓ ଗିରିକର ଜବାହରଲାଲଜୀଙ୍କୁ ଲମ୍ବା ଚିଠି ଲେଖି ମୋ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଚିଠିରେ ମୋ ତ୍ୟାଗପତ୍ର ଦାବି କରିଥିଲେ । ପତ୍ରର ନକଲ ଜବାହରଲାଲଜୀ ମୋ ପାଖକୁ ପଠାଇଥିଲେ । ଏହାର ଜବାବରେ ମୁଁ ଜବାହରଲାଲଜୀଙ୍କୁ ଲେଖିଥିଲି ଯେ ଶ୍ରୀ

Digitized by srujanika@gmail.com

ଦେଓଗିରି କର ସାର୍ବଜନିକ ଭାବେ ନିଜ ମତ ପ୍ରକଟ କରନ୍ତି ନାହିଁ ଓ ଲୋକମାନଙ୍କ ସହିତ ଓଲଟା ସିଧା କଥାବାର୍ତ୍ତା କରନ୍ତି । ସେମାନଙ୍କ ଅଭିଯୋଗରେ କୌଣସି ମହତ୍ୱ ନାହିଁ ଲେଖି ମୁଁ ଜବାହରଲାଲଜୀଙ୍କୁ ଜବାବ ଦେଇଥିଲି ।

ଶ୍ରୀ ପ୍ରଭାକର କୁନ୍ତେ ଗୋଟିଏ ବିବୃତି ଦେଇ କହିଲେ ଯେ ଦ୍ୱିଭାଷୀ ବମ୍ବେ ରାଜ୍ୟ କାହିଁକି ହେବ ନାହିଁ ଓ ସେଥିରେ ମହାରାଷ୍ଟ୍ରର କ'ଣ କ୍ଷତି ହେବ । ମୁଁ ଏ ସମ୍ବନ୍ଧରେ ବିଧାନ ସଭାରେ ପ୍ରକୃତ ପରିସ୍ଥିତି ପେଶ କରି କହିଲି ଯେ ତାଙ୍କ ବିବୃତିରେ ଯାହା କିଛି କୁହାଗଲା ତାହା ସତ ନୁହେଁ । ଏ ବିଷୟରେ ମୋର ବିସ୍ତୃତ ବକ୍ତବ୍ୟ ମୁଁ ଜବାହରଲାଲଜୀଙ୍କୁ ପଠାଇ ଦେଇଥିଲି ।

ଏହାପରେ ରାଜ୍ୟ ପୁନର୍ଗଠନର ବିଷୟ ଲୋକସଭାରେ ଉପସ୍ଥାପନ କରାଗଲା ଓ ସଦସ୍ୟମାନେ ଏହା ଉପରେ ବହୁତ ଯୁକ୍ତିତର୍କ କରିଥିଲେ । କେତେ ସମାଧାନ ଖୋଜା ଯାଇଥିଲା । ମହାରାଷ୍ଟ୍ର, ଗୁଜରାଟ ଓ ବମ୍ବେ ଅଲଗା ଅଲଗା ରାଜ୍ୟ ତିଆରି କରିବା ପାଇଁ ଯେଉଁ ନିର୍ଣ୍ଣୟ ରାଜ୍ୟ ପୁନର୍ଗଠନ ଆୟୋଗ ଅନୁସାରେ କରାଯାଇଥିଲା, ସେଥିପାଇଁ ମହାରାଷ୍ଟ୍ର ତରଫରୁ ମୋ ଉପରେ ଦୋଷ ଲଦି ଦିଆଗଲା । କିନ୍ତୁ ଏ କଥା ସତ ନୁହେଁ । କଂଗ୍ରେସ କାର୍ଯ୍ୟ ସମିତି ସର୍ବସମ୍ମତି କ୍ରମେ ଏହା ନିର୍ଣ୍ଣୟ କରିଥିଲେ ଏବଂ ବିଶେଷ କରି ଜବାହରଲାଲଜୀ ମଧ୍ୟ ନିଜ ମତ ଏହା ସପକ୍ଷରେ ଦେଇଥିଲେ । କେନ୍ଦ୍ର ସରକାର ଏ ସମ୍ବନ୍ଧରେ ଯେଉଁ ନିର୍ଣ୍ଣୟ ନେଇଥିଲେ ତାହା ମଧ୍ୟ ସର୍ବସମ୍ମତି କ୍ରମେ ହିଁ ନିଆ ଯାଇଥିଲା । କେବଳ ଅର୍ଥ ମନ୍ତ୍ରୀ ଶ୍ରୀ ଚିନ୍ତାମନ ଦେଶମୁଖ ଏହାର ସପକ୍ଷରେ ନଥିଲେ ଓ ପ୍ରତିବାଦ ସ୍ୱରୂପ ମନ୍ତ୍ରୀପଦରୁ ତ୍ୟାଗପତ୍ର ଦେଇଥିଲେ ।

ଲୋକସଭାରେ ରାଜ୍ୟ ପୁନର୍ଗଠନ ପ୍ରସ୍ତାବ ଉପରେ ଆଲୋଚନା ଚାଲୁଥିବା ବେଳେ ସଂସଦୀୟ କଂଗ୍ରେସ ଦଳର କେତେକ ପ୍ରମୁଖ ବ୍ୟକ୍ତି ଏକ ଅଲଗା ପ୍ରସ୍ତାବ ଉପରେ ସଦସ୍ୟମାନଙ୍କର ଦସ୍ତଖତ କରାଇବା ଆରମ୍ଭ କରିଥିଲେ । ଏ ପ୍ରସ୍ତାବରେ ଥିଲା ଯେ ମହାରାଷ୍ଟ୍ର, ଗୁଜରାଟ, ସୌରାଷ୍ଟ୍ର, (ଏ ସମୟରେ ଅଲଗା ରାଜ୍ୟ ଥିଲା) ବିଦର୍ଭ ଓ ମରାଠାୱାଡ଼ା ସବୁ ପ୍ରଦେଶକୁ ନେଇ ବମ୍ବେ ବିଶାଳ ରାଜ୍ୟ ତିଆରି କରାଯାଉ । ମତେ ମିଳିଥିବା ଖବର ଅନୁସାରେ ଏ ପ୍ରସ୍ତାବ ପ୍ରତି ପନ୍ଥଜୀଙ୍କ ସମର୍ଥନ ଥିଲା । ଅମୃତସର-କଂଗ୍ରେସ ସମୟରେ ସେ ଏପରି ପ୍ରସ୍ତାବ ଦେଇଥିଲେ -- ଏ କଥା ମୁଁ ଆଗରୁ କହିଛି । ସେ ସମୟରେ ଏ ପ୍ରସ୍ତାବର ଦାୟିତ୍ୱ ନିଜ ଉପରେ ନେବାକୁ ମୁଁ ମନା କରିଥିଲି । କିନ୍ତୁ ସାଙ୍ଗେ ସାଙ୍ଗେ ଏ କଥା ମଧ୍ୟ କହିଥିଲି ଯେ କାର୍ଯ୍ୟ ସମିତି ଓ କେନ୍ଦ୍ର ସରକାର ଏପରି ନିର୍ଣ୍ଣୟ କଲେ ମୁଁ ତାହାର ବିରୋଧ କରିବି ନାହିଁ । ଏଠାରେ ଏହା କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଲୋକସଭାର ଅନେକ ସଦସ୍ୟ ହସ୍ତାକ୍ଷର ସହିତ ଯେଉଁ ପ୍ରସ୍ତାବ ତିଆରି ହୋଇଥିଲା, ଜବାହରଲାଲଜୀ ମଧ୍ୟ ତା'ର ସମର୍ଥନ କରିଥିଲେ ।

ସେହି ବର୍ଷ ମଇରେ ମୁଁ ଯେବେ ଅହମ୍ମଦାବାଦ ଗଲି ଦେଖିଲି ଯେ ସେଠାରେ ତିନି ଅଲଗା ଅଲଗା ରାଜ୍ୟ ତିଆରିରେ ଲୋକମାନଙ୍କ ମଧ୍ୟରେ ବଡ଼ ଉତ୍ସାହ ଥିଲା ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଏପରି ବିଧେୟକ ପେଶ୍ କରାଯିବା ବିଷୟରେ ମୋ ସମ୍ମୁଖରେ ସେମାନେ ଉତ୍ସାହ ପ୍ରଦର୍ଶନ କଲେ । ଷ୍ଟେସନରୁ ଘରକୁ ଯିବା ବାଟରେ ଲୋକମାନେ ମୋ ଉପରେ ପୁଷ୍ପ ବର୍ଷଣ କରିଥିଲେ ଯାହା କି ତାଙ୍କର ହାର୍ଦ୍ଦିକ ଭାବନାର ପ୍ରଦର୍ଶନ ଥିଲା । ଲୋକଙ୍କର ଏପରି ଭାବନା ଯୋଗୁ ମୁଁ ପନ୍ଥଜୀଙ୍କ ପରାମର୍ଶ ଦାୟିତ୍ୱ ନେବାକୁ ମନା କରିଥିଲି । ପୁଷ୍ପ ବର୍ଷଣ ସମୟରେ ମୋ ସହିତ ଯେଉଁ ମିତ୍ରମାନେ ବସିଥିଲେ ମୁଁ ତାଙ୍କୁ କହିଥିଲି ଯେ ଯେଉଁମାନେ ଆଜି ମୋ ଉପରେ ପୁଷ୍ପ ବର୍ଷଣ କରୁଛନ୍ତି ସେଇମାନେ କିଛିମାସ ପରେ ମୋ ଉପରକୁ ପଥର ଫୋପାଡ଼ିଲେ ମୁଁ ଆଶ୍ଚର୍ଯ୍ୟ ହେବିନାହିଁ । କିଛି ସମୟ ପରେ ମୋରଏଇ କଥା ପ୍ରମାଣିତ ହେଲା କାରଣ ଏହାର ଦୁଇମାସ ପରେ ହିଁ ତିନି ଅଲଗା ଅଲଗା ରାଜ୍ୟ ପ୍ରସ୍ତାବକୁ ବଦଳାଇ ବମ୍ବେକୁ ବିଶାଳ ଦ୍ୱିଭାଷୀ ରାଜ୍ୟ କରିବାର ନିର୍ଣ୍ଣୟ ନିଆଗଲା ।

Digitized by srujanika@gmail.com

ଜୁନ ଶେଷ ଭାଗରେ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଧେବରଭାଇ ମତେ ଦିଲ୍ଲୀ ଆସିବାକୁ ଟେଲିଫୋନ କରିଥିଲେ । କାରଣ ସେ ସମୟରେ ବମ୍ବେକୁ ବିଶାଳ ରାଜ୍ୟ କରିବା ପ୍ରସ୍ତାବ ବିଚାର ହେଉଥିଲା ଏବଂ ଏଥିରେ ମୋର ସହମତି ଦରକାର ଥିଲା । ମୁଁ ତାଙ୍କୁ କହିଲି, "ବର୍ତ୍ତମାନ ତ ମୁଁ ଆସିପାରିବି ନାହିଁ, ପରେ କାର୍ଯ୍ୟସମିତିର ବୈଠକ ହେଲେ ଆସିବି ।" ଜୁଲାଇରେ କାର୍ଯ୍ୟସମିତି ବୈଠକ ରଖାଯାଇଥିଲା । ମୁଁ ଯାଇଥିଲି, ଏ ପ୍ରସ୍ତାବ ପେଶ୍ ହୋଇଥିଲା, କାର୍ଯ୍ୟସମିତି ବୈଠକ ପୂର୍ବରୁ ଜବାହରଲାଲଜୀ, ମୌଲାନା ସାହେବ, ଲାଲବାହାଦୁର ଶାସ୍ତ୍ରୀ ଏବଂ ମୁଁ ମିଶିଥିଲୁ । ମତେ ଏ ପ୍ରସ୍ତାବକୁ ମାନିନେବାକୁ କୁହାଗଲା । ମୁଁ ଅମୃତସରବାଲା କଥା ପୁନରାବୃତ୍ତି କରି କହିଲି, "କାର୍ଯ୍ୟସମିତି ଏପରି ନିଷ୍ପତ୍ତି କଲେ ମୁଁ ତା'ର ବିରୋଧ କରିବି ନାହିଁ, କିନ୍ତୁ ମୁଁ ନିଜେ ଏପରି ପ୍ରସ୍ତାବ ରଖିବି ନାହିଁ ।" ମୋ ନିଜର ବିଚାର ବିଶାଳ ବମ୍ବେ ପକ୍ଷରେ ଥିଲା କିନ୍ତୁ ସେଥିରେ ମହାରାଷ୍ଟ୍ରର ଯେଉଁ ବିରୋଧ ଥିଲା ଓ ଗୁଜରାଟରେ ମଧ୍ୟ ବହୁତ ଲୋକଙ୍କର ଯେଉଁ ମତ ଥିଲା ତାକୁ ଦେଖି ମୁଁ ତିନିରାଜ୍ୟ ପ୍ରସ୍ତାବ ସ୍ୱୀକାର କରି ନେଇଥିଲି । ତେଣୁ ନୂଆ ପରିସ୍ଥିତିରେ ବମ୍ବେକୁ ବିଶାଳ ରାଜ୍ୟ କରିବା ପ୍ରସ୍ତାବ ସମର୍ଥନ କରିବା ମତେ ଉଚିତ ଲାଗିଲା ନାହିଁ ।

କିନ୍ତୁ ଜବାହରଲାଲଜୀ ଏଥିରେ ବହୁତ ବ୍ୟଥିତ ଥିଲେ ଏବଂ ନିଜର ବ୍ୟଥା ସେ ମତେ କହିଥିଲେ । ତେଣୁ କୌଣସି ଉପାୟ ନପାଇ ମୁଁ ନୂଆ ପ୍ରସ୍ତାବ ମାନିନେଲି । ସାଙ୍ଗେ ସାଙ୍ଗେ ଏକଥା ବି କହିଲି, "ଏପରି ଭାବରେ ବମ୍ବେ ବିଶାଳ ରାଜ୍ୟ ହେଲେ ତା'ର ବିଭାଜନ ନ ହେବା ଉଚିତ । ଏଥିପାଇଁ ଆପଣ ସମସ୍ତଙ୍କୁ କଥା ଦେବା ଆବଶ୍ୟକ ।" ମୌଖିକ ଭାବରେ ତ ସେମାନେ ଏକଥା ସ୍ୱୀକାର କଲେ କିନ୍ତୁ ଲେଖିକରି କଥା ଦେବା ସେମାନଙ୍କୁ କଷ୍ଟବୋଧ ହେଲା । ମୋ କହିବା ଯୋଗୁ ସେମାନେ ମହାରାଷ୍ଟ୍ରର ବିଧାୟକଙ୍କ ସମ୍ମତି ନେଇଥିଲେ । ଗୁଜରାଟରେ ବିଧାୟକଙ୍କୁ ମୁଁ ଡାକିଲି ଓ ତାଙ୍କ ଆଗରେ ନୂଆ ପ୍ରସ୍ତାବ ରଖିଲି । ଏହା ତାଙ୍କର ପସନ୍ଦ ହେଲା ନାହିଁ । କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ସେମାନେ ଏ ପ୍ରସ୍ତାବ ମାନି ନେଲେ । ଏହାପରେ କାର୍ଯ୍ୟସମିତି ଓ କେନ୍ଦ୍ର-ସରକାର ବିଧିବଦ୍ଧ ଭାବେ ଏହାକୁ ସ୍ୱୀକାର କଲେ । କାର୍ଯ୍ୟସମିତିରେ ଏ ପ୍ରସ୍ତାବ ସ୍ୱୀକୃତ ହେବା ପୂର୍ବରୁ ମୁଁ ସର୍ତ୍ତ ରଖିଥିଲି ଯେ ବମ୍ବେ ବିଶାଳ ରାଜ୍ୟରେ ପରିଣତ ହୋଇଗଲେ ମୁଁ ତା'ର ମୁଖ୍ୟମନ୍ତ୍ରୀ ହେବି ନାହିଁ । କାରଣ, ଏହି ରାଜ୍ୟର ସଫଳତା ପାଇଁ କୌଣସି ମହାରାଷ୍ଟ୍ରୀୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ଆବଶ୍ୟକ । ମହାରାଷ୍ଟ୍ରରେ ମୋ ବିରୁଦ୍ଧରେ ଖୁବ୍ ଅପପ୍ରଚାର ଚାଲିଥିଲା । ସେଥିଯୋଗୁଁ ମୋ ମନରେ କୌଣସି ଶଙ୍କା ନଥିଲା ଯେ ମତେ ସେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ହେବା ଉଚିତ ନୁହେଁ । ପନ୍ଥଜୀ ଓ ଜବାହରଲାଲଜୀଙ୍କ ଆଗ୍ରହ ଥିଲା ଯେ ମୁଁ ମୁଖ୍ୟମନ୍ତ୍ରୀ ହେବା ଉଚିତ ନ ହେଲେ ବମ୍ବେ ରାଜ୍ୟ ଚଳାଇବା କଷ୍ଟ ହେବ । ଏହା ଉପରେ ମୁଁ କହିଲି, "ଏତେ ଆଗ୍ରହ ଆପଣ କାହିଁକି କରୁଛନ୍ତି ? ଆପଣଙ୍କର ଯଦି ଏପରି ଭାବନା ଥାଏ ଯେ ବମ୍ବେ ଛାଡି ମୁଁ କେନ୍ଦ୍ରକୁ ଆସିବାକୁ ଚାହୁଁଛି, ଦୟାକରି ସେ ଭାବନା ମନରୁ ପୋଛି ଦିଅନ୍ତୁ । କେନ୍ଦ୍ରକୁ ଆସିବାକୁ ମୋର ମୋଟେ ଇଚ୍ଛା ନାହିଁ । ଏଣୁ ଏ ସମ୍ବନ୍ଧରେ ଆପଣ ମତେ ଆଗ୍ରହ କରନ୍ତୁ ନାହିଁ ।" ପନ୍ଥଜୀ କହିଲେ, "ଯଦି ସମସ୍ତେ ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀ ହେବାକୁ ଆପଣଙ୍କୁ କହନ୍ତି ଆପଣ ସ୍ୱୀକାର କରିବେ ନା ନାହିଁ ?" ସେ ମୋର ଏ ମାନ୍ୟତାକୁ ଜାଣିଥିଲେ ଯେ ସର୍ବସମ୍ମତି କ୍ରମେ କହିଲେ ମତେ ମାନିବାକୁ ହେବ । ତଥାପି ମୁଁ ତାଙ୍କୁ ଅନୁରୋଧ କରି କହିଲି ସର୍ବାନୁମତି ପାଇଁ ଆପଣ ଚେଷ୍ଟା କରିବେ ନାହିଁ । ଏପରି ଆଶ୍ୱାସନା ଆପଣଙ୍କୁ ମତେ ଦେବାକୁ ପଡିବ । ସେ ମୋର ଏକଥା ସ୍ୱୀକାର କଲେ । ଏଇପରି ବମ୍ବେର ତ୍ରିଭାଷୀ ବିଶାଳ ରାଜ୍ୟ ତିଆରି କରିବା ନିଷ୍ପତ୍ତି କରାଗଲା ଯେଉଁଥିରେ ସୌରାଷ୍ଟ୍ର ସହିତ ବମ୍ବେ, ମହାରାଷ୍ଟ୍ର, ମରଠୱାଡା ଓ ବିଦର୍ଭ ସବୁ ଆସିଯାଉଥିଲା । କାର୍ଯ୍ୟସମିତି ଓ କେନ୍ଦ୍ର ସରକାର ଏକଥା ମାନି ନେଲେ ଓ ସଂସଦରେ ମଧ୍ୟ ଏଇ ଅନୁସାରେ ବିଧେୟକ ଉପସ୍ଥାପିତ କରି ଦିଆଗଲା ।

Digitized by srujanika@gmail.com

(୮) ମହାଗୁଜରାଟ ଆନ୍ଦୋଳନ

ବିଶାଳ ବମ୍ବେ ରାଜ୍ୟ ତିଆରି ନିର୍ଣ୍ଣୟ କରାଯିବା ପରେ ମତେ ଲାଗିଲା ଯେ ଗୁଜରାଟ ଓ ଅହମ୍ମଦାବାଦରେ ଭୀଷଣ ଗଣ୍ଡଗୋଳ ଲାଗିବ ଓ ତାହା ହିଁ ହେଲା । ଦିଲ୍ଲୀରୁ ମୁଁ ବମ୍ବେ ଗଲି । ପରଦିନ ହିଁ ଅହମ୍ମଦାବାଦରେ ଦଙ୍ଗା ଲାଗିବାର ସମାଚାର ମିଳିଲା । ମହାଗୁଜରାଟ ସମିତିର ନେତାମାନେ ବିଦ୍ୟାର୍ଥୀମାନଙ୍କୁ ଉତ୍ତେଜିତ କରିଥିଲେ ଫଳରେ ସେମାନେ କଂଗ୍ରେସ ହାଉସ୍ ଯାଇ ସେଠାରେ ଭଙ୍ଗାରୁଜା କାମରେ ଲାଗିଲେ, ଯେଉଁଥି ପାଇଁ ପୋଲିସକୁ ଗୁଳି ଚଳାଇବାକୁ ପଡିଥିଲା । ପ୍ରାୟ ପାଞ୍ଚଜଣ ଛାତ୍ର ପ୍ରାଣ ହରାଇଲେ । ଏଥିରୁ ଉତ୍ତେଜନା ଆହୁରି ବଢିଗଲା ଓ ଉପଦ୍ରବ ବଢିବାକୁ ଲାଗିଲା । ଏ ଖବର ମିଳିବା ମାତ୍ରେ ମତେ ଲାଗିଲା ଯେ ମୋର ସେଠାରେ ଶୀଘ୍ର ପହଞ୍ଚିବା ଦରକାର । ମୁଁ ଧେବରଭାଇଙ୍କୁ ଫୋନରେ ଖବର ଦେଇ କହିଲି କି ମୋର ସାଙ୍ଗେ ସାଙ୍ଗେ ଅହମ୍ମଦାବାଦ ଯିବା ଉଚିତ । କିନ୍ତୁ କେବଳ ପୋଲିସ ସାହାଯ୍ୟରେ ଦଙ୍ଗା ବନ୍ଦ କରିବା ମତେ ମୁସ୍କିଲ ଲାଗୁଛି । ଏଥିରେ ବହୁତ ଲୋକଙ୍କ ପ୍ରାଣହାନୀ ହେବାର ଆଶଙ୍କା ଅଛି । ତେଣୁ ମତେ ଉପବାସ କରିବାକୁ ହେବ । ଏ ବିଷୟରେ ଜବାହରଲାଲଜୀଙ୍କ ମତ ଜଣାଇବାକୁ କହିଲି କିନ୍ତୁ ସେ ଏ ବିଷୟରେ ତୁରନ୍ତ କିଛି ଉତ୍ତର ଦେଲେ ନାହିଁ ।

ଏହାପରେ, ଦିନେ ଦି' ଦିନରେ ମୁଁ ଗୁଜରାଟ ପ୍ରାନ୍ତୀୟ କଂଗ୍ରେସର ବୈଠକ ରଖାଇଥିଲି । ସେଥିପାଇଁ ମୁଁ ଅହମ୍ମଦାବାଦ ଯାଇଥିଲି । ମୁଁ ସେଠାକୁ ଏହି ସଂକଳ୍ପ କରି ଯାଇଥିଲି ଯେ ଅନଶନ ଛଡା ଆଉ କୌଣସି ଉପାୟ ନାହିଁ ଏବଂ ସେଥିପାଇଁ ଜବାହରଲାଲଜୀଙ୍କ ଅନୁମତି ନ ମିଳିଲେ ମୁଖ୍ୟମନ୍ତ୍ରୀ ପଦରୁ ତ୍ୟାଗପତ୍ର ଦେଇ ମୁଁ ଅନଶନ କରିବା ଉଚିତ ହେବ । ଧେବରଭାଇ ମଧ୍ୟ ସେଠାକୁ ଆସିଥିଲେ । ସେ ମତେ କହିଲେ ଯେ ଜବାହାରଲାଲଜୀଙ୍କୁ ଆପଣଙ୍କ ଅନଶନ କଥା ପସନ୍ଦ ହେଉ ନାହିଁ । କିନ୍ତୁ ଆପଣ ଉପବାସ କରିବା ନିର୍ଣ୍ଣୟ କଲେ ସେ ତା'ର ବିରୋଧ କରିବେ ନାହିଁ । ଜବାହାରଲାଲଜୀଙ୍କର ଏ ମତ ସହିତ ଧେବରଜୀ ଏକମତ ଥିଲେ ।

ଅହମ୍ମଦାବାଦରେ ମହାଗୁଜରାଟ ନେତାମାନେ ସବୁ କାମ କାର୍ଯ୍ୟ ବନ୍ଦ କରିବାକୁ ଲୋକମାନଙ୍କୁ ଜବରଦସ୍ତି କାମକୁ ଛାଡୁ ନଥିଲେ ଏବଂ ସଭାରେ ଯୋଗ ଦେବାକୁ ଛାଡୁ ନଥିଲେ । ମୋର ଏଥିରେ କୌଣସି ଆଶଙ୍କା ନଥିଲା ଯେ ଏପରି ଉପଦ୍ରବ ହେଲେ ଓ ହିଂସା କର୍ମ ଦ୍ୱାରା ଜୋର ଜବରଦସ୍ତି କରି ଜନତାଙ୍କୁ ସେମାନଙ୍କ ଲୋକତାନ୍ତ୍ରିକ ଅଧିକାର ଉପଯୋଗରୁ ବଞ୍ଚିତ କରାଗଲେ, ଦେଶ ଓ ଲୋକତନ୍ତ୍ରର କ୍ଷତି ନହୋଇ ରହିପାରିବ ନାହିଁ । ତେଣୁ କେତେକ ନେତାଙ୍କ -- ବିଶେଷତଃ ସାମ୍ୟବାଦୀ ବିଚାର ଧାରାର ନେତାଙ୍କ -- ଜାଲରେ ଛନ୍ଦି ହୋଇଥିବା ଲୋକମାନଙ୍କୁ ଏଇ ବିନାଶକ ମାର୍ଗରୁ ନିବୃତ୍ତ କରିବାକୁ ହେଲେ ଅନଶନ ଛଡା ଅନ୍ୟ କୌଣସି ଉପାୟ ମତେ ଜଣାପଡୁ ନଥିଲା । ତେଣୁ ଯେତେଦିନ ଯାଏ ସାଧାରଣ ଲୋକ ହିଂସାତ୍ମକ କାଣ୍ଡ ବନ୍ଦ ନକରନ୍ତି ଏବଂ ସାମାନ୍ୟ ଅଧିକାର ମଞ୍ଜୁର ନକରନ୍ତି, ସେତେଦିନ ପର୍ଯ୍ୟନ୍ତ ଅନଶନ କରିବାକୁ ସ୍ଥିର କରି, ପ୍ରାନ୍ତୀୟ ସମିତି ସଭାରେ ମୁଁ ଘୋଷଣା କରିଦେଲି ।

ସେ ସମୟରେ ମୋ ସାନ ଭାଇ ଅମ୍ବେଲାଲ ଏଲିସବ୍ରିଜ ପାଖରେ ରହୁଥିଲେ । ମୁଁ ତାଙ୍କ ପାଖରେ ରହୁଥିଲି । ତେଣୁ ମୁଁ ଉପବାସ ସେଠାରେ ଆରମ୍ଭ କଲି, ଧେବରଭାଇ ଏଥିରେ ବହୁତ ଚିନ୍ତିତ ଥିଲେ ଏବଂ ଉପବାସ ସମୟରେ ସେଠାରେ ରହିଥିଲେ । ଉପବାସ ଛାଡିବା ପାଇଁ ମୋ ଉପରେ ଚାପ ପକାଇବାକୁ ସେ ଅନ୍ୟ ନେତାମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ । ମୁଁ ତାଙ୍କୁ ବୁଝାଇଲି, ''ଏପରି ଭାବରେ ଉପବାସ

Digitized by srujanika@gmail.com

ଛଡାଇବାକୁ ଚେଷ୍ଟା କରିବା ଉଚିତ ନୁହେଁ । ଲୋକମାନଙ୍କୁ ହିଂସାତ୍ମକ କାମରୁ ମୁକ୍ତ କରିବା ମୁଖ୍ୟ ପ୍ରୟାସ ହେବା ଉଚିତ । ଲୋକମାନଙ୍କ ହୃଦୟ ପରିବର୍ତ୍ତନ ପାଇଁ ହିଁ ମୋର ଏ ଉପବାସ । ତେଣୁ ସେଥିପାଇଁ ଚେଷ୍ଟା କରିବା ଉଚିତ । ଏକଥା ଅବଶ୍ୟ ଆବଶ୍ୟକ ଯେ ଏଥିପାଇଁ ଆଗ୍ରହ ବା ଚାପ ନ ପକାଯାଉ । ଲୋକଙ୍କ ହୃଦୟ ଉପରେ ପ୍ରଭାବ ପଡିଲେ ଓ ସ୍ୱୟଂ ନିଜେ ଏକଥା ମାନିଲେ ତା'ର ପରିଣାମ ଭଲ ହୋଇପାରେ । ଏ ପରିସ୍ଥିତି ସହି ନପାରିଲେ, ଆପଣ ଅହମ୍ମଦାବାଦରୁ ଚାଲିଯାଆନ୍ତୁ । ଏହା ସବୁଠାରୁ ଭଲ ହେବ । କାରଣ ଉପବାସ ଛାଡିବା ପାଇଁ ଯେପରି ଚେଷ୍ଟା କରୁଛନ୍ତି ସେଥିରେ କ୍ଷତି ହେବ ବୋଲି ଲାଗୁଛି ।'' କିନ୍ତୁ ଧେବରଭାଇ ଅହମ୍ମଦାବାଦରୁ ଗଲେ ନାହିଁ ଓ ନେତାମାନଙ୍କ ସହିତ ବାର୍ତ୍ତାଳାପ ଚାଲୁ ରଖିଲେ । ଉପବାସର ଅଷ୍ଟମ ଦିନରେ ନଗରର ପ୍ରତିଷ୍ଠିତ ନେତା ମତେ ଦେଖା କରିବାକୁ ଆସିଲେ ଏବଂ କହିଲେ, ''ଆମେ ଗୋଟିଏ ସଭା ଆୟୋଜନ କରୁଛୁ । ଏ ସଭା ନିଶ୍ଚୟ ଅନୁଷ୍ଠିତ ହେବ । ଆପଣ ତେଣୁ ଉପବାସ ଛାଡି ଦେବା ଉଚିତ ହେବ ।''

ଏଇ ଆଠ ଦିନରେ ଅନେକ ଲୋକ ମତେ ଦେଖା କରିବାକୁ ଆସିଥିଲେ । ସେମାନେ ମୋ ସହିତ କଥାବାର୍ତ୍ତା ମଧ୍ୟ କରିଥିଲେ । ଉପବାସ କରି ମୁଁ ମୋର କର୍ତ୍ତବ୍ୟ କେବଳ ପାଳନ କରିଥିଲି । ତେଣୁ ଉପବାସ ସମୟରେ ମତେ ଖୁବ୍ ଶାନ୍ତି ମିଳିଥିଲା । କିନ୍ତୁ, ଉପବାସ ଛଡାଇବାକୁ ଯେଉଁ ଚେଷ୍ଟା ହେଉଥିଲା ସେଥିରେ ମୋ ମନରେ ଗ୍ଲାନିଥିଲା । କାରଣ ମତେ ଲାଗୁଥିଲା ଯେ ସେଥିରୁ ଉପବାସରେ ଯେଉଁ ପରିଣାମ ମିଳିବା କଥା ତାହା ମିଳିବ ନାହିଁ । ଏକଥା ମୁଁ ପୂରାଭାବେ ସ୍ପଷ୍ଟ କରି ଦେଇଥିଲି ଯେ ମୋ ଉପବାସ ମହାଗୁଜରାଟ ଆୟୋଜନ ବିରୁଦ୍ଧରେ ନୁହେଁ । ଏଇ ଆୟୋଜନ ଶାନ୍ତିପୂର୍ଣ୍ଣ ଭାବେ ଜାରି ରଖି ଶାନ୍ତିପୂର୍ଣ୍ଣ ଭାବେ ମହାଗୁଜରାଟ ପ୍ରାପ୍ତ କରିପାରିଲେ ନିଶ୍ଚୟ କରନ୍ତୁ କିନ୍ତୁ ହିଂସାତ୍ମକ କାମରେ ଏହା ପ୍ରାପ୍ତ ହୋଇପାରିବ ନାହିଁ ଏବଂ ଏପରି ଭାବରେ ମହାଗୁଜରାଟ ମିଳିଲେ ବହୁତ କ୍ଷତି ହେବ । ତେଣୁ ଲୋକମାନେ ହିଂସାତ୍ମକ କର୍ମ ଛାଡି ଦିଅନ୍ତୁ । ଏଥିପାଇଁ ମୁଁ ଉପବାସର ସାହାରା ନେଇଥିଲି ।

ମୁଁ ତ ଭାଷା ସୂତ୍ରରେ ପ୍ରଦେଶ ତିଆରି ବିରୁଦ୍ଧରେ ଥିଲି । କାରଣ ମୁଁ ମାନୁଥିଲି ଯେ ଏପରି କଲେ ଦେଶରେ ଏକତାର ବାତାବରଣ ତିଆରି କରିବା କଷ୍ଟକର ହେବ । କିନ୍ତୁ ଗୋଟିଏ ସ୍ଥାନରେ ଏହା ଗ୍ରହଣ କରାଗଲେ ସାରା ଦେଶରେ କୌଣସି ନା କୌଣସି କାରଣରୁ ଏ ଆନ୍ଦୋଳନ ଚାଲୁ ରହିବ -- ଏପରି ମୋର ଧାରଣା ଥିଲା । ପରେ ଘଟିଥିବା ଘଟଣା ମୋର ଆଶଙ୍କାକୁ ସତ୍ୟ ପ୍ରମାଣିତ କଲା । କିନ୍ତୁ ଯେଉଁମାନେ ଭାଷାନୁଯାୟୀ ପ୍ରଦେଶ ତିଆରି କରିବାକୁ ଚାହାନ୍ତି ତାଙ୍କର ପ୍ରଚାର କରିବାର ଅଧିକାର ଅଛି । ଉପବାସ କରି ସେ ପ୍ରଚାର ବନ୍ଦ କରିବା ମତେ ଅନୁଚିତ ଲାଗୁଥିଲା । କେବଳ ଏତିକି ନୁହେଁ, ମୁଁ ଏହାକୁ ଅଧର୍ମ ମଧ୍ୟ ମାନୁଥିଲି । ତେଣୁ ମୁଁ ସ୍ପଷ୍ଟଭାବେ କହିଥିଲି, ମୋ ଉପବାସ ମହାଗୁଜରାଟ ଆନ୍ଦୋଳନ ବିରୁଦ୍ଧରେ ନୁହେଁ, ଏହାଥିଲା ହିଂସାତ୍ମକ କାଣ୍ଡ ବନ୍ଦ କରିବାକୁ ।

ଅଷ୍ଟମ ଦିନ ଯେତେବେଳେ ନେତାମାନେ ସଭା ଆୟୋଜନର ସୂଚନା ଦେଲେ ମୁଁ ତାଙ୍କୁ କହିଲି, ''ସଭାରେ ଯାଇ ଭାଷଣ ଦେଇସାରିବା ପରେ ଉପବାସ ଭାଙ୍ଗିବା ବା ନ ଭାଙ୍ଗିବା ବିଷୟରେ ମୁଁ ନିର୍ଣ୍ଣୟ ନେବି ।'' ସନ୍ଧ୍ୟାରେ ଭଦ୍ରା ପଡିଆରେ ସଭା ହେଲା । ବିରୋଧୀ ପ୍ରଚାର ସତ୍ତ୍ୱେ ପାଞ୍ଚସାତ ହଜାର ଲୋକ ଆସିଥିଲେ । ଅନେକ ଲୋକ ଆଖପାଖରେ ଛିଡା ହୋଇ ଦେଖୁଥିଲେ । ମୁଁ ସଭାକୁ ଯିବାବେଳେ ସାମ୍ୟବାଦୀଙ୍କ ନେତୃତ୍ୱରେ ଏକ ଦଳ ସେଠାରେ ଉପସ୍ଥିତ ଥିଲେ ଯେଉଁମାନେ ବିରୋଧୀ ସ୍ଲୋଗାନ ଦେଉଥିଲେ ଓ ପଥର ମଧ୍ୟ ଫୋପାଡୁ ଥିଲେ । ସଭାରେ ଲୋକମାନଙ୍କୁ ମୁଁ ସେମାନଙ୍କର କର୍ତ୍ତବ୍ୟ କଣ କହିଲି ଏବଂ ଏ କଥା ବୁଝାଇଲି ଯେ ହିଂସାତ୍ମକ କାଣ୍ଡରେ କେତେ କ୍ଷତି ହେଉଛି । ମୋ ଭାଷଣ ସମୟରେ ପଥର ବାଜି

Digitized by srujanika@gmail.com

ଚାଲିଥାଏ । ସଭାରେ ବସିଥିବା ସ୍ତ୍ରୀ ପୁରୁଷଙ୍କ ଦେହରେ କିଛି ବାଜୁଥାଏ । ମୋ ସ୍ତ୍ରୀ ସେମାନଙ୍କ ମଧ୍ୟରେ ଜଣେ ଥିଲେ । ମୋ ଦେହରେ ପଥର ବାଜିଲା ନାହିଁ କାରଣ ଯେଉଁ ଲୋକମାନେ ମତେ ପଥରରୁ ବଞ୍ଚାଇ ରଖିଥିଲେ ସେମାନେ ବଡ କୁଶଳତାର ସହିତ କାମ କରୁଥିଲେ । ପଥର ବାଜି ସତ୍ତ୍ୱେ ଉପସ୍ଥିତ ସ୍ତ୍ରୀ ପୁରୁଷମାନେ ଡରୁନଥିଲେ ବରଂ ଶାନ୍ତିପୂର୍ଣ୍ଣ ଭାବେ ବସି ମୋ ଭାଷଣ ଶୁଣୁଥିଲେ । ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ମୁଁ ଭାଷଣ ଦେଲି, କିନ୍ତୁ ସେଥିମଧ୍ୟରେ କେହି ଟିକିଏ ହେଲେ ହଲିଲେ ନାହିଁ । ପୋଲିସକୁ ମୁଁ ଆଦେଶ ଦେଇଥିଲି ଯେ ଗଡବଡ କରିବା ବାଲାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯିବ ନାହିଁ । ତେଣୁ ପୋଲିସ ତାଙ୍କ ବିରୁଦ୍ଧରେ କିଛି କଲେ ନାହିଁ । ସେଥିପାଇଁ କେତେ ସାମ୍ୟବାଦୀ ଯୁବକ ବରାବର ପଥର ଫୋପାଡୁଥିଲେ ।

ସଭା ଶେଷ ହେବା ପରେ ମୋ ଆଗରେ ଏଇ ପ୍ରଶ୍ନ ଆସିଲା, ଅନଶନ ଶେଷ କରାଯିବ ନା ନାହିଁ । ସବୁ ପ୍ରତିଷ୍ଠିତ ନେତା ଓ କର୍ମକର୍ତ୍ତାଙ୍କ କହିବା ଥିଲା କି ସଭା କାର୍ଯ୍ୟ ଯଥାର୍ଥ ଭାବେ ସମାହିତ ହୋଇଥିଲା । ପଥର ବାଜିକୁ ଦେଖିଲେ ଜଣାଯାଇଥିଲା କିଛି ଲୋକ ଗଡବଡ କରୁଥିଲେ । କିନ୍ତୁ ସଭାରେ ଏହା ସ୍ପଷ୍ଟ ହେଉଥିଲା ଯେ ଅଧିକାଂଶ ନାଗରିକ ହିଂସା ରାସ୍ତା ଛାଡି ଦେଇଛନ୍ତି, ତେଣୁ ମତେ ଉପବାସ ଭାଙ୍ଗି ଦେବା ଉଚିତ । ଆଉ ମଧ୍ୟ ମତେ ଏପରି ଲାଗୁଥିଲା ଯେ ଏଇ କେତେକ ଲୋକ ଯେବେ ଯାଏ ପଥରବାଜି ନ ଛାଡିଛନ୍ତି, ମତେ ଉପବାସ ଜାରି ରଖିବା ଉଚିତ । ଏପରି କରି ମୃତ୍ୟୁ ହୋଇଗଲେ ତାହା ଶୁଦ୍ଧ ବଳିଦାନ ହେବ ଏବଂ ଏହାର ଫଳସ୍ୱରୂପ ଭବିଷ୍ୟତରେ ବୋଧହୁଏ ହିଂସାବନ୍ଦ ହୋଇଯିବ । କିନ୍ତୁ ଅନ୍ୟ ପକ୍ଷରେ ଯେଉଁ ୫-୭ ହଜାର ସ୍ତ୍ରୀ ପୁରୁଷ ପଥର ମାଡ ଖାଇକରି ମଧ୍ୟ ନିର୍ଭୟ ସହକାରେ ବାହାଦୁରୀ ପ୍ରଦର୍ଶନ କରି ବସି ରହିଲେ ଓ ଧ୍ୟାନ ଦେଇ ମୋ ଭାଷଣ ଶୁଣିଲେ, ସେମାନେ ଏପରି ନିର୍ଭୟ, ସାହସ ଦେଖାଇ ହିଂସାକୁ ଓହ୍ଲାଇ ଆସିଥିବା କାର୍ଯ୍ୟକୁ ସଫଳ କରାଇ ଦେଲେ ନାହିଁ, ତେଣୁ ଏ ସମସ୍ତଙ୍କ ଇଚ୍ଛାକୁ ବି ମତେ ସମ୍ମାନ ଦେଖାଇବା ଉଚିତ । ମୁଁ ଉପବାସ ନ ଛାଡିଲେ କୁହାଯିବ ଯେ ମୁଁ ସେମାନଙ୍କୁ ଖାତିର କଲି ନାହିଁ । ତେଣୁ ସବୁସାଥୀ, କାର୍ଯ୍ୟକର୍ତ୍ତା ଏବଂ ପ୍ରତିଷ୍ଠିତ ନେତାମାନଙ୍କ ଏକ ସମୂହ ଆଗ୍ରହ ଯୋଗୁଁ, ସଭା ସମାପ୍ତ ହେବାର ଅଳ୍ପ ସମୟ ପରେ ମୁଁ ଉପବାସ ଛାଡି ଦେଲି । କିନ୍ତୁ କିଛି ତରବରିଆରେ କାମ ହେଲା ବୋଲି ମତେ ସବୁବେଳେ ଲାଗେ । ଏପରି କିଛି ନ ହେବା ପାଇଁ ମୁଁ ଧେବରଭାଇଙ୍କୁ, ପ୍ରଥମରୁ ଅହମ୍ମଦାବାଦ ଛାଡି ଚାଲିବାକୁ କହିଥିଲି । କିନ୍ତୁ ଧେବରଭାଇ ମୋ କଥା ମାନିଲେ ନାହିଁ, ଅନଶନ ସମୟରେ ଅହମ୍ମଦାବାଦରେ ରହିବାକୁ ସେ ନିଜର କର୍ତ୍ତବ୍ୟ ବୋଲି ଭାବିଲେ । ତାଙ୍କ ସହିତ ମୁଁ ଝଗଡା କରିପାରିବି ନାହିଁ । କିନ୍ତୁ ଏହା ସତ ଯେ ଅନଶନର ଫଳସ୍ୱରୂପ ଶାନ୍ତି ସ୍ଥାପିତ ହୋଇଗଲା ଓ ହିଂସାତ୍ମକ କାମ ବନ୍ଦ ହୋଇଗଲା । ଏସବୁ ଏହାର ସୁପରିଣାମ । ଉପବାସ ଯୋଗୁଁ ଟିକିଏ ଦୁର୍ବଳ ହୋଇଯାଇଥିଲି ତେଣୁ କିଛି ଦିନ ସ୍ୱାସ୍ଥ୍ୟ ଠିକ୍ ହେବା ପାଇଁ ବିଶ୍ରାମ ନେଇଥିଲି ।

ଯଦି ମୁଁ ଉପବାସ ନ କରିଥାଆନ୍ତି, ଗୁଜରାଟରେ ସ୍ଥାନେ ସ୍ଥାନେ ଉପଦ୍ରବ ଚାଲିଥାଆନ୍ତା କାରଣ ମହାଗୁଜରାଟ ଭାବନା ଲୋକପ୍ରିୟ ହେବାକୁ ଯାଉଥିଲା । ଉପଦ୍ରବ ବେଶୀ ହୋଇଥିଲେ ପୋଲିସକୁ ଗୁଳି ଚଳାଇବାକୁ ପଡିଥାନ୍ତା ଫଳରେ ଭୟଙ୍କର ପ୍ରାଣହାନୀ ଘଟିଥାଆନ୍ତା । ଏ ଅବସ୍ଥାରେ ଗୁଜରାଟରେ ଖୁବ୍ କମ୍‌ରେ ୩୦୦-୪୦୦ ପ୍ରାଣହାନୀ ଘଟିଥାଆନ୍ତା ଓ ଶାନ୍ତି ସ୍ଥାପିତ ହୋଇପାରି ନଥାଆନ୍ତା ।

ଅନଶନ ସମ୍ବନ୍ଧରେ ମୋର କହିବା କଥା ଯେ ସାଧାରଣତଃ, କାହାଠାରୁ କିଛି ଆଣିବା ବା କରାଇବା ଉଦ୍ଦେଶ୍ୟରେ ଉପବାସ କରିବା ଉଚିତ ନୁହେଁ । କିନ୍ତୁ ମୋ ଉପବାସ କୌଣସି ବ୍ୟକ୍ତି ବିରୁଦ୍ଧରେ ନଥିଲା । କାହାଦ୍ୱାରା କୌଣସି ବିଶେଷ କାମ କରାଇବା ପାଇଁ ମଧ୍ୟ ନଥିଲା, ଏହାତ କେବଳ ଉପଦ୍ରବରୁ ଜନତାଙ୍କୁ ରକ୍ଷା କରିବା ପାଇଁ ହିଁ କରାଯାଇଥିଲା । ମୁଁ ଏକଥା ଜାଣେ ଯେ, ଯେ ପର୍ଯ୍ୟନ୍ତ ସାଧାରଣ ଜନତାର ଉପଦ୍ରବ

Digitized by srujanika@gmail.com

ପ୍ରତି ସହାନୁଭୂତି ନ ରହିବ ସେ ପର୍ଯ୍ୟନ୍ତ ହିଂସାତ୍ମକ କାଣ୍ଡ ହୋଇପାରିବ ନାହିଁ । ତେଣୁ ମୋର ଏଥିରେ ସନ୍ଦେହ ନାହିଁ ଯେ ମୋ ଉପବାସ ସତ୍ୟାଗ୍ରହ ସିଦ୍ଧାନ୍ତ ଅନୁସାରେ ହୋଇଥିଲା ।

ମୁଁ ମୁଖ୍ୟମନ୍ତ୍ରୀ ଥିଲି । ଏଣୁ ଅନେକ ବ୍ୟକ୍ତି ପ୍ରଶ୍ନ ଉଠାଇଥିଲେ ଯେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମୋର ଅନଶନ କରିବା ଉଚିତ କି ନାହିଁ । ମୋର କହିବା କଥା ଯେ ମୁଖ୍ୟମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ କାମ ଶାନ୍ତି ସ୍ଥାପନ କରିବା । ସାଧାରଣତଃ ପୋଲିସ ସାହାଯ୍ୟରେ ଶାନ୍ତି ସ୍ଥାପନ କରାଯାଏ । କିନ୍ତୁ ମୋ ମନରେ କୌଣସି ସନ୍ଦେହ ନାହିଁ ଯେ ଗୁଳିକାଣ୍ଡରୁ ବଞ୍ଚିବା ପାଇଁ ତଥା ଶାନ୍ତି ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ବା ଗୃହମନ୍ତ୍ରୀଙ୍କର ଉପବାସର ସାହାଯ୍ୟ ନେବା ନିଜର ଧର୍ମ ବୋଲି ଅନୁଭୂତି ହେଲେ ଏବଂ ଏହା କରିବା ଉପଯୁକ୍ତ ବୋଧ ହେଲେ ଉପବାସ କରିବା ଧର୍ମସମ୍ମତ ଅଟେ ଏବଂ ଏହା ନିଜର ଅଧିକାର ବିରୁଦ୍ଧରେ ଯାଏ ନାହିଁ । ଆଜିମଧ୍ୟ ଏପରି ଉପବାସ କରିବାକୁ କେହି ଇଚ୍ଛା କଲେ, ତାଙ୍କୁ କୌଣସି ସ୍ୱାର୍ଥ ବଶ ହୋଇ ଉପବାସ କରିବା ଉଚିତ ନୁହେଁ । କିନ୍ତୁ ଯଦି ତାଙ୍କୁ ଲାଗେ ଯେ ଜୀବନରେ ଅମୁକ ପରିସ୍ଥିତିରେ ଏହା କରିବା ହିଁ ତାଙ୍କର କର୍ତ୍ତବ୍ୟ ଏବଂ ଏପରି ନ କଲେ ରହିପାରିବେ ନାହିଁ, ତେବେ ତାଙ୍କୁ ଉପବାସ କରିବା ଉଚିତ । ନିଶ୍ଚୟ, ଯାହାଙ୍କର ଉପବାସରେ ଶ୍ରଦ୍ଧା ଏବଂ ବିଶ୍ୱାସ ନାହିଁ ତାଙ୍କୁ ଉପବାସ କରିବା ଉଚିତ ନୁହେଁ ।

ମହାଗୁଜରାଟ ଆନ୍ଦୋଳନ ବେଳେ ହିଂସାତ୍ମକ କାମ ବନ୍ଦ କରି ଶାନ୍ତି ଆଣିବା ପାଇଁ ଅହମ୍ମଦାବାଦରେ ଗୁଳି ଚଳାଇବାକୁ ପଡିଥିଲା । ସେଥିରେ କିଛି ଯୁବକ ପ୍ରାଣତ୍ୟାଗ କରିବାରୁ ଅହମ୍ମଦାବାଦ ଜନତାଙ୍କ ମଧ୍ୟରେ ତୀବ୍ର କ୍ରୋଧ ଜାତ ହୋଇଥିଲା କାରଣ ଉପଦ୍ରବୀମାନଙ୍କୁ ସେମାନେ ଦୋଷୀ ମାନିବା ବଦଳରେ ଶହୀଦ ମାନୁଥିଲେ । କିନ୍ତୁ ହିଂସାତ୍ମକ ଉପଦ୍ରବ କରିବାବାଲାଙ୍କୁ ମୁଁ ଶହୀଦ ମାନି ପାରୁନଥିଲି କାରଣ ଲୋକତନ୍ତ୍ରରେ ଉପଦ୍ରବ କରି କିଛି ପାଇବାର ପ୍ରୟାସ ଲୋକତନ୍ତ୍ରର ବିରୁଦ୍ଧ ଅଟେ ଏବଂ ଏପରି ଲୋକଙ୍କ ଉପରେ ପୋଲିସକୁ ଗୁଳି ଚଳାଇବାକୁ ପଡିଲେ, ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଏହା କରାଯାଏ । ଏପରି ଉପଦ୍ରବକୁ ଦେଶସେବା ବୋଲି କୁହାଯାଇ ନପାରେ । ଗୁଳି ଚାଳନାରେ ମୁଁ ଯେଉଁ ତଦନ୍ତ କରାଇଥିଲି ସେଥିରୁ ଜଣାପଡିଲା ଯେ ପୋଲିସର ଗୁଳି ଚାଳନା ଉଚିତ ହୋଇଥିଲା ଏବଂ ଯେଉଁମାନେ ଉପଦ୍ରବୀ ଦଳରେ ଥିଲେ ସେମାନେ ହିଂସ୍ରକ କାମରେ ଲିପ୍ତ ଥିଲେ, ଏଥିପାଇଁ ଏହାର ନ୍ୟାୟିକ ତଦନ୍ତ କରାଇବାକୁ ମୁଁ ମନା କରିଥିଲି ଏବଂ ଯେଉଁମାନେ ମରିଥିଲେ ତାଙ୍କୁ ଶହୀଦ ମାନିବାକୁ ମନାକରି ଦେଇଥିଲି ।

ଅକ୍ଟୋବର ଦ୍ୱିତୀୟ ସପ୍ତାହରେ, ସେଠାକୁ ଯାଇଥିବା ବେଳେ, ଅହମ୍ମଦାବାଦ ଜନତା ସମ୍ମୁଖରେ ଭାଷଣ ଦେବାକୁ ଜବାହାରଲାଲଜୀଙ୍କ ଇଚ୍ଛା ହେଲା । ସେଥିପାଇଁ ଏକ ସଭାର ଆୟୋଜନ କରାଗଲା ଓ ଛାତ୍ରମାନଙ୍କ ପାଇଁ ଗୋଟିଏ କାର୍ଯ୍ୟକ୍ରମ ରଖାଗଲା । ଦୁଇଟି ସଭାରେ ଛାତ୍ରମାନେ ବିରୁଦ୍ଧାତ୍ମକ ସ୍ଲୋଗାନ ଦେଇଥିଲେ କାରଣ ମହାଗୁଜରାଟ ସପକ୍ଷ ନେତାମାନେ ଛାତ୍ରମାନଙ୍କୁ କୁଶିକ୍ଷା ଦେଇଥିଲେ । ଜବାହାରଲାଲଜୀ ସେମାନଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କଲେ । କିନ୍ତୁ ସେମାନେ ନୀରବ ହେଲେ ନାହିଁ ।

ଏହା ପୂର୍ବରୁ ୧୯୫୬ ଅପ୍ରେଲ ମାସରେ ଜବାହରଲାଲଜୀ କର୍ଣ୍ଣାଟକର କେତେକ ଜିଲ୍ଲାକୁ ଯାତ୍ରା କରିଥିଲେ । ସେତେବେଳେ ମୁଁ ତାଙ୍କୁ ଗେର୍‌ସାପ୍‌ପା ଜଳପ୍ରପାତ ଆଦି ଦେଖାଇବାକୁ ନେଇଯାଇଥିଲି । ଦର୍ଶନୀୟ ସ୍ଥାନ ଯାତ୍ରା କରିବା ପରେ ମୁଁ ତାଙ୍କୁ ଶିରିଡି ନେଇଯାଇଥିଲି ଯେଉଁଠାରୁ ବେଲଗାଁ ଫେରିଆସି ନିଜ ଜାହାଜରେ ତାଙ୍କର ଦିଲ୍ଲୀ ଫେରିଯିବାର ଥିଲା । ଶିରିଡିରୁ ବେଲଗାଁ ୧୫୦ ମାଇଲ ଦୂର । ଏଇ ରାସ୍ତା କାର ଯୋଗେ

Digitized by srujanika@gmail.com

ଯିବାର ମୂଳ କାର୍ଯ୍ୟକ୍ରମରେ ସ୍ଥିର କରାଯାଇଥିଲା । ମୋ ସହିତ କାର୍ଯ୍ୟକ୍ରମ ନିଶ୍ଚୟ କରିବା ସମୟରେ ମୁଁ ତାଙ୍କୁ କହିଲି, "୧୫୦ ମାଇଲ କାରରେ ଗଲେ ବହୁତ ଧୂଳି ସହ୍ୟ କରିବାକୁ ହେବ କାରଣ ଏହା ପିଚୁ ରାସ୍ତା ନୁହେଁ, ଧୂଳିଛଡା ଗରମ ବି ବହୁତ ହେବ । ଡାକୋଟା ବା ଅନ୍ୟ କୌଣସି ବିମାନ ଆସିପାରିବ ନାହିଁ । କାରଣ ତା'ର ଓହ୍ଲାଇବାର ସୁବିଧା ନାହିଁ । କିନ୍ତୁ ଆପଣ ସ୍ୱୀକାର କଲେ ମୁଁ ଗୋଟିଏ ରାସ୍ତା କହିବି । ବମ୍ବେ ଫ୍ଲାଇଙ୍ଗ କ୍ଲବରେ ଟାଇଗର ମଥ ନାମକ ଗୋଟିଏ ଇଞ୍ଜିନ ବାଲା ବିମାନ ଅଛି ଯେଉଁଥିରେ ଦୁଇ ଜଣ ବସିପାରିବେ । ତେଣୁ ତାକୁ ବମ୍ବେରୁ ଆଣିବା ବ୍ୟବସ୍ଥା କରାଯାଇ ପାରିବ । ତା'କୁ ଓହ୍ଲାଇବା ପାଇଁ ଛୋଟ ଜାଗା ଦରକାର ଓ ତାହା ତିଆରି କରାଯାଇ ପାରିବ । କିନ୍ତୁ ସୁରକ୍ଷାଧିକାରୀ ଓ ଅନ୍ୟ ଲୋକମାନେ ଆପତ୍ତି କରିପାରନ୍ତି କାରଣ ପ୍ରଧାନମନ୍ତ୍ରୀ ବା କୌଣସି ମହତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କର ଛୋଟ ବିମାନ ଦ୍ୱାରା ଯାତ୍ରା ବିପଦପୂର୍ଣ୍ଣ ଅଟେ । ତେଣୁ ସୁରକ୍ଷାଧିକାରୀ, ରକ୍ଷା ମନ୍ତ୍ରାଳୟ ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏ ଖବର ଯେପରି ଜଣାନଯାଏ, ଆମ ଦୁଇଜଣଙ୍କ ମଧ୍ୟରେ ଏକଥା ରହିଲେ ମୁଁ ବନ୍ଦୋବସ୍ତ କରିପାରିବି ।"

ଜବାହରଲାଲଜୀ ସାହସୀ ଥିଲେ । ବିପଦକୁ ସାମ୍ନା କରିବାକୁ ସେ କେବେ ପଛାଉନଥିଲେ । ବରଂ ଏପରି ସାହସିକ କାମରେ ସେ ଆନନ୍ଦ ପାଉଥିଲେ । ଏ କାମ ବି ବାସ୍ତବିକ ସାହସୀ କାମଥିଲା । ମୁଁ ନିଜେ ବଡ ବଡ ବିପଦ ଉଠାଇ ନେଉଥିଲି । କିନ୍ତୁ ଜବାହରଲାଲଜୀଙ୍କୁ ସାଙ୍ଗରେ ନେବାକୁ ମତେ ସଙ୍କୋଚ ଲାଗୁଥିଲା । କିନ୍ତୁ ଈଶ୍ୱରଙ୍କଠାରେ ଅତୁଟ ଶ୍ରଦ୍ଧା ଥିବାରୁ ମୋର ଏ ବିଷୟରେ କୌଣସି ଚିନ୍ତା ନଥିଲା । ତେଣୁ ଜବାହାରଲାଲଜୀଙ୍କ ସ୍ୱୀକୃତି ପାଇ ମୁଁ ଖୁସି ହେଲି ।

ମୁଁ ତେଣୁ ବମ୍ବେ ଫ୍ଲାଇଙ୍ଗ କ୍ଲବର ତିନୋଟି ଟାଇଗର ମଥ ଶିରିଡି ମଗାଇଲି । ସେଥିରୁ ଗୋଟିକରେ ଜବାହରଲାଲଜୀ, ଦ୍ୱିତୀୟରେ ଇନ୍ଦିରାଜୀ ଓ ତୃତୀୟଟିରେ ମୁଁ ବସି ବିନା ଅସୁବିଧାରେ ବେଲଗାଁରେ ପହଞ୍ଚିଗଲୁ । ଶେଷଯାଏ ମୁଁ ଏକଥା କାହାକୁ କହିନଥିଲି । ତେଣୁ ଏ ଯୋଜନା ପାର ହୋଇଗଲି ।

ପରେ ସୁରକ୍ଷା ମନ୍ତ୍ରାଳୟାଧିକାରୀ ଓ ଅନ୍ୟମାନେ ଖୁବ ଆପତ୍ତି କରିଥିଲେ । କିନ୍ତୁ କାମ ହୋଇ ସାରିଥିଲା । ତେଣୁ ଆପତ୍ତି ବ୍ୟର୍ଥ ହେଲା ।

ଏହାପରେ ଜବାହରଲାଲଜୀ ମେ ମାସରେ ସୌରାଷ୍ଟ୍ର ଓ ଗୁଜରାଟ ଗସ୍ତରେ ଆସିଲେ । ସେତେବେଳେ ଗିର ଜଙ୍ଗଲରେ ସିଂହ ଦେଖାଇବା କାର୍ଯ୍ୟକ୍ରମ ରଖାଯାଇଥିଲା ଏବଂ ସେଠାକୁ ମୁଁ ବି ତାଙ୍କ ସହିତ ଯାଇଥିଲି । ରାତିରେ ଆମମାନଙ୍କ ବସିବା ପାଇଁ ଗଛ ଉପରେ ଯେଉଁ ମଞ୍ଚା ତିଆରି ହୋଇଥିଲା, ଆମେ ସେଠାରେ ବସିଥିଲୁ । ସେଠାରେ ଦୁଇଟି ସିଂହ ଆମ ମଞ୍ଚା ତଳବାଟେ ବାହାରିଲେ କିନ୍ତୁ ଶୀଘ୍ର ଶୀଘ୍ର ଚାଲିଯିବାରୁ ଆମେ ଭଲକରି ଦେଖି ପାରିଲୁ ନାହିଁ । ସିଂହକୁ ପାଖରୁ ଭଲ କରି ଦେଖିବାକୁ ଆଉ ଗୋଟାଏ ବନ୍ଦୋବସ୍ତ କରାଗଲା । ଗୋଟାଏ ମଇଁଷି ବାଛୁରୀକୁ ଗୋଟିଏ ଖୁଣ୍ଟରେ ବନ୍ଧା ଯାଇଥିଲା । ଜିପ୍‌ରେ ବସି ଆମେ ସେଠାକୁ ଯାଇଥିଲୁ । ୨୦-୨୫ କଦମ ଦୂରରେ ଜିପ ଆଲୁଅ ଲିଭାଇ ଆମେ ଗୋଟିଏ ଗଛ ଆଡୁଆଳରେ ଛିଡା ହୋଇଥିଲୁ । ଶିକାର ଆଶାରେ ସିଂହ ସେଠାକୁ ଆସି ମଇଁଷି ବାଛୁରୀକୁ ମାଡି ବସିଲା । ମଇଁଷି ବାଛୁରୀ ବନ୍ଧା ହୋଇଥିବାରୁ ସିଂହ ତାକୁ ନେଇ ଯାଇପାରୁ ନଥିଲା । ସିଂହ ଆମକୁ ଦେଖି ପାରି ନଥିଲା ତେଣୁ ମଇଁଷି ବାଛୁରୀକୁ ଧରି ଆରାମରେ ଖାଇବା ଆରମ୍ଭ କରି ଦେଲା । ତା'ପରେ ଆମେ ଯାଇ ଜିପ୍‌ରେ ବସି ହଠାତ୍ ଲାଇଟ୍ ପକାଇଲୁ । ସିଂହ ଲାଇଟ୍ ଦେଖି ଚମକି ପଡିଲା ଓ ପଳାଇବାକୁ ଆରମ୍ଭ କଲା । ସେ ମଇଁଷି ବାଛୁରୀକୁ ଉଠାଇ

Digitized by srujanika@gmail.com

ନେଇଯିବାକୁ ଚେଷ୍ଟା କଲା କିନ୍ତୁ ବାଛୁରୀ ଟାଣୁଆ ଦଉଡିରେ ବନ୍ଧା ହୋଇଥିଲା । ଦଉଡି ଛିଡୁ ନଥିଲା । ତା'ପରେ ସିଂହ ବାଛୁରୀ ପଛକୁ ଧରି ଟାଣିଲା ଯାହା ଫଳରେ ବାଛୁରୀ ମଝିରୁ ଦୁଇଖଣ୍ଡ ହୋଇଗଲା । ଏଥିରୁ ଜଣାପଡେ ସିଂହ କେତେ ଶକ୍ତିଶାଳୀ । ବାଛୁରୀ ପଛ ଅଧକୁ ନେଇ ସେ ସେଠାରୁ ପଳାଇଲା ।

ଏ ଘଟଣା ପରେ ଆମେ ଫେରିଲୁ । ସେତେବେଳେକୁ ସକାଳ ସାଢେ ଛ' ହେବ । କାରରେ ଆମେ ଯାଉଥିବା ବେଳେ ପ୍ରାୟ ୭୦-୭୫ ଗଜ ଦୂରରେ ଗୋଟିଏ ସିଂହୀ ଓ ତାଙ୍କର ୩ ଛୁଆ ସହିତ ପଡିଆରେ ଯାଉଥିବାର ଦେଖିଲୁ, ଆମ ରାସ୍ତାର ସମାନ୍ତରରେ ସେମାନେ ଚାଲୁଥିଲେ । ଗାଡି ଦେଖି ସେମାନେ ହୁରୁଡିଲେ ନାହିଁ । ଏହିପରି ପ୍ରାୟ ଗୋଟିଏ ଦେଢ ଫର୍ଲଂଗ ପର୍ଯ୍ୟନ୍ତ ସେମାନେ ସାଥେ ସାଥେ ଚାଲିଲେ । ଏହାପରେ ଆମ ରାସ୍ତା ବଦଳିଲା ଓ ଆମେ ଅନ୍ୟ ବାଟେ ଚାଲିଲୁ ଓ ସେମାନେ ଜଙ୍ଗଲରେ ଅଦୃଶ୍ୟ ହୋଇଗଲେ । ଏଇପରି ଖୁବ୍ ପାଖରେ ଆମେ ତିନିଚାରି ସିଂହ ଦେଖିଲୁ ।

ବମ୍ବେ ବିଶାଳ ରାଜ୍ୟ ତିଆରି କରିବାର ଯେଉଁ ଯୋଜନା କରାଯାଇଥିଲା ତାହା ଅକ୍ଟୋବର ଶେଷ ବା ନଭେମ୍ବର ଆରମ୍ଭରେ କାର୍ଯ୍ୟକାରୀ ହେବାର ଥିଲା । ମୋର ବିଶାଳ ବମ୍ବେର ମୁଖ୍ୟମନ୍ତ୍ରୀ ହୋଇ ରହିବାର ନଥିଲା । ତେଣୁ ବିଶାଳ ବମ୍ବେର ମୁଖ୍ୟମନ୍ତ୍ରୀ କଂଗ୍ରେସ ଦଳକୁ ବାଛିବାର ଥିଲା । ଭାଉସାହେବ ହୀରେ ପ୍ରାର୍ଥୀ ଥିଲେ । କିନ୍ତୁ ହୀରେଙ୍କ ଚିନ୍ତାଧାରା ଓ ତାଙ୍କ ସହିତ ମୋର ଅନୁଭବକୁ ଦେଖି ମୋର ବିଶ୍ୱାସ ହୋଇ ଯାଇଥିଲା ଯେ ବିଶାଳ ବମ୍ବେକୁ ସେ ନିରପେକ୍ଷ ଭାବେ ସମ୍ଭାଳି ପାରିବେ ନାହିଁ । ତେଣୁ ମୁଁ ଯଶବନ୍ତ ରାଓ ଚୌହ୍ୱାନକୁ ପ୍ରାର୍ଥୀ ହେବାକୁ କହିଲି । ସେ ମତେ ମୁଖ୍ୟ ହେବାକୁ ବହୁତ ଆଗ୍ରହ କଲେ । କିନ୍ତୁ ସେଥିପାଇଁ ମୁଁ ମୋର ଅନିଚ୍ଛା ପ୍ରକାଶ କଲି । ଡା. ଜୀବରାଜ ମେହେଟ୍ଟା ସେତେବେଳେ ମୋ ମନ୍ତ୍ରୀମଣ୍ଡଳରେ ଅର୍ଥମନ୍ତ୍ରୀ ଥିଲେ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ ବରିଷ୍ଠ ଥିଲେ । ଶ୍ରୀ ଚୌହ୍ୱାନଙ୍କ ପାଇଁ ତାଙ୍କର ସହାୟତା ବହୁତ ଉପଯୋଗୀ ଥିଲା । ସେ ମନ୍ତ୍ରୀ ହେବାକୁ ମନା କରିଥିଲେ ଶ୍ରୀ ଚୌହ୍ୱାନଙ୍କ କାମ ମୁସ୍କିଲ ହୋଇଯାଇଥା'ନ୍ତା । ତେଣୁ ତାଙ୍କୁ ବୁଝାଇବା କାମ ମୁଁ ନିଜ ଉପରକୁ ନେଇଥିଲି ।

ମାସେ ଦି'ମାସ ପୂର୍ବରୁ ଦିଲ୍ଲୀରେ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ସ୍ଥାପିତ ହୋଇଥିଲା । ଏଇ ନୂଆ ଅନୁଷ୍ଠାନର ଡାଇରେକ୍ଟର ପଦ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜକୁମାରୀ ଅମୃତ କାଉର ଡା. ମେହେଟ୍ଟାଙ୍କୁ ଅନୁରୋଧ କରିଥିଲେ । ଡା. ମେହେଟ୍ଟାଙ୍କର ସେଠାକୁ ଯିବାକୁ ଇଚ୍ଛାଥିଲା । ସେ ଏଥିପାଇଁ ମୋତେ ପଚାରିଲେ । ସେ ସମୟରେ ମୁଁ ତାଙ୍କୁ କହିଥିଲି, ''ନୂଆ ବିଶାଳ ବମ୍ବେ ତିଆରି ହେଲେ ଆପଣଙ୍କର ଦରକାର ପଡିବ । ତେଣୁ ଆପଣଙ୍କର ସେଠାକୁ ନ ଯିବା ବାଞ୍ଛନୀୟ ଅଟେ ।'' ନୂଆ ବିଶାଳ ବମ୍ବେରେ ପରିସ୍ଥିତି କ'ଣ ହେବ ସେ ସମୟରେ କୁହାଯାଇ ପାରୁ ନଥିଲା । ସେଇ କାରଣରୁ, ମୋ ଖିଆଲରେ, ଡା. ମେହେଟ୍ଟାଙ୍କର ଦିଲ୍ଲୀ ଯିବାର ଇଚ୍ଛା ଥିଲା ଏବଂ ପରିସ୍ଥିତି ଏପରି ଥିଲା ଯେ ସେ ସମୟରେ ସେ ଦିଲ୍ଲୀ ନ ଗଲେ, ଅନ୍ୟ କୌଣସି ବ୍ୟକ୍ତିକୁ ନିଯୁକ୍ତି ଦିଆଯିବ ଓ ସେଠାକୁ ତାଙ୍କର ଯିବାର ପ୍ରଶ୍ନ ଉଠିବ ନାହିଁ । ମୁଁ ତାଙ୍କୁ ବୁଝାଇଲି ଯେ ରାଜ୍ୟ ଓ ଦେଶର ସ୍ୱାର୍ଥ ଦୃଷ୍ଟିରୁ, ଆପଣ ବମ୍ବେ ରାଜ୍ୟରେ ରହି ସେଠାର କାମରେ ସହାୟକ ହେବା ଅଧିକ ଉପଯୋଗୀ ହେବ ଓ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କୁ ବିଶେଷ ସାହାଯ୍ୟ ମଧ୍ୟ କରିପାରିବେ । ତେଣୁ ମୁଁ ତାଙ୍କୁ କହିଲି, ''ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ହେଲେ ଆପଣ ଦ୍ୱିତୀୟ ନମ୍ବରରେ ରହି ଅର୍ଥମନ୍ତ୍ରୀ ହିସାବରେ କାମ କଲେ ଦେଶର ବଡ ସେବା ହେବ ।'' ସେ ଏକଥା ସ୍ୱୀକାର କରିନେଲେ, ଏଣୁ ଶ୍ରୀ ଚୌହ୍ୱାନଙ୍କ ବିଶାଳ ବମ୍ବେ କାମ ସମ୍ଭାଳିବା କିଛି ସୁଗମ ହୋଇଥିଲା ।

Digitized by srujanika@gmail.com

ଶ୍ରୀ ଚୌହ୍ୱାନ ସେ ସମୟରେ ସମସ୍ତଙ୍କ ଅପେକ୍ଷା କନିଷ୍ଠ ମନ୍ତ୍ରୀ ଥିଲେ । କିନ୍ତୁ ପରିସ୍ଥିତି ଏପରି ଥିଲା ଯେ ମୋ ମତାନୁସାରେ ମହାରାଷ୍ଟ୍ରରୁ ଶ୍ରୀ ହୀରେଙ୍କୁ ମୁଖ୍ୟ ନ କରାଗଲେ ଶ୍ରୀ ଚୌହ୍ୱାନଙ୍କୁ ପସନ୍ଦ କରିବାର ଥିଲା । ତେଣୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ ହେବାକୁ ମୁଁ ତାଙ୍କୁ କହିଥିଲି । କଂଗ୍ରେସ ଦଳରେ ସମସ୍ତଙ୍କୁ ବୁଝାଇବା ପାଇଁ ମୁଁ ଚେଷ୍ଟା କରିନଥିଲି କିନ୍ତୁ ଦଳର ପ୍ରମୁଖ ବ୍ୟକ୍ତିଙ୍କ ସହିତ ଏକଥା ହୋଇଥିଲି ଏବଂ ମୋ ପ୍ରତି ଭଲ ଭାବଥିବାରୁ ସେମାନେ ମୋ କଥା ମାନି ନେଇଥିଲେ । କେତେକଙ୍କ ସହିତ ଶ୍ରୀ ଚୌହ୍ୱାନ ମଧ୍ୟ କଥାବାର୍ତ୍ତା କରିଥିଲେ । ଏତେ କରିବା ପରେ ସୁଦ୍ଧା ବିଦର୍ଭର କେତେକ ବ୍ୟକ୍ତି ମତେ ମୁଖ୍ୟ ହୋଇ ରହିବାକୁ ଆଗ୍ରହ କରିଥିଲେ । ସେଥିରେ ଶ୍ରୀ ପି. କେ. ଦେଶମୁଖଙ୍କ ଆଗ୍ରହ ବେଶୀଥିଲା । ତାଙ୍କର ବକ୍ତବ୍ୟ ଥିଲା କି ଏ ବିଶାଳ ବମ୍ବେ ରାଜ୍ୟର ଦାୟିତ୍ୱ ମତେ ହିଁ ନେବାକୁ ହେବ । ମୁଁ ତାଙ୍କୁ କହିଲି, ''ସର୍ବସମ୍ମତି କ୍ରମେ ମତେ ନିର୍ବାଚନ କରାଗଲେ ଯାଇ ମୁଁ ସେ ସମ୍ବନ୍ଧରେ ବିଚାର କରିପାରେ । କିନ୍ତୁ ଏହା ଆଉ ସମ୍ଭବ ନୁହେଁ । ଶ୍ରୀ ହୀରେ ମୁଖ୍ୟମନ୍ତ୍ରୀ ପାଇଁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିସାରିଲେଣି ଏବଂ ମତେ ମଧ୍ୟ କହିସାରିଛନ୍ତି । ତେଣୁ ମୋର ପ୍ରଶ୍ନ ଉଠୁ ନାହିଁ ।''

ଏକଥା ସତ ଯେ ସର୍ବସମ୍ମତି କ୍ରମେ ହେଲେ ମୁଁ ଦାୟିତ୍ୱ ସ୍ୱୀକାର କରିବି ବୋଲି କହିଥିଲି । କିନ୍ତୁ ଏପରି ହୋଇପାରିଲା ନାହିଁ । ବିଦର୍ଭର ମିତ୍ର ଜବାହରଲାଲଜୀ ଏବଂ ପନ୍ଥଜୀଙ୍କୁ ସାକ୍ଷାତ କରି ମୋ ଉପରେ ଚାପ ପକାଇବାକୁ ଆଗ୍ରହ କରିଥିଲେ । ଜବାହରଲାଲଜୀ ତାଙ୍କୁ କହିଲେ, ''ମୁଁ ତାଙ୍କୁ କଥା ଦେଇଛି, ଯେ ସର୍ବସମ୍ମତି କ୍ରମେ ତାଙ୍କୁ ନିର୍ବାଚନ କରିବାକୁ ମୁଁ ଚେଷ୍ଟା କରିବି ନାହିଁ । ଏତିକି ନୁହେଁ, ଏ ସମ୍ବନ୍ଧରେ କାହା ସାଙ୍ଗରେ କଥାବାର୍ତ୍ତା କରିବାକୁ ସେ ମନା କରିଛନ୍ତି ଏବଂ ସେଥିପାଇଁ ମୁଁ ତାଙ୍କୁ କଥା ଦେଇଛି । ତେଣୁ ଏ ସମ୍ବନ୍ଧରେ ମୁଁ କିଛି କରିପାରିବି ନାହିଁ ।'' ଶ୍ରୀ ଦେଶମୁଖଙ୍କୁ ଜବାହରଲାଲଜୀ ଏକଥା ମଧ୍ୟ କହିଥିଲେ, ''ଏଥିପାଇଁ କିଛି କରାଗଲେ ମୁଁ ଖୁସି ହେବି । କିନ୍ତୁ ଶ୍ରୀ ହୀରେ ଓ ତାଙ୍କ ସାଥିମାନଙ୍କୁ ବୁଝାଇବା ମୁସ୍କିଲ ଅଟେ ।'' ଶ୍ରୀ ଚୌହ୍ୱାନ ମତେ କହିଲେ, ''ମୁଁ ଆପଣଙ୍କ ନାମ ପେଶ କରିବି ।'' କିନ୍ତୁ ମୁଁ କହିଲି, ''ଆପଣ ମୋ ନାମ ପେଶ କଲେ ମୁଁ ସ୍ୱୀକାର କରିବି ନାହିଁ, ମୁଁ ମୋ ନାମ ଫେରାଇ ନେବି ।''

କଂଗ୍ରେସ ଦଳ ବୈଠକରେ ମୋ ନାମ ପ୍ରସ୍ତାବ କରାଗଲା । କିନ୍ତୁ ମୁଁ ଶୀଘ୍ର ହିଁ ମୋ ନାମ ୱାପସ କରିନେଲି । ଶ୍ରୀ ହୀରେ ଓ ଶ୍ରୀ ଚୌହ୍ୱାନଙ୍କ ନାମରେ ପ୍ରସ୍ତାବ ଏହାପରେ ଆସିଲା । ଏଣୁ ଶ୍ରୀ ଚୌହ୍ୱାନ ଓ ଶ୍ରୀ ହୀରେ -- ଏଇ ଦୁଇଜଣ ମୈଦାନରେ ରହିଲେ । ପ୍ରଥମ ମତଦାନ ପୂର୍ବରୁ ହାୱାର ରୂପ ଜାଣିବା ପାଇଁ ସମସ୍ତଙ୍କ ମତ ନିଆଗଲା । ସେଥିରେ ଶ୍ରୀ ହୀରେଙ୍କୁ ୧୧୦ ବା ୧୧୧ ମତ ଓ ଶ୍ରୀ ଚୌହ୍ୱାନଙ୍କୁ ୩୩୨ ବା ୩୩୩ ମତ ମିଳିଲା । ବିଧିବଦ୍ଧ ନିର୍ବାଚନରେ ଶ୍ରୀ ଚୌହ୍ୱାନଙ୍କୁ ସର୍ବସମ୍ମତି ନେତା ବଛାଯାଇଥିଲା ।

ଏଇପରି ଶ୍ରୀ ଚୌହ୍ୱାନ ବିଶାଳ ବମ୍ବେର ପ୍ରଥମ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହୋଇଥିଲେ । ୧୯୫୬ ନଭେମ୍ବର ପହିଲାରୁ ନୂଆ ମନ୍ତ୍ରୀମଣ୍ଡଳ ଗଠନ ହେବାକୁ ଥିଲା । ତେଣୁ ୩୧ ଅକ୍ଟୋବର ଦିନ ମୁଁ ସରକାରୀ ଘର ଖାଲି କରିଦେଲି ଏବଂ ମୋ ପୁଅ ମେରିନ୍ ଡ୍ରାଇଭ ଉପରେ ''ଆଶିୟାନା''ରେ ଯେଉଁ ଘର ନେଇ ରଖିଥିଲା ଏବଂ ଯାହାକୁ ନେବା ପାଇଁ କୌଣସି ପ୍ରକାର ସରକାରୀ ସହାୟତା ନିଆଯାଇ ନଥିଲା, ୩୧ ତାରିଖ ସନ୍ଧ୍ୟାରେ ସେଠାରେ ରହିବାକୁ ଗଲି ।

୨୯ ଫେବୃଆରୀ ୧୯୫୬ କୁ ମତେ ଷାଠିଏ ବର୍ଷ ପୂରା ହୋଇଥିବା ଅବସରରେ କେତେକ ସାଥି ଓ ମିତ୍ରମାନେ ମୋର ହୀରକ ଜୟନ୍ତୀ ପାଳିବାକୁ ଇଚ୍ଛା କରିଥିଲେ । ମୁଁ ଅନେକ ବର୍ଷରୁ ନିୟମ କରିଥିଲି ଯେ

Digitized by srujanika@gmail.com

ମୋ ଜନ୍ମ ଦିନ ମୁଁ ନିଜେ ମଧ୍ୟ ପାଳିବି ନାହିଁ। ସେଇ କାରଣରୁ ମୋ ମିତ୍ରମାନଙ୍କୁ ହୀରକ ଜୟନ୍ତୀ ପାଳିବାକୁ ମନା କରି ଦେଇଥିଲି । ମୁଁ ତାଙ୍କୁ କହିଥିଲି ଯେ ମୁଁ ସେଥିରେ ଭାଗ ନେଇପାରିବି ନାହିଁ । ଶ୍ରୀ ଏସ୍.କେ. ପାଟିଲ ମତେ କହିଲେ ସେ ମତେ ସମ୍ବର୍ଦ୍ଧନା କରିବା ପାଇଁ ସେ ସାର୍ବଜନୀନ ସଭାର ବ୍ୟବସ୍ଥା କରିସାରିଛନ୍ତି ତେଣୁ ସେଠାରେ ମୋର ଉପସ୍ଥିତ ରହିବା ଉଚିତ । ମୁଁ ନ ରହିଲେ ତାଙ୍କ ଅବସ୍ଥା ଖରାପ ହୋଇଯିବ । ମୁଁ ତାଙ୍କୁ କହିଲି ଯେ ମୁଁ ନିଜ ନିୟମ ଭାଙ୍ଗି ପାରିବି ନାହିଁ । ନିଜର ଏଇ ନିୟମ ସକାଶେ ମୁଁ ଅନ୍ୟ କାହାରି ଏଭଳି ସମାରୋହରେ ଭାଗ ନେଉ ନାହିଁ, ଫଳରେ ସେ ସମାରୋହ ବନ୍ଦ ରହିଲା । କିନ୍ତୁ ମୋ ମିତ୍ରମାନେ ଏଇ ଅବସରରେ ମତେ ଭେଟି ଏକ ଥଳି ଦେବା ପାଇଁ ୨୯ ଫେବୃଆରୀ ସକାଳେ ମୋ ଘରକୁ ଆସିଲେ । ଏକ ଲକ୍ଷରୁ ଅଧିକ ଅର୍ଥ ଥିବା ଥଳିକୁ ମୋ ହାତରେ ଦେଇ ମତେ ଅଭିନନ୍ଦନ କରିଗଲେ । ସେ ଅର୍ଥ ମୁଁ ପରଦିନ ରାଜନୀତିରେ ସମ୍ବନ୍ଧ ନଥିବା ସମାଜ ସେବା ସଂସ୍ଥାମାନଙ୍କୁ ସମର୍ପି ଦେଲି । ସାର୍ବଜନିକ କ୍ଷେତ୍ରରେ ପ୍ରବେଶ କରିବା ସମୟରେ ହିଁ ମୁଁ ନିୟମ କରିଥିଲି ଯେ କୌଣସି ସଂସ୍ଥା, ମାର୍ଗ, ବା ସ୍ଥାନର ନାମ ମୋ ନାମାନୁସାରେ ହେବ ନାହିଁ ଏବଂ ଆଜିଯାଏ ଏହାର ବ୍ୟତିକ୍ରମ କରିନାହିଁ ।

ଏପରି ନିୟମ କରିବା ପଛରେ ମୋର ଗୋଟିଏ ମାତ୍ର ଉଦ୍ଦେଶ୍ୟ ରହିଲା ଏବଂ ଏହା ହେଲା ''ଅହଂଭାବ ତ୍ୟାଗ'' । ମୁଁ ଏହା ମାନେ ଯେ ମଣିଷ ଅହଂଭାବ ନ ଛାଡିଲେ ସତ୍ୟର ଦର୍ଶନ କରିବାପାରିବ ନାହିଁ ଏବଂ ସତ୍ୟ ଦର୍ଶନ ଛଡା ଅନ୍ୟ କୌଣସି ଅଭିଳାଷ ମୁଁ ଜୀବନରେ ରଖି ନାହିଁ । ଉପରୋକ୍ତ ସମାରୋହ ଅଥବା ସ୍ମାରକ ମନୁଷ୍ୟର ଅହଂଭାବକୁ ପୋଷଣ କରେ । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ମୁଁ ଏ ନିୟମ କରିଥିଲି ।

ଜୀବନର ଷାଠିଏ ବର୍ଷ ମୁଁ ପୂରା କରିଥିଲି । ଏଇ ଅବସରରେ ବହୁତ ତାର ଓ ପତ୍ର ମିଳିଥିଲା । ସେଇ ସମୟରେ ଜବାହରଲାଲଜୀଙ୍କ ପତ୍ର ଓ ତାର ମଧ୍ୟ ଆସିଥିଲା । ଏ ବିଷୟରେ ୩୧ ଅନୁଚ୍ଛେଦରେ ମୁଁ ଅଧିକ ବିସ୍ତୃତ ଭାବେ ଲେଖିଛି ।

Digitized by srujanika@gmail.com

(୯) ବିନୋବାଜୀଙ୍କ ସହିତ ବିଚାର ବିନିମୟ

ଆଚାର୍ଯ୍ୟ ବିନୋବାଜୀଙ୍କ ସହିତ ୧୯୫୪ ପର୍ଯ୍ୟନ୍ତ ମୋର ସେମିତି କିଛି ପରିଚୟ ନଥିଲା । ଗାନ୍ଧିଜୀଙ୍କର ସ୍ୱର୍ଗବାସ ପରେ ଥରେ ସେବାଗ୍ରାମରେ ଆମେ ସବୁ ଏକତ୍ର ହୋଇଥିଲୁ । ସେତେବେଳେ ତାଙ୍କ ସହିତ ଚର୍ଚ୍ଚା କରିବାର ସୁଯୋଗ ମିଳିଥିଲା । କିନ୍ତୁ ବ୍ୟକ୍ତିଗତ ଭାବରେ ମୁଁ ତାଙ୍କ ସହିତ ମିଶି ନଥିଲି, ସେବାଗ୍ରାମରେ ତାଙ୍କୁ ଦେଖିଥିଲି ଓ ଶୁଣିଥିଲି । ମୁଁ ବିନୋବାଜୀଙ୍କୁ ଏକ ସାଧକ ଓ ତପସ୍ୱୀ ରୂପରେ ଦେଖେ ।

୧୯୪୦ରେ ଗାନ୍ଧିଜୀ ଯେତେବେଳେ ବ୍ୟକ୍ତିକ ସତ୍ୟାଗ୍ରହ ଆରମ୍ଭ କଲେ ସେତେବେଳେ ପ୍ରଥମ ସତ୍ୟାଗ୍ରହୀ ଭାବେ ବିନୋବାଜୀଙ୍କୁ ପସନ୍ଦ କରିଥିଲେ । ତା'ପରେ ବିନୋବାଜୀ ଯେପରି ଭାବରେ ଭୂଦାନ ଆନ୍ଦୋଳନ ଆରମ୍ଭ କଲେ ଓ ତେଲେଙ୍ଗାନାରେ ଯେଉଁ ସୁନ୍ଦର କାମ କଲେ ଏହାର ଗଭୀର ପ୍ରଭାବ ମଧ୍ୟ ମୋ ଉପରେ ପଡିଥିଲା । ବିନୋବାଜୀଙ୍କ ସହିତ ସାକ୍ଷାତ କରି ଏ ବିଷୟରେ କିଛି ବିଚାର ବିନିମୟ କରିବାକୁ ବହୁତ ଇଚ୍ଛାଥିଲା । ୧୯୫୫ ମଇ ମାସରେ ଓଡ଼ିଶାର ବ୍ରହ୍ମପୁରରେ କଂଗ୍ରେସ ମହାସମିତିର ଅଧିବେଶନକୁ ମୁଁ ଯାଇଥିଲି ଓ ବିନୋବାଜୀ ମଧ୍ୟ ଆସିଥିଲେ । ତାଙ୍କୁ ସାକ୍ଷାତ କରି କଥାବାର୍ତ୍ତା କରିବାର ଯୋଜନା କଲି । ତାଙ୍କର ମଧ୍ୟ ଏପରି ଇଚ୍ଛାଥିଲା ବୋଲି ମୁଁ ବୁଝିଲି ।

କଂଗ୍ରେସ କାର୍ଯ୍ୟ ସମିତି ବୈଠକରେ ତାଙ୍କ ସହିତ କିଛି ଚର୍ଚ୍ଚା ହୋଇଥିଲା । କଂଗ୍ରେସକୁ ଲୋକସେବକ ସଂଘରେ ପରିବର୍ତ୍ତନ କରିବାକୁ ଗାନ୍ଧିଜୀଙ୍କର ଯେଉଁ ଇଚ୍ଛାଥିଲା, ତା'ରି ଉପରେ କିଛି ଚର୍ଚ୍ଚା ହେବାର ମୋର ମନେ ଅଛି । ଏ ସମ୍ବନ୍ଧରେ ମୁଁ ବିନୋବାଜୀଙ୍କୁ କହିଥିଲି ଯେ କଂଗ୍ରେସ ହାତରେ ଶାସନ କ୍ଷମତା ନଥିଲେ, ଲୋକମାନଙ୍କର ଅନ୍ୟଦଳ ଅପେକ୍ଷା କଂଗ୍ରେସ ପ୍ରତି ଅଧିକ ଆଦରଭାବ ନଥିଲେ, ଗାନ୍ଧିଜୀଙ୍କର କୌଣସି କାର୍ଯ୍ୟକ୍ରମ ସଫଳତାର ସହିତ କରିହୁଅନ୍ତା -- ଏଥିରେ ମୋ ମନରେ ସନ୍ଦେହ ରହିଛି । ତେଣୁ କଂଗ୍ରେସ ଦୁର୍ବଳ ହେଲେ ଗାନ୍ଧିଜୀଙ୍କର ଲୋକ ହିତକର କାର୍ଯ୍ୟକ୍ରମ ମଧ୍ୟ ବଢିପାରିବ ନାହିଁ -- ଏକଥା ମୁଁ ମାନୁଛି । ମୋର କିଛି ଯୁକ୍ତି ବିନୋବାଜୀ ସ୍ୱୀକାର କରିଥିଲେ ।

ମୁଁ ଯେତେବେଳେ ବିନୋବାଜୀଙ୍କ ସହିତ ବିଚାର ବିନିମୟ ପାଇଁ ବାହାରିଲି, ତାଙ୍କର କେତେକ ଅନୁଗତମାନେ ମତେ କହିଲେ ଯେ ସେ ବିରକ୍ତ ହେବା ଭଳି କୌଣସି କଥା ମୁଁ ଯେପରି ନ କୁହେ । ମୁଁ କହିଲି ବିନୋବାଜୀଙ୍କୁ ନାରାଜ କରିବା ପାଇଁ ମୁଁ କିଛି କହିବି ନାହିଁ । କିନ୍ତୁ ତାଙ୍କୁ ଭଲ ଲାଗୁ ଏପରି କଥା କହିବା ତ ମୁସ୍କିଲ । ତା' ଅପେକ୍ଷା ତାଙ୍କ ସହିତ ସାକ୍ଷାତ ନକରିବା ଠିକ୍ ହେବ । ତାପରେ ତାଙ୍କ ଅନୁଗତମାନେ ସେମାନଙ୍କର ସର୍ତ୍ତ ଫେରାଇ ନେଇଥିଲେ ।

ବିନୋବାଜୀଙ୍କ ସହିତ କଥାବାର୍ତ୍ତା ବେଳେ, ମୋ ଯୁକ୍ତି ଉପରେ ସେ ବିରକ୍ତ ହୋଇଆସିବାର ଲକ୍ଷ୍ୟ କରି ମୁଁ ତାଙ୍କୁ ନମ୍ରତା ସହ କହିଲି, "ମୋ କଥା ଉପରେ ଆପଣଙ୍କ ବିରକ୍ତି ଭାବ ଆସିବା ଅର୍ଥ ହେଲା ଯେ ଆପଣଙ୍କର ଓ ମୋର ମତ ମିଳୁ ନାହିଁ ଅର୍ଥାତ ଆମ ମତ ପରସ୍ପର ବିରୋଧୀ ଅଟେ । କିନ୍ତୁ ଯେକୌଣସି ଦୁଇ ବା ଅଧିକ ଲୋକଙ୍କ ମଧ୍ୟରେ ଏହା ଘଟିଥାଏ । ଆମ ଦୁଇଜଣଙ୍କ ଉଦ୍ଦେଶ୍ୟ ହେଲା ପରସ୍ପରକୁ ବୁଝିବା ଓ ସତ୍ୟର ଅନୁସନ୍ଧାନ କରିବା । ବିରକ୍ତ ହୋଇ କଥାବାର୍ତ୍ତା ହେଲେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ନିଷ୍ଫଳ ହେବ । ମୋର ଯେଉଁ କଥା ଆପଣଙ୍କୁ ଭଲ ନ ଲାଗିବ ଆପଣ ମତେ କହିଦେଲେ ମୁଁ ସେ ବିଷୟରେ ଚର୍ଚ୍ଚା କରିବି ନାହିଁ । କିନ୍ତୁ ବିରକ୍ତ ହେଲେ ଆପଣ ବା ମୁଁ -- କାହାରି ପକ୍ଷରୁ ଠିକ୍ ଚର୍ଚ୍ଚା ହୋଇପାରିବ ନାହିଁ । ଏପରି ଅବସ୍ଥାରେ ଆମେ ଚର୍ଚ୍ଚା ନ କଲେ ଭଲ ହେବ ।"

Digitized by srujanika@gmail.com

ମୁଁ ତାଙ୍କୁ ପୁଣି କହିଲି, ''ସାଧନାରେ ଆପଣ ବହୁତ ଆଗକୁ ଗତି କରିଛନ୍ତି, କିନ୍ତୁ ମୁଁ ବହୁତ ପଛରେ ଅଛି । ଆମେ ଦୁଇଜଣ ସତ୍ୟର ସନ୍ଧାନରେ ଲାଗିଛୁ । ମୁଁ ସତ୍ୟ ବର୍ତ୍ତମାନ ପାଇପାରି ନାହିଁ -- ଏକଥା ସ୍ପଷ୍ଟ ଏବଂ ଆପଣ ବୋଧହୁଏ ନିଶ୍ଚୟତାର ସହିତ କହିପାରିବେ ନାହିଁ ଯେ ଆପଣ ସତ୍ୟ ପାଇ ପାରିଛନ୍ତି ବା ସତ୍ୟସିଦ୍ଧ କରିସାରିଛନ୍ତି । ତା ହୋଇଥିଲେ ମୁଁ ଆପଣଙ୍କ ସବୁ କଥା ସ୍ୱୀକାର କରି ନେଇଥାନ୍ତି । କିନ୍ତୁ ଆପଣଙ୍କର ସବୁ କଥା ମୁଁ ସ୍ୱୀକାର କରିପାରୁ ନାହିଁ । ଏହାର ଅର୍ଥ ହେଲା ଆପଣଙ୍କର ସତ୍ୟର ଦର୍ଶନ ପୂରା ଭାବରେ ହୋଇନାହିଁ । ଏହା ହେଉଛି ପ୍ରକୃତ ପରୀକ୍ଷା -- ଏକଥା ଆମକୁ ଯୋଗଦର୍ଶନ ଶିଖାଇଛି ।''

ସେ ମଧ୍ୟ ସତ୍ୟ ଦର୍ଶନ କରିଛନ୍ତି ବୋଲି କହିଲେ ନାହିଁ ଏବଂ ସ୍ୱୀକାର କଲେ ଯେ ବିଚାର ବିନିମୟ ଶାନ୍ତିପୂର୍ବକ ହେବା ଉଚିତ । ଏହାପରେ ଅନେକ ପ୍ରଶ୍ନ ଉପରେ ମୁଁ କଥାବାର୍ତ୍ତା କଲି ଏବଂ ଦୁଇ ଚାରିଦିନରେ ସବୁ ମିଶାଇ ପ୍ରାୟ ଆଠ ନ'ଘଣ୍ଟା କଥାବାର୍ତ୍ତା ହୋଇଥିଲୁ । ସବୁ କଥା ବିନା ରାଗ ରୋଷରେ ହେଲା ଏବଂ ପରସ୍ପରକୁ ଜାଣିବାକୁ ବେଶ୍ ସୁବିଧା ମିଳିଲା ।

ବିନୋବାଜୀ ଅନେକଥର କହୁଥିଲେ ଯେ ଶାସନ ବିହୀନ ସମାଜ ହେବା ଉଚିତ, ଏ ଉକ୍ତି ସହିତ ମୁଁ ଏକମତ ହୋଇ ପାରିଲି ନାହିଁ । ତେଣୁ ମୁଁ ତାଙ୍କୁ କହିଲି, ''ଶାସନ ବିହୀନ ସମାଜ ସମ୍ଭବ ଏକଥା କ'ଣ ଆପଣ ମାନନ୍ତି ? ସୃଷ୍ଟି ସଂଚାଳନ ମଧ୍ୟ ଏକ ଶାସନ । କିନ୍ତୁ ତାହା ସମ୍ପୂର୍ଣ୍ଣ ଏବଂ ଠିକ୍ ଭାବରେ ଚଳାଇବା ଶାସନ ଅଟେ । ଆପଣ ସର୍ବ-ସେବା-ସଂଘର ସଂଚାଳନ କରନ୍ତୁ ବା ଅନ୍ୟ କୌଣସି ବୃତ୍ତି ଚଳାନ୍ତୁ -- ତାହାର ମଧ୍ୟ କିଛି ନିୟମ ରହିବ । ସମସ୍ତେ ସର୍ବଗୁଣ ସମ୍ପନ୍ନ ହୋଇଗଲେ, ସମାଜରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତି ସହିତ କୌଣସି ବିଷୟରେ ବାଧାବିଘ୍ନ ସୃଷ୍ଟି ନ କଲେ, ପ୍ରତ୍ୟେକ ନିଜର କାର୍ଯ୍ୟ ନିର୍ଦ୍ଦୋଷ ଭାବେ ସମ୍ପନ୍ନ କଲେ, ଏବଂ ପ୍ରତ୍ୟେକଙ୍କର ବ୍ୟବହାର ଏପରି ହେବ ଯେପରି କୌଣସି ସଂଘର୍ଷ ସୃଷ୍ଟି ହେବ ନାହିଁ ତେବେ ଯାଇ ଶାସନର ଅନ୍ତ ହୋଇପାରିବ । କିନ୍ତୁ ଏପରି ସର୍ବଗୁଣ ପୂର୍ଣ୍ଣ ମାନବ ସମାଜ ମତେ ସମ୍ଭବ ଜଣାପଡୁ ନାହିଁ । କିଛି ଲୋକ କୌଣସି ଯୁଗରେ ସମ୍ପୂର୍ଣ୍ଣ ହୋଇପାରନ୍ତି କିନ୍ତୁ ତାଙ୍କ ସଂଖ୍ୟା ବହୁତ କମ । ତେଣୁ ଶାସନହୀନ ସମାଜ ସମ୍ଭବ ବୋଲି ମୁଁ ଭାବିପାରୁ ନାହିଁ ।''

ବିନୋବାଜୀ କହିଲେ, ''ମୋର କହିବାର ଅର୍ଥ ଏହି ଯେ ଶାସନ ଖୁବ କମ୍ ହେବା ଦରକାର,'' ମୁଁ କହିଲି ''ଏହାର ଏପରି ଅର୍ଥ ହେଲେ ଏହାକୁ ଶାସନହୀନ ସମାଜ କହିବା ଉଚିତ ନୁହେଁ, ଖୁବ କମ୍ ଶାସନର ବିଚାରରେ ମୁଁ ଏକମତ ।'' ବିନୋବାଜୀ କହିଲେ, ''ଆଦର୍ଶକୁ ସିଦ୍ଧ କରି ନପାରିଲେ ମଧ୍ୟ ଆମେ ଆଦର୍ଶକୁ ସର୍ବଦା ସାମନାରେ ରଖିବା ଉଚିତ ଯଦ୍ୱାରା ତା' ପାଖରେ ପହଞ୍ଚିବା ପାଇଁ ଆମେ ପରିଶ୍ରମ କରିପାରିବା ।'' ମୁଁ କହିଲି, ''ମୋ ମତରେ ଯେଉଁ ଆଦର୍ଶକୁ ସିଦ୍ଧ କରିବା ଅସମ୍ଭବ ଜଣାପଡେ ତା'କୁ ସାମନାରେ ରଖିଲେ ତା' ପାଖକୁ ଯିବାକୁ ଆମର ଉତ୍ସାହ କମ୍ ହୋଇଯିବ ଓ ସେଥିପାଇଁ ପ୍ରବୃତ୍ତି ଶକ୍ତିଶାଳୀ ହେବ ନାହିଁ । କିନ୍ତୁ ଏକଥା ସତ ଯେ ଯାହାକୁ ଅନେକ ସିଦ୍ଧ କରିପାରିନାହାନ୍ତି; କିନ୍ତୁ କମ ଲୋକ ସିଦ୍ଧ କରିପାରିଛନ୍ତି -- ଏପରି ଆଦର୍ଶ ଆମେ ରଖିଲେ ସମାଜ ଉପରେ ଏହାର ଭଲ ପ୍ରଭାବ ପଡିବ ଏବଂ ଏହି ଦିଗରେ ଗତି କରିବାକୁ ସମାଜ ଆକର୍ଷିତ ମଧ୍ୟ ହେବ ।''

ଏହିପରି ଅନେକ ବିଷୟ ଉପରେ ଆମର ଚର୍ଚ୍ଚା ହେଲା ଏବଂ ଖୁବ୍ ଭଲ ଭାବରେ ଚାଲିଲା । ପାରସ୍ପରିକ ସନ୍ଦେହ ଭଲଭାବେ ଦୂର ହେଲା । ଏହାପରେ ମୁଁ ଅନେକ ଥର ବିନୋବାଜୀଙ୍କ ସହିତ ମିଶିଥିଲି । କିନ୍ତୁ ମୋର ଏପରି ଅନୁଭବ ରହିଲା ଯେ ସେ ନିଜେ କିଛି ବିଷୟରେ ଚର୍ଚ୍ଚା କରୁନଥିଲେ । ତେଣୁ ମୁଁ କିଛି ପଚାରିଲା ପରେ ଚର୍ଚ୍ଚା ହୋଇପାରୁଥିଲା । ଶିଷ୍ୟ ଭାବରେ ମୁଁ ତାଙ୍କ ପାଖକୁ ଯାଉନଥିଲି । ସେ କୌଣସି ବିଷୟ

Digitized by srujanika@gmail.com

ନ ପଚାରିଲେ ମତେ କଥାବାର୍ତ୍ତା କରିବାକୁ ଇଚ୍ଛା ହେଉ ନଥିଲା । ତେଣୁ ମତେ ଲାଗିଲା ଯେ ଯେ ପର୍ଯ୍ୟନ୍ତ ତାଙ୍କର ଇଚ୍ଛା ନ ହେବ ସେ ପର୍ଯ୍ୟନ୍ତ ଆମର ମିଶିବାର କୌଣସି ଅର୍ଥ ନାହିଁ ।

ଭୂଦାନ ଉପରେ ବିନୋବାଜୀ ମହୀଶୁରରେ ସବୁ ଦଳର ସମ୍ମିଳନୀ ଆୟୋଜନ କରିଥିଲେ । ସେଥିରେ ଜବାହରଲାଲଜୀ ଯାଇଥିଲେ । ମୁଁ ବି ତାଙ୍କ ସାଥିରେ ଯାଇଥିଲି । ସେଠାରେ ଭୂଦାନ ଉପରେ ଚର୍ଚ୍ଚା ହେଲା । ବହୁତ ଲୋକଙ୍କୁ ଲାଗିଥିଲା ଯେ ଏ କାମରେ ଯେତେ ସହଯୋଗ ଦିଆଯାଇପାରେ ଦିଆଯାଉ କିନ୍ତୁ ମୋ ଉପରେ ଏ ପ୍ରଭାବ ପଡିଲା ଯେ ଏହାର ପ୍ରଚାର ଯେଉଁ ପ୍ରକାର ହେଉଛି -- ଏହା ଏକପାଖିଆ ହେଉଛି । ଭୂଦାନରେ ଅନେକ ପ୍ରଦେଶରେ ଅନେକ ଲୋକ ବେଶ୍ ଜମି ଦେଇଥିଲେ । କିନ୍ତୁ ଏ ଜମି ବାଣ୍ଟିବା କାମ ଏତେ ଭଲ ଗତିରେ ହେଉ ନଥିଲା ।

ଭୂଦାନ ଆଗକୁ ଯାଇ ବିନୋବାଜୀ ଗ୍ରାମଦାନ ଆନ୍ଦୋଳନ ଆରମ୍ଭ କଲେ । କିନ୍ତୁ ଯେଉଁ ସଂଖ୍ୟାରେ ଗ୍ରାମଦାନ ହେଉଥିଲା ତା'କୁ ଦେଖି ବହୁତ କିଛି ଲାଭ ହେବ ନାହିଁ ବୋଲି ମତେ ଲାଗିଲା । ଗ୍ରାମଦାନ ପରେ ଯେବେ ଜିଲ୍ଲାଦାନ ଆରମ୍ଭ ହେଲା, ମୋର ସେଥିରେ ଶ୍ରଦ୍ଧା ରହିଲା ନାହିଁ । କାରଣ ଏ ଦାନରେ କୌଣସି ଲାଭ ହେବ ବୋଲି ମତେ ଲାଗିଲା ନାହିଁ । ଦାନ ହୋଇଥିବା ଦୁଇତିନି ଗ୍ରାମରେ ଗ୍ରାମଦାନ ସଫଳ ହୋଇଛି ଦେଖିଥିଲେ ମୋର ଶ୍ରଦ୍ଧା ବଢିଥାନ୍ତା । କିନ୍ତୁ ଏପରି କୌଣସି ଗ୍ରାମ ମୁଁ ଆଜିଯାଏ ଦେଖିଲି ନାହିଁ । ଜିଲ୍ଲାଦାନ ତ କୋରାକାଗଜ ହିଁ ରହିବ -- ଏଥିରେ ମୋ ନିଜର କୌଣସି ସନ୍ଦେହ ନାହିଁ ।

ବିନୋବାଜୀ ଏ ଆନ୍ଦୋଳନକୁ ଅତ୍ୟନ୍ତ ଆବଶ୍ୟକ ମାନନ୍ତି । ଏ ବିଷୟରେ ମୁଁ କଥା ହୋଇଥିଲି । ଯେଉଁ ପ୍ରକାର ଏ ଆନ୍ଦୋଳନ ଚାଲୁଥିଲା, ତାକୁ ଦେଖି ମୁଁ ତାଙ୍କୁ ମୋ ଦୃଷ୍ଟିକୋଣ ବୁଝାଇ ପାରିବି -- ମତେ ସମ୍ଭବ ଲାଗିଲା ନାହିଁ । ମୁଁ ମାନୁଛି ସମାଜରେ ତ୍ୟାଗର ଭାବନା ସୃଷ୍ଟି କରିବାକୁ ବିନୋବାଜୀ ଏ ଆନ୍ଦୋଳନ ଚଳାଉଛନ୍ତି । ତ୍ୟାଗର ଭାବନା ସାର୍ବତ୍ରିକ ହୋଇଗଲେ, ଭୋଗ କରିବା ପ୍ରବୃତ୍ତି ଗୌଣ ହୋଇଗଲେ, ମାନବ ସମାଜ ସତରେ ଉନ୍ନତ ହୋଇପାରିବ -- ଏ କଥା ମଧ୍ୟ ମୁଁ ମାନୁଛି । କିନ୍ତୁ ତ୍ୟାଗ ଓ ସତ୍ୟ ସ୍ୱେଚ୍ଛାପୂର୍ବକ ହେବା ଉଚିତ । ଭୂଦାନରେ ତ୍ୟାଗର ଭାବନା ଅଛି ଏବଂ ଦାନ ଦିଆଯାଇଥିବା ଜମି ଫେରିପାଇବାର ପ୍ରଶ୍ନ ନାହିଁ । କିନ୍ତୁ ଗ୍ରାମ ଓ ଜିଲ୍ଲାଦାନ ବିଷୟରେ ଏକଥା କୁହାଯାଇ ପାରିବ ନାହିଁ । ମୁଁ ମାନୁଛି ତ୍ୟାଗ ପାଇଁ ପ୍ରେରଣା ଦେଉଥିବା ଯେ କୌଣସି ଆନ୍ଦୋଳନ ସମାଜ ପାଇଁ ହିତକର । କିନ୍ତୁ ସେ ଆନ୍ଦୋଳନ ଏପରି ହେବା ଉଚିତ ଯେ ତାହା ସାଧାରଣ ବ୍ୟକ୍ତି ସହଜରେ ବୁଝିପାରିବେ ତା' ନହେଲେ ସମାଜରେ ତ୍ୟାଗର ଭାବନା ବଢିବା ପରିବର୍ତ୍ତେ ପ୍ରତାରଣାର ଭାବନା ଉତ୍ସାହିତ ହେବ ।

ବିନୋବାଜୀଙ୍କ ସହିତ କଥାବାର୍ତ୍ତା ବିସ୍ତୃତ ବିବରଣ ପରିଶିଷ୍ଟ-୩ରେ ଦିଆଯାଇଛି ।

Digitized by srujanika@gmail.com

(୧୦) ବମ୍ବେରୁ ଦିଲ୍ଲୀ

୧୯୫୨ରେ ମୁଁ ବମ୍ବେ ମୁଖ୍ୟମନ୍ତ୍ରୀ ଥିଲି । ଏହାର କେତେ ସମୟରେ ଦିଲ୍ଲୀ ନେତାମାନଙ୍କ ନଜର ମୋ ଉପରେ ପଡିଲା ଏବଂ ମତେ ଦିଲ୍ଲୀ ନେବାକୁ ସେମାନଙ୍କର ଇଚ୍ଛା ହେଲା ।

କେନ୍ଦ୍ର ସରକାରଙ୍କ ଏକ କାର୍ଯ୍ୟକୁଶଳ ମନ୍ତ୍ରୀ ଶ୍ରୀ ଗୋପାଳ ସ୍ୱାମୀ ଆୟଙ୍ଗାରଙ୍କର ୧୯୫୩ରେ ସ୍ୱର୍ଗବାସ ହୋଇଥିଲା । ଶ୍ରୀ ଆୟଙ୍ଗାରଙ୍କ ମୃତ୍ୟୁରେ ଜବାହରଲାଲଜୀଙ୍କ ଏକ ମହତ୍ୱପୂର୍ଣ୍ଣ ସାଥୀ ଚାଲିଗଲେ । ସେଇ ଶୂନ୍ୟସ୍ଥାନ ପୂରଣ କରିବାକୁ ସେଇବର୍ଷ ଫେବୃଆରୀ ମାସର ଦ୍ୱିତୀୟ ସପ୍ତାହରେ ସେ ମତେ ଲେଖିଥିଲେ । ସେ ନିଜର ସହାୟତା ପାଇଁ ମତେ ଦିଲ୍ଲୀ ଆସିବାକୁ ଆମନ୍ତ୍ରଣ କରିଥିଲେ ଏବଂ ଚିନ୍ତାକରି ଉତ୍ତର ଦେବାକୁ ଲେଖିଥିଲେ ।

ତାଙ୍କ ଚିଠି ଏ ପ୍ରକାର ଥିଲା,

ନୂଆ ଦିଲ୍ଲୀ
୨ ଫେବୃଆରୀ ୧୯୫୩

ପ୍ରିୟ ମୋରାରଜୀ,

ଶ୍ରୀ ଗୋପାଳସ୍ୱାମୀଙ୍କ ଅବସାନ ପରେ ମୋ ଉପରେ କାମର ବୋଝ ବହୁତ ବଢ଼ି ଯାଇଛି, ଏହା ପୂର୍ବରୁ ମଧ୍ୟ ବହୁତ ଥିଲା । ତେଣୁ ଜଣେ ଦୁଇଜଣ ମିତ୍ର ଏଠାକୁ ଆସନ୍ତୁ ଏବଂ ମୋ ଏଇ ବୋଝରେ ସହାୟକ ହୁଅନ୍ତୁ -- ମୁଁ ଏପରି ଭାବୁଛି । ଏ ସମ୍ବନ୍ଧରେ ଆପଣ ଓ ପନ୍ଥଜୀ ମୋ ସ୍ମରଣକୁ ଆସିଲେ । ମତେ ଲାଗୁଛି ଯେ ଆମେ କେନ୍ଦ୍ରକୁ ଶକ୍ତ କରିବା ଉଚିତ । ତା' ସହିତ ରାଜ୍ୟର ବ୍ୟବସ୍ଥା ମଧ୍ୟ କଠିନ କାମ ଅଟେ । ବର୍ତ୍ତମାନ ମୁଁ ଏକଥା ଏଥିପାଇଁ ଲେଖୁଛି ଯେ ଆପଣ ଏ ବିଷୟରେ ଚିନ୍ତା କରି ନିଜର ପ୍ରତିକ୍ରିୟା ମତେ ଜଣାଇବେ ।

ଅବଶ୍ୟ କଂଗ୍ରେସ କାର୍ଯ୍ୟ ସମିତିର ବୈଠକ ବେଳେ ନିଶ୍ଚୟ ସାକ୍ଷାତ ହେବ । କୃପା କରି ଆପଣ ଦିନେ ବା ଦୁଇଦିନ ଆଗରୁ -- ୭ ମାର୍ଚ୍ଚକୁ ଆସିବାକୁ ପ୍ରଯତ୍ନ କରନ୍ତୁ ।

ଆପଣଙ୍କର

ଜବାହରଲାଲନେହେରୁ

ଜବାବରେ ମୁଁ ତାଙ୍କୁ ଲେଖିଲି, ''ଆପଣ ମୋ ଉପରେ ଯେଉଁ ବିଶ୍ୱାସ ବ୍ୟକ୍ତ କରିଛନ୍ତି, ସେଥିପାଇଁ ଆପଣଙ୍କ ପାଖରେ ଋଣୀ । କିନ୍ତୁ ପ୍ରଦେଶ ସ୍ଥିତିକୁ ଦେଖିଲେ ମତେ ଜଣାପଡୁଛି ଯେ ବମ୍ବେ ଛାଡି ଦିଲ୍ଲୀ ଗଲେ ବମ୍ବେ ପ୍ରଦେଶର କ୍ଷତି ହେବାର ସମ୍ଭାବନା ଅଛି ଓ ସେ କ୍ଷତିର ପ୍ରଭାବ ଦେଶ ଉପରେ ପଡିପାରେ । ସ୍ୱୟଂ ମୋର ମଧ୍ୟ ବଡ ଜାଗାକୁ ଯିବାକୁ ବିଶେଷ ଇଚ୍ଛା ହେଉ ନାହିଁ, ତଥାପି ମୋର ଉପଯୋଗ କିପରି କରାଯିବ ସେ ସମ୍ବନ୍ଧରେ ଆପଣଙ୍କୁ ହିଁ ନିର୍ଣ୍ଣୟ ନେବାକୁ ହେବ । ଆପଣଙ୍କ ଉପରେ ବହୁତ ବଡ ଦାୟିତ୍ୱ ଅଛି । ସେଥିରେ ମୋ ଦ୍ୱାରା ଯାହା ହୋଇପାରିବ ସେଥିପାଇଁ ମୁଁ ସର୍ବଦା ପ୍ରସ୍ତୁତ ଅଛି । ବର୍ତ୍ତମାନ କଠିନ ପରିସ୍ଥିତିରେ ଆପଣ ଯାହା ନିର୍ଣ୍ଣୟ କରିବେ, ମୁଁ ସେଥିରେ ରାଜି ।''

Digitized by srujanika@gmail.com

ଏହାପରେ ଜବାହରଲାଲଜୀ ମତେ ଲେଖିଲେ ଯେ ଶୀଘ୍ର କାର୍ଯ୍ୟସମିତି ବୈଠକ ବସିବାର ଅଛି । ସେ ସମୟରେ ଏ ସମ୍ବନ୍ଧରେ କଥାବାର୍ତ୍ତା ହେବ । ସେଇ ଅନୁସାରେ ନୂଆ ଦିଲ୍ଲୀରେ ମାର୍ଚ୍ଚ ମାସରେ ସେ ସମ୍ବନ୍ଧରେ କଥାବାର୍ତ୍ତା ହେଲା । ଏବଂ ଜବାହରଲାଲଜୀଙ୍କୁ ଲାଗିଲା ଯେ ଯେଉଁ ପରିସ୍ଥିତି ବର୍ତ୍ତମାନ ଅଛି ସେଥିରେ ମୁଁ ବମ୍ବେ ଛାଡିଲେ କ୍ଷତିକାରକ ହେବ । ତେଣୁ ମତେ ଦିଲ୍ଲୀକୁ ନେବାର ବିଚାର ସେ ଛାଡିଦେଲେ ।

ଲଣ୍ଡନରେ ବାଲାସାହେବଙ୍କୁ ମଧ୍ୟ ମୁଁ ଏ ସମ୍ବନ୍ଧରେ ଚିଠି ଲେଖିଥିଲି କାରଣ ସବୁ ମହତ୍ୱପୂର୍ଣ୍ଣ ବିଷୟରେ ଆମେ ଜଣେ ଅନ୍ୟଠାରୁ ପରାମର୍ଶ ନେଉଥିଲୁ । ତାଙ୍କୁ ମଧ୍ୟ ମୋର ଦିଲ୍ଲୀ ନଯିବା ଠିକ୍ ହେବ ବୋଲି ଲାଗୁଥିଲା । ତଥାପି ସେ ଲେଖିଥିଲେ ଯେ ଗଲେ ରକ୍ଷା ବିଭାଗ ନନେଇ ଆପଣଙ୍କୁ ଗୃହ ବିଭାଗ ନେବା ଉଚିତ । କିନ୍ତୁ ଯେତେବେଳେ ମୋର ଯିବାର କଥା ନାହିଁ, ପୁଣି ବିଭାଗ ପସନ୍ଦ କରିବାର ପ୍ରଶ୍ନ ଉଠୁ ନଥିଲା ।

ପରେ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନ ହେଲା ଓ ସେ ସମ୍ବନ୍ଧରେ ଉପଦ୍ରବ ମଧ୍ୟ ହେଲା । ୧ ୯୫୫ ସେପ୍ଟେମ୍ବରରେ ରାଜ୍ୟ ପୁନର୍ଗଠନ ଆୟୋଗର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ମିଳିଲା । ଆୟୋଗ ବମ୍ବେ ରାଜ୍ୟକୁ ଗୁଜରାଟ, ମହାରାଷ୍ଟ୍ର ଓ କେନ୍ଦ୍ରଶାସିତ ବମ୍ବେ ସହର -- ଏଇପରି ତିନିରାଜ୍ୟ କରିବାକୁ ସୁପାରିଶ କରିଥିଲେ । ଏହାକୁ କେନ୍ଦ୍ର ସରକାର ମାନି ନେଇଥିଲେ । ତେଣୁ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନ ଆହୁରି ଉଗ୍ର ହୋଇ ଉଠିଲା । ପରେ ୧ ୯୫୬ ମଧ୍ୟ ଭାଗରେ ଏଇ ନିର୍ଣ୍ଣୟକୁ ବଦଳାଇ ସରକାର ବମ୍ବେ ସହରର ସହିତ ମହାରାଷ୍ଟ୍ର, ବିଦର୍ଭ, ମରାଠଓ୍ୱାଡା ତଥା ଗୁଜରାଟ, ସୌରାଷ୍ଟ୍ର, କଚ୍ଛକୁ ମିଶାଇ ବିଶାଳ ବମ୍ବେ ରାଜ୍ୟ ତିଆରି କରିବାକୁ ନିଶ୍ଚୟ କରିଥିଲେ । ମୁଁ ତ ନିଜ ମନରେ ସ୍ଥିର କରିଥିଲି ଯେ ବମ୍ବେ ନୂଆ ବିଶାଳ ରାଜ୍ୟ ହୋଇଗଲେ ମୁଁ ବମ୍ବେ ମୁଖ୍ୟମନ୍ତ୍ରୀ ପଦଛାଡି ରଚନାତ୍ମକ କାମରେ ଲାଗିଯିବି । ଜବାହରଲାଲଜୀ ତଥା ଅନ୍ୟ ମନ୍ତ୍ରୀମାନଙ୍କୁ ଯେତେବେଳେ ମୁଁ ଏକଥା କହିଲି, ସେତେବେଳେ ସେମାନେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ ପୁଣି ଆଗ୍ରହ କଲେ। ବମ୍ବେ ବିଶାଳ ରାଜ୍ୟ ହେବାର ନିଷ୍ପତ୍ତି କାର୍ଯ୍ୟ ସମିତିରେ ନିଆହେଲା ଓ ପରଦିନ ଜବାହରଲାଲଜୀ ନିଜ ନିବାସକୁ ଡକାଇ ମତେ କହିଲେ, "ଆପଣ ବମ୍ବେ ଛାଡିବାର ନିଶ୍ଚୟ କରିସାରିଲେଣି, ତେବେ ଆପଣଙ୍କୁ କେନ୍ଦ୍ରକୁ ଆସିଯିବା ଉଚିତ ଓ ଶ୍ରୀ ଦେଶମୁଖ ଅର୍ଥ ମନ୍ତ୍ରୀ ପଦରୁ ତ୍ୟାଗପତ୍ର ଦେଇଥିବାରୁ ଆପଣଙ୍କୁ ସେ ବିଭାଗ ସମ୍ଭାଳିବାକୁ ହେବ ।" ମୁଁ କହିଲି, "ମୋର ବୟସ ଷାଠିଏ ହେଲାଣି । ତେଣୁ ମତେ ଲାଗୁଛି ଯେ ଶାସନରେ କୌଣସି ପଦରେ ରହିବା ମୋ ପକ୍ଷରେ ଠିକ୍ ହେବ ନାହିଁ । ଶାସନରେ ନ ରହି ମଧ୍ୟ ମୁଁ କଂଗ୍ରେସ ଜରିଆରେ ଦେଶ ସେବା କରିପାରିବି," ସେ କହିଲେ, "ଆପଣତ ଏମିତି କଂଗ୍ରେସ ଅଧ୍ୟକ୍ଷ ହୋଇପାରିବେ । କିନ୍ତୁ ତା' ବଦଳରେ ଆପଣ କେନ୍ଦ୍ରକୁ ଆସିଲେ ଅଧିକ ଭଲ ହେବ ।" ମୁଁ କହିଲି କଂଗ୍ରେସ ଅଧ୍ୟକ୍ଷ ପଦ ମଧ୍ୟ ଶାସନର ସ୍ଥାନ ଅଟେ । ସେଥିପାଇଁ ମଧ୍ୟ ମୋର ଇଚ୍ଛା ନାହିଁ । ଜବାହରଲାଲଜୀ ଅର୍ଥ ବିଭାଗ ସମ୍ଭାଳିବାକୁ ପୁଣି ଆଗ୍ରହ କଲେ । ତେଣୁ ମୁଁ କହିଲି, "ଅର୍ଥ ବିଭାଗ ସମ୍ଭାଳିବା ମୋ ପକ୍ଷରେ କଷ୍ଟସାଧ୍ୟ, କାରଣ ନା ମୁଁ କେବେ ଅର୍ଥଶାସ୍ତ୍ର ପଢିଛି ନା କେବେ ମୋ ନିଜ ବଜେଟ ତିଆରି କରିଛି । ଟଙ୍କା ପଇସାରେ ମୋର କୌଣସି ଆକର୍ଷଣ ନାହିଁ । ଏଥିପାଇଁ ମଧ୍ୟ ଅର୍ଥ ବିଭାଗ ସମ୍ଭାଳିବା ମୋ ପକ୍ଷରେ କଷ୍ଟକର ଅଟେ ।" କିଛି ମାସ ତଳେ ଜବାହରଲାଲଜୀଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହୋଇଥିଲା, ସେକଥା ସେ ସମୟରେ ସେ ମତେ ମନେ ପକାଇଲେ । ମୋର ସେକଥା ମନେ ନଥିଲା । କିଛିମାସ ପୂର୍ବରୁ ଯେତେବେଳେ ଶ୍ରୀ ଦେଶମୁଖ ତ୍ୟାଗପତ୍ର ଦେଇଥିଲେ ଜବାହରଲାଲଜୀ ସେ ବିଷୟରେ ମତେ ପଚାରିଥିଲେ ଓ ମୁଁ ତାଙ୍କୁ କହିଥିଲି, "ଯେ କୌଣସି ମନ୍ତ୍ରୀ ତ୍ୟାଗପତ୍ର ଦେଲେ ଆପଣ ତାହା ସ୍ୱୀକାର କରିବା ଉଚିତ । ନହେଲେ ତ୍ୟାଗପତ୍ର ଧମକରେ ପରିଣତ ହୋଇଯିବ । ସେଥିରୁ ଭୁଲ ପରିସ୍ଥିତି ସୃଷ୍ଟି ହେବ ।" ତା' ଉପରେ ସେ କହିଥିଲେ, "ଦଳର ସମସ୍ତେ କହୁଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ଅଣକଂଗ୍ରେସୀଙ୍କୁ ଅର୍ଥ ମନ୍ତ୍ରୀ ଭାବେ ନେଇଛି । ତେଣୁ ବର୍ତ୍ତମାନ ଦଳର କୌଣସି ବ୍ୟକ୍ତିଙ୍କୁ ଅର୍ଥ ବିଭାଗ

Digitized by srujanika@gmail.com

ଦେବା ଉଚିତ, କାରଣ ନିର୍ଦ୍ଦଳୀୟ ବା ଅଣକଂଗ୍ରେସୀଙ୍କୁ ଅର୍ଥ ମନ୍ତ୍ରୀ କରିବାରେ ବହୁତ ଅସୁବିଧା ହେଉଛି । କିନ୍ତୁ କଂଗ୍ରେସ ଦଳରେ ଏପରି କୌଣସି ବ୍ୟକ୍ତି ନାହିଁ ଯେକି ଏଥିରେ ବିଶେଷଜ୍ଞ ।'' ସେତେବେଳେ ମୁଁ ତାଙ୍କୁ କହିଥିଲି, ''ଏଥିରେ ବିଶେଷଜ୍ଞଙ୍କର ଆବଶ୍ୟକତା ନାହିଁ । କିନ୍ତୁ ଦଳର ବ୍ୟକ୍ତି ନିଶ୍ଚୟ ହେବା ଉଚିତ ।'' ସେ ପଚାରିଲେ, ''ଅର୍ଥମନ୍ତ୍ରୀ ନିଯୁକ୍ତିରେ କି' କି' କଥା ଉପରେ ଧ୍ୟାନ ଦେବା ଉଚିତ ?'' ମୁଁ ସେତେବେଳେ ଅର୍ଥମନ୍ତ୍ରୀ ନିଯୁକ୍ତିରେ ଚାରିଟି କଥା ଉପରେ ଧ୍ୟାନ ଦେବାକୁ କହିଥିଲି ।

''ପ୍ରଥମତଃ ଯେଉଁ ବ୍ୟକ୍ତିଙ୍କୁ ପସନ୍ଦ କରିବେ ତାଙ୍କ ଉପରେ ଆପଣଙ୍କର ପୂରା ବିଶ୍ୱାସ ଥିବ, ଯଦ୍ୱାରା ସେ ବଡ ବିଶ୍ୱାସର ସହିତ କାମ କରିପାରିବେ ଏବଂ ଆପଣଙ୍କର ବି ବିଶ୍ୱାସ ଥିବା ଦରକାର ଯେ ସେ ଯାହା କରୁଛନ୍ତି ଠିକ୍ କରୁଛନ୍ତି ।''

''ଦ୍ୱିତୀୟତଃ, ଯେଉଁ ବ୍ୟକ୍ତିଙ୍କୁ ପସନ୍ଦ କରାଯିବ ସେ ଦଳର ନୀତି ଓ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଆସ୍ଥା ତ ରଖିଥିବେ ନିଶ୍ଚୟ ଓ ସେଇ ଅନୁସାରେ କାମ କରୁଥିବେ ମଧ୍ୟ ।''

''ତୃତୀୟତଃ, ସେଇ ବ୍ୟକ୍ତିଙ୍କର ସଚ୍ଚୋଟତା ଉପରେ ଦେଶରେ ପୂର୍ଣ୍ଣ ବିଶ୍ୱାସ ରହିବା ଉଚିତ ।'' ଏବଂ ''ଚତୁର୍ଥତଃ, ସେ ବ୍ୟକ୍ତିଙ୍କର ଏତେ ବୁଦ୍ଧି ଓ ସାଧାରଣ ଜ୍ଞାନ ରହିବା ଉଚିତ, ଯଦ୍ୱାରା ସେ ବିଶେଷଜ୍ଞମାନଙ୍କ ବୁଦ୍ଧି କାମରେ ଲଗାଇ ପାରିବେ ତଥା ଭିନ୍ନ ଭିନ୍ନ ବିଶେଷଜ୍ଞମାନଙ୍କ କଥା ଶୁଣି ସେଥିରୁ ଉଚିତ ସାରାଂଶ ବାହାର କରି ସେଥିରେ ସଫଳତାର ରୂପ ଦେଇପାରିବେ ।''

ଏକଥା ଜବାହରଲାଲଜୀଙ୍କର ପସନ୍ଦ ହୋଇଥିଲା । ତେଣୁ ବର୍ତ୍ତମାନ ସେ ସବୁ ମନେ ପକାଇ ସେ କହିଲେ, ''ଆପଣ ଯେଉଁ ସର୍ତ୍ତସବୁ କହିଥିଲେ, ସେ ସବୁ ଆପଣ ପୂରା କରୁଛନ୍ତି । ତେଣୁ ଆପଣ ମୋ କଥା ମାନିନେବା ଉଚିତ ।'' ଏତିକି ନୁହେଁ, ସେ ପୁଣି ମତେ ଏହା ମଧ୍ୟ କହିଲେ, ''ମୋ ମନ୍ତ୍ରୀମଣ୍ଡଳରେ ବର୍ତ୍ତମାନ ଯେଉଁ ବ୍ୟକ୍ତି ଅଛନ୍ତି ସେମାନଙ୍କ ମଧ୍ୟରେ ଏପରି କେହି ନାହାନ୍ତି ଯାହାଙ୍କୁ ମୁଁ ଏ ପଦ ପାଇଁ ପସନ୍ଦ କରିପାରିବି । ଦୁଇ ତିନିମାସ ପାଇଁ ଅସ୍ଥାୟୀ ରୂପେ କାହାକୁ ହେଲେ ଏ ପଦ ଦେଇପାରିବି, କିନ୍ତୁ ତାହାଠାରୁ ବେଶି ସମୟ ପାଇଁ ନୁହେଁ । ତେଣୁ ଆପଣଙ୍କୁ ଅର୍ଥମନ୍ତ୍ରୀ ହେବା ସ୍ୱୀକାର କରିଦେବା ଉଚିତ ।''

ତାଙ୍କର ବହୁତ ଆଗ୍ରହ ଥିବାରୁ ମୁଁ ତାଙ୍କ ପ୍ରସ୍ତାବ ମାନିନେଲି କିନ୍ତୁ ସାଙ୍ଗରେ ଏ ସର୍ତ୍ତ ରଖିଥିଲି ଯେ, ''ଯେ ପର୍ଯ୍ୟନ୍ତ ବମ୍ବେର ବିଶାଳ ରାଜ୍ୟ ଅସ୍ତିତ୍ୱ ନ ଆସିଛି ସେ ପର୍ଯ୍ୟନ୍ତ ମୁଁ ସେଠାରୁ ମୁକ୍ତ ହୋଇପାରିବି ନାହିଁ ଓ ଦିଲ୍ଲୀ ବି ଆସିପାରିବି ନାହିଁ ।'' ସେ କହିଲେ, ''ସେ ପର୍ଯ୍ୟନ୍ତ ଏ ବିଭାଗ ମୋ ପାଖରେ ରଖିବି ଓ ତା'ର ସବୁକାମ ଦେଖିବି । ଏହାପରେ ନଭେମ୍ବର ପ୍ରଥମରୁ ଆପଣ ଏ ଭାର ସମ୍ଭାଳି ନିଅନ୍ତୁ ।'' ଏଇପରି ଭାବରେ ସେ ଏ ନିଯୁକ୍ତି ନିଶ୍ଚୟ କରିଥିଲେ । ଏ ବିଷୟରେ ମୁଁ କେବଳ କଂଗ୍ରେସ ଅଧ୍ୟକ୍ଷ ଧେବରଭାଇଙ୍କ ସହିତ କଥା ହୋଇଥିଲି ଆଉ କାହା ସାଙ୍ଗରେ ନୁହେଁ, କାରଣ ଅପରିପକ୍ୱ ଅବସ୍ଥାରେ ଏକଥା ପ୍ରକଟ ହେବା ଠିକ୍ ନଥିଲା । ଧେବରଭାଇ ମତେ କହିଲେ ଯେ, ''ଏ ବିଭାଗ ଆପଣଙ୍କୁ ଅସୁବିଧାରେ ପକାଇବ ।'' ତେବେ ମୁଁ ତାଙ୍କୁ କହିଲି, ''ଜବାହରଲାଲଜୀ ମୋ କଥା ସ୍ୱୀକାର ନକରି ସ୍ୱୟଂ ନିଜ ଆଗ୍ରହ ମୋଠାରୁ ମଞ୍ଜୁର କରାଇ ଦେଲେ, ବର୍ତ୍ତମାନ କେବଳ ଈଶ୍ୱର ଭରସା । ଈଶ୍ୱରଙ୍କ ଯାହା ଇଚ୍ଛା ତାହା ହିଁ ହେବ ।''

ଏହାର କିଛି ଦିନ ପରେ ରାତି ସାଢେ ନ'ଟା ବେଳେ ଜବାହରଲାଲଜୀଙ୍କ ଫୋନ ମତେ ମିଳିଲା । ସେ ମତେ କହିଲେ ଅର୍ଥ ମନ୍ତ୍ରୀ ପଦ ସମ୍ଭାଳିବା ପାଇଁ ମୁଁ ଆପଣଙ୍କୁ କହିଥିଲି ଓ ଆପଣ ଆସିବା ପର୍ଯ୍ୟନ୍ତ ମୁଁ ସେ

Digitized by srujanika@gmail.com

ପଦ ସମ୍ଭାଳିବାକୁ କହିଥିଲି । କିନ୍ତୁ ବିଦେଶୀ ମୁଦ୍ରା ତଥା ଏଠାର ଖର୍ଚ୍ଚ ସମ୍ବନ୍ଧରେ କିଛି ଅସୁବିଧା ଉତ୍ପନ୍ନ ହେବାରୁ ମୁଁ ଠିକ୍ ଭାବରେ ଧ୍ୟାନ ଦେଇପାରିଲି ନାହିଁ । ତେଣୁ ଶ୍ରୀ ଟି.ଟି. କୃଷ୍ଣମାଚାରୀଙ୍କୁ ଏ ବିଭାଗ ଦେବାକୁ ମୁଁ ଠିକ୍ କରିଛି । ଏ ବ୍ୟବସ୍ଥା ବର୍ତ୍ତମାନ ଅସ୍ଥାୟୀ ଭାବରେ କରାଯାଇଛି ଓ ଶ୍ରୀ କୃଷ୍ଣମାଚାରୀଙ୍କ ପାଖରେ ଥିବା ବାଣିଜ୍ୟ ଓ ଉଦ୍ୟୋଗ ବିଭାଗ ସମ୍ବନ୍ଧରେ କିଛି ବନ୍ଦୋବସ୍ତ କରିବାକୁ ହେବ । ଆପଣ ଆସିଲେ ସ୍ଥାୟୀ ଓ ପକ୍କା ବ୍ୟବସ୍ଥା କରିବା ।'' ଏହାପରେ ମୁଁ ତାଙ୍କୁ କହିଲି, ''ମୋର ତ ଏ ବିଷୟରେ କୌଣସି ଆଗ୍ରହ ମଧ୍ୟ ନଥିଲା ଏବଂ ଆଜି ମଧ୍ୟ ନାହିଁ । ତେଣୁ ଆପଣ ଯେପରି ଇଚ୍ଛା କରୁଛନ୍ତି ସେପରି କରିପାରନ୍ତି ।''

ଏହାପରେ ଅକ୍ଟୋବରରେ ଯେବେ ଆମେ ଅହମ୍ମଦାବାଦରେ ଏକାଠି ହେଲୁ, ଜବାହରଲାଲଜୀ ମତେ ପଚାରିଲେ ମୁଁ କେବେ ଦିଲ୍ଲୀ ଆସୁଛି । ତା' ସହିତ ଏକଥା ମଧ୍ୟ କହିଲେ ଯେ ମାସ ଶେଷକୁ ମନ୍ତ୍ରୀ ପଦରେ ମୋ ନିଯୁକ୍ତି ସେ ଘୋଷଣା କରିଦେବେ । ମୁଁ କେଉଁ ବିଭାଗ ନେବାକୁ ଇଚ୍ଛା କରିବି, ସେ ଏକଥା ଏପରି ଭାବରେ ପଚାରିଲେ ଯେ ସେଥିରୁ ଜଣାଗଲା ଯେ ଅଗଷ୍ଟ ମାସରେ ଅର୍ଥ ମନ୍ତ୍ରୀ ପଦ ବିଷୟରେ ମୋ ସହିତ ଯାହା କଥାବାର୍ତ୍ତା ହୋଇଥିଲା, ସେ ପୂରାପୂରି ଭୁଲି ଯାଇଛନ୍ତି । ଏହାର ଅର୍ଥ ମୁଁ ଏକଥା ମାନିନେଲି ଯେ ଶ୍ରୀ ଟି.ଟି.ଙ୍କୁ ସେ ଅସ୍ଥାୟୀ ନୁହେଁ ସ୍ଥାୟୀ ରୂପେ ଅର୍ଥ ମନ୍ତ୍ରୀ କରିଛନ୍ତି । ତେଣୁ ଏକଥା ମୁଁ ତାଙ୍କ ମନେ ପକାଇଲି ନାହିଁ, କାରଣ ମାଗିକରି କୌଣସି ବିଭାଗ ନେବାକୁ ମୋର ଇଚ୍ଛା ନଥିଲା । ମୋର ସର୍ବଦା ଏ ସଙ୍କଳ୍ପ ଥିଲା ଯେ ଯେଉଁ କାମ ମିଳିବ ତାହାହିଁ କରିବା ଉଚିତ ।

ଜବାହରଲାଲଜୀ କହିଲେ, ''ବାଣିଜ୍ୟ-ଉଦ୍ୟୋଗ ବିଭାଗ ଖାଲି ଅଛି, ଆପଣ ସେ ବିଭାଗ ସମ୍ଭାଳି ନିଅନ୍ତୁ । କିନ୍ତୁ ଯଦି ଆପଣ ରକ୍ଷା ବିଭାଗ ନେବାକୁ ଚାହାନ୍ତି, ତାହା ବି ନେଇପାରନ୍ତି ।'' ମୁଁ ଶୁଣିଥିଲି ଯେ ଶ୍ରୀ ଟି. ଟି. ତାଙ୍କୁ ପରାମର୍ଶ ଦେଇଥିଲେ ଯେ ମତେ ବାଣିଜ୍ୟ-ଉଦ୍ୟୋଗ ବିଭାଗ ନ ଦେବାକୁ ଓ ତା' ବଦଳରେ ରକ୍ଷା ବିଭାଗ ଦେବାକୁ । ଏହାର କାରଣ କ'ଣ ହୋଇପାରେ, ମୁଁ ଜାଣି ନଥିଲି । ଏକଥା ସେ କହିଥିଲେ କି ନାହିଁ; ସେ କଥାର ପକ୍କା ପ୍ରମାଣ ମଧ୍ୟ ମୋ ପାଖରେ ନଥିଲା । ଏକଥା ମତେ ଜଣେ ମହତ୍ୱପୂର୍ଣ୍ଣ ବ୍ୟକ୍ତି କହିଥିଲେ କିନ୍ତୁ ଜବାହରଲାଲଜୀ ଏ ବିଷୟରେ ମତେ କହି ନଥିଲେ । ଜବାହରଲାଲଜୀ ଯେତେବେଳେ ଦୁଇଟି ବିଭାଗ ପ୍ରସ୍ତାବ ମୋ ଆଗରେ ରଖିଲେ ମୁଁ କହିଲି, ''ଆପଣ ଯେଉଁ ବିଭାଗ ଦେବାକୁ ଚାହାନ୍ତି, ସେ ବିଭାଗ ମତେ ଦିଅନ୍ତୁ, ମୋ ପସନ୍ଦର କୌଣସି ପ୍ରଶ୍ନ ନାହିଁ । କିନ୍ତୁ ଗୋଟିଏ କଥା ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଯଦି ଆପଣ ମତେ ରକ୍ଷା ବିଭାଗ ଦେବେ ତେବେ ମୁଁ କଂଗ୍ରେସ ଦଳର ଦୈନନ୍ଦିନ ରାଜନୀତିରେ ସକ୍ରିୟ ଭାଗ ନେଇପାରିବି ନାହିଁ କାରଣ ସେନାକୁ ରାଜନୀତିଠାରୁ ଅଲଗା ରହିବା ଉଚିତ । ସେଥିପାଇଁ ଏକଥା ଆବଶ୍ୟକ ଯେ ରକ୍ଷା ମନ୍ତ୍ରୀ ହେଲେ ଦଳଗତ ରାଜନୀତିରେ ଭାଗନେବା ଉଚିତ ହେବ ନାହିଁ ।'' ଏହା ଉପରେ ଜବାହରଲାଲଜୀ କହିଲେ, ''ଏହା ତ ହୋଇପାରିବ ନାହିଁ । କଂଗ୍ରେସ କାର୍ଯ୍ୟ ସମିତି ଓ ଦଳର ରାଜନୀତିରେ ଆପଣଙ୍କୁ ସବୁଠାରୁ ବେଶି ଭାଗନେବାକୁ ହେବ ।'' ଶେଷରେ ବାଣିଜ୍ୟ-ଉଦ୍ୟୋଗ ବିଭାଗ ମତେ ଦେବାକୁ ସ୍ଥିର କଲେ । ଏଇପରି ମୋର କେନ୍ଦ୍ର ସରକାରରେ ଯୋଗ ଦେବା ସ୍ଥିର ହେଲା ।

୧୯୫୭ ଫେବୃଆରୀରେ ସାଧାରଣ ନିର୍ବାଚନ ହେବାର ଥିଲା । ଏଥିପାଇଁ ପ୍ରସ୍ତୁତି ଚାଲୁଥାଏ । ନିର୍ବାଚନ ପାଇଁ ୧୯୫୫ରେ ଅର୍ଥ ସଂଗ୍ରହ କାମ କରିବାର ଥିଲା । ଶ୍ରୀ ଟି. ଟି. କୃଷ୍ଣମାଚାରୀ ଓ ଶ୍ରୀ ଘନଶ୍ୟାମ ଦାସ ବିରଳା କହିଥିଲେ ଯେ ଏ କାମ ମତେ ସମ୍ଭାଳିବାକୁ ହେବ । ସେମାନେ ମତେ ଏକଥା କହିଲେ ଯେ ଜବାହରଲାଲଜୀଙ୍କ ଏ ପ୍ରକାର ଇଚ୍ଛା । ମୁଁ ସେ ସମୟରେ କଂଗ୍ରେସର କୋଷାଧ୍ୟକ୍ଷଙ୍କ ମଧ୍ୟ ଥିଲି । ସମ୍ଭବତଃ ସେଇଥି ପାଇଁ ଏକଥା କହିଲେ ।

Digitized by srujanika@gmail.com

ଏହା ପୂର୍ବରୁ କଂଗ୍ରେସ ଦଳ ପାଇଁ ମୁଁ ଅର୍ଥ ସଂଗ୍ରହ କରିନଥିଲି । କେବଳ ୧୯୫୨ରେ ବମ୍ବେ ପ୍ରଦେଶ ପାଇଁ ଧନ ସଂଗ୍ରହ କରିଥିଲି ଯାହାକି ଅଲଗା ଅଲଗା ପ୍ରାନ୍ତୀୟ କଂଗ୍ରେସ କମିଟି ନାମରେ କରାଯାଇଥିଲା । ତେଣୁ ଯେତେବେଳେ ମତେ ଏକଥା କୁହାଗଲା ମୁଁ ଜବାହରଲାଲଜୀଙ୍କ ସହିତ ସିଧା କଥାବାର୍ତ୍ତା କଲି । ପରେ ମତେ କେହି ଦୋଷ ନ ଦିଅନ୍ତୁ ଓ ମୋ ଉପରେ ଆରୋପ ଲଗା ନଯାଉ, ସେଥିପାଇଁ ତାଙ୍କ ସହିତ କଥାବାର୍ତ୍ତା କରିବା ମୁଁ ଠିକ୍ ଭାବିଲି । ଜବାହରଲାଲଜୀ କହିଲେ, ''ଏ କାମ ଆପଣ କରନ୍ତୁ ଏହା ମୋର ପରାମର୍ଶ ଥିଲା ।'' ତେଣୁ ମୁଁ ଏ କାମ ସ୍ୱୀକାର କରିନେଲି । କିନ୍ତୁ ମୁଁ କହିଲି, ''ଯେଉଁ ଟଙ୍କା ପଇସା ଆସିବ ତାହା ସିଧା ବ୍ୟାଙ୍କକୁ ଯିବ ଏବଂ ବ୍ୟାଙ୍କର ଆକାଉଣ୍ଟ ଆପଣ ଓ ମୋ ନାମରେ ରହିବ -- ଏପରି ବ୍ୟବସ୍ଥା କରିବା ଠିକ୍ ହେବ ।'' ସେହି ଅନୁସାରେ ବ୍ୟବସ୍ଥା କରାଗଲା ଓ ଦୁଇଜଣଙ୍କ ନାମରେ ସଂଯୁକ୍ତ ଖାତା ଖୋଲାଗଲା । ଶ୍ରୀ ଟି. ଟି. ଏ କାମରେ ସାହାଯ୍ୟ କରିବାକୁ କହିଥିଲେ କିନ୍ତୁ ତାଙ୍କ ସହାୟତା ପ୍ରତ୍ୟକ୍ଷରେ ନୁହେଁ, ପରୋକ୍ଷରେ ଥିଲା ।

ଅର୍ଥ ସଂଗ୍ରହ କରିବାକୁ ମୁଁ ବମ୍ବେର କିଛି ଧନୀ ଲୋକଙ୍କୁ ଡକାଇଲି । ସେଥିରେ ବମ୍ବେର ପ୍ରାୟ ୨୦-୨୫ ଜଣ ଉଦ୍ୟୋଗପତି ଓ ବ୍ୟାପାରୀ ଥିଲେ । କଲିକତାର କିଛି ଲୋକଙ୍କ ସହିତ ମୁଁ କଥାବାର୍ତ୍ତା କରିଥିଲି । ଏଇ ଦୁଇ ଜାଗାରୁ ଅର୍ଥ ସଂଗ୍ରହ କରିବାକୁ ମୁଁ ସ୍ଥିର କରିଥିଲି । ଯାହାଙ୍କୁ ମୁଁ ଡକାଇଥିଲି, ସେମାନଙ୍କୁ ସ୍ପଷ୍ଟ ଭାବେ ମୁଁ କହିଲି, ''ନିର୍ବାଚନ ପାଇଁ ଆମର ଅର୍ଥ ଦରକାର । ସେହି ବ୍ୟବସ୍ଥା ପାଇଁ ମୁଁ ଆପଣଙ୍କ ସହିତ କଥାବାର୍ତ୍ତା କରୁଛି । ଏ କାମ ପାଇଁ ଆପଣ ଅନ୍ୟ କାହାର ସାହାଯ୍ୟ ନେବାକୁ ଇଚ୍ଛା କଲେ ନେଇପାରନ୍ତି । କିନ୍ତୁ ମୁଁ ସମସ୍ତଙ୍କ ସହିତ ବ୍ୟକ୍ତିଗତ କଥାବାର୍ତ୍ତା କରିବାକୁ ଚାହୁଁ ନାହିଁ ଓ ଏପରି କରିବା ମୋ ପକ୍ଷରେ ଠିକ୍ ନୁହେଁ । ତେଣୁ ଆପଣ ଯେଉଁମାନଙ୍କ ସହିତ କଥା ହେବାକୁ ଉଚିତ ଭାବୁଛନ୍ତି, ତାଙ୍କ ସହିତ କଥା ହୁଅନ୍ତୁ ଓ ଯେଉଁ ଧନ ସଂଗ୍ରହ କରିବେ ତା'ର ସୂଚନା ମତେ ପଠାଇ ଦେବେ । ଯେଉଁ ଅର୍ଥ ଏକାଠି ହେବ ତାହା ବ୍ୟାଙ୍କର ସଂଯୁକ୍ତ ଖାତାରେ ଜମା କରି ଦିଆଯିବ । ମୋ ପାଖକୁ ପଠାଇଲେ ମୁଁ ଜମା କରିଦେବି ।''

ଗୋଟିଏ କଥା ମୁଁ ସେମାନଙ୍କୁ ସ୍ପଷ୍ଟ ଭାବେ କହି ଦେଇଥିଲି, ''ଯଦି ଆପଣ ବିଶ୍ୱାସ କରୁଛନ୍ତି ଯେ ନିର୍ବାଚନରେ କଂଗ୍ରେସର ବହୁମତ ରହିଲେ ଦେଶ ଓ ରାଜ୍ୟରେ ସ୍ଥିରତା ତଥା ସୁବ୍ୟବସ୍ଥା ରହିପାରିବ ଏବଂ ଏଥିରେ ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି ତେବେ ଯାଇ ଆପଣଙ୍କର ଏ କାମ ପାଇଁ ଧନ ଦେବା ଓ ଅର୍ଥ ଆଦାୟ ବ୍ୟବସ୍ଥା କରିବା ଉଚିତ ହେବ । ଯଦି ଆପଣଙ୍କର ଏପରି ବିଶ୍ୱାସ ନାହିଁ ତେବେ ମୁଁ ଆପଣଙ୍କ ସହାୟତା ମାଗି ପାରିବି ନାହିଁ ।'' ମୁଁ ଏକଥା ମଧ୍ୟ କହିଥିଲି, ''କେହି ଧନ ଦିଅନ୍ତୁ ବା ନ ଦିଅନ୍ତୁ, ମୋର ବ୍ୟବହାର ସମସ୍ତଙ୍କ ସହିତ ସମାନ ରହିବ । ଧନ ଦେଲାବାଲାଙ୍କୁ ମୁଁ କୌଣସି ଅଧିକ ସୁବିଧା ଦେଇପାରିବି ନାହିଁ ଓ ଯେ ଧନ ଦେଇ ନପାରିବେ, ଏଇ କାରଣରୁ ତାଙ୍କ ସହିତ ଅନ୍ୟାୟ କରାଯିବ ନାହିଁ । ଆଇନତଃ ଯାହାକୁ ଯେତିକି ସୁବିଧା ମିଳିବା କଥା ତାକୁ ସେତିକି ହିଁ ମିଳିବ, ଏଥିରେ ଆପଣ ବିଶ୍ୱାସ ରଖନ୍ତୁ । ତେଣୁ ଯେଉଁମାନେ ଅର୍ଥ ଦେବାକୁ ମନା କରିବେ, ତାଙ୍କ ନାମ ମୁଁ ଜାଣିବାକୁ ଚାହେଁ ନାହିଁ । ଯେଉଁମାନେ ଧନ ଦେବେ କେବଳ ସେମାନଙ୍କର ସୂଚନା ମତେ ଦେବେ । ପରିମାଣ ବି ସେଥିରେ ଲେଖିବେ ଯଦ୍ୱାରା ହିସାବ ରଖିବା ସହଜ ହେବ, ଏବଂ ତାଙ୍କ ପାଖକୁ ପକ୍କା ରସିଦ ପଠାଇ ଦିଆଯାଇ ପାରିବ ।''

ଏହିପରି ମୁଁ କାହା ଉପରେ ଚାପ ଦେଲି ନାହିଁ । ଟାଟା ତଥା ଜଣେ ଦି'ଜଣ ଅନ୍ୟ ବ୍ୟକ୍ତିମାନେ କହିଲେ ଚାନ୍ଦା ଦେବାପାଇଁ ସେମାନଙ୍କୁ ନ୍ୟାୟାଳୟରୁ ଅନୁମତି ନେବାକୁ ହେବ କାରଣ ତାଙ୍କ କମ୍ପାନୀର ଅର୍ଟିକ୍ଲସ ଅଫ୍ ଆସୋସିଏସନ୍‌ରେ ଚାନ୍ଦା ଦେବାର କିଛି ବିଶେଷ ବ୍ୟବସ୍ଥା ନାହିଁ । ମୁଁ ସେମାନଙ୍କୁ କହିଲି,

Digitized by srujanika@gmail.com

"ଆପଣ ନ୍ୟାୟାଳୟଠାରୁ ଅନୁମତି ନେଇପାରନ୍ତି କାରଣ ମୁଁ ଏ କାମ ଗୁପ୍ତ ଭାବେ କରିବାକୁ ଚାହୁଁ ନାହିଁ ଓ ଆପଣ ଯେଉଁ ଚାନ୍ଦା ଦେବେ ତାହା ଖୋଲାଖୋଲି ଭାବେ ଦେବା ଉଚିତ।" ସେଇ ଅନୁସାରେ ସେମାନେ ନ୍ୟାୟାଳୟ ଠାରୁ ଅନୁମତି ନେଇଥିଲେ।

ମୋର ଯାହା ମନେ ଅଛି, ଦୁଇବର୍ଷରେ ଏହି କାମ ପାଇଁ ଏକକୋଟି କୋଡିଏ ଲକ୍ଷ ଟଙ୍କା ଜମା ହୋଇଥିଲା। ଯେଉଁଥିରୁ ୧୯୫୭ ନିର୍ବାଚନ ଖର୍ଚ୍ଚ ପରେ ୨୫-୩୦ ଲକ୍ଷ ଟଙ୍କା ବଳିଥିଲା। ଏ ଟଙ୍କା ପର ନିର୍ବାଚନରେ କାମରେ ଆସିଲା। କୋଡିଏ ଲକ୍ଷ ପାଖାପାଖି ଟଙ୍କା ନିର୍ବାଚନ ଶେଷ ହେବା ପରେ ହିଁ ମତେ ମିଳିଥିଲା। ସେଥିପାଇଁ ମୁଁ କାହାକୁ ମନେ ପକାଇ ନଥିଲି।

ଏହି ପଦ୍ଧତିରେ ଧନ ସଂଗ୍ରହ ହୋଉଥିବାରୁ, ଏ ସମ୍ବନ୍ଧରେ କୌଣସି ଆପତ୍ତି ଆସି ନଥିଲା ନା କେହି କୌଣସି ପ୍ରକାର ଆରୋପ ଲଗାଇଥିଲେ -- ଏ କଥା ସମସ୍ତେ ଜାଣନ୍ତି ଯେ ଅର୍ଥ ସ୍ୱେଚ୍ଛାକୃତ ଭାବେ ସଂଗ୍ରହ କରାଯାଇଥିଲା। ଯେଉଁ ଧନ ସଂଗ୍ରହ ହେଲା ସେଥିରୁ ଗୋଟିଏ ପଇସା ବି ମୁଁ ଖର୍ଚ୍ଚ କରିନଥିଲି ଏବଂ ଏହାର ବିତରଣ କଂଗ୍ରେସ ଅଧ୍ୟକ୍ଷ ଓ ଯେଉଁମାନଙ୍କୁ ଏ ଦାୟିତ୍ୱ ଦିଆଯାଇଥିଲା ସେଇମାନେ ହିଁ କରିଥିଲେ। ମୁଁ ତ ଚେକ୍‌ରେ ଜବାହରଲାଲଜୀଙ୍କ ସହିତ ଦସ୍ତଖତ କରୁଥିଲି। ସେଥିରୁ କାହାକୁ କିଛି ଦେବାକୁ ସୁପାରିଶ ମଧ୍ୟ ମୁଁ କରିନଥିଲି।

ଗୁଜରାଟରେ ପ୍ରାନ୍ତୀୟ କଂଗ୍ରେସ ନିଜ ପାଇଁ ନିଜେ ହିଁ ଧନ ସଂଗ୍ରହ କରିଥିଲେ। ଏଇପରି ଅନ୍ୟ କେତେକ ପ୍ରାନ୍ତୀୟ କମିଟିମାନେ ମଧ୍ୟ ଆବଶ୍ୟକ ଅନୁଯାୟୀ ଧନ ସଂଗ୍ରହ କରିଥିଲେ। ମୋର ମନେ ଅଛି ଯେ ଯେଉଁମାନେ ନିଜ ପାଇଁ ପଇସା ଏକାଠି କରିପାରୁ ନଥିଲେ ବା ଯେଉଁ ପ୍ରଦେଶର ସାଧନ ସୀମିତ ଥିଲା ସେଇମାନଙ୍କୁ ଏଇକୋଷରୁ ବେଶୀ ସାହାଯ୍ୟ ଦିଆଯାଉଥିଲା।

୧୯୫୭ ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ବାଛିବାରେ ଗୋଷ୍ଠୀମାନଙ୍କ ପ୍ରଭାବ ଯେପରି ନପଡେ ଏବଂ ଭଲ ବ୍ୟକ୍ତିମାନେ ଯେପରି ପ୍ରାର୍ଥୀ ହୁଅନ୍ତି, ଯାହା ଫଳରେ ପ୍ରାନ୍ତୀୟ ସମିତି ଦ୍ୱାରା ପ୍ରସ୍ତୁତ ନାମ ତାଲିକାରେ କେନ୍ଦ୍ର ସମିତିକୁ ବେଶୀ ଅଦଳବଦଳ କରିବାକୁ ନପଡେ, ସେଥିପାଇଁ ପାର୍ଲାମେଣ୍ଟାରୀ ବୋର୍ଡ ପ୍ରତ୍ୟେକ ପ୍ରଦେଶର କାର୍ଯ୍ୟ ସମିତିକୁ ଜଣେ ଜଣେ ସଦସ୍ୟ ପଠାଇ ଥିଲେ। ତାଙ୍କର କାମଥିଲା ପ୍ରାର୍ଥୀ ବାଛିବା ସମୟରେ ଉପସ୍ଥିତ ରହି ପ୍ରାର୍ଥୀ ବାଛିବାରେ ଯେପରି କୌଣସି ଅନିୟମିତତା ନ ରହେ ସେଥିପ୍ରତି ଧ୍ୟାନ ଦେବା। ଏଥିପାଇଁ ଏକଥା ମଧ୍ୟ ନିଶ୍ଚିତ କରାଯାଇଥିଲା ଯେ ଯେଉଁ ବ୍ୟକ୍ତି ଯେଉଁ ପ୍ରଦେଶକୁ ଯିବେ ସେ ସେ ପ୍ରଦେଶର ବାସିନ୍ଦା ହୋଇନଥିବେ। ମତେ ଏ କାମ ପାଇଁ ବିହାର ପଠାଯାଇଥିଲା, ଯଦିଓ ମୁଁ ଏଥିପାଇଁ କୌଣସି ଇଚ୍ଛା ପ୍ରକାଶ କରିନଥିଲି। ବିହାର ସହିତ ସେ ସମୟରେ ମୋର କୌଣସି ସମ୍ବନ୍ଧ ନଥିଲା। କେବଳ ଶ୍ରୀ ବାବୁ (ଶ୍ରୀ ଶ୍ରୀକୃଷ୍ଣ ସିହ୍ନା) ଓ ଅନୁଗ୍ରହବାବୁଙ୍କୁ ମୁଁ ଜାଣିଥିଲି। ତାଙ୍କ ସହିତ ୧୯୫୨ରେ ମୋର ପରିଚୟ ହୋଇଥିଲା। ୧୯୫୬ ନଭେମ୍ବର ପ୍ରଥମ ସପ୍ତାହରେ ମୁଁ ଏହି କାମ ପାଇଁ ପାଟଣା ଯାଇଥିଲି।

ଅନ୍ୟ ପ୍ରଦେଶକୁ ବାହାର ବ୍ୟକ୍ତିଙ୍କୁ ପଠାଯାଇଥିଲା। କିନ୍ତୁ ଉତ୍ତର ପ୍ରଦେଶରେ ପନ୍ଥଜୀ ଓ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଏକାମ ଦିଆଯାଇଥିଲା। ମତେ ଯେତେବେଳେ ଏକଥା ଜଣାପଡିଲା ମୁଁ କଂଗ୍ରେସ ଅଧ୍ୟକ୍ଷଙ୍କ ସହିତ କଥା ହୋଇଥିଲି। ଧେବରଭାଇ ସେ ସମୟରେ କଂଗ୍ରେସ ଅଧ୍ୟକ୍ଷ ଥିଲେ। ସେ କହିଲେ, "ପନ୍ଥଜୀଙ୍କ ଆଗ୍ରହ ଥିଲା ଯେ ଉତ୍ତର ପ୍ରଦେଶ କାମ ତାଙ୍କୁ ଦିଆଯାଉ। ତାଙ୍କ ଆଗ୍ରହ ମୁଁ ଟାଳି ପାରିଲି ନାହିଁ। ତା'ଛଡା ଉତ୍ତର ପ୍ରଦେଶ ପାଇଁ ଅନ୍ୟ କାହା ନାମ ମତେ ଜଣାନଥିଲା।" ମୁଁ କହିଲି, "ଆପଣ ମତେ ଉତ୍ତର

Digitized by srujanika@gmail.com

ପ୍ରଦେଶ ଓ ପଛଜୀଙ୍କୁ ବିହାର ପଠାଇ ପାରିଥା'ନ୍ତେ ।'' କିନ୍ତୁ ସେ କହିଲେ ପନ୍ଥଜୀଙ୍କୁ ମୁଁ ନାରାଜ କରିପାରିଲି ନାହିଁ । ତେବେ ମୁଁ କହିଲି, ''ଦୁଇଜଣ ଉତ୍ତର ପ୍ରଦେଶ ସଦସ୍ୟଙ୍କୁ ଆପଣ ସେଠାକୁ ପଠାଇ ପାରିବେ ନାହିଁ।'' ତେଣୁ ଅନ୍ୟ ଜଣଙ୍କୁ ପନ୍ଥଜୀଙ୍କ ସାଙ୍ଗରେ ପଠାଇବା ଉଚିତ । ଏହାପରେ ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ଥାନରେ ଶ୍ରୀ ଖଣ୍ଡୁଭାଇ ଦେସାଇଙ୍କୁ ପଠାଇଲେ । ମୋର ଏ ବିରୋଧରେ ପନ୍ଥଜୀ ଟିକିଏ ନାରାଜ ହୋଇଥିଲେ । ସେ ନାରାଜ ହେବେ ଏ କଥା ତ ମୁଁ ଜାଣିଥିଲି । କିନ୍ତୁ ଯେଉଁ କାମ ଠିକ୍, ସେ କାମ ହେବା ଉଚିତ -- ଏହା ମୋର ଆଗ୍ରହ ଥିଲା । ତେଣୁ ମୁଁ ଧେବରଭାଇ ସହିତ କଥା ହୋଇଥିଲି ।

ନଭେମ୍ବର ପ୍ରଥମ ସପ୍ତାହରେ ମୁଁ ଯେବେ ବିହାର ଗଲି, ସେତେବେଳେ ମୁଁ ମନ୍ତ୍ରୀ ହୋଇନଥିଲି କାରଣ ଦିଲ୍ଲୀରେ ମନ୍ତ୍ରୀ ପଦରେ ମତେ ୧୪ ନଭେମ୍ବର ଦିନ ଯୋଗ ଦେବାର ଥିଲା ଓ ବମ୍ବେ ମୁଖ୍ୟମନ୍ତ୍ରୀ ପଦରୁ ମୁଁ ନଭେମ୍ବର ପହିଲାରୁ ମୁକ୍ତ ହୋଇଯାଇଥିଲି । ପାଟଣାରେ ମୋର ରହିବାର ବ୍ୟବସ୍ଥା ଶ୍ରୀ ବାବୁଙ୍କ ଘରେ କରାଯାଇଥିଲା । ଶ୍ରୀବାବୁ ସେଠାର ପ୍ରମୁଖ ନେତାଥିଲେ । ରାଜେନ୍ଦ୍ର ବାବୁଙ୍କ ପରେ ସେ ଅଗ୍ରଗଣ୍ୟ ନେତା ଥିଲେ । ଶ୍ରୀ ଅନୁଗ୍ରହବାବୁ ମଧ୍ୟ ଏଠାର ଏକ ପ୍ରମୁଖ ନେତାଥିଲେ ଓ ମୁଖ୍ୟମନ୍ତ୍ରୀ ହେବାକୁ ଆକାଂକ୍ଷା ରଖୁଥିଲେ । ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଥିଲା । ତେଣୁ ସେଠାରେ ଗୋଷ୍ଠୀବାଦ ଜୋରଧରି ଥିଲା । ଏଥିରୁ ଦୂରରେ ରହିବାକୁ ମୁଁ ସ୍ଥିର କରିଥିଲି ଓ କୌଣସି ପ୍ରକାର ସଙ୍କୋଚ ନ କରି ଯୋଗ୍ୟ ବ୍ୟକ୍ତିଙ୍କୁ ପସନ୍ଦ କରିବା ମୋର ନିଶ୍ଚିତ ଉଦ୍ଦେଶ୍ୟ ଥିଲା । ଏଇପରି ସମସ୍ତଙ୍କ ସହିତ ମୁଁ କଥାବାର୍ତ୍ତା କଲି ଓ ସମସ୍ତଙ୍କ ବକ୍ତବ୍ୟ ଶାନ୍ତିରେ ଶୁଣିଲି ।

ପ୍ରାର୍ଥୀମାନଙ୍କ ମଧ୍ୟରେ ପନ୍ଦର ପ୍ରତିଶତ ମହିଳାମାନଙ୍କୁ ନିଆଯାଉ -- ଏପରି ଏକ ଆଦେଶ ପାର୍ଲାମେଣ୍ଟାରୀ ବୋର୍ଡର ଥିଲା । କିନ୍ତୁ ବିହାରରେ ଏଥିପାଇଁ ବାତାବରଣ ବହୁତ ଅନୁକୂଳ ନଥିଲା । ତେଣୁ ମହିଳାମାନଙ୍କୁ ଭଲ ସଂଖ୍ୟାରେ ନେବାକୁ ମୁଁ ବିଶେଷ ଧ୍ୟାନ ରଖିଥିଲି ଏବଂ ଅତ୍ୟଧିକ ସ୍ଥାନୀୟ ବିରୋଧ ସତ୍ତ୍ୱେ ୩୫-୩୬ ମହିଳାଙ୍କୁ ପ୍ରାର୍ଥୀ ଭାବେ ବାଛିଥିଲି । ସମସ୍ତେ ଆଶଙ୍କା ବ୍ୟକ୍ତ କରୁଥିଲେ ଯେ ଏଥିରୁ ଅଧିକାଂଶ ନିର୍ବାଚନରେ ହାରିଯିବେ । କିନ୍ତୁ ମୁଁ ସେମାନଙ୍କୁ କହିଲି, ''ମୁଁ ଏକଥା ମାନିପାରବି ନାହିଁ କାରଣ ମତଦାତା କଂଗ୍ରେସକୁ ଭୋଟ ଦେଉଛନ୍ତି ଏବଂ ମହିଳା ପ୍ରାର୍ଥୀ ହେଲେ ପୁରୁଷମାନଙ୍କ ପକ୍ଷରୁ ବେଶୀ ଭୋଟ ମିଳିବା ଉଚିତ, କାରଣ ମହିଳା ମତଦାତାମାନଙ୍କର ଉତ୍ସାହ ଅଧିକ ଥାଏ ।'' ହେଲା ମଧ୍ୟ ସେୟା । ଯେଉଁ ୩୫-୩୬ ମହିଳାଙ୍କୁ ପ୍ରାର୍ଥୀ କରିଥିଲି ସେଥିରୁ ୪-୫ ଜଣଙ୍କୁ ଛାଡି ସମସ୍ତେ ନିର୍ବାଚନରେ ଜିତିଥିଲେ । ଏଇପରି ଭାବେ ମୋ ଧାରଣା ସତ ହେଲା ।

ପ୍ରାର୍ଥୀ ବାଛିବାରେ ବହୁତ ସାବଧାନ ହେବାକୁ ପଡୁଥିଲା କାରଣ ଦୁଇନେତାଙ୍କ ମଧ୍ୟରେ ଯାହାର କୌଣସି ନିଜ ଲୋକ ବଛା ନହେଉଥିଲେ ସେ ନାରାଜ ହୋଇଯାଉଥିଲେ । ମୋ ମତାନୁସାରେ ଯାହାଙ୍କ ବିରୁଦ୍ଧରେ କୌଣସି ଦୋଷାରୋପ କରାଯାଇଛି, ତାଙ୍କୁ ପ୍ରାର୍ଥୀ ନକରିବାକୁ ଆଗ୍ରହ ରଖିଥିଲି । ଏଥିରେ ଦୁଇ ନେତା ଟିକିଏ ନାରାଜ ହେଲେ । କିନ୍ତୁ ସୌଭାଗ୍ୟ ବଶତଃ ଏକଥା କେହି କହିପାରିଲେ ନାହିଁ ଯେ ମୁଁ କାହାର ପକ୍ଷ ନେଉଥିଲି । କିଛି ଟଣାଟଣି ହେବାରୁ କଂଗ୍ରେସର କେନ୍ଦ୍ରୀୟ ସମିତି ବୈଠକରେ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀ ଅନୁଗ୍ରହବାବୁଙ୍କ ଲୋକଙ୍କ ପାଇଁ ବିଶେଷ ଆଗ୍ରହ ଦେଖାଇଲେ ଯାହାଦ୍ୱାରା ପାଞ୍ଚସାତ ନାମ ମଧ୍ୟ ବଦଳାଗଲା । ଏପରି ଭାବରେ ନିରପେକ୍ଷରେ ଯେଉଁ କାମ ହୋଇଥିଲା ସେଥିରେ କିଛି ଗଡବଡ ହେଲା । କିନ୍ତୁ ଝଗଡା କରି କଥା ବଢାଇବା ମୁଁ ଠିକ୍ ଭାବିଲି ନାହିଁ । ତେଣୁ ନାମ ବଦଳାଇବାର ବିଶେଷ ବିରୋଧ କରିଲି ନାହିଁ । କିନ୍ତୁ ଫଳରେ ଏପରି ନାମ ବଦଳାଇବା ଯୋଗୁ କେତେକ ପ୍ରାର୍ଥୀ ହାରିଗଲେ ।

Digitized by srujanika@gmail.com

(୧୧) କେନ୍ଦ୍ରରେ ବାଣିଜ୍ୟ-ଉଦ୍ୟୋଗ ମନ୍ତ୍ରୀ

୧୪ ନଭେମ୍ବର, ୧୯୫୬ ସକାଳେ ମୁଁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ବାଣିଜ୍ୟ-ଉଦ୍ୟୋଗ ବିଭାଗର ମନ୍ତ୍ରୀପଦ ଗ୍ରହଣ କରିଥିଲି । ରାଷ୍ଟ୍ରପତିଙ୍କ ଦ୍ୱାରା ଶପଥ ନେଇଥିଲି । ମନ୍ତ୍ରୀମଣ୍ଡଳରେ ବରିଷ୍ଠାନୁସାରେ ମୋର ସ୍ଥାନ ଚତୁର୍ଥ ଥିଲା । ପ୍ରଥମ ସ୍ଥାନରେ ପ୍ରଧାନମନ୍ତ୍ରୀ, ଦ୍ୱିତୀୟ ସ୍ଥାନରେ ମୌଲାନା ଆଜାଦ ସାହେବ, ତୃତୀୟ ସ୍ଥାନରେ ପନ୍ଥଜୀ ଓ ଚତୁର୍ଥରେ ମୁଁ । ଏଥିପାଇଁ ମୁଁ ଜବାହରଲାଲଜୀଙ୍କୁ କିଛି କହିନଥିଲି କି ସେ ମତେ କିଛି ପଚାରି ନଥିଲେ । ସେ ନିଜେ ସବୁକଥା ତଥା ସବୁ ମନ୍ତ୍ରୀମାନଙ୍କ ବିଚାରକୁ ନେଇ ମୋ ସ୍ଥାନ ନିଶ୍ଚିତ କରିଥିଲେ ।

ବାଣିଜ୍ୟ-ଉଦ୍ୟୋଗ ବିଭାଗ ମୋ ପାଇଁ ନୂଆ ନଥିଲା । ଏଥିରେ ମୋ ସହିତ ଶ୍ରୀ ମନୁଭାଇ ସାହା ଓ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ -- ଦୁଇ ରାଜ୍ୟ ମନ୍ତ୍ରୀ ଥିଲେ । ତାଙ୍କ ଠାରୁ ମତେ ପୂର୍ଣ୍ଣ ସହଯୋଗ ମିଳୁଥିଲା । ଶ୍ରୀ ରଙ୍ଗନାଥନ ଏ ମନ୍ତ୍ରାଳୟର ସଚିବ ଥିଲେ ଓ ଶ୍ରୀ ଝା ଉଦ୍ୟୋଗ ବିଭାଗର ବିଶେଷ ସଚିବ ଥିଲେ ।

ଏ ମନ୍ତ୍ରାଳୟ କାର୍ଯ୍ୟଭାର ସମ୍ଭାଳିବା ପରେ ହିଁ ମୁଁ ଆମଦାନୀ ଓ ରପ୍ତାନିର ନୂଆ ନୀତି ନିର୍ଦ୍ଧାରଣ କରିଥିଲି କାରଣ ବିଦେଶୀ ମୁଦ୍ରାର ପରିସ୍ଥିତି ଠିକ୍ ନଥିଲା । ସ୍ୱରାଜ ପାଇବା ବେଳେ ଆମ ପାଖରେ ବିଦେଶୀ ମୁଦ୍ରାର ଖୁବ୍ ଭଣ୍ଡାର ଥିଲା । କିନ୍ତୁ ଆମେ ଭାରି ମାତ୍ରାରେ ତା'ର ଉପଯୋଗ କରିଥିଲୁ । ସାଧାରଣ ଉପଯୋଗୀ ବସ୍ତୁ ବହୁତ ବିଦେଶରୁ ଆମଦାନୀ ହେଉଥିଲା । ମୁଁ ଦେଖିଲି ଯେ ଦୂରଦର୍ଶିତାର ସହିତ କାମ ହୋଇନଥିଲା ତେଣୁ ନୂଆ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ ଥିଲା ଏବଂ ରପ୍ତାନି ବଢାଇବାର ଚେଷ୍ଟା କରାଗଲା । ସେ ସମୟରେ ରପ୍ତାନି ଆଗଭଳି କଞ୍ଚାମାଲ ହେଉଥିଲା ଯେଉଁଥିରେ ଚା, କପା, ଝୋଟ ଇତ୍ୟାଦି ମୁଖ୍ୟ ଥିଲା । ବାଦାମ ତେଲର ରପ୍ତାନି ଭଲ ଚାଲୁଥିଲା । କିନ୍ତୁ ଦେଶରେ ଲୋକମାନଙ୍କ ଅବସ୍ଥା ସୁଧୁରିବା ସାଥେ ସାଥେ ଏହାର ଉପଯୋଗ ବଢିବାକୁ ଲାଗିଲା, ତେଣୁ ତା'ର ଦାମ୍ ବଢିବା ଆରମ୍ଭ ହେଲା ଓ ରପ୍ତାନିରେ ଅସୁବିଧା ହେଲା । ଏଥିରେ ଆମଦାନୀ ଓ ରପ୍ତାନିର ସମନ୍ୱିତା ଆମର ପ୍ରତିକୂଳ ଥିଲା । ରପ୍ତାନିରୁ ଯେଉଁ ବିଦେଶୀ ମୁଦ୍ରା ଆମକୁ ମିଳୁଥିଲା, ତା'ଠାରୁ ଅଧିକ ବିଦେଶରୁ ଆମଦାନୀ କରୁଥିଲୁ ଫଳରେ ତା'ର ମୂଲ୍ୟ ପରିଶୋଧ କରିବାକୁ ବିଦେଶୀ ମୁଦ୍ରା ଯୋଗାଡ଼ କରିବାକୁ ପଡୁଥିଲା । ଏ ବ୍ୟବସ୍ଥା ଅର୍ଥ ବିଭାଗ ଦ୍ୱାରା ହିଁ କରାଯାଉଥିଲା ।

ପ୍ରଥମେ ଅଳ୍ପ ମିଆଦ କରଜ ପାଇଁ ବାହାର ଦେଶ ସହିତ ବ୍ୟବସ୍ଥା କରାଯାଉଥିଲା, ତାହା ମଧ୍ୟ ୫, ୭ ବା ୧୦ ବର୍ଷ ପାଇଁ । ଲମ୍ବା ମିଆଦ ସେ ସମୟରେ ବିଚାର କରାଯାଉ ନଥିଲା । ସେଥିପାଇଁ ଏସବୁ ଅସୁବିଧା ବଢିଯାଇଥିଲା । ମୁଁ ଏଇ ଋଣନୀତି ବଦଳାଇ ଏପରି ଋଣନୀତି ତିଆରି କଲି ଯାହାର ମିଆଦ ୧୫ ବର୍ଷରୁ କମ୍ ନୁହେଁ । ଆରମ୍ଭରେ ଯେଉଁ କମ୍ ମିଆଦର ଋଣ ନିଆ ଯାଇଥିଲା ତା'ର ପରିଶୋଧ ବୋଝ ଅଧିକ ପଡୁଥିଲା ।

ଦେଶର ଗରିବୀ ଦୂର କରିବାକୁ ଉଦ୍ୟୋଗୀକରଣରେ ଆବଶ୍ୟକ ଥିଲା କାରଣ ଏହା ବ୍ୟତୀତ ଲୋକମାନଙ୍କୁ ରୋଜଗାର କାମଦେବା ଅସମ୍ଭବ ଥିଲା । ଏ ସମ୍ବନ୍ଧରେ ଦେଶରେ ଦୁଇଟି ମତ ଚାଲୁଥିଲା । (୧) କେତେକ ଲୋକ ବଡ଼ ଉଦ୍ୟୋଗ ବିରୁଦ୍ଧରେ ଥିଲେ । ତାଙ୍କର କହିବା କଥା ଲଘୁ ଉଦ୍ୟୋଗରୁ ଆମକୁ କାମ ଚଳାଇବା ଉଚିତ । ବଡ଼ ଉଦ୍ୟୋଗ ଉପରେ ବହୁତ ଖର୍ଚ୍ଚ ହୁଏ । ଦେଶର ଆର୍ଥିକ ପରିସ୍ଥିତିରେ ଚାପ ପଡ଼େ । ତେଣୁ ଏଥିରେ ନ ପଡ଼ିବା ଉଚିତ । (୨) ଅନ୍ୟ ପକ୍ଷରେ ଅନେକ ଅର୍ଥଶାସ୍ତ୍ରୀଙ୍କ ମତରେ ବଡ଼ ଏବଂ ଭାରି ଉଦ୍ୟୋଗ ଉପରେ ଆମର ଅଧିକ ଧ୍ୟାନ ଦେବା ଉଚିତ । ଗୃହ ଉଦ୍ୟୋଗ ଓ ଗ୍ରାମୋଦ୍ୟୋଗ ଉପରେ

Digitized by srujanika@gmail.com

ନିର୍ଭର କରିବା ଠିକ୍ ନୁହେଁ, କାରଣ ସେଥିରେ ଲୋକମାନଙ୍କୁ ଅଧିକ ରୋଜଗାର ଦିଆଯାଇ ପାରିବ ନାହିଁ। ମତେ ଏ ଦୁଇଟି ଅତିବାଦୀ ଜଣାପଡୁଥିଲା।

କୃଷିର ବିକାଶ ଆମ ଦେଶରେ ସର୍ବାଧିକ ଆବଶ୍ୟକ। ପ୍ରଥମରୁ ଏହା ଉପରେ ଧ୍ୟାନ ଦିଆଯାଉଛି। କିନ୍ତୁ ସେ ସମୟରେ ଆମ ପାଖରେ ଧନ, ବିଶେଷଜ୍ଞ ଓ ଅନୁଭୂତି କମ୍ ଥିଲା। ଏହା ଆବଶ୍ୟକତା ଠାରୁ ବହୁତ କମ୍ ଥିବାରୁ ଶୀଘ୍ର ପ୍ରଗତି ହୋଇପାରୁନଥିଲା। ଏତିକି ଭିତରେ ଯାହା କିଛି କରାଯାଇ ପାରେ ତାହା କରାଯାଉଥିଲା -- ମୁଁ ମାନୁଛି।

ଦେଶର ଯୋଜନାବଦ୍ଧ ବିକାଶ କଂଗ୍ରେସ ପ୍ରଥମରୁ ନିଶ୍ଚୟ କରି ରଖିଥିଲା। ସ୍ୱରାଜ ମିଳିବା ଆଗରୁ କଂଗ୍ରେସ ଯୋଜନା ତିଆରି କରି କାମ କରିବା ନୀତି ଗ୍ରହଣ କରିଥିଲା ଏବଂ ଯୋଜନା ତିଆରି ଆରମ୍ଭ କରିଦେଇଥିଲା। କିନ୍ତୁ ସେ ସମୟରେ ଶାସନ ହାତରେ ନଥିବାରୁ ଯୋଜନା ତିଆରି ପାଇଁ ଯେଉଁ ତଥ୍ୟ ଦରକାର ତାହା ପୂରା ଭାବରେ ମିଳୁନଥିଲା। ତେଣୁ ଯୋଜନା ବ୍ୟବହାର ଉପଯୋଗୀ ହୋଇପାରୁ ନଥିଲା। ତଥାପି ଯେଉଁ ତଥ୍ୟ ମିଳୁଥିଲା ସେଥିରୁ ଏ କାମର ଶୁଭାରମ୍ଭ କରାଯାଇଥିଲା। ଯାହା ଆମ ପାଇଁ ଆଗକୁ ଉପଯୋଗୀ ମଧ୍ୟ ସିଦ୍ଧ ହେଲା।

ସ୍ୱାଧୀନତା ପରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୫୧ ରୁ ୧୯୫୬ ପର୍ଯ୍ୟନ୍ତ ପାଞ୍ଚବର୍ଷ ପାଇଁ ତିଆରି କରାଯାଇଥିଲା। କିନ୍ତୁ ବର୍ଷେ ଦି ବର୍ଷ ତ ଏହାକୁ ସ୍ୱୀକାର କରିବାକୁ ଚାଲିଗଲା କାରଣ ଏ କାମ କିଛି ବିଳମ୍ବରେ ଆରମ୍ଭ ହୋଇଥିଲା। ସେଇ ସମୟରେ ଯେଉଁ ଯୋଜନା ଗୁଡିକ ତିଆରି ହୋଇଥିଲା ସେଥିରେ କିଛି ଅଦଳବଦଳ କରି ପ୍ରଥମ ପଞ୍ଚବାର୍ଷିକ ଯୋଜନା ତିଆରି ହେଲା। ବଡ ଉଦ୍ୟୋଗକୁ ଏ ଯୋଜନାରେ ବିଶେଷ ଧ୍ୟାନ ଦିଆଯାଇ ନଥିଲା। କାରଣ ଏହାକୁ ପୂର୍ଣ୍ଣରୂପେ ବିଚାର କରିବାର ତଥ୍ୟ ଇତ୍ୟାଦି ଆମ ପାଖରେ ନଥିଲା।

୧୯୫୬-୧୯୬୧ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଭାରି ଉଦ୍ୟୋଗ ଉପରେ ବିଶେଷ ଧ୍ୟାନ ଦିଆଯାଇ ଥିଲା। କିନ୍ତୁ ତା' ମାନେ ନୁହେଁ ଯେ କୃଷି ବିକାଶକୁ ଉପେକ୍ଷା କରି ଏପରି କରାଯାଇଥିଲା। କେତେକ ଲୋକ ଅବଶ୍ୟ କୁହନ୍ତି ଯେ କୃଷି ବିକାଶ ପ୍ରତି ଧ୍ୟାନ ନଦେଇ, ପ୍ରଥମେ ଏହାର ଉପେକ୍ଷା କରାଯାଇଥିଲା, କିନ୍ତୁ ମୁଁ ଏଥିରେ ଏକମତ ହୋଇପାରିବି ନାହିଁ। କୃଷି ବିକାଶ ଖାଲି ପଇସା ଖର୍ଚ୍ଚକରି ବା ବଡ଼ ବଡ଼ କାଗଜ ଯୋଜନା ଦ୍ୱାରା ହୋଇପାରେ ନାହିଁ। ଆମ ଦେଶରେ ଅଶି ପ୍ରତିଶତ ଲୋକ ଗାଁରେ ରୁହନ୍ତି, ଯେଉଁମାନେ ଚାଷ ଓ ତତ୍ ସମ୍ବନ୍ଧୀୟ କାମଧନ୍ଦାରେ ନିଜର ଜୀବିକା ନିର୍ବାହ କରନ୍ତି। କ୍ଷେତରେ କାମ କରୁଥିବା ମୂଲିଆଙ୍କୁ ମିଶାଇ ଛ' ସାତ କୋଟି ପାଖାପାଖି ପରିବାର ଚାଷ କରନ୍ତି। ଏତେବଡ଼ ଦେଶରେ ଯେଉଁଠାରେ ଯାତାୟତର ସୁବିଧା ଏତେ କମ୍, ଏସବୁ ଆଧୁନିକ ଧରଣର ଚାଷ, ଚାଷର ଯନ୍ତ୍ରପାତି, ଭଲ ବିହନ ଇତ୍ୟାଦି ଜିନିଷ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହଜ ନଥିଲା। ଜମିରେ ଅଧିକ ଉତ୍ପାଦନ ଚାଷୀହିଁ କରିପାରିବ। ସରକାର ଏ କାମ ପାଇଁ ସୁବିଧା ଦେଇ ପାରନ୍ତି କିନ୍ତୁ ସରକାର ନିଜେ ଚାଷ କରିପାରିବେ ନାହିଁ। ଏଇ ସରକାରୀ ସୁବିଧାର ଲାଭ ଉଠାଇ ଯେତେଦିନ ଯାଏଁ ଦେଶର ସାଢେ ପାଞ୍ଚ ଲକ୍ଷ ଗାଁରେ ରହିଥିବା କୃଷକ ପୂରା ଉଦ୍ୟମ ନକରିବ ସେତେଦିନ ଯାଏ ଚାଷର ଉତ୍ପାଦନ ବଢାଇବା ମୁସ୍କିଲ ହେବ। ଆମ ଦେଶରେ ଏକର ପ୍ରତି କୃଷିର ଉତ୍ପତ୍ତି, ବିକଶିତ ଦେଶ ଉତ୍ପାଦନର ଏକ-ତୃତୀୟାଂଶରୁ କମ୍। କୃଷି ପ୍ରଣାଳୀରେ ଭଲ ଉନ୍ନତି ହୋଇ ମଧ୍ୟ ଉତ୍ପାଦନର ହାର ବେଶି ବଢିନାହିଁ। ଆମ ଦେଶରେ ଏପରି କାର୍ଯ୍ୟକୁଶଳୀ କୃଷକ ଅଛନ୍ତି, ସେମାନେ ଦୁନିଆରେ କୌଣସି

Digitized by srujanika@gmail.com

ଦେଶର କୃଷକଙ୍କ ଠାରୁ କମ୍ ନୁହଁନ୍ତି । କିନ୍ତୁ ଏପରି କୃଷକଙ୍କ ସଂଖ୍ୟା କମ୍ ଓ ଅନ୍ୟମାନେ ତାଙ୍କୁ ଅନୁକରଣ କରୁନାହାଁନ୍ତି । ସତକଥା ଏହା ହେଲା ଯେ ପରିସ୍ଥିତି ବଶତଃ ଏ ସମ୍ବନ୍ଧରେ ଗୋଟିଏ ପ୍ରକାରର ଉପେକ୍ଷା ମୂଳକ ଧାରଣା ଆସିଯାଇଥିଲା ।

ଇଂରେଜଙ୍କ ବେଳେ କୃଷକମାନଙ୍କୁ ଉପେକ୍ଷା କରାଯାଉଥିଲା । ସେମାନଙ୍କୁ ପାଣି ଓ ସେଚନ ଆଦିର ସାଧନ ଯୋଗାଇ ଦିଆଯାଉ ନଥିଲା । ସରକାରଙ୍କ ତରଫରୁ ଯାହା କିଛି ଗବେଷଣା କରାଯାଉଥିଲା ସେଥିରୁ ବେଶୀ କିଛି ଭଲ ଫଳ ମିଳୁ ନଥିଲା । ଏହା ଏତେ ମହରଗ ଥିଲା ଯେ, ସାମାନ୍ୟ କୃଷକ ଏହାର ଉପଯୋଗ କରିପାରୁ ନଥିଲେ । ଭୂମି ସମ୍ବନ୍ଧୀୟ ଆଇନ ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର ଥିଲା ଏବଂ ବେଶି ଭାଗ କୃଷକ ଭାଗରେ ଚାଷ କରୁଥିଲେ । ଇନାମଦାର, ତାଲୁକ୍‌ଦାର ଓ ଜାଗିରଦାରଙ୍କ ପାଖରେ ବଡ଼ ବଡ଼ ଭୂଖଣ୍ଡର ପ୍ରଭୁତ୍ୱ ରହିଥିଲା, ନିଜର ସ୍ୱାମୀତ୍ୱରେ ଥିବା ଜମିରେ ନିଜେ ଚାଷ ନକରି କୃଷକକୁ ପଟ୍ଟାରେ ଜମି ଦେଉଥିଲେ । ପଟ୍ଟାରେ ଦେଇଥିବା ଜମିରୁ ଉତ୍ପାଦିତ ଫସଲରୁ ଅଧାରୁ ଅଧିକ ଫସଲ ସେମାନେ ନେଇ ଯାଉଥିଲେ ଓ ଚାଷର ଉନ୍ନତି ଦିଗରେ କୌଣସି ଧ୍ୟାନ ଦେଉନଥିଲେ । ଏଥିରେ ବସ୍ତୁତଃ ଜମିରେ ଚାଷ କରୁଥିବା ପଟ୍ଟାଦାର ଗରିବ କୃଷକ ହିଁ ରହୁଥିଲା ଓ ଫସଲ ବେଶି ହେଲେ ମଧ୍ୟ ତା' ଭାଗ ଯେଉଁ କମ୍‌କୁ ସେଇ କମ୍ ଅଂଶ ରହୁଥିଲା । ଖର୍ଚ୍ଚ କଲେ ମଧ୍ୟ ଉତ୍ପାଦନ ବଢୁନଥିଲା ଓ କୃଷି ବିକାଶର ସାଧନ କୃଷକକୁ ମିଳି ପାରୁ ନଥିଲା । ସେ ସବୁବେଳେ ନିରାଶ ରହୁଥିଲା ଓ ଅଧିକ ପରିଶ୍ରମ କରିବା ପାଇଁ ବିଶେଷ ଉତ୍ସାହ ବି ତା'ର ନଥିଲା । ତେଣୁ ସର୍ବ ପ୍ରଥମ କଂଗ୍ରେସ ଜମି ବ୍ୟବସ୍ଥାରେ ସୁଧାର ଆଣିବା କାମ ହାତକୁ ନେଇଥିଲା । ଉତ୍ତର ପ୍ରଦେଶ ଓ ବିହାର ଆଦି ପ୍ରଦେଶରେ ଜମିଦାରୀ ପ୍ରଥା ଉଚ୍ଛେଦ କରାଗଲା । ବମ୍ୱେରେ ଆଜିଯାଏ କିଛି କିଛି ସ୍ଥାନରେ ଜମିର ମୂଳ ମାଲିକାନା ଅଥବା ଅଧିକତମ ଭୂମି ସୀମା ଆଇନ ପୂରା ଭାବରେ କାର୍ଯ୍ୟାନ୍ୱିତ କରାହୋଇ ନାହିଁ । ପଟ୍ଟାଦାରୀ ଆଇନ ଆଶାନୁରୂପେ କାର୍ଯ୍ୟକାରୀ ହୋଇପାରୁ ନଥିଲା । ଏଥିପାଇଁ ମଧ୍ୟ କୃଷି ବିକାଶରେ ବାଧା ଆସୁଥିଲା ।

ମୋ ମତାନୁସାରେ କୃଷି ପାଇଁ ଅଧିକତମ ଭୂମିସୀମା ନିଶ୍ଚିତ କରିବାର ମୁଖ୍ୟ କାରଣ ଜମି ମାଲିକର ଅଧିକାରକୁ ସୀମିତ କରିବା ନୁହେଁ । ଆମ ଦେଶ କୃଷି ପ୍ରଧାନ ଅଟେ ଓ ଆମର ଆର୍ଥିକ ଉନ୍ନତି କୃଷି ଉପରେ ନିର୍ଭର କରୁଛି । ତେଣୁ ଏଥିରେ ମତ ଦ୍ୱିଧା ନାହିଁ ଯେ ଆମକୁ ଏକର ପ୍ରତି ଉତ୍ପାଦନ ବଢାଇବାକୁ ହେବ । ସାଧାରଣ ମଣିଷର ହିତ ଦୃଷ୍ଟିରୁ ମଧ୍ୟ କୃଷି ଉତ୍ପାଦନ ବଢିବା ଉପରେ ଖାଇବା ଚାଉଳର ଦାମ୍ ନିର୍ଭର କରେ । ଅଧିକ ଉତ୍ପାଦନ ହେଲେ ଚାଉଳ ଦାମକୁ ବଢିବାରୁ ରକ୍ଷା କରାଯାଇପାରେ । ଜମିରୁ ଯାହା ଉତ୍ପାଦନ ହୁଏ ତା'ର ପୂରା ଲାଭ କୃଷକକୁ ମିଳିବା ଉଚିତ୍ କିନ୍ତୁ ଏହା ମଧ୍ୟ ତା'ର ଉତ୍ପାଦିକା ଶକ୍ତି ଉପରେ ନିର୍ଭର କରେ । ଉତ୍ପାଦନ ନ ବଢିଲେ ଓ ଦରଦାମ ବଢି ଚାଲିଲେ, ଯେପରି ବର୍ତ୍ତମାନ ହୋଇଛି, ଏ ବିଷଚକ୍ର ବଢି ଚାଲିବ ଓ ଶେଷରେ ଏହାଦ୍ୱାରା ଦେଶର କ୍ଷତି ହେବ । ଆମର ପରିସ୍ଥିତି ଯାହା, ସେଥିରେ ଦେଶର ଅର୍ଥନୀତି ଖାଉଟି ସାମଗ୍ରୀର ବିକ୍ରୟ ଦାମ ବଢାଇବା ପରିବର୍ତ୍ତେ କମ୍ ରଖିବା ଉଚିତ୍ । ଉତ୍ପାଦନ ବ୍ୟୟ କମ୍ ହେଲେ ଖାଉଟି ସାମଗ୍ରୀର ବିକ୍ରୟ ମୂଲ୍ୟ କମ୍ ହୋଇ ପାରିବ । କୃଷିଜାତ ଦ୍ରବ୍ୟ ଅନେକ ଉଦ୍ୟୋଗର ଉତ୍ପାଦନର ଆଧାର । ଏକର ପ୍ରତି ଉତ୍ପାଦିକା ଶକ୍ତି ବର୍ତ୍ତମାନ ଯାହା ଖୁବ୍ କମ୍‌ରେ ତା'ର ତିନିଗୁଣ ବଢିଲେ ଭଲ ଲାଭ ହୋଇପାରିବ, ଦରଦାମ ନ ବଢି, ଠିକ୍ ସ୍ଥାନରେ ରହିବ । ଏହାଦ୍ୱାରା ଦେଶର ଆର୍ଥିକ ଶକ୍ତି ବେଶ ମଜଭୁତ୍ ହେବ । ଆୟ ବଢିବା ସାଥିରେ ଜିନିଷର ଦରଦାମ ସେଇ ଅନୁପାତରେ ବଢିଲେ, ବଢିଥିବା ଆୟରୁ ଲୋକମାନଙ୍କର ରହିବାରେ କୌଣସି ଉନ୍ନତି ହୋଇପାରିବ ନାହିଁ କି ତାଙ୍କ ଜୀବନରେ ସନ୍ତୋଷ ଓ ଆନନ୍ଦ ଆସିପାରିବ ନାହିଁ । ଅତଃ ଲୋକମାନେ ସେଇ ଅବସ୍ଥାରେ କଷ୍ଟରେ ରହିଥିବେ ।

Digitized by srujanika@gmail.com

ଦ୍ୱିତୀୟରେ କୃଷି ଉତ୍ପାଦନ ବଢାଇବା ପାଇଁ ଜମି ବଡ ବଡ ଆକାରର ନ କରାଯାଇ, ବୈଜ୍ଞାନିକ ପ୍ରଣାଳୀରେ ଚାଷ କରାଯିବା ଉଚିତ । ଛୋଟ ଆକାର ଜମିରେ ଉତ୍ପାଦନ ଯେତେ ଭଲ ହେବ ବଡ଼ ଆକାର ଜମିରେ ଯେତେ ପରିଶ୍ରମ କଲେ ମଧ୍ୟ ତାହା ହେବ ନାହିଁ । ଜାପାନରେ ଚାଷ ଏହାର ଏକ ବିଶିଷ୍ଟ ଉଦାହରଣ ଅଟେ ।

ଜାପାନରେ ପ୍ରଥମେ ବଡ଼ ବଡ଼ କ୍ଷେତ ଥିଲା । ସେଠାରେ ଯାହା ଅନ୍ନ ଉତ୍ପାଦନ ହେଉଥିଲା ସେଥିରେ ଲୋକମାନଙ୍କ ଆବଶ୍ୟକତା ପୂରା ହୋଇ ପାରୁନଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ ଯେତେବେଳେ ସେଠାରେ ଆମେରିକାର ପ୍ରଭାବ ବଢିଲା ସେତେବେଳେ ଚାଷର ପୁରୁଣା ପଦ୍ଧତି ବନ୍ଦକରି ଚାଷ ଜମି କୃଷକମାନଙ୍କୁ ବାଣ୍ଟି ଦିଆଗଲା । ଏହାଦ୍ୱାରା ବର୍ତ୍ତମାନ ସେଠାରେ ଅଢେଇ ଏକରରୁ ଆଠ ଏକର ପର୍ଯ୍ୟନ୍ତ କ୍ଷେତ ରହିଛି । କ୍ଷେତର ଆକାର ଛୋଟ କରିଦେବାରୁ ସେଠାରେ ଉତ୍ପାଦନ ବଢିଛି ଓ ଚାଉଳ ବିଷୟରେ ଜାପାନ ପ୍ରାୟ ଆତ୍ମନିର୍ଭର ହୋଇଗଲାଣି । ଆଜି ସେଠାରେ ବହୁତ ବିକାଶ ହୋଇଯାଇଛି । ଏକଥା ସତ ଯେ ସେଠାରେ ପ୍ରାକୃତିକ ରୂପରେ ଚାଷୀମାନଙ୍କୁ ପାଣି ଉପଲବ୍ଧ ହେଉଛି । କିନ୍ତୁ ସେମାନେ ମଳମୂତ୍ର ଖତ ସହିତ ରାସାୟନିକ ଖତ ପୂରା ବୈଜ୍ଞାନିକ ଢଙ୍ଗରେ ଉତ୍ପାଦନ ବଢାଇବା ପାଇଁ ଉପଯୋଗ କରୁଛନ୍ତି । ଏଥିରୁ ତାଙ୍କର ଉତ୍ପାଦନର ହାର ଅନ୍ୟ ଦେଶ ଉତ୍ପାଦନ ହାର ଠାରୁ ଅଧିକ ।

ଆମ ଦେଶରେ ଚାଷୋପଯୋଗୀ ଜମିର ୨୫ ପ୍ରତିଶତ ଜମିରେ ଆମେ ଜଳସେଚନ ସୁବିଧା ଦେଇପାରିଛୁ । ବଡ଼ ବଡ଼ ନାଳ, ପୋଖରୀ, କୂଅ ଓ ନଳକୂପ ଆଦି ଏହାର ଅନ୍ତର୍ଭୁକ୍ତ । ଏହି ସାଧନମାନଙ୍କୁ ବଢାଇ, ଯେ କୌଣସି ପ୍ରକାରେ ହେଉ ଶୀଘ୍ର ଆମକୁ ଏପରି ବ୍ୟବସ୍ଥା କରିବା ଉଚିତ ଯଦ୍ୱାରା ୫୦/୬୦ ପ୍ରତିଶତ ଜମିକୁ ପାଣି ମିଳିପାରିବ । ସେଥିପାଇଁ ଚେଷ୍ଟା ଚାଲିଛି -- ଏଥିରେ ସନ୍ଦେହ ନାହିଁ, ପରନ୍ତୁ ଏହାକୁ ଦୃଢ ଓ ତ୍ୱରାନ୍ୱିତ କରିବା ଉଚିତ । ନଳକୂପ ପାଇଁ ଭୂଗର୍ଭ ଶାସ୍ତ୍ରର ଉପଯୋଗ କରି, ନଳକୂପ ଲଗାଇବା ଜାଗାରେ ଭୂତଳ ପାଣିର ଅଟକଳ କରି ଯେତେ ନଳକୂପ ଲଗାଯାଇପାରେ ସେତିକି ଲଗାଇବା ଦରକାର, ନହେଲେ କିଛିମାସ ପରେ ନଳକୂପ ଶୁଖିଯିବାର ସମ୍ଭାବନା ରହିବ ।

ଉନ୍ନତ ଧରଣର ମଞ୍ଜି ପାଇଁ ବହୁତ ଚେଷ୍ଟା ଚାଲିଛି । ଏହା ଚାଲୁ ରହିବା ଉଚିତ । ଉନ୍ନତ ମଞ୍ଜି କୃଷକକୁ ମିଳିଲେ, ସେଚନ ପାଇଁ ପାଣି ମିଳିଲେ, ପ୍ରାକୃତିକ ଓ ରାସାୟନିକ ଖତ ଭଲ ଭାବରେ ପ୍ରୟୋଗ କରାଗଲେ ଆମର ବର୍ତ୍ତମାନ ଉତ୍ପାଦନ ତିନିଗୁଣ ବଢିପାରେ । ଏପରି ପରିସ୍ଥିତି ହେଲେ, ଜନସଂଖ୍ୟା ଯେତେ ବଢିଲେ ମଧ୍ୟ ଆମର ଅନ୍ନ ବା କଞ୍ଚାମାଲ କମ୍ ପଡ଼ିବାର ସମ୍ଭାବନା ରହିବ ନାହିଁ । ଅତଃ ଆମକୁ ଏଇ ଦିଗରେ ଅଧିକ ପ୍ରଯତ୍ନ କରିବା ଉଚିତ ।

ଆମଦେଶରେ ଯେତେଦିନ ଯାଏ ଅଶି ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିବେ, ସେତେଦିନ ଯାଏ କେବଳ ଚାଷ ଦ୍ୱାରା ସମସ୍ତଙ୍କ ଜୀବନ ସ୍ତର ଉଚ୍ଚ କରିବା ସମ୍ଭବ ହେବନାହିଁ । ଏଇ ସଂଖ୍ୟାକୁ କମାଇ ଚାଳିଶ ପ୍ରତିଶତ କରିବା ଉଚିତ । ୩୦ ପ୍ରତିଶତ ହେଲେ ତ ଆମ ସମସ୍ୟା ଦୂର ହୋଇଯିବ । କିନ୍ତୁ ଏପରି କରିବା ପାଇଁ ଯେଉଁମାନେ ଚାଷ ଉପରେ ନିର୍ଭର କରନ୍ତି ସେମାନଙ୍କୁ ସହରକୁ ନଆଣି ଗାଁରେ ହିଁ ସେମାନଙ୍କ ପାଇଁ ଅର୍ଥ ଉପାର୍ଜନର ଅନ୍ୟ ସାଧନ ଉପଲବ୍ଧ କରିବା ଉଚିତ । ଏଥିପାଇଁ ଲଘୁ ଓ ଗୃହ ଉଦ୍ୟୋଗ ଅତ୍ୟାବଶ୍ୟକ ଅଟେ । କୃଷିଜାତ ପଦାର୍ଥର ପ୍ରଶୋଧନ ପ୍ରକ୍ରିୟାର.ଯେତେ ଉଦ୍ୟୋଗ ଖୋଲାଯାଇ ପାରେ ସବୁ ଗାଁରେ ତାହା ଖୋଲିବା ଉଚିତ ।

Digitized by srujanika@gmail.com

କିନ୍ତୁ ଏହା ବି ସ୍ପଷ୍ଟ ଯେ ବଡ଼ ଉଦ୍ୟୋଗ ଆରମ୍ଭ ନକଲେ ପରିସ୍ଥିତି ଅଧିକ ବଦଳି ପାରିବ ନାହିଁ । ଯେଉଁ ଯୁଗରେ ଆମେ ଜନ୍ମ ହୋଇଛେ, ଆଧୁନିକ ଯାତାୟତର ସାଧନ ନହେଲେ ଆମର କାମ ଚଳିବ ନାହିଁ । ବିଜୁଳି ସବୁ ଗାଁରେ ମିଳିବା ଉଚିତ । ଧାତୁର ଚାହିଦା ମଧ୍ୟ ବହୁତ ବଢିବ । ସବୁ ଉଦ୍ୟୋଗ ପାଇଁ ଯନ୍ତ୍ର ସାମଗ୍ରୀ ଦରକାର । ଏ ଯନ୍ତ୍ରପାଇଁ ଲୁହା, ଆଲୁମିନିୟମ, ତମ୍ବା ଆଦି ଧାତୁ ଦରକାର ହେବ । ଏସବୁ ଯନ୍ତ୍ର ତିଆରି କରିବାକୁ କାରଖାନା ଆଦି ଆମେ ସ୍ୱୟଂ ସ୍ଥାପନ ନକଲେ, ଏସବୁ ବିଦେଶରୁ ଆଣିବାକୁ ପଡିବ । ଯଦ୍ଦ୍ୱାରା ଆମର ଆର୍ଥିକ କରଜ ବଢିବ ଓ ଆମ ଅଣ୍ଟା ଭାଙ୍ଗିଯିବ । ତେଣୁ ଏପରି ବଡ଼ ବଡ଼ କାରଖାନା ଆମେ ନିଜେ ତିଆରି କରିବା ଦରକାର । ଏହା ନହେଲେ ବିଜୁଳି ଓ ସଡ଼କ ନିର୍ମାଣ ଭଲଭାବେ ଓ କମ୍ ଖର୍ଚ୍ଚରେ ହୋଇପାରିବ ନାହିଁ । ରାସାୟନିକ ଖତର ବଡ଼ ବଡ଼ କାରଖାନା ଆମର ନାହିଁ । ଏହାର ମଧ୍ୟ ବହୁତ ଦରକାର ଅଛି । ଆଧୁନିକ ଘର ତିଆରିରେ ସିମେଣ୍ଟ ଓ ଲୁହାର ବହୁତ ପ୍ରୟୋଗ କରାଯାଉଛି । ତଦ୍ଦ୍ୱାରା ସିମେଣ୍ଟର ଚାହିଦା ବଢିବ । ଏସବୁର ଉତ୍ପାଦନ ପାଇଁ, ଏଇ କାରଖାନାମାନଙ୍କର ଯନ୍ତ୍ର ତିଆରି କାମ ଆମର ଏଠାରେ ହେଲେ, କାରଖାନା ବଢିପାରିବ ଓ କାମ ଠିକ୍ ଭାବେ ଚାଲିପାରିବ । କେବଳ ଏତିକି ନୁହେଁ, ଆର୍ଥିକ ଦିଗରେ ମଧ୍ୟ ଆମେ ଆଗକୁ ବଢି ପାରିବା । ତେଣୁ କୃଷି ଉତ୍ପାଦନ ବଢାଇବା ଯେତିକି ଦରକାର, ସେତିକି ଲଘୁ ଉଦ୍ୟୋଗ, ଗୃହ ଉଦ୍ୟୋଗ ଓ ହସ୍ତ ଉଦ୍ୟୋଗ ବଢାଇବା ଆବଶ୍ୟକ ଓ ଏସବୁର ବୃଦ୍ଧିପାଇଁ ବଡ଼ ଉଦ୍ୟୋଗ ମଧ୍ୟ ସେତିକି ଆବଶ୍ୟକ । ଏହି ତିନି ସାଧନର ଉତ୍ପାଦନ କାର୍ଯ୍ୟକୁଶଳତା ପୂର୍ବକ ବଢା ନଗଲେ ଆମର କଷ୍ଟ ବଢିବାରେ ଲାଗିବ ।

ଯୋଜନାବଦ୍ଧ କାମ ଆରମ୍ଭ କରିବା ପୂର୍ବରୁ ଆମେ ଏସବୁ କଥା ବିଚାର କରିପାରି ନଥିଲୁ, କାରଣ ଆମର ଏ ଅନୁଭୂତି ନଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ଆମର ଏଥିରେ ବହୁତ ଅନୁଭୂତି ହେଲା, ଯାହାର ଲାଭ ଆମକୁ ଉଠାଇବା ଦରକାର । ଠିକ୍ ଆର୍ଥିକ ନୀତି ନିଷ୍ଠାର ସହିତ ଅବଲମ୍ବନ କଲେ, ସେଥିରୁ ସ୍ଥିରତା ଓ ଗତିଶୀଳତାକୁ କାଏମ୍ ରଖିଲେ ନିଶ୍ଚିନ୍ତ ଗତିରେ ବିକାଶ ହୋଇପାରେ । ସରକାରରେ ଯୋଗଦେବା ପରେ ହିଁ ମୁଁ ଏସବୁ ବିଚାର କରିବାକୁ ଲାଗିଲି । ଏହାପୂର୍ବରୁ ମୋର କୌଣସି ଅନୁଭବ ନଥିଲା ।

ମୁଁ ଏହା ମଧ୍ୟ ଅନୁଭବ କଲି ଯେ ବିଦେଶୀ ପୁଞ୍ଜିପତିମାନଙ୍କୁ ଏପରି ସୁବିଧା ଦେବା ଆବଶ୍ୟକ, ଯଦ୍ଦ୍ୱାରା ଏଠାକାର ଉଦ୍ୟୋଗପତିମାନଙ୍କର ଅଂଶୀଦାର ଭାବେ ସେମାନେ ଏଠାରେ ଉଦ୍ୟୋଗ ଧନ୍ଦା କରିପାରିବେ, କାରଣ ଆମ ଦେଶରେ ସେମାନଙ୍କର ଯନ୍ତ୍ରକୌଶଳ ଜ୍ଞାନ ନଥିଲା । ବର୍ତ୍ତମାନ ହେଉଛି, ତଥାପି ଅନେକ କ୍ଷେତ୍ରରେ ଏହାର ଅଭାବ ଅଛି । ନୂଆ ନୂଆ ଉଦ୍ୟୋଗ ପାଇଁ ଆଧୁନିକ ଯନ୍ତ୍ର ଓ ଯାନ୍ତ୍ରିକ ଜ୍ଞାନ ଆବଶ୍ୟକ । ଆମର ଏଠାରେ ତିଆରି ହୋଇପାରୁ ନଥିବା ଯନ୍ତ୍ରସାମଗ୍ରୀ ଆବଶ୍ୟକ । କିଛି ଉଦ୍ୟୋଗ ଯଦି ବିଦେଶୀ ଅଂଶୀଦାର ସହିତ ପ୍ରତିଷ୍ଠା କରାଯାଏ ତେବେ ଏସବୁ ସହଜ ଉପଲବ୍ଧ ହୋଇପାରିବ । ଏକଥା ସ୍ପଷ୍ଟ ଯେ ଯେଉଁ ଉଦ୍ୟୋଗ ଆମେ ସ୍ଥାପନ କରିପାରିବୁ ଓ ଯାହାର ସଞ୍ଚାଳନ ସ୍ୱୟଂ କରିବାରେ କୌଣସି ଅସୁବିଧା ନାହିଁ, ଅର୍ଥାତ୍ ଯାହାର ଯାନ୍ତ୍ରିକ ଜ୍ଞାନ ଆମେ ପ୍ରାପ୍ତ କରିପାରିଛୁ ବା ଆମର ଉପଲବ୍ଧ ହୋଇଛି, ସେପରି ଉଦ୍ୟମ ଆମେ ଆରମ୍ଭ କରିବା ଉଚିତ ଓ ବିଦେଶୀ ଅଂଶୀଦାରଙ୍କ ଝିନ୍‌ଝଟରେ ପଡିବା ଉଚିତ ନୁହେଁ ।

୧୯୫୭ ନିର୍ବାଚନ ପରେ ବି ବାଣିଜ୍ୟ ଉଦ୍ୟୋଗ ବିଭାଗ ମୋ ପାଖରେ ରହିଥିଲା । ସେହିବର୍ଷ ଦୁଇଟି ବିଦେଶୀ କମ୍ପାନୀ ସହିତ ମୋର ଝଗଡା ହୋଇଥିଲା । ସେମାନେ ହେଲେ ଲିଭର ବ୍ରଦର୍ସ ଓ ସିଙ୍ଗର ସ୍ୱିଙ୍ଗ ମେସିନ କମ୍ପାନୀ । ଦୁଇଜଣ ଯାକ ଭାରତରେ ନିଜ କାମ କରିବାକୁ ଚାହୁଁଥିଲେ । ଲିଭର ବ୍ରଦର୍ସ ସାବୁନ ତିଆରି ବିଶାଳ ଆକାରରେ ବଢାଇବାକୁ ଚାହୁଁଥିଲେ ଓ ସିଙ୍ଗର କମ୍ପାନୀବାଲା ଏଠାରେ ତାଙ୍କ କାରଖାନା ନିର୍ମାଣ କରିବାକୁ ଚାହୁଁଥିଲେ । ସାବୁନ ଉଦ୍ୟୋଗ ଆମ ଦେଶରେ ବହୁତ ବଢିଛି କିନ୍ତୁ ଯେତେ ସାବୁନ ଆମର

Digitized by srujanika@gmail.com

ଏଠାରେ ତିଆରି ହୁଏ ତା'ର ପାଖାପାଖି ଅଧା ଲିଭର ବ୍ରଦର୍ସ ତିଆରି କରନ୍ତି ଓ ବାକି ଉତ୍ପାଦନ ଭାରତୀୟ ଉଦ୍ୟୋଗ ମଧ୍ୟରେ ବିଭାଜିତ । ଗୋଦରେଜ, ଟାଟା ଆଦି ଯେଉଁ ସାବୁନ ତିଆରି କରନ୍ତି ସେସବୁ ଲିଭର ବ୍ରଦର୍ସ ସାବୁନ ଠାରୁ କୌଣସି ପ୍ରକାରେ ନ୍ୟୁନ ନୁହେଁ ବରଂ କେତେକ ଦୃଷ୍ଟିରୁ ବହୁତ ଭଲ ଅଟେ । ଲିଭର ବ୍ରଦର୍ସର ସାରା ଦୁନିଆରେ ଅନେକ ଶାଖା ଅଛି, ତା' ପାଖରେ ବିପୁଳ ସାଧନ ଓ ଅନେକ କାରଖାନା ଅଛି । ତାଙ୍କ କାମକୁ ବିନା ବାଧାବିଘ୍ନରେ ବଢ଼ିବାକୁ ଦିଆଗଲେ ଭାରତୀୟ କାରଖାନାର ବହୁତ କ୍ଷତି ହେବ ଓ ସେମାନେ ବଢ଼ିପାରିବେ ନାହିଁ । ଏଣୁ ମୁଁ ଲିଭର ବ୍ରଦର୍ସ ପ୍ରତିନିଧିଙ୍କୁ କହିଲି, ''ଆପଣଙ୍କୁ ସାବୁନର ଉତ୍ପାଦନ ବଢ଼ାଇବାକୁ ଅନୁମତି ଦିଆଯାଇ ପାରିବ ନାହିଁ ।'' ଏଥିରେ ତାଙ୍କୁ କିଛି ଆଘାତ ଲାଗିଲା ଓ ସେ କହିଲେ, ''ଆପଣ କ'ଣ ବିଦେଶୀମାନଙ୍କର ଏଠାରେ ରହିବା ଚାହାନ୍ତି ନାହିଁ ?'' ମୁଁ କହିଲି, ''ଆପଣଙ୍କ ଅନୁମାନ ଠିକ୍ ନୁହେଁ, ବିଦେଶୀମାନଙ୍କୁ ଆମେ ଚାହୁଁଛୁ । କିନ୍ତୁ ଭାରତର ବିକାଶକୁ ବଳିଦେଇ ନୁହେଁ । ଆପଣଙ୍କର ଓ ଆମର -- ଦୁଇଜଣଙ୍କର ଲାଭ ହେଲେ ଆମ ସମ୍ବନ୍ଧ ଦୃଢ଼ ହେବ । କିନ୍ତୁ ଆମର କ୍ଷତି ହେବ, ଏପରି କାମ ଆମେ କରିପାରିବୁ ନାହିଁ -- ଏକଥା ଆପଣ ବୁଝିବା ଉଚିତ୍ । ଆପଣ ଏଠାରେ ଉତ୍ପାଦନ କରିବାକୁ ଚାହିଁଲେ ଯେଉଁ ଜିନିଷ ଏଠାରେ ତିଆରି ହେଉନାହିଁ, ସେଥିପାଇଁ ଅନୁମତି ଦେବାର ବିଚାର କରିବୁ ଓ ଏଥିପାଇଁ ଅନୁମତି ଆପଣଙ୍କୁ ଅବଶ୍ୟ ଦିଆଯିବ ।''

ସିଙ୍ଗର ମେସିନବାଲା ମଧ୍ୟ ଏଠାରେ ନିଜର କାରଖାନା ଖୋଲିବାକୁ ଚାହୁଁଥିଲେ । ସେଥିପାଇଁ ସେ ଏଠାରେ ଜଣେ ଭାରତୀୟ ଉଦ୍ୟୋଗପତିଙ୍କୁ ଅଂଶୀଦାର କରିବାକୁ ଠିକ୍ କରିଥିଲେ । ଏହି ଭାରତୀୟ ଉଦ୍ୟୋଗପତି ବି ମୋ ପାଖକୁ ଆସିଥିଲେ, କିନ୍ତୁ ସିଙ୍ଗର ମେସିନବାଲା ନୁହେଁ । ଭାରତୀୟ ଉଦ୍ୟୋଗପତି ମତେ ବୁଝାଇବାକୁ ବହୁତ ପ୍ରଯତ୍ନ କରିଥିଲେ ଓ କହିଲେ ଯେ ଏ ଉଦ୍ୟୋଗ ଏଠାରେ ରହିଲେ ଦେଶର ବହୁତ ଲାଭ ହେବ । ସେ ସମୟରେ ଆମଦେଶରେ ଉଷା ଆଦି ମେସିନ୍‌ର ଉତ୍ପାଦନ ଭଲ ପରିମାଣରେ ହେଉଥିଲା ଓ ତାହା ଆମ ବ୍ୟବହାର ପାଇଁ ଯଥେଷ୍ଟ ଭଲ ଥିଲା । ଏତିକି ନୁହେଁ, ଆମେ ଏ ମେସିନ ବିଦେଶକୁ ପଠାଉଥିଲୁ । ଏଣୁ ମୁଁ ଭାରତୀୟ ଉଦ୍ୟୋଗପତିଙ୍କୁ କହିଲି, ''ଏଥିପାଇଁ ଆପଣଙ୍କୁ ଅନୁମତି ଦିଆଗଲେ, ଏଠାରେ ଲୋକେ ଆପଣଙ୍କ ପ୍ରତିଯୋଗିତାରେ ଉଧେଇବେ ନାହିଁ । କାରଣ, ଉଷା ଅପେକ୍ଷା ସିଙ୍ଗର ବହୁତ ବଡ଼ କମ୍ପାନୀ । ଏଣୁ ସିଙ୍ଗରବାଲାଙ୍କୁ ଏଠାରେ କମ୍ପାନୀ ଖୋଲିବାକୁ ଅନୁମତି ଦିଆଯାଇ ପାରିବ ନାହିଁ ।'' ଏଥିରେ ସେ ନାରାଜ ହୋଇ କହିଲେ, ''ଏହାର ଏଇ ଅର୍ଥ ହେଲା ଯେ ଆପଣ ବିଦେଶୀମାନଙ୍କୁ ଏଠାରେ କାମ କରିବାକୁ ଦେବାକୁ ଚାହାଁନ୍ତି ନାହିଁ ।'' ମୁଁ କହିଲି, ''ନିଜର ଲାଭ ଆଗରେ ଆପଣ ଦେଶର ଖିଆଲ ରଖୁନାହାଁନ୍ତି ଓ ଦେଶର କ୍ଷତିକରି ମଧ୍ୟ ନିଜର ଲାଭ ପାଇଁ ଆପଣଙ୍କ ଲାଳସା ଅଛି -- ଏକଥା ଆପଣ କାହିଁକି ବୁଝୁ ନାହାଁନ୍ତି ?'' ଏଥିରେ ତାଙ୍କୁ ବହୁତ ଖରାପ ଲାଗିଲା । କିନ୍ତୁ ମୁଁ ତାଙ୍କୁ ସ୍ପଷ୍ଟ କହିଲି ଯେ ତାଙ୍କ କଥା ମୁଁ ମାନିପାରିବି ନାହିଁ । ଏଥିରେ ସେ ବହୁତ ନାରାଜ ହେଲେ ଓ ତାଙ୍କୁ ଲାଗିଲା କି ମୁଁ ତାଙ୍କ ବିରୁଦ୍ଧରେ ଯାଉଛି । ଏକଥା ପୂରା ମିଥ୍ୟା ଥିଲା । କିଛିଦିନ ପରେ ଅନ୍ୟ ଏକ କାମରେ ସେ ମତେ ଭେଟିଥିଲେ । ସେତେବେଳେ ମୁଁ ତାଙ୍କୁ ସାହାଯ୍ୟ କରିଥିଲି, ଯେଉଁଥିରେ ତାଙ୍କର ପୂରା ବିଶ୍ୱାସ ହୋଇଗଲା ଯେ ବ୍ୟକ୍ତିଗତ ରୂପେ ମୋର ତାଙ୍କ ବିରୁଦ୍ଧରେ କିଛି ନାହିଁ ।

୧୯୫୮ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅର୍ଥାତ୍ ଏକବର୍ଷ ଚାରିମାସ ପାଖାପାଖି ମୁଁ ବାଣିଜ୍ୟ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଥିଲି । ଏହାଦ୍ୱାରା ଏ କ୍ଷେତ୍ରରେ ମୋର ଭଲ ଅନୁଭୂତି ହେଲା ।

ସେ ସମୟରେ ବୟନ ଶିଳ୍ପର ଆଧୁନିକୀକରଣ ପାଇଁ ଚେଷ୍ଟା ଚାଲିଥିଲା, ସ୍ୱୟଂଚାଳିତ (ଅଟୋମେଟିକ) ଲୁମ୍ ଲଗାଇବା ପାଇଁ ବହୁତ ଦାବୀ ହେଉଥିଲା । ଏହା କରିବା ଆବଶ୍ୟକ ଥିଲା କାରଣ

Digitized by srujanika@gmail.com

ଏହା କରିଲେ ଉତ୍ପାଦନ ବ୍ୟୟ କମ୍ ହୋଇପାରିବ ଓ ବିଦେଶକୁ ବସ୍ତ୍ର ରପ୍ତାନି କରିବା ସୁବିଧା ଉପଲବ୍ଧ ହୋଇପାରିବ । କିନ୍ତୁ ମଜଦୂର ସଂଘ ତରଫରୁ ଏହାର ବିରୋଧ କରାଗଲା । ସେମାନଙ୍କ କହିବା କଥା ହେଲା ଯେ ଏପରି କଲେ ମଜଦୂରମାନଙ୍କର ଚାକିରି କମ୍ ହୋଇଯିବ । ମାଲିକମାନଙ୍କ ତରଫରୁ ଆଶ୍ୱାସନା ଦିଆଗଲା କି କୌଣସି ମଜଦୂରଙ୍କୁ କାମରୁ ବାହାର କରି ଦିଆଯିବ ନାହିଁ, ଏଇ ସର୍ତ୍ତରେ ଆଧୁନିକୀକରଣ ହେବ । କିନ୍ତୁ ଏହା ସତ୍ତ୍ୱେ ବି ସେମାନେ ମାନୁନଥିଲେ । ତେଣୁ ଏଦିଗରେ କୌଣସି ଫଳପ୍ରଦ ପ୍ରଗତି ହୋଇପାରିଲା ନାହିଁ ।

ଛୋଟ କୁଟୀର ତଥା ଗ୍ରାମୋଦ୍ୟୋଗକୁ ପ୍ରୋତ୍ସାହନ ଦେବାକୁ ଖଦି ଗ୍ରାମୋଦ୍ୟୋଗ ବୋର୍ଡ଼ ଗଢ଼ାଗଲା । ୧୯୫୭ରେ ଏହି ବୋର୍ଡ଼ର କାମ ଖଦି ଗ୍ରାମୋଦ୍ୟୋଗ କମିଶନ ନେଇଥିଲା । ଶ୍ରୀ ବୈକୁଣ୍ଠଲାଲ ମେହେଟ୍ଟା ଏହାର ଅଧ୍ୟକ୍ଷ ଥିଲେ, ଯାହାଙ୍କର ଏ କାମରେ ବଡ଼ ଆସ୍ଥା ଥିଲା । ଏକାମରେ ତାଙ୍କୁ ସାହାଯ୍ୟ କରିବାକୁ ମୁଁ ସବୁବେଳେ ପ୍ରସ୍ତୁତ ଥିଲି ଓ ଯଥାସମ୍ଭବ ପୂରା ସାହାଯ୍ୟ କରୁଥିଲି ।

୧୯୫୭ରେ ଦେଶର ବିଭିନ୍ନ ସ୍ଥାନକୁ ମତେ ଭ୍ରମଣ କରିବାକୁ ପଡ଼ିଥିଲା । ୧୯୫୭ ନିର୍ବାଚନ ବେଳେ ମୁଁ ସାରା ଦେଶ ବୁଲିଥିଲି । ସେ ସମୟରେ ଗୁଜୁରାଟର ଗୋଧ୍ରାରେ ଗୋଟିଏ ସଭାରେ କେତେକ ଲୋକ ପଥର ପୋପାଡ଼ି ଥିଲେ ଓ ମୁଁ ମହାରାଷ୍ଟ୍ର ଯାଉଥିବା ବେଳେ ଅହମଦନଗରର ପାଖରେ ନିର୍ବାଚନ ସଭାରେ କେତେକ ଲୋକ ଗୋଳମାଳ କରିବାକୁ ଚେଷ୍ଟା କରିଥିଲେ । ଗୁଜୁରାଟରେ ଜନତା ପରିଷଦ ଓ ମହାରାଷ୍ଟ୍ରରେ ସଂଯୁକ୍ତ ମହାରାଷ୍ଟ୍ର ପରିଷଦ ବାଲା ଗଣ୍ଡଗୋଳ କରୁଥିଲେ ଓ କରାଉଥିଲେ । ଅହମଦନଗରରେ ରାତିରେ ସେ ସଭା ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା । କିନ୍ତୁ ମୁଁ ଧୈର୍ଯ୍ୟ ଓ ଶାନ୍ତି ସହକାରେ ସେମାନଙ୍କ ସମ୍ମୁଖୀନ କରିବାରୁ ଶେଷକୁ ଲୋକେ ଶାନ୍ତହୋଇ ମୋ କଥା ଧ୍ୟାନ ଦେଇ ଶୁଣିଲେ । ରାତି ସାଢେ ଏଗାରଟା ପର୍ଯ୍ୟନ୍ତ ସଭା ଚାଲିଲା ଓ ସେ ପର୍ଯ୍ୟନ୍ତ ଲୋକେ ଶାନ୍ତିପୂର୍ବକ ବସିଥିଲେ ।

ମହାରାଷ୍ଟ୍ରରେ ମୁଁ ଯେଉଁଆଡେ ଗଲି ସେଠାରେ ଲୋକମାନଙ୍କର ଉପସ୍ଥିତି ବେଶ୍ ଭଲ ଥିଲା ଓ ମୋର ଧାରଣା ଯେ ମୋ ଭାଷଣର କିଛି ପ୍ରଭାବ ମଧ୍ୟ ସେମାନଙ୍କ ଉପରେ ପଡ଼ିଲା । ନିର୍ବାଚନ ପରିଣାମରୁ ଏହାର ପ୍ରମାଣ ମିଳିଲା । କାରଣ ମୁଁ ଯେଉଁସବୁ ସ୍ଥାନକୁ ଯାଇଥିଲି ସେଥିରୁ ଅଧିକାଂଶ କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ । ଅବଶ୍ୟ ମହାରାଷ୍ଟ୍ରରେ ମୋଟ ଉପରେ ଅନେକ ସ୍ଥାନରୁ କଂଗ୍ରେସ ହାରିଥିଲା ।

୧୯୫୮ରେ ଯେତେବେଳେ ମୁଁ ବମ୍ବେରେ ଥିଲି ସେତେବେଳେ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନ ଆଦି ଯୋଗୁଁ ଯେଉଁ ଅଶାନ୍ତି ରହିଥିଲା ତା'କୁ ଠିକ୍ କରିବାରେ ମୋର ବହୁତ ସମୟ ଚାଲିଗଲା । ଏପରି ଅବସ୍ଥାରେ ମୋ ସୂତାକଟା ବନ୍ଦ ହୋଇଯାଇଥିଲା କାରଣ ସେଥିପାଇଁ ସମୟ ମିଳୁନଥିଲା । ୧୯୫୭ ଅପ୍ରେଲ ଶେଷ ଆଡକୁ ମୁଁ ପୁଣି ଅରଟ ଚଳାଇବା ଆରମ୍ଭ କଲି । ୧୯୫୬ରେ ଯେତେବେଳେ ସୂତାକଳ ବନ୍ଦଥିଲା, ସେତେବେଳେ କିନ୍ତୁ ମନ ଭିତରେ ଏହା ସର୍ବଦା ରହିଥାଏ । ୧୯୫୭ରେ ଯେତେବେଳେ ପୁଣି ଅରଟ ଚଳାଇବା ଆରମ୍ଭ କଲି ଓ ତା'ପରେ ଏହାକୁ ଜାରି ରଖିବା ନିଶ୍ଚୟ କଲି, ତେବେ ଯାଇ ମୋ ମନରୁ ଗ୍ଲାନି ଦୂର ହେଲା ।

ମୁଁ ଦିଲ୍ଲୀ ଆସିଲି, ତା'ପରେ ମୋର ଅତିରିକ୍ତ ନିଜୀ ସଚିବ ଶ୍ରୀ ରଘୁନାଥଜୀ ନାୟକ ଗସ୍ତ ବେଳେ ମୋ ସହିତ ରହୁଥିଲେ । ତାଙ୍କ ସହିତ ଅନେକ ବିଷୟରେ ଚର୍ଚ୍ଚା କରୁକରୁ ପୂରା ଗୋଟିଏ ଲଛି କାଟିବା ବିଷୟରେ କଥାବାର୍ତ୍ତା ହେଲା । ରଘୁନାଥଜୀ ମତେ କହିଲେ ଗୋଟିଏ ଲଛି ସୂତା କାଟିବା ଅଶେଷ ଧୈର୍ଯ୍ୟର ପରିଚାୟକ ଓ ଏପରି ଅଭ୍ୟାସରୁ ଅଭିମାନ ଜାତ ହୋଇପାରେ । ତାଙ୍କ ଦ୍ୱାରା ଉଠାଯାଇଥିବା "ଅଭିମାନ" ପ୍ରସଙ୍ଗରେ କିଛି ସତ ମଧ୍ୟ ଥିଲା । ଏକା ଥରକେ ଏତେ ସୂତା କାଟିବା କ୍ଷମତା ଦାବି କରିବାରେ ଅଭିମାନ ଅବଶ୍ୟ ଥିଲା

Digitized by srujanika@gmail.com

କିନ୍ତୁ ଏ ଅଭିମାନ ଏପରି ଥିଲା ଯେ ସେଥିରେ ସୂତା କାଟିବା କ୍ଷମତା ବଢୁଥିଲା ଓ ସେ କଳାର ବୃଦ୍ଧି ହେଉଥିଲା । ଏଣୁ ମୁଁ ତାଙ୍କୁ କହିଲି, ''ଏଥିରେ ମୋର କୌଣସି କ୍ଷତି ହୋଇନାହିଁ ।''

୧୯୫୭ ଜୁନ ମାସରେ ସାତ ଦିନ ଗସ୍ତକରିବା ବେଳେ ସାର୍ବଜନିକ କ୍ଷେତ୍ରରେ କେତୋଟି କାରଖାନା ଦେଖିବାର ଅବସର ପାଇଲି । ଏ ସବୁ କାରଖାନାରେ ଅଫିସରଗିରି ବେଶି ଦେଖିବାକୁପାଇଲି, ଯେଉଁ ସକାଶେ ମତେ କିଛି ଆଦେଶ ଦେବାକୁ ପଡିଲା । ମୋ ମତାନୁସାରେ ଏ ସବୁ କାରଖାନା ଉଦ୍ୟୋଗ ଧନ୍ଦା ଭଳି ଲାଭଜନକ ଭାବେ ଚଳାଇବା ଉଚିତ ଓ ଯଦି ଅଫିସରଗିରି ଏଥିରେ ଚାଲେ ତେବେ ସେମାନେ ସଫଳ ହୋଇପାରିବେ ନାହିଁ । ଏଣୁ ମତେ ଏପରି ସୂଚନା ଦେବାକୁ ପଡ଼ିଲା । ମୁଁ ଯେଉଁ ସରକାରୀ କାରଖାନା ଦେଖିଲି ସେସବୁ ବାଙ୍ଗାଲୋର, ବିଶାଖାପାଟଣା, ଭୋପାଳ, ରାଞ୍ଚି, ସିନ୍ଦ୍ରୀ ଓ କଲିକତା ଆଦି ସ୍ଥାନରେ ଥିଲା ।

୧୯୫୬ ଶେଷ ଓ ୧୯୫୭ ଆରମ୍ଭରେ ମାଡ୍ରାସ ଯାଇଥିଲି । ସେତେବେଳେ ସେଠାରେ ଗୁଜୁରାଟୀ ସଂସ୍ଥାକୁ ଯାଇ ଦେଖିଲି ଯେ ତା'ର କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଝଗଡା ଚାଲିଛି । ମୁଁ ତାଙ୍କ ଅନୁରୋଧରେ ଝଗଡା ମେଣ୍ଟାଇବାକୁ ପ୍ରଯତ୍ନ କଲି ଓ ସମସ୍ତଙ୍କୁ ନିଜର ବ୍ୟକ୍ତିଗତ ମତଭେଦକୁ ଭୁଲି ଆପୋଷରେ ମିଳିମିଶି କାମ କରିବାକୁ ବୁଝାଇଲି । ମୋ ଉପଦେଶର ପରିଣାମ ଭଲ ହେଲା, କାରଣ ପରେ ମତେ ଜଣାପଡ଼ିଥିଲା ଯେ ଧୀରେ ଧୀରେ ସେମାନେ ମିଳିମିଶି ଯାଇଥିଲେ ଓ ଝଗଡ଼ା ନକରି ଏକାଠି କାମ କରୁଥିଲେ । ୧୯୫୭ରେ କାମକୁ କେନ୍ଦ୍ରକରି ଅର୍ଥ ବିଭାଗ ସହିତ ମୋର କିଛି ମତଭେଦ ହୋଇଥିଲା । କିନ୍ତୁ ଧୈର୍ଯ୍ୟ ସହକାରେ ଓ ଭାବିଚିନ୍ତି ବିଚାର ବିନିମୟ ଦ୍ୱାରା କିଛିଦିନ ପରେ ଏସବୁ ମେଣ୍ଟି ଯାଇଥିଲା । ଆମ ବିଭାଗର ସଚିବ ଶ୍ରୀ ରଙ୍ଗନାଥନଙ୍କର ଏଥିରେ ବହୁତ ହାତ ଥିଲା । ସେ ବହୁତ କୁଶଳୀ ଓ ନିଷ୍ଠାବାନ ଆଇ. ସି. ଏସ୍. ଅଫିସର ଥିଲେ । ସେ ଅର୍ଥମନ୍ତ୍ରୀ ଶ୍ରୀ ଟି. ଟି. କୃଷ୍ଣମାଚାରୀଙ୍କ ଭାଣିଜୀ ଜ୍ୱାଇଁ ଥିଲେ ଯଦ୍ୱାରା ତାଙ୍କ ମଧ୍ୟରେ ଗାଢ ସମ୍ବନ୍ଧ ଥିଲା । ସେ ନିରପେକ୍ଷ ଭାବେ ଭେଦଭାବ ଦୂର କରିବାକୁ ଚେଷ୍ଟା କରିଥିଲେ । ସମାଧାନ ଫଳରେ କାମ ସରଳ ଓ ସହଜରେ ଚାଲିଲା । ତାଙ୍କ ସହିତ ମୋ ସମ୍ବନ୍ଧ ବହୁତ ଗାଢ ହୋଇଯାଇଥିଲା । ମୁଁ ଅର୍ଥ ବିଭାଗକୁ ଗଲି, ସେତେବେଳେ ମଧ୍ୟ ସେହିପରି ସରସ ସମ୍ବନ୍ଧ ଥିଲା ।

୧୯୫୭ରେ ମୁଁ ମାଡ୍ରାସ ଯାଇଥିଲି । ଶ୍ରୀ ରାମନାଥ ଗୋଏଙ୍କା ଘରେ ରହିଥିଲି । ସେ ସମୟରେ ମୋର ଫୁଡ୍ ପଏଜନିଂଗ ହୋଇଯାଇଥିଲା । ବମ୍ବେରୁ ଯିବାବେଳେ ରାତିରେ ଖାଇବା ଜିନିଷ ସହିତ କିଛି ବେଶି ପାଚିଥିବା ଫଳ ଆସିଥିଲା । ଫଳରେ ମାଡ୍ରାସ ପହଞ୍ଚିବା ମାତ୍ରେ ପାଇଖାନା ଆରମ୍ଭ ହୋଇଗଲା ଏବଂ ସନ୍ଧ୍ୟା ସୁଦ୍ଧା ଫୁଡ୍ ପଏଜନିଂଗର ତୀବ୍ର ପ୍ରକୋପ ଅନୁଭବ କଲି । ସେଥିପାଇଁ ମତେ ସେଠାରେ ୭ ଦିନ ରହିବାକୁ ପଡ଼ିଲା । ଡ଼ାକ୍ତର କହିଲେ ଯେ 'ଫୁଡ୍ ପଏଜନିଂଗ' ଆକ୍ରମଣ ଏତେ ତୀବ୍ର ଥିଲା ଯେ ମୋ ଶରୀର ସଶକ୍ତ ଓ ସୁଦୃଢ ନଥିଲେ ଅବସ୍ଥା ସାଂଘାତିକ ହୋଇଯାଇ ଥାଆନ୍ତା । ବାସ୍ତବିକ ଶରୀର ସୁଦୃଢ ହୋଇଥିବାରୁ ମୁଁ ଏହା ସଫଳତା ପୂର୍ବକ ପାର ହୋଇ ପାରିଲି । ଏଥିରୁ ଏହି ଲାଭ ହେଲାଯେ ବେଶି ପାଚିଥିବା ଫଳ ଖାଇଲେ କେବେ କେବେ କିପରି ଦୁଷ୍ପରିଣାମ ହୁଏ, ତା' ମୋତେ ଜଣାପଡ଼ିଲା ଯଦ୍ୱାରା ଭବିଷ୍ୟତ ପାଇଁ ସାବଧାନ ରହିଲି । ଶ୍ରୀ ରାମନାଥ ଗୋଏଙ୍କା ଏଥିରେ ବଡ଼ ଚିନ୍ତାରେ ପଡ଼ିଯାଇ ଥିଲେ, କାରଣ ମୁଁ ତାଙ୍କର ଅତିଥି ଥିଲି । ମୁଁ ତାଙ୍କୁ ବହୁତ ବୁଝାଇଲି ଯେ ଚିନ୍ତା କରିବାର କାରଣ ନାହିଁ । କିନ୍ତୁ ମୁଁ ଚାରି ପାଞ୍ଚଦିନ ପରେ ରୋଗମୁକ୍ତ ହେବାରୁ ସେ ଚିନ୍ତାମୁକ୍ତ ହେଲେ ।

ବେମାରିରୁ ମୁଁ ବହୁତ ଦୁର୍ବଳ ହୋଇଯାଇଥିଲି । ତେଣୁ ରୋଗମୁକ୍ତ ହେବାପରେ ମତେ ଦୁଇ ତିନିଦିନ ରହିବାକୁ ପଡ଼ିଲା । ସେ ସମୟରେ ରାମନାଥଜୀ, ତାଙ୍କ ପୁଅ ଶ୍ରୀ ଭଗବାନ ଦାସ ଓ ତାଙ୍କ ପୁତ୍ରବଧୂ ସରୋଜ

Digitized by srujanika@gmail.com

ନିଷ୍ଠାର ସହିତ ମୋର ସେବା ଶୁଶ୍ରୂଷା କରିଥିଲେ ଓ ମୋ କଷ୍ଟ ଶୀଘ୍ର ଦୂର କରିବା ପାଇଁ କୌଣସି ଉପାୟ ଛାଡ଼ିନଥିଲେ ।

୧୯୫୭ ଅକ୍ଟୋବର ମାସରେ ମହାରାଷ୍ଟ୍ରରେ ‘‘ଫଲଟନ ସୁଗାର ଫ୍ୟାକ୍ଟରୀ’’ ଉଦ୍‌ଘାଟନ କରିବାକୁ ଗଲି, ସେତେବେଳେ ସଂଯୁକ୍ତ ମହାରାଷ୍ଟ୍ରବାଦୀମାନେ କଳାପତାକା ଦେଖାଇ ସେମାନଙ୍କ ବିରୋଧ ପ୍ରଦର୍ଶନ କରିଥିଲେ । କିନ୍ତୁ ଏ ବିରୋଧର ବିଶେଷ ଦମ୍ ନଥିଲା । ସାଧାରଣ ଲୋକେ ସେଥିରେ ସାମିଲ ନଥିଲେ । ସଂଯୁକ୍ତ ମହାରାଷ୍ଟ୍ର ପରିଷଦବାଲା ମହାରାଷ୍ଟ୍ରରେ ଲୋକମାନଙ୍କୁ ମୋ ବିରୁଦ୍ଧରେ ନେବା ପାଇଁ ପ୍ରକାର ପ୍ରକାର ଦୋଷ ମୋ ଉପରେ ଲଦୁଥିଲେ । ପରନ୍ତୁ ୧୯୩୭ରୁ ୧୯୩୯ ପର୍ଯ୍ୟନ୍ତ ଓ ୧୯୪୬ରୁ ୧୯୫୬ ପର୍ଯ୍ୟନ୍ତ ମହାରାଷ୍ଟ୍ରର କୋଣ କୋଣରେ ପହଞ୍ଚି ସେଠାରେ ଜନତାଙ୍କର ମୁଁ ଯେଉଁ ସେବା କରିଥିଲି, ସେଇ କାରଣରୁ ଜନତାଙ୍କ ହୃଦୟରୁ ମତେ ପୃଥକ କରିବାରେ ସେମାନଙ୍କୁ ସଫଳତା ମିଳିନଥିଲା । ସଂଯୁକ୍ତ ମହାରାଷ୍ଟ୍ରବାଦୀମାନଙ୍କୁ ଲାଗୁଥିଲା ଯେ ମୁଁ ଏକା ହିଁ ତାଙ୍କ ବିରୁଦ୍ଧରେ ଅଛି । ସେଥିପାଇଁ ତାଙ୍କ ଦାବୀ ମଞ୍ଜୁର ହେଉନାହିଁ । ସେମାନଙ୍କର ଧାରଣା ଥିଲା ଯେ କୌଣସି ପ୍ରକାରେ ମତେ ଆତଙ୍କିତ କରିପାରିଲେ ସେମାନଙ୍କ କାମ ହାସଲ ହୋଇପାରିବ । ସଂଯୁକ୍ତ ମହାରାଷ୍ଟ୍ରବାଦୀମାନଙ୍କ ମଧ୍ୟରେ ଯେଉଁ ସାମ୍ୟବାଦୀମାନେ ଥିଲେ ସେମାନେ ଆଦର୍ଶ ବା ବିଚାରଧାରାର ବିରୁଦ୍ଧତା ଯୋଗୁ ମୋ ବିରୁଦ୍ଧରେ ଥିଲେ । ସେମାନେ ଭାବୁଥିଲେ ଯେ ମୁଁ ହିଁ ଏକା ତାଙ୍କ ବିରୋଧୀ ଅଟେ । କିନ୍ତୁ ସତ କହିଲେ ବ୍ୟକ୍ତିଗତ ରୂପେ ମୁଁ କାହାରି ବିରୁଦ୍ଧରେ ନଥିଲି । ସାମ୍ୟବାଦରେ ହିଂସା ଓ ପ୍ରଭୁତ୍ୱ ପରାୟଣତାର ବିରୋଧ ଅବଶ୍ୟ ମୁଁ କରୁଥିଲି ଓ ବର୍ତ୍ତମାନ କରୁଛି ମଧ୍ୟ । ମୁଁ ଦୃଢତାରେ ଓ ବୈଧାନିକ ରୂପେ ସେମାନଙ୍କ ବିରୁଦ୍ଧରେ କାରବାର କରୁଥିଲି । ଯେଉଁ ସକାଶେ ସେମାନେ ମୋ ଠାରେ ଶତ୍ରୁତା ରଖିବାକୁ ଲାଗିଲେ । ଏହି କାରଣରୁ ସେମାନେ ମହାରାଷ୍ଟ୍ରରେ ଆନ୍ଦୋଳନର ଲାଭ ଉଠାଇ ମୋ ବିରୁଦ୍ଧରେ ପ୍ରଚାର କରୁଥିଲେ ।

ପ୍ରକୃତରେ ଦେଖିବାକୁ ଗଲେ ସଂଯୁକ୍ତ ମହାରାଷ୍ଟ୍ର ପାଇଁ ଦାବୀ ସ୍ୱୀକାର କରାଗଲା ନାହିଁ; ତା’ ମୂଳରେ ଥିଲା କଂଗ୍ରେସ କାର୍ଯ୍ୟସମିତି, ଏକା ମୋ ମତର ପରିଣାମ ଏହା ନୁହେଁ । ଏକଥା ସତ ଯେ ଭାଷା ସୂତ୍ରରେ ପ୍ରଦେଶ ଗଠନ ସପକ୍ଷରେ ମୁଁ ନଥିଲି, ଏଣୁ ମୋ ମତ ଦ୍ୱିଭାଷୀ ବମ୍ବେ ରାଜ୍ୟ ପକ୍ଷରେ ଥିଲା କିନ୍ତୁ ସେମାନଙ୍କ ଦାବୀ ଅସ୍ୱୀକୃତ ହେବାର କାରଣ ମୁଁ ନଥିଲି । ମୋ ଧାରଣାରେ ସଂଯୁକ୍ତ ମହାରାଷ୍ଟ୍ର ପରିଷଦର ଅନେକ ନେତାଙ୍କୁ ଏକଥା ଜଣାଥିଲା । ତା’ ସତ୍ତ୍ୱେ, ରାଜନୈତିକ ସ୍ୱାର୍ଥ ଦୃଷ୍ଟିରୁ ସେମାନେ ମୋ ବିରୁଦ୍ଧରେ ଛିଡ଼ା ହୋଇଥିଲେ । ଏସବୁ ଦୃଷ୍ଟିରେ ରଖିକରି ମୁଁ କହିଥିଲି ଯେ ‘ଫଲଟନ’ରେ ମୋ ବିରୁଦ୍ଧରେ ଯେଉଁମାନେ ଦୋଷାରୋପଣ କରୁଥିଲେ ସେଥିରେ କୌଣସି ଜୀବନ ନଥିଲା ।

୧୯୫୭ ନଭେମ୍ବର ମାସରେ ବାରାଣସୀରେ ଶାକାହାରୀ କଂଗ୍ରେସ ଅନୁଷ୍ଠିତ ହୋଇଥିଲା । ସେଥିରେ ଭାଷଣ ଦେବାକୁ ମୋତେ ଆମନ୍ତ୍ରିତ କରାଯାଇଥିଲା । ସେଠାରେ ନିଜ ବିଚାରଧାରାନୁସାରେ ମନୁଷ୍ୟଙ୍କୁ ଶାକାହାରୀ କାହିଁକି ହେବା ଉଚିତ -- ସେ ବିଷୟ ଭାଷଣରେ ବର୍ଣ୍ଣନା କରିବାକୁ ମୁଁ ପ୍ରଯତ୍ନ କରିଥିଲି । ମୁ ଏହା ବି କହିଥିଲି ଯେ ଜୋର ଜବରଦସ୍ତି କରି କାହାରିକୁ ଶାକାହାରୀ କରାଯାଇ ନପାରେ । ଏଣୁ ଶାକାହାରୀମାନଙ୍କୁ ନିଜ ଆଚାର ବ୍ୟବହାର ଜରିଆରେ ଆଦର୍ଶ ପ୍ରଚାର କରିବା ଉଚିତ୍, କିନ୍ତୁ ମାଂସାହାରୀମାନଙ୍କ ଅପେକ୍ଷା ଶାକାହାରୀମାନେ ଅଧିକ ଉତ୍ତମ ବ୍ୟକ୍ତ ଅଟନ୍ତି ଏପରି ଦାବି କରିବା ଉଚିତ ନୁହେଁ, କାରଣ ମାଂସାହାର ବା ଶାକାହାର ପ୍ରତ୍ୟେକ ବ୍ୟକ୍ତିର ଆଦର୍ଶ ଓ ରୁଚି ଉପରେ ନିର୍ଭର କରେ -- ଏଥିରେ ମଣିଷର ଭଲ ବା ମନ୍ଦ ହେବାର କୌଣସି ସମ୍ବନ୍ଧ ନାହିଁ ।

Digitized by srujanika@gmail.com

ବାରାଣସୀର ଏହି ପ୍ରବାସରେ ମୁଁ କାଶୀ ବିଦ୍ୟାପୀଠରେ ଦୀକ୍ଷାନ୍ତ ଭାଷଣ ମଧ୍ୟ ଦେଇଥିଲି । କାଶୀ ବିଦ୍ୟାପୀଠ ୧୯୧୦ରେ ଗୁଜୁରାଟ ବିଦ୍ୟାପୀଠ ସହିତ ସେହି ଆଦର୍ଶ ସହ ସ୍ଥାପିତ ହୋଇଥିଲା । କିନ୍ତୁ ୧୯୫୭ରେ ମୁଁ ଦେଖିଲି ଯେ କାଶୀ ବିଦ୍ୟାପୀଠର ସେ ଆଦର୍ଶ ଆଉ ନାହିଁ । ଖଦିର ବ୍ୟବହାର ମୁଁ ସେଠାରେ ଦେଖିଲି ନାହିଁ ଓ ବିଦ୍ୟାପୀଠର ଆଦର୍ଶ ତଥା ବ୍ୟବହାରରେ ରାଷ୍ଟ୍ରୀୟତାର ଯେଉଁ ବାତାବରଣ ରହିବା ଉଚିତ ତାହା ମୋତେ ଦେଖାଗଲା ନାହିଁ । ମୋ ଭାଷଣରେ ଏ ବିଷୟ ମୁଁ କହିଥିଲି ।

୧୯୫୭ ଶେଷକୁ ମୁଁ ପୁଣି ମାଡ୍ରାସ ଅର୍ଥାତ ତାମିଲନାଡୁର ଗାନ୍ଧୀଗ୍ରାମକୁ ଯାଇଥିଲି । ସେଠାରେ ଜି. ରାମଚନ୍ଦ୍ରନ ଗାନ୍ଧିଜୀଙ୍କ ଆଦେଶାନୁସାରେ ଗୋଟିଏ ସୁନ୍ଦର ସଂସ୍ଥା ଚଳାଉଥିଲେ । କିଛି ସମୟ ମୁଁ ଶ୍ରୀ ରାମଚନ୍ଦ୍ରନ୍‌ଙ୍କ ସହିତ କଟାଇଲି ଓ ବିଦ୍ୟାର୍ଥୀଙ୍କୁ ଭାଷଣ ଦେଲି । ସେତେବେଳେ ମୋ ପରିଚୟ କରାଇ ଶ୍ରୀ ଜି. ରାମଚନ୍ଦ୍ରନ ମତେ ଦେଶର ଭାବୀ ପ୍ରଧାନମନ୍ତ୍ରୀ କହି ପକାଇଥିଲେ । ସେ ଏପରି କହିବେ ବୋଲି ମୁଁ ଜାଣିଥିଲେ, ତାଙ୍କୁ ଆଗରୁ ମନା କରିଥାନ୍ତି କାରଣ ଏହିପରି କଥାରେ କେତେଲୋକଙ୍କ ମନରେ ମୋ ପ୍ରତି ବିରୋଧୀ ଭାବନା ଜନ୍ମିଥିଲା ।

୧୯୫୭ ଅପ୍ରେଲରୁ ଦଶମିକ ପଦ୍ଧତି ଆରମ୍ଭ କରାଯାଇଥିଲା । ଏ କାମ ମୋ ବିଭାଗର ହିଁ ଥିଲା । ଏଣୁ ଏ ବିଷୟରେ ହେଉଥିବା ବିଚାର ବିନିମୟରେ ମୁଁ ଯୋଗ ଦେଉଥିଲି । ଏହି ନୂଆ ପଦ୍ଧତିକୁ ଆମେ କିସ୍ତି ଅନୁସାରେ ଅର୍ଥାତ୍ କ୍ରମଶଃ ଜାରି କରିବା ନିଷ୍ପତ୍ତି କରିଥିଲୁ କାରଣ ସବୁ କ୍ଷେତ୍ରରେ ଏକାବେଳେ ଲାଗୁ କରିଥିଲେ ଲୋକମାନଙ୍କୁ ଅସୁବିଧା ହୋଇଥାଆନ୍ତା । ଯେଉଁମାନେ ଡେସିମିଲ ପଦ୍ଧତିରେ ଅଭ୍ୟସ୍ତ ନଥିଲେ ସେମାନଙ୍କ ପାଇଁ ପୂରା ଭାବରେ ଏହା ବ୍ୟବହାର କରିବା ସହଜ ନଥିଲା । ନୂଆ ପୀଢି ପାଇଁ ଅବଶ୍ୟ ଏହା ଏତେ କଠିନ ନଥିଲା । ଏଣୁ ଏହାକୁ କ୍ରମଶଃ ଲାଗୁ କରିବାକୁ ସ୍ଥିର କରାଗଲା ଯଦ୍ୱାରା ଅଧିକାଂଶ ଲୋକ ସହଜରେ ଏହାକୁ ମାନିନେବେ । ଇଂଲଣ୍ଡର ଦଶମିକ ପଦ୍ଧତି ନଥିବା କାରଣରୁ ଏହା ଭାରତରେ ନଥିଲା । କିନ୍ତୁ ଦୁନିଆର ଅନେକ ଦେଶରେ ଏହି ପଦ୍ଧତି ଚାଲୁଥିବାରୁ ଆନ୍ତର୍ରାଷ୍ଟ୍ରୀୟ କ୍ଷେତ୍ରରେ ନୂଆ ପଦ୍ଧତି ବହୁତ ଉପଯୋଗୀ ସିଦ୍ଧ ହେବ -- ଏହା ଭାବି ଏ ପଦ୍ଧତିକୁ ଭାରତରେ ଲାଗୁ କରାଗଲା । ଏ ଦଶମିକ ପଦ୍ଧତିରେ ଗଣିବା ସୁବିଧା ହୁଏ, ଯେତେବେଳେ ଲୋକେ ପୁରୁଣା ପଦ୍ଧତି ଭୁଲି ଏଥିରେ ଅଭ୍ୟସ୍ତ ହୋଇଯିବେ, ସେତେବେଳେ ହିସାବ କାମ ବହୁତ ସରଳ ହୋଇଯିବ ।

Digitized by srujanika@gmail.com

(୧୨) ବିଦେଶୀ ଅତିଥିଙ୍କ ସହିତ

ମୁଁ ଯେତେବେଳେ ବମ୍ବେ ମୁଖ୍ୟମନ୍ତ୍ରୀ ଥିଲି ସେତେବେଳେ ଏବଂ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ମତେ ବିଦେଶର କେତେଜଣ ଅଗ୍ରଗଣ୍ୟ ଅତିଥିଙ୍କୁ ସ୍ୱାଗତ-ସତ୍କାର କରିବାକୁ ଅବସର ମିଳିଥିଲା । ସେମାନଙ୍କ ସହିତ କଥାବାର୍ତ୍ତା କରିବାର ସୁଯୋଗ ମତେ ମିଳିଥିଲା ।

୧୯୫୪ରେ ମୁଁ ଯେତେବେଳେ ବମ୍ବେର ମୁଖ୍ୟମନ୍ତ୍ରୀ ଥିଲି ସେତେବେଳେ ଯୁଗୋସ୍ଲୋଭିଆର ମାର୍ଶାଲ ଟିଟୋ ଏବଂ କାନାଡ଼ାର ପ୍ରଧାନମନ୍ତ୍ରୀ ସେଣ୍ଟ ଲୋରେନ୍ସଙ୍କ ସହିତ ହୋଇଥିବା ସାକ୍ଷାତର ମୁଁ ପ୍ରଥମରୁ ଉଲ୍ଲେଖ କରିସାରିଛି ।

୧୯୫୫ ନଭେମ୍ବର ମାସରେ ଯେତେବେଳେ ବମ୍ବେରେ ସଂଯୁକ୍ତ ମହାରାଷ୍ଟ୍ର ସମ୍ବନ୍ଧରେ ଗଣ୍ଡଗୋଳ, ଉପଦ୍ରବ ହେଉଥିଲା ସେହି ସମୟରେ ରୁଷର ପ୍ରଧାନମନ୍ତ୍ରୀ ଶ୍ରୀ ବୁଲଗାନିନ୍ ଓ ରୁଷ ସାମ୍ୟବାଦୀ ଦଳର ମହାସଚିବ ଶ୍ରୀ କ୍ରୁଶ୍ଚେଭ ଭାରତ ଯାତ୍ରାରେ ଆସିଥିଲେ । ସେ ସମୟରେ ସେ ବମ୍ବେ ମଧ୍ୟ ଆସିଥିଲେ । ବମ୍ବେ ସ୍ଥିତିକୁ ଦେଖି ଜବାହରଲାଲଜୀଙ୍କର ବମ୍ବେ ଯାତ୍ରା ସମ୍ବନ୍ଧରେ କିଛି ଚିନ୍ତାଥିଲା କିନ୍ତୁ ମୁଁ ତା'ର ସମାଧାନ କରିଦେଇଥିଲି ।

ଏଇ ଦୁଇ ମାନ୍ୟବର ଅତିଥିଙ୍କୁ ମୁଁ ଏୟାରପୋର୍ଟରୁ ରାଜଭବନକୁ ଖୋଲାଗାଡ଼ିରେ ନେବାର ବ୍ୟବସ୍ଥା କରିଥିଲି । ଏଥିପାଇଁ ବୁଝାଇଶୁଝାଇ ତାଙ୍କୁ ରାଜି କରିଦେଇଥିଲି । ଏୟାରପୋର୍ଟରୁ ମାଲାବାର ହିଲ ପର୍ଯ୍ୟନ୍ତ ରାସ୍ତାର ଦୁଇପାଖରେ ଲକ୍ଷ ଲକ୍ଷ ଲୋକ ତାଙ୍କ ଦର୍ଶନ ପାଇଁ ଏକାଠି ହୋଇଥିଲେ । ଦୁଇ ଅତିଥିଙ୍କୁ ଦେଖିବା ପାଇଁ ଏବଂ ତାଙ୍କୁ ସ୍ୱାଗତ କରିବା ପାଇଁ ଏତେ ଲୋକ ଜମା ହୋଇଥିଲେ ମଧ୍ୟ କୌଣସି ପ୍ରକାର ଦୁର୍ଘଟଣା ବା ଅଶାନ୍ତି ଘଟି ନଥିଲା । ଏପରି ବାତାବରଣ ସେ ସମୟରେ ସୃଷ୍ଟି ହୋଇଥିଲା ।

ଖୋଲାଗାଡ଼ିର ପଛ ସିଟରେ ସେ ଦୁଇଜଣଙ୍କ ମଝିରେ ମୁଁ ବସିଥିଲି । ମୋର ଗୋଟିଏ ପାଖରେ ଶ୍ରୀ ବୁଲଗାନିନ୍ ଓ ଅନ୍ୟପାଖରେ ଶ୍ରୀ କ୍ରୁଶ୍ଚେଭ ବସିଥିଲେ । ହାତ ମିଳାଇବାକୁ ଲୋକେ ହାତ ବଢାଉ ଥିଲେ । ଦୁଇ ଅତିଥିଙ୍କୁ ବମ୍ବେରେ ହେଉଥିବା ଉପଦ୍ରବ ଓ ଅଶାନ୍ତି ସ୍ଥିତି ଜଣାଥିଲା ଯେଉଁ ସକାଶେ ଲୋକମାନଙ୍କର ଏ ଆଗ୍ରହରେ ସେମାନେ ଟିକିଏ ଡରି ଯାଉଥିଲେ । ତାଙ୍କର ସଙ୍କୋଚଭାବ ଦେଖି ମୁଁ ତାଙ୍କୁ ତାଙ୍କ ସିଟ୍‌ରେ ଟିକିଏ ପଛକୁ ବସିବାକୁ କହିଲି, ଏବଂ ଏକଥା କହିଲି ଯେ ଲୋକଙ୍କ ସହିତ ହାତ ମିଳାଇବା କାମ ମୁଁ କରିବି । ତା'ପରେ ମୁଁ ଆଗକୁ ଟିକିଏ ଖସି ବସି ପଡ଼ିଲି ଓ ଦୁଇ ପାଖରୁ ଲୋକମାନଙ୍କ ସହିତ ହାତ ମିଳାଇଲି । ଏପରି ଦୁଇଚାରି ମାଇଲ ଯିବାପରେ ଦୁଇ ଅତିଥିଙ୍କର ବିଶ୍ୱାସ ହୋଇଗଲା ଯେ ଲୋକମାନେ ତାଙ୍କୁ ସ୍ୱାଗତ କରିବାକୁ ଇଚ୍ଛା କରୁଛନ୍ତି । ସେଥିରେ ତାଙ୍କର ଡରିବାର କିଛି ନାହିଁ । ତା'ପରେ ସେ ଦୁଇଜଣ ଲୋକମାନଙ୍କ ସହିତ ହାତ ମିଳାଇବା ଆରମ୍ଭ କରିଦେଲେ ଓ ତାଙ୍କ ମନରେ ଯେଉଁ ଭୟ ଥିଲା ତାହା ଦୂର ହୋଇଗଲା ।

ଆମେ ଯେତେବେଳେ ମାଲବାର ହିଲ ପହଞ୍ଚିଲୁ ସେଠାରେ ଲୋକମାନଙ୍କର ଭିଡ ନଥିଲା କାରଣ ସେ ରାସ୍ତାରେ ଘର ନଥିଲା । ଏହିପରି ଲୋକଙ୍କ ଭିତରୁ କିଛି ଅବକାଶ ମିଳିଲା ପରେ ଶ୍ରୀ କ୍ରୁଶ୍ଚେଭ ମତେ ପଚାରିଲେ, ''କାଲି ପର୍ଯ୍ୟନ୍ତ ଏ ନଗରରେ ତ ଉପଦ୍ରବ ଓ ଅଶାନ୍ତି ଜୋର୍‌ରେ ଲାଗି ରହିଥିଲା । ଆଜିପୁଣି ଏପରି ଶାନ୍ତି ଓ ସ୍ୱାଗତ-ସତ୍କାର ବାତାବରଣ କିପରି ସୃଷ୍ଟି ହେଲା ।'' ମୁଁ କହିଲି, ''ଏହା ଲୋକତାନ୍ତ୍ରିକ ପଦ୍ଧତିର ପରିଣାମ ଅଟେ । ଏହି କାରଣରୁ ଏପରି ସମ୍ଭବ ହୋଇପାରିଲା ।'' ମୋର ଏ ଜବାବ ତାଙ୍କୁ ଭଲ ଲାଗିଲା -- ଏପରି ମତେ ଲାଗିଲା ନାହିଁ, କାରଣ ତା'ପରେ ସେ ମତେ କିଛି ପଚାରିଲେ ନାହିଁ ।

Digitized by srujanika@gmail.com

ସେମାନଙ୍କୁ ରାଜଭବନରେ ପହଞ୍ଚାଇ ମୁଁ ତାଙ୍କଠାରୁ ବିଦାୟ ନେଲି । ତା' ପୂର୍ବରୁ ମୁଁ ତାଙ୍କୁ କହିଥିଲି ଯେ ବମ୍ବେରେ ମଦ୍ୟ ନିଷେଧ ହୋଇଥିବାରୁ ସେମାନଙ୍କ ପାଇଁ ଶରାବର ଅନୁମତି ପତ୍ର ତିଆରି କରାଯାଇଛି । କିନ୍ତୁ ଶ୍ରୀ କୃଶ୍ଚେଭ କହିଲେ, ''ମଦ୍ୟ ନିଷେଧ କରି ଆପଣ ବହୁତ ଭଲ କରିଛନ୍ତି । ଆମେ ମଧ୍ୟ ଏହାକୁ ପାଳନ କରିବୁ ଓ ଅନୁମତି ପତ୍ରର ଲାଭ ଉଠାଇବୁ ନାହିଁ ।'' ସେ ଏକଥା ବି କହିଲେ ଯେ ରୁଷ ଯଦି ମଦ୍ୟ ନିଷେଧ କରିପାରେ ତେବେ ବଡ଼ ଭଲକଥା ହେବ । କିନ୍ତୁ ଆଜିର ପରିସ୍ଥିତିରେ ଏହା ସମ୍ଭବ ନୁହେଁ ।

ପରଦିନ ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ କଲି, କଥାବାର୍ତ୍ତାରେ ଶ୍ରୀ କୃଶ୍ଚେଭ କହିଲେ, ''ଆମ ନୀତି ହେଲା ଯେ ଆମ ସହିତ ଭଲ ସମ୍ବନ୍ଧ ରଖିବେ, ତାଙ୍କ ସହିତ ଆମେ ଭଲ ସମ୍ବନ୍ଧ ରଖିବୁ ଏବଂ ଆମ ସହିତ ଯେ ଖରାପ ବ୍ୟବହାର କରିବେ ଆମେ ତାଙ୍କୁ କଠୋରତାର ସହିତ ସିଧା କରିଦେବୁ ।'' ମୁଁ ତାଙ୍କୁ କହିଲି, ''ଆପଣଙ୍କର ଓ ଆମ ନୀତିରେ ପାର୍ଥକ୍ୟ ଅଛି । ଭଲ ସହିତ ଭଲ ସମ୍ବନ୍ଧ ରଖିବା ତ ସ୍ୱାଭାବିକ ଓ ସହଜ ମଧ୍ୟ ଅଟେ । ଏପରି ବ୍ୟବହାର ସମସ୍ତଙ୍କ ଠାରୁ ଆଶା କରାଯାଇ ପାରେ । ତେଣୁ ଭଲ ସହିତ ଭଲ ସମ୍ବନ୍ଧ ରଖିବାରେ କୌଣସି ବିଶେଷତ୍ୱ ନାହିଁ । ଭଲ ଭାବନାର ଦାବୀ ସତ୍ୟର ସହିତ ସେତେବେଳେ କରାଯାଇ ପାରିବ ଯେତେବେଳେ ଖରାପ ବ୍ୟବହାର କରିବା ବାଲାଙ୍କ ସହିତ ମଧ୍ୟ ଆମେ ସଦ୍‌ଭାବ ରଖିପାରିବା । ଆମ ନୀତି ଏପରି ଅଟେ । ଆମ ଦୁହିଁଙ୍କ ନୀତିରେ ଏଇ ହେଲା ପାର୍ଥକ୍ୟ ।''

ଏ କଥା ତାଙ୍କର ପସନ୍ଦ ହେଲା ମତେ ଲାଗିଲା ନାହିଁ କାରଣ ଏ ସମ୍ବନ୍ଧରେ ପୁଣି ମୋ ସହିତ ବିଶେଷ କଥାବାର୍ତ୍ତା କରିନଥିଲେ ।

ଶ୍ରୀ ବୁଲଗାନିନ ରୁଷର ପ୍ରଧାନମନ୍ତ୍ରୀ ଥିଲେ ଓ ଶ୍ରୀ କୃଶ୍ଚେଭ ସାମ୍ୟବାଦୀ ପାର୍ଟିର ମହାସଚିବ ଥିଲେ । ତାଙ୍କ ସ୍ଥାନ ପ୍ରଧାନମନ୍ତ୍ରୀଙ୍କ ଠାରୁ ଅଧିକ ମହତ୍ୱପୂର୍ଣ୍ଣ, ଏ କଥା ବତାଇବାକୁ ଶ୍ରୀ କୃଶ୍ଚେଭ ବାରମ୍ବାର ଚେଷ୍ଟା କରୁଥିଲେ -- ଏପରି ମୋତେ ଅନୁଭବ ହେଲା । କିନ୍ତୁ ମୋ ପାଖକୁ ଦିଲ୍ଲୀରୁ ସୂଚନା ଆସିଥିଲା ଯେ ଦୁଇଜଣଙ୍କୁ ସମାନ ଭାବରେ ଦେଖିବାକୁ । ତଦନୁସାରେ ବ୍ୟବହାର କରିବାକୁ ମୁଁ ପ୍ରଯତ୍ନ କରୁଥିଲି ।

ବମ୍ବେ ରାଜ୍ୟ ତରଫରୁ 'ଆରେ' କଲୋନୀରେ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ଦେଖାଇବାକୁ ମୁଁ ସେମାନଙ୍କୁ ନେଇଗଲି ଏବଂ ମଧ୍ୟାହ୍ନ ଭୋଜନ ସେଠାରେ ରଖିଥିଲି । ମୁଁ କାହାକୁ ମାଂସାହାରୀ ଭୋଜନ ଦେଉନଥିଲି, ତେଣୁ ଶାକାହାରୀ ଭୋଜନର ଆୟୋଜନ କରାଯାଇଥିଲା । ଭୋଜନର ବିବିଧତା ଓ ସ୍ୱାଦ ଅତିଥି ଦୁଇଜଣଙ୍କୁ ବେଶ୍ ଭଲ ଲାଗିଲା ଓ ସେମାନେ ନିଜର ସନ୍ତୋଷ ବ୍ୟକ୍ତ କଲେ । ମୁଁ ଯେତେବେଳେ ସେମାନଙ୍କୁ 'ଆରେ' କଲୋନୀ ଦେଖାଉଥିଲି ସେତେବେଳେ ସେମାନେ ଆଲୋଚନା କରୁଥିଲେ ଯେ କିପରି ପ୍ରଗତି କମ୍ ହୋଇଛି । ପଶୁମାନଙ୍କର କୃତ୍ରିମ ଗର୍ଭଧାରଣ ପନ୍ଥା ଆମେ ଆରମ୍ଭ କରିଥିଲୁ -- ଏଇ ଦିଗକୁ ତାଙ୍କର ସଙ୍କେତ ଥିଲା । ଏହାଛଡା ସେଠାର ନିର୍ମାଣ କାମର ମଧ୍ୟ କିଛି ଆଲୋଚନା କଲେ ।

ମୁଁ ସେମାନଙ୍କୁ କହିଲି, ''ଆପଣଙ୍କର ସେଠାରେ ପ୍ରାୟ ଚାଳିଶ ବର୍ଷରୁ ବିକାଶ କାମ ହେଉଛି । କିନ୍ତୁ ଆମେ ଆଠ ବର୍ଷ ହେଲା ସ୍ୱତନ୍ତ୍ରତା ପାଇଛୁ । ଆମ ସ୍ୱରାଜ ପ୍ରାପ୍ତିପରେ ଯେଉଁ ଅବସ୍ଥାରୁ ଉନ୍ନତି କରିଛୁ ତା'କୁ ଦେଖିଲେ ଆଜି ଆମେ ଯଥେଷ୍ଟ ବିକାଶ କରିପାରିଛୁ । ଏ କଥାକୁ ଧ୍ୟାନରେ ରଖି ଆପଣଙ୍କୁ କ'ଣ ଲାଗୁଛି ଯେ ଆମ ପ୍ରଗତି ପ୍ରକୃତରେ କମ୍ । ଆମେ ଆଠ ବର୍ଷରେ ଯେଉଁ ପ୍ରଗତି କରିଛୁ ତାହା ଆପଣଙ୍କ ପ୍ରଥମ ଦଶବର୍ଷର ପ୍ରଗତି ସହିତ ତୁଳନା କରି ଆପଣ ନିଜେ ବିଚାର କରିବା ଆପଣଙ୍କ ପକ୍ଷେ ଠିକ୍ ହେବ ନାହିଁ ?'' ଶ୍ରୀ କୃଶ୍ଚେଭ ମୋର ଉଦ୍ଦେଶ୍ୟ ବୁଝିଗଲେ ଓ କହିଲେ, ''ଆପଣ ଯେଉଁ ପ୍ରଗତି କରିଛନ୍ତି ତାହା କମ୍ -- ଏପରି

Digitized by srujanika@gmail.com

କୌଣସି ଆଲୋଚନା କରିବାକୁ ମୁଁ ଚାହେଁ ନାହିଁ । ମୁଁ ଯାହା କିଛି କହିଲି ଏଇ ଦୃଷ୍ଟିରୁ କହିଲି ଯେ ଏହା ଠାରୁ ବେଶୀ ଗତିରେ ଆପଣଙ୍କର ଆଗକୁ ବଢ଼ିବା ଉଚିତ ।'' ମୁଁ କହିଲି, ''ଦୁନିଆରେ ଯେଉଁ ପ୍ରଗତି ହୋଇଛି ତା'ର ଲାଭ ଉଠାଇ ଆମେ ଲୋକତାନ୍ତ୍ରିକ ନୀତି ଗ୍ରହଣ କରିଛୁ । ସେଥିଯୋଗୁଁ ଚାଳିଶ ବର୍ଷ ମଧ୍ୟରେ ଆମେ ଆପଣଙ୍କ ଅପେକ୍ଷା ଅଧିକ ପ୍ରଗତି କରିପାରିବୁ -- ଏପରି ଆମର ଆଶା ଓ ଆସ୍ଥା ଅଛି । ପ୍ରାରମ୍ଭରେ ପ୍ରଗତି କମ୍ ଜଣାପଡ଼ିଲେ ମଧ୍ୟ, ମୋ ମନରେ କୌଣସି ସନ୍ଦେହ ନାହିଁ ଯେ, ମୂଳଦୁଆ ସୁଦୃଢ଼ ହୋଇଗଲେ ଏହା କାହିଁ କେତେ ଅଧିକ ଗତିରେ ବଢ଼ିବ ।'' ସେ କହିଲେ, ''ମୋତେ ଏକଥା ଜଣାନାହିଁ ।'' କିନ୍ତୁ ମୁଁ କହିଲି, ''ନିଃସନ୍ଦେହ, ଏହା ସମ୍ଭବ ଅଟେ ।''

ମୁଁ ଯେପରି ସ୍ପଷ୍ଟ ଭାବରେ ନିଜର ବିଚାର ପ୍ରକାଶ କରିଥିଲି, ତା'ର ପରିଣାମ ଓ ପ୍ରଭାବ, ଅତିଥି ଦୁଇଜଣ ବିଦାୟ ନେବାବେଳେ ଜଣାପଡ଼ିଲା । ସେମାନେ ବିଦାୟ ନେବାବେଳେ ଗଭର୍ଣ୍ଣର, ମେୟର, ମନ୍ତ୍ରୀମାନେ, ମୁଁ ତଥା ନଗରର କିଛି ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲୁ । ଶ୍ରୀ କ୍ରୁଷ୍ଟେଭ ଗଭର୍ଣ୍ଣର ଓ ମେୟର ଆଦିଙ୍କୁ ରୁଷ ଆସିବା ପାଇଁ ନିମନ୍ତ୍ରଣ କଲେ କିନ୍ତୁ ମତେ କଲେ ନାହିଁ । ଏଥିରୁ ସ୍ପଷ୍ଟ ହେଲା ଯେ ସେମାନଙ୍କ ମତଠାରୁ ଭିନ୍ନ ବିଚାର ପ୍ରକଟ କରିଥିବାରୁ ପ୍ରତିକ୍ରିୟା ଏପରି ହେଲା । ବମ୍ବେ ନାଗରିକମାନେ ଦୁଇ ଅତିଥିଙ୍କର ଖୁବ୍ ଉତ୍ତମ ସ୍ୱାଗତ-ସତ୍କାର କରିଥିଲେ ଓ ସେସବୁ ବମ୍ବେ ସହର ସ୍ୱୟଂ ଆୟୋଜନ କରିଥିଲା । ରାଜ୍ୟ ଶାସନ ଏହାର କୌଣସି ବିଶେଷ ବ୍ୟବସ୍ଥା କରିନଥିଲେ । ଏହି ଦୁଇ ନେତାମାନଙ୍କର ରୁଷର ବାହାରକୁ, ଭାରତ ଯାତ୍ରା କରିବା ପ୍ରଥମ ଘଟଣା ଥିଲା । ସେଥିପାଇଁ ଲୋକମାନଙ୍କ ମଧ୍ୟରେ କୌତୂହଳ ଯୋଗୁଁ ସେମାନଙ୍କୁ ସ୍ୱାଗତ କରିବାର ଉତ୍ସାହ ଏତେ ବେଶି ଥିଲା ।

୧୯୫୮ରେ ମୁଁ କେନ୍ଦ୍ରମନ୍ତ୍ରୀ ଥିଲି । ସେତେବେଳେ ଶ୍ରୀ ଏନ୍ୟୁରିନ ବେବନ ଭାରତ ଆସିଥିଲେ । ସେ ଇଂଲଣ୍ଡର ଶ୍ରମିକ ଦଳୀୟ ସରକାରଙ୍କର ମନ୍ତ୍ରୀମଣ୍ଡଳରେ ଜଣେ ପ୍ରମୁଖ ମନ୍ତ୍ରୀ ଥିଲେ ଓ ମଦ୍ୟ ନିଷେଧ ସମ୍ବନ୍ଧରେ ମୋ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତଦନୁସାରେ ଯେତେବେଳେ ଆମ କଥାବାର୍ତ୍ତା ହେଲା, ସେ କହିଲେ, ''ମଦ୍ୟ ନିଷେଧକୁ ଆପଣ ଉଠାଇ ଦେଲେ ଆପଣଙ୍କ ରାଜସ୍ୱ ବହୁତ ବଢ଼ିଯିବ -- ଏ କଥା ମୁଁ ଆପଣଙ୍କୁ ବୁଝାଇବାକୁ ଚାହେଁ ।''

ମୋ ସହିତ ସାକ୍ଷାତ କରିବାକୁ ମୋ ଘରକୁ ଆସିଥିଲେ ଓ ଏକ ଘଣ୍ଟାରୁ ଅଧିକ ସମୟ ଆମ ବାର୍ତ୍ତାଳାପ ଚାଲିଥିଲା । କଥାବାର୍ତ୍ତା ବେଳେ ମୁଁ ତାଙ୍କୁ ବତାଇଲି ଯେ ଆମ ଦେଶ ପାଇଁ, ବିଶେଷ କରି, ଗରିବଙ୍କୁ ଉଦ୍ଧାର କରିବା ପାଇଁ ମଦ୍ୟ ନିଷେଧ ଆବଶ୍ୟକ । ମୁଁ ଏକଥା ମଧ୍ୟ ତାକୁ ଜଣାଇଲି ଯେ ଗରିବମାନଙ୍କ ଜୀବନ ସ୍ତର ଉପରକୁ ଉଠାଇବା ଆମର ଏଠାରେ ନିହାତି ଜରୁରୀ ଅଟେ । ସେ ନିଜ ପକ୍ଷ ବିଶେଷ ସ୍ପଷ୍ଟ ଭାବେ ବ୍ୟକ୍ତ କରିଥିଲେ ଓ ମୁଁ ମଧ୍ୟ ସେଇପରି ସ୍ପଷ୍ଟଭାବେ ତାଙ୍କ ସହିତ ତାଙ୍କ ସହିତ କଥାବାର୍ତ୍ତା କରିଥିଲି ।

ମଦ୍ୟ ନିଷେଧର ପକ୍ଷ-ବିପକ୍ଷର ତର୍କ ସମସ୍ତେ ଜାଣନ୍ତି ତେଣୁ ତା'ର ବିସ୍ତୃତ ବିବରଣୀ ଏଠାରେ ଅନାବଶ୍ୟକ । କିନ୍ତୁ ମୁଁ ଯେତେବେଳେ ତାଙ୍କୁ ଏ ସମ୍ବନ୍ଧରେ ବାସ୍ତବତା ଜଣାଇଲି, ତାଙ୍କ ଉପରେ ଖୁବ୍ ପ୍ରଭାବ ପଡ଼ିଲା । ମୁଁ ତାଙ୍କୁ କହିଥିଲି, ''ଭାରତ ଓ ଅନ୍ୟଦେଶ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ଭାରତର ଅଧିକାଂଶ ଲୋକ ସାଧାରଣତଃ ଶାକାହାରୀ ଅଟନ୍ତି । ଶାକାହାରରେ ବିଶ୍ୱାସ କରି ତାହା ପାଳନ କରିବା ଲୋକ ପ୍ରାୟ ୨୦-୨୫ ପ୍ରତିଶତ ହେବେ । କିନ୍ତୁ ଆର୍ଥିକ ଓ ପରିସ୍ଥିତି କାରଣରୁ ଶାକାହାର କରୁଥିବା ଲୋକସଂଖ୍ୟା ମୋ ଖିଆଲରେ ୮୦ ପ୍ରତିଶତ ପାଖାପାଖି ହେବ । ଶରାବର ପ୍ରଭାବ ଅଧ୍ୟୟନରୁ ମତେ ଜଣାପଡ଼ିଲା ଯେ ମାଂସାହାରୀଙ୍କ ଉପରେ ମଦର କୁପ୍ରଭାବ ଯେତେ ପଡ଼େ, ଶାକାହାରୀଙ୍କ ଉପରେ ତାହା ଅନେକ ଗୁଣରେ

Digitized by srujanika@gmail.com

ବେଶି ପଡ଼େ । ସାଧାରଣତଃ ମଦ୍ୟପାନ କଲେ ତା'ର ପ୍ରତିକ୍ରିୟା ପ୍ରଥମେ ମଦ୍ୟପାୟୀର ଖାଦ୍ୟ ଉପରେ ପଡ଼ିଥାଏ । ତେଣୁ ମାଂସାହାରୀଙ୍କ ଶରୀର ଉପରେ ମଦ୍ୟପାନର କୁପ୍ରଭାବ କମ୍ ପଡେ, କିନ୍ତୁ ଶାକାହାରୀଙ୍କ ଶରୀର ପୂରାପୂରି ଖରାପ ହୋଇଯାଏ । ସେମାନେ ସଂଯମ ରଖିପାରନ୍ତି ନାହିଁ ଓ ଅଧିକାଂଶ ଗରିବ ଲୋକ ମଦୁଆ ହୋଇଯାଆନ୍ତି । ତେଣୁ ଭାରତରେ ଗରିବ ଲୋକଙ୍କର ଶାରୀରିକ, ମାନସିକ ଓ ଆର୍ଥିକ ଅବସ୍ଥା ସୁଦୃଢ ରଖିବା ପାଇଁ ସେମାନଙ୍କୁ ଏଇ ବ୍ୟସନ ପ୍ରଲୋଭନରୁ ଦୂରରେ ରଖିବା ଉଚିତ । ଏ ଦେଶରେ ମଦ୍ୟ ନିଷେଧ ପାଇଁ ଆଇନର ଆବଶ୍ୟକତା ଅଛି ଓ ଭାରତୀୟ ସମ୍ବିଧାନରେ ଏହାର ବ୍ୟବସ୍ଥା କରାଯାଇଛି । ବିଶ୍ୱର ଅନ୍ୟ କୌଣସି ଦେଶର ସମ୍ବିଧାନରେ ଏପରି ବ୍ୟବସ୍ଥା ନାହିଁ ।

ମୋର ଏକଥା ଶ୍ରୀ ବେବନଙ୍କୁ ଗୋଟିଏ ନୂଆ ତଥ୍ୟ ପରି ଜଣାପଡ଼ିଲା ଓ ଲମ୍ବା କଥାବାର୍ତ୍ତା ପରେ ମତେ କହିଲେ, ''ଆପଣଙ୍କ କଥାରେ ବହୁତ ପ୍ରାଧାନ୍ୟତା ଅଛି । ତେଣୁ ମୁଁ ଆପଣଙ୍କୁ ବୁଝାଇବା ଆଗ୍ରହ ଛାଡ଼ି ଦେଉଛି ।'' ଏହିପରି ମଦ୍ୟ ନିଷେଧ କଥାବାର୍ତ୍ତା ଶେଷ ହେଲା ।

ମଜଦୂରବର୍ଗଙ୍କ ସେବକ ଶ୍ରୀ ବେବନ ଜଣେ ତେଜସ୍ୱୀ ଓ ବୁଦ୍ଧିମାନ ଲୋକସେବକ ଥିଲେ । ସେ ଇଂଲଣ୍ଡର ଜଣେ କ୍ୟାବିନେଟ ମନ୍ତ୍ରୀ ଓ ଭାରତର ମିତ୍ର ଥିଲେ । ଏ କଥାବାର୍ତ୍ତା ପରେ ମୋର ତାଙ୍କ ସହିତ ସମ୍ବନ୍ଧ ଘନିଷ୍ଠ ହୋଇଯାଇ ଥିଲା ।

(୧୩) କେନ୍ଦ୍ର ଅର୍ଥମନ୍ତ୍ରୀ

୧୯୫୭ ଶେଷକୁ ମୁନ୍ଧ୍ରା ପ୍ରଶ୍ନ ସଂସଦରେ ଉପସ୍ଥାପିତ ହୋଇଥିଲା । ଶ୍ରୀ ଫିରୋଜ ଗାନ୍ଧୀ ଏ ପ୍ରଶ୍ନ ଉଠାଇଥିଲେ । ଶ୍ରୀ ହରିଦାସ ମୁନ୍ଧ୍ରାଙ୍କ ଦ୍ୱାରା ପରିଚାଳିତ କମ୍ପାନୀ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଥିଲା ଏବଂ ସେମାନଙ୍କର ଜାଲ କାରବାରର ପ୍ରମାଣ ସାମ୍ନାକୁ ଆସିଥିଲା । ଲାଇଫ୍ ଇନ୍‌ସୁରାନ୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏଲ୍. ଆଇ. ସି.)ରୁ ତାଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇଥିଲା ଯାହାକୁ ନେଇ ଶ୍ରୀ ଟି.ଟି. କୃଷ୍ଣମାଚାରୀଙ୍କ ଉପରେ ଦୋଷାରୋପ କରାଯାଇଥିଲା ଯେ ସେ ଏଲ୍. ଆଇ. ସି.ରୁ ଏ ସାହାଯ୍ୟ ତାଙ୍କୁ କରାଇ ଦେଇଥିଲେ । ସଂସଦରେ ଏ ମାମଲା ବହୁତ ଜୋର୍‌ରେ ଚାଲିବାରୁ ବମ୍ବେ ହାଇକୋର୍ଟ ଚିଫ ଜଷ୍ଟିସ ଶ୍ରୀ ଏମ୍. ସି. ଚଗଲାଙ୍କୁ ଏହାର ତଦନ୍ତ କରିବାକୁ ନିଯୁକ୍ତ କରାଗଲା । ସେ ସମୟରେ ଶ୍ରୀ ଜି. ଆର୍. କାମାଥ ଏଲ୍. ଆଇ. ସି.ର ଅଧ୍ୟକ୍ଷ ଓ ଶ୍ରୀ ଏଚ୍. ଏମ୍. ପଟେଲ ଅର୍ଥ ମନ୍ତ୍ରାଳୟର ମୁଖ୍ୟ ସଚିବ ଥିଲେ । ଏ ସମସ୍ତଙ୍କ ମଧ୍ୟରେ କଥାବାର୍ତ୍ତା ପରେ ଶ୍ରୀ କାମାଥଙ୍କୁ ଦିଆଯାଇଥିବା ଆଦେଶାନୁସାରେ ଶ୍ରୀ ମୁନ୍ଧ୍ରାଙ୍କୁ ଏଲ୍. ଆଇ. ସି.ରୁ ଋଣ ମିଳିଥିଲା ।

୧୯୫୭ ଶେଷ ବା ୧୯୫୮ ଆରମ୍ଭରେ ଯେତେବେଳେ ଏ ଅଭିଯୋଗର ତଦନ୍ତ ଚାଲୁଥିଲା ଶ୍ରୀ ଟି. ଟି. କୃଷ୍ଣମାଚାରୀ ଜବାହରଲାଲଜୀଙ୍କୁ ତ୍ୟାଗପତ୍ର ଦେଇଥିଲେ । ଜବାହରଲାଲଜୀ ଯେତେବେଳେ ଏ ବିଷୟରେ ତାଙ୍କ ଓ ମୋ ସହିତ କଥାବାର୍ତ୍ତା କରୁଥିଲେ, ମୁଁ କହିଥିଲି, ''ତଦନ୍ତ ହେବା ଆଗରୁ ତ୍ୟାଗପତ୍ର ଦେବାର ଅର୍ଥ ହେବ ଯେ ଯେଉଁ ଦୋଷାରୋପଣ କରାଯାଇଛି ତାହା ଆପଣ ସ୍ୱୀକାର କରୁଛନ୍ତି । କିନ୍ତୁ ଆପଣ ସ୍ପଷ୍ଟ ଭାବେ କହୁଛନ୍ତି ଯେ ଚାପ ପକାଇ ଆପଣ ମୁନ୍ଧ୍ରାଙ୍କୁ ଋଣ ଦେବାର ବନ୍ଦୋବସ୍ତ କରିନାହାଁନ୍ତି । ଏପରି ଅବସ୍ଥାରେ ତଦନ୍ତ ପୂରା ହେବା ପୂର୍ବରୁ ତ୍ୟାଗପତ୍ର ଦେବା ଉଚିତ ନୁହେଁ ।'' ଜବାହରଲାଲଜୀ ଏକଥା ମଞ୍ଜୁର କଲେ । ସଂସଦରେ ଶ୍ରୀ କୃଷ୍ଣମାଚାରୀ ନିଜ ପକ୍ଷରେ ଯେଉଁ ବକ୍ତବ୍ୟ ଦେଇଥିଲେ ତାହା ସେତେ ସ୍ପଷ୍ଟ ଓ

Digitized by srujanika@gmail.com

ସନ୍ତୋଷଜନକ ନଥିଲା । ମୋ ଖିଆଲରେ ତଦ୍ୱାରା ମାମଲା ଆହୁରି ଗମ୍ଭୀର ହୋଇଯାଇ ଥିଲା । ଶ୍ରୀ ଚଗଲା ତଦନ୍ତ ବେଳେ ଶ୍ରୀ କୃଷ୍ଣମାଚାରୀ, ଶ୍ରୀ ପଟେଲ ଓ ଶ୍ରୀ କାମାଥ ତଥା ଅନ୍ୟ ସମ୍ବନ୍ଧୀୟ ବ୍ୟକ୍ତିମାନଙ୍କୁ ପଚରାଉଚରା କରିଥିଲେ । କଂଗ୍ରେସ ଦଳର କେତେକ ସଦସ୍ୟ ଶ୍ରୀ କୃଷ୍ଣମାଚାରୀଙ୍କ ପ୍ରତିପକ୍ଷ ଓକିଲକୁ ସାହାଯ୍ୟ କରିଥିଲେ, କାରଣ ତାଙ୍କ ଖିଆଲରେ ଏ ମାମଲାରେ ଅର୍ଥମନ୍ତ୍ରୀଙ୍କ କର୍ମ ତ୍ରୁଟିଜନକ ଥିଲା । ତଦନ୍ତ ପରେ ଶ୍ରୀ ଚଗଲା ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ଶ୍ରୀ କୃଷ୍ଣମାଚାରୀଙ୍କୁ ସମାଲୋଚନା କରାଯାଇଥିଲା । ଏ ରିପୋର୍ଟ ସେ ଶ୍ରୀ କୃଷ୍ଣମାଚାରୀଙ୍କୁ ହିଁ ଦେଇଥିଲେ କାରଣ ଅର୍ଥମନ୍ତ୍ରୀ ହିସାବରେ ସେ ଏ ତଦନ୍ତ-ଆୟୋଗ ନିଯୁକ୍ତ କରିଥିଲେ ।

ରିପୋର୍ଟ ପ୍ରାପ୍ତ ହେବା ମାତ୍ରେ ହିଁ ଶ୍ରୀ କୃଷ୍ଣମାଚାରୀ ଜବାହରଲାଲଜୀଙ୍କ ପାଖକୁ ଗଲେ ଓ ନିଜର ତ୍ୟାଗପତ୍ର ସ୍ୱୀକାର କରିବାକୁ ଅନୁରୋଧ କଲେ । ତଦନୁସାରେ ଜବାହରଲାଲଜୀ ତାଙ୍କ ତ୍ୟାଗପତ୍ର ସ୍ୱୀକାର କରିନେଲେ । ୧୯୫୮ ଫେବୃଆରୀ ମାସ ପ୍ରଥମ ସପ୍ତାହ ଶେଷରେ ସେ ନିଜ ପଦର କାର୍ଯ୍ୟଭାର ଜବାହରଲାଲଜୀଙ୍କୁ ସମର୍ପି ଦେଇଥିଲେ । ମୁଁ ଶୁଣିଥିଲି ଯେ ଶ୍ରୀ କୃଷ୍ଣମାଚାରୀଙ୍କ ମନରେ କିଛି ସନ୍ଦେହ ଥିଲା ଯେ ତଦନ୍ତ ରିପୋର୍ଟରେ ତାଙ୍କ ବିରୁଦ୍ଧରେ ଯାହାକିଛି ଉଲ୍ଲେଖ ଥିଲା ସେଥିରେ ମୋ ହାତ ଥିଲା । ତେଣୁ ମୁଁ ଶ୍ରୀ କୃଷ୍ଣମାଚାରୀଙ୍କ ସହିତ କଥାହେଲି ଓ କହିଲି, ''ମୁଁ ଶୁଣିଲି ଯେ ଏ ମାମଲାରେ ମୋର ହାତ ଅଛି -- ଏପରି କିଛି ସନ୍ଦେହ ଆପଣଙ୍କ ମନରେ ଅଛି । ଏକଥା କ'ଣ ସତ ?'' ସେ ସଙ୍ଗେ ସଙ୍ଗେ କହିଲେ, ''ନା, ମୋ ମନରେ କୌଣସି ସନ୍ଦେହ ନାହିଁ । ଆମ ଭିତରେ ଜଣଙ୍କୁ ଅନ୍ୟଜଣଙ୍କ ବିରୁଦ୍ଧରେ ଝଗଡ଼ା ଲଗାଇବା ପାଇଁ ଲୋକେ ଏଭଳି କଥା କହୁଛନ୍ତି ।'' ସଂସଦରେ ଏ ପ୍ରଶ୍ନ ଉଠିବା ପର୍ଯ୍ୟନ୍ତ ମୁଁ କିଛି ଜାଣିନଥିଲି । ତା'ପରେ ଏ ମାମଲା ତଦନ୍ତରେ ମୁଁ କୌଣସି ଆଗ୍ରହ ଦେଖାଇ ନଥିଲି । ଏମିତି କିଛି ମୋ ମନରେ ନଥିଲା କି ଶ୍ରୀ କୃଷ୍ଣମାଚାରୀ ଜାଣିଶୁଣି ମିଛ କହୁଛନ୍ତି ସେଥିପାଇଁ ୨୬ ଜାନୁଆରୀ ଗଣତନ୍ତ୍ର ଦିବସ ପ୍ୟାରେଡ଼ ସମୟରେ ଯେତେବେଳେ ମୌଲାନା ଆଜାଦ ମୋତେ କହିଲେ କି ଶ୍ରୀ ଟି. ଟି. କୃଷ୍ଣମାଚାରୀ ଶୀଘ୍ର ଇସ୍ତଫା ଦେଇଦେବା ଉଚିତ, ସେତେବେଳେ ମୁଁ ତାଙ୍କୁ କହିଥିଲି ଏପରି କରିବା ଠିକ୍ ହେବ ନାହିଁ । ମୌଲାନା ସାହେବଙ୍କର ଶ୍ରୀ କୃଷ୍ଣମାଚାରୀଙ୍କ ପ୍ରତି ଭଲ ଭାବନା ନଥିଲା, ସେଥିପାଇଁ ସେ ଚାହୁଁଥିଲେ ଯେ ସେ ତ୍ୟାଗପତ୍ର ଦେଇଦେବା ଉଚିତ । ମୁଁ ତାଙ୍କୁ କହିଥିଲି, ''ଆପଣ ଯାହା କହୁଛନ୍ତି ସେଥିରେ ମୁଁ ଏକମତ ହୋଇପାରିବି ନାହିଁ ।'' ଫେବୃଆରୀରେ ତ୍ୟାଗପତ୍ର ପରେ ଶ୍ରୀ କୃଷ୍ଣମାଚାରୀ ମାଡ୍ରାସ ଚାଲିଯାଇଥିଲେ ।

ମୋର ଯେତେଦୂର ମନେଅଛି, ଏ ଘଟଣା ଫେବୃଆରୀ ମାସ ପ୍ରଥମ ୮-୧୦ ଦିନ ମଧ୍ୟରେ ହୋଇଥିଲା ।

ସେଇ ମାସ ୨୨ ତାରିଖ ଦିନ ମୌଲାନା ସାହେବଙ୍କ ଦେହାନ୍ତ ହୋଇଗଲା । ତାଙ୍କ ନିଧନରେ ଦେଶର ଏକ ସର୍ବୋଚ୍ଚ ମୁସଲମାନ ନେତା ଆମମାନଙ୍କ ମଧ୍ୟରୁ ଚାଲିଗଲେ ଓ ସେ ନରହିବାରୁ ଭାରତୀୟ ରାଜନୀତିରେ ଏକ ବଡ଼ ଅଭାବ ଉତ୍ପନ୍ନ ହେଲା ।

କୃଷ୍ଣମାଚାରୀ ୧୯୫୮-୫୯ ବଜେଟ ତିଆରି କରିଦେଇଥିଲେ । ତେଣୁ ଜବାହରଲାଲଜୀଙ୍କୁ କୌଣସି କଷ୍ଟ ହେଲାନାହିଁ ଓ ଫେବୃଆରୀ ମାସ ଶେଷ ଦିନ ସେ ବଜେଟ ପେଶ୍ କରିଥିଲେ । କିଛିଦିନ ପରେ ସେ ମତେ ଓ ପନ୍ଥଜୀଙ୍କୁ ଡ଼ାକି ଅର୍ଥ ବିଭାଗ ବିଷୟରେ ପରାମର୍ଶ କଲେ । ଏହା ପୂର୍ବରୁ ମୁଁ ଏ ବିଷୟ଼ ଜବାହରଲାଲଜୀ ବା ଅନ୍ୟ କାହା ସହିତ କୌଣସି କଥାବାର୍ତ୍ତା କରିନଥିଲି । ତିନିଜଣ ଏକାଠି ହେବାରୁ, ଜବାହରଲାଲଜୀ ମତେ କହିଲେ, ''ସବୁ କିଛି ଭାବିଲା ପରେ ମତେ ଲାଗୁଛି ଯେ ଆପଣ ଅର୍ଥ ବିଭାଗ ସମ୍ଭାଳିବା ଉଚିତ, ଏହା ମୁଁ ନିଶ୍ଚୟ କରିଛି । ତେଣୁ ଆପଣ ଏହାକୁ ସମ୍ଭାଳନ୍ତୁ ।'' ମୁଁ କହିଲି, ''ଏ ବିଭାଗ ସମ୍ଭାଳିବାକୁ ମୁଁ

Digitized by srujanika@gmail.com

ପ୍ରସ୍ତୁତ ନାହିଁ । ଆପଣ ଏ ବିଭାଗ ମତେ ଦେଲେ, ପଛ ଘଟଣାକୁ ଦୃଷ୍ଟିରେ ରଖି ଶ୍ରୀ ଟି. ଟି. କୃଷ୍ଣମାଚାରୀଙ୍କର ମୋ ପ୍ରତି ଭଲ ଭାବନା ରହିବ ନାହିଁ କାରଣ ସେଇ ମିଛ କଥା ପ୍ରତି ଅନୁମୋଦନ ମିଳିବ ଯେ ତାଙ୍କ ଯିବାରେ ମୋ ହାତ ଅଛି ।'' ଏହା ଉପରେ ସେ କହିଲେ, ''ଏପରି ମିଛ କଥାରେ ଆମମାନଙ୍କୁ ପ୍ରଭାବିତ ହେବା ଉଚିତ ନୁହେଁ, ସମସ୍ତେ ଜାଣନ୍ତୁ ଯେ ସେଥିରେ ଆପଣଙ୍କ ହାତ ନଥିଲା ।''

ମୁଁ ତାଙ୍କୁ କହିଲି, ''ଏ ବିଭାଗ ଆପଣ ପନ୍ଥଜୀଙ୍କୁ ଦେବା ଉଚିତ କାରଣ ସେ ଯେତେବେଳେ ପୁରୁଣା କେନ୍ଦ୍ର ଆସେମ୍ବ୍ଲିରେ ଥିଲେ, ଅର୍ଥଶାସ୍ତ୍ର ବିଶେଷଜ୍ଞ ଭାବେ ତାଙ୍କୁ ଲୋକେ ମାନୁଥିଲେ ଓ ଆଜି ମଧ୍ୟ ତାଙ୍କର ଏ ସଂକ୍ରାନ୍ତରେ ଗଭୀର ଜ୍ଞାନ ଅଛି ।'' କିନ୍ତୁ ପନ୍ଥଜୀ ଏ ବିଭାଗ ନେବାକୁ ମନା କଲେ । ସେ କହିଲେ, ''ଆପଣ ମଧ୍ୟ ସେ ବିଭାଗ ପାଇଁ ସେତିକି ଉପଯୁକ୍ତ ଅଟନ୍ତି ।'' ପୁଣି ନିଜ ବିଷୟରେ କହିଲେ, ''ଏହି ବିଭାଗ କାମରେ ବିଦେଶ ମଧ୍ୟ ଯିବାକୁ ପଡ଼ିପାରେ ଓ ସେଥିପାଇଁ ମୁଁ ଅନୁପଯୁକ୍ତ ଅଟେ ।'' ଏକଥା ମଧ୍ୟ ସ୍ପଷ୍ଟ ଥିଲା ଯେ ପନ୍ଥଜୀ ଗୃହ ବିଭାଗ ଛାଡ଼ିବାକୁ ଚାହୁଁନଥିଲେ ଓ ମତେ ଲାଗିଲା, ନା ଜବାହରଲାଲଜୀ ତାଙ୍କୁ ସେ ବିଭାଗରୁ ହଟାଇବାକୁ ଚାହୁଁ ଥିଲେ । ତେଣୁ ସେ ଦୁଇଜଣ ମୋ ନାସ୍ତିକୁ ମଞ୍ଜୁର କଲେ ନାହିଁ ଯଦ୍ଦ୍ୱାରା ମୋତେ ଅର୍ଥ ବିଭାଗ କାର୍ଯ୍ୟଭାର ଗ୍ରହଣ କରିବାକୁ ପଡ଼ିଲା । ସେଇ ଅନୁସାରେ ୧୯୫୮ ମାର୍ଚ୍ଚ ୨୨ ବା ୨୩ ତାରିଖ ଦିନ ମୁଁ ଅର୍ଥ ବିଭାଗ କାର୍ଯ୍ୟଭାର ଗ୍ରହଣ କଲି ।

ଜବାହରଲାଲଜୀ ବଜେଟ ତ ପେଶ୍ କରିଦେଇ ଥିଲେ କିନ୍ତୁ ଅର୍ଥ ବିଧେୟକ (ଫାଇନାନ୍ସ୍ ବିଲ୍) ମତେ ହିଁ ପାଶ୍ କରାଇବାର ଥିଲା ଓ ବଜେଟ ଆଲୋଚନାର ଜବାବ ମତେ ଦେବାକୁ ଥିଲା । ମୋ ପାଇଁ ଏହା ନୂଆ ହିଁ ଥିଲା କିନ୍ତୁ ସାମାନ୍ୟ ବୁଦ୍ଧି ଓ ଅର୍ଥ ଶାସ୍ତ୍ରର ଜ୍ଞାନ ଓ ବିଶେଷଜ୍ଞଙ୍କ ସାହାଯ୍ୟରେ ମତେ ଆଲୋଚନାର ଜବାବ ଦେବାରେ ବା ବ୍ୟବସ୍ଥା କରିବାକୁ କୌଣସି କଷ୍ଟ ହେଲାନାହିଁ । ପ୍ରଶ୍ନ ବି ବହୁତ ଏପଟୁ ସେପଟୁ ପଚରାଗଲା କାରଣ ନିଅଣ୍ଟିଆ ବଜେଟ ଥିଲା ଓ ନିଅଣ୍ଟ ଅର୍ଥ ବ୍ୟବସ୍ଥା ଆଧାର ଉପରେ ଏହା ତିଆରି ହୋଇଥିଲା ଅର୍ଥାତ ଆୟର ଯେଉଁ ସାଧନ ବଜେଟରେ କୁହାଯାଇ ଥିଲା ତାହା ପ୍ରକୃତରେ ନଥିଲା ଓ ବିଦେଶୀ ମୁଦ୍ରାର ମଧ୍ୟ ଅଭାବ ଥିଲା । ଏହାର ଫଳ ସ୍ୱରୂପ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଅସୁବିଧାରେ ପଡି ଯାଇଥିଲା । ଏ ପରିସ୍ଥିତିରେ କୌଣସି ରାସ୍ତା ବାହାର କରିବାର ଦାୟିତ୍ୱ ମୋ ଉପରେ ହିଁ ଥିଲା ।

୨୨ ମାର୍ଚ୍ଚ ୧୯୫୮କୁ ମୁଁ କେନ୍ଦ୍ର ଅର୍ଥମନ୍ତ୍ରୀ ହେବା ପରେ ପରେ ଜବାହରଲାଲଜୀ ଶ୍ରୀ ଗୋପାଳ ରେଡ୍ଡୀଙ୍କୁ ଅର୍ଥ ବିଭାଗରେ ରାଜ୍ୟମନ୍ତ୍ରୀ ନିଯୁକ୍ତ କରିଥିଲେ । ପ୍ରଥମେ, ଶ୍ରୀ ରେଡ୍ଡୀଙ୍କୁ ଅର୍ଥ ବିଭାଗରେ କୌଣସି ସ୍ୱତନ୍ତ୍ର କାର୍ଯ୍ୟ ଦେବାକୁ ସେ ବିଚାର କରୁଥିଲେ କିନ୍ତୁ ମୁଁ କହିଲି ତାହା ହୋଇପାରିବ ନାହିଁ । କାରଣ ସେପରି ପରିସ୍ଥିତିରେ କାମ ଚଳିପାରିବ ନାହିଁ । ତେବେ ଯାଇ ଜବାହରଲାଲଜୀ ତାଙ୍କୁ କି କାମ ଦିଆଯିବ ସେ ବିଷୟ ମୋ ଉପରେ ଛାଡ଼ିଦେଲେ । ଶ୍ରୀ ବଳୀରାମ ଭଗତ ଆଗରୁ ଅର୍ଥ ବିଭାଗର ଉପମନ୍ତ୍ରୀ ଥିଲେ । ପରେ ଜବାହରଲାଲଜୀ ଶ୍ରୀମତୀ ତାରକେଶ୍ୱରୀ ସିହ୍ନାଙ୍କୁ ଅର୍ଥ ବିଭାଗରେ ଉପମନ୍ତ୍ରୀ ନିଯୁକ୍ତ କରିବାକୁ ଇଚ୍ଛା ପ୍ରକଟ କରିଥିଲେ । ସେ ଏ ବିଷୟରେ ମୋ ସମ୍ମତି ପଚାରିବାରୁ ମୁଁ କହିଲି, ''ଏଥିରେ ଆପଣଙ୍କୁ ମତେ ପଚାରିବାର କୌଣସି ଆବଶ୍ୟକ ନାହିଁ ।'' ଶ୍ରୀମତୀ ସିହ୍ନା ଅର୍ଥ ବିଭାଗ ଉପମନ୍ତ୍ରୀ ପାଇଁ ଯୋଗ୍ୟା ଥିଲେ, ତେଣୁ ତାଙ୍କ ନିଯୁକ୍ତିରେ ମୁଁ ସହମତି ଦେଇଥିଲି । ଏହିପରି ତିନିଜଣ ଉପମନ୍ତ୍ରୀ ମୋର ସହାୟକ ଥିଲେ ଓ ମୁଁ ସେମାନଙ୍କୁ ଭିନ୍ନ ଭିନ୍ନ ଉପବିଭାଗ ବାଣ୍ଟି ଦେଇଥିଲି, ଏ କଥା ମଧ୍ୟ ମୁଁ କହିଦେଇଥିଲି ଯେ ଯେପର୍ଯ୍ୟନ୍ତ କୌଣସି ନୂଆନୀତିର ପ୍ରଶ୍ନ ନ ଉଠିଛି, ଅଥବା ତାଙ୍କୁ ପଚାରିବାର କୌଣସି ଆବଶ୍ୟକତା ନ ଆସିଛି ସେ ପର୍ଯ୍ୟନ୍ତ ମତେ ନ ପଚାରି ସ୍ୱୟଂ ନିଜେ କାମ ଶେଷ କରନ୍ତୁ । ଏ ବ୍ୟବସ୍ଥା ମୁଁ କରିଥିଲି ଯେ ସଚିବ ଓ ତାଙ୍କ ମଧ୍ୟରେ ମତଭେଦ ହେଲେ ମତେ ପଚାରିନେବେ । କିନ୍ତୁ ଏପରି ମତଭେଦ ବହୁତ କମ୍ ହେଉଥିଲା । ଯେବେ ଏପରି ପରିସ୍ଥିତି ଆସୁଥିଲା,

Digitized by srujanika@gmail.com

ସାଧାରଣତଃ ତିନି ସାଥୀଙ୍କ କଥା ମାନିବା ମୁଁ ଠିକ୍ ଭାବୁଥିଲି । କଥା ଠିକ୍ ନଲାଗିଲେ, ତାଙ୍କ ସହିତ କଥାବାର୍ତ୍ତା କରି କିଛି ଏପଟ ସେପଟ କରି ସମାଧାନ କରୁଥିଲି ।

ଏଇ ପଦ୍ଧତି ଯୋଗୁଁ ସଚିବମାନେ ମଧ୍ୟ ବୁଝିଶୁଝି ନିଜକାମ କରୁଥିଲେ ଓ ସମସ୍ତଙ୍କ ମଧ୍ୟରେ ଭଲ ସହଯୋଗ ଲାଗି ରହିଥିଲା । ସଚିବମାନଙ୍କୁ ମଧ୍ୟ ଏପରି ଆଦେଶ ଦିଆଯାଇଥିଲା କି ସେମାନେ ବିନା କୌଣସି ଭୟରେ ନିଜର ମତ ସ୍ପଷ୍ଟ ରୂପେ ବ୍ୟକ୍ତ କରିପାରିବେ । ମନ୍ତ୍ରୀଙ୍କର ମତ ତାଙ୍କ ମତଠାରୁ ଅଲଗା ହେଲେ, ମନ୍ତ୍ରୀ ନିଜ ମତ ସ୍ପଷ୍ଟକରି ତଦନୁସାରେ ଆଦେଶ ଦେବେ, କିନ୍ତୁ ସର୍ବଦା ଆଗ୍ରହ ରଖାଯାଇଥିଲା ଯେ ସଚିବମାନେ ନିଜର ସ୍ୱତନ୍ତ୍ର ମତ ପ୍ରକାଶ କରିବା ଉଚିତ ।

ରାଷ୍ଟ୍ରମଣ୍ଡଳ ଅର୍ଥମନ୍ତ୍ରୀଙ୍କ ସମ୍ମିଳନୀରେ ଭାଗନେବାକୁ ୧୯୫୮ ସେପ୍ଟେମ୍ବର-ନଭେମ୍ବର ମାସରେ ମୁଁ କାନାଡାର ମଣ୍ଟ୍ରିଲ ନଗର ଯାଇଥିଲି, ଏ ପ୍ରବାସର ବର୍ଣ୍ଣନା ପରେ ଆସିବ । ସେଠାରୁ ଫେରିବା ପରେ ପରେ ଦିଲ୍ଲୀରେ ବିଶ୍ୱ ବ୍ୟାଙ୍କର ବାର୍ଷିକ ଅଧିବେଶନ ହୋଇଥିଲା, ଯାହାର ଆୟୋଜନ ଭାରତ ତରଫରୁ ବିଜ୍ଞାନ ଭବନରେ ହୋଇଥିଲା । ବିଜ୍ଞାନ ଭବନ ଓ ଅଶୋକା ହୋଟେଲ ଏପରି ଆନ୍ତଃରାଷ୍ଟ୍ରୀୟ ସମ୍ମିଳନୀ ପାଇଁ ତିଆରି କରାଯାଇ ଥିଲା । ଏହା ତିଆରି ହୋଇନଥିଲେ ଏ ଦେଶରେ ଏପରି ସମ୍ମିଳନୀ ହୋଇପାରୁ ନଥାନ୍ତା । ଅଶୋକା ହୋଟେଲ ପ୍ରଥମେ ସରକାର ଓ ନିଜି ବ୍ୟକ୍ତିଙ୍କ ସମ୍ମିଳିତ ପୁଞ୍ଜିରେ ତିଆରି ହେବାର ନିଷ୍ପତ୍ତି କରାଯାଇଥିଲା । ସେଥିରେ ଜାମନଗରର ଜାମସାହେବ ଏକ ବଡ଼ ଭାଗୀଦାର ଥିଲେ । କିନ୍ତୁ ପରେ ସେ ସେଥିରେ ଭାଗୀଦାର ହେବାକୁ ମନା କରିଦେଲେ । ତେଣୁ ସରକାରଙ୍କୁ ସବୁକାମ କରିବାକୁ ପଡ଼ିଲା । ମୋର ଯେତେଦୂର ମନେ ଅଛି ୯-୧୦ ମାସ ଭିତରେ ଏ ହୋଟେଲ ନିର୍ମାଣ କାମ ଶେଷ କରାଯାଇଥିଲା । ତେଣୁ ବିଶ୍ୱ ବ୍ୟାଙ୍କ ସମ୍ମିଳନୀ ଏଠାରେ କରାଯାଇ ପାରିଥିଲା । ଏତେ ବଡ ଅନ୍ତର୍ରାଷ୍ଟ୍ରୀୟ ସମ୍ମିଳନୀରେ ବିଦେଶରୁ ଅନେକ ବ୍ୟକ୍ତି ଆସିଥିଲେ ଯାହାଙ୍କ ପାଇଁ ପ୍ରଥମରୁ ବିଚାର କରି ବ୍ୟବସ୍ଥା କରାଯାଇଥିଲା । ସୁତରାଂ ସମସ୍ତ ବ୍ୟବସ୍ଥା ବହୁତ ଭଲ ହୋଇଥିଲା । ବିଦେଶରୁ ଆସିଥିବା ଅତିଥିମାନେ ମୁକ୍ତ କଣ୍ଠରେ ଏକଥା ସ୍ୱୀକାର କରିଥିଲେ ଓ ଖୁବ୍ ପ୍ରଶଂସା ମଧ୍ୟ କରିଥିଲେ ।

ଶ୍ରୀ ୟୁଜେନ ବ୍ଲାକ୍ ସେ ସମୟରେ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଥିଲେ ଓ ଶ୍ରୀ ପର ଜେକୋବସନ ମୁଦ୍ରା କୋଷର ମ୍ୟାନେଜିଂ ଡାଇରେକ୍ଟର ଥିଲେ । ମୁଁ ୱାଶିଂଟନ୍ ଯାଇଥିବା ବେଳେ ତାଙ୍କ ସହିତ ସାମାନ୍ୟ ପରିଚୟ ହୋଇଥିଲା । କିନ୍ତୁ ଦିଲ୍ଲୀରେ ବିଶ୍ୱ ବ୍ୟାଙ୍କ ସମ୍ମିଳନୀ ଯୋଗୁଁ ଆମ ସମ୍ବନ୍ଧ ଘନିଷ୍ଠ ହୋଇଯାଇ ଥିଲା । ଯଦ୍ୱାରା ବିଶ୍ୱ ବ୍ୟାଙ୍କରେ ଭାରତ ପ୍ରଶ୍ନ ଆସିଲେ ଆମକୁ ତାଙ୍କ ସହଯୋଗ ବହୁତ ମିଳୁଥିଲା । ଶ୍ରୀ ୟୁଜେନ ବ୍ଲାକ୍‌ଙ୍କ ସହିତ ବାର୍ତ୍ତାଳାପ ପରେ ବିଦେଶୀ ମୁଦ୍ରା ସହାୟତା ଦେବା ଦେଶମାନଙ୍କର ତରଫରୁ ଗୋଟିଏ ସହାୟକ ସମୂହ (କନ୍‌ସୋଟିୟମ୍) ତିଆରି ହେଲା । ଏଥିରେ ସଂଯୁକ୍ତ ରାଜ୍ୟ ଆମେରିକା, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଜାପାନ,କାନାଡା ଆଦି ଦେଶ ଥିଲେ । ଏହା ତିଆରି ହୋଇଯିବାରୁ ଭାରତକୁ ଆନ୍ତରାଷ୍ଟ୍ରୀୟ ସହାୟତା ମିଳିବାର ଗୋଟିଏ ସଂଗଠିତ ବ୍ୟବସ୍ଥା ହୋଇଗଲା । ଫଳତଃ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟାନ୍ୱିତ କରିବାରେ ଅସୁବିଧା କମ୍ ହୋଇଗଲା । ବିଦେଶୀ ସହାୟତାର ଏଇ ପଦ୍ଧତି ଆଜି ମଧ୍ୟ ଚାଲୁଅଛି । ଏତିକି ନୁହେଁ, ପରେ ପାକିସ୍ତାନ ପାଇଁ ମଧ୍ୟ ଏପରି ଏକ କନ୍‌ସୋଟିୟମ ତିଆରି ହେଲା । ରୁଷ ଓ ତା'ର ମିତ୍ର ଦେଶଠାରୁ ସାହାଯ୍ୟ ଆମକୁ ମିଳୁଥିଲା । ସେମାନଙ୍କ ସହିତ ମଧ୍ୟ ଅଲଗା ଅଲଗା ବ୍ୟବସ୍ଥା କରାଗଲା । ଏଇ ଦେଶମାନଙ୍କ ସହିତ ବିଶେଷ ଭାବରେ ବ୍ୟାପାର ଦ୍ୱାରା ସହାୟତାର ବ୍ୟବସ୍ଥା କରାଗଲା । ଯଦ୍ୱାରା ଦୁଇ ଦେଶରେ ବ୍ୟାପାର ସମ୍ବନ୍ଧ ବଢିଲା ଓ ମୂଲ୍ୟ ବିଦେଶୀ ମୁଦ୍ରା ବଦଳରେ ଟଙ୍କା ଦ୍ୱାରା ନିର୍ଣ୍ଣୟ କରାଗଲା । ପରବର୍ତ୍ତୀ କାଳରେ ଏ ବ୍ୟାପାର ବହୁତ ବଢିଗଲା, ଏଥିରେ କେତେଥର ଏପରି ହେଉଥିଲା ଯେ, ଆମ ଆବଶ୍ୟକତା ଅଧିକ ହୋଇଥିବାରୁ

Digitized by srujanika@gmail.com

ତାଙ୍କର ସେଠାରୁ ମଗା ଯାଉଥିବା ମାଲ ପାଇଁ ଆମକୁ ଅଧିକ ଦାମ ଦେବାକୁ ପଡୁଥିଲା ଓ ଆମର ଏଠାରୁ ଯେଉଁ ମାଲ ସେଠାକୁ ଯାଉଥିଲା ତାହା ଠିକ୍ ବା କମ୍ ଦାମ୍‌ରେ ନେଇ ସେମାନେ ଅନ୍ୟ ଦେଶକୁ ମଧ୍ୟ ବିକ୍ରି କରିଦେଉଥିଲେ । କିନ୍ତୁ ଏପରି ବେଶୀ ହେଉ ନଥିଲା ଏବଂ ରୁଷ ତ ଏପରି କରୁନଥିଲା । ସେଥିପାଇଁ ରୁଷ ସହିତ ଆମ ସମ୍ବନ୍ଧ ଉତ୍ତରୋତ୍ତର ଘନିଷ୍ଠ ହୋଇଚାଲିଲା ।

ମୁଁ ଆଗରୁ କହିଛି ଅର୍ଥ ବିଭାଗ ମୋ ପାଇଁ ନୂଆ ବିଭାଗ ଥିଲା । କିନ୍ତୁ ମୋର ସେଥିପାଇଁ କୌଣସି ଆଗ୍ରହ ନଥିଲେ କ୍ଷୋଭ ନଥିଲା କାରଣ ମୋ ମନରେ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ନିଜର ସାମାନ୍ୟ ବୁଦ୍ଧି, ସତ୍ୟ ଅନୁବର୍ତ୍ତିତା ଓ ଅଧ୍ୟୟନ ଅଭ୍ୟାସରୁ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ କୌଣସି କାମ ମୁଁ ଭଲଭାବେ କରିପାରିବି । ମତେ ଅର୍ଥ ବିଭାଗ ବ୍ୟବସ୍ଥା କରିବାକୁ ହେଲା । ଦେଶର ବିକାଶଶୀଳ ଅର୍ଥ ବ୍ୟବସ୍ଥା ପାଇଁ ଆବଶ୍ୟକ ସାଧନ ଏକାଠି କରିବା ମୋର କର୍ତ୍ତବ୍ୟ ଥିଲା । ବମ୍ବେରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଏ ବିଷୟରେ ମୋର ସିଧା ସମ୍ବନ୍ଧ ନଥିଲା ତଥାପି ଅର୍ଥ ବିଭାଗ ସହିତ ମୁଁ ନିକଟ ସମ୍ପର୍କ ରଖିଥିଲି । ଏ କଥା ଠିକ୍ ଯେ ବମ୍ବେ ଅର୍ଥ ବିଭାଗ କେନ୍ଦ୍ର ଅର୍ଥ ବିଭାଗ ଅପେକ୍ଷା ଖୁବ୍ ଛୋଟ ଥିଲା ଏବଂ ସୀମିତ କାମ ହେଉଥିଲା କିନ୍ତୁ ଅର୍ଥ ବିଭାଗର କାଇଦା କଟକଣା ଦୃଷ୍ଟିରୁ ଓ ସାଧନ ଏକାଠି କରିବା ପାଇଁ ଯେଉଁ ସିଦ୍ଧାନ୍ତ ଉପରେ କାମ କରାଯାଉଥିଲା ସେଥିରେ ପ୍ରାୟ କୌଣସି ପାର୍ଥକ୍ୟ ନ ଥିବାରୁ ମୋ ପାଇଁ ଏହା ବିଲ୍‌କୁଲ୍ ନୂଆ ବିଷୟ ନଥିଲା ।

ଏକଥା ଅବଶ୍ୟ ସତ ଯେ ଯେଉଁ ସମୟରେ ମୁଁ ଅର୍ଥ ବିଭାଗ ଭାର ଗ୍ରହଣ କରିଥିଲି ସେ ସମୟରେ ଦେଶୀ ଓ ବିଦେଶୀ -- ଦୁଇ ଅବସ୍ଥା -- ଦୃଷ୍ଟିରୁ ଆର୍ଥିକ ପରିସ୍ଥିତି ବହୁତ ବିଷମ ଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୫୬ରେ ଶେଷ ହୋଇଯାଇଥିଲା । ୧୯୫୬-୫୭ରୁ ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ ହେଲା । ପ୍ରଥମ ଯୋଜନାରେ ବହୁତ ବ୍ୟାପକ ବିଚାର ହୋଇନଥିଲା । ଏକଥା ଅବଶ୍ୟ ସତଯେ ଯେଉଁ ଯୋଜନା ତିଆରି ହୋଇଥିଲା ତାକୁ ଖୁବ୍ ସଫଳତାର ସହ କାର୍ଯ୍ୟାନ୍ୱିତ କରାଯାଇଥିଲା । ତେଣୁ ଯେଉଁ ଲକ୍ଷ୍ୟ ରଖାଯାଇ ଥିଲା, ତାହା ସବୁ ପୂରା ହୋଇଯାଇ ଥିଲା । ବମ୍ବେ ରାଜ୍ୟ ନିଜ ହିସାର କାମ ଭଲଭାବରେ ପୂରା କରିଥିଲେ, ଏତିକି ନୁହେଁ, ନିର୍ଦ୍ଧାରିତ ଲକ୍ଷ୍ୟରୁ ବହୁତ ଆଗକୁ ବଢି ଯାଇଥିଲେ । ସେଥିପାଇଁ କେନ୍ଦ୍ର ବମ୍ବେକୁ ନ୍ୟୁନତମ ସହାୟତା ଦେଇଥିଲେ । ତଥାପି ସେ ଆଗେଇଥିଲା କାରଣ ବମ୍ବେ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଅଟେ । ଅନ୍ୟ ରାଜ୍ୟ ଅପେକ୍ଷା ବମ୍ବେରେ ସାଧନ ବହୁତ ଅଛି । ବମ୍ବେ ଭାରତରେ ଆର୍ଥିକ, ରାଜନୈତିକ ଓ ସାମାଜିକ ଦୃଷ୍ଟିରୁ ନିଜର ବିଶିଷ୍ଟତା ରଖିଛି । ଏତିକି ନୁହେଁ ଏହାର ଶାସନ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ଭଲ ବୋଲି କୁହାଯାଏ ।

ଏହିପରି ୧୯୫୭ରେ ପ୍ରଥମ ପଞ୍ଚବର୍ଷୀୟ ଯୋଜନା ଖୁବ୍ ଭଲଭାବରେ ତ୍ୱରାନ୍ୱିତ ହୋଇଥିଲା, ସଫଳ ହୋଇଥିଲା ମଧ୍ୟ । ଏଥିରେ ବିଦେଶରେ ଭାରତର ସମ୍ମାନ ମଧ୍ୟ ବଢିଥିଲା । ଭାରତ ସରକାର ଓ ଏହାର ଶାସନ କର୍ତ୍ତା ଓ ଶାସନତନ୍ତ୍ର ପ୍ରତି ମଧ୍ୟ ସଂସାରରେ ଆଦର ବଢିଥିଲା । ଅନ୍ତରାଷ୍ଟ୍ରୀୟ ସଂସ୍ଥା ବିଶେଷଜ୍ଞମାନେ ଅନ୍ୟ ଅର୍ଦ୍ଧ ବିକଶିତ ଦେଶକୁ ଭାରତ ବିକାଶ ମୂଳକ କାର୍ଯ୍ୟ ଅନୁକରଣ କରିବାକୁ ପରାମର୍ଶ ଦେଉଥିଲେ !

ଏ ଯୋଜନା ସଫଳ ହେବାରୁ ୧୯୫୬-୫୭ରେ ଆରମ୍ଭ ହେଉଥିବା ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନାକୁ ବହୁତ ବଡ଼ ତିଆରି କରାଗଲା । ଦ୍ୱିତୀୟ ଯୋଜନା ପ୍ରଥମର ପ୍ରାୟ ଦୁଇଗଣ ଥିଲା ଓ ଲକ୍ଷ୍ୟ ମଧ୍ୟ ଉଚ୍ଚା ରଖାଯାଇଥିଲା । ଆର୍ଥିକ ଯୋଜନା ସହିତ ପ୍ରାକୃତିକ ଯୋଜନା ଉପରେ ମଧ୍ୟ ଜୋର ଦିଆଯାଇ ଥିଲା । ବିଶେଷ କରି ଲୌହ ଆଦି ଭାରି ଉଦ୍ୟୋଗକୁ ଏଥିରେ ରଖାଯାଇଥିଲା । ଏଥିରେ ଭାରତର ସମ୍ମାନ ବିଦେଶରେ ବଢ଼ିଥିଲା ।

Digitized by srujanika@gmail.com

ଏଇପରି ଏ ଯୋଜନା ପ୍ରଥମ ଅପେକ୍ଷା ବହୁତ ମହତ୍ତ୍ୱାକାଙ୍କ୍ଷୀ ଥିଲା । କିନ୍ତୁ ଏଥିରେ ସାଧନ ଉପରେ ଯେତେ ଧ୍ୟାନ ଦେବା କଥା ସେତେ ଧ୍ୟାନ ଦିଆଯାଇ ନଥିଲା । ତା'ର ପରିଣାମ ସ୍ୱରୂପ ମୁଁ ଯେତେବେଳେ ଅର୍ଥ ବିଭାଗ ଭାର ଗ୍ରହଣ କରିଲି, ତା'ର ଦୁଇବର୍ଷ ମଧ୍ୟରେ ଯେପରି କାମ ହେଉଥିଲା ତଦ୍ୱାରା କଠିନ ପରିସ୍ଥିତି ଉପୁଜିଥିଲା । ଦେଶ ଭିତରୁ ଅର୍ଥ ସଂଗ୍ରହ ଓ ଏଥିରୁ ଅଧିକ ବିଦେଶୀ ମୁଦ୍ରା ସଂଗ୍ରହ ବହୁତ କଷ୍ଟ ହୋଇଯାଇ ଥିଲା । ଏ କଷ୍ଟ ପ୍ରଥମରୁ ଜଣାପଡ଼ିଲା । କାରଣ ବିଦେଶୀ ମୁଦ୍ରାର ସୁରକ୍ଷିତ ଭଣ୍ଡାରରେ କୋଡ଼ିଏ କୋଟି ଡଲାର ପ୍ରଥମ ଦୁଇ ବର୍ଷ ମଧ୍ୟରେ ହ୍ରାସ ହୋଇଯାଇ ଥିଲା ଓ ତା'ପରେ ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା କୋଷରୁ ମିଳିଥିବା ଋଣ ଖର୍ଚ୍ଚ ହୋଇଯାଇ ଥିଲା । ଏଥିରୁ ବିଷମ ଅବସ୍ଥା ହୋଇଯାଇ ଥିଲା ଯେ ଯୋଜନା କିପରି ସଫଳତା ଲାଭ କରିବ ? ଏପରି ପରିସ୍ଥିତିରେ ମୁଁ ଅର୍ଥ ବିଭାଗ ସମ୍ଭାଳି ଥିଲି । ଶ୍ରୀ ବି. କେ. ନେହେରୁ ଏ ସମୟରେ ଅର୍ଥ ବିଭାଗ ସଚିବ ଥିଲେ ଶ୍ରୀ ଏନ୍. ଏନ୍. ୱାଂଚୁ ବ୍ୟୟ ବିଭାଗ ଦେଖୁଥିଲେ ଓ ଶ୍ରୀ ଏ. କେ. ରାୟ ରାଜସ୍ୱ ବିଭାଗର ଚେୟାରମ୍ୟାନ ଥିଲେ । ଶ୍ରୀ ଏନ୍. ବି. ରଙ୍ଗାଚାରୀ ବିଶେଷ ସଚିବ ଥିଲେ । ଶ୍ରୀ ଏଚ୍. ଏମ୍. ପଟେଲ ମୁଖ୍ୟ ସଚିବ ଥିଲେ । କିନ୍ତୁ ମୁନ୍ଧ୍ରା ମାମଲାରେ ତାଙ୍କ ଉପରେ ଦୋଷ ଦିଆଯିବାରୁ ସେ ସେବାନିବୃତ୍ତ ହୋଇଯାଇ ଥିଲେ ଓ ତାଙ୍କ ସ୍ଥାନରେ ମୁଁ ଆଉ କାହାକୁ ରଖିନଥିଲି ।

ଅର୍ଥ ବିଭାଗରେ ପ୍ରଫେସର ଜେ. ଜେ. ଅଂଜାରିଆ ପରାମର୍ଶଦାତା ଥିଲେ ଓ ଶ୍ରୀ ଆଇ. ଜି. ପଟେଲ ତାଙ୍କର ସହାୟକ ଥିଲେ । ଏମାନେ ସମସ୍ତେ ବହୁତ ଯୋଗ୍ୟ ଓ କୁଶଳ ଅଧିକାରୀ ଥିଲେ ତଥା ତାଙ୍କ ବ୍ୟବସ୍ଥା ମଧ୍ୟ ବହୁତ କୁଶଳତା ପୂର୍ଣ୍ଣ ଥିଲା । ତେଣୁ ଅର୍ଥ ବିଭାଗ ସମସ୍ୟା ବୁଝିକରି ତା'ର ସମାଧାନ କରିବାରେ କୌଣସି କଷ୍ଟ ହେଉନଥିଲା ।

ଅନାବଶ୍ୟକ ଖର୍ଚ୍ଚ ବନ୍ଦ କରିବାର ଥିଲା । ସେ ସମୟ ଗୋଟିଏ ଏସ୍. ଆଇ. (ଷ୍ଟାଫ୍ ଇନ୍‌ସପେକ୍‌ଶନ) ୟୁନିଟ ଥିଲା ଯେ କି ଖର୍ଚ୍ଚକାଟ କରିବାକୁ ତଦନ୍ତ ଇତ୍ୟାଦି କରୁଥିଲା । ଶ୍ରୀ ଇନ୍ଦ୍ରଜିତ ସିଂହ ଏହାର ପ୍ରମୁଖ ଥିଲେ । ସେ ମଧ୍ୟ ବଡ଼ ଯୋଗ୍ୟ ଅଧିକାରୀ ଥିଲେ । ବିଦେଶୀ ମୁଦ୍ରା ବ୍ୟବସ୍ଥା କରିବା ପାଇଁ ବିଦେଶରେ କଥାବାର୍ତ୍ତା କରିବାର ଆବଶ୍ୟକତା ଥିଲା । ଯେଉଁଠାରେ ପରିସ୍ଥିତ ଖରାପ ହୋଇ ବିଦେଶରେ ଭାରତ ପ୍ରତି ବିଶ୍ୱାସ କମ୍ ହୋଇଯାଇ ଥିଲା । ସେଠାରେ ବିଶ୍ୱାସ ପୁଣି ଉତ୍ପନ୍ନ କରି ବଢାଇବା ଦରକାର ଥିଲା । ଏ କାମ ଭଲ ଭାବରେ କରାଇବା ପାଇଁ ୱାଶିଂଟନରେ କମିଶନର ଜେନେରାଲ ନାମରେ ନୂଆ ପଦ ସୃଷ୍ଟି କରିବା ସ୍ଥିର କରାଗଲା, ଏଥିପାଇଁ ଜବାହରଲାଲଜୀଙ୍କ ସ୍ୱୀକୃତି ମତେ ମିଳିଗଲା ।

ଏ କାମ ପାଇଁ ମୁଁ ଶ୍ରୀ ବି. କେ. ନେହେରୁଙ୍କୁ ପସନ୍ଦ କରିଥିଲି କାରଣ ତାଙ୍କର ବିଦେଶରେ ଭଲ ଅନୁଭବ ଥିଲା । ଅର୍ଥ ବିଷୟରେ ସେ କୁଶଳୀ ଥିଲେ ଓ କାମ ଭଲ ଭାବରେ କରିବାର ଅଭ୍ୟାସ ଥିଲା । ଏହା ଛଡ଼ା ଆମ ଦୁହିଁଙ୍କ ମଧ୍ୟରେ ଜଣଙ୍କର ଅନ୍ୟ ଜଣଙ୍କ ଉପରେ ବହୁତ ବିଶ୍ୱାସ ଥିଲା । ସ୍ୱତନ୍ତ୍ର ଭାବେ ବିଚାର କରି ନୂଆ ଯୋଜନା ତିଆରି କରିବା କ୍ଷମତା ତାଙ୍କର ଥିଲା । ଏଥିପାଇଁ ମୁଁ ତାଙ୍କୁ କମିଶନର ଜେନେରାଲ ପଦ ପାଇଁ ପସନ୍ଦ କରିଥିଲି ଏବଂ ଯେତେବେଳେ ଜବାହରଲାଲଜୀ ସ୍ୱୀକୃତି ଦେଲେ ସେ ୱାଶିଂଟନ ଗଲେ । ସେ ଯିବାରୁ ତାଙ୍କ ଖାଲି ସ୍ଥାନ ମୁଁ ପୂରଣ କରିପାରିଲି ନାହିଁ । କାରଣ ଅଧିକ ସଚିବଙ୍କ ଆବଶ୍ୟକତା ମୁଁ ଅନୁଭବ କରୁ ନଥିଲି । ଶ୍ରୀ ଏ. କେ. ରାୟଙ୍କୁ ଅର୍ଥ ଓ ରାଜସ୍ୱ ଦୁଇ ବିଭାଗ ଦେଇ, ପାଞ୍ଚଜଣ ସଚିବ ସ୍ଥାନରେ ତିନିଜଣଙ୍କୁ ରଖିଲି -- ଦୁଇଜଣ କମାଇ ଦେଲି । ଷ୍ଟାଫ୍ ଇନ୍‌ସପେକ୍‌ଶନ ୟୁନିଟକୁ ମୁଁ ପ୍ରଥମେ ଅର୍ଥ ମନ୍ତ୍ରାଳୟ ନୀରିକ୍ଷଣ କରିବାକୁ ଆଦେଶ ଦେଇଥିଲି -- ସେଥିରେ ଅର୍ଥ ବିଭାଗ ପ୍ରଥମେ ଦେଖିବାକୁ କହିଲି । ୟୁନିଟ, ବିଭାଗ ନୀରିକ୍ଷଣ କରି ସେଥିରେ ପରିବର୍ତ୍ତନ ପାଇଁ ସୁପାରିଶ ଦେଉଥିଲେ । ଯେଉଁ ବିଭାଗରେ ଅସମ୍ମତି ଦେଖା ଦେଉଥିଲା

Digitized by srujanika@gmail.com

ସେମାନଙ୍କ ସହିତ ମୁଁ କଥାବାର୍ତ୍ତା କରି ୟୁନିଟ ସୁପାରିଶ ମାନିନେବାକୁ ମନାଉଥିଲି । ଫଳରେ ଅନ୍ୟ ବିଭାଗ ୟୁନିଟର କାମ ସହଜ ହୋଇପଡ଼ିଲା । 'ଚାରିଟି ବିଗିନ୍ସ ଆଟ ହୋମ' -- ମନୁଷ୍ୟ ଯେ ପର୍ଯ୍ୟନ୍ତ ନିଜେ କିଛି କାମ ଆରମ୍ଭ ନ କରେ ସେ ପର୍ଯ୍ୟନ୍ତ ଅନ୍ୟ ଠାରୁ ସେଇ କାମ କରାଇବା ଆଶା କରିବା ବ୍ୟର୍ଥ ଅଟେ । ସେଥିପାଇଁ ୟୁନିଟ୍ କାମ ମୋ ମନ୍ତ୍ରାଳୟରୁ କରାଇଥିଲି ।

ଏ କଥା ମୋର ବିଶ୍ୱାସ ହୋଇଯାଇଥିଲା ଯେ ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନା ପାଇଁ ପୂରା ଅର୍ଥ ଆମେ ଯୋଗାଡ କରିପାରିବୁ ନାହିଁ । ତେଣୁ ଯୋଜନାର ପୁନର୍ବିଚାର କରି ସେଥିରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପ୍ରୟୋଜନ ହେଲା । ଏପରି ନ କରାଯାଇଥିଲେ ଯୋଜନାରେ ରଖାଯାଇଥିବା ଲକ୍ଷ୍ୟ ସିଦ୍ଧ ହୋଇପାରି ନଥାନ୍ତା । ମୁଁ ଜବାହରଲାଲଜୀ ଓ ଯୋଜନା ଆୟୋଗଙ୍କ ସହିତ ଆଲୋଚନା କଲି । ସେମାନେ ଯୋଜନାର ମୁଖ୍ୟ ନୀତିକୁ ଦୃଷ୍ଟିରେ ରଖି କାମ କରିବା କଥା ସ୍ୱୀକାର କଲେ । ତଦନୁସାରେ ପୁନର୍ବିଚାରକରି ଲକ୍ଷ୍ୟ ସ୍ଥିର କରାଗଲା -- ଏତିକି ନୁହେଁ ଏହାକୁ କାର୍ଯ୍ୟ କରିବାକୁ ଅର୍ଥ ଯୋଗାଡ କରିବା ସ୍ଥିର କରାଗଲା । ଯୋଜନା ଆୟୋଗ ଏ ସମ୍ବନ୍ଧରେ ବହୁତ ସାହାଯ୍ୟ କରିଥିଲେ । ସେମାନେ ଅର୍ଥ ବିଭାଗ ଅଧିକାରୀମାନଙ୍କ ସହିତ ମିଶି ଉତ୍ତମ ଭାବରେ କାର୍ଯ୍ୟ ସମ୍ପନ୍ନ କରିଥିଲେ ।

ଶ୍ରୀ ବି.କେ. ନେହେରୁଙ୍କୁ ୱାଶିଂଟନ୍ ପଠାଇବା ପରେ ଶ୍ରୀ ଟି. ସ୍ୱାମିନାଥନଙ୍କୁ ୟୁରୋପ ପଠାଗଲା ଓ ବ୍ରୁସେଲସ୍‌ରେ ତାଙ୍କର ପ୍ରଧାନ କାର୍ଯ୍ୟାଳୟ ରଖାଗଲା । ଏ ସମସ୍ତ କାମର ମୁଖ୍ୟ ଦାୟିତ୍ୱ ଶ୍ରୀ ବି.କେ. ନେହେରୁଙ୍କ ଉପରେ ଥିଲା । ଆବଶ୍ୟକ ସହାୟକ ଅଧିକାରୀ ମଧ୍ୟ ତାଙ୍କୁ ଦିଆଯାଇଥିଲା । ଏ ବ୍ୟବସ୍ଥାର କେତେକ ମାସ ପରେ ବିଶ୍ୱ ବ୍ୟାଙ୍କ ତରଫରୁ ଆମେରିକା, କାନାଡା, ବ୍ରିଟେନ ତଥା ଜାପାନଙ୍କୁ ନେଇ ''ଇଣ୍ଡିଆ କନ୍‌ସୋଟିୟମ'' ତିଆରି କରାଯାଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ଏହି ଦେଶମାନଙ୍କର ସହାୟତାକୁ ସଂଯୁକ୍ତ ଭାବରେ ବ୍ୟବସ୍ଥା କରିବା । ବୈଦେଶିକ କନ୍‌ସୋଟିୟମର ସଦସ୍ୟ ଓ ଅନ୍ତରାର୍ଷ୍ଟ୍ରୟ ମୁଦ୍ରାକୋଷର ଡାଇରେକ୍ଟରମାନଙ୍କ ସହିତ ମୋର ସ୍ୱଷ୍ଟ ଓ ଉପଯୋଗୀ କଥାବାର୍ତ୍ତା ହୋଇଥିଲା । ସେମାନେ ମୋ ଚିନ୍ତାଧାରାର ଉପଯୋଗିତା ଜାଣିପାରିଲେ ଓ ସେମାନଙ୍କର ବିଶ୍ୱାସ ହୋଇଯାଇଥିଲା ଯେ ଭାରତ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ନିଜର ବିକାଶ କରିପାରିବ ।

ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନା ଆମେ କମ୍ କରି ଦେଇଥିବାରୁ ବିଦେଶୀ ମୁଦ୍ରା ଆବଶ୍ୟକତା କମ୍ ହେଲା । କିନ୍ତୁ ବିଦେଶୀ ମୁଦ୍ରା ଯାହା କମ୍ ହେଲା ତାକୁ କନ୍‌ସୋର୍ଟିୟମ୍ ପୂରା କରିଦେଲେ । ଯୋଜନା ପାଇଁ ଏଇସବୁ ଦେଶ ତଥା ସଂସ୍ଥା କୋଡିଏ କୋଟି ଡଲାର ଭାରତକୁ ସହାୟତା ଦେଇଥିଲେ ।

ଏହାଛଡା ଆମେରିକା ତରଫରୁ ''ପି.ଏଲ୍. ୪୮୦'' କାର୍ଯ୍ୟକ୍ରମ ଅନ୍ତର୍ଗତ ଖାଦ୍ୟଶସ୍ୟ, କପା ଓ ଅନ୍ୟାନ୍ୟ କୃଷିଜାତୀୟ ବସ୍ତୁର ସହାୟତା ମିଳିଥିଲା । ତା'ର ମୂଲ୍ୟ ପ୍ରାୟ କୋଡିଏ କୋଟି ଡଲାର ହେବ ।

ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନାକୁ ପୁନର୍ବିଚାର କରି ଯେଉଁ ପ୍ରକାର ତା'କୁ କାର୍ଯ୍ୟକାରୀ କରିବାର ସ୍ଥିର ହୋଇଥିଲା ସେଇ ପ୍ରକାର କାର୍ଯ୍ୟାନ୍ୱିତ କରାଗଲା । ରୁଷ ଓ ତାଙ୍କ ମିତ୍ର ଦେଶଠାରୁ ବହୁତ ଭଲ ସହାୟତା ମିଳିଥିଲା । ଏହିପରି କେବଳ ପାଶ୍ଚାତ୍ୟ ଦେଶରୁ ନୁହେଁ, ସାମ୍ୟବାଦୀ ଦେଶ ଯୋଗଦାନ କରିଥିଲେ କାରଣ ଭାରତ ବିଷୟରେ ତାଙ୍କର ଉତ୍ତମ ଧାରଣା ଥିଲା । ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନା ୧୯୬୧ ପର୍ଯ୍ୟନ୍ତ ଚାଲିଲା ଓ ତୃତୀୟ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ ହେଲା ।

'ଏଡ୍ ଇଣ୍ଡିଆ କନ୍‌ସୋର୍ଟିୟମ' ସହିତ ମୋର ଉତ୍ତମ ସମ୍ବନ୍ଧ ଥିବାରୁ ତୃତୀୟ ପଞ୍ଚବର୍ଷୀୟ ଯୋଜନା ପାଇଁ ପୂର୍ଣ୍ଣ ସହାୟତାର ଆଶ୍ୱାସନା ମିଳିଲା । ଆରମ୍ଭ ପୂର୍ବରୁ ସେଥିରେ ସାହାଯ୍ୟ କରିବାକୁ ସେମାନେ ବଚନ

Digitized by srujanika@gmail.com

ଦେଇଥିଲେ । ରୁଷ ତୃତୀୟ ଯୋଜନା ପାଇଁ ଦେଢ଼ଶହ କୋଟି ରୁବେଲ ଦେବାକୁ ଆଶ୍ୱାସନା ଦେଇଥିଲା । ସେ ସମ୍ବନ୍ଧୀୟ ରାଜିନାମା ବେଳେ ଆଉ ଅଧିକ ସାହାଯ୍ୟ ପାଇଁ କୁହାଯିବା ବେଳେ ସେ ସ୍ପଷ୍ଟ ମନାକରି କହିଥିଲେ, ''ଆମେ ଏହାଠାରୁ ଅଧିକ କୌଣସି ସାହାଯ୍ୟ କରିପାରିବୁ ନାହିଁ ।'' ସେତେବେଳେ ତାଙ୍କ କଥା ତ ମାନିବାକୁ ପଡ଼ିଥିଲା କିନ୍ତୁ ୧୯୬୦ରେ ମୁଁ ରୁଷ ଗସ୍ତରେ ଯାଇଥିବାରୁ ସେମାନେ ସହାୟତା ବଢ଼ାଇଥିଲେ ।

ବିଶ୍ୱ ବ୍ୟାଙ୍କ ଓ କନ୍‌ସୋର୍ଟିୟମ୍ ତରଫରୁ ତିନିବିଜ୍ଞ ବ୍ୟକ୍ତି ପ୍ରତିନିଧି ମଣ୍ଡଳ ଭାରତକୁ ୧୯୬୦ରେ ଆସିଥିଲେ । ବ୍ରିଟେନର ସାର୍ ଆଲିବର୍ ଫ୍ରାଙ୍କ୍ସ , ଜର୍ମାନୀର ଡ. ହର୍‌ମ୍ୟାନ ଏବ୍‌ସ ଓ ଆମେରିକାର ଶ୍ରୀ ଏଲେନ୍ ସ୍ପ୍ରାଉଲ ଏ ପ୍ରତିନିଧି ମଣ୍ଡଳର ସଦସ୍ୟ ଥିଲେ । ଏଠାକୁ ଆସିବା ପରେ ଅନ୍ୟ ସମସ୍ତଙ୍କ ସହିତ ସାକ୍ଷାତ କରିସାରି ମୋ ସହିତ ଲମ୍ବା କଥାବାର୍ତ୍ତା କରିଥିଲେ । ସବୁ ଶୁଣି ଭାରତ ସମ୍ବନ୍ଧରେ ତାଙ୍କର ଉତ୍ତମ ଧାରଣା ହେଲା ଓ ଏଠାର ଶାସନ ବ୍ୟବସ୍ଥାରେ ପ୍ରଭାବିତ ହୋଇ ସେମାନେ ଯେଉଁ ରିପୋର୍ଟ ଦେଲେ ତାହା ଆମର ଅନୁକୂଳ ଥିଲା ଯଦ୍ଦ୍ୱାରା ବିଦେଶୀ ମୁଦ୍ରା ପାଇବା ସହଜ ହୋଇଗଲା, ଏ ପ୍ରତିନିଧି ମଣ୍ଡଳ ପରେ ଶ୍ରୀ ହଫ୍‌ମ୍ୟାନ୍‌ଙ୍କ ନେତୃତ୍ୱରେ ଏକ ଟେକନିଖ୍ ପ୍ରତିନିଧି ମଣ୍ଡଳ ଆସିଥିଲେ ଓ ସେମାନେ ମଧ୍ୟ ଆମ ପାଇଁ ଅନୁକୂଳ ରିପୋର୍ଟ ଦେଲେ ତଦ୍ଦ୍ୱାରା ତୃତୀୟ ଯୋଜନାର ଆରମ୍ଭ ଭଲ ଭାବରେ ହେଲା ।

ଏସବୁ କାମରେ ସଫଳତାର ମୁଖ୍ୟ କାରଣ ହେଲା ଅନ୍ତରାଷ୍ଟ୍ରୀୟ ସଂସ୍ଥାର ସଞ୍ଚାଳକମାନଙ୍କର ଓ ସହାୟକ ଦେଶର ନେତାମାନଙ୍କର ଭାରତର ରାଜନୈତିକ ପ୍ରାମାଣିକତା ଓ କୁଶଳତାରେ ବିଶ୍ୱାସ । ଅର୍ଥ ବିଭାଗର ଅଧିକାରୀମାନଙ୍କର ଏଥିରେ ଉଲ୍ଲେଖନୀୟ ଯୋଗଦାନ ଥିଲା । ସେମାନେ ସାହାଯ୍ୟ ନ କରିଥିଲେ ଏ କାମରେ ସଫଳତା ମିଳିପାରି ନଥାନ୍ତା ।

୧୯୬୦ରେ ତୃତୀୟ ପଞ୍ଚବର୍ଷୀୟ ଯୋଜନା ତିଆରି ହୋଇଥିଲା ଏବଂ ଏହାକୁ ବଡ ବ୍ୟାପକ କରାଯାଇଥିଲା । ତା'ଠାରୁ ଆହୁରି ବଡ କରିବାକୁ ମୋ ଉପରେ ଚାପ ପଡିଥିଲା । କିନ୍ତୁ ମୁଁ ଏ ନିର୍ଣ୍ଣୟ ଉପରେ ଅଟଳ ଥିଲି ଯେ ଯେତିକି ଅର୍ଥ ଯୋଗାଡ କରି ହେବ ତା'ଠାରୁ ଅଧିକ ବଡ ଯୋଜନା କଲେ କ୍ଷତି ହେବ; ଯେପରି ଦ୍ୱିତୀୟ ଯୋଜନାରେ ହୋଇଥିଲା । ଶ୍ରୀ ଅଂଜରିଆ ସେ ସମୟରେ ଯୋଜନା କମିଶନ ଓ ବିତ୍ତ ବିଭାଗ ପରାମର୍ଶଦାତା ଥିଲେ । ସେ କେତେ ବେଶି ଅର୍ଥ ଯୋଗାଡ କରିହେବ ତା'ର ଅନୁମାନ ଲଗାଇ ଥିଲେ । ତେଣୁ ଯୋଜନା ସେଇ ହିସାବରେ ତିଆରି ହେଲା । ଆହୁରି ବଢାଇବା ପାଇଁ ଚାପ ତା'ପରେ ପଡିଲା ।

ଏ ସମ୍ବନ୍ଧରେ ମୁଁ ଜବାହରଲାଲଜୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲି କି, ''ଆମ ଯୋଜନା ଏପରି ତିଆରି ହେବା ଉଚିତ ଯେ ନିର୍ଦ୍ଧାରିତ ଲକ୍ଷ୍ୟରୁ ଆମେ ଆଗକୁ ଯାଇପାରିବା; କିନ୍ତୁ କ୍ଷମତାଧିକ ଲକ୍ଷ୍ୟ ରଖିଲେ ଅର୍ଥ ଅଭାବରୁ ଆମେ ଏତେ କାମ କରିପାରିବା ନାହିଁ । ଲକ୍ଷ୍ୟ ଅପେକ୍ଷା ଅଧିକ କାମ ହେଲେ ଦେଶରେ ଆଶା ଓ ଉତ୍ସାହର ସଂଚାର ହେବ, ଦେଶବାସୀଙ୍କର ମନୋବଳ ବଢିବ ଓ ବିଦେଶରେ ତା'ର ଉତ୍ତମ ପ୍ରଭାବ ପଡିବ । ଏହାର ବିପରୀତ ଦିଗରେ, ଲକ୍ଷ୍ୟ ଅପେକ୍ଷା କମ କାମ ହେଲେ ବିରୋଧୀ ଦଳ ଏହାକୁ ଆମ ବିରୁଦ୍ଧରେ ଉପଯୋଗ କରିବେ, ଲୋକମାନଙ୍କ ମଧ୍ୟରେ ନିରାଶା ଖେଳିଯିବ ଓ ବିଦେଶରେ ମଧ୍ୟ ଆମର କିଛି କମ୍ ମୂଲ୍ୟାଙ୍କନ ହେବ । ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନା ବେଳେ ଯେଉଁ ଭୁଲ ହୋଇଥିଲା ସେ ଭୁଲ ନହେବା ଉଚିତ । ଆମର ଆବଶ୍ୟକତା ତ ବହୁତ ଅଛି ତେଣୁ ଆମର ଦାବୀ ବହୁତ ହେବା ସ୍ୱାଭାବିକ ଅଟେ । କିନ୍ତୁ ଆମ କ୍ଷମତା ଉପରେ ଧ୍ୟାନ ନଦେଇ, ଇଚ୍ଛା ଓ ଆଶାନୁସାରେ ଯୋଜନା କଲେ ଆମର ପ୍ରଗତି ତ୍ୱରାନ୍ୱିତ ହେବ ନାହିଁ ଓ ଆମ ଶକ୍ତି କମିଯିବ ।''

Digitized by srujanika@gmail.com

ଜବାହରଲାଲଜୀ ମୋ ବିଚାରଧାରାକୁ ସ୍ୱୀକାର ତ କଲେ କିନ୍ତୁ ଆର୍ଥିକ ମାମଲାରେ ଜ୍ଞାନ ଗଭୀର ନଥିବା ଯୋଗୁଁ ବହୁତ ଆଶାବାଦୀ ଓ ମହତ୍ୱାକାଂକ୍ଷୀ ଯୋଜନା ଉପରେ ସର୍ବଦା ଜୋର ଦେଉଥିଲେ । ମୋ ବିଚାରଧାରା ସ୍ୱୀକାର କରି ସୁଦ୍ଧା ଖୁବ୍ ବଡ ଯୋଜନାରେ ତାଙ୍କ ଆଗ୍ରହ କମ ହୋଇନଥିଲା । ତେଣୁ ଯୋଜନା ଆୟୋଗ ମନ୍ତ୍ରୀମଣ୍ଡଳ ସମ୍ମୁଖରେ ଯେଉଁ ଯୋଜନା ରଖୁଥିଲେ ତାକୁ ତ ମଞ୍ଜୁର କରିଥିଲେ କିନ୍ତୁ ରାଷ୍ଟ୍ରୀୟ ବିକାଶ ପରିଷଦରେ ତୃତୀୟ ପଞ୍ଚବର୍ଷୀୟ ଯୋଜନା ଉପରେ ଯେଉଁ ବିଚାର କରାଯାଉଥିଲା, ସେଥିରେ କେତେକ ବନ୍ଧୁଙ୍କ ଆଗ୍ରହ ବଶତଃ ସେ ନିଶ୍ଚିତ ହୋଇଥିବା ଲକ୍ଷ୍ୟ ବୃଦ୍ଧି କରିବାକୁ ଅତ୍ୟନ୍ତ କୌଶଳତା ସହ ଚେଷ୍ଟା କରିଥିଲେ । ପରିଷଦରେ ଯୋଜନାର ରୂପରେଖ ପ୍ରସ୍ତୁତ କରିବା ସମୟରେ ସେ ଯେଉଁ ଭାଷଣ ଦେଇଥିଲେ ସେଥିରେ ଲକ୍ଷ୍ୟ ବଢାଇବା ଆବଶ୍ୟକତା ବିଷୟରେ କହିଥିଲେ ଏବଂ ପରିଷଦର ସଦସ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହନ ଦେଇଥିଲେ । ଏଥିରେ ମୋର ଅସୁବିଧା ବଢିଗଲା, ପରେ ସେ ମତେ ପଚାରିଲେ ମୁଁ ବର୍ତ୍ତମାନ କହିବି ନା ପରେ । ସେଥିରୁ ମତେ ଲାଗିଲା କି ତାଙ୍କ ଡରଥିଲା ଯେ ମୁଁ ବର୍ତ୍ତମାନ କହି ସମସ୍ତ ତଥ୍ୟ ଆଗରେ ରଖିଲେ ଯୋଜନା ଲକ୍ଷ୍ୟ ବଢାଇବା ପାଇଁ ସଦସ୍ୟମାନେ ସାହସ କରିବେ ନାହିଁ । ତେଣୁ ସେ ଇଚ୍ଛା କରୁଥିଲେ ଯେ ଅନ୍ୟ ସଦସ୍ୟ ଯୋଜନା ଲକ୍ଷ୍ୟ ବଢାଇବା ବିଷୟରେ କହିଲେ ବୋଧହୁଏ ଯୋଜନାର ଅର୍ଥ ବଢାଇବାରେ କିଛି ସଫଳତା ମିଳିଯିବ । ମୁଁ ନିଜେ ଶୀଘ୍ର କହିବାକୁ ଚାହୁଁ ନଥିଲି । କାରଣ ଅନ୍ୟମାନଙ୍କର ଯାହା କହିବାକୁ ଅଛି କହିସାରିଲେ, ତା'ପରେ ପ୍ରତ୍ୟେକ ପ୍ରଶ୍ନର ଜବାବ ଦେଇ ତା'ର ଅନୁକୂଳ ତର୍କ ପ୍ରସ୍ତୁତ କଲେ ସମସ୍ତଙ୍କୁ ସୁବିଧା ହେବ । ମୋର ଏଇ ଧାରଣାନୁସାରେ ମୁଁ ସମସ୍ତଙ୍କ ପରେ କହିବାକୁ ସ୍ଥିର କରିଥିଲି ।

ଏହା ଆଗରୁ ଜବାହରଲାଲଜୀ ସର୍ବଶ୍ରୀ ଚୌହ୍ୱାନ, ସି. ସୁବ୍ରହ୍ମଣ୍ୟମ୍, ମୋହନ ଲାଲ ସୁଖାଡିଆ ଆଦିଙ୍କୁ ନେଇ ଗୋଟିଏ କମିଟି ତିଆରି କରିଥିଲେ । କମିଟିର କାମ ଥିଲା ଯୋଜନା ଉପରେ ବିଚାର କରି ସେମାନଙ୍କ ରିପୋର୍ଟ ଉପସ୍ଥାପନ କରିବା । ମୁଁ ସେ କମିଟିରେ ରହି ନଥିଲି କାରଣ ମୁଁ ଯୋଜନାର ସାଧନ ବଢାଇବା ସପକ୍ଷରେ ନଥିଲି, ସେମାନଙ୍କ କଥା ମାନିବା ଯୋଗ୍ୟ ହେଲେ ମାନି ନେବାକୁ ମୁଁ ପ୍ରସ୍ତୁତ ଥିଲି । କିନ୍ତୁ ଏ କଥାରେ ବେଶି ଉତ୍ସୁକ ଥିଲି ଯେ ଆଶାତୀତ ଉତ୍ତେଜିତ ହୋଇ ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନାର ଭୁଲ ଯେପରି କରି ନ ବସୁ, ବିକାଶ ପରିଷଦରେ ଜବାହରଲାଲଜୀ ଶ୍ରୀ ସୁବ୍ରହ୍ମଣ୍ୟମକୁ ଭାଷଣ ଦେବାକୁ କହିଲେ । ସେ ସେତେବେଳେ ମାଡ୍ରାସର ଅର୍ଥମନ୍ତ୍ରୀ ଥିଲେ । ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କୁ କହିବାକୁ କହିଲେ। ଶ୍ରୀ ଚୌହ୍ୱାନ ବେଶି ସମୟ ନକହି ଶ୍ରୀ ସୁବ୍ରହ୍ମଣ୍ୟମଙ୍କ ଉପରେ ସେ ଦାୟିତ୍ୱ ଛାଡି ଦେଇଥିଲେ ।

ଶ୍ରୀ ସୁବ୍ରହ୍ମଣ୍ୟମ୍ ଯୋଜନାକୁ ବଢାଇବା ପକ୍ଷରେ ବହୁତ ତଥ୍ୟ ନେଇ ଅନୁରୋଧ କରିଥିଲେ ଯେ ଏଥିପାଇଁ ବଡ ସାହସ ସହକାରେ କାମ ହେବା ଉଚିତ । ନିଜ କାଗଜପତ୍ର ସାହାଯ୍ୟରେ କହିଥିଲେ ଯେ ସାର୍ବଜନୀକ କ୍ଷେତ୍ରରେ ଉତ୍ପାଦନ ବହୁତ ବଢାଯାଇପାରେ, ସେଥିପାଇଁ ଚେଷ୍ଟା କରିବା ଉଚିତ । ଅର୍ଥ ଯୋଗାଡ କରି ଆମକୁ ଉତ୍ପାଦନ ବଢାଇବାକୁ ହେବ । ଯୋଜନା ବିସ୍ତୃତ ରହିଲେ ଦେଶର ପ୍ରଗତି ଦ୍ରୁତଗତିରେ ହେବ । ଶେଷରେ ସେ ଏକଥା ବି କହିଥିଲେ ''ଉଇ ମଷ୍ଟ ଡେୟାର ଏଣ୍ଡ ଡୁ'', ମାନେ ହେଲା ଆମକୁ ସାହସର ସହିତ ଆଗକୁ ବଢିବା ଉଚିତ । ତାଙ୍କ ଭାଷଣ ପରେ ଜବାହରଲାଲଜୀ ପ୍ରଶଂସା କରି କହିଲେ ଯେ ଭାଷଣ ଖୁବ୍ ସ୍ପଷ୍ଟ, ଶାନଦାର, ଓ ସୁଗମ ଥିଲା । ଏପରି ଜବାହରଲାଲଜୀ ତାଙ୍କୁ ପ୍ରଶଂସାପତ୍ର ଦେଲେ ।

ତାଙ୍କ ପରେ ଅନ୍ୟ ସଦସ୍ୟ ମଧ୍ୟ କହିଲେ । ଶ୍ରୀ ସୁବ୍ରହ୍ମଣ୍ୟମ୍ ଆରମ୍ଭ କରି ଦେଲେ, ଅନ୍ୟ କେତେଜଣ ତାଙ୍କୁ ସମର୍ଥନ କଲେ । ଏସମସ୍ତଙ୍କ ଭାଷଣ ଶେଷ ହେବା ପରେ ଜବାହରଲାଲଜୀ ମତେ କହିବାକୁ କହିଲେ । ମୁଁ ଭାଷଣ ଆରମ୍ଭରେ କହିଲି ଯେ ଶ୍ରୀ ସୁବ୍ରହ୍ମଣ୍ୟମ୍ ଯେପରି ସ୍ପଷ୍ଟତା ଓ ସୁଗମତାରେ କହିଲେ ମୁଁ ସେପରି

Digitized by srujanika@gmail.com

କହିପାରିବି କି ନାହିଁ ସେ କଥା ମୁଁ ଜାଣି ନାହିଁ, କିନ୍ତୁ ମୁଁ ଯାହା କହିବି ତାହା ଆବେଗପୂର୍ଣ୍ଣ ନହୋଇ ବାସ୍ତବିକତା ଉପରେ ଆଧାରିତ ହେବ ଓ ନିଜର ମର୍ଯ୍ୟାଦା ଉପରେ ଧ୍ୟାନ ରଖି ମୁଁ ସବୁ କିଛି କହିବି ।

ଏହାପରେ ମୁଁ ତଥ୍ୟ ସମସ୍ତଙ୍କ ଆଗରେ ରଖିଲି । ଦ୍ୱିତୀୟ ଯୋଜନାରେ କ'ଣ ହେଲା: ତାକୁ ନେଇ କେତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା ଓ କିପରି ସେଥିରେ କାଟ୍‌ଛାଣ୍ଟ୍ କରିବାକୁ ପଡିଥିଲା -- ସବୁ ବିସ୍ତାର ପୂର୍ବକ ମୁଁ ବତାଇଲି । ସାର୍ବଜନିକ କ୍ଷେତ୍ରରେ ବୋଧେ ଅଧିକ ଆୟ ହୋଇପାରିବ କିନ୍ତୁ ସେଥିରେ ଅଧିକ କ୍ଷତି ହେବା ଆଶ୍ଚର୍ଯ୍ୟଜନକ ନୁହେଁ । ଏ ସମ୍ଭାବନା ଏଡାଇ ଦିଆଯାଇ ନପାରେ । ଏ କଥା ବତାଇ ମୁଁ କହିଲି ଏପରି ମାମଲାରେ -- ବିଶେଷକରି ଅର୍ଥ ସଂଗ୍ରହ ପ୍ରୟାସରେ -- ଚିନ୍ତନ-ତତ୍ତ୍ୱ ଦ୍ୱାରା କାମ ସମ୍ଭବ ନୁହେଁ, ଅର୍ଥ ବିଭାଗ ଶେୟାର ବଜାର ହୋଇପାରିବ ନାହିଁ । ଅର୍ଥ ସଂଗ୍ରହ କ୍ଷେତ୍ରରେ, ଅଧିକ ଯତ୍ନ ସହକାରେ କାମ କରି, ଅର୍ଥ ବିଭାଗକୁ ଅଧିକ ପୁଞ୍ଜି ଯୋଗାଡ କରିବା ଉଚିତ, ତରବରରେ କାମ ନେଲେ ଦେଶର ସର୍ବନାଶ ଛଡା ଅନ୍ୟ କିଛି ହେବ ନାହିଁ । ତେଣୁ ଯୋଜନାକୁ ବଢାଇବା ପାଇଁ ଯେଉଁ କଥା କୁହାଯାଉଛି ତାହା ବାସ୍ତବିକ ନୁହେଁ -- ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ସୁବ୍ରହ୍ମଣ୍ୟମଙ୍କ ଭାଷଣ 'ଆମକୁ ସାହସର ସହିତ ଆଗକୁ ବଢିବାକୁ ହେବ' -- ତା' ଜବାବରେ ମୁଁ କହିଲି, ''ଏ ସୂତ୍ର ଉପରେ ଆପଣ ନିଜେ କାମ କଲେ ଠିକ୍ ହେବ ।'' ଏକଥା ମୁଁ କହିଲି କାରଣ ମାଡ୍ରାସର ବଜେଟ୍ ସେ ଏହାର ବିପରୀତ ରୀତିରେ ତିଆରି କରିଥିଲେ । କର ବଢାଇବାକୁ କୌଣସି ଯୋଜନା ପ୍ରସ୍ତୁତ କରି ନଥିଲେ । ସେଥିରେ ଏପରି ସାହସର କୌଣସି ଚିହ୍ନ ନ ଥିଲା । ଅନ୍ୟ ପକ୍ଷରେ ନିର୍ବାଚନ ବର୍ଷ ହୋଇଥିବା ସତ୍ତ୍ୱେ କେନ୍ଦ୍ର ବଜେଟରେ ଅନେକ କର ଲାଗୁ କରାଯାଇଥିଲା । କିଏ ସାହସ ଦେଖାଇଲା ଏଥିରେ ସ୍ପଷ୍ଟ ହୋଇଥିଲା । କ୍ଷମତାଠାରୁ ଅଧିକ ସାହସ ଦେଖାଇ ପଛକୁ ଫେରିବାରେ ମୋର ବିଶ୍ୱାସ ନଥିଲା ।

ବିକାଶ ପରିଷଦରେ ମୁଁ ଯେତେବେଳେ ସମ୍ପୂର୍ଣ୍ଣ ସ୍ପଷ୍ଟତା ଓ ଦୃଢତା ସହକାରେ ନିଜର କଥା କହିଲି ସମସ୍ତେ ମୋ କଥା ମାନି ନେଲେ । ତେବେ ଯାଇ ଶ୍ରୀ ଅଂଜାରିୟାଙ୍କ ବ୍ୟଥା ଦୂର ହେଲା ।

Digitized by srujanika@gmail.com

(୧୪) ମୋର ପ୍ରଥମ ବିଦେଶ ଯାତ୍ରା

୧୯୫୮ ମାର୍ଚ୍ଚ ମାସରେ କେନ୍ଦ୍ର ମନ୍ତ୍ରୀ ପରିଷଦରେ ଅର୍ଥ ମନ୍ତ୍ରୀ ହୋଇଥିଲି । ଏହାର କିଛିଦିନ ପରେ ହିଁ ମତେ ସରକାରୀ କାମରେ ବିଦେଶ ଯିବାକୁ ଅବସର ମିଳିଲା ।

ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଲଣ୍ଡନରେ ଭାରତୀୟ ହାଇକମିଶନର ଥିଲେ । ସେ ମତେ ସୂଚିତ କରି କହିଥିଲେ, ''ବ୍ରିଟିଶ ପ୍ରଧାନମନ୍ତ୍ରୀ ଶ୍ରୀ ହାରୋଲ୍ଡ ମ୍ୟାକମିଲାନ୍ ଆପଣଙ୍କୁ ବ୍ରିଟେନ ଆମନ୍ତ୍ରିତ କରିବାକୁ ଇଚ୍ଛା କରୁଛନ୍ତି । ଆପଣ ଆସିବାକୁ ପସନ୍ଦ କରିବେ ?''

ସେଇବର୍ଷ ବିଶ୍ୱ ବ୍ୟାଙ୍କ ପରିଷଦର ସମ୍ମିଳନୀ ଭାରତରେ ହିଁ ହେବାର ଥିଲା । ତେଣୁ ବିଦେଶ ଯିବାର ଆବଶ୍ୟକତା ନଥିଲା । କିନ୍ତୁ ଶ୍ରୀ ମ୍ୟାକ୍‌ମିଲାନ ମତେ ବ୍ରିଟେନ ଆମନ୍ତ୍ରିତ କରିବାକୁ ଇଚ୍ଛା କରୁଥିଲେ ତେଣୁ ମୁଁ ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତଙ୍କୁ କହିଲି, ''ମୁଁ ପ୍ରଧାନମନ୍ତ୍ରୀଙ୍କୁ ପଚାରିବି । ସେ ପସନ୍ଦ କଲେ ଓ ଯିବା ପାଇଁ ଟୀକା ନେବା ଅନିବାର୍ଯ୍ୟ ନହେଲେ ମୋର ଯିବାରେ କୌଣସି ଆପତ୍ତି ନାହିଁ ।''

ଶ୍ରୀ ମ୍ୟାକ୍‌ମିଲାନ ଇତି ମଧ୍ୟରେ ଭାରତ ଆସିଲେ । ମୁଁ ତାଙ୍କୁ ସାକ୍ଷାତ କରିବା ବେଳେ ସେ ମତେ ବ୍ରିଟେନ ଆସିବାକୁ ବିଶେଷ ରୂପେ ନିମନ୍ତ୍ରଣ ଦେଲେ । ମୁଁ ଯାହା ସବୁ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତଙ୍କୁ କହିଥିଲି ତାଙ୍କୁ କହିଲି । ଶ୍ରୀ ମ୍ୟାକ୍‌ମିଲାନ କହିଲେ ଯେ ଟୀକାରୁ ମୁକ୍ତି ବ୍ୟବସ୍ଥା, ମୋ ଖିଆଲରେ ହୋଇଯିବ । କିନ୍ତୁ ସାଙ୍ଗେ ସାଙ୍ଗେ ହସି ହସି କହିଲେ ଯେ, ''ଆମର ସେଠାରେ ଯଦିବ ଏଭଳି ଟୀକା ନେବାକୁ ପଡ଼େ, କେତେ ଲୋକ ଟୀକା ନେବାପରେ ସାଙ୍ଗେ ସାଙ୍ଗେ ପୋଛି ଦିଅନ୍ତି ।'' ମୁଁ କହିଲି ''ମୁଁ ଏପରି ଭୁଲକାମ କରିବାକୁ ଚାହେଁ ନାହିଁ ଏବଂ ଟୀକାରୁ ମୁକ୍ତି ନ ମିଳିଲେ ବ୍ରିଟେନ ଯିବା ପାଇଁ ମୋର ଇଚ୍ଛା ନାହିଁ ।'' ଏହା ପୂର୍ବରୁ ବମ୍ବେ ସ୍ଥିତ ଆମେରିକାର କନସଲ ଜେନେରାଲ ମତେ କହିଥିଲେ ଯେ ଆମେରିକାରେ ଟୀକା ନେବାରୁ ଛୁଟି ମିଳିଯିବ । ମୁଁ ଶ୍ରୀ ମ୍ୟାକ୍‌ମିଲାନଙ୍କୁ ଏକଥା କହିଲି ।

ଶ୍ରୀ ମ୍ୟାକ୍‌ମିଲାନ ନିଜ ଦେଶରେ ପହଞ୍ଚି ମତେ ଏ ବିଷୟରେ ଚିଠି ଲେଖିଥିଲେ, ''ଟୀକାରୁ ଆପଣଙ୍କୁ ପୂରା ଛୁଟି ଦିଆଯିବ । ତେଣୁ ଆପଣ ନିଶ୍ଚିନ୍ତ ହୋଇଆସି ପାରନ୍ତି । ଆପଣଙ୍କ ଦେଶରେ କିଛି ଆପତ୍ତି ଥିଲେ ମୁଁ କିଛି କରିପାରିବି ନାହିଁ ।'' କିନ୍ତୁ ଭାରତରେ ଏ ବିଷୟରେ କୌଣସି ଆପତ୍ତି ଉଠିବାର ପ୍ରଶ୍ନ ନ ଥିଲା । ୧୯୫୮ ସେପ୍ଟେମ୍ବରରେ ରାଷ୍ଟ୍ରମଣ୍ଡଳ ଅର୍ଥ ମନ୍ତ୍ରୀଙ୍କ ସମ୍ମିଳନୀ ପାଇଁ ମଣ୍ଟ୍ରିଲ (କାନାଡା) ଯିବା ସମୟରେ ବ୍ରିଟେନ ଓ ଆମେରିକା ଯିବା ପାଇଁ ସ୍ୱୀକାର କରିଥିଲି । ତଦନୁଯାୟୀ ସେପ୍ଟେମ୍ବର ଆରମ୍ଭରେ ମୁଁ ପ୍ରଥମଥର ଇଂଲଣ୍ଡ ଯାଇଥିଲି ।

ପ୍ରାଣରକ୍ଷା ପାଇଁ ଅନ୍ୟ ପ୍ରାଣୀଙ୍କୁ ମାରିବା ଉଚିତ ନୁହେଁ -- ମୁଁ ଏକଥା ଦୃଢ଼ଭାବେ ମାନେ । ସେଥିଯୋଗୁଁ ଓ ପ୍ରାକୃତିକ ଚିକିତ୍ସାରେ ବିଶ୍ୱାସ କରୁଥିବା ଯୋଗୁଁ ବସନ୍ତ ବା ଅନ୍ୟ କୌଣସି ଟୀକା ନ ନେବାକୁ ମୁଁ ନିଶ୍ଚୟ କରିଥିଲି । ସେଥିପାଇଁ ୧୯୫୮ ପୂର୍ବରୁ ମୋର ବିଦେଶ ଯାତ୍ରା ହୋଇପାରି ନଥିଲା । ଅନ୍ୟ ଦେଶମାନେ ମତେ ସେଥିରୁ ମୁକ୍ତି ଦେବାରୁ ମୁଁ ବିଦେଶ ଯାତ୍ରା କରିଥିଲି । ଟୀକାରୁ ମୁକ୍ତି ନ ମିଳିଥିଲେ ମୁଁ ନିଶ୍ଚୟ ବିଦେଶ ଯାତ୍ରା କରିନଥାନ୍ତି ।

ବିଦେଶୀ ସରକାର ମାନଙ୍କର ଇଚ୍ଛା ଥିଲା ଯେ ମୁଁ ସେମାନଙ୍କ ଦେଶକୁ ଯାଏ ତେଣୁ ସେମାନେ ଟୀକା ନେବାରୁ ମତେ ଅବ୍ୟାହତି ଦେଇଥିଲେ । ସ୍ୱୟଂ ମତେ ସେଠାକୁ ଯିବା ପାଇଁ ପ୍ରବଳ ଇଚ୍ଛା ହୋଇଥିଲେ

Digitized by srujanika@gmail.com

ଓ ଟୀକାରୁ ଅବ୍ୟାହତି ମିଳି ନଥିଲେ ହୁଏତ ପ୍ରବଳ ଇଚ୍ଛା ବଶତଃ ମୋ ମନରେ ଦୁର୍ବଳତା ଆସିପାରିଥା'ନ୍ତା । କିନ୍ତୁ ମୁଁ ଦୃଢ ଭାବରେ ମାନେ ଯେ ଜୀବନରେ କୌଣସି ସଂକଳ୍ପ ଥିଲେ ତାକୁ ରକ୍ଷା କରିବାକୁ ଅନ୍ୟ ସମସ୍ତ ବିଷୟ ତ୍ୟାଗ କରିବା ଉଚିତ । ମୁଁ ଯାହା ସଂକଳ୍ପ କରିଛି ତାକୁ ଦୃଢ ରଖିପାରିଛି । ତେଣୁ ମୋର ପ୍ରଥମ ବିଦେଶ ଯାତ୍ରା ଯେପରି ସମ୍ଭବ ହେଲା ସେଥିରେ ମୁଁ ସନ୍ତୁଷ୍ଟ ଥିଲି । ଜବାହରଲାଲଜୀ ଟୀକା ବିଷୟରେ ମତେ ପଚାରିଥିଲେ । ମୁଁ କହିଲି ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ମତେ ଏଥିରୁ ଛୁଟି ଦେଇଛନ୍ତି । ତାଙ୍କୁ କିଛି ଆଶ୍ଚର୍ଯ୍ୟ ଲାଗିଥିଲା । ୧୯୫୮ ଅଗଷ୍ଟରେ ଲଣ୍ଡନରେ ପହଞ୍ଚିଥିଲି । ମୁଁ ଲଣ୍ଡନରେ ପହଞ୍ଚିବା ବେଳେ ଏୟାରପୋର୍ଟରେ ଉପସ୍ଥିତ ପତ୍ରପତ୍ରିକାର ପ୍ରତିନିଧିମାନେ ଟୀକା ବିଷୟରେ ମତେ ଅନେକ ପ୍ରଶ୍ନ କଲେ । ବିଶେଷକରି ପଚାରିଲେ ଯେ, "ଆପଣ ଏ ଟୀକା କାହିଁକି ନେଉନାହାନ୍ତି ? ଆପଣଙ୍କୁ କ'ଣ ଲାଗୁ ନାହିଁ ଯେ ଆପଣ ବିନା ଟୀକାରେ ଆସି ରୋଗ ବଢାଇବା ବିପଦରେ ଏ ଦେଶକୁ ପକାଉଛନ୍ତି ବୋଲି ? ଆପଣ କ'ଣ ଭାବୁଛନ୍ତି ଯେ ଆପଣ ଠିକ୍ କରୁଛନ୍ତି ?" ମୁଁ ସେମାନଙ୍କୁ କହିଲି, "ମୁଁ ପ୍ରାକୃତିକ ଚିକିତ୍ସାର ଉପାସକ ଅଟେ । ମୁଁ ବିଶ୍ୱାସ କରେ ଯେ ଏ ଟୀକା ନେଲେ ମଣିଷର କ୍ଷତି ହୁଏ । ଏତିକି ନୁହେଁ; ନୈତିକ ଦୃଷ୍ଟିରୁ ମଧ୍ୟ ଏହା ଠିକ୍ ନୁହେଁ । ଇଂଲଣ୍ଡରେ ମଧ୍ୟ କେତେକ ଲୋକଙ୍କର ଏପରି ବିଚାର ଥିବାର ମୁଁ ପଢି ଜାଣିପାରିଛି । ସୁସ୍ଥ ଲୋକର ଟୀକା ନେବାର କୌଣସି ଦରକାର ନାହିଁ । ଯେ ସୁସ୍ଥ ନାହିଁ ସେ ଟୀକା ନେବା ଦରକାର । ତେଣୁ ମୁଁ ଆପଣଙ୍କୁ କୌଣସି ବିପଦରେ ପକାଉ ନାହିଁ ବରଂ ଆପଣଙ୍କର ଏଠାରେ ସେପରି ବେମାରି ଥିଲେ ଆପଣମାନେ ମତେ ବିପଦରେ ପକାଇବେ । ଆପଣଙ୍କ ଏ ଭୟ ଭିତ୍ତିହୀନ ଅଟେ ।"

ଏହାପରେ ଟୀକା ବିଷୟରେ ପ୍ରଶ୍ନ ପଚାରିବା ବନ୍ଦ ହେଲା ଓ ଭାରତର ଆର୍ଥିକ ସ୍ଥିତି ବିଷୟରେ ସାଧାରଣ ପ୍ରଶ୍ନ ପଚାରିଲେ । ସେ ସମୟରେ ଇଂଲଣ୍ଡରେ ଶ୍ରୀ ହିଥ୍‌କୋଟ ଏମ୍ରୀ ଅର୍ଥ ମନ୍ତ୍ରୀ ଥିଲେ । ସେ ବଡ ସଜ୍ଜନ ଓ ବୁଦ୍ଧିମାନ ଥିଲେ । ତାଙ୍କ ସହିତ ଓ ତାଙ୍କ ସହକର୍ମୀମାନଙ୍କ ସହିତ କଥାବାର୍ତ୍ତା ହେଲା । ଏଇ ବାର୍ତ୍ତାଳାପରେ ଆମକୁ ଦିଆଯାଇଥିବା ଋଣର ସୁଧ ବଢାଇବା କଥା ଉଠିଥିଲା । ମତେ ଲାଗିଲା ଯେ କେବଳ ସେଇଥି ପାଇଁ ଏ ବାର୍ତ୍ତାଳାପର ବ୍ୟବସ୍ଥା କରାଯାଇଥିଲା । ପ୍ରଶାସନିକ ବ୍ୟୟ ଦୃଷ୍ଟିରୁ ସୁଧ ପୌନେ ତିନି ପ୍ରତିଶତ ବଢାଇବାକୁ ସେମାନେ ଚାହୁଁଥିଲେ ।

ମୁଁ ତାଙ୍କୁ କହିଲି, "ମୁଁ ଦୁଃଖିତ, ଆପଣଙ୍କର ଏ ପ୍ରସ୍ତାବ ଠିକ୍ ବୋଲି ମୁଁ ଭାବୁ ନାହିଁ । ଆପଣଙ୍କ ସହିତ ଆମର ଏ ପ୍ରକାର ବ୍ୟବହାର ନ ଥିଲା । ଆପଣ ଯେତେବେଳେ ବିଷମ ସ୍ଥିତିରେ ପଡିଥିଲେ ଆମେ ଆପଣଙ୍କ ସହିତ ଏପରି ବ୍ୟବହାର କରି ନଥିଲୁ । ଆମର ଷ୍ଟର୍ଲିଂଗ ବାଲାନ୍ସ ଆପଣଙ୍କ ପାଖରେ ଥିଲା ଯାହା ବଢିକରି ୭୫ କୋଟି ପାଉଣ୍ଡ ହୋଇଯାଇଥିଲା । ଆମର ସ୍ୱତନ୍ତ୍ରତା ପରେ ଆପଣ ତା' ଉପରେ କୌଣସି ସୁଧ ଆମକୁ ଦେଉ ନଥିଲେ । ଯେତେବେଳେ ଆମେ ତା' ଉପରେ ସୁଧ ଦେବାକୁ କହିଲୁ ଆପଣ ମନା କରିଦେଲେ । ସେ ଧନ ଆପଣଙ୍କଠାରୁ ନେଇ ଅନ୍ୟସ୍ଥାନରେ ସୁଧରେ ଲଗାଇବାକୁ ବସିଲୁ, ଆପଣ ତା'କୁ ଛାଡିବାକୁ ମନା କଲେ । ବହୁତ କୁହାବୋଲା ପରେ ଅଢେଇ ପ୍ରତିଶତ ସୁଧ ଦେବାକୁ ନିଶ୍ଚିତ କରାଯାଇଥିଲା । ଆପଣଙ୍କ ଅସୁବିଧା ଦେଖିକରି ଆମେ ତାହା ସହ୍ୟ କଲୁ ଏବଂ କୌଣସି ପ୍ରକାର ଝଗଡା କରିନଥିଲୁ । ଆଜି ଆପଣ ପ୍ରଶାସନିକ ବ୍ୟୟ ନାମରେ ଅଧିକ ସୁଧ ଆମ ଉପରେ ପକାଇବାକୁ ଚାହୁଁଛନ୍ତି -- ଏହା ସମୀଚୀନ ନୁହେଁ ।" ଅର୍ଥ ମନ୍ତ୍ରୀ ମୋ କଥା ବୁଝିପାରିଲେ ଓ ମାନିନେଲେ ।

ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ସହିତ ମୋର ଭେଟ ହୋଇଥିଲା ଓ ସେ ଭୋଜନ ପାଇଁ ମତେ ଆମନ୍ତ୍ରିତ କରିଥିଲେ ଟେଲିଭିଜନରେ ମୋ ସହିତ କଥାବାର୍ତ୍ତା କରିବାର ଆୟୋଜନ କରାଯାଇଥିଲା । ସେଠାରେ ଭାରତର ଆର୍ଥିକ ସମସ୍ୟା ଉପରେ ମତେ ପ୍ରଶ୍ନ ପଚାରିଲେ । ପ୍ରାୟ ଅଧଘଣ୍ଟା ଯାଏ ଏ ଭେଟବାର୍ତ୍ତା ଚାଲିଲା । ପ୍ରମୁଖ

Digitized by srujanika@gmail.com

ସମାଚାର ପତ୍ରର ଚାରିଜଣ ସମ୍ପାଦକ ପ୍ରଶ୍ନ ପଚାରୁଥିଲେ । ତାଙ୍କ ଭିତରେ ଶ୍ରୀ ଜନ. ଫିମେନ ଥିଲେ ଯେ କି ପରେ ଭାରତରେ ବ୍ରିଟିଶ ହାଇକମିଶନର ହୋଇ ଆସିଥିଲେ । ଟେଲିଭିଜନରେ କ'ଣ ପ୍ରଶ୍ନ ପଚରାଯିବ ମତେ ଆଗରୁ କହିନଥିଲେ । ସାକ୍ଷାତରେ ପ୍ରଶ୍ନୋତ୍ତର ବ୍ୟବସ୍ଥା ଥିଲା ।

ଆଜିର ଶ୍ରୀମତୀ ଜନ ଫିମେନ ସେତେବେଳେ କାଥରାଇନ ଡୋବ ନାମରେ ବିଦିତ ଥିଲେ କାରଣ ସେତେବେଳେ ସେ ଅନ୍ୟ ଜଣେ ବ୍ୟକ୍ତିଙ୍କର ପତ୍ନୀ ଥିଲେ । ସେ ବ୍ରିଟିଶ ବ୍ରଡକାଷ୍ଟିଙ୍ଗ କର୍ପୋରେସନରେ କାମ କରୁଥିଲେ ଓ ଟେଲିଭିଜନ ଭେଟ ପାଇଁ ମତେ ପ୍ରସ୍ତୁତ କରାଇବା କାମ ତାଙ୍କୁ ଦିଆଯାଇଥିଲା । ମୁଁ ନ ଡରି ଉତ୍ତର ଦେଇପାରିବି -- ଏପରି ମତେ ପ୍ରସ୍ତୁତ କରାଇବାକୁ ବିଶେଷ ଭାବେ ତାଙ୍କୁ କୁହାଯାଇଥିଲା । ଶ୍ରୀମତୀ କାଥରାଇନ ଡୋବ୍ ସେଥିପାଇଁ ପ୍ରଥମେ ମୋର ଟ୍ରାଏଲ ଇଣ୍ଟରଭିୟୁ ନେଇଥିଲେ । ସେ ସ୍ପଷ୍ଟ କରି ଦେଇଥିଲେ ଯେ ଇଣ୍ଟରଭିୟୁ ବେଳେ ଅନ୍ୟ ପ୍ରଶ୍ନ ପଚରାଯିବ । ଟ୍ରାଏଲ ଇଣ୍ଟରଭିୟୁ ବେଳେ ମୁଁ ଯେପରି ଉତ୍ତର ଦେଇଥିଲି, ସେଥିରୁ ଶ୍ରୀମତୀ କାଥେରାଇନ ଡୋବଙ୍କର ବିଶ୍ୱାସ ହୋଇଯାଇଥିଲା ଯେ ମତେ ପ୍ରସ୍ତୁତ କରିବାର କୌଣସି ବିଶେଷ ଦରକାର ନାହିଁ କାରଣ ଉତ୍ତର ଦେବା ବେଳେ ମୁଁ ଡରୁ ନଥିଲି ଓ ସବୁବେଳେ ସ୍ଥିର ଚିତ୍ତ ଥିଲି । ସେ ଦେଖି ନେଇଥିଲେ ଯେ ମୁଁ ସବୁବେଳେ ସ୍ଥିର ଚିତ୍ତ ରୁହେ ଓ ଏକଥା ସେ ମତେ କହିଥିଲେ ମଧ୍ୟ ।

ଏହାପରେ ଟେଲିଭିଜନରେ ଅଧଘଣ୍ଟା ପର୍ଯ୍ୟନ୍ତ ଭେଟବାର୍ତ୍ତା ହେଲା । ଚାରି ଜଣ ସମ୍ପାଦକ ଜଣ ଜଣ କରି ମତେ ପ୍ରଶ୍ନ ପଚାରିଥିଲେ । ଏଥିରେ ଆଉ କିଛି ପଚାରିବା ବାକି ରହିଲା ନାହିଁ । ସେମାନେ ଗୋଟିଏ ପ୍ରଶ୍ନ ପଚାରିଥିଲେ, ''ଆପଣଙ୍କ ଯେଉଁ ପାଉଣ୍ଡ ପାଉଣା ଏଠାରେ ଥିଲା ତାକୁ ସବୁ ଖର୍ଚ୍ଚ କରିଦେଲେ ଏବଂ ବର୍ତ୍ତମାନ ଆପଣଙ୍କୁ ଋଣ ଦେବାକୁ ପଡୁଛି । ଆପଣଙ୍କୁ କ'ଣ ଲାଗୁନାହିଁ ଯେ ଆପଣ ଭାବିଚିନ୍ତି ଖର୍ଚ୍ଚ କରିନାହାନ୍ତି -- ସେଥିଯୋଗୁଁ ଆପଣ ଅସୁବିଧାରେ ପଡିଗଲେ ?'' ମୁଁ ଜବାବରେ କହିଲି, ''ମତେ ଲାଗୁଛି ଯେ ଏ ପ୍ରଶ୍ନ ପଛରେ ସମସ୍ତ ତଥ୍ୟ ଜାଣିବାର ଅଭାବ ରହିଛି । ଯୁଦ୍ଧବେଳେ ବ୍ରିଟିଶ ସରକାର ଆମଠାରୁ ବହୁତ କଞ୍ଚାମାଲ ନେଇଥିଲେ । ସେଇଥିରୁ ଆମ ପାଉଣ୍ଡ ପାଉଣା ବଢିଯାଇଥିଲା । ସେତେବେଳେ ଭାରତରେ ବିକାଶ କାମ କିଛି ହେଉ ନଥିଲା । ବର୍ତ୍ତମାନ ଆମେ ଯୋଜନାବଦ୍ଧ ବିକାଶ ଆରମ୍ଭ କରିଛୁ । ଉଦ୍ୟୋଗୀକରଣ ନ ହେଲେ ଭାରତରେ ଦାରିଦ୍ର୍ୟ ଦୂର ହୋଇପାରିବ ନାହିଁ କି ଶକ୍ତି ଓ ଆତ୍ମନିର୍ଭରଶୀଳତା ବଢି ପାରିବ ନାହିଁ । ଏକଥା ଆମେ ବୁଝିପାରିଲୁଣି । ସେଥିପାଇଁ ଆମକୁ ଯନ୍ତ୍ରପାତି ଓ କଞ୍ଚାମାଲ ବାହାରୁ ମଗାଇବାକୁ ପଡୁଛି । ଏଥିରେ ପାଉଣ୍ଡ ଖର୍ଚ୍ଚ ହୋଇଛି । ଏବେ ତ ବିକାଶ କାମ ଆରମ୍ଭ ହୋଇଛି ମାତ୍ର । ଏହାଠାରୁ ଅଧିକ ବିକାଶ କାମ ଅନେକ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ । ଆମ ଦେଶ ବହୁତ ବଡ ଓ ଦାରିଦ୍ର୍ୟତା ଏତେ ବେଶୀ ଯେ ପ୍ରାୟ ଅନ୍ୟ କୌଣସି ଦେଶରେ ଏହାର ତୁଳନା ନାହିଁ । ଏକଥା ଆପଣଙ୍କ ପରି ବିଶେଷଜ୍ଞମାନେ ଭଲରେ ବୁଝିପାରିବେ । ଯେଉଁ ପାଉଣ୍ଡ ଆମେ ଖର୍ଚ୍ଚ କରିଛୁ ତାହା କେବଳ ବିକାଶ ପାଇଁ ଖର୍ଚ୍ଚ ହୋଇଛି । ଆପଣ ଇଚ୍ଛା କଲେ ଏହାର ସତ୍ୟତାର ପ୍ରମାଣ ପାଇ ପାରିବେ ।'' ଏତିକି ନୁହେଁ, ମୁଁ ମଧ୍ୟ କହିଲି, ''ବିକାଶ ପାଇଁ ମିତ୍ର ରାଜ୍ୟରୁ (ଅର୍ଥାତ ସେଇ ଦେଶମାନଙ୍କରୁ ଯେଉଁମାନେ ଆମ ସହିତ ମିତ୍ର-ବ୍ୟବହାର କରୁଛନ୍ତି), ଆମେ ଯେଉଁ ଋଣ ନେଉଛୁ, ତାଙ୍କ ଉପରେ ନିର୍ଭରଶୀଳ ହେବା ପାଇଁ ନୁହେଁ, ବରଂ ଏଇ ଖିଆଲରେ ଯେ ମିତ୍ର ହିସାବରେ କୌଣସି ଦେଶ ଆମକୁ ସାହାଯ୍ୟ କରିପାରିଲେ ଆମକୁ ତାହା ଗ୍ରହଣ କରିବା ଉଚିତ । ବିଦେଶୀ ସାହାଯ୍ୟ ବ୍ୟତୀତ କୌଣସି ଦେଶ ଉନ୍ନତି କରିନାହିଁ । ତେଣୁ ସତରେ ଭାରତର ବିକାଶ ହେଉ ବୋଲି ଯାହା କହୁଛନ୍ତି, ସେଥିପାଇଁ ଆପଣମାନେ ଆବଶ୍ୟକ ଧନ ଋଣ ଭାବରେ ଦେବା ଉଚିତ । କୌଣସି ଦେଶ ଋଣ ନ ଦେଲେ ଆମେ କିଛି ଖରାପ ଭାବିବୁ ନାହିଁ ଓ କୌଣସି ପ୍ରକାର ସର୍ତ୍ତ ରଖିଲେ ଆମେ ସେ ଋଣ ସ୍ୱୀକାର କରିବୁ ନାହିଁ । ଏକଥା ନିଶ୍ଚିନ୍ତ ଯେ ଯେଉଁ ଋଣ ଆମେ ନେବୁ ତାହା ଶେଷ ପଇସା ପର୍ଯ୍ୟନ୍ତ ପରିଶୋଧ କରିବୁ । ଦୁନିଆରେ

Digitized by srujanika@gmail.com

କେତେକ ଦେଶ ନେଇଥିବା ଋଣ ପରିଶୋଧ କରିନାହାନ୍ତି, ଆମେ କିନ୍ତୁ ସେମାନଙ୍କ ପଙ୍ଗତରେ ବସିବୁ ନାହିଁ। ଭାରତର ପରମ୍ପରା ହଜାର ହଜାର ବର୍ଷ ଆଗରୁ ରହିଆସିଛି ଯେ, ଯେଉଁ ବ୍ୟକ୍ତି ଋଣ ପରିଶୋଧ କରିନପାରନ୍ତି, ତାଙ୍କ ଉତ୍ତରାଧିକାରୀ ସେ ଋଣ ପରିଶୋଧ କରନ୍ତି । ଆଜି ପର୍ଯ୍ୟନ୍ତ ଏହି ପ୍ରଥା ଆମ ଦେଶରେ ପ୍ରଚଳିତ ଅଛି। ତେଣୁ ଏ ବିଷୟରେ କାହାରି କୌଣସି ଆଶଙ୍କା ରହିବା ଉଚିତ ନୁହେଁ ।''

ଏଇପରି ଭାବେ ବୁଝାଇବା ପରେ ସେମାନେ ସମସ୍ତଙ୍କର ବିଶ୍ୱାସ ହେଲା ଯେ ମୁଁ ଯାହା କହିଲି ସେଥିରେ ଦେଶର ମର୍ଯ୍ୟାଦା ଓ ସମ୍ମାନ ଉପରେ ଆଲୋକପାତ କରିଛି ଓ ସେମାନେ ସମସ୍ତଙ୍କୁ ସାହାଯ୍ୟ କରିବା ଉଚିତ କାରଣ ରାଷ୍ଟ୍ରମଣ୍ଡଳର ଏକ ମୁଖ୍ୟ ଅଙ୍ଗ ହିସାବରେ ଏହା କରିବା ତାଙ୍କର ପରମ କର୍ତ୍ତବ୍ୟ ଅଟେ । ବ୍ରିଟେନ୍ ଉପରେ ଏଇ ସାକ୍ଷାତ ବାର୍ତ୍ତାର ଖୁବ୍ ଭଲ ପ୍ରଭାବ ପଡିଥିଲା । ଅନେକ ବ୍ୟକ୍ତିଙ୍କଠାରୁ ଏ ସମ୍ବନ୍ଧରେ ମୋ ପାଖକୁ ଚିଠି ଆସିଥିଲା ସେଥିରେ ମୁଁ ଯାହା ସବୁ କହିଥିଲି ତା'ର ପ୍ରଶଂସା କରାଯାଇଥିଲା । ଟେଲିଭିଜନ ଭେଟରେ ପ୍ରଶ୍ନକାରୀମାନେ ପରୀକ୍ଷକ ସ୍ଥିତିରେ ଥିଲେ ତଥାପି ଉତ୍ତର ଦେବା ବ୍ୟକ୍ତିଙ୍କ ଠାରୁ ସେମାନେ ବେଶି ଅସ୍ୱସ୍ତିକର ଥିଲେ ।

ଲର୍ଡ ମାଉଣ୍ଟ ବ୍ୟାଟେନ ମତେ କହିଲେ ଯେ ମୁଁ ଟେଲିଭିଜନର 'ହିରୋ' ହୋଇଯାଇଛି । ତାଙ୍କ ସହିତ ମୋର ଲମ୍ବା କଥାବାର୍ତ୍ତା ହୋଇଥିଲା । ସେଥିରେ ସେ ଭାରତର ବିକାଶରେ ଗଭୀର ଆନ୍ତରିକତା ଦେଖାଇଥିଲେ । ପ୍ରଧାନମନ୍ତ୍ରୀ ମ୍ୟାକମିଲାନଙ୍କ ସହିତ ଦୁଇ ଦେଶ ଓ ରାଷ୍ଟ୍ରମଣ୍ଡଳ ସମ୍ବନ୍ଧରେ ଖୁବ ଚର୍ଚ୍ଚା ହେଲା । ସେ ସମୟରେ ଲର୍ଡହୋମ୍ ଜଣେ ମନ୍ତ୍ରୀ ଥିଲେ ଯେ ପରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେଲେ । ତାଙ୍କ ସହିତ ମୋର ବହୁତ କଥାବାର୍ତ୍ତା ହୋଇଥିଲା ।

ବ୍ରିଟିଶ କୋଷାଧ୍ୟକ୍ଷ ମତେ ଯେଉଁ ଭୋଜନ ଦେଇଥିଲେ ସେଥିରେ ପାରସ୍ପରିକ ଶୁଭ କାମନା ପାଇଁ ''ଟୋଷ୍ଟ'' ନିଆ ହୋଇଥିଲା ଓ ଭାଷଣ ଦିଆହୋଇଥିଲା । କୋଷାଧ୍ୟକ୍ଷ (ଚାନ୍‌ସେଲର) ବଡ ବିନୋଦୀ ଜଣା ପଡୁଥିଲେ ଯେଉଁ ସକାଶେ ତାଙ୍କ ଭାଷଣ ବଡ ମଜାଦାର ଥିଲା । ଲର୍ଡ ହ୍ୟୁମ ମତେ ବତାଇଥିଲେ ଯେ ଏ ଭୋଜନ ପାଇଁ ବିଶେଷ କରି ସେ ସ୍କଟଲାଣ୍ଡରୁ ଆସିଥିଲେ । ତାଙ୍କୁ ମୁଁ କହିଲି, ''ମୁଁ ଆଶା କରୁଛି, ମୋ ପରି ଅତିଥିର ସତ୍‌କାରରେ ଆପଣଙ୍କୁ କୌଣସି ଅସୁବିଧା ହୋଇନାହିଁ । ଶାକାହାରୀ ହୋଇଥିବାରୁ ଆପଣ ପ୍ରିୟ ଭୋଜନରୁ ଆପଣଙ୍କୁ ବଞ୍ଚିତ କରି ନାହିଁ ।''

ଲର୍ଡ ହୋମ ଶିକାର ପାଇଁ ସ୍କଟଲାଣ୍ଡ ଯାଇଥିଲେ ଓ ମୋ ପାଇଁ ମଝିରେ ଫେରି ଆସିଥିଲେ। ରହସ୍ୟରେ ମୁଁ କହିଲି, ''ଆପଣଙ୍କ ଶିକାରରୁ ଯେଉଁ ପକ୍ଷୀ ବଞ୍ଚିଗଲେ ସେମାନେ ମତେ ଧନ୍ୟବାଦ ଦେବେ । ଏଥିପାଇଁ ଆପଣଙ୍କ ଖୁସି ହେବା ଉଚିତ ।'' ଏଥିରେ ସେ ଖୁସି ହେଲେ ।

ଲଣ୍ଡନର ଦର୍ଶନୀୟ ସ୍ଥାନ ମୁଁ ଦେଖିଲି ଓ ସମ୍ବାଦପତ୍ର ପ୍ରତିନିଧିମାନଙ୍କ ସହିତ ବିଚାର ବିନିମୟ କଲି । ଭାରତର ହାଇକମିଶନର ଗୋଟିଏ ପ୍ରେସ କନଫରେନ୍ସ ମଧ୍ୟ ରଖିଥିଲେ । ଏଥିରେ ଭାରତର ଆର୍ଥିକ ସ୍ଥିତି ସମ୍ବନ୍ଧରେ ଅନେକ ପ୍ରଶ୍ନ କରାଯାଇଥିଲା କାରଣ ସେ ସମୟରେ ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନାରେ କିଛି ମାନ୍ଦା ଦେଖାଯାଇଥିଲା । ପତ୍ରକାରମାନଙ୍କୁ ମୁଁ ବତାଇଥିଲି ଯେ ବ୍ରିଟିଶ ରାଜ୍ୟାଧିକାରୀଙ୍କ ସହିତ କଥାବାର୍ତ୍ତା ପରେ ସେ ଭାରତକୁ ସାହାଯ୍ୟ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି ।

ଏଇପରି ଲଣ୍ଡନ ଯାତ୍ରା ଶେଷକରି ମୁଁ ଆମେରିକା ଅଭିମୁଖେ ବାହାରିଲି । ମୁଁ ଲଣ୍ଡନରୁ ବି.ଓ.ଏ.ସି.ର ବିମାନ ଯୋଗେ ରାତିରେ ଯାତ୍ରା କଲି । ଏହା ରାସ୍ତାରେ କୌଣସି ସ୍ଥାନରେ ନରହି ସିଧା ନିଉୟର୍କ

Digitized by srujanika@gmail.com

ଯାଉଥିଲା । ଆମେରିକାକୁ ଏହା ମୋର ପ୍ରଥମ ଯାତ୍ରା ଥିଲା । ବିମାନରେ ସ୍ଲିପିଙ୍ଗ୍ ବର୍ଥ ବ୍ୟବସ୍ଥା ଥିଲା ଓ ମୁଁ ସ୍ଲିପିଙ୍ଗ୍ ବର୍ଥ ରିଜର୍ଭ କରାଇଥିଲି । ମୁଁ ପ୍ରାୟ ଦଶଟା ବେଳେ ବିମାନରେ ଶୋଇ ଯାଇଥିଲି । ରାତି ଗୋଟାଏ ଦେଢଟା ବେଳେ ନିଦ ଭାଙ୍ଗିଗଲା କିନ୍ତୁ ବିମାନ ଚାଲୁଥିବାର କୌଣସି ଶବ୍ଦ ଶୁଣିଲି ନାହିଁ । ପୂରା ନୀରବ ଥିଲା । ଏଥିରେ ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି । ସ୍ଲିପିଙ୍ଗ୍ ବର୍ଥ ପର୍ଦା ଆଡେଇ ବାହାରକୁ ଆସି ଦେଖିଲି ଯେ ବିମାନ ଖାଲି ଓ ଜମି ଉପରେ ଠିଆ ହୋଇଛି । ଯେଉଁ ସଜ୍ଜନ ବିମାନରେ ଥିଲେ ମୁଁ ତାଙ୍କୁ ପଚାରିଲି, ''ଆମେ କେଉଁଠାକୁ ଆସିଲେ ଓ ଏ ସ୍ଥାନ ନାଁ କଣ ?'' ସେ କହିଲେ, ''ଶେନନ୍‌ରେ ଆମେ ଅଟକିଛୁ ଓ କିଛି ସମୟ ପରେ ବାହାରିବୁ'', ଆଉ କିଛି ସେମାନେ ବତାଇଲେ ନାହିଁ, ମୁଁ ବି ପଚାରିଲି ନାହିଁ । ତା'ପରେ ମୁଁ ପୁଣି ଶୋଇଗଲି ।

ସକାଳ ପ୍ରାୟ ସାତଟା ବେଳେ ଉଠି ଦେଖିଲି ବିମାନ ଯେଉଁଠି ଥିଲା ସେଇଠି ପଡିଛି । କ'ଣ ହେଲା ପଚାରିବାରୁ ସେଠାରେ ଥିବା ସଜ୍ଜନ କହିଲେ ଯେ ବିମାନ ବିଗିଡି ଯାଇଛି । ତେଣୁ ସବୁ ଯାତ୍ରୀ ଏୟାରପୋର୍ଟକୁ ଯାଇଛନ୍ତି । ଏ ବିମାନ ଆଗକୁ ଯାଇପାରିବ ନାହିଁ । ମୁଁ ତା'ପରେ ବିମାନରୁ ଓହ୍ଲାଇ ଏୟାରପୋର୍ଟ ଗଲି । ଯେଉଁଠି ଅନ୍ୟ ସବୁ ଯାତ୍ରୀ ଥିଲେ ପଚାରିବାରୁ ସାଥୀ ଯାତ୍ରୀମାନେ ବତାଇଲେ ଯେ ବିମାନ ଶେନନ୍‌ରୁ କିଛି ଦୂର ଯାଇଥିଲା । ତାପରେ ଗୋଟିଏ ଇଞ୍ଜିନ ଖରାପ ହୋଇଗଲା ଯାହା ଫଳରେ ଆଟ୍‌ଲାଣ୍ଟିକ୍ ମହାସାଗର ପାର କରିବା ତା' ପାଇଁ ଅସମ୍ଭବ ହୋଇଗଲା ଓ ସେ ଶେନନ୍ ଫେରିଆସିଲା । ଇଞ୍ଜିନ ଖରାପ ହୋଇଯିବାରୁ ପେଟ୍ରୋଲ ବାହାର କରି ଏହାକୁ ଠିକ୍ କରାଯାଇପାରିବ ନ ହେଲେ ଦୁର୍ଘଟଣାର ସମ୍ଭାବନା ଥିଲା । ସବୁଯାତ୍ରୀଙ୍କୁ ଏକଥା କୁହାଯାଇଥିଲା ଓ ସବୁ ପେଟ୍ରୋଲ ଶେଷ ହେବା ପର୍ଯ୍ୟନ୍ତ ଏହା ଉଡି ରହିଥିଲା । ପେଟ୍ରୋଲ ଶେଷ ହୋଇଯିବା ପରେ ଶେନନ୍ ଏୟାର ଫିଲ୍‌ଡରେ ଓହ୍ଲାଇଲା ।

ଏସବୁ କଥା ଘୋଷଣା କରାଯିବା ସମୟରେ ମୁଁ ଶୋଇଥିଲି । କେହି ମତେ ଉଠାଇଲେବି ନାହିଁ । ଅନେକ ଯାତ୍ରୀଙ୍କର ଏପରି ଇଞ୍ଜିନ ବିଗିଡି ଯିବାରୁ ବହୁତ ଚିନ୍ତା ହେଉଥିଲା । ସେମାନେ ଡରି ଯାଉଥିଲେ । ମତେ ଲାଗିଲା ଯେ ସେ ସମୟରେ ମୁଁ ନିଘୋଡ ନିଦରେ ଶୋଇଥିଲି ।

ଶେନନ୍‌ରୁ ଆମେ ସାଢେ ଏଗାରଟା ବେଳେ ବାହାରିଲୁ ଯାହା ଫଳରେ ୪/୫ଟା ବେଳେ ନିଉୟର୍କରେ ପହଞ୍ଚିଲୁ । ସେଠାରୁ ଆଉ ଗୋଟିଏ ବିମାନରେ ମୋର ୱାଶିଂଟନ୍ ଯିବାର ଥିଲା । ତେଣୁ ମୁଁ ଯାଇ ସେଥିରେ ବସିଲି । ବସିବାର କିଛି ସମୟ ପରେ କୁହାଗଲା ଯେ ସେ ବିମାନ ଯାଇପାରିବ ନାହିଁ, ସେଥିପାଇଁ ଅନ୍ୟ ବିମାନରେ ଯିବାକୁ ହେବ । ଆମକୁ ଦୌଡି କରି ଅନ୍ୟ ବିମାନରେ ଜାଗା ନେବାକୁ ପଡିଲା । ସନ୍ଧ୍ୟା ୭ଟାରେ ଆମେ ୱାଶିଂଟନରେ ପହଞ୍ଚିଲୁ । ୱାଶିଂଟନରେ ପହଞ୍ଚିବାକୁ ମୋର ପ୍ରାୟ ବାରଘଣ୍ଟା ଡେରି ହେଲା ଓ ଏକ ନୂଆ ଅନୁଭବ ହେଲା । ମୁଁ ଶୀଘ୍ର ପହଞ୍ଚିଥିଲେ ସେଠାରେ ଅର୍ଥ ମନ୍ତ୍ରୀ ଶ୍ରୀ ରବର୍ଟ ଏଣ୍ଡ ବ୍ରସନ ମୋ ସହିତ ସାକ୍ଷାତ କରି ନିଜର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବାହାରକୁ ଯାଇଥାନ୍ତେ । କିନ୍ତୁ ସେ ଯେତେବେଳେ ଜାଣିଲେ ଯେ ମୁଁ ରାତିରେ ହିଁ ପହଞ୍ଚିପାରିବି, ସେ ନିଜ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରି ରହିଗଲେ ଓ ପରଦିନ ମୋ ସହିତ ଦେଖାହୋଇ ସାରିବା ପରେ ଗଲେ ।

ୱାଶିଂଟନରେ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଶ୍ରୀ ୟୁଜୀନ ବ୍ଲାକ ତଥା ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶ୍ରୀ ପର୍ ଜ୍ୟାକସନ ଓ ଆମେରିକାର ପର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡଲେସ୍‌ଙ୍କ ସହିତ ମୁଁ ସାକ୍ଷାତ କରିଥିଲି । ଆମେରିକା ସରକାରଙ୍କ ଆର୍ଥିକ ପରାମର୍ଶଦାତା ଶ୍ରୀ ଡଗ୍ଲାସ ଡିଲେନ୍‌ଙ୍କ ସହିତ ସାକ୍ଷାତ ହୋଇଥିଲା । ତାଙ୍କ ସହିତ ମୋର ଦୁଇଦେଶ ସମ୍ବନ୍ଧରେ କଥାବାର୍ତ୍ତା ହୋଇଥିଲା । ଶ୍ରୀ ଡଲେସ୍‌ଙ୍କ ସହିତ ମୋର

Digitized by srujanika@gmail.com

କଥାବାର୍ତ୍ତା ମିତ୍ରତା ପୂର୍ଣ୍ଣ ହୋଇଥିଲା ଓ ଭାରତର ବିକାଶରେ ସେ କିଛି ଆନ୍ତରିକତା ଦେଖାଇଥିଲେ । ମତେ ସେ ବଡ ସିଧା ବ୍ୟକ୍ତି ଜଣାପଡିଲେ । ସେ ଧର୍ମଭୀରୁ ଥିଲେ । କିନ୍ତୁ ଏପରି ପ୍ରଭାବ ମୋ ଉପରେ ପଡିଲାକି ଭାରତ ପ୍ରତି ତାଙ୍କର ଭଲ ଧାରଣା ନ ଥିଲା -- ବରଂ କିଛି କ୍ଷୁବ୍‌ଧତା ଥିଲା ।

ଶ୍ରୀ ଡିଲେନ୍‌ଙ୍କର ଭାରତ ବିଷୟରେ ବହୁତ ଆନ୍ତରିକତା ଥିଲା ଓ ଭାରତର ବିକାଶରେ ସେ ବହୁତ ଆଗ୍ରହ ଦେଖାଇଥିଲେ । ସିଙ୍ଗର ମେସିନ୍ ବାଲା ତାଙ୍କୁ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଭାରତରେ କାରଖାନା ଖୋଲିବାକୁ ଦିଆଯାଉ ନାହିଁ । ଶ୍ରୀ ଡିଲେନ୍ ଏ ବିଷୟ ମତେ ପଚାରିବାକୁ ମୁଁ ତାଙ୍କୁ ସବୁ ସତକଥା ବତାଇ କହିଲି, ''ଯେଉଁ ଉଦ୍ୟୋଗ ଆମ ଦେଶରେ ବିକଶିତ ହୋଇ ନାହିଁ ତା'ର ବିକାଶ ବାହାରୁ ଆସି କେହି କଲେ ଆମେ ତାଙ୍କର ସ୍ୱାଗତ କରିବୁ କିନ୍ତୁ ସିଲେଇ ମେସିନ୍ ଉଦ୍ୟୋଗ ଆମର ସେଠାରେ ବହୁତ ବଢିଛି । ସିଙ୍ଗର କମ୍ପାନୀକୁ ଅନୁମତି ଦିଆଗଲେ ଭାରତର ଉଦ୍ୟୋଗରେ ବହୁତ କ୍ଷତି ହେବ । ଭାରତ ବିଦେଶୀ ସହାୟତା ଅବଶ୍ୟ ନେବ କିନ୍ତୁ ଏହା ଏଇ ସର୍ତ୍ତାନୁସାରେ ହେବ ଯେ ସେଥିରେ ଦୁଇ ଦେଶର ଲାଭ ହେବ । ଯେଉଁ ସହାୟତାରେ ଭାରତର ବିକାଶ ବିପଦରେ ପଡିବ ସେ ସହାୟତା ନିଆଯାଇ ପାରିବ ନାହିଁ ।'' ଶ୍ରୀ ଡିଲେନ୍ ମୋ ସହିତ ଏକମତ ହେଲେ ଓ ଏକଥା ଶେଷ ହେଲା ।

ୱାଶିଂଟନ୍‌ରେ ମୁଁ ଲିଙ୍କନ୍ ମେମୋରିୟାଲ୍ ଆଦି ଅନେକ ସ୍ମାରକ ଦେଖିଲି । ସେଠାରୁ ୭୦।୮୦ ମାଇଲ ଦୂରରେ ଲକ୍ଷ ଲକ୍ଷ ବର୍ଷ ପୁରୁଣା ପ୍ରସିଦ୍ଧ ଗୁମ୍ଫା ଦେଖିବାକୁ ମଧ୍ୟ ଯାଇଥିଲି । ଏପରି ଗୁମ୍ଫା ଏହା ପୂର୍ବରୁ ମୁଁ କେବେ ଦେଖିନଥିଲି । ୱାଶିଂଟନ୍‌ରୁ ମୁଁ ନିଉୟର୍କ ଗଲି ସେଠାରେ କିଛି ପ୍ରମୁଖ ବ୍ୟକ୍ତିଙ୍କ ସହିତ ମିଶି ମଣ୍ଟ୍ରିୟଲ ଗଲି ।

ମଣ୍ଟ୍ରିୟଲରେ ବ୍ରିଟିଶ ରାଷ୍ଟ୍ରମଣ୍ଡଳର ଅର୍ଥ ମନ୍ତ୍ରୀମାନଙ୍କର ପରିଷଦ ଥିଲା । ସେଥିପାଇଁ ୧୫ ଦିନ ସେଠାରେ ରହିବାର ଥିଲା । ରେଲୱେ ଷ୍ଟେସନ ପାଖରେ ଗୋଟିଏ ସୁନ୍ଦର ଭବ୍ୟ ହୋଟେଲ ଥିଲା । ସେଠାରେ ଆମ ସମସ୍ତଙ୍କୁ ରଖାଯାଇଥିଲା । ମୁଁ ମଧ୍ୟ ସେଠାରେ ରହିଥିଲି ଓ ଅର୍ଥ ମନ୍ତ୍ରୀଙ୍କ ସଭା ସେଠାରେ ହେବାର ଥିଲା ।

ରାଷ୍ଟ୍ରମଣ୍ଡଳ ଅର୍ଥ ମନ୍ତ୍ରୀଙ୍କର ଏହା ସବୁଠାରୁ ଲମ୍ବା ସଭାଥିଲା । ମୁଁ ରାଷ୍ଟ୍ରମଣ୍ଡଳର ଅନେକ ସମସ୍ୟା ଉପରେ ବିଚାର ବିନିମୟ କରିଥିଲି । ସଭାର ପରିଶେଷରେ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଥିଲା ଯେ କମନ ୱେଲ୍‌ଥ (ରାଷ୍ଟ୍ରମଣ୍ଡଳ) ଅର୍ଥ ଏଥିରେ ଯୋଗ ଦେଇଥିବା ସବୁ ଦେଶର 'ୱେଲ୍‌ଥ' (ସମ୍ପତ୍ତି) ଓ ଏଥିରୁ ସମସ୍ତଙ୍କୁ ଲାଭ ଉଠାଇବା ଉଚିତ । କମନ ୱେଲ୍‌ଥକୁ ସ୍ୱୀକାର କରିବା ଉଚିତ ଯେ ଏହାର କୌଣସି ଦେଶ ଗରିବ ନ ରହୁ । ଏହି କଥା ଉପରେ ବହୁତ ଜୋର୍ ଦିଆଯାଇଥିଲା ଯାହାକି ସେତେବେଳରେ ସମୟାନୁସାରେ ଏକ ପ୍ରଗତିଶୀଳ ପଦକ୍ଷେପ ଥିଲା ।

ଲର୍ଡହୋମ ରାଷ୍ଟ୍ରମଣ୍ଡଳ ମନ୍ତ୍ରୀ ଥିବାରୁ ରାଷ୍ଟ୍ରମଣ୍ଡଳ ପରିଷଦକୁ ଦିନେ ଆସିଥିଲେ । ସେ ମତେ ଏକା ଭୋଜନ ପାଇଁ ଆମନ୍ତ୍ରିତ କରିଥିଲେ । କାଶ୍ମୀର ବିଷୟରେ ସେ ମୋ ସହିତ କଥାବାର୍ତ୍ତା କରିବାକୁ ଚାହୁଁଥିଲେ । ମୁଁ ଲଣ୍ଡନରେ ଥିବା ବେଳେ କେହି ମୋ ସହିତ କାଶ୍ମୀର ବିଷୟରେ କିଛି କହିନଥିଲେ, ମୁଁ ବି ସେ ବିଷୟରେ କିଛି କହି ନଥିଲି । ମୁଁ ନିଶ୍ଚିତ କରିଯାଇଥିଲି ଯେ ମତେ ଯେଉଁ ବିଷୟ ପଚାରିବେ ମୁଁ ସେଇ ବିଷୟ କହିବି । ନିଜ ତରଫରୁ କୌଣସି ବିବାଦାତ୍ମକ ବିଷୟ ଉଠାଇବି ନାହିଁ । ତେଣୁ ଲର୍ଡହୋମ ନିଜେ କାଶ୍ମୀର ବିଷୟରେ କଥାବାର୍ତ୍ତା କରିବାକୁ ମତେ ଭୋଜନ ପାଇଁ ଆମନ୍ତ୍ରିତ କରିଥିଲେ, ମୁଁ ସେ ବିଷୟରେ ପ୍ରସ୍ତୁତ ଥିଲି ।

Digitized by srujanika@gmail.com

ଭୋଜନ ପରେ ସେ କାଶ୍ମୀର କଥା ଆରମ୍ଭ କଲେ । କଥାବାର୍ତ୍ତା ବେଳେ ଆମ ଦୁଇଜଣଙ୍କ ଛଡା ଆଉ କେହି ନଥିଲେ । ସେ ପଚାରିଲେ, ''କାଶ୍ମୀର ମାମଲାରେ ଆପଣ ଜନମତ ସଂଗ୍ରହ କରିବାକୁ ମନା କରୁଛନ୍ତି, ଏ କ'ଣ ଉଚିତ ? ସେଥିପାଇଁ ସେ ବିଷୟରେ ପାଶ୍ଚାତ୍ୟ ଦେଶରେ ଆପଣଙ୍କ ଉପରେ ଭୁଲ ଧାରଣା ଜାତ ହୋଇଛି ।''

ଲର୍ଡହୋମ ଏ ପ୍ରଶ୍ନ ଉଠାଇଥିଲେ କାରଣ ୧୯୫୮ରେ ପନ୍ତଜୀ କାଶ୍ମୀରରେ ଘୋଷଣା କରିଥିଲେ ଯେ ଜନମତ ସଂଗ୍ରହର ପ୍ରଶ୍ନ ବର୍ତ୍ତମାନ ଉଠୁ ନାହିଁ । ସେ ଏ ଘୋଷଣା କରିବାର ୧୦।୧୫ ଦିନ ପୂର୍ବରୁ ମୁଁ ବମ୍ବେରୁ ଦିଲ୍ଲୀ ଆସିବାପରେ ଜବାହରଲାଲଜୀଙ୍କ ସହିତ କାଶ୍ମୀର ବିଷୟରେ କଥାବାର୍ତ୍ତା ହୋଇଥିଲା । ମୋର ସବୁବେଳେ ବିଶ୍ୱାସ ଥିଲା କି କାଶ୍ମୀର ପ୍ରଶ୍ନ ସବୁବେଳେ ଉଠୁଛି ସେଥିଯୋଗୁଁ ଏ ବିଷୟରେ କୌଣସି ସ୍ଥିରତା ଆସିପାରୁ ନାହିଁ । କେତେ ଲୋକଙ୍କ ଏ ସନ୍ଦେହ ଥିଲା ଯେ ଜବାହରଲାଲଜୀ ଅନ୍ୟମାନଙ୍କ ଚାପରେ ପ୍ରଭାବିତ ହୋଇ କାଶ୍ମୀର ଝଗଡା ଶେଷ କରିବାକୁ କାହିଁ କାଶ୍ମୀର ଘାଟିକୁ ଛାଡି ଦେବାକୁ ପ୍ରସ୍ତୁତ ହୋଇଯିବେ ନାହିଁ ତ ? ମତେ କିନ୍ତୁ ଏପରି ଲାଗୁ ନଥିଲା, ବରଂ ମୋର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଯେତେ ଚାପ ପଡିଲେ ମଧ୍ୟ ଜବାହରଲାଲଜୀ କାଶ୍ମୀର ଛାଡିବାକୁ କେବେ ହେଲେ ପ୍ରସ୍ତୁତ ହେବେ ନାହିଁ । ତଥାପି ଏ ବିଷୟ ନିଶ୍ଚୟ କରିନେବା ପାଇଁ ଜବାହରଲାଲଜୀଙ୍କୁ ମୁଁ ସ୍ପଷ୍ଟଭାବେ ପଚାରିଥିଲି, ''ଯଦି ଏପରି ପରିସ୍ଥିତି ଉତ୍ପନ୍ନ ହୁଏ, ଓ ଆପଣଙ୍କ ଉପରେ ଏପରି ଚାପ ପଡେ, ତେବେ କ'ଣ ଆପଣ କାଶ୍ମୀର ଘାଟି ଦେଇ ପାକିସ୍ତାନ ସହିତ ବୁଝାମଣା କରିବାକୁ ପ୍ରସ୍ତୁତ ହେବେ ?'' ଜବାହରଲାଲଜୀ ଏହା ଉତ୍ତରରେ କହିଥିଲେ, ''ପରିସ୍ଥିତି ଯାହା ହେଉନା କାହିଁକି ମୁଁ କେବେ ହେଲେ ଏପରି ସମାଧାନ ସ୍ୱୀକାର କରିବି ନାହିଁ ।''

ସେ ମତେ ଏକଥା ବି ପଚାରିଲେ, ''ଆପଣଙ୍କର ଏ ଆଶଙ୍କା କାହିଁକି ହୋଇଛି ?'' ମୁଁ କହିଲି, ''ସ୍ୱୟଂ ମୋର ଏପରି କୌଣସି ଆଶଙ୍କା ନାହିଁ, ଯେ ଯଦି କାଶ୍ମୀରକୁ ଭାରତଠାରୁ ଅଲଗା କରି ପାକିସ୍ତାନକୁ ଦେଇ ଦିଆଯାଏ ତେବେ ଭାରତ ଓ କାଶ୍ମୀରର ବହୁତ କ୍ଷତି ହେବ ଓ ପାକିସ୍ତାନ ପୂର୍ବ ପାକିସ୍ତାନରୁ ହିନ୍ଦୁମାନଙ୍କୁ ବାହାର କରି ଯେଉଁ ପରିସ୍ଥିତି ସୃଷ୍ଟି କରିଥିଲା ସେଇ ପରିସ୍ଥିତିର ପୁନରାବୃତ୍ତି ହେବ । ଏପରି କୌଣସି ବ୍ୟବସ୍ଥା ସ୍ୱୀକାର କରାଗଲେ ଭାରତରେ ରହିଥିବା ମୁସଲମାନଙ୍କ ପ୍ରତି ଭାରତରେ ତୀବ୍ର ରୋଷ ଉତ୍ପନ୍ନ ହେବ ଓ ମୁସଲମାନ ଏଠାରେ ରହିପାରିବେ ନାହିଁ । କଂଗ୍ରେସ ବଦଳରେ ହିନ୍ଦୁ ମହାସଭା ଓ ଜନସଂଘର ଜୋର ବଢିବ କାରଣ ସେତେବେଳେ ଭାରତରେ କଂଗ୍ରେସ କଥା କେହି ଶୁଣିବେ ନାହିଁ । କାଶ୍ମୀର ଉପରେ ପାକିସ୍ତାନର କୌଣସି ପ୍ରକାର ହକ୍ ବା ଦାବୀ ହୋଇନପାରେ କିନ୍ତୁ ଯଦି ଜନମତ ସଂଗ୍ରହ କରାଯାଏ ତେବେ ପାକିସ୍ତାନ ବୁଝାଇ ସମଝାଇ, ପ୍ରଲୋଭନ ଦେଇ ଓ ଚାପ ପକାଇ କାଶ୍ମୀରକୁ ସ୍ୱ ଇଚ୍ଛାରେ ପାକିସ୍ତାନ ସହିତ ମିଶିବାକୁ ପ୍ରୋତ୍ସାହନ ଦେଇପାରେ । କାଶ୍ମୀରରେ ମୁସଲମାନଙ୍କର ସଂଖ୍ୟା ଅଧିକ । କାଶ୍ମୀର ପାକିସ୍ତାନରେ ମିଶିଗଲେ, ଭାରତରେ ରହିଥିବା ୫-୬ କୋଟି ମୁସଲମାନମାନଙ୍କ ପାଇଁ ବହୁତ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଯିବ ଓ 'ସର୍ବ ଧର୍ମ ସମଭାବ' ଉପରେ ପ୍ରତିଷ୍ଠିତ ଭାରତର ସଂସ୍କୃତି ମଧ୍ୟ ନଷ୍ଟ ହୋଇଯିବ ।''

ଶ୍ରୀ ଜାନ୍ନାଙ୍କର ଦୁଇରାଷ୍ଟ୍ର କଥା କଂଗ୍ରେସ ସ୍ୱୀକାର କରି ନଥିଲା । ଦେଶ ବିଭାଜନ ହୋଇଯିବା ପରେ ମଧ୍ୟ ସାଢେ ପାଞ୍ଚକୋଟି ମୁସଲମାନ ଭାରତରେ ରହିଥିଲେ । ସ୍ୱ ଇଚ୍ଛାରେ ସେମାନେ ଏଠାରେ ରହିଥିଲେ ଓ ଆମର ମଧ୍ୟ ତାଙ୍କର ରହିବାରେ କୌଣସି ଆପତ୍ତି ନଥିଲା । କାଶ୍ମୀର ପାକିସ୍ତାନକୁ ଚାଲିଗଲେ ଏ ସ୍ଥିତିରେ ପରିବର୍ତ୍ତନ ହୋଇପାରେ, ସେଥି ସକାଶେ ପାକିସ୍ତାନକୁ କାଶ୍ମୀର ଦିଆଯାଇ ପାରିବ ନାହିଁ ।

୧୯୫୩ରେ କାଶ୍ମୀରକୁ ସ୍ୱତନ୍ତ୍ର କରିବାକୁ ଶେଖ ଅବଦୁଲ୍ଲା ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ଏହା ମଧ୍ୟ ବ୍ୟବହାରିକ ନଥିଲା କାରଣ ସ୍ୱତନ୍ତ୍ର କାଶ୍ମୀର, ପାକିସ୍ତାନ ଓ ଭାରତ ଦୁହିଁଙ୍କୁ ସବୁବେଳେ ଡରାଇ

Digitized by srujanika@gmail.com

ରଖିଥାଆନ୍ତା । ପାକିସ୍ତାନ କାଶ୍ମୀର ଉପରେ ଚଢାଉ କରିଥିଲା, ସେତେବେଳେ କାଶ୍ମୀର ଲୋକମାନେ ଜାଣିପାରିଥିଲେ ଯେ ସେମାନେ ପାକିସ୍ତାନଠାରୁ ନିଜକୁ ରକ୍ଷା କରିପାରିବେ ନାହିଁ; ଏପରି ଅଭିଜ୍ଞତା ପରେ ହିଁ କାଶ୍ମୀର ସ୍ୱେଚ୍ଛାପୂର୍ବକ ଭାରତ ସହିତ ମିଶିଥିଲା । ଏତିକି ନୁହେଁ, କାଶ୍ମୀରର ବିକାଶ ଭାରତ ସହିତ ରହିଲେ ହୋଇପାରିବ । ତେଣୁ କାଶ୍ମୀର ଭାରତର ଏକ ଅଂଗ ଅଟେ ଓ ମୋର ମନରେ କୌଣସି ସନ୍ଦେହ ନାହିଁ ଯେ ଏଥିରେ ଦୁଇଜଣଙ୍କର ମଙ୍ଗଳ । ମୋର ଦୃଢ ବିଶ୍ୱାସ ଯେ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ଜବାହରଲାଲଜୀ ଯେତେବେଳେ ମତେ ବିଶ୍ୱାସଜନକ ଭାବେ କହିଲେ ଯେ ସେ ଏ ବିଷୟରେ କୌଣସି ନେଣଦେଣ କରିବେ ନାହିଁ, ମୁଁ ବହୁତ ସନ୍ତୁଷ୍ଟ ହେଲି ।

ସେତେବେଳେ ମୁଁ ତାଙ୍କୁ ପଚାରିଥିଲି, ‘‘ପୁଣି ଏ ଜନମତ ସଂଗ୍ରହ ପ୍ରସଙ୍ଗ କାହିଁକି ଚାଲୁରଖା ଯାଇଛି ? କାଶ୍ମୀରରେ ତ ଦୁଇଥର ନିର୍ବାଚନ ହୋଇସାରିଛି ଓ ଏଇ ଦୁଇଥରରେ ମଧ୍ୟ ଭାରି ବହୁମତରେ ସେଠାର ଜନତା ଏଇମତ ପ୍ରକଟ କରିଛନ୍ତି ଯେ ଭାରତରେ କାଶ୍ମୀର ମିଶିଯିବା ଶେଷ ହୋଇଛି । ଏତିକି ନୁହେଁ, ବରଂ ଆକ୍ରମଣ ଦ୍ୱାରା ପାକିସ୍ତାନ ଯେଉଁ ପରିସ୍ଥିତି ଉତ୍ପନ୍ନ କରିଛି ସେଥିରେ ଆଉ ଜନମତର ପ୍ରଶ୍ନ ଉଠୁ ନାହିଁ । ସଂଯୁକ୍ତ ରାଷ୍ଟ୍ରସଂଘ ଜନମତ ସଂଗ୍ରହ କଥା ଅବଶ୍ୟ କହିଛି କିନ୍ତୁ ତାହା କାର୍ଯ୍ୟକାରୀ କରିବା ପାକିସ୍ତାନ ଉପରେ ଥିଲା । ପାକିସ୍ତାନ ଆଠବର୍ଷ କଟିଯିବା ପରେ ମଧ୍ୟ ଆଜାଦ କାଶ୍ମୀରରୁ ନିଜ ସେନା ହଟାଇବା ସର୍ତ୍ତ ପୂରା କରି ନାହିଁ । ତେଣୁ ତାକୁ ପ୍ରତୀକ୍ଷା କରିବାର ଆଉ ଏବେ କୌଣସି କାରଣ ନାହିଁ । ଏସବୁ ଆପଣ ଭାବିବା ଉଚିତ ।’’

ଏହାର କିଛି ସମୟ ପରେ ହିଁ ପଣ୍ଡିତଜୀ ଘୋଷଣା କରିଥିଲେ କି ଜନମତ ସଂଗ୍ରହର ପ୍ରଶ୍ନ ଆଉ ନାହିଁ । ମୋର ଅନୁମାନ ହେଲା ଯେ ଆମ କଥାବାର୍ତ୍ତାର ଫଳସ୍ୱରୂପ ସେ ଏ ଘୋଷଣା କରିଥିଲେ । ମୋ ସହିତ କଥାବାର୍ତ୍ତା ପରେ ଜବାହରଲାଲଜୀ ଏପରି ସିଦ୍ଧାନ୍ତ ଗ୍ରହଣ କରିବେ ଜାଣିଥିଲେ, ମୁଁ ତାଙ୍କୁ ପ୍ରସ୍ତାବ ଦେଇଥାନ୍ତି ଯେ ସଂଯୁକ୍ତ ରାଷ୍ଟ୍ରସଂଘ, ଆମେରିକା ଓ ପାକିସ୍ତାନକୁ ଏପରି ନୋଟିସ ଦେବା ଦରକାର କି ଜନମତ ସଂଗ୍ରହ ପାଇଁ ପାକିସ୍ତାନକୁ ଯେଉଁ ସର୍ତ୍ତ ପୂରଣ କରିବାକୁ ଅଛି ତାହା ଯଦି ସେ ଛ’ ମାସ ଭିତରେ ପୂରଣ ନକରେ ତାହାହେଲେ ଜନମତ ସଂଗ୍ରହ ପ୍ରସଙ୍ଗ ଆଉ ରହିବ ନାହିଁ ଓ ‘ଆଜାଦ କାଶ୍ମୀର’ ନାମରେ ପାକିସ୍ତାନ କାଶ୍ମୀରର ଯେଉଁ ପ୍ରଦେଶ କବ୍‌ଜା କରି ରଖିଛି ତାହା ତାକୁ ଫେରାଇ ଦେବାକୁ ହେବ । ଏପରି ନୋଟିସ ଦେଇଥିଲେ ମଧ୍ୟ ଏକଥା ନିଶ୍ଚିତ ଯେ ପାକିସ୍ତାନ ‘ଆଜାଦ କାଶ୍ମୀର’ରୁ ନିଜ ସେନା ହଟାଇବା ସର୍ତ୍ତ ପୂରା କରିନଥାନ୍ତା । କିନ୍ତୁ ଯଦି ସେ ଏପରି କରିଥାନ୍ତା ତେବେ ମୋର ପୂରା ବିଶ୍ୱାସ ଥିଲା ଯେ ସେ ଅବସ୍ଥାରେ ଜନମତ ସଂଗ୍ରହ ହୋଇଥିଲେ ତାହା ଭାରତ ପକ୍ଷରେ ହୋଇଥାନ୍ତା । ଦୁଇଟି ପରିସ୍ଥିତିରେ ବ୍ରିଟେନ୍, ଆମେରିକା ବା ଅନ୍ୟ ଦେଶମାନଙ୍କର ଭାରତ ଉପରେ ଭୁଲ ଧାରଣା ହୋଇନଥାନ୍ତା ।

କଥାବାର୍ତ୍ତାରେ ଏ ସବୁ କଥା ମୁଁ ଲର୍ଡହୋମଙ୍କୁ ବତାଇଲି । ସେ ଯେତେବେଳେ ଚର୍ଚ୍ଚା ଆରମ୍ଭ କଲେ ମୁଁ କହିଲି, ‘‘କାଶ୍ମୀରରେ ଯାହା କିଛି ହୋଇଛି ତା’ର ଇତିହାସ ଆପଣ ମତେ କୁହନ୍ତୁ । ସେଥିରେ କୌଣସି ଭୁଲ ଜଣାପଡିଲେ ମୁଁ ଭୁଲ ଠିକ୍ କରିଦେବି । ସେହିପରି ମୁଁ ଯାହାକିଛି କହିବି ସେଥିରୁ କୌଣସି କଥା ଆପଣଙ୍କୁ ଭୁଲ ଜଣାପଡିଲେ ଆପଣ ମୋ ଭୁଲ ବତାଇ ତାକୁ ଠିକ କରିବେ ।’’ ଏହାପରେ ସେ କହିଲେ, ‘‘ଆପଣ କୁହନ୍ତୁ, ମତେ ଯେଉଁଠି ଭୁଲ ଜଣାପଡିବ ମୁଁ ମୋ ନିଜ ବିଚାର ପ୍ରକଟ କରିବି ।’’ ତା’ପରେ ମୁଁ ୧୯୪୭ରୁ ଆଜି ପର୍ଯ୍ୟନ୍ତ କାଶ୍ମୀରରେ ଯାହା ସବୁ ହୋଇଥିଲା ସବୁ ତାଙ୍କୁ କହିଲି,ଏ କଥା ମଧ୍ୟ କହିଲି ଯେ ପାକିସ୍ତାନ କାଶ୍ମୀର ଉପରେ ଦୁଇଥର ଆକ୍ରମଣ କଲାଣି । କୌଣସି ଚାରା ନ ରହିବାରୁ ପରିଶେଷରେ କାଶ୍ମୀର କିପରି ନିଜ ଇଚ୍ଛାରେ ଭାରତରେ ମିଶିଲା ସେ କଥା ମଧ୍ୟ କହିଲି । ତା’ ସହିତ ଏକଥା ମଧ୍ୟ କହିଲି ଯେ କାଶ୍ମୀରକୁ

Digitized by srujanika@gmail.com

ରକ୍ଷା କରିବା ପାଇଁ ଭାରତର ହଜାର ହଜାର ସୈନିକ କାଶ୍ମୀର ଭୂମି ଉପରେ ନିଜର ଜୀବନ ବଳିଦାନ କରିଛନ୍ତି । ଏତିକି ନୁହେଁ ବରଂ ପାକିସ୍ତାନ ୧୯୫୧-୫୨ରେ ପୂର୍ବ ପାକିସ୍ତାନରୁ ଚାଳିଶ ଲକ୍ଷରୁ ଅଧିକ ହିନ୍ଦୁମାନଙ୍କୁ କିପରି ସନ୍ତାପିତ କରି ଭାରତକୁ ପଠାଇ ଦେଇଥିଲା, ସେଥିରେ ଭାତରରେ କିପରି ଗମ୍ଭୀର ପରିସ୍ଥିତି ଉପୁଜିଲା -- ସବୁ ବିସ୍ତାର କରି ମୁଁ ତାଙ୍କୁ ବୁଝାଇଲି ।

ମୁଁ ତାଙ୍କୁ ଏକଥା ମଧ୍ୟ କହିଲି, ''ଯେତେବେଳେ ଆପଣ ଏକଥା କହୁଛନ୍ତି କି ଅନ୍ୟ ଦେଶମାନେ ଏ ସମ୍ବନ୍ଧରେ ଭାରତକୁ ଦୋଷ ଦେଉଛନ୍ତି, ସେତେବେଳେ ଆପଣଙ୍କୁ କ'ଣ ଜଣା ପଡୁନାହିଁ ଯେ ଏହା ଆପଣଙ୍କ ପ୍ରଚାରର ପରିଣାମ ଅଟେ ?'' ଆଉ ଯେଉଁ ବିସ୍ତୃତ ବିବରଣୀ ଦେଇଥିଲି ସେ ବିଷୟରେ ମୁଁ ପଚାରିଲି, ଏଥିରୁ ଯଦି କୌଣସି କଥା ଆପଣଙ୍କୁ ଭୁଲ ଜଣା ପଡୁଛି ତେବେ ମତେ କୁହନ୍ତୁ । ସେ ମୋର ପୂରା ବିବରଣୀକୁ ସ୍ୱୀକାର କଲେ କିନ୍ତୁ ମୁଁ ଯେଉଁ କହିଥିଲି ଯେ, ''ଅନ୍ୟ ଦେଶରେ ଭାରତ ବିଷୟରେ ଯେଉଁ ବିପରୀତ ବିଚାର ହେଉଛି ତାହା ଆପଣଙ୍କ ଯୋଗୁଁ ହେଉଛି'' ତାହାର କାରଣ ଜାଣିବାକୁ ସେ ଚାହିଁଲେ । ମୁଁ କହିଲି, ''ଆପଣଙ୍କୁ ଏ କଣ ଜଣା ପଡୁନାହିଁ ଯେ ଭାରତର ବିଭାଜନ ଆପଣଙ୍କ ଯୋଗୁ ହିଁ ହେଲା ?'' ଏହା ସମ୍ବନ୍ଧିତ ସାରା ଇତିହାସ ତାଙ୍କୁ ମୁଁ କହିଲି ।

ଖୁବ ସ୍ପଷ୍ଟ ଭାବରେ ମୁଁ ତାଙ୍କୁ କହିଲି ୧୮୫୭ ବିଦ୍ରୋହ ପରେ ବ୍ରିଟିଶ ଶାସନ ପ୍ରଥମେ ହିନ୍ଦୁମାନଙ୍କ ପକ୍ଷାବଲମ୍ବନ କରିଥିଲେ କିନ୍ତୁ ଯେତେବେଳେ କଂଗ୍ରେସ ସ୍ଥାପିତ ହେଲା ଓ କଂଗ୍ରେସ ଇଂରେଜୀ ଶାସନର ନୀତିକୁ ବିରୋଧ କରିବାକୁ ଲାଗିଲା, ସେତେବେଳେ ସେ ମୁସଲିମ୍ ଲିଗ୍‌କୁ ପ୍ରୋତ୍ସାହନ ଦେବାକୁ ଲାଗିଲେ ଓ ମୁସଲମାନମାନଙ୍କୁ ହିନ୍ଦୁମାନଙ୍କ ବିରୁଦ୍ଧରେ ଡରାଇବା ଆରମ୍ଭ କରି ଦେଲେ । ଆଗା ଖାଁ ଆଦିଙ୍କୁ ପ୍ରୋତ୍ସାହନ ଦେଇ ନିର୍ବାଚନରେ ମୁସଲମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳ କରିବା ଆରମ୍ଭ କରିଦେଲେ ଓ ଏହିପରି ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଗୋଟାଏ କାନ୍ଥ ଛିଡା କରିଦେଲେ । ଇଂରେଜୀ ଶାସନ ବିରୁଦ୍ଧରେ ଲଢାଇରେ ହିନ୍ଦୁମାନେ ଅଧିକ ସଂଖ୍ୟାରେ ଭାଗ ନେଉଥିଲେ । ଏଥିରୁ ଇଂରେଜଙ୍କ ମନରେ ହିନ୍ଦୁମାନଙ୍କ ବିରୁଦ୍ଧରେ ଦୁର୍ଭାବନା ଜନ୍ମିଲା ଓ ହିନ୍ଦୁମାନଙ୍କର ବିରୋଧକୁ ଦୁର୍ବଳ କରିବାକୁ ମୁସଲିମ୍ ଲିଗ୍‌କୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦିଆଗଲା । ହିନ୍ଦୁମାନଙ୍କ ସହିତ ଇଂରେଜୀମାନଙ୍କର ସାମାଜିକ ସମ୍ବନ୍ଧ ମଧ୍ୟ ଘନିଷ୍ଠ ନଥିଲା କିନ୍ତୁ ମୁସଲମାନମାନଙ୍କ ସହିତ ସେମାନଙ୍କର ସମ୍ପର୍କ ଘନିଷ୍ଠ ହେଉଥିଲା । ଏଇପରି ବ୍ରିଟିଶ ହୁକୁମତ ମୁସଲିମ୍ ଲିଗ୍‌କୁ ବହୁତ ପ୍ରୋତ୍ସାହନ ଦେଉଥିଲା । ଅଲିଗଡ ୟୁନିଭରସିଟିର ଜଣେ ପୂର୍ବତନ ପ୍ରିନ୍‌ସିପାଲ ଶ୍ରୀ ଥିୟୋଡର ବ୍ୟାକ କିପରି ମୁସଲମାନଙ୍କୁ ଉତ୍ତେଜିତ କରୁଥିଲେ -- ଏକଥା ମଧ୍ୟ ମୁଁ ତାଙ୍କୁ ବତାଇଲି ଏବଂ ସ୍ପଷ୍ଟ ଭାବରେ କହିଲି ଯେ ଇଂରେଜ ଲୋକ ସବୁବେଳେ କଂଗ୍ରେସ ବିରୁଦ୍ଧରେ ମୁସଲିମ୍ ଲିଗ୍‌କୁ ପ୍ରୋତ୍ସାହନ ଦେଉଥିଲେ ।

ଏସବୁ ବତାଇ କରି ମୁଁ ତାଙ୍କୁ ସିଧା ପ୍ରଶ୍ନ କଲି, ''ଦେଶର ଯେଉଁ ବିଭାଜନ ହେଲା ସେଥିପାଇଁ ଆପଣ ଦାୟୀ -- ଏକଥା ଆପଣଙ୍କୁ ଲାଗୁ ନାହିଁ ?'' ମୁଁ ବତାଇଥିବା କୌଣସି କଥା ସେ ମନା କରିପାରି ନଥିଲେ । ତେଣୁ ସେ କହିଲେ, ''ଦେଶର ବିଭାଜନ ଆମେ ବନ୍ଦ କରିପାରି ଥାଆନ୍ତୁ -- ଏକଥା ମୁଁ ସ୍ୱୀକାର କରୁଛି ।'' ଏଇସବୁ ତଥ୍ୟ ବିଷୟରେ ଆମର କୌଣସି ମତଭେଦ ରହିଲା ନାହିଁ ।

ପରେ ସେ ମତେ ପଚାରିଲେ, ''କାଶ୍ମୀର ମାମଲା କିପରି ମୀମାଂସା ହୋଇପାରିବ ଓ ପାକିସ୍ତାନ ସହିତ ଆପଣଙ୍କ ମିଳାମିଶା କିପରି ହୋଇପାରିବ -- ଏ ବିଷୟରେ ଆପଣ ମତେ କିଛି କୁହନ୍ତୁ ।'' ମୁଁ କହିଲି, ''ସବୁଠାରୁ ପ୍ରଥମେ ପ୍ରତ୍ୟେକ କଥାରେ ଆଖି ବନ୍ଦ କରି ପାକିସ୍ତାନର ପକ୍ଷ ନେବା ନିଜର ପ୍ରକୃତିଗତ ଢଙ୍ଗ ଛାଡିକରି ଆପଣଙ୍କୁ ପ୍ରତ୍ୟେକ ପ୍ରଶ୍ନର ଗୁଣ-ଦୋଷ ବିଚାର କରିବା ଉଚିତ ଏବଂ ଭାରତ ଓ ପାକିସ୍ତାନ ମଧ୍ୟରେ

Digitized by srujanika@gmail.com

ନିରପକ୍ଷ ଅଭିପ୍ରାୟ ପ୍ରକଟ କରିବା ଉଚିତ । ଏହିପରି ଭାବରେ ଆପଣ ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ । ବର୍ତ୍ତମାନ ତ ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ବିବାଦ ଉଠିଲେ ଆପଣ ପାକିସ୍ତାନ ପକ୍ଷ ନେଉଛନ୍ତି । ଏଥିରୁ ପାକିସ୍ତାନକୁ ପ୍ରୋତ୍ସାହନ ମିଳୁଛି ଓ ସଂଯୁକ୍ତ ରାଷ୍ଟ୍ରସଂଘରେ ମଧ୍ୟ ଭାରତ ବିରୁଦ୍ଧରେ ବାତାବରଣ ତିଆରି ହେଉଛି । ଆପଣଙ୍କୁ ହିଁ ଏଥିରୁ ରାସ୍ତା ବାହାର କରିବା ଉଚିତ । ଏକଥା ତ ଆପଣଙ୍କୁ ମାନି ନେବା ଉଚିତ ଯେ ଭାରତ କାଶ୍ମୀରକୁ ଛାଡି ପାରିବ ନାହିଁ ।'' ସେ କହିଲେ, ''ଆପଣଙ୍କ ଦୃଷ୍ଟିରୁ ତ ଏକଥା ଠିକ୍ ଜଣାପଡୁଛି । କାଶ୍ମୀର ସମସ୍ୟାର ନିରାକରଣ ସମ୍ଭବତଃ ଏହି ପ୍ରକାର ହୋଇପାରେ ଯେ କାଶ୍ମୀରର ଯେଉଁ ପ୍ରଦେଶ ପାକିସ୍ତାନ ପାଖରେ ଅଛି ତାହା ତାଙ୍କ ପାଖରେ ରହୁ ଓ ବାକି କାଶ୍ମୀର କଥା ସେମାନେ ଛାଡି ଦିଅନ୍ତୁ । ଏହାଛଡା ଅନ୍ୟ କିଛି ସମ୍ଭାବନା ଦେଖାଯାଉନାହିଁ ।'' ମୁଁ କହିଲି, ''ଏପରି କଥା ମୁଁ କହିପାରିବି ନାହିଁ । ଭାରତ ଏପରି ପ୍ରସ୍ତାବ କରିପାରିବ ନାହିଁ । କାରଣ ଆମେ ଏପରି ପ୍ରସ୍ତାବ କଲେ ପାକିସ୍ତାନ ଏହାକୁ ମାଡିବସିବ ଓ ଏହାଦ୍ୱାରା କାଶ୍ମୀର ଉପରେ ନିଜର ଦାବୀ ମଜଭୁତ କରିବ ଓ ଆମ ପକ୍ଷ ଦୁର୍ବଳ ହୋଇ ପଡିବ । କିନ୍ତୁ ଯଦି ପାକିସ୍ତାନ ଏପରି ପ୍ରସ୍ତାବ ଦିଏ ଏବଂ ସେଥିରେ ତାଙ୍କ ପକ୍ଷ ନ ନେଇ ଆପଣ ପ୍ରତ୍ୟକ୍ଷ ଭାବେ ତାଙ୍କୁ ବୁଝାନ୍ତି, ଏତିକି ନୁହେଁ ବରଂ ଏପରି ବୁଝାମଣାରେ ଭାରତ ପାକିସ୍ତାନ ମଧ୍ୟରେ ମିତ୍ରତା ସ୍ଥାୟୀ ହେବାର ସମ୍ଭାବନା ରହିଲେ ସମ୍ଭବତଃ ଭାରତୀୟ ଜନତାଙ୍କୁ ଏକଥା ବୁଝାଇ ଦିଆଯାଇପାରିବ । ଭାରତ ଏପରି କିଛି ପ୍ରଥମେ କରିପାରିବ ନାହିଁ । ଆପଣ ଯଦି ଏହା ଠିକ୍ ଭାବୁଥାନ୍ତି ତେବେ ଆପଣ ଏହା କରିପାରନ୍ତି ।'' ସେ ମୋ ଦୃଷ୍ଟିକୋଣ ବୁଝିପାରିଲେ ଏବଂ ଏକଥା ମଧ୍ୟ ସ୍ୱୀକାର କଲେ ଯେ ଏପରି କରିବା ତାଙ୍କର କର୍ତ୍ତବ୍ୟ ଅଟେ ।

ମଣ୍ଟ୍ରିୟଲରେ କାନାଡା ସରକାର ମତେ କାନାଡାର କିଛି ଦର୍ଶନୀୟ ସ୍ଥାନ ଦେଖାଇବାର ବ୍ୟବସ୍ଥା କରିଥିଲେ । ସେଥିରେ ଗୋଟିଏ ବିଜୁଳି ଘର ବିଶେଷ ଦର୍ଶନୀୟ ଥିଲା । କାନାଡା ବଡ ବିଶାଳ ଦେଶ ଅଟେ । ଭାରତର ପ୍ରାୟ ଅଢେଇ ଗୁଣ କିନ୍ତୁ ଭାରତର ଲୋକସଂଖ୍ୟା ୬୪ କୋଟି ଥିବାବେଳେ କାନାଡାର ଲୋକସଂଖ୍ୟା ଦୁଇକୋଟିରୁ ମଧ୍ୟ କମ୍ । ଏଥିଯୋଗୁଁ ଏ ଦେଶ ବେଶ ସମୃଦ୍ଧ । ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ସେଠାରେ ସବୁ ପ୍ରକାର ଓ ବିପୁଳ ପରିମାଣରେ ପ୍ରାକୃତିକ ସାଧନ ପୂରି ରହିଛି । ବଡ ବଡ ନଦୀ ଓ ପାଣିର ବିରାଟ ଭଣ୍ଡାର ଥିବା ସତ୍ତ୍ୱେ ଏପରି ବ୍ୟବସ୍ଥା କରାଯାଇଛି ଯେ ବଢିରେ କୌଣସି କ୍ଷତି ଘଟେ ନାହିଁ । ସେଠାରେ ବହୁତ ଥଣ୍ଡା ହୁଏ ଓ ଲୋକମାନେ ବହୁତ ପରିଶ୍ରମୀ । କାନାଡାର ସମୃଦ୍ଧି ବଢିବ କାରଣ ସେଠାରେ ଲୋକସଂଖ୍ୟା କମ୍ ଓ ସାଧନ ବହୁତ ଅଛି ।

ମୁଁ ଯେତେବେଳେ ଯାଇଥିଲି ସେତେବେଳେ ଶ୍ରୀ ଡିଫନ-ବାକେର କାନାଡାର ପ୍ରଧାନମନ୍ତ୍ରୀ ଥିଲେ, ସେ ମୋର ବହୁତ ସ୍ୱାଗତ ସତ୍କାର କରିଥିଲେ । ଶ୍ରୀ ଡୋନାଲ୍ଡ ଫ୍ଲେମିଂଗ୍ ତାଙ୍କର ଅର୍ଥ ମନ୍ତ୍ରୀ ଥିଲେ ଯାହାଙ୍କ ସହିତ ମୋର ଭଲ ସମ୍ବନ୍ଧ ହୋଇଯାଇଥିଲା । କାନାଡାରେ ଆମେରିକାର ବହୁତ ପ୍ରଭାବ ଅଛି । ତା'ର ଡଲାର ଟଙ୍କା ଏଠାରେ ପ୍ରଚଳିତ ହେଉଛି । ଯଦିଓ ଆମେରିକୀ ଡଲାର ଓ ଏହାର ମୂଲ୍ୟରେ କିଛି ଅବଶ୍ୟ ପାର୍ଥକ୍ୟ ଅଛି । କାନାଡାରେ ଆମେରିକାର ଧନ ବହୁତ ଲାଗିଛି । ବ୍ରିଟେନ ସହିତ ତା'ର ଯେପରି ସମ୍ବନ୍ଧ, ଆମେରିକା ସହିତ ତା'ଠାରୁ କମ୍ ନାହିଁ ବରଂ ଦିନକୁ ଦିନ ବଢିଚାଲିଛି । କିନ୍ତୁ କାନାଡାରେ ବେଶି ବହୁତ ଆମେରିକୀ ଧନ ଖଟାଇବା ଦ୍ୱାରା ଆମେରିକାର ପ୍ରଭାବ ବଢିଚାଲିଛି ଏକଥା ଏଠାର ପ୍ରଧାନମନ୍ତ୍ରୀଙ୍କର ପସନ୍ଦ ନୁହେଁ ଓ କେବେ କେବେ ଏକଥାର ଆଲୋଚନା ମଧ୍ୟ କରନ୍ତି ।

କମନୱେଲ୍‌ଥ ଅର୍ଥ ମନ୍ତ୍ରୀମାନଙ୍କ ସଭା ସମାପ୍ତ ପରେ, ଶେଷ ଦିନ, ଯାହା ସବୁ ହୋଇଥିଲା ତା'ର ବିବରଣୀ ପ୍ରକାଶ କରାଯାଇଥିଲା । ସେଥିରେ ଏକଥା ବିଶେଷ କରି ଉଲ୍ଲେଖ କରାଯାଇଥିଲା ଯେ

Digitized by srujanika@gmail.com

ପରିଷଦର କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିନିଧି ମଣ୍ଡଳର ବହୁତ ଭଲ ଯୋଗଦାନ ରହିଥିଲା । ମୋର ଅନୁଭବ ଯେ ଏପରି ସବୁ ସଭା-ସମ୍ମିଳନୀରେ ଭାରତୀୟ ପ୍ରତିନିଧିମାନଙ୍କର ଭଲ ଯୋଗଦାନ ଥାଏ ଏବଂ ସମସ୍ତେ ଏହାର ପ୍ରଶଂସା କରନ୍ତି କାରଣ ଭାରତୀୟ ପ୍ରତିନିଧି ମଣ୍ଡଳ ସବୁବେଳେ ସହାୟକ ହେବାକୁ ଚେଷ୍ଟା କରନ୍ତି ଓ ନାମ କମାଇବାକୁ ବା ଆଗକୁ ଯିବା ଇଚ୍ଛାରେ ସେମାନେ କେବେ କାମ କରନ୍ତି ନାହିଁ । ଏଇଥି ପାଇଁ ତାଙ୍କର ପ୍ରଂଶସା ହୁଏ ।

ସଭାର ଶେଷରେ ସ୍ୱୀକାର କରାଯାଇଥିଲା ଯେ "କମନୱେଲ୍‌ଥ" ମାନେ ସାଧାରଣ ସମ୍ପତ୍ତି, ତେଣୁ ଏହାର ସମ୍ପତ୍ତି ସମସ୍ତଙ୍କର । କମନ୍‌ୱେଲ୍‌ଥରେ ସମୃଦ୍ଧ ଓ ଗରିବ ଦୁଇ ପ୍ରକାର ଦେଶ ଅଛି । ଦୁଇ ଜଣଙ୍କ ମଧ୍ୟରେ ଦୂରତ୍ୱ କମ୍ କରିବାକୁ ସମୃଦ୍ଧ ଦେଶ ଗରିବ ଦେଶକୁ ସାହାଯ୍ୟ କରିବା ଉଚିତ । ଆମେ ସମସ୍ତେ ଏହା ଉପରେ ଜୋର ଦେଇଥିଲୁ ତେଣୁ ଏହା ସ୍ୱୀକାର କରାଯାଇଥିଲା ।

ରାଷ୍ଟ୍ରମଣ୍ଡଳର ସବୁ ଦେଶର ପ୍ରତିନିଧିମାନଙ୍କର ଜଣକୁ ଅନ୍ୟ ସହିତ ରହିବା ଓ ମିଳାମିଶା କରିବାର ଏହା ଏକ ଉତ୍ତମ ସୁଯୋଗ ଥିଲା । ସେଥିପାଇଁ ଏତେ ଦିନ କାର୍ଯ୍ୟକ୍ରମରେ କୌଣସି ବ୍ୟାଘାତ ଆସି ନ ଥିଲା । ବ୍ରିଟେନର ଚାନ୍ସଲେର ଅଫ୍ ଏକ୍‌ସଚେକର -- ଅର୍ଥ ମନ୍ତ୍ରୀ କିଛି ବର୍ଷ ପରେ ବ୍ରିଟିଶ୍ ହାଇକମିଶନର ହୋଇ କାନାଡା ଯାଇଥିଲେ । କାନାଡାରେ ଇଂଲିଶ୍ ଓ ଫ୍ରେଞ୍ଚ୍ -- ଦୁଇ ଭାଷାର ପ୍ରଚଳନ ଅଛି ଓ ଦୁଇ ଭାଷାଭାଷୀ ଲୋକମାନଙ୍କ ମଧ୍ୟରେ ନିକଟ ସମ୍ପର୍କ ରହିଛି । କେବେ କେବେ କିଛି ଖୁଟ୍‌ଖାଟ ଟଣାଓଟରା ଅବଶ୍ୟ ଲାଗେ କାରଣ ଫ୍ରାନ୍‌ସ ବିଭାଗ ନିଜର ବ୍ୟକ୍ତିତ୍ୱ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରେ କିନ୍ତୁ ମତେ ଲାଗିଲା ଯେ ସେମାନେ ସମସ୍ତେ ମିଳିମିଶି ରୁହନ୍ତି ।

ମଣ୍ଟ୍ରିୟଲରୁ ମୁଁ ଟରେଣ୍ଟୋ ଯାଇଥିଲି ଯେଉଁଠାରେ ଟେଲିଭିଜନରେ ମୋ କାର୍ଯ୍ୟକ୍ରମ ରଖାଯାଇଥିଲା । ଏ ଭେଟବାର୍ତ୍ତା ମଧ୍ୟ ଖୁବ୍ ଭଲ ହୋଇଥିଲା । ସେଠାରେ ମୁଁ ନାଏଗ୍ରା ଜଳପ୍ରପାତ ଦେଖିବାକୁ ଯାଇଥିଲି ଓ ଏହା ବିଷୟରେ ମୁଁ ଯାହାକିଛି ପଢିଥିଲି ସବୁ ପ୍ରତ୍ୟକ୍ଷରେ ଦେଖିଲି । ଏ ଜଳପ୍ରପାତ ବହୁତ ଉଚ୍ଚ ନୁହେଁ କିନ୍ତୁ ବହୁତ ବଡ଼ ଚଉଡ଼ା ଓ ଏହାର ଦୃଶ୍ୟ ମଧ୍ୟ ଅତ୍ୟନ୍ତ ରମଣୀୟ ଅଟେ ।

କାନାଡା ସହିତ ଭାରତର ସମ୍ବନ୍ଧ ବହୁତ ମଧୁର ରହିଛି । ଦୁହିଁଙ୍କ ମଧ୍ୟରେ ଉତ୍ତମ ମିତ୍ରତା ରହିଛି ଓ ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଅନେକ ବିଷୟରେ ଦୁହିଁଙ୍କ ବିଚାରରେ ବେଶ୍ ସାମଞ୍ଜସ୍ୟ ରହିଛି । ଭାରତକୁ ସାହାଯ୍ୟ କରିବାକୁ କାନାଡ଼ା ସବୁବେଳେ କେବଳ ପ୍ରସ୍ତୁତ ନୁହେଁ, ଉତ୍ସୁକ ମଧ୍ୟ ଓ ବିନା କୌଣସି ଆଡ଼ମ୍ବରରେ, କର୍ତ୍ତବ୍ୟ ଭାବରେ ଆମକୁ ସାହାଯ୍ୟ କରିଆସୁଛି । ସହାୟତା କରିବାର ତା'ର ପଦ୍ଧତି ମଧ୍ୟ ଉତ୍ତମ ଅଟେ । ଜନସଂଖ୍ୟା କମ୍ ହୋଇଥିବାରୁ ତାଙ୍କଠାରୁ ପ୍ରାପ୍ତ ସାହାଯ୍ୟ ଆମେରିକାଠାରୁ କମ୍ ହେବା ସ୍ୱାଭାବିକ କିନ୍ତୁ କାନାଡାର ସାହାଯ୍ୟ ଅଧିକ ଉଦାର ଭାବାପନ୍ନ ଅଟେ, ମୋର ଅନୁଭବ ଯେ ଏତେ ବର୍ଷ ମଧ୍ୟରେ କାନାଡା ସହିତ ଆମର ପ୍ରାୟ କୌଣସି ମତଭେଦ ହୋଇନାହିଁ । କାନାଡାର ଲୋକସଂଖ୍ୟା ବଢାଇବା ପାଇଁ ସରକାର ଭିନ୍ନ ଭିନ୍ନ ଦେଶର ଲୋକମାନଙ୍କ ପାଇଁ "କୋଟା" ନିର୍ଦ୍ଧାରଣ କରିଛି ଓ ସେଇ ଅନୁସାରେ ସେଇ ସେଇ ଦେଶର ଲୋକେ ସେଠାରେ ରହିବାକୁ ଯାଆନ୍ତି । ଭାରତରୁ ମଧ୍ୟ କେତେଲୋକ ଯାଇ ସେଠାରେ ରହିଲେଣି ଓ ସୁଖରେ ସେଠାରେ ରହୁଛନ୍ତି ।

କାନାଡାର ଜୀବନସ୍ତର ଆମେରିକା ଅପେକ୍ଷା କିଛି ବେଶି ବ୍ୟୟସାପେକ୍ଷ ଲାଗିଲା । ଏ ତିନି ଦେଶକୁ ମୋର ଏହା ପ୍ରଥମ ଯାତ୍ରା ଥିଲା । ତିନି ଦେଶ ଟୀକା ନେବାରୁ ମତେ ମୁକ୍ତି ଦେଇଥିଲେ । କାନାଡା ତରଫରୁ

Digitized by srujanika@gmail.com

ପ୍ରଥମେ କୁହାଯାଇଥିଲା ଯେ ତାଙ୍କ ଡାକ୍ତର ମତେ ପରୀକ୍ଷା କରିବେ । କିନ୍ତୁ ମୁଁ ସେଠାକୁ ଗଲାପରେ ସେକଥା ବି ସେମାନେ ଛାଡିଦେଲେ ଓ ମତେ ପରୀକ୍ଷା କରିବାକୁ କୌଣସି ଡାକ୍ତର ଆସିଲେ ନାହିଁ ।

ଆମେରିକାକୁ ମୋର ପ୍ରଥମ ଯାତ୍ରାରେ ମୁଁ ଅଧିକ ସ୍ଥାନକୁ ଯାଇପାରି ନଥିଲି କିନ୍ତୁ ତା'ପର ଯାତ୍ରାରେ କାଲିଫର୍ଣ୍ଣିଆ ହୋଇକରି ଆସିଥିଲି ଏବଂ ମଝିରେ ଥିବା ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ଦେଖିଥିଲି । ଆମେରିକା ଦୁଇ ଶତାବ୍ଦୀରେ ଦୁନିଆର ଅନ୍ୟ କୌଣସି ଦେଶ ଅପେକ୍ଷା ବହୁତ ଅଧିକ ପ୍ରଗତି କରିଛି । ସେଥିରୁ ତାଙ୍କ ମନରେ ଭାବନା ଆସିଗଲାଣି ଯେ କିପରି ସଫଳତା ପ୍ରାପ୍ତ କରାଯାଏ ତାହା ସେମାନେ ଅନ୍ୟମାନଙ୍କ ଅପେକ୍ଷା ଭଲ ଭାବରେ ଜାଣନ୍ତି । ତେଣୁ କୌଣସି ପରାମର୍ଶ ଦେବାବେଳେ ତାଙ୍କ ମନରେ ଏଇ ଭାବନା ଥାଏ ଯେ ଅନ୍ୟମାନଙ୍କ ଅପେକ୍ଷା ତାଙ୍କ ପରାମର୍ଶ ବହୁତ ପରିମାଣରେ ଉତ୍ତମ ଅଟେ । ଆମେରିକାର ଲୋକଙ୍କ ଠାରୁ ମୁଁ ବହୁତ ଆଦର ପାଇଥିଲି । ସେମାନେ ୟୁରୋପକୁ ବିଶେଷ କରି ପଶ୍ଚିମ ୟୁରୋପକୁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆତ୍ମନିର୍ଭରଶୀଳ ହେବାପାଇଁ 'ମାର୍ଶାଲ ଯୋଜନା' ଦ୍ୱାରା ଯେଉଁ ସାହାଯ୍ୟ କରିଥିଲେ ତାହା ବିଶ୍ୱ ଇତିହାସରେ ଉଦାରତାର ଅନନ୍ୟ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ସେଠାରେ ଅନ୍ନ ଓ କପା ଆଦି ଆବଶ୍ୟକତାରୁ ଅଧିକ ଉତ୍ପାଦନ ହୁଏ । ଆମେରିକା ଆୟତନରେ ଭାରତର ଅଢେଇ ଗୁଣ, କିନ୍ତୁ ଲୋକସଂଖ୍ୟା ଭାରତର ଅଧାରୁ କମ୍ । ପ୍ରାକୃତିକ ସମ୍ପତ୍ତି ମଧ୍ୟ ସେଠାରେ ବହୁତ ଓ ଏହାର ବିକାଶ ସେଠାକାର ଲୋକମାନେ ଅଧିକ କରିଛନ୍ତି । ''ମାଷ୍ଟର ପ୍ଲାନ'' ତିଆରି କରି ସେମାନେ ଉଦାରତା ସହକାରେ ସାହାଯ୍ୟ କରିନଥିଲେ ପାଶ୍ଚାତ୍ୟରେ ଅନେକ ଦେଶର ପରିସ୍ଥିତି ବହୁତ ବିଷମ ହୋଇଥାନ୍ତା ଓ ତାଙ୍କର ଶାସନ ବ୍ୟବସ୍ଥା ମଧ୍ୟ ସ୍ଥିର ହୋଇପାରି ନଥାନ୍ତା । ମିଳିତ ଜାତିସଂଘ ପାଣ୍ଠିରେ ଅଧିକ ଅର୍ଥ ଆମେରିକାର । ମିଳିତ ଜାତିସଂଘ ଜରିଆରେ ଆମେରିକା ପଛୁଆ ଦେଶମାନଙ୍କର ସହାୟତା କରୁଛି । ମୋ ଖିଆଲରେ, ଏହାର ଫଳସ୍ୱରୂପ ଅନ୍ୟ ବିକଶିତ ଦେଶ ମଧ୍ୟ ବର୍ତ୍ତମାନ ଅବିକଶିତ ଓ ଅର୍ଦ୍ଧ ବିକଶିତ ଦେଶମାନଙ୍କୁ ସହାୟତା କରିବା ନିଜର କର୍ତ୍ତବ୍ୟ ବୋଲି ଭାବିବାକୁ ଲାଗିଲେଣି । କିନ୍ତୁ ଏହା ଏକ ବିଚିତ୍ର କଥା ବୋଲି କୁହାଯାଇ ପାରେ ଯେ ଅନେକ ଦେଶକୁ ଆମେରିକୀ ସହାୟତା ଭଲ ପରିମାଣରେ ମିଳିଲେ ମଧ୍ୟ, ଯାହାକୁ ସହାୟତା ମିଳୁଛି ସେମାନଙ୍କ ମଧ୍ୟରୁ କେତେକ ଆମେରିକାର କଟୁ ଆଲୋଚନା କରନ୍ତି, ଏହା ସତ ଯେ ସହାୟତାର ପ୍ରଶଂସା କରିବା ବାଲା ଲୋକ ସାଧାରଣତଃ କମ୍ ହୁଅନ୍ତି ।

ବର୍ଣ୍ଣାର୍ଡ଼ ସ ଏ ବିଷୟରେ ଏକ ବଡ଼ ବ୍ୟଙ୍ଗ କରିଥିଲେ । ଜଣେ ମିତ୍ର ତାଙ୍କୁ କହିଲେ ଯେ ଅମୁକ ଲୋକ ଆପଣଙ୍କର କଡ଼ା ସମାଲୋଚନା କରୁଛି ଓ ଆପଣଙ୍କ ବିଷୟରେ ଓଲଟା ସିଧା କହୁଛି । ଏହା ଉପରେ ବର୍ଣ୍ଣାର୍ଡ଼ ସ ଜବାବ ଦେଲେ, ''ତାଙ୍କର ତ ମୁଁ କେବେ କିଛି ଭଲ କରିନାହିଁ, ତଥାପି ସେ ଏପରି କାହିଁକି କରୁଛନ୍ତି ?'' ଆମେରିକାର ଆଲୋଚନା କାହିଁକି କରାଯାଉଛି ତା'ର କାରଣ ଗୋଟିଏ ବହିରେ ସ୍ୱୟଂ ଏକ ଆମେରିକାନ କହିଛନ୍ତି । ତାଙ୍କ କହିବାନୁସାରେ ଏହାର ମୁଖ୍ୟ କାରଣ ହେଲା ଆମେରିକା ଯେଉଁ ଦେଶମାନଙ୍କୁ ସାହଯ୍ୟ କରୁଛି, ସେଠାକୁ ସେ ଏହି କାମ ପାଇଁ ନିଜ ପ୍ରତିନିଧିମାନଙ୍କୁ ପଠାଏ । ସେଇମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଅଭିମାନପୂର୍ବକ ଓ ଉଦଣ୍ଡତା ସହିତ ସ୍ଥାନୀୟ ଲୋକମାନଙ୍କ ସହିତ ବ୍ୟବହାର କରିଥାଆନ୍ତି । ମୋ ଖିଆଲରେ ଏଥି ସକାଶେ ଆମେରିକାର ଅଧିକ ଆଲୋଚନା ହେଉଛି । ଆମେରିକାର ଗୋଟିଏ ବର୍ଗର ଲୋକ ଏପରି ଆଲୋଚନାରେ ପ୍ରଭାବିତ ହୋଇ ଭାବୁଛନ୍ତି; ''ଗାଳିଖାଇ ମଧ୍ୟ ଆମେ କାହିଁକି ସାହାଯ୍ୟ କରିବୁ ?''

ଅନ୍ୟକୁ ସାହାଯ୍ୟ କମାଇବା ପାଇଁ ଯେଉଁ ବିଚାର ଆମେରିକାରେ ଚାଲିଛି, ମୋ ଖିଆଲରେ, ତା'ର ମାନେ ହେଉଛି ଯେ ଆମେରିକାର ଉଦାର ମନୋଭାବ କିଛି ସଂକୀର୍ଣ୍ଣ ହେବାକୁ ଲାଗିଲାଣି । କିନ୍ତୁ ସମୃଦ୍ଧ ଦେଶ ନିଜର ସମୃଦ୍ଧିର ଉପଯୋଗ ଯଦି କେବଳ ନିଜ ପାଇଁ ହିଁ କରେ, ତେବେ ସେ ସମୃଦ୍ଧି ସ୍ଥାୟୀ ହୋଇପାରିବ

Digitized by srujanika@gmail.com

ନାହିଁ ଯେପରି କୌଣସି ବ୍ୟକ୍ତି ବହୁତ ସମୃଦ୍ଧ ହୋଇ ସମୃଦ୍ଧିର ଉପଯୋଗ ଯଦି କେବଳ ନିଜ ପାଇଁ କରେ ତେବେ ତା'ର ଖୁସି ବହୁତ ଦିନ ରହିପାରେ ନାହିଁ । ଏଇ କଥା ରାଷ୍ଟ୍ର ଉପରେ ମଧ୍ୟ ଲାଗୁ ହୋଇପାରେ । ଦୁନିଆରେ ଆମେ ଦେଖୁଛେ ଯେ ସମୃଦ୍ଧିର ଉପଯୋଗ ଉଦାରତା ପୂର୍ବକ ଓ କର୍ତ୍ତବ୍ୟ ଭାବନାରେ କରାଗଲେ, ସମୃଦ୍ଧି ନିରବଛିନ୍ନ ଲାଗିରହେ । ଏତିକି ନୁହେଁ, ଯେଉଁ ଦେଶ ଏପରି କରେ ତା'ର ଜନତାର ସଂସ୍କୃତି ମଧ୍ୟ ସୁନ୍ଦର ଓ ସୁଦୃଢ ହୋଇଥାଏ ।

ଆମେରିକାରେ ମୁଁ ଦେଖିଲି ଯେ ସେଠାରେ ସମୃଦ୍ଧି ବହୁତ ହୋଇଛି । ଦୈହିକ ସୁଖପାଇଁ ସେଠାରେ ବହୁତ ସାଧନା ଅଛି । କିନ୍ତୁ ସେଥିରେ ସେଠାର ଲୋକମାନଙ୍କୁ ମାନସିକ ଶାନ୍ତି ମିଳୁ ନାହିଁ । ସେଥିରୁ ସେମାନଙ୍କୁ ଜଣାପଡ଼ିଲାଣି ଯେ ସମୃଦ୍ଧିରେ ସୁଖ ନାହିଁ । ଏହା ଏକ ଶୁଭ ଲକ୍ଷଣ ଅଟେ । କାରଣ ଜୀବନରେ ପ୍ରକୃତ ସୁଖ ପାଇଁ ଆଧ୍ୟାତ୍ମିକତା ବିଷୟ ବିଚାର କରିବାକୁ ଲାଗିଲେଣି ଓ ଏଥିପାଇଁ ଭାରତ ପ୍ରତି ତାଙ୍କର ଆକର୍ଷଣ ବଢୁଛି । ସମାଜବାଦର ଅର୍ଥ ସେମାନେ ପ୍ରାୟ ମାର୍କସବାଦ ହିଁ ଭାବନ୍ତି । ସମ୍ବିଧାନ ଅନୁସାରେ ତାଙ୍କର ଯେଉଁ ଆଦର୍ଶ ଅଛି ତାହା ସମାଜବାଦ ଓ ଲୋକତାନ୍ତ୍ରିକ ଅନୁରୂପ ଅଟେ । ଆମେରିକାର ପ୍ରତ୍ୟେକ ନାଗରିକ ସୁଖରେ ରହୁ ଏହା ତାଙ୍କର ପରମ ଆଦର୍ଶ ଅଟେ ।

ମଣ୍ଟ୍ରିୟଲରୁ ଭାରତକୁ ଫେରିବା ବେଳେ ଦିନେ ଦିନେ କରି ମୁଁ ବ୍ରୁସେଲ୍ସ, ପ୍ୟାରିସ ଓ ରୋମରେ ରହିଥିଲି ଯେଉଁଠାରେ ପ୍ରମୁଖ ବ୍ୟକ୍ତିମାନଙ୍କ ସହିତ ମୋର କଥାବାର୍ତ୍ତା ହୋଇଥିଲା । କିନ୍ତୁ ଅଧିକ କଥାବାର୍ତ୍ତା ମୁଁ ସେ ଦେଶରେ ରାଜଦୂତଙ୍କ ସହିତ ସେ ଦେଶର ଭାରତ ସହିତ ସମ୍ବନ୍ଧ ବିଷୟରେ କରିଥିଲି ।

(୧୫) ଇନ୍ଦିରା ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷା ହେଲେ

୧୯୫୮ ଡିସେମ୍ବର ମାସରେ କିଡ୍‌ନୀରେ ପଥର ଯୋଗୁ ମତେ ଶଲ୍ୟ ଚିକିତ୍ସା କରାଇବାକୁ ପଡ଼ିଥିଲା । ସେଥିପାଇଁ ଏ ନିଶ୍ଚିତ ହୋଇଥିଲା ଯେ ୧୯୫୯ ଜାନୁଆରୀରେ ନାଗପୁରରେ ହେବାକୁ ଥିବା କଂଗ୍ରେସ ଅଧିବେଶନରେ ମୁଁ ଯୋଗଦେଇ ପାରିବି ନାହିଁ । ଶଲ୍ୟ ଚିକିତ୍ସାକୁ ସ୍ଥଗିତ ରଖାଯାଇ ପାରିବ ନାହିଁ କାରଣ ଅପରେସନ ପରେ କଲେ ସଂସଦରେ ବଜେଟ ଉପସ୍ଥାପନ କରିବାରେ ଅସୁବିଧା ହେବ । ସେଥିପାଇଁ କଂଗ୍ରେସର ନାଗପୁର ଅଧିବେଶନକୁ ମୁଁ ଯାଇ ପାରିନଥିଲି ।

ନାଗପୁର ଅଧିବେଶନ ପୂର୍ବରୁ ଏହା ନିଶ୍ଚୟ ହୋଇଯାଇଥିଲା ଯେ ଶ୍ରୀ ଧେବରଭାଇ ଏଣିକି କଂଗ୍ରେସ ଅଧ୍ୟକ୍ଷ ରହିବେ ନାହିଁ ଓ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ଅଧ୍ୟକ୍ଷ ବାଛିବାକୁ ହେବ କାରଣ ଶ୍ରୀ ଧେବରଭାଇ ୧୯୫୫ରେ କଂଗ୍ରେସ ଅଧ୍ୟକ୍ଷ ହୋଇଥିଲେ ଓ ୧୯୫୭ରେ ସାଧାରଣ ନିର୍ବାଚନ ଯୋଗୁ ତାଙ୍କ କାର୍ଯ୍ୟକାଳ ବଢାଇଦେବାରୁ ସେ ଏତେ ଦିନ ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦ ସମ୍ଭାଳି ଥିଲେ । କାହାକୁ ଅଧ୍ୟକ୍ଷ କରାଯିବ -- ଏ ବିଷୟରେ ବହୁତ ବିଚାର ବିନିମୟ ହେଉଥିଲା । କିନ୍ତୁ ଯେତେବେଳେ ଏଥିପାଇଁ କୌଣସି ନାମ ସାମନାକୁ ଆସୁ ନଥିଲା, ଜବାହରଲାଲଜୀ ଚୁପ୍‌ଚାପ ରହୁଥିଲେ ଓ କୌଣସି ନିର୍ଣ୍ଣୟ ନେଉନଥିଲେ । ଶ୍ରୀ ନିଜ ଲିଙ୍ଗପ୍ପାଙ୍କ ନାମ ଉପରେ ବହୁତ ସହମତ ଥିଲା । କିନ୍ତୁ ଜବାହରଲାଲଜୀ ଏ ବିଷୟରେ ହଁ ବା ନାଁ କିଛି କହୁନଥିଲେ । ଏଥିରୁ ଏହା ବୁଝାଗଲା ସେ ତାଙ୍କୁ ଚାହୁଁ ନଥିଲେ ।

Digitized by srujanika@gmail.com

ନାଗପୁରରେ ସ୍ୱୟଂ ତ ଉପସ୍ଥିତ ନଥିଲି କିନ୍ତୁ ମୋତେ ଖବର ମିଳିଲା ଯେ ସେଠାରେ ସବୁ ନେତାମାନଙ୍କ ମଧ୍ୟରେ ଏ ସମ୍ବନ୍ଧରେ ଯେଉଁ କଥାବାର୍ତ୍ତା ଚାଲିଥିଲା ସେଥିରେ ଶ୍ରୀ ଧେବରଭାଇ ଇନ୍ଦିରା ଗାନ୍ଧୀଙ୍କ ନାମ ଅଧ୍ୟକ୍ଷ ପଦ ପାଇଁ ଯେତେବେଳେ ପ୍ରସ୍ତାବ ଦେଲେ, ଜବାହରଲାଲଜୀ ଶୀଘ୍ର ଏହାକୁ ସ୍ୱୀକାର କରିନେଲେ ।

ଏକଥା ବି ଶୁଣିଥିଲି ଯେ ଇନ୍ଦିରାଜୀଙ୍କ ନାମ ପ୍ରସ୍ତାବ ହେବାବେଳେ ପନ୍ଥଜୀ ଏ ଆଶଙ୍କା ବ୍ୟକ୍ତ କରିଥିଲେ କି ଇନ୍ଦିରାଜୀଙ୍କ ଯେପରି ସ୍ୱାସ୍ଥ୍ୟ ସେଥିରେ ସେ ଏ ଭାର ଚଳାଇ ପାରିବେ ନାହିଁ । କିନ୍ତୁ ଜବାହରଲାଲଜୀଙ୍କୁ ଏ କଥା ଭଲ ଲାଗିଲା ନାହିଁ, କିଛି ନାରାଜ ହୋଇ ସେ କହିଲେ ଯେ ତାଙ୍କର ସ୍ୱାସ୍ଥ୍ୟ ଏତେ ଖରାପ ନୁହେଁ ଯଦ୍ଦ୍ୱାରା ସେ ଏ ଭାର ଉଠାଇ ପାରିବେ ନାହିଁ । ଏହାପରେ ସମସ୍ତେ ତାଙ୍କୁ ଅଧ୍ୟକ୍ଷ କରିବା ସ୍ୱୀକାର କରିନେଲେ ଓ ସେଇ ଅନୁସାରେ ୧୯୫୯ ଫେବୃଆରୀ ଆରମ୍ଭରେ ଇନ୍ଦିରାଜୀ ନିର୍ବାଚିତ ହୋଇ କଂଗ୍ରେସ ଅଧ୍ୟକ୍ଷ ହେଲେ । ଶ୍ରୀ ଧେବରଭାଇ ତାଙ୍କୁ କାର୍ଯ୍ୟ ସମିତିରେ ଦୁଇ ତିନି ବର୍ଷ ପୂର୍ବରୁ ସଭ୍ୟ ଭାବେ ଗ୍ରହଣ କରିଥିଲେ ଏବଂ ସେତେବେଳେ ସେ ପ୍ରଥମେ ସିଧା କଂଗ୍ରେସର ବରିଷ୍ଠ ମଣ୍ଡଳ ମଧ୍ୟକୁ ଆସିଥିଲେ ।

ଇନ୍ଦିରାଜୀ ୧୯୫୯ ଡିସେମ୍ବର ପର୍ଯ୍ୟନ୍ତ କଂଗ୍ରେସ ଅଧ୍ୟକ୍ଷା ଥିଲେ । ଏହାପରେ ଏ ପଦରେ ରହିବାକୁ ସେ ପ୍ରସ୍ତୁତ ନଥିଲେ । ଏଥିପାଇଁ ସମସ୍ତେ ତାଙ୍କୁ ଆଗ୍ରହ କଲେ କିନ୍ତୁ ମୋ ସହିତ ଯାହା କଥାବାର୍ତ୍ତା ହୋଇଥିଲା ସେଥିରେ ସେ କହିଥିଲେ ଯେ କାମ କରିବାରେ ବହୁତ ବାଧା ଆସୁଛି, ସେଥିପାଇଁ ସେ, ସେ ପଦରେ ଆଉ ରହିବାକୁ ଚାହାଁନ୍ତି ନାହିଁ । ଏ କଥା ମଧ୍ୟ କହିଥିଲେ ଯେ ସେଥିରୁ ମୁକ୍ତି ପାଇବା ପାଇଁ ମତେ ତାଙ୍କୁ ସାହାଯ୍ୟ କରିବା ଉଚିତ । ସେ ଏପରି ମତେ କହିବାରୁ ମୁଁ ଅନ୍ୟ ବନ୍ଧୁଙ୍କୁ ସେ ଆଗ୍ରହ ଛାଡ଼ି ଦେବାକୁ କହିଲି । ସେତେବେଳେ ହିଁ ମୁଁ ବୁଝିନେଲି ଯେ ଇନ୍ଦିରା ଭଉଣୀ ନିଜର ରାୟ ବିରୁଦ୍ଧରେ କିଛି ଶୁଣିବାକୁ ବା କରିବାକୁ ପସନ୍ଦ କରନ୍ତି ନାହିଁ । ତା'ପରେ ପ୍ରଶ୍ନ ଉଠିଲା ଯେ ବର୍ତ୍ତମାନ କାହାକୁ କଂଗ୍ରେସ ଅଧ୍ୟକ୍ଷ କରାଯିବ । ଜବାହରଲାଲଜୀ ତଥା ଅନ୍ୟ ସାଥୀମାନଙ୍କ ସହିତ ଏ ବିଷୟ କଥାବାର୍ତ୍ତା ଚାଲିଲା । ମୁଁ ମଧ୍ୟ ଚର୍ଚ୍ଚାରେ ଭାଗ ନେଉଥିଲି । ବହୁଦିନରୁ ଦକ୍ଷିଣର କୌଣସି ବ୍ୟକ୍ତି କଂଗ୍ରେସ ଅଧ୍ୟକ୍ଷ ହୋଇନଥିଲେ । ତେଣୁ ସମସ୍ତଙ୍କର ଏହି ବିଚାର ହେଲା ଯେ ଦକ୍ଷିଣର କୌଣସି ବ୍ୟକ୍ତିଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବା ଉଚିତ । ଏଥିପାଇଁ ନାମର ଚର୍ଚ୍ଚା ହେବା ବେଳେ ମୁଁ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ନାମ ପ୍ରସ୍ତାବ କଲି । କିନ୍ତୁ ମୁଁ ନିଶ୍ଚିନ୍ତ ଭାବରେ କହିପାରୁ ନଥିଲି ଯେ ଏ ପ୍ରସ୍ତାବ ସ୍ୱୀକୃତି ପାଇବ କି ନାହିଁ ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ପଦ ଛାଡ଼ି କଂଗ୍ରେସ ଅଧ୍ୟକ୍ଷ ହେବାକୁ ସେ ମଞ୍ଜୁର କରିବେ କି ନାହିଁ । ଏଥିପାଇଁ ତାଙ୍କୁ ବୁଝାଇବା ଦାୟିତ୍ୱ ମୁଁ ମୋ ଉପରେ ନେଲି ଓ ଜବାହରଲାଲଜୀ ଏଥିରେ ମତେ ସାହାଯ୍ୟ କରିବାକୁ କହିଲେ ।

ଏହା ମଧ୍ୟରେ ୧୯୫୯ ନଭେମ୍ବର ମାସରେ ଯେତେବେଳେ ଶ୍ରୀ ସଞ୍ଜୀବ ରେଡ୍ଡୀ ଦିଲ୍ଲୀ ଆସିଥିଲେ ମୁଁ ତାଙ୍କ ସହିତ କଥାବାର୍ତ୍ତା କଲି ଓ କହିଲି ଯେ ଏ ଆମନ୍ତ୍ରଣ ଆପଣ ସ୍ୱୀକାର କରିବା ଉଚିତ । କାରଣ ଏହାଦ୍ୱାରା କଂଗ୍ରେସରେ ଦକ୍ଷିଣ ଭାରତର ନେତୃତ୍ୱର ସମାବେଶ ହେବ ଓ କଂଗ୍ରେସ ଅଧିକ ସୁଦୃଢ଼ତା ପ୍ରାପ୍ତ ହେବ । ଶ୍ରୀ ଧେବରଭାଇ ସୌରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ଛାଡ଼ିକରି ହିଁ ଆସିଥିଲେ । ଏକଥା କହି ମୁଁ ତାଙ୍କୁ ଏ ଆଶ୍ୱାସନା ଦେଲି ଯେ ସେଇପରି ଆପଣ ଏ ପଦ ସ୍ୱୀକାର କଲେ ଭଲ ହେବ । କାମରେ ଦରକାର ପଡ଼ିଲେ ଆମେ ସମସ୍ତେ ଆପଣଙ୍କୁ ସାହାଯ୍ୟ କରିବୁ । ଏହାପରେ ଜବାହରଲାଲଜୀଙ୍କ ସହିତ ତାଙ୍କର କଥାବାର୍ତ୍ତା ହେଲା । ସେ କଂଗ୍ରେସ ଅଧ୍ୟକ୍ଷ ପଦ ସ୍ୱୀକାର କରିବାରୁ ସେଇବର୍ଷ ଡିସେମ୍ବର ମାସରେ ସର୍ବସମ୍ମତି କ୍ରମେ ସେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେଲେ ଓ କଂଗ୍ରେସ ବାର୍ଷିକ ଅଧିବେଶନ ପରେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ପଦରୁ ମୁକ୍ତ ହେଲେ ।

Digitized by srujanika@gmail.com

ଶ୍ରୀ ସଂଜୀବ ରେଡ୍ଡୀ ମୁଖ୍ୟମନ୍ତ୍ରୀ ପଦରୁ ଚାଲିଯିବା ପରେ ଆନ୍ଧ୍ରରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେଥିରେ ମତଭେଦ ଦେଖାଗଲା । ଶ୍ରୀ ସତ୍ୟନାରାୟଣଙ୍କର ଶ୍ରୀ ରେଡ୍ଡୀଙ୍କ ମନ୍ତ୍ରୀମଣ୍ଡଳରେ ବିଶେଷ ସ୍ଥାନ ଥିଲା । ତେଣୁ ଗୋଟିଏ ବିଚାର ଏହା ଥିଲା ଯେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ । କିନ୍ତୁ ଶ୍ରୀ ସଂଜୀବ ରେଡ୍ଡୀ ସେଥିରେ ସହମତ ନଥିଲେ । ସେ ଶ୍ରୀ ବ୍ରହ୍ମାନନ୍ଦ ରେଡ୍ଡୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ କିନ୍ତୁ ପରିସ୍ଥିତି ସେଥିପାଇଁ ଅନୁକୂଳ ନଥିଲା । ସ୍ଥିତି ଏହାଥିଲା କି କଂଗ୍ରେସ ବିଧାୟକ ଦଳର ବହୁମତ ଶ୍ରୀ ରେଡ୍ଡୀଙ୍କ ସପକ୍ଷରେ ନଥିଲା । ତେଣେ ଶ୍ରୀ ସତ୍ୟନାରାୟଣ ରାଜୁଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶ୍ରୀ ସଂଜୀବ ରେଡ୍ଡୀ ପ୍ରସ୍ତୁତ ନଥିଲେ । ସମସ୍ତଙ୍କ ସହିତ କଥାବାର୍ତ୍ତା କରି ସମାଧାନ ହେଲା ଓ ତଦନୁସାରେ ଶ୍ରୀ ଡି. ସଂଜୀବାୟା ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେଲେ ।

ଏହା ମଧ୍ୟରେ କଂଗ୍ରେସରେ ଯେଉଁ ଗୋଟାଏ ଦି'ଟା ଘଟଣା ଘଟିଲା ତାହା ଏଠାରେ ଉଲ୍ଲେଖ କରିବା ଠିକ୍ ହେବ । ୧୯୫୯ ପ୍ରାରମ୍ଭିକ ମାସରେ କେତେକ ବ୍ୟକ୍ତି ଜବାହରଲାଲଜୀଙ୍କ ବିଶେଷ ସହାୟକ ଶ୍ରୀ ଏମ. ଓ. ମାଥାଇଙ୍କର ବିରୋଧ କଲେ ଓ ତାଙ୍କ ବିରୁଦ୍ଧରେ କିଛି ଗୁରୁତ୍ୱପୂର୍ଣ୍ଣ ଆରୋପ ମଧ୍ୟ ଲଗାଯାଇଥିଲା । ଜବାହରଲାଲଜୀଙ୍କର ଶ୍ରୀ ମାଥାଇ ଉପରେ ପୂର୍ଣ୍ଣ ବିଶ୍ୱାସ ଥିଲା ଓ ମୋର ଧାରଣା ଯେ ଶ୍ରୀ ମାଥାଇ ଜବାହରଲାଲଜୀଙ୍କର ନିଷ୍ଠାପର ସହାୟକ ଥିଲେ । ତେଣୁ ଜବାହରଲାଲଜୀ କିଛି କାମ ଶ୍ରୀ ମାଥାଇଙ୍କ ଦ୍ୱାରା କରାଉଥିଲେ ଓ ସେ ନିଷ୍ଠାପୂର୍ବକ ଏହା କରୁଥିଲେ ଯେଉଁଥି ପାଇଁ ଅନେକ ବ୍ୟକ୍ତି ଶ୍ରୀ ମାଥାଇଙ୍କୁ ଖୋସାମଦ୍ କରୁଥିଲେ । କେତେକ ମନ୍ତ୍ରୀଙ୍କୁ ତାଙ୍କର ଚାଟୁ କରୁଥିବାର ମୁଁ ଦେଖିଛି । ପ୍ରଥମେ ଶ୍ରୀ ମାଥାଇ ଜବାହରଲାଲଜୀ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କର ନିଜୀ ସଚିବ ହୋଇଥିଲେ ଓ ପରେ ଜବାହରଲାଲଜୀଙ୍କର ବିଶେଷ ସହାୟକ ପଦ ତାଙ୍କୁ ମିଳିଥିଲା । ଏ ଦୋଷାରୋପର ଚର୍ଚ୍ଚା ସଂସଦରେ ମଧ୍ୟ ହୋଇଥିଲା । ଦୋଷାରୋପର ତଦନ୍ତ କାମ ଜବାହରଲାଲଜୀ ମତେ ଦେଇଥିଲେ ଓ ମୁଁ ତଦନ୍ତ କରି ମୁଁ ନିଜର ରାୟ ଦେଇଥିଲି । ମୋ ମତାନୁସାରେ ଶ୍ରୀ ମାଥାଇ ଅନୁଚିତ ଭାବରେ ଧନ ସଂଗ୍ରହ କରି ନଥିଲେ ନା ଶାସନ ବା ଜବାହରଲାଲଜୀଙ୍କ ବିଶ୍ୱାସର ଦୁରୁପଯୋଗ କରିନଥିଲେ । ମୁଁ ଯେଉଁ ମତ ଦେଇଥିଲି ସେଇ ଅନୁସାରେ ଜବାହରଲାଲଜୀ ସଂସଦରେ ଜବାବ ଦେଲେ । ଏଇସବୁ ଗୋଳାଘଣ୍ଟା ଫଳସ୍ୱରୂପ ଶ୍ରୀ ମାଥାଇ ଯେତେବେଳେ ଚାକିରିରୁ ଚାଲିଗଲେ, ସେତେବେଳେ ଏ ପ୍ରକରଣ ଶେଷ ହେଲା । କମ୍ୟୁନିଷ୍ଟ ଓ ତାଙ୍କ ସହିତ ସହାନୁଭୂତି ରଖୁଥିବା ସଦସ୍ୟମାନେ ବିଶେଷ ଭାବରେ ଶ୍ରୀ ମାଥାଇଙ୍କର ବିରୁଦ୍ଧରେ ଥିଲେ । ଏହାପରେ ଶ୍ରୀ ମାଥାଇ ନିଜ ବ୍ୟକ୍ତିଗତ ଜୀବନ ବିତାଉଛନ୍ତି ଓ ମୁଁ ଶୁଣୁଛି ଯେ କିଛି ଲେଖାଲେଖି କାମରେ ବ୍ୟସ୍ତ ଅଛନ୍ତି କିନ୍ତୁ ତାଙ୍କର କୌଣସି ଲେଖା ପ୍ରକାଶିତ ହେବାର ମୁଁ ଦେଖି ନାହିଁ ।

ଓଡ଼ିଶାରେ ୧୯୪୬ ପରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଥିଲା କିନ୍ତୁ କଂଗ୍ରେସ ଦଳର ପରିସ୍ଥିତି ବହୁତ ସୁଦୃଢ ରହୁନଥିଲା । ୧୯୫୧ରେ ସ୍ଥିତିକୁ ସୁଦୃଢ କରିବା ପାଇଁ ଗଣତନ୍ତ୍ର ଦଳ ସହିତ ସହଯୋଗ କରିବା କଥା ଚାଲିଲା । ଦୁଇ ଦଳର ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଗଢିବା ପାଇଁ ଶ୍ରୀ ହରେକୃଷ୍ଣ ମହତାବ ଓ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଆଗ୍ରହ ଥିଲା । ଏପରି ସମ୍ଭାବନା କୁହାଯାଉଥିଲା କି ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଗଢାଯିବା ପରେ ସେ ଦଳର ଅଧିକାଂଶ ସଦସ୍ୟ କଂଗ୍ରେସରେ ମିଶିଯିବେ । ତେବେ ଯାଇ ମୁଁ ରାଜି ହେଲି ଓ ଜବାହରଲାଲଜୀଙ୍କୁ ବୁଝାଇବାପରେ ସେ ରାଜି ହୋଇଗଲେ । କିନ୍ତୁ ପନ୍ଥଜୀ ରାଜି ହେଲେ ନାହିଁ । ପରେ ସେ ମଧ୍ୟ ନିଜ ବିରୋଧ ଛାଡି ଦେଇଥିଲେ ଓ କଂଗ୍ରେସ ମହାସମିତି ସଂଯୁକ୍ତ ମନ୍ତ୍ରୀମଣ୍ଡଳ କଥା ମାନିନେଲେ ।

ଏହିପରି ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଗଠନ ତ ହୋଇଗଲା କିନ୍ତୁ କିଛି ମାସ ପରେ ଗଣତନ୍ତ୍ର ଦଳର ଲୋକମାନଙ୍କର କଂଗ୍ରେସରେ ମିଶିବା ସମ୍ଭାବନା ଦୂର ହେବା ଦେଖାଗଲା ଏବଂ ଏହା ବିଶ୍ୱାସ ହେବାକୁ ଲାଗିଲା ଯେ ସେମାନେ କଂଗ୍ରେସରେ ମିଶିବେ ନାହିଁ । ଏଥିରେ ଶ୍ରୀ ବିଜୁ ପଟ୍ଟନାୟକ ଓ ଶ୍ରୀ ମହତାବଙ୍କ ମଧ୍ୟରେ

Digitized by srujanika@gmail.com

ବିବାଦ ଛିଡା ହେଲା । ଦୁହେଁ ନିକଟ ସହଯୋଗୀ ଥିଲେ କିନ୍ତୁ ଏ ପ୍ରଶ୍ନ ଉପରେ ଦୁହିଁଙ୍କର ମତଭେଦ ହୋଇଗଲା । ଶ୍ରୀ ମହତାବଙ୍କ ଧାରଣା ଥିଲା ଯେ ଓଡ଼ିଶାରେ କଂଗ୍ରେସକୁ ବହୁମତ ମିଳିବ ନାହିଁ । ତେଣୁ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ରଖିବାକୁ ପଡିବ । ତେଣୁ ସେ ଚାହୁଁଥିଲେ ଯେ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଚାଲୁ ରହୁ ଓ ନିର୍ବାଚନ ପରେ ମଧ୍ୟ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଗଢାଯିବ । କିନ୍ତୁ ନିର୍ବାଚନ ପର୍ଯ୍ୟନ୍ତ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ରହିଲେ ଓ ନିର୍ବାଚନ ବେଳେ ମଧ୍ୟ ସେହିପରି ସ୍ଥିତି ଥିଲେ ନିର୍ବାଚନରେ ବହୁମତ ମିଳିବାର ସମ୍ଭାବନା କମ ଥିଲା । ଏକଥା ଅବଶ୍ୟ ଜଣାଥିଲା ଯେ ଶ୍ରୀ ମହତାବ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ହେଲେ ବି ସେଥିରେ ମୁଖ୍ୟମନ୍ତ୍ରୀ ରହିବେ । ସେଥିପାଇଁ ସେ ଏ ମନ୍ତ୍ରୀମଣ୍ଡଳ ରଖିବାକୁ ଚାହୁଁଥିଲେ । ଅନ୍ୟପକ୍ଷ ବିଜୁ ପଟ୍ଟନାୟକଙ୍କର । ସେ ପ୍ରଥମେ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ସପକ୍ଷରେ ଥିଲେ । ତାଙ୍କର ମତଥିଲା ଯେ ନିର୍ବାଚନ ପୂର୍ବରୁ ଗଣତନ୍ତ୍ର ଦଳର ଅନେକ ସଦସ୍ୟ କଂଗ୍ରେସରେ ନ ମିଶିଲେ, ନିର୍ବାଚନ ପୂର୍ବରୁ ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଭାଙ୍ଗି ଦେବା ଉଚିତ । ଏହିପରି ଶ୍ରୀ ମହତାବ ଓ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବିଚାରଧାରାରେ ଭିନ୍ନତା ଆସିଯିବାରୁ, ସେମାନଙ୍କର ଗଭୀର ମତଭେଦ ହୋଇଗଲା ଓ ଦୁହିଁଙ୍କର ପାରସ୍ପରିକ ସମ୍ବନ୍ଧ ବିଗିଡି ଗଲା । ପାର୍ଲାମେଣ୍ଟାରୀ ବୋର୍ଡ ଶେଷକୁ ମିଳିତ ମନ୍ତ୍ରୀମଣ୍ଡଳ ଶେଷ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ୧୯୬୧ ପ୍ରାରମ୍ଭରେ ଓଡ଼ିଶାର ମନ୍ତ୍ରୀମଣ୍ଡଳ ଭାଙ୍ଗି ଦିଆଗଲା ଓ ସେଠାରେ ସାଧାରଣ ନିର୍ବାଚନ ପୂର୍ବରୁ, ଜୁନ ଆରମ୍ଭରେ ବିଧାନସଭା ପାଇଁ ଅଲଗା ନିର୍ବାଚନ କରିବାକୁ ପଡିଥିଲା ।

ଶ୍ରୀ ବିଜୁ ପଟ୍ଟନାୟକ ଓ ମହତାବଙ୍କ ମଧ୍ୟରେ ମତଭେଦ ସବୁବେଳେ ଲାଗି ରହିଲା । ସେଥିପାଇଁ ନିର୍ବାଚନ ପୂର୍ବରୁ ମୁଁ ମହତାବଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲି । ମୁଁ ତାଙ୍କୁ କହିଲି, ''କଂଗ୍ରେସର ବହୁମତ ହେଲେ ଆପଣହିଁ ମୁଖ୍ୟମନ୍ତ୍ରୀ ହେବେ ତେଣୁ ନିର୍ବାଚନରେ ଆପଣଙ୍କୁ ପୂରା ଭାବରେ ସହଯୋଗ ଦେବା ଉଚିତ ।'' ଶ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ଏକଥା ସ୍ୱୀକାର କରିଥିଲେ ଓ ସ୍ୱୟଂ ମଧ୍ୟ ଏ ଆଶ୍ୱାସନା ଦେଇଥିଲେ । ଏ ଆଶ୍ୱାସନା ଦେବାର କାରଣ ଏହାଥିଲା କି ଶ୍ରୀ ମହତାବଙ୍କୁ ଲାଗୁଥିଲା ଯେ ଶ୍ରୀ ବିଜୁ ପଟ୍ଟନାୟକ ତାଙ୍କ ପ୍ରତିଦ୍ୱନ୍ଦୀ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ହେଲେ ମଧ୍ୟ ତାଙ୍କୁ ଶ୍ରୀ ବିଜୁ ପଟ୍ଟନାୟକ ଯେପରି କହିବେ ସେପରି କରିବାକୁ ପଡିବ । ତା' ସହିତ ତାଙ୍କ ମନରେ ଆଶଙ୍କା ଥିଲା ଯେ କଂଗ୍ରେସକୁ ବହୁମତ ମିଳିବ ନାହିଁ । କିନ୍ତୁ ଶ୍ରୀ ବିଜୁ ପଟ୍ଟନାୟକ ଏ ନିର୍ବାଚନରେ ନେତୃତ୍ୱ ଗ୍ରହଣ କରିଥିଲେ ଓ ନିର୍ବାଚନର ସଫଳତା ପାଇଁ ଖୁବ୍ ପରିଶ୍ରମ ମଧ୍ୟ କରିଥିଲେ । ଫଳରେ ନିର୍ବାଚନରେ କଂଗ୍ରେସର ଭଲ ବହୁମତ ରହିଲା । ତେଣୁ ଶ୍ରୀ ବିଜୁ ପଟ୍ଟନାୟକ ନେତା ନିର୍ବାଚିତ ହେଲେ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ହେଲେ ।

Digitized by srujanika@gmail.com

(୧୬) ଭାରତ ଓ ପାକିସ୍ତାନ ସମ୍ବନ୍ଧ

ଦେଶର ବିଭାଜନ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ସବୁ ବିବାଦ ଉଠିଲା ସେଥିରେ ସିନ୍ଧୁ ନଦୀ ପାଣି ବଣ୍ଟନ ବଡ ବିକଟ ରୂପ ଧାରଣ କରିଥିଲା । ପାକିସ୍ତାନ ଭାରତରୁ ଅଲଗା ହୋଇଯିବା ପରେ ଭାରତୀୟ ପ୍ରଦେଶରେ ବହିଯାଉଥିବା ନଦୀମାନଙ୍କ ପାଣି ପାକିସ୍ତାନକୁ ନ ଛାଡିବା ପାଇଁ ପ୍ରଶ୍ନ ଉଠିଥିଲା । କାରଣ ଏ ନଦୀମାନଙ୍କର ପାଣି ଉପରେ ପାକିସ୍ତାନର କୌଣସି ଦାବୀ ନଥିଲା । କିନ୍ତୁ ପାଣି ଏପରି ବନ୍ଦ କରିଥିଲେ ଅନ୍ୟ ବ୍ୟବସ୍ଥା ନ କରିବା ପର୍ଯ୍ୟନ୍ତ, ପାକିସ୍ତାନର ବହୁତ କ୍ଷତି ହୋଇଥାଆନ୍ତା । ଏଥିରୁ ଏଇ ବିବାଦ ଉଠିଥିଲା ଓ ଏଥିରେ ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତା ଦୁଇ ଦେଶ ସ୍ୱୀକାର କରି ନେଇଥିଲେ ।

ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଶ୍ରୀ ୟୁଜିନ ବ୍ଲାକ୍ ଏହାର ମଧ୍ୟସ୍ଥତା କରିଥିଲେ । ଶ୍ରୀ ବ୍ଲାକ୍ ପ୍ରଥମେ ଯେଉଁ ସମାଧାନ କରିଥିଲେ ତା'କୁ ଭାରତ ତ ମାନି ନେଇଥିଲା, କିନ୍ତୁ ପାକିସ୍ତାନ ତାହା ମାନିବାକୁ ମନାକରି ଦେଇଥିଲା । ତେଣୁ ଶ୍ରୀ ବ୍ଲାକ୍ ଦ୍ୱିତୀୟ ସମାଧନ ପ୍ରସ୍ତୁତ କଲେ । ଏହାକୁ ପାକିସ୍ତାନ ସ୍ୱୀକାର କରିଥିଲେ । କାରଣ ଏଥିରେ ପାକିସ୍ତାନରେ ପାଣି ବ୍ୟବସ୍ଥା ପାଇଁ କେତେକ ମିତ୍ର ରାଷ୍ଟ୍ର ସହାୟତା ଦେବାକୁ ବଚନ ଦେଇଥିଲେ । ଏହା ଅନୁସାରେ ପାକିସ୍ତାନକୁ ମିଳୁଥିବା ପାଣି ବନ୍ଦ ହେଲେ, ସେଥିପାଇଁ ଅନ୍ୟ ବ୍ୟବସ୍ଥା କରିବାକୁ ଯାହାଖର୍ଚ୍ଚ ହେବ ସେଥିରୁ ବହୁତ ବଡ ଅର୍ଥ ଭାରତକୁ ବିଦେଶୀ ମୁଦ୍ରାରେ ଦେବାର କଥାଥିଲା । ଏହାଛଡା ମିତ୍ରରାଷ୍ଟ୍ର ମାନେ ମଧ୍ୟ ତିନିଶହରୁ ଚାରିଶହ କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଏ ସମ୍ବନ୍ଧରେ କଥାବାର୍ତ୍ତା କରିବାକୁ ଶ୍ରୀ ବ୍ଲାକ୍ ୧୯୫୯ ମଧ୍ୟଭାଗରେ ଦିଲ୍ଲୀ ଆସିଥିଲେ । ସେ ପ୍ରଥମେ ଜବାହରଲାଲଜୀଙ୍କ ସହିତ ସାକ୍ଷାତ କଲେ, ତା'ପରେ ମୋ ସହିତ । ଏହି ସମୟରେ ଶ୍ରୀ ବ୍ଲାକ୍ ପ୍ରଥମେ ସୂଚନା ଦେଲେ ଯେ ଭାରତକୁ ଅମୁକ ଅର୍ଥ ପାକିସ୍ତାନକୁ ଦେବାକୁ ପଡିବ । ଯେଉଁ ଅର୍ଥ ସେ କହିଲେ ତାହା, ମୋ ମତରେ, ବହୁତ ଅଧିକ ଥିଲା ଓ ନ୍ୟାୟୋଚିତ ମଧ୍ୟ ନଥିଲା । ଜବାହରଲାଲଜୀ ମୋ ସହିତ ଏକମତ ହେଲେ ଓ ଆମ ଦୃଷ୍ଟିକୋଣ ବୁଝାଇ ଶ୍ରୀ ବ୍ଲାକ୍‌ଙ୍କୁ ପ୍ରରୋଚିତ କରିବାକୁ ମତେ କହିଲେ । ସ୍ୱୟଂ ନିଜେ ଏ କଥାବାର୍ତ୍ତା କରିବାକୁ କୁଣ୍ଠାବୋଧ କରୁଥିଲେ, କାରଣ ତାଙ୍କର ଆଶଙ୍କା ଥିଲା ଯେ ଶ୍ରୀ ବ୍ଲାକ୍ ସମ୍ଭବତଃ ତାଙ୍କ କଥା ମାନିବେ ନାହିଁ । ମୁଁ ତାଙ୍କୁ କହିଲି ଶ୍ରୀ ବ୍ଲାକ୍ ଆପଣଙ୍କ ସହିତ ସାକ୍ଷାତ କଲେ ଆପଣ ତାଙ୍କୁ ଏ ବିଷୟ ମୋ ସହିତ ଆଲୋଚନା କରିବାକୁ କହିବେ । ତଦନୁସାରେ ଶ୍ରୀ ବ୍ଲାକ୍ ମୋ ସହିତ ସାକ୍ଷାତ କଲେ । କଥାବାର୍ତ୍ତା ବେଳେ ତାଙ୍କର ଜଣେ ପୁରଣା ସାଥି ଉପସ୍ଥିତ ଥିଲେ, ଯାହାଙ୍କ ସହିତ ଆଗରୁ ମୋର ଭଲ ସମ୍ପର୍କ ଥିଲା ।

ଶ୍ରୀ ବ୍ଲାକ୍‌ଙ୍କ ସହିତ ସେ ସମୟ ପର୍ଯ୍ୟନ୍ତ ମିତ୍ରତାପୂର୍ଣ୍ଣ ସମ୍ବନ୍ଧ ହୋଇ ଯାଇଥିଲା ଓ ଆମ ଦୁହିଁଙ୍କ ମଧ୍ୟରେ ଉତ୍ତମ ମିତ୍ର ଭାବ ଥିଲା । ତେଣୁ ଯେଉଁ ସମାଧାନ.ସେ ଭାବିଥିଲେ ତାହା ମତେ କହିଲେ ଓ ତା' ଉପରେ ମୋ ମତ ପଚାରିଲେ । ମୁଁ ତାଙ୍କୁ କହିଲି,''ଆପଣ ମୋର ସ୍ପଷ୍ଟ ଅଭିମତ ଚାହାନ୍ତି ନା ଔପଚାରିକ ? ମୁଁ ନିଜର ସ୍ପଷ୍ଟ ମତ ବ୍ୟକ୍ତ କଲେ, ଆପଣଙ୍କୁ ତାହା ଭଲ ନ ଲାଗିପାରେ ଏବଂ -- ଏପରି ବିପଦର ସମ୍ମୁଖୀନ ହେବାକୁ ମୁଁ ଚାହେଁ ନାହିଁ, କାରଣ ସେଥିରେ ଆମ ସମ୍ବନ୍ଧ ଉପରେ ପ୍ରଭାବ ପଡିବ, ଫଳରେ ବହୁତ କ୍ଷତି ଘଟିବ । ମୁଁ ଆପଣଙ୍କୁ ମୋର ଯେଉଁ ବିଚାର କହିବାକୁ ଯାଉଛି, ତାହା ଆପଣଙ୍କର ପସନ୍ଦ ନ ହୋଇପାରେ ତେଣୁ ତାହା ନ କହିଲେ ବରଂ ଭଲ ହେବ ।'' ଏହାପରେ ସେ କହିଲେ,''ଆପଣଙ୍କ ମନରେ ଯାହାକିଛି ଅଛି ପରିଷ୍କାର କରି କୁହନ୍ତୁ । ମତେ ସେଥିରେ କୌଣସି ଅପ୍ରସନ୍ନତା ହେବ ନାହିଁ ।''

Digitized by srujanika@gmail.com

ମୁଁ ତାଙ୍କୁ ବହୁତ ସ୍ପଷ୍ଟଭାବରେ କହିଲି, ''ଭାରତ ବିଭାଜନ ହୋଇ ପାକିସ୍ତାନ ତିଆରି ହେବା ପରେ ଯେଉଁ ନଦୀ ଭାରତୀୟ ପ୍ରଦେଶରେ ରହିଲା ତା'ର ପାଣି ନେବାର ଅଧିକାର ପାକିସ୍ତାନର ନାହିଁ । ଏଇ ପାଣି, ପାକିସ୍ତାନକୁ ନ ଯିବା ପାଇଁ, ବନ୍ଦ କରିବା ଅଧିକାର ଆମର ଅଛି । ଏବଂ ଏଥି ପାଇଁ ଆମକୁ ପାକିସ୍ତାନକୁ କିଛି ଦେବା ଆବଶ୍ୟକ ନାହିଁ । କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନେ ଏ ପାଣିର ଉପଯୋଗ କରି ଆସିଛନ୍ତି ଓ ଆମେ ତାଙ୍କର ପଡୋଶୀ ଅଟୁ, ତେଣୁ ଏ ସମ୍ବନ୍ଧରେ ସେ ଅନ୍ୟ ବ୍ୟବସ୍ଥା କଲେ ସେଥିପାଇଁ ଆମେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛୁ । ଯେଉଁ ସମାଧାନ ଆପଣ ଭାବିଛନ୍ତି ସେଥିରୁ ମତେ ଜଣାଯାଉଛି ଯେ ଆପଣ ପାକିସ୍ତାନକୁ ଖୁସି ରଖିବା ଉଦ୍ଦେଶ୍ୟରେ କହୁଛନ୍ତି । ଭାରତ ତରଫରୁ ଯେଉଁ ଅର୍ଥ ଦେବା ପାଇଁ ଆପଣ ପରାମର୍ଶ କରୁଛନ୍ତି ତାହା ବହୁତ ବେଶୀ ଅଟେ । ଏହା ଭାରତ ଦେଇ ପାରିବ ନାହିଁ ଓ ଏହାକୁ ନ୍ୟାୟୋଚିତ ମଧ୍ୟ କୁହାଯାଇ ପାରିବ ନାହିଁ । ପ୍ରଥମେ ଆପଣ ଯେଉଁ ସମାଧାନ ପରାମର୍ଶ ଦେଇଥିଲେ ଆମେ ତାକୁ ମାନିନେଇଥିଲୁ କିନ୍ତୁ ପାକିସ୍ତାନ ନ ମାନିବାରୁ ଆପଣ ତାକୁ ବନ୍ଦ କରିଦେଲେ ଏବଂ ବର୍ତ୍ତମାନ ତା'ଠାରୁ ଅଧିକ ଅନୁକୂଳ ସର୍ତ୍ତ ରଖି ଭାରତ ଉପରେ ଅଧିକ ବୋଝ ଲଦି ଦେଉଛନ୍ତି । ଏହା କ'ଣ ଦୁଇ ପକ୍ଷଙ୍କ ପାଇଁ ଆପଣଙ୍କ ମୈତ୍ରୀ ଭାବର ସୂଚନା ଦେଉଛି ? ଯେତିକି ପାଣି ପାକିସ୍ତାନକୁ ମିଳିବା ବନ୍ଦ ହେବ, ସେତିକି ପାଣି ପାଇଁ ଅନ୍ୟ ବ୍ୟବସ୍ଥା କରିବାକୁ, ଯେତେ ଅର୍ଥ ଆପଣ ଭାରତକୁ ଦେବାକୁ ଚାହୁଁଛନ୍ତି ସେଥିପାଇଁ, ପ୍ରକୃତରେ ତାହାଠାରୁ କମ ଅର୍ଥ ଲାଗିବ । ସୁତରାଂ ଯେଉଁ ଅର୍ଥ ଆପଣ ଭାରତକୁ ଦେବାକୁ କହୁଛନ୍ତି ତାହା ମୋ ବିଚାରରେ ନ୍ୟାୟୋଚିତ ନୁହେଁ ।''

ମୁଁ ଦେଖିଲି ଯେ ମୋର ଏପରି କଥାବାର୍ତ୍ତା କରିବା ତାଙ୍କୁ ଭଲ ଲାଗୁନାହିଁ । ସେ କହିଲେ, ''ଆପଣଙ୍କୁ ଯଦି ଏପରି ଲାଗୁଛି ଯେ ମୁଁ ପକ୍ଷପାତ କରୁଛି ତେବେ ମୋର ମଧ୍ୟସ୍ଥତା କରିବା ଉଚିତ ନୁହେଁ ଏବଂ ମୁଁ ଏ କାମ ଛାଡ଼ି ଦେବା ଉଚିତ ।'' ତାପରେ ମୁଁ କହିଲି, ''ଆପଣ କଥା ଦେଇଥିଲେ ଯେ ମୁଁ ଯାହା କହିବି ଆପଣ ଖରାପ ଭାବିବେ ନାହିଁ । ତଥାପି ଆପଣ ଅପ୍ରସନ୍ନ ହେଲେଣି । ଆପଣଙ୍କ ନାରାଜୀ ସ୍ପଷ୍ଟ ଦେଖାଯାଉଛି । ତା'ର ମାନେ ହେଲା ଯେ ଆପଣ ମୋ ଠାରୁ ଆଶା କରୁଛନ୍ତି ଯେ ମୁଁ ଆପଣଙ୍କ କଥା ପୂରା ମାନିନେବି କିନ୍ତୁ ଆପଣ କହିଛନ୍ତି ଯେ ବିଚାର ବିନିମୟ କରିବା ପରେ ସମାଧାନ କରାଯିବ ।''

ମୁଁ ଏପରି ଯେତେବେଳେ କହିଲି ସେ ଶାନ୍ତ ହୋଇଗଲେ ଓ କହିଲେ, ''ମୋର ଏହା ଭୁଲ ହୋଇଗଲା । ଆଚ୍ଛା, ବର୍ତ୍ତମାନ ଆପଣ କୁହନ୍ତୁ ଏ ବିଷୟରେ କ'ଣ କରିବା ଉଚିତ । ମୁଁ ଏକାଗ୍ର ମନରେ ଶୁଣିବି ।'' ତେବେ ମୁଁ କହିଲି ଯେଉଁ ପରିମାଣ ଦେବା ମତେ ଉଚିତ ଲାଗିବ ମୁଁ ଜବାହରଲାଲଜୀଙ୍କୁ ବତାଇବି ଓ ଏ ବିଷୟରେ ସେ ଆପଣଙ୍କ ସହିତ କଥାବାର୍ତ୍ତା କରିବେ ।

ଜବାହରଲାଲଜୀଙ୍କ ସହିତ ମୁଁ କିଛି କଥା ହୋଇଥିଲି ଓ ଯେତିକି ଧନ ଦେବା ମତେ ଉଚିତ ଲାଗିଲା ତାହା କହିଥିଲି ଓ ତାହାକୁ ଶ୍ରୀ ବ୍ଲାକ୍ ସ୍ୱୀକାର କରିଥିଲେ । ଏଇପରି ସେ ବିବାଦର ଅନ୍ତିମ ସମାଧାନ ସ୍ଥିର ହେଲା ଓ ଦୁଇଦେଶ ତାହା ସ୍ୱୀକାର କଲେ ।

ସତ କହିବାକୁ ଗଲେ ମୋର ମତ ହେଲା ଯେ ଦୁଇ ଦେଶ ମଧ୍ୟରେ ଏପରି ମାମଲାରେ ମଧ୍ୟସ୍ଥତା ଦରକାର ନାହିଁ । ସିଧା କଥାବାର୍ତ୍ତା ସବୁଠାରୁ ଭଲ ।

ବିଶ୍ୱ ବ୍ୟାଙ୍କ ସହିତ ଭାରତର ଭଲ ସମ୍ପର୍କ ରହିଛି ଓ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ଭାରତ ସମସ୍ତଙ୍କ ଅପେକ୍ଷା ବୃହତ ହୋଇଥିବାରୁ ଭାରତକୁ ବିଶ୍ୱ ବ୍ୟାଙ୍କ ଅନ୍ୟ ସବୁ ଦେଶ ଅପେକ୍ଷା ଅଧିକ ସହାୟତା ମଧ୍ୟ ଦେଉଛି । କିନ୍ତୁ ପ୍ରକୃତରେ ଜନସଂଖ୍ୟା ହିସାବରେ ଏ ସହାୟତା ଅନ୍ୟ ଦେଶ ତୁଳନାରେ କମ୍ ଅଟେ ।

Digitized by srujanika@gmail.com

ତଥାପି, ସବୁ ପରିସ୍ଥିତି ଦୃଷ୍ଟିରୁ କୃତଜ୍ଞତା ପୂର୍ବକ ମାନିବାକୁ ହେବ ଯେ ବିଶ୍ୱ ବ୍ୟାଙ୍କ ଭାରତକୁ ବହୁତ ସାହାଯ୍ୟ କରିଛି । ତେଣୁ ଏପରି ସଂଗଠନର ଅଧ୍ୟକ୍ଷଙ୍କୁ ଯେବେ ମଧ୍ୟସ୍ଥତା କରିବାକୁ କୁହାଯାଏ, ତେବେ ତାଙ୍କ ନିର୍ଣ୍ଣୟକୁ ସ୍ୱୀକାର ନ କଲେ ବହୁତ କ୍ଷତି ହେବାର ସମ୍ଭାବନା ଥାଏ ।

ଶ୍ରୀ ବ୍ଲାକଙ୍କ ସହିତ ମୋର ଯେଉଁ ବନ୍ଧୁତ୍ୱ ସମ୍ପର୍କ ଗଢି ଉଠିଥିଲା ସେଥିରେ ତାଙ୍କର ମୋର ନିରପେକ୍ଷତା ଓ ନୈତିକତା ଉପରେ ପୂରା ବିଶ୍ୱାସ ଥିଲା । ସେଥି ସକାଶେ ମୁଁ ଆଗରୁ ପଚାରି ବଡ ସ୍ପଷ୍ଟ ଭାବରେ ନିଜର ମତ ତାଙ୍କ ଆଗରେ ରଖିଥିଲି । ମୋ କଥା ତାଙ୍କୁ ଖରାପ ଲାଗିଲେ ମଧ୍ୟ ସେ ନିରପେକ୍ଷ ଓ ନ୍ୟାୟ ପରାୟଣ ଥିବାରୁ ବୁଝିଗଲେ ଯେ ଭାରତର କଥା ନ୍ୟାୟୋଚିତ ଅଟେ । ମୁଁ ତାଙ୍କୁ ବୁଝାଇ ଦେଲି, ପାକିସ୍ତାନ କଥାରେ ପଡି ଭାରତ ସହିତ ଅନ୍ୟାୟ କରିବା ଉଚିତ ନୁହେଁ । ଏହାର ଫଳସ୍ୱରୂପ ସମସ୍ୟାର ସମାଧାନ ହୋଇପାରିଲା, ଯାହାକୁ ଦୁଇ ଦେଶ ମାନିନେଲେ ଯଦିଓ ପରବର୍ତ୍ତୀ ଘଟଣାରୁ ସ୍ପଷ୍ଟ ହୋଇ ଯାଉଛି ଯେ ଦୁଇ ଦେଶର ସମ୍ବନ୍ଧ ସବୁଦିନ ପାଇଁ ସୁଧୁରି ନାହିଁ ।

ଦେବା ନେବା ସମ୍ବନ୍ଧରେ ପାକିସ୍ତାନ ସହିତ ଯେଉଁ ଆର୍ଥିକ ବିବାଦ ଥିଲା, ତା'ର ସମାଧାନ ପାଇଁ ୧୯୫୯ ଶେଷ ଭାଗକୁ ଦୁଇଦେଶ ପ୍ରତିନିଧିମାନେ ଚର୍ଚ୍ଚା କରିବା ନିଶ୍ଚିତ ହୋଇଥିଲା । ୧୯୪୮ ପରେ ଏପରି ବାର୍ତ୍ତାଳାପ ବନ୍ଦ ହୋଇଯାଇଥିଲା ଓ ପାକିସ୍ତାନ ଏ ବିଷୟରେ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ ନଥିଲା, କିନ୍ତୁ ଉପରୋକ୍ତ ସମାଧାନ ପରେ ଓ ମୋର ପତ୍ରାଳାପ ପରେ ପାକିସ୍ତାନ ଏ ବିଷୟରେ କଥାବାର୍ତ୍ତା କରିବା ମଂଜୁର କରିଥିଲା । ତାଙ୍କର ଅର୍ଥମନ୍ତ୍ରୀ ଶ୍ରୀ ସୋଏବ ଡିସେମ୍ବର ମାସରେ ଦିଲ୍ଲୀ ଆସିଥିଲେ । ଏହା ପୂର୍ବରୁ ବିଶ୍ୱ ବ୍ୟାଙ୍କ ସଭାରେ ମୋର ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା ଓ ତାଙ୍କ ସହିତ ବେଶ ଭଲ ପରିଚୟ ମଧ୍ୟ ହୋଇ ଯାଇଥିଲା । ସୁତରାଂ ଏ କଥାବାର୍ତ୍ତା ସମ୍ଭବ ହୋଇଥିଲା ।

ପାକିସ୍ତାନ ଭାରତକୁ ବହୁତ ପରିମାଣର ଅର୍ଥ ଦେବାର ଥିଲା । ସେଥିପାଇଁ ଏ କଥାବାର୍ତ୍ତାର ଆୟୋଜନ କରାଯାଇଥିଲା । ଏତେ ଅର୍ଥ ଦେବାକୁ ଯେପରି ନପଡ଼େ ସେଥିପାଇଁ ପାକିସ୍ତାନ ଭାରତ ଉପରେ ମିଛ ଦାବୀ ଉଠାଉଥିଲା ଓ ସେ ସମ୍ବନ୍ଧରେ କଥା ହେବାକୁ ପ୍ରସ୍ତୁତ ନଥିଲା । ମୋ ମତରେ ସିନ୍ଧୁନଦୀ ପାଣି ବିଷୟରେ ଯେତେବେଳେ ବିଶ୍ୱ ବ୍ୟାଙ୍କକୁ କୁହାଗଲା ସେତେବେଳେ ଏସବୁ ପ୍ରଶ୍ନ ତା' ସହିତ ଉଠାଇବାର ଥିଲା । କିନ୍ତୁ ପାକିସ୍ତାନ ରାଜି ନହେବାରୁ ଭାରତ ଏଥିପାଇଁ ଆଗ୍ରହ କଲା ନାହିଁ, ଯଦିଓ ମୋ ମତରେ ଭାରତକୁ ଏପରି କରିବାର ନଥିଲା । ମୁଁ ସେ ସମୟରେ ଭାରତ ସରକାରରେ ନଥିଲି । ଭାରତ ସରକାରରେ ଥିଲେ ମୁଁ ଏସବୁ ପ୍ରଶ୍ନ ଉଠାଇ ଥାନ୍ତି ଓ ପାକିସ୍ତାନ ରାଜି ହୋଇ ନଥିଲେ ଶ୍ରୀ ବ୍ଲାକ ସିନ୍ଧୁନଦୀ ପାଣି ବିଷୟରେ ମଧ୍ୟସ୍ଥତା କରିନଥାନ୍ତେ । କିନ୍ତୁ ଭାରତର ନେତାମାନେ ପାକିସ୍ତାନ ସହିତ ଭଲ ସମ୍ବନ୍ଧ ରଖିବାକୁ ଇଚ୍ଛୁକ ରହି ଆସିଛନ୍ତି । ଜବାହରଲାଲଜୀ ତଥା ଆମେ ସବୁ ଚାହିଁଥିଲୁ ଯେ ଯେଉଁ ସମାଧାନ ହୋଇପାରିବ ତାହାକରି ଉତ୍ତମ ବାତାବରଣ ତିଆରି କରିବା ଉଚିତ ହେବ ।

ଶ୍ରୀ ସୋଏବ୍‌ଙ୍କ ସହିତ ଦିଲ୍ଲୀରେ ଯେଉଁ କଥାବାର୍ତ୍ତା ହେଲା ସେଥିରୁ ମତେ ଜଣାପଡିଲା ଯେ ଏ ମାମଲାର ସମାଧାନ କରିବାକୁ ସେ ସେତେବେଳେ ପ୍ରସ୍ତୁତ ନଥିଲେ । ସେ ଭାରତ ବିରୁଦ୍ଧରେ କେତେକ ଭୁଲ ଦୋଷାରୋପଣ କରିଥିଲେ । କଥାବାର୍ତ୍ତାର ଆରମ୍ଭରୁ ସ୍ପଷ୍ଟ ହୋଇଯାଇ ଥିଲା ଯେ ଦୋଷାରୋପଣ ଭ୍ରମ ଅଟେ ଓ କୌଣସି ବୁଝାମଣା ପାଇଁ ସେ ପ୍ରସ୍ତୁତ ନାହାଁନ୍ତି । ସେଥିପାଇଁ କଥାବାର୍ତ୍ତା ଅଧା ରହିଲା । ଶେଷରେ ଏହା ନିଶ୍ଚୟ ହେଲା ଯେ ମୁଁ ୧୯୬୦ରେ ପାକିସ୍ତାନ ଯିବି ଓ ସେଠାରେ ଏ ବିଷୟରେ କଥାବାର୍ତ୍ତା ଚାଲିବ ।

Digitized by srujanika@gmail.com

(୧୭) ଦ୍ୱିଭାଷୀ ବମ୍ବେ ରାଜ୍ୟ ବିଭାଜନ

ମହାରାଷ୍ଟ୍ର-ଗୁଜରାଟ ଯେଉଁ ବିଶାଳ ଦ୍ୱିଭାଷୀ ବମ୍ବେ ରାଜ୍ୟ ୧୯୫୬ରେ ତିଆରି ହୋଇଥିଲା, ୧୯୫୯ ସେପ୍ଟେମ୍ବର ମାସରେ ଇନ୍ଦିରାଜୀ ତାକୁ ଦୁଇଭାଗ କରି ପୃଥକ ରାଜ୍ୟ ଗଢ଼ିବାର ପ୍ରଶ୍ନ ଉଠାଇଥିଲେ । ଫଳତଃ ଏ ବିଷୟରେ ଚର୍ଚ୍ଚା ଚାଲିଲା । ବମ୍ବେର ତତ୍‌କାଳୀନ ଗଭର୍ଣ୍ଣର ଶ୍ରୀ ଶ୍ରୀପ୍ରକାଶ ରାଷ୍ଟ୍ରପତି ଡା. ରାଜେନ୍ଦ୍ର ପ୍ରସାଦଙ୍କୁ ଏ ବିଷୟରେ ଲେଖିଥିଲେ । ରାଷ୍ଟ୍ରପତିଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ବେଳେ ମୁଁ ତାଙ୍କୁ ସମ୍ପୂର୍ଣ୍ଣ ପରିସ୍ଥିତି ବତାଇ କହିଲି, ''ଏହା କରାଗଲେ, ପରେ ଅନେକ ରାଜ୍ୟ ତିଆରି ହେବ । ଫଳରେ ଏପରି ପରିସ୍ଥିତି ଆସିବାର ସମ୍ଭାବନା ଅଛି ଯେଉଁଥିରେ ଦେଶ ଦୁର୍ବଳ ହୋଇଯିବ । ସୁତରାଂ ଏ ବିଷୟରେ ଜଲଦି କିଛି ନକରି ଗମ୍ଭୀରତାର ସହ ବିଚାର କରିବା ଉଚିତ ।''

ସେ ସମୟରେ ମତେ ଖବର ମିଳିଥିଲା ୧୯୫୯ ଆରମ୍ଭରେ ନାଗପୁର କଂଗ୍ରେସ ଅଧିବେଶନ ବେଳେ, ଯେଉଁଥିରେ ମୁଁ ଉପସ୍ଥିତ ନଥିଲି, ଜବାହରଲାଲଜୀ, ପନ୍ଥଜୀ, ଇନ୍ଦିରାଜୀ ଓ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କ ମଧ୍ୟରେ ଏ ବିଷୟରେ କିଛି ନିର୍ଣ୍ଣୟ କରାଯାଇ ଥିଲା । ୧୯୫୯ ସେପ୍ଟେମ୍ବର ମାସରେ ପନ୍ଥଜୀଙ୍କ ନିବାସ ସ୍ଥାନରେ ଯେତେବେଳେ ଏ ସମ୍ବନ୍ଧରେ ଶ୍ରୀ ଜବାହରଲାଲଜୀ, ପନ୍ଥଜୀ, ଇନ୍ଦିରାଜୀ, ଯଶବନ୍ତ ରାଓ ଚୌହ୍ୱାନ ଓ ମୁଁ ଏକାଠି ହୋଇଥିଲୁ ସେତେବେଳେ ଏକଥା ସ୍ପଷ୍ଟ ହୋଇଯାଇଥିଲା । ଲାଲବାହାଦୂର ଶାସ୍ତ୍ରୀ ଥିଲେ କି ନାହିଁ ମୋର ମନେନାହିଁ । ଏମାନେ ଏ ବିଷୟରେ ଆଗରୁ ନିଶ୍ଚୟ କିଛି କଥା ହୋଇଥିବେ କିନ୍ତୁ ମୋ ସହିତ କେହିକିଛି କଥାହୋଇ ନଥିଲେ । ଆମେମାନେ ଏକାଠି ହେଲୁ । ପନ୍ଥଜୀ କଥା ଆରମ୍ଭ କଲେ, ''ଏ ବିଷୟରେ ଆମେ କ'ଣ କରିବା ଉଚିତ ।'' ମୁଁ କହିଲି, ''କଂଗ୍ରେସ କାର୍ଯ୍ୟସମିତି ଓ କେନ୍ଦ୍ର ସରକାର, ପ୍ରଥମେ ଗୁଜରାଟ, ମହାରାଷ୍ଟ୍ର ଓ ବମ୍ବେ ସହରକୁ ଅଲଗା ଅଲଗା ରାଜ୍ୟ କରିବାକୁ ନିର୍ଣ୍ଣୟ ନେଇଥିଲେ । ସେତେବେଳେ ଆପଣ ହିଁ ବମ୍ବେକୁ ବିଶାଳ ରାଜ୍ୟ ରୂପେ ଗଠନ କରିବା ନିର୍ଣ୍ଣୟ କରିଥିଲେ ଓ ମୁଁ ମଧ୍ୟ ସେଥିପାଇଁ ନିଜର ସମ୍ମତି ଦେଇଥିଲି । ବର୍ତ୍ତମାନ ଆପଣହିଁ ତାକୁ ଦୁଇଟି ରାଜ୍ୟରେ ଭାଗ କରିବା କଥା କହୁଛନ୍ତି । ଏହା କ'ଣ ଉଚିତ ?''

ସେତେବେଳେ ମୁଁ ଜାଣିଲି ଯେ ଇନ୍ଦିରାଜୀଙ୍କ ମତ ଦୁଇଟି ରାଜ୍ୟ ତିଆରି କରିବା ପକ୍ଷରେ ଥିଲା ଓ ମୁଁ ଦେଖିଲି ଜବାହରଲାଲଜୀ ଉପରେ ତାହାର ପ୍ରଭାବ ପଡିଛି । ଜବାହରଲାଲଜୀ କହିଲେ, ''ବମ୍ବେ ବିଶାଳ ରାଜ୍ୟ ହୋଇ ରହିଲେ ଦେଶ ପାଇଁ ହିତକର କିନ୍ତୁ ଏ ବିଷୟରେ ଆମକୁ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କ ମତ ଉପରେ ମଧ୍ୟ ଅଧିକ ଧ୍ୟାନ ଦେବା ଉଚିତ । ତାଙ୍କ ମତରେ ଏତେବଡ ରାଜ୍ୟ ଚଳାଇବା ତାଙ୍କ ପକ୍ଷରେ ଅସମ୍ଭବ । ତେବେ ଆମେ କ'ଣ କରିବୁ ? ଏ ପରିସ୍ଥିତିରେ ଆମେ ବମ୍ବେକୁ ଦୁଇଟି ରାଜ୍ୟରେ ଭାଗ କରିବାକୁ ବାଧ୍ୟ ହେଉଛୁ ।''

ଶ୍ରୀ ଚୌହ୍ୱାନଙ୍କୁ ସେ ପଚାରିଲେ । ଶ୍ରୀ ଚୌହ୍ୱାନ ଜବାବ ଦେଲେ ଯେ ଦୁଇ ରାଜ୍ୟକୁ ଏକାଠି ରଖି ସମ୍ଭାଳିବା ତାଙ୍କର ବିଶ୍ୱାସ ହେଉନାହିଁ । ଏହିପରି କଥାବାର୍ତ୍ତା କରିବାର ଯୋଜନା ପ୍ରଥମରୁ ତିଆରି ହୋଇଥିଲା -- ଏପରି ମତେ ଲାଗିଲା କାରଣ କଥାବାର୍ତ୍ତାରେ କୌଣସି ଯୁକ୍ତି ଆଦୌ ନଥିଲା ।

କିନ୍ତୁ ମୁଁ ଯେତେବେଳେ କହିଲି, ''ଏ ବିଭାଜନରେ ଦେଶର ବହୁତ କ୍ଷତି ହେବ -- ଏଥିରେ ମୋର କୌଣସି ସନ୍ଦେହ ନାହିଁ ?'' ସେତେବେଳେ ଚାରିଜଣ ଯାକ କହିଲେ, ''ବିଭାଜନ କରା ନଗଲେ ବର୍ତ୍ତମାନ ଯେଉଁ ପରିସ୍ଥିତି ଅଛି ତାହା ବିଗିଡ଼ି ଯିବ । ଏଥିରେ ଦେଶର ଆହୁରି କ୍ଷତି ମଧ୍ୟ ହେବ ।'' ମୁଁ କହିଲି, ''ଯଦି

Digitized by srujanika@gmail.com

ଆପଣ ଚାରିଜଣଙ୍କ ଏହି ରାୟ ତେବେ ମୋର ଏଥିରେ ଭିନ୍ନ ମତ ଆପଣଙ୍କ ଉପରେ ଲଦି ପାରିବି ନାହିଁ। ତେଣୁ ଆପଣ ବିଭାଜନ ପାଇଁ ନିର୍ଣ୍ଣୟ ନେବାକୁ ଚାହାଁନ୍ତି ତ ନେଇ ପାରନ୍ତି କିନ୍ତୁ ଏ କଥା ଆପଣ ବୁଝିବା ଉଚିତ ଯେ ମୁଁ ଆପଣମାନଙ୍କ ସହିତ ଏକମତ ନୁହେଁ।'' କିନ୍ତୁ ମୋ ଅସମ୍ମତିକୁ ସେମାନେ ଖାତିର କଲେ ନାହିଁ ଓ ବିଭାଜନ କରିବା ସ୍ଥିର କଲେ।

ଏହାପରେ ମୁଁ ଜବାହରଲାଲଜୀଙ୍କ ସହିତ ସାକ୍ଷାତ କରି କହିଲି ଯେ ମହାରାଷ୍ଟ୍ର ଓ ଗୁଜୁରାଟ ବିଷୟରେ ପୂର୍ବରୁ ନେଇଥିବା ନିର୍ଣ୍ଣୟ ଆପଣ ଓ କାର୍ଯ୍ୟସମିତି ସ୍ଥିର କରିଥିଲେ। କିନ୍ତୁ ସେତେବେଳେ ''ବଳିକା ବକରା'' କରି ମହାରାଷ୍ଟ୍ରୀଙ୍କ ଚକ୍ଷୁରେ ମତେ ପ୍ରତାରକ ପରିସ୍ଥିତିରେ ପକାଇଥିଲେ। ତାହା କ'ଣ ଉଚିତ ଥିଲା ? ପୁଣି ପଚାରିଲି ବର୍ତ୍ତମାନ ସେମାନଙ୍କ ମତ ବିରୁଦ୍ଧରେ ଆପଣ ମତେ କାହିଁକି ସମର୍ଥନ କଲେ ନାହିଁ ? ସେ ଅତ୍ୟନ୍ତ ନରମ ହୋଇ କହିଲେ କି ତାଙ୍କ ପାଇଁ ଓ ଦେଶ ପାଇଁ ପରିସ୍ଥିତି ବଡ଼ ବିକଟ ହୋଇଯାଇଥିଲା ଓ ତାଙ୍କ ସ୍ଥିତି ବହୁତ ଅଡୁଆ ଥିଲା, ସେଥିପାଇଁ ସେ ପରିବର୍ତ୍ତିତ ନିର୍ଣ୍ଣୟ ନେବାକୁ ବାଧ୍ୟ ହୋଇଥିଲେ। ସେ ମୋ କଥା ସ୍ୱୀକାର କରିବାରୁ ମୁଁ କହିଲି, ''ଏତିକି ମୋ ପାଇଁ ଯଥେଷ୍ଟ, ଏ ବିଷୟରେ ମୁଁ ଆଉ ଅଧିକ ଆପତ୍ତି କରିବାକୁ ଚାହେଁନାହିଁ।''

ନେତାମାନଙ୍କ ଏ ନିର୍ଣ୍ଣୟ ପ୍ରତି କଂଗ୍ରେସ କାର୍ଯ୍ୟସମିତି ତଥା ମହାସମିତି ସ୍ୱୀକୃତି ମିଳିଲା। ସେ ସମୟରେ ମୁଁ ବିଦେଶ ଯାତ୍ରାରେ ଥିଲି ତେଣୁ ସେଥିରେ ମୁଁ ଭାଗ ନେବାର କୌଣସି ପ୍ରଶ୍ନ ନଥିଲା। ମୁଁ ଏକଥା ସେମାନଙ୍କୁ କହି ଦେଇଥିଲି ଯେ, ଆପଣ ବିଭାଜନ କରନ୍ତୁ, ମୋର ପସନ୍ଦ ନ ହେଲେ ମଧ୍ୟ ବିଭାଜନ ଶାନ୍ତି ପୂର୍ବକ ହେବା ପାଇଁ ଓ କୌଣସି ଗଣ୍ଡଗୋଳ ନ ହେବା ପାଇଁ, ଯାହା କିଛି ଆବଶ୍ୟକ ହେବ ମୁଁ କରିବି। ନିଶ୍ଚିତ କରାଗଲା ଯେ ମୁଁ ଓ ଶ୍ରୀ ଚୌହ୍ୱାନ ଏହାର ଉପଯୁକ୍ତ ବ୍ୟବସ୍ଥା କରିବୁ।

ଏହାପରେ ଆମେ ଦୁହେଁ ଏ ବିଷୟରେ ନିର୍ଣ୍ଣୟ କଲୁ ଓ ବମ୍ବେର ବିଭାଜନ ଶାନ୍ତିପୂର୍ବକ ଓ କୌଣସି ପ୍ରକାର ବିରୋଧ ନ ହୋଇ ହେଲା। ବିଭାଜନ ସମ୍ବନ୍ଧୀୟ କଥାବାର୍ତ୍ତା ବେଳେ ମୁଁ ଶ୍ରୀ ଚୌହ୍ୱାନଙ୍କୁ ପଚାରିଥିଲି, ''ଆପଣ ଯେତେବେଳେ ପ୍ରଥମେ କଥାବାର୍ତ୍ତା କରିଥିଲେ ମତେ କାହିଁକି କହି ନଥିଲେ ? ଆପଣ ମତେ ଆଗରୁ ବତାଇ ଦେଇଥିଲେ ଏ ବିଷୟରେ ଆମେ ଆଗରୁ ବିଚାର କରି ଥାନ୍ତେ।'' ସେ କହିଲେ, ''ମୋର ଡ଼ର ଥିଲା କି ଆପଣ ସହମତ ହେବେ ନାହିଁ।'' ମତେ ଅନ୍ଧାରରେ ରଖିଥିବାରୁ ସେ ଦୁଃଖ ପ୍ରକାଶ ମଧ୍ୟ କଲେ। ତେଣୁ ଏ ବିଷୟରେ ମୁଁ ବେଶି କିଛି କହିଲି ନାହିଁ।

ଏହା କୁହାଯାଇ ନପାରେ ଯେ ଭାଷା ସୂତ୍ରରେ ରାଜ୍ୟ ଗଠନ ସିଦ୍ଧାନ୍ତ ଅନୁଚିତ ଅଟେ। ବରଂ ଭାଷା ସୂତ୍ରରେ ରାଜ୍ୟ ଗଠନ ହେଲେ ରାଜ୍ୟ ଶାସନରେ ଅଧିକ ସମନ୍ୱୟ, ସଂହତି ଓ ସରଳତା ଦେଖାଯାଇପାରେ ଓ ଲୋକମାନଙ୍କୁ ଏଥିରେ ବହୁତ ସନ୍ତୋଷ ମିଳିପାରେ -- ଏହା ଏ ସିଦ୍ଧାନ୍ତର ମୁଖ୍ୟ କାରଣ ଅଟେ। କିନ୍ତୁ ମୁଁ ଯେପରି ପ୍ରଥମେ କହିଛି, ମୋ ବିଚାରରେ, ଯେଉଁ ପରିସ୍ଥିତିରେ ଆମ ଦେଶ ସ୍ୱତନ୍ତ୍ର ହୋଇଛି ଓ ଯେଉଁ ଐତିହାସିକ କାରଣରୁ ଦେଶର ଏକତା ବିଷୟରେ ଆବଶ୍ୟକ ଭାବନା ତୀବ୍ର ରୂପେ ଆଜି ଆମ ହୃଦୟରେ ଜନ୍ମ ହୋଇନାହିଁ, ତା'କୁ ଦେଖି ଭାଷା ସୂତ୍ରରେ ରାଜ୍ୟ ଗଠନ ହେଲେ ପ୍ରାଦେଶିକ ଝଗଡ଼ା ବଢ଼ିବାର ଆଶଙ୍କା ରହିବ ଓ ଦେଶର ଏକତା ନିର୍ମାଣରେ ବାଧା ଆସିବ। ଆମ ଦେଶର ସମସ୍ୟା ଏତେ ବେଶି ଓ ଏତେ ବିକଟ ଯେ ଯେତେଦିନ ଯାଏ ସେଥିରୁ ଅଧିକାଂଶ ଆମେ ନିରାକରଣ ନକରିଛେ, ସେତେଦିନ ଯାଏ ବାଧାବିଘ୍ନ ନ ବଢ଼ିବା ପାଇଁ ଓ ନୂଆ ସମସ୍ୟା ପ୍ରତି ଆମକୁ ସାବଧାନ ରହିବା ଉଚିତ। ଯେତେଦିନ ଯାଏ ଆମେ ଏକତା ସ୍ଥାପିତ ନକରିଛୁ ଓ

Digitized by srujanika@gmail.com

ଦେଶର କେତେକ ମୂଳ ପ୍ରଶ୍ନର ସମାଧାନ କରା ନହୋଇଛି ସେତେଦିନ ପର୍ଯ୍ୟନ୍ତ ଭାଷା ସୂତ୍ରରେ ରାଜ୍ୟ ଗଠନ ଠିକ ହେବ ନାହିଁ ।

ବିଶାଳ ବମ୍ବେ ରାଜ୍ୟ ସମଗ୍ର ଦେଶରେ କୁଶଳ ଓ କାର୍ଯ୍ୟକ୍ଷମ ରାଜ୍ୟ ଥିଲା ଓ ଦେଶର ଏକତା ନିର୍ମାଣରେ ଏହାର ଭଲ ଯୋଗଦାନ ଅଛି । ମୋର ବିଶ୍ୱାସ ଥିଲା ଯେ ମହାରାଷ୍ଟ୍ର ଓ ଗୁଜୁରାଟ ଜଣେ ଅନ୍ୟର ସ୍ୱଭାବତଃ ପରିପୂରକ ତେଣୁ ଏ ଦୁହେଁ କିଛି ସମୟ ସଂଯୁକ୍ତ ରହିଲେ ଦେଶ ଓ ଦୁଇ ପ୍ରଦେଶର ମଙ୍ଗଳ ହେବ ଓ ଦେଶର ଏକତାରେ ସେମାନେ ଭଲ ଯୋଗଦାନ କରିପାରିବେ । ସେଥିପାଇଁ ଜବାହରଲାଲଜୀ ଓ କଂଗ୍ରେସ ସମିତି ବିଶାଳ ରାଜ୍ୟ ଗଠନ କରିବାକୁ ଯେଉଁ ନିର୍ଣ୍ଣୟ ନେଇଥିଲେ ମୁଁ ସେଥିରେ ଏକମତ ହୋଇଥିଲି ।

ମତେ ସ୍ପଷ୍ଟ ଲାଗୁଥିଲା କି ବମ୍ବେ ବିଶାଳ ରାଜ୍ୟ ରହିଲେ ମଧ୍ୟ ସେ ଭଲଭାବରେ ଚଳିପାରିବ କିନ୍ତୁ ରାଜ୍ୟ ବିଭାଜନ କରିଲେ ଦେଶର ସମସ୍ୟା ବଢ଼ିବ ଓ ଏହାର ଏକତାରେ ବିପଦ ଜନ୍ମ ହେବ । ସେଥିପାଇଁ ମନକୁ ମନ ମୁଁ ଥରେ ନିର୍ଣ୍ଣୟ କରିନେଇଥିଲି ଯେ, ଏହାର ତୀବ୍ର ବିରୋଧ କରି ମତେ ଏହାକୁ ବନ୍ଦ କରିବା ଉଚିତ -- ଏପରିକି ଆବଶ୍ୟକ ହେଲେ ସାର୍ବଜନିକ ଜୀବନରୁ ଅଲଗା ହୋଇଯିବା ଉଚିତ ହେବ । କେତେକ ବନ୍ଧୁଙ୍କୁ ମୁଁ ଏକଥା କହିଲି । କିନ୍ତୁ ଉପରୋକ୍ତ ପ୍ରକାରରେ ଆମ ପାଞ୍ଚ ଜଣଙ୍କ ମଧ୍ୟରେ କଥା ହେଲା ଓ ଚାରି ବନ୍ଧୁଙ୍କର ଏ ସ୍ପଷ୍ଟ ଧାରଣା ସାମନାକୁ ଆସିଲା ଯେ ବିଭାଜନ ନ କଲେ ଦେଶର କ୍ଷତି ହେବ । ପୁଣି ଦେଖିଲି ଯେ ମହାରାଷ୍ଟ୍ରରେ ସମସ୍ତେ ଅଲଗା ରାଜ୍ୟ ଚାହୁଁଥିଲେ ଓ ଗୁଜୁରାଟରେ ମଧ୍ୟ ଅଧିକାଂଶ ବ୍ୟକ୍ତି ଅଲଗା ରାଜ୍ୟ ଇଚ୍ଛା କରୁଥିଲେ, ସେତେବେଳେ ମତେ ଲାଗିଲା ଯେ ଅନ୍ୟ ଉପରେ ମୋ ନିଜ ବିଚାର ଲଦିବା ଉଚିତ ନୁହେଁ । ତେଣୁ ମୁଁ ବନ୍ଧୁମାନଙ୍କ ଆଗରେ ବିରୋଧ ପ୍ରକଟ କରି ସନ୍ତୋଷ ଅନୁଭବ କଲି ଓ ଏହାର ସ୍ପଷ୍ଟ ବିରୋଧ କରିବା ବିଚାର ତ୍ୟାଗ କଲି ।

ଲୋକତନ୍ତ୍ରରେ ମନୁଷ୍ୟକୁ ସତ୍ୟତା ଉପରେ କୌଣସି ବୁଝାମଣା କରିବା ଉଚିତ ନୁହେଁ ଓ ସେଥିପାଇଁ ଯଥୋଚିତ କାମ କରିବା ଉଚିତ -- ଏ କଥା ତ ଠିକ୍ । କିନ୍ତୁ ପ୍ରତ୍ୟେକ ମତଭେଦ ସତ୍ୟ ଉପରେ ଆଧାରିତ ନୁହେଁ । ବହୁତ ମତଭେଦ କେବଳ ବିଚାର ଭେଦରୁ ଜନ୍ମ ହୁଏ । ଭାଷା ସୂତ୍ରରେ ରାଜ୍ୟ ଗଠନ ସମ୍ବନ୍ଧରେ ମୋର ବିରୋଧ ସୈଦ୍ଧାନ୍ତିକ ନ ଥିଲା । ମହାତ୍ମା ଗାନ୍ଧୀ ବହୁ ପୂର୍ବେ ଏପରି ପରାମର୍ଶ ଦେଇଥିଲେ । କିନ୍ତୁ ଦେଶରେ ଯେପରି ପରିସ୍ଥିତି ଥିଲା, ତାକୁ ଦେଖି ଭାଷା ସୂତ୍ରରେ ରାଜ୍ୟ ଗଠନ କ୍ଷତିକାରକ ଜଣା ପଡୁଥିଲା । ଏହା ମୋର ନିଜର ମତ ଥିଲା । ସୁତରାଂ ମୁଁ ଯେତେବେଳେ ଦେଖିଲି ଯେ ବହୁମତ ମୋ ମତ ବିରୁଦ୍ଧରେ, ସେତେବେଳେ ବହୁମତକୁ ମାନିନେବା ହିଁ ମୋର କର୍ତ୍ତବ୍ୟ ବୋଲି ଭାବିଲି ଓ ବିଭାଜନ ହେଲେ ତା'ର ବିରୋଧ କରିବା ଭାବନା ଛାଡିଦେଲି । ମୋତେ ଜଣାଗଲା, ଯେଉଁ ସ୍ଥିତି ଅଛି ସେଥିରେ ବିଭାଜନର ବିରୋଧ ଲୋକତନ୍ତ୍ର ବିରୋଧରେ ଯିବ । ତେଣୁ ସେ ବିଚାର ଛାଡ଼ିକରି ଏପରି ପ୍ରଯତ୍ନ କରିବାର ନିର୍ଣ୍ଣୟ କଲି ଯଦ୍ୱାରା ବିଭାଜନ ସୁଖଦାୟକ ହେବ । ଏହାର ପରିମାଣ ଭଲ ହିଁ ହେଲା ଓ ଦୁଇ ରାଜ୍ୟ ନିର୍ବିଘ୍ନରେ ଅଲଗା ହୋଇଗଲେ । ବମ୍ବେ ରାଜ୍ୟକୁ ବିଭାଜନ କରି ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟର ସ୍ଥାପିତ ୧ ମଇ ୧୯୬୦ ଦିନ ହେଲା ।

Digitized by srujanika@gmail.com

(୧୮) ୟୁରୋପ, ଆମେରିକା ଓ ଜାପାନ ଯାତ୍ରା

୧୯୫୯ ଶେଷ ଭାଗରେ ବିଶ୍ୱ ବ୍ୟାଙ୍କ ଓ ମୁଦ୍ରାକୋଷର ବାର୍ଷିକ ଅଧିବେଶନ ୱାଶିଂଟନରେ ହେବାର ଥିଲା ଓ ସେଇ ସମୟରେ ଲଣ୍ଡନରେ ରାଷ୍ଟ୍ର ମଣ୍ଡଳ ଅର୍ଥମନ୍ତ୍ରୀମାନଙ୍କର ଅଧିବେଶନ ହେବାର ଥିଲା । ଏଇ ଦୁଇ ସମ୍ମିଳନୀରେ ଭାଗ ନେବା ପାଇଁ ମତେ ଦ୍ୱିତୀୟ ଥର ବିଦେଶ ଯାତ୍ରା କରିବାକୁ ପଡ଼ିଥିଲା ।

ପ୍ରଥମେ ମୁଁ ଲଣ୍ଡନ ଗଲି, କିନ୍ତୁ ଲଣ୍ଡନ ପହଞ୍ଚିବା ପୂର୍ବରୁ ଜେନେଭା ଓ ପ୍ୟାରିସରେ କିଛି ସମୟ ରହି ଆସିଲି । ଜେନେଭାରେ ସୁଇଜରଲାଣ୍ଡ ରାଜଧାନୀ ବେର୍ଣ୍ଣ ମଧ୍ୟ ଯାଇଥିଲି ଯେଉଁଠି ସେଠାର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଦୁଇ ଦେଶ ସମ୍ବନ୍ଧ ବିଷୟରେ ବିଚାର ବିନିମୟ କରିଥିଲି । ବିଚାର ବିନିମୟ ବଡ଼ ମୈତ୍ରୀପୂର୍ଣ୍ଣ ଓ ଉପଯୋଗୀ ରହିଥିଲା ଓ ତା'ର ଫଳସ୍ୱରୂପ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ବ୍ୟାପାର କିଛି ବୃଦ୍ଧି ହୋଇଥିଲା ।

ସେଠାରୁ ମୁଁ ପ୍ୟାରିସ୍ ଗଲି କାରଣ ଫ୍ରେଞ୍ଚ୍ ସରକାରଙ୍କର ମଧ୍ୟ ନିମନ୍ତ୍ରଣ ଥିଲା । ଫ୍ରାନ୍‌ସ ରାଷ୍ଟ୍ରପତି ଶ୍ରୀ ଡି. ଗଲେଙ୍କ ସହିତ ମୋର ଭେଟ ହୋଇଥିଲା । ତାଙ୍କର ବ୍ୟକ୍ତିତ୍ୱ ମୋ ଉପରେ ଉତ୍ତମ ପ୍ରଭାବ ପକାଇଥିଲା । ସେ ମତେ ବହୁତ ଗମ୍ଭୀର ପ୍ରକୃତିର ଓ ବିଚାରଶୀଳ କିନ୍ତୁ ତା' ସହିତ ସୁଦୃଢ଼ ମଧ୍ୟ ଜଣାପଡ଼ିଲେ । ଏପରି ଲାଗିଲା ଯେ ସେ ଫ୍ରାନ୍‌ସର ଉନ୍ନତିକୁ ନିଜର ''ମିଶନ'' ଧରି ନେଇଥିଲେ । ଫ୍ରାନ୍‌ସର ଅବସ୍ଥା ସୁଧାରି ତା'କୁ ସୁଦୃଢ଼ କରିବାରେ ସେ ବଡ ଯୋଗଦାନ କରିଥିଲେ । ଭାରତ ସହିତ ସେ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଥିଲେ । ସେଠାର ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ ହେଲା ଓ ତାଙ୍କର ସେଣ୍ଟ୍ରାଲ ବ୍ୟାଙ୍କକୁ ବି ଯାଇଥିଲି । ଅନ୍ୟ କେତେକ ପ୍ରମୁଖ ନେତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା; ଗୋଟିଏ ଗାଁକୁ ଯାଇ ସେଠାର କୃଷି ପଦ୍ଧତି ଦେଖିଥିଲି, ଯେଉଁଥିରୁ ମୋ ମନ ଉପରେ ବହୁତ ପ୍ରଭାବ ପଡିଥିଲା । କୃଷି କ୍ଷେତ୍ରରେ ତାଙ୍କର ବହୁତ ପ୍ରଗତି ହୋଇଥିଲା । ବିଶ୍ୱ ବିଖ୍ୟାତ ଏଫଲ୍ ଟାୱାର୍ ଉପରକୁ ଯାଇଥିଲି । ଏହା ଉପରୁ ପ୍ୟାରିସ୍ ନଗର ବଡ଼ ସୁନ୍ଦର ଦେଖାଯାଉଥିଲା । ଜାପାନ ଏ ଟାୱାର୍ ଠାରୁ ଆହୁରି ଉଚ୍ଚ ଟାୱାର ତିଆରି କରିଛି; ଏ କଥା ଏ ଟାୱାର୍ ଦେଖିବା ପରେ ମତେ ଜଣାପଡ଼ିଲା ।

ପ୍ୟାରିସ୍‌ରୁ ମୁଁ ନ୍ୟୁୟର୍କ ଗଲି । ନିଉୟର୍କରେ, ସେଠାର ପ୍ରଥାନୁସାରେ ଟେଲିଭିଜନରେ ମୋର ଭେଟବାର୍ତ୍ତା ହେଲା । ଏ ଟେଲିଭିଜନ ନିଜୀ କମ୍ପାନୀର ଥିଲା । ଭେଟବାର୍ତ୍ତା ପାଇଁ ସେ ମତେ ଆମନ୍ତ୍ରିତ କରିଥିଲେ ଓ ଭେଟବାର୍ତ୍ତା ପୂର୍ବରୁ ତା'ର ମୁଖ୍ୟ ଅଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇଥିଲି । ସେ ମତେ କହିଲେ ଯେ ପ୍ରଥମେ ସେ ମୋର ପରିଚୟ କରାଇବେ । ପରିଚୟ କରାଇବା ସମୟରେ ସେ ମତେ ଭାରତର ଭାବୀ ପ୍ରଧାନମନ୍ତ୍ରୀ କହିବାକୁ ଚାହୁଁଥିଲେ । କିନ୍ତୁ ଏ କଥା ମତେ ଠିକ୍ ଲାଗିଲା ନାହିଁ କାରଣ ସେଥିରୁ ଭୁଲ ବୁଝାମଣାର ସମ୍ଭାବନା ଥିଲା । ତେଣୁ ମୁଁ ତାଙ୍କୁ ଏ ପରିଚୟ ନ କରାଇବା ପାଇଁ କହିଲି । ସେ କହିଲେ, ''ଏ ତ ଆମର ସମ୍ବାଦପତ୍ରର ସ୍ୱତନ୍ତ୍ରତାର ବିଷୟ । ତେଣୁ ଆପଣ ସେଥିରେ ବାଧା ଦେଇ ପାରିବେ ନାହିଁ ।'' ମୁଁ କହିଲି, ''ଆପଣଙ୍କ ସ୍ୱତନ୍ତ୍ରତାରେ ମୁଁ ବାଧା ଦେବାକୁ ଚାହୁଁ ନାହିଁ । କିନ୍ତୁ ମୁଁ ଆଶା କରୁଛି ଯେ ଆପଣ ମୋ ସ୍ୱତନ୍ତ୍ରତାରେ ବାଧା ଦେବେ ନାହିଁ ।'' ସେ ଏକଥା ସ୍ୱୀକାର କଲେ । ମୁଁ କହିଲି ''ଭେଟବାର୍ତ୍ତାରେ ଯୋଗ ଦେବି କି ନାହିଁ -- ଏ ବିଷୟରେ ମୁଁ ସ୍ୱତନ୍ତ୍ର ଅଟେ । ଏପରି ପରିସ୍ଥିତିରେ ଭେଟବାର୍ତ୍ତା ପାଇଁ ମୁଁ ପ୍ରସ୍ତୁତ ନୁହେଁ । ତେଣୁ ମୁଁ ଯାଉଛି ।'' ଏପରି ଭାବରେ ମୁଁ ସେଠାରୁ ଯିବାକୁ ପ୍ରସ୍ତୁତ ହେଲି, ତେବେ ଯାଇ ସେ ମୋ କଥା ସ୍ୱୀକାର କଲେ ଓ ପରିଚୟ ଭାଷାରେ ପରିବର୍ତ୍ତନ କଲେ । ଭେଟବାର୍ତ୍ତା ପାଇଁ ସେ ପନ୍ଦର ମିନିଟ ସମୟ ଦେଇଥିଲେ । କିନ୍ତୁ ତାହା ଚାଳିଶ ମିନିଟ ପର୍ଯ୍ୟନ୍ତ ଚାଲିଲା । ମତେ ଲାଗିଲା ଏହା ତାଙ୍କୁ ଖୁବ୍ ଭଲ ଲାଗିଲା ।

Digitized by srujanika@gmail.com

ନିଉୟର୍କରେ କେତେ ପ୍ରତିନିଧି ମଣ୍ଡଳ ମୋ ସହିତ କଥାବାର୍ତ୍ତା ଓ ବିଚାର ବିନିମୟ କରିଥିଲେ । ଏଥିରେ ଭାରତର ବିଭିନ୍ନ ପ୍ରଶ୍ନ ଉପରେ ମୁଁ ଆଲୋକପାତ କରିଥିଲି । ଏଥିରେ ସେମାନେ ପ୍ରଭାବିତ ହୋଇଥିଲେ -- ଏକଥା ମତେ ପରେ ଜଣାପଡ଼ିଲା ।

ନିଉୟର୍କରୁ ୱାଶିଂଟନ୍ ଯାଇ ମୁଁ ବିଶ୍ୱ ବ୍ୟାଙ୍କ ଓ ମୁଦ୍ରାକୋଷ ପରିଷଦ ସହିତ ସାମିଲ ହେଲି । ସେ ସମୟରେ ମୁଁ ସେଠାରେ ବିଭିନ୍ନ ସଚିବ ଓ ମନ୍ତ୍ରୀମାନଙ୍କ ସହିତ ମିଶିଲି ଓ ଅନେକଙ୍କ ସହିତ ବିସ୍ତାର ଭାବେ କଥାବାର୍ତ୍ତା କଲି । ଶ୍ରୀ ଡ଼ିଲନ ସେତେବେଳେ ଆମେରିକାର ଉପମନ୍ତ୍ରୀ ଥିଲେ । ତାଙ୍କ ସହିତ ଯେଉଁ କଥାବାର୍ତ୍ତା ହେଲି, ସେଥିରୁ ମିତ୍ରତା ପୂର୍ଣ୍ଣ ସମ୍ବନ୍ଧ ସ୍ଥାପିତ ହେଲା । ଭାରତ ପ୍ରତି ତାଙ୍କର ସଦ୍‌ଭାବନା ଥିଲା ଓ ତାହାର ସହାୟତା ପାଇଁ ସେ ସର୍ବଦା ପ୍ରସ୍ତୁତ ଥିଲେ ।

ଏ ପରିଷଦ ଶେଷ ହେବାପରେ ମୁଁ ଆମେରିକାର ପଶ୍ଚିମ ଭାଗ ଯଥା ଲସ୍‌ଏଞ୍ଜେଲ୍‌ସ, ସାନ୍‌ଫ୍ରାନ୍‌ସିସ୍କୋ ଓ ସିଆଟଲ ମଧ୍ୟ ଯାଇଥିଲି । ଯାତ୍ରା ସମୟରେ ସେଠାରେ କୃଷି କ୍ଷେତ୍ରରେ ବୁଲି ବୁଲି କୃଷି ନୀରିକ୍ଷଣ କରିଥିଲି ।

ସେ ସମୟରେ ଆମେରିକାରେ ପ୍ରାୟ ନ ପ୍ରତିଶତ ଲୋକ ଖେତିବାଡ଼ିରେ କାମ କରୁଥିଲେ । ଆମେରିକା କ୍ଷେତ୍ରଫଳାନୁସାରେ ଭାରତର ଅଢ଼େଇଗୁଣ ପାଖାପାଖି, କିନ୍ତୁ ଏହାର ଜନସଂଖ୍ୟା ଭାରତର ପ୍ରାୟ ଅଧା । ଏଥିପାଇଁ ବହୁତ କମ୍ ଲୋକ କୃଷି କ୍ଷେତ୍ରରେ କାମ କରନ୍ତି । କୃଷି, ପଶୁପାଳନ ଓ ଡାଏରୀ ଉଦ୍ୟୋଗ ଆଦି ସବୁ ଯନ୍ତ୍ରଦ୍ୱାରା କରାଯାଉଥିଲା । ଚାଷଜମିର ଆୟତନ ବହୁତ ବଡ଼ । ଦେଢ଼ଶହ ଏକରରୁ କମ୍ ଜମି କାହାରି ପାଖରେ ନଥିଲା । କେତେକଙ୍କ ପାଖରେ ଏହାଠାରୁ ବଡ଼ କିଆରୀ ଥିଲା । ଏପରି କୃଷି ବ୍ୟବସାୟ ବହୁତ କମ୍ ଲୋକ କରନ୍ତି କିନ୍ତୁ ଯେଉଁମାନେ କରନ୍ତି ସେମାନେ ବହୁତ ସାଧନ ସମ୍ପନ୍ନ ଥାଆନ୍ତି ।

ଆମେରିକାରେ ଉଦ୍ୟୋଗ ଓ ବ୍ୟାପାର ଏତେ ବିକାଶ ଲାଭ କରିଛି ଯେ, ଅଧିକାଂଶ ଲୋକ ସେଥିରେ ଲାଗିଛନ୍ତି ଓ ସରକାର କୃଷିଜାତ ଦ୍ରବ୍ୟର ଦାମ କମ ନ କରିବା ପାଇଁ ସହାୟତା ଦିଅନ୍ତି ଓ କୃଷିଜାତ ଦ୍ରବ୍ୟ ନିଜେ ଖରିଦ କରିନିଅନ୍ତି । ବର୍ଷେ ଦି' ବର୍ଷର ଆବଶ୍ୟକ ମାଲ ସରକାରୀ ଭଣ୍ଡାରରେ ସୁରକ୍ଷିତ ରହେ । ଏଉଥିରୁ ଅନ୍ୟ ଦେଶକୁ ସାହାଯ୍ୟ କରାଯାଏ । ପି.ଏଲ. (ପବ୍ଲିକ୍ ଲ) ୪୮୦ ନାମରେ ଆଇନ ଏଥିପାଇଁ ତିଆରି ହୋଇଛି । ଭାରତକୁ ଏଥିରୁ ବହୁତ ସହାୟତା ମିଳିଛି । ଭାରତରେ ଖାଦ୍ୟ ଉତ୍ପାଦନ ଆବଶ୍ୟକ ଅପେକ୍ଷା କମ୍ ହେଉଥିବାରୁ ଏହା ଭାରତ ପାଇଁ ବହୁତ ଉପଯୋଗୀ ହୋଇଛି । ପି.ଏଲ୍. ୪୮୦ ଜରିଆରେ ଯେଉଁ ମାଲ୍ ଆମେ ଆମଦାନି କରୁଛେ ତା' ପାଇଁ ଆମକୁ ଟଙ୍କା (ଡଲାରରେ ନୁହେଁ) ଓ ଦୀର୍ଘ ମିଆଦୀ ଋଣ ଆକାରରେ ପରିଶୋଧ କରିବାକୁ ହେବ । ଅଧା ଅର୍ଥ ତ ଆମକୁ ଅନୁଦାନ ହିସାବରେ ପ୍ରଥମେ ମିଳିଥାଏ । ଏଇପରି ଆମ ଅର୍ଥ ବ୍ୟବସ୍ଥାକୁ ବହୁତ ସାହାଯ୍ୟ ମିଳୁଛି ।

ପ୍ରଥମେ ମୁଁ ଗ୍ରାଣ୍ଡ କେନ୍ୟୋନ ଦେଖିକରି ଲସଆଞ୍ଜେଲ୍‌ସ ଯାଇଥିଲି । ଏ ସହର ଫିଲ୍ମ ନିର୍ମାଣର ବହୁତ ବଡ କେନ୍ଦ୍ର । ଏଠାକାର ବିଦେଶ ବ୍ୟାପାର କମିଟି ସହିତ ସାକ୍ଷାତ ହୋଇଥିଲା । ଏପରି କମିଟି ଆମେରିକାର ଅନେକ ସହରରେ ଥାଏ ଯାହାକି ସେଠାକାର ଲୋକମାନଙ୍କ ଦ୍ୱାରା ତିଆରି ହୋଇଥାଏ । କମିଟି ଆମନ୍ତ୍ରଣରେ ମୁଁ ସେଠାରେ ଭାଷଣ ଦେଲି । ମୁଁ ଯୁଆଡେ ଯାଉଥିଲି ମୋ ଭାଷଣର କାର୍ଯ୍ୟକ୍ରମ ରହୁଥିଲା । ଏ ସବୁ ସଭାରେ ଭାଷଣ ପରେ ମୁଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖୁଥିଲି ଯଦ୍ଦ୍ୱାରା ଅନେକ ବିଚାର ସ୍ପଷ୍ଟ ହୋଇଯାଉଥିଲା । ଲସ୍‌ଆଞ୍ଜେଲ୍‌ସରେ, ଏହିପରି କାର୍ଯ୍ୟକ୍ରମରେ ଜଣେ ସଜ୍ଜନ ପଚାରିଲେ, "ଆପଣ ଯେତେବେଳେ କହୁଛନ୍ତି

Digitized by srujanika@gmail.com

ଆମେରିକା ଭାରତକୁ ବହୁତ ସାହାଯ୍ୟ କରୁଛି ଓ ଭାରତ ସେଥିପାଇଁ ଋଣୀ ତେବେ ଭାରତ ସରକାର ଆମେରିକାର ବିଦେଶୀ ନୀତିର ବିରୋଧ କାହିଁକି କରୁଛି ? ଏ ବିରୋଧ ଭାବ ଛାଡ଼ି ଆମେରିକାର ସମର୍ଥନ କରିବା ଆପଣଙ୍କର ଉଚିତ ହେବ ନାହିଁକି ?''

ଏ ବଂଧୁଙ୍କର ପ୍ରଶ୍ନ ବିଶେଷ କରି ଚୀନ ସମ୍ବନ୍ଧରେ ଥିଲା । ଚୀନକୁ ସଂଯୁକ୍ତ ରାଷ୍ଟ୍ର ସଂଘରେ ମିଶିବାକୁ ଆମେ ସମର୍ଥନ କରିଥିଲୁ । ଯେତେବେଳେ ଆମେରିକା ତା'ର ବିରୋଧ କରୁଥିଲା । ମୁଁ ତାଙ୍କୁ କହିଲି, ''ଆପଣ ଖୁବ୍ ଭଲ ପ୍ରଶ୍ନ କରିଛନ୍ତି କାରଣ ଏଥିରେ କେତେକ ଭ୍ରମଧାରଣା ଦୂର ହେବ । ଆପଣଙ୍କୁ ଜାଣିବା ଉଚିତ ଯେ ଆମେରିକା ଓ ଭାରତ ଦୁଇଟି ସ୍ୱତନ୍ତ୍ର ଦେଶ ଅଟନ୍ତି । ଆମେରିକା ଭାରତକୁ ଯେଉଁ ସାହାଯ୍ୟ କରେ ତା' ବିନା ସର୍ତ୍ତରେ କରେ । ବିନା ସର୍ତ୍ତ ହୋଇଥିବାରୁ ଏହା ଆମର ଉପଯୋଗୀ ଅଟେ । ଭାରତ ଆମେରିକାର ବୈଦେଶିକ ନୀତି ବିରୋଧ କରୁଛି -- ଏ କଥା ସତ ନୁହେଁ । ଏ କଥା ସତ ଯେ ଦୁଇଜଣଙ୍କର ନୀତି ଅଲଗା ଅଲଗା ହୋଇଥିବାରୁ ଭାରତ ନିଜର ମତ ସଷ୍ଟ ଭାବରେ ବ୍ୟକ୍ତ କରୁଛି । ଏପରି କରିବାକୁ ଭାରତ ସ୍ୱତନ୍ତ୍ର ଅଟେ । ତେଣୁ ଆମେ ସ୍ୱତନ୍ତ୍ରତା ସହକାରେ ନିଜ ମତ ପ୍ରକାଶ କରିପାରୁଛୁ ।''

ତା'ପରେ ମୁଁ କହିଲି, ''ଚୀନ୍‌କୁ ସଂଯୁକ୍ତ ରାଷ୍ଟ୍ର ସଂଘରୁ ଅଲଗା ରଖିବାକୁ ଆମେ ଅନ୍ୟାୟ ବୋଲି ବିଚାର କରୁ । ଏଣୁ ଆମେରିକାର ଏହାର ବିରୋଧକୁ ଆମେ ଠିକ୍ ଭାବୁ ନାହିଁ । ସଂଯୁକ୍ତ ରାଷ୍ଟ୍ର ସଂଘ ତ ସବୁ ସ୍ୱତନ୍ତ୍ର ରାଷ୍ଟ୍ରମାନଙ୍କ ସଂଗଠନ ଅଟେ ଓ ସେଥିରେ ସେ ଦେଶର ଶାସନ ପ୍ରଣାଳୀ ସମ୍ବନ୍ଧରେ କୌଣସି ସର୍ତ୍ତ ନାହିଁ । ଲୋକତନ୍ତ୍ରୀୟ, ଅଧିନାୟକତାବାଦୀ ଓ ସାମ୍ୟବାଦୀ ସମସ୍ତ ପ୍ରକାର ଦେଶ ସେଥିରେ ଅଛି । ଯଦି ରୁଷ ଏହାର ସଦସ୍ୟ, ତେବେ ଚୀନକୁ ଏହା ସହିତ ମିଶିବାକୁ ନ ଦେବା ରାଷ୍ଟ୍ର ସଂଘ ଆଦର୍ଶର ବିରୁଦ୍ଧ ଅଟେ । ଫର୍ମୋଜା ଚୀନ୍‌ର ପ୍ରତିନିଧି ହୋଇପାରିବ ନାହିଁ । ଏପରି ପରିସ୍ଥିତିରେ ଭାରତ ଯାହା ଠିକ୍ ଭାବୁଛି ତାହାହିଁ ପ୍ରକଟ କରୁଛି । ଆପଣ ଚାହୁଁଛନ୍ତି ଯେ ଭାରତ ନିଜ ମତ ଭୁଲି ଆମେରିକାକୁ ସମର୍ଥନ କରୁ କାରଣ ଆମେରିକା ଭାରତକୁ ସାହାଯ୍ୟ କରୁଛି । ସେ କ୍ଷେତ୍ରରେ ଆପଣଙ୍କ ବିଚାର ଆପଣକୁ ଶୁଭ ହେଉ । ଆମକୁ, କିନ୍ତୁ, ଏହା ଉଚିତ ଲାଗୁ ନାହିଁ । ଆମର ସ୍ୱତନ୍ତ୍ର ମତ ପ୍ରକଟ କରିବାରେ ଆପଣଙ୍କ ଆପତ୍ତି ଥିଲେ ଆପଣ ନିଜ ରାଷ୍ଟ୍ରପତିଙ୍କୁ ଭାରତକୁ ସହାୟତା ନ ଦେବା ପାଇଁ ପ୍ରବର୍ତ୍ତାଇବା ଉଚିତ । ସର୍ତ୍ତ ସହିତ ସହାୟତା ନେବାକୁ ଆମେ ଇଚ୍ଛା କରିବୁ ନାହିଁ । ଆମେରିକା ଏପରି କୌଣସି ସର୍ତ୍ତ ସହିତ ସହାୟତା ଦେବାକୁ ଚାହିଁଲେ ଆମେ ତାହା ଗ୍ରହଣ କରିବୁ ନାହିଁ । ଆମେରିକା ଯେତିକି ସ୍ୱତନ୍ତ୍ର ଭାରତ ସେତିକି ସ୍ୱତନ୍ତ୍ର ଅଟେ ।''

ଏକଥା ଯେତେବେଳେ ମୁଁ ସ୍ପଷ୍ଟତା ସହକାରେ କହିଲି, ସେଠାରେ ଉପସ୍ଥିତ ଜନତା ଉପରେ ବଡ ପ୍ରଭାବ ପଡିଲା ଓ ପ୍ରଶ୍ନକର୍ତ୍ତାକୁ ସେମାନେ କହିଲେ ଆପଣ ଯେଉଁ ପ୍ରଶ୍ନ ପଚାରିଛନ୍ତି ଆମେ ସେଥିରେ ସହମତ ନୋହୁଁ । ସେ ସଜ୍ଜନ ଖୋଲା ମନରେ ପ୍ରଶ୍ନ କରିଥିବାରୁ ଦୁଃଖ ପ୍ରକାଶ କଲେ ।

ଲସ୍‌ଆଞ୍ଜେଲ୍‌ସରୁ ମୁଁ ସାନ୍‌ଫ୍ରାନ୍ସିସ୍କୋ ଗଲି । ସେଠାରେ ମଧ୍ୟ ଅନେକଙ୍କ ସହିତ ସାକ୍ଷାତ ହେଲା ଓ ଦୁଇ ଦେଶର ପାରସ୍ପରିକ ସମ୍ବନ୍ଧ ଉପରେ ବହୁତ କଥାବାର୍ତ୍ତା ହେଲା । ସେଠାରେ ଭାରତୀୟ ବହୁତ ସଂଖ୍ୟାରେ ରହୁଛନ୍ତି । ସେମାନଙ୍କ ସହିତ ମୁଁ ମିଶିଥିଲି । ସେଠାରୁ ସିଏଟଲ ଯାଇ ଉଡାଜାହାଜ ତିଆରି କାରଖାନା ଦେଖିଲି । କାଲିଫର୍ଣ୍ଣିୟାର ଏ କ୍ଷେତ୍ର । ପ୍ରଥମେ ଏହା ଏକ ମରୁଭୂମି ଭଳିଥିଲା କାରଣ ସେଠାରେ ପାଣିର କୌଣସି ବ୍ୟବସ୍ଥା ନଥିଲା । କିନ୍ତୁ କିଛି ବର୍ଷ ପୂର୍ବେ ସେଠାରେ ଏକହଜାର-ପନ୍ଦର ଶହ ଫୁଟ ତଳେ ପାଣି ମିଳିଲା । ସେଥିରେ ନଳକୂଅ ବସାଇ କୃଷି ପାଇଁ ବଡ ଉପଯୋଗୀ ସ୍ଥାନ ତିଆରି କରି ଦେଇଛନ୍ତି । ବର୍ତ୍ତମାନ ଏ ପ୍ରଦେଶ ବହୁତ ସୁନ୍ଦର ଓ ସମୃଦ୍ଧ ହୋଇଯାଇଛି ।

Digitized by srujanika@gmail.com

କିନ୍ତୁ ମୋର ଏହି ଆମେରିକା ଯାତ୍ରାରେ ସବୁଠାରୁ ମନୋହର ସ୍ମୃତି ଗ୍ରାଣ୍ଡ କେନ୍ୟନର ହିଁ ଅଟେ । ଆମେରିକାରେ ଗ୍ରାଣ୍ଡକେନ୍ୟନ ଏକ ବହୁତ ସୁନ୍ଦର ଦର୍ଶନୀୟ ସ୍ଥାନ ଅଟେ ଓ ବହୁତ ଲୋକ ଏହାକୁ ଦେଖିବାକୁ ଯାଆନ୍ତି । କାଲିଫର୍ଣ୍ଣିଆ ଯିବା ବେଳେ ବାଟରେ ଗ୍ରାଣ୍ଡକେନ୍ୟନ ଦେଖିବାକୁ ଯାଇଥିଲି । କୌଣସି ସିନେମାରେ ପ୍ରଥମେ ମୁଁ ଏହାକୁ ଦେଖିଥିଲି କିନ୍ତୁ ସେଥିରୁ ଏହାର ପୂରା ଆଭାସ ମିଳୁ ନଥିଲା । ସେଠାକୁ ଯାଇ ଯେତେବେଳେ ନିଜ ଆଖିରେ ଏହାକୁ ଦେଖିଲି ତା'ର ସୌନ୍ଦର୍ଯ୍ୟ ଓ ବିଶାଳତାରେ ମୋର ଧାରଣା ବଦଳିଗଲା । ଦେଢ କୋଟି ବର୍ଷରୁ ପାଣି ମାଡି ପଡି ସେଠାରେ ପ୍ରାୟ ଦେଢ ଦୁଇମାଇଲ ଗଭୀର ଘାଟି ତିଆରି ହୋଇଯାଇଛି । ଘାଟି ମଝିରେ କୋଲୋରାଡୋ ନଦୀ । ଉପରୁ ଘାଟିରେ ତଳକୁ ଯିବା ପାଇଁ ପାହାଚ ତିଆରି ହୋଇଛି କିନ୍ତୁ ମୁଁ ତଳକୁ ଗଲି ନାହିଁ ଉପରୁ ତା' ଦୃଶ୍ୟ ଦେଖିଲି । ବଡ ବଡ ପଥରରେ ଘଷି ହୋଇ ସେ ଘାଟି ହୋଇଥିବା ଜଣା ପଡୁଛି । ସେଥିରେ ମଝିରେ ମଝିରେ ନାଁ ବି ଦିଆ ହୋଇଛି । ଭାରତର କୌଣସି ଜାଗାର ନାମ ମଧ୍ୟ ସେଠାରେ ଦିଆହୋଇଛି । ପଥରରେ ଏପରି ଆକୃତି ତିଆରି ହୋଇଯାଇଛି, ଯାହାର ଗଭୀର ଛାପ ଦର୍ଶକଙ୍କ ଉପରେ ପଡୁଛି । ସମୟ ସାଥିରେ ପ୍ରକୃତି କିପରି ଭିନ୍ନ ଭିନ୍ନ କୃତି ଓ ଆକୃତି ନିର୍ମାଣ କରୁଛି ତାହାର ଏହା ଏକ ଅଦ୍ଭୁତ ନମୁନା ଅଟେ । ମତେ ସେ ଦୃଶ୍ୟ ପାଖାପାଖି ଦେଢକୋଟି ବର୍ଷ ପୂର୍ବର ବୋଲି ମନେ ହେଲା । ଦେଶ ବିଦେଶରୁ ଅନେକ ଯାତ୍ରୀ ଏହାକୁ ଦେଖିବାକୁ ଆସିଥିଲେ ଓ ସମସ୍ତେ ଏହାର ମଜା ନେଉଥିଲେ । ସେଠାରେ ଥିବା ହୋଟେଲରେ ମୁଁ କିଛି ଘଣ୍ଟା କଟାଇଲି ସେଠାର ଚିରସ୍ମୃତି ନିଜ ମନରେ ବସାଇ ମୁଁ ଲସଅଞ୍ଜେଲ୍ସ ଦିଗରେ ଯାତ୍ରା କଲି । ଏହାର ଦୃଶ୍ୟ ଏତେ ସୁନ୍ଦର ଯେ, କୌଣସି କବି ହିଁ ଏହାର ଠିକ୍ ବର୍ଣ୍ଣନା କରିପାରିବ । ମୋ ପକ୍ଷରେ ତାହା ବର୍ଣ୍ଣନା କରିବା କଷ୍ଟକର । ଏକଥା ସତ ଯେ ତାକୁ ନ ଦେଖିଲେ ମନୋହରତାର କଳ୍ପନା ପୂରା ହେବ ନାହିଁ ।

ତାଜମହଲରେ ବର୍ଣ୍ଣନା ଯେତେ ଇଚ୍ଛା ପଢନ୍ତୁ କିନ୍ତୁ ସେଥିରେ ଯେଉଁ ଧାରଣା ଜନ୍ମେ ତାହା ପ୍ରତ୍ୟକ୍ଷରେ ଦେଖା ଧାରଣା ଭଳି ହୋଇ ନ ପାରେ । ତାଜମହଲ କିପରି ଅଦ୍ୱିତୀୟ କଳାକୃତି ଅଟେ, ତାହା କେବଳ ପ୍ରତ୍ୟକ୍ଷରେ ଦେଖି ବୁଝାଯାଇପାରିବ । ସେ ବିଷୟରେ ଖାଲି ପଢିଲେ ବୁଝି ହେବ ନାହିଁ; ଏକଥା ଗ୍ରାଣ୍ଡ କେନ୍ୟନ ଉପରେ ସେତିକି ଲାଗୁ ହେବ ।

ସାନ୍‌ଫ୍ରାନ୍‌ସିସ୍କୋରୁ ମୁଁ ଜାପାନ ଯାଇଥିଲି । ପୂର୍ବରୁ ପଶ୍ଚିମ ଦିଗକୁ ଯାତ୍ରା ବେଳେ ସମୟର ଏତେ ପାର୍ଥକ୍ୟ ପଡିଯାଏ ଯେ ଭିତରେ ଗୋଟାଏ ଦିନ ଉଭେଇ ଗଲା । ଭାରତରୁ ଇଂଲଣ୍ଡ ଗଲେ ପ୍ରାୟ ପାଞ୍ଚଘଣ୍ଟା ପାର୍ଥକ୍ୟ ପଡିଯାଏ ଯଦ୍ୱାରା ଭାରତ ସମୟରୁ ଇଂଲଣ୍ଡ ପାଞ୍ଚଘଣ୍ଟା ପଛରେ ଥାଏ । ସେଠାରୁ ନିଉୟର୍କ ଯିବାବେଳେ ଆଉ ପାଞ୍ଚ ଘଣ୍ଟା ଅନ୍ତର ପଡିଯାଏ । ଏହିପରି ସାନଫ୍ରାନ୍‌ସିସ୍କୋରୁ ଜାପାନ ଗଲେ ସେତିକି ପାର୍ଥକ୍ୟ ପଡିଥାଏ । ଏସବୁ ମିଶାଇ ଗୋଟାଏ ଦିନ ବଦଳିଯାଏ ଯାହା ଜାଣିବା ପାଇଁ ଉଡାଜାହାଜରେ ଗୋଟିଏ କାର୍ଡ ଦିଆଯାଏ ।

ଟୋକିଓରେ ଜାପାନର ରାଜଦୂତ ଶ୍ରୀ ସି.ପି.ଏନ୍. ସିଂହଙ୍କ ସହିତ ରହିଥିଲି । ଜାପାନର ପ୍ରଧାନମନ୍ତ୍ରୀ ଶ୍ରୀ କିସିଙ୍କ ସହିତ ଟୋକିଓରେ ସାକ୍ଷାତ କଲି । ତାଙ୍କ ସହିତ ପ୍ରଥମେ ମୋର ଭାରତରେ ସାକ୍ଷାତ ହୋଇଥିଲା । ତାଙ୍କ ଭାଇ ଶ୍ରୀ ସାଟୋ ପରେ ଜାପାନର ପ୍ରଧାନମନ୍ତ୍ରୀ ହେଲେ, ୧୯୫୮-୫୯ରେ ଅର୍ଥ ମନ୍ତ୍ରୀ ଥିଲେ । ତାଙ୍କ ସହିତ ମଧ୍ୟ ସେଠାରେ ମୋର ଭେଟ ହୋଇଥିଲା । ସେମାନଙ୍କ ସହିତ ସାକ୍ଷାତ ସମୟରେ ମୁଁ ଭାରତର ଜାପାନ ସହିତ ସମ୍ବନ୍ଧ ବହୁତ ପୁରୁଣା ବୋଲି ବିଶେଷ ଜୋର ଦେଇଥିଲି ଓ କହିଥିଲି ଯେ ସେ ସମ୍ବନ୍ଧ ଆହୁରି ଘନିଷ୍ଠ ହେବା ଉଚିତ । ଜାପାନର ଅନ୍ୟମନ୍ତ୍ରୀ ଓ ସମ୍ରାଟଙ୍କ ସହିତ ସାକ୍ଷାତ କରିଥିଲି । ଯୁଦ୍ଧ ପୂର୍ବରୁ

Digitized by srujanika@gmail.com

ଜାପାନର ସମ୍ରାଟ ସମସ୍ତଙ୍କ ଉପରେ ଥିଲେ ଓ ସେଠାରେ ପ୍ରଥା ଥିଲା ଯେ ସମ୍ରାଟ ବାହାରକୁ ଗଲେ କେହି ତାଙ୍କ ଆଡକୁ ଦେଖିପାରିବେ ନାହିଁ; ସମସ୍ତଙ୍କ ନିଘା ତଳକୁ କରିବାକୁ ପଡୁଥିଲା । ଯୁଦ୍ଧ ପରେ ସ୍ଥିତି ବଦଳିଗଲା ଓ ଜାପାନରେ ଲୋକତନ୍ତ୍ର ସ୍ଥାପିତ ହେଲା ଯାହା ଫଳରେ ବର୍ତ୍ତମାନ ସେଠାର ସମ୍ରାଟ କେବଳ ବୈଧାନିକ ସମ୍ରାଟ ହୋଇ ରହିଛନ୍ତି ।

ମୁଁ ଜାପାନ ପ୍ରଥମ ଥର ଯାଇଥିଲି । ଟୋକିଓ ଛଡା ଅନ୍ୟ କେତେକ ସହରରେ ବୁଲିଥିଲି । ମୁଁ ସେଠାରେ ଦେଖିଲି ଯେ ଯୁଦ୍ଧ ପରେ ଜାପାନ ବହୁତ ଶୀଘ୍ର ନିଜର ବିକାଶ କରିଛି । ଯୁଦ୍ଧ ପୂର୍ବରୁ ଜାପାନ ବହୁତ ବିକଶିତ ଦେଶ ଥିଲା । ଗତ ଅଶୀ ବର୍ଷ ମଧ୍ୟରେ ଜାପାନ ବହୁତ ପ୍ରଗତି କରିଥିଲା ଓ ପାଶ୍ଚାତ୍ୟ ଦେଶ ସହିତ ପ୍ରତିଯୋଗିତାରେ ଭାଗ ନେଇ ବହୁତ ଶକ୍ତିଶାଳୀ ହୋଇଯାଇଥିଲା । ଏହି କାରଣରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ହିଟଲର ସହିତ ସାଥି ହୋଇ ଯୁଦ୍ଧରେ ଏଇ ଆଶାରେ ସମ୍ମିଳିତ ହୋଇଥିଲା ଯେ, ଯୁଦ୍ଧରେ ବିଜୟ ଲାଭ କରି ଦକ୍ଷିଣ ପୂର୍ବ ଏସିଆରେ ନେତୃତ୍ୱ କରିବ କିନ୍ତୁ ହିରୋସିମା ଉପରେ ଅଣୁବୋମା ପଡିବା ପରେ ତା'ର ସାହସ କମ ହୋଇଗଲା ଓ ଜର୍ମାନୀ ତଥା ଇଟାଲୀ ପରି ଜାପାନ ଯୁଦ୍ଧରେ ହାରିଗଲା । ଯୁଦ୍ଧରେ ଜାପାନର ବହୁତ କ୍ଷତି ହେଲା । ସେଥିରେ ଉଦ୍ୟୋଗ ବ୍ୟାପାର ଏପଟ ସେପଟ ହୋଇଗଲା । କିନ୍ତୁ ତାଙ୍କର ଯନ୍ତ୍ର କୌଶଳ ଜ୍ଞାନ ଓ ସ୍ୱଦେଶାଭିମାନ ବହୁତ ଥିଲା । ତା'ସହିତ ସେଠାର ଲୋକେ ବହୁତ ପରିଶ୍ରମୀ ଥିଲେ ଯାହା ପାଇଁ ସେ ପୁଣି ଆଗ ଅପେକ୍ଷା କେତେ ଅଧିକ ସ୍ଥିତିରେ ଆଜି ପହଞ୍ଚିଛି । ଯୁଦ୍ଧ ପରେ ଆମେରିକା ସହାୟତାର ଉତ୍ତମ ଉପଯୋଗ କରି ସେ ନିଜର ଆର୍ଥିକ ସମୃଦ୍ଧି ବହୁତ ବଢାଇଲା । ଯୁଦ୍ଧ ପୂର୍ବରୁ ଆର୍ଥିକ ପରିସ୍ଥିତି ଯେପରି ଥିଲା ସେଥିରୁ କେତେ ଅଧିକ ସୁଦୃଢ ସ୍ଥିତି ଆଜି ହୋଇଯାଇଛି । ଏତିକି ନୁହେଁ କୃଷିରେ ମଧ୍ୟ ବହୁତ ବିକାଶ କରିଛି । ଗୋଟିଏ ଦୂରବର୍ତ୍ତୀ ଗାଁକୁ ଯାଇ ମୁଁ ତାଙ୍କର କୃଷି କାମ ଦେଖିଲି ।

ଜାପାନରେ ଆଗେ ବଡ ବଡ ଜମିଦାର ଥିଲେ । କିନ୍ତୁ ଯୁଦ୍ଧ ପରେ ଆମେରିକାର ପ୍ରଭାବରେ ସେ ପ୍ରଥା ବି ବଦଳି ଗଲା । ବର୍ତ୍ତମାନ ଏଠାରେ ଅଢେଇରୁ ଆଠ ଏକର ପର୍ଯ୍ୟନ୍ତ ଚାଷ କିଆରି ରହିଛି, ଏହାଠାରୁ ବଡ କୌଣସି କ୍ଷେତ ନାହିଁ । ଏଥିରେ ସେଠାରେ ଚାଷରେ ବଡ ପ୍ରଗତି ହୋଇଛି । ସେଠାର ଲୋକମାନେ ବଡ ପରିଶ୍ରମୀ ଅଟନ୍ତି । ଅଢେଇ ତିନି ଏକରରେ ମଧ୍ୟ ଉତ୍ପାଦନ ଭଲ କରନ୍ତି । ତା ସାଙ୍ଗରେ କୁକୁଡା ପାଳନ ଓ ହସ୍ତଶିଳ୍ପ ଉଦ୍ୟୋଗ କରନ୍ତି ଯଦ୍ୱାରା ସେମାନଙ୍କର ଜୀବନ ସ୍ତର ବହୁତ ଉଚ୍ଚ ହୋଇଯାଇଛି । ପାଣିର ପ୍ରାକୃତିକ ସାଧନ ବହୁତ ଅଛି । ସାରାବର୍ଷ ସେମାନଙ୍କୁ ପାଣି ମିଳେ । ପ୍ରାକୃତିକ ଖତର ମଧ୍ୟ ଉପଯୋଗ କରନ୍ତି ଓ ମନୁଷ୍ୟର ମଳମୂତ୍ରକୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରନ୍ତି । ଏସବୁ ସେମାନେ ଚାଷରେ ବ୍ୟବହାର କରନ୍ତି । ଏହାର ଫଳସ୍ୱରୂପ କୃଷି ବହୁତ ସମୃଦ୍ଧ ହୋଇଛି ।

ଉର୍ବରକ ଅର୍ଥାତ ରାସାୟନିକ ଖତ ସହିତ ମଳମୂତ୍ରର ଖତ ବ୍ୟବହାର କରି ବହୁତ ଲାଭ ଉଠାଉଛନ୍ତି । ସବୁ ପାଇଖାନା ମଳ ଚାଷ ପାଇଁ କୃଷକ ଜମିକୁ ନେଇଥାଏ । ସେଥିପାଇଁ ଲୋକମାନଙ୍କୁ ତା'ର ମୂଲ୍ୟ ବି ମିଳେ । ଏହି ପଦ୍ଧତି ଭାରତରେ ଚାଲୁହେଲେ ବହୁତ ଲାଭ ହେବ ଓ ମେହେନ୍ତରମାନଙ୍କୁ ମୁକ୍ତି ମିଳିବ । ସେଠାରେ ଚାଷ ସହିତ ଫଳାଦି ଉତ୍ପାଦନ ଓ ସଂରକ୍ଷଣର ସାଧନ ରହିଛି । ବଜାରରେ କୌଣସି ଫଳ ସଡା ବାହାରିଲେ ସାଙ୍ଗେ ସାଙ୍ଗେ ରିପୋର୍ଟ ହୁଏ ଓ କୃଷି ବିଭାଗ ଲୋକ କ୍ଷେତରେ ପହଞ୍ଚି ତା'ର ବ୍ୟବସ୍ଥା କରନ୍ତି । ଜାପାନର ପ୍ରତ୍ୟେକ ନାଗରିକ ବଡ ଦାୟିତ୍ୱବାନ ଅଟନ୍ତି ।

ଜାପାନରେ ଏପରି ଏକ ପ୍ରଥା ଅଛି ଯେ କୌଣସି ସରକାରୀ ବିଭାଗର ମୁଖ୍ୟ ଅଧିକାରୀ ନିଜ ଅଧୀନରେ କାମ କରୁଥିବା ବ୍ୟକ୍ତିର ଭୁଲ ଧରିବାକୁ ଅକ୍ଷମ ହେଲେ, ସେ ମୁଖ୍ୟ ଅଧିକାରୀ ନିଜକୁ ଦୋଷୀ

Digitized by srujanika@gmail.com

ମାନି ଆତ୍ମହତ୍ୟା କରନ୍ତି । ଏ ପ୍ରଥା ଜାପାନରେ ବହୁତ ବର୍ଷରୁ ପ୍ରଚଳିତ ହୋଇ ଆସୁଛି । ଏଥିରୁ ଜଣାପଡେ ଯେ ନିଷ୍ଠାପରତା ଓ ଦାୟିତ୍ୱବୋଧ ସେମାନଙ୍କର କେତେ ଅଧିକ । ଜାପାନରେ କାରଖାନାକୁ ଗଲେ ଦେଖାଯାଏ ଯେ କାମ କରୁଥିବା ଲୋକମାନେ ଏତେ ମନ ଦେଇ କାମ କରନ୍ତି, ଯେ କିଏ ଗଲା ଆସିଲା ଦେଖନ୍ତି ନାହିଁ । ଉତ୍ତରଦାୟିତ୍ୱର ଏପରି ତୀବ୍ର ଭାବନା ସେମାନଙ୍କ ଠାରେ ଅଛି । ଯନ୍ତ୍ର ସାମଗ୍ରୀ ବିଦେଶରୁ ମଗାଇଲେ ସାଙ୍ଗେ ସାଙ୍ଗେ ତା'ର ନକଲ କରି ସେଇପରି ଯନ୍ତ୍ର ତିଆରି କରନ୍ତି । ଏପରି ଶକ୍ତି ଓ ଦାୟିତ୍ୱବୋଧରୁ ସେମାନେ ଏତେ ପ୍ରଗତି କରିଛନ୍ତି ଓ ତାଙ୍କର ଉତ୍ପାଦନ ଅନ୍ୟ କୌଣସି ଦେଶ ଅପେକ୍ଷା ଅଧିକ ଅଟେ । ଏ ବିଷୟରେ ଭାରତ ଜାପାନରୁ ବହୁତ କିଛି ଶିଖିପାରିବ ।

ଟୋକିଓ ଠାରୁ ଅଳ୍ପ ଦୂରରେ ୟୋକୋହାମା ନାମକ ଜାପାନର ଅନ୍ୟ ଏକ ବନ୍ଦର ଅଛି । ସେଠାକୁ ବି ମୁଁ ଯାଇଥିଲି । ଆଜି ଟୋକିଓ ଦୁନିଆରେ ସବୁଠାରୁ ବଡ ଜନବହୁଳ ଓ ଆଧୁନିକ ନଗର ଅଟେ । ୟୋକୋହାମା ଦେଖିବା ପରେ ଜଣାଗଲା ଯେ ତା'ର ଯେପରି ବିସ୍ତାର ହେଉଛି, ତାହା ଟୋକିଓ ସହିତ ମିଶିଯିବ ।

ଜାପାନରେ କିଛି ଉଦ୍ୟୋଗ ମଧ୍ୟ ମୁଁ ଦେଖିଲି । ସେଠାରେ କାମ କରିବାରେ ଅନୁରକ୍ତି ଓ ଦାୟିତ୍ୱବୋଧ ଭାବନାର ପ୍ରଭାବ ମୋ ଉପରେ ପଡିଲା । ଜାପାନ ଲୋକମାନଙ୍କର ଦରମା ମଧ୍ୟ ବେଶି ନୁହେଁ ଓ ଚଳଣି ସମସ୍ତଙ୍କର ପ୍ରାୟ ଏକ ପ୍ରକାର । ଏହା ବି ଜାପାନର ଏକ ଉଲ୍ଲେଖନୀୟ ବିଶେଷତ୍ୱ ଅଟେ ।

ଦୈନନ୍ଦିନ କାମ କରିବା ପାଇଁ ଜାପାନୀ ଲୋକ ପାଶ୍ଚାତ୍ୟ ପୋଷାକ ବ୍ୟବହାର କରନ୍ତି, କିନ୍ତୁ ନିଜ ଘରେ ନିଜର ପୁରୁଣା ପଦ୍ଧତି ମାନନ୍ତି । ଜାପାନୀମାନଙ୍କ ଘର ବେଶ୍ ସଫାସୁତୁରା ଓ ସେଥିରେ ଖୁବ୍ କମ ଫର୍ଣ୍ଣିଚର ଥାଏ । ଏହିପରି ସେମାନେ ନିଜ ସଂସ୍କୃତିକୁ ସୁରକ୍ଷିତ ରଖି ପାଶ୍ଚାତ୍ୟ ପଦ୍ଧତିର ପୂରା ଲାଭ ଉଠାଇଛନ୍ତି ।

(୧୯) ପାକିସ୍ତାନ ଯାତ୍ରା

ମୁଁ ଆଗରୁ ଉଲ୍ଲେଖ କରିଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଦେବା ନେବା ସମ୍ବନ୍ଧୀୟ ବିବାଦ ଉପରେ କଥାବାର୍ତ୍ତା କରିବାକୁ ୧୯୫୯ ଶେଷ ଭାଗରେ ପାକିସ୍ତାନ ଅର୍ଥମନ୍ତ୍ରୀ ଶ୍ରୀ ସ୍ୱୈବ ଭାରତ ଆସିଥିଲେ । ତାଙ୍କ ସହିତ ସେ ସମୟରେ ଏ ବିଷୟରେ କଥାବାର୍ତ୍ତା ହୋଇଥିଲା ଓ ପରେ କଥାବାର୍ତ୍ତା କରିବାକୁ ସେ ମତେ ପାକିସ୍ତାନ ଯିବାକୁ ନିମନ୍ତ୍ରଣ କରିଥିଲେ କାରଣ ଦିଲ୍ଲୀ କଥାବାର୍ତ୍ତାରେ କୌଣସି ସମାଧାନ ହୋଇପାରିଲା ନାହିଁ । ଦିଲ୍ଲୀରେ ତାଙ୍କ ଦୃଷ୍ଟିକୋଣରୁ ମୋର ଆଶା ନଥିଲା ଯେ ପାକିସ୍ତାନ ଗଲେ କିଛି ନିଷ୍ପତ୍ତି ହେବ । କିନ୍ତୁ ଝଗଡା ଶେଷ କରିବା ପାଇଁ ଯେତେ ଦୂର ସମ୍ଭବ ଚେଷ୍ଟା କରିବା ଉଚିତ ଭାବି ତାଙ୍କ ନିମନ୍ତ୍ରଣ ରକ୍ଷା କରି ୧୯୬୦ ମାର୍ଚ୍ଚ ମାସ ତୃତୀୟ ସପ୍ତାହରେ ମୁଁ ପାକିସ୍ତାନ ଯାଇଥିଲି । ଛ' ଦିନ ମୁଁ ସେଠାରେ କଟାଇଥିଲି ।

ସର୍ବପ୍ରଥମେ ଉଡାଜାହାଜରେ ମୁଁ କରାଚୀ ଗଲି । କରାଚୀରେ ପାକିସ୍ତାନ ଅର୍ଥମନ୍ତ୍ରୀ ଶ୍ରୀ ସ୍ୱୈବ ଓ ଭାରତୀୟ ଉଚ୍ଚାୟୁକ୍ତ ଶ୍ରୀ ରାଜେଶ୍ୱର ଦୟାଲ ମୋର ସ୍ୱାଗତ କରିଥିଲେ । ଦ୍ୱିତୀୟ ଦିନ ମୁଁ ଯାଇ ଶ୍ରୀ ଜିନ୍ନାଙ୍କ କବରରେ ଫୁଲମାଳ ଅର୍ପଣ କଲି । ତୃତୀୟ ଦିନ ପାକିସ୍ତାନର ଉଦ୍ୟୋଗ ମନ୍ତ୍ରୀ କରାଚୀରେ ନିଜର ଔଦ୍ୟୋଗିକ ବସ୍ତି (ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍) ଦେଖାଇଲେ ଏବଂ ଗୋଧ୍ରା (ଗୁଜୁରାଟ)ର ଏକ ମୁସଲମାନ ଭାଇ ପାକିସ୍ତାନ ଯାଇ ସେଠାରେ ରହି କରାଚୀରେ କରିଥିବା ଗୋଟିଏ ଉଲ୍ କାରଖାନା ମତେ ଦେଖାଇଲେ ।

Digitized by srujanika@gmail.com

ଭାରତୀୟ ଉଚ୍ଚାୟୁକ୍ତଙ୍କ ଦ୍ୱାରା ଆୟୋଜିତ ସ୍ୱାଗତ ସମାରୋହରେ ତଥା ରାତ୍ର କାଳୀନ ଭୋଜନରେ ପାକିସ୍ତାନର ପ୍ରମୁଖ ନାଗରିକଙ୍କ ସହିତ ମୋର ଦେଖା ହୋଇଥିଲା ଓ ସେମାନଙ୍କ ସହିତ ମୋର ବହୁତ କଥାବାର୍ତ୍ତା ହୋଇଥିଲା । ସେହିଦିନ ପାକିସ୍ତାନର ରାଷ୍ଟ୍ରୀୟ ପର୍ବ ମଧ୍ୟ ଥିଲା । ତାଙ୍କର ଗୋଟିଏ ସମାରୋହରେ ମୁଁ ଯୋଗ ଦେଇଥିଲି ଓ ଶ୍ରୀ ସ୍ପ୍ରିବଙ୍କ ସହିତ କରାଚୀ ବନ୍ଦର ମଧ୍ୟ ଦେଖିଲି ।

ଏହାପରେ ମୁଁ କରାଚୀରୁ ରାଓ୍ୱଲପିଣ୍ଡି ଗଲି । ସେଠାରେ ପାକିସ୍ତାନର ଜଣେ ମନ୍ତ୍ରୀ ଶ୍ରୀ ରହେମନ ମୋ ପାଇଁ ରାତ୍ରଭୋଜନ ଆୟୋଜନ କରିଥିଲେ, ଯେଉଁଠାରେ ପାକିସ୍ତାନ ରାଷ୍ଟ୍ରପତି ଆୟୁବ ଖାଁ ଉପସ୍ଥିତ ଥିଲେ । ସେଠାରେ ତାଙ୍କ ସହିତ ମୋର କଥାବାର୍ତ୍ତା ହେଲା । ଏ କଥାବାର୍ତ୍ତା ଶେଷ ଦିନ ପର୍ଯ୍ୟନ୍ତ ଚାଲୁ ରହିଲା । କିନ୍ତୁ ସେ ନୂଆ ନୂଆ ପ୍ରଶ୍ନ ଉଠାଇ ସମାଧାନରେ ବାଧା ଦେଲେ ଓ ବୁଝାମଣାର କୌଣସି ଉତ୍ସୁକତା ପ୍ରଦର୍ଶନ କଲେ ନାହିଁ । ଏକଥା ତ ମୁଁ ପ୍ରଥମରୁ କହିଛି ଯେ ଏ ବିଷୟରେ ମୋର କୌଣସି ଆଶା ନ ଥିଲା ।

ମୋର ରାଓ୍ୱଲପିଣ୍ଡି ଯିବା ସ୍ଥିର ହେବା ମାତ୍ରେ ମୁଁ ପାକିସ୍ତାନ ରାଷ୍ଟ୍ରପତିଙ୍କୁ ସୂଚନା ପଠାଇଥିଲି ଯେ, ''ମୁଁ ସେଠାକୁ ପ୍ରଥମଥର ପାଇଁ ଯାଉଛି, ତେଣୁ ବାଦ୍‌ସାହା ଖାଁ (ଖାନ୍ ଅବ୍‌ଦୁଲ ଗଫର ଖାଁ)ଙ୍କ ସହିତ ସାକ୍ଷାତ କରିବାକୁ ମୋର ଇଚ୍ଛା । ଆପଣଙ୍କର କୌଣସି ଆପତ୍ତି ନ ଥିଲେ ମୋର ତାଙ୍କ ପାଖକୁ ଯିବାର ବନ୍ଦୋବସ୍ତ କରିଲେ କୃତଜ୍ଞ ହେବି ।'' ମୋର ଏ ଅନୁରୋଧ ସେ ସ୍ୱୀକାର କରିଥିଲେ । ପେଶଓ୍ୱାର ପହଞ୍ଚି ଦେଖିଲି ଯେ ବାଦ୍‌ସାହା ଖାଁ ଏୟାର ପୋର୍ଟକୁ ଆସିଛନ୍ତି । ତାଙ୍କ ଘରକୁ ଯାଇ ତାଙ୍କୁ ସାକ୍ଷାତ କରିବା ମୋର ଇଚ୍ଛାଥିଲା । କିନ୍ତୁ ତାଙ୍କୁ ସେଠାରେ ଦେଖି ମୁଁ ବହୁତ ଖୁସି ହେଲି ।

ବାଦ୍‌ସାହା ଖାଁଙ୍କୁ ମୁଁ ପଚାରିଲି, ''ଆପଣ ଏଠାକୁ ଆସିବାକୁ କଷ୍ଟ କାହିଁକି କଲେ ?'' ସେ କହିଲେ, ''ଅଧିକାରୀମାନେ ମତେ କହିଲେ ଯେ ଆପଣ ମତେ ଏଠାକୁ ଡାକିଛନ୍ତି । ଏଣୁ ମୁଁ ଏଠାକୁ ଆସିଛି । ଏମାନେ ଏହିପରି ମିଛ କୁହନ୍ତି,'' ମୁଁ ତାଙ୍କୁ କହିଲି, ''ଆପଣ ଫେରିବା ବେଳେ ଆପଣଙ୍କ ଗାଁ ପର୍ଯ୍ୟନ୍ତ ମୁଁ ଆପଣଙ୍କ ସହିତ ଯିବି ।'' ମୋର ଯେଉଁଠାରେ ରହିବାର ଥିଲା, ସେ ପର୍ଯ୍ୟନ୍ତ ଆମେ ସାଥି ହୋଇଗଲୁ ଓ ପାକିସ୍ତାନରେ ତାଙ୍କୁ ଯାହା ଯାହା ଭୋଗିବାକୁ ପଡିଥିଲା ସେ ବିଷୟରେ ବହୁତ ଡେରି ଯାଏ ଆମର କଥାବାର୍ତ୍ତା ଚାଲିଲା । ତାଙ୍କ ମନରେ ପାକିସ୍ତାନ ଶାସନ ଉପରେ ବହୁତ ରାଗ ଥିଲା ଓ ପାକିସ୍ତାନ ଦ୍ୱାରା ଦିଆଯାଇଥିବା କଷ୍ଟ ସେ ବିସ୍ତାର କରି ବର୍ଣ୍ଣନା କରିଥିଲେ । ତାଙ୍କ ମନରେ ଭାରତ ବିଭାଜନରେ ରାଗ ମଧ୍ୟ ଥିଲା । ସେ କହିଲେ ହିନ୍ଦୁସ୍ତାନ ମତେ ନ ପଚାରି ଏ ଗଧିଆଙ୍କ ଆଗକୁ ପେଲି ଦେଲା । ଗାନ୍ଧିଜୀ ବଚନ ଦେଇଥିଲେ ଯେ ପାକିସ୍ତାନ ମତେ ସନ୍ତାଇଲେ ହିନ୍ଦୁସ୍ତାନ ମତେ ସାହାଯ୍ୟ କରିବ । କିନ୍ତୁ ଏ ବଚନ ପୂରା କରାଗଲା ନାହିଁ ଓ ବର୍ତ୍ତମାନ ମଧ୍ୟ ସେ ବିଷୟରେ କିଛି କରାଯାଉନାହିଁ ।

ମୁଁ ତାଙ୍କୁ କହିଲି ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଲୋକମାନଙ୍କୁ ଜନମତ ଦ୍ୱାରା ସେମାନେ ଭାରତରେ ନା ପାକିସ୍ତାନରେ ରହିବାକୁ ଇଚ୍ଛା କରନ୍ତି, ସେ କଥା ନିର୍ଣ୍ଣୟ କରିବାକୁ ସୁବିଧା ଦିଆଯାଇଥିଲା । ସେଥିରେ ସେଠାର ଲୋକମାନେ ସ୍ୱୟଂ ପାକିସ୍ତାନରେ ରହିବାକୁ ଇଚ୍ଛା ପ୍ରକାଶ କଲେ । ଆପଣ ଓ ଆପଣଙ୍କ ଭାଇ ଡ଼. ଖାନ୍‌ସାହେବ ଜନମତ ବହିଷ୍କାର କରିଥିଲେ । ଆପଣ ବହିଷ୍କାର ନ କରିଥିଲେ ସମ୍ଭବତଃ ଆପଣଙ୍କୁ ବହୁମତ ମିଳିଥାନ୍ତା ଏବଂ ଆପଣଙ୍କୁ ପାକିସ୍ତାନରେ ରହିବାକୁ ପଡି ନଥାନ୍ତା ।

ସେ କହିଲେ, ''ଆମ ଭିତରେ ଲଢେଇ ଝଗଡା ଏଡାଇବାକୁ ମୁଁ ସେଥିରେ ଭାଗ ନେଇ ନଥିଲି ।'' ମୁଁ ତେବେ କହିଲି, ''ଏଥିରେ ଭଲା ଭାରତର ଦୋଷ କିପରି ହୋଇପାରେ ? ଏକଥା ସତ ଯେ ଆପଣଙ୍କୁ

Digitized by srujanika@gmail.com

ସାହାଯ୍ୟ କରିବାକୁ ଗାନ୍ଧିଜୀଙ୍କର ସେଠାକୁ ଯିବାର ଥିଲା । କିନ୍ତୁ ତାଙ୍କର ତ ସ୍ୱର୍ଗବାସ ହୋଇଗଲା । ସେଥିପାଇଁ ସେ ଯାଇପାରିଲେ ନାହିଁ । ସେନା ସାହାଯ୍ୟ କଥା ଆପଣ କହୁଛନ୍ତି । ମୁଁ ବୁଝିପାରୁ ନାହିଁ ଗାନ୍ଧିଜୀ ସେନା ପଠାଇବା କଥା କିପରି କହୁଥିଲେ । ଏହା ସ୍ପଷ୍ଟ ଯେ ଭାରତ ଏପରି ପାକିସ୍ତାନ ଉପରେ ସୈନିକ ଆକ୍ରମଣ କରିପାରିବ ନାହିଁ କାରଣ ଏହା କରିବା ଭାରତର ନୀତି ବିରୁଦ୍ଧ ଅଟେ । ତେଣୁ ଏଥିରେ ଆପଣଙ୍କର କାହିଁ କେଉଁଠି ଭୁ ଲ ବୁଝାମଣା ହୋଇଛି, ଏପରି ଆପଣଙ୍କୁ ଲାଗୁ ନାହିଁ ?'' ଏଇପରି ମୁଁ ବାଦ୍‌ସାହା ଖାଁଙ୍କୁ ବଡ ନମ୍ରତା ସହକାରେ ବୁଝାଇବାକୁ ଚେଷ୍ଟା କଲି । କିନ୍ତୁ ତା'ର ସମାଧାନ ମୁଁ କରିପାରିଲି ନାହିଁ ।

ସେ ମତେ ତାଙ୍କ ଗାଁକୁ ଯିବାକୁ କହିଲେ । ମୁଁ ପ୍ରସ୍ତୁତ ଥିଲି । ସେଠାକୁ ଯିବା ସମୟରେ ରାସ୍ତାରେ ବହୁତ କଥାବାର୍ତ୍ତା ହେଲା । ଗାଡ଼ିରେ ପାକିସ୍ତାନ ସରକାରଙ୍କ ଏକ ପ୍ରତିନିଧି ମଧ୍ୟ ଆମ ସାଙ୍ଗରେ ଥିଲେ । କିନ୍ତୁ ମୁଁ ଦେଖିଲି ତାଙ୍କ ଉପସ୍ଥିତିରେ ବାଦ୍‌ସାହା ଖାଁଙ୍କର କଥାରେ କୌଣସି କୁଣ୍ଠା ବା ଭୟ ନଥିଲା । ସେ ପୂରା ରାସ୍ତା ପାକିସ୍ତାନ ସରକାରଙ୍କର କଟୁ ଆଲୋଚନା କରି ଚାଲିଥିଲେ ଓ କହିଲେ, ''ଏ ସରକାର ମତେ କୌଣସି ପ୍ରକାର କାମ କରିବା ପାଇଁ ଅନୁମତି ଦେବାକୁ ଇଚ୍ଛୁକ ନୁହନ୍ତି -- ଏ କଥା ମୋର ପୂରା ବିଶ୍ୱାସ ହୋଇ ଯାଇଛି । ତେଣୁ ମୋ ପାଇଁ ତ କେବଳ ଜେଲ୍‌କୁ ଯିବା ରାସ୍ତା ରହିଗଲାଣି ।'' ଶେଷରେ ଆମ କଥାବାର୍ତ୍ତାର ଅଳ୍ପ ସମୟ ପରେ ତାଙ୍କୁ ଜେଲରେ ବନ୍ଦ କରି ଦିଆଗଲା ।

ରାସ୍ତାରେ ସେ ଏ କଥା କହିଥିଲେ ଯେ ତାଙ୍କର ସଂଗଠନ 'ଖୁଦାୟି ଖିଦ୍‌ମତଗାର' ସଂସ୍ଥାକୁ ପାକିସ୍ତାନ କିପରି ନଷ୍ଟ କରିଦେଲା । ମୁଁ ତାଙ୍କ ଗାଁରେ ପହଞ୍ଚି ଡ଼. ଖାନ ସାହେବଙ୍କ କବରରେ ଫୁଲମାଳ ଚଢାଇଲି ତା'ପରେ ବାଦ୍‌ଶାହ ଖାନଙ୍କୁ ତାଙ୍କ ଘରେ ପହଞ୍ଚାଇ ପେଶୱାର ଫେରିଗଲି ।

ପେଶୱାରରୁ ମୁଁ ଖାଇବର ଘାଟି ମଧ୍ୟ ଦେଖିବାକୁ ଗଲି । ସେଠାରେ ଲୋକେ କିପରି ପାହାଡ଼ ଉପରେ ରହୁଛନ୍ତି ଦେଖିଲି । ଦେଖିବା ବେଳେ ପଢିଥିବା ସମସ୍ତ ଏ ବିଷୟ ପ୍ରତ୍ୟକ୍ଷ ହୋଇଗଲା । ରାସ୍ତାରେ ତାଙ୍କର ଗୋଟିଏ ଦି'ଟା ସୈନିକ ଆଡ୍‌ଡା ଥିଲା, ମତେ ଦେଖାଇବାକୁ ନେଇଗଲେ । ଏ ସ୍ଥାନ ବଡ଼ ରମଣୀୟ ଥିଲା ଓ ମୁଁ ଦେଖିଲି ଯେ ଯେଉଁ ସମୟରେ ଆଧୁନିକ ସାଧନ ନଥିଲା ସେ ସମୟରେ ସେ ରାସ୍ତା ଦେଇ ଆସୁଥିବା ଲୋକମାନଙ୍କର ରାସ୍ତାରେ ରହିବା ପାଇଁ ସୁରକ୍ଷିତ ସ୍ଥାନ ମଧ୍ୟ ଥିଲା । ଏଇ ଗିରିପଥ ବାଟେ ମୁସଲମାନ ଓ ମୋଗଲମାନେ ଭାରତ ଆସି ଆକ୍ରମଣ କରୁଥିଲେ ।

ରାୱଲପିଣ୍ଡିରୁ ମୁଁ ତକ୍ଷଶୀଳା ଦେଖିବାକୁ ଗଲି । ପ୍ରାଚୀନ କାଳରେ ଏହା ଏକ ବଡ ବିଦ୍ୟାପୀଠ ଥିଲା । ବୌଦ୍ଧ କାଳର ଅବଶେଷ ସେଠାରେ ସୁରକ୍ଷିତ ଅଛି ଯାହା କି ଅନେକ ବର୍ଷରୁ ରଖାଯାଇଛି ।

ରାୱଲପିଣ୍ଡିରେ ପାକିସ୍ତାନର ପତ୍ରକାରମାନେ ମତେ ଭେଟିଥିଲେ । ସେମାନେ ଭାରତ ଓ ପାକିସ୍ତାନ ମିତ୍ରତା ବିଷୟରେ କଥାବାର୍ତ୍ତା କଲେ । ମୁଁ ତାଙ୍କୁ ବତାଇଲି ଯେ, ''ଭାରତ ତ ମିତ୍ରତା ପାଇଁ ଉତ୍ସୁକ ଅଛି । କିନ୍ତୁ ପାକିସ୍ତାନ ଯେତେଦିନ ପର୍ଯ୍ୟନ୍ତ ସେଥିପାଇଁ ପ୍ରସ୍ତୁତ ନ ହୋଇଛି, ସେ ପର୍ଯ୍ୟନ୍ତ ଭାରତ କେବଳ ଧୈର୍ଯ୍ୟ ଧରି ରହିବ ।'' କାଶ୍ମୀର ବିଷୟରେ ମଧ୍ୟ ପ୍ରଶ୍ନ କରାଗଲା କିନ୍ତୁ ମୁଁ ସ୍ପଷ୍ଟ ଭାବେ କହିଲି, ''କାଶ୍ମୀର ତ ଭାରତରେ କେବେଠାରୁ ମିଶି ସାରିଛି ।'' ଏଥିରେ ସେମାନେ କିଛି ନାରାଜ ତ ହେଲେ କିନ୍ତୁ ଦୀର୍ଘ ଅନୁଭୂତିରୁ ମୋର ହୃଦ୍‌ବୋଧ ହୋଇଛି ଯେ ଏପରି ବିଷୟରେ ସ୍ପଷ୍ଟତା ହିଁ ଲାଭପ୍ରଦ ଅଟେ ।

ପାକିସ୍ତାନର ଅର୍ଥ ମନ୍ତ୍ରୀ ଓ ବିଦେଶ ମନ୍ତ୍ରୀଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହେଲା ସେଥିରେ ସେମାନେ ମତେ କହିଲେ ଯେ ଦୁଇ ଦେଶ ମଧ୍ୟରେ ସମାଧାନ ପାଇଁ ସେମାନଙ୍କର ଯେତିକି ଆଶା ମୋ

Digitized by srujanika@gmail.com

ଉପରେ ଅଛି, ଜବାହରଲାଲଜୀଙ୍କ ଉପରେ ନାହିଁ । ମୁଁ ଦେଖିଲି ଯେ ଏହିପରି ସେମାନେ ଜବାହରଲାଲଜୀ ଓ ମୋ ଭିତରେ ଭେଦଭାବ ସୃଷ୍ଟି କରିବାକୁ ଚାହୁଁଛନ୍ତି । ତେଣୁ ମୁଁ କହିଲି, ‘‘ଭାରତରେ କେତେଲୋକ ଜବାହରଲାଲଜୀଙ୍କୁ ଖାଣ୍ଟି ରାଷ୍ଟ୍ରବାଦୀ ମୁସଲମାନ ବୋଲି ମାନନ୍ତି । ତାଙ୍କ ଉପରେ ଆପଣଙ୍କ ବିଶ୍ୱାସ ନଥିଲେ ମୋ ଉପରେ ଭଲା କିପରି ବିଶ୍ୱାସ ରଖିପାରିବେ ? ଏପରି କଥା ଆପଣ କହିବା ଉଚିତ ନୁହେଁ । ଏଥିରେ ସମ୍ପନ୍ଧ ଭଲ ଆଡ଼କୁ ନ ଯାଇ ବିଗିଡ଼ି ପାରିବ ।’’ ସେମାନେ ମୋ କଥା ବୁଝିଗଲେ ଓ ପୁଣି ଏ ପ୍ରକାର କଥା ଆଉ କହିଲେ ନାହିଁ ।

ଭାରତରୁ ପାକିସ୍ତାନ ଯାଇଥିବା କେତେକ ମୁସଲମାନ ମିତ୍ର କରାଚୀ ଓ ରାଓ୍ୱଲପିଣ୍ଡିରେ ମତେ ଦେଖା କରିଥିଲେ । କହୁ କହୁ ସେମାନେ କହିଲେ, ‘‘ଆପଣ ତ ବଡ଼ ଭାଇ, ଆମେ ସାନ ଭାଇ । ଏଥିପାଇଁ ଆମ ସହିତ ଆପଣଙ୍କର ଉଦାରତା ସହ ବ୍ୟବହାର କରିବା ଉଚିତ ।’’ ମୁଁ କହିଲି, ‘‘ଯଦି ଆପଣମାନେ ଭାରତକୁ ସତରେ ବଡ଼ଭାଇ ମାନୁଛନ୍ତି ତେବେ ବଡ଼ ଭାଇ ଆକଟ କଲେ ସାନ ଭାଇକୁ ତାହା ମାନି ନିଜକୁ ସୁଧାରିବା ଉଚିତ । ଏପରି ସମ୍ପନ୍ଧ ରହିଲେ ହିଁ ସାନଭାଇ ପ୍ରତି ବଡ଼ଭାଇ ଉଦାରତା ସହକାରେ ବ୍ୟବହାର କରିପାରେ । କିନ୍ତୁ ଯଦି ବଡ଼ଭାଇର ପକେଟମାର କରିବା ପାଇଁ ସାନଭାଇ ଚେଷ୍ଟା କରେ ଓ ସେଥିପାଇଁ ଖାଲି ଭାଇ ସାହେବ, ଭାଇ ସାହେବ କହୁଥାଏ ତେବେ ଏପରି ବଡଭାଇ ହେବାକୁ ଭାରତ ଇଚ୍ଛା କରେ ନାହିଁ ।’’ ରାଷ୍ଟ୍ରପତି ଆୟୁବ ଖାଁ ଓ ତାଙ୍କର ମନ୍ତ୍ରୀମାନଙ୍କୁ ମଧ୍ୟ ଏ ସମ୍ପନ୍ଧରେ ମୁଁ ସ୍ପଷ୍ଟ ଭାବେ କହିଥିଲି, ‘‘ସ୍ୱତନ୍ତ୍ରତା ଓ ଭାରତ ବିଭାଜନ ପୂର୍ବରୁ ମୁସ୍‌ଲିମଲିଗ୍‌କୁ ନିଜ ସହିତ ରଖିବା ପାଇଁ କଂଗ୍ରେସ ମୁସ୍‌ଲିମ ଲିଗ୍‌କୁ ବଡ଼ ଉଦାରତା ଦେଖାଇଥିଲା । କିନ୍ତୁ ମୁସ୍‌ଲିମ ଲିଗ୍ ଏହାର ଦୁରୁପଯୋଗ ହିଁ କରିଥିଲା । ମୁସଲମାନମାନେ ଏପରି କିଛି ବୁଝିବାକୁ ଲାଗିଲେ ଯେ କଂଗ୍ରେସ ସେମାନଙ୍କୁ ଡରେ ଓ ସେମାନେ ଯାହା ଇଚ୍ଛା କରିବେ ତା’ ପାଇ ପାରିବେ । ଏକଥା ସ୍ପଷ୍ଟ ଥିଲା ଯେ ଦୁହେଁ ଏକାଠି ହୋଇ କାମ କରିଥିଲେ, ସ୍ୱରାଜ ଶୀଘ୍ର ଓ ସୁଗମରେ ମିଳିପାରି ଥାଆନ୍ତା । ଏଥିପାଇଁ ମୁସଲମାନଙ୍କୁ ସାଥିରେ ନେବାପାଇଁ କଂଗ୍ରେସ ବହୁତ ତ୍ୟାଗ କରିଥିଲା ଓ ଅଲଗା ନିର୍ବାଚନ ପର୍ଯ୍ୟନ୍ତ ମାନି ନେଇଥିଲା କିନ୍ତୁ ମୁସଲିମ୍‌ଲିଗ ନେତାମାନେ ତା’ର ଓଲଟା ଅର୍ଥ ବାହାର କଲେ ଓ ମୁସଲମାନମାନଙ୍କ ମଧ୍ୟରେ ଏପରି ବିଷ ଖେଳେଇ ଦେଲେ ଯେ ଭାରତ ବିଭାଜନ ହୋଇଗଲା ।’’

ସେମାନଙ୍କୁ ଏକଥା ମଧ୍ୟ କହିଲି, ‘‘ବର୍ତ୍ତମାନ ମଧ୍ୟ ଆପଣ ଭାରତକୁ ଡରାଇ ଧମକାଇ ତା’ଠାରୁ କିଛି ପାଇବାକୁ ଚାହୁଁଥିଲେ ଏହା ଆପଣଙ୍କର ବଡ ଭ୍ରମ ହେବ ଏବଂ ଏ ନୀତିରେ ଆପଣ ପରିବର୍ତ୍ତନ ନକଲେ ଦୁଇ ଦେଶର ବହୁତ କ୍ଷତି ହେବ । ଆମ ସମସ୍ତଙ୍କର ପୂର୍ଣ୍ଣ ବିଶ୍ୱାସ ହୋଇଗଲାଣି ଯେ ଡରେଇ, ଧମକେଇ କିଛି ପାଇବା ନୀତି ବଡ ଭୁଲ ନୀତି ଏବଂ ଆମେ ନିଶ୍ଚୟ କରିଛୁ ଯେ ଆମେ ଏଥିରେ ପ୍ରଭାବିତ ହେବୁ ନାହିଁ । ଆପଣ ମିତ୍ରତା ପୂର୍ଣ୍ଣ ବ୍ୟବହାର କଲେ ଓ ଅଧିକାର ଓ ଦାବୀ ଛାଡି ଦେଇ ଆମର ସହାୟତା ଚାହିଁଲେ, ଆମର ଓ ଆପଣଙ୍କ ମଧ୍ୟରେ ଭଲ ସମ୍ପନ୍ଧ ହୋଇପାରିବ । କିନ୍ତୁ ଯେତେଦିନ ଯାଏ ଆପଣଙ୍କର ଡରାଇବା, ଧମକାଇବା ନୀତି ରହିବ ସେତେଦିନ ଯାଏ ମିତ୍ରତା ହେବା ମୁସ୍କିଲ । ଅତଃ ଆପଣ ଆପଣଙ୍କର ଏପରି ନୀତି ବଦଳାଇ, ଭାରତ ବିରୁଦ୍ଧରେ ପାକିସ୍ତାନ ଜନତାଙ୍କ ମଧ୍ୟରେ ଦ୍ୱେଷର ଯେଉଁ ତୀବ୍ର ଭାବନା ଉତ୍ପନ୍ନ କରାଯାଉଛି, ସେ ନୀତିକୁ ମଧ୍ୟ ବଦଳାଇବା ଉଚିତ । ଏହା ନିଃସନ୍ଦେହ ଯେ ଦୁଇ ଦେଶର ହିତ ଦୁହିଁଙ୍କ ମଧ୍ୟରେ ଭଲ ସମ୍ପନ୍ଧ ଉପରେ ନିର୍ଭର କରେ । ତେଣୁ ଦୁଇ ଦେଶକୁ ନିର୍ମଳ ହୃଦୟରେ ଜଣକୁ ଅନ୍ୟ ଜଣଙ୍କର ବନ୍ଧୁ ହେବା ଉଚିତ । ଏପରି ହେଲେ, ଦୁଇ ଦେଶ ସମୃଦ୍ଧ ହୋଇ ଏପରି ସୁଦୃଢ ହୋଇପାରିବେ ଯେ କୌଣସି ତୃତୀୟ ଦେଶ ସେମାନଙ୍କ ଆଡକୁ ତେଡା ଦୃଷ୍ଟିରେ ବି ଦେଖିପାରିବ ନାହିଁ ।’’

Digitized by srujanika@gmail.com

ମୁଁ ପାକିସ୍ତାନ ନେତାମାନଙ୍କୁ ଏକଥା ମଧ୍ୟ କହିଲି, ''ଆପଣଙ୍କ ଦେଶର ଯୁବକମାନେ ଯେତେବେଳେ କହିବୁଲୁଛନ୍ତି 'ହସିକରି ନେଲୁ ପାକିସ୍ତାନ, ଲଢିକରି ନେବୁ ହିନ୍ଦୁସ୍ତାନ', ଆପଣ ନିଜେ ଭାବନ୍ତୁ ଆପଣଙ୍କ ଉପରେ ବିଶ୍ୱାସ କରିବା କେତେ କଷ୍ଟକର ହୋଇଯାଉଛି ? କିନ୍ତୁ ଆପଣ ଏ କଥା ବୁଝିବା ଉଚିତ ଯେ ଭାରତକୁ ଆପଣ ଏପରି ହଇରାଣ କରିପାରିବେ ନାହିଁ । ଏକଥା ଆପଣ ଯେତେ ଶୀଘ୍ର ବୁଝିନେବେ, ସେତେ ଭଲ ହେବ କାରଣ ଏଥିରେ ଦୁଇ ଦେଶର ଲାଭ ହେବ । ଏକଥା ଭଲକରି ଜାଣି ନିଅନ୍ତୁ ଯେ ଭାରତ ନିଜର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ଶକ୍ତି ରଖିଛି ଓ ଏହା ସବୁବେଳେ ବଢୁଥିବ ।''

ମୋର ଏ କଥାର ସେମାନେ ବିରୋଧ କଲେ ନାହିଁ ଓ ମତେ ଲାଗିଲା ଯେ ଏହାର ମର୍ମ ସେମାନେ ବୁଝିପାରିଲେ । କିନ୍ତୁ ଖୋଲା ହୃଦୟରେ ସ୍ୱୀକାର କଲେ ନାହିଁ । ମୋ ମନରେ ଏହା ସିଦ୍ଧ ହୋଇଗଲା କି, ଯେତେବେଳେ ପାକିସ୍ତାନର ପୂରା ବିଶ୍ୱାସ ଆସିଯିବ ଯେ ଭାରତ ବହୁତ ସଶକ୍ତ ଦେଶ ଅଟେ ଓ ଏହାକୁ କୌଣସି ପ୍ରକାର ହଟାଇ ଦିଆଯାଇ ପାରିବ ନାହିଁ, ସେତେବେଳେ ପାକିସ୍ତାନ ସହିତ ଭାରତର ପ୍ରକୃତ ବନ୍ଧୁତା ସ୍ଥାପନ ହେବ । ଏହା ସହିତ ମୋ ମନରେ ଏକଥା ମଧ୍ୟ ସ୍ପଷ୍ଟ ଥିଲା ଯେ ପାକିସ୍ତାନ ସହିତ ବନ୍ଧୁତା ପାଇଁ ଭାରତ ସର୍ବଦା ଯତ୍ନ କରିବା ଉଚିତ କିନ୍ତୁ ବ୍ୟର୍ଥ ଖୋସାମତ ବା ପ୍ରଲୋଭନ ଦ୍ୱାରା ମିତ୍ରତା ଆସିପାରିବ ନାହିଁ । ଏପରି କଲେ ତାକୁ ଆହୁରି ଅଧିକ ଆକ୍ରମଣକାରୀ ହେବାକୁ ପ୍ରୋତ୍ସାହନ ମିଳିବ ।

ଆର୍ଥିକ ପ୍ରଶ୍ନର ସମାଧାନ ଚର୍ଚ୍ଚାରେ ମୁଁ କହିଲି, ''ଏ ମାମଲାରେ ମଧ୍ୟ ଆପଣ ଯେପରି ଭୁଲ ଦାବୀ କରି ଆସିଛନ୍ତି, ଏପରି ନୀତି ଆପଣଙ୍କର ରହିଲେ ମୁଁ ଭାବୁ ନାହିଁ ଯେ ଆମ ସମ୍ବନ୍ଧ ମଧୁର ହୋଇପାରିବ ।''

ମୁଁ ତାଙ୍କୁ ବୁଝାଇଲି ଯେ ସିନ୍ଧ୍ କ୍ଷେତ୍ରରେ ତିନି ନଦୀ ପାଣି ସମ୍ବନ୍ଧୀୟ ଯେଉଁ ବିବାଦ ଥିଲା, ସେଥିପାଇଁ ବିଶ୍ୱ ବ୍ୟାଙ୍କ ଯେଉଁ ରାଜିନାମା ତିଆରି କରିଥିଲା, ଆମେ ତାହା ସ୍ୱୀକାର କରିଥିଲୁ, ଏହା ପାକିସ୍ତାନ ପ୍ରତି ବିଶେଷ ଅନୁକୂଳ ହୋଇଥିଲେ ମଧ୍ୟ ଆମେ ଏଇଥି ପାଇଁ ମାନି ନେଇଥିଲୁ ଯେ ଏହାଦ୍ୱାରା ପାକିସ୍ତାନକୁ ଅନ୍ୟ ଦେଶରୁ ସହାୟତା ମିଳିବ ଓ ଆମେ ଭାବିଥିଲୁ ଯେ ଏଥିରେ ଦୁଇ ଦେଶ ମଧ୍ୟରେ ମିତ୍ରତା ଓ ସମାଧାନର ଆଶା ବଢିବ । ସେମାନେ ଇଚ୍ଛା ପ୍ରକାଶ କଲେ ଯେ ଏହି ରାଜିନାମାରେ ଦସ୍ତଖତ କରିବାକୁ ଜବାହରଲାଲଜୀ ପାକିସ୍ତାନ ଆସିଲେ ଭଲ ହେବ । ସେଥିପାଇଁ ଜବାହରଲାଲଜୀକୁ ବୁଝାଇ ରାଜି କରାଇବାକୁ ସେମାନେ ମତେ କହିଲେ । ମତେ ସ୍ପଷ୍ଟ ଜଣାପଡୁଥିଲା ଯେ ଏ ରାଜିନାମାରେ ହସ୍ତାକ୍ଷର ହେବା ପର୍ଯ୍ୟନ୍ତ ପାକିସ୍ତାନ ବୁଝାମଣା ଢଙ୍ଗ ଦେଖାଇବ କିନ୍ତୁ ହସ୍ତାକ୍ଷର ହୋଇଯିବା ପରେ ପୁଣି ସେଇ ପୁରୁଣା ନୀତି ଧରିବ ବରଂ ଆହୁରି ଅଧିକ ଧୃଷ୍ଟତା ଦେଖାଇବ । ତଥାପି ଆମକୁ ନିଜର ଧର୍ମ ପାଳନ କରିବା ଉଚିତ ଏବଂ ତାହା କୌଣସି ଭୟର ବଶବର୍ତ୍ତୀ ନ ହୋଇ । ଏକଥା ଭାବି, ତାଙ୍କର ଏ ଅନୁରୋଧ ସ୍ୱୀକାର କରିବାକୁ ମୁଁ ଜବାହରଲାଲଜୀଙ୍କୁ କହିଲି ଓ ତଦନୁସାରେ ସେ ସେଠାକୁ ଯାଇଥିଲେ ମଧ୍ୟ । କିନ୍ତୁ ମୁଁ ଯେପରି ଭାବିଥିଲି ତାହାହିଁ ହେଲା । ରାଜିନାମାରେ ହସ୍ତାକ୍ଷର ହେବା ପରେ ପାକିସ୍ଥାନର ନୀତି ଓ ଘମଣ୍ଡ ଓ ଲଢାଇ କରିବା ନିଶା ବଢିଗଲା -- ଏହା ଏକ ବାସ୍ତବ ଘଟଣା ଅଟେ ।

ରାୱଲପିଣ୍ଡିରୁ ମୁଁ ଲାହୋର ଗଲି । ସହର ଦେଖିବା ପରେ ସେଠାରୁ ସିଧା ମୋଟର ଗାଡିରେ ଅମୃତସର ଆସିଲି । ଏହିପରି ମୋ ପାକିସ୍ତାନ ଯାତ୍ରା ଶେଷ ହେଲା ।

Digitized by srujanika@gmail.com

(୨୦) ଶ୍ରୀ କୃଷ୍ଣ ମେନନ ତଥା ଜିପ୍ ବୃତ୍ତାନ୍ତ

ଆମର ସ୍ୱତନ୍ତ୍ରତା ସଂଗ୍ରାମ ସମୟରେ ଶ୍ରୀ କୃଷ୍ଣ ମେନନ୍ ଲଣ୍ଡନରେ ରହି ଭାରତ ସପକ୍ଷରେ ପ୍ରଚାର କରିଥିଲେ । ଏଥିରେ ଜବାହରଲାଲଜୀଙ୍କ ସହ ଭଲ ସମ୍ବନ୍ଧ ହୋଇଯାଇଥିଲା । ସେଇ କାରଣରୁ ଭାରତ ସ୍ୱତନ୍ତ୍ର ହେବା ପରେ ଶ୍ରୀ ମେନନ୍‌ଙ୍କୁ ଲଣ୍ଡନରେ ଭାରତର ଉଚ୍ଚାୟୁକ୍ତ (ହାଇ କମିଶନର) ନିଯୁକ୍ତ କରାଯାଇଥିଲା ।

ଶ୍ରୀ ମେନନ୍ ଲଣ୍ଡନରେ ଯେତେବେଳେ ହାଇକମିଶନର ଥିଲେ, ସେ ସମୟରେ -- ୧୯୫୧-୫୨ରେ -- ''ଜିପ୍ ସ୍କାଣ୍ଡାଲ'' ନାମକ ଏକ ବଡ ବିବାଦ ତାଙ୍କ ବିରୁଦ୍ଧରେ ଉଠିଥିଲା । ସେନାଙ୍କ ପାଇଁ ଜିପ୍ ଖରିଦ କରିବାକୁ ଗୋଟିଏ ଅର୍ଡର ଦିଆଯାଇଥିଲା । ଜିପ୍ ଖରିଦ କରିବା ସଉଦା ସେ ଏପରି ଏକ କମ୍ପାନୀ ସହିତ କରିଥିଲେ ଯାହାକି କେବଳ ଜଣେ ଦୁଇଜଣ ବ୍ୟକ୍ତିଙ୍କ ଦ୍ୱାରା ନାମମାତ୍ର ପୁଞ୍ଜିରେ ତିଆରି ହୋଇଥିଲା । ଏଇ ବ୍ୟକ୍ତିମାନଙ୍କ ଅଭିଯୋଗ ଥିଲା ଯେ ତାଙ୍କ ସହିତ ଏହି କାରବାରରେ କୃଷ୍ଣ ମେନନ୍‌ଙ୍କର କିଛି ସ୍ୱାର୍ଥ ଥିଲା । ସଂସଦରେ ଏ ମାମଲାରେ ବହୁତ ଚର୍ଚ୍ଚା ହେଲା । କିନ୍ତୁ ଜବାହରଲାଲଜୀ ନିଜ ବ୍ୟକ୍ତିତ୍ୱ ଦ୍ୱାରା ଏପଟ ସେପଟ କରି ଏହାକୁ ଦବାଇ ଦେଲେ । ତଥାପି, ଏହି କାରଣରୁ ଶେଷରେ ଶ୍ରୀକୃଷ୍ଣ ମେନନ୍‌ଙ୍କୁ ଲଣ୍ଡନରେ ଏ ପଦ ଛାଡିବାକୁ ପଡିଲା ଓ ଜିପ୍‌ର ଏ କାରବାର ବନ୍ଦ କରି ଦିଆଗଲା । ଶ୍ରୀ ମେନନ୍‌ଙ୍କ ସ୍ଥାନରେ ଶ୍ରୀ ବାଲାସାହେବ ଖେର ଲଣ୍ଡନରେ ଉଚ୍ଚାୟୁକ୍ତ ହୋଇଥିଲେ ।

ଜିପ୍ ସଉଦା ରଦ୍ଦ କରି, ସେ କମ୍ପାନୀ ଉପରେ ଭାରତ ସରକାର ମକଦ୍ଦମା ଚଳାଇଲେ । ସେ ମକଦ୍ଦମା କେତେ ବର୍ଷ ପର୍ଯ୍ୟନ୍ତ ଚାଲିଲା । ୧୯୬୦ରେ ଏହାର ଶୁଣାଣି ଆରମ୍ଭ ହେଲା । ଏଥିପାଇଁ ଆମ ତରଫର ଓକିଲ ଶ୍ରୀକୃଷ୍ଣ ମେନନ୍‌ଙ୍କ ପରାମର୍ଶରେ ରଖାଯାଇଥିଲା । ପ୍ରତିପକ୍ଷ ଭାରତ ସରକାରଙ୍କ ଉପରେ ଦଶ ହଜାର ପାଉଣ୍ଡ ଦାବି କରିଥିଲା । ୧୯୬୦ରେ ଯେତେବେଳେ ଶୁଣାଣି ଆରମ୍ଭ ହେଲା, ପ୍ରଥମେ ତ ପ୍ରତିପକ୍ଷ ଓକିଲ ବୁଝାମଣା କରିବାକୁ ଲେଖିଥିଲେ ଓ ସେଥିପାଇଁ କଥାବାର୍ତ୍ତା ଚାଲିଲା । ବୁଝାମଣାରେ ପ୍ରତିପକ୍ଷ କିଛି ଦେବାକୁ ଚାହୁଁ ନଥିଲେ । ଜବାହରଲାଲଜୀ, ପନ୍ଥଜୀ, ଆଇନ ମନ୍ତ୍ରୀ ଶ୍ରୀ ଅଶୋକ ସେନ ଓ ମୁଁ ଏ ବିଷୟରେ ଶ୍ରୀ ମେନନ୍‌ଙ୍କ ସହିତ କଥାବାର୍ତ୍ତା କରିଥିଲୁ । ଆମ୍ଭେମାନେ ସ୍ଥିର କଲୁ ଯେ ଶ୍ରୀ ମେନନ୍‌ଙ୍କୁ ଏ ମକଦ୍ଦମାରେ ସାକ୍ଷୀ ଦେବାକୁ ଯିବା ଦରକାର କାରଣ ଏ କାରବାରରେ ମୁଖ୍ୟ, ଦାୟିତ୍ୱଶୀଳ ବ୍ୟକ୍ତି ହୋଇଥିବାରୁ ତାଙ୍କ ସାକ୍ଷୀ ଉପରେ ମକଦ୍ଦମା ଜିତା ଯାଇପାରିବ । କିନ୍ତୁ ଶ୍ରୀ ମେନନ୍ ସାକ୍ଷୀ ଦେବାକୁ ଯିବା ପାଇଁ ମନା କଲେ । ତାଙ୍କର କହିବା କଥା ହେଲା ଭାରତରେ ସେ ଏକ ମନ୍ତ୍ରୀ ହୋଇଥିବାରୁ ନ୍ୟାୟାଳୟରେ ସାକ୍ଷୀ ଦେବାକୁ ଯିବା ଉଚିତ ହେବ ନାହିଁ (ସେ ସମୟରେ ସେ କେନ୍ଦ୍ରମନ୍ତ୍ରୀ ଥିଲେ) ।

ପନ୍ଥଜୀଙ୍କର ଓ ମୋର ମତ ଥିଲା ଯେ ଏକଥା ଠିକ୍ ନୁହେଁ । ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କର ମଧ୍ୟ କେତେ ମାମଲାରେ ସାକ୍ଷୀ ଦେବାର ଉଦାହରଣ ଅଛି । ଏପରି ଅବସ୍ଥାରେ ଶ୍ରୀ ମେନନ୍ ସାକ୍ଷୀ ନ ଦେବା କାରଣରୁ ଆମେ ହାରିଗଲେ ସରକାର ଓ ମନ୍ତ୍ରୀମଣ୍ଡଳର ପରିସ୍ଥିତି ବଡ ହାସ୍ୟାସ୍ପଦ ହେବ । ତେଣୁ ମୁଁ କହିଲି ଯେ ଶ୍ରୀ ମେନନ୍‌ଙ୍କୁ ସାକ୍ଷୀ ଦେବା ପାଇଁ ଯିବା ଉଚିତ । ଜବାହରଲାଲଜୀ ମଧ୍ୟ ଏକଥା ମାନିଲେ । ତେବେ ଯାଇ, ଆଦୌ ଇଚ୍ଛା ନଥିବା ସତ୍ତ୍ୱେ, ଶ୍ରୀ ମେନନ୍‌ଙ୍କୁ ଶେଷରେ ରାଜି ହେବାକୁ ପଡିଥିଲା ।

ଏହା ପୂର୍ବରୁ ବୁଝାମଣା ସମ୍ବନ୍ଧରେ ଯେଉଁ କଥାବାର୍ତ୍ତା ଚାଲୁଥିଲା, ସେ ଅନୁସାରେ ଭାରତକୁ ନିଜର ଦାବି ଛାଡି ଦେବାର ଥିଲା ଓ ତା'ଛଡା ଦଶହଜାର ପାଉଣ୍ଡ କ୍ଷତି ପୂରଣ ଦେବାର ଥିଲା । ତେଣୁ ଆମେ ସେ ବୁଝାମଣା ମାନି ନେବାକୁ ମନାକରି ଦେଇଥିଲୁ । ମୁଁ କହିଥିଲି କମ୍ପାନୀ ନିଜ ମକଦ୍ଦମା ଉଠାଇ ନେଲେ ଓ କ୍ଷତି

Digitized by srujanika@gmail.com

ପୂରଣ କଥା ଛାଡ଼ି ଦେଲେ ବୁଝାମଣା ହୋଇପାରେ । ମୁଁ, ପନ୍ଥଜୀ ଓ ଶ୍ରୀ ଅଶୋକ ସେନ୍‌ଙ୍କ ଏକମତ ଥିଲା ଓ ଜବାହରଲାଲଜୀ ମଧ୍ୟ ଆମ ସହ ଏକମତ ହୋଇଥିଲେ । ତଦନୁସାରେ ପ୍ରତିପକ୍ଷ ପାଖକୁ ଯେତେବେଳେ ପ୍ରସ୍ତାବ ପଠାଗଲା ସେ ଏପରି ବୁଝାମଣା କରିବାକୁ ମନାକଲା । ତାପରେ ସେଠାକାର ଓକିଲ କହିଲେ କି ବର୍ତ୍ତମାନ ମକଦ୍ଦମା ଚାଲିବ ଓ ଶ୍ରୀ କୃଷ୍ଣ ମେନନ୍ ସାକ୍ଷୀ ଦେବାକୁ ନ ଆସିଲେ ଆମ ଦାବି ପ୍ରମାଣିତ ହୋଇପାରିବ ନାହିଁ । ଏହାପରେ ମୁଁ ଶ୍ରୀ ମେନନ୍‌ଙ୍କୁ ସାକ୍ଷୀ ଦେବାକୁ ଯିବା ପାଇଁ ଆଗ୍ରହ କରିଥିଲି ଓ ତାଙ୍କୁ ମାନିବାକୁ ପଡ଼ିଥିଲା । କିନ୍ତୁ ତାପରେ ଶ୍ରୀ ମେନନ୍ ସାକ୍ଷୀ ଦେବାକୁ ଯିବା ପୂର୍ବରୁ କମ୍ପାନୀ ଆମର ପ୍ରଥମ ସର୍ତ୍ତ ମଞ୍ଜୁର କରିନେଲେ ଓ ଶ୍ରୀ ମେନନ୍‌ଙ୍କୁ ସାକ୍ଷୀ ପାଇଁ ଯିବାକୁ ପଡ଼ିଲା ନାହିଁ ।

ଆମ ଭିତରେ କଥାବାର୍ତ୍ତା ବେଳେ ମୁଁ ପନ୍ଥଜୀଙ୍କୁ କହିଥିଲି ଯେ ଆମେ ସର୍ତ୍ତ ଉପରେ ଅଟଳ ରହିଲେ ଓ ଶ୍ରୀ ମେନନ୍‌ଙ୍କୁ ଯିବାକୁ ପଡ଼ିଲେ, ଏକଥା ନିଶ୍ଚିନ୍ତ ଯେ ସେ ଯିବା ପାଇଁ ଏପଟ ସେପଟ କରିବେ ଓ ପ୍ରତିପକ୍ଷ ସହିତ ବୁଝାମଣା ନ କରି ରହିପାରିବେ ନାହିଁ । ଶେଷରେ ଏହାହିଁ ହେଲା । ଏପରି ନିଶ୍ଚିନ୍ତ ନୀତି ଆମେ ନ ଧରିଥିଲେ ସଂସଦରେ ଜବାବ ଦେବା ମୁସ୍କିଲ ହୋଇଯାଇ ଥାଆନ୍ତା । ଶ୍ରୀ ମେନନ୍‌ଙ୍କର କିଛି ହୋଇ ନଥାନ୍ତା କିନ୍ତୁ ମନ୍ତ୍ରୀମଣ୍ଡଳର ପ୍ରତିଷ୍ଠା ନଷ୍ଟ ହୋଇ ଯାଇଥାଆନ୍ତା । ପନ୍ଥଜୀଙ୍କର, ମୋର ଓ ଶ୍ରୀ ଅଶୋକ ସେନ୍‌ଙ୍କର ଏ ମାମଲାରେ ଏହି ବିଚାର ଥିଲା । ଜବାହରଲାଲଜୀଙ୍କୁ ସ୍ପଷ୍ଟ ଭାବେ ମୁଁ ଏହି ବିଚାର ବତାଇ ଥିଲି । ତେବେ ଯାଇ ଜବାହରଲାଲଜୀ ବାସ୍ତବତାକୁ ଅନୁଭବ କରି ଶ୍ରୀ ମେନନ୍‌ଙ୍କୁ ସାକ୍ଷୀ ଦେବାକୁ ଯିବାପାଇଁ କହିଥିଲେ ଓ ସେ ମନା କରିପାରି ନଥିଲେ । ଏଥିରୁ ସ୍ପଷ୍ଟ ହୋଇଗଲା ଯେ ଦରକାର ପଡ଼ିଲେ ଜବାହରଲାଲଜୀ ଶ୍ରୀ ମେନନ୍‌ଙ୍କ ଉପରେ ଚାପ ପକାଇ ପାରନ୍ତି ଓ ଶ୍ରୀ ମେନନ୍‌ଙ୍କୁ ତାଙ୍କ ଆଗରେ ମାନିବାକୁ ପଡୁଥିଲା ।

ଲଣ୍ଡନରେ ଭାରତୀୟ ଉଚ୍ଚାୟୁକ୍ତ ପଦରୁ ମୁକ୍ତି ପାଇ ଶ୍ରୀ କୃଷ୍ଣ ମେନନ୍ ଭାରତ ତରଫରୁ ଜବାହରଲାଲଜୀଙ୍କ ପ୍ରତିନିଧି ରୂପେ ଅନ୍ୟ ଦେଶରେ କାମ କରୁଥିଲେ ଓ ସଂଯୁକ୍ତ ରାଷ୍ଟ୍ରସଂଘକୁ ଏଇପରି ଭାବରେ ଯାଉଥିଲେ । କିନ୍ତୁ ଜବାହରଲାଲଜୀ ଯାହା କିଛି କହିଲେ ସେଥିରୁ ମତେ ଜଣା ପଡ଼ିଲା ଯେ ଶ୍ରୀ ମେନନ୍‌ଙ୍କର ଦେଶରେ ମନ୍ତ୍ରୀଭାବେ କାମ କରିବାକୁ ଇଚ୍ଛା ଥିଲା ।

୧୯୫୩-୫୪ରେ କଂଗ୍ରେସ କାର୍ଯ୍ୟ ସମିତି କାମରେ ମୁଁ ଦିଲ୍ଲୀ ଯାଇଥିଲି । ସେ ସମୟରେ ଜବାହରଲାଲଜୀ ଶ୍ରୀ ମେନନ୍‌ଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ନେବାର ଉପଯୋଗିତା ବିଷୟରେ ମୋ ସହିତ କଥାବାର୍ତ୍ତା କରିଥିଲେ । ମୁଁ କହିଲି, "ଶ୍ରୀ କୃଷ୍ଣ ମେନନ୍ ବହୁତ ବୁଦ୍ଧିମାନ କିନ୍ତୁ ତାଙ୍କର ଏକା କାମ କରିବା ଅଭ୍ୟାସ ଅଛି ଏବଂ ତାଙ୍କ ସ୍ୱଭାବରେ ଗୋଟିଏ ପ୍ରକାର ଏକଚାଟିଆ ଢଙ୍ଗ ମଧ୍ୟ ଅଛି । ଏଥିରୁ ମତେ ଜଣାପଡୁଛି ଯେ ସେ ଅନ୍ୟମାନଙ୍କ ସହିତ ମିଶି କାମ କରିପାରିବେ ନାହିଁ । ତେଣୁ ଆପଣ ସେ ଯେଉଁଠି ଏକା କାମ କରିପାରିବେ, ସେପରି ଜାଗାରେ ରଖିଲେ ଠିକ୍ ହେବ । ମନ୍ତ୍ରୀମଣ୍ଡଳରେ ତ ସେ ବିରୋଧୀ ଭାବ ଉତ୍ପନ୍ନ କରିବେ, ମତେ ଏପରି ଲାଗୁଛି ।" ସେତେବେଳେ ମତେ ଲାଗିଲା କି ଜବାହରଲାଲଜୀଙ୍କୁ ମୋ ପରାମର୍ଶ ପସନ୍ଦ ହେଲା ଓ ସେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ନେବା କଥା ଛାଡ଼ିଦେଲେ ।

ତଥାପି ଜବାହରଲାଲଜୀ ୧୯୫୬ରେ ଶ୍ରୀ ମେନନଙ୍କୁ ମନ୍ତ୍ରୀମଣ୍ଡଳରେ ନେବା ପାଇଁ ନିଶ୍ଚୟ କଲେ । ପନ୍ଥଜୀ ସେଥିରେ ସହମତି ପ୍ରଦାନ କଲେ । କିନ୍ତୁ ମୌଲାନା ଆଜାଦ ବିରୋଧ କରିଥିଲେ । ଶ୍ରୀ କୃଷ୍ଣ ମେନନଙ୍କ ନିଯୁକ୍ତି ପତ୍ର ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ପାଖକୁ ପଠାଇ ଦେବାପରେ ତା'ର ପ୍ରତିଲିପି ମୌଲାନା ସାହେବଙ୍କୁ ମିଳିଥିଲା । ସେ ସମୟରେ ମୌଲାନା ସାହେବ ଏହାର ତୀବ୍ର ବିରୋଧ କରିଥିଲେ ଏବଂ ଏ ଧମକ ମଧ୍ୟ ଦେଇଥିଲେ ଯେ ଏପରି ହେଲେ ସେ ତ୍ୟାଗପତ୍ର ଦେଇଦେବେ ।

Digitized by srujanika@gmail.com

ଏହି ସମୟରେ କାର୍ଯ୍ୟ ସମିତି ବୈଠକ ପାଇଁ ବା ଅନ୍ୟ କୌଣସି କାମ ପାଇଁ ମୁଁ ଦିଲ୍ଲୀ ଆସିଥିଲି । ସେତେବେଳେ ମୌଲାନା ସାହେବ ଏ କଥା ମତେ କହିଲେ, ତେବେ ଯାଇ ମତେ ଏ ଖବର ମିଳିଲା । ଜବାହରଲାଲଜୀ ଏହା ପୂର୍ବରୁ ମୋ ସହିତ କୌଣସି କଥା ହୋଇ ନଥିଲେ । ମୌଲାନା ସାହେବ ଏ ସବୁ ମତେ ବତାଇ କରି ଏ ବିଷୟରେ ମୋ ରାୟ ପଚାରିଲେ କି ସେ ଯାହା କରିଛନ୍ତି ତାହା ଠିକ୍ କି ନୁହେଁ । ମୁଁ ତାଙ୍କୁ କହିଲି, ''ଆପଣଙ୍କୁ ଯଦି ଲାଗୁଛି ଯେ ଶ୍ରୀ କୃଷ୍ଣ ମେନନ 'ଜିପ୍ ସ୍କାଣ୍ଡାଲ' ମାମଲାରୁ ମୁକ୍ତ ହୋଇ ନାହାଁନ୍ତି ଓ ମନ୍ତ୍ରୀ ମଣ୍ଡଳରେ ଅନ୍ୟ ମନ୍ତ୍ରୀମାନଙ୍କ ସହିତ ମିଳିମିଶି କାମ କରିପାରିବେ ନାହିଁ, ସେଥିପାଇଁ ତାଙ୍କୁ ମନ୍ତ୍ରୀ ମଣ୍ଡଳରେ ନେବା ଉଚିତ ନୁହେଁ, ତେବେ ଆପଣ ଯାହା କରିଛନ୍ତି ତାହା ଠିକ୍ ଅଟେ ।'' ଏ ବିଷୟରେ ତାଙ୍କୁ ବୁଝାଇବା ପାଇଁ ଜବାହରଲାଲଜୀଙ୍କ ପ୍ରଯତ୍ନ ପୂରାମାତ୍ରାରେ ସଫଳ ହୋଇପାରି ନଥିଲା ।

କାର୍ଯ୍ୟ ସମିତି ବୈଠକ ପରେ ବିଧାନ ବାବୁ (ଡ଼ା. ବିଧାନ ଚନ୍ଦ୍ର ରାୟ), ମୁଁ, ଜବାହରଲାଲଜୀ ଓ ପନ୍ଥଜୀ ବସିଥିଲୁ । ଏଇ ସମୟରେ ପନ୍ଥଜୀ ଶ୍ରୀ ମେନନଙ୍କୁ ମନ୍ତ୍ରୀ ମଣ୍ଡଳରେ ନେବା କଥା କହିଲେ ଓ ମୌଲାନା ସାହେବଙ୍କୁ ବୁଝାଇବା ପାଇଁ ମୋ ସାହାଯ୍ୟ ମାଗିଲେ । ସେତେବେଳେ ମୁଁ ଜବାହରଲାଲଜୀଙ୍କୁ କହିଥିଲି, ''ବିଧାନବାବୁ ଓ ମୁଁ ଏ ବିଷୟରେ ମୌଲାନା ସାହେବଙ୍କୁ ବୁଝାଇ ପାରିବୁ ନାହିଁ କାରଣ ଆମକୁ ସ୍ୱୟଂ ମୌଲାନା ସାହେବଙ୍କ ବକ୍ତବ୍ୟ ଠିକ୍ ଜଣା ପଡୁଛି ଏବଂ ଜଣାପଡୁଛି ଯେ ଶ୍ରୀ ମେନନଙ୍କୁ ମନ୍ତ୍ରୀମଣ୍ଡଳରେ ନେଲେ ଆପଣଙ୍କୁ ବିରୋଧୀ ଦଳଙ୍କୁ ସମ୍ମୁଖୀନ କରିବାକୁ ପଡିବ ।'' ଏଣୁ ଆମେ ଦୁହେଁ ମୌଲାନା ସାହେବଙ୍କୁ ବୁଝାଇବା ପାଇଁ କୌଣସି ପ୍ରଯତ୍ନ କରିଲୁ ନାହିଁ । ପନ୍ଥଜୀ ସ୍ୱୟଂ ମଧ୍ୟ ମେନନଙ୍କ ସପକ୍ଷରେ ନଥିଲେ । କିନ୍ତୁ ଜବାହରଲାଲଜୀଙ୍କ ପ୍ରଭାବରୁ ସେ ତାଙ୍କ କଥାର ବିରୋଧ କରି ନ ପାରି ତାଙ୍କ ସପକ୍ଷରେ ଥିଲେ ଓ ମୌଲାନା ସାହେବଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ । ଶେଷରେ ଶ୍ରୀ ମେନନ ବିଭାଗହୀନ ମନ୍ତ୍ରୀ ହେଲେ ଯେଉଁଥି ପାଇଁ ମୌଲାନା ସାହେବ ସମ୍ମତି ଦେଇଥିଲେ । ଏହିପରି ଶ୍ରୀ ମେନନ ମନ୍ତ୍ରୀମଣ୍ଡଳରେ ଯୋଗ ଦେଲେ । ୧୯୫୭ ନିର୍ବାଚନ ପରେ ନୂଆ ମନ୍ତ୍ରୀମଣ୍ଡଳ ନିର୍ମାଣ ବେଳେ ରକ୍ଷା ମନ୍ତ୍ରୀ ଭାବରେ ସେ ନିଯୁକ୍ତ ହେଲେ ।

ଏହି ସମୟରେ, ବମ୍ବେ ଛାଡ଼ିବା ପରେ, ମୁଁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଥିଲି । ସେଠାରେ ମୁଁ ଦେଖିଲି ଯେ, ଆଗେ ଯେତେବେଳେ ଜବାହରଲାଲଜୀ ଓ ମୌଲାନା ସାହେବଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିଲା, ଜବାହରଲାଲଜୀ ପ୍ରତ୍ୟେକ ବିଷୟରେ ମୌଲାନା ସାହେବଙ୍କ ସହିତ ପରାମର୍ଶ କରୁଥିଲେ ଓ ଅନେକ ଥର ତାଙ୍କ କଥା ମାନୁଥିଲେ ମଧ୍ୟ । କିନ୍ତୁ ଯେଉଁ ସମୟରେ ସେ ଶ୍ରୀ ମେନନଙ୍କୁ ମନ୍ତ୍ରୀମଣ୍ଡଳରେ ନେବାର ବିରୋଧ କରିଥିଲେ, ସେହି ସମୟରୁ ଦୁଇଜଣଙ୍କ ମଧ୍ୟରେ ସେ ଘନିଷ୍ଠ ସମ୍ବନ୍ଧ ନଥିଲା । ବାହାରୁ ସମ୍ବନ୍ଧ ବିଗିଡି ଥିବା ଜଣା ପଡୁ ନଥିଲା କିନ୍ତୁ ବର୍ତ୍ତମାନ ଜବାହରଲାଲଜୀ ପୂର୍ବ ପରି ମୌଲାନା ସାହେବଙ୍କ ପରାମର୍ଶ ନେଉ ନଥିଲେ ଓ କେତେଥର ତାଙ୍କ ଉପରେ ଟିପ୍ପଣୀ କରୁଥିଲେ, ଆଗେ ଏପରି କେବେ ହେଉ ନଥିଲା । ଜବାହରଲାଲଜୀଙ୍କ ସ୍ୱଭାବରେ ପରିବର୍ତ୍ତନ ମତେ ପ୍ରଥମ ଥର ପାଇଁ ଜଣାପଡ଼ିଲା ।

ଜବାହରଲାଲଜୀଙ୍କ ବିଷୟରେ ପ୍ରଥମେ ମୋର ଧାରଣା ଥିଲା ଯେ ସାଧାରଣତଃ ସେ ନିଜର ବିରୋଧ କରିବାବାଲାଙ୍କ ପ୍ରତି ମନରେ କୌଣସି ଦୁର୍ଭାବନା ରଖୁନଥିଲେ । ଖାଲି ଏତିକି ନୁହେଁ ସେ ବିରୋଧର ସ୍ୱାଗତ କରୁଥିଲେ । କିନ୍ତୁ ମୌଲାନା ସାହେବଙ୍କ ସହିତ ତାଙ୍କ ସମ୍ବନ୍ଧ ଯେପରି ବିଗିଡ଼ି ଗଲା, ତାକୁ ଦେଖି ମତେ ଲାଗିଲା ଯେ ଜବାହରଲାଲଜୀ ଯାହା କରିବାକୁ ଇଚ୍ଛା କରୁଥିଲେ, ତାହାର କେହି ବିରୋଧ କଲେ, ସେ ନା ବିରୋଧ ସହ୍ୟ କରିପାରୁ ଥିଲେ ନା ତାହା ଭୁଲି ପାରୁଥିଲେ । ନିଜର ଏ ନାରାଜୀକୁ ସେ ବାହାରେ ବ୍ୟକ୍ତ କରୁନଥିଲେ କିନ୍ତୁ ତା'ର ଫଳ ପରୋକ୍ଷରେ ଜଣା ପଡୁଥିଲା ।

Digitized by srujanika@gmail.com

ରକ୍ଷା ମନ୍ତ୍ରୀ ହିସାବରେ ଶ୍ରୀ ମେନନ ରକ୍ଷା ବିଭାଗ ତରଫରୁ ପୂନାରେ ମେଡ଼ିକାଲ କଲେଜ ଖୋଲିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ, ଯାହାର ମୁଁ ବିରୋଧ କରିଥିଲି । କାରଣ ମୋ ବିଚାରରେ ରକ୍ଷା ବିଭାଗ ଏ ଦାୟିତ୍ୱ ନେବା ଉଚିତ ନୁହେଁ । ଶ୍ରୀ ମେନନ ସାଧାରଣ ନାଗରିକ ଉପଯୋଗୀ ଅନେକ ଜିନିଷ ରକ୍ଷା ବିଭାଗରେ ତିଆରି କରୁଥିଲେ -- ଏ କଥା ବି ମତେ ଠିକ ଲାଗୁନଥିଲା । ସେ ଏ ସବୁ ନ କରିଥିଲେ ଦେଶର ଅଧିକ ଲାଭ ହୋଇଥାନ୍ତା, ଏଥିରେ ମୋ ମନରେ କୌଣସି ଆଶଙ୍କା ନଥିଲା । କିନ୍ତୁ ସେଥିରେ ଜବାହରଲାଲଜୀଙ୍କ ସମର୍ଥନ ଥିବାରୁ ସମସ୍ତେ ସେଥିରେ ରାଜି ହେଉଥିଲେ; ମେଡ଼ିକାଲ କଲେଜ ସମ୍ବନ୍ଧୀୟ ପ୍ରସ୍ତାବ ପ୍ରତିବର୍ଷ ସ୍ଥଗିତ ରହୁଥିଲା । କିନ୍ତୁ ଶେଷରେ ଜବାହରଲାଲଜୀ ଏ ବିଷୟରେ ଆଗ୍ରହ ପ୍ରକାଶ କଲେ ଓ ସେଥିପାଇଁ ମୁଁ ମୋର ବିରୋଧ ଛାଡ଼ିଦେଲି । କାରଣ ଜବାହରଲାଲଜୀ ଏ ବିଷୟରେ ନିଜର ନିଶ୍ଚିନ୍ତ ନିର୍ଣ୍ଣୟ ଘୋଷଣା କରିଦେଇଥିଲେ । ଏପରି ବିଷୟରେ କଳିକରି ମନ୍ତ୍ରୀ ମଣ୍ଡଳରୁ ଅଲଗା ହୋଇଯିବା ମୋତେ ଠିକ ଲାଗିଲା ନାହିଁ କାରଣ ଏଥିରେ କୌଣସି ଲାଭ ହେବାର ସମ୍ଭାବନା ନଥିଲା ।

୧୯୫୭ ସାଧାରଣ ନିର୍ବାଚନରେ ଶ୍ରୀ କୃଷ୍ଣ ମେନନଙ୍କୁ ବମ୍ବେରୁ କଂଗ୍ରେସ ତରଫରୁ ଛିଡ଼ା କରିବାର ବିରୋଧ କରାଯାଇଥିଲା । ସେ ସମୟରେ ଅନେକ ଲୋକ ତାଙ୍କୁ ସେଠାରୁ ଛିଡ଼ା କରିବାର ବିରୋଧ କରିଥିଲେ । କିନ୍ତୁ ଶ୍ରୀ ଏସ୍. କେ. ପଟିଲ ତାଙ୍କୁ ସେଠାରେ ଛିଡ଼ା କରିବାକୁ ରାଜି ହୋଇଥିଲେ ଓ ନିର୍ବାଚନରେ ତାଙ୍କୁ ବହୁତ ସାହାଯ୍ୟ ମଧ୍ୟ କରିଥିଲେ । ସେଥିଯୋଗୁଁ ଶ୍ରୀ ମେନନ ସେଠାରେ ନିର୍ବାଚନରେ ବିଜୟୀ ହୋଇଥିଲେ । ଶ୍ରୀ ପଟିଲ ତାଙ୍କୁ ସେଠାରୁ ଛିଡ଼ା କରିବା ମଞ୍ଜୁର କରି ନଥିଲେ, ତାଙ୍କ ପାଇଁ ଅନ୍ୟ କୌଣସି ଗୋଟିଏ ଜାଗା ପାଇବା କଷ୍ଟକର ହୋଇଥା'ନ୍ତା ଓ ଶ୍ରୀ ପଟିଲ ସାହାଯ୍ୟ କରି ନଥିଲେ ନିର୍ବାଚନରେ ଜିତିବା ତାଙ୍କ ପକ୍ଷରେ କଷ୍ଟସାଧ୍ୟ ହୋଇଥା'ନ୍ତା ।

କିନ୍ତୁ ନିର୍ବାଚନ ପରେ ଶ୍ରୀ ପଟିଲଙ୍କର ଏ ସାହାଯ୍ୟ ବଦଳରେ ଶ୍ରୀ ମେନନ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର ରଚନା କରିଥିଲେ । ଏଥିରୁ ଶ୍ରୀ ପଟିଲ ଓ ଶ୍ରୀ ମେନନଙ୍କ ସମ୍ବନ୍ଧ ବିଗିଡ଼ିବାକୁ ଲାଗିଲା । ଏ କଥା ସତ ଯେ ଶ୍ରୀ ମେନନ ଜାତି ସଂଘରେ ପାକିସ୍ତାନୀ ମିଥ୍ୟା ପ୍ରଚାରର ଯେପରି ପରଦା ଉଠାଇ ଦେଇଥିଲେ ଓ ଭାରତ ପାଇଁ ଯେପରି ଟାଣୁଆ ଯୁକ୍ତି ବାଢ଼ିଥିଲେ ସେଥିରୁ ଦେଶବାସୀମାନଙ୍କ ମନରେ ତାଙ୍କ ପ୍ରତି ଆଦର ଭାବନା ଜନ୍ମ ହୋଇଥିଲା । କିନ୍ତୁ ପରେ ସେ ଚୀନ ପ୍ରତି ଯେଉଁ ଖାମଖିଆଲି ଭାବ ଦେଖାଇଲେ ସେଥିରେ ତାଙ୍କ ପ୍ରତି ଲୋକମାନଙ୍କ ମନରେ ଅସନ୍ତୋଷ ଭାବନା ବହୁତ ଜୋରରେ ଦେଖାଯାଇଥିଲା । ଶେଷରେ ୧୯୬୨ରେ ଚୀନ ଦ୍ୱାରା ଆମ ଉପରେ କରାଯାଇଥିବା ନିର୍ଲଜ୍ଜ ଆକ୍ରମଣ ପରେ, ଲୋକମତ ଦାବିରେ ଶ୍ରୀ ମେନନଙ୍କୁ ମନ୍ତ୍ରୀପଦ ଛାଡ଼ିବାକୁ ପଡିଥିଲା । ଏହା ପୂର୍ବରୁ ୧୯୬୨ରେ ସାଧାରଣ ନିର୍ବାଚନରେ ତାଙ୍କୁ ବମ୍ବେରୁ କଂଗ୍ରେସ ପ୍ରାର୍ଥୀ କରାଯାଇଥିଲା ଓ ନିର୍ବାଚନରେ ଜିତି ବି ଯାଇଥିଲେ କିନ୍ତୁ ତା'ପରେ ୧୯୬୭ ନିର୍ବାଚନରେ ଶ୍ରୀ ପଟିଳ ତାଙ୍କୁ କଂଗ୍ରେସ ପ୍ରାର୍ଥୀ କରାଇ ଦେଲେ ନାହିଁ । ସେତେବେଳେ ଶ୍ରୀ ମେନନ କଂଗ୍ରେସ ଛାଡ଼ି ସ୍ୱତନ୍ତ୍ର ପ୍ରାର୍ଥୀ ରୂପେ କଂଗ୍ରେସ ବିରୁଦ୍ଧରେ ଛିଡା ହୋଇଥିଲେ । କଂଗ୍ରେସ ପ୍ରତି ସେ କେତେଦୂର ବିଶ୍ୱସ୍ତ ଥିଲେ ତାହା ଏଥିରୁ ସ୍ପଷ୍ଟ ହୁଏ ।

ଏଇ ନିର୍ବାଚନରେ ଶ୍ରୀ ମେନନ ହାରିଗଲେ ଓ ତାଙ୍କ ବିରୋଧୀ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଏସ୍. ଜି. ବର୍ଭେ ବିଜୟୀ ହୋଇଥିଲେ କିନ୍ତୁ ନିର୍ବାଚନର କିଛିଦିନ ପରେ ଶ୍ରୀ ବର୍ଭେଙ୍କର ମୃତ୍ୟୁ ହୋଇଗଲା । ଶ୍ରୀ ବର୍ଭେଙ୍କ ମୃତ୍ୟୁ ଦ୍ୱାରା ଖାଲି ହୋଇଥିବା ସ୍ଥାନରୁ ଶ୍ରୀ ମେନନ ପୁଣି ଛିଡ଼ା ହେଲେ କିନ୍ତୁ କଂଗ୍ରେସ ଶ୍ରୀ ବର୍ଭେଙ୍କ ଭଉଣୀଙ୍କୁ କଂଗ୍ରେସ ପ୍ରାର୍ଥୀ ହିସାବରେ ଛିଡ଼ା କରାଇଥିଲେ ଓ ସେ ସମ୍ପୂର୍ଣ୍ଣ ନୂଆ ପ୍ରାର୍ଥୀ ହୋଇ ସୁଦ୍ଧା ଶ୍ରୀ ମେନନଙ୍କୁ ହରାଇ ଦେଇଥିଲେ । ଏହାପରେ ଶ୍ରୀ ମେନନ, ସାମ୍ୟବାଦୀମାନଙ୍କ ସହାୟତାରେ ବଙ୍ଗଳାରେ ଏକ ଉପ ନିର୍ବାଚନରେ

Digitized by srujanika@gmail.com

ନିର୍ବାଚିତ ହେଲେ । ତାଙ୍କର ରୀତି-ନୀତି ବେଶି କିଛି ଚରମପନ୍ଥୀଙ୍କ ଭଳି ଥିଲା ଓ ଅନେକଙ୍କର ଧାରଣା ଯେ ସେ ସାମ୍ୟବାଦୀମାନଙ୍କର ପୃଷ୍ଠପୋଷକ ଥିଲେ ।

୧୯୫୬ ଶେଷକୁ ଶ୍ରୀ ମେନନ ମନ୍ତ୍ରୀମଣ୍ଡଳରେ ଯୋଗଦେଲେ । ଏହାପୂର୍ବରୁ ଶ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଯାହାର କାରଣ ଏକ ରେଳ ଦୁର୍ଘଟଣା ବୋଲି କୁହାଯାଉଥିଲା । ଏପରି ଦୁର୍ଘଟଣା ପ୍ରଥମ ଥର ପାଇଁ ଘଟି ନଥିଲା, ଆଗରୁ ହୋଇଥିଲା ଓ ପରେ ହୋଇ ଆସୁଛି । କିନ୍ତୁ ଶ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ଲାଗିଲା ଯେ ରେଳ ଦୁର୍ଘଟଣା ବନ୍ଦ ନକରି ପାରିବା ଦୋଷ ରେଳ ବିଭାଗକୁ ସ୍ୱୀକାର କରିବା ଉଚିତ । ଏହାକହି ସେ ତ୍ୟାଗପତ୍ର ଦେଇଥିଲେ ଓ ଜବାହରଲାଲଜୀ ତାହା ସ୍ୱୀକାର ମଧ୍ୟ କରିଥିଲେ । ଏଥିରେ ଶ୍ରୀ ଶାସ୍ତ୍ରୀଙ୍କର ପ୍ରତିଷ୍ଠା ବଢିଗଲା । କିନ୍ତୁ ମତେ ସେତେବେଳେ ଲାଗିଲା ଯେ ସେ କେବଳ ନିଜର ପ୍ରତିଷ୍ଠା ବଢାଇବାକୁ ଏପରି କରିଥିଲେ କାରଣ ଦୁର୍ଘଟଣାର ଦାୟିତ୍ୱ ତାଙ୍କ ଉପରେ ନ ଥିଲା । ଏହିପରି ମନ୍ତ୍ରୀମାନେ ତ୍ୟାଗ ପତ୍ର ଦେବାକୁ ଲାଗିଲେ ଓ ଏପରି ନିୟମ ତିଆରି ହେଲେ କୌଣସି ମନ୍ତ୍ରୀ କିଛି ସମୟ ପାଇଁ କାମ କରିପାରିବେ ନାହିଁ । ଅତଃ ମତେ ଲାଗିଲା ଯେ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ଚତୁର ରାଜନୀତିଜ୍ଞ ଥିଲେ ଓ କେବଳ ନିଜର ରାଜନୈତିକ ପ୍ରତିଷ୍ଠା ବଢାଇବା ପାଇଁ ସେ ଏପରି କାମ କରିଥିଲେ ।

(୨୧) ରୁଷ ଯାତ୍ରା

୧୯୫୯ ମସିହା ଶେଷ ଆଡକୁ, ରୁଷ ରାଜଦୂତ ଶ୍ରୀ ବେନିଡିକ୍ଟୋଭ, ମୋ ସହିତ ଭେଟ ହେବାବେଳେ ମତେ କହିଲେ, ‘‘ବିଶ୍ୱ ବ୍ୟାଙ୍କ ବୈଠକକୁ ଯିବାବେଳେ ଆପଣ ରୁଷ ହୋଇ କାହିଁକି ଯାଉ ନାହାନ୍ତି ?’’ ତା’ ସହିତ ଏକଥା ବି ପଚାରିଥିଲେ, ‘‘ବର୍ତ୍ତମାନ ତ ମସ୍କୋରୁ ଲଣ୍ଡନ ବିମାନ ସେବା ଆରମ୍ଭ ହୋଇଗଲାଣି ଓ ସେଠାରୁ ଆୟାରଲାଣ୍ଡ ରୁଟରେ ୱାଶିଂଟନ ପର୍ଯ୍ୟନ୍ତ ଯିବା ପାଇଁ ମଧ୍ୟ ବାୟୁ ଯାତ୍ରା ଆରମ୍ଭ ହୋଇଗଲାଣି; ତେବେ ଆପଣ ଏ ବାଟରେ କାହିଁକି ଯାଉନାହାନ୍ତି ?’’ ମୁଁ କହିଲି, ‘‘ଏପରି ତେଡାମେଡା ବାଟରେ ମୁଁ କୌଣସି ଦେଶକୁ ଯିବାକୁ ଚାହେଁ ନାହିଁ, କୌଣସି ଦେଶ ବା ରାଜ୍ୟକୁ ବିନା ନିମନ୍ତ୍ରଣରେ ମୁଁ ଯାଏ ନାହିଁ । ଭ୍ରମଣ କରିବା ପାଇଁ ମୋର ବିଶେଷ ଇଚ୍ଛା ନାହିଁ ଓ ଦର୍ଶନୀୟ ସ୍ଥାନ ଦେଖିବା ଲାଳସା ମଧ୍ୟ ନାହିଁ । କିନ୍ତୁ ମୁଁ ମାନୁଛି ଯେ ଯଦି ମୋ ଯିବାରେ ମିତ୍ରତା ବଢିବ ଓ ଆମ ଦେଶ ସହିତ ସେ ଦେଶର ସମ୍ବନ୍ଧ ଭଲ ହୋଇପାରିବ, ତେବେ ସେଥିରେ ମତେ ସହାୟତା କରିବା ଉଚିତ । ଏହା ମୋର ପରମ ଧର୍ମ ଅଟେ । ଅତଃ ରୁଷରୁ ନିମନ୍ତ୍ରଣ ମିଳିବା ପରେ ହିଁ ମୁଁ ସେଠାକୁ ଯାଇପାରିବି ।’’ ଏହାପରେ ସେ କହିଲେ, ‘‘ଏ ତ ବହୁତ ସହଜ ।’’ ମୁଁ କହିଲି, ‘‘ଏ ତ ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ । ମତେ ଏ ବିଷୟରେ ଆପଣଙ୍କୁ କିଛି କହିବାର ନାହିଁ ।’’ ଏହାପରେ ରୁଷ ବିଦେଶ ମନ୍ତ୍ରୀ ଭାରତ ଆସିଲେ । ସେ ରୁଷ ଯିବା ପାଇଁ ମତେ ଆମନ୍ତ୍ରିତ କଲେ ।

୧୯୬୦ ମସିହା ଆରମ୍ଭରେ ଶ୍ରୀ କୃଶ୍ଚେଭ ଭାରତ ଆସିଥିଲେ ଓ ସେ ମଧ୍ୟ ମତେ ରୁଷ ଯିବାପାଇଁ ବହୁତ କରି କହିଥିଲେ । ବମ୍ୱେରେ ୧୯୫୫ ଶେଷ ଭାଗରେ ଯେତେବେଳେ ମୋର ତାଙ୍କ ସହିତ ପ୍ରଥମେ ଆଳାପ ପରିଚୟ ହୋଇଥିଲା, ମୁଁ ଯେପରି ଆଗରୁ କହିସାରିଛି, ମୋ ଆଗରେ ସେ ମସ୍କୋ ଯିବା ପାଇଁ ଅନେକ ଲୋକଙ୍କୁ ଆମନ୍ତ୍ରିତ କରିଥିଲେ, କିନ୍ତୁ ମତେ କହି ନଥିଲେ । କିନ୍ତୁ ଏଥର ତାଙ୍କ ବ୍ୟବହାର ଟିକିଏ ଅନ୍ୟ ରକମ ଥିଲା । ଏଥର ଯେତେବେଳେ ମୋର ତାଙ୍କ ସହିତ ଦ୍ୱିତୀୟଥର ପାଇଁ ଆଳାପ ହେଲା, ସେତେବେଳେ

Digitized by srujanika@gmail.com

ସେ ଆଗ୍ରହ ପୂର୍ବକ ରୁଷ ଯାତ୍ରା ପାଇଁ କହିଲେ । ଏହାପରେ ଜବାହରଲାଲଜୀଙ୍କ ସହିତ ମଧ୍ୟାହ୍ନ ଭୋଜନ ସମୟରେ ତାଙ୍କୁ ମଧ୍ୟ କହିଲେ, "ଆପଣ ତାଙ୍କୁ ମସ୍କୋ ନିଶ୍ଚୟ ପଠାଇବା ଉଚିତ, କାରଣ ସେଇ କେବଳ ଜଣେ ବାକି ଅଛନ୍ତି ଯେ କି କେବେ ହେଲେ ମସ୍କୋ ଆସିନାହାନ୍ତି ।" ଶେଷରେ ଭାରତରୁ ଯିବା ସମୟରେ ଉଡାଜାହାଜ ପଡିଆରେ ମତେ ପୁଣି ଆମନ୍ତ୍ରଣ କଲେ ଓ ଶୀଘ୍ର ପଠାଇବା ପାଇଁ ଜବାହରଲାଲଜୀଙ୍କୁ କହିଲେ । ତଥାପି ସେଠାକୁ ଯିବା ପାଇଁ ମୁଁ କୌଣସି କାର୍ଯ୍ୟକ୍ରମ ନିଶ୍ଚିତ କରି ନଥିଲି ।

ସାଧାରଣତଃ ବିଶ୍ୱ ବ୍ୟାଙ୍କ ବୈଠକ ପାଇଁ ଗଲେ ସୁବିଧାନୁସାରେ ମୁଁ ଅନ୍ୟ ଦେଶକୁ ମଧ୍ୟ ଚାଲି ଯାଉଥିଲି । ଏଥର ରୁଷ ଯିବା ପାଇଁ ମୋ ମନରେ ଖାସ୍ କରି କୌଣସି ଇଚ୍ଛା ନଥିଲା । କିନ୍ତୁ ୧୯୬୦ ଅପ୍ରେଲ ବା ମଇ ମାସରେ ଶ୍ରୀ ବେନିଡିକ୍ଟୋଭ ମୋ ସଚିବଙ୍କ ସହିତ ସାକ୍ଷାତ କରିଥିଲେ ଓ ପଚାରିଥିଲେ ଅର୍ଥ ମନ୍ତ୍ରୀ ବର୍ତ୍ତମାନ ମଧ୍ୟ ରୁଷଯାତ୍ରା କାର୍ଯ୍ୟକ୍ରମ କାହିଁକି ତିଆରି କରୁନାହାନ୍ତି ଓ ଏଥିପ୍ରତି କାହିଁକି ଉଦାସୀନ ଅଛନ୍ତି ?" ମୋ ସଚିବ କହିଲେ, "ଯେ ପର୍ଯ୍ୟନ୍ତ, ତାଙ୍କର ବିଶ୍ୱାସ ନହୁଏ ଯେ ସେଠାକୁ ଗଲେ ଦେଶର ଲାଭ ହେବ ସେ ପର୍ଯ୍ୟନ୍ତ ସେଠାକୁ ଯିବା ପାଇଁ ସେ ପ୍ରସ୍ତୁତ ହୁଅନ୍ତି ନାହିଁ ।" ତା'ପରେ ଶ୍ରୀ ବେନିଡିକ୍ଟୋଭ ଆଶ୍ୱସନା ଦେଲେ ଯେ ଏ ଯାତ୍ରାରେ ଅବଶ୍ୟ ଲାଭ ହେବ । ତାଙ୍କର ଏତେ ଉତ୍ସୁକତା ଦେଖି ମତେ ଲାଗିଲା ଯେ ମୋର ସେଠାକୁ ଯିବା ବ୍ୟବସ୍ଥା କରିବା ଉଚିତ । ତେଣୁ ବିଶେଷ ଭାବରେ ସେଠାକୁ ଯିବା ପାଇଁ ମୁଁ ନିର୍ଣ୍ଣୟ କଲି । ୟୁଗୋସ୍ଲୋଭିଆ, ପୋଲାଣ୍ଡ, ଚେକୋସ୍ଲୋଭାକିୟା, ପଶ୍ଚିମ ଜର୍ମାନୀ ଓ ସଂଯୁକ୍ତ ଆରବ ଗଣରାଜ୍ୟ (ମିଶର)ରୁ ମଧ୍ୟ ମୋ ପାଖରେ ନିମନ୍ତ୍ରଣ ଥିଲା । ତେଣୁ ଏସବୁ ଦେଶ ଯିବା ପାଇଁ ମୁଁ ନିଶ୍ଚୟ କଲି ଓ ଜବାହରଲାଲଜୀ ସେଥିପାଇଁ ନିଜର ସମ୍ମତି ଦେଲେ ।

ୟୁଗୋସ୍ଲୋଭିୟା ତ ସଂଯୁକ୍ତ ଆରବ ଗଣରାଜ୍ୟ ହୋଇଯିବାର ଥିଲା, ତେଣୁ ମୁଁ ମିଶରରେ ରହି ସେଠାକୁ ଗଲି । ମିଶରରେ ସେଠାର ରାଷ୍ଟ୍ରପତି ନାସେର ଓ ଅର୍ଥ ମନ୍ତ୍ରୀଙ୍କ ସହିତ ବିଶେଷ ଭାବରେ ସାକ୍ଷାତ କରିଥିଲି । ରାଷ୍ଟ୍ରପତି ନାସେରଙ୍କ ସହିତ ମୋର ମିତ୍ରତାପୂର୍ଣ୍ଣ ଲମ୍ବା କଥାବାର୍ତ୍ତା ହେଲା । ସେଥିରେ ଦୁଇ ଦେଶ ସମ୍ବନ୍ଧ, ବିଶେଷ କରି ଆର୍ଥିକ କ୍ଷେତ୍ରରେ, କିପରି ସୁଦୃଢ କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଏପରି ବାର୍ତ୍ତାଳାପ ତାଙ୍କର ଅନ୍ୟ ମନ୍ତ୍ରୀମାନଙ୍କ ସହିତ ହୋଇଥିଲା ।

କାଏରୋରେ ମୁଁ ମିଶରର ପିରାମିଡ ଦେଖିବାକୁ ଯାଇଥିଲି । ଏହାଛଡା ଅସ୍ୱାନ ବନ୍ଧ ଦେଖିବାକୁ ଯାଇଥିଲି, ଯେଉଁଠାରେ ଜଳସେଚନର ବିଶାଳ ପରିଯୋଜନା କରାଯାଇଥିଲା । ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ କେତେକ ସ୍ଥାନ ସେଠାରେ ଦେଖିଲି, ନୀଳ ନଦୀରେ ଟିକିଏ ନୌକା ବିହାର କଲି । ସେଠାରୁ ଆଲେକ୍ସାଣ୍ଡ୍ରିୟା ଯାଇ ତାଙ୍କର ଏକ ଆଧୁନିକ ମିଲ୍ ତଥା ଅନ୍ୟ କାରାଖାନା ମଧ୍ୟ ଦେଖିଲି ।

ରାଷ୍ଟ୍ରପତି ନାସେର ଅତ୍ୟନ୍ତ ଲୋକପ୍ରିୟ ନେତା ଥିଲେ ଓ ସାଧାରଣ ଜୀବନଯାପନ କରୁଥିଲେ । ତାଙ୍କର ପୂରାଧ୍ୟାନ ଓ ପୂରାଶକ୍ତି ସେ ମିଶରକୁ ଅଧିକ ସମୃଦ୍ଧ, ଶକ୍ତ କରିବାରେ ଲଗାଇ ଦେଇଥିଲେ -- ନାସେରଙ୍କ ଏ ପ୍ରଭାବ ମୋ ଉପରେ ପଡିଥିଲା । ୧୯୭୦ରେ ହୃଦ୍‌ରୋଗରେ ଅଚାନକ ତାଙ୍କର ଦେହାବସାନ ହୋଇଗଲା ।

ମିଶରରୁ ମୁଁ ୟୁଗୋସ୍ଲୋଭିୟା ଯାଇଥିଲି । ସେଠାରେ ରାଷ୍ଟ୍ରପତି ଟିଟୋ ଗୋଟିଏ ସୁନ୍ଦର ଦ୍ୱୀପରେ ରହୁଥିଲେ । ତାଙ୍କୁ ସାକ୍ଷାତ କରିବାକୁ ମୁଁ ସେଠାକୁ ଗଲି । ତାଙ୍କ ସହିତ ମନଖୋଲା କରି ଅନେକ ସମୟ ପର୍ଯ୍ୟନ୍ତ ମୋର କଥାବାର୍ତ୍ତା ହୋଇଥିଲା । ଏହିପରି ମୈତ୍ରୀପୂର୍ଣ୍ଣ କଥାବାର୍ତ୍ତା ତାଙ୍କ ମନ୍ତ୍ରୀମାନଙ୍କ ସହିତ ହୋଇଥିଲା । ମୁଁ ସେଠାର କାରଖାନା ମଧ୍ୟ ଦେଖିଲି । ସମବାୟ କୃଷିର ଗୋଟିଏ ସ୍ଥାନ ଦେଖିବାକୁ ଗଲି ଓ

Digitized by srujanika@gmail.com

ସେଠାର କୃଷକଙ୍କ ସହିତ କଥାବାର୍ତ୍ତା ହେଲି । ସେ ଉଦ୍ୟୋଗ ବହୁତ ସଫଳତା ପୂର୍ବକ ଚାଲୁଥିଲା -- ଏପରି ମୋର ବିଶ୍ୱାସ ହେଲା । ମୁଁ ଦେଖିଲି ଯେ ଏ ପଦ୍ଧତିରେ ସେମାନଙ୍କର ଉତ୍ପାଦନ ବହୁତ ବଢ଼ିଥିଲା ।

ଉଦ୍ୟୋଗ କ୍ଷେତ୍ରରେ ସେଠାର କାରଖାନାରେ ସ୍ୱାୟତ୍ତତାର ପୂରା ଆଭାସ ମିଳୁଥିଲା ଓ ଏକଥା ସ୍ପଷ୍ଟ ଥିଲା ଯେ ସରକାର ତରଫରୁ କୌଣସି ହସ୍ତକ୍ଷେପ କରାଯାଉ ନଥିଲା । ସରକାରଙ୍କ ସହିତ ସମ୍ବନ୍ଧ କେବଳ ସେମାନଙ୍କର କାର୍ଯ୍ୟ କୁଶଳତା ଓ ପରିଣାମ ମଧ୍ୟରେ ସୀମିତ ଥିଲା । ଅନ୍ୟ ସାମ୍ୟବାଦୀ ଦେଶମାନଙ୍କ ମଧ୍ୟରେ ଏ ସାମ୍ୟବାଦୀ ରାଜ୍ୟ ନିଜର ଅଲଗା ଓ ବ୍ୟବହାରିକ ଦୃଷ୍ଟିରେ କାମ କରୁଥିଲା । ଏହା ମଧ୍ୟ ମୁଁ ଦେଖିଲି ଯେ ଲୋକମାନଙ୍କଠାରୁ ସମସ୍ତ ପ୍ରକାର ସହଯୋଗ ପାଇବା ପାଇଁ ସର୍ବଦା ପ୍ରଯତ୍ନ ଜାରି ଥିଲା ।

ରାଷ୍ଟ୍ରପତି ଟିଟୋଙ୍କ ସହିତ ମୋର ପ୍ରଥମ ଭେଟ ବମ୍ବେରେ ହୋଇଥିଲା । ତେଣୁ ଏହା ମୋର ତାଙ୍କ ସହିତ ପ୍ରଥମ ପରିଚୟ ନଥିଲା । ପ୍ରଥମ ଘନିଷ୍ଠତା ଏ ସାକ୍ଷାତରେ ଆହୁରି ବଢ଼ିଗଲା । ଯୁଗୋସ୍ଲୋଭିୟା ସହିତ ଭାରତର ଭଲ ସମ୍ବନ୍ଧ ଓ ମିତ୍ରତା ଅଛି । ଏହି ବନ୍ଧୁତାକୁ ଆହୁରି ସୁଦୃଢ଼ କରିବାକୁ ତଥା ଦୁଇଦେଶ ପାଇଁ ଲାଭପ୍ରଦ କରିବାକୁ ସର୍ବଦା ପ୍ରଯତ୍ନ ଚାଲିଛି ଓ ସେଥିରେ ଉତ୍ତରୋତ୍ତର ବୃଦ୍ଧି ହୋଇଛି । ମୁଁ ଭାବୁଛି, ମୋ ଯାତ୍ରା ଦ୍ୱାରା କିଛି ଲାଭ ହୋଇଛି ।

ଯୁଗୋସ୍ଲୋଭିୟାରୁ ମୁଁ ପୋଲାଣ୍ଡ ଗଲି । ପୋଲାଣ୍ଡର ପ୍ରଧାନମନ୍ତ୍ରୀ ନିଜ ସାମ୍ୟବାଦୀ ଦଳର ପ୍ରମୁଖ ମଧ୍ୟ ଥିଲେ । ମୋର ତାଙ୍କ ସହିତ ସାକ୍ଷାତ ହୋଇଥିଲା । ମୁଁ ଦେଖିଲି ଯେ ପୋଲାଣ୍ଡ ବହୁତ ଉନ୍ନତି କରିଛି । ମୋର ରହିବା ବ୍ୟବସ୍ଥା ସେଠାରେ ଅତିଥି ଗୃହର ଏକ ଭବ୍ୟ କୋଠାରେ କରାଯାଇଥିଲା, ଯେଉଁଠି ମୋ ପାଇଁ ଅତ୍ୟନ୍ତ ସୁନ୍ଦର ବ୍ୟବସ୍ଥା କରାଯାଇଥିଲା ।

ସେମାନେ ମତେ ଯୁଦ୍ଧ ସମୟରେ ପୋଲାଣ୍ଡରେ ନାଜୀମାନଙ୍କର ଦମନ କେନ୍ଦ୍ର ପାଇଁ ପ୍ରଖ୍ୟାତ ହୋଇଥିବା ସ୍ଥାନ ଦେଖାଇବାକୁ ନେଇଥିଲେ । ସେଇ ସ୍ଥାନର ଯାହା କିଛି କଥା ସେମାନେ ମତେ କହିଲେ ତାହା ଶୁଣି ମୋ ମନ ଅତ୍ୟନ୍ତ ଦୁଃଖ ହେଲା । କଏଦୀମାନଙ୍କୁ ଗାଧୋଇବା ପାଇଁ କହି ସେଠାକୁ ନିଆଯାଉଥିଲା । ସେଠାରେ ପହଞ୍ଚିବା ପରେ ଲୁଗା ଓହ୍ଲାଇ ଦେଇ ଗୋଟିଏ ଚେମ୍ବର ଭିତରକୁ ନେଇ ଯାଉଥିଲେ ଯେଉଁଠି ସେମାନଙ୍କୁ ମାରି ଦିଆଯାଉଥିଲା । ଏ ସବୁ ତ ସେ ବତାଇଲେ, ପୁଣି ଏକଥା ବି କହିଲେ ଯେ କଏଦୀମାନଙ୍କ ଲାସରୁ ବାଳ କାଢ଼ି ଏକ ପ୍ରକାର ଲୁଗା ବୁଣା ଯାଉଥିଲା । ସେମାନଙ୍କର ଦାନ୍ତରେ ସୁନା ଥିଲେ ତାକୁ ନାଜୀମାନେ କାଢ଼ି ନେଉଥିଲେ । ଏହିପରି କିପରି କିପରି ଅଧମ ଏବଂ ଅମାନବୀୟ ଅତ୍ୟାଚାର କରୁଥିଲେ ତା' ସବୁ ସେ ବର୍ଣ୍ଣନା କରିଥିଲେ ଏବଂ ଯେଉଁଠାରେ ଏସବୁ କୁକର୍ମ କରାଯାଉଥିଲା ସେ ସବୁ ସ୍ଥାନ ମତେ ବୁଲାଇ କରି ଦେଖାଇଥିଲେ । ନାଜୀମାନେ ଇହୁଦୀମାନଙ୍କ ତଥା ଅନ୍ୟମାନଙ୍କ ଉପରେ ଯେଉଁ ଅତ୍ୟାଚାର କରିଥିଲେ ସେସବୁ ମୋର ମନେଥିଲା । କିନ୍ତୁ ଏସବୁ ଦେଖିକରି ମତେ ଏତେ ଦୁଃଖ ଲାଗିଲା ଯେ ସେ ଦିନ ମୋତେ ଭୋକ କଲାନାହିଁ, ମୁଁ କିଛି ଖାଇପାରିଲି ନାହିଁ । ମଣିଷ ଏ ସୀମା ପର୍ଯ୍ୟନ୍ତ କ୍ରୁର ହୋଇପାରେ, ଏହା ମୋର ଠିକ୍ ଭାବରେ ଅନୁଭବ ହେଲା । ଏସବୁ ଦେଖି ନଥିଲେ ମୋର ଏ ବିଷୟ ଉପରେ ବିଶ୍ୱାସ କରିବା ମୁସ୍କିଲ ହୋଇଥାନ୍ତା ।

ପୋଲାଣ୍ଡରୁ ମୁଁ ଜେକୋସ୍ଲୋଭାକିୟା ଗଲି ଯେଉଁଠାରେ ମତେ ଗୋଟିଏ 'ଭିଲା' ଅର୍ଥାତ ବିଶେଷ ବଙ୍ଗଳାରେ ରଖାଯାଇଥିଲା । ସେଠାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଆଦିଙ୍କ ସହିତ ମୋର ଖୁବ ମନଖୋଲା ବାର୍ତ୍ତାଳାପ ହୋଇଥିଲା । ମୁଁ ତାଙ୍କୁ କହିଲି ଯେ ଆମେ ଲୋକତାନ୍ତ୍ରିକ ପଦ୍ଧତି ମାନି ନେଇଛୁ, ଏହାପ୍ରତି ଆମର ମାନ୍ୟତା ଅଛି ଓ ଆମର କାର୍ଯ୍ୟ ପଦ୍ଧତି ଅନ୍ୟମାନଙ୍କଠାରୁ ଟିକେ ଅଲଗା କିନ୍ତୁ ଆମେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ

Digitized by srujanika@gmail.com

ନୀତି ଗ୍ରହଣ କରିଛୁ ଯଦ୍ଵାରା ଅନ୍ୟ ଦେଶର ନୀତିରେ ଆମେ କୌଣସି ପ୍ରକାର ହସ୍ତକ୍ଷେପ କରୁନାହୁଁ । ଅତଃ ଆମ ସମସ୍ତଙ୍କୁ ଅନ୍ୟର ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ରାଷ୍ଟ୍ରପତି ମହୋଦୟ ମତେ ଏପରି କିଛି ପ୍ରଶ୍ନ କରିଥିଲେ ଯେଉଁ ସକାଶେ ମତେ ଏତେ ସ୍ପଷ୍ଟତା ସହ କହିବାକୁ ପଡିଥିଲା । କିନ୍ତୁ ଆମ ବାର୍ତ୍ତାଳାପ ଖୁବ ଅମାୟିକ ଓ ମୈତ୍ରୀପୂର୍ଣ୍ଣ ଥିଲା । ପାରସ୍ପରିକ ଆର୍ଥିକ ସମ୍ବନ୍ଧରେ ମଧ୍ୟ କଥାବାର୍ତ୍ତା ହୋଇଥିଲା ।

ମୁଁ ଦେଖିଲି ଯେ ଚେକୋସ୍ଲୋଭାକିୟାର ଜନତା ବହୁତ ଆଗକୁ ବଢି ଯାଇଛନ୍ତି । ସେଠାରେ ଯୁବଶକ୍ତି ବେଶ ବିକଶିତ ଥିଲା । କିନ୍ତୁ ମୁଁ ଦେଖିଲି ଯେ ଜନତାଙ୍କ ଉପରେ ଗୋଟିଏ ପ୍ରକାର ନିୟନ୍ତ୍ରଣ ଥିଲା । ଲୋକମାନେ ମନ ଖୋଲି କଥା କହିପାରୁ ନଥିଲେ । କେତେକ ଲୋକଙ୍କ ସହିତ କଥାବାର୍ତ୍ତାରୁ ମୁଁ ଜାଣିଲି କି ଲୋକସଂଖ୍ୟାର ସାତ ଆଠ ପ୍ରତିଶତ ଲୋକ ସାମ୍ୟବାଦୀ ମାନୁଥିଲେ ଓ ଅବଶିଷ୍ଟ ସମସ୍ତେ ଲୋକତନ୍ତ୍ରରେ ଆସ୍ଥା ରଖୁଥିଲେ । କିନ୍ତୁ ସାମ୍ୟବାଦୀ ଅଧିନାୟକତ୍ୱର ଶିକୁଳି ବହୁତ ମଜଭୁତ ଥିଲା । ମସ୍କୋ ଆଦେଶାନୁସାରେ ହିଁ ସବୁ ବ୍ୟବସ୍ଥା ହେଉଥିଲା ଓ ଶାସକ ସାମ୍ୟବାଦୀ ବିଚାର ଧାରା ମାନୁଥିଲେ । ତେଣୁ ଜନତା ଚୁପ ରହିଥିଲେ ।

ସେଠାରୁ ମୁଁ ବିଖ୍ୟାତ ସ୍କୋଡା କାରାଖାନା ଦେଖିବାକୁ ଯାଇଥିଲି ଯାହାକୁ ଦେଖିକରି ସେଠାର ଲୋକମାନଙ୍କର କର୍ମକୁଶଳତାରେ ମୁଁ ବହୁତ ପ୍ରଭାବିତ ହେଲି । ତା'ଛଡା ଉଷ୍ଣ ପ୍ରସବଣର ମୁଖ୍ୟ ସ୍ଥାନ ଦେଖିଲି । ଏସବୁ ମତେ ବହୁତ ସାବଧାନତା ସହକାରେ ଦେଖାଇ ଦିଆଯାଇଥିଲା । ସ୍ଥାନ ବଡ ମନୋହର ଥିଲା, ବହୁତ ଲୋକ ସେଠାକୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯାଆନ୍ତି । ଏଠାର ପୃଥିବୀ ପ୍ରସିଦ୍ଧ କାଚ କାରଖାନା ମଧ୍ୟ ମୁଁ ଦେଖିଲି । ସେଠାରେ ଯେପରି ବିଭିନ୍ନ ପ୍ରକାରର ସୁନ୍ଦର କାଚ ଜିନିଷ ତିଆରି ହେଉଛି ପ୍ରାୟ ଅନ୍ୟ କୌଣସି ସ୍ଥାନରେ ସେପରି ହେଉନାହିଁ ।

ଚେକୋସ୍ଲୋଭାକିୟାରୁ ମୁଁ ପଶ୍ଚିମ ଜର୍ମାନୀ ରାଜଧାନୀ ବନରେ ପହଞ୍ଚିଲି । ସେଠାରୁ ବ୍ଲାକ୍ ଫରେଷ୍ଟ ଓ ଗରମ ପାଣି ଝରଣା ଦେଖିବାକୁ ଗଲି, ଜର୍ମାନୀର ଗୋଟିଏ ସୁନ୍ଦର ବନ୍ଦର ଦେଖାଇବାକୁ ମତେ ସେମାନେ ନେଇଗଲେ । ଦିନକ ପାଇଁ ମୁଁ ବର୍ଲିନ ମଧ୍ୟ ଯାଇଥିଲି । ଆଜିକାର ଚାନ୍ସେଲର ଶ୍ରୀ ଓ୍ୱିଲିବ୍ରାଣ୍ଡ ସେ ସମୟରେ ବର୍ଲିନର ମେୟର ଥିଲେ । ତାଙ୍କ ସହିତ ମୋର ଭେଟ ହେଲା ଓ ଜର୍ମାନୀର ବିଭାଜନ ଉପରେ ବହୁତ କଥା ହେଲା । ଯେଉଁ ବିଷୟରେ ଆମର କଥାବାର୍ତ୍ତା ହେଲା ସେଥିରୁ ଅଧିକାଂଶ ବିଷୟ ଉପରେ ଆମ ଦୁଇଜଣଙ୍କର ମତ ଏକ ଥିଲା । ବର୍ଲିନର ବିଭାଜନ ତଥା ପଶ୍ଚିମ ଜର୍ମାନୀରୁ ଏହା କଟିଯାଇଥିବାରୁ ପଶ୍ଚିମ ଜର୍ମାନୀକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ତା'ର କିଛି ସହରକୁ ମୁଁ ଯାଇଥିଲି ଓ ପୂର୍ବ ଜର୍ମାନୀ ସୀମାରେ ବର୍ଲିନର ଯେଉଁ ଭାଗ ଅଛି ସେଠାକୁ ମଧ୍ୟ ମୁଁ ଯାଇଥିଲି ।

ଯୁଦ୍ଧରେ ପଶ୍ଚିମ ଜର୍ମାନୀ ଓ ବର୍ଲିନରେ ଯେଉଁ କ୍ଷତି ହୋଇଥିଲା ତାହା ବହୁତ ଦୁଃଖଦ ଥିଲା । ଯଦିଓ ସେଠାରେ ସେମାନେ ବହୁତ ସୁନ୍ଦର ନୂଆ କୋଠା ତିଆରି କରିଥିଲେ ତଥାପି ଯୁଦ୍ଧରେ ଅନିଷ୍ଟ ହୋଇଥିବା ଅବଶେଷ ଯତ୍ରତତ୍ର ଦେଖା ଯାଉଥିଲା । କିନ୍ତୁ ମୁଁ ଦେଖିଲି ଯେ ବର୍ଲିନ ସହରର ଖୁବ୍ ବିକାଶ ହୋଇଛି । ସମୃଦ୍ଧି ଦୃଷ୍ଟିରୁ ବୋମା ମାଡର କୌଣସି ଚିହ୍ନ ଏଠାରେ ବିଶେଷତଃ ଦେଖାଯାଉ ନଥିଲା ।

ପୂର୍ବ ଜର୍ମାନୀର ଆର୍ଥିକ ସ୍ଥିତି ସେ ସମୟରେ ବର୍ଲିନର ପଶ୍ଚିମ ଭାଗ ତୁଳନାରେ ବିଶେଷ ଭଲ ନ ଥିଲା ଓ ପୂର୍ବ ଜର୍ମାନୀରୁ ସବୁଦିନ ବହୁତ ଲୋକ ପଶ୍ଚିମ ଜର୍ମାନୀ ଆସୁଥିଲେ । ଯାକୁ ବନ୍ଦ କରିବାକୁ ପରେ ପୂର୍ବ ଜର୍ମାନୀ ବର୍ଲିନର ଦୁଇଭାଗ ମଝିରେ ଗୋଟିଏ ବଡ କାନ୍ଥ ଗଢିଦେଲା ଯଦ୍ୱାରା ପୂର୍ବ ଜର୍ମାନୀରୁ ପଶ୍ଚିମ ଜର୍ମାନୀକୁ ଯିବା ବହୁତ କମ ହୋଇଗଲା ।

Digitized by srujanika@gmail.com

ବ'ନରେ ଚାନ୍ସେଲର୍ ଏଡେନାରଙ୍କ ସହିତ ସାକ୍ଷାତ କରିଥିଲି । ସେ ୬୫/୬୬ ବର୍ଷ ବୟସର ହୋଇଥିଲେ ସୁଦ୍ଧା ବଡ ସ୍ୱାସ୍ଥ୍ୟବାନ ଥିଲେ । କଥାବାର୍ତ୍ତାରେ ମଧ୍ୟ ଖୁବ୍ ସଜାଗ ଓ ସାବଧାନ ଜଣାପଡୁଥିଲେ । ଆର୍ଥିକ ସହାୟତା ବିଷୟରେ କିଛି କଥାବାର୍ତ୍ତା ହେଲା । ସମୃଦ୍ଧ ଦେଶଙ୍କୁ ପଛରେ ପଡିଥିବା ଦେଶମାନଙ୍କ ବିକାଶରେ ଯୋଗ ଦେବା ବିଷୟରେ ବହୁତ ଚର୍ଚ୍ଚା ହେଲା । ମୁଁ ତାଙ୍କୁ କହିଲି ଜର୍ମାନୀକୁ ଆମେରିକାର ବିପୁଳ ସହାୟତା ନ ମିଳିଥିଲେ ଯୁଦ୍ଧରେ ନଷ୍ଟ ହୋଇଯାଇ ଥିବା ଜର୍ମାନୀ ଏତେ ଶୀଘ୍ର ନିଜର ପୁନଃନିର୍ମାଣ କରିପାରି ନଥାନ୍ତା । ମୁଁ ଏ ନମ୍ର ସୂଚନା ଦେଇଥିଲି ଯେ ଏକଥା ଧ୍ୟାନରେ ରଖି ଜର୍ମାନୀକୁ ସେପରି ଦେଶକୁ ସାହାଯ୍ୟ କରିବା ଉଚିତ । ଏଡୋନାର ଏଥିରେ ସହମତ ବୋଲି ଜଣାପଡୁଥିଲା । ସେ ନାଜୀବାଦର ବିପକ୍ଷରେ ଥିଲେ ଓ ବିଶ୍ୱାସ କରୁଥିଲେ ଯେ ଜର୍ମାନୀରେ ପୁଣି ନାଜୀବାଦ ପରିସ୍ଥିତି ଉତ୍ପନ୍ନ ନ ହେଉ ଏଥିପ୍ରତି ସତର୍କ ରହିବା ଉପରେ ଜର୍ମାନୀର ସୁଦୃଢତା ତଥା ସ୍ୱତନ୍ତ୍ରତା ନିର୍ଭର କରେ । ନାଜୀବାଦର ପୁନରୁତ୍‌ଥାନ ବନ୍ଦ କରିପାରିଲେ ଅନ୍ୟ ଦେଶ ତା'ର ଶାନ୍ତିପ୍ରିୟତା ଉପରେ ବିଶ୍ୱାସ କରିବେ -- ଏପରି ତାଙ୍କର ମତ ଥିଲା ।

ପଶ୍ଚିମ ଜର୍ମାନୀ ଭାଇସ୍ ଚାନ୍ସେଲର ଡ. ଏରହାର୍ଡଙ୍କ ନିମନ୍ତ୍ରଣ କ୍ରମେ ମୁଁ ବ'ନ ଯାଇଥିଲି । ତାଙ୍କ ସହିତ ମୋର ଓ ମୋ ସାଥିମାନଙ୍କର କଥାବାର୍ତ୍ତା ହେଲା । ମୋ ସାଥିରେ ଶ୍ରୀ ବି. କେ. ନେହେରୁ ଥିଲେ । ସେ ସମୟରେ ସେ ୱାଶିଂଟନରେ ଭାରତର କମିଶନର ଜେନେରାଲ ଥିଲେ । ଡ. ଏରହାର୍ଡଙ୍କ ସହିତ ଜର୍ମାନୀ ଓ ଭାରତର ଆର୍ଥିକ ସମ୍ବନ୍ଧରେ ବିଚାର ବିନିମୟ ହେଲା । ବିଚାର ବିନିମୟରେ ଶ୍ରୀ ବି. କେ. ନେହେରୁ କହିଲେ ଯେ ବିକଶିତ ଦେଶ ଅବିକଶିତ ବା ଅର୍ଦ୍ଧ ବିକଶିତ ଦେଶମାନଙ୍କର ସହାୟତା କରିବା ଉଚିତ ଓ ତାଙ୍କ ତରଫରୁ ଯାହା ସହାୟତା ମିଳିବ ତାହା ଦୀର୍ଘ ମିଆଦୀ ଯୁକ୍ତ ହେବା ଉଚିତ । ସୁଧର ହାର ବହୁତ କମ୍ ହେବା ଉଚିତ ଓ ସହାୟତାର ଅଧା ଆଦାୟ ନ କରିବା ଉଚିତ । ଶ୍ରୀ ନେହେରୁଙ୍କର ଏପରି ପରାମର୍ଶ ଉପରେ ଡ଼. ଏରହାର୍ଡ଼ ଯାହା ଜବାବ ଦେଲେ ତାହା ବହୁତ ଅସନ୍ତୋଷଜନକ ଥିଲା । ଏତିକି ନୁହେଁ ସେଥିରେ ବହୁତ କଟୂତା ମଧ୍ୟ ଥିଲା । ସେ କହିଲେ, "ବିଦେଶୀ ମୁଦ୍ରା ଏପରି କିଛି ଫଳ ନୁହେଁ ଯେ ଗଛରୁ ଆରାମରେ ତୋଳାଯାଇ ପାରିବ । ଏଣୁ ଆପଣଙ୍କ ପରାମର୍ଶ ଅନୁସାରେ ସହାୟତା ଦେବା ସମ୍ଭବ ନୁହେଁ । ଯେଉଁ ସର୍ତ୍ତରେ ଜର୍ମାନୀ ଭାରତକୁ ସହାୟତା ଦେଉଛି, ଭାରତ ହିଁ ସ୍ଥିର କରିବ ଯେ ସେ ସର୍ତ୍ତରେ ସେ ସହାୟତା ନେବ ନା ନାହିଁ ।"

ଡ଼. ଏରହାର୍ଡ଼ଙ୍କ ଏପରି କଥା ଶୁଣି ମତେ ଲାଗିଲା ଯେ ତାଙ୍କ ସହିତ ଭଲ ସମ୍ବନ୍ଧ ରଖାଯାଇ ପାରିବ ନାହିଁ । କିନ୍ତୁ ସେତେବେଳେ ମୁଁ କିଛି କହିଲି ନାହିଁ ଓ ଦଶ ମିନିଟ ପର୍ଯ୍ୟନ୍ତ ଚୁପ୍‌ଚାପ୍ ଶ୍ରୀ ନେହେରୁଙ୍କ ସହିତ ଚାଲିଥିବା କଥାବାର୍ତ୍ତା ଶୁଣିଲି । ଡ଼. ଏରହାର୍ଡ଼ଙ୍କ ଏପରି କଡ଼ା କଥା ସତ୍ତ୍ୱେ ମୁଁ ଶାନ୍ତ ରହିଲି । ଦଶ ମିନିଟ ପରେ ଡ଼. ଏରହାର୍ଡ଼ ମତେ କିଛି କହିବାକୁ କହିଲେ । ସେତେବେଳେ ଯାଇ ମୁଁ ଶାନ୍ତି ପୂର୍ବକ କହିଲି ଯେ ଆପଣଙ୍କ କଥା ମୁଁ ବଡ଼ ଧ୍ୟାନରେ ଶୁଣିଲି ଯେଉଁଥିରୁ ପୂରାସ୍ଥିତି ମୁଁ ବୁଝିପାରିଲିଣି । ଏକଥା ମଧ୍ୟ ମୁଁ ତାଙ୍କୁ କହିଲି ଯେ ଆପଣଙ୍କ ବିଶେଷ ନିମନ୍ତ୍ରଣ ଯୋଗୁଁ ମୁଁ ଏଠାକୁ ଆସିଛି । ଆପଣଙ୍କ ତରଫରୁ ସହାୟତା ସର୍ତ୍ତ କିଛି ଅଧିକ ସରଳ କରିବାର ଇଚ୍ଛା ପ୍ରକଟ ହୋଇଥିଲା, ତେଣୁ ସେ ସମ୍ବନ୍ଧରେ କଥାବାର୍ତ୍ତା କରିବାକୁ ମୁଁ ପ୍ରସ୍ତୁତ ହୋଇଥିଲି; ନିଜ ତରଫରୁ କଥାବାର୍ତ୍ତା କରିବାକୁ ଏଠାକୁ ଆସି ନଥିଲି ।

ମୁଁ ତାଙ୍କୁ ଏକଥା ମଧ୍ୟ କହିଲି ମଣିଷ ଯେତେ ଗରିବ ହେଉପଛକେ ତା'ଠାରେ ସ୍ୱାଭିମାନ ଥାଏ ଓ ରହିବା କଥା । ଏ କଥା ମୁଁ ଜାଣେ ଯେ କୌଣସି ସଂସ୍ଥା ବା ଦେଶ କରଜ ନ ନେଇ ସମୃଦ୍ଧ ହୋଇପାରେ ନାହିଁ । ତେଣୁ ମିତ୍ର ଦେଶ ସହାୟତା ଦେବା ପାଇଁ ଇଚ୍ଛା ପ୍ରଦର୍ଶନ କଲେ ଭାରତ ତାହା ନେବା ପାଇଁ ସର୍ବଦା ପ୍ରସ୍ତୁତ ଥାଏ । କିନ୍ତୁ ଆପଣ ଯେଉଁ ପ୍ରକାର କଥାବାର୍ତ୍ତା କଲେ ସେଥିରୁ ମତେ ଲାଗୁଛି ଯେ ମୋର ଏଠାକୁ ଆସିବା ଉଚିତ ହୋଇନାହିଁ ଓ ଭବିଷ୍ୟତରେ ଏ ବିଷୟରେ ବିଶେଷ ସାବଧାନ ରହିବି । ଆଜି ଯାଏ ଆପଣ

Digitized by srujanika@gmail.com

ଯେଉଁ ସହାୟତା ଦେଇଛନ୍ତି ସେଥିପାଇଁ ଆମେ ଋଣୀ ଓ ଆପଣଙ୍କୁ ଧନ୍ୟବାଦ ଦେଉଛୁ । କିନ୍ତୁ ଆଜିର କଥାବାର୍ତ୍ତା ପରେ ଭବିଷ୍ୟତରେ ଏପରି ପରିସ୍ଥିତିରେ ପଡ଼ିବାକୁ ମୁଁ ପ୍ରସ୍ତୁତ ନୁହେଁ ।

ଅତ୍ୟନ୍ତ ଶାନ୍ତିପୂର୍ବକ ଓ ସ୍ପଷ୍ଟତା ସହକାରେ ମୁଁ ଯେତେବେଳେ କହିଲି । ତାଙ୍କ ଉପରେ ପ୍ରଭାବ ପଡ଼ିଲା । ସେ ମତେ ସାଙ୍ଗେ ସାଙ୍ଗେ କହିଲେ, ''ସହାୟତା ନ କରିବାର ମୋର କୌଣସି ବିଚାର ନାହିଁ, ନା ଆପଣଙ୍କ ଆବଶ୍ୟକତା ଉପରେ ଧ୍ୟାନ ନ ଦେବାକୁ ମୋର ଇଚ୍ଛା ଅଛି । ବରଂ ସହାୟତା କରିବାକୁ ଆମର ସଂପୂର୍ଣ୍ଣ ଇଚ୍ଛା ଅଛି ଓ ସେଥିପାଇଁ ପ୍ରସ୍ତୁତ ମଧ୍ୟ ଅଛୁ । ଏ ବିଷୟରେ ଆପଣଙ୍କର କୌଣସି ଭ୍ରମ ଧାରଣା ହେବା ଉଚିତ ନୁହେଁ । ମୋ ସରକାରଙ୍କୁ ଏ ବିଷୟରେ ପ୍ରବର୍ତ୍ତାଇବା ପାଇଁ ମୋତେ ଯେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ତାହା ଆପଣଙ୍କ ଆଗରେ ପେଶ୍ କରିବା ଆମର ବିଚାର ଥିଲା ।'' କୌଣସି ଭ୍ରମ ହୋଇଥିଲେ, ସେଥିପାଇଁ ସେ କ୍ଷମା ଚାହିଁଥିଲେ ଓ ତା'କୁ ଭୁଲି ଯିବାକୁ କହିଲେ । ସେ ଯେତେବେଳେ ଏପରି ସ୍ପଷ୍ଟୀକରଣ ଦେଲେ ଓ ଆଗରୁ ବ୍ୟକ୍ତ କରିଥିବା କଥା ଭୁଲି ଯିବାକୁ କହିଲେ, ସେତେବେଳେ ମୁଁ କହିଲି ଆପଣଙ୍କ ସ୍ପଷ୍ଟୀକରଣ ମୁଁ ପ୍ରସନ୍ନତା ସହିତ ସ୍ୱୀକାର କରୁଛି ।

ସେଇ ସଂଧ୍ୟାରେ ବ'ନରେ ରହୁଥିବା ଭାରତୀୟ ରାଜଦୂତ ଗୋଟିଏ ପାର୍ଟି ଦେଉଥିଲେ । ସେ ସମୟରେ ମଧ୍ୟ ଡ଼. ଏରହାର୍ଡ଼ ମୋ ସହିତ ମିଳିବାକୁ ଆସିଲେ ଏବଂ ଏକା ମୋ ସହିତ କଥାବାର୍ତ୍ତା କରି ସକାଳ କଥାବାର୍ତ୍ତା ସମ୍ବନ୍ଧରେ ପୁଣି ଆଶ୍ୱାସନା ଦେଲେ । ସେ କଥାସବୁ ଭୁଲିଯିବାକୁ ଆଗ୍ରହ କରି ସେ କହିଲେ ଯେ ଭାରତକୁ ତା'ର ଆବଶ୍ୟକତା ଅନୁଯାୟୀ ସହାୟତା ଦେବାକୁ ଓ ତା'ର ସର୍ତ୍ତସବୁ ସହଜ କରିବାକୁ ସେ ପୂରା ପ୍ରଯତ୍ନ କରିବେ ଓ ନିଜ ସହଯୋଗୀମାନଙ୍କୁ ବୁଝାଇବେ । ମୁଁ ତାଙ୍କୁ ବିଶ୍ୱାସ ଦେଲି ଯେ ସକାଳ କଥା ମୁଁ ଭୁଲିଯାଇଛି ।

ଏ କଥାବାର୍ତ୍ତା ପରେ ଜର୍ମାନୀ ଭାରତକୁ ଦେଉଥିବା ଆର୍ଥିକ ସହାୟତାର ସର୍ତ୍ତଗୁଡ଼ିକ ସୁଗମ କରିଦେଲା ଓ ଆହୁରି ଅଧିକ ସହାୟତା ଦେବାକୁ ନିଷ୍ପତ୍ତି କରିଥିଲା । ମୋର ବିଶ୍ୱାସ ଯେ, ସେ ଯେପରି ଭାବରେ କଥାବାର୍ତ୍ତା କରିଥିଲେ ମୁଁ ତାହା ଯଦି ସହ୍ୟ କରି ନଥାନ୍ତି ଓ ଯେଉଁ ସ୍ପଷ୍ଟତା ସହ ତା'ର ଉତ୍ତର ଦେଲି ତାହା ନଦେଇଥାନ୍ତି ତେବେ ଭାରତର କେବଳ ଯେ ସ୍ୱାଭିମାନ ଯାଇଥାନ୍ତା ତାହା ନୁହେଁ ସେଥିରେ ତାହାର କ୍ଷତି ହୋଇଥାଆନ୍ତା । ସ୍ୱାଭିମାନ ସହିତ, ଦୃଢ଼ତାରେ କଥାବାର୍ତ୍ତା କରିବାର ପରିଣାମ ନା କେବଳ ସୁଖଦ ହେଲା ବରଂ ସେଥିରୁ ପାରସ୍ପରିକ ସମ୍ବନ୍ଧ ମଧ୍ୟ ଅଧିକ ଭଲ ହୋଇପାରିଲା । ବ'ନରୁ ବାହାରକୁ ଜର୍ମାନୀର ଅନ୍ୟ ସ୍ଥାନକୁ ଯାତ୍ରା କରିବାବେଳେ ମୋ ସହିତ ପାଇଲଟ ଗାଡି ଯାଉଥିଲା ଯଦ୍ୱାରା ମୋ ଯାତ୍ରା ଦ୍ରୁତଗାମୀ ହୋଇପାରୁଥିଲା ।

ଜର୍ମାନୀରୁ ମୋର ଋଷ ଯିବାର ଥିଲା । ସେଥିପାଇଁ ସେଠାରୁ ସିଧା ବିମାନ ସେବା ନଥିଲା । ଡେନମାର୍କ ଓ ସ୍ୱିଡେନ ହୋଇକରି ଯିବାକୁ ପଡୁଥିଲା । ମୁଁ ସ୍ୱିଡେନର ରାଜଧାନୀ ଷ୍ଟକ୍ ହୋମ୍‌ରେ ରାତିକ ରହିଲି । ରାତିରେ ଆଲୋକ ଆସିବା ଓ ମଧ୍ୟ ରାତିରେ ସୂର୍ଯ୍ୟ, ''ମିଡ଼ ନାଇଟସନ'' -- ଯାହା ମୁଁ ବହିରେ ପଢିଥିଲି ତାହା ସେ ସମୟରେ ମୋର ପ୍ରତ୍ୟକ୍ଷ ଅନୁଭୂତି ହେଲା । କୋଠରୀର ସବୁ ପରଦା ଲଗାଇ କରି ଶୋଇବାକୁ ପଡିଥିଲା, ନ ହେଲେ କୋଠରୀ ଦିନ ଭଳି ଆଲୋକିତ ହୋଇଥାନ୍ତା ଓ ଶୋଇ ହୋଇ ନଥାନ୍ତା ।

ଷ୍ଟକ୍‌ହୋମରେ ସ୍ୱିଡେନର ପ୍ରଧାନମନ୍ତ୍ରୀ ମତେ ଭୋଜନ ପାଇଁ ନିମନ୍ତ୍ରଣ କରିଥିଲେ । ଭୋଜନ ପରେ ତାଙ୍କ ସହିତ ଓ ତାଙ୍କ ମନ୍ତ୍ରୀମାନଙ୍କ ସହିତ ବହୁତ ବାର୍ତ୍ତାଳାପ ହେଲା; ଯେଉଁଥିରୁ ସେଠାର ଆର୍ଥିକ ପରିସ୍ଥିତିର କିଛି ସୂଚନା ମୁଁ ପାଇଲି । ସ୍ୱିଡେନ ଏକ ସମାଜବାଦୀ ଦେଶ ଅଟେ । ସେଠାରେ ଲୋକମାନଙ୍କର

Digitized by srujanika@gmail.com

ଆୟରେ ମାତ୍ର ପାଞ୍ଚ ଛ'ଗୁଣ ବ୍ୟବଧାନ ରହିଛି । କାମ ପାଇବାକୁ କାହାକୁ କିଛି ଅସୁବିଧା ହୁଏ ନାହିଁ ଓ ପ୍ରତ୍ୟେକଙ୍କୁ ତାଙ୍କର କ୍ଷମତା ଓ ଯୋଗ୍ୟତା ଅନୁସାରେ ସନ୍ତୋଷପ୍ରଦ ବେତନ ମିଳେ । ଏତିକି ନୁହେଁ, ପ୍ରତ୍ୟେକ ସ୍ତ୍ରୀ ଓ ପୁରୁଷଙ୍କୁ ପେନସନ୍ ମଧ୍ୟ ମିଳେ । ପିଲାମାନଙ୍କ ଶିକ୍ଷା ମାଗଣା ଓ ତା'ର ସମସ୍ତ ବ୍ୟବସ୍ଥା ରାଜ୍ୟ କରେ । ପ୍ରତ୍ୟେକଙ୍କ ପାଖରେ ରହିବାକୁ ଘର ଓ ଯିବା ଆସିବା ପାଇଁ ଯାନ ଥାଏ । ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସାର ବ୍ୟବସ୍ଥା ରାଜ୍ୟ କରେ । ଏକ ପକ୍ଷରେ, ଯେଉଁଠାରେ ସମୃଦ୍ଧି ଓ ସମାଜବାଦର ବ୍ୟବସ୍ଥା ଅଛି, ସେଠାରେ, ଅନ୍ୟ ପକ୍ଷରେ ପାଗଳାମି ଓ ଆତ୍ମହତ୍ୟା ଘଟଣା ବହୁତ ବେଶି । ଏହାଛଡା, ମୁଁ ଯାହା ବୁଝିଲି, ଅବୈଧ ସନ୍ତାନମାନଙ୍କ ସଂଖ୍ୟା ସେଠାରେ ବହୁତ ବେଶି ଓ ସ୍ତ୍ରୀ ପୁରୁଷମାନଙ୍କ ସମ୍ବନ୍ଧ ବିଷୟରେ ସେଠାକାର ଲୋକମାନଙ୍କ ବିଚାର ଆମମାନଙ୍କଠାରୁ ବହୁତ ଅଲଗା, ବିବାହ ନ କରି ଯୌନ ସମ୍ବନ୍ଧ ବହୁତ ଦେଖାଯାଏ ଓ ଏପରି ସମ୍ବନ୍ଧରୁ ଜନ୍ମ ସନ୍ତାନମାନଙ୍କ ପାଇଁ ବ୍ୟବସ୍ଥା ରାଜ୍ୟ କରେ । ଏଥିରେ କିଛି ଖରାପ ଜିନିଷ ଅଛି ବୋଲି ସେଠାକାର ଲୋକମାନଙ୍କ ମନରେ କୌଣସି ଭାବନା ନାହିଁ ।

ପରଦିନ ସକାଳୁ ଷ୍ଟକ୍‌ହୋମରୁ ବାହାରି ମୁଁ ମସ୍କୋରେ ପହଞ୍ଚିଲି । ଏ ଥିଲା ଜୁଲାଇ ମାସର ଆରମ୍ଭ । ମସ୍କୋରେ ପହଞ୍ଚିବା ବେଳେ ସେଠାର ଅର୍ଥମନ୍ତ୍ରୀ ତଥା ଅନ୍ୟାନ୍ୟ କେତେକ ଅଧିକାରୀ ବିମାନ ବନ୍ଦରରେ ମୋର ସ୍ୱାଗତ କରିଥିଲେ । ମୋ ରହିବା ପାଇଁ ଗୋଟିଏ ଭିଲାରେ ବନ୍ଦୋବସ୍ତ କରାଯାଇଥିଲା । ଯାତ୍ରାରେ ଗଲେ ଜବାହରଲାଲଜୀଙ୍କ ପାଇଁ ସେଇଠାରେ ବନ୍ଦୋବସ୍ତ କରାଯାଏ ବୋଲି କେତେକ ଲୋକ ମତେ କହିଲେ । ଶ୍ରୀ କୃଶ୍ଚେଭ୍‌ଙ୍କ ଦ୍ୱିଭାଷୀୟ ଇଣ୍ଟରପ୍ରେଟର ମୋ ସହିତ ଥିଲେ ଓ ଯେଉଁ ବ୍ୟକ୍ତିମାନଙ୍କୁ ଆମର ସବୁ ବ୍ୟବସ୍ଥା କରିବାକୁ ରଖାଯାଇଥିଲା ସେମାନେ ଆମର ଖାଇବା, ପିଇବା ଓ ରହିବାର ସୁବ୍ୟବସ୍ଥା କରିଥିଲେ । ମୁଁ ଶାକାହାରୀ ଥିବାରୁ ସେମାନେ ବହୁତ ସାବଧାନତାର ସହ ଖାଇବା ପିଇବା ବନ୍ଦୋବସ୍ତ କରିଥିଲେ ।

ମତେ ଯେଉଁ ଭିଲାରେ ରହିବାକୁ ଦିଆଯାଇଥିଲା, ସେଠାର ଲୋକଙ୍କ ବିନାନୁମତିରେ କେହି ଭିତରକୁ ଆସିପାରୁ ନଥିଲେ -- ଏପରି ମୁଁ ଅନୁଭବ କଲି । ସେ ସମୟରେ ଭାରତର ଜଣେ ଅଧିକାରୀ ସେଠାକୁ ଆସିଥିଲେ ଓ ତାଙ୍କର ମତେ ସାକ୍ଷାତ କରିବାର ଥିଲା । ତାଙ୍କୁ ଯେଉଁ ସମୟ ଦିଆଯାଇଥିଲା ତା'ର କିଛି ସମୟ ଆଗରୁ ସେ ଆସିଯାଇଥିଲେ କିନ୍ତୁ ତାଙ୍କ ସହିତ ସେଠାକାର କୌଣସି ଅଧିକାରୀ ନଥିବାରୁ ତାଙ୍କୁ ଭିତରକୁ ଆସିବାକୁ ଦିଆଗଲା ନାହିଁ । ଯେଉଁ ବ୍ୟକ୍ତି ବାହାର ବ୍ୟବସ୍ଥା ଦେଖୁଥିଲେ, ସେ ସମ୍ବନ୍ଧିତ ଅଧିକାରୀଙ୍କ ସହିତ ଟେଲିଫୋନ୍‌ରେ କଥାବାର୍ତ୍ତା କରିସାରିବା ପରେ ପ୍ରାୟ ପନ୍ଦର କୋଡିଏ ମିନିଟ ପରେ ତାଙ୍କୁ ଭିତରକୁ ପଠାଯାଇଥିଲା । ଏଥିରୁ ମୋର ବିଶ୍ୱାସ ହୋଇଯାଇଥିଲା ଯେ ନିଜ ଇଚ୍ଛାନୁସାରେ ମୁଁ ସେଠାରେ କୌଣସି ବ୍ୟକ୍ତି ସହିତ ମିଶି ପାରିବି ନାହିଁ । ଅବଶ୍ୟ ମୁଁ ଏପରି କୌଣସି ଇଚ୍ଛା ବ୍ୟକ୍ତ କରିନଥିଲି କାରଣ ସେଠାକାର ଏପରି ବ୍ୟବସ୍ଥା ସମ୍ବନ୍ଧରେ ମୁଁ ଜାଣିଥିଲି ଓ ସେଠାକାର ଶାସନରେ ଏକଥା ସ୍ୱାଭାବିକ ମାତ୍ର ଥିଲା ।

ଭାରତର ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ସେ ସମୟରେ ସେଠାକୁ ଆସିଥିଲେ । ସେ ମସ୍କୋରେ ପହଞ୍ଚିବା ବେଳେ ଶ୍ରୀ କୃଶ୍ଚେଭ ମସ୍କୋରେ ନଥିବାରୁ ତାଙ୍କ ସହିତ ସାକ୍ଷାତ ହୋଇ ପାରି ନଥିଲା । ଡ. ରାଜେନ୍ଦ୍ର ପ୍ରସାଦ ସେଠାରେ ପହଞ୍ଚିବାର ପରଦିନ ମୁଁ ସେଠାରେ ପହଞ୍ଚିଲି । ଶ୍ରୀ କୃଶ୍ଚେଭଙ୍କ ଡ. ରାଜେନ୍ଦ୍ର ପ୍ରସାଦଙ୍କ ସହିତ ସାକ୍ଷାତ ପୂର୍ବରୁ ମୁଁ ତାଙ୍କ ସହିତ ସାକ୍ଷାତ କରିଥିଲି । ରାସ୍ତାରେ ଯିବାବେଳେ ଏକାଭଳି ଆଠ ଖଣ୍ଡ ଗାଡି ଯାଉଥିବାର ଦେଖିଲି, ସେଥିରୁ ଗୋଟିକରେ ଶ୍ରୀ କୃଶ୍ଚେଭ ଅଛନ୍ତି ବୋଲି ମତେ କୁହାଯାଇଥିଲା । ସେ ଗାଡିଗୁଡିକ ମଧ୍ୟରେ ସେ କେଉଁ ଗାଡିରେ ଥିଲେ କେହି କହିପାରି ନଥିଲେ । ସୁରକ୍ଷା ପାଇଁ ଏପରି ସାବଧାନତା ରଖାଯାଉଥିଲା । ମସ୍କୋରେ ରାସ୍ତା ଅନ୍ୟ କୌଣସି ସହର ରାସ୍ତାଠାରୁ ବିଶାଳ ଥିଲା ।

Digitized by srujanika@gmail.com

ସେଠାରେ ନାଟକ ଦେଖାଇବା ପାଇଁ ମତେ ଗୋଟିଏ ଥିଏଟରକୁ ନେଇଗଲେ । ନାଟକରେ ଅଭିନୟ ସୁନ୍ଦର ଥିଲା । ସେଠାର ବିଶ୍ୱବିଦ୍ୟାଳୟ ମୋ ରହିବା ଭିଲା ପାଖରେ ଥିଲା । ମୁଁ ମଧ୍ୟ ତାକୁ ଦେଖିଲି । ସେଠାର ଲୋକମାନଙ୍କ ରହିବା ପାଇଁ ଯେଉଁ ଘର ତିଆରି ହେଉଥିଲା ତାହା ମଧ୍ୟ ମତେ ଦେଖାଇଥିଲେ । ଚାରିମହଲା ବିଶିଷ୍ଟ କେତେ ବସ୍ତି ତିଆରି ହେଉଥିଲା । ଏପରି କୋଠାର ଗୋଟିଏ ଦୁଇଟି ବ୍ଲକ୍ ମୁଁ ଦେଖିଲି । ପ୍ରତ୍ୟେକ ଘରେ ଦୁଇ/ତିନୋଟି କୋଠରୀ, ବେଶି ବଡ ନଥିଲା କିନ୍ତୁ ଘର ସୁଖ-ସୁବିଧା ପୂର୍ଣ୍ଣ ଥିଲା । ପୁରୁଣା କୋଠା ଭାଙ୍ଗି, ସେଥିରେ ଲୋକମାନଙ୍କୁ ଏଠାରେ ରହିବାକୁ ଦିଆଯାଉଥିଲା । ଏହିପରି ଘର ତିଆରି କାମ ଦ୍ରୁତଗତିରେ ଚାଲୁଥିଲା । କିନ୍ତୁ ରୁଷ ସ୍ୱତନ୍ତ୍ର ହେବାର ୪୫ ବର୍ଷ ଶେଷ ହୋଇଥିଲା ତେଣୁ ଏତେ ବର୍ଷପରେ ଏ ବ୍ୟବସ୍ଥା କିଛି ଆଶ୍ଚର୍ଯ୍ୟଜନକ ନଥିଲା । ଏ ସବୁତ ମତେ ଦେଖାଇଥିଲେ କିନ୍ତୁ କୌଣସି ଗାଁ ମତେ ଦେଖାଇ ନଥିଲେ ।

ମୁଁ ଶ୍ରୀ କ୍ରୁଶ୍ଚେଭଙ୍କ ସହିତ ସାକ୍ଷାତ କରିବା ବେଳେ ସେଠାର ଅର୍ଥ ମନ୍ତ୍ରୀ ତଥା ଅନ୍ୟ କେତେ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ମୋ ସହିତ ଶ୍ରୀ ବି. କେ. ନେହେରୁ, ମୋ ଅର୍ଥ ସଚିବ ଓ ମୋ ଦ୍ୱିଭାଷୀ ଭାଷୀ ସହିତ ଅନ୍ୟ ଦୁଇତିନି ଜଣ ଅଧିକାରୀ ଥିଲେ । ଶ୍ରୀ କ୍ରୁଶ୍ଚେଭ ବାର୍ତ୍ତାଳାପ ଆରମ୍ଭ କଲେ । ଏହା ସେ ନିଜର ବିଶିଷ୍ଟ ଢଙ୍ଗରେ କଲେ । ସେ ବଡ ସ୍ପଷ୍ଟବାଦୀ, ଚାତୁର୍ଯ୍ୟପୂର୍ଣ୍ଣ ଓ ତୁରନ୍ତ ପ୍ରତ୍ୟୁତ୍ତର ଦେବା ବ୍ୟକ୍ତି ଥିଲେ -- ଏକଥା ତ ସେ ବମ୍ବେ ଆସିଥିବା ବେଳେ ମୁଁ ଜାଣିଥିଲି । ପ୍ରତ୍ୟେକ ବିଷୟରେ ଟିକିନିଖି ଖବର ରଖୁଥିଲେ । ବିଚାର ବିନିମୟରେ ତାଙ୍କର ବେଶ୍ ପ୍ରବଣତା ଥିଲା ଓ ସେ ପ୍ରତ୍ୟକ୍ଷ ପ୍ରତ୍ୟୁତ୍ତର ଦେଉଥିଲେ । ବାର୍ତ୍ତାଳାପ ଆରମ୍ଭରେ ସେ ମତେ କହିଲେ, "ମି. ଦେସାଇ, ଆପଣତ ସାମ୍ୟବାଦୀର ଶତ୍ରୁ ଅଟନ୍ତି । ତେଣୁ ସାମ୍ୟବାଦୀ ରାକ୍ଷସ କ'ଣ କରୁଛନ୍ତି ତାହା ଟିକିଏ ନିରୀକ୍ଷଣ କଲେ ଭଲ ହେବ ।" ଏକଥା ସେ ଟିକିଏ ମଜାରେ କହିଥିଲେ । କିନ୍ତୁ ମତେ ଲାଗିଲା ଯେ ଏମିତି ହସିହସି ମତେ କିଛି ଶୁଣାଇବା ତାଙ୍କର ଇଚ୍ଛା ଥିଲା । ମୁଁ ତାଙ୍କୁ ଜବାବ ଦେଲି, "ମି. କ୍ରୁଶ୍ଚେଭ, ସାଧାରଣତଃ ଆପଣ ସବୁ ବିଷୟରେ ସମସ୍ତ ଖବର ରଖିବା ବ୍ୟକ୍ତି ଅଟନ୍ତି । କିନ୍ତୁ ଯେପରି ଆପଣ ମତେ ଏକଥା କହିଲେ ସେଥିରୁ ମତେ ଲାଗୁଛି ଯେ ଆପଣଙ୍କ ଖବର ରଖିବାରେ କାହିଁ କେଉଁଠି ଟିକେ ଖଇଚା ରହିଛି । ମୁଁ କୌଣସି ବ୍ୟକ୍ତି ବା ବାଦର ଶତ୍ରୁ ନୁହେଁ ନା ଏପରି ଶତ୍ରୁତାରେ ମୋର କୌଣସି ଆନ୍ତରିକତା ଅଛି, ଏପରି ଶତ୍ରୁତାରେ ମୋର କୌଣସି ବିଶ୍ୱାସ ମଧ୍ୟ ନାହିଁ । ମୁଁ ତ ନିଜ ଶତ୍ରୁଙ୍କ ସହିତ ବିରୋଧ ଭାବ ରଖେ ନାହିଁ । ମୋ ଉପରେ କେହି ପ୍ରହାର କଲେ ମୁଁ ତା'ର ପୂରା ପ୍ରତିରୋଧ କରେ । କିନ୍ତୁ ମୁଁ ନିଜେ କାହାକୁ ପ୍ରହାର କରେ ନାହିଁ । ଏକଥା ସତ ଯେ ମୁଁ ସାମ୍ୟବାଦ ପସନ୍ଦ କରେ ନାହିଁ କାରଣ ସେଥିରେ ମୋର ଆକର୍ଷଣ ନାହିଁ ଓ ତା'ର ସିଦ୍ଧାନ୍ତରେ ମୋର ବିଶ୍ୱାସ ନାହିଁ । କିନ୍ତୁ ଅନ୍ୟ କୌଣସି ଦେଶର ଲୋକେ ସାମ୍ୟବାଦରେ ବିଶ୍ୱାସ ରଖିଲେ ମୋର ତାଙ୍କ ସହିତ କୌଣସି ଝଗଡା ନାହିଁ, ବରଂ କହିଲେ ଉଚିତ ହେବ ଯେ ତାଙ୍କ ସହିତ ମୋର କୌଣସି ଝଗଡା ହୋଇପାରିବ ନାହିଁ । ମୁଁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ମନୁଷ୍ୟର ସ୍ୱତନ୍ତ୍ରତାରେ ବିଶ୍ୱାସ କରେ । କାହା ସହିତ କଳି କରିବାକୁ ମୁଁ ଏଠାକୁ ଆସି ନାହିଁ, ସାମ୍ୟବାଦ କ'ଣ କରୁଛି, ତା'ର ପରୀକ୍ଷା ନିରୀକ୍ଷା କରିବାର ଇଚ୍ଛା ମୋର ନାହିଁ । ଏହା ମଧ୍ୟ ମୋ କାମ ନୁହେଁ । ଅବଶ୍ୟ ଯେଉଁଠାରେ ମାନବ ସମାଜ କଲ୍ୟାଣାର୍ଥେ ଯେଉଁ ଭଲ କାମ ସବୁ ହେଉଥାଏ ତାକୁ ଦେଖି ସେଠାରୁ କିଛି ଶିଖିବାର ମୋର ସ୍ପୃହା ଅଛି । ସେଥିପାଇଁ ଆପଣଙ୍କ ଆଗ୍ରହ ପୂର୍ଣ୍ଣ ନିମନ୍ତ୍ରଣ ପାଇ ମୁଁ ଏଠାକୁ ଆସିଛି । ଅତଃ ମୁଁ ଆଶା କରୁଛି ଯେ ଆପଣ ମତେ ସାମ୍ୟବାଦୀର ଶତ୍ରୁ ବୋଲି ଭାବିବେ ନାହିଁ ।" ମୁଁ ଏସବୁ କହିବା ପରେ ସେ କହିଲେ, "ମୁଁ ତ ଏମିତି ହସି ହସି ମଜା କରୁଥିଲି ।"

ଏହାପରେ ସେ ଧର୍ମ ଏବଂ ଈଶ୍ୱର ସମ୍ବନ୍ଧରେ କିଛି କଥା ହେଲେ । ସେ ଏ ପ୍ରଶ୍ନ ଉଠାଇବାରୁ ମତେ ମୋ ମତ କହିବାକୁ ପଡିଲା । ବାର୍ତ୍ତାଳାପ ବେଳେ ମୋ ତର୍କର ଜବାବ ତର୍କରେ ଦେଇନପାରି ହସି ହସି କହିଲେ,

Digitized by srujanika@gmail.com

''ଈଶ୍ୱର ମତେ ଏକଥା ନ ମାନିବାକୁ କହିଛନ୍ତି ।'' ସେ ଯେତେବେଳେ ଏକଥା କହିଲେ, ମୁଁ କହିଲି, ''ଆପଣଙ୍କ ଏ କଥାରେ ମୁଁ ସନ୍ତୁଷ୍ଟ, କାରଣ ଆପଣ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର ତ କଲେ ।'' ସେ ଭାବିଲେ ଯେ ଏପରି କହି ସେ ଯୁକ୍ତିରେ ହାରିଗଲେ । ତେଣୁ ପରେ ସେ ଏ ପ୍ରସଙ୍ଗ ବନ୍ଦ କରି ଦେଲେ ।

ଏହାପରେ ସେ ଆମେରିକାର ଖୁବ୍ ସମାଲୋଚନା ଆରମ୍ଭ କଲେ । ମତେ କହିଲେ, ''ଆମେରିକା ଆପଣଙ୍କୁ ବହୁତ ବେଶି ସହାୟତା ଦେଉ, ଏଥିପାଇଁ ଆମେ ଆପଣଙ୍କ ସହାୟତା କରୁ କାରଣ ଆମ ସହାୟତା ଆପଣଙ୍କୁ ମିଳିବା ପରେ ପରେ ଆମେରିକା ତା'ର ସହାୟତା ବଢ଼ାଇ ଦେଉଛି ।'' ମୁଁ କହିଲି, ''ଆମ ଦୃଷ୍ଟିରେ ତ ଦୁହେଁ ଆମର ମିତ୍ରରାଷ୍ଟ୍ର ଅଟନ୍ତି । ମୁଁ ଯଦି ଆପଣଙ୍କୁ କହେ ଯେ ଆମେରିକାର ସହାୟତା ଯୋଗୁଁ ଆପଣ ସାହାଯ୍ୟ କରୁଛନ୍ତି, ଆପଣଙ୍କୁ କିପରି ଲାଗିବ ? ଆପଣଙ୍କୁ ଏ କଥା କହିବାକୁ ମତେ ଉଚିତ ଲାଗିବ ନାହିଁ ଯେ ଆମେରିକା ସାହାଯ୍ୟ କରିବା କାରଣରୁ ହିଁ ଆପଣ ସହାୟତା କରୁଛନ୍ତି । ଆମକୁ ସାହାଯ୍ୟ କରୁଥିବା ଦେଶକୁ ଏପରି ସମାଲୋଚନା କରିବା ଉଚିତ ନୁହେଁ । ଏ ସମ୍ବନ୍ଧରେ ଆପଣଙ୍କ ସହ ଏକମତ ବି ହୋଇପାରିବି ନାହିଁ ।''

ସେ କହିଲେ, ''ଆମେରିକାର ଲୋକମାନେ ଯୁଦ୍ଧ ପ୍ରେମୀ ଅଟନ୍ତି, ଯେତେବେଳେ ଆମେ ଓ ଆପଣ ଶାନ୍ତିପ୍ରିୟ ଅଟୁ, ଆମେରିକୀୟମାନେ ଯୁଦ୍ଧ କରି ଆମକୁ ନାଶ କରିବାକୁ ଚାହୁଁଛନ୍ତି ।'' ମୁଁ ତାଙ୍କୁ କହିଲି, ''ଆମେରିକା ବାଲାଙ୍କୁ ଯୁଦ୍ଧପ୍ରିୟ କହିବା ମତେ ଉଚିତ ଜଣାପଡୁ ନାହିଁ । କେହି ଆମ ଉପରେ ଏପରି ଆରୋପ ଲଗାଇଲେ, ଆମକୁ ଭଲ ଲାଗିବ ନାହିଁ । ଆଚ୍ଛା ଧରିନିଆ ଯାଉ ଯେ ଆମେରିକୀୟମାନେ ଯୁଦ୍ଧପ୍ରେମୀ ଅଟନ୍ତି ଓ ଆମେମାନେ ଶାନ୍ତିପ୍ରିୟ ଅଟୁ, ତେବେ କ'ଣ ଶାନ୍ତି ରଖିବା ଆମର କର୍ତ୍ତବ୍ୟ ନୁହେଁ ? ଧରନ୍ତୁ ଦୁଇ ଜଣ ବ୍ୟକ୍ତି ସାମନା ସାମନି ମୋଟର ଚଳାଇ ଆସୁଛନ୍ତି ଏବଂ ଏ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଏତେ ଦୁଃସାହସୀ ଯେ ସେ ଦୁର୍ଘଟଣା କଥା ନ ଭାବି ଅନ୍ଧାଧୁନ୍ଧ ମଟର ଚଳାଉଛି, ଆଉ ଦ୍ୱିତୀୟ ବ୍ୟକ୍ତି ସାବଧାନତା ସହକାରେ ମଟର ଚଳାଉଛି ଓ ଦୁର୍ଘଟଣାରୁ ନିଜକୁ ରକ୍ଷା କରିବାକୁ ଚାହୁଁଛି, ଆପଣଙ୍କୁ କ'ଣ ଏପରି ଲାଗୁ ନାହିଁ ଯେ ଦୁର୍ଘଟଣାରୁ ନିଜକୁ ରକ୍ଷା କରିବାକୁ ଚିନ୍ତା କରିବା ବ୍ୟକ୍ତି ଅଧିକ ସାବଧାନତା ଅବଲମ୍ବନ କରିବା ଉଚିତ ? ସାମ୍ନାବାଲା ଯେତେ ଅସାବଧାନରେ ଗାଡି ଚଳାଇଲେ ମଧ୍ୟ, ସାବଧାନରେ ଚଳାଉବାବାଲା ବଞ୍ଚିପାରେ, ଆପଣଙ୍କୁ ଏପରି ଲାଗୁ ନାହିଁ ? ଅତଃ ଆମେରିକା ଯୁଦ୍ଧପ୍ରିୟ ହେଲେ ମଧ୍ୟ ତା'କୁ ଶାନ୍ତ କରିବା କ'ଣ ଆପଣଙ୍କର ଓ ଆମର କର୍ତ୍ତବ୍ୟ ନୁହେଁ ? ଏବଂ ଏପରି କରିବା ଆମର କର୍ତ୍ତବ୍ୟ ହେଲେ, ତା' ବିରୁଦ୍ଧରେ ଯାହା ଇଚ୍ଛା ଆରୋପ ଲଗାଇ ଆମେ କ'ଣ ତାକୁ ବଦଳାଇପାରିବା ? ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରରେ ହିଁ ଆମେ ତାକୁ ବଦଳାଇପାରିବା ।'' ସେ କହିଲେ, ''ସେ କଥା ତ ଠିକ୍, କିନ୍ତୁ ସେମାନେ ସାମ୍ୟବାଦକୁ ନାଶ କରିବା କଥା କହୁଛନ୍ତି ।'' ତେବେ ମୁଁ କହିଲି, ''ସେମାନେ ସାମ୍ୟବାଦ ନାଶ କରିବା କଥା କହୁଛନ୍ତି -- ଏକଥା ଆପଣ କହୁଛନ୍ତି । କିନ୍ତୁ ସେମାନେ ସାମ୍ୟବାଦ ନାଶ କରିବା କଥା କାହାକୁ କହିନାହାନ୍ତି, ଯଦିଓ ନିଉୟର୍କରେ ଭାଷଣ ଦେବାବେଳେ ଆପଣ କହିଥିଲେ ଯେ 'ଆମେ ଆମେରିକାକୁ ନଷ୍ଟ କରି ଦେବୁ' । ଆପଣ ଏପରି କହିଲେ, ସେମାନେ ତା'ର ପ୍ରତିରୋଧ କରିବା ସ୍ୱାଭାବିକ । ଅତଃ ଶାନ୍ତିପ୍ରିୟ ଦେଶମାନଙ୍କୁ ବିଶେଷ ସାବଧାନରେ ଚଳିବା ଉଚିତ ଓ ଆମେରିକାର ବହୁତ ଆଲୋଚନା କରିବା ଉଚିତ ନୁହେଁ । ଏପରି ଆପଣଙ୍କୁ ଲାଗୁନାହିଁ ?''

ମୋର ଏହି ମତକୁ ସେ ସ୍ୱୀକାର କଲେ, କିନ୍ତୁ କହିଲେ, ''ସାମ୍ୟବାଦ ଏତେ ଭଲ ଯେ ଆପଣଙ୍କ ଦେଶରେ ମଧ୍ୟ ଏହା ପ୍ରସାର ନ ହୋଇ ରହିବ ନାହିଁ ।'' ଏହା ଉପରେ ମୁଁ କହିଲି, ''ଯଦି ଆମ ଲୋକମାନେ ଖୁସିରେ ସ୍ୱୀକାର କରନ୍ତି ଯେ ସାମ୍ୟବାଦ ଦ୍ୱାରା ଆପଣ ବହୁତ ଭଲ କାମ କରୁଛନ୍ତି ତେବେ ସେ ଅଲଗା କଥା । କିନ୍ତୁ ଯଦି ଆମ ଦେଶରେ ସାମ୍ୟବାଦ ପ୍ରସାରଣ ପାଇଁ କାମ କରିବା ଆପଣଙ୍କୁ ଠିକ୍ ଲାଗୁଛି, ତେବେ ଆପଣ କ'ଣ ଆପଣଙ୍କ ଏଠାରେ ଲୋକତନ୍ତ୍ର ପ୍ରଚାର କରିବାକୁ ଅନୁମତି ଦେବେ ? ଏପରି ଅନୁମତି ଯଦି

Digitized by srujanika@gmail.com

ଆପଣ ନ ଦିଅନ୍ତି, ତେବେ ଆମ ଦେଶରେ ଏହାଠାରୁ ଭିନ୍ନ ବ୍ୟବହାର ଆଶା କରିବା କିପରି ଠିକ୍ ହେବ ? ତେଣୁ, କାହାର ହସ୍ତକ୍ଷେପ ଅନୁପସ୍ଥିତିରେ ଦୁଇ ପ୍ରଣାଳୀ ମଧ୍ୟରେ ପ୍ରତିଯୋଗିତା ହେବା ଉଚିତ । ତାପରେ ଲୋକମାନେ ସାମ୍ୟବାଦର ଉତ୍ତମ ପରିଣାମ ଦେଖି ତାକୁ ସ୍ୱୀକାର କଲେ ଠିକ୍ ହେବ । କିନ୍ତୁ ଜୋର ଜବରଦସ୍ତି ବା ଆକ୍ରମଣକାରୀ ପ୍ରସାରଣରେ ଏହା ଠିକ୍ ହେବ ନାହିଁ ।''

ସେ ହସି ହସି ଏ କଥା ତ ସ୍ୱୀକାର କଲେ କିନ୍ତୁ ପରେ ଏକଥା ବି କହିଲେ, ''ଆପଣଙ୍କ ସେଠାରେ ଲୋକମାନେ ସାମ୍ୟବାଦ ମାନି ନେବେ ।'' ମୁଁ କହିଲି, ''ମୋର ଧାରଣା ଯେ ଆପଣଙ୍କ ଏଠାରେ ଲୋକତନ୍ତ୍ର ସ୍ଥାପିତ ହେବ । କାରଣ ଲୋକତନ୍ତ୍ରର ପରିଣାମ ସବୁବେଳେ ଅଧିକ ଉତ୍ତମ ଅଟେ -- ଏକଥା ମୁଁ ବିଶ୍ୱାସ କରେ ।''

ଏଇଠି ରାଜନୈତିକ ଆଲୋଚନା ବନ୍ଦ ହେଲା । କିନ୍ତୁ ଏଥିରେ ଆମ ଦୁଇଜଣଙ୍କ ସମ୍ବନ୍ଧ ଅତ୍ୟନ୍ତ ମିତ୍ରତା ପୂର୍ଣ୍ଣ ହୋଇଗଲା । ଦୁଇ ଦେଶ ସମ୍ବନ୍ଧରେ କିଛି କଥାବାର୍ତ୍ତା ପରେ ସେ ମତେ ପଚାରିଲେ ଯେ ମୁଁ କୁଆଡେ କୁଆଡେ ଯିବି । ମୁଁ କହିଲି, ''ଆପଣଙ୍କ ଅଜାଣତରେ ମୋ କାର୍ଯ୍ୟକ୍ରମ ତିଆରି ହୋଇପାରିବ ନାହିଁ । ତେଣୁ ମତେ କାହିଁକି ପଚାରୁଛନ୍ତି ? ସ୍ୱୟଂ ମତେ ଏ ବିଷୟରେ କିଛି ଜଣାନାହିଁ ।'' ସେ ତତ୍‌କାଳ ମୋ କାର୍ଯ୍ୟକ୍ରମ ମଗାଇ ଦେଖିଲେ । ଏହି କାର୍ଯ୍ୟକ୍ରମ ପରେ ମତେ ଲେନିନ୍‌ଗ୍ରେଡ ଯିବାର ଥିଲା ଓ ମସ୍କୋରେ କେତେକ ସ୍ଥାନ ଦେଖିବାର ଥିଲା । ଶ୍ରୀ କ୍ରୁଶ୍ଚେଭ କାର୍ଯ୍ୟକ୍ରମ ଦେଖିକରି କହିଲେ, ''ଏହା ତ ବହୁତ କମ୍ କାର୍ଯ୍ୟକ୍ରମ ଅଟେ । ଏହା ପୁରୁଣା ସମୟ ନୁହେଁ -- ଜେଟ୍ ଯୁଗ ଅଟେ । ତେଣୁ ଅନେକ ସ୍ଥାନ ଯାଇପାରିବେ ।'' ତଦନୁସାରେ ସେ ନୂଆ କାର୍ଯ୍ୟକ୍ରମ ତିଆରି କଲେ ।

ୟୁରାଲ ପର୍ବତମାଳାରେ ଥିବା ଗୋଟିଏ ଔଦ୍ୟୋଗିକ ସହର ଯାହାକୁ ସେ ସମୟରେ ଷ୍ଟାଲିନଗ୍ରାଡ କୁହାଯାଉଥିଲା ସେଠାକୁ ଓ ବାକୁ ଆଦି ସ୍ଥାନକୁ ବି ଯାଇଥିଲି । ଶ୍ରୀ କ୍ରୁଶ୍ଚେଭ ନିଜର ଗୋଟିଏ ଟର୍ବୋ ଜେଟ୍ ବିମାନ ମୋ ଯାତ୍ରା ପାଇଁ ଦେଇଥିଲେ । ତାହା ଏତେ ବଡ ଥିଲା ଯେ ସେଥିରେ ଷାଠିଏରୁ ଅଶୀ ଯାତ୍ରୀ ବସିପାରୁଥିଲେ । ସେଥିରେ ଏସବୁ ସ୍ଥାନ ଦେଖିବାକୁ ଯିବା ପାଇଁ ସେ ବ୍ୟବସ୍ଥା କରିଥିଲେ । ଗୋଟିଏ ଦୁଇଟି ସ୍ଥାନ ଯେଉଁଠାକୁ ବଡ ବିମାନ ଯାଇପାରିବ ନାହିଁ ସେଠାରେ ନିକଟବର୍ତ୍ତୀ ସ୍ଥାନ ପର୍ଯ୍ୟନ୍ତ ଏ ବିମାନରେ ଯାଇ ପୁଣି ଛୋଟ ବିମାନରେ ଯିବାର ବନ୍ଦୋବସ୍ତ ଥିଲା । ଏହିପରି ୩/୪ ଦିନରେ ମୁଁ ସବୁ ସ୍ଥାନ ଦେଖିଆସିଲି । ଲେନିନ୍‌ଗ୍ରେଡ ବି ଦେଖିଆସିଲି । ମୁଁ ରାତିରେ ରେଳଗାଡିରେ ଲେନିନ୍‌ଗ୍ରେଡ୍ ଯାଇଥିଲି । ବାତାନୁକୂଳ ଡବା ଥିଲା ଓ ରାତି ହୋଇଥିଲା, ତେଣୁ ବାହାର କିଛି ଦେଖାଯାଉନଥିଲା । ଏସବୁ ସ୍ଥାନରେ ମୋ ରହିବା ବ୍ୟବସ୍ଥା କୌଣସି ଆଧୁନିକ ବାସଗୃହ ବା ସୁନ୍ଦର ହୋଟେଲରେ କରାଯାଇଥିଲା ।

ଲେନିନ୍ ଗ୍ରେଡରେ ପ୍ରାଚୀନ ରାଜପ୍ରାସାଦରେ ବିବାହ ଅନୁଷ୍ଠାନ ପାଇଁ ବ୍ୟବସ୍ଥା ଖୁବ ଭଲ ଭାବରେ ହୋଇଛି । ବ୍ୟବସ୍ଥା ଏପରି ହୋଇଛି ଯେଉଁଥିରେ ଖର୍ଚ୍ଚ କମ ହେବ । କଳାକୃତିର ସଂଗ୍ରହାଳୟ ମଧ୍ୟ ମୁଁ ଦେଖିଲି । ଏହାକୁ ଦେଖି ମୋର ମନେ ହେଲା ଯେ ବିପ୍ଳବ ପୂର୍ବର ସେଠାକାର କଳା ଆଧୁନିକ କଳା ଅପେକ୍ଷା ଅଧିକ ଉତ୍କୃଷ୍ଟ ଥିଲା ।

ବିଜ୍ଞାନରେ ରୁଷ ବହୁତ ପ୍ରଗତି କରିଛି କାରଣ ଏ କ୍ଷେତ୍ରରେ ସେଠାକାର ଲୋକମାନେ ନିର୍ବିଘ୍ନରେ ଗବେଷଣା କରନ୍ତି କିନ୍ତୁ କଳା ଓ ସାହିତ୍ୟରେ ସେପରି ସ୍ୱତନ୍ତ୍ରତା ନ ଥିବାରୁ ସେ କ୍ଷେତ୍ରରେ ତାଙ୍କର ପ୍ରଗତି ଆଗ ସମୟ ପରି ହୋଇନାହିଁ । ବିଶେଷ କରି କଳାର ବିକାଶ ପାଇଁ କଳାକାରଙ୍କୁ ସର୍ବଥା ସ୍ୱତନ୍ତ୍ର ହେବା ଉଚିତ । କଳାକାରଙ୍କୁ କୌଣସି ବନ୍ଧନରେ ଜାବୁଡି ଧରିଲେ -- ସମାଜ ଦ୍ୱାରା ହେଉ ବା ରାଜ୍ୟ ଦ୍ୱାରା

Digitized by srujanika@gmail.com

ହେଉ -- କଳାର ବିକାଶ ଅବରୁଦ୍ଧ ହୋଇଯାଏ । ଏହାର ଉଦାହାରଣ ମତେ ଏହି ସଂଗ୍ରହାଳୟରେ ଦେଖିବାକୁ ମିଳିଲା । ପିଲାମାନଙ୍କ ଖେଳକୁଦ ପାଇଁ ସୋଭିଏତ ରୁଷରେ ଯେଉଁ ସୁନ୍ଦର ସଂସ୍ଥା ସ୍ଥାପିତ ହୋଇଛି ତା'ର ଗଭୀର ଛାପ ମୋ ଉପରେ ପଡିଲା । କଳ କାରଖାନାରେ କାମ କରୁଥିବା ଶ୍ରମଜୀବିମାନଙ୍କ ବିକାଶ ପାଇଁ ଉପଲବ୍ଧ ସାଧନ ମୁଁ ଦେଖିଲି ।

ବାକୁରେ ଯେଉଁ 'ଅଫ୍ ଶୋର' ଡ୍ରିଲିଂଗ ଅର୍ଥାତ ସମୁଦ୍ରରେ ତୈଳ କ୍ଷେତ୍ର ଖୋଜିବା କାମ ହେଉଥିଲା ମୁଁ ସେଠାକୁ ବି ଯାଇଥିଲି । ଏଥିପାଇଁ ସମୁଦ୍ରରେ ଗୋଟିଏ ପ୍ଲାଟଫର୍ମ ତିଆରି ହୋଇଥିଲା । ମୁଁ ସେଠାକୁ ଯାଇଥିଲି । ସେଠାରେ କାମ କରୁଥିବା ଲୋକେ ବହୁତ ବିପଦର ସାମନା କରି ଉପରେ ଚଢି କାମ କରୁଥିଲେ । ଜୋର ପବନରେ ସମୁଦ୍ରରେ ପ୍ରଚଣ୍ଡ ଖରା ଓ ବଡ ବଡ ଲହରୀ ଭିତରେ ଏକାମ କରିବା ଦେଖି ସେମାନଙ୍କ ସାହସ ଓ କୁଶଳତାରେ ମୁଁ ବହୁତ ପ୍ରଭାବିତ ହେଲି ।

ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ସହିତ କେତେକ ପତ୍ରକାର ଭାରତରୁ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ମତେ ଦେଖା କରିଥିଲେ । ସେମାନେ ମୋ ଠାରୁ ଜାଣିବାକୁ ଚାହିଁଥିଲେ ଯେ ରୁଷ ଆହୁରି କେତେ ଅଧିକ ସହାୟତା ଦେଉଛି । ଏ ବିଷୟରେ ମୁଁ ରୁଷର ଅଧିକାରୀଙ୍କ ସହିତ କ'ଣ ଆଲୋଚନା କରିଛି । ମୁଁ ସେମାନଙ୍କୁ କହିଲି, ''ସହାୟତା ମାଗିବାକୁ ମୁଁ ଆସିନାହିଁ । ଆପଣ କ'ଣ ତାଙ୍କୁ ସହାୟତା ମାଗିବାକୁ ମତେ କହୁଛନ୍ତି ? ମତେ ନ ପଚାରି ତାଙ୍କୁ ପଚାରିଲେ ଭଲ ହେବ ଯେ ସେ କ'ଣ ସାହାଯ୍ୟ କରିବାକୁ ଚାହାନ୍ତି ।'' ଏହାପରେ କେତେକ ପତ୍ରକାର ଉପପ୍ରଧାନମନ୍ତ୍ରୀ (ଭାଇସପ୍ରିମିୟର) ଶ୍ରୀ ମିକେୟନଙ୍କୁ ଭେଟିଲେ । ସେ ବହୁତ ଦିନୁ ମହତ୍ତ୍ୱପୂର୍ଣ୍ଣ ପଦରେ ଥିଲେ । ପତ୍ରକାରମାନେ ତାଙ୍କୁ ପଚାରିଲେ କି ଭାରତକୁ କ'ଣ ସହାୟତା ଦେବେ । ସେ ଜବାବ ଦେବେ, ''ଆପଣଙ୍କ ଅର୍ଥମନ୍ତ୍ରୀ ମତେ ଏପରି କିଛି ମାଗି ନାହାନ୍ତି ।'' ଆଉ ଅଧିକ କିଛି କହିଲେ ନାହିଁ । ଏକଥା ମତେ ପତ୍ରକାରମାନେ କହିଥିଲେ ।

ଏହାପରେ ଶ୍ରୀ ମିକୋୟନଙ୍କ ସହିତ ମୋର ଭେଟ ହେଲା । ଅତ୍ୟନ୍ତ ମିତ୍ରତା ପୂର୍ଣ୍ଣ ବାତାବରଣରେ ତାଙ୍କ ସହିତ କଥାବାର୍ତ୍ତା ହେଲା । ସେ ମତେ କହିଲେ, ''ଆମ ସହିତ ଯେ ଉଦ୍ଧତର ସହିତ ବ୍ୟବହାର କରନ୍ତି ଆମେ ତାଙ୍କୁ ସିଧା କରି ଦେଇଥାଉ ।'' ମୁଁ ତାଙ୍କୁ ଗୋଟିଏ ଗପ ଶୁଣାଇଲି । ଥରେ ଭଗବାନ ବୁଦ୍ଧ ନିଜ ଶିଷ୍ୟମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ । ସେତେବେଳେ ଜଣେ ବ୍ରାହ୍ମଣ ପଣ୍ଡିତ ସେଠାକୁ ଆସିଲେ । ସେ ବୁଦ୍ଧଙ୍କ ଉପରେ ବହୁତ ନାରାଜ ଥିଲେ କାରଣ ବୁଦ୍ଧ ଭଗବାନ ବ୍ରାହ୍ମଣମାନଙ୍କର କର୍ମକାଣ୍ଡ ଆଦି ପ୍ରଥାକୁ ବିରୋଧ କରୁଥିଲେ । ତେଣୁ ସେ ଭଗବାନ ବୁଦ୍ଧଙ୍କର ବହୁତ କଟୁ ସମାଲୋଚନା କଲେ ଓ ଗାଳି ଦେଲେ । କିନ୍ତୁ ଭଗବାନ ବୁଦ୍ଧ ଅତ୍ୟନ୍ତ ଶାନ୍ତ ରହି ହସୁଥିଲେ ଓ କିଛି କହିଲେ ନାହିଁ । ଅଧଘଣ୍ଟା ଯାଏ ଏହା ଚାଲିଲା । ଶେଷରେ ପଣ୍ଡିତ ମହାଶୟ ଗାଳି ଦେଇ ଦେଇ ଥକି ଗଲେ ଓ ବୁଦ୍ଧ ଭଗବାନଙ୍କୁ କହିଲେ, ''ଆରେ ବୁଦ୍ଧ, କିଛି ତ ଜବାବ ଦେ ।'' ବୁଦ୍ଧ ଭଗବାନ ହସିକରି ତାଙ୍କୁ ପଚାରିଲେ, ''ଭାଇ, ମୁଁ ଯଦି ଆପଣଙ୍କୁ କିଛି ଜିନିଷ ଦିଏ କିନ୍ତୁ ଆପଣ ତାହା ସ୍ୱୀକାର ନକରନ୍ତି । ତେବେ ସେ ଜିନିଷ କ'ଣ ହେବ ?'' ପଣ୍ଡିତ ଜବାବ ଦେଲେ ସେ ଜିନିଷ ସବୁ ଆପଣଙ୍କୁ ହିଁ ଫେରସ୍ତ ମିଳିବ ।'' ସେଇଠୁ ବୁଦ୍ଧ ଭଗବାନ କହିଲେ, ''ଆପଣଙ୍କ ସହିତ ଏହା ହିଁ ହେଲା । ଆପଣଙ୍କ ଗାଳି ମୁଁ ସ୍ୱୀକାର କଲି ନାହିଁ । ତେଣୁ ଏହା ଆପଣଙ୍କୁ ଫେରସ୍ତ ମିଳିଲା ।'' ଏହିପରି ନିର୍ବିକାର ଓ ଶାନ୍ତ ଭାବରେ ଯେତେବେଳେ ସେ କହିଲେ, ପଣ୍ଡିତ ଲଜ୍ଜିତ ହେଲେ, ପୁଣି କିଛି ସମୟରେ ତାଙ୍କର ଶିଷ୍ୟ ହୋଇଗଲେ ।

ଏଇ ଗପ ଶୁଣାଇ ମୁଁ ମିକୋୟାନଙ୍କୁ କହିଲି, ''ଭାରତର ରୀତିନୀତି ଏହିପରି ଅଟେ । ସ୍ୱରାଜ ପାଇବା ପାଇଁ ଆମେ ଏଇ ନୀତିର ଉପଯୋଗ କରିଥିଲୁ । ତେଣୁ ଆମକୁ ଶୀଘ୍ର ସଫଳତା ମିଳିଲା ଓ ଆମେ ଶାନ୍ତିପୂର୍ବକ ନିଜ ଦେଶର ବିକାଶ କରୁଛୁ ।''

Digitized by srujanika@gmail.com

ଶ୍ରୀ ମିକୋୟାନ ମୋ କଥା ବୁଝିଗଲେ କିନ୍ତୁ କିଛି କହିଲେ ନାହିଁ । ସେ ଖୁସି ଜଣାପଡିଲେ । ଜଣା ପଡୁଥିଲା ଯେ ସେ ମୋ କଥାର ମର୍ମ ସ୍ୱୀକାର କରିଥିଲେ ।

ଶ୍ରୀ ମିକୋୟାନଙ୍କ ସହିତ କଥାବାର୍ତ୍ତା ଶେଷ ହେବାକୁ ଯାଉଛି; ଭାରତୀୟ ପ୍ରତିନିଧିମାନେ ମତେ ଯେଉଁ କଥା କହିଥିଲେ ମୁଁ ତାଙ୍କୁ କହିଲି । ମୁଁ ପଚାରିଲି, ''ଆମର ଏଇ ପତ୍ରକାରଙ୍କୁ ଆପଣ କହିଥିଲେ ଯେ ମୁଁ ସହାୟତା ପାଇଁ କୌଣସି ଦାବି କରିନାହିଁ । ଏହାର ଅର୍ଥ ହେଲା ଯେ ମତେ ଆପଣଙ୍କ ପାଖରେ ସହାୟତା ପାଇଁ ଦାବି କରିବା ଉଚିତ । କିନ୍ତୁ ଗତ ବର୍ଷ ଆମ ତୃତୀୟ ପଞ୍ଚବର୍ଷୀୟ ଯୋଜନା ପାଇଁ ଆପଣ ଯେତେବେଳେ ସହାୟତାର ପରିମାଣ ନିଶ୍ଚିତ କରିଥିଲେ ସେତେବେଳେ ଆପଣ ୧୫୦ କୋଟି ରୁବେଲ ଦେବାକୁ ସ୍ଥିର କରିଥିଲେ । ଜବାହରଲାଲଜୀ ଆପଣଙ୍କୁ ସୂଚିତ କରିଥିଲେ ଯେ ଏଥିପାଇଁ ଯେଉଁ ରାଜିନାମା ଆପଣ ତିଆରି କରିଛନ୍ତି ସେଥିରେ ୧୫୦ କୋଟି ରୁବେଲ ମାତ୍ର ପ୍ରଥମ କିସ୍ତି ପାଇଁ ସ୍ଥିର କରାଯାଇଛି, ପରବର୍ତ୍ତୀ କିସ୍ତି ପାଇଁ ନୁହେଁ । ଏହା ଉପରେ ଆପଣ ଦୃଢ ଆପତ୍ତି କରିଥିଲେ ଓ କହିଥିଲେ ଯେ ଏ ପରିମାଣରେ କୌଣସି ବୃଦ୍ଧି ହୋଇପାରିବ ନାହିଁ କି ବର୍ତ୍ତମାନର ଆର୍ଥିକ ପରିସ୍ଥିତି ଦୃଷ୍ଟିରୁ ଏହା ଅପେକ୍ଷା ଅଧିକ ଅର୍ଥ ଦେବା ସମ୍ଭବ ନୁହେଁ । ଆପଣ ଏକଥା ମଧ୍ୟ କହିଥିଲେ ଯେ ଏଇ ଅର୍ଥ ସ୍ୱୀକାର୍ଯ୍ୟ ନ ହେଲେ ସହାୟତା ସମ୍ବନ୍ଧରେ ରାଜିନାମା କରିବାକୁ ଆପଣ ପ୍ରସ୍ତୁତ ନାହାଁନ୍ତି । ଏଇ ରାଜିନାମାରେ ୧୫୦ କୋଟି ରୁବେଲ ସହାୟତା ବିଷୟ ଆପଣ ନିଜ ଇଚ୍ଛାରେ ସ୍ଥିର କରି ଲେଖିଥିଲେ । ତେଣୁ ସେ ବିଷୟରେ କଥାବାର୍ତ୍ତା କରି ମୁଁ ଆପଣଙ୍କୁ ଅସୁବିଧାରେ ପକାଇବାକୁ ଚାହୁଁନଥିଲି । କିନ୍ତୁ ଯଦି ଆପଣଙ୍କୁ ଲାଗୁଛି ଯେ ବର୍ତ୍ତମାନ ଆପଣଙ୍କ ଆର୍ଥିକ ଅବସ୍ଥା ଅଧିକ ଉନ୍ନତ ହୋଇଛି ଓ ଆପଣ ଅଧିକ ସହାୟତା ଦେଇ ପାରିବେ ତଥା ଦେବାକୁ ଇଚ୍ଛା ରଖୁଛନ୍ତି ଏବଂ ଚାହୁଁଛନ୍ତି ଯେ ସେଥିପାଇଁ ମତେ ଦାବି ଉପସ୍ଥାପନ କରିବାକୁ ହେବ, ସେଥିପାଇଁ ମୁଁ ପ୍ରସ୍ତୁତ ଅଛି, ତେଣୁ ଏ ବିଷୟରେ ଆପଣଙ୍କ ଠାରୁ ସ୍ପଷ୍ଟତା ଚାହୁଁଛି ।''

ସେ ସାଙ୍ଗେ ସାଙ୍ଗେ ହସିକରି କହିଲେ, ''ମୁଁ ଆପଣଙ୍କ କଥା ଭଲ କରି ବୁଝିଗଲି ଓ ଏ ବିଷୟରେ ବିଚାର କରି ଆପଣଙ୍କୁ ସୂଚିତ କରିବୁ ।''

ଏହାର କିଛିଦିନ ପରେ ହିଁ ରୁଷ ତରଫରୁ ପଞ୍ଚବର୍ଷୀୟ ଯୋଜନାର ୧୫୦ କୋଟି ସହାୟତାରେ ୫୦ କୋଟି ରୁବେଲ ବଢାଇ ଦିଆଗଲା ।

ମୋର ଖିଆଲ ଯେ ଏ ବିଷୟରେ ପ୍ରଥମରୁ ହିଁ କିଛି ବିଚାର କରାଯାଇଥିଲା କାରଣ ମୁଁ ରୁଷ ଆସିବା ସ୍ଥିର କରିବା ପୂର୍ବରୁ ସେଠାକାର ରାଜଦୂତ ଶ୍ରୀ ବେନିଡି କ୍ରୋବ କହିଥିଲେ ଯେ ମୋର ରୁଷ ଯାତ୍ରାର ପରିଣାମ ଲାଭଦାୟକ ହେବ ।

ରୁଷ ସରକାର ତରଫରୁ ମତେ ପାର୍ଟି ଓ ଭୋଜନ ଦିଆଯାଇଥିଲା । ଦୁଇଟି ପାଖାପାଖି କୋଠରୀରେ ପାର୍ଟିର ବ୍ୟବସ୍ଥା କରାଯାଇଥିଲା । ଗୋଟିଏ କୋଠରୀ ଛୋଟ ଓ ଅନ୍ୟଟି ବଡ ଥିଲା । ଛୋଟ କୋଠରୀରେ ବିଶେଷ ବ୍ୟକ୍ତି ଥିଲେ ଓ ବଡ କୋଠରୀରେ ସାଧାରଣ ବ୍ୟକ୍ତି ଥିଲେ । ଏ ବ୍ୟବସ୍ଥା ମଧ୍ୟ ଜାଣିଶୁଣି କରା ହୋଇଥିବ -- ମତେ ଲାଗିଲା । ସେମାନଙ୍କ ଭୋଜନ ପଦ୍ଧତି ଅତି ସରଳ । ସେମାନେ ''ଭଡକା'' ମାଦକ ପାନୀୟ ବହୁତ ପିଅନ୍ତି ଓ ବାରମ୍ବାର ଶୁଭକାମନା କରି 'ଟୋଷ୍ଟ' ନେଉଥିଲେ । ଭଡକା ପାଣି ଭଳି ଦେଖାଯାଏ ଓ କୌଣସି ଗନ୍ଧ ସେଥିରେ ନ ଥାଏ । କେତେକ ଅତିଥି ତାକୁ ପାଣି ବୋଲି ଭାବୁଥିଲେ । କିନ୍ତୁ ମୁଁ ଭଲ କରି ଜାଣିଥିଲି । ସେମାନେ ମଧ୍ୟ ମୋ ବିଚାର ଭଲ କରି ଜାଣିଥିଲେ । ତେଣୁ ସେମାନେ ଅଧିକ ଯତ୍ନବାନ ଥିଲେ ।

Digitized by srujanika@gmail.com

ରୁଷ ଯାତ୍ରାରେ ମୋ ପାଖରେ ଦୁଇଜଣ ଦ୍ୱିଭାଷୀ ଥିଲେ । ସେମାନେ ପ୍ରଥମେ ଶ୍ରୀ କୃଷ୍ଣେଭଙ୍କ ପାଖରେ ଥିଲେ ଏପରି ମତେ ଲାଗୁଥିଲା । ମୋର ଯାତ୍ରା, ନିବାସ ଓ ଅନ୍ୟାନ୍ୟ ସୁବିଧା ଇତ୍ୟାଦିର ବହୁତ ଯତ୍ନ ନେଉଥିଲେ । ସେଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦେଲି ।

ରୁଷରେ ଦଶଦିନ ଯାତ୍ରା ପରେ ମୁଁ ଭାରତ ଫେରିଆସିଲି । ମୁଁ ଆସିବା ପରେ ଶ୍ରୀ କୃଷ୍ଣେଭ ମୋ ଯାତ୍ରା ବିଷୟରେ ଜବାହରଲାଲଜୀଙ୍କୁ ଚିଠି ଲେଖିଥିଲେ । ଜବାହରଲାଲଜୀ ମତେ କହିଥିଲେ ଯେ ମୋ ଯାତ୍ରାରେ ସେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ ଓ ମୋର ଖୁବ ପ୍ରଶଂସା କରିଥିଲେ । କିନ୍ତୁ ଜବାହରଲାଲଜୀ ଏ ଚିଠି ମତେ ଦେଖାଇ ନଥିଲେ ଓ ମୁଁ ମଧ୍ୟ ଦେଖାଇବା ପାଇଁ ତାଙ୍କୁ କହି ନଥିଲି ।

(୨୨) ଦଶବର୍ଷୀୟ ନିୟମ ଓ ଗୁଜରାଟ

୧୯୬୦ ମସିହାରେ ସୁରତ ପାଖ ତାପ୍ତୀ ନଈରେ ଭୀଷଣ ବଢି ହୋଇଥିଲା । ବଢିପାଣି ସୁରତ ସହର ଭିତରକୁ ମାଡି ଆସିଥିଲା ଯଦ୍ୱାରା ସହରର କେତେକ ଭାଗରେ କ୍ଷତି ଘଟିଥିଲା ଓ ନିକଟବର୍ତ୍ତୀ ଗାଁରେ କେତେ ଘର ଧ୍ୱଂସ ହୋଇଯାଇଥିଲା । ଅନେକ ମଣିଷ ଓ ଗୋରୁଗାଈ ଭାସି ଯାଇଥିଲେ ଓ ବହୁତ ଫସଲ ନଷ୍ଟ ହୋଇଥିଲା । ମୁଁ ସେ ସମୟରେ ବିଦେଶ ଯାତ୍ରାରେ ଯାଇଥିଲି । ସେଠାରୁ ଫେରି ମୁଁ ସବୁ କ୍ଷତିଗ୍ରସ୍ତ ସ୍ଥାନ ଦେଖିବାକୁ ଗଲି । ମୁଁ ଦେଖିଲି ଯେ ଏ ଭୟଙ୍କର ପ୍ରାକୃତିକ ବିପଦକୁ ଲୋକେ ବଡ ସାହସର ସହିତ ସମ୍ମୁଖୀନ କରିଥିଲେ ଓ ସହାୟତାର ମଧ୍ୟ ଭଲ ବ୍ୟବସ୍ଥା କରାଯାଇଥିଲା ।

ସୁରତ ମୋର ନିର୍ବାଚନ ସ୍ଥାନ, ତେଣୁ ଦୁର୍ଘଟଣା ସମୟରେ ମୁଁ ସେଠାରେ ପହଞ୍ଚି ପାରି ନଥିବାରୁ ମତେ ବହୁତ ଦୁଃଖ ଲାଗିଲା । କିନ୍ତୁ ସେ ସମୟରେ ମୁଁ ବିଦେଶ ଯାତ୍ରାରେ ଥିଲି । ତେଣୁ ସେ ବିଷୟ ଚିନ୍ତା କରିବା ବ୍ୟର୍ଥ ।

ଶ୍ରୀ କାନ୍ହଜୀଭାଇ ଦେସାଇ କିଛି ଦିନରୁ ବେମାର ଥିଲେ ଓ ସେ ପଡି ଯାଇଥିବାରୁ ତାଙ୍କୁ ଆଘାତ ଲାଗିଥିଲା ଯେଉଁ କାରଣରୁ ୧୯୬୦ ଶେଷ ଭାଗରେ ତାଙ୍କର ସ୍ୱର୍ଗବାସ ହୋଇଥିଲା । ସେ ସମୟରେ ମଧ୍ୟ ମୁଁ ସେଠାରେ ଉପସ୍ଥିତ ହୋଇପାରି ନଥିଲି କାରଣ ସେତେବେଳେ ମୁଁ ଦିଲ୍ଲୀରେ ଥିଲି । ତାଙ୍କ ମୃତ୍ୟୁ ପରେ ତତ୍କାଳ ମୁଁ ସୁରତ ଯାଇଥିଲି ଓ ତାଙ୍କ ପରିବାର ସହିତ ଦେଖା କରିଥିଲି । କାନ୍ହଜୀ ଭାଇ ମୋର ବନ୍ଧୁ ଥିଲେ ଓ ବଡ ଭାଇପରି ସମ୍ବନ୍ଧ ତାଙ୍କ ସହିତ ଥିଲା । ଆମ ଦୁଇଜଣଙ୍କ ମଧ୍ୟରେ ସମ୍ବନ୍ଧ ଏତେ ଘନିଷ୍ଠ ଥିଲା ଯେ, କୌଣସି ସମୟରେ ଭିନ୍ନ ଭିନ୍ନ ବ୍ୟକ୍ତି ଆମ ଦୁଇଜଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିଲେ ଆମ ଦୁଇଜଣଙ୍କ ଠାରୁ ତାର ଉତ୍ତର ପ୍ରାୟ ଏକ ହେଉଥିଲା । ସେ ସୁରତ ଜିଲ୍ଲାରେ, ବିଶେଷ କରି ଓଲପଡ ତାଲୁକାରେ ପଛୁଆ ଜାତିର ସେବାରେ ସାରା ଜୀବନ କଟାଇ ଦେଇଥିଲେ ଓ ଜୀବିତ ଥିବା ପର୍ଯ୍ୟନ୍ତ ଗୁଜରାଟ କଂଗ୍ରେସ କମିଟିକୁ ଶକ୍ତିଶାଳୀ କରିବାରେ ଯୋଗ ଦେଇଥିଲେ । ୧୯୪୬ ରୁ ୧୯୬୦ ପର୍ଯ୍ୟନ୍ତ ପ୍ରାୟ ପନ୍ଦର ବର୍ଷ ସେ ଏହାର ଅଧ୍ୟକ୍ଷ ଥିଲେ ଓ ବହୁତ ଲୋକପ୍ରିୟ ମଧ୍ୟ ଥିଲେ । ତାଙ୍କ ମୃତ୍ୟୁରେ ମୁଁ ନିଜର ଜଣେ ନିକଟତମ ବନ୍ଧୁ ହରାଇଲି, ସେ ମୋ ଠାରୁ ଦଶ ଏଗାର ବର୍ଷ ବଡ ଥିଲେ । ତାଙ୍କ ପରିବାର ସହିତ ଆଜି ପର୍ଯ୍ୟନ୍ତ ମୋର କୁଟୁମ୍ବୀୟ ସମ୍ବନ୍ଧ ରହିଛି ।

ଶ୍ରୀ କାନ୍ହଜୀଭାଇଙ୍କ ପୁଅ ଶ୍ରୀ ହିତେନ୍ଦ୍ର ଦେସାଇ ୧୯୫୭ରେ ଦ୍ୱିଭାଷୀ ବମ୍ବେ ରାଜ୍ୟରେ ଶିକ୍ଷା ମନ୍ତ୍ରୀ ହୋଇଥିଲେ ଓ ଗୁଜରାଟ ଅଲଗା ରାଜ୍ୟ ହୋଇ ଯିବା ପରେ ସେଠାରେ ସେ ରାଜସ୍ୱ ମନ୍ତ୍ରୀ

Digitized by srujanika@gmail.com

ହୋଇଥିଲେ । ୧୯୬୫ ମସିହା ସେପ୍ଟେମ୍ବର ମାସରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଶ୍ରୀ ବଳବନ୍ତ ରାୟ ମେହେଟାଙ୍କ ବିମାନ ପାକିସ୍ତାନ ଦ୍ୱାରା ଗୋଳିରେ ନଷ୍ଟକରି ଦିଆଯାଇ ଥିଲା ଓ ସେଇ ଦୁର୍ଘଟଣାରେ ତାଙ୍କର ସ୍ୱର୍ଗବାସ ହୋଇଥିଲା । ତା'ପରେ ଶ୍ରୀ ହିତେନ୍ଦ୍ର ଦେସାଇ ଗୁଜରାଟରେ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

୧୯୬୧ ଆରମ୍ଭରେ କଂଗ୍ରେସର ବାର୍ଷିକ ଅଧିବେଶନ ଶ୍ରୀ ସଂଜୀବ ରେଡ୍ଡୀଙ୍କ ସଭାପତିତ୍ୱରେ ଭାବନଗରରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ବଳବନ୍ତରାୟ ମେହେଟା ସେଥିରେ ସ୍ୱାଗତାଧ୍ୟକ୍ଷ ଥିଲେ । ସେତେବେଳେ ଏପରି ବ୍ୟବସ୍ଥା କରାଯାଇଥିଲା ଯେ କଂଗ୍ରେସର ସବୁ ପ୍ରତିନିଧି ଓ ନେତା ଏକ ସାଥିରେ ରହୁଥିଲେ । ସ୍ୱାଗତ ସମିତିର ସଦସ୍ୟ ସଂଖ୍ୟା ବହୁତ ଲମ୍ବା ଥିଲା ଓ ସେଥିରୁ ଅନେକ ଅଧିବେଶନକୁ ଆସିଥିଲେ । ଏ ସମସ୍ତଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଶୀତଦିନ ଥିଲା ଓ ସେ ବର୍ଷ ଭାବନଗରରେ ଥଣ୍ଡା ଟିକେ ବେଶି ପଡିଥିଲା । ସମସ୍ତେ କଂଗ୍ରେସ କ୍ୟାମ୍ପରେ ରହୁଥିଲେ । ଜବାହରଲାଲଜୀଙ୍କ ପାଇଁ ସେଠାରେ ସ୍ଥାନ ତିଆରି ହୋଇଥିବା ସତ୍ତ୍ୱେ ସୁରକ୍ଷା ଆଦି କାରଣ ଯୋଗୁଁ ସେ ଭାବନଗର ମହାରାଜାଙ୍କ ପ୍ରାସାଦରେ ରହୁଥିଲେ । ମନ୍ତ୍ରୀମାନେ ଏକକାଳୀନ କେତେ ଅଧିକ ଦିନ ମନ୍ତ୍ରୀ ପଦରେ ରହିପାରିବେ ସେ ବିଷୟରେ ଭାବ ନଗରରେ କଂଗ୍ରେସ କାର୍ଯ୍ୟ ସମିତିରେ ଚର୍ଚ୍ଚା ହୋଇଥିଲା । ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ମତ ଥିଲା ଯେ ଏକାକାଳୀନ ଦଶବର୍ଷରୁ ଅଧିକ କୌଣସି ବ୍ୟକ୍ତି ମନ୍ତ୍ରୀ ପଦରେ ରହିବା ଉଚିତ ନୁହେଁ । ଏପରି ନିୟମ ଆମକୁ ତିଆରି କରିବା ଉଚିତ । ଏ ବିଷୟରେ ବିଶେଷ କୌଣସି ପ୍ରସ୍ତାବ ସ୍ୱୀକାର କରାଯାଇନଥିଲା । କିନ୍ତୁ ପ୍ରାୟ ସମସ୍ତ ଉପସ୍ଥିତ ସଭ୍ୟ ଏ ପରମ୍ପରା ସୃଷ୍ଟି କରିବା ସପକ୍ଷରେ ଥିଲେ । ଏହାପରେ ଏ ବିଷୟରେ ଗୁଜରାଟ ପ୍ରଦେଶ ସମିତି ଅଧିବେଶନରେ ମଧ୍ୟ ଚର୍ଚ୍ଚା ହେଲା ଓ ଡ. ଜୀବରାଜ ମେହେଟା, ଶ୍ରୀ ରସିକ ଭାଇ ପାରିଖ୍, ଶ୍ରୀ ରତୁଭାଇ ଅଦାଣୀ ପ୍ରଭୃତି ଏହାର ବିରୋଧ କରିଥିଲେ । କିନ୍ତୁ ପ୍ରଦେଶ ସମିତିର ବହୁତ ସଭ୍ୟ ଏ ଦଶବର୍ଷ ପ୍ରସ୍ତାବ ସହିତ ଏକମତ ଥିଲେ ଏବଂ ତାଙ୍କର ଇଚ୍ଛା ଥିଲା ଯେ ଏ ପ୍ରସ୍ତାବ ଗୁଜରାଟରେ ପାଳନ କରାଯିବା ଉଚିତ । ମୁଁ ମଧ୍ୟ ଏହାର ସମର୍ଥନ କରିଥିଲି । ଏକଥା ସ୍ପଷ୍ଟ ଥିଲା ଯେ ଏହି ନିୟମାନୁସାରେ ଚାଲିଲେ, ନୂଆ ନିର୍ବାଚନ ପରେ ଏ ତିନିଜଣଙ୍କୁ ମନ୍ତ୍ରୀ ପଦରୁ ବାହାରି ଯିବାକୁ ପଡିବ । ସେଥିପାଇଁ ସେମାନେ ଏହାର ବିରୋଧ କରୁଥିଲେ । ଶ୍ରୀ ଧେବରଭାଇ ଏ ପ୍ରସ୍ତାବ ସହିତ ଏକମତ ଥିଲେ । ଏବଂ ମତେ କହିଲେ "ଏହାକୁ ପାଳନ କରିବାରେ ଆପଣଙ୍କ ନେତୃତ୍ୱର ପରୀକ୍ଷା କରାଯିବ ।" ତାଙ୍କର ଆଗ୍ରହ ଥିଲା ଯେ ଏହା ପାଳନ କରାଯିବା ଉଚିତ । ଏ ପ୍ରସ୍ତାବକୁ ପାଳନ କରିବା ଅର୍ଥ ହେଲା ଯେ ସେମାନେ ଲଗାତର ତିନି ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ କାରଣ ନିର୍ବାଚନରେ ଛିଡା ହେବା ପରେ ଏ ଅସୁବିଧା ଜନକ ପରିସ୍ଥିତି ଆସିପାରେ ଯେ ନିର୍ବାଚନରେ ଜିତିବା ପରେ ମନ୍ତ୍ରୀ ନହେବା ତାଙ୍କୁ ଭଲ ଲାଗିବ ନାହିଁ । କିନ୍ତୁ ଯେତେବେଳେ ନିର୍ବାଚନ ପାଇଁ ପ୍ରାର୍ଥୀ ବାଛିବା ସମୟ ଆସିଲା, ଧେବରଭାଇ ରାଜକୋଟରୁ ଟେଲିଫୋନରେ ମତେ ପଚାରିଲେ, "ଏ ବନ୍ଧୁମାନଙ୍କୁ ପ୍ରାର୍ଥୀ ବାଛିଲେ ଆପଣଙ୍କର କିଛି ଆପତ୍ତି ଅଛି କି ?" ତାଙ୍କର ପଚାରିବା ଅର୍ଥ ହେଲା, ସେମାନଙ୍କୁ ମନ୍ତ୍ରୀ ନ କଲେ ନାହିଁ କିନ୍ତୁ ସେମାନେ ପ୍ରାର୍ଥି ତ ହୋଇପାରିବେ । ଧେବରଭାଇଙ୍କ ଏ ପ୍ରସ୍ତାବରେ ମୁଁ ଆଶ୍ଚର୍ଯ୍ୟ ହେଲି । କିନ୍ତୁ ସେ ଯେପରି ମତେ ପଚାରିଲେ, ମୁଁ ଯଦି ଆପତ୍ତି କରିଥାନ୍ତି ତେବେ ତା' ମାନେ ହୋଇଥାନ୍ତା ଯେ ବ୍ୟକ୍ତିଗତ ସ୍ତରରେ ମୁଁ ସେମାନଙ୍କର ବିରୋଧୀ । ତେଣୁ ତାଙ୍କୁ ପ୍ରାର୍ଥୀ କରିବା ପାଇଁ ମୁଁ ବିରୋଧ କଲି ନାହିଁ । ପରେ ସେଥିରୁ ତିକ୍ତତା ଉପୁନ୍ନ ହୋଇଥିଲା ।

୧୯୬୦ ମସିହା ମଇ ମାସରେ ଯେତେବେଳେ ଅଲଗା ଗୁଜରାଟ ରାଜ୍ୟ ଗଠନ କରାଗଲା, ସେତେବେଳେ ଧେବରଭାଇ, ବଳବନ୍ତ ଭାଇ, ଖଣ୍ଡୁଭାଇ ଦେସାଇ ତଥା ଅନ୍ୟ କେତେକ ନେତାମାନଙ୍କ ସହିତ ଗୁଜରାଟର ମୁଖ୍ୟମନ୍ତ୍ରୀ କାହାକୁ କରାଯିବ ସେ ବିଷୟରେ ବିଚର ବିମର୍ଶ କରିଥିଲି । ବମ୍ବେ ବିଧାନ ସଭାରେ ଗୁଜରାଟର ସଦସ୍ୟମାନଙ୍କ ମଧ୍ୟରୁ ଅନେକ ଡ. ଜୀବରାଜ ମେହେଟାଙ୍କ ସପକ୍ଷରେ ନଥିଲେ । କେତେଜଣ

Digitized by srujanika@gmail.com

ଖଣ୍ଡୁଭାଇଙ୍କୁ ପସନ୍ଦ କରୁଥିଲେ ଓ ଅନ୍ୟ କେତେଜଣ ବଳବନ୍ତରାୟ ମେହେଟ୍ଟାଙ୍କୁ ଚାହୁଁଥିଲେ । ଶେଷ ଦୁଇଜଣ ବିଧାନ ସଭା ସଭ୍ୟ ନଥିଲେ ଓ ନିର୍ବାଚନ ଦେଢବର୍ଷ ପରେ ହେବାର ଥିଲା । ବିଧାନ ସଭା ବାହାରୁ କୌଣସି ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବା କଷ୍ଟକର । ଏପରି କଲେ ଦଳରେ ଦୁର୍ଭାବନା ଉତ୍ପନ୍ନ ହେବାର ସମ୍ଭାବନା ଥିଲା । ତେଣୁ ମୁଁ ନିଷ୍ପତ୍ତି କଲି ଯେ ବମ୍ବେ ରାଜ୍ୟର ମନ୍ତ୍ରୀମଣ୍ଡଳରେ ଯେଉଁ ଗୁଜରାଟ ସଦସ୍ୟମାନେ ଥିଲେ ସେଇମାନେ ହିଁ ଗୁଜରାଟ ମନ୍ତ୍ରୀମଣ୍ଡଳରେ ରହିବେ ଓ ଅନ୍ୟ କାହାକୁ ମନ୍ତ୍ରୀ କରାନଯାଉ । ଫଳତଃ ପାଞ୍ଚ ଜଣ ମନ୍ତ୍ରୀଙ୍କ ସହିତ ମନ୍ତ୍ରୀମଣ୍ଡଳ ଗଢାଗଲା । ଏପରି କରିବାର ଅନ୍ୟ କାରଣ ହେଲା ଯେ ନୂଆ ରାଜ୍ୟର ଆରମ୍ଭ ସରଳତାର ସହ ହେବା ଉଚିତ ।

ଶ୍ରୀ ଜୀବରାଜ ଭାଇ ସମସ୍ତଙ୍କ ଅପେକ୍ଷା ବଡ ଥିଲେ । ତେଣୁ ମୁଁ ପ୍ରସ୍ତାବ ଦେଲି ଯେ ସେ ମୁଖ୍ୟମନ୍ତ୍ରୀ ହୋଇ ୧୯୬୨ ନିର୍ବାଚନ ପର୍ଯ୍ୟନ୍ତ ରୁହନ୍ତୁ । ମୋ ପ୍ରସ୍ତାବ ଏଇ ସର୍ତ୍ତରେ ସ୍ୱୀକାର କରାଗଲା ଯେ ସେ ମୁଖ୍ୟମନ୍ତ୍ରୀ ଦୁଇବର୍ଷ ରହିବେ ଓ ତା'ପରେ ମୁଖ୍ୟମନ୍ତ୍ରୀ ହେବେ ନାହିଁ । ଶ୍ରୀ ଜୀବରାଜ ଭାଇଙ୍କ ମନରେ ଭୁଲ ଧାରଣା ନରହୁ ସେଥିପାଇଁ ମୁଁ ଶ୍ରୀ ଶାନ୍ତିଲାଲ ଶାହାଙ୍କ ଜରିଆରେ ଏ କଥା ତାଙ୍କ ପାଖରେ ପହଞ୍ଚାଇଲି ଏବଂ କେବଳ ସେ ଦୁଇବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ପ୍ରସ୍ତୁତ ଅଛନ୍ତି କି ନାହିଁ ତାଙ୍କ ଜରିଆରେ ପଚାରିଲି । ଶାନ୍ତି ଭାଇ ଯେତେବେଳେ ତାଙ୍କର ସହମତିରେ ସୂଚନା ଦେଲେ, ତେବେ ମୁଁ କହିବାରୁ ଗୁଜରାଟ କଂଗ୍ରେସ ପାର୍ଟି ଜୀବରାଜ ଭାଇଙ୍କୁ ସର୍ବସମ୍ମତିରେ ମୁଖ୍ୟମନ୍ତ୍ରୀ ନିର୍ବାଚିତ କଲେ ।

୧୯୬୨ରେ ନିର୍ବାଚନ ଯେତେବେଳେ ପାଖେଇ ଆସିଲା ଓ ତାଙ୍କ କାର୍ଯ୍ୟକାଳ ଶେଷ ହୋଇ ଆସିଲା, ସେତେବେଳେ ସେ ଏକଥା ଭୁଲିଯାଇ ନିଜର ଅଧିକାର ପାଇଁ ଦାବି ପ୍ରସ୍ତୁତ କଲେ । ଏଇଥି ପାଇଁ ପ୍ରାଦେଶିକ ସମିତିରେ ସେ ଦଶ ବର୍ଷ ନିୟମର ବିରୋଧ କରିଥିଲେ ଓ ସର୍ବଶ୍ରୀ ରସିକ ଭାଇ ଓ ରତୁଭାଇ ଅଦାଣୀ ତାଙ୍କୁ ସମର୍ଥନ କରିଥିଲେ । ଯେତେବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାର ନିଷ୍ପତ୍ତି କରାଯାଇଥିଲା ସେତେବେଳେ ଧେବରଭାଇ ମତେ ଆଗ୍ରହ କରିଥିଲେ ଯେ ନିର୍ବାଚନ ପରେ ଶ୍ରୀ ବଳବନ୍ତ ରାୟ ମେହେଟ୍ଟା ମୁଖ୍ୟମନ୍ତ୍ରୀ ହେବେ -- ଏକଥା ମତେ ସ୍ପଷ୍ଟ କରିଦେବା ଉଚିତ ହେବ । ଏକଥା ପ୍ରଥମରୁ କହିଦେବା ସ୍ୱୟଂ ମତେ ଠିକ୍ ଲାଗୁନଥିଲା । କିନ୍ତୁ ଧେବରଭାଇଙ୍କ ଅତ୍ୟଧିକ ଆଗ୍ରହ ଯୋଗୁଁ କେତେକ ବ୍ୟକ୍ତିଙ୍କ ଆଗରେ ମୁଁ ଏକଥା ସ୍ପଷ୍ଟ କରିଥିଲି । ପରିସ୍ଥିତି ଏପରି ଥିଲା ଯେ ସର୍ବଶ୍ରୀ ବଳବନ୍ତ ଭାଇ, ବାବୁଭାଇ ପଟେଲ ଓ ଠାକୁରଭାଇ ଦେସାଇ -- ଏ ତିନି ଜଣଙ୍କ ମଧ୍ୟରୁ କେହି ଜଣେ ମୁଖ୍ୟମନ୍ତ୍ରୀ ହୋଇପାରିଥା'ନ୍ତେ । କିନ୍ତୁ ନିର୍ବାଚନରେ ସେମାନଙ୍କୁ ହରାଇବା ପାଇଁ ପୂରା ଚେଷ୍ଟା କରାଗଲା ଓ ଫଳରେ ସେମାନେ ହାରିଗଲେ । ଏ ତିନିଜଣ ଯେତେବେଳେ ନିର୍ବାଚନରେ ହାରିଗଲେ ମତେ ଏପରି ଲାଗିଲା ଯେ ଜୀବରାଜ ଭାଇ ଜିତି ଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଠିକ୍ ହେବ । ସେଇ ଅନୁସାରେ ମୁଁ ଦିଲ୍ଲୀରୁ ଟେଲିଫୋନରେ ତାଙ୍କୁ ଏ କଥା କହିଲି । ତାଙ୍କୁ ଏକଥା ଭଲ ଲାଗିଲା । କିନ୍ତୁ ବିଧାନ ସଭା ସଦସ୍ୟମାନଙ୍କ ବହୁମତ ତାଙ୍କ ପକ୍ଷରେ ନଥିଲା । ଶତକଡା ୧୫ରୁ ୨୦ ବ୍ୟକ୍ତି ତାଙ୍କ ସପକ୍ଷରେ ନଥିଲେ । ତଥାପି ତିନି ମୁଖ୍ୟ ପ୍ରାର୍ଥୀ ହାରି ଯାଇଥିବାରୁ ମୁଁ ଏ ବ୍ୟବସ୍ଥା କରିଥିଲି ।

ଏଇପରି ୧୯୬୨ ନିର୍ବାଚନ ପରେ ଜୀବରାଜ ଭାଇ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ମୋ ସହମତିରେ ହିଁ ଶ୍ରୀ ରସିକଭାଇ ଓ ଶ୍ରୀ ରତୁଭାଇ ଅଦାଣୀ ମନ୍ତ୍ରୀ ହୋଇଥିଲେ । ଏଇପରି ଭାବରେ ଦଶବର୍ଷ ନିୟମ ପାଳନ କରାଯାଇ ନଥିଲା । ଏ ତିନି ଜଣ ମଧ୍ୟ ମୋର ବନ୍ଧୁ ଥିଲେ । କିନ୍ତୁ ଯେପରି ଏସବୁ ହେଲା, ସେଥିରେ ସେମାନେ ମୋ ଉପରେ ବହୁତ ନାରାଜ ହୋଇଯାଇଥିଲେ ଓ ମୁଁ ଦେଖୁଛି ଯେ ସେମାନେ ଆଜି ପର୍ଯ୍ୟନ୍ତ ମୋ ଉପରେ ନାରାଜ ଅଛନ୍ତି ।

Digitized by srujanika@gmail.com

(୨୩) ଉପନେତା ପ୍ରସଙ୍ଗ

୧୯୬୧ ମସିହାରେ ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥ ଭୀଷଣ ବେମାର ଥିଲେ । ଦୁଇ ତିନିବର୍ଷ ପୂର୍ବେ ତାଙ୍କର ହାର୍ଟ ଆଟାକ୍ ହୋଇଥିଲା । ଏହାପରେ ଏ ଥରକ ଯେଉଁ ହାର୍ଟ ଆଟାକ ହେଲା ସେଥିରେ ସେ ୧୬/୧୭ ଦିନ ବେହୋସ ରହିଲେ । ସମସ୍ତ ସମ୍ଭବ ଚିକିତ୍ସା ସତ୍ତ୍ୱେ ପରିଶେଷରେ ମୃତ୍ୟୁ ତାଙ୍କୁ ଅବ୍ୟାହତି ଦେଲା ନାହିଁ । ଏହିପରି ଜଣେ ଅତ୍ୟନ୍ତ ଯୋଗ୍ୟ ନେତା କଂଗ୍ରେସ ଓ ଦେଶ ହରାଇବସିଲା ।

ମୃତ୍ୟୁ ବେଳକୁ ପନ୍ଥଜୀ କଂଗ୍ରେସ ଦଳର ଉପନେତା ଥିଲେ । ୧୯୪୬ରେ ଯେତେବେଳେ କଂଗ୍ରେସ ପାର୍ଲାମେଣ୍ଟାରୀ ଦଳ ତିଆରି ହୋଇଥିଲା, ସେଇ ଦିନୁ ସଂସଦର ବହୁମତ ଦଳରେ ନିର୍ଦ୍ଵନ୍ଦରେ ସେ ଦ୍ୱିତୀୟ ନମ୍ବରରେ ଉପନେତା ହୋଇରହିଥିଲେ । ଏହିପରି ସର୍ଦ୍ଦାର ପଟେଲ ପ୍ରଥମେ ଉପନେତା ହୋଇଥିଲେ ଓ ଉପପ୍ରଧାନ ମନ୍ତ୍ରୀ ମଧ୍ୟ ଥିଲେ । ସର୍ଦ୍ଦାରଙ୍କ ତିରୋଧାନ ପରେ ମୌଲାନା ଆଜାଦ ଦ୍ୱିତୀୟ ନମ୍ବରରେ ରହିଲେ ଓ ୧୯୫୧ ରୁ ୧୯୫୮ ପର୍ଯ୍ୟନ୍ତ ସେ ଉପନେତା ଥିଲେ । ତାଙ୍କର ସ୍ୱର୍ଗବାସ ପରେ ପନ୍ଥଜୀ ଦ୍ୱିତୀୟ ନମ୍ବରରେ ରହିଲେ, ୧୯୫୮ ରୁ ୧୯୬୧ ପର୍ଯ୍ୟନ୍ତ । ଯେତେବେଳେ ସେ ଇହଲୀଳା ସମ୍ବରଣ କଲେ -- ସେ ଉପନେତା ଥିଲେ । ମୁଁ ୧୯୫୬ରେ ଯେତେବେଳେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗ ଦେଲି, ସେ ସମୟରେ ମନ୍ତ୍ରୀମଣ୍ଡଳରେ ମୌଲାନା ସାହେବ ଓ ପନ୍ଥଜୀଙ୍କ ପରେ ଅର୍ଥାତ୍ ଚତୁର୍ଥ ସ୍ଥାନ ମତେ ଦିଆଯାଇଥିଲା । ଏଇ ଦୁଇ ସହଯୋଗୀଙ୍କ ସ୍ୱର୍ଗବାସପରେ ମୋ ସ୍ଥାନ ଦ୍ୱିତୀୟ ନମ୍ବର ହୋଇଗଲା । ଫଳରେ ପ୍ରଚଳିତ ପରମ୍ପରା ଅନୁସାରେ ମୁଁ ଉପନେତା ହେବା ସ୍ୱଭାବିକ ଥିଲା । କିନ୍ତୁ ମତେ ଜଣାପଡିଲା ଯେ ଜବାହରଲାଲଜୀଙ୍କ ବିଚାର ଭିନ୍ନ ଥିଲା ।

ମୁଁ ବମ୍ବେରେ ଥିବା ସମୟ ପର୍ଯ୍ୟନ୍ତ ଜବାହରଲାଲଜୀ ଯେ କୌଣସି ମହତ୍ୱପୂର୍ଣ୍ଣ ବିଷୟରେ ଓ ନିଜ ମନ୍ତ୍ରୀମଣ୍ଡଳ ଗଠନରେ ମୋ ପରାମର୍ଶ ନେଉଥିଲେ, ପୁଣି ମୁଁ ଦିଲ୍ଲୀ ଆସିବା ପରେ ପ୍ରଥମେ ପ୍ରଥମେ ତ ତାଙ୍କ ବ୍ୟବହାରରେ କୌଣସି ପାର୍ଥକ୍ୟ ଦେଖାଯାଇ ନଥିଲା । କିନ୍ତୁ ଏବେ କିଛି ପରିବର୍ତ୍ତନ ମୁଁ ଅନୁଭବ କରିଲି, ଏହାର କାରଣ ହୋଇପାରେ ଯେ ବମ୍ବେରୁ ଆସିବା ଆଗରୁ ଅନେକ ଲୋକ କହୁଥିଲେ ଯେ ଜବାହରଲାଲଜୀଙ୍କ ପରେ ମୁଁ ତାଙ୍କ ସ୍ଥାନ ଗ୍ରହଣ କରିବି । କେବଳ ଏତିକି ନୁହେଁ ସମାଚାର ପତ୍ରମାନଙ୍କରେ ଏ ପ୍ରକାର ବିଷୟ ପ୍ରକାଶ ପାଇଥିଲା । ସ୍ୱୟଂ ମତେ ଏ ପ୍ରକାର ଚର୍ଚ୍ଚା ଭଲ ଲାଗୁ ନଥିଲା । କିନ୍ତୁ ଏହାକୁ ବନ୍ଦ କରିବା ମୋ ହାତରେ ନ ଥିଲା । ମୁଁ ଜାଣିଥିଲି ଯେ ଏଥିରୁ ଈର୍ଷା ଭାବ ଉତ୍ପନ୍ନ ହେବ । ମୁଁ ଏକଥା ମଧ୍ୟ ମାନୁଥିଲି ଯେ ମୌଲାନା ସାହେବ ଓ ପନ୍ଥଜୀଙ୍କ ଜୀବିତାବସ୍ଥାରେ ଜବାହରଲାଲଜୀଙ୍କ ଉତ୍ତରାଧିକାରୀ ରୂପେ ମୋ ନାମ ନିଆଯିବା ଠିକ୍ ନୁହେଁ । ଏଥିଯୋଗୁ ପନ୍ଥଜୀଙ୍କ ମନରେ କିଛି ସନ୍ଦେହ ହୋଇଥିବା ମତେ ଲାଗିଲା । ଥରେ କେତେକ ସାଂସଦ ମତେ ଏ ବିଷୟରେ ପଚାରିବାରୁ ମୁଁ ସ୍ପଷ୍ଟ ଭାବରେ କହିଥିଲି, ''ଜବାହରଲାଲଜୀ ହଟିଗଲେ ତାଙ୍କ ସ୍ଥାନ ପନ୍ଥଜୀ କେବଳ ନେଇପାରିବେ । ଏଥିରେ ଆଉ କୌଣସି ବିଚାରର ଆବଶ୍ୟକତା ନାହିଁ କାରଣ ସେ ବରିଷ୍ଠ ଓ ତୁଙ୍ଗ କଂଗ୍ରେସ ସେବକ ଅଟନ୍ତି । ଶାସନ କର୍ତ୍ତା ଭାବରେ ସେ ସମସ୍ତଙ୍କ ଅପେକ୍ଷା ଅଧିକ ଅନୁଭବୀ ଓ ଯୋଗ୍ୟ ଅଟନ୍ତି । ସୁତରାଂ ଏ ବିଷୟରେ ଅନ୍ୟ କୌଣସି ପ୍ରଶ୍ନ ଉଠିବ ହିଁ ନାହିଁ ।'' ପନ୍ଥଜୀଙ୍କୁ ଯେତେବେଳେ ଏ ଖବର ମିଳିଲା, ମୋ ଉପରେ ତାଙ୍କର ସନ୍ଦେହ ଦୂର ହୋଇଗଲା ବୋଲି ତାଙ୍କ ସହିତ କଥାବାର୍ତ୍ତାରୁ ମୁଁ ଜାଣି ପାରିଲି । କିନ୍ତୁ ଜବାହରଲାଲଜୀଙ୍କ ମନରେ ଏ ସମ୍ବନ୍ଧରେ କିଛି ଭୁଲ ଧାରଣା ହୋଇ ନଥିବ ବୋଲି କହିହେବ ନାହିଁ । ଜବାହରଲାଲଜୀଙ୍କ କାର୍ଯ୍ୟ ପ୍ରଣାଳୀରୁ ମୁଁ ଦେଖିଲି ଯେ ସେ କାହାରିଠାରୁ ତିନିବର୍ଷରୁ ଅଧିକ କୌଣସି ପରାମର୍ଶ ନେଉ ନଥିଲେ । ଏଇପରି ଭାବରେ ତାଙ୍କ କାମରେ କେହି ଯେପରି ପ୍ରତିବନ୍ଧକ ନ ହୁଏ ସେ ସେଥିପ୍ରତି ସଦା ଜାଗ୍ରତ ଥିଲେ । ଦିଲ୍ଲୀ ଆସିବା ପରେ ହିଁ ତାଙ୍କ ସମ୍ବନ୍ଧରେ ମୋର ଏ ଧାରଣା ହୋଇଥିଲା ।

Digitized by srujanika@gmail.com

ଜବାହରଲାଲଜୀ, ସାଧାରଣତଃ ମନ୍ତ୍ରୀମଣ୍ଡଳରେ ସମସ୍ତଙ୍କୁ ସ୍ୱାଧୀନ ଭାବରେ କହିବାକୁ ଉତ୍ସାହ କରୁଥିଲେ ଓ କାହାରିକୁ ନିଜର ଯୁକ୍ତି ବାଢ଼ିବାରେ ବାଧାଦେଉ ନଥିଲେ । କେତେଥର ଅନ୍ୟ ମନ୍ତ୍ରୀମାନଙ୍କୁ ପ୍ରଥମରୁ ନିଜ ମତ ବୁଝାଇ ଦେଉଥିଲେ । କିନ୍ତୁ ମତେ ଏପରି ବୁଝାଇବାକୁ ସେ କେବେ ପ୍ରଯତ୍ନ କରୁନଥିଲେ । ଏହାର ସମ୍ଭବତଃ ଏହି କାରଣ ଥିଲା କି ସେ ଜାଣିଥିଲେ ଯେ ସିଦ୍ଧାନ୍ତ ବିଷୟରେ ମୁଁ କୋହଳ ହେବିନାହିଁ । ଆମ ଦୁଇଜଣଙ୍କ ମଧ୍ୟରେ ଏପରି ଏକ ଅଲିଖିତ ବୁଝାମଣା ଥିଲା ଯାହା ଫଳରେ କୌଣସି ସିଦ୍ଧାନ୍ତରେ ରଫା କରିବା ପାଇଁ ସେ କେବେ ହେଲେ ମୋ ଉପରେ ଚାପ ପକାଉ ନଥିଲେ । କେବଳ ଏତିକି ନୁହେଁ, ସେ ବିଷୟ ବିରୁଦ୍ଧରେ କୌଣସି ତର୍କ ମୋ ସହିତ କରୁନଥିଲେ । ଯେଉଁଠାରେ ସିଦ୍ଧାନ୍ତର ପ୍ରଶ୍ନ ନଥିଲା, ସେଠାରେ ମୁଁ ନିଜ ମତ ପ୍ରକାଶ କରିବା ପରେ ତାଙ୍କ ନିର୍ଣ୍ଣୟକୁ ସ୍ୱୀକାର କରୁଥିଲି ଯଦ୍ୱାରା ମନ୍ତ୍ରୀମଣ୍ଡଳ ମଧ୍ୟରେ ବିଚାର ବିନିମୟ ବେଳେ ବା ସେଠାରୁ ବାହାରେ ଆମ ମଧ୍ୟରେ କୌଣସି ତିକ୍ତତା ଉତ୍ପନ୍ନ ହେଉ ନଥିଲା ଓ ଆମର ପାରସ୍ପରିକ ବ୍ୟବହାର ଖୁବ୍ ଶାନ୍ତିପୂର୍ବକ ଓ ସରଳତା ସହକାରେ ଚାଲିଥିଲା । କିନ୍ତୁ ଏ କଥା ସେ ଭଲଭାବରେ ଜାଣିଥିଲେ ଯେ, ସେ ଯାହାସବୁ କରିବାକୁ ଚାହିଁବେ, ମୁଁ ଆଖିବୁଜି ସେସବୁକୁ ସମର୍ଥନ କରିବି ନାହିଁ । ଏହାଦ୍ୱାରା ଦିଲ୍ଲୀ ଆସିବା ପରେ ତାଙ୍କର ମୋ ସହିତ ବ୍ୟବହାରରେ ଏକ ପ୍ରକାରର ସାବଧାନତା ଦେଖାଯାଇ ଥିଲା ।

ସେ ଭଗବାନଙ୍କୁ ମାନୁ ନଥିଲେ । ସତ୍ୟକୁ ପସନ୍ଦ କରୁଥିବା ବେଳେ ବି ଅସତ୍ୟକୁ ବେଳେ ବେଳେ ଅବଲମ୍ବନ କରିବା ପାଇଁ ଆପତ୍ତି କରୁ ନଥିଲେ । କିନ୍ତୁ ନିଜେ ବ୍ୟକ୍ତିଗତ ଓ ପ୍ରତ୍ୟକ୍ଷ ଭାବରେ ଅସତ୍ୟ ଠାରୁ ଦୂରରେ ରହୁଥିବା ବେଳେ ସହକର୍ମୀମାନେ ନିଜ ଇଚ୍ଛାରେ ତାଙ୍କୁ ଖୁସି କରିବା ପାଇଁ ବା ତାଙ୍କ ନିର୍ଦ୍ଦେଶରେ ମିଥ୍ୟା ଅବଲମ୍ବନ କଲେ ସେ ସେଥିପ୍ରତି ଆଖିବୁଜି ଦେଉଥିଲେ । ମୁଁ ଦିଲ୍ଲୀ ଆସିବା ପରେ ତାଙ୍କର ବିଶ୍ୱାସ ହୋଇ ଯାଇଥିଲା ଯେ ମୁଁ ଏପରି ବ୍ୟବହାର ପସନ୍ଦ କରିବି ନାହିଁ ଓ ମୁଁ ବି ତାହା ଅନୁଭବ କରିଥିଲି । ଏହାର ଫଳସ୍ୱରୂପ, ମୋ ଖିଆଲରେ, ସେ ଭାବିଥିବେ ଯେ ମୁଁ ଉପନେତା ହେବା ଅନୁଚିତ । କାରଣ ତାଙ୍କର ସମର୍ଥନ ଓ ଇଚ୍ଛା ନଥିଲେ ଉପନେତା ପଦ ପାଇଁ ମୋ ବିରୁଦ୍ଧରେ ଶ୍ରୀ ଜଗଜ୍ଜୀବନ ରାମଙ୍କୁ ଶ୍ରୀ କୃଷ୍ଣ ମେନନ ତଥା ଅନ୍ୟ ସଦସ୍ୟମାନେ ସମର୍ଥନ କରି ନଥାନ୍ତେ ।

ଶ୍ରୀ ଜଗଜ୍ଜୀବନ ରାମ ପ୍ରାର୍ଥୀ ହେବାର ଖବର ପାଇବା ପରେ ମୁଁ ଜବାହରଲାଲଜୀଙ୍କୁ ଭେଟିଥିଲି ଓ ନିଜର ଦୃଷ୍ଟିକୋଣ ତାଙ୍କୁ କହିଥିଲି । ମୁଁ ତାଙ୍କୁ କହିଲି ଯେ, "ଆଜି ପର୍ଯ୍ୟନ୍ତ ଯେଉଁ ପରମ୍ପରା ଚାଲିଆସିଛି ସେଇ ଅନୁସାରେ ମନ୍ତ୍ରୀ ମଣ୍ଡଳରେ ଦ୍ୱିତୀୟ ସ୍ଥାନରେ ରହୁଥିବା ବ୍ୟକ୍ତି ଉପନେତା ହେଉଛନ୍ତି । ତେଣୁ ଏଥର ଏପରି ଉଦ୍ୟମ ମତେ ଠିକ୍ ଲାଗୁନାହିଁ । ଏହାର କେବଳ ଏହି ଅର୍ଥ ହୋଇପାରେ ଯେ ମୋ ଉପରେ ଆପଣଙ୍କ ବିଶ୍ୱାସ ନାହିଁ ଓ ଏପରି ପରିସ୍ଥିତିରେ ମତେ ମନ୍ତ୍ରୀମଣ୍ଡଳ ତ୍ୟାଗ କରିବା ଉଚିତ ।"

ସେତେବେଳେ ସେ ଦୁଇଜଣ ଉପନେତାଙ୍କ କଥା କହିଲେ -- ଜଣେ ଲୋକ ସଭାରେ ଓ ଅନ୍ୟଜଣକ ରାଜ୍ୟ ସଭାରେ । ତା' ସହିତ ସେ କହିଲେ ଦୁଇଜଣ ଉପନେତା ରହିବା ଭଲ -- ଏ କଥା ସେ ଆଗରୁ ଅନୁଭବ କରୁଥିଲେ । ସେ କହିଲେ ଯେତେବେଳେ ସର୍ଦ୍ଦାର ଜୀବିତ ଥିଲେ, ସେତେବେଳେ ମଧ୍ୟ ସେ ଏକଥା ଭାବୁଥିଲେ । ଏହା ଉପରେ ମୁଁ ତାଙ୍କୁ କହିଲି, "ଆପଣ ସର୍ଦ୍ଦାରଙ୍କୁ ଏ କଥା କହିଥିଲେ ମୋର ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ସର୍ଦ୍ଦାର ସଙ୍ଗେ ସଙ୍ଗେ ମନ୍ତ୍ରୀମଣ୍ଡଳ ଛାଡି ଦେଇଥାନ୍ତେ । ଆପଣ ତାଙ୍କୁ ଏ କଥା କହିନଥିଲେ ।"

ମୁଁ ତାଙ୍କୁ ଏକଥା ବି କହିଲି, "ମୋ ନିର୍ବାଚନ ସର୍ବସମ୍ମତିରେ ହେଲେ ମୁଁ ପଦ ଗ୍ରହଣ କରିବି -- ଆଜି ପର୍ଯ୍ୟନ୍ତ ମୋର ଏହି ରୀତିନୀତି ରହି ଆସିଛି । ବର୍ତ୍ତମାନ ଉପନେତା ପାଇଁ ପ୍ରତିଯୋଗିତା ଆରମ୍ଭ

Digitized by srujanika@gmail.com

କରାଗଲେ ମୋର ସେଥିରେ ପଡିବା ଉଚିତ ହେବ ନାହିଁ ଓ ମତେ ମନ୍ତ୍ରୀମଣ୍ଡଳ ତ୍ୟାଗ କରିବା ଉଚିତ ବୋଲି ମୋ ଧର୍ମ ମତେ କହୁଛି ।''

ସେ କହିଲେ, ''ମୁଁ ଅନ୍ୟ ଜଣଙ୍କୁ ପ୍ରାର୍ଥୀ ନ ହେବା ପାଇଁ କିପରି କହିପାରିବି ? ଲୋକତନ୍ତ୍ରରେ ଏପରି ନିର୍ବାଚନ ପାଇଁ ଆପଣଙ୍କୁ ପ୍ରସ୍ତୁତ ରହିବା ଉଚିତ ।''

ମୁଁ କହିଲି, ''ଆପଣଙ୍କ ଏପରି ଇଚ୍ଛା ଥିଲେ, ମୁଁ ନିର୍ବାଚନରେ ଛିଡା ହେବାକୁ ପ୍ରସ୍ତୁତ ଅଛି କିନ୍ତୁ ଆପଣଙ୍କୁ ଏକଥା ମନେ ରଖିବା ଉଚିତ । ଯଦି ମୁଁ ଏଥିରେ ହାରିଯାଏ, ତା' ମାନେ ହେବ ଯେ ଦଳର ମୋ ଉପରେ ବିଶ୍ୱାସ ନାହିଁ ଓ ସେପରି ପରିସ୍ଥିତିରେ ମୁଁ ତ୍ୟାଗପତ୍ର ଦେଇଦେବି ।''

ମୁଁ ଯେତେବେଳେ ନିର୍ବାଚନରେ ଛିଡା ହେବାର ଘୋଷଣା କଲି ଓ ବାତାବରଣ ଏପରି ଥିଲା ଯେ ମୁଁ ଛିଡା ହେଲେ ନିର୍ବାଚିତ ହୋଇଯାଇଥାନ୍ତି -- ସେତେବେଳେ ଜବାହରଲାଲଜୀ ନିଜର କୌଶଳ ବଦଳାଇଲେ ଓ ମତେ ପଚାରିଲେ, ''କୌଣସି ମନ୍ତ୍ରୀ ନ ହୋଇ, ଦଳ ସାଧାରଣ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ଲୋକସଭାରୁ ଓ ଅନ୍ୟ ଜଣେ ରାଜ୍ୟସଭାରୁ -- ଏପରି ଦୁଇଜଣ ଉପନେତା ହେଲେ ଆପଣଙ୍କର କିଛି ଆପତ୍ତି ଅଛି କି ?'' ମୁଁ କହିଲି, ''ମୋର ଏପରି କୌଣସି ଆଗ୍ରହ ନାହିଁ ଯେ ମତେ ଉପନେତା ହେବାକୁ ହିଁ ହେବ ଓ ଉପନେତା ହେବା ପାଇଁ ମୋର କୌଣସି ମହତ ଆକାଙ୍‌କ୍ଷା ବି ନାହିଁ । କିନ୍ତୁ ମୋ ତଳ ସ୍ଥାନର କେହି ମନ୍ତ୍ରୀ ଉପନେତା ହେଲେ ସେଥିରେ ମୋ ସ୍ୱାଭିମାନ ପ୍ରତି ଆଞ୍ଚ ଆସିବ । ସାଧାରଣ ସଦସ୍ୟମାନଙ୍କ ମଧ୍ୟରୁ କେହି ଦୁଇଜଣ ଉପନେତା ହେଲେ ମୋର ସେଥିରେ କିଛି ଆପତ୍ତି ନାହିଁ କାରଣ ସେଥିରେ ମୋର କୌଣସି ସମ୍ବନ୍ଧ ନାହିଁ । ଲୋକସଭାରେ କହିବାକୁ ଆବଶ୍ୟକ ହେଲେ ଓ ଆପଣ ସେ ସମୟରେ ଉପସ୍ଥିତ ନଥିଲେ ସାଧାରଣ ସଦସ୍ୟ ସରକାରଙ୍କ ତରଫରୁ କହିପାରିବେ ନାହିଁ । ମତେ ହିଁ ସରକାରଙ୍କ ତରଫରୁ କହିବାକୁ ପଡିବ । ସୁତରାଂ ମୋ ସ୍ୱାଭିମାନରେ ଆଞ୍ଚ ଲାଗିବାର ପ୍ରଶ୍ନ ଉଠୁ ନାହିଁ । ତେଣୁ ଆପଣଙ୍କୁ ଏପରି ବ୍ୟବସ୍ଥା କରିବାକୁ ହେଲେ, ତାହା କରିପାରନ୍ତି ।''

ତା'ପରେ ସେ ଏହିପରି କରିବାକୁ ନିଷ୍ପତ୍ତି କଲେ ଓ ମୋ ମନରେ ଏକଥା ସ୍ପଷ୍ଟ ହୋଇଗଲା ଯେ ଏସବୁ ବ୍ୟୂହ ରଚନା ଏଇଥି ପାଇଁ କରାଯାଇଥିଲା ଯେ ମୁଁ ଯେପରି ଉପନେତା ପଦ ନପାଏ ।

ଏଥି ପାଇଁ ଯେତେବେଳେ କଂଗ୍ରେସ ପାର୍ଲାମେଣ୍ଟାରୀ ଦଳ ସମ୍ବିଧାନରେ ପରିବର୍ତ୍ତନ କରିବା ପ୍ରସ୍ତାବ ପେଶ କରାଗଲା ଓ ସେ ଏଇ ପରିବର୍ତ୍ତନ କରିବାକୁ ଅନୁରୋଧ କଲେ ସେତେବେଳେ ସବୁ ସଦସ୍ୟଙ୍କର ଏକମତ ନଥିଲା । ସେଇଥିପାଇଁ ଏହା ଉପରେ ମତଦାନ ପାଇଁ ହାତ ଉଠାଇବା ସମୟରେ ମତେ ଲାଗିଲା ତଥା ଅନ୍ୟ ସଦସ୍ୟମାନଙ୍କୁ ଲାଗିଲା ଯେ ଏହି ପରିବର୍ତ୍ତନ ସପକ୍ଷରେ ବହୁମତ ନାହିଁ । କିନ୍ତୁ ଜବାହରଲାଲଜୀ ପରିବର୍ତ୍ତନ ପ୍ରସ୍ତାବ ପାଶ୍ ହୋଇଥିବା ଘୋଷଣା କରିଦେଲେ, ଜଣେ ସଦସ୍ୟ ମତଗଣନା ପାଇଁ ଦାବି ଅବଶ୍ୟ କରିଥିଲେ କିନ୍ତୁ ଜବାହରଲାଲଜୀ ଏହି ବିରୋଧ ଉପରେ ଧ୍ୟାନ ନଦେବାକୁ ନିଷ୍ପତ୍ତି କରିସାରିଥିଲେ ଓ ପରେ କେହି ମତଗଣନାରେ ଆଗ୍ରହ ଦେଖାଇ ନଥିଲେ । ମତ ଗଣନା ଯଦି ଠିକ୍ ଭାବରେ ହୋଇଥାନ୍ତା ଓ ଫଳରେ ସମ୍ବିଧାନରେ ପରିବର୍ତ୍ତନ କରିବା ପ୍ରସ୍ତାବ କାଟ ଖାଇ ଯାଇଥାନ୍ତା, ତେବେ ଜବାହରଲାଲଜୀଙ୍କୁ ଦଳୀୟ ନେତା ପଦରୁ ତ୍ୟାଗପତ୍ର ଦେବାକୁ ପଡିଥା'ନ୍ତା । ଏପରି ପରିସ୍ଥିତିରେ ମୁଁ ବା ଅନ୍ୟ କେହି ନେତା ନିର୍ବାଚିତ ହୋଇଥିଲେ ଦଳରେ ବିଭେଦ ଦେଖାଦେଇଥାନ୍ତା ଏବଂ ଜବାହରଲାଲଜୀ ଏହାକୁ କେବେ ହେଁ ସହ୍ୟ କରିପାରି ନଥାନ୍ତେ । ପୁଣି ଜନତାରେ ଜବାହରଲାଲଜୀଙ୍କ ଲୋକପ୍ରିୟତା ସେ ସମୟରେ ଯେତେ ଥିଲା ତା'ର ଅଧା ମୋର ବା ଅନ୍ୟ କୌଣସି ନେତାଙ୍କର ନଥିଲା । ଏପରି ପରିସ୍ଥିତିରେ ମୁଁ ତାଙ୍କ ସ୍ଥାନ ନେଇଥିଲେ, ଜବାହରଲାଲଜୀ ଏପରି ପରିସ୍ଥିତି ତିଆରି କରିଥାନ୍ତେ ଯେଉଁଥିରେ ମୁଁ କାମ କରିପାରି ନଥାନ୍ତି । ଫଳରେ କଂଗ୍ରେସ ଦଳ ଭାଙ୍ଗି ଯାଇଥା'ନ୍ତା ଏବଂ

Digitized by srujanika@gmail.com

ଦେଶର ମଧ୍ୟ ବହୁତ କ୍ଷତି ହୋଇଥା'ନ୍ତା । ମୋର ପଦ ପାଇଁ କୌଣସି ଲୋଭ ନଥିଲା କିନ୍ତୁ ମୋ ମନରେ ଏ ଆଗ୍ରହ ଅବଶ୍ୟ ଥିଲା ଯେ କଂଗ୍ରେସ ଦଳର ଏକତା ରହିବା ଉଚିତ । ଦେଶର କୌଣସି କ୍ଷତି ନହେଉ -- ଏପରି ନୀତି ମୁଁ ସବୁବେଳେ ଅବଲମ୍ବନ କରିଛି । ଏହିସବୁ କାରଣ ଯୋଗୁ ଆମେ ମତ ଗଣନା ଉପରେ ପ୍ରାଧାନ୍ୟ ଦେଲୁ ନାହିଁ ଏବଂ ଜବାହରଲାଲଜୀଙ୍କ ନିର୍ଣ୍ଣୟ ମାନିନେଲୁ । କିନ୍ତୁ ମୁଁ ଅନୁଭବ କଲି ଯେ ଜବାହରଲାଲଜୀ ଦଳରେ ମୋ ସ୍ଥାନ ତଳକୁ କରିବାକୁ ଏ ବ୍ୟୁହ ରଚନା କରିଥିଲେ ଯଦ୍ୱାରା ତାଙ୍କ ଅନ୍ତେ ମୁଁ ତାଙ୍କ ସ୍ଥାନ ନେଇ ନପାରେ । ଏହା ସତ୍ତ୍ୱେ ମତେ ସ୍ୱୀକାର କରିବାକୁ ହେବ ଯେ ସେ ମୋ ସହିତ କେବେ ହେଲେ ଅନୁପଯୁକ୍ତ ବ୍ୟବହାର କରିନଥିଲେ ବା ମୋ କାମରେ ହସ୍ତକ୍ଷେପ କରି ନଥିଲେ ।

ଏପରି ଶୁଣା ଯାଉଥିଲା ଯେ ୧୯୬୨ରେ ନିର୍ବାଚନ ପରେ ନୂଆ ମନ୍ତ୍ରୀମଣ୍ଡଳରେ ମତେ ନିଆଯିବ ନାହିଁ । ମନ୍ତ୍ରୀମଣ୍ଡଳରେ ମତେ ନିଆହୋଇ ନଥିଲେ ମୁଁ କୌଣସି ପ୍ରକାର ଅସନ୍ତୁଷ୍ଟ ବା ଦୁଃଖୀ ହୋଇ ନଥାନ୍ତି, ତେଣୁ ମୁଁ ମତେ ନ ଡକାଇ ପଠାଇବା ପର୍ଯ୍ୟନ୍ତ ମୁଁ ତାଙ୍କ ସହିତ ସାକ୍ଷାତ କରିବାକୁ ଯାଇନଥିଲି । ମତେ ଯେତେବେଳେ ସେ ଡକାଇଲେ ସେ ବେମାରିରେ ଶଯ୍ୟାଗତ ଥିଲେ । ଶୁଣାଯାଉଥିଲା ଯେ ସେ ଅର୍ଥ ବିଭାଗକୁ ଦୁର୍ବଳ କରିବାକୁ ତାକୁ ଦୁଇଭାଗ କରିବେ ଓ ଗୋଟିଏ ଭାଗ ମତେ ଦିଆଯିବ । ମୁଁ ତାଙ୍କୁ ସାକ୍ଷାତ କରିବା ବେଳେ ସେ ଏହି ପ୍ରସ୍ତାବ ବିଷୟ କହିଲେ କିନ୍ତୁ ମୁଁ ତାଙ୍କୁ କହିଲି ଯେ ଏହା ସମ୍ଭବ ନୁହେଁ ଏବଂ ଯେହେତୁ ଅର୍ଥ ମନ୍ତ୍ରାଳୟ କାମରେ ବ୍ୟାଘାତ ଆସିବ ମୁଁ ସେ ପ୍ରସ୍ତାବ ସପକ୍ଷରେ ନୁହେଁ । ମୁଁ ଏପରି କହିବାରୁ ସେ, ସେ ପ୍ରସ୍ତାବ ତ୍ୟାଗ କଲେ ଓ କୌଣସି ପରିବର୍ତ୍ତନ କଲେ ନାହିଁ । କିନ୍ତୁ ମତେ ଜଣାଗଲା ଯେ ସେ ଏ ବିଷୟ ଗମ୍ଭୀର ଭାବରେ ବିଚାର କରୁଥିଲେ ।

୧୯୬୧ରେ ପନ୍ଥଜୀଙ୍କ ସ୍ୱର୍ଗବାସ ପରେ କେତେକ ବ୍ୟକ୍ତି ବିଶ୍ୱାସ କରୁଥିଲେ ଯେ ଘରୋଇ ବିଭାଗ ମତେ ଦିଆଯିବ । ସେମାନଙ୍କର ଏପରି ବିଶ୍ୱାସ ଥିଲା ଯେ ମୁଁ ଅର୍ଥ ବିଭାଗ ଅପେକ୍ଷା ଘରୋଇ ବିଭାଗ ଭଲ ଭାବରେ ଚଳାଇପାରିବି । କିନ୍ତୁ ଏପରି ବ୍ୟବସ୍ଥା ଯେ ଜବାହରଲାଲଜୀ ଗ୍ରହଣ କରିବେ -- ଏକଥା ମୁଁ ଭାବିପାରୁ ନଥିଲି । ମୁଁ ଅନୁଭବ କରୁଥିଲି କି ସେ ଭାବୁଥିଲେ ଯେ ଘରୋଇ ବିଭାଗ ମତେ ଦିଆଗଲେ ମୋର ରାଜନୈତିକ ପ୍ରଭାବ ଓ ମାନ୍ୟତା ବହୁତ ବଢ଼ିଯିବ । ଶ୍ରୀ ଟି. ଟି. କୃଷ୍ଣମାଚାରୀ ମନ୍ତ୍ରୀମଣ୍ଡଳରୁ ହଟିଯିବା ପରେ ମୁଁ ସେ ବିଭାଗ ପନ୍ଥଜୀଙ୍କୁ ଦେବାକୁ ପ୍ରସ୍ତାବ ଦେଇଥିଲି କିନ୍ତୁ ସେ ତାହା ଗ୍ରହଣ କରିନଥିଲେ, କାରଣ ଯଦି ସେ ଏକଥା ମାନିଥାନ୍ତେ ତେବେ ସ୍ୱଭାବତଃ ମତେ ଘରୋଇ ବିଭାଗ ଦେବାକୁ ପଡିଥାନ୍ତା । କିନ୍ତୁ ମୁଁ କେବେ ହେଲେ ଆଶାକରୁ ନଥିଲି ଯେ ମତେ ଘରୋଇ ବିଭାଗ ଦିଆଯିବ । ଶେଷରେ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଏ ବିଭାଗ ଦିଆଗଲା । ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ଜବାହରଲାଲଜୀ ଯାହା କହୁଥିଲେ ତାହା କରୁଥିଲେ ଓ ଜବାହରଲାଲଜୀଙ୍କ ପସନ୍ଦ ନ ହେଉଥିବା କୌଣସି କାମ କରୁନଥିଲେ । ଏ ବିଷୟରେ ଜବାହରଲାଲଜୀଙ୍କ ସହିତ ମୁଁ କୌଣସି କଥା ହୋଇ ନଥିଲି । ଅନ୍ୟ କେହି ବନ୍ଧୁ ଏକଥା ଚର୍ଚ୍ଚା କରିବାକୁ କହିବା ବେଳେ ମୁଁ ସେମାନଙ୍କୁ ଏ ପ୍ରଶ୍ନ ଉଠାଇବାକୁ ମନା କରିଥିଲି ଓ କହିଥିଲି ଜବାହରଲାଲଜୀ ଯେଉଁ ବ୍ୟବସ୍ଥା କରିବାକୁ ଇଚ୍ଛା କରିବେ ସେଥିରେ ବାଧା ଦେବା ଉଚିତ ନୁହେଁ ।

Digitized by srujanika@gmail.com

(୨୪) ରାଷ୍ଟ୍ରପତି କେନେଡିଙ୍କ ସହିତ ବାର୍ତ୍ତାଳାପ

୧୯୬୧ ମସିହା ସେପ୍ଟେମ୍ବର ମାସରେ ବିଶ୍ୱବ୍ୟାଙ୍କ ଓ ମୁଦ୍ରାକୋଷର ବାର୍ଷିକ ଅଧିବେଶନ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ହେବାର ଥିଲା । ମୋର ସେଠାକୁ ଯିବାର ଥିଲା । ସେଇ ସମୟରେ ରାଷ୍ଟ୍ରମଣ୍ଡଳ ଅର୍ଥମନ୍ତ୍ରୀମାନଙ୍କର ସମ୍ମିଳନୀ ଘାନାର ରାଜଧାନୀ ଆକାରାରେ ଆୟୋଜନ କରାଯାଇଥିଲା । ସେଠାକୁ ବି ମୋର ଯିବାର ଥିଲା । ସେଠାକୁ ଯିବା ସମୟରେ ପାଖ ତିନିଚାରି ଦେଶକୁ ଯିବାକୁ ମୁଁ ବିଚାର କରୁଥିଲି । ସେମାନଙ୍କଠାରୁ ନିମନ୍ତ୍ରଣ ମତେ ମିଳିସାରିଥିଲା । କିନ୍ତୁ ସମୟ ଅଭାବରୁ ମୁଁ ସେ ନିମନ୍ତ୍ରଣଗୁଡିକୁ ସ୍ୱୀକାର କରିନଥିଲି ।

ଆକାରାରେ ଅର୍ଥ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଇଂଲଣ୍ଡକୁ କମନ ମାର୍କେଟରେ ଯୋଗଦେବା ଉଚିତ କି ନାହିଁ ସେ ବିଷୟରେ ବିଶେଷ ଚର୍ଚ୍ଚା ହୋଇଥିଲା । କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଆଦି ଦେଶ ଇଂଲଣ୍ଡ ସେଥିରେ ଯୋଗ ଦେବା ବିରୁଦ୍ଧରେ ଥିଲେ । ମୁଁ କହିଲି, ''ଇଂଲଣ୍ଡ ଏଥିରେ ଯୋଗଦେଲେ ତା'ର ଲାଭ ହେବ ନାହିଁ କିନ୍ତୁ ରାଷ୍ଟ୍ରମଣ୍ଡଳର ବହୁତ କ୍ଷତି ହେବାର ସମ୍ଭାବନା ଅଛି । ନିଜ ସ୍ୱାର୍ଥ ଦୃଷ୍ଟିରୁ ଇଂଲଣ୍ଡ ଯାହା କରିବାକୁ ଇଚ୍ଛା କଲେ ଆମର କିଛି କହିବାର ନାହିଁ ।'' ମୁଁ କିନ୍ତୁ ସାବଧାନ କରାଇଦେଲି ଯେ କମନ ମାର୍କେଟ୍‌ରେ ସ୍ଥାନ ପାଇବା ଇଂଲଣ୍ଡ ପାଇଁ ସହଜ ନୁହେଁ ଏବଂ ସେଥିରେ ପ୍ରବେଶ କରିବା ସ୍ୱୀକାର ନପାଇଲେ ତାଙ୍କ ସ୍ୱାଭିମାନରେ ଆଞ୍ଚ ଆସିବ । ଅତଃ ଫ୍ରାନ୍‌ସର ବିଚାର ନଜାଣି ଏ ଦିଗରେ ପାଦ ବଢାଇବା ତାଙ୍କର ଠିକ୍ ହେବ ନାହିଁ । ଏକଥା ମୁଁ ଏଇଥି ପାଇଁ କହିଲି ଯେ ଫ୍ରାନ୍‌ସର ରାଷ୍ଟ୍ରପତି ଡି ଗଲେଙ୍କ ସେ ସମୟରେ ଯେପରି ବିଚାର ଥିଲା, ତାକୁ ଦେଖି ମତେ ଲାଗୁଥିଲା ଯେ ସେମାନେ ଇଂଲଣ୍ଡକୁ କମନ ମାର୍କେଟରେ ପୂରାଇ ଦେବେ ନାହିଁ । କିନ୍ତୁ ଇଂଲଣ୍ଡର ତତ୍‌କାଳୀନ ମନ୍ତ୍ରୀମଣ୍ଡଳ ଏକଥା ବୁଝି ନଥିଲେ । ଅର୍ଥ ମନ୍ତ୍ରୀଙ୍କ ସମ୍ମିଳନୀରେ ଏ ବିଷୟରେ ତୀବ୍ର ବିବାଦ ପରେ ସେମାନେ ଶାନ୍ତ ହେଲେ । ଏଥିରେ ଇଂଲଣ୍ଡକୁ ବୁଝାଇବାରେ ମୋର ମଧ୍ୟ ଯୋଗଦାନ ଥିଲା ।

ଆକାରାରୁ ନାଇଜେରିଆ ବିମାନଘାଟି ହୋଇ ମୁଁ ଭିଏନା ଗଲି । କିନ୍ତୁ ନାଇଜେରିଆରେ ରହି ପାରିଲି ନାହିଁ । ନାଇଜେରିଆର ଅର୍ଥ ମନ୍ତ୍ରୀ ମୋର ବନ୍ଧୁଥିଲେ ଓ ଅତି ସଜ୍ଜନ ଥିଲେ । ନାଇଜେରିଆରେ ରହିବାକୁ ସେ ବହୁତ ଆଗ୍ରହ କରିଥିଲେ କିନ୍ତୁ ସମୟର ଅଭାବରୁ ସେତେବେଳେ ମୁଁ ରହିପାରିଲି ନାହିଁ । ପରେ ସେଠାରେ ହୋଇଥିବା ବିପ୍ଳବରେ ତାଙ୍କୁ ହତ୍ୟା କରାଯାଇଥିଲା ।

ଅଷ୍ଟ୍ରିଆକୁ ମୁଁ ପ୍ରଥମଥର ଯାଇଥିଲି । ମୁଁ ରହୁଥିବା ହୋଟେଲରେ ନିରାମିଷ ଭୋଜନ ବିଷୟରେ ପଚାରିଲି । କାରଣ ପାଶ୍ଚାତ୍ୟ ଦେଶରେ ଏ ବିଷୟରେ ସାବଧାନ ନ ରହିଲେ ଭୋଜନରେ ଆମିଷ ମିଶିଥିବାର ଆଶଙ୍କା ଥାଏ । ବିଶେଷତଃ ନିରାମିଷ 'ସୁପ୍'ରେ 'ଷ୍ଟକ୍' ନ ପକାଇ ସୁପ୍ କରନ୍ତି ନାହିଁ ବୋଲି ମୋର ବିଶ୍ୱାସ ଥିଲା । ସାବଧାନ ନ ରହିଲେ ଶୁଦ୍ଧ ନିରାମିଷ ସୁପ୍ ମିଳିବ ନାହିଁ । ସେଥିଯୋଗୁ ସବୁ ଜାଗାରେ ମୁଁ ନିଜେ ଏଥିପ୍ରତି ସାବଧାନ ରହୁଥିଲି ।

ହୋଟେଲରେ ପଚରା ଉଚରା କରିବାରୁ ସାଙ୍ଗେ ସାଙ୍ଗେ ଜବାବ ମିଳିଲା ଯେ ଆମେ ଆପଣଙ୍କୁ ନିରାମିଷ ସୁପ୍ ହିଁ ଦେବୁ । ମୁଁ ପଚାରିଲି, ''ଆପଣ ସେଥିରେ 'ଷ୍ଟକ' ପକାଇବେ ନା ନାହିଁ ।'' ସେ କହିଲେ, ''ବିନା 'ଷ୍ଟକ୍'ରେ ତ ସୁପ ତିଆରି ହୋଇପାରିବ ନାହିଁ, ବିନା ଷ୍ଟକ୍‌ରେ 'ସୁପ୍' କଲେ ପାଣି ପରି ହେବ ।'' ତାଙ୍କୁ ଏକଥା ଜଣା ନଥିଲା ଯେ ନିରାମିଷ ସୁପରେ ଷ୍ଟକ୍ ପଡିବା କଥା ନୁହେଁ । ମୁଁ ତାଙ୍କୁ କହିଲି, ''ଯେମିତି ବି ହେଉ ଆପଣ ମତେ ବିନା 'ଷ୍ଟକ୍'ରେ ସୁପ୍ ତିଆରି କରି ଦେଲେ ଠିକ୍ ହେବ । ଆପଣ ତା'କୁ ବହଳିଆ କରିବାକୁ

Digitized by srujanika@gmail.com

ଇଚ୍ଛା କଲେ ଭାତ ପାଣି (ପେଜ) ମିଶାଇ ତାକୁ ବହଳିଆ କରିପାରିବେ । ସେ ସେୟା କଲେ ଓ ମତେ ବହଳିଆ ସୁପ୍ ମିଳିଲା । ସେ ମତେ କହିଲେ ଯେ ଆପଣଙ୍କ ଠାରୁ ଆମେ ନୂଆ ସୁପ୍ ଶିଖିଲୁ ।

ଅଷ୍ଟ୍ରିଆର ମନ୍ତ୍ରୀମାନଙ୍କ ସହିତ ସାକ୍ଷାତ କରି ଭାରତର ଆର୍ଥିକ ପରିସ୍ଥିତି ସମ୍ବନ୍ଧରେ କଥାବାର୍ତ୍ତାରୁ ମତେ ଜଣାଗଲା ଯେ ସେମାନେ ତାଙ୍କ କ୍ଷମତାନୁସାରେ ଭାରତକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲେ । ଭିଏନାରେ ମୁଁ କେତେକ ସୁନ୍ଦର ଓ ଆନନ୍ଦଦାୟକ ସ୍ଥାନ ଦେଖିବାକୁ ଗଲି । ସେଠାର ଆଟମିକ ରିସର୍ଚ୍ଚ କାଉନ୍‌ସିଲର ପ୍ରଧାନ କାର୍ଯ୍ୟାଳୟରେ ତା'ର ସଂଚାଳକଙ୍କ ସହିତ ସାକ୍ଷାତ କରିବାକୁ ଗଲି ଓ ଅତ୍ୟଧିକ ଗବେଷଣା ବିଷୟରେ କିଛି ବୁଝିଲି ।

ଭିଏନାରେ ବିଶ୍ୱ ବ୍ୟାଙ୍କ ସମ୍ମିଳନୀ ଶେଷ ହେବାପରେ ମୁଁ ପଡୋଶୀ ଦେଶ ହଙ୍ଗେରୀ ଯାଇଥିଲି । ହଙ୍ଗେରୀ ସରକାର ମତେ ନିମନ୍ତ୍ରଣ କରିଥିଲେ । ମୁଁ ସେଠାକୁ ଯିବାର କିଛି ବର୍ଷ ଆଗରୁ ହଙ୍ଗେରୀର ଲୋକମାନେ ରୁଷ ପ୍ରଭାବ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ସେ ବିଦ୍ରୋହ ଭାଙ୍ଗିବାକୁ ସୋଭିଏତ୍ ସେନାମାନେ ଯେଉଁ ଉପଦ୍ରବ କରିଥିଲେ ତାହାର ଚିହ୍ନ ମତେ ଦେଖିବାକୁ ମିଳିଥିଲା । ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟରେ ମୁଁ ଗୋଟିଏ ଦ୍ୱୀପସ୍ଥିତ ହୋଟେଲରେ ରହିଥିଲି । ହୋଟେଲଟି ବହୁ ପୁରୁଣା ଥିଲା କିନ୍ତୁ ଆଧୁନିକ ସୁବିଧାରେ ଭରପୂର ଥିଲା ।

ହଙ୍ଗେରୀ ଏପରି ଗୋଟିଏ ଦେଶ ଯାହାକୁ ବାରମ୍ବାର ପରାଧୀନ ହୋଇ ରହିବାକୁ ପଡିଥିଲା, ଓ ପରାଧୀନତା ବିରୁଦ୍ଧରେ ସେଠାର ଲୋକମାନେ ବାରମ୍ବାର ବିଦ୍ରୋହ କରୁଥିଲେ । ଶହେ ବର୍ଷ ତଳେ ସେଠାରେ ଶାନ୍ତିପୂର୍ଣ୍ଣ ଅସହଯୋଗ ଓ ସତ୍ୟାଗ୍ରହ ଆନ୍ଦୋଳନ ମଧ୍ୟ ହୋଇଥିଲା -- ଏକଥା ସେଠାକୁ ଯାଇ ମୋର ମନେ ପଡିଲା । ଶହେ ବର୍ଷ ପୂର୍ବେ ହଙ୍ଗେରୀ ଅଷ୍ଟ୍ରିଆ ଅଧୀନରେ ଥିଲା । ସେଥିରୁ ମୁକ୍ତ ହେବା ପାଇଁ ସେଠାକାର ଜନତା ସଶସ୍ତ୍ର ବିଦ୍ରୋହ କରିଥିଲେ । ସେଥିରେ ତାଙ୍କୁ ସଫଳତା ମିଳି ନଥିଲା । ତା'ପରେ ଡିକ୍ ନାମକ ସେଠାର ଏକ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହିତ ସେମାନେ ପରାମର୍ଶ କଲେ । ଡିକ୍ ମହୋଦୟ ଶାନ୍ତିପୂର୍ଣ୍ଣ ଓ ନିରବରେ କାମ କରିବା ଲୋକଥିଲେ । ସେ ପରାମର୍ଶ ଦେଲେ ଯେ, ''ଯଦି ତୁମେମାନେ 'କର' ଦେବା ବନ୍ଦ କରିଦେବ ତେବେ ତୁମ ଶାସକ ତୁମ ଉପରେ ଶାସନ କରିପାରିବ ନାହିଁ ।'' ସେ ଏକଥା ବି କହିଲେ, ''କର ନ ଦେଲେ ତୁମର ଆସବାବପତ୍ର ସବୁ ଜବତ କରି ଦିଆଯିବ । ଏଇ ଆସବାବପତ୍ର ନିଲାମରେ କେହି ନ ନେଲେ ସେ ସବୁ ଭିଏନା ନେଇ ବିକ୍ରି କରିବାକୁ ପଡିବ ଯାହା କି ତାଙ୍କ ପାଇଁ ମହଙ୍ଗା ପଡିବ । ତେଣୁ ତୁମେମାନେ ଦୃଢତାର ସହ କାମ କରିବା ଉଚିତ । ସମସ୍ତେ ଏକମତ ହୋଇ ଜବତ କରାଯାଇଥିବା ଜିନିଷ ନ କିଣିଲେ ତୁମମାନଙ୍କୁ ନିଶ୍ଚୟ ସଫଳତା ମିଳିବ ।'' ଲୋକମାନଙ୍କର ଡିକଙ୍କ ବୁଦ୍ଧିରେ ପୂର୍ଣ୍ଣ ବିଶ୍ୱାସ ଥିଲା । ତେଣୁ ତାଙ୍କର ପରାମର୍ଶକୁ ଶିରୋଧାର୍ଯ୍ୟ କରି 'କର' ଦେବା ବନ୍ଦ କରି ଦେଲେ ।

'କର' ଦେବା ବନ୍ଦ ହୋଇ ଯିବାରୁ, ଯେପରି କୁହାଯାଇଥିଲା, ଲୋକମାନଙ୍କର ମାଲପତ୍ର ଜବତ କରାଗଲା ଓ ତା'କୁ ଯେତେବେଳେ କେହି କିଣିଲେ ନାହିଁ ଭିଏନା ନେଇଯିବାକୁ ଚେଷ୍ଟା କରାଗଲା । କିନ୍ତୁ ଏ କାମ ବହୁତ ମହଙ୍ଗା ପଡିବାରୁ ସରକାରଙ୍କୁ ସେ ନିର୍ଣ୍ଣୟ ଛାଡିବାକୁ ପଡିଲା । ଲୋକମାନଙ୍କୁ ଦବେଇବା ପାଇଁ ପ୍ରତ୍ୟେକ ଘରେ ସୈନ୍ୟମାନଙ୍କୁ ରହିବାକୁ ଆଦେଶ ଦିଆଗଲା । ହଙ୍ଗେରୀର ଜନତା ପୂରାପୂରି ଅହିଂସକ ଥିଲେ । ସେଥିପାଇଁ ତାଙ୍କ ସହିତ ବଳ ପ୍ରୟୋଗ କରିବା ସମ୍ଭବ ଜଣା ପଡୁନଥିଲା । ବଳ ପ୍ରୟୋଗ କରାଗଲେ କିପରି ତା'କୁ ସାମନା କରିବାକୁ ହେବ -- ସେ ସମ୍ବନ୍ଧରେ ଲୋକେ ଡିକ୍ ସାହେବଙ୍କ ପରାମର୍ଶ ଲୋଡିଲେ । ଡିକ୍ ମହୋଦୟ କହିଲେ, ''ତୁମ ଘରେ ଯେଉଁ ସୈନ୍ୟ ରହିବେ, ତାଙ୍କର ବିରୋଧ କର ନାହିଁ । ଖାଇବା

Digitized by srujanika@gmail.com

ପିଇବା ପାଇଁ ତାଙ୍କର ଯାହା ଦରକାର ତାଙ୍କୁ ଦିଅ । କିନ୍ତୁ ତାଙ୍କ ସହିତ କଥାବାର୍ତ୍ତା କର ନାହିଁ । କୌଣସି ହସ ରହସ୍ୟ ନ କରି ଅତ୍ୟନ୍ତ ଗମ୍ଭୀରତା ସହ କାମ କର । ତାଙ୍କ ସହିତ କଥାବାର୍ତ୍ତା ନ କରି, ସେ ଯାହା ପଚାରିବେ ତା'ର ଉତ୍ତର 'ହଁ ' ବା 'ନାହିଁ 'ରେ ଦିଅ । ଏପରି କଲେ ଶେଷରେ ସେମାନେ ଥକି ଯିବେ ।''

ଲୋକମାନେ ଠିକ୍ ସେଇପରି କଲେ । ଏଥିରେ ଘରେ ରଖାଯାଇଥିବା ସୈନିକମାନେ ଥକି ଗଲେ ଓ ଅଷ୍ଟ୍ରିଆର ରାଷ୍ଟ୍ରପତିଙ୍କୁ କହିଲେ ଯେ ଏପରି ଅବସ୍ଥାରେ ବେଶି ଦିନ ସେମାନେ ରହି ପାରିବେ ନାହିଁ । ଅଷ୍ଟ୍ରିଆର ସରକାର ଥକି ଯାଇ ହଙ୍ଗେରୀ ନେତାମାନଙ୍କୁ ପଚାରିଲେ, ''ଆଚ୍ଛା, ଆପଣମାନେ କ'ଣ ଚାହାନ୍ତି ?'' ନେତାମାନେ ଏ ସମ୍ବନ୍ଧରେ ଡିକ୍ ମହୋଦୟଙ୍କୁ ପଚାରିବାକୁ କହିଲେ । ସରକାର ତାଙ୍କୁ ପଚାରିବାରୁ ସେ କହିଲେ, ''ଆମକୁ ତ ଆମ ରାଜ୍ୟ ଦରକାର । ଆପଣ ତାହା ଆମକୁ ଦେଇ ଦିଅନ୍ତୁ ।'' ଅଷ୍ଟ୍ରିଆ ସରକାର ବୁଝିଯାଇଥିଲେ ଆଉ ଏଣିକି ନିଜର ରାଜତ୍ୱ ଚଳିବ ନାହିଁ । ତେଣୁ ସେ ଏ ପ୍ରସ୍ତାବ ମଞ୍ଜୁର କରିଦେଲେ ।

ସ୍ୱରାଜ ମିଳିବା ପରେ ଡିକ୍ ମହୋଦୟ କୌଣସି ପଦରେ ରହିବାକୁ ମନା କରିଦେଲେ ଏବଂ କହିଲେ, ''ମୋର ମୃତ୍ୟୁ ପରେ ମୋ କବର ଉପରେ ମଧ୍ୟ କିଛି ଖର୍ଚ୍ଚ କରିବ ନାହିଁ ।'' ସେ ଏପରି ବିନମ୍ର ଓ ସିଧାସାଦା ବ୍ୟକ୍ତି ଥିଲେ । ଅନାସକ୍ତ ଭାବରେ, କୌଣସି ପ୍ରକାର କିଛି ଆକାଂକ୍ଷା ନ ରଖି ଦେଶ ସେବା କରୁଥିଲେ । ସେଥିପାଇଁ ସେ ଏତେ ଶକ୍ତିଶାଳୀ ଥିଲେ ଓ ଜନତା ତାଙ୍କ ଆଦେଶାନୁସାରେ ଚାଲିକରି ସଫଳତା ଲାଭ କରିଥିଲେ ।

ହଙ୍ଗେରୀ ଜନତାଙ୍କୁ ବାରମ୍ବାର ବିଦେଶୀ ଶାସନର ସାମନା କରିବାକୁ ପଡିଥିଲା । କିନ୍ତୁ ସେମାନେ କେବେ ହେଲେ ହାର ମାନି ନ ଥିଲେ । ସେମାନେ ବଡ ସାହସୀ ଥିଲେ । ତେଣୁ ସେମାନଙ୍କ ପାଇଁ ମୋ ମନରେ ବହୁତ ଆଦର ଭାବ ଅଛି । ହଙ୍ଗେରୀର ଲୋକମାନେ ବଡ ଆନନ୍ଦ ପ୍ରିୟ ଓ ନୌକା ବିହାର ଆଦି କରିବାକୁ ଭଲପାଆନ୍ତି । ହଙ୍ଗେରୀରେ ତା'ର ରାଜଧାନୀରୁ ବହୁତ ଦୂରରେ ଥିବା ଦୁଇତିନି ସ୍ଥାନ ଦେଖାଇବାକୁ ମତେ ନିଆଯାଇଥିଲା । ବହୁବର୍ଷ ପୂର୍ବେ କବିବର ରବୀନ୍ଦ୍ରନାଥ ଠାକୁର ସ୍ୱାସ୍ଥ୍ୟ ପରିବର୍ତ୍ତନ କରିବାକୁ ଯେଉଁଠି ରହୁଥିଲେ ମୁଁ ସେ ସ୍ଥାନ ଦେଖିଲି । ମୁଁ ଯେତିକି ସମୟ ସେଠାରେ ରହିଲି କବିବର ରହୁଥିବା ଘରେ ରହିଲି । ସେଠାରେ ତାଙ୍କ କାମ ବିଷୟରେ ଅନେକ କଥା ମୁଁ ଶୁଣିଲି ।

ହଙ୍ଗେରୀରୁ ମୁଁ ଆମେରିକା ଶାସନକର୍ତ୍ତାଙ୍କ ସହିତ ବାର୍ତ୍ତାଳାପ କରିବାକୁ ୱାଶିଂଟନ ଗଲି । ଏହି ସମୟରେ ସେଠାରେ ରାଷ୍ଟ୍ରପତି କେନେଡିଙ୍କ ସହିତ ସାକ୍ଷାତ କରିବାର ପ୍ରସ୍ତାବ ଥିଲା । ଗାନ୍ଧିଜୀଙ୍କ ପୁଅ ରାମଦାସ ଭାଇଙ୍କର ଝିଅ ସୁମିତ୍ରା ପଢିବା ପାଇଁ ୱର୍ସେଷ୍ଟର ବିଶ୍ୱବିଦ୍ୟାଳୟ ଯାଇଥିଲେ । ତାଙ୍କ ଭାଇ ଶ୍ରୀ କନୁ ଗାନ୍ଧୀ ମଧ୍ୟ ସେଠାରେ ପଢିବାକୁ ଯାଇଥିଲେ । ସେତେବେଳେ ତାଙ୍କର ଶୁଭପରିଣୟ ହେବାର ଥିଲା । ଯାହାଙ୍କ ସହିତ ତାଙ୍କର ଶୁଭପରିଣୟ ହେବାର ଥିଲା ସେ ଥିଲେ କଲିକତାର ଶ୍ରୀ ମାଧବଜୀ ଠକ୍କରଙ୍କର ସୁପୁତ୍ରୀ । ଶ୍ରୀ ଠକ୍କର ମହାତ୍ମାଗାନ୍ଧୀଙ୍କ ଦାଣ୍ଡିଯାତ୍ରାରେ ଯୋଗ ଦେଇଥିବା ଅଶି ସତ୍ୟାଗ୍ରହୀଙ୍କ ଦଳରେ ଥିଲେ । ବିବାହ କାର୍ଯ୍ୟ ଶ୍ରୀ ସତୀଶ କାଲେଲ୍କାର ସମ୍ପନ୍ନ କରିଥିଲେ ।

ବିବାହ ପରେ, ଶହେ/ଶହେ ପଚିଶ ମାଇଲ ଦୂରସ୍ଥ ଏକ ଷ୍ଟେସନରେ ଟ୍ରେନ ଧରିବାକୁ ସେଇ ରାତିରେ କାରରେ ଗଲି କାରଣ ପରଦିନ ୱାଶିଂଟନରେ ମୋର ରାଷ୍ଟ୍ରପତି କେନେଡିଙ୍କ ସହିତ ସାକ୍ଷାତ କରିବାର ଥିଲା । ବିବାହ ବିଳମ୍ବ ହୋଇଯାଇଥିବାରୁ ଗାଡି ଖୁବ୍ ଜୋରରେ ଚଳାଇବାକୁ ପଡିଥିଲା । ସେଠାରେ ପହଞ୍ଚିବା ପରେ ଡ୍ରାଇଭର ମତେ ବତାଇଲେ ଯେ ସେ ଗାଡି ଘଣ୍ଟା ପ୍ରତି ୧୨୦ ମାଇଲ ବେଗରେ ଚଲାଉଥିଲେ । ତାଙ୍କ ଆଗରେ ପାଇଲଟ ଗାଡି ଏଇ ଗତିରେ ଚାଲୁଥିବାରୁ ତାଙ୍କୁ ସେଇ ବେଗରେ ଗାଡି ଚଲାଇବାକୁ ପଡିଥିଲା ।

Digitized by srujanika@gmail.com

ନିଜେ ମନକୁ ଏଇ ବେଗରେ ଗାଡି ଚଳାଇଥିଲେ ପୋଲିସ ତାଙ୍କ ଚାଲାନ ନ କରି ଛାଡି ନଥାନ୍ତା । ରାସ୍ତା ଚଉଡା ଓ ପରିଷ୍କାର ଥିଲା । ଖୁବ୍ କମ୍ ଗାଡି ରାସ୍ତାରେ ଚାଲୁଥିଲା ସୁତରାଂ ଜୋରରେ ଗାଡି ଚଳାଇବା ଅସୁବିଧା ହୋଇ ନଥିଲା । କାର ବି ବହୁତ ବଡ ଥିଲା ଫଳରେ ମତେ କିଛି ଜଣା ପଡିଲା ନାହିଁ, ଡ୍ରାଇଭର ବତାଇବାରୁ ମୁଁ ଜାଣିଲି ଯେ ଗାଡି ଏତେ ଜୋରରେ ଚାଲୁଥିଲା । ଷ୍ଟେସନରୁ ଟ୍ରେନରେ ଯାଇ ମୁଁ ୱାଶିଂଟନ୍‌ରେ ପହଁଞ୍ଚିଲି ଓ ପରଦିନ ରାଷ୍ଟ୍ରପତି କେନେଡିଙ୍କ ସହିତ ସାକ୍ଷାତ କଲି । ତାଙ୍କ ସହିତ ମୋର ବହୁତ ଲମ୍ବା ଚର୍ଚ୍ଚା ହୋଇଥିଲା । ସେତେବେଳେ ସେଠାରେ ଭାରତୀୟ ରାଷ୍ଟ୍ରଦୂତ ଶ୍ରୀ ବି. କେ. ନେହେରୁ ଥିଲେ । ମୁଁ ତାଙ୍କ ଘରେ ରହିଥିଲି ।

ରାଷ୍ଟ୍ରପତି କେନେଡିଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହେଲା ସେଥିରୁ ମତେ ସ୍ପଷ୍ଟ ଭାବେ ଜଣାପଡିଲା ଯେ ସେ ଭାରତର ରାଜନୀତି ସହିତ ବେଶ୍ ପରିଚିତ ଥିଲେ ଓ ଭାରତ ପ୍ରତି ତାଙ୍କର ବଡ ସଦ୍‌ଭାବନା ମଧ୍ୟ ଥିଲା । ରାଷ୍ଟ୍ରପତି ହେବା ଆଗରୁ ସେ ସେଠାର କଂଗ୍ରେସରେ ଭାରତ ପ୍ରତି ଅନୁକୂଳ ପ୍ରସ୍ତାବ ଆଗତ କରିଥିଲେ ଓ କଂଗ୍ରେସ ଦ୍ୱାରା ଏହାକୁ ଅନୁମୋଦନ କରାଇଥିଲେ । ସେଥିରୁ ମତେ ତାଙ୍କର ଭାରତ ପ୍ରତି ଶ୍ରଦ୍ଧାର ପରିଚୟ ମିଳିଥିଲା । ସେ ମତେ ପଚାରିଲେ, ''ଆପଣ 'ନନ ଏଲାଇଣ୍ଡ' -- ଅର୍ଥାତ ନିରପେକ୍ଷ ରାଷ୍ଟ୍ର ଅଟନ୍ତି । ଆପଣଙ୍କ ସହିତ ସମସ୍ତଙ୍କର ମିତ୍ରତା ପୂର୍ଣ୍ଣ ସମ୍ବନ୍ଧ ଅଛି । କିନ୍ତୁ ଆପଣ ସୋଭିଏତ ରୁଷ ପ୍ରତି କିଛି ପକ୍ଷପାତ ବ୍ୟବହାର କରୁଛନ୍ତି । ଏଥିରୁ ଆପଣଙ୍କୁ କ'ଣ ଜଣାପଡୁ ନାହିଁ ଯେ ଆପଣ ତାଙ୍କ ଆଡକୁ ଢଳିଛନ୍ତି ?'' ମୁଁ ପଚାରିଲି, ''ଆପଣ ଏକଥା କାହିଁକି କହୁଛନ୍ତି ।'' ସେ କହିଲେ, ''ଆମର କୌଣସି ତ୍ରୁଟି ଜଣାପଡିଲେ ଆପଣ ତା'ର କଡା ଆଲୋଚନା କରନ୍ତି କିନ୍ତୁ ସୋଭିଏତ ରୁଷର ତ୍ରୁଟି ହେଲେ ବି ଆପଣ ତାଙ୍କ ପ୍ରତି ଭଦ୍ର ଭାଷା ବ୍ୟବହାର କରନ୍ତି ଓ ତା'ର ଆଲୋଚନା କରିବାକୁ କୁଣ୍ଠା ବୋଧ କରନ୍ତି । ଏଥିରୁ ଆପଣଙ୍କ ପକ୍ଷପାତ ନୀତି ଜଣାପଡୁ ନାହିଁ ?'' ମୁଁ ଏ ସମ୍ବନ୍ଧରେ ନିଜର ପ୍ରତିକ୍ରିୟା ତାଙ୍କୁ କହିଲି, ''ସୋଭିଏତ ରୁଷ ଗୋଟିଏ କମ୍ୟୁନିଷ୍ଟ ଦେଶ (ସାମ୍ୟବାଦୀ ଅଧିନାୟକ-ବାଦ ଶାସନ ପ୍ରଚଳିତ ଦେଶ) ଅଟେ । କିନ୍ତୁ ଆପଣ ଓ ଆମେ ଲୋକତାନ୍ତ୍ରିକ ଶାସନ ପ୍ରଚଳିତ ଦେଶ ଅଟୁ । ଏହା ସ୍ପଷ୍ଟ ଯେ ସୋଭିଏତ ରୁଷ ଲୋକତାନ୍ତ୍ରିକ ରୀତିରେ ବିଶ୍ୱାସ କରେ ନାହିଁ । ତେଣୁ ସେ କୌଣସି ତ୍ରୁଟି କଲେ ଆମେ ତାକୁ ଦୋଷ ଦେଇ ବା ତା'ର ସମାଲୋଚନା କରି ତାକୁ ବଦଳାଇ ପାରିବା ନାହିଁ । ମିତ୍ର ଭାବରେ ତାଙ୍କୁ ବୁଝାଇ ସେଠାରେ ପରିବର୍ତ୍ତନ ଆଣିବାର କିଛି ଆଶା କରାଯାଇପାରେ । ଆପଣଙ୍କୁ କଣ ଜଣାଯାଉନାହିଁ ଯେ ତାଙ୍କୁ ଏପରି ବୁଝାଇବା ଉପଯୁକ୍ତ ଅଟେ ? ଆପଣ ବା ଆମେ ଲୋକତାନ୍ତ୍ରିକ ଦୃଷ୍ଟିରେ କୌଣସି ତ୍ରୁଟି କଲେ, ତା' ବିରୁଦ୍ଧରେ କଡାନୀତି ତିଆରି କରି ତାହା ସଂଶୋଧନ କରିପାରିବା ଏବଂ ତାପରେ ଯାଇ ଆମେ ସୋଭିଏତ ରୁଷକୁ ସେପରି କିଛି ଦୃଢତାର ସହିତ କହିପାରିବା । ଆପଣଙ୍କୁ କ'ଣ ଲାଗୁ ନାହିଁ ଯେ ଏପରି ନୀତି ବେଶ୍ ବ୍ୟବହାରିକ ନୀତି ଅଟେ ? ସାମ୍ୟବାଦୀ ଦେଶ ବାହାରେ ପ୍ରଥମେ ଶ୍ରୀ କୃଶ୍ଚେଭ ଗସ୍ତ କରିଥିବା ଦେଶ ହେଉଛି ଭାରତ ଓ ଏହା ପରେ ସେ ଅନ୍ୟ ଲୋକତାନ୍ତ୍ରିକ ଦେଶ ଯାତ୍ରା କରିଥିଲେ । ଆପଣଙ୍କୁ କଣ ଏପରି କିଛି ଜଣାଯାଉନାହିଁ ଯେ ତଦ୍ୱାରା ତାଙ୍କ ନୀତିରେ କିଛି ଉଦାରତା ଦେଖା ଦେଇଛି । ଭାରତ ପ୍ରଥମେ ଯାତ୍ରା କରି ନଥିଲେ ଏହା ସମ୍ଭବ ହୋଇ ନଥାନ୍ତା -- ଆପଣ ଏଥିରେ ଏକମତ ନୁହନ୍ତି ? ତାଙ୍କ ଶାସନ ପ୍ରଣାଳୀ ମଧ୍ୟ ଲୋକତାନ୍ତ୍ରିକ ହେବା ଉଚିତ ବୋଲି ଆମର ଇଚ୍ଛା । ଆମେ ହିଂସ୍ରକ ବାଟରେ ତାଙ୍କୁ ବଦଳାଇ ପାରିବା ନାହିଁ । ଆମେ ଯଦି ଆମ ଲୋକତନ୍ତ୍ରୀୟ ସରକାରରେ ସଫଳତା ଲାଭକରୁ, ଯଦି ଏହାର ପରିଣାମ ଆନନ୍ଦଦାୟକ ହୁଏ ଓ ସେମାନେ ଯଦି ଅନୁଭବ କରନ୍ତି ଯେ ଆମର ତାଙ୍କ ପ୍ରତି ବ୍ୟବହାର ସୌହାର୍ଦ୍ଦ୍ୟଜନକ ଅଟେ, ସେମାନଙ୍କ ଠାରେ ପରିବର୍ତ୍ତନ ଦେଖାଯାଇପାରେ । ତାଙ୍କ ସହିତ ସମ୍ବନ୍ଧ ରଖିବାର ଏହା ଉପଯୁକ୍ତ ରାସ୍ତା ବୋଲି ଆପଣ କ'ଣ ଭାବନ୍ତି ନାହିଁ ? ଯେତେଦିନ ଯାଏ ସେମାନଙ୍କର ପରିବର୍ତ୍ତନ ନ ହୋଇଛି ସେତେ ଦିନ ଯାଏ ତ ସମ୍ବନ୍ଧ ରଖିବା ଉଚିତ । କିନ୍ତୁ ଆମକୁ ନିଜର ରୀତିନୀତି ଉପରେ

Digitized by srujanika@gmail.com

ଚାଲିବା ଉଚିତ -- ତା'କୁ ଛାଡିବା ଠିକ୍ ହେବ ନାହିଁ । ତେବେ ଯାଇ ତାଙ୍କଠାରେ ପରିବର୍ତ୍ତନ ଆଣିବା ପାଇଁ ଆମର ଶକ୍ତି ବଢ଼ିବ । ମୁଁ ତ ଏହାହିଁ ବିଚାର କରୁଛି ।''

ଶ୍ରୀ କେନେଡି ମୋ କଥା ବହୁତ ଧ୍ୟାନ ସହକାରେ ଶୁଣିଲେ ଓ ପଚାରିଲେ ଏ ନୀତି ତାଙ୍କୁ ଆଗରୁ କହିଦେବା ଉଚିତ ନଥିଲା କି ? ମୁଁ ତାଙ୍କୁ କହିଲି ଯେ ମୋ ମତରେ ଏକଥା କହିବା ଦରକାର ନଥିଲା କାରଣ ସାଧାରଣରେ କହିବା ଅପେକ୍ଷା ଏକଥା ଆମେ ନିଜେ ନିଜେ ବୁଝିବା ଉଚିତ । ଆମର ବ୍ୟବହାର ସୋଭିଏତ ରୁଷ ଉପରେ ପ୍ରଭାବ ପକାଇବା ଉଚିତ । ଏଇ ଦୃଷ୍ଟିରୁ ଆମେ ସର୍ବସାଧାରଣରେ ଏ ବିଷୟରେ କିଛି କହିବା ଠିକ୍ ବୁଝିଲୁ ନାହିଁ । ମତେ ଲାଗିଲା ଯେ ଶ୍ରୀ କେନେଡି ଏ ତଥ୍ୟ ସ୍ୱୀକାର କରିଥିଲେ ।

ଶ୍ରୀ କେନେଡି ଜଣେ ବିଶାଳ ଦୃଷ୍ଟିକୋଣ ସମ୍ପନ୍ନ ବ୍ୟକ୍ତି ଥିଲେ ଓ ଅଖିଳ ବିଶ୍ୱରେ ଶାନ୍ତି ସ୍ଥାପନା କରିବା ପାଇଁ ସେ ଯାହା କରିପାରିବେ ତାହା କରିବା ପାଇଁ ବ୍ୟଗ୍ର ଥିଲେ । ଆମେରିକାର ଶକ୍ତି, କୌଣସି ଦେଶକୁ ଦବାଇବା ପାଇଁ ନୁହେଁ ବରଂ ଅନ୍ୟ ଦେଶମାନଙ୍କୁ ରକ୍ଷା କରିବାରେ ଲଗାଇବା ତାଙ୍କର ଇଚ୍ଛା ଥିଲା । ସବୁ ଦେଶ ମିଳିମିଶି ମିତ୍ରତା ପୂର୍ବକ ରୁହନ୍ତୁ -- ଏହା ତାଙ୍କର ଆକାଙ୍‌କ୍ଷା ଥିଲା । ଚୀନ ସମ୍ବନ୍ଧରେ କଥାବାର୍ତ୍ତା ବେଳେ ମୁଁ ତାଙ୍କୁ କହିଲି, ''ମତେ ଜଣାପଡୁଛି ଯେ ଚୀନ୍‌କୁ ସଂଯୁକ୍ତ ରାଷ୍ଟ୍ରସଂଘରେ ନ ମିଶାଇ ବଡ ଭୁଲ ହୋଇଛି । ସଂଯୁକ୍ତ ରାଷ୍ଟ୍ରସଂଘ ବିଶ୍ୱର ସ୍ୱତନ୍ତ୍ର ଓ ସଭ୍ୟ ଦେଶମାନଙ୍କର ସାମୂହିକ ସଂଗଠନ ଅଟେ । ଚୀନ ମଧ୍ୟ ଗୋଟିଏ ସ୍ୱାଧୀନ ଦେଶ ଅଟେ । ଫର୍ମୋଜା ତା'ର ଗୋଟିଏ ଅଂଶ ଥିଲା କିନ୍ତୁ ଏହା ଗୋଟିଏ ଅଲଗା ରାଜ୍ୟ ହୋଇଯାଇଛି ଏହା ଏକ ଛୋଟ ଦ୍ୱୀପ ଅଟେ । ଚୀନ ଗୋଟିଏ ସ୍ୱତନ୍ତ୍ର ଦେଶ ହୋଇଥିଲେ ମଧ୍ୟ ସାମ୍ୟବାଦୀ ହୋଇଥିବାରୁ ତା'କୁ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ନ କରାଇଦେବା ଠିକ୍ ହୋଇନାହିଁ । କାରଣ ସଂଯୁକ୍ତ ରାଷ୍ଟ୍ରସଂଘରେ ରୁଷ ପରି ସାମ୍ୟବାଦ ଦେଶ ସଦସ୍ୟ ହୋଇପାରିଛି । ପୁଣି ଚୀନ୍‌କୁ ସଂଯୁକ୍ତ ରାଷ୍ଟ୍ରସଂଘ ବାହାରେ ରଖିବାରୁ ତା'କୁ ସ୍ୱଇଚ୍ଛାରେ କାମ କରିବାକୁ ଛୁଟି ମିଳିଗଲା । ଏହାଦ୍ୱାରା ବିଶ୍ୱ ଶାନ୍ତି ପାଇଁ ଏହା ବଡ ବିପଦ ପାଲଟି ଯାଇଛି । ଆମେରିକାର ଚୀନ ସମ୍ବନ୍ଧୀୟ ନୀତି ଏତେ ଟାଣ ହୋଇଯାଇଛି ଯେ, ସେ ନୀତିକୁ ବଦଳାଇବାକୁ ତା'ର ସାହସ ନାହିଁ । ତେଣୁ ସେଠାକାର ଲୋକମତ ମଧ୍ୟ ଚୀନ ବିରୁଦ୍ଧରେ ହୋଇଯାଇଛି ବୋଲି ମତେ ଜଣାପଡିଲା ।''

ରାଷ୍ଟ୍ରପତି କେନେଡି ଆମେରିକାର ଶକ୍ତିଶାଳୀ ବ୍ୟକ୍ତିମାନଙ୍କୁ ନିଜର ସହାୟକ ଭାବେ ରଖିଥିଲେ । ସେ ସମସ୍ତଙ୍କ ସହିତ ସର୍ବଦା ପରାମର୍ଶ କରୁଥିଲେ । କିନ୍ତୁ ତାଙ୍କ ମଧ୍ୟରେ ତାଙ୍କ ନିଜର ପ୍ରତିଭା ଓ ଶକ୍ତି କମ୍ ନଥିଲା । ସମସ୍ତଙ୍କ ସହିତ ପରାମର୍ଶ କରିବା ପରେ ନିଜ ବୁଦ୍ଧି ଅନୁସାରେ ନିର୍ଣ୍ଣୟ ନିଜେ ନେଉଥିଲେ । ଭଲ ବାଗ୍ମୀ ଥିଲେ ସେ । ତାଙ୍କ ଭାଷଣର ଭାଷା ଅତ୍ୟନ୍ତ ପ୍ରଭାବଶାଳୀ ହେଉଥିଲା । ସେଥିରେ ତାଙ୍କର କୁଶଳତା ସ୍ପଷ୍ଟ ଦୃଷ୍ଟିଗୋଚର ହେଉଥିଲା ।

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ -- ଅକ୍ଟୋବର ଦୁଇ ତାରିଖ ଦିନ ମୁଁ ଗାନ୍ଧିଜୀଙ୍କ ବିଷୟରେ ଭାଷଣ ଦେବା ପାଇଁ ପ୍ରିନ୍‌ସ୍‌ଟନ ବିଶ୍ୱବିଦ୍ୟାଳୟ ଗଲି । ଏହି ବିଶ୍ୱବିଦ୍ୟାଳୟ ଅତ୍ୟନ୍ତ ପ୍ରତିଷ୍ଠା ପ୍ରାପ୍ତ ବିଶ୍ୱବିଦ୍ୟାଳୟ ଅଟେ । ଏହାର ଗୀର୍ଜା ଘରେ ଭାଷଣ ଦେବାର ଥିଲା ଓ ସେଠାରେ ମୋ ସ୍ୱାଗତ ପାଇଁ ଆୟୋଜନ କରାଯାଇଥିଲା । ସଭା ବେଶ୍ ଶାନ୍ତିପୂର୍ଣ୍ଣ ଥିଲା ଓ ଗୀର୍ଜା ଘର ଶ୍ରୋତାମାନଙ୍କ ଦ୍ୱାରା ଭରପୂର ଥିଲା । ମତେ କୋଡିଏ ମିନିଟ୍ କହିବାକୁ ଦିଆଯାଇଥିଲା । କିନ୍ତୁ ମୁଁ ଆଗରୁ ଭାଷଣ ପ୍ରସ୍ତୁତ କରି ନଥିଲି ଓ ଭାଷଣ ତତ୍‌କାଳୀନ ଥିଲା । ଏଥିରେ ଆୟୋଜନକାରୀ ମାନେ ଚିନ୍ତାରେ ପଡିଲେ କାରଣ ତାଙ୍କ କାର୍ଯ୍ୟକ୍ରମ ଅନୁସାରେ ମୁଁ କୋଡିଏ ମିନିଟରୁ ଅଧିକ ସମୟ ନେଲେ ତାଙ୍କ ପାଇଁ ବଡ ଅସୁବିଧା ହେବ । ସଙ୍କୋଚ ବଶତଃ ଏକଥା ସେମାନେ ମତେ

Digitized by srujanika@gmail.com

ସିଧା କହିପାରୁ ନଥିଲେ । କିନ୍ତୁ ପରିସ୍ଥିତି ଜାଣିପାରି ମୁଁ ସେମାନଙ୍କୁ କହିଲି କୋଡିଏ ମିନିଟ୍ ଜାଗାରେ ଅଠର ମିନିଟ୍‌ରେ ମୁଁ ଭାଷଣ ଶେଷ କରିଦେବି । ସେମାନଙ୍କୁ ଏହିପରି ଆଶ୍ୱସ୍ତ କରି ୧୮/୧୯ ମିନିଟ୍‌ରେ ଭାଷଣ ଶେଷ କରିଦେଲି । ସେଥିରେ ସମସ୍ତେ ଖୁସି ହେଲେ ।

ଭାଷଣରେ ଗାନ୍ଧିଜୀଙ୍କ ବିଷୟରେ ବିଚାର କରି ମୁଁ କହିଲି, ''ଆମେରିକାର ଆବ୍ରାହାମ୍ ଲିଙ୍କନ ଭଳି ମହାନ ସତ୍ୟବାଦୀ ରାଜପୁରୁଷ ଜନ୍ମ ହୋଇଥିଲେ ଯେଉଁ ସକାଶେ ଆଜି ବିଶ୍ୱର ଅନେକ ବ୍ୟକ୍ତି ଆମେରିକାଠାରୁ ବହୁତ ଆଶା ରଖୁଛନ୍ତି । ଅଧ୍ୟାତ୍ମିକତା ବାଦ ଉପରେ ଭାରତର ଏକାଧିପତିତ୍ୱ ନାହିଁ । ସବୁ ଦେଶରେ କମ୍ ବେଶୀ ଆଧ୍ୟାତ୍ମିକ ଚିନ୍ତାଧାରା ଅଛି । ଅବଶ୍ୟ ଏକଥା ସତଯେ ଭାରତରେ ଏ ଦର୍ଶନ ହଜାରେ ବର୍ଷର ପୁରୁଣା ତେଣୁ ଏହାର ପ୍ରଭାବ ସେଠାରେ ବେଶ ଗଭୀର । ସେଥିଯୋଗୁଁ ମହାତ୍ମା ଗାନ୍ଧୀ ଏହାର ପ୍ରସାର କରିବାରେ ଅଧିକ ସଫଳ ହୋଇଛନ୍ତି ।''

ଆମେରିକାରେ ଏହି ଯାତ୍ରା ସମୟରେ ଇଣ୍ଡିୟାନ ଇନ୍‌ଭେଷ୍ଟମେଣ୍ଟ ସେଣ୍ଟର୍‌ର ଉଦ୍‌ଘାଟନ ହୋଇଥିଲା । ଏହା ଭାରତ ସେଣ୍ଟର୍‌ର ଗୋଟିଏ ଶାଖା । ଭାରତୀୟ ଉଦ୍ୟୋଗପତିଙ୍କ ସହିତ ମିଶି ଭାରତରେ ଉଦ୍ୟୋଗ ସ୍ଥାପନ କରିବାକୁ ଇଚ୍ଛୁକ ଥିବା ଭାରତ ବାହାର ଦେଶର ବ୍ୟକ୍ତି ବା ଅନୁଷ୍ଠାନମାନଙ୍କୁ ନିଉୟର୍କରେ ସମସ୍ତ ତଥ୍ୟ ଯୋଗାଇ ଦେବାର ଆବଶ୍ୟକତା ଥିଲା । ଏହି କାମ ବ୍ୟବସ୍ଥିତ ରୂପେ କରାଯିବା ଦରକାର ଥିଲା । ଏହି ଉଦ୍ଦେଶ୍ୟରେ ୧୯୬୧ ଫେବୃୟାରୀରେ ଏ ଅନୁଷ୍ଠାନ ଭାରତରେ ପ୍ରତିଷ୍ଠିତ ହୋଇଥିଲା । ସୋସାଇଟିଜ୍ ଆକ୍ଟ ଅନୁସାରେ ଏହା ରେଜିଷ୍ଟ୍ରୀ ହୋଇଥିଲା । ଭାରତ ସରକାରଙ୍କ ନିକଟ ସମ୍ପର୍କରେ ରହି କାମ କରିବା ଦରକାର ଥିବାରୁ ସରକାରଙ୍କ ତରଫରୁ ଏହାକୁ ସମର୍ଥନ ଓ ଆର୍ଥିକ ସୁବିଧା ଭଲ ଭାବେ ଦିଆଯାଇଥିଲା । କିନ୍ତୁ ସରକାରୀ ବିଭାଗ ଦ୍ୱାରା ଏ କାମ ସୁଗମତା ଓ ଶୀଘ୍ରତା ସହକାରେ ହୋଇପାରି ନଥାନ୍ତା । ସେଥିଯୋଗୁଁ ସରକାର ଠାରୁ ଅଲଗା ଅନୁଷ୍ଠାନ କରାଗଲା । ତେଣୁ ସେ ଭାରତର ନୀତିନିୟମ ବିଦେଶରେ ପ୍ରଚାର କରିପାରିଲା ଓ ତଥ୍ୟ ଯୋଗାଇ ପାରିଲା । ଭାରତର ଯୋଜନା ଅନୁସାରେ କି କି ଉଦ୍ୟୋଗରେ ବିଦେଶୀ ପୁଞ୍ଜି ଲଗାଯାଇ ପାରେ -- ଏ ତଥ୍ୟ ବତାଇବା ଏହାର କାମଥିଲା । ବିଦେଶୀମାନଙ୍କୁ ଆକର୍ଷିତ କରିବା ପାଇଁ ସେଣ୍ଟର ଦ୍ୱାରା ବିଭିନ୍ନ ପୁସ୍ତିକା ପ୍ରକାଶ କରିବାର ବ୍ୟବସ୍ଥା କରାଯାଇଥିଲା; ଯେଉଁଥିରୁ ଲୋକମାନେ ସହଜଭାବେ, କାଇଦା କାନୁନ, ନୀତି ନିୟମ ଆଦି ବୁଝିପାରିବେ । ସେଣ୍ଟର୍‌ର ସଂଚାଳନ ପାଇଁ ଗୋଟିଏ ଗଭର୍ଣ୍ଣିଂ ବଡି ତିଆରି ହୋଇଥିଲା ଯେଉଁଥିରେ ଅଧ୍ୟକ୍ଷ ତଥା ଦଶଜଣ ସଦସ୍ୟ ଥିଲେ ଏବଂ ସମସ୍ତଙ୍କ ନିଯୁକ୍ତି ସରକାରଙ୍କ ଦ୍ୱାରା ହୋଇଥିଲା । ଶ୍ରୀ ଗଗନ ବିହାରୀ ମେହେଟାଙ୍କୁ ଏହାର ଅଧ୍ୟକ୍ଷ କରାଯାଇଥିଲା । ଏ କାମ ପାଇଁ ତାଙ୍କଠାରୁ ଅଧିକ ଯୋଗ୍ୟ ବ୍ୟକ୍ତି ଆଉ କେହି ନଥିଲେ । ତାଙ୍କର ଉଦ୍ୟୋଗ ସମ୍ବନ୍ଧରେ ଭଲ ଅନୁଭବ ଥିଲା ଓ ବହୁତ ଦିନ ଧରି ସେ ଆମେରିକାରେ ଭାରତର ରାଜଦୂତ ରହିଥିଲେ ଯେଉଁଠି ସେ ବହୁତ ଲୋକପ୍ରିୟ ହୋଇଥିଲେ । ସେ ଏ ସେଣ୍ଟରକୁ ଭଲଭାବେ ବିକଶିତ କରିଥିଲେ ଓ ବଡ କାର୍ଯ୍ୟ କୁଶଳତା ଦେଖାଇଥିଲେ ।

ନିଉୟର୍କରେ ଏହାର ଶାଖା ଖୋଲାଗଲା ବେଳେ ମୁଁ ଏହାକୁ ଉଦ୍‌ଘାଟନ କରିଥିଲି । ସେଠାର କେତେକ ଉଦ୍ୟୋଗପତିଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ମଧ୍ୟରେ ମୁଁ ଆଗ୍ରହ ଉତ୍ପାଦନ କରିଥିଲି ।

୧୯୬୪ରେ ବେଲଜିୟମର ରାଜଧାନୀ ବ୍ରସେଲସ୍‌ରେ ମଧ୍ୟ ଏହାର ଶାଖା ଖୋଲାଗଲା । ଲଣ୍ଡନରେ ଏ କାମ ଭାରତୀୟ ହାଇ କମିଶନରଙ୍କ ମାର୍ଫତରେ ହେଉଥିଲା । ସେଠାରେ ଏ କାମ ଜଣେ ଟେକ୍‌ନିକାଲ ଆଡଭାଇଜରଙ୍କୁ ଦିଆଯାଇଛି ।

Digitized by srujanika@gmail.com

ନିଉୟର୍କରେ ଫରେନ୍ ଆଫେୟାର୍ସ କମିଟି, ବାର କାଉନ୍ସିଲ ଏବଂ ଏହିପରି କେତେକ ସଂସ୍ଥାରେ ଭାଷଣ ଦେଇ ମୁଁ ଭାରତର ରାଜନୈତିକ ଓ ଅର୍ଥନୈତିକ ନୀତି ଉପରେ ଆଲୋକପାତ କରିଥିଲି । ଭାଷଣ ସହିତ ପରସ୍ପର ବିଚାରର ଆଦାନ ପ୍ରଦାନ ମଧ୍ୟ ହୋଇଥିଲା ଯାହାକି ଭାରତ ବିଷୟରେ ପ୍ରଚଳିତ ଭୁଲ ବୁଝାମଣା ଦୂର କରିବାରେ ସହାୟକ ହେଲା ।

ନିଉୟର୍କରୁ ମୁଁ ଭାରତ ଫେରି ଆସିଲି ।

(୨୫) ଗୋଆରୁ ମୁକ୍ତି

୧୯୬୧ ମସିହା ଅକ୍ଟୋବର ମାସରେ ମୁଁ ବିଦେଶ ଯାତ୍ରା ଶେଷ କରି ଭାରତ ଆସିଲି । ଏହାପରେ ଇଣ୍ଡୋ-ଆଫ୍ରିକା ଆସୋସିଏସନ ପ୍ରତିନିଧିମାନଙ୍କରେ ଗୋଟିଏ ସମ୍ମିଳନୀ ବସିଥିଲା । ସେଥିରେ ରଙ୍ଗଭେଦ ନୀତି ବିଷୟରେ ଓ ସ୍ୱତନ୍ତ୍ର ନ ହୋଇଥିବା ଆଫ୍ରିକୀୟ ଦେଶର ସ୍ୱତନ୍ତ୍ରତା ବିଷୟରେ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ଭାଷଣ ଦେବାକୁ ମତେ ଆମନ୍ତ୍ରିତ କରାଯାଇଥିଲା । ନିମନ୍ତ୍ରଣ ସ୍ୱୀକାର ସମୟରେ ମୁଁ କହିଲି ଯେ ରଙ୍ଗଭେଦ ନୀତିର ବିରୋଧ ଓ ପରାଧୀନ ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ ଅହିଂସା ନୀତିରେ ହେବା ଉଚିତ ତାହା ନହେଲେ ବହୁତ ସମସ୍ୟା ଉପୁନ୍ନ ହେବ । ଆଫ୍ରିକୀୟ ପ୍ରତିନିଧିମାନେ ପର୍ତ୍ତୁଗାଲୀଙ୍କୁ ବଳପୂର୍ବକ ବାହାର କରିବାକୁ କହୁଥିଲେ । ମୁଁ କହିଲି ଯେ ମୁଁ ଏପରି ନୀତି ପସନ୍ଦ କରେ ନାହିଁ ଓ ସମ୍ମିଳନୀରେ ଏହାର ବିରୋଧ କରିବି କାରଣ ଏଭଳି ପ୍ରଶ୍ନର ସମାଧାନ କରିବା ପାଇଁ ଭାରତ ଶାନ୍ତିପୂର୍ଣ୍ଣ ନୀତି ଅବଲମ୍ବନ କରିବ । କେତେକ ମିତ୍ର ସମ୍ମିଳନୀରେ ଭାଷଣରେ ଅହିଂସା ନୀତି ଉଲ୍ଲେଖ ନ କରିବାକୁ ମତେ ସାବଧାନ କରାଇଥିଲେ, ମୁଁ କହିଲି ମୁଁ ଭାଷଣ ଦେଲେ ଅହିଂସା ନୀତି ଉଲ୍ଲେଖ କରିବି । ତେଣୁ ଆପଣମାନେ ଏ ବିଷୟରେ ଜବାହରଲାଲଜୀଙ୍କୁ ପଚାରିଦିଅନ୍ତୁ । ସେ ଏକଥା ନ ଚାହିଁଲେ ମୁଁ ଭାଷଣ ଦେବି ନାହିଁ ।

ଜବାହରଲାଲଜୀ ଓ ସେମାନେ ରାଜି ହେଲେ ଯେ ମୁଁ ଭାଷଣରେ ଏହି ସାଧନର ଉଲ୍ଲେଖ କରି ପାରିବି । ଏହାପରେ ସମ୍ମିଳନୀରେ ମୋ ଭାଷଣରେ ଏହି ବିଚାର ବ୍ୟକ୍ତ କରିଥିଲି ।

ଏହାପରେ ନଭେମ୍ବର ମାସରେ ଗଭର୍ଣ୍ଣରମାନଙ୍କ ଯେଉଁ ବାର୍ଷିକ ସମ୍ମିଳନୀ ହୋଇଥିଲା ସେଥିରେ ମଧ୍ୟ ରାଷ୍ଟ୍ରପତି ଗୋଆ ବିଷୟ ଉଲ୍ଲେଖ କରି କହିଥିଲେ ଯେ ଆମ ନୀତି ଶାନ୍ତିପୂର୍ଣ୍ଣ ଉପାୟରେ ଗୋଆରୁ ପର୍ତ୍ତୁଗାଲୀମାନଙ୍କୁ ହଟାଇବାକୁ ହେବ ।

କିନ୍ତୁ ନଭେମ୍ବର ଶେଷକୁ ବା ଡିସେମ୍ବର ଆରମ୍ଭରେ ମୁଁ ଶୁଣିଲି ଯେ ଗୋଆର ସୀମା ବେଲଗାଓଁରେ ଭାରତୀୟ ସେନାଙ୍କୁ ଏକତ୍ରିତ କରାଯାଉଛି । ପ୍ରାୟ ତିରିଶ ହଜାର ସୈନ୍ୟ କିଛି ଦିନ ମଧ୍ୟରେ ସେଠାରେ ତମ୍ବୁ ପକାଇଥିଲେ । ଏହାଦ୍ୱାରା ଗୁଜବ ଉଠିଲା ଯେ ସେନାଦ୍ୱାରା ଗୋଆ ଅଧିକାର କରାଯିବ ।

ଜବାହରଲାଲଜୀ ମନ୍ତ୍ରୀମଣ୍ଡଳରେ ଏ ବିଷୟରେ କୌଣସି ବିଚାର କରି ନଥିଲେ ଓ ଶ୍ରୀ କୃଷ୍ଣ ମେନନ୍‌ଙ୍କ ଛଡା ଆଉ କାହା ସହିତ କଥାବାର୍ତ୍ତା କରିନଥିଲେ । ହୋଇପାରେ ସେ ରେଳମନ୍ତ୍ରୀଙ୍କ ସହିତ ବୋଧହୁଏ କଥା ହୋଇଥିବେ କାରଣ ସେନାଙ୍କୁ ବେଲଗାଓଁ ନେବା ପାଇଁ ରେଲଗାଡି ଉପଯୋଗ କରାଯାଇଥିଲା । ବିଶେଷ ଗାଡି ବେଲଗାଓଁକୁ ଚାଲୁଥିଲା । ସେଥିରୁ ମତେ ଜଣାପଡିଲା ଯେ ବେଲଗାଓଁରେ ସେନା ଏକାଠି ହୋଇଛନ୍ତି ।

Digitized by srujanika@gmail.com

ଡିସେମ୍ବର ଶେଷ ଭାଗରେ ଡିଫେନ୍ସ କମିଟି ବୈଠକରେ ଜବାହରଲାଲଜୀ ବେଲଗାଓଁରେ ସେନା ଏକାଠି କରାଯିବା କଥା କହିଲେ । କେଉଁ ଦିନ ଆମ ସେନା ଗୋଆରେ ପ୍ରବେଶ କରିବେ ସେଇଦିନ ସ୍ଥିର କରିବାକୁ ଏ ବୈଠକ ଡକାଯାଇଥିଲା । ମୁଁ ଏ କାରବାରର ବିରୋଧ କରିଥିଲି । କିନ୍ତୁ ବିରୋଧ କରିବାକୁ ମୁଁ ଥିଲି ଜଣେ ମାତ୍ର । ସେଥିପାଇଁ କୌଣସି ଫଳ ହେଲା ନାହିଁ । ଯୁକ୍ତି ତ ବହୁତ କଲି, କିନ୍ତୁ ଅସଫଳ ରହିଲି ।

ଏହାପରେ ଆମ ସେନା ଗୋଆରେ ପ୍ରବେଶ କଲେ ଓ ଗୋଆକୁ ଅଧିକାର କରି ନେଲେ । ପର୍ତ୍ତୁଗାଲୀମାନେ କୌଣସି ପ୍ରତିରୋଧ କରିପାରିଲେ ନାହିଁ । ସେମାନେ ପ୍ରତିରୋଧ କରିବେ ଏପରି ଧାରଣା ମୋର ନ ଥିଲା । ମୋ ବିଚାରରେ ହଜାରେ ଦୁଇ ହଜାରେ ସଶସ୍ତ୍ର ପୋଲିସ ବାହିନୀ ପଠାଇଥିଲେ କାମ ହୋଇଯାଇଥାନ୍ତା । କିନ୍ତୁ ରକ୍ଷା ମନ୍ତ୍ରାଳୟର ଗୋଇନ୍ଦା ବିଭାଗରୁ ଭୁଲ ଖବର ମିଳିଥିଲା ଯେ ଗୋଆରେ ପର୍ତ୍ତୁଗାଲୀମାନେ ପ୍ରତିରୋଧ କରିବାକୁ ଜବରଦସ୍ତ ପ୍ରସ୍ତୁତି ତିଆରି କରି ରଖିଥିଲେ । ଏଇ କାରଣରୁ ଏତେ ଅଧିକ ସେନା ପଠାଯାଇଥିଲା । ଏହିପରି ଭାବରେ ଗୋଆକୁ ଅଧିକାର କରାଯାଇ ଦେଶରେ ମିଶାଇ ଦିଆଯାଇଥିଲା ।

ଏପରି ଅଧିକାର କରିବା ଫଳସ୍ୱରୂପ ସୈନିକମାନଙ୍କ ଦ୍ୱାରା ଗୋଆରେ ବହୁତ ଅତ୍ୟାଚାର କରାଯାଇଥିଲା । ଏପରି ଅଭିଯୋଗ ଆସିଥିଲା ଯେ ସେମାନେ ବହୁତ ଜିନିଷ ପତ୍ର ଛଡାଇ ନେଇଥିଲେ । ଏ ଅଭିଯୋଗମାନଙ୍କରେ ବହୁତ ସତ୍ୟତା ଥିଲା ବୋଲି ମୁଁ ଜାଣିପାରିଲି । ସୈନିକ ଅଭିଯାନରେ ଏପରି ଘଟଣା ସବୁବେଳେ ହୁଏ । ଏହା ଇତିହାସରୁ ଜଣାପଡେ । ତେଣୁ ଅଭିଯାନ କରାଇବା ବାଲାଙ୍କୁ ଏ ସମ୍ଭାବନା ଧ୍ୟାନରେ ରଖି ଏପରି ନ ହେବାର ଉପାୟ ପ୍ରଥମରୁ ଭାବିବା ଉଚିତ ଥିଲା । ଏପରି ଉପାୟ କରାଯାଇ ନଥିଲା । ଏହା ଏକ ଦୁର୍ଭାଗ୍ୟ ପୂର୍ଣ୍ଣ କଥା ।

ଭାରତର ଅଧିକାଂଶ ବ୍ୟକ୍ତି ସୈନିକ ଆକ୍ରମଣ ପକ୍ଷରେ ଥିଲେ ଓ ସମାଚାର ପତ୍ରରେ ମୋ ବିରୋଧର ସାଧାରଣ ଭାବେ ସମାଲୋଚନା କରାଯାଇଥିଲା । ଗୋଆ ଖୁବ୍ ଶୀଘ୍ର ଅଧିକାର କରାଯିବ ଉଚିତ ବୋଲି ଲୋକମାନଙ୍କ ମଧ୍ୟରେ ତୀବ୍ର ଭାବନା ଥିଲା ଓ ସାଧାରଣ ଜନତାଙ୍କର ଏପରି ଭାବନା ଅସ୍ୱାଭାବିକ ନଥିଲା । କିନ୍ତୁ ଏ ପଦକ୍ଷେପ ଆମର ଘୋଷିତ ବକ୍ତବ୍ୟ ଓ ନୀତି ବିରୁଦ୍ଧରେ ଥିଲା । ଅର୍ନ୍ତରାଷ୍ଟ୍ରୀୟ ବିବାଦ ଶାନ୍ତିପୂର୍ଣ୍ଣ ଭାବରେ ଓ ପାରସ୍ପରିକ ବୁଝାମଣା ଦ୍ୱାରା ସମାଧାନ କରିବା ପାଇଁ ଆମ ସମ୍ବିଧାନରେ ଆମେ ଘୋଷଣା କରିଛୁ । ଏହା ସତ୍ତ୍ୱେ ଏପରି ପଦକ୍ଷେପ ନିଆଯାଇଥିଲା ।

ଚଉଦ ବର୍ଷର ଧୈର୍ଯ୍ୟ ଏହିପରି ଶେଷ ହେଲା । ଏହା ସହିତ ଅର୍ନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଭାରତର ନୈତିକତାର ଯେଉଁ ସମ୍ମାନ ଥିଲା ତାହା ନଷ୍ଟ ହୋଇଗଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାଦ୍ୱାରା ଭାରତର ଅର୍ନ୍ତରାଷ୍ଟ୍ରୀୟ ପ୍ରଭାବକୁ ବହୁତ ଆଘାତ ଲାଗିଲା । ଏସବୁ କରିବା ପୂର୍ବରୁ ମତେ ପଚରା ଯାଇଥିଲେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଇଥାନ୍ତି ଯେ ପର୍ତ୍ତୁଗାଲୀ ସରକାରଙ୍କ ଘୋଷଣାରୁ ଆମର ଏ ବିଶ୍ୱାସ ହୋଇଛି ଯେ ବୁଝାମଣା କରିବାକୁ ତାଙ୍କର ଇଚ୍ଛା ନାହିଁ । ସେଥିପାଇଁ ଆମକୁ ରାଷ୍ଟ୍ରସଂଘ ଓ ସଂଯୁକ୍ତ ରାଜ୍ୟ ଆମେରିକା ତଥା ୟୁନାଇଟେଡ କିଙ୍ଗଡମ୍ (ବ୍ରିଟେନ୍)କୁ ବାରମାସ ପାଇଁ ନୋଟିସ୍ ଦେବା ଉଚିତ । ଆମକୁ ସେମାନଙ୍କୁ ଜଣାଇଦେବା ଉଚିତ ଯେ ଏଇ ସମୟ ସୀମାରେ ପର୍ତ୍ତୁଗାଲ ସରକାର ବୁଝାମଣା କରିବାର କୌଣସି ରାସ୍ତା ବାହାର କରିବାକୁ ପ୍ରସ୍ତୁତ ନ ହେଲେ ଓ ଗୋଆକୁ ଭାରତ ସହିତ ନ ମିଶାଇଲେ ଆମେ ତାଙ୍କ ବିରୁଦ୍ଧରେ ସୈନିକ କାରବାର କରିବୁ । ଏଭଳି ପୂର୍ବ ସୂଚନା ଆମେ ଦେଇଥିଲେ, ମୋର ବିଶ୍ୱାସ, ଭାରତ ପକ୍ଷ ବେଶୀ ମଜଭୁତ ହୋଇଥାନ୍ତା ଓ ପରେ ଭାରତ ସୈନିକ ଆକ୍ରମଣ କରିଥିଲେ ମଧ୍ୟ ଭାରତର କାମ ଠିକ୍ ବୋଲି

Digitized by srujanika@gmail.com

ବିବେଚିତ ହୋଇଥାଆନ୍ତା ତଥା ଭାରତର ନୈତିକ ପ୍ରତିଷ୍ଠାରେ ଆଞ୍ଚ ଲାଗି ନଥାନ୍ତା । ଏକଥା କୁହାଯାଉଥିଲା ଯେ ଏପରି ପୂର୍ବ ସୂଚନା ଦିଆଯାଇଥିଲେ ପର୍ତ୍ତୁଗାଲ ସରକାର ପ୍ରତିଆକ୍ରମଣ ପାଇଁ ପ୍ରସ୍ତୁତ ହୋଇଯାଇ ଥାଆନ୍ତା ଓ ଆମ କାମ କଷ୍ଟସାଧ୍ୟ ହୋଇ ଯାଇଥାଆନ୍ତା । ଏପରି କଥା ମଧ୍ୟ ଚାଲିଥିଲା ଯେ ପର୍ତ୍ତୁଗାଲ ସରକାର ଗୋଆକୁ ପାକିସ୍ତାନକୁ ବିକ୍ରି କରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ପର୍ତ୍ତୁଗାଲ ଏପରି କରିଥିଲେ ଭାରତର ସୈନିକ ଆକ୍ରମଣ ଉପଯୁକ୍ତ ବିବେଚିତ ହୋଇଥାଆନ୍ତା ଓ ଅତର୍କିତ ଆକ୍ରମଣ ଯୋଗୁଁ ଭାରତର ନୈତିକ ପ୍ରତିଷ୍ଠାରେ ଯେଉଁ ପ୍ରତିକୂଳ ପ୍ରଭାବ ପଡିଲା ତାହା ହୋଇ ନଥାନ୍ତା ।

ଏହାପରେ ବିହାରରେ ଯେତେବେଳେ କଂଗ୍ରେସ ଅଧିବେଶନ ହୋଇଥିଲା ସେତେବେଳେ କାର୍ଯ୍ୟସମିତି ବୈଠକରେ ଏ ବିଷୟରେ ଚର୍ଚ୍ଚା ହୋଇଥିଲା ଓ ଗୋଟିଏ ପ୍ରସ୍ତାବ ରଖାଯାଇ ଥିଲା ଯାହାକି ସ୍ପଷ୍ଟତଃ ଶ୍ରୀ କୃଷ୍ଣ ମେନନ୍‌ଙ୍କ ଦ୍ୱାରା ତିଆରି ହୋଇଥିଲା । ପ୍ରସ୍ତାବରେ କୁହାଯାଇ ଥିଲା ଯେ ଗୋଆ ଅଧିକାର କରିବାକୁ ଯାହା ସବୁ କରାଯାଇ ଥିଲା ତାହା କଂଗ୍ରେସ ନୀତି ଅନୁସାରେ ଓ କଂଗ୍ରେସ ତଥା ସରକାରଙ୍କ ନୀତିର ଅନୁକୂଳ ଅଟେ । ଅଧିକାଂଶ ସଦସ୍ୟ ଏ ବିଷୟରେ ବିଶେଷ କିଛି କହିଲେ ନାହିଁ । ପ୍ରାୟ ଶେଷକୁ ଯେତେବେଳେ ମୋ କହିବା ନମ୍ବର ଆସିଲା ମୁଁ କହିଲି, "ଏ ପ୍ରସ୍ତାବ ଅସତ୍ୟ ଉପରେ ଆଧାରିତ କାରଣ ଗୋଆକୁ ସୈନ୍ୟ ପଠାଇ ଅଧିକାର କରିବା ହିଂସାତ୍ମକ କାମ ଥିଲା ଏବଂ ସ୍ପଷ୍ଟ ଭାବରେ ଏହା ଆମ ନୀତିର ବିରୁଦ୍ଧ ଥିଲା । ମୋ ମନରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ଏ ପ୍ରସ୍ତାବ ସର୍ବଥା ଅସତ୍ୟ ଅଟେ । ତେଣୁ ମୁଁ ଏହାର ସମର୍ଥନ କରିପାରୁ ନାହିଁ ।"

ଶ୍ରୀ କୃଷ୍ଣ ମେନନ ଏ ପ୍ରସ୍ତାବ ସପକ୍ଷରେ ବହୁତ ଯୁକ୍ତି ବାଢିଲେ ଓ କହିଲେ ଭାରତରେ ଦଙ୍ଗା ହଙ୍ଗାମା ହେଲେ ହିଂସ୍ରକ ବଳ ପ୍ରୟୋଗ କରାଯାଇ ତାକୁ ଠିକ୍ ଧରାଯାଏ । ଗୋଆ ମଧ୍ୟ ଭାରତର ଗୋଟିଏ ଭାଗ ଅଟେ । ଏ ଯୁକ୍ତି ଠିକ୍ ନୁହେଁ ବୋଲି ବତାଇବାକୁ ମୁଁ କହିଲି, "ଭାରତରେ ଦଙ୍ଗାଫସାଦ ହେଲେ, ସେଇ ହିଂସାକୁ ଦବାଇବା ପାଇଁ କାର୍ଯ୍ୟକ୍ରମ ସରକାରୀ ନୀତିର ଅନୁରୂପ ଅଟେ । କିନ୍ତୁ ଗୋଆ ଭାରତର ଅଂଶ ନଥିଲା । ଏହା ଏକ ଐତିହାସିକ ତଥ୍ୟ ଅଟେ ଯେ ଏହା ପର୍ତ୍ତୁଗାଲୀଙ୍କ ଅଧୀନରେ ଥିଲା ଓ ପର୍ତ୍ତୁଗାଲର ଶାସନ ସେଠାରେ ଚାଲିଥିଲା । ଏକଥା ସତ ଯେ ଭୌଗଳିକ ଦୃଷ୍ଟିରୁ ଏହା ଭାରତର ଏକ ଭାଗ ଅଟେ । କିନ୍ତୁ ଏହା ଉପରେ ଭାରତର ଶାସନ ନଥିଲା ଓ ଏହା ଭାରତୀୟ ରାଜ୍ୟର ଅଙ୍ଗ ନଥିଲା । ଏଇ ଦୃଷ୍ଟିରୁ ଏହା ଅର୍ନ୍ତରାଷ୍ଟ୍ରୀୟ ବିବାଦ ଥିଲା । ଅର୍ନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ହିଂସା ଦ୍ୱାରା କାମ ନେବା ଉଚିତ ନୁହେଁ । ଆମ ସମ୍ବିଧାନରେ କୁହାଯାଇଛି ଯେ ଅର୍ନ୍ତରାଷ୍ଟ୍ରୀୟ ମାମଲାରେ ଆମକୁ କଥାବାର୍ତ୍ତା କରି ବୁଝାମଣାର ନୀତି ଅବଲମ୍ବନ କରିବା ଉଚିତ ଓ ଏହା ହିଁ ଆମର ନୀତି ଅଟେ । ଚଉଦ ବର୍ଷ ପର୍ଯ୍ୟନ୍ତ ଆମେ ଦେଶ ବିଦେଶରେ ଏଇ ନୀତି ଖୋଲାଖୋଲି ଭାବେ ପ୍ରଚାର କରି ଆସିଛୁ । ଅକ୍ଟୋବର ନଭେମ୍ବର ମାସରେ ସ୍ୱୟଂ ଜବାହରଲାଲଜୀ ଏ କଥା କହିଥିଲେ । ତେଣୁ ଏ ପନ୍ଥା ଯେ ଆମ ନୀତିର ବିରୁଦ୍ଧ, ଏଥିରେ କୌଣସି ଆପତ୍ତି ହୋଇ ନପାରେ ।"

ଶ୍ରୀ କୃଷ୍ଣ ମେନନ ଏକଥା ମାନିବାକୁ ପ୍ରସ୍ତୁତ ନଥିଲେ କିନ୍ତୁ ଜବାହରଲାଲଜୀ ସତକଥାକୁ ମନା କରିପାରିଲେ ନାହିଁ । ସେ ମୋ କଥା ଠିକ୍ ବୋଲି କହିଲେ ଓ ପ୍ରସ୍ତାବରେ କ'ଣ ସଂଶୋଧନ ମୁଁ ଚାହୁଁଛି ବୋଲି ପଚାରିଲେ । ମୁଁ କହିଲି, "ଏ ପ୍ରସ୍ତାବକୁ ଆପଣ ଯେଉଁ ପ୍ରକାରରେ ପାସ କରିବାକୁ ଚାହାଁନ୍ତି, ସେଥିରୁ ମୋତେ ଜଣାପଡୁ ନାହିଁ ଯେ ମୋ ମତ ଉପଯୋଗୀ ହେବ । ଯଦି ଆପଣ ମାନିବାକୁ ପ୍ରସ୍ତୁତ ଥାଆନ୍ତି ଯେ ସେ କାର୍ଯ୍ୟକ୍ରମ ଠିକ୍ ନଥିଲା, ତେବେ ମୋ ମତ ଉପଯୋଗୀ ହୋଇ ପାରିବ । କିନ୍ତୁ ଆପଣ ଏ କଥା ମାନିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମୋତେ ଲାଗୁନାହିଁ । ତେଣୁ ମୁଁ ଏଥିରେ କୌଣସି ପରାମର୍ଶ ଦେଇପାରୁ ନାହିଁ ।" ଶ୍ରୀ ଧେବରଭାଇ ତଥା ଅନ୍ୟ ଜଣେ ଦୁଇଜଣ ସଦସ୍ୟ ମୋ ମତ ସମର୍ଥନ କଲେ । ପରେ ଏ ବିଷୟରେ ସବୁ ସଦସ୍ୟ ବିଚାର କରି

Digitized by srujanika@gmail.com

ପ୍ରସ୍ତାବରେ ସଂଶୋଧନ କଲେ ଯେ ଗୋଆରେ ଯେଉଁ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା ତାହା ଆମ ନୀତିର ବିରୁଦ୍ଧ ବୋଲି କହିବା ଉଚିତ ହେବ ନାହିଁ । ଏ ସଂଶୋଧନ ପ୍ରଥମ ପ୍ରସ୍ତାବ ଚିନ୍ତାଧାରାରେ ପରିବର୍ତ୍ତନର ସୂଚକ ଥିଲା ଓ ପରୋକ୍ଷ ଭାବେ ଏଥିରେ ଏପରି ସଙ୍କେତ ମିଳୁଥିଲା ଯେ ଯେଉଁ କାର୍ଯ୍ୟାନୁଷ୍ଠାନ କରାଯାଇ ଥିଲା ସେଥିରେ କିଛି ତ୍ରୁଟି ଥିଲା । କିନ୍ତୁ ମୋ ଦୃଷ୍ଟିରେ ଏହା ଯଥେଷ୍ଟ ନଥିଲା । ସେଥିପାଇଁ ମୁଁ କହିଲି, ''ମୁଁ ଏଥିରେ ଏକମତ ହୋଇପାରୁ ନାହିଁ । ତଥାପି, ସବୁ ସଦସ୍ୟଙ୍କର ବିରୁଦ୍ଧରେ ରହି ମୁଁ କୌଣସି ଅସୁବିଧା କରିବାକୁ ଚାହୁଁ ନାହିଁ ।'' ଏହିପରି ଏ ପ୍ରସ୍ତାବ ପାସ ହୋଇଗଲା ।

ଏହାପରେ କଂଗ୍ରେସ ମହାସମିତିରେ ଏ ପ୍ରସ୍ତାବ ଉପସ୍ଥାପନ କରିବାକୁ ମତେ କୁହାଗଲା । ମୁଁ ଏହା କରିବାକୁ ମନାକଲି । କାରଣ ମତେ ପ୍ରସ୍ତାବ ଉପସ୍ଥାପନ କରିବାକୁ ହେଲେ ମୁଁ ଏକଥା ନ କହି ରହିପାରିବି ନାହିଁ ଯେ ଏହା ଏକ ତ୍ରୁଟି ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଥିଲା, କିନ୍ତୁ ଏଥିପାଇଁ କାର୍ଯ୍ୟ ସମିତି ପ୍ରସ୍ତୁତ ନଥିଲା । ଫଳରେ ମୁଁ ପ୍ରସ୍ତାବ ପେଶ କଲି ନାହିଁ ଓ ନିରବ ରହିଲି ।

୧୯୮୨ ସେପ୍ଟେମ୍ବର ମାସରେ ବିଶ୍ୱ ବ୍ୟାଙ୍କ ସମ୍ମିଳନୀ ପାଇଁ ମୁଁ ଦ୍ୱିତୀୟ ଥର ଯେତେବେଳେ ୱାଶିଂଟନ ଯାଇଥିଲି ସେତେବେଳେ ଆମେରିକାର ରାଷ୍ଟ୍ରପତି ଶ୍ରୀ କେନେଡିଙ୍କ ସହିତ ମୋର ପୁଣି ସାକ୍ଷାତ ହୋଇଥିଲା । ସେତେବେଳେ ଏ ବିଷୟରେ କଥାବାର୍ତ୍ତା ହୋଇଥିଲା । ଗୋଆ ସମ୍ବନ୍ଧରେ ଭାରତର କାର୍ଯ୍ୟକ୍ରମରେ ତାଙ୍କୁ ଆଘାତ ଲାଗିଥିଲା । ସେ ମୋତେ କହିଲେ ଯେ ଗତ ଅକ୍ଟୋବର ବା ନଭେମ୍ବର ମାସରେ ଯେତେବେଳେ ଜବାହରଲାଲଜୀ ଆମେରିକା ଆସିଥିଲେ ସେ ଗୋଆ ବିଷୟରେ ଶାନ୍ତିପୂର୍ଣ୍ଣ ନୀତି ଉଲ୍ଲେଖ କରିଥିଲେ । ସେ ଏପରି କୌଣସି ସୂଚନା ଦେଇ ନଥିଲେ ଯେ ଦୁଇ ମାସ ଭିତରେ ଏପରି କାର୍ଯ୍ୟାନୁଷ୍ଠାନ କରାଯିବ । ତାଙ୍କର ଏପରି କାମ କରିବାକୁ ଥିଲେ, ସେ ନିଜେ ବ୍ୟକ୍ତିଗତ ଭାବେ ମତେ ବିଶ୍ୱାସକୁ ନେବା ଉଚିତ ଥିଲା ସୁତରାଂ କୌଣସି ଭୁଲ ବୁଝାମଣା ହୋଇ ନଥାନ୍ତା । ଶ୍ରୀ କେନେଡି ଏ ବିଷୟରେ ମୋର ବିଚାର ଜାଣିଥିଲେ । ମୁଁ ତେଣୁ ତାଙ୍କୁ କହିଲି, ''ଏ ବିଷୟରେ ମୋ ବିଚାର ତ ଆପଣ ଜାଣିଛନ୍ତି । କିନ୍ତୁ ମୋ ଜାଣିବାରେ ଏ ବିଷୟରେ ଆପଣ ଆଉ ଅଧିକ ବିଚାର କରିବା ଉଚିତ । ଶାନ୍ତିପୂର୍ଣ୍ଣ ବାଟରେ ବିବାଦର୍ ସମାଧାନ କରିବା ନୀତି ବର୍ତ୍ତମାନ ବି ଆପଣ ମାନୁନାହାଁନ୍ତି । କ୍ୟୁବା ବିରୁଦ୍ଧରେ ଆରମ୍ଭରେ ଆପଣ ଯେଉଁ ପଦକ୍ଷେପ ନେଇଥିଲେ ତାହା ଆପଣ ବର୍ତ୍ତମାନ ମଧ୍ୟ ସମର୍ଥନ କରୁଛନ୍ତି । ସେ ଦୃଷ୍ଟିରୁ ଆମ କାର୍ଯ୍ୟକ୍ରମର ବିରୋଧ କରିବା ଆପଣଙ୍କ ପକ୍ଷେ କ'ଣ ସଙ୍ଗତ ହେଉଛି ? ଶାନ୍ତିପୂର୍ଣ୍ଣ ଉପାୟରେ ବିବାଦ ସମାଧାନ କରିବା ଉଚିତ ବୋଲି ମାନିବା ସତ୍ତ୍ୱେ, ଗୋଆକୁ ଅଧିକାର କରି ଦେଶରେ ମିଶାଇବା ପାଇଁ ଦେଶରେ ଯେଉଁ ତୀବ୍ର ଭାବନା ଦେଖାଯାଇଥିଲା, ସେଥିପାଇଁ ଜବାହରଲାଲଜୀଙ୍କୁ ଏପରି ପଦକ୍ଷେପ ନେବାକୁ ପଡ଼ିଥିଲା । ଜଣେ ବ୍ୟକ୍ତି ଉପରେ ଅନେକ ଦାୟିତ୍ୱ ଥିଲେ, ଯେପରି ଜବାହରଲାଲଜୀଙ୍କ ଉପରେ ଅଛି, ଜନତାର ମତ ବିରୁଦ୍ଧରେ ନୀତିକୁ କେତେ ଦୂର ଜାବୁଡ଼ି ଧରି ରଖିପାରିବେ ତାହା ଠିକ୍ କରି କହିହେବ ନାହିଁ । ଆପଣ ତେଣୁ, ଏହି ସମସ୍ୟାକୁ ଉପରୋକ୍ତ ଦୃଷ୍ଟିକୋଣରୁ ବିଚାର କରିବା ଉଚିତ ।'' ମୋର ଏ ଯୁକ୍ତିରେ ଶ୍ରୀ କେନେଡି ସନ୍ତୁଷ୍ଟ ହେଲେ କିନ୍ତୁ ତାଙ୍କ ବିଶେଷ ଅଭିଯୋଗରୁ ମତେ ଜଣା ପଡିଲା ଯେ ଆମେ ତାଙ୍କୁ ଅନ୍ଧାରରେ ରଖି ଏ ପଦକ୍ଷେପ ନେଇଥିଲୁ ।

ସେ ସମୟରେ ଭାରତର ରାଜନୈତିକ ମହଲରେ ଅନେକ ଲୋକଙ୍କର ଧାରଣା ଥିଲା ଯେ ୧୯୬୨ରେ ନିର୍ବାଚନ ବେଳେ ବମ୍ବେରେ ଶ୍ରୀ କୃଷ୍ଣ ମେନନଙ୍କ ଯେଉଁ ବିରୋଧ ହୋଇଥିଲା ତା'ର ପ୍ରଭାବ ଦୂର କରିବାକୁ ଓ ନିର୍ବାଚନରେ ଜିତିବା ପାଇଁ ସେ ଏ ପଦକ୍ଷେପ ନେଇଥିଲେ । ସ୍ୱୟଂ ମୋର ବି ଧାରଣା ହୋଇଥିଲା ଯେ ଏ କଥାରେ ସତ୍ୟତା ଥିଲା ଓ ଆଜି ମଧ୍ୟ ସେଇ ଧାରଣା ମୋର ଅଛି । ସେଥିପାଇଁ ସେ ସମୟରେ

Digitized by srujanika@gmail.com

ମୁଁ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲି ଯେ ସୈନିକ କାର୍ଯ୍ୟାନୁଷ୍ଠାନ କରିବାକୁ ହେଲେ, ନିର୍ବାଚନ ପରେ କରାଯାଉ । କିନ୍ତୁ ଯେପରି ଅଚାନକ ଓ ଜଲଦି ଜଲଦି ଏ କାମ କରାଗଲା ସେଥିରୁ ଏ ଧାରଣା ଠିକ୍ ଲାଗୁଥିଲା ଯେ ଏହାକୁ ନିର୍ବାଚନରେ ଜିତିବା ପାଇଁ ଗୋଟିଏ ସାଧନ ରୂପେ କରାଯାଇଥିଲା । ଲୋକମାନେ ଏହାକୁ ବିଶ୍ୱାସ ନ କରିବା ସ୍ୱାଭାବିକ ନ ଥିଲା ।

ନାଗାଲାଣ୍ଡରେ ନାଗାମାନଙ୍କ ପ୍ରଶ୍ନ କିଛି ସମୟରୁ ଉଗ୍ରରୂପ ଧାରଣ କରୁଥିଲା । ନାଗାନେତା ଫିଜୋ ଖୁବ୍ ଜୋରରେ ଦାବି କରୁଥିଲେ ଯେ ନାଗାମାନଙ୍କୁ ଭାରତରୁ ସ୍ୱତନ୍ତ୍ର କରିଦେବା ଉଚିତ । ଏଥିପାଇଁ ସେଠାରେ ଅନେକ ହିଂସାକାଣ୍ଡ ଚାଲିଥିଲା ଓ ନାଗାମାନଙ୍କ ଗୋଟିଏ ''ବିଦ୍ରୋହୀ ସରକାର'' ସେ ସ୍ଥାପନା କରିଥିଲେ । ସେଥିପାଇଁ ସେଠାରେ ସେନା ରଖିବାକୁ ପଡ଼ିଥିଲା । କିନ୍ତୁ ବିଦ୍ରୋହୀ ନାଗାଙ୍କୁ ଦମନ କରିବାକୁ ସେନାକୁ ଆବଶ୍ୟକ ସ୍ୱାଧୀନତା ଦିଆଯାଇ ନଥିଲା । ଏଥିଯୋଗୁଁ ସେନାକୁ ବହୁତ ସଫଳତା ମିଳୁ ନଥିଲା । ବିଦ୍ରୋହୀ ନାଗାଙ୍କ ପ୍ରତି ଅନ୍ୟ ନାଗାମାନଙ୍କର ସହାନୁଭୂତି ଥିଲା । ସେନା ଉପରେ ଅଭିଯୋଗ କରାଯାଉଥିଲା ଯେ ସେମାନେ ସ୍ଥାନୀୟ ନାଗାମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଜବାହରଲାଲଜୀ ଏ ଘଟଣାରେ ବ୍ୟାକୁଳ ଥିଲେ ଓ ଏ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରକାର ଉପାୟ ଭାବୁଥିଲେ । ତାଙ୍କୁ କୁହାଯାଇଥିଲା ଯେ ନାଗାମାନଙ୍କ ପାଇଁ ଅଲଗା ପ୍ରଦେଶ କରିଦେଲେ ସେମାନେ ସନ୍ତୁଷ୍ଟ ହୋଇଯିବେ । ସେ ତେଣୁ ଏ ଦିଗରେ ଭାବିବାକୁ ଲାଗିଲେ । ମୋ ଖିଆଲରେ ସେ ଏ ବିଷୟରେ ଆମ କାହାରି ସହିତ ବିଚାର ବିମର୍ଶ ନକରି ନିଜ ମନରେ ନିଶ୍ଚୟ କରି ନେଇଥିଲେ । ମୋର ବିଶ୍ୱାସ, ସେ ନାଗାମାନଙ୍କର କିଛି ପ୍ରତିନିଧିମାନଙ୍କ ସହିତ ଏ ବିଷୟରେ ପରାମର୍ଶ ବି କରିଥିଲେ ।

୧୯୬୦ରେ ସେ ଗୋଟିଏ ସଭାର ଆୟୋଜନ କରିଥିଲେ ଯେଉଁଠି ଆସାମ ଓ ନାଗାମାନଙ୍କର କେତେକ ପ୍ରତିନିଧି ନିଜର ବିଚାର ପ୍ରକଟ କରିଥିଲେ । ଜବାହରଲାଲଜୀ ତ ପ୍ରଥମରୁ ଆସାମରୁ ନାଗାଲାଣ୍ଡ ଅଲଗା କରି ଗୋଟିଏ ଅଲଗା ପ୍ରଦେଶ କରିବା ପାଇଁ ପ୍ରସ୍ତାବ ଠିକ୍ କରିଥିଲେ । ମୁଁ ଏହାର ବିରୋଧ କରି କହିଥିଲି ଯେ ଏଥିରେ ସମସ୍ୟା ସମାଧାନ ହେବ ନାହିଁ ବରଂ ଏ ପଦକ୍ଷେପ ବିପଦ କମାଇବା ବଦଳରେ ବିପଦ ବଢ଼ାଇବ । ମୁଁ ଏକଥା କହିଥିଲି ଏତେ ଅଳ୍ପ ଲୋକମାନଙ୍କ ପାଇଁ ପ୍ରଦେଶ ଗଠନ କଲେ ଦେଶରେ ଅନ୍ୟ ଛୋଟ ଛୋଟ ଭାଗରୁ ଏ ଦାବି ଆସିବ ଓ ସେଥିରେ ଦେଶର ଏକତା ବିପଦସଙ୍କୁଳ ହୋଇ ପଡ଼ିବ । ଏ ବିଚାର ବିମର୍ଶ ବେଳେ ଅନ୍ୟ କୌଣସି ସଦସ୍ୟ ବିଶେଷ କିଛି କହିଲେ ନାହିଁ । ବୋଧହୁଏ ଜବାହରଲାଲଜୀ ସେମାନଙ୍କ ସହିତ ପ୍ରଥମରୁ କଥାବାର୍ତ୍ତା କରି ନେଇଥିଲେ । ଜବାହରଲାଲଜୀଙ୍କ ଯୁକ୍ତି ଥିଲା ଯେ ଜୋର ଜବରଦସ୍ତି କରି ଏ ସମସ୍ୟାର ସମାଧାନ କିପରି କରାଯାଇ ପାରିବ ? ମୁଁ ତାଙ୍କୁ ପଚାରିଲି, ''ଏପରି ଅଲଗା ପ୍ରଦେଶ କରିଦେଲେ କ'ଣ ବିଦ୍ରୋହୀ ନାଗାମାନେ ସନ୍ତୁଷ୍ଟ ହୋଇଯିବେ ? ସେମାନେ ତ ନିଜର ସ୍ୱତନ୍ତ୍ର ଦେଶ ତିଆରି କରିବାକୁ ଚାହୁଁଛନ୍ତି । ଏହା ତାଙ୍କର ଦାବି, ଏହି ଦାବିକୁ ଦେଖିଲେ ଏ ବ୍ୟବସ୍ଥାରେ ସେମାନଙ୍କୁ ସନ୍ତୁଷ୍ଟ କରାଯାଇପାରିବ ନାହିଁ । ଏପରି ବ୍ୟବସ୍ଥା କଲେ ଓଲଟା ସେମାନଙ୍କର ବିଶ୍ୱାସ ହୋଇଯିବ ଯେ ଭାରତ ସରକାର ନିଜ ସ୍ୱାର୍ଥ ଦୃଷ୍ଟିରୁ ଏପରି କରୁଛନ୍ତି ଓ ଏଥିରେ ବିଦ୍ରୋହୀମାନଙ୍କୁ ଅଧିକ ପ୍ରୋତ୍ସାହନ ମିଳିବ ।''

ମୋର ଏକଥା ଜବାହରଲାଲଜୀଙ୍କର ପସନ୍ଦ ହେଲା ନାହିଁ । ସେ କହିଲେ ଯେ ନାଗାମାନଙ୍କର ସଂସ୍କୃତି ଅଲଗା ଅଟେ ଓ ସେମାନେ ମାନୁନାହାନ୍ତି ଯେ ଏ ପ୍ରଦେଶ ଭାରତର ଗୋଟିଏ ଅଙ୍ଗ । ଏଥିରେ କିଛି ସତ୍ୟତା ଜଣାପଡୁଛି । ମୁଁ କହିଲି ଯଦି ଆପଣଙ୍କୁ ଏକଥା ଜଣାପଡୁଛି ଯେ ନାଗାମାନେ ଭାରତୀୟମାନଙ୍କଠାରୁ ସର୍ବଥା ଭିନ୍ନ ଅଟନ୍ତି ଓ ଏ ପ୍ରଦେଶ ଭାରତର ଅଂଶ ନୁହେଁ ତେବେ ଆନୁଷ୍ଠାନିକ ଭାବେ ଆପଣ ସେମାନଙ୍କୁ ସ୍ୱତନ୍ତ୍ର ଘୋଷଣା କରିଦେଲେ ଠିକ୍ ହେବ । କିନ୍ତୁ ଏପରି କରିବାକୁ ସେ ପରିଷ୍କାର ମନାକଲେ ଓ କହିଲେ

Digitized by srujanika@gmail.com

ଏକଥା ତ ସମ୍ଭବ ନୁହେଁ । ଏହା ଉପରେ ମୁଁ କହିଲି, ''ତେବେ ଆପଣ ଏପରି କଥା କହିବା ଉଚିତ ନୁହେଁ କି ଏପରି ଯୁକ୍ତି କରିବା ଉଚିତ ନୁହେଁ।'' ଏଥିରୁ ସେ ଏଭଳି କହିବା ବନ୍ଦ କରିଦେଲେ । କିନ୍ତୁ ଭାରତରେ ନାଗାମାନଙ୍କ ପାଇଁ ଅଲଗା ପ୍ରଦେଶ ଗଠନ କରିବା ପ୍ରସ୍ତାବକୁ ଦୃଢ ସମର୍ଥନ କଲେ । ମୁଁ ପୁଣି ତାଙ୍କୁ କହିଲି ଯେ, ''ଏପରି କଲେ ସମସ୍ୟା ସୁଧୁରିବ ନାହିଁ ବରଂ ଭାରତ ସରକାରଙ୍କର ଦୁର୍ବଳତା ପ୍ରକଟ ହେବ ଓ ନାଗା ପ୍ରଦେଶ ପ୍ରଶ୍ନ ବିକଟ ରୂପ ଧାରଣ କରିବ । ଏହାପରେ ଆସାମର ଅନ୍ୟ ଆଦିବାସୀ ବିଭାଗ, ବିହାରର ଝାଡଖଣ୍ଡ ପ୍ରଦେଶ, ମଣିପୁର, ତ୍ରିପୁରା, ଉତ୍ତର ପ୍ରଦେଶର ପାର୍ବତୀୟ କ୍ଷେତ୍ର -- ଏଇପରି ଅନେକ କ୍ଷେତ୍ର ନିଜ ନିଜର ଅଲଗା ପ୍ରଦେଶ ପାଇଁ ଦାବି ପେଶ୍ କରିବେ । ଏ ସ୍ଥାନମାନଙ୍କରେ ଲୋକସଂଖ୍ୟା ନାଗାଲାଣ୍ଡ ଅପେକ୍ଷା ଅଧିକ ଅଟେ । ଏଥିରୁ ଅନେକ ବିକଟ ପରିସ୍ଥିତି ଉତ୍ପନ୍ନ ହେବ ଓ ଭାରତର ଏକତା ବଜାୟ ରଖିବା କାମ କଠିନ ହୋଇପଡିବ ।'' ଜବାହରଲାଲଜୀ ଟିକିଏ ଉତ୍ତେଜିତ ହୋଇ କହିଲେ, ''ଅନ୍ୟଭାଗ ଲୋକେ ଏପରି ଦାବି କଲେ ମୁଁ ମାନିଲାବାଲା ନୁହେଁ । କିନ୍ତୁ ଏମାନଙ୍କୁ ତ ମୁଁ ଆଶ୍ୱାସନା ଦେଇଛି ଯେ ସେମାନଙ୍କ ପାଇଁ ଅଲଗା ନାଗାଲାଣ୍ଡ ପ୍ରଦେଶ ଗଠନ ହେବ । ତେଣୁ ସେଇ ଅନୁସାରେ ନିଷ୍ପତ୍ତି କରିବା ଉଚିତ ।'' ଅନ୍ୟ କେହି ମୋ କଥା ସମର୍ଥନ କଲେ ନାହିଁ ଓ ସମସ୍ତେ ଜବାହରଲାଲଜୀଙ୍କ ସହିତ ଏକମତ ହେଲେ । ଏହିପରି ମୋର ଏକା ବିରୋଧ ରହିଲା । ତେଣୁ ମୁଁ ଚୁପ୍ ରହିଲି । ଏହିପରି ଜବାହରଲାଲଜୀ ନାଗାମାନଙ୍କ ନାମରେ ଅଲଗା ପ୍ରଦେଶ ଗଠନ ନିର୍ଣ୍ଣୟ କରିଥିଲେ ।

ପରିଷଦର ବୈଠକ ଶେଷରେ ମୁଁ ପନ୍ତଜୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଭେଟି ସେମାନଙ୍କୁ କହିଥିଲି, ଏହା ବଡ ତ୍ରୁଟିପୂର୍ଣ୍ଣ କାମ ହେଉଛି । ସେମାନେ କହିଲେ, ''ଆମର ମଧ୍ୟ ଏହା ପସନ୍ଦ ନୁହେଁ । ଜବାହରଲାଲଜୀଙ୍କ ସହିତ ଆମେ ବହୁତ ଯୁକ୍ତି କରିଥିଲୁ । କିନ୍ତୁ ଆମକଥା ସେ ମାନିଲେ ନାହିଁ, ତେବେ ଯାଇ ଆମେ ତାଙ୍କର ବିରୋଧ ନକରି ଚୁପ୍ ରହିଲୁ ତଥା ତାଙ୍କର ନିର୍ଣ୍ଣୟ ଉପରେ ନିଜର ସମ୍ମତି ଦେଇ ଦେଇଥିଲୁ ।''

ଏଥିରୁ ମୋର ବିଶ୍ୱାସ ହୋଇଗଲା ଯେ ଏମାନଙ୍କ ସହିତ ଜବାହରଲାଲଜୀଙ୍କର ପ୍ରଥମରୁ କଥାବାର୍ତ୍ତା ହୋଇ ଯାଇଥିଲା । ଏମାନଙ୍କର ସମ୍ମତି ନେଇଥିବା ଯୋଗୁ ସେ ଏପରି ନିର୍ଣ୍ଣୟ କରିପାରିଥିଲେ । ମନ୍ତ୍ରୀମଣ୍ଡଳ ମଧ୍ୟ ସମ୍ମତି ଦେଇଥିଲେ କାରଣ ଅନେକ ସହଯୋଗୀ ଏ ବିଷୟରେ ମୋ ସହିତ ଏକମତ ହୋଇଥିଲେ ମଧ୍ୟ ଜବାହରଲାଲଜୀଙ୍କ ବିରୋଧ କରିବାକୁ ସାହସ କରିପାରିନଥିଲେ ।

ଆସାମ ସରକାର ମଧ୍ୟ ନାଗାମାନଙ୍କ ଆତଙ୍କବାଦୀ ପ୍ରବୃତ୍ତିରେ ଥକି ଯାଇଥିଲେ । ସେଥିପାଇଁ ସେ ମଧ୍ୟ ଏ ବିଷୟରେ ରାଜି ହୋଇଯାଇଥିଲେ । ଏଥିରୁ ଜବାହରଲାଲଜୀଙ୍କୁ ଏ କାମ କରିବା ସହଜ ହୋଇଗଲା । ଆସାମ ସରକାର ନାଗାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ତଥା ସେମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ରଖିବା ପାଇଁ ଆଗରୁ କିଛି କରି ନଥିଲେ, ମୋର ବିଶ୍ୱାସ ଏହାର ପରିଣାମ ସ୍ୱରୂପ ଏ ସମସ୍ୟା ଉତ୍ପନ୍ନ ହୋଇଥିଲା । ଏହି ନିର୍ଣ୍ଣୟର ଫଳସ୍ୱରୂପ ପରେ ଏହିପରି ଅନେକ ପ୍ରଶ୍ନ ଉଠିଲା ଓ ମୁଁ ଯେଉଁ ଆଶଙ୍କା ବ୍ୟକ୍ତ କରିଥିଲି ତାହା ସତରେ ପରିଣତ ହେଲା ।

Digitized by srujanika@gmail.com

(୨୬) ବ୍ରିଟେନ ଓ କମନ୍ ମାର୍କେଟ୍

୧୯୬୨ ମସିହାରେ ସାରା ଦେଶରେ ସାଧାରଣ ନିର୍ବାଚନ ହୋଇଥିଲା । ନିର୍ବାଚନ ପାଇଁ ମୁଁ ଦେଶର ଅଧିକାଂଶ ପ୍ରଦେଶରେ ଗସ୍ତ କରିଥିଲି । ଗୁଜରାଟରେ କିଛିଦିନ ବେଶୀ ରହିଥିଲି । ସ୍ୱୟଂ ନିଜ ନିର୍ବାଚନ କ୍ଷେତ୍ର ସୁରତରେ କେବଳ ଛ' ସାତ ଦିନ ରହିଥିଲି । ତଥାପି ବେଶ ଅଧିକ ବହୁମତରେ ନିର୍ବାଚିତ ହୋଇଥିଲି ।

ଏହି ନିର୍ବାଚନରେ ଶ୍ରୀ କୃଷ୍ଣ ମେନନ୍‌ଙ୍କର ବମ୍ବେରୁ ନିର୍ବାଚନ ଲଢିବାର ବିରୋଧ ହୋଇଥିଲା । ୧୯୫୭ରେ ଶ୍ରୀ ଏସ୍. କେ. ପଟିଲ ତାଙ୍କର ବମ୍ବେରୁ ପ୍ରାର୍ଥୀ ହେବା ମଞ୍ଜୁର କରିଥିଲେ ଏବଂ ନିର୍ବାଚନରେ ସାହାଯ୍ୟ ମଧ୍ୟ କରିଥିଲେ । କିନ୍ତୁ ୧୯୫୭ରୁ ୧୯୬୨ ପର୍ଯ୍ୟନ୍ତ ଶ୍ରୀ କୃଷ୍ଣ ମେନନ୍‌ଙ୍କର ବମ୍ବେ ପ୍ରଦେଶ କଂଗ୍ରେସ ସମିତି ସହିତ ଭଲ ସମ୍ବନ୍ଧ ନଥିଲା ଓ ସେଠାରେ ସେ ନିଜର ଅଲଗା ଗୋଷ୍ଠୀ ତିଆରି କରିଥିଲେ । ସେଥିପାଇଁ ଏଥର ଶ୍ରୀ ପଟିଲ ତାଙ୍କର ବିରୋଧ କରିଥିଲେ । ଶ୍ରୀ ମେନନ୍ ଅନେକ ବିଷୟରେ ଶ୍ରୀ ପଟିଲଙ୍କର ବିରୋଧ କରୁଥିଲେ । କିନ୍ତୁ ଶେଷରେ ତାଙ୍କୁ ବମ୍ବେରୁ ଛିଡା କରିବାକୁ ଉଚ୍ଚନେତାମାନେ ସ୍ଥିର କରିଥିଲେ । ତାଙ୍କ ବିରୁଦ୍ଧରେ ଆଚାର୍ଯ୍ୟ କୃପଲାନୀ ଛିଡା ହୋଇଥିଲେ । ମୁଁ ମଧ୍ୟ ସେଠାକୁ ପ୍ରଚାର କରିବାକୁ ଯାଇଥିଲି ଓ ଗୋଟାଏ ଦୁଇଟା ସଭାରେ ଭାଷଣ ଦେଇଥିଲି । ଲୋକମାନଙ୍କୁ ମୁଁ କହିଲି ଏଥିରେ ବ୍ୟକ୍ତିଗତ ପ୍ରଶ୍ନ ଉଠିବା ଉଚିତ ନୁହେଁ । ଶ୍ରୀ ମେନନ୍ କଂଗ୍ରେସ ପ୍ରାର୍ଥୀ ଅଟନ୍ତି । ଆପଣମାନେ କଂଗ୍ରେସକୁ ସପକ୍ଷ କଲେ ତାଙ୍କୁ ଭୋଟ ଦିଅନ୍ତୁ । ଶ୍ରୀ ମେନନ୍‌ଙ୍କର ଖୁବ୍ ଭଲ ବହୁମତରେ ବିଜୟ ହେଲା । ମୋ ଖିଆଲରେ ଗୋଆ ମାମଲା ତାଙ୍କୁ ବହୁତ ସାହାଯ୍ୟ କଲା ।

ଏ ନିର୍ବାଚନରେ କଂଗ୍ରେସକୁ ପ୍ରାୟ ସବୁ ପ୍ରଦେଶରୁ ଭଲ ସଫଳତା ଲାଭ ହୋଇଥିଲା ଓ କେନ୍ଦ୍ରରେ ମଧ୍ୟ ଭଲ ବହୁମତ ମିଳିଥିଲା । ନିର୍ବାଚନ ପରେ ଯେତେବେଳେ ମନ୍ତ୍ରୀମଣ୍ଡଳ ଗଢିବା ସମୟ ଆସିଲା ସେ ସମୟରେ ଜବାହରଲାଲଜୀ ବହୁତ ଅସୁସ୍ଥ ହୋଇଯାଇଥିଲେ । ଅସୁସ୍ଥ ଅବସ୍ଥାରେ ହିଁ ସେ ମନ୍ତ୍ରୀମଣ୍ଡଳ ଗଢିଲେ । ଏ ସମ୍ବନ୍ଧରେ ମୋ ସହିତ ନିଜ ଶୋଇବା ଘରେ ବିଛଣାରେ ପଡି ପଡି କଥାବାର୍ତ୍ତା କରିଥିଲେ । ବିଶେଷ କରି ଶ୍ରୀ ମନୁଭାଇ ସାହାଙ୍କ ବିରୁଦ୍ଧରେ କେହିଜଣେ ତାଙ୍କ କାନରେ ଫୋଡି ଦେଇଥିଲେ ଯାହା ଦ୍ୱାରା ତାଙ୍କ ସମ୍ବନ୍ଧରେ ଜବାହରଲାଲଜୀଙ୍କର କିଛି ପ୍ରତିକୂଳ ମତ ହୋଇଯାଇ ଥିଲା । ତାଙ୍କୁ ବିଦେଶ ବ୍ୟାପାର ବିଭାଗ ଦେବା ସ୍ଥିର ହୋଇଥିଲା । ମୁଁ କହିଲି ବିଦେଶ ସହିତ ଯେଉଁ ବସ୍ତୁର ଆମର ବେଶୀ ବ୍ୟାପାର ହୁଏ ଯଥା ଲୁଗା ମିଲ୍ ଉଦ୍ୟୋଗ, ଚା, କଫି, ଝୋଟ ଆଦି ବ୍ୟାପାର ମଧ୍ୟ ତାଙ୍କ ଅଧୀନରେ ରହିବା ଉଚିତ; ନ ହେଲେ ସେ ଠିକ୍ ଭାବରେ କାମ କରି ପାରିବେ ନାହିଁ । ମୋର ଏ କଥା ଜବାହରଲାଲଜୀ ମାନି ନେଇଥିଲେ । ଅର୍ଥ ମନ୍ତ୍ରାଳୟକୁ ଦୁଇ ଭାଗ କରିବା ପାଇଁ ସେ ବିଚାର କରୁଥିଲେ କିନ୍ତୁ ପରେ ସ୍ୱୀକାର କରିଥିଲେ ଯେ ଏପରି କରିବା ସମ୍ଭବ ନୁହେଁ ।

ଶ୍ରୀ କୃଷ୍ଣମାଚାରୀ ଏ ନିର୍ବାଚନରେ ସଂସଦକୁ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କୁ ମନ୍ତ୍ରୀମଣ୍ଡଳରେ ନେବା ପାଇଁ ବିଚାର କରାଯାଉ ଥିଲା । ପ୍ରଥମେ ସେ ଅର୍ଥ ବିଭାଗ ନେବାକୁ ଚାହୁଁଥିଲେ କିନ୍ତୁ ମୋର ମନେହୁଏ ଜବାହରଲାଲଜୀ ତାଙ୍କୁ ଏ ବିଭାଗ ଦେବାକୁ ମନା କରିଦେଇଥିଲେ । ଫଳରେ ସାଙ୍ଗେ ସାଙ୍ଗେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ନିଆଯାଇ ନଥିଲା । କିନ୍ତୁ ପରେ ଆର୍ଥିକ ସମନ୍ୱୟ ନାମରେ ଏକ ମନ୍ତ୍ରାଳୟ ଗଠନ କରାଯାଇ ତା'ର ମନ୍ତ୍ରୀ ତାଙ୍କୁ କରାଯାଇଥିଲା ।

୧୯୬୨ ଜୁଲାଇ ଆରମ୍ଭରେ ରାଷ୍ଟ୍ରମଣ୍ଡଳ ପ୍ରଧାନମନ୍ତ୍ରୀ ସମ୍ମିଳନୀ ଲଣ୍ଡନରେ ବସିଥିଲା ଯେଉଁଠି ବ୍ରିଟେନର କମନ ମାର୍କେଟରେ ଯୋଗ ଦେବା ବିଷୟ ବିଚାର କରାଯାଉଥିଲା । ଏ ସମ୍ମିଳନୀକୁ ଜବାହରଲାଲଜୀ

Digitized by srujanika@gmail.com

ଯାଇଥିଲେ ଓ ମତେ ନିଜ ସାଥିରେ ନେଇ ଯାଇଥିଲେ । ଫଳରେ ସମ୍ମିଳନୀରେ ତାଙ୍କ ସହିତ ମୁଁ ଉପସ୍ଥିତ ଥିଲି । କମନ ମାର୍କେଟ ପ୍ରଶ୍ନ ଉପରେ ଯେତେବେଳେ ଭାରତର କହିବା ପାଳି ପଡିଲା ଜବାହରଲାଲଜୀ ମତେ ହିଁ କହିବାକୁ କହିଲେ । କିନ୍ତୁ ମୁଁ ତାଙ୍କୁ କହିଲି ଯେ ପ୍ରଥମେ ଆପଣଙ୍କର କହିବା ଉଚିତ । ସାଧାରଣ ନୀତି ବିଷୟରେ ଆପଣ କୁହନ୍ତୁ ଓ ପରେ ମୁଁ ସବୁ ବିଷୟ ଉପରେ ବିସ୍ତାର ଭାବେ ଆଲୋକପାତ କରିଲେ ଠିକ୍ ହେବ । ସେ ମୋ କଥା ମଞ୍ଜୁର କଲେ । ଆମେ ଦୁଇ ଜଣ ଏହା କହିଲୁ ଯେ କମନ ମାର୍କେଟରେ ମିଶିବା ନ ମିଶିବା ବିଷୟରେ ଇଂଲଣ୍ଡ ସ୍ୱୟଂ ନିଜେ ନିର୍ଣ୍ଣୟ ନେଇପାରେ । ଆମେ ତା'ର ବିରୋଧ କରିପାରିବୁ ନାହିଁ । କିନ୍ତୁ ରାଷ୍ଟ୍ରମଣ୍ଡଳ ଦେଶ ଉପରେ ଏହାର କି ପ୍ରତିକ୍ରିୟା ହେବ ଏହାକୁ ଅବଶ୍ୟ ବ୍ରିଟେନ୍ ଦେଖିବା ଉଚିତ । କମନ ମାର୍କେଟରେ ବ୍ରିଟେନ ଯୋଗ ଦେଲେ ଯଦି ରାଷ୍ଟ୍ରମଣ୍ଡଳ ଭାଙ୍ଗିଯାଏ ତେବେ ତା'ର ଦୋଷ ବ୍ରିଟେନ୍ ଉପରେ ପଡିବ । ତେଣୁ ସେ କମନ ମାର୍କେଟରେ ଯୋଗ ଦେଲେ ରାଷ୍ଟ୍ରମଣ୍ଡଳ ଦେଶର କ୍ଷତି ନ ହେଉ -- ଏକଥା ସେ ମନେ ରଖିବା ଉଚିତ ।

ପ୍ରଧାନମନ୍ତ୍ରୀମାନଙ୍କ ସମ୍ମିଳନୀ ସମାପ୍ତ ହେବାପରେ ମୁଁ କମନ ମାର୍କେଟ ଦେଶ ଗୁଡିକୁ ଗଲି । ସେ ସମୟରେ ଜେନେଭାର ଇକନମିକ୍ ଓ ସୋସିଆଲ୍ କାଉନ୍‌ସିଲର ବୈଠକ ହୋଇଥିଲା । ସେଥିପାଇଁ ମୁଁ ସେଠାକୁ ଯାଇଥିଲି । ସେଠାରେ ମୁଁ ଭାରତର ଦୃଷ୍ଟିକୋଣ ଉପସ୍ଥାପନ କଲି । ସେଠାରୁ ମୁଁ ବ୍ରସେଲ୍‌ସ, ଆମ୍‌ଷ୍ଟର୍ଡାମ୍, ବ'ନ୍, ପ୍ୟାରିସ୍ ଓ ରୋମ୍ ଯାଇଥିଲି । ଏସବୁ ସ୍ଥାନରେ କମନ ମାର୍କେଟ ବିଷୟରେ ଭାରତର ଦୃଷ୍ଟିକୋଣ ଉପରେ କଥାବାର୍ତ୍ତା କରିଛି ତଥା ଏକଥା ଜାଣିବାକୁ ଚେଷ୍ଟାକଲି ଯେ ବ୍ରିଟେନ କମନ୍ ମାର୍କେଟ୍‌ରେ ଯୋଗ ଦେବା ସମ୍ବନ୍ଧରେ ସେମାନଙ୍କର ପ୍ରତିକ୍ରିୟା କ'ଣ । ବ୍ରିଟେନ୍ ତରଫରୁ ଶ୍ରୀ ହାଥ ଏଇ କଥାବାର୍ତ୍ତା କରୁଥିଲେ । ତାଙ୍କ ସହିତ ଲଣ୍ଡନରେ ମୋର ଯେତେବେଳେ କଥାବାର୍ତ୍ତା ହୋଇଥିଲା ମୁଁ ଯାହା କହିଥିଲି ସେଇ କଥା ସେମାନେ କହିଲେ ଯେ ବ୍ରିଟେନ୍‌ର କମନ୍ ମାର୍କେଟ୍‌ରେ ଯୋଗ ଦେବାକୁ ସେମାନେ ବିରୋଧ ନ କରି ରହିପାରିବେ ନାହିଁ -- ବିଶେଷକରି ଫ୍ରାନ୍‌ସରେ -- ତେଣୁ ଏ ବିଷୟରେ ସମ୍ପୂର୍ଣ୍ଣ ବିଚାର କରି ସେ ଆଗେଇବା ଉଚିତ । ଏହାପରେ ୟୁରୋପୀୟ ଦେଶମାନଙ୍କୁ ଯିବାପରେ ମତେ କମନ୍ ମାର୍କେଟ୍ ଦେଶର ନୀତି ଜଣାପଡିଲା ।

ବ୍ରସେଲସ୍‌ରୁ ମୁଁ ଲକ୍‌ସମବର୍ଗ ଗଲି । ଏହା ଗୋଟିଏ ସହର ସମ୍ପନ୍ନ ଛୋଟ ରାଜ୍ୟ ଥିଲା । ସେଠାରେ ଇସ୍ପାତ ଉଦ୍ୟୋଗ ବହୁତ ଉନ୍ନତ ଧରଣର ଥିଲା ଓ ଏହା ବହୁତ ସୁଖୀ ରାଜ୍ୟ ଥିଲା । ବନ୍, ଆମ୍‌ଷ୍ଟର୍ଡାମ୍, ବ୍ରସେଲସ୍ ଓ ଲକ୍ସମ୍‌ବର୍ଗରେ ସେଠାକାର ମନ୍ତ୍ରୀମାନଙ୍କ ସହିତ ତଥା କମନ ମାର୍କେଟରେ ଯୋଗଦାନ କରିବା ଲୋକମାନଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହେଲା ସେଥିରୁ ମତେ ଏପରି ଜଣାଗଲା ଯେ ବ୍ରିଟେନ କମନ୍ ମାର୍କେଟରେ ମିଶିବା ପାଇଁ ସେମାନଙ୍କର ଏପରି କିଛି ବିଶେଷ ଇଚ୍ଛା ନଥିଲା । ତା'ର ବିରୋଧ ତ କେହି କରୁ ନଥିଲେ କିନ୍ତୁ ସେଥିପାଇଁ ଏପରି ଉତ୍ସାହ ନଥିବା ଭଳି ମତେ ଜଣାପଡୁ ଥିଲା ।

ପ୍ୟାରିସ୍‌ରେ ଶ୍ରୀ ହାଥ ମୋ ସହିତ ସାକ୍ଷାତ କରିଥିଲେ । ଏ ବିଷୟରେ ମୋର ପ୍ରତିକ୍ରିୟା ତାଙ୍କୁ ଅବଗତ କରାଇବା ପାଇଁ ପ୍ୟାରିସ୍‌ରେ ମୋ ସହିତ ସାକ୍ଷାତ କରିବା ବ୍ୟବସ୍ଥା ମୁଁ କରିଥିଲି । ମୋର ଲଣ୍ଡନ ଫେରିଯିବାର ନଥିଲା ତେଣୁ ପ୍ୟାରିସ୍ ଆସିଲେ ତାଙ୍କ ସହିତ ଭେଟିବାର ବ୍ୟବସ୍ଥା କରାଯାଇଥିଲା ।

ପ୍ୟାରିସ୍‌ରେ ଫ୍ରାନ୍‌ସ ସରକାରଙ୍କ ସହିତ ମୋର ବହୁତ କଥାବାର୍ତ୍ତା ହୋଇଥିଲା ଯେଉଁଥିରୁ ମୁଁ ଜାଣିପାରିଲି ଯେ ଫ୍ରାନ୍‌ସ ବ୍ରିଟେନ୍‌ର କମନ ମାର୍କେଟରେ ପ୍ରବେଶର ବିରୁଦ୍ଧରେ ଅଛି । ଏହା ସ୍ପଷ୍ଟ ଥିଲା ଯେ ସେ ବ୍ରିଟେନ୍ କମନ ମାର୍କେଟରେ ଯୋଗ ଦେବା ପାଇଁ ରାଜି ହେବ ନାହିଁ । ମୋର ବିଶ୍ୱାସ ହେଲା ଯେ ସେ

Digitized by srujanika@gmail.com

ଯେତେ ଯାହା କହୁନା କାହିଁକି ଶେଷରେ ଏଥିପାଇଁ ମନା କରିବ । ତା'ର ମୁଖ୍ୟ କାରଣ ମତେ ଯାହା ପଡ଼ିଲା ତାହା ହେଲା ଯେ ବ୍ରିଟେନ କମନ ମାର୍କେଟରେ ଯୋଗ ଦେଲେ ତାହାର ଆଧିପତ୍ୟ ବଢ଼ିବ ଓ ଫ୍ରାନ୍ସର ଆଧିପତ୍ୟ କମିଯିବ । ଜର୍ମାନୀ ପ୍ରଥମରୁ ପ୍ରମୁଖ ଯୋଗଦାନ କରିଥିଲା । ବ୍ରିଟେନର ରାଜନୈତିକ କୁଶଳତାକୁ ସେମାନେ ବହୁତ ଡରୁଥିଲେ । କମନ ମାର୍କେଟ ଜରିଆରେ ଏହିସବୁ ରାଜ୍ୟମାନଙ୍କ ମଧ୍ୟରେ ଏକ ରାଜନୈତିକ ବନ୍ଧନ ଗଢ଼ିବା ପାଇଁ ସେମାନଙ୍କର ଉଦ୍ଦେଶ୍ୟ ଥିଲା । ଏ ଉଦ୍ଦେଶ୍ୟ ପୂରା ହୋଇଯିବା ପରେ ବ୍ରିଟେନ କମନ ମାର୍କେଟରେ ଯୋଗ ଦେବାକୁ ସେମାନଙ୍କର ଇଚ୍ଛା ଥିଲା । ଏହା ପୂର୍ବରୁ ବ୍ରିଟେନ ଯୋଗ ନ ଦେବାକୁ ଫ୍ରାନ୍ସର ନୀତି ଥିଲା ବୋଲି ମୋତେ ଜଣାପଡ଼ିଲା ।

ଶ୍ରୀ ହୀଥ ପ୍ୟାରିସ୍‌ରେ ମତେ ଭେଟିଥିଲେ । ସେତେବେଳେ ମୁଁ ଏସବୁ ତାଙ୍କୁ ବତାଇଥିଲି । ସେ ମତେ କହିଲେ ଯେ ସେ ଏସବୁ ବିଷୟ ପ୍ରତି ଧ୍ୟାନ ଦେବେ । କିନ୍ତୁ ତାଙ୍କ କଥାବାର୍ତ୍ତାରୁ ମତେ ଲାଗିଲା ଯେ ସେ କମନ ମାର୍କେଟରେ ଯୋଗ ଦେବା ପାଇଁ ଚେଷ୍ଟାରୁ ବିରତ ହେବେ ନାହିଁ । ଶେଷରେ ମତେ ଯାହା ଜଣାଯାଉଥିଲା ତାହାହିଁ ହେଲା ଓ ଫ୍ରାନ୍ସ ସେତେବେଳେ ବ୍ରିଟେନ୍‌କୁ କମନ ମାର୍କେଟରେ ସାମିଲ ହେବାକୁ ଦେଲା ନାହିଁ ।

ପ୍ୟାରିସ୍‌ରୁ ମୁଁ ରୋମ୍ ଗଲି । ମୁଁ ଇଟାଲୀ ଶାସକମାନଙ୍କ ସହିତ ସାକ୍ଷାତ କରିଥିଲି ଓ ଇଟାଲୀ ସହିତ ଭାରତର ଆର୍ଥିକ ସମ୍ବନ୍ଧ ଦୃଢ଼ କରିବା ବିଷୟ ଆଲୋଚନା କରିଥିଲି । ଏ ସମ୍ବନ୍ଧରେ ଏ ଦେଶର ନୀତି ଅନୁକୂଳ ବୋଲି ମୁଁ ଜାଣିଲି । ରୋମ୍‌ରୁ ମୁଁ ଭାରତ ଫେରିଆସିଲି ।

ସେପ୍ଟେମ୍ବରରେ ୱାଶିଂଟନ୍‌ରେ ବିଶ୍ୱ ବ୍ୟାଙ୍କ ଓ ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ୧୭ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବାର ଥିଲା । ସେଥିପାଇଁ ମୁଁ ପୁଣି ବିଦେଶ ଯାତ୍ରାରେ ଗଲି । ପ୍ରଥମେ ମୁଁ ଲଣ୍ଡନ ଗଲି କାରଣ ସେଠାରେ ରାଷ୍ଟ୍ରମଣ୍ଡଳର ଅର୍ଥ ମନ୍ତ୍ରୀମାନଙ୍କର ସମ୍ମିଳନୀ ହେବାର ଥିଲା । ଅର୍ଥ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଅନ୍ୟ ବିଷୟ ସହିତ କମନ ମାର୍କେଟରେ ବ୍ରିଟେନର ପ୍ରବେଶ ବିଷୟରେ ଚର୍ଚ୍ଚା ହେଲା । ନିଉଜିଲାଣ୍ଡ୍ ଓ ଅଷ୍ଟ୍ରେଲିଆ, ବ୍ରିଟେନ୍‌ର କମନ୍ ମାର୍କେଟ୍‌ରେ ପ୍ରବେଶ ବିରୁଦ୍ଧରେ ଥିଲେ କାରଣ ସେଥିରେ ତାଙ୍କର ସର୍ବାଧିକ କ୍ଷତି ହେବାର ଆଶଙ୍କା ଥିଲା ।

ଲଣ୍ଡନରୁ ନିଉୟର୍କ ହୋଇ ମୁଁ ୱାଶିଂଟନ୍‌ରେ ପହଞ୍ଚିଲି । ୱାଶିଂଟନ୍‌ରେ ବିଶ୍ୱ ବ୍ୟାଙ୍କ ଓ ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ସମ୍ମିଳନୀରେ ଯୋଗଦେବା ପରେ ମୁଁ ଓଟାୱା (କାନାଡା) ଗଲି ଓ ସେଠାର ପ୍ରଧାନମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କ ସହିତ ସାକ୍ଷାତ କରିଲି । କାନାଡ଼ା ସହିତ ଭାରତର ସମ୍ବନ୍ଧ ବେଶ୍ ଘନିଷ୍ଠ ରହିଥାଏ । ସେମାନଙ୍କ ଠାରୁ ଆମକୁ ଯେଉଁ ସହାୟତା ମିଳେ ତା'ର ସର୍ତ୍ତସବୁ ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଅନୁକୂଳ ହୋଇଥାଏ । କାନାଡାରୁ ମୁଁ ନିଉୟର୍କ ଫେରି ଆସିଲି । ସେଠାରେ ମୋର ସମ୍ବାଦ ପ୍ରତିନିଧିମାନଙ୍କ ସହିତ ସାକ୍ଷାତ ହୋଇଥିଲା । ପ୍ରତିବର୍ଷ ଯାଉଥିବା ଅନ୍ୟ ସଂସ୍ଥାମାନଙ୍କୁ ଗଲି । ଇନଭେଷ୍ଟମେଣ୍ଟ ସେଣ୍ଟରରେ ମଧ୍ୟ କଥାବାର୍ତ୍ତା ହେଲି ।

ରାଷ୍ଟ୍ରପତି ଶ୍ରୀ କେନେଡ଼ିଙ୍କ ସହିତ ଗୋଆ ବିଷୟରେ ଯେଉ କଥାବାର୍ତ୍ତା ହୋଇଥିଲା ତାହା ଆଗରୁ କହିଛି, ତା' ଛଡା ଦୁଇ ଦେଶର ସମ୍ବନ୍ଧ ବିଷୟରେ ମଧ୍ୟ କଥାବାର୍ତ୍ତା ହେଲୁ ।

ୱାଶିଂଟନରୁ ମୁଁ ସାନ୍‌ଫ୍ରାନ୍‌ସିସ୍କୋ ଗଲି । ଏଇ ଯାତ୍ରାବେଳେ କିଛିଦିନରୁ ମୋର ମାଢ଼ିରେ ଦରଜ ଲାଗୁଥିଲା । ପ୍ରଥମେ ତ ସେଠାରେ ଏହାର ଚିକିତ୍ସା କରିବା ମତେ ଠିକ୍ ଲାଗୁ ନଥିଲା । ଭାରତ ପହଞ୍ଚି ଏହାର ଚିକିତ୍ସା କରିବା ପାଇଁ ଭାବୁଥିଲି । କିନ୍ତୁ ରେଡ୍ ଫରେଷ୍ଟରେ ଯାତ୍ରା କରିବା ସମୟରେ ଯନ୍ତ୍ରଣା ବହୁତ ବଢ଼ିଗଲା

Digitized by srujanika@gmail.com

ଓ ଭାରତ ଫେରିବାକୁ ଆଉ ସାତ ଆଠଦିନ ବାକି ଥିଲା । ତେଣୁ ମୁଁ ଭାବିଲି ଯେ ଚିକିତ୍ସା କରାଇ ନେବା ଉଚିତ ହେବ ନହେଲେ ଯନ୍ତ୍ରଣା ଆହୁରି ବଢ଼ି କ୍ଷତି କରିବ । ଅତଃ ଭାରତୀୟ ଦୂତାବାସରେ ଜଣେ ବ୍ୟକ୍ତିଙ୍କୁ କୌଣସି ପରିଚିତ ଦନ୍ତ ଚିକିତ୍ସକଙ୍କୁ ଦେଖାଇବାକୁ କହିଲି । ଏହିପରି ଜଣେ ଦନ୍ତ ଚିକିତ୍ସକଙ୍କ ସହିତ ସମୟ ନିର୍ଦ୍ଧାରିତ କରିଗଲି । ସେ ବହୁତ କୁଶଳୀ ଥିଲେ । ମୁଁ ଯେତେବେଳେ ସେ ଦାନ୍ତ ଉପାଡ଼ି ଦେବାକୁ କହିଲି ସେ କହିଲେ, "ଏକ୍ସରେ ନ ନେଇ ମୁଁ ଏହା କରିବି ନାହିଁ ।" ସେ ସାଙ୍ଗେ ସାଙ୍ଗେ ଏକ୍ସରେ ନେଲେ ଓ ତା'ପରେ ଦାନ୍ତ ଉପାଡ଼ିବା ଠିକ୍ କଲେ ଓ ଇଂଜେକ୍ସନ ଦେଇ ଠିକ୍ ଭାବରେ ଦାନ୍ତ ଉପାଡ଼ି ଦେଲେ । ଦାନ୍ତ ଉପାଡ଼ି ଦେବାରୁ ରକ୍ତ ବୋହିଲା ଓ ଦରଜ ମଧ୍ୟ ହେଲା । ଯନ୍ତ୍ରଣା ଦୂର କରିବାକୁ ସେ ଗୋଳି ଖାଇବାକୁ କହିଲେ । କିନ୍ତୁ ମୋର ଦୃଢ଼ ମାନ୍ୟତା ଥିଲା ଯେ ଗୋଳି ଖାଇଲେ କ୍ଷତି ହେବ, ତେଣୁ ଗୋଳି ଖାଇବାକୁ ମନାକଲି । ତଥାପି ସେ ମତେ ଦୁଇ ତିନି ଗୋଳି ଦେଇଥିଲେ । ପାଣିରେ କୁଳି କରିବାକୁ ସେ ମନା କରିଥିଲେ ଓ କହିଥିଲେ ଯେ ଘା' ନିଜେ ନିଜେ ଠିକ ହେବା ଭଲ । ମୁଁ ଦନ୍ତ ଚିକିତ୍ସକଙ୍କୁ ତାଙ୍କ ଫି ବିଷୟରେ ପଚାରିବାରୁ ସେ ଫି ନେବାକୁ ମନାକରି କହିଲେ, "ମୁଁ ଆପଣଙ୍କୁ ଦେଶର ଅତିଥି ହିସାବରେ ଚିକିତ୍ସା କରିଥିଲି ।" ମୁଁ ଫି ଦେବା ପାଇଁ ଚେଷ୍ଟା କରିଥିଲି କିନ୍ତୁ ସେ ଗ୍ରହଣ କରିବାକୁ ରାଜି ହୋଇନଥିଲେ ।

ସେଠାରୁ ମତେ ଗୋଟିଏ ସ୍ୱାଗତ ସମାରୋହକୁ ଯିବାର ଥିଲା । ସାଙ୍ଗେ ସାଙ୍ଗେ ସେଠାକୁ ଗଲି । ସ୍ୱାଗତ ସମାରୋହ ପରେ ଭୋଜି ଖାଇବାକୁ ଯିବାର ଥିଲା, ସେଠାକୁ ମଧ୍ୟ ଗଲି । ସେଠାକୁ ଯିବା ବେଳକୁ ଦାନ୍ତରୁ ବହୁତ ରକ୍ତ ବୋହୁଥିଲା ଓ ଯନ୍ତ୍ରଣା ମଧ୍ୟ ହେଉଥିଲା । କିନ୍ତୁ ମୁଁ କାହାକୁ ଏ କଥା ଜାଣିବାକୁ ଦେଇ ନଥିଲି । ଭୋଜନର ବ୍ୟବସ୍ଥା ଖୁବ୍ ଭଲ ହୋଇଥିଲା ଓ ଭୋଜନ ସ୍ଥାନ ବହୁତ ସୁନ୍ଦର ସଜା ହୋଇଥିଲା । ଭୋଜନ ପରେ କିଛି ଭାଷଣ ମଧ୍ୟ ହେଲା ଓ ଉତ୍ତରରେ ମୁଁ ମଧ୍ୟ ଭାଷଣ ଦେଲି । ଏହାପରେ ରକ୍ତ ଓ ଯନ୍ତ୍ରଣା ବନ୍ଦ ହୋଇଗଲା ।

ସାନ୍ ଫ୍ରାନ୍‌ସିସ୍କୋରୁ ମୁଁ ଟୋକିଓ ଗଲି ଓ ଜାପାନର ପ୍ରଧାନମନ୍ତ୍ରୀ ଓ ଅନ୍ୟମାନଙ୍କ ସହିତ ସାକ୍ଷାତ କରିଥିଲି । ଟୋକିଓରେ ମୁଁ ସେଠାକାର ବ୍ୟାପାରିକ ସଂସ୍ଥାମାନଙ୍କ ସହିତ ମିଳିଥିଲି ଓ ସେମାନଙ୍କ ସହିତ ଭାରତର ବ୍ୟାପାରିକ ସମ୍ବନ୍ଧରେ କଥାବାର୍ତ୍ତା ହୋଇଥିଲି । ଏହିସବୁ କଥାବାର୍ତ୍ତାରୁ ମତେ ଜଣାଗଲା ଯେ ଜାପାନ ଭାରତ ସହିତ ସବୁ ପ୍ରକାର ସମ୍ବନ୍ଧ ବଢ଼ାଇବାକୁ ଉତ୍ସୁକ ଅଟେ । ସେଠାରୁ ମୁଁ ହିରୋସୀମା ମଧ୍ୟ ଗଲି । ସେଠାକୁ ଯିବା ଦ୍ୱାରା ଯୁଦ୍ଧ ସମୟରେ ଅଣୁ ବୋମା ଦ୍ୱାରା ହୋଇଥିବା ଭୟଙ୍କର କ୍ଷତିର ଆଭାସ ମିଳିଥିଲା । ନାଗାସାକୀ ସିପ୍ ୟାର୍ଡ଼ରେ (ଜାହାଜ କାରଖାନାରେ) ଧର୍ମାତେଜା ସିପିଂ କମ୍ପାନୀର ଜାହାଜ ତିଆରି ହେଉଥିଲା । ସେ ଜାହାଜ ଉଦ୍‌ଘାଟନ କଲି ।

ସେଠାରୁ ଭାରତ ଫେରିବା ବେଳେ ଗୋଟିଏ ରାତି ହଂକଂରେ ରହିଲି ଓ ସେଠାକାର ସମୃଦ୍ଧି ଦେଖିଲି । ସେଠାରେ ଲୋକମାନେ କିପରି କାମଧନ୍ଦା ଚଳାଉଛନ୍ତି -- ମୁଁ ଦେଖିଲି । ସେଠାରେ ଥିବା ଭାରତୀୟମାନଙ୍କୁ ଭେଟିଲି ଓ ଭାରତରେ ପୁଞ୍ଜି ଲଗାଇବା ପାଇଁ ତାଙ୍କ ସହିତ କଥାବାର୍ତ୍ତା କଲି ।

କଥାବାର୍ତ୍ତାରୁ ମତେ ଲାଗିଲା ଯେ ପୁଞ୍ଜିରୁ ସେଠାରେ ମିଳୁଥିବା ଭଳି ଲାଭ ଭାରତରେ ନ ମିଳିବା ପର୍ଯ୍ୟନ୍ତ ସେମାନେ ଏଠାରେ ପୁଞ୍ଜି ଲଗାଇବାକୁ ଇଚ୍ଛୁକ ନୁହନ୍ତି ।

Digitized by srujanika@gmail.com

(୨୭) ଚୀନ ଆକ୍ରମଣ

୧୯୬୨ ମସିହା ସେପ୍ଟେମ୍ବର ମାସ ଶେଷକୁ ମୁଁ ବିଦେଶ ଯାତ୍ରାରୁ ଫେରିଲି । ଏହାର କିଛି ଦିନ ପରେ ଚୀନ ଭାରତ ଉପରେ ବିଧିବଦ୍ଧ ଆକ୍ରମଣ ଆରମ୍ଭ କରିଥିଲା । ସେ ଗୋଟିଏ ପଟରେ ଲଦାଖରେ ବିସ୍ତୃତ କ୍ଷେତ୍ର ଅଧିକାର କରିନେଲା ଓ ପୁଣି ଉତ୍ତରପୂର୍ବ ସୀମା କ୍ଷେତ୍ର ଉପରେ ଚଢାଉ କଲା । ଏ ଆକ୍ରମଣର ଅଶୁଭ ସୂଚନା ଆମକୁ ଆଗରୁ ମିଳିଥିଲା -- କିନ୍ତୁ ଆକ୍ରମଣ ବର୍ଣ୍ଣନା କରିବା ପୂର୍ବରୁ ଭାରତ ସହିତ ଚୀନର ଶତ୍ରୁତା ବଢିବାର ପୃଷ୍ଠଭୂମି ଉପରେ ଟିକିଏ ଆଲୋକପାତ କରିବା ଠିକ୍ ହେବ ।

ଆମ ଦେଶ ସ୍ୱାଧୀନ ହେବାର ଦୁଇ ତିନି ବର୍ଷ ପରେ ଚୀନର ଶାସନ ତନ୍ତ୍ରରେ ବିଶେଷ ପରିବର୍ତ୍ତନ ହୋଇଥିଲା । ସେଠାରେ ବହୁବର୍ଷ ଧରି ଯେଉଁ ଗୃହଯୁଦ୍ଧ ଚାଲିଥିଲା, ସେଥିରେ ଶେଷରେ ସାମ୍ୟବାଦୀମାନେ ଚ୍ୟାଂଗ କାଇଶେକଙ୍କ ସେନାକୁ ପରାଜିତ କରିଦେଲେ ଓ ଚ୍ୟାଂଗ ନିଜର ବଞ୍ଚିଥିବା ସେନାଙ୍କ ସାଥିରେ ଫର୍ମୋଜା ପଳାଇ ଗଲେ । ସେଠାରେ ସେ ନିଜର ଅଲଗା ସ୍ୱତନ୍ତ୍ର ଶାସନ ସ୍ଥାପନ କଲେ ଓ ଫର୍ମୋଜା ନାମ ବଦଳାଇ ତାଇୱାନ ନାମ ରଖିଲେ । ଚୀନ୍‌ର ମୁଖ୍ୟ ଭୂମି ଉପରେ ଚୀନ୍‌ର ସାମ୍ୟବାଦୀ ରାଜ୍ୟ ମାଓ ସେ ତୁଙ୍ଗଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା ।

ସାମ୍ୟବାଦର କଠୋର ଓ ଅନୁଶାସନବଦ୍ଧ ଶାସନ ଦ୍ୱାରା ଚୀନ ଯେଉଁ ଗତିରେ ରାଜନୈତିକ, ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ଆଣିପାରିଲା ସେଥିରେ ବାହାର ପୃଥିବୀ ଆଶ୍ଚର୍ଯ୍ୟ ହୋଇଗଲା । ଆମର ଏଠାରେ ଯେଉଁ ବ୍ୟକ୍ତି ଚୀନ ଗଲେ ତାଙ୍କ ଉପରେ ମଧ୍ୟ ଏହାର ଭଲ ପ୍ରଭାବ ପଡ଼ିଲା । ଏଥିରୁ ହିନ୍ଦୀ-ଚୀନୀ ଭାଇ ଭାଇ ସ୍ଲୋଗାନ ଆରମ୍ଭ ହେଲା । କିନ୍ତୁ ସ୍ୱୟଂ ମତେ ସାମ୍ୟବାଦୀ ରୀତିନୀତି ଯାହା ଅଳ୍ପ ବହୁତ ଜଣାଥିଲା ସେଥିରୁ ସେମାନଙ୍କ ପ୍ରତି ଆଶଙ୍କା ଭାବ ରହିଥିଲା ଓ ମୁଁ ଏକଥା ମାନୁଥିଲି ଯେ ସେମାନଙ୍କ ସହିତ ସାବଧାନତା ସହକାରେ ବ୍ୟବହାର କରିବା ଉଚିତ । ପରେ ଯାହା କିଛି ହେଲା ସେଥିରେ ସେମାନେ ନିଜର କୁଟିଳତା ସ୍ପଷ୍ଟ କରିଥିଲେ ।

କାଶ୍ମୀରରେ ଲଦାଖ ଗୋଟିଏ ନିର୍ଜନ ଅଞ୍ଚଳ ଅଟେ । ସେଠାରେ ଆମର କୌଣସି ସେନା ନଥିଲେ, କାରଣ ଚୀନ ଓ ଭାରତ ମଧ୍ୟରେ ମିତ୍ରତା ଥିଲା । ଅତୀତରେ ମଧ୍ୟ ଭାରତ ଓ ଚୀନ ମଧ୍ୟରେ କୌଣସି ଲଢାଇ ହୋଇନଥିଲା । ଲଦାଖକୁ ଲାଗି ତିବ୍ବତ ପ୍ରଥମେ ସ୍ୱାଧୀନ ରାଜ୍ୟ ଥିଲା । ଏହା ଭାରତ ଓ ଚୀନ ସୀମା ମଝିରେ ଅବସ୍ଥିତ ଥିଲା । ଏହାଦ୍ୱାରା ଚୀନ୍‌ର ସୀମା ଭାରତ ସୀମା ସହିତ ଲାଗି ନଥିଲା । କିନ୍ତୁ ୧୯୫୦ ପାଖାପାଖି ଚୀନ ତିବ୍ବତ ଉପରେ ନିଜର ସାର୍ବଭୌମ ଅଧିକାର ଦାବି କଲା । ଏତିକି ନୁହେଁ ତିବ୍ବତରେ ନିଜର ଶାସନ ଆରମ୍ଭ କରିଦେଲା । ୧୯୫୪ରେ ସେଠାକୁ ନିଜ ସେନା ପଠାଇ, ତାକୁ ଅଧିକାର କରି ଶାସନ ପ୍ରତିଷ୍ଠା କଲା । ଏଥିରୁ ତିବ୍ବତ ଓ ଚୀନ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା । ଭାରତ, ତିବ୍ବତ ଉପରେ ଚୀନର ସାର୍ବଭୌମ ଅଧିକାର, ୧୯୫୦-୫୧ରେ ସ୍ୱୀକାର କରିଥିଲା କିନ୍ତୁ ସର୍ତ୍ତ ରଖିଥିଲା ସେ ଚୀନ ତିବ୍ବତର ଆନ୍ତରିକ ସ୍ୱତନ୍ତ୍ରତାକୁ ସମ୍ମାନ ଦେଖାଇବ । ଭାରତର ଏପରି କୌଣସି ଧାରଣା ନଥିଲା ଯେ ତିବ୍ବତ ଉପରେ ଆକ୍ରମଣ କରି ଚୀନ ସେଠାରେ ନିଜର ପୂର୍ଣ୍ଣ ଶାସନ ପ୍ରତିଷ୍ଠା କରିବ, ଯଦିଓ ସର୍ଦ୍ଦାର ପଟେଲ ୧୯୫୦ରେ ଜବାହରଲାଲଜୀଙ୍କୁ ଏ ସମ୍ବନ୍ଧରେ ସାବଧାନ କରି ଦେଇଥିଲେ ।

ତିବ୍ବତ ଉପରେ ଅଧିକାର ବିସ୍ତାର କରିବା ପରେ ଚୀନ ତିବ୍ବତ ଲୋକମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଲା । ଯାହା ଫଳରେ ଦଲାଇଲାମା ଓ ତାଙ୍କର କେତେକ ଅନୁଗାମୀ ତିବ୍ବତରୁ ଭାରତକୁ ପଳାଇ

Digitized by srujanika@gmail.com

ଆସିଲେ । ସେ ଭାରତରେ ଆଶ୍ରୟ ଚାହିଁଲେ ଓ ଭାରତ ତାଙ୍କୁ ଆଶ୍ରୟ ପ୍ରଦାନ କଲା । ଏଥିରେ ଚୀନର ଭାରତ ଉପରେ ନାରାଜୀ ଦେଖାଗଲା । ଚୀନର ନୀତି ସାମାନ୍ୟତଃ ଏପରି ଥିଲା ଯେ ଦୁନିଆରେ ଚୀନ ଲୋକମାନେ ସର୍ବଶ୍ରେଷ୍ଠ ଅଟନ୍ତି ଓ ତାଙ୍କ କଥା ଯେ ନ ମାନେ ସେମାନେ ତାଙ୍କର ଶତ୍ରୁ । ଏଥିଯୋଗୁଁ ଦଲାଇଲାମାଙ୍କୁ ଏଠାରେ ସୁରକ୍ଷା ଦେବା ପରଠାରୁ ହିଁ ଏମାନେ ଭାରତ ସୀମାରେ ଗଣ୍ଡଗୋଳ କରିବା ଆରମ୍ଭ କରିଦେଲେ । ଭାରତ ଏଥିରେ ସଜାଗ ହୋଇ ନିଜ ସୀମାରେ ସୈନିକ ବ୍ୟବସ୍ଥା ଆରମ୍ଭ କଲା ।

କିନ୍ତୁ ଆମେ ଏ ବନ୍ଦୋବସ୍ତ ଡେରିରେ କଲୁ । ଫଳତଃ ଆମକୁ ଅନ୍ଧାରରେ ରଖି ଚୀନ ଲଦାଖର ଅକସାଇ ଚୀନ କ୍ଷେତ୍ରରେ ୧୯୫୭ରେ ରାସ୍ତା ତିଆରି ଆରମ୍ଭ କରିଦେଲା ଓ ଆମେ ତାକୁ ବନ୍ଦକରି ପାରିଲୁ ନାହିଁ । ୧୯୫୮ରେ ଯେତେବେଳେ ଆମେ ଖବର ନେବାପାଇଁ ଆମ ଲୋକଙ୍କୁ ସେଠାକୁ ପଠାଇଲୁ ଚୀନ ସେମାନଙ୍କୁ ବନ୍ଦି କରିନେଲା । ସେତେବେଳେ ଚୀନର ପ୍ରକୃତ ରୂପ ପ୍ରକଟ ହେଲା । ଆମର ଓ ସାରା ବିଶ୍ୱର ଏ ବିଶ୍ୱାସ ହୋଇଗଲା ଯେ ଚୀନ ଭାରତ ସହିତ ବନ୍ଧୁତା ତ୍ୟାଗ କରି ଶତ୍ରୁତା ଆଚରଣ କରିଛି ।

ଏହି ବିବାଦ ଉପରେ କଥାବାର୍ତ୍ତା କରିବାକୁ ବର୍ମାରେ ଦୁଇ ଦେଶର ପ୍ରତିନିଧିଙ୍କର ସମ୍ମିଳନୀ ପାଇଁ ଚୀନର ପ୍ରଧାନମନ୍ତ୍ରୀ ଚାଉ ଏନ ଲାଇ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଆମେ ତାହା ମଞ୍ଜୁର କରିଲୁ ନାହିଁ । ଏହାପରେ ୧୯୬୦ରେ ଚାଉ ଏନ୍ ଲାଇ କଥାବାର୍ତ୍ତା କରିବା ପାଇଁ ଭାରତ ଆସିଲେ । ଜବାହରଲାଲଜୀ, ପନ୍ଥଜୀ, ଶ୍ରୀ କୃଷ୍ଣ ମେନନ୍ ଓ ମୋ ସହିତ ତାଙ୍କର କଥାବାର୍ତ୍ତା ହୋଇଥିଲା ।

ସେ ଯେତେବେଳେ ମୋ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା ବ୍ୟକ୍ତ କଲେ ମୁଁ ନିଜେ ତାଙ୍କ ନିବାସ ସ୍ଥଳକୁ ଯାଇ ତାଙ୍କ ଭେଟିବାକୁ କହିଲି । କିନ୍ତୁ ସେ ନିଜେ ମତେ ସାକ୍ଷାତ କରିବାକୁ ମୋ ଘରକୁ ଆସିବେ ବୋଲି ମତେ କୁହାଗଲା ଓ ତଦନୁସାରେ ମତେ ସାକ୍ଷାତ କରିବାକୁ ଆସିଥିଲେ । ପ୍ରାୟ ପଚସ୍ତରୀ ମିନିଟ୍ ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଲା । ମୁଁ ତାଙ୍କୁ କହିଲି, "ଆପଣ ପ୍ରଥମେ ନିଜ କଥା କହିବେ ନା ମୁଁ କହିବି -- ଏ କଥା ଆପଣ ନିର୍ଣ୍ଣୟ କରନ୍ତୁ । ସେଇ ଅନୁସାରେ ଆମର କଥାବାର୍ତ୍ତା ଆରମ୍ଭ ହେବ ।" ସେ ପ୍ରଥମେ ନିଜ ପକ୍ଷ ପ୍ରସ୍ତୁତ କଲେ ଓ ପରେ ମୁଁ ଆମ ସ୍ଥିତି ସ୍ପଷ୍ଟ କରିବାକୁ ଚେଷ୍ଟା କରିଲି ।

ନିଜ ପକ୍ଷରେ ସେ କହିଲେ, "ଆମେ ଯେଉଁ ରାସ୍ତା ତିଆରି କରିଛୁ, ତାହା କରିବାକୁ ଆମର ଅଧିକାର ଅଛି । କାରଣ ସେ ପ୍ରଦେଶ ଆମର ଅଟେ ।" ଲଦାଖର ଏ ଭୂଭାଗ ସେ ନିଜ ଅଧିକାରକୁ ନେଇଯାଇଥିଲେ । ସେଥିପାଇଁ ଏହାକୁ ସମର୍ଥନ କରି ସେ ଏ ଯୁକ୍ତି ବାଢିଥିଲେ ଯେ, "ଭାରତ ଲଦାଖ ଉପରେ ନିଜର ଅଧିକାର କେବେ ହେଁ ବିସ୍ତାର କରି ନାହିଁ ।" ଏହିପରି ତାଙ୍କ ପକ୍ଷ ଯୁକ୍ତି ବାଢିବା ପରେ ମୁଁ ଭାରତ ପକ୍ଷରୁ ଯୁକ୍ତି ଆରମ୍ଭ କଲି । ମୁଁ କହିଲି, "ଯେତେବେଳେ ଚୀନ ପକ୍ଷ ସମର୍ଥନ କରିବାକୁ କେହିନଥିଲେ ଭାରତ ସଂଯୁକ୍ତ ରାଷ୍ଟ୍ର ସଂଘରେ ତା' ପକ୍ଷରେ ଯୁକ୍ତି କରି ଚୀନ ସହିତ ମିତ୍ରତା ଦୃଢ କରିଥିଲା । ଆପଣ ପଞ୍ଚଶୀଳର ସିଦ୍ଧାନ୍ତ ସ୍ୱୀକାର କରିଥିଲେ । ତିବ୍ବତ ଉପରେ ଆପଣଙ୍କ ସର୍ବଭୌମତ୍ୱ ଭାରତ ସ୍ୱୀକାର ମାନିଥିଲା କିନ୍ତୁ ଏହା ସହିତ ଏ ସର୍ତ୍ତ ସ୍ୱୀକାର କରାଯାଇଥିଲା ଯେ ତିବ୍ବତ ସ୍ୱାୟତ୍ତ ରାଷ୍ଟ୍ର ରହିବ ଓ ଚୀନ ଏହାର ଶାସନ ଉପରେ ହସ୍ତକ୍ଷେପ କରିବ ନାହିଁ । ଏ ବୁଝାମଣାଙ୍କୁ ଅବଜ୍ଞା କରି ଆପଣ ଯେତେବେଳେ ତିବ୍ବତ ଅଧିକାର କରିବା ଆରମ୍ଭ କଲେ ଓ ସେଠାକୁ ନିଜ ସେନା ପଠାଇଲେ, ସେତେବେଳେ ଆପଣଙ୍କ ସୈନିକମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଦଲାଇଲାମା ସେଠାରୁ ଭାରତ ଚାଲି ଆସିଲେ ଓ ଭାରତ ତାଙ୍କୁ ସୁରକ୍ଷା ଦେଲା । ମତେ ଲାଗୁଛି ଯେ ସେଇ ସମୟରୁ ଆପଣ ଆମ ସହିତ ଶତ୍ରୁତା ଆରମ୍ଭ କଲେ । ଏହା ପୂର୍ବରୁ ସୀମା ସମ୍ବନ୍ଧରେ ବିବାଦ ଆମେ କରିନାହୁଁ ଓ ଏ ସମ୍ବନ୍ଧରେ କୌଣସି ମତଭେଦ ଥିଲେ ବାର୍ତ୍ତାଳାପ ପରେ ତାହା ଦୂର କରିବାକୁ ଆପଣଙ୍କୁ ବାରମ୍ବାର କହିଛୁ ।"

Digitized by srujanika@gmail.com

ମୁଁ ଯେତେବେଳେ ଏକଥା କହିଲି ସେ ରାଗି ଗଲେ । ସେ ରାଗିକରି କଥା କହିବାରୁ ମୁଁ ତାଙ୍କୁ କହିଲି, ''ଆପଣଙ୍କର କଥାବାର୍ତ୍ତା କରିବାକୁ ଇଚ୍ଛା ଥିଲେ ଏପରି କ୍ରୁଦ୍ଧ ହେବା ବ୍ୟର୍ଥ ଅଟେ । ଆମ ବିରୁଦ୍ଧରେ ଆପଣ ଯାହା କିଛି କହିଲେ ସେସବୁ ମୁଁ ଶାନ୍ତି ପୂର୍ବକ ଶୁଣିଲି ଓ କୌଣସି ପ୍ରକାର ଉତ୍ତେଜନା ଦେଖାଇଲି ନାହିଁ କିନ୍ତୁ ମୁଁ ଭାରତ ପକ୍ଷ ପ୍ରସ୍ତୁତ କରିବାରୁ ଆପଣ କ୍ରୋଧ କରୁଛନ୍ତି । କଥାବାର୍ତ୍ତାର ଏହା ଉପଯୁକ୍ତ ନୀତି ନୁହେଁ। ତେଣୁ ଆପଣ କଥାବାର୍ତ୍ତା ନ କରିବାକୁ ଚାହିଁଲେ, ଏହା ବନ୍ଦ କରି ଦେବା ହିଁ ଠିକ୍ ହେବ ।'' ଏହାଦ୍ୱାରା ସେ ଟିକିଏ ଥଣ୍ଡା ପଡିଲେ ଓ ପୁଣି ପ୍ରାୟ କୋଡିଏ ପଚିଶ ମିନିଟ ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଲା କିନ୍ତୁ ଏସବୁ ବାର୍ତ୍ତାଳାପର କୌଣସି ଫଳ ହେଲା ନାହିଁ କାରଣ ସେ ନିଜ କଥା ଛାଡିଲେ ନାହିଁ ଓ ଭାରତ ପ୍ରତି ତାଙ୍କ ତରଫରୁ ଅନ୍ୟାୟ ହୋଇଥିବା କାରଣରୁ ଭାରତ ନିଜ କଥା ଛାଡିବାର ପ୍ରଶ୍ନ ହିଁ ନଥିଲା ।

ଏ ବାର୍ତ୍ତାଳାପ ପରେ ସେ ଚୀନ ଫେରିଗଲେ ଓ ତା'ପରେ ଭାରତର ସୀମାରେ ସବୁବେଳେ ଗଣ୍ଡଗୋଳ କରିବା ଆରମ୍ଭ କରିଦେଲେ । ଲଦାଖର ପ୍ରାୟ ପନ୍ଦର ହଜାର ବର୍ଗ ମାଇଲ କ୍ଷେତ୍ର ଅଧିକାର କରିନେଲେ । ତାପରେ ଆମେ ଆମ ସେନା ପଠାଇଲୁ । ଆମ ସେନା ସେଠାରେ ପହଞ୍ଚି ସେଠାରେ ଚୀନର ଅଧିକାର ଦେଖିଲେ ଓ ସେଠାରେ ରହିଲେ । ଚୀନ ଓ ଭାରତର ସେନା ସେଠାରେ ସାମନା ସାମନି ହୋଇଥିଲେ ।

ନେଫା (ଉତ୍ତର-ପୂର୍ବ ସୀମାକ୍ଷେତ୍ର)ର ସୀମା ଉପରେ ମଧ୍ୟ ସେମାନେ ନିଜର ଦାବି ପ୍ରସ୍ତୁତ କରିଲେ । ନେଫାର ଅଧାରୁ ଅଧିକ କ୍ଷେତ୍ର ଉପରେ ସେମାନେ ଦାବି ପ୍ରସ୍ତୁତ କରିଲେ । ଏହାଛଡା ଉତ୍ତର ପ୍ରଦେଶ ସୀମା ଉପରେ ସେମାନେ ଦାବି ଆରମ୍ଭ କଲେ ।

ଶେଷରେ, ଯେପରି ପ୍ରଥମେ କୁହାଯାଇଛି ୧୯୬୨ ଅକ୍ଟୋବର ମାସରେ ବିନା କାରଣରେ ନେଫା ଉପରେ ଚୀନ ଏକ ତରଫିଆ ଆକ୍ରମଣ ଆରମ୍ଭ କରିଦେଲା । ପ୍ରତିରୋଧ କରିବା ପାଇଁ ଆମେ ଆମ ସେନା ପଠାଇଲୁ । ଏହାର ସେନାପତି ଥିଲେ ଶ୍ରୀ ବ୍ରଜମୋହନ କୌଲ ଯାହାଙ୍କର ଦୁର୍ବଳତା ଓ ଅନଭିଜ୍ଞ ନେତୃତ୍ୱ କାରଣରୁ ଆମେ ଠିକ ଭାବରେ ନିଜକୁ ରକ୍ଷା କରିପାରିଲୁ ନାହିଁ । ଆମ ସୈନ୍ୟ ପ୍ରସ୍ତୁତ ତ ଥିଲେ । ଆମ ସୈନିକ ସାଧାରଣତଃ ଦୁନିଆରେ ବଡ ସାହସୀ ତଥା କୁଶଳୀ ବୋଲି ଖ୍ୟାତ ଥିଲେ । କିନ୍ତୁ କର୍ଣ୍ଣଧାର ଦୁର୍ବଳ ହେଲେ ଓ ତାଙ୍କ ନୀତି ଠିକ୍ ନଥିଲେ, ସୈନ୍ୟମାନେ ଯେତେ ବାହାଦୂର ହୁଅନ୍ତୁ ନା କାହିଁକି, ଦୁର୍ବଳ ହୋଇପଡନ୍ତି -- ଏହାର ପ୍ରତ୍ୟକ୍ଷ ଉଦାହରଣ ଏଠାରେ ଦେଖା ଦେଇଥିଲା । ହିମାଳୟ ଏ ପର୍ଯ୍ୟନ୍ତ ଏକ ଅଜେୟ ଗଡ ବୋଲି ଜଣାଥିଲା । କିନ୍ତୁ ଚୀନ ଆକ୍ରମଣ ବେଳେ ସେଠାରେ ସୁରକ୍ଷାର ପୂରା ବ୍ୟବସ୍ଥା ନ ଥିବାରୁ ସେ ଆଉ ଅଜେୟ ରହିପାରିଲା ନାହିଁ ଓ ଚୀନ ସେନା ହିମାଳୟ ପାର ହୋଇ ଦୁଇଟି ସ୍ଥାନରୁ ଭାରତ ସୀମାକୁ ଓହ୍ଲାଇ ଆସିଲେ ।

ଚୀନ ଆକ୍ରମଣ ଖବର ଆସୁଥିଲା । ସେଇ ସମୟରେ ବିଦେଶ ଯାତ୍ରାରେ ଯିବାବେଳେ ଜବାହରଲାଲଜୀ ଏହା ଘୋଷଣା କରିଥିଲେଯେ ଚୀନ ଆକ୍ରମଣ କଲେ ଏହାର ଶକ୍ତିଶାଳୀ ଉତ୍ତର ଦିଆଯିବ । ମୋର ବିଶ୍ୱାସ, ଯେ ଶ୍ରୀ କୃଷ୍ଣ ମେନନ୍ ଜବାହରଲାଲଜୀଙ୍କୁ ଆଶ୍ୱାସନା ଦେଇଥିବେ ଯେ ଆମ ସୀମା ସୁରକ୍ଷିତ ଅଛି । ସେଥିପାଇଁ ଜବାହରଲାଲଜୀ ଏ ଘୋଷଣା କରିଥିଲେ । କିନ୍ତୁ ନେଫା ଆକ୍ରମଣ ବେଳେ ଆମେ ବାଧା ଦେଇପାରିଲୁ ନାହିଁ ଏହା ଏକ ସତ ଘଟଣା ଅଟେ । ଏ ପରାଜୟରେ ଭାରତର ଜନତାଙ୍କ ମଧ୍ୟରେ ତୀବ୍ର କ୍ରୋଧର ଲହରୀ ଖେଳିଗଲା ଓ ଦେଶର ସୁରକ୍ଷା ପାଇଁ ସେମାନେ ପୂରାପୂରି ସଂଗଠିତ ହୋଇଗଲେ । ରକ୍ଷା କୋଷରେ, ଦେଶ ରକ୍ଷା ପାଇଁ ଦୁଇତିନି ମାସରେ ଦେଶର କୋଣ କୋଣରୁ ପଚାଶ କୋଟି ଟଙ୍କା ଜମା ହୋଇଗଲା । ଭାରତର ଜନତା ଏପରି ଭାବରେ ନିଜର ଉତ୍ସାହ ପ୍ରକଟ କରିଲେ । ସେଥିଯୋଗୁଁ ଚୀନ ଆଉ

Digitized by srujanika@gmail.com

ଆଗକୁ ବଢିବାକୁ ନିରାପଦ ଭାବିଲା ନାହିଁ । ୧୯୬୨ ଶେଷକୁ ଚୀନର ସେନା ନିଜେ ନେଫା ଛାଡି ନିଜ ଦେଶକୁ ଫେରିଗଲେ । ତା'ପର ଠାରୁ ଆମେ ଆମ ସୈନିକ ଶକ୍ତି ସୁଦୃଢ଼ କରିଛୁ ।

ଏ ଆକ୍ରମଣ ଯୋଗୁ ଦେଶରେ ଭୟ ଖେଳିଗଲା ଯେ ଚୀନ ଆସାମ ଅଧିକାର କରିନେବ । ଚୀନର ଆକ୍ରମଣ ଲାଗି ରହିଥିଲେ, ନେଫାରେ ଆମ ଦୁରାବସ୍ଥା ଦେଖିଲେ, ମନେ ହେଉଥିଲା ଯେ ଆମେ ତାହା ବନ୍ଦ କରିପାରିବୁ ନାହିଁ । ଏଥିପାଇଁ ଆସାମରେ ଆଶଙ୍କା ଖେଳିଗଲା । ଏପରି ଲାଗୁଥିଲା ଯେ ବୋଧହୁଏ ଆମକୁ ଆସାମ ଖାଲି କରିବାକୁ ପଡିବ । ଜବାହରଲାଲଜୀ ସେତେବେଳେ ଆକାଶବାଣୀରେ ଯେଉଁ ସନ୍ଦେଶ ପ୍ରସାରିତ କଲେ ସେଥିରେ ଏହି ଆଶଙ୍କା ପ୍ରତିଧ୍ୱନିତ ହେଉଥିଲା । ଫଳରେ ଏହାର ବହୁତ ବିପରୀତ ପ୍ରଭାବ ପଡିଲା ।

ଭାରତ ପକ୍ଷେ ଏ ପରାଜୟ ବହୁତ ଲଜ୍ଜାଜନକ ଥିଲା । ଏଥିରେ ବିଦେଶରେ ଭାରତର ପ୍ରତିଷ୍ଠାରେ ଆଞ୍ଚ ଆସିଲା ଓ ଜବାହରଲାଲଜୀଙ୍କୁ ଗଭୀର ଆଘାତ ଲାଗିଲା । ଚୀନ ସମ୍ବନ୍ଧରେ ତାଙ୍କର ସବୁ ଅନୁମାନ ଭୁଲ ପରିଣତ ହେଲା । ତାଙ୍କର ଶାରୀରିକ ବଳ ଭାଙ୍ଗିପଡିଲା । କେବଳ ନିଜ ମନୋବଳରେ କାମ ଚଳାଉଥିଲେ । ଶେଷରେ ସେ ବେମାରି ପଡିଲେ ଓ ୧୯୬୪ରେ ତାଙ୍କର ଦେହାବସାନ ହୋଇଗଲା ।

୧୯୫୮ରେ ଚୀନ ତରଫରୁ ବିପଦ ଆଶଙ୍କା ବିଷୟରେ ଆମେ ମନ୍ତ୍ରୀମଣ୍ଡଳରେ ବିଚାର କରୁଥିଲୁ, ସେତେବେଳେ ରକ୍ଷାମନ୍ତ୍ରୀ ଶ୍ରୀ କୃଷ୍ଣ ମେନନ୍‌ଙ୍କର ରୀତିନୀତି ଅଦ୍‌ଭୁତ ଜଣାପଡୁଥିଲା । ମୋ ମତ ଥିଲା ଯେ ଚୀନ ୧୯୫୮-୫୯ରେ ଲଦାଖରେ ଯେଉଁ କ୍ଷେତ୍ର ଅଧିକାର କରିଛି ତାକୁ ଫେରାଇ ଆଣିବା ଉଚିତ । କିନ୍ତୁ ଏ ବିଷୟରେ ଶ୍ରୀ ମେନନ୍‌ଙ୍କ ଭାବନାରେ କିଛି ଶିଥିଳତା ଜଣାପଡିଲା । ତେଣୁ ମୁଁ ଜବାହରଲାଲଜୀଙ୍କ ଘରକୁ ଯାଇ ତାଙ୍କୁ ସାକ୍ଷାତ କରି କହିଲି, "ଏ ବିଷୟରେ ଢିଲା କଲେ, ଦେଶ ଆମକୁ କ୍ଷମା କରିବ ନାହିଁ -- ଏଥିରେ ମୋ ମନରେ ସନ୍ଦେହ ନାହିଁ । ଅତଃ ପରିସ୍ଥିତି ଯାହା ହେଉ ନା କାହିଁକି, ଆମମାନଙ୍କୁ ଶକ୍ତିଶାଳୀ ହୋଇ ସେ ଭୂଭାଗ ଫେରାଇ ଆଣିବା ଉଚିତ ।" ଜବାହରଲାଲଜୀ ଏଥିରେ ମୋ ସହିତ ଏକମତ ହେଲେ ଓ ସେ ତଥା ପନ୍ଥଜୀ ସେ ସମ୍ବନ୍ଧରେ ସଙ୍କଳ୍ପବଦ୍ଧ ମନୋଭାବ ପୋଷଣ କଲେ ।

୧୯୬୨ ଶେଷ ଭାଗରେ ଯେତେବେଳେ ଚୀନ ଆକ୍ରମଣ କରିଥିଲା, ସଂସଦରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ସ୍ୱୀକାର କରି ଆକ୍ରମଣ ମୁକାବିଲା କରିବା ପାଇଁ ଓ ଚୀନ ବଳପୂର୍ବକ ଅଧିକାର କରିଥିବା ଆମ ଭୂମି, ଚୀନଠାରୁ ଫେରାଇ ଆଣିବା ପାଇଁ ନିଷ୍ପତ୍ତି ଘୋଷଣା କରାଗଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଆମେ ସେ ଭୂମି ଫେରାଇ ଆଣି ପାରିଲୁ ନାହିଁ ।

୧୯୬୨ରେ ଆକ୍ରମଣ ବେଳେ ମୁଁ ଜବାହରଲାଲଜୀଙ୍କୁ କହିଥିଲି, "ତିବ୍ବତରେ ଚୀନର ଯେଉଁ ସୈନିକ ଛାଉଣି ପ୍ରତିଷ୍ଠା କରାଯାଇଛି -- ଯାହାସବୁ ସେ ସମୟରେ କମ୍ ଥିଲା -- ତା'ଉପରେ ବୋମା ବର୍ଷଣ କରି ନଷ୍ଟ କରିପାରିଲେ ଚୀନ୍‌କୁ ସେଠାରୁ ହଟାଇ ପାରିବା ।" କିନ୍ତୁ ଜବାହରଲାଲଜୀଙ୍କୁ ଲାଗୁଥିଲା ଯେ ଆମେ ଏପରି କଲେ ଚୀନ ଆମ କଲିକତା ତଥା ଉତ୍ତର ପ୍ରଦେଶର କେତେକ ସହର ଉପରେ ଓ ଦିଲ୍ଲୀ ଆଦି ଉପରେ ବୋମା ବର୍ଷଣ କରିବ । ଏହାଦ୍ୱାରା ବହୁତ କ୍ଷତି ହେବ ଓ ଆମ ଲୋକଙ୍କ ମଧ୍ୟରେ ନିରାଶାର ଛାୟା ଖେଳିଯିବ । ସେଥିପାଇଁ ସେ ମୋ ପ୍ରସ୍ତାବ ମଞ୍ଜୁର କଲେ ନାହିଁ ।

ଚୀନ ଦ୍ୱାରା ପରାସ୍ତ ହୋଇଯିବା ପରେ ସଂସଦରେ ତଥା ବିଶେଷ କରି କଂଗ୍ରେସ ଦଳରେ ଶ୍ରୀ କୃଷ୍ଣ ମେନନ୍‌ଙ୍କ ପ୍ରତି ତୀବ୍ର ବିରୋଧ ଉତ୍ପନ୍ନ ହେଲା । କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ସେକ୍ରେଟେରୀ ଜବାହରଲାଲଜୀଙ୍କ ଉପରେ ଶ୍ରୀ କୃଷ୍ଣ ମେନନ୍‌ଙ୍କୁ ମନ୍ତ୍ରୀ ପଦରୁ ହଟାଇବା ପାଇଁ ଦାବି କଲେ । ଜବାହରଲାଲଜୀ

Digitized by srujanika@gmail.com

ପ୍ରଥମେ ତ ଏକଥା ମାନିବାକୁ ପ୍ରସ୍ତୁତ ନ ଥିଲେ ଓ ଶ୍ରୀ ମେନନ୍‌ଙ୍କୁ ବାହାର କରିବାକୁ ସେ ପରିଷ୍କାର ମନା କରିଦେଲେ । କିନ୍ତୁ ଯେତେବେଳେ କାର୍ଯ୍ୟକାରୀ କମିଟି ବହୁତ ଜୋର ଦେଲା, ତଥା ଜବାହରଲାଲଜୀ ନ ମାନିଲେ ଚରମ ପଦକ୍ଷେପ ନେବା ପାଇଁ ଧମକ ଦେଲା ସେତେବେଳେ ଆଉ କିଛି ଚାରା ନ ପାଇ ରକ୍ଷା ବିଭାଗକୁ ଦୁଇଭାଗ କରି ଗୋଟିଏ ଭାଗ ଶ୍ରୀ କୃଷ୍ଣ ମେନନ୍‌ଙ୍କୁ ଦେଇ ଅନ୍ୟ ଭାଗଟି ନିଜ ପାଖରେ ରଖିଲେ । କିନ୍ତୁ ଏଥିରେ କେହି ସନ୍ତୁଷ୍ଟ ହେଲେ ନାହିଁ । କିଛି ସହଯୋଗୀ ଜବାହରଲାଲଜୀଙ୍କୁ କହିଥିବେ ଯେ ଏପରି କଲେ ବିରୋଧ ବନ୍ଦ ହୋଇଯିବ, ତେଣୁ ସେ ଏପରି କଲେ । ମୁଁ ଏ ବିଷୟରେ ଜବାହରଲାଲଜୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲି ଓ କହିଥିଲି ଯେ ଏପ୍ରକାର ନୀତି ଆଦୌ ଉପଯୋଗୀ ନୁହେଁ । ଶ୍ରୀ କୃଷ୍ଣ ମେନନ୍‌ଙ୍କୁ ପଦମୁକ୍ତ କରାନଗଲେ ତାଙ୍କ ପ୍ରତି ଏ ବିରୋଧ ଉଗ୍ର ରୂପ ଧାରଣ କରିବ ଓ ସମସ୍ତଙ୍କୁ ଏହାର ପରିଣାମ ଭୋଗିବାକୁ ପଡିବ । ଏପରିକି ହିଂସାକାଣ୍ଡ ହେବା କିଛି ଆଶ୍ଚର୍ଯ୍ୟ ନୁହେଁ । କେତେ ଲୋକ ହତ୍ୟା କଥା ମଧ୍ୟ କହୁଥିଲେ । ଏସବୁ କହି ଶ୍ରୀ ମେନନ୍‌ଙ୍କୁ ମନ୍ତ୍ରୀ ପଦରୁ ଶୀଘ୍ର ବାହାର କରିବାକୁ ମୁଁ ଜବାହରଲାଲଜୀଙ୍କୁ ଆଗ୍ରହ କଲି ।

ଏହାର ଦ୍ୱିତୀୟ ବା ତୃତୀୟ ଦିନ ସେ ଶ୍ରୀ ମେନନ୍‌ଙ୍କୁ ହଟାଇଲେ ସତ କିନ୍ତୁ ବହୁ ଅନିଚ୍ଛା ସହିତ । ମୋର ମନେ ହୁଏ, ମୁଁ ଯେଉଁପରି ତାଙ୍କୁ ଆଗ୍ରହ କରିଥିଲି, ସେଇପରି ରାଷ୍ଟ୍ରପତି ତଥା ଅନ୍ୟ ସହଯୋଗୀମାନେ ତାଙ୍କୁ କହିଥିବେ । ଏହିପରି ସବୁ ଦିଗରୁ ଚାପ ପଡିବାରୁ ଜବାହରଲାଲଜୀ ଶ୍ରୀ ମେନନଙ୍କୁ ହଟାଇବା ମଞ୍ଜୁର କରିଲେ । ଏକ ସମୟରେ ପରିସ୍ଥିତି ଏପରି ହୋଇଯାଇଥିଲା ଯେ ଜବାହରଲାଲଜୀ ଶ୍ରୀ ମେନନ୍‌ଙ୍କୁ ନ ହଟାଇ ଯଦି କହିଥାନ୍ତେ ଯେ ତାଙ୍କ ବଦଳରେ ମୁଁ ନିଜେ ହଟିଯିବା ପସନ୍ଦ କରୁଛି, ତେବେ ତାଙ୍କ ତ୍ୟାଗପତ୍ର ମଞ୍ଜୁର କରିବାକୁ ମଧ୍ୟ ବହୁତ ଲୋକ ପ୍ରସ୍ତୁତ ଥିଲେ । ଏସବୁ ଦେଖିକରି ଜବାହରଲାଲଜୀ କୃଷ୍ଣ ମେନନ୍‌ଙ୍କୁ ବାହାର କରିବାକୁ ବାଧ୍ୟ ହୋଇଥିଲେ ।

ଏହାପରେ ରକ୍ଷା ମନ୍ତ୍ରୀ କାହାଙ୍କୁ କରାଯିବ ଏ ବିଷୟରେ ଜବାହରଲାଲଜୀ ମୋ ସହିତ ପରାମର୍ଶ କରିଥିଲେ । ଏଥିପାଇଁ ବିଶେଷତଃ ଦୁଇ ଜଣଙ୍କ ନାମ ବିଚାରଣୀୟ ଥିଲା -- ଏକରେ ଶ୍ରୀ ବିଜୁ ପଟ୍ଟନାୟକ ଓ ଦୁଇରେ ଶ୍ରୀ ଯଶୋବନ୍ତ ରାଓ ଚୌହ୍ୱାନ । ଶ୍ରୀ ପଟ୍ଟନାୟକଙ୍କ ବିଷୟରେ ଜବାହରଲାଲଜୀଙ୍କୁ ଲାଗିଲା ଯେ ତାଙ୍କୁ ନେବା ଉଚିତ ହେବ ନାହିଁ । ତେଣୁ ତାଙ୍କ ନାମ ଛାଡି ଦେଲେ । ଶ୍ରୀ ଚୌହ୍ୱାନଙ୍କ ବିଷୟରେ ମୁଁ କହିଥିଲି, ଶ୍ରୀ ଚୌହ୍ୱାନ ସେ ପଦ ପାଇଁ ଉପଯୁକ୍ତ ବ୍ୟକ୍ତି ଓ ତାଙ୍କୁ ରକ୍ଷାମନ୍ତ୍ରୀ କରାଗଲେ ନିଯୁକ୍ତିର ସ୍ୱାଗତ ହେବ ।

ଶ୍ରୀ ଚୌହ୍ୱାନ ରକ୍ଷା ମନ୍ତ୍ରୀ ନିଯୁକ୍ତ ହେଲେ । ଜବାହରଲାଲଜୀ ଏ ବିଷୟରେ ଶ୍ରୀ ଚୌହ୍ୱାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ ଓ ଶ୍ରୀ ଚୌହ୍ୱାନ ସ୍ୱାଭାବିକ ଭାବେ, ପ୍ରସନ୍ନତା ପୂର୍ବକ ଏହା ସ୍ୱୀକାର କରିଥିଲେ ।

ଏହା ଫଳରେ ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀଙ୍କ ସ୍ଥାନ ଖାଲି ହେଲା । ସେଥିପାଇଁ କିଛି ଟଣାଓଟରା ହେଲା । କିନ୍ତୁ ଶ୍ରୀ କନ୍ନାମୱାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ସ୍ୱୀକାର କରାଗଲା ଓ ସେ ମୁଖ୍ୟମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଲେ ।

ଶ୍ରୀ ଚୌହ୍ୱାନ ଦିଲ୍ଲୀ ଆସି କିଛି ଦିନ ମୋ ସାଥିରେ ରହିଲେ । ସେ ଆଗରୁ କୌଣସି କାମରେ ଦିଲ୍ଲୀ ଆସିଲେ ମୋ ଘରେ ରହୁଥିଲେ । ବମ୍ବେରେ ମୋର ଅନ୍ୟ କେତେ ସହଯୋଗୀ ମଧ୍ୟ ଏହିପରି ମୋର ଘରେ ରହୁଥିଲେ ।

Digitized by srujanika@gmail.com

(୨୮) ୧୯୬୩-୬୪ ବଜେଟ ଓ ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଦେଶ

୧୯୬୨ ମସିହା ଶେଷ ଆଡକୁ ଯେତେବେଳେ ଚୀନ ନେଫା ଉପରେ ଆକ୍ରମଣ କରିଥିଲା ସେତେବେଳେ କେତେଜଣ ସହଯୋଗୀ ଓ ଜବାହରଲାଲଜୀଙ୍କର ମଧ୍ୟ ବିଚାର ଥିଲା ଯେ ସପ୍ଲିମେଣ୍ଟାରୀ ବଜେଟ ପେଶ କରି ଯୁଦ୍ଧ ପାଇଁ ଲୋକମାନଙ୍କ ଉପରେ କିଛି ଅଧିକ କର ବସାଇବା ଦରକାର । ଏ ସମ୍ବନ୍ଧରେ ବହୁତ ବିଚାର କରିବା ପରେ ମୁଁ ଏ ନିଷ୍ପତ୍ତିରେ ପହଞ୍ଚିଲି ଯେ ଯଦି ଆମେ ଏପରି କରୁ ତେବେ ସୈନିକ କ୍ଷମତା ବଢାଇବା ପାଇଁ, ଆମକୁ ବର୍ତ୍ତମାନ ଯେଉଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ହେବ, ଯେଉଁ ସକାଶେ ଭବିଷ୍ୟତରେ ସରକାରୀ ଆୟ ମଧ୍ୟ ବଢାଇବାକୁ ହେବ, ସେଥିରେ ବହୁତ ଅସୁବିଧା ଉପୁନ୍ନ ହେବ । ଡିସେମ୍ବରରେ ହିଁ ଆମେ କିଛି ପଦକ୍ଷେପ ନେଲେ ତାହା ତରବରିଆ ହେବ ଓ ୧୯୬୩ ଫେବୃୟାରୀରେ ଯେଉଁ ବଜେଟ ତିଆରି ହେବ ସେଥିରେ ଅସୁବିଧା ଦେଖାଦେବ । ଚୀନ ଆକ୍ରମଣର ସମ୍ମୁଖୀନ ହେବା ପାଇଁ ଦେଶବାସୀମାନେ ସ୍ୱଇଚ୍ଛାରେ ପଚାଶ କୋଟି ଟଙ୍କାର ଯେଉଁ ଧନରାଶି ରାଷ୍ଟ୍ରୀୟ କୋଷକୁ ପ୍ରଦାନ କରିଛନ୍ତି ତାକୁ ବିଚାର କରି କର ବୃଦ୍ଧି କାମ ଫେବୃୟାରୀରେ କରିବା ଠିକ୍ ହେବ । ମୁଁ ଜବାହରଲାଲଜୀଙ୍କୁ ଏକଥା ବୁଝାଇବାରୁ ସେ ଏକଥା ମାନିଗଲେ । ଅତଃ ୨୮ ଫେବୃୟାରୀ, ୧୯୬୩ରେ ମୁଁ ଯେଉଁ ବଜେଟ ଉପସ୍ଥାପନ କରିଥିଲି ତାହା ସବୁ ଦିଗରୁ ବିଚାର କରି ନୂଆ କର ସମ୍ବଳିତ ବଜେଟ ପ୍ରସ୍ତୁତ କରାଯାଇଥିଲା ।

ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଇନ ଏହା ଆଗରୁ ସଂସଦରେ ଦାଖଲ କରାଯାଇଥିଲା । ସ୍ୱର୍ଣ୍ଣ ନିୟନ୍ତ୍ରଣ ପାଇଁ ଜବାହରଲାଲଜୀ, କୃଷ୍ଣ ମେନନ୍ ଆଦି, ମୁଁ ଅର୍ଥ ମନ୍ତ୍ରୀ ହେବା ଦିନରୁ, ଆଇନ ତିଆରି କରିବାକୁ କହୁଥିଲେ । ମୁଁ ମଧ୍ୟ ଏଇ କଥା ଭାବୁଥିଲି । କିନ୍ତୁ ସେଥିପାଇଁ ଦୃଢନୀତି ନିର୍ଦ୍ଧାରଣ ନ କରିବା ପର୍ଯ୍ୟନ୍ତ ଏ ଆଇନ ତିଆରି କରିବା ମତେ ବିପଜ୍ଜନକ ଜଣାପଡୁଥିଲା । ତେଣୁ ସବୁ ଦୃଷ୍ଟିକୋଣରୁ ବିଚାର କରି ସ୍ୱର୍ଣ୍ଣ ନିୟନ୍ତ୍ରଣ ପାଇଁ ମୁଁ ଗୋଟିଏ ଯୋଜନା ତିଆରି କରିଲି ଓ ୧୯୬୨ ଜୁଲାଇ ମାସରେ ମୁଁ ଯେତେବେଳେ ଜବାହରଲାଲଜୀଙ୍କ ସାଥିରେ ଲଣ୍ଡନ ଯାଇଥିଲି ସେତେବେଳେ ଏ ଯୋଜନା ତାଙ୍କୁ ଦେଖାଇ ସେଥିରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବାକୁ ଅନୁରୋଧ କରିଥିଲି । ସେ ଏ ଯୋଜନାକୁ ଦେଖି ନିଜର ସମ୍ମତି ପ୍ରଦାନ କରିଥିଲେ । ଯେତେବେଳେ ଚୀନ ଆମ ସୀମା ଆକ୍ରମଣ କଲା ସେତେବେଳେ ମତେ ଲାଗିଲା ଯେ ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଇନ ଲାଗୁ କରିବା ପାଇଁ ଏହା ଉପଯୁକ୍ତ ସମୟ । କାରଣ ସେଇ ସମୟରେ ଲୋକମାନେ ଏପରି ବ୍ୟବସ୍ଥାକୁ ସମର୍ଥନ କରିବେ । ଦେଶ ଯେଉଁ ସଙ୍କଟଜନକ ପରିସ୍ଥିତିରେ ଗତି କରୁଛି, ସେଥିରୁ ରକ୍ଷା ପାଇବାକୁ ଲୋକମାନଙ୍କୁ କଷ୍ଟ ହେଲେ ମଧ୍ୟ ସେମାନେ ଏ ବ୍ୟବସ୍ଥା ସ୍ୱୀକାର କରିନେବେ ।

ସ୍ୱର୍ଣ୍ଣ ନିୟନ୍ତ୍ରଣର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାହାରୁ ଆମ ଦେଶକୁ ଚୋରାରେ ଆସୁଥିବା କୋଟି କୋଟି ଟଙ୍କାର ସୁନା ଆମଦାନୀ ବନ୍ଦ କରିବା । ସୁନା ପ୍ରତି ଆକର୍ଷଣ କମ୍ ନହେଲେ ସୁନାର ଚାହିଦା କମ୍ ହେବ ନାହିଁ । ସୁନାର ଚାହିଦା କମ୍ ନ ହେବା ପର୍ଯ୍ୟନ୍ତ ଚୋରାରେ ସୁନା ଆମଦାନୀ ବନ୍ଦ କରିବା କଷ୍ଟକର ହେବ । ତେଣୁ ସୁନା ପ୍ରତି ଲୋକମାନଙ୍କର ଆକର୍ଷଣ କମ୍ କରିବା ଦରକାର ଥିଲା । ଚୋରାରେ ଯେଉଁ ସୁନା ଆସୁଥିଲା ତାକୁ ଲୁଚେଇ ଛପେଇ ରିଫାଇନେରୀରେ ତରଳାଇ ଦିଆଯାଉଥିଲା । ତରଳାଇବା ପରେ ଏ ସୁନା ଚୋରାରେ ଦେଶକୁ ଆସିଛି ବୋଲି କହିବା ଅସମ୍ଭବ ହେଉଥିଲା । ସୁନା ଆମଦାନୀ ଉପରେ କଟକଣା ଆମ ଦେଶରେ ବହୁବର୍ଷ ଆଗରୁ ଲାଗୁ କରାଯାଇଥିଲା । କିନ୍ତୁ ସୁନା କାରବାର ଦେଶରେ ଖୋଲା ବଜାରରେ ବିନା ପ୍ରତିବନ୍ଧକରେ ଚାଲୁଥିଲା । ତେଣୁ ସୁନା ଉପରେ ନିୟନ୍ତ୍ରଣ ନ କରିବା ପର୍ଯ୍ୟନ୍ତ ବାହାରୁ ଆସୁଥିବା ସୁନାର ପରିମାଣ କମିବା ଅସମ୍ଭବ ଥିଲା ।

Digitized by srujanika@gmail.com

ଦେଶକୁ ଚୋରାରେ ସୁନା ଆସିବାର ଦୁଇଟି କାରଣ ଥିଲା । ଆମ ଦେଶରେ ଅନ୍ୟାନ୍ୟ ଦେଶ ଅପେକ୍ଷା ସୁନା ଗହଣା ପ୍ରତି ଗଭୀର ଆକର୍ଷଣ ହଜାର ହଜାର ବର୍ଷରୁ ରହିଆସିଛି । ଦେଶରେ ଥିବା ସୁନା ଖଣିରୁ ବହୁତ କମ୍ ସୁନା ଉତ୍ପାଦନ ହୁଏ । କିନ୍ତୁ ସୁନାର ଚାହିଦା ବେଶି । ଫଳରେ ଆମ ଦେଶରେ ସୁନାର ମୂଲ୍ୟ ପୃଥିବୀର ମୂଲ୍ୟର ଦେଢ ବା ଦୁଇଗୁଣ ଅଟେ । ତେଣୁ ଚୋରାରେ ସୁନା ଆଣୁଥିବା ଚୋରା ବେପାରୀମାନଙ୍କର ବହୁତ ଲାଭ ହେଉଥିଲା । ଚୋରାରେ ବାହାରୁ ଆସୁଥିବା ସୁନାର ମୂଲ୍ୟ ବାବଦକୁ ବହୁତ ଧନ ଦେଶ ବାହାରକୁ ଯାଉଥିଲା ଫଳରେ ଟଙ୍କାର ମୂଲ୍ୟ କମିଯାଉ ଥିଲା । ସରକାରୀ ଭାବେ ଗୋଟିଏ ପାଉଣ୍ଡ ବଦଳାଇବାର ମୂଲ୍ୟ ଥିଲା ତେରଟଙ୍କା ଦଶ ଅଣା । କିନ୍ତୁ ଏ ଚୋରା ବେପାରରେ ଟଙ୍କାର ମୂଲ୍ୟ କମିଯାଇ ଗୋଟିଏ ପାଉଣ୍ଡ ମୂଲ୍ୟ ଏକୋଇଶ ଟଙ୍କା ପର୍ଯ୍ୟନ୍ତ ଯାଇଥିଲା । ହଂକଂଗରେ ମଧ୍ୟ ଏହିପରି ଟଙ୍କା ବଦଳା ଯାଉଥିଲା । ସେଠାରେ ସରକାରୀ ସ୍ତରରେ ଗୋଟିଏ ଡଲାରର ବିନିମୟ ମୂଲ୍ୟ ଥିଲା ଚାରିଟଙ୍କା ପଚସ୍ତରୀ ପଇସା କିନ୍ତୁ ଏ ବେପାରରେ ସାତଟଙ୍କା ଅଶୀ ପଇସାରୁ ଆଠଟଙ୍କା ମାଗୁଥିଲେ । କହିବା ଅନାବଶ୍ୟକ ଯେ ଏହା କଳାବଜାର ମୂଲ୍ୟ ଥିଲା । ସରକାରୀ ସ୍ତରରେ କାରବାର ନିର୍ଦ୍ଧାରିତ ମୂଲ୍ୟରେ ହେଉଥିଲା । କିନ୍ତୁ ଏପରି ବେପାରରେ ଅର୍ଥାତ ଚୋରା କାରବାରରେ ଦେଶକୁ ବହୁତ କ୍ଷତି ସହିବାକୁ ପଡୁଥିଲା । ତେଣୁ ସୁନା ଚୋରା କାରବାର ଉପରେ ନିୟନ୍ତ୍ରଣ ଲାଗୁ କରିବା ଅତ୍ୟାବଶ୍ୟକ ହୋଇଯାଇଥିଲା । ଏ ଚୋରା କାରବାର ଅନ୍ୟାନ୍ୟ ପଦାର୍ଥ ପାଇଁ ମଧ୍ୟ ହେଉଥିଲା । କିନ୍ତୁ ଅନ୍ୟାନ୍ୟ ପଦାର୍ଥ ଯୋଗୁ ପାଞ୍ଚସାତ କୋଟି ଟଙ୍କାର ଚୋରା କାରବାର ବେଳେ ସୁନା ପାଇଁ ଦେଶକୁ ପଚାଶ କୋଟିରୁ ଅଧିକ କ୍ଷତି ସହିବାକୁ ପଡୁଥିଲା । ଏହାଦ୍ୱାରା ସରକାରଙ୍କ ବିଦେଶୀ ମୁଦ୍ରା ବହୁତ କମ୍ ହେଉଥିଲା ।

ପରିଶେଷରେ, ୧୯୬୩ ଜାନୁଆରୀରେ ଯେଉଁ ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଇନ ଜାରି କରାଯାଇଥିଲା ସେଥିରେ ଚଉଦ କ୍ୟାରଟ୍ରୁ ଅଧିକ ଖାଣ୍ଟି ସୁନାରେ ଗହଣା ତିଆରି କରିବା ସର୍ବଥା ନିଷେଧ କରାଯାଇଥିଲା । ଅନ୍ୟ ନିୟନ୍ତ୍ରଣଟି ହେଲା ସୁନା ବେପାରୀ ଓ ସୁନା ରିଫାଇନେରୀ ଦ୍ୱାରା କାମ କରୁଥିବା ମାଲିକଙ୍କ ପାଇଁ ଲାଇସେନ୍ସ ନେବା ଅନିବାର୍ଯ୍ୟ କରାଗଲା । ରିଫାଇନେରୀ ଓ ସୁନା ବେପାରୀମାନଙ୍କ ପାଖରେ ଥିବା ସୁନା ଷ୍ଟକ ବତାଇବା ମଧ୍ୟ ଅନିବାର୍ଯ୍ୟ କରାଯାଇଥିଲା । ଅନ୍ୟ ସମସ୍ତଙ୍କ ପାଇଁ ସରକାରଙ୍କ ଦ୍ୱାରା ଘୋଷିତ ସୀମା ଅପେକ୍ଷା ଅଧିକ ସୁନା ଗହଣା ଇତ୍ୟାଦିର ସୂଚନା ଦେବାକୁ କଡା ବ୍ୟବସ୍ଥା କରାଯାଇଥିଲା । ଗୋଟିଏ ନିୟମ ଦ୍ୱାରା ଏହା ବି ଆବଶ୍ୟକ କରାଯାଇଥିଲା ଯେ ବର୍ଷକ ମଧ୍ୟରେ ରିଫାଇନେରୀ ଓ ଲାଇସେନ୍ସ ପ୍ରାପ୍ତ ବେପାରୀମାନଙ୍କ ପାଖରେ ଯାହା ସୁନା ଥିବ ତାହା ଚଉଦ କ୍ୟାରଟରୁ ଅଧିକ ଖାଣ୍ଟି ହୋଇ ନଥିବା ଉଚିତ ।

ଏହାଛଡା ସୁନାର ବଣ୍ଡ ମଧ୍ୟ ଜାରି କରାଯାଇଥିଲା । ଜାନୁଆରୀ ୯ ଦିନ ମୁଁ ମୋର ରେଡିଓ ଭାଷଣରେ ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଦେଶର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲି ।

୧୯୬୩ ଫେବୃୟାରୀରେ ମୁଁ ଯେଉଁ ବଜେଟ ଉପସ୍ଥାପନ କରିଥିଲି ସେଥିରେ ୧୯୬୨-୬୩ରେ ଥିବା ରକ୍ଷା ବ୍ୟୟ ୩୧୫ କୋଟି ଟଙ୍କାକୁ ବଢାଇ ୮୩୮ କୋଟି ଟଙ୍କା ରଖିଥିଲି । ଏହା ସହିତ ପଞ୍ଚବର୍ଷୀୟ ଯୋଜନା ପାଇଁ ପ୍ରଥମେ ଯେତେ ଥିଲା, ୧୯୬୩-୬୪ରେ ତାକୁ ବଢାଇ ୧୬୫୦ କୋଟି କରିଥିଲି । ଦେଶର ଆର୍ଥିକ ବିକାଶ ନହେଲେ ରକ୍ଷାର ସାଧନ ବଢାଯାଇ ପାରିବ ନାହିଁ । ତେଣୁ ବଜେଟ ଦ୍ୱାରା ସେ ଖର୍ଚ୍ଚ ବଢାଇଥିଲି । ଏଥିପାଇଁ କର ଭାର ବହୁତ ବଢାଇବାକୁ ପଡିଲା । ରେଳ ଭଡା ଓ ଉଦ୍ୟୋଗର ସେୟାର ପୁଞ୍ଜି ଉପରେ କର ବଢାଇ ୨୮୦ କୋଟି କରି ଦିଆଯାଇଥିଲା । ଏଥିରୁ ଆବଶ୍ୟକ ଆର୍ଥିକ ସାଧନ ମିଳିଥିଲା । ଆଉ ଗୋଟିଏ ଲକ୍ଷ୍ୟ ଥିଲା ଯେ ଦେଶ ବାହାରୁ, ଲଢେଇ ପାଇଁ ଓ ସାଧାରଣ ବ୍ୟବହୃତ ଜିନିଷର ଆମଦାନୀ

Digitized by srujanika@gmail.com

କମ୍ କରିବା । ସିଧା ଆୟକର ଉପରେ ଥିବା ସରଚାର୍ଯ୍ୟକୁ ୪ରୁ ୧୦ ପ୍ରତିଶତ ବଢାଇ ଦିଆଯାଇଥିଲା । ଏହାଛଡା ଏକ ବିଶେଷ ସରଚାର୍ଯ୍ୟ ମଧ୍ୟ ଲାଗୁ ହୋଇଥିଲା । ଆମଦାନୀ କର ଉପରେ ୧୦ ପ୍ରତିଶତ ସରଚାର୍ଯ ଲାଗୁ କରାହୋଇଥିଲା ତଥା ଚାଳିଶଟି ବସ୍ତୁ ଉପରେ ୧୦ ରୁ ୩୩.୫ ପ୍ରତିଶତ ସରଚାର୍ଯ ଧାର୍ଯ୍ୟ କରାଯାଇଥିଲା ।

ଏହା ସହିତ ଅନିବାର୍ଯ୍ୟ ସଞ୍ଚୟ ଯୋଜନା (କମ୍ପଲ୍‌ସରି ଡିପୋଜିଟ୍ ସ୍କିମ୍) ମଧ୍ୟ ଲାଗୁ କରାଗଲା । କର ଦ୍ୱାରା ସରକାରଙ୍କୁ ପ୍ରାପ୍ତ ରାଶି ଦ୍ୱାରା ଲୋକମାନଙ୍କର ଆୟ କମ୍ ହୋଇଗଲା କିନ୍ତୁ ଅନିବାର୍ଯ୍ୟ ସଞ୍ଚୟ ଯୋଜନା ମାଧ୍ୟମରେ ଲୋକମାନଙ୍କର ଅର୍ଥ ପାଞ୍ଚବର୍ଷ ପରେ ସୁଧ ସହିତ ତାଙ୍କୁ ଫେରାଇ ଦିଆଯିବ, ଏଥିପାଇଁ ସୁଧହାର ୪ ପ୍ରତିଶତ ସ୍ଥିର କରାଯାଇଥିଲା । ଯେଉଁମାନେ ଆୟକର ଦେଉଥିଲେ ଓ ଯେଉଁମାନଙ୍କର ବାର୍ଷିକ ଆୟ ୧୫୦୦ରୁ ୩୦୦୦ ଟଙ୍କା ମଧ୍ୟରେ ଥିଲା ସେଇମାନଙ୍କ ଉପରେ ଏ ଯୋଜନା ଲାଗୁ କରାଯାଇଥିଲା । ଭୂମି କର ଦେଉଥିବା ଓ ୧୫,୦୦୦ ଟଙ୍କାରୁ ଅଧିକ ଅର୍ଥରେ ବ୍ୟାପାର କରୁଥିବା, ଆୟକର ନ ଦେଉଥିବା କିନ୍ତୁ ବିକ୍ରୀ କର ଦେଉଥିବା ବ୍ୟକ୍ତିମାନଙ୍କ ଉପରେ ଏହା ଲାଗୁ ହୋଇଥିଲା । ଏହାଛଡ଼ା ଆୟକର ନ ଦେଉଥିବା ବ୍ୟକ୍ତି ଯାହାଙ୍କର ସହରରେ ସ୍ଥାବର ସମ୍ପତ୍ତି ଥିଲା ସେମାନେ ମଧ୍ୟ ଏ ଯୋଜନା ଅନ୍ତର୍ଭୁକ୍ତ ଥିଲେ ।

ଏ ଯୋଜନା ଲାଗୁ କରିବା ପୂର୍ବରୁ ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ସହିତ ଏ ବିଷୟରେ ବିଚାର ବିମର୍ଶ କରି ନେଇଥିଲି ଓ ତା'ପରେ ହିଁ ଏହା ମଞ୍ଜୁର ହୋଇଥିଲା । ମୁଁ ସବୁ ରାଜ୍ୟ ଅର୍ଥମନ୍ତ୍ରୀଙ୍କୁ କହିଥିଲି ଯେ ସବୁ ରାଜ୍ୟ ଏହି ଯୋଜନା ସହିତ ଏକମତ ହେଲେ ମୁଁ ଏହାକୁ ଲାଗୁ କରିବି, ନହେଲେ ନୁହେଁ । ସମସ୍ତେ ବିନା ଆପତ୍ତିରେ ସ୍ୱୀକାର କରିଥିଲେ । ୧୯୫୨-୫୩ରେ ଯେତେବେଳେ ମୁଁ ବମ୍ବେରେ ଥିଲି ସେତେବେଳେ ଏପରି ଏକ ଯୋଜନା ଜବାହରଲାଲଜୀଙ୍କୁ ଦେଇଥିଲି, କିନ୍ତୁ ତତ୍କାଳୀନ ଅର୍ଥମନ୍ତ୍ରୀ ଏହାକୁ ଗ୍ରହଣ କରିନଥିଲେ । ବର୍ତ୍ତମାନ ଦେଶର ସଙ୍କଟକୁ ଦେଖି ମୋର ଧାରଣା ହୋଇଥିଲା ଯେ ଏ ଯୋଜନା ସ୍ୱୀକାର ହୋଇଯିବ । ସ୍ୱର୍ଣ୍ଣ ନିୟନ୍ତ୍ରଣ ଘୋଷଣାର ଘଣ୍ଟାଏ ଦି ଘଣ୍ଟା ପୂର୍ବରୁ ମନ୍ତ୍ରୀମଣ୍ଡଳରେ ଏ ବିଷୟରେ ଆଲୋଚନା ହୋଇଥିଲା । ସେତେବେଳେ କେତେଜଣ ସହଯୋଗୀଙ୍କର ଆଗ୍ରହ ଥିଲା ଯେ ଏହାକୁ ଆହୁରି କଠିନ କରାଯାଉ ତଥା ଗହଣା ଉପରେ ମଧ୍ୟ ଆହୁରି ପ୍ରତିବନ୍ଧକ ଲଗାଯାଉ । କିନ୍ତୁ ମୁଁ କହିଲି ଯେ ଏକାବେଳେକେ ସବୁ ପ୍ରତିବନ୍ଧକ ଲଗାଇଲେ ଲୋକମାନେ ବିରୋଧ କରିବେ, କାରଣ ବହୁତ ଆଗରୁ ଚଳି ଆସୁଥିବା ପୁରୁଣା ଅଭ୍ୟାସ ଓ ଭାବନା ବିରୁଦ୍ଧରେ ଆମେ ଚାହୁଁଥିବା ପ୍ରତିବନ୍ଧକ ଥରକେ ଲଗାଇ ପାରିବା ନାହିଁ । ବରଂ ବର୍ଷେ ଦି ବର୍ଷ ପରେ ଆମକୁ ଯେମିତି ଯେମିତି ସଫଳତା ମିଳିବା ଲାଗି ରହିବ ସେମିତି ସେମିତି ଗୋଟିଏ ଗୋଟିଏ ଖୋଜ ଆଗକୁ ବଢାଇ ଚାଲିବାକୁ ହେବ । ତା'ପରେ ପ୍ରସ୍ତୁତ ଯୋଜନା ମଞ୍ଜୁର ହୋଇଗଲା । କିନ୍ତୁ ସେତେବେଳେ ଯେଉଁ ଲୋକ ଏହାକୁ ଆହୁରି କଠିନ କରିବାକୁ କହୁଥିଲେ, ସେଇମାନେ ହିଁ ପରେ ଥଣ୍ଡାପଡି ଗଲେ ଓ ମୌନ ରହି ଏହାର ବିରୋଧ କରିଥିଲେ ।

ଅନିବାର୍ଯ୍ୟ ସଞ୍ଚୟ ଯୋଜନାର ଉଦ୍ଦେଶ୍ୟ ହେଲା, ମୁଁ ଯାହା ଆଗରୁ କହିଛି, ବିଶେଷ ବ୍ୟୟ ପାଇଁ ସାଧନ ଯୋଗାଡ କରିବାର ଆବଶ୍ୟକ । ଦ୍ୱିତୀୟ କାରଣ ହେଲା ଲୋକମାନଙ୍କ ମଧ୍ୟରେ ସଞ୍ଚୟ କରିବାର ଅଭ୍ୟାସ ଆଣିବା । ଆମ ଦେଶ ବହୁତ ଗରିବ ଅଟେ । ତେଣୁ ସ୍ୱାଭାବିକ ଯେ ଲୋକମାନଙ୍କ ଆୟ ବଢିଲେ ସେମାନେ ଜୀବନ ଧରଣର ମାନ ବଢାଇବାରେ ସବୁ ଖର୍ଚ୍ଚ କରିଦେବେ । କିନ୍ତୁ ଦେଶର ବିକାଶ ଦରକାର ଓ ଏକଥା ମଧ୍ୟ ସତ ଯେ ଦେଶର ସମ୍ପତ୍ତି ବଢିଲେ ଲୋକମାନଙ୍କର ଅବସ୍ଥା ସୁଧୁରି ପାରିବ । ସମ୍ପତ୍ତି ବୃଦ୍ଧି ପାଇଁ ବହୁତ ପୁଞ୍ଜି ଉଦ୍ୟୋଗରେ ଲଗାଇବା ଛଡ଼ା ଅନ୍ୟ ଉପାୟ ନାହିଁ -- ଏକଥା ସମସ୍ତେ ଜାଣନ୍ତି । ଏକଥା ମଧ୍ୟ ସତ ଯେ ଜନତା ସାହାଯ୍ୟ ନକଲେ ପୁଞ୍ଜି ଏକାଠି ଜମା କରିବା ଅସମ୍ଭବ ।

Digitized by srujanika@gmail.com

ପୁଞ୍ଜି ଏକାଠି କରିବାର ଚାରିଟି ସାଧନ ଅଛି । (୧) କର ଭାର, (୨) ଜନତାଙ୍କଠାରୁ ଋଣ, (୩) ବିଦେଶୀ ସହାୟତା ଓ (୪) ସରକାରୀ ଉଦ୍ୟୋଗରୁ ଲାଭ ।

କର ଭାର ପ୍ରଥମରୁ ତ ବହୁତ ଥିଲା । ଏହାକୁ ଏଥର ମଧ୍ୟ ବଢାଇଥିଲି । ଏହାକୁ ଅଧିକ ବଢାଇବା ସମ୍ଭବ ନଥିଲା କାରଣ ଗରିବ ଦେଶରେ କର ସୀମିତ ଭାବେ ଲଗାଯାଇପାରେ । ଋଣ ମଧ୍ୟ ସୀମିତ ରୂପେ ମିଳିପାରେ । ବିଦେଶୀ ସହାୟତା ମିଳିପାରେ କିନ୍ତୁ ଏହାକୁ ବେଶି ନେବା ହିତକର ନୁହେଁ । ଆବଶ୍ୟକତାର ୧୦/୧୫ ପ୍ରତିଶତ ମାତ୍ର ନିଆଯାଇପାରେ । ଏହାଠାରୁ ବେଶି ନେଲେ ପରିଶୋଧ କରାଯାଇ ପାରିବ ନାହିଁ ଓ ଶେଷକୁ ଆର୍ଥିକ କ୍ଷତି ସହିବାକୁ ହେବ । ସରକାରୀ ଉଦ୍ୟୋଗରୁ କିଛି ବିଶେଷ ଲାଭ ହୁଏ ନାହିଁ ବରଂ କେତେକ ଉଦ୍ୟୋଗ କ୍ଷତିରେ ଚାଲେ । ଯେତେଦିନ ଯାଏ ଏସବୁକୁ ଅଧିକ କାର୍ଯ୍ୟକ୍ଷମ କରାନଯାଏ, ସେତେଦିନ ଯାଏ ସେଥିରେ ଉଲ୍ଲେଖନୀୟ ଲାଭ ହେବାର ସମ୍ଭାବନା ନଥାଏ । ତେଣୁ କର ତଥା ଋଣ ଉପରେ ବେଶି ନିର୍ଭର କରିବାକୁ ପଡ଼ିଲା । କିନ୍ତୁ, ମୁଁ ଯାହା ଆଗରୁ କହିଛି, ଗରିବ ଦେଶରେ ଲୋକମାନଙ୍କ ଆୟ କମ୍ ହୋଇଥିବାରୁ ସାର୍ବଜନିକ ଋଣ କ୍ଷେତ୍ର ବହୁତ ସଂକୀର୍ଣ୍ଣ ଅଟେ । ଅତଃ ଲୋକମାନଙ୍କ ମଧ୍ୟରେ ସଞ୍ଚୟ ଅଭ୍ୟାସ ରହିଲେ ଆର୍ଥିକ ସମ୍ପଦ ଏକାଠି ହୋଇପାରେ । ତେଣୁ ଅନିବାର୍ଯ୍ୟ ସଞ୍ଚୟ ଯୋଜନା ଲାଗୁ କରାଯାଇ ଥିଲା ।

ସାମାନ୍ୟ ରୂପେ ଉପରୁ ଦେଖିଲେ ୧୫୦୦ ରୁ ୪୦୦୦ ଟଙ୍କା ବାର୍ଷିକ ଆୟ କରୁଥିବା ବ୍ୟକ୍ତିମାନଙ୍କ ଠାରୁ ସଞ୍ଚୟ ଆଶା କରିବା କଠୋର ଲାଗେ । କିନ୍ତୁ ଭଲ ଭାବରେ ବିଚାର କଲେ କଠୋର ଜଣାପଡୁଥିବା ଏ ଯୋଜନାରେ ଶେଷରେ ଦେଶର ଓ ବ୍ୟକ୍ତି ବିଶେଷଙ୍କର ଲାଭ ହୁଏ । ମୁଁ ଯେଉଁଠାରେ ଲୋକମାନଙ୍କୁ ଏକଥା ବୁଝାଇଲି ସେମାନେ ଏକଥା ସାଙ୍ଗେ ସାଙ୍ଗେ ସ୍ୱୀକାର କରି ନେଉଥିଲେ । ବର୍ଷକୁ ୧୫୦୦ ଟଙ୍କା ଆୟ କରୁଥିବା ଲୋକକୁ ଏହି ଯୋଜନାରେ ପଚାଶ ଟଙ୍କା ପାଖାପାଖି ଦେବାକୁ ପଡୁଥିଲା । ଏକଥା ସମସ୍ତେ ଜାଣନ୍ତି ଓ ବୁଝନ୍ତି ଯେ ଯାହାର ଆୟ ୧୫୦୦ ଟଙ୍କା ସେ ସେଥିରୁ ବେଶି ଖର୍ଚ୍ଚ କରିପାରିବ ନାହିଁ କାରଣ ମଣିଷକୁ ଉନ୍ନତି କରିବାକୁ ହେଲେ ତା'କୁ ନିଜର ଆୟରୁ ଅଧିକ ଖର୍ଚ୍ଚ କରିବା ଉଚିତ ହେବ ନାହିଁ ବରଂ ଆୟ ଯାହା ଅଛି ସେଥିରୁ କିଛି ସଂଚୟ କରିବାକୁ ଚେଷ୍ଟା କରିବା ଉଚିତ । ଏପରି କରିଲେ ମନୁଷ୍ୟ ଭବିଷ୍ୟତରେ ନିଜର ସ୍ଥିତି ସୁଧାରି ପାରିବ । ଯେଉଁ ବ୍ୟକ୍ତି ଏହା ନକରେ ସେ ଅଧିକ ଖର୍ଚ୍ଚ କରି କରଜ କରେ, ଓ ଏପରି ଅଭ୍ୟାସ ହୋଇଗଲେ ଆୟ ବଢିବା ସହିତ ତା'ର ଖର୍ଚ୍ଚ ମଧ୍ୟ ବଢେ । ଫଳରେ ସେ କରଜରୁ ମୁକ୍ତ ହୋଇପାରେ ନାହିଁ । ଏଇପରି ତା'ର ଆର୍ଥିକ ସ୍ଥିତି ବେଶି ବେଶି ଖରାପ ହୋଇଯାଏ । କିନ୍ତୁ ସେଇ ବ୍ୟକ୍ତି ଅଳ୍ପ କିଛି କିଛି ସଞ୍ଚୟ କରିପାରିଲେ ଓ ଏପରି ଅଭ୍ୟାସ କଲେ ତା'ର ଆୟ ଯେତେ ବଢ଼ିବ ସେ ସେତେ ଅଧିକ ସଞ୍ଚୟ କରିପାରିବ ଓ ନିଜର ଜୀବନ ସ୍ତର ମଧ୍ୟ ଉଠାଇପାରିବ । କାରଣ ଆୟବୃଦ୍ଧି ସହିତ ଅଧିକ ସଞ୍ଚୟ କରି ନିଜର ସ୍ଥିତି ସୁଧାରିବା କ୍ଷମତା ହାସଲ କରିବ । ମାସକୁ ୧୨୫ ଟଙ୍କା ପାଉଥିବା ବ୍ୟକ୍ତି, ୧୨୫ ଟଙ୍କା ଖର୍ଚ୍ଚ ନକରି ୧୨୧ ଟଙ୍କା ଖର୍ଚ୍ଚ କଲେ ତା'ର ଜୀବନ ସ୍ତରରେ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ କିନ୍ତୁ ବର୍ଷକ ମଧ୍ୟରେ ୫୦ ଟଙ୍କା ରଖିପାରିଲେ ଓ ଏପରି ଅଭ୍ୟାସ କଲେ ଅଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ ପାଞ୍ଚ ବର୍ଷ ପରେ ତା'କୁ ସୁଧ ସମେତ ଅଧିକ ରକମ ମିଳିଲେ ତା' ସ୍ଥିତି ଭଲ ହେବାରେ ସହାୟକ ହେବ ।

ଏ ଯୋଜନା ପଛରେ ମୋର ଅନ୍ୟ ଏକ ଲକ୍ଷ୍ୟ ମଧ୍ୟ ଥିଲା ଯାହା ମୁଁ ସେ ସମୟରେ ସଂସଦରେ ପ୍ରକଟ କରି ନଥିଲି, କାରଣ ଯେତେଦିନ ଯାଏ ଏ ଯୋଜନା ସଫଳତାର ସହିତ ଲାଗୁ ନ ହୋଇଛି ସେତେଦିନ ଯାଏ ତା' ଆଗକୁ କଥାବାର୍ତ୍ତା କରିବା ବ୍ୟର୍ଥ ହେବ । ଏହି ଗରିବ ଦେଶରେ ଲୋକମାନଙ୍କୁ ସରକାର ଦ୍ୱାରା ସାମାଜିକ ସଂରକ୍ଷଣ ଯୋଜନା କିଛି ବର୍ଷ ପାଇଁ ସମ୍ଭବ ନ ଥିଲା । ପରିବାରରେ ରୋଜଗାର କରୁଥିବା ବ୍ୟକ୍ତିର

Digitized by srujanika@gmail.com

ହଠାତ ଦେହାବସାନ ହୋଇଗଲେ, ତା'ର ପରିବାର ଅସହାୟ ହୋଇଯାଏ -- ଏଥିରେ ମୋର ନିଜ ଅଭିଜ୍ଞତା ଅଛି । ତେଣୁ ଯଦି ରୋଜଗାର କରୁଥିବା ପ୍ରତ୍ୟେକ ବ୍ୟକ୍ତିର ବୀମା କରାଯାଏ, ତେବେ ଏହା ୫୦୦ ଟଙ୍କା ହେଲେ ମଧ୍ୟ, ସେ ଅଚାନକ ମରିଗଲେ ସେଇ ଟଙ୍କା ପରିବାରକୁ ମିଳିଲେ କିଛି ସହାୟ ତ ହେବ । ଏଥିପାଇଁ ସଞ୍ଚୟ ଯୋଜନାର ସଫଳତା ପରେ ଅନିବାର୍ଯ୍ୟ ବୀମା ଯୋଜନା ଲାଗୁ କରିବା ମୋର ବିଚାର ଥିଲା । କିନ୍ତୁ ଏହା ତିନିଚାରି ବର୍ଷ ପରେ ସମ୍ଭବ ଥିଲା । ମୁଁ, ତେଣୁ, ସେତେବେଳେ ଏ ବିଷୟରେ କିଛି କହି ନଥିଲି ।

ଅନିବାର୍ଯ୍ୟ ସଞ୍ଚୟ ଯୋଜନା ଆରମ୍ଭ କରିବା ବେଳେ କେତେକ ସାମ୍ୟବାଦୀ ତଥା ସମାଜବାଦୀ ଦଳର ଲୋକ ଏହାର ଖୁବ ପ୍ରଶଂସା କରିଲେ । ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଦେଶକୁ ମଧ୍ୟ ସେମାନେ ସ୍ୱାଗତ କରିଲେ ଓ ଏକ ବାସ୍ତବିକ ସାମ୍ୟବାଦୀ କାର୍ଯ୍ୟ ବୋଲି ବିଶ୍ୱାସ କରିଲେ । କିନ୍ତୁ ଏ କଥା କେବଳ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ । ବାହାରେ ସେମାନେ ସମସ୍ତେ ବିରୋଧୀମାନଙ୍କ ସହିତ ମିଶିଥିଲେ । ଏହା ସାର୍ବଜନିକ ତଥା ରାଜନୈତିକ ଜୀବନର ଏକ ଅଦ୍ଭୁତ ବିଶେଷତ୍ୱ ଅଟେ ।

ସଂସଦରେ ଏହି ଦୁଇ ଯୋଜନାର ବିରୋଧ ହେଲା । କରବୃଦ୍ଧିର ମଧ୍ୟ ବିରୋଧ କରାଗଲା । ଦୁଇ ଯୋଜନା ବିରୁଦ୍ଧରେ ବୈଧାନିକ ଆପତ୍ତି ଉଠାଇ କୁହାଗଲାଯେ ଏହା ଆଇନ ସମ୍ମତ ନୁହେଁ । ମୁଁ ଏ ସମ୍ବନ୍ଧରେ ତନତନ ପରୀକ୍ଷା କରିଲି ଓ ଆଇନ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରିଲି । ମତେ ସ୍ପଷ୍ଟ ରୂପେ କୁହାଗଲା ଯେ ଏ ଯୋଜନା ପୂରାପୂରି ଭାବରେ ଆଇନ ସମ୍ମତ ଅଟେ । ତେଣୁ ସଂସଦରେ ମୁଁ ଏହା ହିଁ କହିଲି । କେତେକ ବ୍ୟକ୍ତି ଏଥିପାଇଁ ଆଟର୍ଣ୍ଣି ଜେନେରାଲଙ୍କୁ ସଂସଦକୁ ଡାକିବାକୁ କହିଲେ । ମୁଁ କହିଲି, ଆଟର୍ଣ୍ଣି ଜେନେରାଲଙ୍କୁ ଡାକିବାର ଆବଶ୍ୟକତା ନାହିଁ । ବିରୋଧୀମାନେ ଯେତେବେଳେ ସଂସଦର ଅଧିକାର କଥା ଉଠାଇଲେ, ମୁଁ କହିଲି ଆଟର୍ଣ୍ଣି ଜେନେରାଲଙ୍କୁ ପାର୍ଲାମେଣ୍ଟରେ କହିବାକୁ ଡାକିବା ପାଇଁ ନିର୍ଣ୍ଣୟ ନେବାର ଅଧିକାର କେବଳ ସରକାରଙ୍କର ଅଛି । ତେଣୁ ସର୍ବସମ୍ମତି କ୍ରମେ ସଂସଦରେ ସ୍ଥିର କରାଗଲେ ମଧ୍ୟ ଏହା ମତେ ବାଧ୍ୟ କରିପାରିବ ନାହିଁ । ମୋର ଏହି ବକ୍ତବ୍ୟର ଓଲଟା ଅର୍ଥ ବାହାର କରି କେତେକ ସାଂସଦ ପ୍ରଚାର କରିଲେ ଯେ ମୁଁ ଲୋକତନ୍ତ୍ରରେ ବିଶ୍ୱାସ କରେ ନାହିଁ ।

ସଂସଦୀୟ ଲୋକତନ୍ତ୍ରରେ ମୋର ଆସ୍ଥା କୌଣସି ବ୍ୟକ୍ତିଠାରୁ କମ୍ ନୁହେଁ । କୌଣସି ସ୍ଥିତିରେ ମୁଁ ଲୋକତନ୍ତ୍ର ବ୍ୟତୀତ ଅନ୍ୟ ପ୍ରଣାଳୀ ପସନ୍ଦ କରିପାରେ ନାହିଁ । ମୋର କହିବାର ଥିଲା ଯେ ଯେଉଁ ବିଷୟ ସଂସଦ ଅଧିକାରର ବାହାରେ ସେ ବିଷୟ ସଂସଦ ସରକାର ଉପରେ ଲଦିଦେଇ ନପାରେ, ଓ ତା'ର (ସଂସଦର) ମର୍ଯ୍ୟାଦାକୁ ସମସ୍ତେ ପାଳନ ନ କଲେ ଲୋକତନ୍ତ୍ର ବିପଦରେ ପଡିପାରେ । କିନ୍ତୁ ଏହାର ବିପରୀତ ଅର୍ଥ ମଧ୍ୟ ବାହାର କରାଯାଇ ପାରେ -- ଏ କଥା ସେ ସମୟରେ ମୋ ଧ୍ୟାନରେ ନଥିଲା । କୌଣସି କଥା ଯେତେ ଠିକ୍ ହେଲେ ବି ଓ ସର୍ବଦା ଉପଯୁକ୍ତ ହେଲେ ବି, କେତେକ ପରିସ୍ଥିତିରେ ତାହା କୁହାଯିବା ଉଚିତ ନୁହେଁ -- ଏ କଥା ସେ ସମୟରେ ମୋ ଧ୍ୟାନକୁ ଆସି ନଥିଲା । କିନ୍ତୁ ଏହା ପରେ ମୁଁ ବୁଝିପାରିଲି । ତା'ପରେ ବରାବର ସାବଧାନତା ଅବଲମ୍ବନ କରି ଆସୁଛି । କିନ୍ତୁ ସେତେବେଳେ ମୁଁ ଯାହା କହିଥିଲି ତାହା ବିରୋଧୀମାନେ ପୂରା ଉପଯୋଗ କରିଥିଲେ ଓ ଜାଣିଶୁଣି ସତକୁ ଅସ୍ୱୀକାର କରିଥିଲେ । ମୋ ମନରେ ଏଥିପାଇଁ କିନ୍ତୁ କିଛି ଦୁଃଖ ନଥିଲା କାରଣ ରାଜନୀତିରେ ବିରୋଧୀଲୋକ ଏହିପରି ବ୍ୟବହାର କରନ୍ତି । ଏମାନେ ଯେପରି ଏଭଳି ପରିସ୍ଥିତିର ଲାଭ ନ ଉଠାଇ ପାରନ୍ତି ସେଥିପାଇଁ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ ।

ସଂସଦ ଆଟର୍ଣ୍ଣି ଜେନେରାଲଙ୍କୁ ଡାକିବାକୁ ସରକାରଙ୍କୁ ବାଧ୍ୟ କରିପାରିବେ ନାହିଁ, ଏ କଥା ଜବାହରଲାଲଜୀ ମାନନ୍ତି । ଏ ବିଷୟରେ ତାଙ୍କ ସହିତ ମୁଁ ପ୍ରଥମରୁ କଥାବାର୍ତ୍ତା ହୋଇଥିଲି । କିନ୍ତୁ ଏହାପରେ

Digitized by srujanika@gmail.com

ବିରୋଧୀ ଦଳ ତରଫରୁ କେତେକ ସଦସ୍ୟ ଯେତେବେଳେ ଏକଥା ପ୍ରଚାର ଆରମ୍ଭ କରିଦେଲେ ଯେ ଆଟର୍ଣ୍ଣି ଜେନେରାଲଙ୍କ ମତ ସରକାରଙ୍କ ବିରୁଦ୍ଧରେ ଯାଉଥିବାରୁ ସରକାର ତାଙ୍କୁ (ଆଟର୍ଣ୍ଣି ଜେନେରାଲଙ୍କୁ) ଡାକୁ ନାହାନ୍ତି ସେତେବେଳେ ଜବାହରଲାଲଜୀଙ୍କ ସହିତ ପରାମର୍ଶ କରି, ସେମାନଙ୍କ ପ୍ରଚାର ଠିକ୍ ନୁହେଁ ବୋଲି ପ୍ରମାଣ କରିବା ପାଇଁ ମୁଁ ଆଟର୍ଣ୍ଣି ଜେନେରାଲଙ୍କୁ ଡାକିବାକୁ ସ୍ଥିର କଲି । ତଦନୁସାରେ ଆଟର୍ଣ୍ଣି ଜେନେରାଲ ସଂସଦକୁ ଆସିଲେ ଓ ସେ ମୋର ସମର୍ଥନ କଲେ । କେତେ ପ୍ରଶ୍ନ ସେମାନେ ପଚାରିଲେ -- ସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ସେ ଦେଲେ ।

ସ୍ୱର୍ଣ୍ଣ ନିୟନ୍ତ୍ରଣ ତଥା ଅନିବାର୍ଯ୍ୟ ଯୋଜନାର ବିରୋଧ ତଥାପି ଜାରି ରହିଥିଲା ବରଂ ଆହୁରି ଉଗ୍ରରୂପ ଧାରଣ କଲା । କୁହାଗଲା ଯେ କୃଷକମାନଙ୍କ ଉପରେ ସଞ୍ଚୟ ଯୋଜନା ଲାଗୁ ହେବା ଉଚିତ ନୁହେଁ । ସ୍ୱର୍ଣ୍ଣକାରମାନେ ନିଜ ସଂଗଠନ ଗଢିଲେ ଓ କୁହାଗଲା ଯେ ସ୍ୱର୍ଣ୍ଣ ନିୟନ୍ତ୍ରଣ ଯୋଗୁ ଅନେକ ସ୍ୱର୍ଣ୍ଣକାର ଆତ୍ମହତ୍ୟା କରିଛନ୍ତି । ଏହାର ତଦାରଖ କରିବାରୁ ଜଣାପଡିଲା ଯେ ଆତ୍ମହତ୍ୟା ସ୍ୱର୍ଣ୍ଣ ନିୟନ୍ତ୍ରଣ କାରଣରୁ ନୁହେଁ, ବରଂ ତାଙ୍କର ନିଜର କୌଣସି କଷ୍ଟ ଯୋଗୁଁ ହୋଇଥିଲା । ସ୍ୱର୍ଣ୍ଣକାରୀଙ୍କୁ ନିଜ କାମ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ଥିଲା । କେବଳ ଏତିକି ପ୍ରତିବନ୍ଧକ ଥିଲା ଯେ ଚଉଦ କ୍ୟାରଟରୁ ଅଧିକ ଶୁଦ୍ଧ ସୁନାରେ ଗହଣା ତିଆରି କରିପାରିବେ ନାହିଁ । ଚଉଦ କ୍ୟାରଟ ସୁନାରେ ସେ ତ ଗହଣା ତିଆରି କରିପାରୁଥିଲେ । କିନ୍ତୁ ଏକଥା ସତ ଯେ ସ୍ୱର୍ଣ୍ଣ ନିୟନ୍ତ୍ରଣ କାରଣରୁ ବାହାରୁ ଚୋରା ସୁନା ଆସିବା କମ୍ ହୋଇଗଲା ଯେଉଁ ସକାଶେ ସେମାନେ ଏତେ ବେଶୀ ଗହଣା ତିଆରି କରିପାରୁନଥିଲେ ।

ସ୍ୱର୍ଣ୍ଣ ନିୟନ୍ତ୍ରଣ ଫଳସ୍ୱରୂପ ଚାରି ପାଞ୍ଚ ମାସରେ ହିଁ ପାଉଣ୍ଡର ବିନିମୟ ଦର ୨୧/୨୨ ଟଙ୍କାରୁ ଖସି ୧୫ ଟଙ୍କାରେ ପହଞ୍ଚି ଯାଇଥିଲା । ଏହା ଏଇ ନିୟନ୍ତ୍ରଣର ଉପଯୁକ୍ତତା ତଥା ସଫଳତାର ସ୍ପଷ୍ଟ ପ୍ରମାଣ ଥିଲା ।

ଏହାପରେ ସେ ସମୟରେ ଏହି ଦୁଇ ଯୋଜନା ବିରୁଦ୍ଧରେ ଜବାହରଲାଲଜୀଙ୍କ ଉପରେ ପୁଣି ବହୁତ ଚାପ ପଡିଲା ଯେଉଁ ସକାଶେ ସେ ଦୁଇ ତିନିଥର ଏ ବିଷୟରେ ମୋ ସହିତ କଥାବାର୍ତ୍ତା ମଧ୍ୟ କରିଥିଲେ । ମୁଁ ଯେତେବେଳେ ଏହାର ଉପଯୋଗିତା ବତାଇଲି । ସେ ଏଥିରେ ପରିବର୍ତ୍ତନ କରିବା ଆଗ୍ରହ ତ୍ୟାଗ କରି ସାର୍ବଜନନିକ ରୂପେ ମୋର ସମର୍ଥନ କଲେ ।

ସେ ସମୟରେ ଆୟକର ପାଇଁ ନିମ୍ନତମ ଆୟ ତିନିହଜାର ଟଙ୍କା ଥିଲା । ଏହାକୁ କମାଇ ଦେଢହଜାର କରିବାକୁ ଜବାହରଲାଲଜୀ ଦୁଇଥର ପ୍ରସ୍ତାବ ଆଗ୍ରହ ପୂର୍ବକ ମୋ ସମ୍ମୁଖରେ ରଖିଥିଲେ । ମୁଁ କିନ୍ତୁ ତାଙ୍କୁ କହିଲି ଯେ ଏହାର ଯେଉଁ ବିରୋଧ ହେବ ତାହାକୁ ସେ ରକ୍ଷା କରିପାରିବେ ନାହିଁ ଓ ପରିସ୍ଥିତି ବହୁତ ବିଗିଡି ଯିବ କାରଣ କର ପାଇଁ ଯେତିକି ପଇସା ଲୋକଙ୍କ ପାଖରୁ ଚାଲିଯାଏ, ସେତିକି ତାଙ୍କ ଆୟ କମ ହୋଇଯାଏ । ମୁଁ ତାଙ୍କୁ କହିଲି, ତେଣୁ ଦେଢ ହଜାର ଉପରେ ଲାଗୁ ହୋଇଥିବା ଅଳ୍ପ ସଞ୍ଚୟ ଯୋଜନା ଅଧିକ ଉପଯୁକ୍ତ ଯଥାର୍ଥ ଓ ତ୍ରୁଟି ଶୂନ୍ୟ ଅଟେ । ସଂସଦରେ ଆୟକର ପାଇଁ ନିମ୍ନତମ ଆୟ ତିନି ହଜାର ଟଙ୍କାକୁ ବଢାଇ ସାତ ହଜାର ଟଙ୍କା କରିବାକୁ ଦାବି ହେଉଛି । ଏ ଅବସ୍ଥାରେ ତିନି ହଜାରକୁ କମାଇବାର ତ ଅବକାଶ ନଥିଲା ଓ ମୁଁ ଏହାର ସମର୍ଥନ କରୁନଥିଲି । କାମରାଜ ଯୋଜନାରେ ମୁଁ ମନ୍ତ୍ରୀମଣ୍ଡଳ ଛାଡିବା ପରେ ହିଁ ସେ ସଞ୍ଚୟ ଯୋଜନା ଛାଡି "ଆନୁ୍ୟଟି" ଯୋଜନା ଆରମ୍ଭ କରିବାକୁ ଅନୁମତି ଦେଇଥିଲେ ଓ ସ୍ୱର୍ଣ୍ଣ ନିୟନ୍ତ୍ରଣକୁ ଢିଲା କରିବାକୁ ଅନୁମତି ଦେଇଥିଲେ ।

Digitized by srujanika@gmail.com

ସଂସଦରେ କେତେକ ସଦସ୍ୟ ମତେ କହିଥିଲେ ଯେ ମୁଁ ଏସବୁ ପଦକ୍ଷେପ ନେଇ ମୋର ରାଜନୈତିକ ଜୀବନକୁ ବିପଦସଙ୍କୁଳ କରୁଛି । ମୁଁ ସେମାନଙ୍କୁ କହିଲି ମୋ ରାଜନୈତିକ ଜୀବନ ବିପଦଗ୍ରସ୍ତ ହେଉଛି ତ ହେଉ । କିନ୍ତୁ ବିଚାର କରିବା କଥା ଏହି ଯେ ଦେଶର ହିତ ଦୃଷ୍ଟିରୁ ଏହା କରିବା କଥାକି ନୁହେଁ । ନିଜର ରାଜନୈତିକ ଜୀବନର ଅବସାନ ହୋଇଗଲେ ମୋର କୌଣସି ଚିନ୍ତା ନାହିଁ କାରଣ ସେଥିପାଇଁ ମୋ ମନରେ କୌଣସି ମହତ୍ତ୍ୱାକାଂକ୍ଷା ନାହିଁ । ମୋର ଉଦ୍ଦେଶ୍ୟ କେବଳ ନିଜର କର୍ତ୍ତବ୍ୟ ପାଳନ କରିବା ଓ ଅର୍ଥ ମନ୍ତ୍ରୀ ହିସାବରେ ଦେଶକୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ପାଇଁ ମତେ ସମସ୍ତ ଉପାୟ କରିବା ଉଚିତ । ଏପରି କରିବା ଦ୍ୱାରା ରାଜନୈତିକ ଜୀବନରେ ମୋର ଅସ୍ତିତ୍ୱ ନ ରହିଲେ ମଧ୍ୟ ସେ ପରିଣାମ ମତେ ପ୍ରସନ୍ନତା ପୂର୍ବକ ସ୍ୱୀକାର କରିବା ଉଚିତ । ଏ ସମ୍ବନ୍ଧରେ ମୋ ମନରେ କୌଣସି ଆଶଙ୍କା ନାହିଁ । ଯେଉଁ ସାମ୍ୟବାଦୀମାନେ ଏସବୁ ଉପାୟ ପାଇଁ ବ୍ୟକ୍ତିଗତ ଭାବରେ ମୋର ଅଭିନନ୍ଦନ କରୁଥିଲେ ସେମାନେ ସଂସଦରେ ଓ ବାହାରେ ଏହାର ବିରୋଧରେ ଯୋଗ ଦେଉଥିଲେ । କିନ୍ତୁ ମୁଁ ତ ପ୍ରଥମରୁ ଜାଣିଥିଲି ଯେ ଏମାନଙ୍କଠାରୁ ଆଉ କିଛି ଅପେକ୍ଷା କରାଯାଇ ନପାରେ ।

୧୯୬୩-୬୪ରେ ମୁଁ ଯେଉଁ ବଜେଟ ଉପସ୍ଥାପନ କରିଲି ଏହାଠାରୁ ଅଧିକ କର ଭାର ସେ ପର୍ଯ୍ୟନ୍ତ କୌଣସି ବଜେଟ୍‌ରେ ରଖାଯାଇ ନଥିଲା । କିନ୍ତୁ ଦେଶର ସୁରକ୍ଷା ଦୃଷ୍ଟିରୁ ଏପରି କରିବା ଆବଶ୍ୟକ ଥିଲା -- ଏଥିରେ ମୋ ମନରେ ସନ୍ଦେହ ନଥିଲା । ଜବାହରଲାଲଜୀ ତ ଏହାଠାରୁ ଅଧିକ କର ବସାଇବା ପକ୍ଷରେ ଥିଲେ । କିନ୍ତୁ ପରେ ମୁଁ ଯେଉଁ ବଜେଟ ରଖିଲି ଓ ଯାହା ମଞ୍ଜୁର ହେଲା, ତା'କୁ ମଧ୍ୟ ସେ ସମ୍ଭାଳି ପାରିଲେ ନାହିଁ । ତଥାପି ମୁଁ ନ କହି ରହିପାରୁ ନାହିଁ ଯେ ଯେଉଁ ବଜେଟ ମୁଁ ତିଆରି କରିଥିଲି ଓ ଯାହା ସଂସଦରୁ ମଞ୍ଜୁର ପ୍ରାପ୍ତ କରିଥିଲା, ସେଥିରୁ ଆମ ସେନାକୁ ସୁଦୃଢ଼ କରିବାରେ ତଥା ବିକାଶ ଜାରି ରଖିବାରେ ଆର୍ଥିକ ସାଧନ ବହୁତ ମିଳିଥିଲା । ଏପରି କରାଯାଇ ନଥିଲେ ୧୯୬୫ରେ ପାକିସ୍ତାନ ଦ୍ୱାରା କାଶ୍ମୀର ଉପରେ କରାଯାଇଥିବା ଆକ୍ରମଣକୁ ବିଫଳ କରିବା ପାଇଁ ଆମେ ଯାହା ସବୁ କରିପାରିଲୁ ତାହା କରି ପାରିନଥାନ୍ତୁ ଓ ଦେଶ ବିକଟ ସ୍ଥିତିରେ ପଡ଼ିଯାଇ ଥାଆନ୍ତା । ପାକିସ୍ତାନ ଆକ୍ରମଣରୁ ଦେଶକୁ ରକ୍ଷାକରାଯାଇ, ୧୯୬୨ ଶେଷ ଭାଗରେ ଚୀନ ଆକ୍ରମଣ ସମୟରେ ଦେଶର ଯେଉଁ ପ୍ରତିଷ୍ଠା ନଷ୍ଟ ହୋଇଥିଲା, ତାହା ଯେତେ ଦୂର ପୁନଃପ୍ରତିଷ୍ଠା କରାଯାଇ ପାରିଲା ତାହା ୧୯୬୩-୬୪ ବଜେଟ କାରଣରୁ ହିଁ ସମ୍ଭବ ହେଲା ।

୧୯୬୩ ଜୁଲାଇ ଆରମ୍ଭରେ ମୁଁ କାଶ୍ମୀରରେ ଅମରନାଥ ଯାତ୍ରାରେ ଯିବାକୁ ଠିକ୍ କରିଲି । ଶ୍ରାବଣ ପୂର୍ଣ୍ଣମୀ ଦିନ ସେଠାକୁ ଯାଇଥିଲି ।

ସେତେବେଳେ ଶ୍ରୀ ଗୁଲାମ ମହମ୍ମଦ ବକ୍ସି କାଶ୍ମୀରର ମୁଖ୍ୟମନ୍ତ୍ରୀ ଥିଲେ । ସେ ମଧ୍ୟ କେତେଥର ମତେ କାଶ୍ମୀର ଆସିବାକୁ ଆଗ୍ରହ କରିଥିଲେ । ମୁଁ ସପରିବାର, ନିଜ ବିଭାଗର ସଚିବ ଶ୍ରୀ ରଘୁନାଥ ଜୀ ନାୟକ ଓ ତାଙ୍କ କୁଟୁମ୍ବ ସହିତ ଯାତ୍ରା କରିଥିଲି । ମୋର ସମ୍ପର୍କୀୟ ଭଉଣୀ ଶ୍ରୀମତୀ ତାରକେଶ୍ୱରୀ ସିହ୍ନା ତଥା ଜଣେ ଦି'ଜଣ ଅନ୍ୟବ୍ୟକ୍ତି ସେ ଯାତ୍ରାରେ ଯୋଗ ଦେଇଥିଲେ ।

ଆମେ ସବୁ ଶ୍ରୀ ନଗର ହୋଇ ପହଲଗାଁ ଗଲୁ ଏବଂ ସେଠାରୁ ଜିପରେ ଚନ୍ଦନବାଡି ଯାଇଥିଲୁ । ଚନ୍ଦନବାଡିରୁ ମୋ ପତ୍ନୀ ପାଇଁ ଡୋଲି କରାଗଲା କାରଣ ନା ତ ସେ ଘୋଡା ଉପରେ ବସିପାରୁଥିଲେ ନା ପାଦରେ ଚାଲିବା ତାଙ୍କ ଦ୍ୱାରା ହୋଇ ପାରୁଥିଲା । ମତେ ଓ ଶ୍ରୀ ରଘୁନାଥଜୀଙ୍କ ଛଡା ସମସ୍ତେ ଘୋଡା ଉପରେ ବସି କରିଗଲେ । ଆମ ଦୁଇଜଣ ପୂରା ରାସ୍ତା ଚାଲିକରି ଗଲୁ । ବହୁତ ଉଠାଣି ଚଢ଼ିବାକୁ ପଡ଼ିଲା ଓ କେତେକ ସ୍ଥାନରେ ରାସ୍ତା ମଧ୍ୟ ଖରାପ ଥିଲା । ତଥାପି ପାଦରେ ଚାଲିକରି ଅମରନାଥରେ ପହଞ୍ଚିବା ନିଷ୍ପତ୍ତି କରିଥିଲି ।

Digitized by srujanika@gmail.com

ଚନ୍ଦନବାଡିରୁ ପ୍ରଥମେ ଆମେ ଶେଷନାଗ ଗଲୁ ଓ ରାତିରେ ସେଠାରେ ରହିଲୁ । ଚନ୍ଦନବାଡିରୁ ଯେଉଁ ଉଠାଣି ଆରମ୍ଭ ହୁଏ ତାହା ସିଧା ଓ ଚଢିବା କଷ୍ଟକର ଅଟେ । ଚନ୍ଦନବାଡି ସମୁଦ୍ର ପତନରୁ ନ'ହଜାର ଫୁଟ ଉଚ୍ଚରେ ଅବସ୍ଥିତ । ସେଠାରୁ ଶେଷନାଗକୁ ଆହୁରି ଅଢେଇହଜାର ଫୁଟ ଚଢିବାକୁ ପଡେ କିନ୍ତୁ ଯେଉଁ ଦୁର ତିନିଥର ଚଢିବାକୁ, ଓହ୍ଲାଇବାକୁ ପଡେ ସେଥିରେ ସର୍ବମୋଟ ଚଢିବା ବଢିଯାଏ । ଏହିପରି ଆମେ ଶେଷନାଗରେ ପହଞ୍ଚିଲୁ । ଶେଷନାଗ ଦୃଶ୍ୟ ବହୁତ ସୁନ୍ଦର ଥିଲା ଓ ସେଠାରେ ରହିବା ବ୍ୟବସ୍ଥା ବହୁତ ଭଲ ଥିଲା । ସେଠାରେ ନୀଳରଙ୍ଗ ଛୋଟିଆ ସରୋବର ଅତ୍ୟନ୍ତ ମନୋହର ଅଟେ । ତା' ଆରଦିନ ସକାଳୁ ଜଲଦି ବାହାରି ପଞ୍ଚତରଣୀ ହୋଇ ଏଗାରଟା ବାଜିବା ଆଗରୁ ଆମେ ଅମରନାଥ ପହଞ୍ଚିଲୁ ଓ ଘଣ୍ଟାଏ ଦି'ଘଣ୍ଟା ପରେ ଫେରିଲୁ ।

ସାରା ରାସ୍ତା ଅତ୍ୟନ୍ତ ମନୋହର ପ୍ରାକୃତିକ ଦୃଶ୍ୟରେ ପରିପୂର୍ଣ୍ଣ । ଏଥିରେ ଚଢିବା ବେଳେ ବିଶେଷ ହାଲିଆ ଲାଗୁନଥିଲା । କିନ୍ତୁ କେତେ ବର୍ଷରୁ ମତେ ଏତେ ଚାଲିବାକୁ ପଡି ନଥିଲା ଓ ଏତେ ଉଚ୍ଚା ଚଢିବା କେବେ ହୋଇ ନଥିଲା, ମୋ ବୟସ ସେ ସମୟରେ ୬୭ ପୂରି ଯାଇଥିଲା ତଥାପି ଏତେ ଚାଲିବାକୁ ମୁଁ ସାହସ କରିଥିଲି । ଏତେ ଚାଲିବାରେ ମୁଁ ଏତେ ଥକିଯାଇଥିଲି ଯେ ଅମରନାଥକୁ ଶେଷ ମାଇଲ ପୂରା କରିବା ବହୁତ କଷ୍ଟ ହେଲା । କିନ୍ତୁ ଦୁଇ ଦୁଇ ତିନି ତିନି ଶହ ଗଜ ଚାଲି ବିଶ୍ରାମ ନେଇ ମୁଁ କୌଣସି ପ୍ରକାରେ ଶେଷରେ ପହଞ୍ଚିଗଲି ।

ଅମରନାଥ ଗୁମ୍ଫାରେ ବରଫରେ ଯେଉଁ ଶିବ ଲିଙ୍ଗ ମୂର୍ତ୍ତି ତିଆରି ହୋଇଥାଏ ଓ ଯାହାର ବହୁତ ଖ୍ୟାତି ଅଛି ତାହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର । ଏହାଛଡା ଶଙ୍କର ପାର୍ବତୀ ଅନ୍ୟ ମୂର୍ତ୍ତି ସେହିପରି ତିଆରି ହୋଇଥାଏ । ସେସବୁକୁ ମୁଁ ବହୁତ ଶ୍ରଦ୍ଧା ଓ ଭକ୍ତି ସହକାରେ ଦର୍ଶନ କରିଲି ।

ଫେରିବା ବେଳେ ପାଦରେ ଚାଲିବା ବିଚାର ତ୍ୟାଗ କରିଥିଲି କାରଣ ହାଲିଆ ହୋଇ ପଡିଥିଲି ଓ ମନୋବଳ ସାହସରେ ଏପରି ପରିଶ୍ରମ କରିଲେ ପରେ ବେଶୀ କ୍ଷତି ହେବାର ସମ୍ଭାବନା ଥିଲା । ତେଣୁ ଫେରିବା ବେଳେ ମୁଁ ଘୋଡାରେ ବସି ଯାତ୍ରା କଲି ।

ଅମରନାଥରୁ ଫେରି ସନ୍ଧ୍ୟା ସୁଦ୍ଧା ଶେଷ ନାଗରେ ପହଞ୍ଚିଗଲୁ । ରାତିରେ ସେଠାରେ ରହି ପରଦିନ ସକାଳୁ ସେଠାରୁ ବାହାରି ଦ୍ୱିପହର ବେଳକୁ ପହଲଗାଁ ପହଞ୍ଚିଲୁ । ଚନ୍ଦନବାଡିରୁ ପୁଣି ଆମେ ଜିପ୍‌ରେ ଗଲୁ । ଘୋଡାରେ ବସି ଫେରିଥିବାରୁ ମୋର ଥକା ଶେଷ ହୋଇ ଯାଇଥିଲା ଏବଂ ସେଠାରୁ ଶ୍ରୀନଗରରେ ପହଞ୍ଚିବା ବେଳକୁ ଅଳ୍ପ ଟିକିଏ ଥକା ରହିଯାଇ ଥିଲା । ରାଜ୍ୟ ତରଫରୁ ଯାତ୍ରାଧାମ ରାସ୍ତାରେ ଭଲ ବ୍ୟବସ୍ଥା କରାଯାଇଥିଲା ।

ଅମରନାଥ ଯାତ୍ରାର ଇଚ୍ଛା ମୁଁ ଏହିପରି ପୂରା କରିଥିଲି । ଯାତ୍ରାରେ ପାଗ ବହୁତ ଭଲ ଓ ଅନୁକୂଳ ଥିଲା । ବର୍ଷା ହେଲା ନାହିଁ ଓ ସୂର୍ଯ୍ୟ କିରଣ ମିଳୁଥିଲା । ଯାତ୍ରାର ତିନିଦିନ ପରେ ସାଧାରଣ ଭାବେ ସେଠାରେ ବର୍ଷା ହେଲା । ବର୍ଷା ପାଣିରେ ସେ ସ୍ଥାନ ବହୁତ ଖସଡା ହୋଇଯାଏ ଯେଉଁ ସକାଶେ ଚାଲିବା କଷ୍ଟ ହୁଏ ।

ଶେଷନାଗରୁ ଫେରିବା ବେଳେ ଚନ୍ଦନବାଡି ପର୍ଯ୍ୟନ୍ତ ରାସ୍ତା ବହୁତ ଉଠାଣି ଓ ପଥୁରିଆ ଥିବାରୁ ଘୋଡା ଉପରେ ବସି ଆସିବା କଷ୍ଟକର ଥିଲା । ସେଥିପାଇଁ କେତେକ ଲୋକ ସେ ରାସ୍ତାରେ ଚାଲିକରି ଆସନ୍ତି । କିନ୍ତୁ ମୁଁ ଘୋଡାଠାରୁ ଓହ୍ଲାଇଲି ନାହିଁ କାରଣ ମୁଁ ଦେଖିଲି ଯେ ସେଠାର ଘୋଡା ବହୁତ ମଜଭୁତ ଥିଲେ ଓ ମଣିଷ ଅପେକ୍ଷା ଅଧିକ ସାବଧାନରେ ଚାଲୁଥିଲେ । ସେଥିପାଇଁ ଘୋଡା ଉପରେ ବସି ତଳକୁ ଓହ୍ଲାଇବା ମତେ ବିପଜ୍ଜନକ ଲାଗିଲା ନାହିଁ । ପୁଣି ତା ସହିତ ଗୋଟିଏ ଲୋକ ବି ରହୁଥିଲା ଯେ ଆବଶ୍ୟକ ପଡିଲେ ଘୋଡାକୁ ସମ୍ଭାଳି ପାରୁଥିଲା ।

Digitized by srujanika@gmail.com

(୨୯) କାମରାଜ ଯୋଜନା

ସଂସଦ ଅଧିବେଶନ ଶେଷ ହେବା ପରେ, ୧୯୬୩ ମେ ବା ଜୁନ ମାସରେ ଜବାହରଲାଲଜୀ କାଶ୍ମୀର ଯାଇଥିଲେ । ସେଠାରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କର କଥାବାର୍ତ୍ତା ହୋଇଥିଲା । ସେଠାରୁ ଫେରିବା ପରେ ଶ୍ରୀ ପଟ୍ଟନାୟକ ଜବାହରଲାଲଜୀଙ୍କ ସହିତ ହୋଇଥିବା କଥାବାର୍ତ୍ତା ମତେ କହିଲେ । ଏ କଥାବାର୍ତ୍ତା ବେଳେ ଶ୍ରୀ ପଟ୍ଟନାୟକ ଜବାହରଲାଲଜୀଙ୍କୁ ଗୋଟିଏ ଯୋଜନା ବିଷୟରେ କହିଥିଲେ ଯାହାକି ପରେ କାମରାଜ ଯୋଜନା ନାମରେ ପ୍ରସିଦ୍ଧ ହୋଇଥିଲା । ଏହିପରି କାମରାଜ ଯୋଜନାର ଆରମ୍ଭ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିଲା । କିନ୍ତୁ ସେ ସମୟରେ ଏହା ପ୍ରକଟ କରାଯାଇ ନଥିଲା । ଶ୍ରୀ କାମରାଜ ଏ ଯୋଜନା ୧୯୬୩ ଜୁନ ବା ଜୁଲାଇ ମାସରେ ପ୍ରସ୍ତୁତ କରିଥିଲେ ।

କାମରାଜଙ୍କର ଯେଉଁ ମୂଳ ଯୋଜନା ଥିଲା ସେଥିରେ ଦୁଇ ବା ତିନିଜଣ ମୁଖ୍ୟମନ୍ତ୍ରୀ ତଥା କିଛି ରାଜ୍ୟର କେତେକ ମନ୍ତ୍ରୀ ପଦ ତ୍ୟାଗ କରି କଂଗ୍ରେସର ସଂଗଠନାତ୍ମକ କାର୍ଯ୍ୟରେ ଯୋଗ ଦେବାର କଥା ଥିଲା । କେନ୍ଦ୍ର ବିଷୟରେ ସେଥିରେ କିଛି ନଥିଲା କିନ୍ତୁ ପରେ ସେଥିରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ମିଶାଇବା ପ୍ରସ୍ତାବ ଆସିଲା ଓ ତାକୁ ସ୍ୱୀକାର କରାଗଲା ।

ଏ ବିଷୟରେ ପାଞ୍ଚ ସାତ ଜଣ ସହଯୋଗୀଙ୍କ ସହିତ ଜବାହରଲାଲଜୀଙ୍କ ବାର୍ତ୍ତାଳାପ ହୋଇଥିଲା । ସେତେବେଳେ ଜବାହରଲାଲଜୀ କହିଥିଲେ, ''ଏ ଯୋଜନାର ସଫଳତା ପାଇଁ ସର୍ବ ପ୍ରଥମେ ତ ମତେ ପଦ ତ୍ୟାଗ କରିବା ଉଚିତ, କାରଣ ମୁଁ ସମସ୍ତଙ୍କ ଅପେକ୍ଷା ବରିଷ୍ଠ ଅଟେ ।'' ସେତେବେଳେ କାମରାଜ ଆଦି ଦୁଇ ତିନି ଜଣ ସହଯୋଗୀ କହିଲେ ଯେ ଏହା ଅସମ୍ଭବ ଅଟେ । ଏହା ଅପେକ୍ଷା ଏ ଯୋଜନା କାର୍ଯ୍ୟକାରୀ ନ କରିବା ଠିକ୍ ହେବ । ଜବାହରଲାଲଜୀଙ୍କୁ ଏକଥା ସ୍ୱୀକାର କରିବାକୁ ଡେରି ଲାଗିଲା ନାହିଁ । ମୋ ମତ ଏହି ଯେ ସେ ଯାହା କହିଲେ ତାହା କେବଳ ଔପଚାରିକ ମାତ୍ର ଥିଲା ଓ ପଦ ତ୍ୟାଗ କରିବାର ତାଙ୍କର ପ୍ରକୃତରେ ଇଚ୍ଛା ନ ଥିଲା ସେଥିପାଇଁ ସେ କାମରାଜଙ୍କ କଥା ମାନି ନେଲେ । ଏ ବିଷୟରେ ଦୁଇଜଣଙ୍କ ମଧ୍ୟରେ ପ୍ରଥମରୁ କଥାବାର୍ତ୍ତା ହୋଇଥିବା କିଛି ଆଶ୍ଚର୍ଯ୍ୟଜନକ ନୁହେଁ ।

ମୁଁ ଜବାହରଲାଲଜୀଙ୍କୁ କହିଲି, ''ଯୋଜନାର ଉଦ୍ଦେଶ୍ୟ ତ ବହୁତ ଉତ୍ତମ ଅଟେ । କିନ୍ତୁ ଯେପରି ବିଚାର କରାଯାଇଛି ଯେ କେନ୍ଦ୍ର ତଥା ରାଜ୍ୟର କେଉଁ ମନ୍ତ୍ରୀମାନେ ତ୍ୟାଗ ପତ୍ର ଦେବେ ଓ କାହାକୁ ସ୍ୱୀକାର କରାଯିବ -- ଏସବୁ ନିର୍ଣ୍ଣୟ କରିବା ଭାର ଆପଣଙ୍କ ଉପରେ ଛାଡିଦେବା ଠିକ୍ କଥା ନୁହେଁ । ସେଥିରୁ ଅନେକ ସନ୍ଦେହ ଜାତ ହେବ, ଆରୋପ ମଧ୍ୟ କରାଯିବ ଯଦ୍ଦ୍ୱାରା ଆପଣଙ୍କର ବଦନାମ ହେବ । ଏହା ବଦଳରେ ମୁଁ ଆଉ ଗୋଟିଏ ଯୋଜନା ତାଙ୍କ ସମ୍ମୁଖରେ ରଖିଲି ଯେଉଁଥିରେ ଆକ୍ଷେପ କରିବାର ସମ୍ଭାବନା କମ୍ ଥିଲା । ମୋର ପ୍ରସ୍ତାବ ଥିଲା ଯେ ମାଡ୍ରାସ ଓ ଗୁଜରାଟ ବ୍ୟତୀତ ଅନ୍ୟ ସବୁ ରାଜ୍ୟରେ ମନ୍ତ୍ରୀମାନଙ୍କ ସଂଖ୍ୟା ବହୁତ ବେଶୀ ଥିଲା -- ସଂସଦର ଏପରି ଧାରଣା ଅଛି ଓ ମୋ ଖିଆଲରେ ଏହା ସତ୍ୟ ଅଟେ । ତେଣୁ କେନ୍ଦ୍ର ତଥା ରାଜ୍ୟମାନଙ୍କରେ ମନ୍ତ୍ରୀମାନଙ୍କ ସଂଖ୍ୟା କମ କରିବା ଆବଶ୍ୟକ । ପ୍ରଥମେ କେତେଜଣ ମନ୍ତ୍ରୀ ରହିବା ଉଚିତ ସ୍ଥିର କରି, ତା'ଠାରୁ ଅଧିକ ମନ୍ତ୍ରୀ ସଂଖ୍ୟାକୁ କମ୍ କରିବା ଉଚିତ । ନିମ୍ନତମ କାର୍ଯ୍ୟକୁଶଳୀ ଓ ଯାହାଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ଅଛି ସେପରି ମନ୍ତ୍ରୀମାନଙ୍କୁ ହଟାଇଲେ ଲୋକମତ ଉପରେ ଭଲ ପ୍ରଭାବ ପଡିବ ଓ ସରକାରଙ୍କ କାମ ମଧ୍ୟ ଠିକ୍ ଭାବରେ ଚାଲିବ । ଏହା ସହିତ ଆବଶ୍ୟକ ଓ ଯୋଗ୍ୟତା ଅନୁସାରେ ତିନି ଚାରିଜଣ ବା ତା'ଠାରୁ ଅଧିକ ମନ୍ତ୍ରୀଙ୍କୁ ପଦତ୍ୟାଗ କରି ଦଳର ସଂଗଠନ କାର୍ଯ୍ୟରେ ଯୋଗ ଦେବାକୁ

Digitized by srujanika@gmail.com

କୁହାଯିବ । ସେମାନେ ଖୁସିରେ ଏକାମ କରିବେ, ଏଥିରେ ମୋ ମନରେ କୌଣସି ସନ୍ଦେହ ନାହିଁ । ଏପରି କରିଥିଲେ ଜବାହରଲାଲଜୀଙ୍କ ଉପରେ କୌଣସି ପ୍ରକାର ଅକ୍ଷେପର ଭୟ ନଥିଲା । ମୁଁ ପୁଣି ତାଙ୍କୁ ଏ ପ୍ରସ୍ତାବ ମଧ୍ୟ ଦେଇଥିଲି ଯେ ଯେଉଁମାନଙ୍କୁ ଏପରି ପରିସ୍ଥିତିରେ ପଦତ୍ୟାଗ କରିବାକୁ କୁହାଯିବ ଗୋଟିଏ କାର୍ଯ୍ୟକାଳ ଶେଷରେ ସେମାନଙ୍କୁ ପୁଣି ମନ୍ତ୍ରୀ କରାଯାଇ ଅନ୍ୟମନ୍ତ୍ରୀଙ୍କୁ ପଦମୁକ୍ତ କରି ସାଂଗଠନିକ କାମରେ ଲଗାଇ ଦିଆଯିବ । ଏପରି ଭାବରେ କଂଗ୍ରେସ ଓ ସରକାରଙ୍କ କାମ ସୁଗମତା ଓ କୁଶଳତା ସହକାରେ ଚାଲିବ ।

କିନ୍ତୁ ଜବାହରଲାଲଜୀ ତଥା ଅନ୍ୟ କେତେକ ସହଯୋଗୀ ମୋର ଏକଥା ମାନିବାକୁ ପ୍ରସ୍ତୁତ ନଥିଲେ କାରଣ ମୋ ଖିଆଲରେ ତାଙ୍କ ଉଦ୍ଦେଶ୍ୟ ଅନ୍ୟ କିଛି ଥିଲା । ଶ୍ରୀ କାମରାଜଙ୍କର ଉଦ୍ଦେଶ୍ୟ କଂଗ୍ରେସ ସଂଗଠନ ସୁଦୃଢ କରିବା ଥିଲା ଓ ବିଶେଷ କରି ତାମିଲନାଡୁରେ ସେ ମୁଖ୍ୟମନ୍ତ୍ରୀ ଥିବା ବେଳେ ସେଠାରେ ନିଜେ ଶାସନ କାମରେ ବ୍ୟସ୍ତ ରହିବାରୁ ଦଳର ସଂଗଠନ କାମ ଦୁର୍ବଳ ହୋଇଯିବା ଦେଖି ନିଜେ ସଂଗଠନ କାମ ସମ୍ଭାଳିବାକୁ ସେ ଏ ଯୋଜନା କରିଥିଲେ । ସେ ଜାଣିଥିଲେ ଯେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡି ସଂଗଠନ କାମରେ ଲାଗିଲେ ତାଙ୍କର ପ୍ରତିଷ୍ଠା ବଢିବ । କିନ୍ତୁ ପରେ ଏହି ଯୋଜନା ଅନ୍ୟ ରୂପ ନେଇଥିଲା ।

ଜବାହରଲାଲଜୀ ଏହାପରେ ହାଇଦ୍ରାବାଦ ଯାଇଥିଲେ ଯେଉଁଠାରେ ଏ ଯୋଜନା ବିଷୟରେ ଶ୍ରୀ କାମରାଜ ଓ ଶ୍ରୀ ସି. ସୁବ୍ରମଣ୍ୟମ୍‌ଙ୍କ ସହିତ ସେ କଥାବାର୍ତ୍ତା ହୋଇଥିଲେ । ସେମାନଙ୍କ ମଧ୍ୟରେ କ'ଣ କଥାବାର୍ତ୍ତା ହେଲା ମତେ କେହି କହିନାହାନ୍ତି । ସେଥିରୁ ମୋର ସନ୍ଦେହ ହେଲା ଯେ ସେଥିରେ ଅବଶ୍ୟ କିଛି ରହସ୍ୟ ଅଛି । ପରେ କଂଗ୍ରେସ ମହାସମିତିରେ ଏ ଯୋଜନା ସ୍ୱୀକୃତ ହେଲା ଓ ଅଗଷ୍ଟ ମାସର ତୃତୀୟ ସପ୍ତାହ ଶେଷ ଭାଗରେ କାର୍ଯ୍ୟ ସମିତିରେ ଏହା ଉପରେ ନିର୍ଣ୍ଣୟ ନିଆଗଲା । କାର୍ଯ୍ୟ ସମିତି ବୈଠକ ପୂର୍ବରୁ ଜବାହରଲାଲଜୀ, ସୁବ୍ରମଣ୍ୟମ୍, ଲାଲବାହାଦୂର ଶାସ୍ତ୍ରୀ, ଗୁଲଜାରିଲାଲ ନନ୍ଦା, ଇନ୍ଦିରାଜୀ, କାମରାଜ ଆଦିଙ୍କର ତ କଥାବାର୍ତ୍ତା ଚାଲିଥାଏ କିନ୍ତୁ ମୋ ସହିତ ଏ ବିଷୟରେ କେହି କଥାବାର୍ତ୍ତା କରି ନଥିଲେ । କାର୍ଯ୍ୟସମିତି ବୈଠକ ଆଗରୁ ସମସ୍ତଙ୍କଠାରୁ ତ୍ୟାଗପତ୍ର ନିଆଯାଇଥିଲା । ମୁଁ ଜବାହରଲାଲଜୀଙ୍କୁ ଲେଖି ପଠାଇଥିଲି ଯେ କଂଗ୍ରେସ ମହାସମିତି ଦ୍ୱାରା ସ୍ୱୀକୃତ ଯୋଜନା ମୁଁ ସ୍ୱୀକାର କରିଛି ତେଣୁ ଆପଣ ନିଶ୍ଚୟ କରିବା ମାତ୍ରେ ମୁଁ ବିଧିବଦ୍ଧ ତ୍ୟାଗପତ୍ର ଆପଣଙ୍କ ପାଖକୁ ପଠାଇଦେବି ।

ଉତ୍ତର ପ୍ରଦେଶର ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତା ତ୍ୟାଗପତ୍ର ପଠାଉନଥିଲେ କାରଣ ସେ ବହୁତ ଦିନରୁ ଶାସନ କାର୍ଯରେ ନଥିଲେ ଓ ଅଳ୍ପ କେତେ ଦିନ ଆଗରୁ ହିଁ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ଜବାହରଲାଲଜୀ ତାଙ୍କୁ ବୁଝାଇଥିଲେ ଯେ ସମସ୍ତେ ଯେପରି ତ୍ୟାଗପତ୍ର ଦେଉଛନ୍ତି ସେଇପରି ଆପଣଙ୍କୁ ଦେବା ଉଚିତ, ଆପଣଙ୍କୁ ପଦ ମୁକ୍ତ କରିବାର ପ୍ରଶ୍ନ ନାହିଁ ।

କାର୍ଯ୍ୟସମିତି ବୈଠକର ଦୁଇଦିନ ପୂର୍ବରୁ ସଂସଦ ଲବିରେ ଲାଲବାହାଦୂର ଶାସ୍ତ୍ରୀ ମତେ ଭେଟିଥିଲେ, ସେତେବେଳେ ମତେ କହିଲେ, "ମୁଁ ସ୍ୱୟଂ ପଦମୁକ୍ତ ହେବାକୁ ଆଗ୍ରହ କରିଛି । ତେଣୁ ମୁଁ ତ ପଦମୁକ୍ତ ହେବି । କିନ୍ତୁ ଆପଣଙ୍କୁ ପଦମୁକ୍ତ ହେବାର ଆବଶ୍ୟକତା ନାହିଁ । ଆପଣଙ୍କ ଉପରେ ଏ ଯୋଜନା ଲାଗୁ ନହେବା ଉଚିତ ।" ସେ ମତେ ଏପରି ଯେତେବେଳେ କହିଲେ ସେତେବେଳେ ମତେ ଜଣା ପଡିଲା ଯେ, "*ଦାଲ୍ ମେ କୁଛ୍ କାଲା ହାଏ ।*" ମୁଁ ତାଙ୍କୁ କହିଲି, "ଜବାହରଲାଲଜୀ ମତେ ଏ ବିଷୟରେ କିଛି କହିନାହାନ୍ତି ତେଣୁ ମୁଁ ଏ ବିଷୟରେ କିଛି ଜାଣେ ନାହିଁ ।" ତା'ପରେ ସେ କହିଲେ, "ଜବାହାରଲାଲଜୀ କାଲି ନିଶ୍ଚୟ ଆପଣଙ୍କ ସହିତ ମିଳିବେ ଓ ସେତେବେଳେ ଆପଣଙ୍କୁ ଏ ବିଷୟରେ କହିବେ ।" ସେଥିରୁ ମୋର ପୂରା ବିଶ୍ୱାସ ହୋଇଗଲା ଯେ ତାଙ୍କର ଜବାହରଲାଲଜୀଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହୋଇସାରିଛି । କିନ୍ତୁ ମୁଁ ତାଙ୍କୁ ଏ ବିଷୟରେ କିଛି ପଚାରିଲି ନାହିଁ ନା ସେ ମତେ କିଛି କହିଲେ ।

Digitized by srujanika@gmail.com

ପରଦିନ ସକାଳେ ଜବାହରଲାଲଜୀ ମତେ ଡକାଇ ଏ ବିଷୟରେ କହିଲେ । ସେ କହିଲେ, ''ଏହି ଯୋଜନା ଅନ୍ତର୍ଗତ ମୁଁ ଓ ଆପଣ -- ଦୁଇଜଣ ବରିଷ୍ଠ ମନ୍ତ୍ରୀ ବାକି ଅଛୁ ଯେଉଁଥିରୁ ଜଣକୁ ତ ଯିବା ଉଚିତ । ସମସ୍ତଙ୍କର ଆଗ୍ରହ ଯେ ମୁଁ ପଦ ଛାଡି ନଯାଏ ତେଣୁ ମତେ ଲାଗୁଛି ଯେ ସଂଗଠନ କାମ ପାଇଁ ଆପଣଙ୍କୁ ହିଁ ପଦମୁକ୍ତ କରିବା ଉଚିତ ।'' ଶ୍ରୀ ଜଗଜ୍ଜୀବନ ରାମ ଓ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କୁ ପଦମୁକ୍ତ କଥା ସେ କହିଲେ ଓ ଏକଥା କହିଲେ ଯେ ଶ୍ରୀ ଗୋପାଳ ରେଡ୍ଡୀଙ୍କୁ ପଦମୁକ୍ତ କରିବାକୁ ହେବ । ମୁଁ କହିଲି, ''ପଦମୁକ୍ତ ହେବା ପାଇଁ ମୋର କୌଣସି ଆପତ୍ତି ନାହିଁ, ବରଂ ମୁଁ ଖୁସି ।'' କିନ୍ତୁ ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତାଙ୍କୁ ପଦମୁକ୍ତ କରିବା କଥା ଯେତେବେଳେ ସେ କହିଲେ, ସେତେବେଳେ ମୁଁ କହିଲି, ''ଏହା ବଡ ଭୁଲ କାମ ହେବ । ଆପଣଙ୍କ ଉପରେ ଆରୋପ ଲାଗିବ ଯେ ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତାଙ୍କୁ ଆପଣ ପସନ୍ଦ ନ କରୁଥିବାରୁ ଏପରି କଲେ । ତେଣୁ ତାଙ୍କ ବିଷୟରେ ଆପଣଙ୍କୁ ଆହୁରି ଚିନ୍ତା କରିବା ଉଚିତ ।''

ମୁଁ ପୁଣି ଏକଥା ବି କହିଲି, ''ଶ୍ରୀ ଗୋପାଳ ରେଡ୍ଡୀଙ୍କର ସଂଗଠନରେ କୌଣସି ବଡ ସ୍ଥାନ ନାହିଁ । ତେଣୁ ଏ ଯୋଜନାରେ ତାଙ୍କୁ ପଦମୁକ୍ତ କରିବା ମତେ ଠିକ୍ ଲାଗୁ ନାହିଁ ।'' ଓ ନିଜ ବିଷୟରେ ମୁଁ କହିଲି, ''ଏ ବଜେଟରେ ଯେଉଁ ବ୍ୟବସ୍ଥା ଓ ଯୋଜନା କରାଯାଇଛି ତାହା ଆପଣଙ୍କ ସମ୍ମତିରେ କରାଯାଇଛି । କେତେ ଲୋକ ଏହା ବିରୁଦ୍ଧରେ ଅଛନ୍ତି । କିନ୍ତୁ ଯଦି ଏହାକୁ ତ୍ୟାଗ କରି ଦିଆଗଲା ବା ଏଥିରେ ବିଶେଷ ପରିବର୍ତ୍ତନ କରାଗଲା ତେବେ ତଦ୍ୱାରା ଦେଶର ଆର୍ଥିକ ଅବସ୍ଥାରେ ବଡ ଧକ୍କା ଲାଗିବ । ତେଣୁ ମୋର ଅନୁରୋଧ ଯେ କାହାରି ଚାପରେ ପଡି ଆପଣ ଏପରି କିଛି କରିବେ ନାହିଁ ।'' ତା' ସହିତ ଏ କଥା ମଧ୍ୟ କହିଲି, ''ମୁଁ ମନ୍ତ୍ରୀମଣ୍ଡଳରୁ ମୁକ୍ତ ହେଉଛି ତେଣୁ ଏଠାରେ ଥିବାବେଳେ ଆପଣଙ୍କ ଉପରେ ମୋର ଯେଉଁ ଧାରଣା ହୋଇଛି ତାହା କହି ଦେବା ଉଚିତ । ସହାୟକଙ୍କ ସହିତ ଆପଣ ଯେଉଁ ସମ୍ବନ୍ଧ ରଖନ୍ତି ସେଥିରେ ବହୁତ ଶୂନ୍ୟସ୍ଥାନ ଦେଖାଯାଏ । ଆପଣଙ୍କ ମନରେ କାହାପାଇଁ କି ବିଚାର ଅଛି କେହି ଜାଣନ୍ତି ନାହିଁ । ସେଥିପାଇଁ କେତେ ଲୋକଙ୍କୁ ଆପଣଙ୍କ ସହିତ କାମ କରିବାକୁ ବହୁତ କଷ୍ଟ ହୁଏ । ସେମାନେ ଆପଣଙ୍କୁ ଡରନ୍ତି ମଧ୍ୟ । ମୋ ମନରେ ଭୟ ନାହିଁ ତେଣୁ ମୁଁ ଆପଣଙ୍କ ସହିତ ସ୍ପଷ୍ଟ କଥାବାର୍ତ୍ତା କରିପାରୁଛି । ଆଉ ଆଜି ଏ ବିଷୟରେ ସ୍ପଷ୍ଟ ଭାବରେ କହୁଛି ଯେ ମୋ ବିଷୟରେ ଆପଣଙ୍କ ମନରେ କ'ଣ ବିଚାର ଅଛି ତାର ସ୍ପଷ୍ଟ ଆଭାସ ମୋର ନାହିଁ । ମୁଁ ଏଥିପାଇଁ କିଛି ଚିନ୍ତା କରୁନାହିଁ । କିନ୍ତୁ ଏକଥା ଠିକ୍ ଯେ ଆପଣଙ୍କ ଉପରେ ଯେତେ ବିଶ୍ୱାସ ମୋର ରହିବା କଥା ସେତେ ରହିପାରୁ ନାହିଁ ।''

ସେ କହିଲେ, ''ମୋ ମନରେ ଏପରି କୌଣସି କଥା ଥିଲେ ମୁଁ ଆପଣଙ୍କୁ ନିଶ୍ଚୟ କହିଥାନ୍ତି ।'' ମୁଁ କହିଲି, ''କଥାଟା ଏତେ ସାଦାସିଧା ନୁହେଁ । ଅନେକ ଲୋକ ଆସି ଆପଣଙ୍କୁ କିଛି ନା କିଛି କୁହନ୍ତି କାରଣ ପିଠି ପଛରେ କୁହା ଲୋକଙ୍କୁ ଆପଣ ପ୍ରୋତ୍ସାହନ ମଧ୍ୟ ଦିଅନ୍ତି । ସେମାନେ ଯାହା କୁହନ୍ତି ସେ ବିଷୟରେ ଆପଣ ମୋତେ ବା ଅନ୍ୟ ସାଥିମାନଙ୍କୁ କିଛି ସିଧା କୁହନ୍ତି ନାହିଁ । ଯଦ୍ୱାରା ସେମାନେ ଅନ୍ଧକାରରେ ରୁହନ୍ତି । କୁହାଯାଇଥିବା କଥାରେ ଆପଣ କିଛି ପ୍ରଭାବିତ ନ ହୋଇ ରହିପାରିବେ ନାହିଁ ଯଦ୍ୱାରା ସେଇ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ଆପଣଙ୍କ ମନରେ ଗୋଟାଏ ଗଣ୍ଠି ପଡିଯିବା ସ୍ୱାଭାବିକ ଅଟେ । ଯେଉଁ ବ୍ୟକ୍ତିଙ୍କ ବିଷୟରେ ଆପଣଙ୍କୁ କିଛି କୁହାଯାଏ ବା କୌଣସି କଥା ଆପଣ ଶୁଣନ୍ତି, ତାଙ୍କୁ ଆପଣ ଅପ୍ରତ୍ୟକ୍ଷ ଭାବେ ମଧ୍ୟ କିଛି ପଚାରିଲେ ପ୍ରକୃତ କଥା ଜାଣିପାରନ୍ତେ । ସେ ବ୍ୟକ୍ତିଙ୍କୁ ସ୍ପଷ୍ଟୀକରଣ କରିବାକୁ ସୁଯୋଗ ନ ମିଳିଲେ ଆପଣଙ୍କ ମନରେ ଜାତ ହୋଇଥିବା ସନ୍ଦେହ କିପରି ଦୂର ହୋଇପାରିବ ?''

ମୋର ଏକଥା ଶୁଣି ସେ କହିଲେ, ''ଏପରି କୌଣସି କଥା ନାହିଁ ।'' ଏ ବିଷୟ ଉପରେ ମୁଁ ଗୋଟିଏ ଉଦାହରଣ ଦେଇ ତାଙ୍କୁ କହିଲି, ''ମୁଁ ଯେବେ ଆପଣଙ୍କୁ ଶ୍ରୀ କୃଷ୍ଣ ମେନନ୍‌ଙ୍କ ସମ୍ବନ୍ଧରେ କିଛି କଥା

Digitized by srujanika@gmail.com

କୁହେ, ଆପଣ ସେ ବିଷୟରେ ତାଙ୍କ ସହିତ କଥାବାର୍ତ୍ତା କରନ୍ତି ଓ ମୋ ଚିଠିର କପି ବି ତାଙ୍କୁ ଦିଅନ୍ତି । କିନ୍ତୁ ସେ ମୋ ବିଷୟରେ ଆପଣଙ୍କୁ କଣ କୁହନ୍ତି ସେ କଥା ଆପଣ ମତେ କେବେ ହେଲେ କୁହନ୍ତି ନାହିଁ । ମୋ ମତରେ ଏପରି ବ୍ୟବହାର ଠିକ୍ ନୁହେଁ, ତେଣୁ ମୁଁ ଆପଣଙ୍କୁ କହୁଛି । ଏହାଦ୍ୱାରା କିଛି ବ୍ୟକ୍ତିଙ୍କ ପ୍ରତି ପକ୍ଷପାତ ହେଉଛି ଯାହା ଆପଣଙ୍କର କରିବା ଉଚିତ ନୁହେଁ । ଆପଣ ଯଦି ସେପରି ନକରନ୍ତି ତେବେ ଆପଣଙ୍କ କାମ ଭଲ ସିଦ୍ଧିକାରକ ହେବ, ଆପଣଙ୍କ ସଫଳତା ବୃଦ୍ଧି ହେବ ଓ ସହଯୋଗୀମାନଙ୍କର ମଧ୍ୟ ଶକ୍ତି ବଢିବ । ମୁଁ ଆଶା କରୁଛି ଆପଣ ବିଚାର କରି ନିଜ କାର୍ଯ୍ୟ ପଦ୍ଧତିରେ ପରିବର୍ତ୍ତନ କରିବେ ।''

ଏତେ କହିବା ପରେ ଶେଷକୁ ଉଠିବା ବେଳେ ମୁଁ କହିଲି, ''ମତେ ପଦମୁକ୍ତ କରିବା ବିଷୟରେ ଆପଣଙ୍କୁ ପୁର୍ନବିଚାର କରିବାର ଆବଶ୍ୟକତା ନାହିଁ । ମନ୍ତ୍ରୀମଣ୍ଡଳରେ ରହିବା ପାଇଁ ମୁଁ ଆପଣଙ୍କୁ ଏସବୁ କଥା କହି ନାହିଁ କାରଣ ମନ୍ତ୍ରୀ ହୋଇ ରହିବାର ମୋର କୌଣସି ମୋହ ନାହିଁ । ଖୁବ୍ ଲମ୍ବା ସମୟ ପର୍ଯ୍ୟନ୍ତ; ସବୁ ମିଶାଇ ମୁଁ ୧୯-୨୦ ବର୍ଷ ମନ୍ତ୍ରୀ ପଦରେ ରହିଛି । ତେଣୁ ମୁଁ ଜାଣୁଛି ଯେ ସେଥିରୁ ମୁକ୍ତି ପାଇବା ମୋ ପକ୍ଷରେ ଶ୍ରେୟସ୍କର ।''

ତା'ପର ଦିନ କାର୍ଯ୍ୟ ସମିତି ବୈଠକ ହେଲା । ଜବାହରଲାଲଜୀ ନିଜର ଯେଉଁ ନିର୍ଣ୍ଣୟ ଘୋଷଣା କଲେ ସେଇ ଅନୁସାରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ସର୍ବଶ୍ରୀ ଲାଲବାହାଦୁର ଶାସ୍ତ୍ରୀ, ଜଗଜ୍ଜୀବନ ରାମ, ସଦୋବା ପଟିଲ, ମୁଁ ତଥା ଗୋପାଲ ରେଡ୍ଡୀ ମୁକ୍ତ ହେବାର ଥିଲା ଓ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ତାମିଲନାଡୁରୁ ଶ୍ରୀ କାମରାଜ, ମଧ୍ୟ ପ୍ରଦେଶରୁ ଶ୍ରୀ ଭଗବନ୍ତ ରାୟ ମଣ୍ଡଲୋଇ, ବିହାରରୁ ଶ୍ରୀ ବିନୋଦାନନ୍ଦ ଝା, ଓ ଉତ୍ତର ପ୍ରଦେଶରୁ ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତା ପଦମୁକ୍ତ ହେବାର ଥିଲା ।

କାଶ୍ମୀରରେ ସେ ସମୟରେ ଶ୍ରୀ ଗୁଲାମ ମହମ୍ମଦ ବକ୍ସି ମୁଖ୍ୟମନ୍ତ୍ରୀ ଥିଲେ । ସେ ବି ପଦମୁକ୍ତ ହେବାର ଘୋଷଣା କରିଲେ । ସେତେବେଳେ କାଶ୍ମୀରରେ କଂଗ୍ରେସ ଶାସନ ନଥିଲା, ଥିଲା ନ୍ୟାସନାଲ କନଫରେନ୍ସର । ତେଣୁ କାମରାଜ ଯୋଜନା ତାଙ୍କୁ ଲାଗୁ ହେଉ ନଥିଲା । କିନ୍ତୁ ବକ୍ସି ସାହେବ ସ୍ୱଂୟ ନିଜ ତରଫରୁ ଏପରି ଘୋଷଣା କରିଥିଲେ । କେତେ ଲୋକ ତାଙ୍କୁ ଏପରି ନ କରିବାକୁ କହିଥିଲେ ମଧ୍ୟ । କିନ୍ତୁ ସେ ନିଜ ନିର୍ଣ୍ଣୟ ଉପରେ ଦୃଢ ରହିଲେ । ଏତିକି ନୁହେଁ, ସେ କଂଗ୍ରେସରେ ମିଶିବାର ଘୋଷଣା ମଧ୍ୟ କରିଲେ । ମତେ ପ୍ରଥମରୁ ଏ ବିଷୟ କିଛି ଜଣା ନଥିଲା । ପରେ ଅବଶ୍ୟ ମୁଁ ତାଙ୍କୁ ପଚାରିଲି, ''ଆପଣ ଏକା ଏପରି ନିଷ୍ପତ୍ତି କାହିଁକି କରିଥିଲେ ?'' ସେଥିରୁ ସେ କହିଲେ, ''ପଦମୁକ୍ତ ହେବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁସଲମାନ କେହି ନଥିଲେ । ତେଣୁ ମତେ ଲାଗିଲା ଯେ ମୁଁ ପଦମୁକ୍ତ ହେଲେ ଏହାର ଭଲ ପ୍ରଭାବ ପଡିବ ।'' ମୁଁ କହିଲି, ''ଆପଣ ଗଭୀର ବିଚାର ନକରି ଏ ପଦକ୍ଷେପ ନେଇଛନ୍ତି । ଏଥିରେ ବହୁତ ବଡ କ୍ଷତି ଘଟିବ । କାଶ୍ମୀର ସ୍ଥିତି ଏଥିରେ ଖରାପ ହେବ -- ଏପରି ମୋର ଧାରଣା ହୋଇଛି । ଜବାହରଲାଲଜୀ ଓ ଇନ୍ଦିରାଜୀଙ୍କୁ ତ-ଆପଣଙ୍କ ଏ କାମ ନିଶ୍ଚୟ ପସନ୍ଦ ହେବ, କାରଣ ମୋ ଖିଆଲରେ ସେମାନଙ୍କର ଆପଣଙ୍କ ଉପରେ ଅନୁକୂଳ ଧାରଣା ନାହିଁ । ସ୍ୱୟଂ ଆପଣ ମତେ କହିଥିଲେ ଯେ ଆପଣ ଇନ୍ଦିରାଜୀଙ୍କ ବିରୁଦ୍ଧରେ ବହୁତ ଅଭିଯୋଗ ଜବାହରଲାଲଜୀଙ୍କୁ କହିଥିଲେ । ସେତେବେଳେ ମୁଁ ଆପଣଙ୍କୁ କହିଥିଲି ଯେ ଜବାହରଲାଲଜୀଙ୍କୁ ଏପରି ଅଭିଯୋଗ କରିବାରେ କୌଣସି ଲାଭ ନାହିଁ, କାରଣ ଏଥିରେ ପିତାପୁତ୍ରୀ ଦୁଇଜଣ ଯାକ ଆପଣଙ୍କ ଶତ୍ରୁ ହୋଇଯିବେ ।'' ମୋର ଏ ଅନୁମାନ ଠିକ୍ ପ୍ରମାଣିତ ହେଲା ।

ଶ୍ରୀ ଗୁଲାମ ମହମ୍ମଦ ସାଦିକଙ୍କୁ କାଶ୍ମୀର ମୁଖ୍ୟମନ୍ତ୍ରୀ କରିବାକୁ ଜବାହରଲାଲଜୀ ବକ୍ସି ସାହେବଙ୍କୁ କହିଲେ । ବକ୍ସିସାହେବ ତାଙ୍କ ପ୍ରସ୍ତାବ ସ୍ୱୀକାର କଲେ । ପରେ କାଶ୍ମୀରର ଶାସକ ଦଳ ବକ୍ସି ସାହେବଙ୍କୁ ପଦମୁକ୍ତ

Digitized by srujanika@gmail.com

କରିବାକୁ ଓ ତାଙ୍କ ସ୍ଥାନରେ ସାଦିକ ସହେବଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିବାକୁ ରାଜି ହୋଇନଥିଲେ, ଫଳରେ ସାଦିକ ସାହେବ ବକ୍ସି ସାହେବଙ୍କ ଉପରେ ଦୋଷାରୋପ କରିଥିଲେ । କିନ୍ତୁ ବକ୍ସି ସାହେବ ଓ ଅନ୍ୟମାନେ ମତେ ଯାହା ସବୁ କହିଥିଲେ ସେ ଅନୁସାରେ ସାଦିକ ସାହେବଙ୍କ ଆରୋପ ଠିକ୍ ନଥିଲା । ବସ୍ତୁତଃ ଶାସକ ଦଳ ଯାହାଙ୍କୁ ପସନ୍ଦ କରିବେ ତାଙ୍କୁ ନିର୍ବାଚନ କରିବା ଉଚିତ ଥିଲା ଓ ସେମାନେ ବକ୍ସି ସାହେବଙ୍କୁ ପସନ୍ଦ କରୁଥିଲେ । ସେମାନେ ଚାହୁଁଥିଲେ ଯେ ବକ୍ସିସାହେବ ନିଜ ତ୍ୟାଗପତ୍ର ପ୍ରତ୍ୟାହାର କରି ନିଅନ୍ତୁ । ଏହାର ଫଳସ୍ୱରୂପ ଦୁଇଜଣଙ୍କ ମଧ୍ୟରେ ଶତ୍ରୁତା ଜାତ ହେଲା ଓ ଶେଷରେ ସାଦିକ ସାହେବ ଯେତେବେଳେ ମୁଖ୍ୟମନ୍ତ୍ରୀ ହେଲେ ବକ୍ସି ସାହେବଙ୍କ ପଛରେ ପଡିଗଲେ । ଏପରିକି ତାଙ୍କ ବିରୁଦ୍ଧରେ ତଦନ୍ତ ଆୟୋଗ ନିଯୁକ୍ତ କରିଥିଲେ ।

କାମରାଜ ଯୋଜନା ସ୍ୱୀକୃତ ହେବା ଆଗରୁ ବା ସେଇ ସମୟରେ ମଧ୍ୟ ପ୍ରଦେଶର ବିଧାନସଭାର ଗୋଟିଏ ଉପନିର୍ବାଚନ ହେବାର ଥିଲା । ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ର ଏଥିପାଇଁ ପ୍ରାର୍ଥୀ ଥିଲେ । କାମରାଜ ଯୋଜନା ଲାଗୁହେବା ପୂର୍ବରୁ ଏ ବିଷୟରେ ବିଚାର କରାଯାଇଥିଲା । ପ୍ରଥମେ ଜବାହରଲାଲଜୀ ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ରଙ୍କ ବହୁତ ବିରୁଦ୍ଧରେ ଥିଲେ । ୧୯୫୩-୫୪ରେ କଂଗ୍ରେସକୁ ଫେରି ଆସିବା ଦିନଠାରୁ ସେ ବିଧାନସଭା ବା ସଂସଦକୁ ଆସିବାକୁ ସ୍ପଷ୍ଟ ସ୍ପୃହା ପ୍ରକାଶ କରିଥିଲେ । କିନ୍ତୁ ସେ ବିଧାନସଭା ପ୍ରାର୍ଥୀ ହୋଇପାରୁ ନଥିଲେ । ପାର୍ଲାମେଣ୍ଟାରୀ ବୋର୍ଡର ଯେଉଁ ବୈଠକରେ ଶ୍ରୀ ମିଶ୍ରଙ୍କ ପ୍ରାର୍ଥୀତ୍ୱ ନିର୍ଣ୍ଣୟ କରିବାର ଥିଲା ସେଥିରେ ନିଜର ଉପସ୍ଥିତିକୁ ଏଡାଇ ଇନ୍ଦିରାଜୀ ବିଦେଶ ଯାତ୍ରାରେ ଯାଇଥିଲେ । ମୁଁ ମିଶ୍ରଜୀଙ୍କୁ ପଚାରିଲି ଯେ ଏ ବୈଠକରେ ଯୋଗ ଦେବାକୁ ସେ ଇନ୍ଦିରାଜୀଙ୍କୁ କାହିଁକି ଅନୁରୋଧ କଲେ ନାହିଁ ? ମିଶ୍ରଜୀ କହିଲେ ଯେ ଆପଣ ଉପସ୍ଥିତ ରହିବେ, ତେଣୁ ତାଙ୍କ ଉପସ୍ଥିତି ଦରକାର ନାହିଁ ।

ଏ ବିଷୟ ନିର୍ଣ୍ଣୟ କରିବାକୁ ପାର୍ଲାମେଣ୍ଟାରୀ ବୋର୍ଡର ଯେଉଁ ବୈଠକ ଡକାଯାଇଥିଲା ସେଥିପାଇଁ ଖୁବ୍ କମ୍ ସମୟ ନୋଟିସ ଦିଆଯାଇଥିଲା ଓ ମୁଁ ସେଥିରେ ଯୋଗ ଦେଇ ପାରିନଥାନ୍ତି କାରଣ ସେଇ ଦିନ ମୋର ଅହମ୍ମଦାବାଦ ଯିବାର ଥିଲା କିନ୍ତୁ ମିଶ୍ରଜୀଙ୍କ ଅନୁରୋଧ ଯୋଗୁଁ ମୁଁ ଅହମ୍ମଦାବାଦ ଯିବା ସ୍ଥଗିତ ରଖି ବୈଠକରେ ଯୋଗ ଦେବାକୁ ସ୍ଥିର କରିଲି ।

ସେତେବେଳେ ଶ୍ରୀ କେ. କେ. ସାହା କଂଗ୍ରେସ ମହାସମିତିର ଜଣେ ସାଧାରଣ ସମ୍ପାଦକ ଥିଲେ । ସେ ବି ମତେ କହିଥିଲେ ଯେ ଆପଣ ବୈଠକରେ ଯୋଗ ନ ଦେଲେ ମିଶ୍ରଜୀଙ୍କ ପ୍ରାର୍ଥୀ ପତ୍ର ମଞ୍ଜୁର ହେବ ନାହିଁ ।

ବୈଠକରେ ମଧ୍ୟ ପ୍ରଦେଶ ପ୍ରତିନିଧି ଶ୍ରୀ ରାମେଶ୍ୱର ଦୟାଲ ତୋତଲା ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ରଙ୍କ ଉପ ନିର୍ବାଚନରେ ପ୍ରାର୍ଥୀତ୍ୱକୁ ବିରୋଧ କରୁଥିଲେ । ଏହି ବିରୋଧକୁ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ଯେତେବେଳେ ସମର୍ଥନ କଲେ ମୁଁ ଜାଣିପାରିଲି ଯେ ଏଥିରେ ଜବାହରଲାଲଜୀଙ୍କର ହାତ ଅଛି । ଶ୍ରୀ ଜଗଜୀବନ ରାମ ‘‘ନରେ ବା ଗୁଞ୍ଜରେ’’ ନୀତି ଧାରଣ କଲେ । ମୁଁ ଜବାହରଲାଲଜୀଙ୍କୁ କହିଲି ଯେ ଏ ବ୍ୟବହାର ଅନ୍ୟାୟ ପୂର୍ଣ୍ଣ ଅଟେ । ଏତେ ବର୍ଷ ଧରି ତାଙ୍କୁ ଟିକେଟ ମନାକରିବା ବହୁତ ଅନୁଚିତ ଅଟେ । ମତେ କୁହାଗଲା ଯେ ଶ୍ରୀ ମିଶ୍ର ନିର୍ବାଚନ ଜିତିପାରିବେ ନାହିଁ ସେତେବେଳେ ମୁଁ କହିଲି ଏହା ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଅଟେ । କାରଣ ମୁଁ ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ରଙ୍କୁ ଯାହା ଜାଣେ, ତାଙ୍କର ଜିତିବାର ଆଶା ନଥିଲେ ସେ ପ୍ରାର୍ଥୀ ପାଇଁ ଛିଡା ହେବା ବ୍ୟକ୍ତି ନୁହଁନ୍ତି । ତେଣୁ ସେ ପ୍ରାର୍ଥୀ ପାଇଁ ଛିଡା ହୋଇଥିବାରୁ ମୁଁ ତାହା ମଞ୍ଜୁର କରିବା ଉପରେ ଜୋର ଦେଉଛି ।

ଶେଷରେ ତାଙ୍କ ପ୍ରାର୍ଥୀପତ୍ର ମଞ୍ଜୁର କରାଗଲା । ଏକଥା ଠିକ୍ ଯେ ମୁଁ ନଥିଲେ ତାଙ୍କ ପ୍ରାର୍ଥୀପତ୍ର ମଞ୍ଜୁର ହୋଇ ନଥାଆନ୍ତା ବୋଲି ବୈଠକ କାରବାରରୁ ମୋର ପୂରା ବିଶ୍ୱାସ ହୋଇଥିଲା ।

Digitized by srujanika@gmail.com

ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତାଙ୍କ ତ୍ୟାଗପତ୍ର ଉପରେ ଉତ୍ତର ପ୍ରଦେଶରେ ବହୁତ ଚର୍ଚ୍ଚା ହେଲା । ସେ ତ ଜଣେ ଶୃଙ୍ଖଳିତ କଂଗ୍ରେସୀ ଭଳି ତ୍ୟାଗ ପତ୍ର ଦେଇ ପଦମୁକ୍ତ ହୋଇଗଲେ କିନ୍ତୁ ମୋର ପୂରା ବିଶ୍ୱାସ ହୋଇଥିଲା ଯେ ତାଙ୍କ ସହିତ ଅନ୍ୟାୟ ହେଲା । ଏହାପରେ ୧୯୬୩ରେ ସେ ପୁଣି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ବିହାରରେ ଶ୍ରୀ ବିନୋଦାନନ୍ଦ ଝା ପଦମୁକ୍ତ ହେବା ପରେ ଶ୍ରୀ କୃଷ୍ଣ ବଲ୍ଲଭ ସହାୟ ମୁଖ୍ୟମନ୍ତ୍ରୀ ହେଲେ । ମାଡ୍ରାସରେ ଶ୍ରୀ କାମରାଜଙ୍କ ସ୍ଥାନରେ ଶ୍ରୀ ଭକ୍ତ ବତ୍ସଳମ୍ ଓ ମଧ୍ୟ ପ୍ରଦେଶରେ ବହୁ ଟଣାଓଟରା ପରେ ଶ୍ରୀ ମଣ୍ଡଲୋଇଙ୍କ ସ୍ଥାନରେ ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ର ମୁଖ୍ୟମନ୍ତ୍ରୀ ହେଲେ ।

କେନ୍ଦ୍ରରେ ଶ୍ରୀ ଗୁଲଜାରିଲାଲ ନନ୍ଦା ଗୃହମନ୍ତ୍ରୀ ହେଲେ । ଶ୍ରୀ ସୁବ୍ରମଣ୍ୟମ୍ ଅର୍ଥ ମନ୍ତ୍ରୀ ହେବାର ଥିଲା କିନ୍ତୁ ଶ୍ରୀ ଟି.ଟି. କୃଷ୍ଣମାଚାରୀ ଏହାର ବିରୋଧ କରିଲେ ଓ ସେଥିରେ ସଫଳ ହୋଇ ସେଇ ନିଜେ ଏହି ପଦରେ ନିଯୁକ୍ତ ହେଲେ । ମୁଁ ଜବାହରଲାଲଜୀଙ୍କୁ ଲେଖିଥିଲି ଯେ ଯେତେ ଡେରି ହେଲେ ବି ମୁଁ ସେପ୍ଟେମ୍ବର ପହିଲାକୁ ପଦମୁକ୍ତ ହେବାକୁ ଚାହେଁ । ଅତଃ ଆଶା କରୁଛି ଯେ ଆପଣ ସେଇ ସମୟ ସୁଦ୍ଧା ମତେ ପଦମୁକ୍ତ କରିଦେବେ । ପୂର୍ବରୁ ୧୯୫୭ରେ ଶ୍ରୀ କୃଷ୍ଣମାଚାରୀ ଯେତେବେଳେ ଅର୍ଥ ମନ୍ତ୍ରୀ ଥିଲେ ସେତେବେଳେ ସେ ସେପ୍ଟେମ୍ବର ପହିଲାରେ କାର୍ଯ୍ୟଭାର ଗ୍ରହଣ କରିଥିଲେ କିନ୍ତୁ ବେଶୀ ସମୟ ପାଇଁ ସେ ପଦରେ ସେ ଠାକି ପାରିନଥିଲେ । ସେଥିପାଇଁ ଏଥର ସେପ୍ଟେମ୍ବର ପହିଲା ବଦଳରେ ଅଗଷ୍ଟ ୩୧ ସନ୍ଧ୍ୟାବେଳେ କାର୍ଯ୍ୟଭାର ଗ୍ରହଣ କରିବାକୁ ସ୍ଥିର କଲେ ଓ ସେଇ ଅନୁସାରେ ମୁଁ ଅଗଷ୍ଟ ୩୧ ଦିନ ସନ୍ଧ୍ୟାବେଳେ ତାଙ୍କୁ ଅର୍ଥ ମନ୍ତ୍ରୀଙ୍କ କାର୍ଯ୍ୟଭାର ଅର୍ପଣ କରି ମୁକ୍ତ ହେଲି ।

ପାର୍ଲାମେଣ୍ଟାରୀ ବୋର୍ଡରେ ଶ୍ରୀ ଏସ୍. କେ. ପଟିଲ ଅତିରିକ୍ତ ସଦସ୍ୟ ନିଯୁକ୍ତ ହୋଇଥିଲେ । ଶ୍ରୀ ଜଗଜ୍ଜୀବନ ରାମ ଓ ମୁଁ ଏହାର ସଦସ୍ୟ ଥିଲୁ । କାମରାଜ ଯୋଜନାରେ ଏପରି ମୁଖ୍ୟ ବ୍ୟକ୍ତିମାନଙ୍କୁ ମନ୍ତ୍ରୀ ପଦରୁ ମୁକ୍ତ କରିବାକୁ ଥିଲା, ଯେଉଁମାନେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ସହାୟକ ହେବେ । ଶ୍ରୀ ଗୋପାଳ ରେଡ୍ଡି, ଶ୍ରୀ ମଣ୍ଡଲୋଇ ବା ଶ୍ରୀ ଝା ଏଥିପାଇଁ ଉପଯୋଗୀ ନଥିଲେ । କିନ୍ତୁ ଜବାହରଲାଲଜୀ ସେମାନଙ୍କ ଠାରୁ ଛୁଟି ପାଇବାକୁ ଏ ଯୋଜନାରେ ସାହାରା ନେଇଥିଲେ ।

ଗୁଜରାଟରେ ଡ. ଜୀବରାଜ ମେହେଟାଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା କିନ୍ତୁ ଜବାହରଲାଲଜୀ ତାଙ୍କୁ କାମରାଜ ଯୋଜନାର ଅନ୍ତର୍ଭୁକ୍ତ କରି ନଥିଲେ । ସମ୍ଭବତଃ ତାଙ୍କ ବିରୁଦ୍ଧରେ ଗୁଜରାଟରେ ଯେଉଁ ତୀବ୍ର ଭାବନା ଥିଲା ଜବାହାରଲାଲଜୀଙ୍କୁ ତାହା ଜଣାନଥିଲା । ପୁଣି ଡ. ଜୀବରାଜ ମେହେଟ୍ଟା ତାଙ୍କୁ କହିଥିଲେ ଯେ କଂଗ୍ରେସ ଦଳର ବହୁମତ ତାଙ୍କ ସପକ୍ଷରେ ଥିଲା, ତେଣୁ ଜବାହରଲାଲଜୀ ତାଙ୍କୁ ଉତ୍ସାହିତ କରୁଥିଲେ ।

କାମରାଜ ଯୋଜନାରେ ମତେ ମିଶାଇବାର କାରଣ ପରେ ମୁଁ ଭଲଭାବେ ବୁଝି ପାରିଲି । କିନ୍ତୁ ସେ ବିଷୟରେ କୌଣସି ପ୍ରକାର ବିବାଦ ମୁଁ ଛିଡା କରିଲି ନାହିଁ । ଏହାର କାରଣ ହେଲା ଯେ ମନ୍ତ୍ରୀ ପଦରୁ ମୁକ୍ତ ହୋଇଥିବାରୁ ମୋର କୌଣସି କ୍ଷୋଭ ନଥିଲା ବରଂ ଏହାକୁ ମୁଁ ଈଶ୍ୱରଙ୍କ ଦୟା ବୋଲି ଭାବୁଥିଲି । ଉପନେତା ପଦରୁ ମତେ ଦୂରରେ ରଖିବାକୁ ଜବାହରଲାଲଜୀ ପ୍ରଥମେ ବ୍ୟୂହ ରଚନା କରିଥିଲେ, ଓ ଏହାପରେ ଏ ଦ୍ୱିତୀୟ ବ୍ୟୂହ ରଚନା ମୋ ଖିଆଲରେ ଏଥିଯୋଗୁଁ କରିଥିଲେ ଯେପରି ତାଙ୍କ ଅନ୍ତେ ମୁଁ ତାଙ୍କ ଜାଗା ନପାଏ ।

ସେ ଚାହୁଁଥିଲେ ଯେ ତାଙ୍କ ଅନ୍ତେ ଇନ୍ଦିରାଜୀ ତାଙ୍କ ସ୍ଥାନ ନେବେ । ଏଥିରେ କୌଣସି ନୂଆ କଥା ନଥିଲା । କାରଣ ପଣ୍ଡିତ ମୋତିଲାଲଜୀ ତାଙ୍କ ପରେ ତାଙ୍କ ସ୍ଥାନରେ କଂଗ୍ରେସ ଅଧ୍ୟକ୍ଷ ଜବାହରଲାଲଜୀଙ୍କୁ ହିଁ କରାଯିବା ପାଇଁ ଗାନ୍ଧିଜୀଙ୍କୁ ଅନୁରୋଧ କରିଥିଲେ । ଏବଂ ଏହା ଏକ ଐତିହାସିକ ତଥ୍ୟ ଅଟେ ଯେ ତଦନୁସାରେ

Digitized by srujanika@gmail.com

ତାଙ୍କ ପରେ ଜବାହରଲାଲଜୀ କଂଗ୍ରେସ ଅଧ୍ୟକ୍ଷ ହେଲେ । ଯାହା ସବୁ ହେଉଛି ତାହା କେବଳ ମୋ ପାଇଁ ନୁହେଁ ବୋଲି ଦେଖାଇବା ପାଇଁ ଲାଲବାହାଦୁରଙ୍କୁ ମଧ୍ୟ ଜବାହରଲାଲଜୀ କାମରାଜ ଯୋଜନାରେ ମିଶାଇ ଥିଲେ । ମୋର ଖିଆଲ ଯେ ଏକଥା ପ୍ରଥମରୁ ସ୍ଥିର କରାଯାଇଥିଲା ଯେ ତିନି ଚାରି ମାସ ପରେ ଲାଲବାହାଦୂରଜୀଙ୍କୁ ପୁଣି ମନ୍ତ୍ରୀମଣ୍ଡଳରେ ନିଆଯିବ । ଏଥିପାଇଁ ଲାଲବାହାଦୂର ନିଜ ଘର ଛାଡି ନଥିଲେ । ମନ୍ତ୍ରୀ ହିସାବରେ ଯେଉଁ କର୍ମଚାରୀ ତାଙ୍କର ନିଜ କାମ ପାଇଁ ଥିଲେ ସେମାନେ ତାଙ୍କ ପାଖରେ ରହିଥିଲେ । ଏତିକି ନୁହେଁ, ୧୯୬୪ ଫେବୃୟାରୀ ଶେଷକୁ ସେ ପୁଣି ମନ୍ତ୍ରୀମଣ୍ଡଳରେ ମଧ୍ୟ ଯୋଗ ଦେଇଥିଲେ ।

ମୁଁ ମନ୍ତ୍ରୀ ପଦରୁ ମୁକ୍ତ ହେବା ପୂର୍ବରୁ ମନ୍ତ୍ରୀମଣ୍ଡଳର ଯେଉଁ ବୈଠକ ହୋଇଥିଲା ସେଥିରେ ମୋର କାର୍ଯ୍ୟ କୁଶଳତା ଉଲ୍ଲେଖ କରାଯାଇଥିଲା ଓ ଜବାହାରଲାଲଜୀ ଆଶା ପ୍ରକଟ କରିଥିଲେ ଯେ କିଛି ମନ୍ତ୍ରୀ ପୁନଃ ମନ୍ତ୍ରୀମଣ୍ଡଳକୁ ଆସିଯିବେ । ଏହି ଆଶା ଲାଲବାହାଦୂରଜୀଙ୍କ ସମ୍ବନ୍ଧରେ ସତରେ ପରିଣତ ହେଲା ।

କଂଗ୍ରେସ ଲୋକମାନଙ୍କ ବିରୁଦ୍ଧରେ ଲଗାଯାଇଥିବା ଅଭିଯୋଗ ତଦନ୍ତ କରିବା ପାଇଁ କାମରାଜ ଯୋଜନା ଅନ୍ତର୍ଗତ ସର୍ବଶ୍ରୀ କାମରାଜ, ଜଗଜ୍ଜୀବନ ରାମ ଓ ମୁଁ -- ଏଇ ତିନିଜଣଙ୍କୁ ନେଇ ଗୋଟିଏ ସମିତି ଗଠନ କରାଯାଇଥିଲା । ଏହିପରି କଂଗ୍ରେସ ଦଳ ସଂଗଠନର ଗୋଟିଏ ବିଶେଷ କାର୍ଯ୍ୟ ଏହି ସମିତି ଉପରେ ନ୍ୟସ୍ତ କରାଯାଇଥିଲା । କିନ୍ତୁ ଶ୍ରୀ କାମରାଜଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବାର ନିଶ୍ଚୟ କରାଯିବାର ପରେ ଏଇ ସମିତିରେ କାମ ବନ୍ଦ ହୋଇଯାଇଥିଲା ଓ ଶ୍ରୀ କାମରାଜ କଂଗ୍ରେସ ଅଧ୍ୟକ୍ଷ ହେବା ପରେ ଏହାକୁ ସମ୍ପୂର୍ଣ୍ଣ ସମାପ୍ତ କରିଦିଆଯାଇଥିଲା ।

୧୯୬୩ ନଭେମ୍ବର ଶେଷକୁ ଦିନେ କାର୍ଯ୍ୟ ସମିତି ବୈଠକରେ ଜବାହରଲାଲଜୀଙ୍କ ସମ୍ମତିରେ ଶ୍ରୀ ଅତୁଲ୍ୟ ବାବୁ ଶ୍ରୀ କାମରାଜଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବା ପ୍ରସ୍ତାବ ପ୍ରସ୍ତୁତ କଲେ । ସେତେବେଳେ ମତେ ଲାଗିଲା କି ଏ ବିଷୟରେ କିଛି ବ୍ୟକ୍ତି ଭିତରେ ଭିତରେ କଥାବାର୍ତ୍ତା ହୋଇଯାଇ ଥିବେ । ମତେ ଏ ବିଷୟରେ କିଛି କୁହାଯାଇ ନଥିଲା ଓ ଅଚାନକ ଏ ପ୍ରସ୍ତାବ ରଖାଗଲା । କେହି ଏହାର ବିରୋଧ କଲେ ନାହିଁ । ବସ୍ତୁତଃ ଯେଉଁ ଉଦ୍ଦେଶ୍ୟରେ କାମରାଜ ଯୋଜନା ଲାଗୁ କରାଯାଇଥିଲା ସେ ଦୃଷ୍ଟିରୁ ତାଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବା ବିଷୟ ମତେ କହିବା ଉଚିତ ଥିଲା । ୧୯୬୦ରେ ଅତୁଲ୍ୟ ବାବୁ ମତେ ମନ୍ତ୍ରୀମଣ୍ଡଳ ଛାଡି କଂଗ୍ରେସ ଅଧ୍ୟକ୍ଷ ହେବା ପାଇଁ କହିଥିଲେ । ସେତେବେଳେ ମୁଁ ତାଙ୍କୁ କହିଥିଲି ଯେ ପ୍ରଥମେ ପନ୍ତଜୀ ଓ ଜବାହରଲାଲଜୀଙ୍କ ସମ୍ମତି ଏଥିପାଇଁ ନେଇ ନିଅନ୍ତୁ, ଏଥିରେ ମୋର ନିଜର କୌଣସି ଆପତ୍ତି ନାହିଁ ଓ ମୁଁ ଏ ପ୍ରସ୍ତାବକୁ ପ୍ରସନ୍ନତା ପୂର୍ବକ ଗ୍ରହଣ କରିବି । ଅତୁଲ୍ୟ ବାବୁ ପନ୍ତଜୀଙ୍କ ସହିତ କଥାବାର୍ତ୍ତା ହୋଇଥିଲେ କିନ୍ତୁ ସେ ଏ ପ୍ରସ୍ତାବ ସ୍ୱୀକାର କରିନଥିଲେ ଓ କହିଥିଲେ ଯେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ମୁକ୍ତ କରାଯାଇ ପାରିବ ନାହିଁ ।

ଶ୍ରୀ କାମରାଜଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବା ପ୍ରସ୍ତାବ ପୂର୍ବରୁ ଜବାହରଲାଲଜୀ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଅଧ୍ୟକ୍ଷ ହେବାକୁ କହିଥିଲେ, କିନ୍ତୁ ଲାଲବାହାଦୂରଜୀ ମନା କରିଥିଲେ । ମୁଁ ଜାଣିପାରିଲି ଯେ ଲାଲବାହାଦୂର ଶାସ୍ତ୍ରୀ ଏ ମନ୍ତ୍ରଣାରେ ସାମିଲ ଥିଲେ । ମୁଁ ପ୍ରଥମେ ତ ଏ ପ୍ରସ୍ତାବର ବିରୋଧ କଲି କିନ୍ତୁ ଏହାଦ୍ୱାରା ଜଟିଳ ସମସ୍ୟା ଉତ୍ପନ୍ନ ହୋଇଥାଆନ୍ତା, ତେଣୁ ପରେ ମୁଁ ଏଥିରେ ସମ୍ମତି ପ୍ରଦାନ କଲି । ପରଦିନ, ପରେ ସିଣ୍ଡିକେଟ୍ ନାମରେ ବିଖ୍ୟାତ ହୋଇଥିବା ଅନ୍ତରଙ୍ଗ ମଣ୍ଡଳର ଦୁଇ ସଦସ୍ୟ ମତେ ଭେଟିଥିଲେ । ସେମାନେ କହିଲେ ଅଧ୍ୟକ୍ଷ ପଦ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ହାତକୁ ନ ଯିବା ପାଇଁ ସେମାନେ ଶ୍ରୀ କାମରାଜଙ୍କୁ ଅଧ୍ୟକ୍ଷ କରିବା ପ୍ରସ୍ତାବ ରଖିଥିଲେ; ତେଣୁ ଏ ବିଷୟରେ ମୋର କୌଣସି ଆଶଙ୍କା କରିବା ଉଚିତ ନୁହେଁ । ମୁଁ ତାଙ୍କୁ କହିଲି ଯେ ଏ କାରବାର ମୋର ପସନ୍ଦ ନୁହେଁ । କିନ୍ତୁ ଏ ବିଷୟରେ କୌଣସି ଚର୍ଚ୍ଚା କରିବାକୁ ମୁଁ ଚାହେଁ ନାହିଁ । ଏହାପରେ ଶ୍ରୀ କାମରାଜ ବିଧିବଦ୍ଧ ଭାବେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେଲେ ।

Digitized by srujanika@gmail.com

କାମରାଜ ଯୋଜନା ବିଷୟରେ ଆଲୋଚନା ଚାଲୁଥିବାବେଳେ ସଂସଦରେ ପ୍ରଥମଥର ପାଇଁ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା । ଡ. ରାମ ମନୋହାର ଲୋହିଆ ଏହି ପ୍ରସ୍ତାବରେ ଜବାହରଲାଲଜୀ ଓ ଇନ୍ଦିରାଜୀଙ୍କ ଉପରେ ଅନେକ ଆରୋପ ଲଗାଇଥିଲେ । ଜବାହରଲାଲଜୀ ଚାହୁଁଥିଲେ ଯେ ଏହାର ଜବାବ ମୁଁ ଦିଏ କାରଣ ଏହାର ଜବାବ ଦେବା ତାଙ୍କ ପକ୍ଷରେ କଷ୍ଟକର ଓ ଅନୁଚିତ ଥିଲା । ତାଙ୍କ ପ୍ରସ୍ତାବ ସ୍ୱୀକାର କରି ମୁଁ ଏହାର ଜବାବ ଦେଲି । ଡ. ଲୋହିଆଙ୍କର ଗୋଟିଏ ବହିରୁ ଉଦାହରଣ ଦେଇ ମୁଁ ତାହାର କଡା ଜବାବ ଦେଇଥିଲି ଯାହାର ଗଭୀର ପ୍ରଭାବ ତାଙ୍କ ଉପରେ ପଡିଥିଲା ।

ଏହା ମଧ୍ୟରେ ଯେଉଁ ଗୋଟାଏ ଦୁଇଟା ଘଟଣା ହେଲା ତାହା ଉଲ୍ଲେଖ କରିବା ଠିକ୍ ହେବ ।

ବରୋଦାର ଶ୍ରୀ ପାଣାଭାଇ ପଟେଲ ଟ୍ରାକ୍ଟର ବ୍ୟବସାୟ କରୁଥିଲେ ଓ ତାଙ୍କର ଗୋଟିଏ ଟ୍ରାକ୍ଟର କାରଖାନା ଥିଲା । ତାଙ୍କ ପାଖରେ ଜଣେ ପାର୍ସୀ ମହିଳା କାମ କରୁଥିଲେ । ସେ ମହିଳାଙ୍କର ପାଣାଭାଇଙ୍କ ସହିତ ଥରେ ଝଗଡା ଲାଗିଲା, ସେଥି ସକାଶେ ସେ ଚାକିରିରୁ ବହିଷ୍କୃତ ହୋଇଥିଲେ । ସେଠାରୁ ଚାକିରିରୁ ଆସି ସେ ସଂସଦ ସଭ୍ୟ ଶ୍ରୀ ଫିରୋଜ ସାହା ଗାନ୍ଧୀଙ୍କୁ ପାଣାଭାଇ ପଟେଲଙ୍କ ବିରୁଦ୍ଧରେ ଆୟକର ଫାଙ୍କିବା ଅଭିଯୋଗ କରିଥିଲେ ଓ ତତ୍ସମ୍ବନ୍ଧୀୟ କିଛି ତଥ୍ୟ ମଧ୍ୟ ତାଙ୍କୁ ଦେଇଥିଲେ । ଶ୍ରୀ ଫିରୋଜ ସାହା ଗାନ୍ଧୀ ଏହି ଅଭିଯୋଗ ଅର୍ଥ ମନ୍ତ୍ରୀଙ୍କ ପାଖକୁ ପଠାଇ ତା'ର ତଦନ୍ତ କରିବାକୁ ଲେଖିଥିଲେ । ଏହାର ତଦନ୍ତ ସମୟରେ ଶ୍ରୀ ପାଣାଭାଇ ପଟେଲ ଓ ଆୟକର କମିଶନରଙ୍କ ମଧ୍ୟରେ ଗୋଟିଏ ବୁଝାମଣା ହୋଇଥିଲା । ଯେଉଁଥିରେ ଶ୍ରୀ ପାଣାଭାଇ ପଟେଲ କର ଫାଙ୍କିବା ମାନିଥିଲେ । ପରିସ୍ଥିତି ଏପରି ଥିଲା ଯେ ସେ ନିଜେ ସ୍ୱୀକାର କରି ନଥିଲେ, ତାଙ୍କ ବିରୁଦ୍ଧରେ ଅଭିଯୋଗ ସିଦ୍ଧ କରିବା ପାଇଁ କୌଣସି ପ୍ରମାଣ ଉପଲବ୍ଧ ନଥିଲା । ସେଥିପାଇଁ ବୁଝାମଣା କରିବାକୁ ପଡିଥିଲା । କିନ୍ତୁ ବୁଝାମଣା ସତ୍ତ୍ୱେ କମ ଜୋରିମାନା ଆଦାୟ କରାଗଲା ନାହିଁ । ବୁଝାମଣାର ଏହି ପରିଣାମ ହେଲା ଯେ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ଚାଲିଲା ନାହିଁ, ଯେତେ ପରିମାଣରେ କର ଫାଙ୍କି ଦିଆଯାଇଥିଲା, ସେଇ ଅନୁସାରେ ଖବର ଦେଇଥିବା ମହିଳାଙ୍କୁ ପୁରସ୍କାର ଦିଆଗଲା । ସେ ମହିଳାଜଣକ ଏହାଠାରୁ ଅଧିକ ପରିମାଣ କର ଚୋରି ହୋଇଥିଲା ବୋଲି କହିଥିଲେ କିନ୍ତୁ ତା'ର କୌଣସି ପ୍ରମାଣ ନଥିଲା । ସେ ମହିଳା ନିଜେ କହିଥିବା ପରିମାଣ ଅନୁପାତରେ ପୁରସ୍କାର ଦାବି କଲେ । ଏ ସମ୍ବନ୍ଧରେ ତଦନ୍ତ ବେଳେ ମିଳିଥିବା ସମସ୍ତ ତଥ୍ୟ ଓ ଜୋରିମାନା ଇତ୍ୟାଦି ମୁଁ ଜବାହରଲାଲଜୀଙ୍କୁ ଜଣାଇଥିଲି ।

ପରେ ଉକ୍ତ ପାର୍ସୀ ମହିଳା ଜଣକ କୁଅଁରଜୀ ଭାଭା ଆଦିଙ୍କ ପାଲରେ ପଡି ଜବାହରଲାଲଜୀଙ୍କୁ ଅଭିଯୋଗ କଲେ ଯେ ଏଥିରେ ପାଣାଭାଇଙ୍କ ପ୍ରତି ଦୟା ପ୍ରଦର୍ଶନ କରାଯାଇ ତାଙ୍କୁ କମ୍ ଦଣ୍ଡ ଦିଆଯାଇଛି । ତା' ସହିତ ମଧ୍ୟ କହିଲେ ଯେ ଗୁପ୍ତ ଖବର ଦେବାପାଇଁ ତାଙ୍କୁ ଯେତେ ପୁରସ୍କାର ଦିଆଯାଇଛି ତା'ଠାରୁ ଅଧିକ ମିଳିବା ଉଚିତ । ଜବାହରଲାଲଜୀ ସେ ଅଭିଯୋଗ ପତ୍ର ମୋ ପାଖକୁ ପଠାଇ ମତେ ସେ ବିଷୟରେ ତଦନ୍ତ କରିବାକୁ କହିଲେ । ମୁଁ ସାଙ୍ଗେ ସାଙ୍ଗେ ଏହାର ଲିଖିତ ଉତ୍ତର ପଠାଇଲି, "ଏ ବିଷୟରେ ସମସ୍ତ ସତ ଘଟଣା ମୁଁ ଆଗରୁ ଆପଣଙ୍କ ପାଖକୁ ଲେଖି ପଠାଇଛି । ଏ ମହିଳାଙ୍କ ଅଭିଯୋଗ ମିଥ୍ୟା ଓ ନିରାଧାର ଅଟେ । ଏସବୁ ଆପଣଙ୍କୁ ଜଣାଇ ସାରିଥିବା ସତ୍ତ୍ୱେ ଆପଣ ଏ ଅଭିଯୋଗ ପତ୍ର ଯେମିତି ପାଇଛନ୍ତି ସେମିତି ମୋ ପାଖକୁ ପଠାଇ ଦେଇଛନ୍ତି ଓ ସେଥିରେ ହୋଇଥିବା ଅଭିଯୋଗ ଉପରେ କିଛି ଲେଖିନାହାନ୍ତି -- ଏଥିରେ ମତେ ବହୁତ ଦୁଃଖ ଲାଗିଛି । ଯଦି ଆପଣଙ୍କୁ ଲାଗୁଛି ଯେ ମୁଁ କାହାରି ପ୍ରଭାବରେ ପଡି କାମ କରୁଛି ତେବେ ମତେ ଶୀଘ୍ର ମୋ ପଦରୁ ତ୍ୟାଗପତ୍ର ଦେବା ଉଚିତ କାରଣ ଏପରି ଅଭିଯୋଗ ମାନି ନେଲେ କୌଣସି ମନ୍ତ୍ରୀ କାମ କରିପାରିବେ ନାହିଁ ଓ ଏଥିରେ ମୋ ସ୍ୱାଭିମାନକୁ ଧକ୍କା ଲାଗିଛି । ଏ ମହିଳା ବେଶୀ ପୁରସ୍କାର ଲାଳସାରେ ଏପରି ମିଛ ଦୋଷାରୋପ କରୁଛି ଯାହା ଏକ ପ୍ରକାର 'ବ୍ଲାକ ମେଲ' ଅଟେ । ଅତଃ ତାଙ୍କ କଥାରେ କୌଣସି

Digitized by srujanika@gmail.com

ସତ୍ୟତା ଆପଣଙ୍କୁ ଜଣାପଡିଲେ ଆପଣ ମତେ ସୂଚିତ କରନ୍ତୁ, ଯଦ୍ୱାରା ମୁଁ ମନ୍ତ୍ରୀମଣ୍ଡଳରୁ ହଟିଯାଏ । ଅନ୍ୟଥା ସେ ମହିଳାଙ୍କୁ ଆପଣ କହିଦେବା ଉଚିତ ଯେ ତାଙ୍କ ଅଭିଯୋଗ ଅସତ୍ୟ ଅଟେ ?''

ଏହାପରେ ଜବାହରଲାଲଜୀ ସାଙ୍ଗେ ସାଙ୍ଗେ ମତେ ବତାଇଥିଲେ ଯେ, ''ଏ ସମ୍ବନ୍ଧରେ ଆପଣ ଆଗରୁ ଯେଉଁ ବିସ୍ତୃତ ବକ୍ତବ୍ୟ ପଠାଇଥିଲେ ତାହା ମୋର ଧ୍ୟାନରେ ନଥିଲା । ତେଣୁ ଏ ଚିଠି ମୁଁ ଆପଣଙ୍କ ପାଖକୁ ପଠାଇ ଦେଇଥିଲି ।'' ସେ ଏକଥା କହିଥିଲେ ଯେ ଉକ୍ତ ମହିଳାଙ୍କୁ ମୁଁ କହିଦେଇଛି ଯେ ତାଙ୍କ ଉପରେ ମୋର ବିଶ୍ୱାସ ନାହିଁ, ତେଣୁ ଆପଣ ମନ ଦୁଃଖ କରନ୍ତୁ ନାହିଁ । ଏହିପରି ଏ ପ୍ରକରଣ ସମାପ୍ତ ହେଲା ।

୧୯୬୩ ଶେଷକୁ ମୋ ପୁଅ ଶ୍ରୀ କାନ୍ତିଲାଲ ବମ୍ବେରୁ ମୋ ପାଖକୁ ଲେଖିଥିଲେ ଯେ, ''ବର୍ଷେ ଆଗରୁ ମୁଁ ଆପଣଙ୍କୁ କହିଥିଲି ଯେ, କିଛି ବର୍ଷ ବ୍ୟବସାୟ କରିବା ପରେ ମୁଁ ସାର୍ବଜନିକ ଜୀବନରେ ପ୍ରବେଶ କରିବାକୁ ମୋର ଇଚ୍ଛା । ସେଇ ଅନୁସାରେ ମୁଁ ବ୍ୟବସାୟ କରି କିଛି ସଞ୍ଚୟ କରିଛି ସେଥିରେ ମୋ ଜୀବନ ନିର୍ବାହ କରିବାକୁ ବ୍ୟବସ୍ଥା କରିଛି । ଏହାଠାରୁ ଅଧିକ ଟଙ୍କା ପଇସାର ମୋର ଦରକାର ନାହିଁ । ତେଣୁ ସାର୍ବଜନିକ ଜୀବନରେ ପ୍ରବେଶ କରିବା ମୁଁ ନିର୍ଣ୍ଣୟ କରିଛି । କିନ୍ତୁ ସାର୍ବଜନିକ ଜୀବନରେ ପ୍ରବେଶ ମୁଁ ଆପଣଙ୍କ ମାର୍ଗ ଦର୍ଶନରେ ହିଁ କରିବାକୁ ଚାହେଁ । ତେଣୁ ବର୍ତ୍ତମାନ, ଆପଣ ଯେତେବେଳେ ମନ୍ତ୍ରୀପଦରେ ନାହାନ୍ତି ସେତେବେଳେ, ମୁଁ ଆପଣଙ୍କ ନିଜୀ ସଚିବ ହିସାବରେ କାମ କରିପାରେ । ଆପଣ ଏଥିରେ ଏକମତ ହେଲେ, ମୁଁ ବମ୍ବେ ଛାଡି ଆସି ଆପଣଙ୍କ ପାଖରେ ରହିବି ।'' ଏହାର ଉତ୍ତରରେ ମୁଁ ତାଙ୍କୁ ଲେଖିଲି, ''ଏପରି କରିବାକୁ ହେଲେ ତୁମକୁ ବ୍ୟବସାୟ ଛାଡି ଦେବାକୁ ହେବ । ବ୍ୟବସାୟ ଛାଡି କରି ହିଁ ତୁମର ମୋ ସହିତ କାମ କରିବା ସମ୍ଭବ ହୋଇପାରେ । ଏହିପରି ବ୍ୟବସାୟ ଛାଡିକରି (ମୁଁ ମନ୍ତ୍ରୀପଦରେ ନ ରହିବା ଅବସ୍ଥାରେ) ତୁମେ ମୋ ସହିତ ରହିକରି ମୋ କାମ କରିଲେ ସେଥିରେ କେହି ଆପତ୍ତି କରିପାରିବେ ନାହିଁ, ନା କେହି କହିପାରିବେ ଯେ ଲାଇସାର ବଶବର୍ତ୍ତୀ ହୋଇ ଏହା କରାଯାଇଛି ।'' ଶ୍ରୀ କାନ୍ତିଲାଲ ବତାଇ ଥିଲେ ଯେ ତାଙ୍କର ପତ୍ନୀ ଓ ପିଲାମାନେ ବମ୍ବେରେ ରହିବେ କାରଣ ତାଙ୍କ ପତ୍ନୀଙ୍କର ଅନ୍ୟ ଜଣଙ୍କ ସହିତ ବ୍ୟବସାୟ ଚାଲୁଥିଲା ଯାହାର ଦେଖାଶୁଣା ସେମାନେ କରିବେ ଓ ପିଲା ଦୁହିଁଙ୍କର ପଢା ମଧ୍ୟ ବମ୍ବେରେ ଚାଲୁ ରହିବ । ମତେ ଲାଗିଲା ଯେ କାନ୍ତିଲାଲ ବ୍ୟବସାୟରୁ ନିବୃତ୍ତ ହୋଇ ମୋ ସହିତ ଦିଲ୍ଲୀରେ ରହିବେ । ତେଣୁ ମୁଁ ତାଙ୍କ କଥାମାନି ନେଲି । ଏହାପରେ ୧୯୬୪ ଆରମ୍ଭରେ ସେ ଦିଲ୍ଲୀ ଆସି ମୋ ସହିତ ରହିଲେ ଓ ମୋ ନିଜୀ ସଚିବ ରୂପେ କାମ କରିବା ଆରମ୍ଭ କରିଦେଲେ । ତାଙ୍କ ସ୍ତ୍ରୀ ଓ ପିଲାମାନେ ବମ୍ବେରେ ହିଁ ରହୁଥିଲେ । ଯେବେ କେବେ କୌଣସି ନା କୌଣସି କାମରେ ଆମକୁ ବମ୍ବେ ବା ବମ୍ବେ ହୋଇ ଅନ୍ୟତ୍ର ଯିବାଆସିବା କରିବାକୁ ପଡୁଥିଲା, ସେଥିରେ ପିଲାମାନଙ୍କ ସହିତ ଦେଖାଚାହାଁ ହୋଇଯାଉଥିଲା । ଛୁଟିରେ ପିଲାମାନେ ଦିଲ୍ଲୀ ଆସିଯାଉଥିଲେ ।

ସେ ସମୟରେ ମୁଁ ତ୍ୟାଗରାଜ ମାର୍ଗର ସାତ ନମ୍ବର ବଙ୍ଗଳାରେ ରହୁଥିଲି । ୧୯୬୩ ସେପ୍ଟେମ୍ବର ପହିଲାରେ ଯେତେବେଳେ ମୁଁ ମନ୍ତ୍ରୀମଣ୍ଡଳରୁ ବାହାରି ଆସିଲି, ତା'ର ସାତଦିନ ପରେ ହିଁ ମୁଁ ୱେଲିଂଟନ କ୍ରେସେଣ୍ଟରେ କୋଠି ଛାଡି ତ୍ୟାଗରାଜ ରୋଡରେ ସାତ ନମ୍ବର କୋଠିରେ ରହିଲି । ସଂସଦ ସଦସ୍ୟମାନଙ୍କର କୌଣସି କୋଠି ସେତେବେଳେ ଖାଲି ନ ଥିଲା । ରାଷ୍ଟ୍ରପତି ମତେ ଏ କୋଠି ଦେବା ମଞ୍ଜୁର କରିଥିଲେ ଓ ଏହାକୁ ମତେ ଦିଆଯାଇଥିଲା ।

୧୯୬୩ ସେପ୍ଟେମ୍ବର ମାସରେ ଗୁଜରାଟରେ ଡ. ଜୀବରାଜ ମେହେଟାଙ୍କ ବିରୁଦ୍ଧରେ ଅସନ୍ତୋଷ ବହୁତ ବଢିଯାଇଥିଲା । ତାଙ୍କର ତଥା ତାଙ୍କର ଦୁଇମନ୍ତ୍ରୀ -- ଶ୍ରୀ ରସିକଲାଲ ପରିଖ ଓ ଶ୍ରୀ ରତୁଭାଇ ଆଦାଣୀଙ୍କ ବିରୁଦ୍ଧରେ କଂଗ୍ରେସ ବିଧାୟକମାନଙ୍କ ମଧ୍ୟରେ ତୀବ୍ର ଭାବନା ଉତ୍ପନ୍ନ ହୋଇଥିଲା । ଏହା ପୂର୍ବରୁ ଶ୍ରୀ ବଳବନ୍ତରାୟ ମେହେତା ବିଧାନସଭାକୁ ଏକ ଉପନିର୍ବାଚନରେ ନିର୍ବାଚିତ ହୋଇଥିଲେ । ତାଙ୍କୁ ଏ ଉପନିର୍ବାଚନରେ ହରାଇବା

Digitized by srujanika@gmail.com

ପାଇଁ କେତେକ ବ୍ୟକ୍ତିଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଚେଷ୍ଟା କରାଯାଇଥିଲା । କିନ୍ତୁ ତାଙ୍କ ଚେଷ୍ଟାକୁ ପାଣିରେ ପକାଇ ଶ୍ରୀ ବଳବନ୍ତରାୟ ମେହେତା ନିର୍ବାଚନରେ ଜିତିଥିଲେ । ପ୍ରାଦେଶିକ କଂଗ୍ରେସରେ ଡ. ଜୀବରାଜ ମେହେଟ୍ଟା ଓ ତାଙ୍କର ଉପରୋକ୍ତ ଦୁଇ ସହଯୋଗୀଙ୍କ ପ୍ରତି ବିରୋଧାଚରଣର କାରଣ ହେଲା ଯେ ସେମାନେ ପ୍ରାଦେଶିକ କଂଗ୍ରେସର ଆଦେଶ ଓ ପରାମର୍ଶ ମାନୁନଥିଲେ, କେବଳ ସେତିକି ନୁହେଁ, ଯେଉଁମାନେ ତାଙ୍କ ସହିତ ସାଥି ହେଉନଥିଲେ ସେମାନଙ୍କୁ ହଇରାଣ କରୁଥିଲେ । ଦୁଇ ତିନିଥର ଏପରି ଅଭିଯୋଗ ମୋ ପାଖକୁ ଆସିଥିଲା । ଏପରି ଅଭିଯୋଗ ଆସିଲେ ପ୍ରତ୍ୟେକ ଥର ଗୁଜରାଟରେ ମୋ ସାଥୀମାନଙ୍କୁ ଏହା କହୁଥିଲି ଯେ, ‘‘ଏ ସମ୍ବନ୍ଧରେ ଆପଣଙ୍କର କୌଣସି ଟାଣୁଆ କାରବାର କରିବା ଉଚିତ ନୁହେଁ ତଥା ଅନ୍ୟ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ମନ୍ତ୍ରୀମଣ୍ଡଳର ପରିସ୍ଥିତିରେ କୌଣସି ପରିବର୍ତ୍ତନ କରିବା ପରମ୍ପରା ତିଆରି କରିବା ପ୍ରଯତ୍ନରେ ଆପଣମାନଙ୍କୁ ଲାଗିବା ଉଚିତ ନୁହେଁ ।’’ ମୋର ଏ ପରାମର୍ଶ ଲୋକମାନଙ୍କର ପସନ୍ଦ ହେଉ ନଥିଲା କିନ୍ତୁ ଏ ବିଷୟରେ ମତେ କିଛି କହୁ ନଥିଲେ ।

ଦିନେ ରାତିରେ ଡ. ଜୀବରାଜ ମେହେଟ୍ଟା କଂଗ୍ରେସ ବିଧାନ ସଭା ଦଳର ବୈଠକ ଡକାଇଥିଲେ ଯେଉଁଠାରେ ଅଧିକାଂଶ ବିଧାୟକ ଡ. ଜୀବରାଜ ମେହେଟ୍ଟାଙ୍କ ପ୍ରତି ଅଚାନକ ଅବିଶ୍ୱାସ ବ୍ୟକ୍ତ କରିଲେ । ବିରୁଦ୍ଧତା କମାଇବା ପାଇଁ ଶ୍ରୀ ରସିକଲାଲ ପରିଖ୍ ଓ ଶ୍ରୀ ରତୁଭାଇ ଅଦାଣୀ ଆଗରୁ ହିଁ ତ୍ୟାଗପତ୍ର ଦେଇ ମନ୍ତ୍ରୀପଦରୁ ମୁକ୍ତ ହୋଇଯାଇଥିଲେ । ମୁଁ ଭାବୁଛି ଯେ ଯଦି ତିନିଚାରି ମାସ ଆଗରୁ ସେମାନେ ମନ୍ତ୍ରୀପଦ ଛାଡି ଦେଇଥାନ୍ତେ ତାହା ହେଲେ ଅବିଶ୍ୱାସ ପ୍ରସ୍ତାବର ଦରକାର ପଡି ନଥାନ୍ତା । ପାଞ୍ଚ ଛ' ମାସ ଆଗରୁ ମୁଁ ଡ. ଜୀବରାଜ ମେହେଟ୍ଟାଙ୍କୁ ଏ ଦୁଇଜଣଙ୍କ ବିଭାଗ ଅଦଳ ବଦଳ କରିବାକୁ ପରାମର୍ଶ ଦେଇଥିଲି ଓ କହିଥିଲି, ‘‘ଏପରି କରିଲେ ତାଙ୍କ ପ୍ରତି ବିରୁଦ୍ଧତା ଦବି ଯିବ ନହେଲେ ମୋର ଆଶଙ୍କା ଯେ ପରିଣାମ ଭଲ ହେବ ନାହିଁ ।’’ କିନ୍ତୁ ମୋର ଏ ଉପଦେଶ ଉପରେ ବିଶେଷ ଧ୍ୟାନ ଦିଆଗଲା ନାହିଁ ଓ ମୁଁ ମଧ୍ୟ କୌଣସି ଆଗ୍ରହ ପ୍ରକାଶ କଲି ନାହିଁ କାରଣ ମୁଁ ଏ ନୀତିରେ ବିଶ୍ୱାସ କରେ ଯେ ପ୍ରଦେଶରେ କାମ କରୁଥିବା ବ୍ୟକ୍ତିଙ୍କର ନିଜ ଅନୁକୂଳ ଢଙ୍ଗରେ କାମ କରିବାର ସ୍ୱାଧୀନତା ରହିବା ଉଚିତ । ଏଣୁ, ସାଧାରଣତଃ, ଯେବେ କେହି ମତେ କୌଣସି ବିଷୟରେ କିଛି ପଚାରନ୍ତି ତେବେ ଯାଇ ମୁଁ ପରାମର୍ଶ ଦେଉଥିଲି, ଏହାଛଡା ମୁଁ କାହାକୁ କେବେ କିଛି କହୁନଥିଲି ।

ଡ. ଜୀବରାଜ ମେହେଟ୍ଟାଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଯେତେବେଳେ କଂଗ୍ରେସ ଅଧ୍ୟକ୍ଷଙ୍କ ପାଖକୁ ଆସିଲା ଜବାହରଲାଲଜୀ ଆଶ୍ଚର୍ଯ୍ୟ ହୋଇଥିଲେ ଓ ଟିକେ ରାଗୀ ଥିଲେ ମଧ୍ୟ ସେ ମତେ ଏକଥା କହିଲେ ଯେ ଡ. ଜୀବରାଜ ମେହେଟ୍ଟା ତ କହୁଥିଲେ ଯେ ବିଧାୟକମାନଙ୍କ ବହୁମତ ତାଙ୍କ ସପକ୍ଷରେ ଅଛି । ମୁଁ କହିଲି, ‘‘ମୁଁ ତାଙ୍କ ବିଷୟରେ ଆପଣଙ୍କୁ ଆଗରୁ ଯାହା କହିଥିଲି, ସେଇକଥା ବର୍ତ୍ତମାନ ସାମ୍ନାକୁ ଆସୁଛି । ତଥାପି ଆପଣ କଂଗ୍ରେସ ଅଧ୍ୟକ୍ଷଙ୍କୁ ଅହମ୍ମଦାବାଦ ପଠାନ୍ତୁ । ସେ ସେଠାକୁ ଯାଇ, ପ୍ରତ୍ୟେକ ବିଧାୟକଙ୍କୁ ଭେଟି ଖବର ନିଅନ୍ତୁ ଯେ ବିରୋଧିମାନେ କାହାର ପ୍ରୋତ୍ସାହନରେ ବିରୋଧ କରୁଛନ୍ତି ବା ତାଙ୍କ ବିରୋଧର କୌଣସି ବାସ୍ତବତା ଅଛି କି ନାହିଁ । ବିରୋଧର ବାସ୍ତବତା ନଥିଲେ ଆପଣଙ୍କ ତା' ଉପରେ ଧ୍ୟାନ ଦେବା ଦରକାର ନାହିଁ । କିନ୍ତୁ ବାସ୍ତବରେ ବିରୁଦ୍ଧତା ଥିଲେ ଡା. ଜୀବରାଜ ମେହେଟ୍ଟାଙ୍କ ପକ୍ଷରେ ପଦମୁକ୍ତ ହେବା ଛଡା କୌଣସି ଚାରା ନାହିଁ ।’’ ସେ ମୋର ଏକଥା ମଞ୍ଜୁର କଲେ ଓ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ସଞ୍ଜୀବାୟାଙ୍କୁ ସେଠାକୁ ପଠାଇଲେ ଯେ କି ତାଙ୍କର ନିଜ ଲୋକ ଥିଲେ ଓ ଶେଷଯାଏ ଇନ୍ଦିରାଜୀଙ୍କ ସପକ୍ଷରେ ଥିଲେ । ଶ୍ରୀ ସଞ୍ଜୀବାୟାଙ୍କୁ ମୁଁ କହିଥିଲି ଆପଣ ତଦନ୍ତ କରିବା ବେଳେ ଡ. ଜୀବରାଜ ମେହେଟ୍ଟାଙ୍କୁ ଆପଣଙ୍କ ସହିତ ନିଶ୍ଚୟ ରଖିବେ ଯେଉଁଥିରୁ ତାଙ୍କର ବିଶ୍ୱାସ ହୋଇଯିବ ଯେ ତଦନ୍ତ ନ୍ୟାୟପୂର୍ବକ ଓ ବିନା ପକ୍ଷପାତରେ କରାଯାଉଛି ।

Digitized by srujanika@gmail.com

ଶ୍ରୀ ସଞ୍ଜୀବାୟା ଅହମ୍ମଦାବାଦ ଯାଇ ଡ. ଜୀବରାଜ ଓ ପ୍ରାଦେଶିକ କଂଗ୍ରେସ ଅଧ୍ୟକ୍ଷଙ୍କ ସହିତ କଥାବାର୍ତ୍ତା କଲେ । ଏହାପରେ ସେ କଂଗ୍ରେସ ଭବନରେ କଂଗ୍ରେସୀ ବିଧାୟକଙ୍କ ସମ୍ମିଳନୀ ଆୟୋଜନ କଲେ । ଡା. ଜୀବରାଜ ଏହାର ବିରୋଧ କଲେ ଓ କହିଲେ ଯେ ଏ ସମ୍ମିଳନୀ ବିଧାନସଭା ଭବନରେ କଂଗ୍ରେସ ଦଳର ଯେଉଁ କାର୍ଯ୍ୟାଳୟ ଅଛି ସେଠାରେ ହେବା ଉଚିତ । ମୋ ପରାମର୍ଶ ଅନୁସାରେ ଶ୍ରୀ ସଞ୍ଜୀବାୟା ଡ. ମେହେଟାଙ୍କୁ ତାଙ୍କ ସାଥିରେ ବସିବାକୁ କହିଲେ । କିନ୍ତୁ ଡ. ଜୀବରାଜ ତାଙ୍କ ସହିତ ବସିବାକୁ ମନା କଲେ ଏବଂ କଂଗ୍ରେସୀ ବିଧାୟକଙ୍କ କାର୍ଯ୍ୟାଳୟ ବାହାରେ ଚଉକି ପକାଇ ମିଟିଂ ଉପରେ ନିଘା ରଖି ବସିଲେ । ଶ୍ରୀ ସଞ୍ଜୀବାୟାଙ୍କ ସହିତ ଦେଖାକରି ଆସୁଥିବା ବିଧାୟକ ଦେଖା କରିବାକୁ ଅପେକ୍ଷାରତ ଅନ୍ୟ ବିଧାୟକଙ୍କ ସହିତ ନ ଭେଟିବାକୁ, ମୋ ଖିଆଲରେ, ସେ ବାହାରେ ବସି ନଜର ରଖିଥିଲେ । ଶ୍ରୀ ସଞ୍ଜୀବାୟାଙ୍କ ଠାରୁ ଏସବୁ ଖବର ମତେ ମିଳିଥିଲା । ମୁଁ ସ୍ୱୟଂ ତ ସେଠାରେ ନଥିଲି ତେଣୁ ମତେ କିଛି ଜଣାନଥିଲା । ଶ୍ରୀ ସଞ୍ଜୀବାୟା ପ୍ରତ୍ୟେକ ସଦସ୍ୟଙ୍କୁ ଅଲଗା କରି ଡାକି ତାଙ୍କୁ ପଚାରିଥିଲେ ଓ ଏହିପରି ସମସ୍ତଙ୍କ ବିଚାର ଜାଣିଗଲେ । ମନ୍ତ୍ରୀମଣ୍ଡଳ ସଦସ୍ୟଙ୍କୁ ମଧ୍ୟ ସେ ପଚାରିଲେ । ମନ୍ତ୍ରୀମଣ୍ଡଳରେ ଜଣେ ଦି'ଜଣ ସଦସ୍ୟଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଡ. ଜୀବରାଜ ଓ ତାଙ୍କ କାର୍ଯ୍ୟ ପ୍ରଣାଳୀର ଖୁବ୍ ବିରୋଧ କରିଥିଲେ ଓ ତାଙ୍କ ପ୍ରତି ଅବିଶ୍ୱାସ ବ୍ୟକ୍ତ କରିଥିଲେ । ପଛୁଆ ଜାତି ପ୍ରତ୍ୟେକ ସଦସ୍ୟଙ୍କୁ ଖୁବ ଯତ୍ନ ସହକାରେ ପଚରାଉଚରା କରିଥିଲେ । ପରେ ସେ ମତେ ବତାଇଥିଲେ ଯେ ସବୁ ସଦସ୍ୟଙ୍କର ବ୍ୟକ୍ତିଗତ ରୂପେ ଡା. ଜୀବରାଜଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ଓ ତାଙ୍କ କାର୍ଯ୍ୟପ୍ରଣାଳୀ ତଥା ସଦସ୍ୟମାନଙ୍କ ପ୍ରତି ବ୍ୟବହାର ସେ ଆଦୌ ପସନ୍ଦ କରୁନଥିଲେ ।

ଶ୍ରୀ ସଞ୍ଜୀବାୟା ଅହମ୍ମଦାବାଦରୁ ଫେରି ଏସବୁ ଜବାହରଲାଲଜୀଙ୍କୁ ବତାଇଥିଲେ । ଏହାପରେ ପାର୍ଲାମେଣ୍ଟାରୀ ବୋର୍ଡରେ ଏ ବିଷୟରେ ଚର୍ଚ୍ଚା ହେଲା । ଗୁଜରାଟରେ କଂଗ୍ରେସ ଦଳର ନୂଆ ନେତା ବାଛିବା ନିଷ୍ପତ୍ତି ହେଲା ଓ ସେଥିପାଇଁ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ସେଠାକୁ ପଠାଗଲା । ବିଧାୟକମାନଙ୍କ ସଭାରେ ଶ୍ରୀ ବଳବନ୍ତ ରାୟ ମେହେତା ସର୍ବ ସମ୍ମତିକ୍ରମେ ନେତା ବଛା ହେଲେ ଓ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେଲେ । ଇତି ମଧ୍ୟରେ ଡ. ଜୀବରାଜ ଜବାହରଲାଲଜୀଙ୍କୁ ଖଣ୍ଡେ ଚିଠି ଲେଖିଲେ ଯେଉଁଥିରେ ସେ କହିଥିଲେ ଯେ, ''ମୋ ପ୍ରତି ସଦସ୍ୟମାନଙ୍କ ଅବିଶ୍ୱାସ କାହିଁକି ହେଲା ତା'ର ତଦନ୍ତ ହେବା ଉଚିତ ଓ ଯଦି ସଦସ୍ୟମାନେ ଏହାର କାରଣ ନ କୁହନ୍ତି ତେବେ ମୋ ବିରୁଦ୍ଧରେ ଯେଉଁ ଅବିଶ୍ୱାସ ପ୍ରସ୍ତାବ ପାସ ହୋଇଛଇ ତାହାକୁ ଅମାନ୍ୟ କରାଯିବା ଉଚିତ ।'' ପାର୍ଲାମେଣ୍ଟାରୀ ବୋର୍ଡ ତାଙ୍କ କଥା ଶୁଣିବା ଉଚିତ -- ଏକଥା ମଧ୍ୟ ସେ ଲେଖିଥିଲେ । ଏ ପତ୍ରର କପି ମୋ ପାଖକୁ ଆଗରୁ ପଠାଯାଇ ନଥିଲା । କିନ୍ତୁ କିଛି ଅନ୍ୟ କାମରେ ମୁଁ ଜବାହରଲାଲଜୀଙ୍କୁ ତାଙ୍କ ଘରେ ସାକ୍ଷାତ କରିବାକୁ ଯାଇଥିଲି । କାମ ଶେଷ ହେବପରେ ଜବାହରଲାଲଜୀ ଏଇ ଚିଠି କଥା ଉଲ୍ଲେଖ କରି, ଏହାର କପି ମତେ ଦେଲେ ଓ ତା' ସହିତ ସେ ଏକଥା ମଧ୍ୟ କହିଥିଲେ, ''ଡ. ଜୀବରାଜ ଆର ରୁମରେ ବସିଛନ୍ତି । ତାଙ୍କୁ ଡାକିଲେ ତାଙ୍କ ସହିତ କଥାବାର୍ତ୍ତା ହୋଇଯିବ ।'' ମୁଁ ତା'ର ଶକ୍ତ ବିରୋଧ କଲି, ଡ. ଜୀବରାଜ ପାଖ ରୁମରେ ଉପସ୍ଥିତ ଥିଲେ ଏହା ମତେ ଅଥବା ଅନ୍ୟ କାହାକୁ ପ୍ରଥମରୁ କୁହାଯାଇ ନଥିଲା ଓ ଏହିପରି ମତେ ଅନ୍ଧାରରେ ରଖି ଏହିସବୁ ବ୍ୟବସ୍ଥା କରାଯାଇଥିଲା । ତେଣୁ ମୁଁ କହିଲି ଏ ପ୍ରଣାଳୀ ଅତ୍ୟନ୍ତ ଭ୍ରମାତ୍ମକ ଅଟେ । ପାର୍ଲାମେଣ୍ଟାରୀ ବୋର୍ଡ ଓ କଂଗ୍ରେସ ଅଧ୍ୟକ୍ଷଙ୍କର ତଦନ୍ତ ପରେ ଡ. ଜୀବରାଜଙ୍କ ପ୍ରତି ଅବିଶ୍ୱାସ ପ୍ରସ୍ତାବ ମଞ୍ଜୁର ହୋଇ ସାରିଛି ଓ ଅନ୍ୟ ନେତା ବାଛିବା କଥା ସ୍ଥିର ହୋଇସାରିଛି । ତେଣୁ ଡ. ଜୀବରାଜ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହା ଠିକ୍ ନୁହେଁ । ତାଙ୍କ ଉପରେ ସଦସ୍ୟମାନଙ୍କର କାହିଁକି ବିଶ୍ୱାସ ନାହିଁ ସେ କଥା ସେ ନିଜେ ଜାଣିବା ଉଚିତ । ବର୍ତ୍ତମାନ ଏକଥା ପଚାରିବା ନିରର୍ଥକ ଅଟେ । ତାଙ୍କୁ ଏଠାକୁ ଡାକି ଚର୍ଚ୍ଚା କରାଗଲେ ସେଥିରେ ଜଣଙ୍କର ଅନ୍ୟ ଜଣଙ୍କ ଉପରେ ଆରୋପ ପ୍ରତ୍ୟାରୋପ ବ୍ୟତୀତ ଆଉ କିଛି ହେବ ନାହିଁ ଓ ଏ ପ୍ରଣାଳୀ ସର୍ବଥା ଅନୁଚିତ ଏବଂ ନିୟମ ବିରୁଦ୍ଧ ଅଟେ । ତେଣୁ ମୁଁ ଏହାକୁ ସ୍ୱୀକାର କରିପାରିବି ନାହିଁ ।

Digitized by srujanika@gmail.com

ଏହାପରେ ମୁଁ ଜବାହରଲାଲଜୀଙ୍କୁ କହିଲି, ''ମୁଁ ବର୍ତ୍ତମାନ ଯାଉଛି । ମୋ ଅନୁପସ୍ଥିତିରେ ଆପଣ ଡ. ଜୀବରାଜଙ୍କୁ ଡାକିବାକୁ ଚାହାନ୍ତି ତ ଡାକନ୍ତୁ କିନ୍ତୁ ମୁଁ ଉପସ୍ଥିତ ରହିବି ନାହିଁ । ମୋର ଏ ଆଚରଣ ଅନୁଶାସନ ବିରୁଦ୍ଧ ଅଟେ । ଏଥିପାଇଁ ମୋ ବିରୁଦ୍ଧରେ ଯାହା କାରବାର ଆପଣ କରିବାକୁ ଚାହାନ୍ତି କରିପାରନ୍ତି । ମୁଁ ସେଥିରେ ଆପତ୍ତି କରିବି ନାହିଁ । କିନ୍ତୁ ଡ. ଜୀବରାଜଙ୍କୁ ଡାକି ତାଙ୍କ ସହିତ ଚର୍ଚ୍ଚା କରିବାକୁ ମୁଁ ପ୍ରସ୍ତୁତ ନାହିଁ ।''

ଏହା କହି ମୁଁ ଯେତେବେଳେ ଚାଲିଯିବାକୁ ଉଠିଲି ଜବାହରଲାଲଜୀ ତତ୍କାଳ କଂଗ୍ରେସ ଅଧ୍ୟକ୍ଷଙ୍କୁ କହିଲେ, ''ଡ. ଜୀବରାଜଙ୍କୁ କହିଦିଅନ୍ତୁ ଯେ ବର୍ତ୍ତମାନ କୌଣସି ଆଲୋଚନା କରିବା ଦରକାର ନାହିଁ ଓ ପାର୍ଲାମେଣ୍ଟାରୀ ବୋର୍ଡକୁ ତାଙ୍କର ଯିବା ଦରକାର ନାହିଁ ।''

ଏହିପରି ଏ ପ୍ରକରଣ ସମାପ୍ତ ହେଲା ।

(୩୦) ଜବାହରଲାଲଜୀଙ୍କ ଅବସାନ

୧୯୬୪ ମସିହା ଆରମ୍ଭରେ ଭୁବନେଶ୍ୱରରେ କଂଗ୍ରେସ ମହାସମିତି ଅଧିବେଶନ ବସିଥିଲା, ସେତେବେଳେ ଶ୍ରୀ କାମରାଜ ଏହାର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ । ଭୁବନେଶ୍ୱର ଅଧିବେଶନରେ ଆର୍ଥିକ ନୀତି ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ ସ୍ୱୀକାର କରି, ଏହି ଦିଗରେ କିଛି ପଦକ୍ଷେପ ନେବା ପାଇଁ ସରକାରଙ୍କୁ କୁହାଗଲା । କିନ୍ତୁ ସରକାର ଏପରି କିଛି କଲେ ନାହିଁ । ଯାହା ଫଳରେ ପରେ ଏହାର ବଡ ସମାଲୋଚନା ହୋଇଥିଲା । ମୁଁ ତ ସେହି ସମୟରେ କହିଥିଲି ଯେ ଏହା ତରବରିଆ ଓ ଅବ୍ୟବହାରିକ ପ୍ରସ୍ତାବ ଅଟେ । କିନ୍ତୁ ମୋ କଥା ଉପରେ ସେ ସମୟରେ ବେଶି କିଛି ଧ୍ୟାନ ଦିଆଗଲା ନାହିଁ ।

କଂଗ୍ରେସ ଅଧିବେଶନରେ ଜବାହରଲାଲଜୀ ବେମାରି ପଡିଗଲେ । ସେଥିଯୋଗୁଁ ତାଙ୍କୁ ଶଯ୍ୟାଶାୟୀ ହେବାକୁ ପଡିଥିଲା । ପରେ ସେ କିଛି ଠିକ୍ ହୋଇଥିଲେ କିନ୍ତୁ ଚାଲବୁଲ କରିବାକୁ କଷ୍ଟ ହେଉଥିଲା । କେବଳ ମନୋବଳ ସାହାଯ୍ୟରେ କାମ ଚଳାଉଥିଲେ । ପରେ ନିଜର ସହାୟକ ଭାବେ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରେ ନେଲେ । ନିଜର ଅସୁସ୍ଥତା କାରଣରୁ ସାହାଯ୍ୟ କରିବାକୁ ସେ ଲାଲବାହାଦୂର ଶାସ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରେ ନେବାକୁ ନିର୍ଣ୍ଣୟ କରିଥିଲେ କିନ୍ତୁ ମନ୍ତ୍ରୀମଣ୍ଡଳରେ ତାଙ୍କୁ ଯେଉଁ ସ୍ଥାନ ଦେବାକୁ ଚାହୁଁଥିଲେ ତାହା ଦେଇପାରିଲେ ନାହିଁ କାରଣ ମନ୍ତ୍ରୀମଣ୍ଡଳର ଦୁଇଜଣ ବରିଷ୍ଠ ସଦସ୍ୟ ଏହାର ବିରୁଦ୍ଧରେ ଥିଲେ । ମୁଁ ଏକଥା ଶୁଣିଥିଲି ଯେ ଜବାହରଲାଲଜୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ମନ୍ତ୍ରୀମଣ୍ଡଳରେ ନେବାକୁ ଚାହୁଁଥିଲେ କିନ୍ତୁ ତାଙ୍କୁ କୁହାଯାଇଥିଲା ଯେ ଏହା ଲୋକମାନଙ୍କର ପସନ୍ଦ ହେବ ନାହିଁ ଓ ଏହା ବହୁତ ସମାଲୋଚନା ହେବ ।

କାମରାଜ ଯୋଜନା ଅନ୍ତର୍ଗତ ଆମ ତିନିଜଣଙ୍କର ଯେଉଁ ସମିତି ହୋଇଥିଲା ତା'ର କାମ ବର୍ତ୍ତମାନ ବନ୍ଦ ହୋଇସାରି ଥିଲା କାରଣ କଂଗ୍ରେସ ସଂଗଠନର କୌଣସି ବିଶେଷ କାମ ତାକୁ ଦିଆଯାଇନଥିଲା । କଂଗ୍ରେସ ମହାସମିତି ବୈଠକରେ ମୁଁ କାମରାଜ ଯୋଜନାକୁ ସମର୍ଥନ କରିଥିଲି କିନ୍ତୁ ଅନ୍ୟ କୌଣସି ସଦସ୍ୟ ଏହାର ଏପରି ସମର୍ଥନ କରିନଥିଲେ, ବରଂ ସମାଲୋଚନା କରିଥିଲେ । କାମରାଜ ଯୋଜନାକୁ ବିରୋଧ କରିବା କଥା ମୁଁ ଆରମ୍ଭରୁ ଜବାହାରଲାଜୀଙ୍କୁ ବତାଇ ଦେଇଥିଲି ଏବଂ ଏହାକୁ ନେଇ ତାଙ୍କ ଉପରେ କି କି ଦୋଷାରୋପଣ କରାଯିବ ତାହା ମଧ୍ୟ କହିଥିଲି କିନ୍ତୁ ବୈଠକରେ ଯୋଜନାକୁ ମୁଁ ଯେପରି ଦୃଢ ସମର୍ଥନ କଲି ସେଥିରେ ସମସ୍ତ ବିରୋଧ ଥଣ୍ଡା ପଡିଗଲା ।

Digitized by srujanika@gmail.com

୧୯୬୪ ମାର୍ଚ୍ଚ ଶେଷ ଆଡକୁ ବା ଅପ୍ରିଲ ଆରମ୍ଭରେ ଜବାହରଲାଲଜୀଙ୍କ ତରଫରୁ ଦୁଇ ତିନିଜଣ ବ୍ୟକ୍ତି ମତେ କହିଲେ କି ଜବାହରଲାଲଜୀଙ୍କ ଇଚ୍ଛା ଯେ ମୁଁ ମନ୍ତ୍ରୀମଣ୍ଡଳରେ ଯୋଗ ଦିଏ । ମୁଁ ସେମାନଙ୍କୁ କହିଲି, ''ଯଦି ଜବାହରଲାଲଜୀଙ୍କ ଏହା ଇଚ୍ଛା ତେବେ ମତେ ପଚାରିବାର ଦରକାର କ'ଣ ? ମୁଁ ତ ତାଙ୍କ ଇଚ୍ଛାରେ କାମରାଜ ଯୋଜନାରେ ଯୋଗ ଦେଇ ପଦମୁକ୍ତ ହୋଇଛି ସୁତରାଂ ଏ ବିଷୟରେ ପଚାରିବା କଥା ମୁଁ ବୁଝିପାରୁ ନାହିଁ।'' ତେବେ ଯାଇ ସେମାନେ ମତେ କହିଲେ ଯେ ମତେ ଏ ସମ୍ବନ୍ଧରେ ଗୋଟାଏ କଥା ଦେବାକୁ ହେବ ଯେ ଜବାହରଲାଲଜୀଙ୍କ ସହିତ କୌଣସି ବିଷୟରେ ମୋର ମତଭେଦ ହେଲେ ଓ ବିଚାର ବିନିମୟ ପରେ ମଧ୍ୟ ଏହା ଦୂର ନହେଲେ, ମୁଁ ଜବାହରଲାଲଜୀଙ୍କ ବିରୋଧ ନ କରି ତାଙ୍କ ନିର୍ଣ୍ଣୟାନୁସାରେ କାମ କରିବି । ମୁଁ କହିଲି, ''ଏପରି ମତଭେଦ ଆମ ଭିତରେ କେବେ ହୋଇ ନାହିଁ, ତଥାପି ଆଜି ଏପରି କହିବା ଅର୍ଥ ମୁଁ କିଛି ବୁଝିପାରୁ ନାହିଁ । କିନ୍ତୁ ଏପରି କଥା ତ ମୁଁ ଦେଇପାରିବି ନାହିଁ କାରଣ ଏଥିରେ ମୋ ସ୍ୱାଭିମାନର ପ୍ରଶ୍ନ ଜଡିତ ଅଛି । ମନ୍ତ୍ରୀପଦ ପାଇଁ ମୁଁ କୌଣସି ସର୍ତ୍ତ ରଖିପାରିବି ନାହିଁ । ବିନା ସର୍ତ୍ତରେ ମନ୍ତ୍ରୀପଦ ମିଳିଲେ ମୋର କୌଣସି ଆପତ୍ତି ନାହିଁ । କିନ୍ତୁ କୌଣସି ପଦ ବା ବସ୍ତୁ ପ୍ରାପ୍ତ କରିବା ପାଇଁ ସ୍ୱାଭିମାନ ହରାଇ ମୁଁ କୌଣସି ସର୍ତ୍ତ ମାନିବାକୁ ପ୍ରସ୍ତୁତ ନାହିଁ ।'' ଏହାପରେ ଏ କଥା ଏଇଠି ରହିଗଲା ।

ଜବାହରଲାଲଜୀଙ୍କ ଦେହାବସାନ ୧୯୬୪ ମଇ ୨୭ ତାରିଖ ଦିନ ହୋଇଥିଲା । ଏହାର ତିନିଚାରି ଦିନ ଆଗରୁ ସେ ଡେରାଡୁନ ଯାଇଥିଲେ ଓ ଯିବାବେଳେ ସମ୍ବାଦପତ୍ର ପ୍ରତିନିଧିମାନେ ପଚାରିଥିବାରୁ ସେ କହିଥିଲେ କି ମୋ ସ୍ୱାସ୍ଥ୍ୟ ଠିକ୍ ଅଛି ଓ ସଂସାରରୁ ବିଦାୟ ନେବାଦିନ ବର୍ତ୍ତମାନ ବହୁତ ଦୂର ଅଛି । କିନ୍ତୁ ଏହାର ତିନି ଦିନରେ ସେ ଅତିଶୟ ବେମାରିରେ ପଡିଲେ । ତାଙ୍କୁ ଦିଲ୍ଲୀ ଅଣାଗଲା ଓ ଦିଲ୍ଲୀ ଆସିବାର କିଛି ଘଣ୍ଟା ପରେ ତାଙ୍କର ସ୍ୱର୍ଗବାସ ହୋଇଗଲା ।

ତାଙ୍କର ସ୍ୱର୍ଗବାସ ଖବର ମତେ ମିଳିବା ମାତ୍ରେ ହିଁ ମୁଁ ତାଙ୍କ ନିବାସରେ ଯାଇ ପହଞ୍ଚିଲି । ସେଠାରେ ମତେ ଠିକ୍ ବ୍ୟବସ୍ଥାର ଅଭାବ ଦେଖାଗଲା। ସନ୍ଧ୍ୟାରେ ତାଙ୍କ ମୃତଦେହ ଜନତାଙ୍କ ଦର୍ଶନାର୍ଥେ ବାହାରେ ରଖାଗଲା ଯଦ୍ୱାରା ଜନତା ତାଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିବେ । କିନ୍ତୁ ମୁଁ ଦେଖିଲି ଯେ ନେତାମାନେ ଆଗକୁ କ'ଣ ହେବ ଓ ଜବାହରଲାଲଜୀ ପରେ କି ବ୍ୟବସ୍ଥା କରାଯିବ -- ସେଥିପାଇଁ ବେଶି ବ୍ୟସ୍ତ ଥିଲେ । ମୃତ ଶରୀର ପାଇଁ ଯାହା ବ୍ୟବସ୍ଥା ହେବା କଥା ତାହା ସେ ସମୟରେ ହେଉ ନଥିଲା । ତେଣୁ ସେ ବିଷୟ ଉପରେ ଧ୍ୟାନ ଦେବା ମତେ ଉଚିତ ଲାଗିଲା ଓ ମୁଁ ସେ ବ୍ୟବସ୍ଥାରେ ଲାଗିଗଲି । ମୃତ ଶରୀରକୁ ବିଧିପୂର୍ବକ ରଖିବାକୁ ମୁଁ ସମ୍ପୂର୍ଣ୍ଣ ସାହାଯ୍ୟ କଲି । ଏଥିରେ ମଧ୍ୟ କେତେକ ବିରୋଧିମାନେ ପ୍ରକାର ପ୍ରକାର ଦୋଷାରୋପଣ କଲେ ଓ କହିଲେ କି ମୁଁ ଜବାହରଲାଲଜୀଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ହେବାକୁ ଚେଷ୍ଟା କରୁଛି । ଏହା ସତ ଯେ ଏହାଠାରୁ ବଳି ମିଛ ଆଉ କୌଣସି କଥା ହୋଇ ନପାରେ । ସତ କହିବାକୁ ଗଲେ ଗାଦିମାଡି ବସିବା ପାଇଁ ଚେଷ୍ଟାରେ ବ୍ୟସ୍ତଥିବା କେତେକ ବ୍ୟକ୍ତି ନିଜ ସୁରକ୍ଷା ପାଇଁ ମୋ ବିରୁଦ୍ଧରେ ଏପରି ଗୁଜବ ପ୍ରଚାର କରୁଥିଲେ ।

ପରଦିନ ଜବାହରଲାଲଜୀଙ୍କ ଶ୍ମଶାନ ଯାତ୍ରା ଆରମ୍ଭ ହେଲା । ଯେଉଁ ସ୍ଥାନକୁ ଆଜିକାଲି ଶାନ୍ତିବନ କୁହାଯାଉଛି ସେଇଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବାର ନିଶ୍ଚୟ କରାଯାଇଥିଲା । ହଜାର ହଜାର ଲୋକ ଶ୍ମଶାନ ଯାତ୍ରାରେ ଭାଗ ନେଇଥିଲେ । ଗାନ୍ଧିଜୀଙ୍କ ସମୟରେ ଯେତେ ଲୋକ ଥିଲେ, ସେଥିରୁ କମ ଲୋକ ଏ ସମୟରେ ଏଠାରେ ଥିଲେ । ସେ ସମୟରେ ଯେଉଁ ସାର୍ବତ୍ରିକ ଶୋକର ବାତାବରଣ ଦେଖାଯାଇଥିଲା, ସେପରି ଏ ସମୟରେ ନଥିଲା । ନିଶ୍ଚୟ ବହୁତ ଲୋକ ଦୁଃଖୀଥିଲେ ଓ କାନ୍ଦୁଥିଲେ କିନ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ଶୋକମଗ୍ନତା ବଦଳରେ ତମାଶା ଭାବନା ବେଶି ଜଣାପଡୁଥିଲା ।

Digitized by srujanika@gmail.com

ଦାହ ସଂସ୍କାର ପରେ ତାଙ୍କ ଭସ୍ମ ଆକାଶରୁ ବିମାନ ଦ୍ୱାରା ଭାରତବର୍ଷର ବିଭିନ୍ନ ଭାଗରେ ବର୍ଷଣ କରାଯିବ -- ଜବାହରଲାଲଜୀଙ୍କ ଏଇ ଇଚ୍ଛା ଥିଲା । ଏହା ଏକ ବିଚିତ୍ର ଆକାଂକ୍ଷା ଥିଲା । କିନ୍ତୁ ଏହା ସ୍ପଷ୍ଟ ଥିଲା ଯେ ସଂସାରରେ ସବୁଠାରୁ ମହାନ ପୁରୁଷ ରୂପେ କୀର୍ତ୍ତି ଅର୍ଜନ କରିବା ଯେ ମହତ୍ତ୍ୱାକାଂକ୍ଷା ତାଙ୍କର ଥିଲା ସେଥିରୁ ଏହି ଇଚ୍ଛା ଜନ୍ମ ହୋଇଥିବ । ତାଙ୍କର ଏହି ଇଚ୍ଛା ପୂରଣ କରାଗଲା ଓ ତାଙ୍କ ଭସ୍ମ ଆକାଶରୁ ବିମାନ ଦ୍ୱାରା ଦେଶର ବିଭିନ୍ନ ଭାଗରେ ବୃଷ୍ଟି କରାଗଲା ।

ଜବାହରଲାଲଜୀଙ୍କ ସ୍ୱର୍ଗବାସ ଦିନ ଶ୍ରୀ ଗୁଲଜାରିଲାଲ ନନ୍ଦାଙ୍କୁ ଯେ ମନ୍ତ୍ରୀମଣ୍ଡଳରେ ତାଙ୍କ ପରେ ଦ୍ୱିତୀୟ ସ୍ଥାନରେ ଥିଲେ, କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରାଗଲା ଓ ସେଇଦିନ ତଦନୁସାରେ ଶପଥ ଗ୍ରହଣ କରି ସେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

ଜବାହରଲାଲଜୀଙ୍କ ଶ୍ମଶାନ ଯାତ୍ରାରେ ଯୋଗ ଦେବାପାଇଁ ବିଦେଶରୁ କେତେ ରାଜ୍ୟର ପ୍ରଧାନମନ୍ତ୍ରୀ ଅଥବା ପ୍ରତିନିଧି ଆସିଥିଲେ ।

ଅନ୍ତିମ ସଂସ୍କାର ପୂରା ହୋଇଯିବା ପରେ ଏ ଚର୍ଚ୍ଚା ଜୋରରେ ଚାଲିଲା ଯେ ଜବାହରଲାଲଜୀ ସ୍ଥାନରେ ଦେଶର ପ୍ରଧାନମନ୍ତ୍ରୀ କିଏ ହେବ । ଏହାର କିଛିମାସ ପୂର୍ବରୁ ତିରୁପତିରେ ସର୍ବଶ୍ରୀ କାମରାଜ, ସଂଜୀବ ରେଡ୍ଡୀ, ନୀଜ ଲିଂଗପ୍ପା, ଲାଲବାହାଦୂର ଶାସ୍ତ୍ରୀ ଆଦି ନେତାମାନଙ୍କର ମନ୍ତ୍ରଣା ହୋଇଥିଲା । ଏଇ ସମସ୍ତେ ମିଶି ଯେଉଁ ମନ୍ତ୍ରଣା କରିଥିଲେ ସେଥିରେ ଏ ବିଷୟରେ ବିଚାର ହୋଇଥିବା କିଛି ଅସମ୍ଭବ ନୁହେଁ । ଯେଉଁ ବ୍ୟକ୍ତିମାନେ ଏପରି ମିଶୁଥିଲେ ସେମାନଙ୍କୁ ସିଣ୍ଡିକେଟ (ଅନ୍ତରଙ୍ଗ ମଣ୍ଡଳ)ର ସଦସ୍ୟ କୁହାଯାଉଥିଲା । ଏଥିରେ ଶ୍ରୀ ଏସ୍. କେ. ପଟିଲଙ୍କୁ ଗଣାଯାଉଥିଲା । କିନ୍ତୁ ସେ ଏ ମନ୍ତ୍ରଣାରେ ସାମିଲ ହୋଇଥିଲେ କି ନାହିଁ ମତେ ଜଣା ନାହିଁ । ଅବଶ୍ୟ ମୋର ଅନୁମାନ ଯେ ଏ ଯୋଜନା କେନ୍ଦ୍ରରେ ଲାଲବାହାଦୂରଜୀ ଥିଲେ କାରଣ ଏପରି ମନ୍ତ୍ରଣା କରିବାରେ ସେ ବେଶ୍ କୁଶଳୀ ଥିଲେ । ୧୯୫୧ରେ ସେ କଂଗ୍ରେସର ସାଧାରଣ ସଚିବ ହୋଇ ପ୍ରଦେଶମାନଙ୍କର ନିକଟ ସମ୍ପର୍କରେ ଆସିଥିଲେ । ସେତେବେଳ ଠାରୁ ମୋର ତାଙ୍କ ସହିତ ବେଶ ପରିଚୟ ହୋଇଥିଲା । ବମ୍ବେ ଆସିଲେ ସେ ମୋ ଘରେ ହିଁ ରହୁଥିଲେ । ସେ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇ ମନ୍ତ୍ରୀ ହେବା ପରେ ଆମ ଭିତରେ ଆହୁରି ଘନିଷ୍ଠ ସମ୍ବନ୍ଧ ହୋଇଯାଇଥିଲା । ୧୯୬୨-୬୩ରେ ସେ ସାତ ଆଠ ବ୍ୟକ୍ତିଙ୍କ ଆଗରେ ମତ ପ୍ରକାଶ କରିଥିଲେ ଯେ ସେ କେବେ ମୋ ବିରୁଦ୍ଧରେ କୌଣସି ଜିନିଷ ପାଇଁ ସ୍ପର୍ଦ୍ଧା କରିବେ ନାହିଁ । କିନ୍ତୁ କାମରାଜ ଯୋଜନାରେ ଯୋଗ ଦେବା ଦିନରୁ ମତେ ଲାଗୁଥିଲା ଯେ ତାଙ୍କ ମନରେ ପ୍ରଧାନମନ୍ତ୍ରୀ ହେବା ମହତ୍ତ୍ୱାକାଂକ୍ଷା ଉତ୍ପନ୍ନ ହୋଇଯାଇଥିଲା । ସେଇ କାରଣରୁ ମୁଁ ଆଗରୁ କହିଥିବା ମନ୍ତ୍ରଣାଦିରେ ଭାଗ ନେଉଥିଲେ ।

ଜବାହରଲାଲଜୀଙ୍କ ଉତ୍ତରାଧିକାରୀ ବିଷୟରେ ଚର୍ଚ୍ଚା ଚାଲୁଥିଲା । ଏତିକି ବେଳେ ଲାଲବାହାଦୂରଜୀଙ୍କ ତରଫରୁ ଜଣେ ବିଶେଷ ବ୍ୟକ୍ତି ଆସି ମତେ କହିଲେ କି ମୁଁ ଲାଲବାହାଦୂରଜୀଙ୍କ ପ୍ରଧାନମନ୍ତ୍ରୀ ହେବା ମଞ୍ଜୁର କରିଲେ, ମତେ ଉପପ୍ରଧାନ ମନ୍ତ୍ରୀ କରିବା ବ୍ୟବସ୍ଥା ହୋଇପାରେ । ମୁଁ ତାଙ୍କୁ କହିଲି ଯେ ଏପରି ସଉଦା ମୋର ପସନ୍ଦ ନୁହେଁ । ଏ ପଦ ପାଇଁ ମୁଁ ମୋର ଅଭିମାନ ଛାଡି ନପାରେ ଓ ମୋ ଆଗରେ ଏପରି ପ୍ରସ୍ତାବ ରଖିବା ମଧ୍ୟ ଠିକ୍ ନୁହେଁ ।

ଏହାପରେ କେତେକ ସହଯୋଗୀଙ୍କ ଦ୍ୱାରା ଏ ପ୍ରଶ୍ନର ନିର୍ଣ୍ଣୟ, କାର୍ଯ୍ୟ ସମିତି ଉପରେ ଛାଡିଦେବା ପାଇଁ ପ୍ରସ୍ତାବ ରଖାଗଲା । ଏ ସହଯୋଗୀ ସେଇମାନେ ଥିଲେ, ଯେଉଁମାନେ ଲାଲବାହାଦୂର ଶାସ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁଥିଲେ । ମୁଁ ଏ ପ୍ରସ୍ତାବ ସ୍ୱୀକାର ନକରି ଏ ମାମଲାର ସମାଧାନ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡ ଉପରେ ଛାଡି ଦେବାକୁ ଆଗ୍ରହ କରିଥିଲି ।

Digitized by srujanika@gmail.com

ଏହିସବୁ କଥା ଚାଲୁଥିଲା, ଏଇ ସମୟରେ ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ର ମତେ ଭେଟି ଥିଲେ । ଏହା ଆଗରୁ ସେ ସବୁବେଳେ ମତେ ସମର୍ଥନ କରିବା କଥା କହୁଥିଲେ ଏବଂ ତା' ସହିତ କହୁଥିଲେ ଯେ ମୁଁ ଇନ୍ଦିରାଜୀଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବାକୁ ସମର୍ଥନ କରିବା ଉଚିତ । ମୁଁ ସେ କଥା ମଞ୍ଜୁର କରି ନଥିଲି । ପରେ ସେ ମଧ୍ୟ କହିଥିଲେ ଯେ ଯେତେବେଳେ ଏତେ ମନ୍ତ୍ରଣା ଯନ୍ତ୍ରଣା ଚାଲିଛି, ମତେ ଇନ୍ଦିରାଜୀଙ୍କୁ ପ୍ରଧାନମନ୍ତ୍ରୀ କରିବା ପ୍ରସ୍ତାବ ଦେବା ଉଚିତ । ମୁଁ ତାଙ୍କୁ କହିଲି, ''ଆପଣ ଯେପରି କହୁଛନ୍ତି ସେପରି ପ୍ରସ୍ତାବ ମୁଁ ରଖିପାରିବି ନାହିଁ ।'' ତାପରେ ସେ କହିଲେ, ''ଏହା କେବଳ ଗୋଟିଏ ଚାଲ୍ ଅଟେ, ଆପଣ ଇନ୍ଦିରାଜୀଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ରଖିଲେ ଲାଲବାହାଦୂରଜୀ ତାକୁ ସ୍ୱୀକାର କରିବେ ନାହିଁ । ସୁତରାଂ ଇନ୍ଦିରାଜୀ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ଓ ପ୍ରଧାନମନ୍ତ୍ରୀ ପଦ ପାଇଁ ଆପଣଙ୍କୁ ସମର୍ଥନ କରିବେ, ଏଇପରି ଭାବରେ ଆପଣଙ୍କ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ହୋଇଯିବ ।'' ମୁଁ କହିଲି ଯେ ଏପରି ଚାଲବାଜିରେ ମୋର ବିଶ୍ୱାସ ନାହିଁ । ତା'ପରେ ସେ କହିଲେ, ''ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏପରି ଯୁକ୍ତି ପ୍ରଯୁକ୍ତିରେ କାମ ଆଦାୟ କରୁଥିଲେ । ସୁତରାଂ ଆପଣଙ୍କୁ ମଧ୍ୟ ସେପରି ନୀତି ଗ୍ରହଣ କରିବା ଉଚିତ ।'' ମୁଁ କହିଲି, ''ଶ୍ରୀକୃଷ୍ଣ ତ ସମ୍ପର୍ଣ୍ଣ ପୁରୁଷୋତ୍ତମ ଥିଲେ ଯେତେବେଳେ ରାମ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ବିଖ୍ୟାତ । ରାମ ଜଣେ ଆଦର୍ଶ ମନୁଷ୍ୟ ପରି ଆଚରଣ କରୁଥିଲେ ସୁତରାଂ ମନୁଷ୍ୟଙ୍କୁ ରାମଙ୍କ ଅନୁସରଣ କରିବା ଉଚିତ । ଶ୍ରୀକୃଷ୍ଣ ସମ୍ପର୍ଣ୍ଣ ପୁରୁଷୋତ୍ତମ ହୋଇଥିବା ଯୋଗୁ, ସେ ଯାହା କିଛି କରିଥିଲେ ତାଙ୍କ ପାଇଁ ଠିକ୍ ଥିଲା । କିନ୍ତୁ ସାମାନ୍ୟ ମନୁଷ୍ୟକୁ ତାଙ୍କ ଅନୁସରଣ କରିବା ଉଚିତ ନୁହେଁ ।'' ମୁଁ ତାଙ୍କୁ ଏକଥା ମଧ୍ୟ କହିଥିଲି, ''ମୁଁ ପ୍ରଧାନମନ୍ତ୍ରୀ ହୁଏ ଓ ଲାଲବାହାଦୂରଜୀ ପ୍ରଧାନମନ୍ତ୍ରୀ ହୋଇ ନପାରନ୍ତୁ ଏପରି ଯନ୍ତ୍ରଣା ମନ୍ତ୍ରଣାରେ ମୁଁ ପଡିବାକୁ ଚାହେଁ ନାହିଁ । ପୁଣି ମୁଁ ଜାଣିଛି ଯେ ଇନ୍ଦିରାଜୀଙ୍କ ଅପେକ୍ଷା ଲାଲବାହାଦୂରଜୀ କେତେ ଅଧିକ ଯୋଗ୍ୟ ଅଟନ୍ତି । ତେଣୁ ଇନ୍ଦିରାଜୀଙ୍କୁ ପ୍ରଧାନମନ୍ତ୍ରୀ କରିବା ପ୍ରସ୍ତାବ ମୁଁ ରଖିପାରିବି ନାହିଁ ।'' ଏସବୁ ଶୁଣି ମିଶ୍ରଜୀ ବଡ ନାରାଜ ହେଲେ ଓ ଚାଲିଗଲେ । ଏହାପରେ ମୋ ବିରୁଦ୍ଧରେ ସେ ଲାଲବାହାଦୂରଜୀଙ୍କୁ ସମର୍ଥନ କଲେ, ଯେତେବେଳେ ସେ ସର୍ବଦା ଏହା କହୁଥିଲେ ଯେ ସେ ସର୍ବଦା ଲାଲବାହାଦୂରଜୀଙ୍କୁ ବିରୋଧ କରିବେ । କିନ୍ତୁ ସେ ତ, ଯେପରି ମତେ କହୁଥିଲେ, ଶ୍ରୀକୃଷ୍ଣଙ୍କ ନୀତିକୁ ଯେଉଁ ପ୍ରକାରେ ବୁଝିଥିଲେ ସେଇ ପ୍ରକାରେ ଆଚରଣ କରୁଥିଲେ । ସେଥିପାଇଁ ତାଙ୍କର ଚାଲବାଜି ଉପରେ ମୁଁ କୌଣସି ପ୍ରକାର ଆଶ୍ଚର୍ଯ୍ୟ ହେଉ ନଥିଲି ।

• କାର୍ଯ୍ୟ ସମିତି ବୈଠକ ହେଲା । ସେଥିରେ ଅଧିକାଂଶ ସଭ୍ୟଙ୍କ ଏ ବିଚାର ରହିଲା ଯେ ଶ୍ରୀ କାମରାଜ ଏ ବିଷୟରେ କଂଗ୍ରେସ ସଂସଦୀୟ ଦଳର ସଦସ୍ୟମାନଙ୍କର ସର୍ବସମ୍ମତି ମତ ସଂଗ୍ରହ କରି ଜାଣି ନିଅନ୍ତୁ ଯେ ବହୁମତ କାହା ସପକ୍ଷରେ ଅଛି । ମୁଁ ଏ ପ୍ରସ୍ତାବ ଉପରେ ନିଜର ବିରୋଧ ପ୍ରକଟ କଲି । କିନ୍ତୁ ବହୁମତ ସର୍ବ ସମ୍ମତି ବିଷୟ ମଞ୍ଜୁର କରିଲେ । ଏହି ଅନୁସାରେ ଶ୍ରୀ କାମରାଜ ନିଜ ଢଙ୍ଗରେ କଂଗ୍ରେସ ସଂସଦୀୟ ଦଳର ସଦସ୍ୟମାନଙ୍କ ମତ ଜାଣିବାକୁ ପ୍ରଯତ୍ନ କଲେ ଓ ଦିନେ ଆସି ମତେ କହିଲେ ଯେ କନସେନ୍‌ସସ ମତ ଲାଲବାହାଦୂରଜୀଙ୍କ ସପକ୍ଷରେ । ମୁଁ ତାଙ୍କୁ କହିଲି ଯେ ମୋର ସେଥିରେ ବିଶ୍ୱାସ ନାହିଁ, କିନ୍ତୁ ଆପଣଙ୍କର ଯାହା କରିବାର କଥା ତାହା କରିପାରନ୍ତି । ମୁଁ ଏ ବିଷୟରେ ବହୁତ ଚିନ୍ତା ଓ ବିଚାର କରିଥିଲି । ଜାଣିଥିବା ଲୋକମାନେ ଯେଉଁ ପ୍ରକାର ହିସାବ ଲଗାଉଥିଲେ ସେ ଅନୁସାରେ ଦଳରେ ପାଖାପାଖି ମତ ଆମ ଦୁଇଜଣଙ୍କ ପକ୍ଷରେ ଥିଲା । ନିର୍ବାଚନ ହୋଇଥିଲେ ହୁଏ ତ ଲାଲବାହାଦୂରଜୀ ଆଠ ଦଶ ମତରେ ଜିତିଥାନ୍ତେ ବା ଏତିକି ଅଧିକ ମତରେ ମୋର ଜିତିବାର ସମ୍ଭାବନା ଥିଲା । ଲାଲବାହାଦୂରଜୀଙ୍କୁ ସମର୍ଥନ କରୁଥିବା କିଛି ଲୋକ ଏକଥା ସ୍ୱୀକାର କରୁଥିଲେ । ଏ ପରିସ୍ଥିତିରେ ମୁଁ ନିର୍ବାଚିତ ହୋଇଥିଲେ ମଧ୍ୟ କାମ କରିବା ମୋ ପକ୍ଷରେ ମୁସ୍କିଲ ଥିଲା ଓ ମୋର ସବୁ ସମୟ ବିରୋଧର ସାମନା କରିବାରେ ଚାଲିଯାଇଥାନ୍ତା ବା ହଇରାଣ ହୋଇ ମତେ ପଦତ୍ୟାଗ କରିବାକୁ ପଡିଥାନ୍ତା । ପୁଣି ଦେଶରେ ତଥା ପ୍ରଦେଶମାନଙ୍କରେ ଏ ଚର୍ଚ୍ଚା ଖୁବ୍ ଜୋର୍‌ରେ

Digitized by srujanika@gmail.com

ଚାଲିଥିଲା ଯେ ଜବାହରଲାଲଜୀଙ୍କ ପରେ କଂଗ୍ରେସ ଦଳ ଭାଙ୍ଗିଯିବ ଓ ମୋର କୌଣସି ଆଶଙ୍କା ନଥିଲା ଯେ କଂଗ୍ରେସ ଭାଙ୍ଗିଗଲେ ଦେଶର ବହୁତ ବଡ କ୍ଷତି ହେବ । ଏସବୁ ଭାବିକରି ମୁଁ ପ୍ରଧାନମନ୍ତ୍ରୀ ହେବା ବିଚାର ଛାଡି ଦେଲି ଓ ଶ୍ରୀ କାମରାଜଙ୍କ ଏ ନିର୍ଣ୍ଣୟ ସ୍ୱୀକାର କରିନେଲି ଯେ ବହୁମତ ଲାଲବାହାଦୂରଜୀଙ୍କ ସପକ୍ଷରେ ଅଛି । ଏହିପରି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ସର୍ବ ସମ୍ମତିରେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେଲେ ।

(୩୧) ମୋ ଦୃଷ୍ଟିରେ ଜବାହରଲାଲ ନେହେରୁ

ଜବାହରଲାଲଜୀଙ୍କ ସହିତ ମୋର ପ୍ରଥମ ପରିଚୟ ସନ ୧୯୩୧ ରେ ହୋଇଥିଲା । କିନ୍ତୁ ଏହାପରେ ପାଖାପାଖି ୧୯୩୪-୩୫ ପର୍ଯ୍ୟନ୍ତ ତାଙ୍କ ସହିତ ମୋର କୌଣସି ସମ୍ପର୍କ ନଥିଲା । ୧୯୩୫ରେ ଯେତେବେଳେ ସେ ଦ୍ୱିତୀୟ ଥର କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେଲେ ସେତେବେଳେ ଗୁଜରାଟ ପ୍ରାଦେଶିକ କଂଗ୍ରେସର ସମ୍ପାଦକ ଭାବେ ମୁଁ ବେଶି ତାଙ୍କ ସମ୍ପର୍କରେ ଆସିଲି । ଆଗରୁ ଯାହା ଲେଖିଛି, ଜବାହରଲାଲଜୀଙ୍କ ସହିତ ମୋର ପରିଚୟ କୁମାରୀ ମୃଦୁଲାବେନ ସରାବାଇ କରାଇଥିଲେ ଏବଂ ସେଇପରି ସେ ମତେ ଜାଣିଥିଲେ । ଜବାହରଲାଲଜୀଙ୍କ ପ୍ରତି, ସେ ମତେ ପ୍ରଭାବିତ କରିଥିଲେ । ସେତେବେଳେ ମୁଁ ମାନୁଥିଲି ଯେ ଛଳ-କପଟ ଓ ଦାଉ ପେଞ୍ଚର ବହୁତ ଉପରେ ସେ ଥିଲେ । ସେ ବହୁତ ବୁଦ୍ଧିମାନ, ସାହାସୀ ଓ ନିର୍ଭୟ ଥିଲେ ତଥା ଦେଶ ପାଇଁ ଓ ଦେଶର ଲକ୍ଷ ଲକ୍ଷ ଗରିବଙ୍କ ପାଇଁ ତାଙ୍କ ହୃଦୟରେ ତୀବ୍ର ଭାବନା ବିଦ୍ୟମାନ ଥିଲା । ଇଂରେଜଙ୍କ ବିରୁଦ୍ଧରେ ଆମ ଲଢେଇରେ ସେ ପ୍ରମୁଖ ଥିଲେ ଯେଉଁ ସକାଶେ ତାଙ୍କୁ ବାରମ୍ବାର ଜେଲ ଯିବାକୁ ପଡୁଥିଲା । ଆମମାନଙ୍କ ଭିତରେ ସବୁଠାରୁ ଅଧିକ ଥର ଜେଲ ଯିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜବାହରଲାଲଜୀ ମଧ୍ୟ ଜଣେ ଥିଲେ । ସେ ଅଧୀର ମଧ୍ୟ ଥିଲେ । ସେ ଆତ୍ମ ପ୍ରଦର୍ଶକ ଅର୍ଥାତ ଲୋକଙ୍କ ଉପରେ ନିଜ ପ୍ରଭାବର ଛାପ ପକାଇବା ମନୋବୃତ୍ତିର ଥିଲେ -- ଏପରି ମଧ୍ୟ ମୋ ଉପରେ ତାଙ୍କର ପ୍ରଭାବ ପଡିଥିଲା । ଲୋକମାନଙ୍କ ଭିଡକୁ ସେ ବହୁତ ପସନ୍ଦ କରୁଥିଲେ । ଅଧିକ ଲୋକପ୍ରିୟ ହେବା ପାଇଁ ତାଙ୍କ ଠାରେ ଯେଉଁ କୁଶଳତା ଥିଲା ସେ ତାହାର ସମ୍ପୂର୍ଣ୍ଣ ଉପଯୋଗ କରୁଥିଲେ । ମହାତ୍ମାଗାନ୍ଧୀଙ୍କ ପରେ ସର୍ବାଧିକ ଲୋକପ୍ରିୟ ଜବାହରଲାଲଜୀ ହିଁ ଥିଲେ । ବହୁତ ଥର କାର (ମୋଟରଗାଡି) ବୋନେଟ୍ ଉପରେ ଚଢି ସେ ଲୋକମାନଙ୍କୁ ଆକର୍ଷିତ କରୁଥିଲେ । ସେ ଘୋଡାଗାଡିର କୋଚ୍‌ବାକ୍ସ ଉପରେ ବସି ଯାଉଥିଲେ ଏବଂ ଲୋକମାନେ ବ୍ୟବସ୍ଥିତ ରୂପେ ଛିଡା ହୋଇଥିଲେ ତାଙ୍କ ଭିତରେ ପଶି ଯାଉଥିଲେ ଯଦ୍ଦ୍ୱାରା ବଡ ଅବ୍ୟବସ୍ଥା ହୋଇଯାଉଥିଲା ।

ସେ ପ୍ରାୟ ସବୁବେଳେ ରାଗୁଥିଲେ କିନ୍ତୁ ପରେ ମୁଁ ଅନୁଭବ କଲି ଯେ ବହୁତ ରାଗ ତାଙ୍କ ଛଳନାତ୍ମକ ଥିଲା । ଆଗରେ ଥିବା ବ୍ୟକ୍ତିଙ୍କୁ ଦବାଇବା ପାଇଁ ସେ ରାଗୁଥିଲେ ଅର୍ଥାତ ଦଶଜଣଙ୍କ ଉପରେ ରାଗିଲେ, ସେଥିରୁ ସାତ ଆଠ ଜଣଙ୍କ ଉପରେ ରାଗ କୃତ୍ରିମ ହେଉଥିଲା । କିନ୍ତୁ ଯେତେବେଳେ ସତରେ ରାଗୁଥିଲେ ଏବଂ କେହି ତାଙ୍କର ବିରୋଧ କଲେ ସେତେବେଳେ ସାମନାରେ ଯେ ପଡୁଥିଲା ତାକୁ ଥାପଡ ମାରିବା ବା ପେଲି

Digitized by srujanika@gmail.com

ଦେବା ଉତ୍ତେଜନାକୁ ପ୍ରତିରୋଧ କରିପାରୁ ନଥିଲେ । ଆହୁରି ସେ ବିନୋଦ ରହସ୍ୟ ପ୍ରିୟ ଥିଲେ ଏବଂ ସେ ଏତେ ଲୋକପ୍ରିୟ ଥିଲେ ଯେ ସେ କୌଣସି ଭୁଲ କାମ କରିଲେ ବି ସେଥିପାଇଁ ତାଙ୍କୁ କେହି କିଛି କହିବାକୁ ସାହସ ମଧ୍ୟ କରିପାରୁ ନଥିଲେ । ସମସ୍ତଙ୍କ ସହିତ ସମାନ ମିଳାମିଶା କରିବା ବାହ୍ୟ ବ୍ୟବହାର ଯୋଗୁଁ ଜନତା ବହୁତ ଆକର୍ଷିତ ହେଉଥିଲେ ।

ସେ ବହୁତ କମ୍ ଲୋକଙ୍କ ଉପରେ ପୂରା ବିଶ୍ୱାସ କରୁଥିଲେ ଏପରିକି କେତେଥର ମୋର ଆଶଙ୍କା ହେଉଥିଲା ଯେ କୌଣସି ଜଣକ ଉପରେ ସବୁ ବିଷୟରେ ପୂରା ବିଶ୍ୱାସ କରୁନଥିଲେ । ମୋର ଏପରି ଖିଆଲ ଏହି କାରଣ ଯୋଗୁ ବହୁତ କମ୍ ଲୋକ ଦୁଇ ତିନି ବର୍ଷରୁ ବେଶୀ ତାଙ୍କ ବିଶ୍ୱାସପାତ୍ର ହୋଇପାରୁଥିଲେ । କେବଳ ଶ୍ରୀ କୃଷ୍ଣ ମେନନ୍ ଜଣେ ଏପରି ବ୍ୟକ୍ତି ଥିଲେ ଯାହାଙ୍କ ଉପରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କର ବିଶ୍ୱାସ ଥିଲା । କେତେ ଲୋକ ଏକଥା ମାନୁଥିଲେ ଯେ ଜବାହରଲାଲଜୀ ମଣିଷ ଠିକ୍ ଚିହ୍ନିପାରୁ ନଥିଲେ ଯେଉଁ ସକାଶେ କେତେ ଥର ସେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ବିଶ୍ୱାସ କରୁଥିଲେ । କିନ୍ତୁ ମୋର ତାଙ୍କ ସହିତ ଯେଉଁ ଅନୁଭୂତି ଅଛି ସେଥିରୁ ମୁଁ ଜାଣେ ଯେ ଏପରି ମନ୍ତବ୍ୟରେ ସତ୍ୟତା ନାହିଁ । ଜବାହରଲାଲଜୀଙ୍କର ଯେଉଁ ବ୍ୟକ୍ତିମାନଙ୍କ ସହିତ ପରିଚୟ ଥିଲା ଏପରି ବହୁତ ଲୋକଙ୍କୁ ସେ ଭଲ ଭାବରେ ଜାଣିଥିଲେ ବୋଲି ସେ ମତେ ଅନୁଭବ କରାଇଥିଲେ । ସେଥିରୁ ଅନେକଙ୍କ ବିଷୟରେ ସେ ଯାହା କିଛି ମତେ କହିଥିଲେ ସେଥିରୁ ସେ ମଣିଷ ଠିକ୍ ଚିହ୍ନିପାରନ୍ତି ନାହିଁ ବୋଲି ମତେ ଜଣା ପଡୁନଥିଲା । ଶ୍ରୀ କୃଷ୍ଣ ମେନନ୍ଙ୍କ ବ୍ୟକ୍ତିତ୍ୱ ଏବଂ ତାଙ୍କର ବୁଦ୍ଧି ତଥା କାର୍ଯ୍ୟ ପଦ୍ଧତିର ଯେଉଁ ବର୍ଣ୍ଣନା ସେ ମୋ ଆଗରେ କରିଥିଲେ ତାହା ଏତେ ଯଥାର୍ଥ ଥିଲା ଯେ ମୁଁ ସେଥିରେ କୌଣସି ସଂଶୋଧନ କରିପାରି ନଥିଲି । କିନ୍ତୁ ଦିଲ୍ଲୀ ଆସିବା ପରେ ମୁଁ ଦେଖିଲି ଯେ ସେ ମାକିୟାଭେଲୀ କାର୍ଯ୍ୟ ପଦ୍ଧତି ମାନୁଥିଲେ ଓ କେବେ କେବେ ଲୋକମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରିବାକୁ କେତେକ ଲୋକଙ୍କୁ ବ୍ୟବହାର କରୁଥିଲେ ।

ମୁଁ ମାନୁଛି ଯେ ତାଙ୍କର ଧନ ବା କ୍ଷମତା ପାଇଁ ଲୋଭ ନଥିଲା । ତାଙ୍କ ଦେଶ ପ୍ରେମ ବହୁତ ବଳବନ୍ତ ଥିଲା ଓ ଗରିବଙ୍କ ଭଲ ପାଇଁ ସେ ସବୁବେଳେ ଚିନ୍ତିତ ରହୁଥିଲେ । କିନ୍ତୁ ମୋର ଖିଆଲ ଯେ ଦୁନିଆରେ ସର୍ବପେକ୍ଷା ମହାନ୍ ବ୍ୟକ୍ତି ହେବା ତାଙ୍କର ମହତ୍ତ୍ୱାକାଂକ୍ଷା ଥିଲା । ମତେ କିନ୍ତୁ ଏପରି ଜଣା ପଡୁଥିଲା ଯେ ମହାତ୍ମା ଗାନ୍ଧୀଙ୍କ ଅପେକ୍ଷା ମହାନ ରାଜପୁରୁଷ ରୂପେ ବିଖ୍ୟାତ ହେବା ବୋଧହୁଏ ତାଙ୍କର ଅଭିଳାଷ ଥିଲା ଏବଂ ଏହି କାରଣରୁ ସେ ମହାତ୍ମାଗାନ୍ଧୀଙ୍କୁ ଅନୁକରଣ ନ କରି ନିଜର ଅଲଗା ବ୍ୟକ୍ତିତ୍ୱ ଅତି ସାବଧାନ ସହକାରେ ପ୍ରତିପାଦନ କରୁଥିଲେ । ଶ୍ରୀ କୃଷ୍ଣ ମେନନ୍ ସବୁବେଳେ ଏପରି ପ୍ରଚାର କରୁଥିଲେ ଯେଉଁଥିରେ ଲୋକଙ୍କ ଉପରେ ମହାତ୍ମା ଗାନ୍ଧୀଙ୍କ ଅପେକ୍ଷା ଜବାହରଲାଲଜୀଙ୍କର ପ୍ରଭାବ ବେଶି ପଡୁଥିଲା । ଏଥିପାଇଁ ମୋର ଅନୁମାନ ଯେ ଜବାହରଲାଲଜୀ ତାଙ୍କ ପାଖରେ ଋଣୀ ଥିଲେ । ଏତିକି ନୁହେଁ, ନିଜର ମହତ୍ତ୍ୱାକାଂକ୍ଷା ପୂରା କରିବାକୁ ରାଜନୈତିକ ଦାଉ ପେଞ୍ଚ ବି ସେ ଖେଳୁଥିଲେ ଓ ସେଥିପାଇଁ ତାଙ୍କୁ କେତେକ ବ୍ୟକ୍ତିଙ୍କର ଉପଯୋଗ କରିବାକୁ ପଡୁଥିଲା । ଯାହାଙ୍କୁ ଏପରି ଉପଯୋଗ କରାଯାଏ ସେ ବି କେବଳ ନିଜ ସ୍ୱାର୍ଥପାଇଁ ନିଜକୁ ଉପଯୋଗ ହେବାକୁ ଦିଅନ୍ତି -- କୌଣସି ନିଃସ୍ୱାର୍ଥ ବ୍ୟକ୍ତି ଏପରି ନିଜକୁ ଉପଯୋଗ ହେବାକୁ ଦେଇ ନପାରେ । ଏଥିପାଇଁ ଜବାହରଲାଲଜୀ କେତେଥର ଅବାଞ୍ଛିତ ଲୋକମାନଙ୍କ ମଧ୍ୟରେ ଫସି ଯାଉଥିଲେ ।

ଯେଉଁ ବ୍ୟକ୍ତିମାନଙ୍କୁ ଜବାହରଲାଲଜୀ ଉପଯୋଗ କରୁଥିଲେ ସେମାନେ ତୋଷାମଦ କରି ଚାଟୁ ବଚନରେ ତାଙ୍କ କାନ ଭରି ଦେଉଥିଲେ । ତଦ୍ୱାରା ସେ ଅନେକଥର ତାଙ୍କ କଥାରେ ପଡିଯାଉଥିଲେ । କୌଣସି ବ୍ୟକ୍ତି ସମ୍ବନ୍ଧରେ ଯଦି ଥରେ ତାଙ୍କର ଧାରଣା ହୋଇଗଲା ଯେ ସେ ତାଙ୍କର ବିରୋଧୀ ଅଟେ, ତେବେ ତାଙ୍କ

Digitized by srujanika@gmail.com

ପ୍ରତି ବାହ୍ୟ ବ୍ୟବହାର ଯାହା ହେଉନା କାହିଁକି ତାଙ୍କ ଉପରେ କେବେ ଭରସା ରଖୁ ନଥିଲେ । ସେହିପରି ଯାହାଙ୍କୁ ସେ ବିରୋଧୀ ଭାବୁ ନଥିଲେ, ସେ ଅପ୍ରିୟ କଥା କହିଲେ ମଧ୍ୟ ତାଙ୍କ ଉପରେ ନାରାଜ ହେଉ ନଥିଲେ । କିନ୍ତୁ ଯାହାଙ୍କୁ ସେ ବିରୋଧ ବୋଲି ଭାବୁଥିଲେ ସେ କୌଣସି ଅପ୍ରିୟ କଥା କହିଲେ ନାରାଜ ହୋଇଯାଉଥିଲେ । କେବଳ ଏତିକି ନୁହେଁ, ତାଙ୍କ କଥା ଉପରେ ଆଦୌ ଭରସା କରୁନଥିଲେ । ଏହା ମୁଁ ଜବାହରଲାଲଜୀ ଓ ମୌଲାନା ଆଜାଦ ସାହେବଙ୍କ ସମ୍ବନ୍ଧରୁ ଅନୁଭବ କରିଛି । ଜବାହରଲାଲଜୀଙ୍କ ସମ୍ବନ୍ଧ ମୌଲାନା ସାହେବଙ୍କ ଜୀବନ ଶେଷ କିଛି ବର୍ଷ ସୌହାର୍ଦ୍ଦ ପୂର୍ଣ୍ଣ ନଥିଲା । ଏଥିରୁ ମୁଁ ଅନୁମାନ କଲି ଯେ ସେ ଯାହାଙ୍କୁ ବିରୋଧୀ ବୋଲି ଭାବୁଥିଲେ ତାଙ୍କୁ କେବେ ହେଁ କ୍ଷମା କରୁନଥିଲେ । ମୌଲାନା ସାହେବଙ୍କ ସହିତ ତାଙ୍କ ନିକଟ ଓ ହାର୍ଦ୍ଦିକ ସମ୍ପର୍କ ଅନେକ ବର୍ଷ ପର୍ଯ୍ୟନ୍ତ ଥିଲା ଓ ତାଙ୍କ ଉପଦେଶ ଅନେକ ବିଷୟରେ ସେ ନେଉଥିଲେ । କିନ୍ତୁ ମୌଲାନା ସାହେବ ଯେତେବେଳେ ଶ୍ରୀ କୃଷ୍ଣ ମେନନ୍‌ଙ୍କୁ ମନ୍ତ୍ରୀମଣ୍ଡଳରେ ନେବାର ବିରୋଧ କଲେ, ଏପରିକି ପ୍ରସ୍ତାବିତ ନିଯୁକ୍ତି ଉପରେ ପଦତ୍ୟାଗ କରିବାକୁ ପ୍ରସ୍ତୁତ ହୋଇଥିଲେ, ଜବାହରଲାଲଜୀଙ୍କୁ ଶ୍ରୀ କୃଷ୍ଣ ମେନନ୍‌ଙ୍କୁ ନିଯୁକ୍ତି ଦେବା ଭାବନା ତ୍ୟାଗ କରିବାକୁ ପଡିଥିଲା । ପରେ ପନ୍ଥଜୀ ଏବଂ ଅନ୍ୟମାନେ ବିରୁଦ୍ଧାଚରଣ ତ୍ୟାଗ କରିବାକୁ ମୌଲାନା ସାହେବଙ୍କୁ ପ୍ରବର୍ତ୍ତାଇ ଥିଲେ । ସେ ତାହା କଲେ ଓ ଶ୍ରୀ କୃଷ୍ଣ ମେନନ୍ ବିଭାଗ ବିହୀନ ମନ୍ତ୍ରୀ ହିସାବରେ କ୍ୟାବିନେଟ୍ ମନ୍ତ୍ରୀ ନିଯୁକ୍ତ ହେଲେ ।

୧୯୫୬ରେ ଯେତେବେଳେ ମୁଁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗ ଦେଲି, ସେତେବେଳଠାରୁ ମୁଁ ଦେଖିଲି ଯେ ସେ ମୌଲାନା ସାହେବଙ୍କ କଥାରେ ବିଶେଷ ଧ୍ୟାନ ଦେଉନଥିଲେ ଓ ତାଙ୍କ ପ୍ରତି ଅବହେଳା ଦେଖାଉଥିଲେ । ମୌଲାନା ସାହେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଏଇ ଅବସ୍ଥା ରହିଲା । ସମ୍ଭବତଃ ଏହି କାରଣରୁ ମୌଲାନା ସାହେବ ଅନୁଭବ କରିଥିବେ ଯେ ଜବାହରଲାଲଜୀ ଇର୍ଷା ପରାୟଣ ବ୍ୟକ୍ତି ଥିଲେ । ସ୍ୱୟଂ ମତେ ଏପରି ଲାଗୁଥିଲା ଯେ ତାଙ୍କ ମନରେ ନିଶ୍ଚୟ ଇର୍ଷା ରହୁଥିଲା । ଏହା ନିଃସନ୍ଦେହ ଯେ ଏ ଇର୍ଷା ସମ୍ପତ୍ତି ବା କ୍ଷମତା ପାଇଁ ନଥିଲା । ଏହା କେବଳ ଲୋକପ୍ରିୟତା ନିମନ୍ତେ ଥିଲା ।

ସାଧାରଣତଃ ସେ ନିଜର ବ୍ୟବହାର ଏପରି ରଖୁଥିଲେ ଯେ ସେଥିରୁ ଜଣାପଡିବ ନାହିଁ କି ତାଙ୍କର କିଛି ପୂର୍ବ ବିଚାର ଅଛି । କିନ୍ତୁ ୧୯୫୬ ପରେ ମୁଁ ଦେଖିଲି ଯେ ତାଙ୍କର ପୂର୍ବ ବିଚାର ଥିଲା ଏବଂ ସେ ଏହା ପୂରାପୂରି ଛାଡୁ ନଥିଲେ । ଯାହାଙ୍କ ପ୍ରତି ତାଙ୍କର ପୂର୍ବ ବିଚାର ଥିଲା ତାଙ୍କ ବିରୁଦ୍ଧରେ କୌଣସି କାମ ସେ ସ୍ୱୟଂ କରୁନଥିଲେ । କିନ୍ତୁ ଅନ୍ୟ ଜଣେ ତାଙ୍କ ତରଫରୁ ସେ ବ୍ୟକ୍ତିଙ୍କୁ ହଇରାଣ କଲେ ସେ ତାହା ପସନ୍ଦ କରୁଥିବା ଜଣାପଡୁଥିଲା । ଲୋକପ୍ରିୟତା ତାଙ୍କର ଏତେ ବେଶି ପସନ୍ଦ ଥିଲା ଯେ ଯେତେବେଳେ ଅପ୍ରିୟ ହେବାର ଆଶଙ୍କା ଦେଖାଯାଉଥିଲା ସେ ସାଙ୍ଗେ ସାଙ୍ଗେ ବିନମ୍ର ହୋଇଯାଉଥିଲେ ଓ ଏତେ ଦୁର୍ବଳ ହୋଇ ଯାଉଥିଲେ ଯେ ନାରାଜ ହେଉଥିବା ଲୋକଙ୍କୁ ଖୁସି କରିବାକୁ ଉଚିତ ରାସ୍ତା ଛାଡି ଦେଉଥିଲେ । ସାଧାରଣତଃ ଜବାହରଲାଲଜୀ ସମ୍ପୂର୍ଣ୍ଣ ନିର୍ଭୟ ଥିଲେ । କିନ୍ତୁ ଲୋକପ୍ରିୟତା ହରାଇବା ଭୟ ତାଙ୍କୁ ସବୁବେଳେ ଲାଗି ରହିଥିଲା । ଫଳରେ ବହୁତ ସଂଖ୍ୟାରେ ଲୋକ ତାଙ୍କର ବିରୋଧ କଲେ, କେତେଥର ସେ ତାଙ୍କୁ ଲୋକମତ ଧରି ନେଉଥିଲେ । ଏକଥା ସତ ଯେ ପ୍ରତ୍ୟେକ ମଣିଷ ମଧ୍ୟରେ କିଛି ନା କିଛି ସ୍ୱଭାବଗତ ଦୁର୍ବଳତା ଅଛି; ଏବଂ ଜବାହରଲାଲଜୀ ଏପରି ଦୁର୍ବଳତାର ଉପରେ ନଥିଲେ । କିନ୍ତୁ ତାଙ୍କର ଏଇ ଦୁର୍ବଳତାରୁ କେତେକ ଲୋକ ଲାଭ ଉଠାଇ ନେଉଥିଲେ ।

ସେ ଯେତେବେଳେ କାହା ଉପରେ ଖୁବ୍ ରାଗି ଯାଉଥିଲେ ସେତେବେଳେ ମନକୁ ଯାହା ଆସୁଥିଲା ତାହା କହି ଯାଉଥିଲେ ଓ ସେତେବେଳ ତାଙ୍କ ଭାଷାରେ ଆଦୌ ସଂଯମ ରହୁ ନଥିଲା । ଶାନ୍ତ ହୋଇଯିବା

Digitized by srujanika@gmail.com

ପରେ ତାଙ୍କର କ୍ରୋଧ ପାଇଁ ପଶ୍ଚାତ୍ତାପ କରୁଥିଲେ ଏବଂ ସେ ଯାହା ଉପରେ ରାଗି ଥିଲେ ତାକୁ ସନ୍ତୁଷ୍ଟ କରିବା ପାଇଁ ତା' କଥା ଅପସନ୍ଦ ହୋଇଥିଲେ ମଧ୍ୟ ମାନିଯାଉଥିଲେ । ଜଣଙ୍କର ଦୋଷ ପାଇଁ କେବେ କେବେ ଅନ୍ୟ ଉପରେ ରାଗି ଯାଉଥିଲେ । ୧୯୪୭ ବା ଏହାର ପାଖାପାଖି ସେ ବମ୍ବେ ଆସିଥିବା ବେଳେ ବିମାନର ଆଖପାଖରେ ଲୋକମାନଙ୍କର ଭିଡ ଜମି ଯାଉଥିଲା ଯାହାକୁ କି ସେ ନିଜେ ପ୍ରୋତ୍ସାହନ ଦେଉଥିଲେ । ଏପରି ସମୟରେ ସେ ବେଳେବେଳେ ଲୋକମାନଙ୍କ ବ୍ୟବହାରରେ ଉତ୍ତେଜିତ ହୋଇଯାଉଥିଲେ । ଏଠି ସେଇଆ ହେଲା ଓ ନିଜ ଅସନ୍ତୋଷ ପ୍ରକଟ କରି ପାଖରେ ଛିଡା ହୋଇଥବା ପୋଲିସ କମିଶନରଙ୍କ ପିଠିରେ ଦୁଇ ତିନୋଟି ଥାପଡ ଦେଇଥିଲେ ।

ସାଧାରଣତଃ ତାଙ୍କର ପଢିବା ଅଭ୍ୟାସ ବହୁତ ଥିଲା । ସେ ସବୁବେଳେ ପଢୁଥିଲେ ଓ ଆଧୁନିକ ସାହିତ୍ୟ ସହିତ ପରିଚିତ ରହିବା ପାଇଁ ପ୍ରଯତ୍ନ କରୁଥିଲେ । କିନ୍ତୁ ହିନ୍ଦୁ ଧର୍ମ ବିଷୟରେ ତାଙ୍କ ଜ୍ଞାନ ଖୁବ୍ ଗଭୀର ନଥିଲା । ତାଙ୍କ ସହିତ କଥାବାର୍ତ୍ତାରୁ ମତେ ଅନୁଭୂତ ହେଲା ଯେ ଏହି କାରଣରୁ ଜୀବନର ଅନ୍ତିମ ତିନି ଚାରିବର୍ଷ ପୂର୍ବ ପର୍ଯ୍ୟନ୍ତ ତାଙ୍କର ଧର୍ମରେ କୌଣସି ବିଶ୍ୱାସ ନଥିଲା ଏବଂ ଈଶ୍ୱରଙ୍କ ପ୍ରତି ସେ ଶ୍ରଦ୍ଧାଳୁ ନଥିଲେ ଯେଉଁ କାରଣରୁ ହିନ୍ଦୁ ଧର୍ମ ପ୍ରତି ମଧ୍ୟ ତାଙ୍କର ଏକ ପ୍ରକାର ପୂର୍ବ ବିଚାର ଥିଲା ।

କୌଣସି ଭୁଲ କାମ କରିବା ଠାରୁ ସେ ନିଜେ ସାଧାରଣତଃ ସର୍ବଦା ଦୂରରେ ରହୁଥିଲେ । କିନ୍ତୁ ଯେଉଁ ଲୋକମାନଙ୍କୁ ଉପଯୋଗ କରୁଥିଲେ ସେମାନଙ୍କ ଦ୍ୱାରା ଭୁଲ କାମ କରିବାକୁ ନାପସନ୍ଦ କରୁ ନଥିଲେ । ତାଙ୍କ ତରଫରୁ ସେମାନେ ଭୁଲ କାମ କରନ୍ତୁ ସେ କଥା ସେ ଚାହୁଁଥିଲେ କିନ୍ତୁ ତା'ର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲେ । ଏଇପରି ସେ ଅନ୍ୟକୁ "ସ୍କେପ୍ ଗୋଟ" -- "ବଳିକା ବକରା" କରୁଥିଲେ ଯେପରି ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ଅଲଗା ପ୍ରଦେଶ କରିବାରେ ମତେ କରିଥିଲେ । ସେ ନିଜେ ଆଦୌ ଚାହୁଁ ନ ଥିଲେ ଯେ ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ଅଲଗା ହେଉ ବା ବମ୍ବେ ସହର ମହାରାଷ୍ଟ୍ର ରାଜ୍ୟରେ ରହୁ । ମତେ ଏକଥା ସେ ସମ୍ପୂର୍ଣ୍ଣ ସ୍ପଷ୍ଟ ଭାବରେ କହିଥିଲେ ଓ ଏହା ସପକ୍ଷରେ ଯୁକ୍ତି ବି ବାଢିଥିଲେ କିନ୍ତୁ ସାଧାରଣରେ ସେ ପ୍ରତିପାଦନ କରିଥିଲେ ଯେ ସେ ଏ ବିଷୟରେ ନିରପକ୍ଷ ଥିଲେ ଓ ତାଙ୍କ ମନରେ ଏ ସମ୍ବନ୍ଧରେ କୌଣସି ପୂର୍ବ ବିଚାର ନଥିଲା । ପ୍ରାୟ ଏହିପ୍ରକାର ଭାବନା ସାରା ମହାରାଷ୍ଟ୍ରରେ ସେ ଉତ୍ପନ୍ନ କରିଥିଲେ ଯେ ମହାରାଷ୍ଟ୍ରକୁ ଅଲଗା ରାଜ୍ୟ ତିଆରି କରିବାରେ ଓ ସେ ରାଜ୍ୟକୁ ବମ୍ବେ ସହର ମିଳିବାରେ ମୁଁ ପ୍ରତିବନ୍ଧକ ଥିଲି । ଏହିପରି, ଏ ବିଷୟରେ, ସେ ମତେ 'ସ୍କେପ୍ ଗୋଟ୍' କରିଥିଲେ ।

ଯେଉଁଦିନ ଠାରୁ ମୁଁ ଜବାହରଲାଲଜୀଙ୍କ ସମ୍ପର୍କରେ ଆସିଥିଲି ସେ ଦିନରୁ ମତେ ତାଙ୍କର ସଦ୍‌ଭାବ ପ୍ରାପ୍ତ ହେଉଥିଲା ଓ ମୋ ମନରେ ଏପରି ଏକ ଛାପ ପଡିଛି ଯେ ମୁଁ ବମ୍ବେରେ ଥିବା ପର୍ଯ୍ୟନ୍ତ ମୋ ଉପରେ ତାଙ୍କର ପୂରା ବିଶ୍ୱାସ ରହିଥିଲା । କିନ୍ତୁ ଏକଥା ସାଧାରଣରେ ପ୍ରକାଶ ନ କରିବାକୁ ସେ ବହୁତ ସାବଧାନତା ଅବଲମ୍ବନ କରୁଥିଲେ । ଏହାର ଅଧିକ ପ୍ରମାଣ ମତେ ସେଇ ପତ୍ରରୁ ମିଳିଥିଲା ଯାହାକୁ ସେ ମୋର ଷାଠିଏତମ ଜନ୍ମଦିବସ ଉପଲକ୍ଷେ ଲେଖିଥିଲେ । ଏ ପତ୍ର ପୂର୍ବରୁ ଜବାହରଲାଲଜୀ ମୋ ପାଖକୁ ଅଭିନନ୍ଦନ ତାର ମଧ୍ୟ ପଠାଇଥିଲେ ଯାହାକୁ ଔପଚାରିକ କୁହାଯାଇପାରେ; ନିଜ ଚିଠିରେ ଏ 'ତାର'କୁ ସେ ଏହିରୂପେ ଉଲ୍ଲେଖ କରିଥିଲେ । ଏ ଚିଠିରୁ ଏକଥା ଜଣାପଡିଯିବ ଯେ ଆଜି ମୁଁ ଯାହା କିଛି ଲେଖୁଛି ତାହା ମୁଁ ଭଲକରି ବୁଝିକରି ଲେଖୁଛି । ଏ ଚିଠି ଉପରେ ସେ ନିଜ ହାତରେ ଠିକଣା ଲେଖିଥିଲେ, ଏବଂ ଅତି ଗୁପ୍ତ ଚିଠି ଭଳି ଦୁଇଟି ମୁଦା (ସିଲ୍‌ଡ) ଲଫାପା (ଗୋଟିକ ଭିତରେ ଅନ୍ୟଟି) ଭିତରେ ଚିଠିଟି ରଖି ପଠାଇଥିଲେ । ଚିଠିଟି ଏହି ପ୍ରକାର ଥିଲା ।

Digitized by srujanika@gmail.com

ନୂଆଦିଲ୍ଲୀ
୨୮।୨।୧୯୫୬

ପ୍ରିୟ ମୋରାରଜୀ,

ମୁଁ ଆପଣଙ୍କ ପାଖକୁ ଗୋଟିଏ ଛୋଟ 'ତାର' ପଠାଇଛି -- ଔପଚାରିକ ଓ ଆନ୍ତରିକତା ହୀନ । 'ତାର'ରେ ବିସ୍ତୃତ ଭାବେ ଲେଖିବା କଠିନ । ତା' ସହିତ ଆଉ ମୁଁ କହିବି ଯେ ଉଦ୍ଦେଶ୍ୟ ଚରିତାର୍ଥେ ଆକ୍ରମଣାତ୍ମକ ସମାଲୋଚନା ଓ କଠିନତାକୁ ଆପଣ ଯେପରି ଶାନ୍ତ ଓ କର୍ତ୍ତବ୍ୟ ନିଷ୍ଠାର ସହିତ ସମ୍ମୁଖୀନ କରନ୍ତି ମୁଁ ତାହାର ବହୁଳ ପ୍ରଶଂସା କରେ । ଆମେ ଦୁଃସାଧ୍ୟ ଭରା ସମୟ ମଧ୍ୟରେ ଗତି କରିଛେ ଏବଂ ଭବିଷ୍ୟତରେ ମଧ୍ୟ ଆରାମ ସମୟ ମିଳିବାର ସମ୍ଭାବନା ନାହିଁ । ଏଇ ଝଡ ତୋଫାନ ମଧ୍ୟରେ ନିଜର ମନୋସ୍ଥିତି ନ ହରାଇ ଅଥବା ସେଥିରେ ଭାସି ନ ଯାଇ ଆପଣ ନିଶ୍ଚଳ ଓ ଦୃଢ ରହିଛନ୍ତି । ଦୟାକରି ମନେ ରଖନ୍ତୁ ଯେ ଆପଣ ଆମ ସମସ୍ତଙ୍କର ମିତ୍ରତା ଏବଂ ଶ୍ରଦ୍ଧାର ଅଧିକାରୀ ଅଟନ୍ତି । ମୋର ଭୟ ଯେ ଆମ ଭିତରୁ ଅନେକ ସ୍ଥାଠିଏ ଉପରେ ପହଞ୍ଚିଗଲେଣି ବା ପହଞ୍ଚୁଛନ୍ତି । ମୁଁ ତ ଏହାର ବହୁତ ଦୂରକୁ ଚାଲିଗଲିଣି ଓ ଆପଣ ମଧ୍ୟ ବର୍ତ୍ତମାନ ଏହି ମଣ୍ଡଳୀରେ ଯୋଗ ଦେଲେଣି । ଅବଶ୍ୟ ଆମେ ଆମ କାମ ଆଗକୁ ବଢାଇ ଚାଲିବୁ କିନ୍ତୁ ଭବିଷ୍ୟତର ଚିତ୍ର ଉତ୍ସାହଜନକ ଲାଗୁ ନାହିଁ । ତଥାପି ଆମ ପାଇଁ ଆଜିର କାର୍ଯ୍ୟ ଓ ତତ୍ ସଂଲଗ୍ନ ସମସ୍ୟା ପର୍ଯ୍ୟାପ୍ତ ଅଟେ ।

ଆପଣଙ୍କର
ଜବାହରଲାଲ

ଗାନ୍ଧିଜୀଙ୍କ ସହିତ ତାଙ୍କର ପ୍ରଗାଢ ସମ୍ବନ୍ଧ ଥିଲା । କିନ୍ତୁ ମୋର ଖିଆଲ ଯେ ସେଥିରେ ଗାନ୍ଧିଜୀଙ୍କର ଅଧିକ ଯୋଗଦାନ ଥିଲା କାରଣ ଗାନ୍ଧିଜୀ ସବୁବେଳେ ତାଙ୍କ ବିରୋଧ ସହ୍ୟକରି ନେଉଥିଲେ । ଜବାହରଲାଲଜୀ ବେଳେବେଳେ ଗାନ୍ଧିଜୀଙ୍କୁ, ସାଧାରଣଙ୍କ ଆଗରେ ବିରୋଧ କରୁଥିଲେ କିନ୍ତୁ ପରେ ନିଜର ସ୍ଥିତି ଏକାନ୍ତରେ ତାଙ୍କୁ ବୁଝାଇ ଦେଉଥିଲେ । ମୁଁ ପୂର୍ବ ଅନୁଚ୍ଛେଦରେ ୧୯୩୧-୩୨ ମସିହା ସନ୍ଧି ସମୟରେ ଓ ୧୯୪୨ରେ ଭାରତ ଛାଡ ଆନ୍ଦୋଳନ ସମୟରେ ଜବାହରଲାଲଜୀଙ୍କ ମହାତ୍ମା ଗାନ୍ଧୀଙ୍କ ସହିତ କଥାବାର୍ତ୍ତା ଉଲ୍ଲେଖ କରିଛି । ଏଇ ଘଟଣାଗୁଡିକୁ ଜବାହରଲାଲଜୀଙ୍କ ଏ ସ୍ୱଭାବ ସମ୍ବନ୍ଧରେ ମତେ ହୃଦବୋଧ କରାଇଛି । ତେବେ ଗାନ୍ଧିଜୀ ତାଙ୍କୁ ବେଶି କିଛି କହୁ ନଥିଲେ ଓ ସର୍ବସାଧାରଣଙ୍କ ଆଗରେ ସମାଲୋଚନା କରୁନଥିଲେ । ଜବାହରଲାଲଜୀଙ୍କ ଦେଶ ପ୍ରେମ, ବୁଦ୍ଧିମତ୍ତା ଓ ବିଶାଳ ହୃଦୟତାକୁ ମହାତ୍ମା ଗାନ୍ଧୀ ପ୍ରଶଂସା କରୁଥିଲେ ଓ ତାଙ୍କ ଦୁର୍ବଳତାକୁ ଦେଖି ନ ଦେଖିବା ଛଳନା କରୁଥିଲେ । ମହାତ୍ମା ଗାନ୍ଧୀ ଏଂଇପରି କେତେ ନେତା ତିଆରି କରିଥିଲେ । କିନ୍ତୁ ତାଙ୍କର ଏ ନିର୍ମାଣ କଳାକୁ ଜବାହରଲାଲଜୀ ସମେତ ଅନ୍ୟ କେହି ତାଙ୍କଠାରୁ ଗ୍ରହଣ କରିନଥିଲେ । ଜବାହରଲାଲଜୀ ଅନ୍ୟର ମହତ୍ତ୍ୱ ବଢାଇକରି ପରେ କେତେଥର ମହତ୍ତ୍ୱ କମାଇ ଦେଉଥିଲେ । ଏହିପରି ମନୁଷ୍ୟ ନିର୍ମାଣ କଳାରେ ସେ ସିଦ୍ଧ ଲାଭ କରି ନଥିଲେ; ତାଙ୍କ ମଧ୍ୟରେ ସିଦ୍ଧ କରିବାର ଇଚ୍ଛା ମତେ ଦେଖାଯାଉ ନଥିଲା ।

ନିଜ ଜ୍ୱାଇଁ ଶ୍ରୀ ଫିରୋଜ ଗାନ୍ଧୀଙ୍କ ସହିତ ମଧ୍ୟ ତାଙ୍କ ସମ୍ବନ୍ଧ ସେତେ ଭଲ ନଥିଲା । ମତେ ଲାଗୁଥିଲା ଯେ ଶ୍ରୀ ଫିରୋଜ ଗାନ୍ଧୀଙ୍କ ନିଷ୍ଠା ବା ତାଙ୍କ ବ୍ୟବହାରରେ ସେ ଟିକିଏ ଅପ୍ରସନ୍ନ ଥିଲେ । ତାଙ୍କ ସମ୍ବନ୍ଧରେ ଯେଉଁପରି ଭାବରେ ସେ ମୋ ସହିତ କଥାବାର୍ତ୍ତା ହୋଇଥିଲେ ସେଥିରୁ ମୋର ଏ ଧାରଣା ହୋଇଥିଲା । ଦୁଇ ତିନିଥର ମତେ ଏପରି ଲାଗିଲା ଯେ ଫିରୋଜ ଗାନ୍ଧୀଙ୍କୁ ନାରାଜ କରିବାକୁ ସେ ଟିକେ ଡରୁଥିଲେ । ସବୁ ମିଶାଇ

Digitized by srujanika@gmail.com

ମୋ ମନରେ ଏପରି ଛାପ ପଡିଥିଲା ଯେ ଜବାହରଲାଲଜୀ କେତେକ ବ୍ୟକ୍ତିଙ୍କୁ ନିଜର ଲୋକପ୍ରିୟତା ବଢାଇବାକୁ ଓ ନିଜର ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧ କରିବାକୁ ଉପଯୋଗ କରୁଥିଲେ ଓ ପରେ କ୍ରମାଗତ ଭାବେ ସେମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିଲେ କାରଣ ଏପରି ବ୍ୟକ୍ତିମାନଙ୍କୁ ତାଙ୍କର ଦୁରୁପଯୋଗ କରିବାରୁ ବନ୍ଦ କରିପାରୁ ନଥିଲେ । ସର୍ଦ୍ଦାର ପଟେଲ ମଧ୍ୟ ରାଜନୀତିରେ ଲୋକମାନଙ୍କର ଉପଯୋଗ କରୁଥିଲେ କିନ୍ତୁ ଏ ଲୋକମାନଙ୍କୁ ନିଜର ଦୁରୁପଯୋଗ କରିବାକୁ ଦେଉନଥିଲେ । ଏହିପରି ସର୍ଦ୍ଦାର ପଟେଲ ମଜଭୁତ ଥିଲେ ଓ ଏ ସମ୍ବନ୍ଧରେ କୁଶଳୀ ମଧ୍ୟ ଥିଲେ ।

ଜବାହରଲାଲଜୀଙ୍କ ଉପରେ ରୁଷ ଯାତ୍ରା ଓ ମାର୍କସବାଦୀ ସାହିତ୍ୟ ଅଧ୍ୟୟନର ଗଭୀର ପ୍ରଭାବ ପଡିଥିଲା, ଯେଉଁ ସକାଶେ ସାମ୍ୟବାଦୀ ଅର୍ଥନୀତି ପ୍ରତି ତାଙ୍କର କିଛି ଆକର୍ଷଣ ଥିଲା । ଗରିବମାନଙ୍କ ପ୍ରତି ତାଙ୍କ ମନରେ ଗଭୀର ବେଦନା ଥିଲା । ମହାତ୍ମା ଗାନ୍ଧୀଙ୍କ ମନରେ ଯେପରି ବେଦନା ଓ ସହାନୁଭୂତି ଥିଲା ଜବାହରଲାଲଜୀଙ୍କ ମନରେ ମଧ୍ୟ ସେହିପରି ଥିଲା । ଏହି କାରଣରୁ ମଧ୍ୟ ତାଙ୍କ ଉପରେ ସାମ୍ୟବାଦୀର କିଛି ଅଧିକ ପ୍ରଭାବ ପଡିଥିଲା । କିନ୍ତୁ ଲୋକତାନ୍ତ୍ରିକ ପଦ୍ଧତି ପାଇଁ ତାଙ୍କ ମନରେ ବହୁତ ଆଦର ଓ ଶ୍ରଦ୍ଧା ଥିଲା, ସେଥିପାଇଁ ସେ ସାମ୍ୟବାଦର ହିଂସା ନୀତିକୁ ପସନ୍ଦ କରୁନଥିଲେ ।

ତାଙ୍କ ଜୀବନରେ ମହାତ୍ମାଗାନ୍ଧୀ ଆସିବା ପରେ, ସେ ଲୋକତାନ୍ତ୍ରିକ ବ୍ୟବହାରର, ସମସ୍ତଙ୍କ ଅପେକ୍ଷା ଶ୍ରେଷ୍ଠ, ଜୀବନ୍ତ ପ୍ରତିନିଧି ଥିଲେ । ଏଥିଯୋଗୁଁ ବୋଧହୁଏ ଜବାହରଲାଲଜୀ ସମ୍ପୂର୍ଣ୍ଣ ସାମ୍ୟବାଦ ପ୍ରଭାବରୁ ବଞ୍ଚିଯାଇଥିଲେ । ତଥାପି, ସେ ଯଦି ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ଆସି ନଥାନ୍ତେ ତେବେ ସୁଦ୍ଧା ଲୋକତନ୍ତ୍ର ପଦ୍ଧତିରେ ସେ ନିଜର ଆସ୍ଥା ବଜାୟ ରଖିଥାନ୍ତେ ଓ ସାମ୍ୟବାଦୀ ହୋଇନଥାନ୍ତେ -- ଏ ସମ୍ଭାବନାକୁ ମୁଁ ଅମାନ୍ୟ କରିପାରୁ ନାହିଁ । ରକ୍ଷଣଶୀଳ ଚିନ୍ତାଧାରାକୁ ସେ ଘୃଣା କରୁଥିଲେ ଓ ରକ୍ଷଣଶୀଳ ଶକ୍ତିକୁ କିଛି ଡରୁଥିଲେ ମଧ୍ୟ । ବାସ୍ତବରେ ସେ ମାନୁଥିଲେ ଯେ ଯେଉଁ ପ୍ରଗତିବାଦୀ ଶକ୍ତି ରକ୍ଷଣଶୀଳ ଶକ୍ତିକୁ ବିରୋଧ କରୁଥିଲେ, ସେମାନଙ୍କର ସାଧନ ଶୁଦ୍ଧ ନ ଥିଲେ ମଧ୍ୟ ଅଥବା ସେମାନଙ୍କର କାର୍ଯ୍ୟକ୍ରମ ଠିକ୍ ନଥିଲେ ସୁଦ୍ଧା, ସେମାନେ ରକ୍ଷଣଶୀଳ ଶକ୍ତିକୁ ବିରୋଧ କରିବା ଉଚିତ । ତେଣୁ ସେମାନଙ୍କ କାର୍ଯ୍ୟକ୍ରମ ସମର୍ଥନ ଯୋଗ୍ୟ ଜଣା ନ ହେଲେ ବି ସେମାନେ ଲୋପ ନ ହୋଇଯିବା ପାଇଁ ସେମାନଙ୍କୁ ସମର୍ଥନ କରୁଥିଲେ ।

ଯେଉଁ ସମାଜବାଦକୁ ସେ ମାନୁଥିଲେ ସେଥିରେ ସାମ୍ୟବାଦର ଦାଉପେଞ୍ଚ ଓ ହିଂସକ ସାଧନର ସମାବେଶ ନଥିଲା । ଲୋକତନ୍ତ୍ରରେ ତାଙ୍କର ଏତେ ଶ୍ରଦ୍ଧା ଥିଲା ଯେ ମଣିଷ ମଣିଷ ଭିତରେ ଭେଦଭାବ ତାଙ୍କୁ ବହୁତ ଦୁଃଖୀ କରୁଥିଲା ଓ ତାକୁ ଦୂର କରିବାକୁ ସେ ନିରନ୍ତର ପ୍ରଯତ୍ନଶୀଳ ରହୁଥିଲେ । ସମସ୍ତଙ୍କୁ ବିକାଶ କରିବାକୁ ଅବସର ମିଳୁ ଓ ସମାଜ ଶୋଷଣ ରହିତ ହେଉ - ଏହା ତାଙ୍କର ଇଚ୍ଛାଥିଲା । ତେଣୁ ପ୍ରଗତିବାଦର ଯେଉଁ କାର୍ଯ୍ୟକ୍ରମ ତାଙ୍କର ନାପସନ୍ଦ ହେଉଥିଲା, ତା'ର ବିଶେଷ ନିନ୍ଦା କରୁନଥିଲେ ବରଂ ତା'କୁ ପ୍ରୋତ୍ସାହନ ଦେଉଥିଲେ । ଯାହାକୁ ରକ୍ଷଣଶୀଳ ମାନୁଥିଲେ ତାଙ୍କ ପ୍ରତି ଧୈର୍ଯ୍ୟ ରଖି ପାରୁ ନଥିଲେ କାରଣ ଯଥାର୍ଥରେ ସେ ମାନୁଥିଲେ ଯେ ରକ୍ଷଣଶୀଳତାରେ ସମାଜର ବିକାଶକୁ ଅବରୁଦ୍ଧ କରିବା ପାଇଁ ବହୁ ଶକ୍ତି ବିଦ୍ୟମାନ ଅଛି । ତାଙ୍କର ଏ ମାନ୍ୟତା ଠିକ୍ ଥିଲା -- ଏକଥା ମୁଁ ବି ମାନୁଛି । କିନ୍ତୁ ମୁଁ ଏକଥା ମଧ୍ୟ ମାନେ ଯେ ପ୍ରଗତିବାଦ ନାମରେ ଯେଉଁ ଲୋକ ମନ୍ଦ କାମ କରନ୍ତି ଓ ରକ୍ଷଣଶୀଳମାନଙ୍କ ଠାରୁ ମଧ୍ୟ ସମାଜର ଅଧିକ କ୍ଷତି କରିବା ପ୍ରବୃତ୍ତି ଯାହାଙ୍କର ଅଛି, ସେମାନଙ୍କୁ ସେଥିରୁ ନିବୃତ୍ତ କରିବା ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଏ ବିଷୟରେ ମଣିଷକୁ ଯେଉଁ ମାନସିକ ନିରପେକ୍ଷତା ରଖିବା ଉଚିତ ତାହା ଜବାହରଲାଲଜୀ ରଖିପାରି ନଥିଲେ କାରଣ ସେ ଅନ୍ୟ କ୍ଷେତ୍ର ଭଳି ଏଠାରେ ମଧ୍ୟ ପୂର୍ବାଗ୍ରହ ଛାଡି ପାରି ନଥିଲେ ।

Digitized by srujanika@gmail.com

ସଂସାରରେ ସ୍ଥାୟୀ ରୂପେ ଶାନ୍ତି ପ୍ରତିଷ୍ଠା କରିବାକୁ ସେ ଇଚ୍ଛୁକ ଥିଲେ ଓ ଯୁଦ୍ଧର ବଡ ବିରୋଧ କରୁଥିଲେ । କିନ୍ତୁ ତାଙ୍କ ଯୁଦ୍ଧ ବିରୋଧିତ୍ୱର ଶାନ୍ତିପ୍ରିୟତା ବଦଳରେ ଯୁଦ୍ଧରେ ହେଉଥିବା ଧ୍ୱଂସର ଡର ପ୍ରମୁଖ ହେଉଥିଲା । ମୋର ବିଶ୍ୱାସ ଯେ ଯୁଦ୍ଧ ଭୟରେ ଶାନ୍ତି ରଖିବା ପ୍ରବୃତ୍ତି ଦ୍ୱାରା ଯୁଦ୍ଧ କେବେ ହେଲେ ଶେଷ ହୋଇପାରିବ ନାହିଁ । କାରଣ ଭୟରୁ ଯୁଦ୍ଧ ଉତ୍ପନ୍ନ ଓ ଶାନ୍ତି ନିର୍ଭୟତାରୁ ଜନ୍ମ । ଚୀନ ଯେତେବେଳେ ନେଫା (ଉତ୍ତରପୂର୍ବ ସୀମାନ୍ତ ରାଜ୍ୟ) ଆକ୍ରମଣ କଲା, ସେ ସମୟରେ ଚୀନ ତୀବ୍ବତରେ ଯେଉଁ ପ୍ରମୁଖ ଆଡ୍ଡା ତିଆରି କରିଥିଲା, ଏହା ଉପରେ ବୋମା ବର୍ଷଣ କରି ଯଦି ତାହାକୁ ନଷ୍ଟ କରି ଦିଆଯାଇଥାନ୍ତା, ତେବେ ଚୀନର ଆକ୍ରମଣ ବ୍ୟର୍ଥ ହୋଇଥାଆନ୍ତା । ମୁଁ ସେ ସମୟରେ ଏହି ପ୍ରସ୍ତାବ ଦେଇଥିଲି । କିନ୍ତୁ ଏହାର ପ୍ରତିକ୍ରିୟା ରୂପେ ଚୀନ ଦ୍ୱାରା କଲିକତା ଓ ବିହାର ତଥା ଉତ୍ତର ପ୍ରଦେଶ ସହରମାନଙ୍କ ଉପରେ ଅଥବା ଦିଲ୍ଲୀ ଉପରେ ବୋମା ବର୍ଷଣ ହେବାର ସମ୍ଭାବନା ଥିଲା, ଏଥିରେ ଭାରତରେ ବହୁତ କ୍ଷତି ହେବାର ତାଙ୍କର ଡର ଥିଲା । ଯେବେ କୌଣସି ଯୁଦ୍ଧ ଆରମ୍ଭ କରାଯାଏ, ତା'ର ପ୍ରତିରୋଧ ପାଇଁ ଭୟରେ କୌଣସି ପଦକ୍ଷେପ ନ ନେଲେ କ୍ଷତି ଯେ ହୁଏ, ଏକଥା ସୁସ୍ପଷ୍ଟ ଅଟେ । ଏଥିରେ ଦେଶ ନଷ୍ଟ ମଧ୍ୟ ହୋଇପାରେ । କିନ୍ତୁ ଦେଶର ସୁରକ୍ଷା ପାଇଁ ଏଭଳି ବିପଦର ସମ୍ମୁଖୀନ କରିବାରେ ହିଁ ଦେଶର ବାସ୍ତବିକ ଶକ୍ତି ଉତ୍ପନ୍ନ ହୁଏ । ଏ କଥାକୁ ସ୍ୱୀକାର କରିବାକୁ ନିର୍ଭୟତା ଜବାହରଲାଲଜୀଙ୍କ ପାଖରେ ନଥିଲା ତେଣୁ ଚୀନର ଆଡ୍ଡା ଉପରେ ବୋମା ବର୍ଷଣ କରିବା ସେ ଉଚିତ ଭାବିଲେ ନାହିଁ ।

ପିଲାମାନଙ୍କ ପ୍ରତି ତାଙ୍କ ବହୁତ ସ୍ନେହ ଥିଲା । କିନ୍ତୁ ଏଥିରେ ବି ଲୋକପ୍ରିୟ ହେବା ପାଇଁ ତାଙ୍କର ଯେଉଁ ପ୍ରବଳ ଆକାଂକ୍ଷା ଥିଲା ତାକୁ ଏ ଶ୍ରଦ୍ଧାର କିଛି କାରଣ ବୋଲି ଧରାଯାଇପାରେ । ମହିଳାମାନଙ୍କ ପ୍ରତି ମଧ୍ୟ ସମ୍ମାନପ୍ରଦ ବ୍ୟବହାର ଦେଖାଇବା ଉତ୍କୃଷ୍ଟ ଭାବନା ଥିଲା । କିନ୍ତୁ ଏ ଭାବନା ସର୍ବଦା ପ୍ରକୃତ କାମରେ ଲଗାଇବା ଜଣା ପଡୁନଥିଲା । ମହିଳାମାନେ ବେଳେବେଳେ ତାଙ୍କୁ ପ୍ରଭାବିତ କରୁଥିଲେ ଓ ସେ ସେମାନଙ୍କ ଏପରି ବ୍ୟବହାରକୁ ପ୍ରୋତ୍ସାହନ କରୁଥିଲେ । ଏଥିଯୋଗୁ ମହିଳାମାନେ ତାଙ୍କ ପ୍ରତି ଆକର୍ଷିତ ହେଉଥିଲେ ।

ନିଜ ଶିକ୍ଷାର ଅଧିକାଂଶ ବର୍ଷ ସେ ଇଂଲଣ୍ଡରେ କଟାଇଥିଲେ ଯାହା ଫଳରେ ଇଂଲଣ୍ଡର ବିଚାରଧାରା ଓ ସଂସ୍କୃତି ତାଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଏଥିରୁ ତାଙ୍କ ବିଚାରଧାରା 'ବ୍ରିଟିଶ୍' ବେଶି ଥିଲା କିନ୍ତୁ ତାଙ୍କ ହୃଦୟ ନିଃସନ୍ଦେହ ଭାରତୀୟ ଥିଲା । ଏଇ ଦୁଇଟି ମଧ୍ୟରେ ଯେଉଁ ବିରୋଧାଭାସ ଥିଲା ତାହା ତାଙ୍କ ନିର୍ଣ୍ଣୟ ଗ୍ରହଣ କରିବାରେ ବେଳେ ବେଳେ ବାଧା ଦେଉଥିଲା । ଏଥିପାଇଁ ସ୍ୱରାଜ ପ୍ରାପ୍ତିପରେ ସେ ଦେଶରେ ପ୍ରକୃତ ରାଷ୍ଟ୍ରୀୟତା ଉତ୍ପନ୍ନ କରିବାରେ ବିଫଳ ହୋଇଥିଲେ । ଇଂରେଜୀ ଭାଷା ଉପରେ ତାଙ୍କର ପ୍ରଭୁତ୍ୱ ବହୁତ ଥିଲା, ଓ ଲେଖିବା ଶକ୍ତି ତାଙ୍କର ବହୁତ ବେଶି ଥିଲା । ରାଜନୀତିରେ ପଡି ନଥିଲେ ନିଶ୍ଚୟ ସେ ଜଣେ ପ୍ରସିଦ୍ଧ ଲେଖକ ହୋଇଥାନ୍ତେ ।

ଜବାହରଲାଲଜୀ ଚିନ୍ତାଶୀଳ ବ୍ୟକ୍ତି ଥିଲେ । କିନ୍ତୁ ନିଜ ଚିନ୍ତାରେ ଅନ୍ୟ କାହାକୁ ଭାଗୀଦାର କରିପାରି ନଥିଲେ । ଏଣୁ ମୋ ମତରେ, ସେ ଏହି ଚିନ୍ତା ସବୁକୁ କାର୍ଯ୍ୟରେ ପରିଣତ କରିପାରୁ ନଥିଲେ ।

Digitized by srujanika@gmail.com

(୩୨) ଲାଲବାହାଦୂର ଶାସ୍ତ୍ରୀ ତଥା ପାକିସ୍ତାନ ସହ ଯୁଦ୍ଧ

ଶ୍ରୀ ଜବାହରଲାଲଜୀଙ୍କ ଅବସାନ ପରେ କଂଗ୍ରେସ ସଂସଦୀୟ ଦଳ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ନିଜର ନେତା ବାଛିଲେ । ପ୍ରଧାନମନ୍ତ୍ରୀ ହୋଇସାରିବା ପରେ ଲାଲବାହାଦୂରଜୀ ନିଜ ମନ୍ତ୍ରୀମଣ୍ଡଳ ଗଢିଲେ । ଥରେ ରାତିରେ ତାଙ୍କ ସହିତ ସାକ୍ଷାତ କରିବାକୁ ସେ ମତେ ଆମନ୍ତ୍ରିତ କରିଥିଲେ । ମୁଁ ଯେତେବେଳେ ତାଙ୍କ ସହିତ ସାକ୍ଷାତ କରିବାକୁ ଗଲି, ସେ ମତେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ କହିଲେ । ମୁଁ ପଚାରିଲି, ''କେଉଁ ସ୍ଥାନରେ ଓ କେଉଁ କାମ ପାଇଁ ?'' ସେ କହିଲେ ମନ୍ତ୍ରୀମଣ୍ଡଳରେ ଆପଣଙ୍କ ତୃତୀୟ ସ୍ଥାନ ହେବ କାରଣ କାର୍ଯ୍ୟବାହୀ ପ୍ରଧାନମନ୍ତ୍ରୀ ହୋଇଥିବାରୁ ଶ୍ରୀ ଗୁଲଜାରିଲାଲ ନନ୍ଦାଙ୍କ ସ୍ଥାନ ଦ୍ୱିତୀୟ ହେବା ଉଚିତ । ମୁଁ କହିଲି, ''ସେ ମୋ ଠାରୁ ଜୁନିୟର ଅଟନ୍ତି । କାର୍ଯ୍ୟବାହକ ପ୍ରଧାନମନ୍ତ୍ରୀ ହେବା ତ ଆକସ୍ମିକ ଘଟଣା ଥିଲା । କାମରାଜ ଯୋଜନା କାର୍ଯ୍ୟକାରୀ ହୋଇ ନଥିଲେ ଓ ମୁଁ ମନ୍ତ୍ରୀମଣ୍ଡଳରେ ଥିଲେ, କାର୍ଯ୍ୟବାହୀ ପ୍ରଧାନମନ୍ତ୍ରୀ ମୁଁ ହୋଇଥାଆନ୍ତି । ଅତଃ ଆପଣଙ୍କର ଏପରି ପ୍ରସ୍ତାବ ଉଚିତ ହୋଇ ନାହିଁ ।'' ସେ କହିଲେ, ''ଇନ୍ଦିରାଜୀଙ୍କ ମଧ୍ୟ ଏହି ଆଗ୍ରହ ଯେ ଆପଣ ମନ୍ତ୍ରୀମଣ୍ଡଳରେ ସାମିଲ ହୁଅନ୍ତୁ । ଅତଃ ମୋ କଥା ଆପଣଙ୍କୁ ମାନି ନେବା ଉଚିତ ।'' ସେ ଏକଥା ମଧ୍ୟ କହିଲେ ଯେ, ''ମନ୍ତ୍ରୀମଣ୍ଡଳରେ କିଏ କେଉଁ ସ୍ଥାନରେ ଅଛନ୍ତି ସେଥିରେ କିଛି ଅନ୍ତର ପଡିବ ନାହିଁ । ଏଥିରେ ଆପଣଙ୍କ ମହତ୍ତ୍ୱ କମ୍ ହେବ ନାହିଁ ।'' ମୁଁ କହିଲି, ''ମତେ ଏପରି ବୁଝାଇବା ଆପଣଙ୍କୁ ଶୋଭା ଦେଉ ନାହିଁ । ଏପରି ଆଗ୍ରହ ନା ଆପଣ କରିବା ଉଚିତ ନା ମୁଁ ଏହାକୁ ସ୍ୱୀକାର କରିପାରେ ।'' ତାପରେ ସେ କହିଲେ ଯେ ମୁଁ ତୃତୀୟ ସ୍ଥାନ ଗ୍ରହଣ କରିନେବି -- ଏପରି ତାଙ୍କୁ କୁହାଯାଇଥିଲା । ମୁଁ କହିଲି, ''ଆପଣ ମତେ ବର୍ଷରୁ ଜାଣିଛନ୍ତି । ମୋ ବିଷୟରେ ଏପରି ମାନି ମୋର ଅପମାନ କରିବା ଉଚିତ ନୁହେଁ । ଅତଃ ଦୟାକରି ଆପଣ ଏକଥା ଛାଡି ଦିଅନ୍ତୁ । ମନ୍ତ୍ରୀମଣ୍ଡଳ ବାହାରେ ରହି ମଧ୍ୟ ମୁଁ ଆପଣଙ୍କ ବିରୋଧ କରିବି ନାହିଁ । ବାହାରେ ରହି ଆପଣଙ୍କୁ ଯେତେ ସହଯୋଗ ଦେଇପାରେ ସେତେ ଅବଶ୍ୟ ଦେବି ।'' ଏପରି କଥା କହି ମୁଁ ସେଠାକୁ ଚାଲି ଆସିଲି ।

ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ବହୁତ ଦୁଃଖି ହୋଇଥିଲେ ଏପରି ମତେ ଲାଗିଲା । ଏକଥା ମତେ କୁହାଯାଇଥିଲା ଯେ ସେ ସାରା ରାତି ଶୋଇପାରି ନଥିଲେ । ଏକଥା ମୁଁ ବୁଝିପାରିଲି ନାହିଁ ଯେ ଏଥିପାଇଁ ତାଙ୍କ ଉପରେ କୌଣସି ଚାପ ପଡିଥିଲା ବା ତାଙ୍କ ନିଜର ଏହା ଏକ ଚାଲ୍ ଥିଲା । କିନ୍ତୁ ମୋ ମହତ୍ତ୍ୱ କିଛି କମ୍ ହେଲେ ତାଙ୍କ ମହତ୍ତ୍ୱ ବଢିବ ଏପରି ଭାବି ସେ ଏକଥା କରିଥିବେ -- ମତେ କିଛି ଆଶ୍ଚର୍ଯ୍ୟ ଲାଗିଲା ନାହିଁ । ଯେପରି ଭାବରେ ସେ କଥାବାର୍ତ୍ତା କରିଥିଲେ ସେଥିରୁ ଏପରି ଅନୁମାନକୁ ବଳ ମିଳୁଥିଲା । ତଥାପି ମୁଁ ତାଙ୍କୁ ଆଶ୍ୱାସନା ଦେଲି ଯେ ମୁଁ ତାଙ୍କ ପାଇଁ କୌଣସି ଅସୁବିଧା ଉତ୍ପନ୍ନ କରିବି ନାହିଁ ଓ ତାଙ୍କ ସହିତ ମୋ ନିଜର ଯେଉଁ ସମ୍ବନ୍ଧ ଅଛି ସେଥିରେ କିଛି କମ୍ ହେବ ନାହିଁ । ପରେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ସେ ନିଜ ମନ୍ତ୍ରୀ ମଣ୍ଡଳରେ ନେଲେ, ଯାହାଙ୍କୁ ହାଇକୋର୍ଟର ପ୍ରତିକୂଳ ନିର୍ଣ୍ଣୟ କାରଣରୁ ମୁଖ୍ୟମନ୍ତ୍ରୀ ପଦରୁ ହଟିବାକୁ ପଡିଥିଲା । ଏହାପରେ ଲାଲବାହାଦୂରଜୀଙ୍କ ସହିତ ମୋର ମିଳାମିଶା ହେଉଥିଲା କିନ୍ତୁ ତାହା ନ ମିଶିବା ସଙ୍ଗେ ସମାନ ।

୧୯୬୪ରେ ପ୍ରଧାନମନ୍ତ୍ରୀ ହେବାର କିଛି ଦିନ ପରେ ହିଁ ଲାଲବାହାଦୂରଜୀ ବେମାରି ପଡିଲେ । ତାଙ୍କର ହାର୍ଟ ଆଟାକ୍ ହୋଇଥିଲା ଯାହାକି ଦୁଇତିନି ବର୍ଷ ଆଗରୁ ଥରେ ହୋଇସାରିଥିଲା । ଦିନେ ଜଣେ ମିତ୍ର ମତେ କହିଲେ କି ଲାଲବାହାଦୂରଜୀ ବଡ ଦୁଃଖର ସହିତ କହିଥିଲେ ଯେ ମୋରାରଜୀ ଭାଇ କହୁଛନ୍ତି ଲାଲବାହାଦୂରଜୀଙ୍କ ମୃତ୍ୟୁ ହୋଇଯିବ । ଏକଥା ଶୁଣି ମତେ ବଡ ଦୁଃଖ ଲାଗିଲା କାରଣ ମୁଁ ଏପରି ବିଚାର କେବେ କରିପାରେ ନାହିଁ । ହୋଇପାରେ କେହି ଏପରି ଭାବି ଏ ଗୁଜବ ପ୍ରଚାର କରିଥିବ ଯେ ତାଙ୍କର ମୃତ୍ୟୁରେ

Digitized by srujanika@gmail.com

ମୋ ରାସ୍ତା ପରିଷ୍କାର ହୋଇଯିବ । ମତେ ଏଥିରେ ପ୍ରକୃତରେ ବହୁତ ଦୁଃଖ ଲାଗିଲା । ମୁଁ ଭାବିଲି କେହି ଜଣେ ଏ ଗୁଜବ ଉଠାଇ ଥିବ ଓ ଲାଲବାହାଦୂରଜୀ ଏହାକୁ ସତ ମାନି ନେଇଥିବେ । ତେଣୁ ଲାଲବାହାଦୂରଜୀ ଟିକିଏ ସୁସ୍ଥ ହେବା ପରେ ମୁଁ ତାଙ୍କୁ ଦେଖା କରିବାକୁ ଗଲି ଓ ଏ ବିଷୟରେ କଥା ହେଲି । ମୁଁ କହିଲି, "ଆପଣଙ୍କୁ ଏକଥା କିଏ କହିଲା ? ଏ କଥା ମତେ ବତାଇଲେ ମୁହାଁମୁହିଁ ହୋଇ ଏ କଥାର ମୀମାଂସା ହୋଇଯିବ କି ଏଥିରେ ସତ କେତେ ଓ ମିଛ କେତେ ଅଛି । ମୋ ସହିତ ଏତେ ବ୍ୟକ୍ତିଗତ ସମ୍ପର୍କ ଥାଇ ସୁଦ୍ଧା ଆପଣ ମୋ ସମ୍ବନ୍ଧରେ ଏତେ ଭୟଙ୍କର ଧାରଣା ମାନି ନେଲେ -- ଏହା ଆପଣଙ୍କୁ କିପରି ଶୋଭା ଦେଖାଯିବ ?" ତେବେ ସେ ସ୍ୱୀକାର କରିଲେ ଯେ ଏକଥା ମିଛ ଥିଲା । ଏହାପରେ ଏ ବିଷୟରେ ସେ ଆଉ କିଛି କହିଲେ ନାହିଁ । କିନ୍ତୁ ଏ ଘଟଣାରୁ ତାଙ୍କ ସ୍ୱଭାବ ସମ୍ବନ୍ଧରେ କିଛି ଅନୁମାନ କରାଯାଇପାରେ ।

୧୯୬୩ରେ ଅଧିବେଶନ ଆରମ୍ଭରୁ ସଂସଦରେ ବହୁତ ଗୋଳମାଳ ହେଉଥିଲା । ଜବାହରଲାଲଜୀ ଥିଲେ, ସେତେବେଳ ଯାଏ ସାଧାରଣତଃ ସଂସଦର ପ୍ରତିଷ୍ଠା ବଜାୟ ରହିଥିଲା । କିନ୍ତୁ ୧୯୬୪ରେ ଦ୍ୱିତୀୟ ଅଧିବେଶନରୁ ଗୋଳମାଳ ବଢିବାକୁ ଲାଗିଲା ଏବଂ ଅଧ୍ୟକ୍ଷ ସଂସଦର ପ୍ରତିଷ୍ଠା କାଏମ ରଖିବାକୁ ଅସମର୍ଥ ହୋଇଥିଲେ । କେତେକ ସଦସ୍ୟଙ୍କୁ ସଂସଦରୁ ନିଷ୍କାସିତ କରିବା ପରେ ବି ଶାନ୍ତି ଭଙ୍ଗ ହେଉଥିଲା ଓ ସଂସଦରେ ଅବାଞ୍ଛିତ ଦୃଶ୍ୟ ଦେଖାଗଲା । ଭିଜିଟର୍ସ ଗ୍ୟାଲେରିରେ ଦର୍ଶକଙ୍କ ଉପରେ ଏହାର ଭଲ ପ୍ରଭାବ ପଡିଲା ନାହିଁ ।

ମନ୍ତ୍ରୀମଣ୍ଡଳରେ ବା ବାହାରେ ଥିବା ବେଳେ କଂଗ୍ରେସ ସଂଗଠନ କାମ ମତେ ଯାହା ଦିଆଯାଉଥିଲା ତାହା ମୁଁ ଠିକ୍ ରୂପେ କରୁଥିଲି । କିଛି ବିଶେଷ କାମ ତ ମତେ ଦିଆଯାଉ ନଥିଲା, ତଥାପି ସାଧାରଣତଃ ଅନେକ ଲୋକ ମତେ ସାକ୍ଷାତ କରୁଥିଲେ ଓ ମୋର ପରାମର୍ଶ ନେଉଥିଲେ । ଏଥିରେ ମୁଁ ବେଶ୍ ବ୍ୟସ୍ତ ରହୁଥିଲି ।

ଏ ପର୍ଯ୍ୟନ୍ତ ସମ୍ବାଦପତ୍ରରେ ପ୍ରାୟ କିଛି ଲେଖା ମୁଁ ଲେଖିନଥିଲି । କିନ୍ତୁ ଲୋକ ଶିକ୍ଷା ସମ୍ବନ୍ଧୀୟ ବିଷୟ ଉପରେ ଲେଖିବାକୁ ଶ୍ରୀ ଦୁର୍ଗାଦାସଙ୍କର ପ୍ରେସ୍ ଏଜେନ୍ସି (ଇନ୍‌ଫା) ମତେ ଆଗ୍ରହ ପୂର୍ବକ କହିଥିଲେ ଓ କିଛି ଲେଖା ସମ୍ବାଦପତ୍ରରେ ପ୍ରକାଶ କରିବା ପାଇଁ ଇନ୍‌ଫାକୁ ଦେବାକୁ ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧ ରକ୍ଷା କରି ବର୍ଷେ ଦି' ବର୍ଷ ମଧ୍ୟରେ ବହୁତ ପ୍ରବନ୍ଧ ଲେଖି ତାଙ୍କୁ ଦେଇଥିଲି । ସମ୍ବାଦପତ୍ରରେ ଛପା ଯିବାରୁ ସେ ସବୁର ବହୁତ ଆଦର ହୋଇଥିଲା । ପରେ 'ଇନ୍ ମାଇଁ ଭିୟୁ' ନାମକ ପୁସ୍ତକରେ ଏସବୁ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ଏଥିରୁ ମତେ ଯେଉଁ ଟଙ୍କା ମିଳିଲା ସେ ସବୁ ମୁଁ ସ୍ଥାପନ କରିଥିବା ଶିକ୍ଷଣ ଟ୍ରଷ୍ଟକୁ ଦେଇଥିଲି । କାରଣ ମୁଁ ଯାହା ସବୁ ଲେଖିବା କାମ କରୁଥିଲି ତାହା ଏଇ ଟ୍ରଷ୍ଟ ପାଇଁ କରୁଥିଲି । ସୁତରାଂ ଲେଖିବାରୁ ପ୍ରାପ୍ତ ପଇସା ମୁଁ ସେଥିରେ ଜମା କରୁଥିଲି ।

୧୯୬୫ ମସିହା ଜୁଲାଇ ୨୩ରୁ ୨୫ ପର୍ଯ୍ୟନ୍ତ ବାଙ୍ଗାଲୋର କଂଗ୍ରେସ ମହାସମିତିର ଅଧିବେଶନ ହୋଇଥିଲା । ସେଥିରେ କଂଗ୍ରେସ ଅଧ୍ୟକ୍ଷଙ୍କର କାର୍ଯ୍ୟକାଳ ବଢାଇବା ବିଷୟ ଆସିଥିଲା । ଏ ସମ୍ବନ୍ଧରେ, ଏହା ଆଗରୁ ୧୯୫୮ ଅକ୍ଟୋବର ୨୪ ଯେଉଁ ପ୍ରସ୍ତାବ ପାସ୍ ହୋଇଥିଲା ତା'କୁ ବଦଳାଇବା ପାଇଁ ବିଚାର କରାଗଲା । ୧୯୫୮ର ପ୍ରସ୍ତାବ ଏହି ପ୍ରକାର ଥିଲା, "ମହାସମିତି ନିଶ୍ଚୟ କରୁଛି ଯେ କଂଗ୍ରେସ ଅଧ୍ୟକ୍ଷ ଏବଂ କଂଗ୍ରେସ ମହାସମିତିର ସଚିବ କ୍ରମାଗତ ଭାବେ ଦୁଇବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ନିଜ ପଦରେ ରହିବେ ନାହିଁ ।"

Digitized by srujanika@gmail.com

ଏଥିରେ ପରିବର୍ତ୍ତନ ପାଇଁ ଯେଉଁ ନୂଆ ପ୍ରସ୍ତାବ ମହାସମିତିରେ ଆସିଲା ଏହା ଉପରେ ପ୍ରଥମେ କାର୍ଯ୍ୟ ସମିତିରେ ବିଚାର ହୋଇଥିଲା । ଅଧିକାଂଶ ସଦସ୍ୟ ଲାଲବାହାଦୂରଙ୍କ ପ୍ରସ୍ତାବ ଉପରେ ଶ୍ରୀ କାମରାଜଙ୍କୁ ଆହୁରି ଦୁଇବର୍ଷ ପାଇଁ ଅଧ୍ୟକ୍ଷ ରୂପେ ରହିବାକୁ ଚାହୁଁଥିଲେ । ମୁଁ ଏ ପ୍ରସ୍ତାବର ବିରୋଧ କରିଲି । ମୋ ବିରୋଧ ବ୍ୟକ୍ତିଗତ ନଥିଲା । ବରଂ ଯେଉଁ ଉପଯୋଗୀ ନିୟମ ତିଆରି ହୋଇଥିଲା ତାହାକୁ କୌଣସି ଜଣେ ବ୍ୟକ୍ତିଙ୍କ ପାଇଁ ବଦଳାଇବା ବିରୁଦ୍ଧରେ ମୁଁ ଥିଲି । ଯଦି ନିୟମ ଠିକ୍ ଭାବରେ ପାଳନ କରା ନଯାଏ ଓ ବ୍ୟକ୍ତି ବିଶେଷଙ୍କ ପାଇଁ ଏଥିରେ ପରିବର୍ତ୍ତନ କରାଯାଏ, ସେଥିରେ ସଂଗଠନର ଶକ୍ତି ହ୍ରାସ ହୁଏ ଓ ସଂଗଠନର ନିର୍ଣ୍ଣୟ ଉପରେ ଲୋକମାନଙ୍କର ପୂର୍ଣ୍ଣ ବିଶ୍ୱାସ ରୁହେ ନାହିଁ । ଏଥିପାଇଁ ମୁଁ ପରିବର୍ତ୍ତନର ବିରୋଧ କରିଥିଲି ।

ଏଇ ସମ୍ବନ୍ଧରେ କାର୍ଯ୍ୟ ସମିତିରେ ମୁଁ ଯେଉଁ ଭାଷଣ ଦେଇଥିଲି ସେଥିରେ କହିଥିଲି, ‘‘ଏହା ଠିକ୍ ହେଉ ନାହିଁ । କଂଗ୍ରେସରେ ନିଜର ୩୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ମୁଁ ଏପରି କେବେ ବିରୋଧ କରିନାହିଁ । ଜୀବନରେ ଅସୁବିଧା ତ ଆସେ କିନ୍ତୁ ସେଥିରେ ନିଜ ଆତ୍ମାର ଆହ୍ୱାନକୁ ଆମମାନଙ୍କୁ ଚପାଇବା ଉଚିତ ନୁହେଁ । ଏପରି ଅବସର ମୋ ଜୀବନରେ ଦୁଇଥର ଆସିଛି ଏବଂ ଏହା ତୃତୀୟ ଅଟେ । ମୋ ବନ୍ଧୁ ମୋର ବିରୋଧ ପ୍ରତ୍ୟାହାର କରି ନେବାକୁ ପରାମର୍ଶ ଦେଉଛନ୍ତି । କିନ୍ତୁ ଏ ପ୍ରସ୍ତାବ ସ୍ୱୀକାର କରାଗଲେ ସେଥିରେ ଦଳର ବଡ କୁସେବା ହେବ । ତେଣୁ ତା’ ବିରୁଦ୍ଧରେ ମୋର ସ୍ୱର ସିଦ୍ଧାନ୍ତ ମୂଳକ ଅଟେ । ଏ ପ୍ରସ୍ତାବକୁ ସ୍ୱୀକାର କରିବା ମୋ ପାଇଁ ଅସମ୍ଭବ ଅଟେ । ଆମକୁ କଂଗ୍ରେସ ଓ ରାଷ୍ଟ୍ରର ସେବା କରିବାକୁ ହେବ । ତେଣୁ ଶୁଦ୍ଧ ସାଧନାର ଉପଯୋଗ କରିବାକୁ ହେବ ଏବଂ ଆତ୍ମାର ବାଣୀକୁ ଦମନ କଲେ କାମ ଚଳିବ ନାହିଁ, ଆତ୍ମାର ବାଣୀ ଦମନ କରାନଗଲେ ଆଜି ଯେଉଁ ଭୟର ବାତାବରଣ ସର୍ବତ୍ର ଛାଇ ହୋଇଯାଇଛି ତାହା ରହିବ ନାହିଁ । ଅନେକ ସଦସ୍ୟ ତ ନିଜ ମତ ପ୍ରକଟ କରିବାକୁ ଡରୁଛନ୍ତି । ବ୍ୟକ୍ତିଗତ ଭାବରେ ସେମାନେ ଏ ପ୍ରସ୍ତାବ ବିରୋଧ କରୁଛନ୍ତି । କିନ୍ତୁ ଯେତେବେଳେ କ୍ଷମତାପ୍ରାପ୍ତଙ୍କ ସମ୍ମୁଖରେ କହିବାକୁ ପଡୁଛି ସେମାନେ ନୀରବ ହୋଇଯାଉଛନ୍ତି । ମୋ ମତରେ ସର୍ବଦା ଆଗକୁ ଆସି ନିଜ କଥା କହିବା ଉଚିତ । ମତେ ଦୁଃଖର ସହିତ କହିବାକୁ ପଡୁଛି ଯେ ଭବିଷ୍ୟତରେ କଂଗ୍ରେସ ଟିକେଟରୁ ଉପେକ୍ଷିତ ହେବା ଭୟରେ ଲୋକେ କିଛି କହିପାରୁ ନାହାନ୍ତି । ଏକଥା ସତ ଯେ ପ୍ରତ୍ୟେକ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ଆଦର୍ଶବାଦୀ ହୋଇନପାରେ କିନ୍ତୁ ଏହା ନିର୍ଣ୍ଣୟ କରିବା କଥା ଯେ ନିଜର ଅନ୍ତରାତ୍ମାର ବାଣୀ ସହିତ କେତେ ଦୂର ବୁଝାମଣା କରିବା ଉଚିତ । ରାଜନୈତିକ ଦୃଷ୍ଟି ଓ ଉପଯୋଗିତା ଦୃଷ୍ଟିରୁ ସବୁ କିଛି କରିବାକୁ ହେଲେ କର୍ତ୍ତବ୍ୟରେ ଅବହେଳା ନିଶ୍ଚୟ ହେବ । ସଂସାରରେ କେବଳ କଂଗ୍ରେସ ଏପରି ଏକ ସଂସ୍ଥା ଅଟେ ଯେଉଁଥିରେ ଆମର ଶ୍ରଦ୍ଧା ଅଛି ଏବଂ ସାରା ଜୀବନ ତା’ ସହିତ ସଂଲଗ୍ନ ରହିବାର ଘୋଷଣା ଆମେ କରିଛୁ । କଂଗ୍ରେସ ପ୍ରତି ଆମର ଶ୍ରଦ୍ଧା ଓ ଆଦର ଏଥିପାଇଁ ଅଛି ଯେ ଏ ସଂସ୍ଥା ଉଚ୍ଚ ଆଦର୍ଶ ଓ ସିଦ୍ଧାନ୍ତ ଉପରେ ଗଢା ହୋଇଛି ଏବଂ ଏହା କୁହାଯାଇପାରେ ଯେ ଏଇ ଆଦର୍ଶ ଯୋଗୁ କଂଗ୍ରେସ ସୁଦୃଢ ହୋଇଛି ତଥା ଲୋକମାନଙ୍କର ଏହା ଉପରେ ବିଶ୍ୱାସ ଅଛି । କିନ୍ତୁ ଯଦି ସବୁକିଛି ଏପରି ଚାଲେ ତେବେ ସମୃଦ୍ଧ ପରମ୍ପରା ସତ୍ତ୍ୱେ ଦିନେ ଏହା ଅନ୍ତର୍ଦ୍ଧାନ ହୋଇଯିବ ।’’

ଆଗକୁ ମୁଁ କହିଲି, ‘‘ଦେଶର ବିଶାଳ ହିତ ପାଇଁ କଂଗ୍ରେସ ଶେଷ ହୋଇଯାଏ ତେବେ ଚିନ୍ତା ନାହିଁ । ମତଭେଦ ତ ହୋଇପାରେ କିନ୍ତୁ ଯେଉଁ କଂଗ୍ରେସ, ଲୋକଙ୍କୁ ପ୍ରଗତି ପଥରେ ନେଇ ଯିବାର ସାଧନ ଅଟେ, ସେଇ କଂଗ୍ରେସ ଯଦି ଲୋକଙ୍କର ବିଶ୍ୱାସ ହରାଏ ତେବେ ସେହି କ୍ଷତି ଦେଶକୁ ସହ୍ୟ କରିବାକୁ ପଡିବ । ନୈତିକତା ତ ବର୍ତ୍ତମାନ ଏତେ କମ ହୋଇନାହିଁ କିନ୍ତୁ ଭବିଷ୍ୟତରେ ଏପରି ହୋଇଯିବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ତେଣୁ ଯେଉଁମାନେ କଂଗ୍ରେସରେ ଅଛନ୍ତି ସେମାନଙ୍କର ଦେଶ ପ୍ରତି ବିଶେଷ କର୍ତ୍ତବ୍ୟ ଅଛି ଏବଂ ସେହି କାରଣରୁ ଏହା ମଧ୍ୟ ଦେଖିବା ତାଙ୍କର କର୍ତ୍ତବ୍ୟ ଯେ କଂଗ୍ରେସରେ ଶୁଦ୍ଧ ସାଧନ କାମରେ ଲଗାଯାଉଛି

Digitized by srujanika@gmail.com

କି ନାହିଁ । ପରିବର୍ତ୍ତନ ପାଇଁ ଏଇ ପ୍ରସ୍ତାବର ବିରୋଧ କରିବା ବେଳେ ମୋ ମନ ସଂଶୟାକୁଳ କାରଣ ଏପରି କରିବା ଦ୍ୱାରା ମୁଁ ମୋ ବନ୍ଧୁମାନଙ୍କର ବିରୋଧ କରୁଛି, ଯେଉଁ ବନ୍ଧୁମାନଙ୍କ ପାଇଁ ମୋ ମନରେ କେବଳ ଆଦର ନୁହେଁ, ଶ୍ରଦ୍ଧା ମଧ୍ୟ ଅଛି । କିନ୍ତୁ ବିରୋଧ କରି ମୁଁ କିଛି ବିଦ୍ରୋହ କରୁନାହିଁ କି ବିରୋଧରେ ରହିବାକୁ ଚାହୁଁ ନାହିଁ । ସୈଦ୍ଧାନ୍ତିକ ଭିତ୍ତିରେ ମୁଁ କୌଣସି ଗୋଷ୍ଠୀ ଗଢିବା ବିରୋଧ କରେ । ଏଥିପାଇଁ ଏହା କହିବାକୁ ଛିଡା ହୋଇଛି ଯେ ପ୍ରସ୍ତାବକୁ ପାସ୍ ନ କରିବା ଉଚିତ । ଏଥିଯୋଗୁଁ ମୋ ରାଜନୈତିକ ଜୀବନ ଶେଷ କରି ଦେବାକୁ ଧମକ ମଧ୍ୟ ମତେ ଦିଆଯାଇଛି କିନ୍ତୁ ମୋର ଦଳ ଓ ଦେଶପ୍ରତି ଯେଉଁ କର୍ତ୍ତବ୍ୟ ଅଛି ତା ଅପେକ୍ଷା ବ୍ୟକ୍ତିର ମହତ୍ୱ ଅଧିକ ହୋଇ ନପାରେ ।

୧୯୬୩ରେ ମୁଁ ଅସାମାନ୍ୟ ବଜେଟ ପେଶ କରିଥିଲି । ସେତେବେଳେ ମଧ୍ୟ ମତେ ଏହିପରି ଧମକ ଦିଆଯାଇଥିଲା । ସେତେବେଳେ ମୁଁ ସଂସଦରେ କହିଥିଲି ଯେ ନିଜର ସମସ୍ତ କାର୍ଯ୍ୟକାଳରେ ମୁଁ ସତ୍ୟର ଯଥାଶକ୍ତି ଅନ୍ୱେଷଣ କରିଛି ଓ ତାକୁ ବୁଝିବାକୁ ତଥା ସେଇ ରାସ୍ତାରେ ଚାଲିବାକୁ ପ୍ରଯତ୍ନ କରିଛି । ଅନ୍ୟ ସବୁ ବିଷୟ ଗୌଣ ଅଟେ ଓ ଏହି ଗୌଣ ବିଷୟର ମହତ୍ୱ କେବଳ ଏତିକିରେ ଥାଏ ଯେ ମୋ ସତ୍ୟର ଅନ୍ୱେଷଣରେ ସେମାନେ କେତେ ଦୂର ସହାୟକ ହୋଇପାରନ୍ତି । ଦେଶକୁ କ୍ଷତି ପହଞ୍ଚିବା ଦେଖି ମୁଁ ଶାନ୍ତିରେ ବସି ନପାରେ । ତେଣୁ କାର୍ଯ୍ୟ ସମିତିକୁ ଏ କ୍ଷମତା ଦେବାର ମୁଁ ବିରୋଧ କରୁଛି । ଯଦିଓ ମୁଁ କହିପାରିବି ନାହିଁ ଯେ କାର୍ଯ୍ୟ ସମିତି ଉପରେ ମୋ ବିରୋଧର କେତେ ପ୍ରଭାବ ପଡିବ ।

ହାଇଦ୍ରାବାଦବାଲା ପ୍ରସ୍ତାବ ସାତବର୍ଷ ବିଚାର ବିନିମୟ ପରେ ସ୍ୱୀକାର କରାଯାଇଥିଲା । ମୁଁ ଆପଣ ମହାନୁଭାଗଙ୍କୁ କେବଳ ଏହି ପ୍ରାର୍ଥନା କରୁଛି ଯେ ନିଜର ଆତ୍ମାର ଧ୍ୱନିକୁ ଜାଣିବାକୁ ଆପଣମାନେ ଚେଷ୍ଟା କରନ୍ତୁ । ମୁଁ କହୁଛି ବୋଲି ନୁହେଁ ବରଂ ଆତ୍ମା ଯାହା କହୁଛି ତାହା ପ୍ରତ୍ୟେକଙ୍କୁ ଭାବିବା ଉଚିତ । ସର୍ବ ପ୍ରଥମେ ଯେତେବେଳେ ହାଇଦ୍ରାବାଦରେ ଏ ବିଷୟରେ ପ୍ରସ୍ତାବ ପେଶ କରାଯାଇଥିଲା, ସେତେବେଳ ମଧ୍ୟ ମୁଁ ଏହାର ବିରୋଧ କରିଥିଲି ଓ ସ୍ୱେଚ୍ଛା ପୂର୍ବକ ଏ ପ୍ରତିବନ୍ଧକ ଲଗାଇବା ପାଇଁ ପ୍ରସ୍ତାବ ଦେଇଥିଲି । କିନ୍ତୁ ସେ ସବୁ ଅତି ଆଦର୍ଶ ମୂଳକ ଓ ଅବ୍ୟବହାରିକ ବୋଲି କୁହାଗଲା, ନିୟମାନୁସାରେ ପ୍ରତିବାଦ ଲଗାଇବାର ଆବଶ୍ୟକତା ପ୍ରତୀତ ହେଲା । ଏହା ମଧ୍ୟ ଧ୍ୟାନରେ ରଖାଯାଉ ଯେ ଏ ପ୍ରସ୍ତାବ କାର୍ଯ୍ୟ ସମିତି ଓ କଂଗ୍ରେସ ମହାସମିତିରେ ସର୍ବସମ୍ମତିକ୍ରମେ ପାସ ହୋଇଥିଲା ।

ମୋ ମତାନୁସାରେ ତ ଜଣେ ବ୍ୟକ୍ତିଙ୍କ ପାଇଁ ଯଦି ବ୍ୟତିକ୍ରମ କରାଯାଏ ତେବେ ଏହା ଲୋକତନ୍ତ୍ର ଏବଂ ସିଦ୍ଧାନ୍ତର ବିରୁଦ୍ଧ ହେବ । ଶ୍ରୀ ସଞ୍ଜୀବାୟା ଯେ ସେତେବେଳେ କଂଗ୍ରେସ ଅଧ୍ୟକ୍ଷ ଭାବେ କଂଗ୍ରେସର ବାର୍ଷିକ ଅଧିବେଶନରେ ଭାଷଣ ଦେବାର ସୁଯୋଗ ପାଇ ପାରି ନ ଥିଲେ, ତାଙ୍କ ପାଇଁ ଏପରି ବ୍ୟତିକ୍ରମ ଚିନ୍ତା କରାଯାଇଥିଲେ ମୁଁ ପସନ୍ଦ କରିଥାନ୍ତି । କିନ୍ତୁ ତାଙ୍କ ପାଇଁ କୌଣସି ବ୍ୟତିକ୍ରମ କରାଗଲା ନାହିଁ । ଏ ନିୟମ ଦୀର୍ଘକାଳ ବିଚାର ବିନିମୟ ପରେ ସ୍ୱୀକାର କରାଯାଇଥିଲା । ତେଣୁ ଏଥିରେ ଯଦି ବ୍ୟତିକ୍ରମ କରାଗଲା ବା କାର୍ଯ୍ୟ ସମିତିକୁ ଏପରି କରିବା ପାଇଁ କ୍ଷମତା ଦିଆଗଲା ତେବେ କାର୍ଯ୍ୟ ସମିତି ବଡ ଖରାପ ସ୍ଥିତିରେ ପଡିଯିବ । ଅମୁକ ପାଇଁ ବ୍ୟତିକ୍ରମ କରାଯାଉ ଓ ଅମୁକ ପାଇଁ ନୁହେଁ -- ଏପରି କରାଗଲେ ପରିସ୍ଥିତି କଠିନ ହୋଇଯିବ । ଏପରି କରିବା ଦେଶର କ୍ଷତିକରିବା ଯେପରି ଅଟେ । ଏପରି ଦାୟିତ୍ୱ କାର୍ଯ୍ୟ ସମିତି ଉପରେ ଲଦିବା ଭୁଲ କଥା ହେବ । କାର୍ଯ୍ୟ ସମିତିରେ ଏ ପ୍ରସ୍ତାବ ରଖାହୋଇ, ନିର୍ବିରୋଧ ସ୍ୱୀକୃତ ହେଉଥିଲେ ମୁଁ ବ୍ୟତିକ୍ରମ କରିବା କଥା ବୁଝିପାରନ୍ତି କିନ୍ତୁ ଏପରି ହେଉ ନାହିଁ । ତେବେ ଶ୍ରୀ କାମରାଜଙ୍କ ପାଇଁ ଏପରି ବ୍ୟତିକ୍ରମ କାହିଁକି କରାଯିବ ? ନିର୍ବାଚନରେ ଲଢିଲେ କଂଗ୍ରେସର କୌଣସି କ୍ଷତି ହେବ ନାହିଁ । ଯଦି କ୍ଷତିର ସମ୍ଭାବନା

Digitized by srujanika@gmail.com

ଅଛି ତେବେ କାର୍ଯ୍ୟସମିତି ଅଧ୍ୟକ୍ଷ ନାମ ସ୍ଥିର କରିବା ଉଚିତ । କିନ୍ତୁ ଏପରି ଉଦ୍ଦେଶ୍ୟ ନ ଥିଲେ କାର୍ଯ୍ୟ ସମିତିକୁ ବ୍ୟତିକ୍ରମ କରିବା ଅଧିକାର ଦେବା ବଡ ଭୟଙ୍କର ଭୁଲ ହେବ । କାର୍ଯ୍ୟ ସମିତି ଅଜାଣତରେ କଂଗ୍ରେସ ମହାସମିତି କାର୍ଯ୍ୟାଳୟ, ହାଇଦ୍ରାବାଦ କଂଗ୍ରେସ ପ୍ରସ୍ତାବରେ ବ୍ୟତିକ୍ରମ ଆଣିଛି ଜାଣି ମତେ ବହୁତ ଆଘାତ ଲାଗିଲା । ଏପରି କେମିତି କାମ ଚାଲିବ ? ଏହାକୁ ପ୍ରଶ୍ରୟ ଦିଆଗଲେ, ଏହାର ପରିଣାମ କ'ଣ ହେବ କହିବା କଠିନ ଅଟେ । ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଦଣ୍ଡ ଦିଆଯିବା ଉଚିତ । ଏପରି ପରିସ୍ଥିତିରେ ମୁଁ ଏ ପ୍ରସ୍ତାବର ବିରୋଧ କରୁଛି । ଏ ବିଷୟରେ ମତେ ବହୁତ କିଛି କହିବାର ଅଛି କିନ୍ତୁ ମୁଁ ଏପରି କିଛି କରିବାକୁ ଚାହେଁ ନାହିଁ ଯାହା ଫଳରେ କଂଗ୍ରେସ ଦୁର୍ବଳ ହୋଇ ପଡିବ । ଶେଷରେ ଆଶା କରୁଛି କି ମୁଁ ଯାହାସବୁ କହିଲି ସେଥିରେ କଂଗ୍ରେସକୁ ଶକ୍ତି ମିଳିବ । ମୁଁ ସ୍ୱର ଉତ୍ତୋଳନ କରିଛି, ଏଥିରୁ ଅନ୍ୟମାନେ ଯଦି, ଏପରି ସମୟରେ ନିଜର ସ୍ୱର ଉତ୍ତୋଳନ ପାଇଁ ଶକ୍ତି ପ୍ରାପ୍ତ କରନ୍ତି ତେବେ ମୋ ନିଜର ଉଦ୍ଦେଶ୍ୟ ସଫଳ ହେଲା ବୋଲି ଭାବିବି ।''

ଏକଥା ମୁଁ ସମ୍ପୂର୍ଣ୍ଣ ସ୍ପଷ୍ଟ ଭାବେ ବତାଇଲି ଯେ ଶ୍ରୀ କାମରାଜଙ୍କ ପ୍ରତି ମୋର ବ୍ୟକ୍ତିଗତ କୌଣସି ବିରୋଧ ନାହିଁ ମୋର ବିରୋଧ ତ ମାତ୍ର ସୈଦ୍ଧାନ୍ତିକ ଅଟେ ।

ଲାଲବାହାଦୂରଜୀ ମୋ ବିରୋଧ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ମୁଁ ଏପରି ଅନୁରୋଧ ରକ୍ଷା କରିପାରି ନଥିଲି କାରଣ ପ୍ରଶ୍ନ ଥିଲା ସିଦ୍ଧାନ୍ତର । କଂଗ୍ରେସ ମହାସମିତି ବୈଠକରେ ମଧ୍ୟ ମୁଁ ଏହାର ବିରୋଧ କରିବି -- ଏ କଥା ମୁଁ ତାଙ୍କୁ କହି ଦେଇଥିଲି । ଦୁଇତିନି ଜଣ ସଦସ୍ୟ କହିଲେ କି କାର୍ଯ୍ୟ ସମିତିର ସଦସ୍ୟ ହୋଇଥିବାରୁ କାର୍ଯ୍ୟ ସମିତିର ପ୍ରସ୍ତାବ ସବୁ ସଦସ୍ୟଙ୍କ ପାଇଁ ବନ୍ଧନ କାରକ ଅଟେ । ତେଣୁ ମୁଁ ଏହାର ବିରୋଧ କରିଲେ ଏହା ଅନୁଶାସନହୀନତା ହେବ । ମୁଁ କହିଲି ଯେ କୌଣସି ଅନ୍ୟ ସଦସ୍ୟଙ୍କ ଅପେକ୍ଷା ଅଧିକ ମୁଁ ଅନୁଶାସନ ପାଳନ କରିଛି । ଏଥିରେ ଅନୁଶାସନ ଭାଙ୍ଗିବାର କୌଣସି ପ୍ରଶ୍ନ ନାହିଁ । ମୋ ପାଇଁ ତ ଏହା ସୈଦ୍ଧାନ୍ତିକ ପ୍ରଶ୍ନ ଅଟେ, ଯେଉଁଠି ମୁଁ ନିଜର ବିରୋଧ କରିପାରିବି ନାହିଁ । କିନ୍ତୁ କାର୍ଯ୍ୟ ସମିତିକୁ ଯଦି ଜଣାଯାଉଛି ଯେ ମୁଁ ଅନୁଶାସନ ଭାଙ୍ଗୁଛି ତେବେ ସେ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଅବଶ୍ୟ କରନ୍ତୁ । ମୁଁ ତା'ର ବିରୋଧ କରିବି ନାହିଁ ।

ଏକଥା ଏଇଠି ସମାପ୍ତ ହୋଇ ଯାଇଥିଲା । ମୁଁ ମୋର ବିରୋଧ ଲିପିବଦ୍ଧ କରାଇଥିଲି ।

କଂଗ୍ରେସ ମହା ସମିତି ବୈଠକରେ ଯେତେବେଳେ ଏ ପ୍ରସ୍ତାବ ପେଶ ହେଲା, ସେତେବେଳେ ମୁଁ ଦୁଃଖର ସହିତ ଏହାର ବିରୋଧ କରିଥିଲି କାରଣ ଏପରି ବିରୋଧ କରିବା ମୋ ପକ୍ଷରେ ପ୍ରଥମ ଥିଲା । କିନ୍ତୁ ମଣିଷ ଜୀବନରେ ଏପରି କେତେ ଅବସର ଆସେ ଯେତେବେଳେ ସେ ନିଜର ଅନ୍ତରାତ୍ମାର ଧ୍ୱନିକୁ ଉପେକ୍ଷା କରିପାରେ ନାହିଁ ଏବଂ ଉପେକ୍ଷା କଲେ ସିଦ୍ଧାନ୍ତହୀନ ହୋଇଯାଏ । ମହାସମିତି ଭାଷଣ ମୁଁ ଆଗରୁ ତିଆରି କରି ନଥିଲି, ତତ୍‌କ୍ଷଣ କହିଥିଲି ଓ ସେଥିରେ ମୁଁ ମୋର ହୃଦୟର ଭାବନା ଢାଳି ଦେଇଥିଲି । କାର୍ଯ୍ୟସମିତିରେ ମୁଁ ଯେଉଁ ବିଚାର ପ୍ରକଟ କରିଥିଲି ତାହାକୁ ସେଠାରେ ମୁଁ ପୁନରାବୃତ୍ତି କରିଥିଲି ।

ଏହାପରେ ଲାଲବାହାଦୂରଜୀ ମୋ ସହିତ କଥା ହେଲେ ଓ କହିଲେ ଯେ, ''ଏ ବିଷୟରେ ଆମେ ପୁଣି ବିଚାର କରିବା । ଏହା ପୂର୍ବରୁ ଏ ପ୍ରସ୍ତାବ ଉପରେ କାମ କରିବୁ ନାହିଁ । ଏଥିପାଇଁ ମୁଁ ଆପଣଙ୍କୁ ଆଶ୍ୱାସନା ଦେଉଛି ।'' ଏପରି ଆଶ୍ୱାସନା ଦେଇ ସେ ମତେ ଆଗ୍ରହ କଲେ ଯେ ମୁଁ ନିଜର ବିରୋଧ ଲିପିବଦ୍ଧ ନ କରାଏ । ସେ ଏପରି ଆଶ୍ୱାସନା ଦେବାରୁ ମୁଁ ପ୍ରସ୍ତାବ ଉପରେ ମତ ଦେଲି ନାହିଁ, ନିରବ ରହିଲି । ପ୍ରତିନିଧିମାନଙ୍କ

Digitized by srujanika@gmail.com

ଉପରେ ମୋ ଭାଷଣର ଗଭୀର ପ୍ରଭାବ ପଡିଥିଲା; ଓ ମୋର ଏହା ବିଶ୍ୱାସ ଥିଲା ଯେ ଏହି ସମୟରେ ମତ ନିଆଯାଇଥିଲେ ପ୍ରତିନିଧିମାନେ ବହୁ ମତରେ ମୋ କଥା ମାନି ନେଇଥାନ୍ତେ । କିନ୍ତୁ ତା'ପରେ ଆହୁରି ଗୋଟାଏ ଭାଷଣ ହେଲା ଯେଉଁଥିରେ ଲୋକମାନଙ୍କୁ ପ୍ରସ୍ତାବ ସପକ୍ଷରେ ବୁଝାଇ ଦିଆଗଲା । ଶେଷରେ ଏ ପ୍ରସ୍ତାବ ସ୍ୱୀକୃତ ହୋଇଗଲା ।

୧୯୬୫ ସେପ୍ଟେମ୍ବର ମାସରେ ପାକିସ୍ତାନ ନିଜର ଅନେକ ଲୋକଙ୍କୁ ହତିଆର ଦ୍ୱାରା ସୁସଜ୍ଜିତ କରି କାଶ୍ମୀରକୁ ପଠାଇଲା । ତା'ର ଉଦ୍ଦେଶ୍ୟ ଥିଲା କାଶ୍ମୀରର ଜନତାଙ୍କୁ ଡରାଇ କାଶ୍ମୀରକୁ କବ୍‌ଜା କରିବା । ବସ୍ତୁତଃ ଏହା ପାକିସ୍ତାନର ଭାରତ ଉପରେ ସିଧା ଆକ୍ରମଣ ଥିଲା । ଭାରତ ଏହା ଉପରେ ପାକିସ୍ତାନକୁ ଚେତାବନୀ ଦେଲା ଓ କାଶ୍ମୀର ସରକାରଙ୍କୁ ଏପରି ଜବରଦସ୍ତ ପଶି ଆସିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ବା ସେମାନଙ୍କୁ ଅଚଳ କରି ଦେବାକୁ ଆଦେଶ ଦେଲା । ପାକିସ୍ତାନ ଏ ଚେତାବନୀକୁ ଉପେକ୍ଷା କରି ଭାରତ ଉପରେ ଆକ୍ରମଣ ଅବ୍ୟାହତ ରଖିଲା । ଯୁଦ୍ଧ ସମୟରେ ଥରେ ପ୍ରେସିଡେଣ୍ଟ ଆୟୁବ ଖାଁ ଘୋଷଣା କରିଥିଲେ ଯେ ଟହଲି ଟହଲି ଦିନେ ସଂଧ୍ୟାରେ ବିନା ବାଧାବିଘ୍ନରେ ଦିଲ୍ଲୀ ପହଞ୍ଚିଗଲେ ସେ କିଛି ଆଶ୍ଚର୍ଯ୍ୟ ହେବେ ନାହିଁ । ଏତେଦୂର ତାଙ୍କର ବିଚାର ଥିଲା ।

ଭାରତୀୟ ସେନା ବଡ ବାହାଦୁରୀ ସହିତ ଏଇ ଆକ୍ରମଣର ପ୍ରତିରୋଧ କଲେ ଓ ପାକିସ୍ତାନକୁ ପରାଜିତ କଲେ । ଭାରତୀୟ ସେନା ଲାହୋର ଉପରେ ଆକ୍ରମଣ କରି ତା'କୁ ଅଧିକାର କରିବାକୁ ବିଚାର କରିଥିଲା କିନ୍ତୁ ସଫଳତା ମିଳିଲା ନାହିଁ । ସେମାନଙ୍କର ଏ ଯୋଜନା ଠିକ୍ ନଥିଲା ଓ ସେମାନଙ୍କୁ ଏପରି କରିବା ଉଚିତ ନ ଥିଲା -- ଏଥିରେ ମୋ ମନରେ କୌଣସି ସନ୍ଦେହ ନଥିଲା । ଲାହୋର ସୀମା ଉପରେ ପାକିସ୍ତାନ ଖୁବ୍ ଟାଣୁଆ ସୈନିକ ପ୍ରତିରକ୍ଷା ବ୍ୟବସ୍ଥା କରିଥିଲା ଯାହାର ପୂରା ଖବର ଭାରତୀୟ ସେନାଙ୍କ ପାଖରେ ନଥିଲା । ଏଥିରେ ଭାରତୀୟ ସେନାଙ୍କୁ ବହୁତ କ୍ଷତି ସହିବାକୁ ପଡିଥିଲା ।

ଯୁଦ୍ଧ ପ୍ରାରମ୍ଭରେ ପାକିସ୍ତାନ ଜାମ୍ମୁର ଛାମ୍ବ କ୍ଷେତ୍ର ଉପରେ ଆକ୍ରମଣ କରି ସେଠାରେ କେତେକ ସ୍ଥାନ ଅଧିକାର କରି ନେଇଥିଲା । ଭାରତୀୟ ସେନା ଦୃଢତାର ସହିତ ମୁକାବିଲା କରିଲେ ଯାହା ଫଳରେ ପାକିସ୍ତାନୀ ସେନାଙ୍କୁ ପଛଘୁଞ୍ଚା ଦେବାକୁ ପଡିଲା ଓ ତା'ର ବହୁତ କ୍ଷତି ହେଲା । ଅନ୍ୟ କ୍ଷେତ୍ରରେ ମଧ୍ୟ ଏହାକୁ ବହୁତ କ୍ଷତି ସହିତ ପଛାଇବାକୁ ପଡିଥିଲା । ପାକିସ୍ତାନକୁ ଆମେରିକାରୁ ଯେଉଁ ଅସ୍ତ୍ରଶସ୍ତ୍ର ମିଳିଥିଲା ସେ ସବୁକୁ ପାକିସ୍ତାନ ଭାରତ ଆକ୍ରମଣରେ ଉପଯୋଗ କରିଥିଲା । ଆମେରିକା ଘୋଷଣା କରିଥିଲା ଯେ ଏହି ଶସ୍ତ୍ର ଭାରତ ବିରୁଦ୍ଧରେ ଉପଯୋଗ କରାଯିବ ନାହିଁ । କିନ୍ତୁ ଏହା ଉପରେ କେହି ଧ୍ୟାନ ଦେଲେ ନାହିଁ । ଆମେରିକା ତାକୁ ଟ୍ୟାଙ୍କ ଆଦି ଆଧୁନିକତମ ଯୁଦ୍ଧ ସାମଗ୍ରୀରେ ସୁସଜ୍ଜିତ କରିଥିଲା କିନ୍ତୁ ଆମ ପାଖରେ ପୁରୁଣା ଓ ଭାରତରେ ତିଆରି ହତିଆର ଥିଲା । ଏଣୁ ଅସ୍ତ୍ରଶସ୍ତ୍ରମୂଳକ ପାକିସ୍ତାନର ଯୁଦ୍ଧ କ୍ଷମତା ଭାରତଠାରୁ କେତେଗୁଣ ଅଧିକ ଥିଲା । କିନ୍ତୁ ଭାରତ ସେନାର ଜବାନମାନେ ବଡ ସାହସୀ ଥିଲେ ଓ ଅଫିସର ମଧ୍ୟ ବହୁତ କୁଶଳୀ ଥିଲେ । ତେଣୁ ସେମାନେ ସାହସ ପୂର୍ବକ ଯୁଦ୍ଧ କରି ବିଜୟ ପ୍ରାପ୍ତ କରିଥିଲେ ଓ ପାକିସ୍ତାନୀ ସେନାଙ୍କୁ ହଟାଇ ଦେଇଥିଲେ । ରାଜସ୍ଥାନ ସୀମାରେ ମଧ୍ୟ ପାକିସ୍ତାନ ଆକ୍ରମଣ କରିଥିଲା । ସେଠାରେ ମଧ୍ୟ ଏହାର ସଫଳତା ପୂର୍ବକ ପ୍ରତିରୋଧ କରାଯାଇଥିଲା ।

ପାକିସ୍ତାନ ଭାରତ ଉପରେ ଆକ୍ରମଣ କଲା । ଯେତେବେଳେ ଆରମ୍ଭରେ ଆମେରିକା ବା ଅନ୍ୟ କୌଣସି ଦେଶ କିଛି କହିଲେ ନାହିଁ କି ଆକ୍ରମଣର ବିରୋଧ କଲେ ନାହିଁ କିନ୍ତୁ ଯେତେବେଳେ ପାକିସ୍ତାନ

Digitized by srujanika@gmail.com

ହାରିଯିବାକୁ ଲାଗିଲା ଓ ସେମାନଙ୍କୁ ଲାଗିଲା ଯେ ବୋଧେ ପାକିସ୍ତାନର ସର୍ବନାଶ ହୋଇଯିବ ସେତେବେଳେ ଯାଇ ସେମାନେ ଯୁଦ୍ଧ ବନ୍ଦ କରିବାକୁ ଅନୁରୋଧ କଲେ । ସେମାନଙ୍କର ପକ୍ଷତା ପୂର୍ଣ୍ଣ ନୀତି ଏଥିରେ ସ୍ପଷ୍ଟ ହୋଇଗଲା ।

କାଶ୍ମୀରର ଯେଉଁ କ୍ଷେତ୍ର ପାକିସ୍ତାନ ବେନିୟମରେ ନିଜ ଅଧୀନରେ ରଖିଥିଲା ସେଥିରୁ କିଛି ଭାରତ ଫେରାଇ ଆଣିପାରିଥିଲା ଏବଂ ଏହିପରି ଭାରତୀୟ ସେନା ପାକିସ୍ତାନକୁ ଧକ୍କା ଦେଇଥିଲା । ଯୁଦ୍ଧ ଯୋଗୁ ସମଗ୍ର ଦେଶରେ ଜାଗୃତି ଆସିଯାଇଥିଲା ଓ ପାକିସ୍ତାନର ଆକ୍ରମଣକୁ ବିଫଳ କରି ତାହାକୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରିବା ପାଇଁ ଗୋଟିଏ ସ୍ୱରରେ ସାରା ଜନତା ସରକାରଙ୍କ ସହିତ ମିଶିଗଲେ । ସବୁଦଳ ଏହିପରି ସରକାରଙ୍କ ସହିତ ସହଯୋଗ କଲେ ।

ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ କଂଗ୍ରେସ କାର୍ଯ୍ୟ ସମିତିରେ ଯେତେବେଳେ ଏ ବିଷୟରେ ଘୋଷଣା କଲେ ସେତେବେଳେ ସେ କହିଲେ ଯେ ତଥା କଥିତ ଆଜାଦ କାଶ୍ମୀରର ଯେଉଁ ଅଂଶ ଆମେ ଅଧିକାର କରି ନେଇଛୁ ତାକୁ ଆମେ ଆଦୌ ଖାଲି କରିବୁ ନାହିଁ । ସେ ସମୟରେ ମୁଁ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲି ଯେ ଏପରି ଘୋଷଣା ଯୋଗୁଁ ଆପଣ ଅସୁବିଧାରେ ପଡିବେ କାରଣ ଯୁଦ୍ଧ ବନ୍ଦ ପରେ ସନ୍ଧି ହେଲେ ଯୁଦ୍ଧରେ ଜିତାଯାଇଥିବା କ୍ଷେତ୍ର ଫେରାଇବାକୁ ପଡିଥାଏ । ଏହା ଏକ ସର୍ବମାନ୍ୟ ନିୟମ ଅଟେ । ଅତଃ ସନ୍ଧି ହେବା ପରେ ଏ କ୍ଷେତ୍ରକୁ ଫେରାଇବାକୁ ପଡିବ । କିନ୍ତୁ ଏପରି ଘୋଷଣାରେ ଲୋକପ୍ରିୟତା ବଢେ ଓ ଲାଲବାହାଦୂର ମଧ୍ୟ ସମ୍ଭବତଃ ସେଥିପାଇଁ ଏ ଘୋଷଣା ବାରମ୍ବାର କରୁଥିଲେ ।

ପରେ ସଂଯୁକ୍ତ ରାଷ୍ଟ୍ରସଂଘ, ଆମେରିକା ଓ ରୁଷ ତରଫରୁ ଯୁଦ୍ଧ ବିରାମ ସନ୍ଧି ପାଇଁ ଚାପ ପଡିବାକୁ ଲାଗିଲା । ସେତେବେଳେ ଆମ ତରଫରୁ କୁହାଗଲା ଯେ ପାକିସ୍ତାନ ସହିତ ସନ୍ଧି କରିବାକୁ ଆମର କୌଣସି ଆପତ୍ତି ହୋଇ ନପାରେ କାରଣ ଆମେ ତ ଯୁଦ୍ଧକୁ ପସନ୍ଦ ମଧ୍ୟ କରୁ ନାହୁଁ । କିନ୍ତୁ ଆକ୍ରମଣ ପାକିସ୍ତାନ କରିଛି, ତେଣୁ ପାକିସ୍ତାନ ଯୁଦ୍ଧ ବନ୍ଦ କରିବା ଘୋଷଣା ନକରିବା ପର୍ଯ୍ୟନ୍ତ ଆମେ ଯୁଦ୍ଧ ବନ୍ଦ କରିପାରିବୁ ନାହିଁ କାରଣ ଆମେ ତ କେବଳ ନିଜକୁ ବଞ୍ଚାଇବାକୁ ଯୁଦ୍ଧ କରୁଛୁ ।

ପାକିସ୍ତାନକୁ ଯେତେବେଳେ ଜଣାପଡିଲା ଯେ ଯୁଦ୍ଧ ଚାଲୁ ରହିଲେ ତା'କୁ ବହୁତ କ୍ଷତି ସହିବାକୁ ପଡିବ ଓ ତା'ର ବହୁତ ନିନ୍ଦା ହେବ ସେତେବେଳେ ସେ ସନ୍ଧି କରିବାକୁ କହିଲେ ଓ ଆମେ ସେଥିରେ ନିଜର ସ୍ୱୀକୃତି ଦେଲୁ । ଏ ସମ୍ବନ୍ଧରେ କଥାବାର୍ତ୍ତା ଦିଲ୍ଲୀରେ ହେବା ଉଚିତ ଥିଲା । କିନ୍ତୁ ରୁଷ ପ୍ରଧାନମନ୍ତ୍ରୀ ଶ୍ରୀ କୋଶିଜୀନ ସେଥିପାଇଁ ତାସ୍‌କେଣ୍ଟ୍‌ର ବୈଠକ ରଖିବାକୁ ପ୍ରସ୍ତାବ ଦେଲେ ଓ ଭାରତକୁ ଏଥିରେ ସହଯୋଗ କରିବାକୁ କହିଲେ । ମୋ ମତରେ ଆମର ବିଜୟ ହୋଇଥିଲେ ମଧ୍ୟ ଏପରି ସନ୍ଧି ଆଲୋଚନା ପାଇଁ ଦେଶର ବାହାରକୁ ଯିବା ଉଚିତ ନଥିଲା । ମୁଁ ଏ ମତ ଦେଇଥିଲି । କିନ୍ତୁ ଲାଲବାହାଦୂରଜୀ ଏ ନିମନ୍ତ୍ରଣ ସ୍ୱୀକାର କରିନେଲେ । ରକ୍ଷାମନ୍ତ୍ରୀ ଓ ଅନ୍ୟାନ୍ୟଙ୍କ ସହିତ ସେ ତାସ୍‌କେଣ୍ଟ୍ ଗଲେ । ସେଠାରେ ବାର୍ତ୍ତାଳାପ ହେଲା ଓ ପାକିସ୍ତାନ ଅଧିକାରରୁ ଆମେ ଯେଉଁ କ୍ଷେତ୍ର ମୁକ୍ତ କରିଥିଲୁ ତାହା ଫେରାଇ ଦେବାକୁ ଆମେ ସ୍ୱୀକାର କଲୁ । ଏ ନିଷ୍ପତ୍ତିର ବହୁତ ମନ୍ଦ ପ୍ରଭାବ ଦେଶ ଉପରେ ପଡିଲା ଓ ଲାଲବାହାଦୂରଜୀ ଯେ ଲୋକପ୍ରିୟତାର ଶିଖର ଉପରେ ଥିଲେ, ଏକଦମ ଅପ୍ରିୟ ହୋଇଗଲେ । ତାଙ୍କର ତାସ୍‌କେଣ୍ଟରୁ ଫେରିବାର ଥିଲା । ତା' ପୂର୍ବ ରାତିରେ ତାଙ୍କର ହାର୍ଟ ଆଟାକ ହେଲା ଓ ୧୦ ଜାନୁୟାରୀ ୧୯୬୬ରେ ତାଙ୍କ ଦେହାବସାନ ହୋଇଗଲା । ମତେ ଯେଉଁ ଖବର ମିଳିଥିଲା ତାହା ଅନୁସାରେ ସେ ରାତିରେ ନିଜର କୁଟୁମ୍ବ ଲୋକଙ୍କ ସହିତ ତାସ୍‌କେଣ୍ଟରୁ ଟେଲିଫୋନରେ କଥାବାର୍ତ୍ତା ମଧ୍ୟ କରିଥିଲେ । ଏହି କଥାବାର୍ତ୍ତାରେ ତାଙ୍କୁ ତାସ୍‌କେଣ୍ଟ୍ ନିର୍ଣ୍ଣୟ ଉପରେ ଦେଶରେ ଉଠିଥିବା ବିରୋଧ କଥା

Digitized by srujanika@gmail.com

କୁହାଯାଇଥିଲା । ମୋ ଖିଆଲରେ ସେଥିରୁ ତାଙ୍କୁ ବହୁତ ବଡ ଧକ୍କା ଲାଗିଲା ଓ ଘଣ୍ଟାଏ ଦେଢଘଣ୍ଟାରେ ତାଙ୍କର ମୃତ୍ୟୁ ହୋଇଗଲା ।

ଏହା ଆଗରୁ ଦୁଇଥର ହାର୍ଟ ଆଟାକ୍ ତାଙ୍କର ହୋଇସାରିଥିଲା । ତାଙ୍କ ମୃତ୍ୟୁ ସମ୍ବନ୍ଧରେ ନାନା ପ୍ରକାର ଶଙ୍କା, ଆଶଙ୍କା ଏଠାରେ ଉଠାଯାଇଥିଲା । କିନ୍ତୁ ସବୁ ସ୍ଥିତିକୁ ଦେଖି ମତେ ସେଥିରେ କୌଣସି ତଥ୍ୟ ବିଶ୍ୱାସ ହେଉ ନାହିଁ । ଏପରି ଆରୋପ ଉପରେ ମୋର କୌଣସି ବିଶ୍ୱାସ ନାହିଁ ଯେ ତାଙ୍କର ସ୍ୱର୍ଗବାସ ସ୍ୱାଭାବିକ ଭାବେ ହୋଇ ନାହିଁ ଓ ତାଙ୍କ ମୃତ୍ୟୁର ଷଡଯନ୍ତ୍ର କରାଯାଇଥିଲା ।

ତାସ୍‌କେଣ୍ଟ୍ ଠାରୁ ତାଙ୍କ ମୃତ ଦେହ ଏଠାକୁ ଅଣାଗଲା ଓ ଯେଉଁ ସ୍ଥାନ ବିଜୟଘାଟ ନାମରେ ପ୍ରସିଦ୍ଧ ଅଟେ ସେହିଠାରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କରାଗଲା । ଏପରି ବିଶିଷ୍ଟ କ୍ଷେତ୍ର ତିଆରି କରିବା ସ୍ୱୟଂ ମୋର ପସନ୍ଦ ନୁହେଁ କାରଣ ଏହିପରି ଯଦି ପ୍ରଧାନମନ୍ତ୍ରୀମାନଙ୍କର ଶ୍ମଶାନ ଭୂମି ବଢିଚାଲେ ତେବେ ଏପରି ସମୟ ଆସିପାରେ ଯେ ଦିଲ୍ଲୀ ସହରରେ କୌଣସି ଜାଗା ଖାଲି ରହିବ ନାହିଁ । ଏତିକି ନୁହେଁ ବରଂ ଏହାଦ୍ୱାରା ରାଜଘାଟର ମହତ୍ତ୍ୱ ବହୁତ କମୁଛି ।

(୩୩) ଶ୍ରୀମତୀ ଇନ୍ଦିରାଜୀ ପ୍ରଧାନମନ୍ତ୍ରୀ ହେଲେ

ତାସ୍‌କେଣ୍ଟ୍‌ରେ ପାକିସ୍ତାନ ସହିତ ଯୁଦ୍ଧାନ୍ତର କଥାବାର୍ତ୍ତା ପୂରା କରିବା ପରେ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ଅଚାନକ ଦେହାବସାନ ହୋଇଗଲା । ସେଥିରୁ କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟି ଦ୍ୱାରା ନୂଆ ନେତା ନିର୍ବାଚନ ହେବାର ପ୍ରଶ୍ନ ଉପସ୍ଥିତ ହେଲା । ମନ୍ତ୍ରୀମଣ୍ଡଳରେ ଦ୍ୱିତୀୟ ସ୍ଥାନରେ ଥିବା ଶ୍ରୀ ଗୁଲଜାରୀଲାଲ୍ ନନ୍ଦାଙ୍କୁ କାର୍ଯ୍ୟବାହକ ପ୍ରଧାନମନ୍ତ୍ରୀ କରି ନୂଆ ନିର୍ବାଚନ କରିବାକୁ ସଂସଦୀୟ କଂଗ୍ରେସ ଦଳର ବୈଠକ ଆୟୋଜନ କରାଗଲା ।

ଶ୍ରୀ କାମରାଜ ୧୯୬୪ରେ ମୋ ବିରୁଦ୍ଧ ହୋଇଯାଇଥିଲେ । ତାଙ୍କ ବିରୋଧ ବର୍ତ୍ତମାନ ମଧ୍ୟ ଲାଗି ରହିଥିଲା । ଅତଃ ମୁଁ ନେତା ନିର୍ବାଚିତ ନ ହୁଏ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନେତା ନିର୍ବାଚିତ ହୁଅନ୍ତୁ ସେଥିପାଇଁ ସେ ପୂରା ଜୋର ଲଗାଇ ପ୍ରଯତ୍ନ କଲେ । ଶ୍ରୀ ଜଗଜ୍ଜୀବନ ରାମ ପ୍ରଥମେ ମୋ ସମର୍ଥନ କରୁଥିଲେ, କିନ୍ତୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେବାକୁ ବଚନ ଦେଇ ଶ୍ରୀ କାମରାଜ ତାଙ୍କୁ ନିଜ ପଟକୁ ନେଇନେଲେ । ଶ୍ରୀ ଜଗଜ୍ଜୀବନ ରାମ ମତେ ଦେଖା କରିବାକୁ ଆସିଥିଲେ, କହିଲେ କି ଆପଣଙ୍କ ପକ୍ଷରେ ଅଧିକ ସମର୍ଥନ ନାହିଁ । ତେଣୁ ମୁଁ ବହୁମତର ସମର୍ଥନ ଦେବି । ତାଙ୍କୁ ବୁଝାଇବାକୁ ମୁଁ କିଛି ପ୍ରଯତ୍ନ କଲି ନାହିଁ, କାରଣ ଏପରି କରିବା ବ୍ୟର୍ଥ ଥିଲା । ସେ ନିଶ୍ଚୟ କରିସାରି ମୋ ପାଖକୁ ଆସିଥିଲେ । ମୁଁ ତାଙ୍କୁ ଏହା କହିଲି ଯେ ଆପଣଙ୍କୁ ଯାହା ଠିକ୍ ଲାଗୁଛି ଆପଣ ତାହା କରିପାରନ୍ତି । ସଦସ୍ୟଙ୍କ ସହିତ ମୁଁ ସଉଦା ବାଜି କରିଥିଲେ ସମ୍ଭବ ଥିଲା ଯେ ମୁଁ ଜିତିଥାନ୍ତି । କେତେକ ବନ୍ଧୁ ମତେ କହିଥିଲେ ଯେ ରାଜନୀତିରେ ସିଧା ଚାଲିଲେ କାମ ଚଳେ ନାହିଁ ଓ ଛଳ କପଟରେ କାମ କରିବା ଉଚିତ । କିନ୍ତୁ ସେଥିରେ ମୋର ବିଶ୍ୱାସ ନଥିଲା । ଜୀବନର ଯେ କୌଣସି କାମ ସତ୍ୟ ସାହାଯ୍ୟରେ କରା ନଗଲେ ସତ୍ୟର ସାଧନା ହୋଇପାରେ ନାହିଁ । ସତ୍ୟପ୍ରାପ୍ତି କରିବାକୁ ହେଲେ ଛଳ କପଟ କଥା କହିବା ଉଚିତ ନୁହେଁ । ଏ କଥାରେ ମଧ୍ୟ ମୋର ପୂରା ବିଶ୍ୱାସ ଥିଲା ଯେ ଛଳ କପଟ ସାହାଯ୍ୟରେ ସଦସ୍ୟମାନଙ୍କୁ ନିଜ ପକ୍ଷରେ କରି ବିଜୟୀ ହୋଇ ଦେଶର ପ୍ରଧାନମନ୍ତ୍ରୀ ହୋଇ କୌଣସି ସେବା କରିପାରି

Digitized by srujanika@gmail.com

ନଥାନ୍ତି । ପ୍ରଧାନମନ୍ତ୍ରୀ ହୋଇ ଦେଶର ସେବା କରି ନପାରିଲେ ପ୍ରଧାନମନ୍ତ୍ରୀ ନ ହେବା ବରଂ ଭଲ । ପ୍ରଧାନମନ୍ତ୍ରୀ ହେବା ପାଇଁ ମୋର କୌଣସି ମୋହ ନଥିଲା । ଏକଥା ଅବଶ୍ୟ ଠିକ୍ ଯେ ମୁଁ ଇନ୍ଦିରାଜୀଙ୍କୁ ଏ ପଦ ପାଇଁ ଯୋଗ୍ୟ ମାନୁ ନଥିଲି । ତେଣୁ ତାଙ୍କର ବିରୋଧ କରିବା ମୁଁ ମୋର କର୍ତ୍ତବ୍ୟ ଭାବୁଥିଲି । ମୋ ମିତ୍ରମାନଙ୍କର ମଧ୍ୟ ଆଗ୍ରହ ଥିଲା କି ମୋର ନିର୍ବାଚନରେ ଛିଡା ହେବା ଉଚିତ । ସେଇଥିପାଇଁ ମୁଁ ଛିଡା ହୋଇଥିଲି । ନିର୍ବାଚନରେ ମତେ ୧୬୯ ମତ ମିଳିଥିଲା ଓ ଇନ୍ଦିରାଜୀ ବହୁତ ବହୁମତରେ ଜିତିଲେ । ସମସ୍ତେ ଏହା ସ୍ୱୀକାର କରିଲେ ଯେ ମତେ ଯେ ଏତେ ମତ ମିଳିଲା ତାହା ମୋର ନୈତିକ ବିଜୟ ଥିଲା । ହାରିବାକୁ ମୋର ଅବଶୋଷ ନଥିଲା କାରଣ ପ୍ରଥମରୁ ହିଁ ହାରିବାର ପୂରା ସମ୍ଭାବନା ନଥିଲା ।

ଯେପରି ମୁଁ ଆଗରୁ କହିଛି, ଶ୍ରୀ କାମରାଜ ଓ ତାଙ୍କ ମିତ୍ରମାନେ ଏଇ ସମୟରେ ମତେ ନିର୍ବାଚିତ ହେବାକୁ ନ ଦେବା ପାଇଁ ନିଷ୍ପ ୟ କରି ନେଇଥିଲେ । ମତେ ହରାଇବା ପାଇଁ ସେ ଇନ୍ଦିରା ଗାନ୍ଧୀଙ୍କୁ ମୋ ବିପକ୍ଷରେ ଛିଡା କରାଇଥିଲେ । କାରଣ ତାଙ୍କୁ ଜଣାଥିଲା ଯେ ଅନ୍ୟ କେହି ମୋ ବିପକ୍ଷରେ ଜିତିପାରିବେ ନାହିଁ । ସେ ଭାବୁଥିଲେ ଯେ ମୁଁ ଜଣେ ବହୁତ ଟାଣୁଆ ଲୋକ ଓ କାହାରି ନିୟନ୍ତ୍ରଣରେ ରହିବି ନାହିଁ । ମୋ ଖିଆଲରେ ସେ ଏଇଥିପାଇଁ ମୋର ବିରୁଦ୍ଧରେ ଥିଲେ । କିନ୍ତୁ ଯେତେ ଦୃଢ ମତ ପୋଷଣ କଲେ ବି ମୁଁ ମୋ ମତ ନିଜର ସାଥିମାନଙ୍କ ଉପରେ ଲଦି ଦେଉ ନଥିଲି । ମୁଁ ତ ସବୁବେଳେ ସେମାନଙ୍କୁ ସାଥିରେ ନେଇ ଚାଲୁଥିଲି । କଂଗ୍ରେସରେ ବହୁମତ ନିର୍ଣ୍ଣୟକୁ ମୁଁ ସର୍ବଦା ସମ୍ମାନ କରୁଥିଲି ଓ ଅନୁଶାସନ ପୂର୍ବକ ସ୍ୱେଚ୍ଛାରେ ତାହା ପାଳନ କରୁଥିଲି । ମୁଁ ଜାଣିଥିଲି ଯେ ଶ୍ରୀ କାମରାଜ ଓ ଅନ୍ୟ ମିତ୍ରମାନଙ୍କ ମନରେ ମୋ ପ୍ରତି ଯେଉଁ ବିରୋଧ ଭାବ ଥିଲା, ତାହା ଦୂର କରି ମତେ ସମର୍ଥନ କରିବାକୁ ମୋର ସେମାନଙ୍କ ସହିତ ମିଳିମିଶି ସମାଧାନ ପାଇଁ ଚେଷ୍ଟା କରିବା ଠିକ୍ ହେବ ନାହିଁ ଓ ମୋ ଉଦ୍ୟମର ଦୁରୁପଯୋଗ କରାଯିବ । ପୁଣି ସେଥିରେ ମୋର ସ୍ୱାଭିମାନର ପ୍ରଶ୍ନ ଥିଲା ଓ କୌଣସି ପ୍ରକାରରେ ପ୍ରଧାନମନ୍ତ୍ରୀ ହେବାକୁ ମୋର କୌଣସି ଲୋଭ ମଧ୍ୟ ନଥିଲା । ତେଣୁ ଯେତେବେଳ ଯାଏ ସେମାନେ ନିଜେ ଏକଥା ନ କୁହନ୍ତି ସେତେବେଳେ ଯାଏ ତାଙ୍କ ସହିତ ଏ ବିଷୟ ଆଲୋଚନା କରିବା ଠିକ୍ ହେବ ନାହିଁ ବୋଲି ମୁଁ ଭାବିଲି ।

ଇନ୍ଦିରାଜୀ ସାର୍ବଜନିକ ଭାବେ କହିଲେ ଯେ ଶ୍ରୀ କାମରାଜ ତାଙ୍କ ନେତା ଅଟନ୍ତି ଓ କଂଗ୍ରେସ ଅଧ୍ୟକ୍ଷ ମଧ୍ୟ ଅଟନ୍ତି । ''ସେ ଯାହା କହିବେ ମୁଁ ତାହା ହିଁ କରିବି,'' ଏଥିରୁ ଶ୍ରୀ କାମରାଜ ଓ ତାଙ୍କ ମିତ୍ରମାନଙ୍କୁ ଲାଗିଲା ଯେ ଇନ୍ଦିରାଜୀ ତାଙ୍କ ପରାମର୍ଶରେ କାମ କରିବେ ଓ କଂଗ୍ରେସରେ ସେମାନଙ୍କର ଆଧିପତ୍ୟ ବଜାୟ ରହିବ । କିନ୍ତୁ ଏ ଧାରଣା କେତେ ଦୂର ଭୁଲ ଥିଲା ତାହା ପରେ ଘଟିଥିବା ଘଟଣାବଳୀରୁ ସିଦ୍ଧ ହୋଇସାରିଛି । ମୁଁ ତ କେତେ ମିତ୍ରଙ୍କୁ ସେ ସମୟରେ ଏହି କଥା କହିଥିଲି ।

ଇନ୍ଦିରାଜୀ ଯଦି ନିଜ ସ୍ଥିତି ଉପରେ ନିର୍ଭର କରି ଛିଡା ହୋଇଥାନ୍ତେ ଏବଂ ଲୋକମାନେ ପୂରାପୂରି ଏକତରଫା ପ୍ରଚାର କରି ତାଙ୍କୁ ସମର୍ଥନ ନ କରିଥାନ୍ତେ ତେବେ ମୋ ଖିଆଲରେ ତାଙ୍କୁ ୨୪-୨୫ରୁ ଅଧିକ ମତ ମିଳି ନଥାନ୍ତା ବରଂ ଏ ପରିସ୍ଥିତିରେ ସେ ଛିଡା ସୁଦ୍ଧା ହୋଇନଥାନ୍ତେ । ପ୍ରାଦେଶିକ ମୁଖ୍ୟମନ୍ତ୍ରୀଙ୍କୁ ସାଥିରେ ନେଇ ଶ୍ରୀ କାମରାଜ ସଂସଦର ବିଧାୟକମାନଙ୍କ ମଧ୍ୟରେ ଇନ୍ଦିରାଜୀଙ୍କ ପକ୍ଷରେ ଖୁବ୍ ପ୍ରଚାର କଲେ ଯାହା ଫଳରେ ନିର୍ବାଚନରେ ତାଙ୍କର ବିଶେଷ ବିଜୟ ହେଲା । ମୁଁ ମତ ପ୍ରାପ୍ତ ପାଇଁ କୁଆଡେ ଯାଇ ନଥିଲି । କେବଳ ଟେଲିଫୋନ ଯୋଗେ ଅନେକ ସଦସ୍ୟଙ୍କୁ କହିଥିଲି, 'କୌଣସି ଚାପରେ ପ୍ରଭାବିତ ନ ହୋଇ, ଏହି ପଦପାଇଁ ଯାହାଙ୍କୁ ଯୋଗ୍ୟ ଭାବୁଛନ୍ତି ତାଙ୍କୁ ହିଁ ଭୋଟ ଦିଅନ୍ତୁ ।' ମୁଁ ଏହିପରି ଅନୁରୋଧ କରିଥିଲି କିନ୍ତୁ ଯେଉଁଠି ଦଳର ପ୍ରମୁଖ ନେତା ଟଣାଟଣି କରି, ଚାପ ପକାଇ କାମ ନେଉଛନ୍ତି ସେଠାରେ ଅଧିକାଂଶ ସଦସ୍ୟ ତାଙ୍କ ଆଡକୁ

Digitized by srujanika@gmail.com

ଟାଣି ହୋଇଯିବା ତ କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ । ଏହିପରି ଇନ୍ଦିରାଜୀ କଂଗ୍ରେସର ସଂସଦୀୟ ଦଳର ନେତା ନିର୍ବାଚିତ ହେଲେ ।

ଦଳର ନେତା ନିର୍ବାଚିତ ହୋଇଯିବା ପରେ ଇନ୍ଦିରାଜୀ ନିଜ ମନ୍ତ୍ରୀମଣ୍ଡଳ ତିଆରି କଲେ । ମୁଁ ଯାହା ଶୁଣିଲି, ଶ୍ରୀ ଜଗଜ୍ଜୀବନ ରାମଙ୍କୁ ସେଥିରେ ନେବାକୁ ସେ ଚାହୁଁ ନଥିଲେ । ରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍ ମଧ୍ୟ ତାଙ୍କୁ ଏଇ ପରାମର୍ଶ ଦେଇଥିଲେ । କିନ୍ତୁ ଶ୍ରୀ କାମରାଜଙ୍କ ଚାପ ଯୋଗୁଁ ଶ୍ରୀ ଜଗଜ୍ଜୀବନ ରାମଙ୍କୁ ମନ୍ତ୍ରୀମଣ୍ଡଳରେ ନେବାକୁ ପଡ଼ିଲା । ମତେ ମନ୍ତ୍ରୀମଣ୍ଡଳରେ ସାମିଲ ହେବାକୁ ନିମନ୍ତ୍ରଣ ଦିଆଯାଇ ନ ଥିଲା ଓ ଯଦି ଦିଆଯାଇଥାନ୍ତା ମୁଁ ତାହା ସ୍ୱୀକାର କରିବା ବାଲା ନଥିଲି ।

୧୯୬୫ ନଭେମ୍ବର ଆରମ୍ଭରେ ପ୍ରଶାସନୀୟ ସୁଧାର ଅୟୋଗ (ଆଡମିନିଷ୍ଟ୍ରେଟିଭ୍ ରିଫର୍ମସ କମିସନ) ନିଯୁକ୍ତ କରିବାକୁ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ନିଷ୍ପତ୍ତି କରିଥିଲେ ଓ ତାହାର ଅଧ୍ୟକ୍ଷ ପଦ ପାଇଁ ମତେ ନିମନ୍ତ୍ରଣ ଦେଇଥିଲେ । ଲାଲବାହାଦୂରଜୀଙ୍କ ମୃତ୍ୟୁ ପରେ ଇନ୍ଦିରାଜୀ ଏଥିପାଇଁ ମତେ ଅନୁରୋଧ କରିଥିଲେ । ଲାଲବାହାଦୂରଜୀ ଇଚ୍ଛା ବ୍ୟକ୍ତ କରିଥିଲେ ଯେ ଏ କାମ ପାଇଁ ମୁଁ ସମସ୍ତଙ୍କ ଅପେକ୍ଷା ଯୋଗ୍ୟ ଥିଲି । ତେଣୁ ମତେ ଏ କାମ ସ୍ୱୀକାର କରି ନେବା ଉଚିତ । ସେ ଓ ନନ୍ଦାଜୀଙ୍କ ସହିତ ମୋର କଥାବାର୍ତ୍ତା ହୋଇଥିଲା । ମୁଁ କହିଥିଲି ଯେ ଆୟୋଗର ଅନ୍ୟ ସଦସ୍ୟ ମୋ ପରାମର୍ଶରେ ପସନ୍ଦ କରାଗଲେ ଓ ୫-୬ରୁ ଅଧିକ ସଦସ୍ୟ ନ ହେଲେ ମୁଁ ଅଧ୍ୟକ୍ଷ ହେବା ପାଇଁ ପ୍ରସ୍ତୁତ ଅଛି । ଏ ସର୍ତ୍ତ ସେ ସ୍ୱୀକାର କଲେ ଓ ସର୍ବଶ୍ରୀ ହନୁମନ୍ତେୟା, ହରିଶ୍ଚନ୍ଦ୍ର ମାଥୁର, ଏଚ୍. ବି. କାମାଥ୍, ତଥା ଭି. ଶଙ୍କରଙ୍କୁ ଆୟୋଗର ସଦସ୍ୟ ରୂପେ ନିଯୁକ୍ତ କଲି । ଶ୍ରୀ ଭି. ଶଙ୍କର ଭାରତ ସରକାରଙ୍କ ସଚିବ ପଦରେ ଥିଲେ । ତେଣୁ ଏପରି ବ୍ୟବସ୍ଥା କରାଯାଇଥିଲା ଯେ, ନିଜ ବିଭାଗ କାମ ସହିତ ଏ କାମ ମଧ୍ୟ କରିବେ । ଶ୍ରୀ ଭି. ଭି. ଚାରୀଙ୍କୁ ଆୟୋଗର ସଚିବ କରାଯାଇଥିଲା । ଏ ସବୁ ମୋ ପରାମର୍ଶରେ କରାଯାଇଥିଲା । ଇତି ମଧ୍ୟରେ ମତେ କମନଓ୍ୱେଲ୍‌ଥ ପାର୍ଲାମେଣ୍ଟାରୀ ଆସୋସିଏସନ୍‌ର ନ୍ୟୁଜିଲାଣ୍ଡରେ ହେବାକୁ ଥିବା ସମ୍ମିଳନୀ ପାଇଁ ଭାରତୀୟ ପ୍ରତିନିଧି ମଣ୍ଡଳର ନେତା ହୋଇ ଯିବା ପାଇଁ ନିଷ୍ପତ୍ତି ହେଲା । ସେଥିପାଇଁ ମୁଁ କହିଲି ଯେ ତା' ଆଗରୁ ଏଇ ଆୟୋଗ ତଥା ସଦସ୍ୟଙ୍କ ନିଯୁକ୍ତି ଘୋଷଣା ହୋଇଗଲେ ସେ କାମ କିଛି ବ୍ୟବସ୍ଥା କରି ମୁଁ ଯାଇପାରିବି । କିନ୍ତୁ କେତେକ କାରଣରୁ ଏ ଘୋଷଣା ୧୯୬୬ ଜାନୁୟାରୀ ପର୍ଯ୍ୟନ୍ତ ହୋଇପାରି ନଥିଲା । ସରକାରଙ୍କର ବହୁତ କାମ ଆସ୍ତେ ଆସ୍ତେ ଚାଲେ ତେଣୁ ଏଥିରେ ଢିଲା କିଛି ନୂଆ ବୋଲି ମତେ ଲାଗିଲା ନାହିଁ ।

ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ଯାତ୍ରାରୁ ମୋର ଫେରିବା ପରେ ୧୯୬୬ ଫେବୃୟାରୀ ବା ମାର୍ଚ୍ଚ ମାସରେ ପ୍ରଶାସନୀୟ ସୁଧାର ଆୟୋଗର ସଦସ୍ୟ ନିଯୁକ୍ତି ଘୋଷଣା କରାଗଲା । ଇନ୍ଦିରାଜୀ ସେଥିରେ କିଛି ଓଲଟ ପାଲଟ କରିବାକୁ ଚାହୁଁଥିଲେ -- ଏପରି ମତେ ଖବର ମିଳିଲା । ଆଉ କିଛି ସଦସ୍ୟ ନିଯୁକ୍ତ କରିବା କଥା ଚାଲିଥିଲା । କିନ୍ତୁ ଏପରି ହେଲେ ମୁଁ ଅଧ୍ୟକ୍ଷ ହେବି ନାହିଁ ବୋଲି କହିଲି । ତେବେ ଯାଇ ଅଧିକ ସଦସ୍ୟ ନିଯୁକ୍ତି କଥା ଛାଡି ଦିଆଗଲା ।

ପ୍ରଶାସନୀୟ ସୁଧାର ଆୟୋଗର ସଦସ୍ୟମାନଙ୍କ ସ୍ଥାନକ୍ରମ ଅର୍ଥାତ୍ ଓ୍ୱାରଣ୍ଟ ଅଫ୍ ପ୍ରିସିଡେନ୍ସରେ ସେମାନଙ୍କ ସ୍ଥାନ ବିଷୟରେ ସଦସ୍ୟମାନଙ୍କ ସହିତ କଥା ହେଲି । ସେମାନଙ୍କର ଆଗ୍ରହ ଥିଲା ଯେ ସେମାନଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭଳି ଅର୍ଥାତ୍ ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନଙ୍କ ସମାନ ସ୍ଥାନ ମିଳିବା ଉଚିତ । ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ମୁଁ କଥାବାର୍ତ୍ତା କଲି । କିନ୍ତୁ ମତେ ଲାଗିଲା ଯେ ସେ ଏହାକୁ ମଞ୍ଜୁର କରିବାକୁ ଚାହାନ୍ତି ନାହିଁ, ମୁଁ ତାଙ୍କୁ କହିଲି ଯେ କ୍ୟାବିନେଟ୍ ର୍ୟାଙ୍କର କୌଣସି ମନ୍ତ୍ରୀଙ୍କ ଠାରୁ ନିମ୍ନ ସ୍ଥାନ ଆୟୋଗର ସଦସ୍ୟଙ୍କୁ

Digitized by srujanika@gmail.com

ଦିଆଗଲେ ଏହା ସ୍ୱୀକାର୍ଯ୍ୟ ହେବ ନାହିଁ । ଏହା ଅପେକ୍ଷା ଭଲ ହେବ ଯଦି କୌଣସି ସ୍ଥାନକ୍ରମ ନିଶ୍ଚିତ କରାନଯାଏ । କାରଣ ଆମେ ତ କୌଣସି ସରକାରୀ ସମାରୋହରେ ଯୋଗ ଦେବୁନାହିଁ ଓ ସେଥି ସକାଶେ କୌଣସି ଅସୁବିଧାର ସମ୍ମୁଖୀନ ହେବୁ ନାହିଁ ଏବଂ ଏହାଦ୍ୱାରା ସର୍ବସାଧାରଣଙ୍କ ଦୃଷ୍ଟିରେ ସଦସ୍ୟମାନଙ୍କ ସମ୍ମାନରେ କିଛି ଫରକ ପଡିବ ନାହିଁ । ସ୍ୱୟଂ ମୋର ତ ଏଥିରେ କୌଣସି ଚିନ୍ତା ନଥିଲା । ସମାଜରେ ମୋର ଯେଉଁ ସ୍ଥାନ ଅଛି ତାହା ତ ରହିବ । ଏଥିପାଇଁ କୌଣସି ସରକାରୀ ମୋହରର ଆବଶ୍ୟକତା ନ ଥିଲା ।

ଏହାପରେ ପ୍ରଶାସନୀୟ ସୁଧାର ଆୟୋଗର ନିଯୁକ୍ତି ଘୋଷଣା କରାଗଲା । ମାର୍ଚ୍ଚ ଶେଷକୁ ଏହାର ପ୍ରଥମ ବୈଠକ ବସିଲା । ପ୍ରଥମେ ଏହାର କାର୍ଯ୍ୟାଳୟ ତ୍ରିଭାଙ୍କୋର ହାଉସ୍‌ରେ ରଖାଯାଇଥିଲା ଓ ଏହାର ସର୍ବପ୍ରଥମ ବୈଠକ ସେଠାରେ ହେଲା । ତା'ପରେ ନୂଆ ତିଆରି ହୋଇଥିବା ସର୍ଦ୍ଦାର ପଟେଲ ଭବନରେ ସ୍ଥାନ ଦିଆଗଲା । ଆୟୋଗର ପ୍ରଥମ ବୈଠକରେ କାର୍ଯ୍ୟ ପଦ୍ଧତି ଆଦି ବିଷୟରେ ଆମେ ବିଚାର କରିଥିଲୁ ।

ମୋର ଇଚ୍ଛା ଥିଲା ଯେ ଆୟୋଗର କାମ ଶୀଘ୍ର ଶୀଘ୍ର କରାଯାଉ । ସେଥିପାଇଁ ମୁଁ କହିଥିଲି ଯେ ୧୯୬୭ ସମାପ୍ତ ହେବା ଆଗରୁ ଆମକୁ ଏ କାମ ପୂରା କରିଦେବା ଉଚିତ । ସଦସ୍ୟମାନଙ୍କୁ ଲାଗିଲା ଯେ ଏତେ କାମ, ଏତେ କମ୍ ସମୟରେ ପୂରା ହୋଇପାରିବ ନାହିଁ । ସେମାନଙ୍କର କହିବା କଥା ହେଲା ଯେ ଖୁବ୍ କମ୍‌ରେ ତିନି ବର୍ଷ ତ ଲାଗିବ । ମୁଁ ଏ କଥା ମଧ୍ୟ କହିଲି କି ଆମମାନଙ୍କୁ ବହୁତ ବିସ୍ତାରକୁ ଯିବା ଦରକାର ନାହିଁ । ମୁଖ୍ୟ ମୁଖ୍ୟ ବିଷୟ ଉପରେ ନିୟମ ତିଆରି କରି ଆମେ ଦେଇଦେବୁ । ଏହି ଆଧାର ଉପରେ ଆଗକୁ କାମ ଚାଲିବ । ୧୯୬୭ ଶେଷ ହେବା ପୂର୍ବରୁ ଆମେ ଆମ ରିପୋର୍ଟ ପେଶ କରିପାରିବୁ । ଏହିପରି ସମସ୍ତଙ୍କ ସହଯୋଗରେ ମୁଁ କାମ କରିବା ବ୍ୟବସ୍ଥା କରିଲି ।

ନ୍ୟୁଜିଲାଣ୍ଡ ଯିବାରୁ ମତେ ଜଣା ପଡିଥିଲା ଯେ ସେଠାରେ ମଧ୍ୟ ଏପରି ଆୟୋଗ ତିଆରି ହୋଇଥିଲା । ତା'ର ରିପୋର୍ଟ ମତେ ସେଠାରେ ଦେଖିବାକୁ ମିଳିଥିଲା । ସେଠାରେ ଏ କାମ ଗୋଟିଏ ବର୍ଷରେ ହିଁ ପୂରା ହୋଇଯାଇଥିଲା -- ଏକଥା ମଧ୍ୟ ମୋ ଧ୍ୟାନରେ ଥିଲା । ଆମେରିକାରେ ମଧ୍ୟ ଏଭଳି ଆୟୋଗ ନିଯୁକ୍ତ କରାଯାଇଥିଲା । ଏହାର ବିବରଣୀ ମୁଁ ଦେଖିଥିଲି । ଏସବୁ ଅଧ୍ୟୟନ କରି ମୁଁ କାର୍ଯ୍ୟ ପଦ୍ଧତି ନିଶ୍ଚିତ କଲି । ଏଥିରେ ଏକ ଲୋକପାଳ ନିଯୁକ୍ତି କରିବା ବିଚାର ମଧ୍ୟ କଲୁ । କେତେକ ଦେଶରେ ଲୋକପାଳ ନିଯୁକ୍ତି କରାଯାଇ ଥିଲା ଯେଉଁମାନେ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଅଭିଯୋଗକୁ ମଧ୍ୟ ତଦନ୍ତ କରି ନିଜର ସୁପାରିଶ ସଦନରେ ପେଶ କରିପାରୁଥିଲେ । ଆମ ଦେଶର ଏହା ବହୁତ ଦରକାରୀ ବୋଲି ଜଣାପଡୁଥିଲା । ତେଣୁ ମୁଁ ଯେଉଁ ଅନ୍ତିମ ରିପୋର୍ଟ ତିଆରି କରିଥିଲି ସେଥିରେ ଦୁଇଟି ସ୍ତରର ଯୋଜନା ପ୍ରସ୍ତୁତ କରିଥିଲି । ଏକ ଲୋକପାଳ ଓ ଦ୍ୱିତୀୟଟି ଲୋକାୟୁକ୍ତ । ଏହି ଦୁଇ ଉଚ୍ଚସ୍ତରୀୟ ଅଧିକାରୀଙ୍କର ନିଯୁକ୍ତି ପ୍ରସ୍ତାବ ଦେଇଥିଲି । ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଆସିବା ଅଭିଯୋଗ ଲୋକପାଳଙ୍କୁ ଓ ସଚିବମାନଙ୍କ ବିରୁଦ୍ଧରେ ଆସିବା ଅଭିଯୋଗ ଲୋକାୟୁକ୍ତଙ୍କୁ ସମର୍ପିବା ସୁପାରିଶ ମୁଁ କରିଥିଲି । ସରକାର ଏହାକୁ ବିଚାର କରି ସଂସଦରେ ବିଧେୟକ ପେଶ କରିଥିଲେ ।

ଆୟୋଗ କାମ ଆରମ୍ଭ ହେଲା । ସେ ସମୟରୁ ପ୍ରତିଦିନ ପାଞ୍ଚ ଛଅ ଘଣ୍ଟା ମୁଁ କାର୍ଯ୍ୟାଳୟରେ ଉପସ୍ଥିତ ରହୁଥିଲି ଓ ଏହାର କାମ ବ୍ୟବସ୍ଥିତ ରୂପେ ହେଉ ସେଥିପାଇଁ ମୁଁ ସମସ୍ତଙ୍କ ସହିତ ବିଚାର ବିନିମୟ କରୁଥିଲି । ଏହାର ବିବିଧ କାମ ଯୋଗୁଁ ଯେତେବେଳେ ସେତେବେଳେ ବୈଠକ ଲାଗି ରହିଥିଲା ଓ ଭିନ୍ନ ଭିନ୍ନ ପ୍ରଶ୍ନ ଉପରେ ବିଚାର କରିବା ପାଇଁ କେତେକ ଉପସମିତି ତିଆରି କରାଯାଇଥିଲା, ଯଦ୍ୱାରା ପ୍ରତ୍ୟେକ ପ୍ରଶ୍ନ ଉପରେ ଠିକ୍ ଭାବେ ବିଚାର ହୋଇ ସୁପାରିଶ ମିଳିପାରିବ ତଥା ଆୟୋଗ କାମ ଦ୍ରୁତ ଗତିରେ ଚାଲିବ ।

Digitized by srujanika@gmail.com

୧୯୬୭ ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ନିଜ ମନ୍ତ୍ରୀମଣ୍ଡଳରେ ମତେ ଉପ-ପ୍ରଧାନମନ୍ତ୍ରୀ ଭାବେ ନେଲେ । ସେ ପର୍ଯ୍ୟନ୍ତ ମୁଁ ଏ ଆୟୋଗର ଅଧ୍ୟକ୍ଷ ଥିଲି । ୧୯୭୦ ଜୁନ ୩୦ ତାରିଖରେ ଆୟୋଗ କାମ ବନ୍ଦ କରି ଦିଆଗଲା । ତା' କାମ ତ ପୂରା ହୋଇନଥିଲା କିନ୍ତୁ ଦିନେ ମୁଁ ସମ୍ବାଦପତ୍ରରେ ପଢ଼ିଲି ଯେ ସରକାର ଏହାକୁ ବନ୍ଦ କରିବାକୁ ନିର୍ଣ୍ଣୟ ନେଉଛନ୍ତି ।

୧୯୬୬ ଜୁଲାଇରେ ପ୍ରଧାନମନ୍ତ୍ରୀ ଟଙ୍କାର ଅବମୂଲ୍ୟାୟନ (ଡିଭାଲ୍ୟୁଏସନ)ର ଘୋଷଣା କଲେ । ଏ ବିଷୟରେ ହାୱା ପ୍ରଥମରୁ ଚାଲୁଥିଲା କିନ୍ତୁ ଯେତେବେଳେ ଏକଥା ଉଠୁଥିଲା ସେତେବେଳେ ସରକାରଙ୍କ ପକ୍ଷରୁ ଏହାକୁ ମନା କରାଯାଉଥିଲା ଓ ଅବମୂଲ୍ୟାୟନ ପ୍ରଚାର କରୁଥିବା ବାଲାଙ୍କର ସମାଲୋଚନା କରାଯାଉଥିଲା । କିନ୍ତୁ ବିଶ୍ୱ ବ୍ୟାଙ୍କ ଓ ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷର ପରାମର୍ଶରେ ଶେଷକୁ ଟଙ୍କାର ଅବମୂଲ୍ୟାୟନ କରାଗଲା । କେତେକ ମନ୍ତ୍ରୀଙ୍କର ଏଥିପ୍ରତି ଆଗ୍ରହ ମଧ୍ୟ ଥଲା । ଶ୍ରୀ ସଚୀନ ଚୌଧୁରୀ ସେ ସମୟରେ ଅର୍ଥମନ୍ତ୍ରୀ ଥିଲେ । ମୋ ସହିତ ଏ ବିଷୟରେ କୌଣସି ପରାମର୍ଶ କରାଯାଇ ନଥିଲା । କିନ୍ତୁ ଶ୍ରୀ ଟି.ଟି. କୃଷ୍ଣମାଚାରୀଙ୍କ ସହିତ ପରାମର୍ଶ କରାଯାଇଥିଲା । ସେ ଅବମୂଲ୍ୟାୟନର ବିରୋଧ କରିଥିଲେ । ଶ୍ରୀ କାମରାଜଙ୍କ ପରାମର୍ଶ ମାଗିବାରୁ ସେ ଏହାର ବିରୋଧ କରିଥିଲେ । ଏସବୁ ସତ୍ତ୍ୱେ ଅବମୂଲ୍ୟାୟନର ଘୋଷଣା କରାଗଲା । ଅବମୂଲ୍ୟାୟନ ପରେ ଦେଶ ଉପରେ ଯେଉଁ ଋଣ ଥିଲା ସେଥିରେ ୫୭ ପ୍ରତିଶତ ବୃଦ୍ଧି ହୋଇଗଲା ଓ ସେଇ ଅନୁପାତରେ ତା'ର ସୁଧର ପରିମାଣ ମଧ୍ୟ ବଢ଼ିଗଲା । ଏ ନିର୍ଣ୍ଣୟ ଦେଶର ହିତରେ ନଥିଲା ଓ ଅନେକ ଏହାର ସମାଲୋଚନା କରିଥିଲେ । ଆଲୋଚନାରେ କୁହାଗଲା ଯେ ନ ଭାବି ନ ଚିନ୍ତି ଏ ନିର୍ଣ୍ଣୟ ନିଆଯାଇଛି, ଆଲୋଚନାର ମତ ସହିତ ମୁଁ ପୂରା ଏକମତ ଥିଲି ।

କଂଗ୍ରେସ କାର୍ଯ୍ୟ ସମିତିର ବୈଠକ ବେଳେ ମୁଁ ଏ ବିଷୟରେ ଗୋଟିଏ ନୋଟ ପ୍ରସ୍ତୁତ କରି ପେଶ୍ କଲି, ସେଥିରେ ମୁଁ କହିଥିଲି ଯେ ଏପରି ପଦକ୍ଷେପ ନେବା ପୂର୍ବରୁ ଯେଉଁ ଭୂତପୂର୍ବ ତିନି ଅର୍ଥ ମନ୍ତ୍ରୀ ଭାରତରେ ଥିଲେ ସେ ସମସ୍ତଙ୍କୁ ପଚରା ଯାଇଥିଲେ ଠିକ୍ ହୋଇଥାଆନ୍ତା । ସେମାନଙ୍କ ମଧ୍ୟରୁ କେବଳ ଜଣଙ୍କ ସହିତ ପରାମର୍ଶ କରାଯାଇଥିଲା । ତାଙ୍କ ଛଡ଼ା ଆଉ ଦୁଇଜଣଙ୍କ ସହିତ ମଧ୍ୟ କଥାବାର୍ତ୍ତା କରାଯାଇଥିଲେ -- ଯାହାଙ୍କ ମଧ୍ୟରେ ମୁଁ ଥିଲି ଓ ଦ୍ୱିତୀୟ ଜଣଙ୍କ ଶ୍ରୀ ଚିନ୍ତାମଣି ଦେଶମୁଖ ଥିଲେ -- ସେମାନଙ୍କ ପରାମର୍ଶର ଲାଭ ମିଳିଥାଆନ୍ତା । ଏ ତିନିଜଣ ଏପରି ବ୍ୟକ୍ତି ଥିଲେ ଯେଉଁମାନେ ଗୁପ୍ତ ସଲାମସୁରା କରି ମତବ୍ୟକ୍ତ କରିବା ପରିବର୍ତ୍ତେ ନିଜର ସ୍ୱତନ୍ତ୍ର ବିଚାର ବତାଇଥାନ୍ତେ । ତିନି ଜଣଙ୍କ ମତ ଅବମୂଲ୍ୟାୟନ ବିରୁଦ୍ଧ ଥିଲା । ଏ କଥା ସ୍ପଷ୍ଟ ଯେ ଭୟଭୀତ ହୋଇ ସରକାର ଏ ପଦକ୍ଷେପ ନେଇଛନ୍ତି । ଯେଉଁ ଦେଶରୁ ରପ୍ତାନି ଆମଦାନୀ ଅପେକ୍ଷା ବହୁତ ବେଶୀ ହେଉଥାଏ ଏବଂ ରପ୍ତାନି ବଢ଼ାଯାଇ ଆମଦାନୀ କମ୍ କରାଯାଇପାରେ, ସେଠାରେ ଅବମୂଲ୍ୟାୟନରୁ ଲାଭ ହୁଏ । ଔଦ୍ୟୋଗିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ଦେଶ ଏପରି ଅବମୂଲ୍ୟାୟନ କରି ନିଜର ରପ୍ତାନି ବଢ଼ାଇପାରନ୍ତି ଓ ଆମଦାନୀ ଖୁବ୍ କମ୍ କରି ଅବମୂଲ୍ୟାୟନରୁ ଲାଭବାନ ହୋଇପାରନ୍ତି । କିନ୍ତୁ ଭାରତ ପରି ଦେଶରେ ଯେଉଁଠି ରପ୍ତାନିରୁ ଆମଦାନୀ ବହୁତ ବେଶୀ ହୁଏ ସେଠାରେ ସ୍ପଷ୍ଟ ଯେ କ୍ଷତି ଛଡ଼ା ଲାଭ ହୋଇପାରିବ ନାହିଁ । ଏଥିରେ ଆମଦାନୀର ମୂଲ୍ୟ ବଢ଼ିବ ଓ ରପ୍ତାନୀ ହେବା ବସ୍ତୁର ମୂଲ୍ୟ ଟଙ୍କା ହିସାବରେ ବହୁତ ହେବ । ଆମଦାନୀ ହେଉଥିବା ମାଲ ପାଇଁ ବହୁତ ଟଙ୍କା ଦେବାକୁ ପଡ଼ିବ, ଯଦ୍ଦ୍ୱାରା ରପ୍ତାନି କରାଯାଉଥିବା ବସ୍ତୁର ଉତ୍ପାଦନ ବ୍ୟୟ ବଢ଼ିଯିବ ଓ ଏହାର ରପ୍ତାନି କରିବା ମଧ୍ୟ କଷ୍ଟ ହେବ । ଏ କାର୍ଯ୍ୟକ୍ରମ ଠିକ୍ ନଥିଲା । ଏହାର ପରିଣାମ ସ୍ୱରୂପ ଦେଶ ଅଧିକ ସଙ୍କଟରେ ପଡ଼ିଲା -- ଏ କଥା ସୁସ୍ପଷ୍ଟ ।

ପ୍ରଧାନମନ୍ତ୍ରୀଙ୍କ ଏ ବିଷୟରେ ଅନୁଭୂତି ନଥିଲା ସେଥିପାଇଁ ତାଙ୍କୁ ଯେଉଁ ପରାମର୍ଶ ମିଳିଲା ସେଇ ଅନୁସାରେ ସେ ଏହା କଲେ । ଯେଉଁମାନଙ୍କ ପରାମର୍ଶ ନେଇ ପାରିଥାନ୍ତେ; ସେମାନଙ୍କ ପରାମର୍ଶ ନେଇଥିଲେ

Digitized by srujanika@gmail.com

ସେ ଏ ପଦକ୍ଷେପ ନେଇ ନଥାନ୍ତେ । ଏପରି ନକରି ସମ୍ଭବତଃ ଦୁଇତିନି ବ୍ୟକ୍ତିଙ୍କର ପରାମର୍ଶ ଉପରେ ନିର୍ଭର କରିବା ସେ ଠିକ୍ ଭାବିଲେ । ଅବମୂଲ୍ୟାୟନ କରାହୋଇ ନଥିଲେ ବିଦେଶରୁ ଯେଉଁ ସହାୟତା ମିଳୁଛି ତାହା ଆଉ ମିଳି ନଥାନ୍ତା -- ଏପରି ଭୟ ଉତ୍ପନ୍ନ କରାଯାଇଥିଲା । ସେଇ କାରଣରୁ ହିଁ ଅବମୂଲ୍ୟାୟନ କରାଗଲା । ଯଦି ଏପରି ଭୟରେ ଭୟଭୀତ ନ ହୋଇ ସ୍ଥିର କରାଯାଇଥାନ୍ତା କି ବିଦେଶୀ ସହାୟତା ନ ମିଳିଲେ ମଧ୍ୟ ଆମେ ନିଜ କାମ ନିଜେ ଚଳାଇବୁ ଓ ଦେଶର ଉଦ୍ୟୋଗମାନଙ୍କର ବିକାଶ ପାଇଁ ଅଧିକ ପରିଶ୍ରମ କରିବୁ ତାହାହେଲେ, ଦେଶର ପ୍ରତିଷ୍ଠା ବଢିଥାନ୍ତା ଓ ଆର୍ଥିକ ସ୍ଥିତି ସୁଦୃଢ ହେବା ସଙ୍ଗେ ସଙ୍ଗେ ଟଙ୍କାର ମୂଲ୍ୟ କମ୍ ହୋଇ ନଥାନ୍ତା । କେବଳ ଏତିକି ନୁହେଁ, ମୋର ବିଶ୍ୱାସ, ଏହି ନିର୍ଣ୍ଣୟ ସହିତ କାମ କରାଯାଇଥିଲେ ସମସ୍ତଙ୍କର ଦେଶର ଦୃଢତା ଓ କୁଶଳତାରେ ବିଶ୍ୱାସ ନହୋଇ ରହିପାରି ନଥାନ୍ତା ଓ ବିଦେଶୀ ସହାୟତା ମଧ୍ୟ ମିଳୁଥାନ୍ତା । ସବୁଠାରୁ ଅଧିକ ଦୁଃଖର କଥା ହେଲା ଯେ ଅବମୂଲ୍ୟାୟନ କରିବା ସମୟରେ ତା'ପରେ କରାଯିବା କାର୍ଯ୍ୟର କୌଣସି ବିଚାର ମଧ୍ୟ କରାଯାଇ ନଥିଲା । ଅବମୂଲ୍ୟାୟନକୁ ବିଚାର କରିବା ସଙ୍ଗେ ସଙ୍ଗେ ଏହା ଭାବିବା ବହୁତ ଜରୁରୀ ଥିଲା କି ସେଥିରୁ ଲାଭ ଉଠାଇବା ପାଇଁ ଆମର ଆଉ କି' କି' ପଦକ୍ଷେପ ନେବା ଉଚିତ ।

ବ୍ରିଟେନରେ ଯେତେବେଳେ ପ୍ରଥମ ଥର ପାଉଣ୍ଡର ଅବମୂଲ୍ୟାୟନ କରାଗଲା ସେତେବେଳେ ପ୍ରଥମରୁ ହିଁ ସବୁ ବିଷୟ ବିଚାର କରାଯାଇଥିଲା ଓ ଅବମୂଲ୍ୟାୟନ ପରେ କ'ଣ କ'ଣ କରିବାକୁ ହେବ ସେ ସମ୍ବନ୍ଧରେ ୮୦୦ ପୃଷ୍ଠାର ଗୋଟିଏ ବହି ଅବମୂଲ୍ୟାୟନ ଘୋଷଣା ସାଥେ ସାଥେ ପ୍ରକାଶ କରାଯାଇଥିଲା । କିନ୍ତୁ ଏଠାରେ ସେପରି ବିଚାର କରାଯାଇନଥିଲା । ଏଥିରେ ଦେଶର ଆର୍ଥିକ କ୍ଷତି ହେଲା ଓ ତାହାର ପ୍ରତିଷ୍ଠାକୁ ବଡ ଧକ୍କା ଲାଗିଲା ।

୧୯୬୬ ଶେଷକୁ ୧୯୬୭ର ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲୁଥିଲା । ପ୍ରାର୍ଥୀ ବାଛିବାକୁ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡର ବୈଠକ ହେଲା । ସେଥିରେ ଇନ୍ଦିରା ଗାନ୍ଧୀଙ୍କ ସମର୍ଥନ ଅନୁସାରେ ପ୍ରାର୍ଥୀ ବାଛିବା ନୀତି ଗ୍ରହଣ କରାଗଲା ଯେଉଁଥିରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ପସନ୍ଦ କରାଯିବାର ଭୟ ଥିଲା । ମୁଁ ଗୋଷ୍ଠୀ ଦୃଷ୍ଟିରୁ ନଭାବି ଯୋଗ୍ୟ ବ୍ୟକ୍ତିଙ୍କୁ ପସନ୍ଦ କରିବା ନୀତି ଗ୍ରହଣ କରିବାକୁ ଆଗ୍ରହ କଲି, ମୋର ଏ ପ୍ରଯତ୍ନ ସଫଳ ହେଲା ନାହିଁ ଏବଂ ଇନ୍ଦିରାଜୀ ଗୋଷ୍ଠୀରେ ବିଶେଷ ଯୋଗଦାନ କରିଥିବା କଂଗ୍ରେସ ପ୍ରାର୍ଥୀମାନଙ୍କ ମଧ୍ୟରେ ସାମ୍ୟବାଦୀ ଓ ତାଙ୍କର ସାଥିମାନଙ୍କୁ ସ୍ଥାନ ଦେଇଥିଲେ । ଏଥିରେ ନିର୍ବାଚନର ବାୟୁମଣ୍ଡଳ ଦୂଷିତ ହୋଇଗଲା ଓ ୧୯୬୭ ନିର୍ବାଚନରେ କେତେକ ପ୍ରଦେଶରେ କଂଗ୍ରେସକୁ ବହୁମତ ମିଳିଲା ନାହିଁ ତଥା କେନ୍ଦ୍ରରେ ମଧ୍ୟ କେବଳ ୨୧ ବହୁମତ ପ୍ରାପ୍ତ ହୋଇଥିଲା । ଏହିପରି କଂଗ୍ରେସ ଦୁର୍ବଳ ହୋଇଗଲା ଓ ଏଥିରୁ ଗୋଷ୍ଠୀ ବଢିବାକୁ ଲାଗିଲା । ଇନ୍ଦିରାଜୀ କଂଗ୍ରେସ ଉପରେ ପୂର୍ଣ୍ଣ ଅଧିକାର ବିସ୍ତାର କରିବା ଯୋଜନାର ପ୍ରାରମ୍ଭ ସେ ସମୟରୁ କରିଥିଲେ ।

୧୯୬୫ ଶେଷ ଭାଗରେ କମନୱେଲ୍‌ଥ ପାର୍ଲାମେଣ୍ଟାରୀ ଆସୋସିଏସନ୍‌ର ସମ୍ମିଳନୀ ନ୍ୟୁଜିଲାଣ୍ଡରେ ହେବାର ଥିଲା । ଭାରତ ସରକାର ପ୍ରତିନିଧି ମଣ୍ଡଳର ନେତା ରୂପେ ସେଠାକୁ ଯିବାକୁ ମତେ କୁହାଗଲା ଓ ମୁଁ ସେଠାକୁ ଯିବାକୁ ସ୍ୱୀକାର କରିଲି । ନ୍ୟୁଜିଲାଣ୍ଡର ୱେଲିଂଟନ ସହରକୁ ମୋର ଯିବାର ଥିଲା । ତା' ସହିତ ଭାରତୀୟ ପ୍ରତିନିଧି ରୂପେ ଅଷ୍ଟ୍ରେଲିଆ ମଧ୍ୟ ହୋଇ ଆସିବାକୁ ଲାଲବାହାଦୂରଜୀ ମତେ କହିଥିଲେ । ସେ ତ ମୋର ଜାପାନ ଯିବାକୁ ମଧ୍ୟ ଚାହୁଁଥିଲେ । କିନ୍ତୁ ଶ୍ରୀ କୃଷ୍ଣମାଚାରୀ ଜାପାନ ଯିବାକୁ ଚାହିଁଲେ, ତେଣୁ ମୁଁ ଜାପାନ ଯିବା ବିଚାର ଛାଡି ଦେଲି ।

Digitized by srujanika@gmail.com

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ବାହାରୁ ଆସିବାବାଲାଙ୍କ ପାଇଁ ଟୀକା ନେବା ଅନିବାର୍ଯ୍ୟ ହୋଇଥାଏ । ଦୁଇ ଦେଶରେ ଏହାକୁ ଦୃଢତାର ସହିତ ପାଳନ କରାଯାଉଥିଲା ଏପରିକି ବାହାରୁ ଫଳ ଇତ୍ୟାଦି ସେଠାକୁ ନେବାକୁ ଦେଉ ନଥିଲେ । ମୁଁ ଭାରତ ସରକାର ବିଦେଶ ବିଭାଗ ସଚିବଙ୍କୁ ଏ ସମ୍ବନ୍ଧରେ ପ୍ରଥମରୁ ନିଶ୍ଚୟ କରିବାକୁ କହିଲି କାରଣ ଏହି ନିୟମରୁ ମତେ ମୁକ୍ତ କରାନଗଲେ ମୁଁ ଦୁଇଟିରୁ କୌଣସି ଦେଶକୁ ଯାଇପାରିବି ନାହିଁ । ସେ ଏସମ୍ବନ୍ଧରେ ଦୁଇ ଦେଶ ସହିତ ସମ୍ପର୍କ ସ୍ଥାପିତ କଲେ ଓ ମୁଁ ଯାତ୍ରା ଆରମ୍ଭ କରିବାର ତିନି ଦିନ ପୂର୍ବରୁ ମତେ ଏଥିରୁ ମୁକ୍ତ କରାଯାଇ ଥିବାର ସୂଚନା ଦେଲେ । ୧୯୬୫ ନଭେମ୍ବର ତୃତୀୟ ସପ୍ତାହରେ ମୁଁ ଅଷ୍ଟ୍ରେଲିଆ ହୋଇ ନ୍ୟୁଜିଲାଣ୍ଡ ପାଇଁ ବାହାରିଲି ।

ଅଷ୍ଟ୍ରେଲିଆରେ ମୁଁ ତିନି ଚାରିଦିନ ରହିଲି । ପ୍ରଥମେ ମୁଁ ସେଠାରେ ମନ୍ତ୍ରୀମାନଙ୍କ ସହିତ ସାକ୍ଷାତ କରିଥିଲି । ସେଠାରେ ପ୍ରଧାନମନ୍ତ୍ରୀ ସାର ରବର୍ଟ ମିନେଜିସ୍‌ଙ୍କ ସହିତ ସାକ୍ଷାତ କରିଥିଲି କାରଣ ତାଙ୍କ ସହିତ କେତେ ବର୍ଷରୁ ମୋର ଚିହ୍ନା ପରିଚୟ ଥିଲା ଓ ମୋ ପ୍ରତି ତାଙ୍କର ବହୁତ ସଦ୍ ଭାବନା ଥିଲା । ସେ ମୋ ପାଇଁ ବିଶେଷ ଭୋଜନ ସମାରୋହ ଆୟୋଜନ କରିଥିଲେ ଓ ନିଜର ମନ୍ତ୍ରୀଗଣ ଓ ସେଠାରେ ଦୁଇ ଦଳର ନେତାମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେଠାରେ ମୋ ଶୁଭ କାମନାର 'ଟୋଷ୍ଟ' ପିଆଗଲା ଓ ମୋର ଖୁବ୍ ପ୍ରଶଂସା କରାଗଲା । ମୁଁ ଉପଯୁକ୍ତ ଶବ୍ଦରେ ଧନ୍ୟବାଦ ଅର୍ପଣ କଲି ।

କଥାବାର୍ତ୍ତା ବେଳେ ସେ ମତେ ବତାଇଲେ ଯେ ପାକିସ୍ତାନର ରାଷ୍ଟ୍ରପତି ଶ୍ରୀ ଆୟୁବ ଖାଁଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଅଛି । ଶ୍ରୀ ଆୟୁବ ଖାଁଙ୍କ ସମ୍ବନ୍ଧରେ ତାଙ୍କର ଭାବନା ବହୁତ ଉଚ୍ଚ ଥିବାର ମତେ ଜଣାପଡିଲା । ମୁଁ ତାଙ୍କୁ ଭାରତ ଓ ପାକିସ୍ତାନ ସମ୍ବନ୍ଧ ବିଷୟରେ କହିଲି ଓ ବତାଇଲି ଯେ କାଶ୍ମୀର ଉପରେ ପାକିସ୍ତାନର କୌଣସି ହକ୍ ନାହିଁ କାରଣ କାଶ୍ମୀର ସ୍ୱେଚ୍ଛାରେ ଭାରତ ସହିତ ମିଶିସାରିଛି । ସେ ମତେ କହିଲେ ଯେ ପାକିସ୍ତାନର ବିଦେଶ ମନ୍ତ୍ରୀ ଶ୍ରୀ ଭୁଟ୍ଟୋ ବଡ ଆକ୍ରମକ ଅଟନ୍ତି କିନ୍ତୁ ଆୟୁବ ଖାଁ ନିଜେ ବେଶ୍ ବିଚାର ବୁଦ୍ଧି ସମ୍ପନ୍ନ ଅଟନ୍ତି । ତେଣୁ ତାଙ୍କ ସହିତ ଶାନ୍ତିଜନକ ବୁଝାମଣା ନୀତି ରଖାଗଲେ ଶ୍ରୀ ଭୁଟ୍ଟୋ ଦୁର୍ବଳ ହୋଇଯିବେ ନହେଲେ ଶ୍ରୀ ଭୁଟ୍ଟୋଙ୍କର କ୍ଷମତା ଆହୁରି ବଢିବ ଓ ସେଥିରେ ଭାରତର ବହୁତ କ୍ଷତି ହେବ । ମୁଁ କହିଲି ଯେ ଶ୍ରୀ ଭୁଟ୍ଟୋଙ୍କ ପ୍ରଭାବ ଶ୍ରୀ ଆୟୁବ ଖାଁଙ୍କ କାରଣରୁ ହିଁ ବଢିଛି । ଶ୍ରୀ ଭୁଟ୍ଟୋ ଯାହା କିଛି କହୁଛନ୍ତି ସେଥିରେ ଶ୍ରୀ ଆୟୁବ ଖାଁଙ୍କର ସମ୍ମତି ନଥିଲେ ସେ ଏପରି କିଛି କହିପାରନ୍ତେ ନାହିଁ । ସେ ଭୁଟ୍ଟୋଙ୍କୁ ଆଗରେ ରଖୁଛନ୍ତି -- ମୁଁ ତ ଏହା ତାଙ୍କର କୌଶଳ ଓ ଚତୁରତା ବୋଲି ଭାବୁଛି ।

ମୁଁ ତାଙ୍କ ସମ୍ମୁଖରେ ଭାରତ ପକ୍ଷ ସ୍ପଷ୍ଟ କରିଥିଲି ଓ ଭାରତ କାହିଁକି କାଶ୍ମୀର ଛାଡି ପାରିବ ନାହିଁ -- ସେ କଥା ବତାଇଥିଲି । ତା'ପରେ ସେ ମୋ କଥା ସ୍ୱୀକାର କଲେ ଓ କହିଲେ କି ''ଭାରତ କାଶ୍ମୀର ଛାଡିବା ଉଚିତ ନୁହେଁ'' -- ଏକଥା ମୁଁ ଭଲ ଭାବରେ ବୁଝିଗଲି ।

ଏହିପରି ମୋର ଅଷ୍ଟ୍ରେଲିଆ ଯାତ୍ରା ଉପଯୋଗୀ ସିଦ୍ଧ ହେଲା । ସିଡ୍‌ନୀ ବନ୍ଦର ମୁଁ ପୁଣି ଦେଖିଲି । ଏହା ଏତେ ବଡ ଯେ ସେଠାରେ ସବୁଠାରୁ ବଡ ଯୁଦ୍ଧ ଜାହାଜ ମଧ୍ୟ ରଖାଯାଇପାରିବ । ସେଠାକାର ଲୋକମାନେ ନୌକା ଭ୍ରମଣ କରିବାକୁ ଭଲ ପାଉଥିଲେ ଓ ନୌକାଚାଳନା ପ୍ରତିଯୋଗିତା ମଧ୍ୟ ସେଠାରେ ବହୁତ ହେଉଥିଲା । ଲୋକମାନେ ବଡ ସାହସୀ ଥିଲେ ଓ ସେଥିପାଇଁ ଡରୁନଥିଲେ । ନାବଚଳା ପ୍ରତିଯୋଗିତା ବହୁତ ସୁନ୍ଦର ହେଉଥିଲା । ସିଡ୍‌ନୀ ସହରର ରଚନା ମତେ ସୁନ୍ଦର ଲାଗିଲା ।

ସାର ରବର୍ଟ ହସିହସି ମତେ କହିଲେ, ''ଆମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଗ୍ରହ ଥିଲା ଯେ ଆପଣଙ୍କୁ ଟୀକା ନେବାରୁ ମୁକ୍ତ ଦିଆନଯାଉ ଓ ମନ୍ତ୍ରୀମଣ୍ଡଳ ମଧ୍ୟ ଏପରି ପ୍ରସ୍ତାବ ରଖିଥିଲେ । ମୁଁ ସେମାନଙ୍କର ବିରୋଧ

Digitized by srujanika@gmail.com

ନମାନି ଆପଣଙ୍କୁ ମୁକ୍ତି ଦେବା ପ୍ରସ୍ତାବ ପାଶ୍ କରାଇଲି ।'' ଏଥିରୁ ମୁଁ ବୁଝିଲି ଯେ ଟୀକାରୁ ଛୁଟି ପ୍ରଥମ ଥର ପାଇଁ ମତେ ଦିଆଯାଇଥିଲା ।

ମୁଁ ଅଷ୍ଟ୍ରେଲିଆର ଗଭର୍ଣ୍ଣର ଜେନେରାଲ ଲର୍ଡ କେସୀଙ୍କ ସହିତ ସାକ୍ଷାତ କରିଥିଲି । ତାଙ୍କ ସହିତ ମୋର ବହୁତ କଥାବାର୍ତ୍ତା ହେଲା । ସେ ଭାରତର ମିତ୍ର ଥିଲେ ଓ ଭାରତ ପ୍ରତି ତାଙ୍କର ବହୁତ ସହାନୁଭୂତି ଥିଲା । ତାଙ୍କ ସହିତ କଥାବାର୍ତ୍ତା ମତେ ଉପଯୋଗୀ ପ୍ରତୀତ ହେଲା ।

ମୁଁ ଦେଖିଲି ଅଷ୍ଟ୍ରେଲିଆ ବହୁତ ସମୃଦ୍ଧଶାଳୀ ଦେଶ କାରଣ ଦେଶ ବିଶାଳ ଓ ଲୋକସଂଖ୍ୟା ବହୁତ କମ୍ । ଏହାର ଜନସଂଖ୍ୟା ୧୨/୧୩ ମିଲିୟନ୍‌ରୁ ମଧ୍ୟ କମ୍ କିନ୍ତୁ ଭୂଭାଗ ଭାରତର ଅଢେଇଗୁଣରୁ ଅଧିକ । ଅଷ୍ଟ୍ରେଲିଆର ଲୋକସଂଖ୍ୟା ଯେତିକି ସେତିକି ଜନସଂଖ୍ୟା ଭାରତରେ ପ୍ରତିବର୍ଷ ବଢୁଛି । ଏ ଦୁଇଦେଶ ମଧ୍ୟରେ କେତେ ଅନ୍ତର ଠିକ୍ ଭାବରେ ଏଥିରୁ ସ୍ପଷ୍ଟ ହୁଏ ।

ଅଷ୍ଟ୍ରେଲିଆରୁ ମୁଁ ୱେଲିଂଟନ ଅଭିମୁଖେ ଯାତ୍ରା କଲି ଓ ସେଠାରେ କମନୱେଲ୍‌ଥ ପାର୍ଲାମେଣ୍ଟାରୀ କନ୍‌ଫରେନ୍ସରେ ଯୋଗ ଦେଲି । ଭାରତୀୟ ପ୍ରତିନିଧି ମଣ୍ଡଳରେ ମୋ ସହିତ ପ୍ରଫେସର ଏନ୍.ଜି. ରଙ୍ଗାଙ୍କ ବ୍ୟତୀତ ସର୍ବଶ୍ରୀ ସ୍ୱାମୀନାଥନ୍, ଏସ୍. ଏମ୍. କ୍ରିଷ୍ଣ ତଥା ବମ୍ବେର ଜଣେ ମହିଳା ଡାକ୍ତର ଥିଲେ । ମହିଳା ଡାକ୍ତର ଜଣକ ରାଜ୍ୟ ବିଧାନସଭାର ସଦସ୍ୟା ଥିଲେ ।

ନ୍ୟୁଜିଲାଣ୍ଡ ସରକାର ମତେ ଟୀକା ନେବାରୁ ଛୁଟି ଦେଇଥିଲେ କିନ୍ତୁ ମୋ ରହିବା ପାଇଁ ଯେଉଁଠି ବ୍ୟବସ୍ଥା କରାଯାଇ ଥିଲା ସେଠାକୁ ସବୁଦିନେ ମତେ ଦେଖିବାକୁ ଜଣେ ଡାକ୍ତରଙ୍କୁ ପଠାଯାଉଥିଲା । ଡାକ୍ତର ଜଣକ ମତେ ବତାଇଲେ ଯେ, ''ଆପଣଙ୍କୁ ପ୍ରତିଦିନ ଦେଖିବାକୁ ସରକାରଙ୍କ ତରଫରୁ ମତେ ଆଦେଶ ମିଳିଛି । ଆପଣଙ୍କର ଆପତ୍ତି ନଥିଲେ ମୁଁ ପ୍ରତିଦିନ ଥରେ ଆସି ଆପଣଙ୍କୁ ଦେଖିଯିବି ।'' ମୁଁ କହିଲି, ''ଏଥିରେ ମୋର କୌଣସି ଆପତ୍ତି ନାହିଁ । କିନ୍ତୁ ଆପଣଙ୍କର କୌଣସି ଔଷଧ ମୁଁ ନେବି ନାହିଁ । ଏକଥା ଆପଣ ମଞ୍ଜୁର କଲେ ଭଲ ହେବ ।'' ସେ କହିଲେ, ''ତା'ର ପ୍ରଶ୍ନ ଉଠୁ ନାହିଁ ।'' ଏହିପରି ପ୍ରତିଦିନ ସେ ଆସୁଥିଲେ । ଚାରିପାଞ୍ଚ ଦିନ ଆସିବା ପରେ ସେ କହିଲେ ଯେ ଆଉ ମୋର ଆସିବାର ଆବଶ୍ୟକତା ନାହିଁ । ଏହା ତ ନାମମାତ୍ର ଦୈନିକ କାର୍ଯ୍ୟ ଅଟେ ଓ ଶେଷ ଦୁଇ ତିନି ଦିନ ସେ ଆସିଲେ ବି ନାହିଁ ।

ୱେଲିଂଟନ କନ୍‌ଫରେନ୍ସରେ ଅନେକ ବିଷୟ ଚର୍ଚ୍ଚା ହେଲା ଓ ପାକିସ୍ତାନ କାଶ୍ମୀର ପ୍ରଶ୍ନ ଉଠାଇଲା ମୁଁ ତାହାର ବିରୋଧ କଲି ଓ କହିଲି ଏପରି ସମ୍ମିଳନୀରେ ଏଭଳି ପ୍ରଶ୍ନ ଉଠାଇବାକୁ ଦେବା ଉଚିତ ନୁହେଁ । ଯଦି ଏ ପ୍ରଶ୍ନକୁ ବନ୍ଦ କରାଯାଇ ନପାରେ ତେବେ ମତେ ଏହାର ଜବାବ ଦେବା ପାଇଁ ଅବସର ମିଳିବା ଉଚିତ । ଅତଃ ଭାଷଣ ଦେବା ପାଇଁ ମତେ କୋଡିଏ ମିନିଟ ସମୟ ଦିଆଯାଇଥିଲା । କୋଡିଏ ମିନିଟିରେ ମଧ୍ୟ ମୁଁ କାଶ୍ମୀର ସମ୍ବନ୍ଧରେ ଭାରତୀୟ ଦୃଷ୍ଟିକୋଣ ସ୍ପଷ୍ଟ କରିଲି ଯାହାକି ଅଧିକାଂଶ ପ୍ରତିନିଧିମାନଙ୍କର ପସନ୍ଦ ହେଲା । ଏହିପରି, ପ୍ରତିନିଧିମାନଙ୍କ ଉପରେ ମୋ ଭାଷଣର ଉତ୍ତମ ପ୍ରଭାବ ପଡିଲା ।

ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କ ସହିତ ମୁଁ ସାକ୍ଷାତ କରିଲି । ନ୍ୟୁଜିଲାଣ୍ଡର ଗୋଟିଏ ଦୁଇଟି ସ୍ଥାନ ଦେଖିବାକୁ ମଧ୍ୟ ମୁଁ ଗଲି । ସେମାନଙ୍କର ଜାହାଜ ତିଆରି ଓ ଦୁଗ୍ଧ ଉତ୍ପାଦନ ଉଦ୍ୟୋଗ ମୁଁ ଦେଖିଲି । ଦେଶ ବଡ ମନୋହର -- ଏପରି ପ୍ରଭାବ ମୋ ଉପରେ ପଡିଲା । ସେଠାରେ ରହୁଥିବା ଭାରତୀୟମାନଙ୍କୁ ଭେଟିଥିଲି । ସେଥିରେ କେତେ ଲୋକ ମୋ ଜିଲ୍ଲାର ଥିଲେ । ସେମାନଙ୍କର ଗୋଟିଏ ସଭାରେ ମୁଁ ଭାଷଣ ଦେଲି ଓ ସେମାନଙ୍କ ସହିତ ଭୋଜନ କରିବାକୁ ବି ଯାଇଥିଲି ।

Digitized by srujanika@gmail.com

ନ୍ୟୁଜିଲାଣ୍ଡରେ ନା ତ କେହି ବହୁ ଧନବାନ ଅଛନ୍ତି ନା ତ କେହି ବହୁତ ଗରିବ । ସମସ୍ତଙ୍କ ପାଖରେ ରହିବାକୁ ଘର ଅଛି, ଝୋପଡ଼ ପଟି ତ ସେଠାରେ ଗୋଟିଏ ବୋଲି ନାହିଁ । ଏ ଦେଶ ବହୁତ ପ୍ରଗତି କରିଛି । ଏହାର ଲୋକସଂଖ୍ୟା ବହୁତ କମ୍ ଏହି କାରଣରୁ, ମୋର ଏଇ ଧାରଣା ଯେ ସେମାନେ ନିଜ ଜୀବନ ସ୍ତର ବହୁତ ଉଚ୍ଚକୁ ଉଠାଇ ପାରିଛନ୍ତି । ସେମାନଙ୍କୁ ବହୁତ ଜିନିଷ ବାହାରୁ ମଗାଇବାକୁ ପଡେ । କିନ୍ତୁ ନିଜ ଦୁଗ୍ଧ ଉଦ୍ୟୋଗର ଉତ୍ପାଦନ ସେମାନେ ବାହାରକୁ ପଠାନ୍ତି ଯେଉଁଥିରୁ ବାହାରୁ ଜିନିଷ ଆମଦାନୀ କରିବାକୁ ଯଥେଷ୍ଟ ବିଦେଶୀ ମୁଦ୍ରା ମିଳିଯାଏ ।

ଏହିପରି ନିଜ ଯାତ୍ରା ପୂରା କରି ମୁଁ ଭାରତ ଫେରିଲି ।

(୩୪) ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ

୧୯୬୭ ମସିହା ସାଧାରଣ ନିର୍ବାଚନ ପରେ ମୁଁ କଂଗ୍ରେସ ସଂସଦୀୟ ଦଳର ନେତା ପାଇଁ ପ୍ରାର୍ଥୀ ହେବାକୁ ଘୋଷଣା କଲି । ଶ୍ରୀ କାମରାଜ ସେତେବେଳେ ଇନ୍ଦିରାଜୀଙ୍କୁ ସମର୍ଥନ କରୁ ନଥିଲେ ଓ ମୋ ସହିତ ଅନ୍ୟାୟ କରିଥିବା କଥା ସ୍ୱୟଂ ସ୍ୱୀକାର କରିଥିଲେ । ଇନ୍ଦିରାଜୀଙ୍କ କେତେକ ବିଶେଷ ସମର୍ଥକ କଂଗ୍ରେସ ଅଧ୍ୟକ୍ଷ ତଥା ଅନ୍ୟ ଲୋକଙ୍କୁ କହିଲେ ଇନ୍ଦିରାଜୀଙ୍କୁ ନେତା ନିର୍ବାଚିତ କରାନଗଲେ ଚାଳିଶ ପଚାଶ ବ୍ୟକ୍ତି କଂଗ୍ରେସରୁ ଅଲଗା ହୋଇଯିବେ । ଏହା ଫଳରେ କଂଗ୍ରେସର ଆଗରୁ ଯେଉଁ ଦୁର୍ବଳ ପରିସ୍ଥିତି ଅଛି ତାହା ଆହୁରି ଦୁର୍ବଳ ହୋଇଯିବ । ଏ ଧମକରେ ସେ ଚିନ୍ତାରେ ପଡିଗଲେ । ମୁଁ ତାଙ୍କୁ କହିଲି, ''ମୋ ସକାଶେ କଂଗ୍ରେସ ବିଶୃଙ୍ଖଳ ହେଲେ ମୁଁ ତାହା କରିବାକୁ ଦେବି ନାହିଁ ଓ ନିର୍ବାଚନ ଲଢିବି ନାହିଁ, ତେଣୁ ଏପରି ଭୟର ଅବକାଶ ରହିବ ନାହିଁ ।'' କିନ୍ତୁ ତା ସହିତ ମୁଁ ମନ୍ତ୍ରୀମଣ୍ଡଳରେ ଯୋଗ ଦେଇ ପାରିବି ନାହିଁ ଏକଥା ମଧ୍ୟ ମୁଁ ତାଙ୍କୁ କହିଲି । ଶେଷରେ ଇନ୍ଦିରାଜୀ ସର୍ବସମ୍ମତି କ୍ରମେ ନେତା ନିର୍ବାଚିତ ହେଲେ ।

ଇନ୍ଦିରାଜୀ ୧୯୬୨ରୁ ମୋ ପ୍ରତି ପୂର୍ବାଗ୍ରହ ରଖିଥିଲେ ଓ ମତେ ନିଜର ଶତ୍ରୁ ଭାବୁଥିଲେ -- ଏପରି ମୋର ଧାରଣା ଥିଲା । କାମ କରିବା ନୀତି ଓ ସ୍ୱଭାବ ତାଙ୍କର ଭିନ୍ନ ଥିଲା -- ସମସ୍ତେ ତାଙ୍କ କଥା ମାନନ୍ତୁ ଏପରି ତାଙ୍କର ଆଗ୍ରହ ରହୁଥିଲା । କିନ୍ତୁ ଏହା ଲୋକତାନ୍ତ୍ରିକ ନ ଥିଲା । ଏଥିପାଇଁ ତାଙ୍କ ସହିତ କାମ କରିବା କଠିନ ଥିଲା । ଏଇଥିପାଇଁ ମଧ୍ୟ ମୁଁ ପ୍ରଥମରୁ କହି ଦେଇଥିଲି ଯେ ମୁଁ ତାଙ୍କ ମନ୍ତ୍ରୀମଣ୍ଡଳରେ ରହିବି ନାହିଁ । କିନ୍ତୁ ଶ୍ରୀ କାମରାଜ ତଥା ଅନେକ ମିତ୍ରଙ୍କର ଆଗ୍ରହ ଥିଲା ଯେ ମନ୍ତ୍ରୀମଣ୍ଡଳରେ ମତେ ରହିବା ଉଚିତ । ଏଥିପାଇଁ ସେମାନେ ଯୁକ୍ତି କରୁଥିଲେ କି ନିର୍ବାଚନରେ କଂଗେସ ଜିତି ତ ଯାଇଛି କିନ୍ତୁ ଏହାର ସ୍ଥିତି ବହୁତ ଦୁର୍ବଳ ଅଟେ । ବିରୋଧୀ ପକ୍ଷ ବହୁତ ଟାଣୁଆ ହୋଇଯାଇଛି । ଅତଃ ମୁଁ ଯଦି ମନ୍ତ୍ରୀମଣ୍ଡଳରେ ନ ରୁହେ ତେବେ ମନ୍ତ୍ରୀମଣ୍ଡଳ ସମ୍ଭବତଃ ଠିକ୍ ଭାବରେ ବିରୋଧୀ ଦଳର ସମ୍ମୁଖୀନ କରି ପାରିବେ ନାହିଁ । ଏହାଦ୍ୱାରା କଂଗ୍ରେସ ଆହୁରି ଅଧିକ ଦୁର୍ବଳ ହୋଇପଡିବ ଓ ଦେଶର ସ୍ୱାର୍ଥ କ୍ଷତିଗ୍ରସ୍ତ ହେବ ।

ମୋ ଖିଆଲରେ ଇନ୍ଦିରାଜୀଙ୍କ କିଛି ସମର୍ଥକ ତାଙ୍କ ଉପରେ ଏପରି ଚାପ ପକାଇଥିବେ କି ତାଙ୍କୁ ମୋର ସହଯୋଗ ପ୍ରାପ୍ତ କରିବା ଉଚିତ ଓ ମତେ ବୁଝାଇ କରି ମନ୍ତ୍ରୀମଣ୍ଡଳରେ ମିଶାଇବାକୁ ପ୍ରଯତ୍ନ କରିବା ଉଚିତ ନଚେତ ତାଙ୍କୁ ତାଙ୍କ କାମରେ ସଫଳତା ମିଳିବ ନାହିଁ । ଏଥିପାଇଁ ନେତା ନିର୍ବାଚିତ ହେବାର ଦ୍ୱିତୀୟ ବା ତୃତୀୟ ଦିନ ଇନ୍ଦିରାଜୀ ମତେ ଟେଲିଫୋନ କଲେ । ସେ ମୋର ସହଯୋଗ କାମନା କରିଲେ ଓ ସେହି

Digitized by srujanika@gmail.com

ସମ୍ବନ୍ଧରେ ମୋ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା ପ୍ରକାଶ କଲେ । ମୁଁ କହିଲି, ''ଏ ବିଷୟରେ କଥାବାର୍ତ୍ତା କରିବାକୁ ମୁଁ ଆପଣଙ୍କ ସେଠାକୁ ଆସିପାରିବି ନାହିଁ କାରଣ ମୁଁ ଆପଣଙ୍କ ସେଠାକୁ ଆସିଲେ ବହୁତ ଲୋକ ଏହାର ଅର୍ଥ ବାହାର କରିବେ ଯେ ମନ୍ତ୍ରୀମଣ୍ଡଳରେ ସାମିଲ ହେବା ପାଇଁ ମୁଁ ଆପଣଙ୍କ ସହିତ କଥାବାର୍ତ୍ତା କରିବାକୁ ଆସିଛି । ତେଣୁ ଏ ବିଷୟରେ କଥାବାର୍ତ୍ତା କରିବାକୁ ହେଲେ ଆପଣ ମୋ ଘରକୁ ଆସନ୍ତୁ ।'' ସେ ମୋ ପ୍ରସ୍ତାବ ସ୍ୱୀକାର କରି ମୋ ଘରକୁ ସକାଳ ଦଶଟାରେ ଆସିଲେ । ସନ୍ଧ୍ୟାରେ ଆମ ଦୁହିଁଙ୍କୁ ଶ୍ରୀ କାମରାଜଙ୍କ ସହିତ ସାକ୍ଷାତ କରିବାକୁ ଥିଲା ।

ସକାଳେ ଯେତେବେଳେ ସେ ମୋ ସହିତ ସାକ୍ଷାତ କରିବାକୁ ଆସିଲେ, ଶାସନ କାର୍ଯ୍ୟରେ ସହଯୋଗ କରିବା ପାଇଁ ମନ୍ତ୍ରୀମଣ୍ଡଳରେ ସାମିଲ ହେବା ବିଷୟ ସେ ମତେ କହିଲେ । ମୁଁ କହିଲି, ''ଆପଣଙ୍କ ମନରେ ମୋ ପ୍ରତି କିଛି ପୂର୍ବାଗ୍ରହ ଅଛି -- ଏପରି ମୁଁ ୧୯୬୨ରୁ ଦେଖୁଛି । ୧୯୬୨ ଶେଷ ଭାଗରେ ଏ ବିଷୟରେ ମୁଁ ଆପଣଙ୍କ ସହିତ କିଛି କଥାବାର୍ତ୍ତା ମଧ୍ୟ କରିଥିଲି । ଏ ପୂର୍ବାଗ୍ରହ ଆପଣଙ୍କ ମନରେ ବର୍ତ୍ତମାନ ଥିଲେ, ମୋ ପକ୍ଷରେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବା ନିରର୍ଥକ ହେବ । କାରଣ ଏପରି ବାତାବରଣରେ ମୁଁ ଠିକ୍ ଭାବେ କାମ କରିପାରିବି ନାହିଁ । ବର୍ତ୍ତମାନ ଯଦି ଖୋଲିକରି ଶୁଦ୍ଧ ମନରେ କଥାବାର୍ତ୍ତା କରା ନଯାଏ ତେବେ କୌଣସି ଲାଭ ହେବ ନାହିଁ । ତେଣୁ ପ୍ରଥମେ ଆପଣ ମତେ କୁହନ୍ତୁ କି ଆପଣଙ୍କ ମନରେ ମୋ ପ୍ରତି ସେଇ ଭାବ ଅଛି ନା କିଛି ପରିବର୍ତ୍ତନ ହୋଇଛି ।'' ମୁଁ ସ୍ପଷ୍ଟତା ସହିତ କହିଲି, ''ଏପରି ସମୟ ବି ଆସିପାରେ ଯେ ମୋର କୌଣସି କଥା ଆପଣଙ୍କ ପସନ୍ଦ ହେବ ନାହିଁ ଓ ସେଥିରେ ଆପଣଙ୍କୁ ଖରାପ ମଧ୍ୟ ଲାଗିପାରେ । ଏପରି କରି ନିଜ ସମ୍ବନ୍ଧ ଆଉ ବିଗାଡିବାକୁ ଚାହୁଁ ନାହିଁ । ତେଣୁ ଏ ବିଷୟରେ ଆପଣ ନିଜର ମତ ବର୍ତ୍ତମାନ ସ୍ପଷ୍ଟ କରିଦେଲେ ଠିକ୍ ହେବ ।'' ସେ ପଛକଥା ଭୁଲି ଯିବାକୁ କହିଲେ ଓ ମତେ ଆଶ୍ୱାସନା ଦେଲେ ଯେ ମୋ ଉପରେ ତାଙ୍କର କୌଣସି ପୂର୍ବାଗ୍ରହ ନାହିଁ ।

ମୁଁ ତାଙ୍କୁ ଏକଥା ବି କହିଲି, ''ଆପଣ ଯଦି ମୋ ସହାୟତା ଚାହାନ୍ତି ତାହାହେଲେ ମତେ ସାହାଯ୍ୟ କରିବା ପରିସ୍ଥିତିରେ ରଖିଲେ ସିନା ସାହାଯ୍ୟ କରିପାରିବି, ନହେଲେ ସାହାଯ୍ୟ କରିବା ମୋ ପକ୍ଷରେ ମୁସ୍କିଲ ହେବ ।'' ସେ ପଚାରିଲେ ''ତାହା କିପରି ହୋଇପାରିବ ?'' ତା'ପରେ ମୁଁ କହିଲି, ''ଆପଣଙ୍କ ଅନୁପସ୍ଥିତିରେ ଆପଣଙ୍କ ତରଫରୁ ମୁଁ ଅଧିକାର ପୂର୍ବକ କଥା କହିପାରିଲେ, ମନ୍ତ୍ରୀମଣ୍ଡଳରେ ଆପଣଙ୍କ ସାଥିରେ ରହି ଆପଣଙ୍କୁ ସାହାଯ୍ୟ କରିପାରିବି । ଏକଥା ସମ୍ଭବ ହୋଇପାରିବ ଯଦି ମତେ ଉପ-ପ୍ରଧାନମନ୍ତ୍ରୀ ପଦ ଦିଆଯାଏ । ମୋର କୌଣସି ପଦପାଇଁ ଆକାଙ୍କ୍ଷା ନାହିଁ, ନା ମନ୍ତ୍ରୀମଣ୍ଡଳରେ ଯୋଗ ଦେବା ପାଇଁ ଇଚ୍ଛା ଅଛି । କିନ୍ତୁ ଯେଉଁ ପରିସ୍ଥିତିରେ ଆପଣ ମୋର ଉପଯୋଗ କରିବାକୁ ଚାହୁଁଛନ୍ତି, ସେଥିରେ ଯଦି ମତେ ଏପରି ସ୍ଥାନ ନ ଦିଆଯାଏ ତେବେ ମୁଁ ଆପଣଙ୍କର ସହାୟକ ହୋଇ ପାରିବି ନାହିଁ । ଏଥିରେ ମୋ ମନରେ ସନ୍ଦେହ ନାହିଁ । ଏଥର ସଂସଦକୁ ବହୁତ ଦକ୍ଷ ବ୍ୟକ୍ତି ବିପକ୍ଷ ଦଳରେ ଆସିଛନ୍ତି ଓ ସେମାନେ ଭାଷଣ ଦେବାରେ ସୁଦକ୍ଷ ଅଟନ୍ତି । ସେମାନଙ୍କର ସମ୍ମୁଖୀନ ଆପଣଙ୍କ ଅପେକ୍ଷା ମୁଁ ଖୁବ୍ ଭଲ ଭାବରେ କରିପାରେ, କାରଣ ଏଥିରେ ମୋର ଯେତେ ଅନୁଭୂତି ଅଛି ଆପଣଙ୍କର ସେତେ ନାହିଁ । ବିରୋଧୀ ପକ୍ଷକୁ ମୁଁ ପ୍ରଭାବକାରୀ ଜବାବ ଦେଇପାରିବା ପାଇଁ ମତେ ଗୃହ ବିଭାଗ ଦେବା ଜରୁରୀ ଅଟେ ।''

ଇନ୍ଦିରାଜୀ ଉପ-ପ୍ରଧାନମନ୍ତ୍ରୀ ପଦ ମତେ ଦେବା ପାଇଁ କୌଣସି ଆଗ୍ରହ ଦେଖାଇଲେ ନାହିଁ । ଏ ବିଷୟରେ ସେ ମନାକଲେ ନାହିଁ କି ହଁ ବି କହିଲେ ନାହିଁ । କିନ୍ତୁ ଗୃହ ବିଭାଗ ବିଷୟରେ କହିଲେ, ''ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କ ପାଖରେ ବର୍ତ୍ତମାନ ସେ ବିଭାଗ ଅଛି ଓ ସେଥିରେ କୌଣସି ପରିବର୍ତ୍ତନ କଲେ

Digitized by srujanika@gmail.com

ତାଙ୍କୁ ଖରାପ ଲାଗିବ ।'' ମୁଁ କହିଲି, ''ରାଜ୍ୟମାନଙ୍କରେ ଆଜି ଯେଉଁ ସ୍ଥିତି ହୋଇଛି ସେଥିରେ ଉପଯୋଗୀ ହେବାକୁ ହେଲେ ଗୃହ ବିଭାଗ ମୋ ପାଖରେ ରହିବା ଜରୁରୀ ଅଟେ । ଶ୍ରୀ ଯଶବନ୍ତ ଚୌହ୍ୱାନ କେତେ ବର୍ଷ ମୋ ଅଧୀନରେ କାମ କରିଛନ୍ତି । ସୁତରାଂ ମୋର ବିଶ୍ୱାସ ଗୃହ ବିଭାଗ ମତେ ଦିଆଗଲେ ସେ ଖରାପ ଭାବିବେ ନାହିଁ; ଏ କାମରେ ତାଙ୍କ ଅପେକ୍ଷା ଅଧିକ ଅନୁଭୂତି ମୋର ଅଛି ଓ ମୁଁ ଖୁବ୍ ଭଲଭାବରେ ଏ କାମ ଚଳାଇପାରିବି ।''

ଏ କଥାବାର୍ତ୍ତା ଏଠାରେ ଅଧୁରା ରହିଲା ଏବଂ ସେ ଚାଲିଗଲେ । ଏହାପରେ ଶ୍ରୀ କାମରାଜଙ୍କ ବାସଭବନରେ ସନ୍ଧ୍ୟାରେ ଆମେ ଭେଟିଥିଲୁ ।

ଇତି ମଧ୍ୟରେ, ଦ୍ୱିପହର ବେଳେ ଜଣେ ସଂସଦ ସଦସ୍ୟ ଆସି ମତେ କହିଲେ ଯେ, ''ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲରେ ଏକଥା ବଡ ଚର୍ଚ୍ଚା ହେଉଛି ଯେ ଆପଣ, ଇନ୍ଦିରା ଗାନ୍ଧୀ ଓ ଯଶବନ୍ତ ରାୟ ଚୌହ୍ୱାନଙ୍କ ସମ୍ବନ୍ଧରେ କହିଛନ୍ତି ଯେ ସେମାନେ ନିଜ ବିଭାଗ ପାଇଁ ଯୋଗ୍ୟ ନୁହନ୍ତି ।'' ଇନ୍ଦିରାଗାନ୍ଧୀଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହୋଇଥିଲା ସେଥିରେ ସେ ଓ ମୋ ଛଡା ଅନ୍ୟ କେହି ନଥିଲେ ଓ ଏ କଥାବାର୍ତ୍ତା ପରେ ସେ ସମ୍ବନ୍ଧରେ ନା ତ ମୋର କାହା ସହିତ କଥାବାର୍ତ୍ତା ହୋଇଛି, ନା କାହା ସହିତ ମୁଁ ମିଳିଛି । ଏଥିରୁ ମତେ ଲାଗିଲା ଯେ ସେଣ୍ଟ୍ରାଲ ହଲରେ ଯଦି ଏପରି ଚର୍ଚ୍ଚା ହେଉଛି ତାହାହେଲେ ଇନ୍ଦିରାଜୀଙ୍କ ତରଫରୁ କାହାକୁ ଏପରି କୁହାଯାଇଥିବ । ଏଥିରୁ ମୋର ହୃଦୟଙ୍ଗମ ହେଲା ଯେ ଇନ୍ଦିରାଜୀଙ୍କ ମୋ ବିରୁଦ୍ଧରେ ଯେଉଁ ପୂର୍ବାଗ୍ରହ ଥିଲା ତାହା ବଜାୟ ରହିଛି । ମୁଁ ତାଙ୍କୁ କେବେ ହେଲେ କହି ନଥିଲି ଯେ ସେ ପ୍ରଧାନମନ୍ତ୍ରୀ ପଦ ପାଇଁ ଅଯୋଗ୍ୟ ନା ଏକଥା କହିଥିଲି ଯେ ଶ୍ରୀ ଯଶବନ୍ତ ରାୟ ଚୌହ୍ୱାନ ଗୃହ ବିଭାଗ ପାଇଁ ଯୋଗ୍ୟ ନୁହନ୍ତି । କିନ୍ତୁ ଏ କଥା ସତ ଯେ ଇନ୍ଦିରାଜୀ କାହାକୁ ଏପରି କହି ନଥିଲେ, ସେଣ୍ଟ୍ରାଲ ହଲରେ ଏଭଳି ଚର୍ଚ୍ଚା ହୋଇପାରି ନଥାନ୍ତା । ତେଣୁ ଏ ଖବରରେ ମତେ ବହୁତ ଦୁଃଖ ଲାଗିଲା ।

ସନ୍ଧ୍ୟାକୁ ଯେତେବେଳେ ଶ୍ରୀ କାମରାଜଙ୍କ ବାସଭବନରେ ଆମେ ମିଳିଲୁ ସେତେବେଳେ ମୁଁ ଇନ୍ଦିରାଜୀଙ୍କୁ ପଚାରିଲି କ'ଣ ଆପଣ କୌଣସି ସଦସ୍ୟଙ୍କୁ ଏପରି କହିଛନ୍ତି ? ଏହା ବି ମୁଁ ତାଙ୍କୁ ପଚାରିଲି, ''ମୁଁ ଆପଣଙ୍କୁ କେବେ କହିଛି ଯେ ଆପଣ ପ୍ରଧାନମନ୍ତ୍ରୀ ପଦ ପାଇଁ ଅଯୋଗ୍ୟ ଅଟନ୍ତି ଓ ଶ୍ରୀ ଚୌହ୍ୱାନ ଗୃହ ବିଭାଗ ପାଇଁ ଯୋଗ୍ୟ ନୁହନ୍ତି ।'' ସେ ଏପରି କୌଣସି କଥା କାହାକୁ କହିଛନ୍ତି ବୋଲି ମନା କଲେ ଓ କହିଲେ, ''ଏ ବିଷୟରେ ମୁଁ କାହାରିକୁ କିଛି କହି ନାହିଁ ।'' ମୁଁ ତାଙ୍କୁ ପଚାରିଲି ଯେ ଏପରି ନିରାଧାର କଥା ସେଣ୍ଟ୍ରାଲ ହଲରେ କିପରି ପଡିପାରେ ଓ ଏହା ବି ଦୁଇ ଘଣ୍ଟା ଭିତରେ ? କିନ୍ତୁ ସେ ସ୍ପଷ୍ଟ ମନା କଲେ ଓ କହିଲେ ଯେ ଏ ବିଷୟରେ ସେ କାହାରି ସହିତ କୌଣସି କଥା ହୋଇନାହାନ୍ତି । ବିଷମ ସ୍ଥିତିରୁ ଏହିପରି ଭାବେ ସେ ସାଧାରଣତଃ ଖସିଯାଆନ୍ତି -- ଏକଥା ମୁଁ ଆଗରୁ ଜାଣିଥିଲି । ସେ ଯେତେବେଳେ ସ୍ପଷ୍ଟ ମନା କରିଦେଲେ ସେତେବେଳେ ଆଉ କିଛି କହିବା କଷ୍ଟକର ହେଲା । କଥାବାର୍ତ୍ତା ବେଳେ ସେ ମତେ ଅର୍ଥ ବିଭାଗ ନେବାକୁ ଆଗ୍ରହ କଲେ । କିନ୍ତୁ ଅର୍ଥ ବିଭାଗ ନ ନେବାକୁ ନିର୍ଣ୍ଣୟ ମୁଁ ବହୁତ ଆଗରୁ କରିସାରିଥିଲି ତେଣୁ କହିଦେଲି ଯେ ଅର୍ଥ ବିଭାଗ ନେବାକୁ ମୁଁ ପ୍ରସ୍ତୁତ ନୁହେଁ ।

ଶ୍ରୀ କାମରାଜ ଓ ମୋ ମଧ୍ୟରେ ଏ ବିଷୟରେ ପୁଣି କଥାବାର୍ତ୍ତା ହୋଇଥିଲା । ଶ୍ରୀ କାମରାଜଙ୍କ ପ୍ରସ୍ତାବ ବୁଝାମଣା କରିବା ଦିଗରେ ଥିଲା । ପ୍ରଧାନମନ୍ତ୍ରୀ ମତେ ଉପ-ପ୍ରଧାନମନ୍ତ୍ରୀ କରନ୍ତୁ ଓ ମୁଁ ଅର୍ଥ ବିଭାଗ ସ୍ୱୀକାର କରେ -- ଏହି ପ୍ରକାର କଥା ସେ କହିଲେ । ଏହାପରେ ଆମେ କାର୍ଯ୍ୟ ସମିତି ବୈଠକକୁ ଗଲୁ । ସେଠାରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା ହେଲା । ସବୁ ସଦସ୍ୟ ଚାହୁଁଥିଲେ ଯେ ଶୀଘ୍ର କିଛି ନିଷ୍ପତ୍ତି ହୋଇଯାଉ

Digitized by srujanika@gmail.com

ସେମାନେ ଚାହୁଁଥିଲେ ଯେ ମୁଁ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଯାଏ ଓ ଏ ବିଷୟରେ କଥାବାର୍ତ୍ତା ହୋଇଯିବା ଉଚିତ । ଇନ୍ଦିରାଜୀ କହିଲେ ମୁଁ କଥାବାର୍ତ୍ତା ପାଇଁ ପ୍ରସ୍ତୁତ ଅଛି । ସେଠାରେ ମଧ୍ୟ ଶ୍ରୀ କାମରାଜ ପ୍ରସ୍ତାବ ଦେଲେ ଯେ ମତେ ଉପ-ପ୍ରଧାନମନ୍ତ୍ରୀ ରୂପେ ମନ୍ତ୍ରୀମଣ୍ଡଳରେ ଯୋଗ ଦେଇ ଅର୍ଥ ବିଭାଗ ସମ୍ଭାଳିବା ଉଚିତ ।

ସେଠାରୁ ଆମେ ପୁଣି ଶ୍ରୀ କାମରାଜଙ୍କ ବାସଭବନକୁ ଗଲୁ ଓ ଏ ସମ୍ବନ୍ଧରେ ପୁଣି କଥାବାର୍ତ୍ତା ହେଲୁ । ଅର୍ଥ ବିଭାଗ ସମ୍ଭାଳିବାରେ ନିଜର ଅସୁବିଧା ବୁଝାଇଲି ଓ କହିଲି ଯେ ୧୯୬୬ରେ ଯେଉଁ ଅନୁଭୂତି ହେଲା ସେଥିରୁ ମୋର ହୃଦବୋଧ ହୋଇଛି ଯେ ଅର୍ଥ ବିଭାଗ ନେବା ମୋ ପକ୍ଷରେ ଉଚିତ ନୁହେଁ । ଏହାପରେ କୌଣସି ନିଷ୍ପତ୍ତିରେ ନ ପହଞ୍ଚି ଆମେ ବିଦାୟ ନେଲୁ ।

ସେଇ ରାତି ନ'ଟା ବେଳେ ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତା ମତେ ସାକ୍ଷାତ କରିବାକୁ ଆସିଥିଲେ । ସେ ମତେ କହିଲେ ଯେ ସେ ଇନ୍ଦିରାଜୀଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରିଛନ୍ତି ଓ ମତେ ଅର୍ଥ ବିଭାଗ ସହିତ ଉପ-ପ୍ରଧାନମନ୍ତ୍ରୀ ପଦ ସ୍ୱୀକାର କରିନେବା ଉଚିତ । ମୁଁ କହିଲି କି ଇନ୍ଦିରାଜୀଙ୍କ ସହିତ ସିଧା କଥାବାର୍ତ୍ତା କରିବା ପରେ ମୁଁ ଏହା କରିପାରେ । ତା'ପରେ ସେ ସିଧା ଇନ୍ଦିରାଜୀଙ୍କ ପାଖକୁ ଗଲେ । ପ୍ରାୟ ସାଢେ ଦଶଟା ପର୍ଯ୍ୟନ୍ତ ନ ଫେରିବାରୁ ମୁଁ ଅପେକ୍ଷା କରି ଶୋଇବାକୁ ଗଲି । ରାତି ବାରଟା ପରେ ସେ ଫେରିଲେ ଓ କହିଲେ ଯେ ବହୁତ କଥାବାର୍ତ୍ତା ପରେ ପ୍ରଧାନମନ୍ତ୍ରୀ ଏକଥା ମଞ୍ଜୁର କରିଲେ, ତେଣୁ ମତେ ମାନିନେବା ଉଚିତ । ସେ କହିଲେ ଯେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ତଥା ଶ୍ରୀ ଅଶୋକ ମେହେତାଙ୍କ ସମର୍ଥକ କେତେକ ସଦସ୍ୟ ଶ୍ରୀ କାମରାଜଙ୍କ ପାଖକୁ ଯାଇ ମତେ ଉପ-ପ୍ରଧାନମନ୍ତ୍ରୀ କରିବାର ବିରୋଧ କରିଥିଲେ । ଏକଥା ମଧ୍ୟ ସେ କହିଲେ ଯେ ଇନ୍ଦିରାଜୀଙ୍କ ସେଠାରେ ଏତେ ଲମ୍ବା କଥାବାର୍ତ୍ତା ଏଇଥି ପାଇଁ ଚାଲିଥିଲା ଯେ ଇନ୍ଦିରାଜୀଙ୍କ ସାଥୀ ଏହାର ବିରୋଧ କରୁଥିଲେ । ତଥାପି ସେ ଓ ଶ୍ରୀ ଦ୍ୱାରିକା ପ୍ରସାଦ ମିଶ୍ର ଇନ୍ଦିରାଜୀଙ୍କ ଠାରେ ଆଗ୍ରହ କଲେ ଯେ ଏହାକୁ ମାନି ନେବାରେ ଦେଶର ମଙ୍ଗଳ ଅଛି ଓ ସେ ଏହା ସ୍ୱୀକାର ନକଲେ ତାଙ୍କ ପ୍ରତି ଦୁଇଜଣଙ୍କର ସମର୍ଥନ ରହିବ ନାହିଁ । ଏହା ଶୁଣିବା ପରେ ହିଁ ଇନ୍ଦିରାଜୀ ତାଙ୍କ କଥା ମାନିଲେ ।

ମୁଁ ଗୁପ୍ତାଜୀଙ୍କୁ କହିଲି, "ଆପଣଙ୍କ କଥା ମୁଁ ବୁଝି ପାରିଛି । ତଥାପି ଏଥିପାଇଁ ଇନ୍ଦିରାଜୀ ସ୍ୱୟଂ ମୋ ସହିତ କଥା ହେବେ, ତେବେ ମୁଁ ନିଜର ସ୍ପଷ୍ଟ ନିର୍ଣ୍ଣୟ ଦେଇପାରିବି ।" ସେ କହିଲେ, "ଇନ୍ଦିରାଜୀ ସକାଳେ ଆପଣଙ୍କ ସହିତ କଥାବାର୍ତ୍ତା ହେବେ ।"

ପରଦିନ ଦଶଟା ପାଖାପାଖି ଇନ୍ଦିରାଜୀଙ୍କ ଟେଲିଫୋନ ମତେ ମିଳିଲା । ସେ କହିଲେ ଯେ ଆପଣଙ୍କ ସହିତ କଥାବାର୍ତ୍ତା କରିବାର ଅଛି, ତେଣୁ ଦୟାକରି ସାକ୍ଷାତ କରନ୍ତୁ । ତା'ପରେ ପରେ ଶ୍ରୀ କାମରାଜଙ୍କ ଡ଼ାକରା ଆସିଲା । ମୁଁ କହିଲି କି ଏଇ ମାତ୍ର ଇନ୍ଦିରାଜୀଙ୍କ ଫୋନ ଆସିଥିଲା । ତେଣୁ ପ୍ରଥମେ ମୁଁ ସେଠାକୁ ଯାଉଛି । ତାଙ୍କ ସହିତ କଥାବାର୍ତ୍ତା ପରେ ଆପଣଙ୍କୁ ଦେଖା କରିବି ।

ଏହା କହି ମୁଁ ଇନ୍ଦିରାଜୀଙ୍କୁ ଦେଖା କରିବାକୁ ଗଲି । ଇନ୍ଦିରାଜୀଙ୍କୁ ଯେଉଁ କୋଠରୀରେ ମୋ ସହିତ କଥାବାର୍ତ୍ତା କରିବାର ଥିଲା ସେଠାରେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ତଥା ଶ୍ରୀ ଜଗଜ୍ଜୀବନ ରାମ ବସିଥିବାର ଦେଖିଲି । ପରେ ତତ୍‌କାଳ ଇନ୍ଦିରାଜୀ ସେଠାକୁ ଆସିଗଲେ । ଏଥିରୁ ମୁଁ ବୁଝିଗଲି ଯେ ଏ ଦୁଇଜଣ ଏ କଥାବାର୍ତ୍ତାରେ ଯୋଗଦେବାକୁ ଚାହାଁନ୍ତି । ଏଥିରେ ମତେ ଟିକେ ଧକ୍କା ଲାଗିଲା କାରଣ ଇନ୍ଦିରାଜୀ ଆଗରୁ ଏପରି କିଛି କହି ନଥିଲେ । ଇନ୍ଦିରାଜୀ କଥା ଆରମ୍ଭ କରି କହିଲେ, "ଆପଣ ମତେ ଓ ମୋ ସାଥିମାନଙ୍କୁ ଦୁର୍ବଳ ଭାବୁଛନ୍ତି । ଏପରି ମାନି ଆପଣ ମନ୍ତ୍ରୀମଣ୍ଡଳକୁ ଆସିଲେ ମୁଁ ମନ୍ତ୍ରୀମଣ୍ଡଳକୁ ଭଲା କିପରି ମଜବୁତ

Digitized by srujanika@gmail.com

କରିପାରିବି ?'' ମୁଁ କହିଲି, ''ଏହାର ଅର୍ଥ ହେଲା ଯେ ସେଣ୍ଟ୍ରାଲ ହଲରେ କାଲି ଯେଉଁ ଚର୍ଚ୍ଚା ହୋଇଥିଲା ଆପଣ ତାହାର ପୁଷ୍ଟି କରୁଛନ୍ତି ଯଦିଓ ଆପଣ ମନା କରିଥିଲେ।'' ଆଉ ମଧ୍ୟ ମୁଁ କହିଲି, ''ଆପଣଙ୍କ ମନରେ ଯଦି ଏହି ଧାରଣା ଅଛି; ଆପଣ ଅନୁଭବ କରନ୍ତି ଯେ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇ ମୁଁ ଆପଣଙ୍କୁ ଦୁର୍ବଳ କରି ପକାଇବି ଓ ଯଦି ଆମ ମଧ୍ୟରେ ଏହିପରି ସମ୍ବନ୍ଧ ରହିବ ତେବେ ଆପଣଙ୍କୁ ମତେ ମନ୍ତ୍ରୀମଣ୍ଡଳରେ ନେବା ଉଚିତ ନୁହେଁ । ମନ୍ତ୍ରୀମଣ୍ଡଳରେ ସାମିଲ ହେବା ପାଇଁ ମୁଁ କୌଣସି ଇଚ୍ଛା ବ୍ୟକ୍ତ କରିନାହିଁ । ଆପଣ ମତେ ସେଥିପାଇଁ ଆଗ୍ରହ କରି ପରେ ଏଭଳି ପ୍ରଶ୍ନ କଲେ, ତା'ର ଅର୍ଥ ହେଲା କି ମତେ ମନ୍ତ୍ରୀମଣ୍ଡଳରେ ଯୋଗଦେବା ଉଚିତ ନୁହେଁ ।'' ସେ କହିଲେ କି, ''ଏ ସବୁ କହି ଭୁଲ ବୁଝାମଣା ଦୂର କରିବା ଛଡ଼ା ମୋର ଅନ୍ୟ କିଛି ଉଦ୍ଦେଶ୍ୟ ନାହିଁ ।''ଏହାପରେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ଓ ଜଗଜ୍ଜୀବନ ରାମ ମତେ କହିଲେ କି, ''ଉପ-ପ୍ରଧାନମନ୍ତ୍ରୀର ଅର୍ଥ କ'ଣ ଓ ତାଙ୍କର କର୍ତ୍ତବ୍ୟ କ'ଣ -- ଏ ବିଷୟରେ ଆପଣ କିଛି ବତାଇଲେ ଠିକ୍ ହେବ ।'' ମୁଁ ସେମାନଙ୍କୁ କହିଲି, ''ଉପ-ପ୍ରଧାନମନ୍ତ୍ରୀ ବିଷୟରେ ମୁଁ ଏତିକି କହିବି ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମଧ୍ୟ ଉପ-ପ୍ରଧାନମନ୍ତ୍ରୀ ଥିଲେ । ସୁତରାଂ ଏ ବିଷୟରେ ବିଶେଷ ସ୍ପଷ୍ଟୀକରଣର ଆବଶ୍ୟକତା ନାହିଁ । ତଥାପି ଏହାର ଅର୍ଥ ଅବଶ୍ୟ ଏହା ଯେ ମନ୍ତ୍ରୀମଣ୍ଡଳରେ ଅନ୍ୟ ମନ୍ତ୍ରୀମାନଙ୍କ ଠାରୁ ତାଙ୍କ ସ୍ଥାନ ଉଚ୍ଚ ଅଟେ ଓ ତାଙ୍କ ମହତ୍ୱ ମଧ୍ୟ ଅଧିକ ଅଟେ ।'' ସେମାନେ କହିଲେ, ''ତା' ମାନେ, ଆପଣ ଅନ୍ୟ ମନ୍ତ୍ରୀମାନଙ୍କୁ ଆଦେଶ ମଧ୍ୟ ଦେଇ ପାରିବେ ।'' ମୁଁ ଶ୍ରୀ ଯଶବନ୍ତ ରାଓଙ୍କୁ କହିଲି, ''ଆପଣ ତ ଅନେକ ବର୍ଷ ପର୍ଯ୍ୟନ୍ତ ମୋ ସହିତ କାମ କରିଛନ୍ତି, ତଥାପି ଆପଣ ଏପରି ପ୍ରଶ୍ନ କରୁଛନ୍ତି ? ଏହା ଆଶ୍ଚର୍ଯ୍ୟ କଥା ! ଉପ-ପ୍ରଧାନମନ୍ତ୍ରୀ ଅନ୍ୟ ମନ୍ତ୍ରୀମାନଙ୍କୁ ଆଦେଶ ଦେଇ ପାରିବେ ନାହିଁ କିନ୍ତୁ ପରାମର୍ଶ ଦେଇ ପାରିବେ ଓ ଏପରି ପରାମର୍ଶକୁ ମାନିବା ବା ନମାନିବା ତାଙ୍କ ବିବେକ ଉପରେ ନିର୍ଭର କରେ । ଏହା ସ୍ପଷ୍ଟ ଯେ ଏ ସ୍ଥାନର ମହତ୍ୱ ଅନ୍ୟ ମନ୍ତ୍ରୀମାନଙ୍କ ଅପେକ୍ଷା ଅଧିକ ଅଟେ । ସେମାନେ କହିଲେ, ''ଆମ ବୁଝିବାରେ ଉପ-ପ୍ରଧାନମନ୍ତ୍ରୀ ଅର୍ଥ ତାଙ୍କ ସ୍ଥାନ ମନ୍ତ୍ରୀମଣ୍ଡଳରେ ଦ୍ୱିତୀୟରେ । ଏହାଛଡା ସେ ପଦର ଅନ୍ୟ କୌଣସି ମହତ୍ୱ ନାହିଁ ।'' ମୁଁ କହିଲି, ''ୱାରେଣ୍ଟ ଅଫ ପ୍ରିସିଡେନ୍ସରେ ତାଙ୍କ ସ୍ଥାନ ଅଧିକ ଉଚ୍ଚରେ ।'' ସେ କହିଲେ, ''ଏ କଥା ଠିକ୍ ନୁହେଁ, କାରଣ ଆମେ ସେ ବିଷୟ ପଚାରି ବୁଝି ସାରିଛୁ ।'' ମୁଁ କହିଲି, ''ଆପଣ ଠିକ ବୁଝି ନାହାଁନ୍ତି । ମୁଁ ଯାହା କହୁଛି ଠିକ୍ । ସେ କାଗଜ ସବୁକୁ ପୁଣି ଦେଖିଲେ ମୁଁ ଯାହା କହୁଛି ତା'ର ଯଥାର୍ଥତା ଆପଣ ବୁଝିପାରିବେ ।'' ଏହାପରେ ଜଗଜ୍ଜୀବନ ରାମ ପଚାରିଲେ, ''ଉପ-ପ୍ରଧାନମନ୍ତ୍ରୀର ଏ ଅର୍ଥ ବି ହେଉଛି ଯେ ପ୍ରଧାନମନ୍ତ୍ରୀ ନିଜ ମନ୍ତ୍ରୀମଣ୍ଡଳ ଗଠନ କରିବା ବେଳେ ଉପ-ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ବା ସମ୍ମତିରେ ଗଠନ କରିବେ ।'' ମୁଁ କହିଲି, ''ଏହା ଏକ ବିଚିତ୍ର ପ୍ରଶ୍ନ ଅଟେ । ତାଙ୍କ ପରାମର୍ଶ ନିଆଗଲେ ସେ ଦେଇପାରିବେ । ପ୍ରଧାନମନ୍ତ୍ରୀ ନିଜର କୌଣସି କାମ ଉପ-ପ୍ରଧାନମନ୍ତ୍ରୀଙ୍କୁ ସମର୍ପିଲେ, ତାଙ୍କ ତରଫରୁ ସେ କାମ କରିପାରିବେ । ଏତିକି ମାତ୍ର ଏହାର ଅର୍ଥ ଅଟେ । ପରାମର୍ଶ ମାଗିଲେ ପରାମର୍ଶ ଦିଆଯିବ । ତଥାପି ପରାମର୍ଶ ତ ପରାମର୍ଶ ଅଟେ । ତା'କୁ ଆଦେଶ କୁହାଯାଇ ପାରିବ ନାହିଁ ।''

ତଥାପି ଏ ପ୍ରକାର ଜେରାରେ ମତେ ବହୁତ ଦୁଃଖ ଲାଗିଲା ଓ ତୁରନ୍ତ ମୁଁ ଇନ୍ଦିରାଜୀଙ୍କ ସାମ୍ନାରେ ଏହାର ବିରୋଧ କଲି । ମୁଁ କହିଲି, ''ଆପଣ ମତେ କଥାବାର୍ତ୍ତା ପାଇଁ ଡାକି ଏପରି ଅପମାନଜନକ ସ୍ଥିତିରେ ପକାଇ ଦେଲେ । ଏ ଦୁଇଜଣଙ୍କୁ କଥାବାର୍ତ୍ତା ବେଳେ ରଖିବାର ଅର୍ଥ ଏହା ହୋଇପାରେ ଯେ ସାକ୍ଷୀ ହିସାବରେ ସେମାନଙ୍କୁ ରଖାଯାଇଥିଲା । ଏଥିରୁ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀଙ୍କର ମୋ ଉପରେ ବିଶ୍ୱାସ ନାହିଁ । ଏପରି ପରିସ୍ଥିତିରେ ମୁଁ ମନ୍ତ୍ରୀମଣ୍ଡଳରେ ଯୋଗଦେଇ ପାରିବି ନାହିଁ । ତେଣୁ ବର୍ତ୍ତମାନ ଆପଣ ମତେ ଏଥିପାଇଁ ଆଗ୍ରହ କରିବା ଉଚିତ ନୁହେଁ ।'' ତା'ପରେ ପ୍ରଧାନମନ୍ତ୍ରୀ କହିଲେ ତାଙ୍କର ଏ ଉଦ୍ଦେଶ୍ୟ ନଥିଲା । ଦୁଇ ସାଥୀ ଅବଶୋଷ ବ୍ୟକ୍ତ କଲେ । ମୁଁ ସେ ସମୟରେ ଉଠି ଛିଡ଼ା ହୋଇ ଯାଇଥିଲି । ଅତଃ ଯିବାକୁ ଅନୁମତି ମାଗି କହିଲି କି, ''ଏ

Digitized by srujanika@gmail.com

ସବୁର ଅର୍ଥ ମୁଁ ବୁଝିପାରୁ ନାହିଁ ।'' ତା'ପରେ ଇନ୍ଦିରାଜୀ କହିଲେ, ''ଆପଣ ଉପ-ପ୍ରଧାନମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ରୂପେ ମନ୍ତ୍ରୀମଣ୍ଡଳରେ ଯୋଗ ଦିଅନ୍ତୁ, ଏହା ମୋର ଇଚ୍ଛା ଅଟେ ଓ ଏଥିପାଇଁ ମୁଁ ଆପଣଙ୍କୁ ଆଗ୍ରହ ମଧ୍ୟ କରୁଛି ।'' ମୁଁ କହିଲି, ''ଶ୍ରୀ କାମରାଜ ମତେ ଡାକିଛନ୍ତି । ତେଣୁ ଏଠାରୁ ମତେ ତାଙ୍କ ପାଖକୁ ଯିବାକୁ ହେବ । ସେଠାରେ ଯାଇ ଏଠାରେ ହୋଇଥିବା କଥାବାର୍ତ୍ତା ତାଙ୍କୁ ବତାଇ ପାରିବି କି ? ଆପଣଙ୍କ ସମ୍ମତି ଥିଲେ ବତାଇବି, ନୋହିଲେ ନାହିଁ ।'' ସେ କହିଲେ, ''ଅବଶ୍ୟ ବତାନ୍ତୁ ।''

ସେଠାରୁ ମୁଁ ଶ୍ରୀ କାମରାଜଙ୍କ ପାଖକୁ ଗଲି ଓ ତାଙ୍କୁ ସବୁକଥା ବତାଇଲି । ମୁଁ କହିଲି, ''ଏପରି ବିଷମ ପରିସ୍ଥିତିରେ ଆପଣ ମତେ କାହିଁକି ପକାଉଛନ୍ତି ? ଏ ସ୍ଥିତି ଅପମାନଜନକ ଅଟେ । ସେଥିରେ ମତେ ପକାଇ ଲାଭ କ'ଣ ?'' ସେ କହିଲେ, ''ପରିସ୍ଥିତି ଏପରି ହୋଇଛି ଯେ ଆପଣଙ୍କୁ ମନ୍ତ୍ରୀମଣ୍ଡଳରେ ନ ନିଆଗଲେ ବା ଆପଣ ମନ୍ତ୍ରୀମଣ୍ଡଳରେ ଯୋଗ ନ ଦେଲେ ମନ୍ତ୍ରୀମଣ୍ଡଳ ଓ କଂଗ୍ରେସ ଦଳ ଅଧିକ ଦିନ ତିଷ୍ଠି ପାରିବ ନାହିଁ ।'' ତା'ପରେ ମୁଁ କହିଲି, ''ଆପଣ ପ୍ରଧାନମନ୍ତ୍ରୀଙ୍କ ସହିତ ସ୍ପଷ୍ଟ କଥା ହୋଇଯାଆନ୍ତୁ ଓ ବିଶ୍ୱାସ କରିନିଅନ୍ତୁ ଯେ ସେ ପ୍ରକୃତରେ ମୋର ସହଯୋଗ ଚାହାଁନ୍ତି । ଯଦି ଆପଣଙ୍କୁ ବିଶ୍ୱାସ ହୁଏ, ତେବେ ଆପଣ କହିଲେ ଏ ବିଷମ ପରିସ୍ଥିତିରେ ପଡିବାକୁ ମୁଁ ପ୍ରସ୍ତୁତ ହୋଇଯିବି । ଆପଣଙ୍କ କଥାକୁ ମତେ ଆଦର କରିବା ଉଚିତ ।''

ସେ ଇନ୍ଦିରାଜୀଙ୍କ ସହିତ କଥାହେଲେ ଓ କିଛି ସମୟ ପରେ ମତେ ଫୋନରେ ବତାଇଲେ, ''ଇନ୍ଦିରାଜୀଙ୍କ ସହିତ ମୋର କଥାବାର୍ତ୍ତା ହୋଇଯାଇଛି ଓ ଆପଣ ମନ୍ତ୍ରୀମଣ୍ଡଳରେ ସାମିଲ ହେବା ଉଚିତ ।'' ତା'ପରେ ମୁଁ ତାଙ୍କୁ 'ହଁ' କହିଲି ଓ ମନ୍ତ୍ରୀମଣ୍ଡଳରେ ସାମିଲ ହେବାକୁ ମଞ୍ଜୁର କଲି ।

ଏହାପରେ, ଦ୍ୱିତୀୟ ଦିନ ମନ୍ତ୍ରୀମଣ୍ଡଳ ଗଠନରେ ପରାମର୍ଶ ନେବାକୁ ଇନ୍ଦିରାଜୀ ମତେ ଡକାଇଲେ । ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ କଲି ସେ ମନ୍ତ୍ରୀମଣ୍ଡଳ ପାଇଁ ପ୍ରସ୍ତାବିତ ନାମର ସୂଚୀ ମତେ ବତାଇଲେ; ସେଥିରେ ମୁଁ ଆଉ କୌଣସି ନାମ ତାଙ୍କୁ ପରାମର୍ଶ ଦେଲି ନାହିଁ । ସେ ଏପରି କୌଣସି ପ୍ରସ୍ତାବ ବି ମୋତେ ମାଗିନଥିଲେ । ଯେଉଁ ସୂଚୀ ସେ ମତେ ପଢିକରି ଶୁଣାଇଲେ ସେ ସମ୍ବନ୍ଧରେ ମୋର ପରାମର୍ଶ ପଚାରିଲେ । ସେ କହିଲେ ଯେ, ''ଡ଼. କରନ ସିଂହ ତଥା ଡ଼. ଭି. କେ. ଆର୍. ଭି. ରାଓଙ୍କୁ ରାଜ୍ୟ ମନ୍ତ୍ରୀ ଭାବେ ନେବାକୁ ବିଚାର କରୁଛନ୍ତି । ତା'ପରେ ମୁଁ କହିଲି, ''ମୋ ଖିଆଲରେ ଏ ଦୁଇଜଣ ରାଜ୍ୟ ମନ୍ତ୍ରୀ ହେବାକୁ ମଞ୍ଜୁର କରିବେ ନାହିଁ । ମନ୍ତ୍ରୀମଣ୍ଡଳୀୟ ସ୍ତରର ମନ୍ତ୍ରୀ କରିବାକୁ ପ୍ରସ୍ତାବ ରଖିଲେ ସେମାନେ ମନ୍ତ୍ରୀହେବାକୁ ରାଜି ହେବେ । ସେମାନଙ୍କୁ ରାଜ୍ୟ ମନ୍ତ୍ରୀ କରିବା କହିବା ଅନୁଚିତ ।'' ସୂଚୀରେ ଶ୍ରୀ ସଞ୍ଜୀବ ରେଡ୍ଡୀ ଓ ଶ୍ରୀ ସତ୍ୟ ନାରାୟଣଙ୍କ ସମାବେଶ ନଥିଲା । ମୁଁ ଏହା ଉଲ୍ଲେଖ କରି କହିଲି, ''ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ମନ୍ତ୍ରୀମଣ୍ଡଳରେ ନରଖିବା ରାଷ୍ଟ୍ରୀୟ ହିତ ଦୃଷ୍ଟିରୁ ବଡ ଭୁଲ ହେବ ଓ ସେଥିରେ କ୍ଷତି ମଧ୍ୟ ହେବ ।'' ସେ କହିଲେ, ''ସେ ଏପରି ଯୋଗ୍ୟତା ପ୍ରଦର୍ଶିତ କରିନାହାଁନ୍ତି ।'' ମୁଁ କହିଲି, ''ମୁଁ ଏକଥା ମାନି ପାରିବି ନାହିଁ । ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ହିସାବରେ ସେ ଯୋଗ୍ୟତାର ଉତ୍ତମ ପ୍ରମାଣ ଦେଇଛନ୍ତି । ମୁଁ ତ ମାନୁଛି କି ଶାସନ କାମରେ ସେ ପଟୁ ଅଟନ୍ତି । ସୁତରାଂ ମୋ ଖିଆଲରେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ନେବା ଉଚିତ ହେବ ।'' ଏ ବିଷୟରେ ପୁଣି ବିଚାର କରିବାକୁ ତାଙ୍କୁ କହିଲି । ଶ୍ରୀ ସତ୍ୟ ନାରାୟଣ ସିହ୍ନାଙ୍କ ବିଷୟରେ ମୁଁ କହିଲି, ''ତାଙ୍କୁ ମନ୍ତ୍ରୀମଣ୍ଡଳରେ ନିଆ ନଗଲେ ସେ ଖରାପ ଭାବିବେ ।'' କିନ୍ତୁ ମତେ ଲାଗିଲା ଯେ ତାଙ୍କୁ ନେବାକୁ ସେ ପ୍ରସ୍ତୁତ ନଥିଲେ ।

ସେଠାରୁ ବାହାରକୁ ଆସିବା ବେଳେ ତାଙ୍କର ନୀଜି ସଚିବ ଶ୍ରୀ ଯଶପାଲ କପୁର ମତେ କହିଲେ କି ପରଦିନ ସକାଳ ୧୦.୪୫ ବା ୧୧.୧୫ ମିନିଟ ସମୟ ଶପଥ ଗ୍ରହଣ ପାଇଁ ନିଶ୍ଚିତ କରାଯାଇଛି । ମୁଁ କହିଲି, ''ଏ ବିଷୟରେ ବର୍ତ୍ତମାନ ତ କିଛି ଠିକ ହୋଇନାହିଁ ଓ ସମସ୍ତଙ୍କ ପାଖରେ ନିଯୁକ୍ତି ପତ୍ର ମଧ୍ୟ ପହଞ୍ଚି ନାହିଁ ।

Digitized by srujanika@gmail.com

ତେଣୁ କିଛି ଡେରିରେ ସମୟ ରଖିବା ଉଚିତ ଯାହା ଫଳରେ ସମସ୍ତଙ୍କ ପାଖରେ ନିଯୁକ୍ତି ପତ୍ର ଠିକ ସମୟରେ ପହଞ୍ଚିଯିବ ।'' ତା'ପରେ ସେ କହିଲେ, ''ଏହା ଛଡା ଆଉ କୌଣସି ଶୁଭ ମୁହୂର୍ତ୍ତ ନାହିଁ । ମୁଁ ପଣ୍ଡିତମାନଙ୍କୁ ପରାମର୍ଶ କରି ଜାଣିପାରିଛି ଓ ପ୍ରଧାନମନ୍ତ୍ରୀ ମଧ୍ୟ ଏହା ଉପରେ ସମ୍ମତି ଦେଇଛନ୍ତି ।'' ଏହା ପରେ ମୁଁ କିଛି କହିଲି ନାହିଁ ।

ପରଦିନ ଶପଥ ଗ୍ରହଣ ସମୟରେ ମୁଁ ଦେଖିଲି ଯେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ମନ୍ତ୍ରୀମଣ୍ଡଳରେ ସମାବିଷ୍ଟ କରାଯାଇ ନାହିଁ ଓ ଶ୍ରୀ ସତ୍ୟ ନାରାୟଣଙ୍କ ନାମ ସୂଚୀରେ ନଥିଲେ ମଧ୍ୟ ଶପଥ ନେବା ପାଇଁ ତାଙ୍କୁ ଡକା ଯାଇଥିଲା । ତାଙ୍କୁ ମନ୍ତ୍ରୀ କରି ମଧ୍ୟ କୌଣସି ବିଭାଗ ମଧ୍ୟ ଦିଆଯାଇ ନଥିଲା । ଏହିପରି ୧୯୬୭ ମାର୍ଚ୍ଚ ୧୩ ତାରିଖ ଦିନ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରି କାର୍ଯ୍ୟାରମ୍ଭ କରିଥିଲେ । ମୁଁ ସେଠାରୁ ଅଫିସ ଯାଇ କାମ ସମ୍ଭାଳିଲି ।

କେରଳ ଓ ପଶ୍ଚିମ ବଙ୍ଗଳାରେ ସାମ୍ୟବାଦୀଙ୍କ ସହିତ ସଂଯୁକ୍ତ ମୋର୍ଚ୍ଚା ସରକାର ଗଢାହେଲା । ମାନ୍ଦ୍ରାଜରେ ଦ୍ରାବିଡ ମୁନ୍ନାତ୍ରା କାଜାଗମ୍ (ଡି.ଏମ୍.କେ.) ସରକାର ଗଢାହେଲା । ବିହାରରେ ମଧ୍ୟ ବିରୋଧୀ ଦଳମାନଙ୍କର ସଂଯୁକ୍ତ ମନ୍ତ୍ରୀମଣ୍ଡଳ ଗଢା ଯାଇଥିଲା । ପଞ୍ଜାବରେ ଅକାଳୀ ଦଳ ସରକାର ଗଢିଲେ । ରାଜସ୍ଥାନରେ କଂଗ୍ରେସକୁ ବହୁମତ ମିଳିପାରିଲା ନାହିଁ ଓ ସ୍ୱତନ୍ତ୍ର ତଥା ଅନ୍ୟ ବିରୋଧୀ ଦଳ ସଦସ୍ୟ ମିଶିକରି ନିଜର ବହୁମତ ଦାବି କରୁଥିଲେ । କିନ୍ତୁ ସେଠାରେ ରାଜ୍ୟପାଳ ଡ଼ା. ସମ୍ପୂର୍ଣ୍ଣାନନ୍ଦ ବିରୋଧୀ ଦଳ ଦାବିକୁ ପରୀକ୍ଷା କରିବାକୁ ମନା କରି ସେଠାରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ସୁପାରିଶ କରିଲେ । ତାହାକୁ କେନ୍ଦ୍ର ସ୍ୱୀକାର କରି ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କଲେ । ଏ କାରବାର ମତେ ସମ୍ବିଧାନ ବିରୁଦ୍ଧ ଜଣାଗଲା । ଏହାପରେ ଶ୍ରୀ ମୋହନ ଲାଲ ସୁଖାଡ଼ିୟା ବିରୋଧୀ ଦଳର ଲୋକଙ୍କୁ ନିଜ ପଟକୁ ନେଇ କଂଗ୍ରେସୀ ମନ୍ତ୍ରୀମଣ୍ଡଳ ଗଢିଲେ ଓ ତାହାର ବିସ୍ତାର କରିବା ଆରମ୍ଭ କଲେ । ଯେଉଁପରି ଭାବେ ସେଠାରେ ମନ୍ତ୍ରୀମଣ୍ଡଳ ତିଆରି ହେଲା, ବିପକ୍ଷ ଦଳମାନେ ତାହାର ଖୁବ ଆଲୋଚନା କଲେ । ମୋ ମତାନୁସାରେ ବିରୋଧୀ ପକ୍ଷଙ୍କ ଦାବିରେ କିଛି ତଥ୍ୟ ଥିଲା ।

ଓଡିଶାରେ ସ୍ୱତନ୍ତ୍ର ଦଳ ତଥା ଜନସଂଘ ଦଳର ସଂଯୁକ୍ତ ମନ୍ତ୍ରୀମଣ୍ଡଳ ତିଆରି ହେଲା । ନାଗାଲାଣ୍ଡରେ ନାଗା ପାର୍ଟିର ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଆଉ ସବୁ ରାଜ୍ୟରେ କଂଗ୍ରେସୀ ମନ୍ତ୍ରୀମଣ୍ଡଳ ତିଆରି ହେଲା ।

ଉତ୍ତର ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ତିଆରି ହେଲା ସତ, କିନ୍ତୁ ବେଶୀ ଦିନ ତିଷ୍ଠି ପାରିଲା ନାହିଁ । ଏହାପରେ ସେଠାରେ ସଂଯୁକ୍ତ ବିଧାୟକ ଦଳର ମନ୍ତ୍ରୀମଣ୍ଡଳ ଗଠିତ ହେଲା । କାରଣ ଚରଣ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ହେବାର ପ୍ରଲୋଭନ ଦିଆଯାଇ ଥିଲା । ଯଦ୍ଦ୍ୱାରା ତାଙ୍କର କେତେ ସାଥୀଙ୍କ ସହ ସେ କଂଗ୍ରେସ ଦଳ ତ୍ୟାଗ କରିଥିଲେ ଏବଂ ସେ ସଂଯୁକ୍ତ ବିଧାୟକ ଦଳର ସରକାରରେ ମୁଖ୍ୟମନ୍ତ୍ରୀ ହେଲେ । ହରିଆନାରେ ମଧ୍ୟ ଠାକିଲା କଂଗ୍ରେସ ମନ୍ତ୍ରୀମଣ୍ଡଳ ବେଶି ଦିନ ରହିଲା ନାହିଁ ଓ ସେଠାରେ ବିରୋଧୀ ପକ୍ଷର ମନ୍ତ୍ରୀମଣ୍ଡଳ ଗଠିତ ହେଲା । କିନ୍ତୁ ସଂଯୁକ୍ତ ବିଧାୟକ ଦଳର ଏ ସବୁ ମନ୍ତ୍ରୀମଣ୍ଡଳ ମଧ୍ୟ ବେଶି ଦିନ ରହିପାରିଲା ନାହିଁ କାରଣ ସେମାନଙ୍କ ମଧ୍ୟରେ ସହଯୋଗ ନଥିଲା । ଏଥିରେ କେତେକ ରାଜ୍ୟରେ ଅସ୍ଥିରତା ଜନ୍ମିଥିଲା ।

Digitized by srujanika@gmail.com

(୩୫) ବ୍ୟାଙ୍କ ଉପରେ ନିୟନ୍ତ୍ରଣ ଓ ପ୍ରିଭିପର୍ସର ସମାପ୍ତି

୧୯୬୭ ମସିହା ମଇ ମାସରେ କଂଗ୍ରେସ କାର୍ଯ୍ୟ ସମିତିର ଯେଉଁ ବୈଠକ ହୋଇଥିଲା ସେଥିରେ କେତେକ ବ୍ୟାଙ୍କ ଓ ସାମାନ୍ୟ ବୀମାକୁ ଜେନେରାଲ୍ ଇନ୍‌ସ୍ୟୁରାନ୍‌ସକୁ ରାଷ୍ଟ୍ରୀୟକରଣ ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିଲା ଓ ତା' ସାଙ୍ଗେ ସାଙ୍ଗେ ରାଜା, ମହାରାଜାମାନଙ୍କୁ ମିଳୁଥିବା ପକେଟ ଖର୍ଚ୍ଚ (ପ୍ରିଭିପର୍ସ) ଓ ସେମାନଙ୍କର ବିଶେଷାଧିକାର ଉଚ୍ଛେଦ କରିବାକୁ କୁହା ଯାଇଥିଲା । ବ୍ୟାଙ୍କ ଓ ସାମାନ୍ୟ ବୀମାର ରାଷ୍ଟ୍ରୀୟକରଣ ପ୍ରସ୍ତାବକୁ କେତେକ ସଦସ୍ୟ ସମର୍ଥନ କରିଲେ । ଅଧିକାଂଶ ସଦସ୍ୟ ନିଜର ବିଚାର ପ୍ରକଟ କରିସାରିବା ପରେ ମୁଁ ମୋର ଦୃଷ୍ଟିକୋଣ ପ୍ରସ୍ତୁତ କଲି ।

ମୁଁ କହିଲି କି ବ୍ୟାଙ୍କ ରାଷ୍ଟ୍ରୀୟକରଣ ବିଷୟ ୧୯୪୮ ରୁ ଚାଲି ଆସୁଛି ଓ କେତେଥର ଏ ସମ୍ବନ୍ଧରେ ବିଚାର ମଧ୍ୟ ହୋଇସାରିଛି କିନ୍ତୁ କୌଣସି ନିଶ୍ଚିତ କଥା ଆଜି ପର୍ଯ୍ୟନ୍ତ ସ୍ୱୀକୃତ ହୋଇନାହିଁ । ମୁଁ ନିଜେ ରାଷ୍ଟ୍ରୀୟକରଣକୁ ସିଦ୍ଧାନ୍ତ ରୂପେ ମାନେ ନାହିଁ ବରଂ ସାଧନ ରୂପେ ସ୍ୱୀକାର କରେ । ରାଷ୍ଟ୍ରୀୟକରଣ ଦ୍ୱାରା ଯଦି ଦେଶର ଲାଭ ହେଉଥାଏ ଓ ଜନସାଧାରଣଙ୍କ ହିତ ସିଦ୍ଧ ହେଉଥାଏ ତେବେ ଏହାକୁ ନିଶ୍ଚୟ ମାନିବା ଉଚିତ । କିନ୍ତୁ ଏପରି ନ ହେଉଥିଲେ ମାତ୍ର ରାଷ୍ଟ୍ରୀୟକରଣ ପାଇଁ ରାଷ୍ଟ୍ରୀୟକରଣ ହେବା ଉଚିତ ନୁହେଁ । କଂଗ୍ରେସ ମିଶ୍ର ଅର୍ଥ ବ୍ୟବସ୍ଥା (ମିକ୍ସଡ୍ ଇକୋନମି) ନୀତି ସ୍ୱୀକାର କରିଛି ଓ ବାରମ୍ବାର ଏପରି କୁହାଯାଉଛି । ତେଣୁ ରାଷ୍ଟ୍ରୀୟକରଣ ସିଦ୍ଧାନ୍ତତଃ ମୁଁ ମାନୁନାହିଁ । ତଥାପି ରାଷ୍ଟ୍ରୀୟକରଣର ଆବଶ୍ୟକତା ଥିଲେ ମୁଁ ତା'ର ବିରୋଧୀ ବି ନୁହେଁ ।

ମୁଁ ଏହା ବି ବତାଇଲି ଯେ ଆମର ଆର୍ଥିକ ସ୍ଥିତି ଦୁଇତିନି ବର୍ଷରୁ ବହୁତ ବିଗିଡି ଯାଇଛି । କାରଣ ୧୯୬୨ରେ ଚୀନ ଆକ୍ରମଣ ଯୋଗୁଁ ଆମ ଆଗକୁ ଅନେକ ଅସୁବିଧା ଆସିଛି ଓ ବହୁତ ଖର୍ଚ୍ଚ ମଧ୍ୟ କରିବାକୁ ପଡିଛି । ତା' ସହିତ ଗତ ଦୁଇବର୍ଷରେ ଆମର କେତେକ ରାଜ୍ୟରେ ଲଗାତର ଦୁର୍ଭିକ୍ଷ ଲାଗିରହିଛି । ରାଜ୍ୟ ସରକାରଙ୍କୁ ଏଥିଯୋଗୁଁ କୋଟି କୋଟି ଟଙ୍କା ଖର୍ଚ୍ଚକରି ଅବସ୍ଥାର ସମ୍ମୁଖୀନ ହେବାକୁ ପଡିଛି । ଖାଦ୍ୟଶସ୍ୟ ତଥା ଅନ୍ୟ ଜିନିଷପତ୍ରର ଦାମ ବହୁତ ବଢିଯାଇଛି । ଦରଦାମ ଗତ ତିନି ବର୍ଷରେ ଯେତେ ବଢିଛି, ଗତ ୨୦ର ବର୍ଷରେ ମଧ୍ୟ ଏତେ ହୋଇ ନଥିଲା । ଅନ୍ୟପକ୍ଷରେ ଉଦ୍ୟୋଗମାନଙ୍କରେ ଉତ୍ପାଦନ କମ୍ ହୋଇଯାଇଛି ଓ ସେଥିଯୋଗୁଁ ଆର୍ଥିକ ମାନ୍ଦା ଉତ୍ପନ୍ନ ହୋଇଯାଇଛି । ଏ ଦୁଇଟି ପରସ୍ପର ବିରୋଧୀ ବିଷୟ ଅଟେ କିନ୍ତୁ ଆମ ଦେଶରେ ଏ ପରିସ୍ଥିତି ଉପୁଜିଛି ଓ ବର୍ତ୍ତମାନ ମଧ୍ୟ ଆମେ ଏଥିରୁ ମୁକ୍ତି ପାଇପାରିନାହୁଁ । ଆମେ ସାର୍ବଜନିକ କ୍ଷେତ୍ରରେ ଉଦ୍ୟୋଗର କାର୍ଯ୍ୟକ୍ଷମତା ବଢାଇ ପାରିନାହୁଁ, ଫଳରେ ସେଥିରୁ କ୍ଷତି ହେଉଛି । ଏ ସବୁ ପରିସ୍ଥିତିରେ ବ୍ୟାଙ୍କକୁ ରାଷ୍ଟ୍ରୀୟକରଣ କଲେ ଅର୍ଥ ବ୍ୟବସ୍ଥାରେ ବଡ କ୍ଷତି ହେବ ଓ ଆମମାନଙ୍କ ପକ୍ଷରେ ପୁଞ୍ଜି ନିୟୋଜନ ତଥା ଆର୍ଥିକ କଠିନତାରୁ ରକ୍ଷା ପାଇବା ମୁସ୍କିଲ ହୋଇପଡିବ ।

ଏହା ଛଡା ରାଷ୍ଟ୍ରୀୟକରଣର ଉଦ୍ଦେଶ୍ୟରେ ଧ୍ୟାନ ଦେଲେ ସେଥିରେ ଦୁଇ ତିନି କଥା ମୁଖ୍ୟ ଦେଖାଯାଏ । ବ୍ୟାଙ୍କମାନଙ୍କ ଉପରେ ବଡ ଉଦ୍ୟୋଗପତିମାନଙ୍କର ପ୍ରଭୁତ୍ୱ ରହିଛି କାରଣ ଅଧିକାଂଶ ବ୍ୟାଙ୍କ ବଡ ଉଦ୍ୟୋଗପତିମାନଙ୍କ ଦ୍ୱାରା ହିଁ ଆରମ୍ଭ କରାଯାଇଛି । ତାଙ୍କୁ ସେଠାରୁ ଋଣ ଶୀଘ୍ର ମିଳିଯାଏ କିନ୍ତୁ ସାହସୀ, କ୍ଷମତାବାନ, ଯୋଗ୍ୟ ଓ ପ୍ରାମାଣିକ ଛୋଟ ଉଦ୍ୟୋଗପତି ଯାହାଙ୍କର ଅର୍ଥର ଅଭାବ ଅଛି ତାଙ୍କୁ ଋଣ ମିଳିପାରେ ନାହିଁ । କୃଷକଙ୍କୁ ମଧ୍ୟ ଏ ବ୍ୟବସାୟୀ ବ୍ୟାଙ୍କରୁ ଋଣ ମିଳେ ନାହିଁ । ଋଣ କିନ୍ତୁ ସେମାନଙ୍କୁ ମିଳିବା ଉଚିତ । ଏହା ହିଁ ରାଷ୍ଟ୍ରୀୟକରଣର ମୁଖ୍ୟ ଉଦ୍ଦେଶ୍ୟ ଅଟେ । କିନ୍ତୁ ସରକାରୀ ନୀତି ଆଜି ପର୍ଯ୍ୟନ୍ତ ଏପରି ରହିଛି ଯେ ବ୍ୟବସାୟୀ (କୋପରେଟିଭ୍) ବ୍ୟାଙ୍କ ଚାଷର ଆଧାର ଉପରେ ଋଣ ଦିଏ ନାହିଁ । ସହକାରୀ ବ୍ୟାଙ୍କକୁ ପ୍ରୋତ୍ସାହନ ଦେବା

Digitized by srujanika@gmail.com

ପାଇଁ ସରକାର ଏପରି ନୀତି ରଖିଛନ୍ତି । ଏଥିରେ ବ୍ୟାଙ୍କର କୌଣସି ଦୋଷ ନାହିଁ । ଏ ସ୍ଥିତିକୁ ବଦଳାଇବା ପାଇଁ ରିଜର୍ଭ ବ୍ୟାଙ୍କ ଦ୍ୱାରା ବ୍ୟାଙ୍କ ଉପରେ ସାମାଜିକ ନିୟନ୍ତ୍ରଣ ରଖାଯାଇପାରେ । ଆର୍ଥିକ ପରିସ୍ଥିତିରେ କ୍ଷତି ନକରି, ଏ ସ୍ଥିତିରେ ଉନ୍ନତି ଆଣିବାକୁ ରାଷ୍ଟ୍ରୀୟକରଣ ନକରି, ସାମାଜିକ ନିୟନ୍ତ୍ରଣ ପାଇଁ ଆଇନ ତିଆରି କରି ବ୍ୟାଙ୍କର ଉପଯୋଗ କରିପାରିବା, ଯଦ୍ଦ୍ୱାରା ବ୍ୟାଙ୍କ ସଞ୍ଚାଳନରେ ଉଦ୍ୟୋଗପତିମାନଙ୍କର ତଥା ବ୍ୟବସାୟୀମାନଙ୍କର ବହୁମତ ବଦଳରେ ଅଳ୍ପମତ ରହିବ କିନ୍ତୁ ଅନ୍ୟ ସମସ୍ତଙ୍କର ବହୁମତ ରହିବ । ଋଣ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ କରି ତା'କୁ କାର୍ଯ୍ୟାନ୍ୱିତ କରିବା ପାଇଁ ଆମେ ନିର୍ଦ୍ଦେଶ ଦେଇପାରିବା ଓ ଯେଉଁ ବ୍ୟାଙ୍କ ଏହାକୁ କାର୍ଯ୍ୟାନ୍ୱିତ ନ କରିବ ଆମେ ତା'କୁ ନିଜ ହାତକୁ ନେଇ ପାରିବା ।

ମୁଁ ଏହା ବି ସ୍ପଷ୍ଟ କରିଥିଲି ଯେ ବର୍ତ୍ତମାନ ପାଞ୍ଚ-ଛ' ବ୍ୟାଙ୍କକୁ ରାଷ୍ଟ୍ରୀୟକରଣ ପାଇଁ ବିଚାର କରାଯାଉଛି କିନ୍ତୁ ସବୁ ବ୍ୟାଙ୍କ ଉପରେ ସାମାଜିକ ନିୟନ୍ତ୍ରଣ ଲାଗୁ କରାଯାଇ ପାରେ ଓ ବିଦେଶୀ ବ୍ୟାଙ୍କକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରାଯାଇ ପାରେ । ଏ ଯୋଜନା ଆମମାନଙ୍କ ପାଇଁ ଅଧିକ ଉପଯୋଗୀ ହେବ । କିନ୍ତୁ ପାଞ୍ଚ-ଛ' ବ୍ୟାଙ୍କର ରାଷ୍ଟ୍ରୀୟ କରଣରେ ଆମର ଆବଶ୍ୟକ ଲାଭ ହେବ ନାହିଁ ବରଂ ଏହା ଆମକୁ ବିଶେଷ ଅସୁବିଧାରେ ପକାଇବ । ରାଷ୍ଟ୍ରୀୟକରଣ କରିଲେ ଆମକୁ କ୍ଷତି ପୂରଣ ବି ଦେବାକୁ ପଡିବ ଯାହାକି କୋଟି କୋଟି ଟଙ୍କା ହେବ । ଏଥିରେ ଆମର ଆଗରୁ ସୀମିତ ସାଧନ ଆହୁରି ଅଧିକ ସୀମିତ ହୋଇଯିବ । ଆର୍ଥିକ ବିକାଶ ପାଇଁ ଆବଶ୍ୟକୀୟ ପୁଞ୍ଜି ଏକାଠି କରିବା ସାଧନ ମଧ୍ୟ କମ୍ ହୋଇଯିବ । ବ୍ୟାଙ୍କକୁ ରାଷ୍ଟ୍ରୀୟକରଣ କରିଲେ, ରେଡ୍ ଟେପିଜିମ୍ ବା ବିଳମ୍ବରେ କାମ କରିବା ଘେରରେ ବ୍ୟାଙ୍କମାନେ ଆସିଯିବେ, ଯେଉଁଥିରୁ ବାହାରିବା ଶକ୍ତି ବର୍ତ୍ତମାନ ସୁଦ୍ଧା ଆମେ ଉତ୍ପନ୍ନ କରିପାରିନାହୁଁ । ଏପରି ପରିସ୍ଥିତିରେ ଅର୍ଥ ମନ୍ତ୍ରୀ ରୂପେ ରାଷ୍ଟ୍ରୀୟକରଣ ବିପଦ ମୁଁ ଉଠାଇ ପାରିବି ନାହିଁ ।

ସାଧାରଣ ବୀମା ରାଷ୍ଟ୍ରୀୟକରଣ ବିଷୟରେ ମଧ୍ୟ ମୁଁ କହିଥିଲି । ମୁଁ ବତାଇ ଥିଲି ଯେ ଜୀବନ ବୀମାଠାରୁ ସାଧାରଣ ବୀମାର ସ୍ଥିତି ଅଲଗା ଅଟେ । ଏଥିରେ ସାରା ବର୍ଷରେ ଗୋଟିଏ ମୋଟ ତିନି-ଚାରି କୋଟି ଟଙ୍କାର ଲାଭ ହୁଏ । ଏହାର ରାଷ୍ଟ୍ରୀୟକରଣ କରିଲେ ସାର୍ବଜନିକ ସାଧନ ବଢ଼ିବା ସମ୍ଭବ ନୁହେଁ । ଏହାର ବ୍ୟବସ୍ଥା କରିବାରେ ଆମର କଠିନତା ବହୁତ ବଢ଼ିବ ଓ ଭ୍ରଷ୍ଟାଚାର ମଧ୍ୟ ବଢ଼ିବ । ଏହା ବଦଳରେ, ଏଥିରେ ଯେଉଁ ଭୁଲ ନୀତି ଅଛି ତାହାର ନିରାକରଣ କରି ଆମେ ତାହାକୁ ଭଲ ଭାବରେ ନିୟନ୍ତ୍ରଣ କରିପାରିବା । ଅତଃ ଏହାର ମଧ୍ୟ ରାଷ୍ଟ୍ରୀୟକରଣ ନକରି ଆମକୁ ସାମାଜିକ ନିୟନ୍ତ୍ରଣ କରିବା ଉଚିତ ।

ମୁଁ ଏପରି ବିଚାର ପ୍ରକାଶ କରିବା ପରେ ଜଣେ ଦି' ଜଣ ସଦସ୍ୟ ମତେ ପଚାରିଲେ, "ଆମ ବିଚାରରେ ତ ଏପରି ନିୟନ୍ତ୍ରଣ ପର୍ଯ୍ୟାପ୍ତ ଉପଯୋଗୀ ହେବ ନାହିଁ ଓ ନିୟନ୍ତ୍ରଣର ଉପଯୋଗୀ ସିଦ୍ଧ ନ ହେଲେ ଆପଣ ରାଷ୍ଟ୍ରୀୟକରଣ ପାଇଁ ପ୍ରସ୍ତୁତ ହେବେ ନା ନାହିଁ ଓ ନିୟନ୍ତ୍ରଣ ପରୀକ୍ଷା କରିବାକୁ ଆପଣଙ୍କୁ କେତେ ସମୟ ଦରକାର ?" ମୁଁ ସେମାନଙ୍କୁ ଜବାବ ଦେଲି, "ରାଷ୍ଟ୍ରୀୟକରଣ ଅପେକ୍ଷା ସାମାଜିକ ନିୟନ୍ତ୍ରଣ ଅଧିକ କାର୍ଯ୍ୟକ୍ଷମ ସିଦ୍ଧ ହେବ । ତଥାପି ଯଦି ଦୁଇ ବର୍ଷରେ ଅଧିକାଂଶ ସାଥୀମାନଙ୍କର ନିୟନ୍ତ୍ରଣର କାର୍ଯ୍ୟକ୍ଷମତା ସମ୍ବନ୍ଧରେ ବିଶ୍ୱାସ ନ ହୁଏ ତେବେ ଦୁଇବର୍ଷ ପରେ କାହାକୁ ନ କହି ମୁଁ ସ୍ୱୟଂ ରାଷ୍ଟ୍ରୀୟକରଣ ଯୋଜନା ପ୍ରସ୍ତୁତ କରିବି ।"

ଏହାପରେ ସାମାଜିକ ନିୟନ୍ତ୍ରଣ ଯୋଜନା ସ୍ୱୀକାର କରାଗଲା ।

ରାଜାମାନଙ୍କର ପ୍ରିଭି ପର୍ସ ତଥା ବିଶେଷ ଅଧିକାର ଉପରେ ଯେତେବେଳେ କାର୍ଯ୍ୟସମିତିରେ ଚର୍ଚ୍ଚା ଚାଲିଲା, ସେମାନଙ୍କର ବିଶେଷ ଅଧିକାର ସମ୍ବନ୍ଧରେ ମୁଁ କହିଲି, "ଆମେ ନିଜ ବଚନ ଦ୍ୱାରା ବନ୍ଧା

Digitized by srujanika@gmail.com

ହୋଇଛୁ ଏବଂ ବଚନ ଭାଙ୍ଗିଲେ ଆମ ପ୍ରତିଷ୍ଠାକୁ ଧକ୍କା ଲାଗିବ । ତଥାପି ସେମାନଙ୍କ ସହିତ ବାର୍ତ୍ତାଳାପ କରି ଆମେ ଏ ବିଷୟରେ ପ୍ରଥମଥର ଭଳି କୌଣସି ନୂଆ ବୁଝାମଣା କରିପାରିବା । ମୁଁ ବୁଝିପାରିଛି ଯେ ଏପରି କାମ ହୋଇ ପାରିବ ଏବଂ ଏହାର ଦାୟିତ୍ୱ ମୁଁ ନେବାକୁ ପ୍ରସ୍ତୁତ ଅଛି । ଏହି ପ୍ରଯତ୍ନରେ ସଫଳତା ନ ମିଳିଲେ ପୁଣି ଆଇନ ତିଆରି କରି ଏ କାମ ପୂରା କଲେ ଆମ ଉପରେ କେହି ଅଙ୍ଗୁଳି ଉଠାଇ ପାରିବେ ନାହିଁ ।'' ତଥାପି ଏ ଦାୟିତ୍ୱ ମତେ ସମର୍ପଣ କରାଗଲା ନାହିଁ । ବିଚାର ବିନିମୟ ପରେ କେବଳ ବିଶେଷ ଅଧିକାର ସମାପ୍ତ କରିବା ପ୍ରସ୍ତାବ ସ୍ୱୀକୃତ ହେଲା ଓ ପ୍ରିଭି ପର୍ସ ବିଷୟ ତ୍ୟାଗ କରାଗଲା । ଏହା ଛଡା ଭାରତର ଦ୍ରୁତ ବିକାଶ ପାଇଁ ଗୋଟିଏ ଦଶସୂତ୍ରୀ କାର୍ଯ୍ୟକ୍ରମ ତିଆରି କରାଗଲା ।

ଏହାପରେ ଦିଲ୍ଲୀରେ କଂଗ୍ରେସ ମହାସମିତିର ଅଧିବେଶନ ଅନୁଷ୍ଠିତ ହେଲା । ଅଧିବେଶନ ରାତିକୁ ସମାପ୍ତ ହେଲା । ଏହା ଆଗରୁ, ଯେତେବେଳେ ଏଠାରେ ଉପସ୍ଥିତି ବହୁତ କମ୍ ଥିଲା ସେଥିରେ ରାଜାମାନଙ୍କର ପ୍ରିଭି ପର୍ସ ତଥା ବିଶେଷ ଅଧିକାର ସମାପ୍ତ କରିବା ସଂଶୋଧନ ପେଶ କରାଗଲା ଏବଂ ଏକଦମ ପାଶ୍ ହୋଇଗଲା । ସେ ସମୟରେ କୋରମ ବି ପୂରା ନଥିଲା ତଥାପି କେହି ଆପତ୍ତି ଉଠାଇଲେ ନାହିଁ । ୨୦-୨୫ ମତ ପ୍ରସ୍ତାବ ସପକ୍ଷରେ ଥିବେ ଓ ୫-୧୦ ବିରୁଦ୍ଧରେ । ଏହିପରି ଏ ସଂଶୋଧନ ପାସ୍ କରା ଯାଇଥିଲା ।

ପରେ ମନ୍ତ୍ରୀମଣ୍ଡଳରେ ବି ବ୍ୟାଙ୍କ ରାଷ୍ଟ୍ରୀୟକରଣ ବିଷୟରେ ଚର୍ଚ୍ଚା ହେଲା ଓ ମୁଁ ନିଜର ଦୃଷ୍ଟିକୋଣ ଓ ପ୍ରସ୍ତାବ ରଖିଲି । ମନ୍ତ୍ରୀମଣ୍ଡଳରେ ବି ଅଧିକ ସଦସ୍ୟ ବ୍ୟାଙ୍କ ରାଷ୍ଟ୍ରୀୟକରଣ ପକ୍ଷରେ ଥିଲେ । ତଥାପି ମୁଁ ନିଜ କଥା ଖୁବ୍ ସ୍ପଷ୍ଟତା ଓ ଦୃଢତାର ସହ କହିଲି । ତା'ପରେ ସାମାଜିକ ନିୟନ୍ତ୍ରଣ କଥା ସ୍ୱୀକାର କରାଗଲା । ଏହାପରେ ୧୯୬୮ ରେ ଜବଲପୁରରେ ଯେତେବେଳେ କଂଗ୍ରେସ ମହାସମିତି ଅଧିବେଶନ ହେଲା ସେଥିରେ ବି ବ୍ୟାଙ୍କ ତଥା ସାମାନ୍ୟ ବୀମା ପାଇଁ ସାମାଜିକ ନିୟନ୍ତ୍ରଣର ମୋ ଯୋଜନା ସ୍ୱୀକାର କରାଗଲା । କିଛି ସଦସ୍ୟ ଅବଶ୍ୟ ଏହାର ବିରୁଦ୍ଧରେ ଥିଲେ । ତଥାପି ବହୁମତରେ ମୋ କଥା ମଞ୍ଜୁର ହେଲା ଓ ମହା ସମିତି ବି ଏହାକୁ ସ୍ୱୀକାର କଲା ।

ଏ ବିଷୟ ସ୍ୱୀକୃତ ହେବା ଦିନରୁ, ଆଇନ ତିଆରି ହେବାକୁ ପ୍ରତୀକ୍ଷା ନ କରି ମୁଁ ବ୍ୟାଙ୍କ ବ୍ୟବସ୍ଥାରେ ପରିବର୍ତ୍ତନ କାମ ଆରମ୍ଭ କରିଦେଲି । ବିଶେଷ ବିଶେଷ ବ୍ୟାଙ୍କର ବ୍ୟବସ୍ଥାପକମାନଙ୍କ ବୈଠକ ଡକାଇ ମୁଁ ଏ ସମ୍ବନ୍ଧରେ ଚର୍ଚ୍ଚା କଲି ଓ ବ୍ୟାଙ୍କ କାମ ତଦନୁସାରେ ପରବର୍ତ୍ତନ କରିବାକୁ ସେମାନଙ୍କୁ ବୁଝାଇଲି । ସେମାନେ ମୋ କଥାମାନି ତଦନୁସାରେ ପରିବର୍ତ୍ତନ ଆରମ୍ଭ କରିଦେଲେ । ୧୯୬୮ ମଇ/ଜୁନରେ ହିଁ ଏହି ପରିବର୍ତ୍ତନ ଆରମ୍ଭ ହୋଇଥିଲା । ଆଇନ କିନ୍ତୁ ୧୯୬୯ ଫେବୃଆରୀରେ ତିଆରି ହେଲା । ବଡ ବଡ ବ୍ୟାଙ୍କ ବୋର୍ଡ଼ ଅଫ ଡାଇରେକ୍ଟର ବ୍ୟବସ୍ଥାରେ ପରିବର୍ତ୍ତନ ଆରମ୍ଭ ହୋଇ ସାରିଥିଲା । ଫଳରେ ବ୍ୟାଙ୍କ ବ୍ୟବସ୍ଥାରେ ଉଦ୍ୟୋଗପତି ବ୍ୟବସାୟୀମାନଙ୍କର ବହୁମତ ନଥିଲା ।

ଋଣନୀତି ନିର୍ଦ୍ଧାରଣ କରିବା ପାଇଁ ମୋ ଅଧ୍ୟକ୍ଷତାରେ ଗୋଟିଏ ଋଣ ସମିତି (କ୍ରେଡିଟ୍ କାଉନ୍ସିଲ) ନିଯୁକ୍ତ ହୋଇଥିଲା ଯେଉଁଥିରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଓ ଯୋଜନା ଆୟୋଗର ଉପାଧ୍ୟକ୍ଷ ଡ଼. ଡ଼ି. ଆର୍. ଗାଡ୍‌ଗିଲ୍ ମୁଖ୍ୟ ସଦସ୍ୟ ଥିଲେ । ସେମାନେ ଏ ସମ୍ବନ୍ଧରେ ମୋ ଏ ନୀତି ସହିତ ପୂର୍ଣ୍ଣ ସମ୍ମତ ଥିଲେ । ସମିତିରେ ବ୍ୟାଙ୍କ, ବ୍ୟବସାୟୀ, ଔଦ୍ୟୋଗିକ କ୍ଷେତ୍ର, ଲଘୁ ଉଦ୍ୟୋଗ କ୍ଷେତ୍ରର ପ୍ରତିନିଧି ତଥା ଅର୍ଥ ବିଶେଷଜ୍ଞ ମଧ୍ୟ ଥିଲେ । ଋଣ ସମିତି ବୈଠକ ଥରେ ଦୁଇଥର ହୋଇଥିଲା ଓ ମୁଁ ଯେଉଁ ନୀତି ନିଶ୍ଚିତ କରିଥିଲି, ସେଇ ଅନୁସାରେ ବ୍ୟାଙ୍କ କାମ କରିବା ଆରମ୍ଭ କରିଦେଲେ ।

Digitized by srujanika@gmail.com

ବିଦେଶୀ ବ୍ୟାଙ୍କର ପ୍ରତିନିଧିମାନଙ୍କୁ ମୁଁ ପୃଥକ୍ ଭାବେ ଡକାଇଥିଲି । ସେମାନଙ୍କ ମୁଖ୍ୟ ଅଫିସ ବିଦେଶରେ ଥିବାରୁ ତାଙ୍କ ଉପରେ ସାମାଜିକ ନିୟନ୍ତ୍ରଣ ଆଇନ ଲାଗୁ ହୋଇ ପାରୁନଥିଲା । ତଥାପି ମୁଁ ତାଙ୍କୁ ପରାମର୍ଶ ଦେଲି ଯେ ସେମାନେ ଏଠାରେ ଗୋଟିଏ ସଲାକାର ମଣ୍ଡଳ (ଆଡ୍‌ଭାଇଜରି ବୋର୍ଡ) ଗଠନ କରନ୍ତୁ ଓ ତା'ର ସଂଗଠନ ସରକାରୀ ନୀତି ଅନୁସାରେ କରନ୍ତୁ ତଥା ଋଣ ନୀତି ପାଇଁ ସରକାରୀ ନୀତି ଆପଣେଇ ନିଅନ୍ତୁ । ଏ ବ୍ୟବସ୍ଥାରେ ବିଦେଶୀ କର୍ମଚାରୀ ଖୁବ୍ କମ୍ ରହନ୍ତୁ ଓ ଅଧିକାଂଶ ଭାରତୀୟ କର୍ମଚାରୀ ରଖାଯାଉ । କେବଳ ସେତିକି ନୁହେଁ, ଦୁହିଁଙ୍କ ବେତନରେ ସମାନତା ରଖାଯାଉ । ମୋର ଏ ପରାମର୍ଶ ସେମାନେ ମାନିନେଲେ । ନିଜ ବ୍ୟାଙ୍କରେ ଆହୁରି ଅଧିକ ବିଦେଶୀ ମୁଦ୍ରା ଆଣିବାକୁ ମୁଁ ପରାମର୍ଶ ଦେଲି ।

ଏତେ କରିବା ପରେ ମଧ୍ୟ ଯେଉଁମାନେ ରାଷ୍ଟ୍ରୀୟକରଣର ସପକ୍ଷରେ ଥିଲେ ଓ ଅନ୍ୟ କୌଣସି ବିକଳ୍ପ ଉପରେ ବିଚାର କରିବାକୁ ପ୍ରସ୍ତୁତ ନଥିଲେ ସେମାନେ ମୋ ପ୍ରତି ବିରୁଦ୍ଧତା ଜାରି ରଖିଥିଲେ ଓ ସଂସଦରେ ବାରମ୍ବାର ଏହି ବ୍ୟବସ୍ଥାର ଆଲୋଚନା କରିବାକୁ ଲାଗିଲେ ।

୧୯୬୭ରେ ଯେଉଁ ମନ୍ତ୍ରୀମଣ୍ଡଳ ଗଢା ହୋଇଥିଲା ସେଥିରେ ଶ୍ରୀ ଅଶୋକ ମେହେଟ୍ଟା ମଧ୍ୟ ଥିଲେ । ମନ୍ତ୍ରୀ ପଦରେ ରହି ଯୋଜନା ଆୟୋଗର ଉପାଧ୍ୟକ୍ଷ ନ ରହିବା, ପ୍ରଶାସନୀୟ ସୁଧାର ଆୟୋଗର ପରାମର୍ଶ ସରକାର ମାନି ନେଇଥିଲେ । ଶ୍ରୀ ଅଶୋକ ମେହେଟ୍ଟା ସେତେବେଳେ ଯୋଜନା ଆୟୋଗର ଉପାଧ୍ୟକ୍ଷ ଥିଲେ, ଅନ୍ୟ କାହାକୁ ଉପାଧ୍ୟକ୍ଷ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ଏହି ବିଷୟ ବିଚାର କରିବାକୁ ପାଞ୍ଚ-ଛ' ବରିଷ୍ଠ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ ନିବାସ ସ୍ଥାନରେ ଏକତ୍ରିତ ହେଲେ । ମନ୍ତ୍ରୀମଣ୍ଡଳ ଗଠନ ବେଳେ ପ୍ରଧାନମନ୍ତ୍ରୀଙ୍କୁ ମୁଁ ପ୍ରସ୍ତାବ ଦେଇଥିଲି ଯେ ନିର୍ବାଚନରେ ହାରିଥିବା ବ୍ୟକ୍ତିଙ୍କୁ ଆମେ କୌଣସି ଉଚ୍ଚ ପଦରେ ନିଯୁକ୍ତ କରିବା ଉଚିତ ନୁହେଁ, ଅର୍ଥାତ ଯୋଜନା ଆୟୋଗ ବା ଗଭର୍ଣ୍ଣର ପଦ ଭଳି ସ୍ଥାନରେ ତାଙ୍କୁ ନିଯୁକ୍ତ କରିବା ଠିକ ହେବ ନାହିଁ କାରଣ ଏହାର ବଡ ସମାଲୋଚନା ହେଉଛି ଓ ଏ ସମାଲୋଚନା ଯୌକ୍ତିକ ଅଟେ । ପ୍ରଧାନମନ୍ତ୍ରୀ କହିଲେ ଯେ ତାଙ୍କର ମଧ୍ୟ ସେହି ମତ ଓ ଏପରି ନୀତି ଆମେ କାର୍ଯ୍ୟକାରୀ କରିବା ।

ଯୋଜନା ଉପାଧ୍ୟକ୍ଷ ବିଷୟରେ ଆମେ ଯେତେବେଳେ ଏକାଠି ହେଲୁ ସେତେବେଳେ ଶ୍ରୀ ଅଶୋକ ମେହେଟ୍ଟା ନିଜ ପ୍ରସ୍ତାବ ରଖି କହିଲେ କି, "ଯୋଜନା ଆୟୋଗର ଉପାଧ୍ୟକ୍ଷ ଭାବେ ଶ୍ରୀ ସି. ସୁବ୍ରହ୍ମଣ୍ୟମଙ୍କୁ ନିଯୁକ୍ତ କରିବା ଉଚିତ କାରଣ ତାଙ୍କ ବ୍ୟତୀତ ଅନ୍ୟ କୌଣସି ଯୋଗ୍ୟ ବ୍ୟକ୍ତି ମୋ ନଜରରେ ଆସୁନାହାନ୍ତି ।" ଶ୍ରୀ ସୁବ୍ରହ୍ମଣ୍ୟମ ସଂସଦ ନିର୍ବାଚନରେ ହାରି ଯାଇଥିଲେ । ଯେଉଁ ସଦସ୍ୟ ସେଠାରେ ଉପସ୍ଥିତ ଥିଲେ ସେଥିରେ ମୋ ଛଡା ସମସ୍ତେ ଏ ପ୍ରସ୍ତାବ ଅନୁମୋଦନ କଲେ । ପ୍ରଧାନମନ୍ତ୍ରୀ ଯେତେବେଳେ ଏ ପ୍ରସ୍ତାବ ସ୍ୱୀକାର କରିବାକୁ ପ୍ରସ୍ତୁତି ଦେଖାଇ ମତେ ସେ ବିଷୟରେ ପଚାରିଲେ ସେତେବେଳେ ମୁଁ ତାଙ୍କୁ କହିଲି, "ଆପଣଙ୍କର ଏ କଥା ମୁଁ ବୁଝିପାରୁ ନାହିଁ କାରଣ ଏ ସିଦ୍ଧାନ୍ତ ଆପଣ ଆଗରୁ ସ୍ୱୀକାର କରିସାରିଛନ୍ତି ଯେ ହାରି ଯାଇଥିବା ବ୍ୟକ୍ତିମାନଙ୍କୁ ଏପରି ପଦରେ ନିଯୁକ୍ତ କରାଯିବ ନାହିଁ ।" ସେ କହିଲେ, "ଏ କଥା ସତ । କିନ୍ତୁ ଏ ସମୟରେ ଯେଉଁ ପ୍ରସ୍ତାବ ଆସିଛି ସେଥିରେ ତାଙ୍କ ବ୍ୟତୀତ ଅନ୍ୟ କୌଣସି ଯୋଗ୍ୟ ବ୍ୟକ୍ତି ଆମକୁ ମିଳିପାରିବ ନାହିଁ । ସେଥିପାଇଁ ମୁଁ ଏହାକୁ ସ୍ୱୀକାର କରିବା ପକ୍ଷରେ ଅଛି ।" ମୁଁ କହିଲି, "ଭାରତ ଯଦି ଏପରି ଦେଶ ହୁଏ ଯେ ସେଠାରେ ଏହି କାମ ପାଇଁ ମାତ୍ର ଜଣେ ଯୋଗ୍ୟ ବ୍ୟକ୍ତି ଅଛନ୍ତି ଓ ଆଉ କେହି ମିଳୁ ନାହାଁନ୍ତି ତା'ହେଲେ ଭାରତର ଭବିଷ୍ୟତ ଅନ୍ଧକାରମୟ ଓ ଆମେ କେବେ ହେଲେ ଉନ୍ନତି କରିପାରିବା ନାହିଁ । ଶ୍ରୀ ସୁବ୍ରହ୍ମଣ୍ୟମ ବଡ ଯୋଗ୍ୟ ବ୍ୟକ୍ତି ଅଟନ୍ତି ଓ ଏ କାମ ପାଇଁ ଉପଯୁକ୍ତ ମଧ୍ୟ ଅଟନ୍ତି, ତଥାପି ନିର୍ବାଚନରେ ପରାଜିତ ହୋଇଥିବା କାରଣରୁ ସୈଦ୍ଧାନ୍ତିକ ଦୃଷ୍ଟିରୁ ମୁଁ ତାଙ୍କୁ ସ୍ୱୀକାର କରିପାରୁ ନାହିଁ ଓ ମତେ ତାଙ୍କୁ ବିରୋଧ କରିବାକୁ ପଡ଼ିବ ।" ମୁଁ ଏହା ମଧ୍ୟ କହିଲି,

Digitized by srujanika@gmail.com

''ଜନତାରୁ ମଧ୍ୟ ଏହାର ବଡ ବିରୋଧ ହେବ ।'' ତା'ପରେ ଦୁଇ-ତିନିଜଣ ସଦସ୍ୟ କହିଲେ କି, ''ଆପଣ ଯଦି ତାଙ୍କର ସମର୍ଥନ କରିବେ ତେବେ ଅନ୍ୟ ଲୋକଙ୍କର ବିରୋଧ ମଧ୍ୟ ଶେଷ ହୋଇଯିବ ।'' ମୁଁ କହିଲି, ''ଏପରି ଭୁଲ ସମର୍ଥନ ମୁଁ କଲେ ଲୋକମାନଙ୍କର ମୋ ଉପରେ ଯେଉଁ ବିଶ୍ୱାସ ଅଛି ତାହା ରହିବ ନାହିଁ । ତେଣୁ ମୁଁ ତାଙ୍କୁ ସମର୍ଥନ କରିପାରିବି ନାହିଁ । ମତେ ତ ତାଙ୍କର ବିରୋଧ ମଧ୍ୟ କରିବାକୁ ପଡିବ ।'' ଏ କଥା ମଧ୍ୟ ମୁଁ କହିଲି ଯେ ଅନ୍ୟ ନାମ ବିଚାର କରାଯାଇ ପାରେ ଓ ପ୍ରଧାନମନ୍ତ୍ରୀ ଇଚ୍ଛା କଲେ ଏପରି ନାମ ମୁଁ ବତାଇ ପାରିବି । ମୋର ଏପରି ଦୃଢ ବିରୋଧ ଯୋଗୁଁ ଶ୍ରୀ ସୁବ୍ରହ୍ମଣ୍ୟମଙ୍କ ପ୍ରସ୍ତାବ ବିଚାର ବନ୍ଦ ହେଲା ଓ ଆମେ ବିଦା ହେଲୁ । ପ୍ରଧାନମନ୍ତ୍ରୀ ଏଥିରେ ନାରାଜ ହୋଇଥିଲେ, ଏପରି ମତେ ସ୍ପଷ୍ଟ ଦେଖାଗଲା ।

ମୋର ଏ ଧାରଣା ଥିଲା ଯେ ସେ ଅନ୍ୟମାନଙ୍କ ସହିତ ଆଗରୁ କଥା ହୋଇଥିଲେ ଓ ତା'ପରେ ହିଁ ମୋ ଉପସ୍ଥିତିରେ ଏ ପ୍ରସ୍ତାବ ରଖାଗଲା । ସେଥିଯୋଗୁଁ ସେମାନେ ସମସ୍ତେ ଗୋଟିଏ ସ୍ୱରରେ କହୁଥିଲେ । ଏହା ପରେ ମଧ୍ୟ ମୋର ପୂରା ବିଶ୍ୱାସ ହୋଇଗଲା ଯେ ମନ୍ତ୍ରୀମଣ୍ଡଳରେ ବିଚାର ହୋଇଥିବା କେତେ ମାମଲାରେ ପ୍ରଧାନମନ୍ତ୍ରୀ ଏହିପରି କାମ କରାଇ ନେଉଥିଲେ ।

ପରେ ଅନ୍ୟ ନାମ ସମ୍ବନ୍ଧରେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋ ସହିତ କଥା ହେଲେ ଓ ମତେ ନାମ ପ୍ରସ୍ତାବ କରିବାକୁ କହିଲେ, ମୁଁ ତାଙ୍କୁ ଦୁଇଟି ନାମ ପ୍ରସ୍ତାବ ଦେଲି । ତା' ସହିତ ଏହା ମଧ୍ୟ କହିଲି ଯେ ଏ ନାମ ପସନ୍ଦ ନ ହେଲେ ଆହୁରି ନାମ ବତାଇ ପାରିବି । ଏ ଦୁଇ ନାମ ଡ଼. ଚିନ୍ତମନ ଦେଶମୁଖ ଓ ଡ଼. ଧନଞ୍ଜୟ ରାଓ ଗାଡଗିଲ୍‌ଙ୍କର ଥିଲା । ଡ଼. ଦେଶମୁଖଙ୍କୁ ତ ସେ ପସନ୍ଦ କଲେ ନାହିଁ । କିନ୍ତୁ ଡ଼. ଗାଡ଼ଗିଲଙ୍କ ନାମ ସ୍ୱୀକାର କଲେ । ଡ଼. ଗାଡ଼ଗିଲ୍ ପ୍ରଗତିଶୀଳ ଅର୍ଥଶାସ୍ତ୍ରୀ ନାମରେ ବିଖ୍ୟାତ ଥିଲେ ଓ ସହକାରୀତା (କୋପରେଟିଭ୍) କ୍ଷେତ୍ରରେ ତାଙ୍କ ସେବା ବହୁମୂଲ୍ୟ ଥିଲା । ଯୋଜନା ଆୟୋଗ ମଧ୍ୟ ତାଙ୍କର ସେବାର ଲାଭ ଉଠାଇ ଥିଲା । ସେ ସ୍ପଷ୍ଟବାଦୀ ଓ ନିର୍ଭୀକ ଆଲୋଚକ ଥିଲେ । ତାଙ୍କ ପ୍ରତି ମୋ ମନରେ ବଡ ଆଦର ଭାବ ଥିଲା; ଯାହା ସବୁଦିନ ପାଇଁ ରହିଥିଲା । ସେ କାହା ଦ୍ୱାରା ପ୍ରଭାବିତ ହୋଇ କାମ କରିବା ବ୍ୟକ୍ତି ନଥିଲେ ଓ ବିଚାର ବିନିମୟରେ ଅନ୍ୟର ଯୁକ୍ତି ଠିକ୍ ଥିଲେ ସାଧାରଣତଃ ତାହା ମାନି ନେବାକୁ ସର୍ବଦା ପ୍ରସ୍ତୁତ ଥିଲେ । ସେଥି ପାଇଁ ମୁଁ ତାଙ୍କର ନାମ ପ୍ରସ୍ତାବ କରିଥିଲି । ଇନ୍ଦିରାଜୀଙ୍କୁ ତାଙ୍କ ନାମ ପସନ୍ଦ ହେଲା ଓ ତାଙ୍କୁ ଡାକି ଏ ବିଷୟରେ ପଚାରି ନେବାକୁ ସେ ସ୍ଥିର କଲେ । ମୁଁ ତାଙ୍କୁ କହିଲି, ''ଏହା ହୋଇପାରେ ଯେ ସେ ଏ ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥାଇ ପାରନ୍ତି । ତେଣୁ ଯଦି ଆପଣଙ୍କ ଇଚ୍ଛା ହୁଏ ଓ ସମ୍ମତି ଦିଅନ୍ତି ତେବେ ଆପଣଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ମୁଁ ତାଙ୍କୁ ଏ ବିଷୟରେ ବୁଝାଇବାକୁ ଚେଷ୍ଟା କରିବି । ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ତାଙ୍କୁ ଭେଟି ନାହିଁ । ଦୁଇଟି ଯାକ ନାମ କାହାକୁ ନ ପଚାରି ମୁଁ ପ୍ରସ୍ତାବ ଦେଇଥିଲି ।'' ସେ କହିଲେ, ''ଆପଣ ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ ।'' ତଦନୁସାରେ ମୁଁ ଡ଼. ଗାଡ଼ଗିଲ୍‌ଙ୍କୁ ଡକାଇଲି । ମୁଁ ତାଙ୍କୁ ଲେଖିଲି ଯେ ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ମୋ ସହିତ ଦେଖା କରନ୍ତୁ । ଡ଼. ଗାଡ଼ଗିଲ ଓ ମୁଁ ପରସ୍ପରକୁ ୧୯୬୭-୬୮ରୁ ଭଲ ଭାବରେ ଜାଣିଥିଲୁ । ସେ ସମୟରୁ ତାଙ୍କ ସହିତ ମୋର ବିଶେଷ ପରିଚୟ ଥିଲା । ସେ ସମୟରେ ମୁଁ ବମ୍ବେ ମନ୍ତ୍ରୀମଣ୍ଡଳରେ ସହକାରିତା ବିଭାଗରେ ମନ୍ତ୍ରୀ ଥିଲି ଓ ସେ ବିଭାଗର କାମଦାମ ପରୀକ୍ଷା କରି ତା'ର ପୁନର୍ଗଠନ କରିବା ପାଇଁ ମୁଁ ଗୋଟିଏ ସମିତି ନିଯୁକ୍ତି କରିଥିଲି । ଶ୍ରୀ ବୈକୁଣ୍ଠ ଲାଲ ମେହେତା ତା'ର ଅଧ୍ୟକ୍ଷ ଥିଲେ ଓ ସହକାରୀ ସମିତିର ରେଜିଷ୍ଟ୍ରାରଙ୍କ ଛଡା ଡ଼. ଗାଡ଼ଗିଲ ଏହାର ସଦସ୍ୟ ଥିଲେ । ସେ ସମିତିରେ ସେ ବଡ କାର୍ଯ୍ୟ କୁଶଳତା ଦେଖାଇ ଥିଲେ । ବମ୍ବେରେ କୋ-ଅପରେଟିଭ ବ୍ୟାଙ୍କରେ ସେ ବହୁତ ଉପଯୋଗୀ ସେବା କରିଥିଲେ । ଯେତେବେଳେ ସହକାରୀ ପଦ୍ଧତିରେ ଚିନି କାରଖାନା ରାଜ୍ୟରେ ଆରମ୍ଭ କରାଗଲା ସେତେବେଳେ ତାଙ୍କ ସେବା ବହୁତ ଉପଯୋଗୀ ଓ ବହୁମୂଲ୍ୟ ସିଦ୍ଧ ହୋଇଥିଲା । ପ୍ରଥମେ ସେ ସୁରତ କଲେଜରେ ପ୍ରାଧ୍ୟାପକ

Digitized by srujanika@gmail.com

ଥିଲେ । ଏହାପରେ ପୂନାରେ ସେ ସ୍କୁଲ ଅଫ୍ ଇକୋନମିକ୍ସ ନାମକ ସଂସ୍ଥା ଖୋଲି ତାହାର ସଚାଳନ କରିଥିଲେ ।

ଡ଼. ଗାଡ଼ଗିଲ ଯେତେବେଳେ ମତେ ଦେଖା କରିବାକୁ ଆସିଲେ, ମୁଁ ତାଙ୍କୁ କହିଲି, ''ଆପଣଙ୍କୁ ଯୋଜନା ଆୟୋଗର ଉପାଧ୍ୟକ୍ଷ କରିବାକୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ କହିଛି । ତେଣୁ ଏ ନିଯୁକ୍ତି ସ୍ୱୀକାର କରିବାକୁ ଆପଣଙ୍କୁ ଅନୁରୋଧ କରୁଛି ।'' ସେ ତ ପ୍ରଥମେ କୁଣ୍ଠା ପ୍ରକାଶ କଲେ, ତଥାପି ଦଶ ପନ୍ଦର ମିନିଟ କଥାବାର୍ତ୍ତା ପରେ ମୋ କଥା ମାନିବାକୁ ପ୍ରସ୍ତୁତ ହେଲେ । ଏ କଥା ଅବଶ୍ୟ ସେ କହିଲେ ଯେ ଏ କାମ ମୁଁ କରିପାରିବି ଯଦି ଅନ୍ୟ ସଦସ୍ୟମାନେ ଏପରି ହେବେ, ଯେ ମୋ ସହିତ କାମ କରିପାରିବେ । ଶ୍ରୀ ଭେଙ୍କଟସ୍ୱେୟାଙ୍କ ପାଇଁ ତାଙ୍କର ବିଶେଷ ଆଗ୍ରହ ଥିଲା । ମୁଁ ତାଙ୍କୁ କହିଲି କି ଆପଣ ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହୋଇପାରନ୍ତି ଓ ସେଥିରେ କୌଣସି ପ୍ରତିବନ୍ଧକ ଆସିବ ବୋଲି ମୁଁ ଭାବୁ ନାହିଁ ।

ଏହାପରେ ସେ ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ କଲେ ଓ କଥାବାର୍ତ୍ତା ପରେ ସେ ଯୋଜନା ଆୟୋଗ ଉପାଧ୍ୟକ୍ଷ ରୂପେ ନିଯୁକ୍ତ ହେଲେ । ଶ୍ରୀ ଭେଙ୍କଟସ୍ୱେୟାଙ୍କ ଯୋଜନା ଆୟୋଗର ସଦସ୍ୟ ନିଯୁକ୍ତି କଥା ମାନି ନିଆ ଯାଇଥିଲା । ସର୍ବଶ୍ରୀ ଭେଙ୍କଟ ରମଣ, ପୀତାମ୍ବର ପନ୍ଥ ଓ ଭେଙ୍କଟସ୍ୱେୟାଙ୍କୁ ସେ ସମୟରେ ଆୟୋଗର ସଦସ୍ୟ କରାଯାଇ ଥିଲା । ପରେ ଥରେ ଡ଼. ଗାଡ଼ଗିଲ୍ ମୋ ସହିତ ଭେଟ ହୋଇ କହିଥିଲେ କି, ''ଯୋଜନା ଆୟୋଗରେ ଆମେ ଚାରିଜଣ ବ୍ରାହ୍ମଣ ଅଛୁ, ଏହା ଏକ ବିଚିତ୍ର ସଂଯୋଗ ଅଟେ । ଏପରି ତ ମୁଁ କରିନାହିଁ, ତଥାପି ସଂଯୋଗବଶତଃ ହୋଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ କୌଣସି ଜଣକୁ ବଦଳାଇବାକୁ ଚାହାଁନ୍ତି । କିନ୍ତୁ ଶ୍ରୀ ଭେଙ୍କଟସ୍ୱେୟାଙ୍କୁ ବଦଳାଇଲେ ମୁଁ ଯୋଜନା ଆୟୋଗରେ ରହି ପାରିବି ନାହିଁ ।'' ମୁଁ କହିଲି, ''କୌଣସି ବ୍ରାହ୍ମଣ ସଦସ୍ୟଙ୍କୁ କମ୍ କରିବା କଥା ହେଲେ ସେଥିପାଇଁ ଶ୍ରୀ ଭେଙ୍କଟସ୍ୱେୟାଙ୍କ ବ୍ୟତୀତ ଅନ୍ୟ ଜଣଙ୍କୁ ଅର୍ଥାତ ଶ୍ରୀ ପନ୍ଥଙ୍କୁ ମୁକ୍ତ କରିବା ପ୍ରସ୍ତାବ ଆପଣ ଦେଇ ପାରନ୍ତି । ମୋର ପୂରା ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀ ଏପରି କିଛି କରିବେ ନାହିଁ ଯାହା ଆପଣଙ୍କ ପାଇଁ ଅନୁକୂଳ ନୁହେଁ ।''

ଶେଷରେ ଚାରିଜଣଯାକ ସଦସ୍ୟ ରହିଲେ ଓ ଡ଼. ନାଗ ଚୌଧୁରୀଙ୍କୁ ପଞ୍ଚମ ସଦସ୍ୟ ରୂପେ ନିଯୁକ୍ତ କରାଗଲା ।

Digitized by srujanika@gmail.com

(୩୬) ଆର୍ଥିକ ନିଶ୍ଚଳତା ବିରୁଦ୍ଧରେ ଲଢାଇ

ପ୍ରଧାନମନ୍ତ୍ରୀ ଇନ୍ଦିରାଜୀ ଯୋଜନା ଆୟୋଗରେ ଅଧ୍ୟକ୍ଷ ଥିଲେ ଓ ମୁଁ ଅର୍ଥ ମନ୍ତ୍ରୀ ରୂପେ ଏହାର ଜଣେ ସଦସ୍ୟ ଥିଲି । ଏହା ବ୍ୟତୀତ ଅନ୍ୟ କୌଣସି ମନ୍ତ୍ରୀ ଏହାର ସଦସ୍ୟ ନଥିଲେ । ତଥାପି ଆବଶ୍ୟକତାନୁସାରେ ପ୍ରତ୍ୟେକ ମନ୍ତ୍ରୀଙ୍କ ସହିତ ଯୋଜନା ଆୟୋଗ ବିଚାର ବିନିମୟ କରିପାରୁ ଥିଲା । ଯୋଜନା ଆୟୋଗ ଯୋଜନା ପାଇଁ ଆବଶ୍ୟକୀୟ ଆର୍ଥିକ ସାଧନ ସମ୍ବନ୍ଧରେ ବିଚାର କରିବା ସମୟରେ ମୁଁ ସର୍ବଦା ଉପସ୍ଥିତ ରହୁଥିଲି ଓ ବିଚାର ବିନିମୟ ପରେ ସାଧନର ଯେଉଁ ସୀମା ମୋତେ ପ୍ରତୀତ ହେଉଥିଲା ମୁଁ ତାହା ବତାଉ ଥିଲି । ଏହି ସାଧନର ବିତରଣ ଯୋଜନା ଆୟୋଗ କରୁଥିଲା । ମୁଁ ସେଥିରେ ମଧ୍ୟ ଭାଗ ନେଉଥିଲି । ତଥାପି ଆୟୋଗ ଯାହା ନିଷ୍ପତ୍ତି କରୁଥିଲା ତାହା ମୁଁ ମାନି ନେଉଥିଲି । ଏପରି ନୀତି ଗ୍ରହଣ କରିବାର କାରଣ ହେଲା ଯେ ସବୁ ମନ୍ତ୍ରାଳୟ ଓ ରାଜ୍ୟଙ୍କ ମଧ୍ୟରେ ଯେଉଁ ବଣ୍ଟନ ହେଉଥିଲା ସେଥିରେ ମୋର ହସ୍ତକ୍ଷେପ ନ ହେଉ ଓ ଏ କାମ ନିରପେକ୍ଷ ଭାବରେ ହେଉ । ଆର୍ଥିକ ସାଧନ ଅର୍ଥମନ୍ତ୍ରୀଙ୍କୁ ହିଁ ଜୁଟାଇବାକୁ ପଡୁଥିଲା, ତେଣୁ ସାଧନର ସୀମା ନିର୍ଣ୍ଣୟ ମୋ ଉପରେ ଛାଡି ଦିଆ ଯାଉଥିଲା । ସାଧନ କିପରି ଭାବରେ ଜୁଟାଯାଏ, କେତେ ଜୁଟାଯାଏ ଓ କେତେ ଜୁଟାଯାଇ ପାରେ ଏ ସମ୍ବନ୍ଧରେ ମୁଁ ଯୋଜନା ଆୟୋଗ ସଦସ୍ୟ ଓ ଖାସ୍ କରି ଏହାର ଉପାଧ୍ୟକ୍ଷଙ୍କ ସହିତ ପରାମର୍ଶ କରୁଥିଲି । ତଥାପି ବଜେଟ ତିଆରି କରି ପେଶ୍ କରିବା ମୋ କାମ ହୋଇଥିବାରୁ ଅନ୍ତିମ ନିର୍ଣ୍ଣୟ ମୋ ଉପରେ ଛାଡି ଦିଆଯାଉଥିଲା । ଏହି ପରି କାମ କରିବାରୁ କାମରେ ବୁଝାମଣା ରହୁଥିଲା ଓ ଆମର କେବେ କିଛି ମତାନ୍ତର ହେଉ ନଥିଲା ।

୧୯୬୭ରେ ଅର୍ଥ ମନ୍ତ୍ରୀ ହିସାବରେ ମୁଁ ୧୯୬୭-୬୮ର ବଜେଟ ପେଶ୍ କଲି । ୧୯୫୯-୬୦ରେ ମୁଁ ଯେଉଁ ବଜେଟ ପେଶ୍ କରିଥିଲି ତା' ଅପେକ୍ଷା ବର୍ତ୍ତମାନ ସ୍ଥିତି ବହୁତ କଠିନ ଥିଲା । ଦୁଇଟି ଯୁଦ୍ଧ ଓ ଲଗାତର ଦୁଇବର୍ଷ ଧରି କେତେକ ରାଜ୍ୟରେ ଦୁର୍ଭିକ୍ଷ କାରଣରୁ ଆର୍ଥିକ କ୍ଷେତ୍ରରେ ଅନେକ ବିଭାଗରେ ମାନ୍ଦା ପଡି ଯାଇଥିଲା । ବିଦେଶୀ ମୁଦ୍ରାର ସ୍ଥିତି କେବଳ ଅତ୍ୟନ୍ତ ବିକଟ ଓ ଚିନ୍ତାଜନକ ନଥିଲା, ବଡ ବିପଦଜନକ ମଧ୍ୟ ଥିଲା । ଏଥି ପାଇଁ ସମତୁଲ ବଜେଟ ପ୍ରସ୍ତୁତ କରିବା ଆବଶ୍ୟକ ଥିଲା । ମାନ୍ଦା ଯୋଗୁଁ ଆୟର ସାଧନ କମ ହୋଇ ଯାଇଥିଲା । ଦୁର୍ଭିକ୍ଷକୁ ପାରି ହେବାପାଇଁ ଅଧିକ ବ୍ୟୟ କରିବାକୁ ପଡୁଥିଲା । ମହଙ୍ଗା ବଢି ଯାଉଥିଲା । ଏ ସବୁ କାରଣରୁ ୧୬୮ କୋଟି ଟଙ୍କାର ନିଅଣ୍ଟିଆ ବଜେଟ ତିଆରି କରିବାକୁ ପଡିଥିଲା । କେତେକ ରାଜ୍ୟ ନିଅଣ୍ଟିଆ ବଜେଟ ପେଶ କରି ଆୟରୁ ଅଧିକ ଖର୍ଚ୍ଚ କରୁଥିଲେ ଯାହାର ବୋଝ କେନ୍ଦ୍ର ବଜେଟ ଉପରେ ପଡୁଥିଲା । ରାଷ୍ଟ୍ରୀୟ ଆୟରେ ଘରୋଇ ସଞ୍ଚୟ ଆଠ ପ୍ରତିଶତ ହୋଇ ଯାଇଥିଲା । ତେଣୁ ୧୯୬୭-୬୮ ବଜେଟରେ ମୁଖ୍ୟ କାର୍ଯ୍ୟ ଥିଲା ଆର୍ଥିକ ସ୍ଥିରତା ଆଣିବା ।

ଏକ ପକ୍ଷରେ ବିଶେଷ କରି କେତେକ ଯନ୍ତ୍ର ଉଦ୍ୟୋଗ ତଥା ଅନ୍ୟ ଉଦ୍ୟୋଗରେ ସେମାନଙ୍କର କ୍ଷମତାରୁ କମ୍ ଉତ୍ପାଦନ ହେଉଥିଲା ଯେଉଁ ସକାଶେ ସେଥିରେ ଅଧିକ ପୁଞ୍ଜି ଲଗାଇବାର ଆବଶ୍ୟକତା ଥିଲା । ଅନ୍ୟ ପକ୍ଷରେ ଖାଦ୍ୟଶସ୍ୟରେ ଆର୍ଥିକ ସହାୟତା ଜାରି ରଖିବାର ଆବଶ୍ୟକତା ଥିଲା, ତଥା ଦରଦାମ ନିୟନ୍ତ୍ରିତ ରଖିବା ପାଇଁ ଖର୍ଚ୍ଚରେ ବିଶେଷ ସାବଧାନତା ଅବଲମ୍ବନ କରିବାର ଥିଲା । ବିଶେଷ କରି ଏହି କାରଣରୁ ପରିସ୍ଥିତି କଠିନ ଓ ଜଟିଳ ହୋଇ ଯାଇଥିଲା । ଏଥି ପାଇଁ ୧୯୬୭-୬୮ ଯୋଜନା ବ୍ୟୟରେ ବୃଦ୍ଧି କରାଯାଇଥିଲା କିନ୍ତୁ ଯୋଜନାର ଢାଞ୍ଚା ଏପରି ରଖା ଯାଇଥିଲା ଯେପରି କୃଷି ଉପରେ ଅଧିକ ଧ୍ୟାନ ଦିଆଯିବ । ଖର୍ଚ୍ଚ କମ୍ କରିବା ଓ କର ବଢାଇବାର ପ୍ରଯତ୍ନ କରାଯାଇ ଥିଲା ଯଦ୍ଵାରା ୧୯୬୭-୬୮ ବଜେଟରେ ୭୬ କୋଟି ଟଙ୍କା

Digitized by srujanika@gmail.com

କର ବଢାଇ ଦିଆ ଯାଇଥିଲା । ତଥା ରେଳ ଭଡା ଓ ମାଲଗାଡି ଭଡା ବଢାଇ ୬୮ କୋଟି ଟଙ୍କା ପ୍ରାପ୍ତ କରିବାର ବ୍ୟବସ୍ଥା କରାଯାଇଥିଲା । ଏ ସବୁର ଫଳସ୍ୱରୂପ ପରିସ୍ଥିତି ଟିକିଏ ନିୟନ୍ତ୍ରଣାଧୀନ ହୋଇ ପାରିଥିଲା ।

ଫଳରେ ୧୯୬୮-୬୯ ବଜେଟ ତିଆରି ସମୟରେ କୃଷି କ୍ଷେତ୍ରରେ ଉତ୍ପାଦନରୁ ଯେଉଁ ଲାଭ ହୋଇଥିଲା ତା'କୁ ଆହୁରି ବିସ୍ତୃତ କରି ୧୯୬୯-୭୦ର ଯୋଜନାର ଢାଞ୍ଚାକୁ ଅଧିକ ଉତ୍ସାହପ୍ରଦ କରିବାକୁ ପ୍ରଯତ୍ନ କରାଗଲା । ବିଶେଷ କରି ଉଦ୍ୟୋଗମାନଙ୍କରେ ପୁଞ୍ଜି ଲଗାଇବାରେ ଯେଉଁ ପ୍ରତି ବନ୍ଧକ ଆସିଥିଲା ତା'କୁ ବର୍ତ୍ତମାନ ସୁଧାରିବାକୁ ପ୍ରଯତ୍ନ କରାଗଲା । ସେଥିପାଇଁ କମ୍ପାନୀମାନଙ୍କ ଉପରେ ଲଗା ଯାଇଥିବା ଅଧିଭାରକୁ କମ୍ କରାଗଲା । ଡିଭିଡେଣ୍ଡ ଟ୍ୟାକ୍ସ ହଟାଇ ଦିଆଗଲା ଓ କୃଷି ଉତ୍ପାଦନ ବଢାଇବା ତଥା ରପ୍ତାନିକୁ ପ୍ରୋତ୍ସାହନ ଦେବା ପାଇଁ କେତେକ ଆବଶ୍ୟକ ପଦକ୍ଷେପ ନିଆଗଲା । ଡିଭିଡେଣ୍ଡରୁ ହେଉଥିବା ଆୟ ଉପରେ ଲାଗୁଥିବା କରରେ ଛାଡର ସୀମା ବଢାଇ ତଥା କର ର ଢାଞ୍ଚାକୁ ଅଧିକ ସୁଗମ, ସରଳ କରିବା ପାଇଁ ଭୂତଲିଙ୍ଗମ୍ କମିଟିର କେତେକ ସୁପାରିଶ କାର୍ଯ୍ୟାନ୍ୱିତ କରାଗଲା ।

୧୯୬୮-୬୯ ବଜେଟରେ କରରେ ହେଉଥିବା ଚୋରୀକୁ ବନ୍ଦ କରିବାକୁ ତଥା କରର ଢାଞ୍ଚାକୁ ବଢାଇବା ପାଇଁ ବିଶେଷ ପଦକ୍ଷେପ ନିଆଯାଇ ଥିଲା । କମ୍ପାନୀମାନଙ୍କ ଖର୍ଚ୍ଚକୁ ନିୟନ୍ତ୍ରିତ କରାଗଲା ଓ ଆୟକର ଏବଂ ସମ୍ପତ୍ତି କରରେ ଚୋରୀ ପାଇଁ ଅଧିକ ଦଣ୍ଡ ବ୍ୟବସ୍ଥା କରାଗଲା । ଆୟକରରୁ ଛାଡ ପାଇବା ପାଇଁ ଦାବି କରୁଥିବା ଖର୍ଚ୍ଚ କମ୍ପାନୀମାନେ ବ୍ୟାଙ୍କ ଚେକ୍ ଦ୍ୱାରା କରିବାକୁ ନିୟମ ତିଆରି କରାଗଲା ।

୧୯୬୮-୬୯ରେ ୬୬ କୋଟି ଟଙ୍କାର କର ବୃଦ୍ଧି କରାଗଲା ଓ ରେଳ ଭଡା ତଥା ମାଲ ଭଡାରେ ବୃଦ୍ଧି ଓ ଡାକ ବିଭାଗ ଦ୍ୱାରା ୫୨ କୋଟି ଟଙ୍କାର ଅନ୍ୟ ଆୟ ବଢାଗଲା । ଲୋକମାନେ ବେଶି ସଞ୍ଚୟ କରନ୍ତୁ ସେଥିପାଇଁ କେତେ ନୂଆ ଯୋଜନା ଲାଗୁ କରାଗଲା, ଯେଉଁଥିରେ ପାଞ୍ଚ ବର୍ଷ ପାଇଁ ଫିକ୍ସଡ୍ ଡିପୋଜିଟ ଉପରେ କରମୁକ୍ତି ତଥା ସାର୍ବଜନିକ ଭବିଷ୍ୟ ନିଧି ଯୋଜନାଗୁଡ଼ିକ ଉଲ୍ଲେଖନୀୟ ଅଟେ । ସାର୍ବଜନିକ ଭବିଷ୍ୟ ନିଧି ଯୋଜନା ଲାଗୁ କରାଯାଇଥିଲା ବିଶେଷ କରି ସେଇ ଲୋକମାନଙ୍କ ପାଇଁ ଯେଉଁମାନେ କେଉଁଠି କାମ କରି ମଧ୍ୟ ଭବିଷ୍ୟ ନିଧିର ଲାଭ ଉଠାଇ ପାରୁ ନଥିଲେ ଓ ଏଇ କାରଣରୁ ଆୟକରରୁ ଛାଡ ପାଇପାରୁ ନଥିଲେ ।

ତୃତୀୟ ପଞ୍ଚବର୍ଷୀୟ ଯୋଜନା ପୂରା ହୋଇଯିବା ପରେ ଆର୍ଥିକ ସ୍ଥିତି ଠିକ୍ ନ ହେବାରୁ ଚତୁର୍ଥ ପଞ୍ଚବର୍ଷୀୟ ଯୋଜନା ଠିକ୍ ସମୟରେ ପ୍ରସ୍ତୁତ ହୋଇପାରି ନଥିଲା ତଥାପି ବାର୍ଷିକ ଯୋଜନା ତିଆରି ହେଉଥିଲା । ଏହିପରି ୧୯୬୭-୬୮ ତଥା ୧୯୬୮-୬୯ ବଜେଟରେ ଚତୁର୍ଥ ପଞ୍ଚବର୍ଷୀୟ ଯୋଜନା ପାଇଁ ଅନୁକୂଳ ବାତାବରଣ ଓ ସ୍ଥିତି ଉତ୍ପନ୍ନ କରିବା ପାଇଁ ଚେଷ୍ଟା କରାଗଲା । ଏଥିରୁ ୧୯୬୯-୭୦ ବଜେଟରେ ଦରଦାମ ସ୍ଥିର ହେବା ପରିସ୍ଥିତି ଆସିଲା ଓ ଉଦ୍ୟୋଗରେ ଆସିଥିବା ମାନ୍ଦା ଦୂର ହୋଇ ପୁଣି ବିକାଶୋନ୍ମୁଖୀ ପରିସ୍ଥିତି ଉତ୍ପନ୍ନ ହେଲା । ୧୯୬୯-୭୦ ବଜେଟରେ ପୁଞ୍ଜି ବିନିଯୋଗ ପାଇଁ ବିଶେଷ ପ୍ରଯତ୍ନ କରାଯାଇ ଥିଲା । କର ଢାଞ୍ଚାକୁ ସରଳ, ଉପଯୁକ୍ତ ଓ ବ୍ୟବହାରିକ କରାଯାଇ ଥିଲା । ଏହା ସହିତ ଏପରି ବ୍ୟବସ୍ଥା କରାଗଲା ଯେ ବିକାଶ ବଢିବା ସଙ୍ଗେ ସଙ୍ଗେ କରର ମାନ ସ୍ଥିର ରହି ଏହାର ପରିମାଣ ବଢିବ ।

୧୯୬୯-୭୦ରେ ଯୋଜନା ଉପରେ ବାର୍ଷିକ ବ୍ୟୟ ମଧ୍ୟ ପୂର୍ବାପେକ୍ଷା ବହୁତ ଅଧିକ କରାଗଲା ନାହିଁ । ତଥାପି ବିକାଶର ପ୍ରଗତିକୁ ଉତ୍ତମ ବେଗ ଦେବା ଓ ବଢାଇବା ପାଇଁ ଉପାୟ କରାଗଲା । ଏଇ ପରି କେନ୍ଦ୍ର ସରକାରଙ୍କ ୧୯୬୯-୭୦ ବଜେଟରେ ବିକାଶ କାର୍ଯ୍ୟ ପାଇଁ ବ୍ୟୟର ବ୍ୟବସ୍ଥା ଏହାର ପୂର୍ବ ବର୍ଷ ଅପେକ୍ଷା ୧୭୭ କୋଟି ଟଙ୍କା ଅଧିକ କରାଯାଇଥିଲା । ଖାଦ୍ୟଶସ୍ୟ ଉପରେ ଦିଆ ଯାଉଥିବା ସହାୟତା ଓ ଦୁର୍ଭିକ୍ଷରେ ସାହାଯ୍ୟ ଖର୍ଚ୍ଚ ଏ ବଜେଟରେ କମ୍ ରଖାଗଲା ।

Digitized by srujanika@gmail.com

ବିକାଶ କାର୍ଯ୍ୟ ଛଡା ଅନ୍ୟ ଖର୍ଚ୍ଚରେ ଯେଉଁ ବୃଦ୍ଧି ହେଉଥିଲା ତାହା ସେନା, ପୁଲିସ ଓ ରାଜ୍ୟରେ ଆୟରୁ ଅଧିକ ଖର୍ଚ୍ଚ ଅର୍ଥାତ ତାଙ୍କର ଓଭର-ଡ୍ରାଫ୍ଟ କାରଣରୁ ହେଉଥିଲା । ଏଇପରି ୧୯୬୯-୭୦ ବଜେଟର ବିଶେଷତଃ ହେଲା ଯେ ସେଥିରେ ବିକାଶମୂଳକ କାର୍ଯ୍ୟକୁ ଅଧିକ ମହତ୍ୱ ଦିଆ ଯାଇଥିଲା ।

ରପ୍ତାନି ଉପରେ କର କମ୍ କରାଗଲା ଓ ସଂଚୟ ମୂଳକ ଯୋଜନା ବଢାଇବା ପାଇଁ ପଦକ୍ଷେପ ନିଆଗଲା । ବିଶେଷତଃ ବିକାଶ ଆବଶ୍ୟକତା ପୂରା କରିବା ପାଇଁ କର ଢାଞ୍ଚାରେ କିଛି ମୌଳିକ ପରିବର୍ତ୍ତନ କରାଗଲା । କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟି ନିର୍ଦ୍ଧାରିତ ଦରରେ ନେବା ପରିବର୍ତ୍ତେ ତା'କୁ କେତେକ ଦ୍ରବ୍ୟର ମୂଲ୍ୟ ଭାଉ ସହିତ ସମ୍ବନ୍ଧିତ କରାଗଲା । ସମ୍ପତ୍ତି କରରେ ଭୂ-ସମ୍ପତ୍ତିକୁ ମଧ୍ୟ ସାମିଲ କରାଗଲା । ଏହିପରି କରରେ ହେଉଥିବା ଚୋରି ବନ୍ଦ କରିବାର ଉପାୟ ମଧ୍ୟ କରାଗଲା ।

ଚତୁର୍ଥ ପଞ୍ଚବର୍ଷୀୟ ଯୋଜନାର ପ୍ରଥମ ବର୍ଷ ଏ ପ୍ରକାର ଯେଉଁ କର ବୃଦ୍ଧି କରାଗଲା ସେଥିରୁ ପାଞ୍ଚ ବର୍ଷରେ ୮୭୫ କୋଟି ଟଙ୍କା ଅଧିକ ମିଳିବା ଅନୁମାନ ଥିଲା । ଏହିପରି ଚତୁର୍ଥ ପଞ୍ଚବର୍ଷୀୟ ଯୋଜନା ପାଇଁ ସାଧନ ଯୋଗାଡ କରିବାକୁ ଉପାୟ କରାଯାଇ ଥିଲା ।

କେନ୍ଦ୍ର ତଥା ପ୍ରାଦେଶିକ ସରକାରଙ୍କ କର ଦ୍ୱାରା ଆୟ ୧୯୬୫-୬୬ରେ ରାଷ୍ଟ୍ରୀୟ ଆୟର ୧୪.୨ ପ୍ରତିଶତ ଥିଲା, ଯାହା କମ୍ ହୋଇ ୧୯୬୭-୬୮ରେ ୧୨.୪ ପ୍ରତିଶତ ହୋଇ ଯାଇଥିଲା । କିନ୍ତୁ ୧୯୬୯-୭୦ରେ ସେଥିରେ ୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେଲା । ଏ ସବୁ ନୀତିର ଆଧାର ଉପରେ ନିୟନ୍ତ୍ରିତ ତିନିବର୍ଷର ବଜେଟ ଯୋଗୁ ଆର୍ଥିକ ଅବସ୍ଥାରେ ଉନ୍ନତି ଦେଖା ଦେଇଥିଲା ଓ ଲୋକମାନଙ୍କ ମଧ୍ୟରେ ନିରାଶା ଅନେକ ପରିମାଣରେ ଦୂର ହୋଇଗଲା । ଆର୍ଥିକ ସ୍ଥିତି ସୁଧୁରି ଥିଲା, ଔଦ୍ୟୋଗିକ କ୍ଷେତ୍ରରେ ମଧ୍ୟ ବିକାଶର ଆଶା ଉତ୍ପନ୍ନ ହୋଇଥିଲା ।

ମୁଁ ଯେପରି ଆଗରୁ କହିଛି, ବ୍ୟାଙ୍କମାନଙ୍କରେ ସାମାଜିକ ନିୟନ୍ତ୍ରଣ ପାଇଁ ନିର୍ଣ୍ଣୟ ୧୯୬୭ ମେ ଶେଷ ଭାଗରେ ନିଆ ଯାଇଥିଲା । ଏହା ପୂର୍ବରୁ ମୁଁ ଶ୍ରୀ ଭି. ଏ. ପାଇ ପାଣାଣ୍ଡିକରଙ୍କୁ ଏ ବିଷୟରେ ବିଚାର କରି ରିପୋର୍ଟ ଦେବାକୁ ନିଯୁକ୍ତ କରିଥିଲି । ଏହାପରେ ମୁଁ ଜାପାନ ଗଲି । ଏହା ପୂର୍ବରୁ ସେ ପ୍ରଥମ ରିପୋର୍ଟ ମୋତେ ଦେଇଥିଲେ ଯାହାକୁ ମୁଁ ନିଜ ସାଙ୍ଗରେ ନେଇ ଯାଇଥିଲି । ତାଙ୍କର ଶେଷ ରିପୋର୍ଟ ମୋର ଜାପାନରୁ ଫେରିବା ପରେ ସେପ୍ଟେମ୍ବର ମାସରେ ମିଳିଲା । ଏହା ଉପରେ ମନ୍ତ୍ରୀ ମଣ୍ଡଳରେ କିଛି ବିଚାର ବିମର୍ଶ ହେଲା । ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ବୈଠକକୁ ମୋର ଯିବାର ଥିଲା । ଏଥିପାଇଁ ଏ ବିଚାର ପୂରା ହୋଇ ନପାରି ସ୍ଥଗିତ ରହିଲା । ସେଠାରୁ ମୁଁ ଫେରିବା ପରେ, ଅକ୍ଟୋବର ଶେଷରେ ମନ୍ତ୍ରୀମଣ୍ଡଳରେ ଏହା ଉପରେ ବିଚାର ହେଲା ଓ ବ୍ୟାଙ୍କମାନଙ୍କର ସାମାଜିକ ନିୟନ୍ତ୍ରଣ ସ୍ୱୀକାର କରାଗଲା ।

ଅକ୍ଟୋବର ଶେଷ ଭାଗରେ ଜବଲପୁରରେ ହୋଇଥିବା କଂଗ୍ରେସ ବୈଠକକୁ ମୁଁ ଯାଇଥିଲି । ଆଗରୁ ଯେପରି କହିସାରିଛି, ୧୯୬୭ ନଭେମ୍ବରରେ ମୁଁ ଭାରତର ବ୍ୟାପାରିକ ବ୍ୟାଙ୍କ ମୁଖ୍ୟ ଅଧିକାରୀଙ୍କୁ ଡକାଇଥିଲି ଓ ଏ ଯୋଜନା ସେମାନଙ୍କୁ ବୁଝାଇଥିଲି । ବିଦେଶୀ ବ୍ୟାଙ୍କ ସଞ୍ଚାଳକଙ୍କୁ ଅଲଗା ଅଲଗା ଡକାଇଥିଲି । ଭାରତର ବ୍ୟାପାରିକ ବ୍ୟାଙ୍କରମାନେ ଆଇନକୁ ଅପେକ୍ଷା ନ କରି ଦୁଇ ମାସରେ ନିୟନ୍ତ୍ରଣ ଆରମ୍ଭ କରିବାକୁ କହିଥିଲି । ବିଦେଶୀ ବ୍ୟାଙ୍କରମାନଙ୍କୁ କହିଥିଲି ଯେ ନିୟନ୍ତ୍ରଣ ପାଇଁ ଆମ ଯୋଜନା ଅନୁସାରେ ଯେଉଁ ବ୍ୟାଙ୍କ କାମ ନ କରିବାକୁ ଚାହାଁନ୍ତି ସେମାନେ ଏ ଦେଶରେ ନିଜ କାମ ଚଳାଇ ପାରିବେ ନାହିଁ । ସେମାନେ ପୂରା ସହଯୋଗ ଦେବାକୁ ବିଶ୍ୱାସ ଦେଇଥିଲେ ।

Digitized by srujanika@gmail.com

୧୯୬୭ ଡ଼ିସେମ୍ବର ମାସରେ ବ୍ୟାଙ୍କର ସାମାଜିକ ନିୟନ୍ତ୍ରଣ ବିଧେୟକ ପେଶ କରାଗଲା ଯେଉଁଥିରେ ଋଣ ଯୋଜନା, ବ୍ୟାଙ୍କରେ ପ୍ରବନ୍ଧ ଓ ସଂଚାଳନରେ ପରିବର୍ତ୍ତନ, ବ୍ୟାଙ୍କରମାନଙ୍କ ଶିକ୍ଷଣ ପାଇଁ ସଂସ୍ଥା ତଥା ବ୍ୟାଙ୍କିଙ୍ଗ କମିଶନ ନିଯୁକ୍ତି ବିଷୟ ଥିଲା । ୧୯୬୮ ଫେବୃଆରୀରେ ନ୍ୟାସନାଲ କ୍ରେଡ଼ିଟ୍ କାଉନସିଲ ନିଯୁକ୍ତି ହେଲା ଓ ଏହାର ପ୍ରଥମ ବୈଠକ ମାର୍ଚ୍ଚରେ ହେଲା ଓ ଜୁଲାଇରେ ତାହାର ନୀତି ନିର୍ଦ୍ଧାରିତ ହେଲା । ୧୯୬୯ ଫେବୃଆରୀରେ ସାମାଜିକ ନିୟନ୍ତ୍ରଣ ବିଧେୟକ ସଂସଦରେ ସ୍ୱୀକୃତ ହେଲା । ରାଷ୍ଟ୍ରପତିଙ୍କ ସ୍ୱୀକୃତି ମଧ୍ୟ ମିଳିଗଲା ଓ ଏହିପରି ଏ କାନୁନ ତିଆରି ହେଲା ।

୧୯୬୯ ମାର୍ଚ୍ଚରେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କର୍ସ ଆରମ୍ଭ କରାଗଲା । ନ୍ୟାସନାଲ କ୍ରେଡ଼ିଟ କାଉନସିଲର ବୈଠକ ୧୯୬୯ ମାର୍ଚ୍ଚରେ ବସିଲା ଓ ସେ ସମୟ ପର୍ଯ୍ୟନ୍ତ ହୋଇଥିବା କାମର ଲେଖାଯୋଖା ନିଆଗଲା । ଜମା ରକମରେ ୧୫୦ କୋଟି ଟଙ୍କା ବୃଦ୍ଧି ହୋଇଥିଲା ତଥା ବ୍ୟାଙ୍କମାନଙ୍କର ଶାଖା ସଂଖ୍ୟା ବଢିକରି ୬୮୪ ହୋଇ ଯାଇଥିଲା । କୃଷକ ତଥା ଲଘୁ ଉଦ୍ୟୋଗମାନଙ୍କୁ ଦିଆ ଯାଇଥିବା ଋଣରେ ବେଶ ବୃଦ୍ଧି ହୋଇଥିଲା ।

୧୯୬୭-୬୮ର ବଜେଟ ସ୍ୱୀକାର କରାଯିବା ପରେ, ପ୍ରଧାନମନ୍ତ୍ରୀ ଦୁଇ ତିନି ପ୍ରଦେଶକୁ ଅଧିକ ଅର୍ଥ ଦେବା ସମ୍ବନ୍ଧରେ ଯୋଜନା ଆୟୋଗ ଉପାଧ୍ୟକ୍ଷ ତଥା ଦୁଇ ତିନି ମନ୍ତ୍ରୀ ଓ ମୋ ସହିତ ବୈଠକ ଡକାଇଲେ । ସେଠାରେ ଏହି ପ୍ରଦେଶମାନଙ୍କ ଆବଶ୍ୟକତା ଉପରେ ଜୋର ଦିଆଗଲା ଓ ସେମାନଙ୍କ ପାଇଁ କିଛି କୋଟି ଟଙ୍କା ଅଧିକ ବ୍ୟବସ୍ଥା କରିବା ପାଇଁ ମତେ ବୁଝାଇବାକୁ ପ୍ରଯତ୍ନ କରାଗଲା । ମୁଁ କହିଲି, ''ଆପଣ ଜାଣନ୍ତି ଯେ କେତେ କଷ୍ଟରେ ଆମେ ଏଇ ବଜେଟ ଓ ବାର୍ଷିକ ଯୋଜନା ତିଆରି କରି ସେଥିପାଇଁ ଯଥା ସମ୍ଭବ ଅଧିକରୁ ଅଧିକ ସାଧନ ଯୋଗାଡ଼ କରିଛୁ । ଏହା ଅପେକ୍ଷା ଅଧିକ ବ୍ୟବସ୍ଥା କରିବାକୁ ହେଲେ ନିଅଣ୍ଟ ଅର୍ଥ ବ୍ୟବସ୍ଥାରେ ଅଧିକ ବୃଦ୍ଧି ହେବ । ଜିନିଷ ପତ୍ରରେ ବଢୁଥିବା ଦରଦାମ ବନ୍ଦ କରିବାକୁ ହେବ କିନ୍ତୁ ନିଅଣ୍ଟ ଅର୍ଥ ବ୍ୟବସ୍ଥା ବୃଦ୍ଧି କରାଗଲେ, ଏପରି କରିବାରେ ଆମେ ଅକ୍ଷମ ରହିବୁ ଓ ଖର୍ଚ୍ଚ ବଢାଇଲେ ଓଲଟା ବେଶି କ୍ଷତି ହେବ ।'' ଏତେ ପରେ ମଧ୍ୟ ଯେତେବେଳେ ତାଙ୍କ ଆଗ୍ରହ ଜାରି ରହିଲା । ମୁଁ କହିଲି, ''ଏପରି କରି ଆପଣ ଯେଉଁ ଅସୁବିଧା ଉତ୍ପନ୍ନ କରିବେ ସେଥିରେ ମୋ ସ୍ଥିତି ବିକଟ ହୋଇଯିବ । ପରମାତ୍ମା ମତେ ସୁଦୃଢ ଜ୍ଞାନ ତନ୍ତୁ ନ ଦେଇଥିଲେ, ମୁଁ ଏ ସ୍ଥିତିରେ ସମ୍ଭବତଃ ଭାରସାମ୍ୟ ହରାଇ ବସିଥା'ନ୍ତି । କିନ୍ତୁ ପରମାତ୍ମାଙ୍କ କୃପାରୁ ମୋର ଭାରସାମ୍ୟ ଦୃଢ ଅଛି । ତେଣୁ ମୁଁ ଆପଣଙ୍କ ଆଗ୍ରହର ଚାପରେ ଆସି ପାରିବି ନାହିଁ । ଅତଃ, କୃପା କରି ଆପଣ ନିଜର ଏ ଆଗ୍ରହ ଛାଡି ଦିଅନ୍ତୁ ।'' ଏତେ କହିବା ପରେ ହିଁ, ସେ ଏ ଆଗ୍ରହ ଛାଡ଼ିଥିଲେ ।

Digitized by srujanika@gmail.com

(୩୭) ଜାପାନ, ତ୍ରିନିଦାଦ ଓ ବ୍ରାଜିଲ ଯାତ୍ରା

୧୯୬୭ ମସିହା ଜୁନ ଜୁଲାଇରେ ଦିଲ୍ଲୀ ସ୍ଥିତ ଜାପାନୀ ରାଜଦୂତଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହୋଇଥିଲା ସେଥିରୁ ମତେ ଲାଗିଲା କି ଭାରତ ସରକାରଙ୍କ ବ୍ୟବସ୍ଥାରେ ଜାପାନ ଟିକେ ଅସୁସ୍ଥ ଅଛି । କିଛି ସମୟରୁ ଆମ ଏଠାରୁ କେହି ଜାପାନ ଯାଇ ନଥିଲେ । ୧୯୬୫ ଶେଷ ଭାଗରେ ଶ୍ରୀ ଟି. ଟି. କୃଷ୍ଣାମାଚାରୀ ଯେବେ ଅର୍ଥ ମନ୍ତ୍ରୀ ଥିଲେ, ତାଙ୍କର ଯିବାର ଥିଲା । ତଥାପି କୌଣସି କାରଣବଶତଃ ସେ ଯାଇପାରି ନଥିଲେ । ତା'ପରେ ହିଁ ଦୁଇ ଦେଶର ପାରମ୍ପରିକ ସମ୍ବନ୍ଧ ଟିକେ ମାନ୍ଦା ପଡି ଯାଇଥିଲା । ଜାପାନୀ ରାଜଦୂତଙ୍କ ସହିତ କଥାବାର୍ତ୍ତା ବେଳେ ସେ କହିଲେ, "ଆପଣଙ୍କ ଜାପାନ ଯାତ୍ରା ଦୁଇ ଦେଶ ସମ୍ବନ୍ଧ ଠିକ ହେବାରେ ସହାୟକ ହେବ ଏବଂ ଆପଣ ସେଠାକୁ ଗଲେ ସେଠାକାର କିଛି ନେତା ଏଠାକୁ ବି ଆସିବେ ।"

ଜାପାନ ସରକାର ମଧ୍ୟ ମତେ ଜାପାନ ଆସିବା ପାଇଁ ନିମନ୍ତ୍ରଣ ପଠାଇଲେ । ପ୍ରଧାନମନ୍ତ୍ରୀଙ୍କ ସହିତ ଏ ବିଷୟରେ ପରାମର୍ଶ କରି ମୁଁ ଜାପାନ ନିମନ୍ତ୍ରଣ ସ୍ୱୀକାର କରିଲି ଓ ୧୯୬୭ ଅଗଷ୍ଟ ମାସରେ ଜାପାନ ଗଲି । ଟୋକିଓରେ ଜାପାନର ବିଦେଶ ମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କ ସହିତ ମୋର ଭେଟ ହେଲା । ପ୍ରଧାନମନ୍ତ୍ରୀ ଶ୍ରୀ ସାଟୋଙ୍କୁ ମଧ୍ୟ ମୁଁ ସାକ୍ଷାତ କଲି । ତାଙ୍କ ସହିତ ମୋ ପରିଚୟ ତ ୧୯୫୮ରୁ ହିଁ ଥିଲା, ଯେତେବେଳେ ସେ ଜାପାନର ଅର୍ଥମନ୍ତ୍ରୀ ହିସାବରେ ଭାରତ ଆସିଥିଲେ ।

ଶ୍ରୀ ସାଟୋ ଭାରତ ଓ ଜାପାନର ସମ୍ବନ୍ଧ ପ୍ରଗାଢ କରିବାକୁ ଉତ୍ସୁକ ଥିଲେ । ୧୯୭୦ରେ ଯେଉଁ 'ଏକ୍ସପୋ ୭୦' ମେଳା ଓସାକାରେ କରିବାକୁ ନିଶ୍ଚୟ କରିଥିଲେ ସେଥିରେ ଭାରତ ଭାଗନେବା ପାଇଁ ସେ ମତେ ଆଗ୍ରହ କରିଥିଲେ । ମୁଁ ଏହା ବିଚାର କରିବାକୁ ଆଶ୍ୱାସନା ଦେଇ କହିଲି ଏୟାର ଇଣ୍ଡିଆକୁ ଓସାକା ଯିବା ସୁବିଧା ଦିଆଗଲେ ଏ କାମ ସୁଗମ ହୋଇ ପାରିବ । ଏହି ବିଷୟକୁ ଯଥାର୍ଥ ଗୁରୁତ୍ୱ ଦେଇ ବିଚାର କରିବେ ବୋଲି ସେ ମତେ କହିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ସାଟୋ ଓ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ ସେତେବେଳେ କିଛି ପ୍ରତିଦ୍ୱନ୍ଦିତା ଚାଲୁଥିଲା । ପ୍ରଧାନମନ୍ତ୍ରୀ ମୋ ସହିତ ବାର୍ତ୍ତାଳାପ ସମୟରେ ଭାରତ ଆସିବାର ଇଚ୍ଛା ପ୍ରକଟ କରିଥିଲେ, କିନ୍ତୁ ସାଙ୍ଗେ ସାଙ୍ଗେ କହିଲେ ଯେ ଅନ୍ୟ ମହତ୍ୱପୂର୍ଣ୍ଣ କାର୍ଯ୍ୟବଶତଃ ସେ ଆସି ପାରିବେ ନାହିଁ ।

ଟୋକିଓରୁ ମୁଁ ଜାପାନର ଉତ୍ତରବର୍ତ୍ତୀ ପ୍ରଦେଶକୁ ଗଲି । ସେଠାରେ ବିଭିନ୍ନ ସ୍ଥାନ ଦେଖିବାକୁ ମତେ ନେଇ ଯାଇଥିଲେ । ସେଠାରେ କେତେକ ଉଦ୍ୟୋଗ-ଧନ୍ଦା ମୁଁ ଦେଖିଲି ଓ ଉଷ୍ଣ ଜଳ ଝରଣା ଥିବା ଏକ ସୁନ୍ଦର ସ୍ଥାନକୁ ମତେ ନେଇ ଯାଇଥିଲେ । ସେଠାରେ ଅଲଗା ଅଲଗା କମ୍-ବେଶୀ ତାପମାନର ପାଣି ତିନିଚାରି କୁଣ୍ଡରେ ରହୁଥିଲା । ସମସ୍ତେ ସେଥିରେ ପରିଧାନ ଓହ୍ଲାଇ ଗାଧୋଉଥିଲେ, କେବଳ ଗୋଟିଏ ତଉଲିଆ ପାଖରେ ରଖୁଥିଲେ । ସ୍ତ୍ରୀ ପୁରୁଷ ସମସ୍ତେ ଏକା ସାଙ୍ଗରେ ଏହିପରି ଝରଣାରେ ଗାଧୋଉଥିଲେ -- ଏହା ଏଠାର ବିଶେଷତା ଥିଲା । ମୁଁ ମଧ୍ୟ ପନ୍ଦର କୋଡିଏ ମିନିଟ ସେଠାରେ ଗାଧୋଇଲି, ଯଦ୍ୱାରା ମୋ କ୍ଳାନ୍ତି ଦୂର ହୋଇଗଲା ଓ ମୁଁ ବେଶ୍ ତାଜା ଅନୁଭବ କଲି ।

ଜାପାନର ରେଳ ବ୍ୟବସ୍ଥା ଦକ୍ଷତାପୂର୍ଣ୍ଣ ଅଟେ ଓ ସବୁ ରେଳଗାଡ଼ି ଠିକ ସମୟରେ ଚାଲେ । ତାଙ୍କ ସମୟ ସାରଣୀରେ ଦିଆଯାଇଥିବା ସମୟରେ କଦବା କେମିତି ବ୍ୟତିକ୍ରମ ଦେଖାଦିଏ । ପ୍ରତି ଘଣ୍ଟା ୧୫୦ ମାଇଲ ଗତିରେ ଚାଲୁଥିବା ରେଳଗାଡ଼ିରେ ମୁଁ ଯାତ୍ରା କଲି । ସେମାନେ କେତେ ଉତ୍ତମ ବ୍ୟବସ୍ଥା କରନ୍ତି ତା'ର ପୂରା ପରିଚୟ ମତେ ମିଳିଲା ।

Digitized by srujanika@gmail.com

ଟୋକିଓରେ କିଛି ନିକଟବର୍ତ୍ତୀ ଉଦ୍ୟୋଗ ମୁଁ ଦେଖିଲି । ଏହା ଆଗରୁ ୧୯୬୨ରେ ମୁଁ ଜାପାନ ଯାଇଥିଲି । ସେତେବେଳକୁ ପାଞ୍ଚ ବର୍ଷ ମଧ୍ୟରେ ଜାପାନ ବହୁତ ପ୍ରଗତି କରିଥିଲା -- ଏପରି ମତେ ଲାଗିଲା ।

ଜନସଂଖ୍ୟା ଦୃଷ୍ଟିରୁ ଟୋକିଓ ବଡ଼ ସହର ଅଟେ । ଲୋକମାନେ ବହୁତ ଧନୀ । ଏହା ସତ୍ତ୍ୱେ ମଧ୍ୟ ଯାତାୟତ ଆଦିର ବ୍ୟବସ୍ଥା ବହୁତ ଭଲ । ସବୁ ଜାଗା ପରିଷ୍କାର ଥିଲା ଓ ଲୋକମାନେ ବଡ ବ୍ୟବସ୍ଥିତ ଜଣା ପଡୁଥିଲେ । ପ୍ରତ୍ୟେକ ନାଗରିକ ଏ ବିଷୟରେ ସାବଧାନ ଥିଲେ । କେହି ଆବର୍ଜ୍ଜନା ଯେଉଁଠି ସେଇଠି ପକାଉ ନଥିଲେ; କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଉଥିଲେ ! ସମସ୍ତେ ନିଜ ଘର ସାମନା ରାସ୍ତା ସଫାସୁତରା ରଖୁଥିଲେ । ଏହିପରି ଟୋକିଓ ସହର ପରିଷ୍କାର ରହୁଥିଲା । ରାସ୍ତାର ଆଲୋକ ଅଲଗା ଅଲଗା ଜଣା ପଡୁଥିଲା । ପ୍ରତ୍ୟେକ ସାହିର ଲୋକ ଷ୍ଟ୍ରୀଟ ଲାଇଟ ବ୍ୟବସ୍ଥା ନିଜେ କରୁଥିଲେ, ଯଦ୍ଦ୍ୱାରା ସେଥିରେ ଭିନ୍ନ ଭିନ୍ନ କଳାତ୍ମକ ରଚନା ମୁଁ ଦେଖିଲି । ଜାପାନୀମାନଙ୍କ ମଧ୍ୟରେ ଦେଶପ୍ରେମର ଅନନ୍ୟ ଭାବନା ଦେଖାଯାଏ । ଜନତା ଓ ସରକାରଙ୍କ ମଧ୍ୟରେ ଯେତେ ସହଯୋଗ ମୁଁ ସେଠାରେ ଦେଖିଲି, ଏତେ ପ୍ରାୟ ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ ।

ଜାପାନର ଲୋକ ବଡ ପରିଶ୍ରମୀ । ଯେଉଁ କାରଖାନା ମୁଁ ଦେଖିବାକୁ ଯାଇଥିଲି ସେଠାରେ ଲୋକମାନେ ଖୁବ୍ ପରିଶ୍ରମ ଓ ମନଯୋଗ ସହକାରେ କାମ କରୁଥିଲେ ଓ କିଏ ଯିବା ଆସିବା କରୁଛି ସେଥିପ୍ରତି ଧ୍ୟାନ ଦେଉ ନଥିଲେ । ରାସ୍ତା କଡ଼ରେ ଅନେକ କାର୍ଯ୍ୟାଳୟ ଥିଲା ଯେଉଁଥିରେ ସଡ଼କ ତରଫରେ ଆଲୋକ ଭେଦ କାଚର କାନ୍ଥ ଥିଲା । ଫଳରେ ବାହାରେ ଚାଲୁଥିବା ଲୋକମାନଙ୍କୁ ଭିତରେ କାମ କରୁଥିବା ଲୋକ ଦେଖା ଯାଉଥିଲେ । ଭିତରେ କାମ କରୁଥିବା ଲୋକ ବାହାରେ ବୁଲୁଥିବା ଲୋକମାନଙ୍କ ପ୍ରତି ଦୃଷ୍ଟିପାତ ନ କରି ନିଜ କାମରେ ବ୍ୟସ୍ତ ରହୁଥିଲେ । ଜାପାନୀମାନଙ୍କର ଏପରି ସବୁ ଗୁଣ ଯୋଗୁଁ ହିଁ ଜାପାନର ଦ୍ରୁତ ଗତିରେ ପ୍ରଗତି ହେଉଛି ଓ ସମୃଦ୍ଧିରେ ଜାପାନ ସମସ୍ତଙ୍କ ଠାରୁ ଆଗକୁ ବଢିଗଲେ କୌଣସି ଆଶ୍ଚର୍ଯ୍ୟ କଥା ହେବ ନାହିଁ ।

କେତେଲୋକ ମତେ ପଚାରୁଛନ୍ତି କି ଜାପାନ ଏତେ ଅଧିକ ପ୍ରଗତି କରିଛି ଓ ତା' ତୁଳନାରେ ଆମର ଏଠାରେ ପ୍ରଗତି କିଛି ନୁହେଁ -- ଏହାର କାରଣ କ'ଣ ? ମୁଁ ସେମାନଙ୍କୁ କୁହେ ଯେ ସେମାନଙ୍କର କାର୍ଯ୍ୟ ପଦ୍ଧତି ଓ ଦେଶପ୍ରେମ ଆଦି ଗୁଣ ହିଁ ସେମାନଙ୍କର ପ୍ରଗତିର କାରଣ ଅଟେ । ଧ୍ୟାନ ରଖିବା ଉଚିତ ଯେ ବିଶ୍ୱ ଯୁଦ୍ଧ ପୂର୍ବରୁ ଜାପାନ ୮୦ ବର୍ଷ ପର୍ଯ୍ୟନ୍ତ ବିକାଶ ପାଇଁ ଲଗାତର ପରିଶ୍ରମ କରିଥିଲା ଓ ଯୁଦ୍ଧ ପୂର୍ବରୁ ମଧ୍ୟ ବିଜ୍ଞାନ କ୍ଷେତ୍ରରେ ଅତ୍ୟଧିକ ଉନ୍ନତି କରି ବିକଶିତ ଦେଶମାନଙ୍କ ମଧ୍ୟରେ ସ୍ଥାନ ପ୍ରାପ୍ତ କରିଥିଲା । ଅତଃ ଯୁଦ୍ଧ ପରାନ୍ତ ଏହି ସବୁ ଶକ୍ତି ପ୍ରୟୋଗ କଲା ଓ ଆମେରିକା ଠାରୁ ସହାୟତା ବିପୁଳ ମାତ୍ରାରେ ମିଳିଲା । ଏହାର ଫଳ ସ୍ୱରୂପ ହିଁ ଜାପାନ ଏତେ ଆଶ୍ଚର୍ଯ୍ୟଜନକ ପ୍ରଗତି କରିପାରିଛି ।

ଭାରତରେ ଏପରି କାର୍ଯ୍ୟ କୁଶଳତାର ଅଭାବ ଅଛି । ପାରସ୍ପରିକ ସହଯୋଗ ମଧ୍ୟ କମ୍ ଅଛି ଓ ଟେକ୍ନୋଲୋଜି ତଥା ବିଜ୍ଞାନର ପ୍ରଗତି ମଧ୍ୟ ତାଙ୍କ ତୁଳନାରେ ଆମର ଏଠାରେ ବହୁତ କମ୍ । ଏସବୁ କାରଣରୁ ଏହା ସ୍ୱାଭାବିକ ଯେ ଆମେ ଏତେ ପ୍ରଗତି କରିପାରି ନାହୁଁ । ଅତଃ ଜାପାନ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି । ବିଶେଷତଃ ସର୍ବୋପରେ ଦେଶପ୍ରେମ, କାମ କରିବାର ଅତୁଳନୀୟ ଏକାଗ୍ରତା, ଅନୁଶାସନପ୍ରିୟତା ଓ ମିତବ୍ୟୟିତା ଭଳି ଅନେକ ଗୁଣ ଶିଖିବାର ଯୋଗ୍ୟ ଅଟେ ।

Digitized by srujanika@gmail.com

ଜାପାନରୁ ହଂକଂ ହୋଇ ମୁଁ ଭାରତ ଫେରିଲି । ହଂକଂରେ କେତେ ଭାରତୀୟଙ୍କୁ ମୁଁ ଭେଟିଲି ଓ ସେମାନଙ୍କ ସହିତ କଥାବାର୍ତ୍ତା ମଧ୍ୟ କଲି । ହଂକଂରେ କିଛି ଦର୍ଶନୀୟ ସ୍ଥାନ ମଧ୍ୟ ମୁଁ ଦେଖିଲି ।

ଏହାପରେ ସେପ୍ଟେମ୍ବର ମାସରେ ଆମେରିକାର ରିୟୋଦିଜା ଜେରୋରେ ବିଶ୍ୱ ବ୍ୟାଙ୍କ ଓ ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ବୈଠକକୁ ମୋର ଯିବାର ଥିଲା । ଏହା ଛଡା ରାଷ୍ଟ୍ରମଣ୍ଡଳର ଅର୍ଥ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ମଧ୍ୟ ମୋର ଯିବାର ଥିଲା ଯାହାକି ଏଥର ତ୍ରିନିଦାଦର ରାଜଧାନୀ ପୋର୍ଟ ଅଫ୍ ସ୍ପେନ୍‌ରେ ହେବାର ଥିଲା । ତେଣୁ ଜାପାନରୁ ଫେରି ଦେଶରେ ଅଳ୍ପଦିନ ରହି ସେପ୍ଟେମ୍ବରରେ ମୁଁ ପୁଣି ବିଦେଶ ଯାତ୍ରାରେ କଟାଇଲି । ସର୍ବ ପ୍ରଥମେ ମୁଁ ଲଣ୍ଡନ ଗଲି । ସେଠାରେ ବ୍ରିଟେନର ଅର୍ଥ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କ ସହିତ ସାକ୍ଷାତ କଲି ଓ ପ୍ରତି ବର୍ଷ ପରି ସେମାନଙ୍କ ସହିତ ବିଚାର ବିନିମୟ କରିଲି ।

ପ୍ରଧାନମନ୍ତ୍ରୀ ହାରୋଲ୍ଡ ୱିଲସନ ଭାରତ ଉପରେ ୧୯୬୫ରେ ପାକିସ୍ତାନୀ ଆକ୍ରମଣ ସମୟରେ ଦିଆଯାଇଥିବା ନିଜ ବକ୍ତବ୍ୟରେ ଭାରତର କିଛି ସମାଲୋଚନା କରିଥିଲେ । ଏ ବିଷୟରେ ମୁଁ ତାଙ୍କ ସହିତ କଥା ହେଲି ଓ ଭାରତର ଦୃଷ୍ଟିକୋଣ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲି । କିନ୍ତୁ ଏ ବିଷୟରେ ବିଶେଷ କହିବାକୁ କିଛି ଦରକାର ପଡିଲା ନାହିଁ । କାରଣ ଏ କଥା ପଡିବାରୁ ସ୍ୱୟଂ ସ୍ୱୀକାର କରିନେଲେ ଯେ ତାଙ୍କ ବକ୍ତବ୍ୟ ଭୁଲ ବୁଝାମଣାରେ ଦିଆଯାଇ ଥିଲା ।

ସେ ମତେ ମଧ୍ୟାହ୍ନ ଭୋଜନ ପାଇଁ ଆମନ୍ତ୍ରିତ କରିଥିଲେ । ସେତେବେଳେ ଅନ୍ୟ ମନ୍ତ୍ରୀମାନଙ୍କ ସହ ମଧ୍ୟ ମୋର କଥାବାର୍ତ୍ତା ହେଲା । ମୁଁ ତାଙ୍କର ଅତିଥି ହୋଇ ସେଠାକୁ ଯାଇଥିଲି, ତେଣୁ ସେ ସମୟରେ ଭାରତର ଉଚ୍ଚାୟୁକ୍ତ ଶ୍ରୀ ଧାବନଙ୍କ ନିବାସ ସ୍ଥାନ ବଦଳରେ କ୍ଲାରିଜ ହୋଟେଲରେ ମୋର ରହିବା ବ୍ୟବସ୍ଥା କରାଯାଇ ଥିଲା । ଭାରତ ସହିତ ସମ୍ବନ୍ଧ ରଖୁଥିବା କେତେକ ଉଦ୍ୟୋଗପତି ଓ ବ୍ୟାପାରୀଙ୍କ ସହିତ ମୋର କଥାବାର୍ତ୍ତା ହେଲା । ଏ ସବୁ କଥାବାର୍ତ୍ତା ବେଳେ ଶ୍ରୀ ଧାବନ ଉପସ୍ଥିତ ଥିଲେ । ଭାରତର ଯେଉଁ ଦୃଷ୍ଟିକୋଣ ସେମାନଙ୍କ ସମ୍ମୁଖରେ ରଖିଲି ତାଙ୍କର ବହୁତ ପସନ୍ଦ ହୋଇଥିଲା ।

ଶ୍ରୀ ଧାବନଙ୍କ ପ୍ରତି ସେଠାରେ କେତେ ଲୋକ ଅସନ୍ତୁଷ୍ଟ ଥିଲେ -- ଏହା ମୋର ପ୍ରତୀତ ହେଲା । ସେମାନଙ୍କର ଧାରଣା ଥିଲା କି ଶ୍ରୀ ଧାବନଙ୍କ ନୀତି କିଛି ଇଂଲଣ୍ଡ ବିରୋଧୀ ଥିଲା । ସେମାନଙ୍କ ମନରେ ଧାରଣା ଥିଲା ଯେ ଶ୍ରୀ ଧାବନ ସାମ୍ୟବାଦୀରେ ପ୍ରଭାବିତ ହୋଇଛନ୍ତି । ପରେ ଶ୍ରୀ ଧାବନ ଯେତେବେଳେ ପଶ୍ଚିମ ବଙ୍ଗଳାର ଗଭର୍ଣ୍ଣର ଜେନେରାଲ ହେଲେ ସେତେବେଳେ ସେମାନଙ୍କର ଧାରଣା ସତ୍ୟସିଦ୍ଧ ହେଲା । ସେ ବେଙ୍ଗଲରେ ଯେଉଁ ଭାଷଣ ଦେଲେ ସେଥିରେ ଏହା ସ୍ପଷ୍ଟ ହୋଇଥିଲା ।

ଲଣ୍ଡନରେ ସମ୍ବାଦପତ୍ର ପ୍ରତିନିଧିଙ୍କର ସମ୍ମୁଖୀନ ହୋଇଥିଲି ଓ ସେଠାରେ ରହିଥିବା ଭାରତୀୟଙ୍କ ଏକ ସଭାରେ ଯୋଗଦେଇ ବିଚାର ବିନିମୟ କରିଥିଲି ।

ଲଣ୍ଡନରୁ ମୁଁ ୱାଶିଂଟନ ଗଲି । ସେଠାରେ ଆମେରିକୀ ରାଷ୍ଟ୍ରପତି ଜନସନ, ବିଦେଶ ମନ୍ତ୍ରୀ ଡିନରସ୍କ, କୃଷି ମନ୍ତ୍ରୀ ଫ୍ରୀ ମ୍ୟାନ ଓ ରକ୍ଷା ମନ୍ତ୍ରୀ ରବର୍ଟ ମ୍ୟାକ ନାମ୍‌ରାଙ୍କ ସହିତ ସାକ୍ଷାତ କରିଥିଲି । ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଓ ମୁଦ୍ରାକୋଷର ଡାଇରେକ୍ଟରଙ୍କୁ ଭେଟିଥିଲି । ରାଷ୍ଟ୍ରପତି ଜନସନଙ୍କ ସହିତ ଖୁବ ମିତ୍ରତା ପୂର୍ଣ୍ଣ କଥାବାର୍ତ୍ତା ହେଲି । ଉପ ରାଷ୍ଟ୍ରପତି ଭାବରେ ୧୯୬୧-୬୨ରେ ସେ ଯେତେବେଳେ ଭାରତ ଆସିଥିଲେ ସେତେବେଳେ ଆମେ ପରିଚିତ ହୋଇଥିଲୁ, ଯାହା ବର୍ତ୍ତମାନ ତାଜା ହୋଇଯାଇ ଥିଲା । କୃଷି ମନ୍ତ୍ରୀ ଫ୍ରୀ ମ୍ୟାନ୍‌ଙ୍କୁ ମୁଁ ପ୍ରଥମରୁ

Digitized by srujanika@gmail.com

ଜାଣିଥିଲି । ତାଙ୍କ ସହିତ ମନଖୋଲା ମିତ୍ରତା ପୂର୍ଣ୍ଣ କଥାବାର୍ତ୍ତା ହେଲା । ବାର୍ତ୍ତାଳାପର ବିଷୟ ଥିଲା ଯେ ଆମେରିକା ଓ ଭାରତ ପରସ୍ପରକୁ ବୁଝନ୍ତୁ ଓ ଦୁହିଁଙ୍କର ସମ୍ବନ୍ଧ ମୈତ୍ରୀପୂର୍ଣ୍ଣ ହେଉ ।

ଆମେରିକାର ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ ପୂର୍ବରୁ ଉପ ରାଷ୍ଟ୍ରପତି ଶ୍ରୀ ହବର୍ଟ ହଂଫେରୀଙ୍କୁ ଭେଟିଥିଲି । ସେ ସମୟରେ ଆରବ ଇସ୍ରାଏଲ ଯୁଦ୍ଧରେ ଭାରତର ନୀତି ସମ୍ବନ୍ଧରେ ମୋର କଥାବାର୍ତ୍ତା ହେଲା । ସେ ଏ ସମ୍ବନ୍ଧରେ ପଚରାଉଚରା କଲେ ଓ ହସି ହସି ପଚାରିଲେ, ''କ'ଣ ଆପଣଙ୍କୁ ଏପରି ଲାଗୁନାହିଁ ଯେ ଆପଣ ଇସ୍ରାଏଲ ବିରୁଦ୍ଧରେ ଏକତରଫା ନୀତି ଗ୍ରହଣ କରିଛନ୍ତି ଓ ଏହିପରି ଆପଣଙ୍କ ନିରପେକ୍ଷ ନୀତିର କିଛି ପରିବର୍ତ୍ତନ ହୋଇଛି ?'' ମୁଁ କହିଲି, ''ଆପଣଙ୍କ କଥା ଠିକ୍ ନୁହେଁ । ତେଣୁ ଏ ବିଷୟରେ ଆମେ ପୂରା ଚର୍ଚ୍ଚା କଲେ ଠିକ୍ ହେବ ।'' ସେ ମୋ କଥା ସ୍ୱୀକାର କରି ମତେ ମୋ ଦୃଷ୍ଟିକୋଣ ସ୍ପଷ୍ଟ କରିବାକୁ କହିଲେ ।

ମୁଁ କହିଲି, ''ଆରବ ଲୋକଙ୍କ ମଧ୍ୟରେ ଇସ୍ରାଏଲ ନୂଆ ରାଜ୍ୟ ତିଆରି କରି ଆଜକୁ କୋଡିଏ ବର୍ଷ ତଳେ ଆରବ ସହିତ ଅନ୍ୟାୟ କରିଥିଲା । ଇସ୍ରାଏଲର ଇହୁଦୀ ଜାତି ଏକ ବହୁତ ପ୍ରାଚୀନ ଜାତି ଅଟେ ଓ ଦୁନିଆର ଅନେକ ଦେଶରେ ଅଛନ୍ତି । ହିଟଲରଙ୍କ ଶାସନ କାଳରେ ଜର୍ମାନୀରେ ତାଙ୍କ ଉପରେ ବହୁତ ଅତ୍ୟାଚାର ହୋଇଥିଲା । ସେତେବେଳେ ଆମେରିକା, ରୁଷ ଆଦି ତାଙ୍କ ନିଜ ଜାଗାରେ ପୁନର୍ବସତି ପାଇଁ ଇସ୍ରାଏଲ ନାମକ ନୂଆ ଦେଶ ତିଆରି କଲେ । ଏ ରାଜ୍ୟ ସେ ସମୟରେ ଆରବର ଥିଲା । ଆରବରୁ ଏ ରାଜ୍ୟ ନେଇ ଇହୁଦୀମାନଙ୍କୁ ଦିଆଗଲା, କାରଣ ଆରବ ସେତେବେଳେ ଦୁର୍ବଳ ଥିଲା ଓ ଏପରି କାରବାରକୁ ବିରୋଧ କରିପାରି ନଥିଲା । ଇହୁଦୀମାନଙ୍କ ପାଇଁ ରାଜ୍ୟ ତିଆରି କରିବାରେ କାହାରି କିଛି ଆପତ୍ତି ହୋଇ ନପାରେ । କିନ୍ତୁ ଆରବକୁ କ୍ଷତିରେ ପକାଇ ଏପରି କରିବା ଆପଣଙ୍କୁ ଉଚିତ ପ୍ରତୀତ ହେଉଛି ? ଆମେରିକା ନିଜ ଦେଶରେ ଜାଗା ଦେଇଥିଲେ ତାହା ଅଭିନନ୍ଦନୀୟ ହୋଇଥାଆନ୍ତା । ରୁଷ୍ ଏପରି ଜାଗା ଦେଇଥିଲେ ସେ ଅଭିନନ୍ଦନର ପାତ୍ର ହୋଇଥାଆନ୍ତା; ଜର୍ମାନୀର କୌଣସି ଭାଗ ସେମାନଙ୍କ ପାଇଁ ଅଲଗା କରାଯାଇଥିଲେ ତାହା ନ୍ୟାୟ ପୂର୍ଣ୍ଣ କୁହାଯାଇ ଥାଆନ୍ତା । ତଥାପି ଆରବ ଇହୁଦୀମାନଙ୍କ ଉପରେ କୌଣସି ଅତ୍ୟାଚାର କରି ନଥିଲା । ତା' ସତ୍ତ୍ୱେ ଆରବର ରାଜ୍ୟକୁ ଏପରି ଇସ୍ରାଏଲକୁ ଦେବା ଶକ୍ତିର ଦୁରୁପଯୋଗ କୁହାଯାଇ ପାରେ ଏବଂ ଏହା କହିଲେ ଭୁଲ ହେବ ନାହିଁ ଯେ ଏପରି କରି ଆରବ ଲୋକଙ୍କ ସହିତ ଅନ୍ୟାୟ କରାଯାଇଛି । ତେଣୁ ଆରବ ଲୋକମାନଙ୍କର ଏଥିରେ କ୍ଷୁବ୍ଧ ହେବା ସ୍ୱାଭାବିକ ଓ ଉଚିତ ଅଟେ -- ଏ କଥା ଆମକୁ ମାନିବା ଉଚିତ । ଏଥି ସହିତ ଏହା ବି ସତ୍ୟ ଯେ ଏପରି ଗୋଟିଏ ନୂଆ ରାଜ୍ୟ ତିଆରି ହେବାରୁ ସେଠାରେ ରହୁଥିବା ଆରବ ନିରାଶ୍ରିତ ହୋଇଗଲେ ଓ ସେମାନଙ୍କ ପାଇଁ ଯଦି ଅନ୍ୟ କୌଣସି ବ୍ୟବସ୍ଥା କରା ନଯାଏ ତେବେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବା ସ୍ୱାଭାବିକ ଅଟେ । ଏଇ ଆରବଙ୍କ ସହିତ ଆମର ସହାନୁଭୂତି ରହିବା ଆପଣଙ୍କୁ ସ୍ୱାଭାବିକ ଲାଗୁନାହିଁ ? ନିରପେକ୍ଷ ଦେଶ ହୋଇ ଥିବାରୁ, ଆମର ଧର୍ମ, ଯାହା ସହିତ ଅନ୍ୟାୟ ହୋଇଛି ତା' ପ୍ରତି ସହାନୁଭୂତି ରହିବା ଉଚିତ ।''

ଏହା ସହିତ ମୁଁ ଏ କଥା ମଧ୍ୟ କହିଲି, ''କୋଡିଏ ବର୍ଷରୁ ଏ ଦେଶ ଏକ ବାସ୍ତବିକତା ଲାଭ କରିଛି ଓ ଇସ୍ରାଏଲ ସଂଯୁକ୍ତ ରାଷ୍ଟ୍ର ସଂଘର ସଦସ୍ୟ ମଧ୍ୟ ଅଛି । ସେଥିପାଇଁ ମୁଁ ଏ କଥା ବୁଝୁଚି ଯେ ତା'ର ଅସ୍ତିତ୍ୱକୁ ବାତିଲ କରାଯାଇ ନପାରେ ଓ ଏପରି କରିବାକୁ ମୁଁ ମଧ୍ୟ କହୁନାହିଁ । ତଥାପି ଇସ୍ରାଏଲ ପାଇଁ ଯେଉଁ ରାଜ୍ୟ ନିଶ୍ଚିତ କରି ସେମାନଙ୍କୁ ଦିଆଯାଇଛି ତା'ର ବିସ୍ତାର କରିବାକୁ ସେ ଇଚ୍ଛା କଲେ ଓ ତା' ବି ଜୋର ଜବରଦସ୍ତିରେ, ତା'ର ସମର୍ଥନ ଭଲା କିପରି କରାଯାଇ ପାରେ ? ପୁଣି ଏକଥା ମଧ୍ୟ ସତଯେ ନିରପେକ୍ଷ ପ୍ରଦେଶରେ ସଂଯୁକ୍ତ ରାଷ୍ଟ୍ରସଂଘ ତରଫରୁ ସୈନିକ ରଖା ଯାଇଥିଲା, ତାଙ୍କ ଉପରେ ମଧ୍ୟ ଇସ୍ରାଏଲ ଅକାରଣ ଆକ୍ରମଣ

Digitized by srujanika@gmail.com

କଲା । ସେଠାରେ ଭାରତୀୟ ସୈନ୍ୟମାନେ ଥିଲେ । ତେଣୁ ଭାରତର ଇସ୍ରାଏଲକୁ ଦୋଷ ଦେବା ସର୍ବଥା ଉଚିତ ଅଟେ । ଏ କଥାକୁ ଯେ କୌଣସି ନିରପେକ୍ଷ ବ୍ୟକ୍ତି ସ୍ୱୀକାର ନକରି ରହିପାରିବ ନାହିଁ ।''

ଶ୍ରୀ ହଂଫେରୀ କହିଲେ, ''ଆପଣଙ୍କ ଏ କଥା ମୁଁ ଅସ୍ୱୀକାର କରୁନାହିଁ; କିନ୍ତୁ ଏ ସବୁ ଝଗଡା ଏଥି ପାଇଁ ହେଉଛି ଯେ ଆରବ ରାଷ୍ଟ୍ର ଇସ୍ରାଏଲକୁ ମାନ୍ୟତା ଦେଉନାହିଁ ।'' ତା'ପରେ ମୁଁ କହିଲି, ''ଆରବ ରାଷ୍ଟ୍ର ଇସ୍ରାଏଲକୁ ମାନ୍ୟତା ଦେଉନାହିଁ କାରଣ ତା' ସହିତ ଅନ୍ୟାୟ ହୋଇଛି । ଇସ୍ରାଏଲର ଅସ୍ତିତ୍ୱ ସ୍ୱୀକାର କରି ତା'କୁ ମାନ୍ୟତା ଦେବାକୁ ଆରବକୁ ବୁଝାଇବା ଉଚିତ, ନିରାଶ୍ରିତ ମାନଙ୍କର ପୁନର୍ବାସର ପୂରା ବ୍ୟବସ୍ଥା ସଂଯୁକ୍ତ ରାଷ୍ଟ୍ର ସଂଘକୁ କରିବା ଉଚିତ ଓ ଇସ୍ରାଏଲକୁ ନିଜ କ୍ଷେତ୍ର ବିସ୍ତାର କରିବା ଉଚିତ ନୁହେଁ -- ଏହା ଏକ ମାତ୍ର ଶାନ୍ତିପୂର୍ଣ୍ଣ ବା ସମାଧାନ ହୋଇପାରେ । ଏହା ନକରି ଇସ୍ରାଏଲ ଆପଣ ସମସ୍ତଙ୍କ ସାହାଯ୍ୟରେ ବଳ ପ୍ରୟୋଗ କରି ଆରବ ରାଷ୍ଟ୍ରକୁ ଦବାଇଲେ, ଭାରତ କିପରି ତାହାର ସମର୍ଥନ କରିପାରେ ? ଭାରତକୁ ତାହାର ବିରୋଧ କରିବାକୁ ପଡ଼ିବ ।''

ମୁଁ ଏପରି କରିବା ପରେ ହସି କରି ସେ କହିଲେ ଯେ ଆମର ଏଠିତ ଇହୁଦୀଙ୍କ ସଂଖ୍ୟା ବହୁତ । ତା' ଜବାବରେ ମୁଁ କହିଲି, ''ଆପଣଙ୍କର ଏଠାରେ ଖୁବ ବେଶୀ ହେଲେ ପଚାଶ ଲକ୍ଷ ଇହୁଦୀ ହେବେ । ଏହାଠାରୁ ବେଶୀ ହୋଇ ପାରିବେ ନାହିଁ । ଏହା ବହୁତ ଅଧିକ ମାନୁଛନ୍ତି ଏବଂ ଏଥିରୁ ଆପଣଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପଡୁଛି । ତେବେ ଭାରତରେ ତ ସାଢେ ପାଞ୍ଚକୋଟି ମୁସଲମାନ ଅଛନ୍ତି । ଏ ଲୋକସଂଖ୍ୟାକୁ ବହୁତ ବଡ ଓ ପ୍ରଭାବଶାଳୀ ମାନିବାକୁ ହେବ ।'' ତେବେ ସେ ସ୍ୱୀକାର କଲେ ଯେ ଆପଣଙ୍କ ତର୍କର କୌଣସି ଉତ୍ତର ନାହିଁ ଓ ଏହିପରି କଥା ସମାପ୍ତ ହେଲା ।

ରାଷ୍ଟ୍ରପତି ଜନସନଙ୍କ ସହିତ ଭିଏତନାମ ବାର୍ତ୍ତାଳାପ ପୂର୍ବରୁ ମତେ ଟେଲିଭିଜନରେ କହିବାକୁ ପଡିଥିଲା । ଟେଲିଭିଜନରେ ମତେ ଭିଏତନାମ ସମ୍ବନ୍ଧରେ ଭାରତର ନୀତି ପଚରାଯିବାରୁ ମୁଁ କହିଲି, ''ଆମର ନୀତି ଯେ, ଦକ୍ଷିଣ ଭିଏତନାମରେ ବାହାରର କୌଣସି ସେନା ରହିବା ଉଚିତ ନୁହେଁ -- ସେମାନେ ଉତ୍ତର ଭିଏତ୍‌ନାମ ବା ଆମେରିକା ବା ଚୀନ ଅଥବା ଅନ୍ୟ କୌଣସି ଦେଶର ହୁଅନ୍ତୁ ନା କାହିଁକି । ଆପଣ ତ ଏହା ନିତିଦିନ ଦେଖି ପାରୁଛନ୍ତି ଯେ ଯୁଦ୍ଧ ଦ୍ୱାରା ଏ ବିବାଦ ତୁଟିବ ନାହିଁ । ଶାନ୍ତି ସ୍ଥାପନ ପାଇଁ ଏହା ଆବଶ୍ୟକ ଯେ ଲଢିବା ବାଲା ସବୁ ସେନାଙ୍କୁ ସେଠାରୁ ହଟାଇବା ଉଚିତ । ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ହୋଇଥିବାରୁ ଆମେରିକାକୁ ବିଶ୍ୱ ଶାନ୍ତି ସ୍ଥାପନ କରିବା ଦିଗରେ ଏକ ଉଦାହରଣ ସ୍ଥାପନ କରିବା ଉଚିତ । ସେ ଏପରି ଉଦାହରଣ ଦେଲେ, ଅନ୍ୟ ଦେଶ ତା'ର ଅନୁସରଣ ନ କଲେ ମଧ୍ୟ ତା'କୁ କେହି ଦୋଷ ଦେଇ ପାରିବେ ନାହିଁ ।''ଏପରି ଯେଉଁ ସ୍ପଷ୍ଟୀକରଣ ମୁଁ ଦେଇଥିଲି, ତାହା ରାଷ୍ଟ୍ରପତିଙ୍କ ପସନ୍ଦ ହୋଇଥିଲା -- ଏପରି ସନ୍ଦେଶ ମତେ ମିଳିଥିଲା ।

ରାଷ୍ଟ୍ରପତି ଜନସନଙ୍କ ସହିତ ଯେତେବେଳେ ମୋର କଥାବାର୍ତ୍ତା ହୋଇଥିଲା, କେତେକ ବିଷୟରେ ସେ ତାଙ୍କ ରକ୍ଷାମନ୍ତ୍ରୀ ମାକ୍‌ନାମରାଙ୍କ ସହିତ କଥାବାର୍ତ୍ତା ହେବାକୁ ମତେ କହିଲେ ଓ ତା'ପରେ ଆବଶ୍ୟକ ହେଲେ ତାଙ୍କ ସହିତ ଭେଟିବାକୁ ମଧ୍ୟ କହିଥିଲେ । ଶ୍ରୀ ମାକ୍‌ନାମରାଙ୍କ ସହିତ ମୋର ଏକ ଘଣ୍ଟାରୁ ଅଧିକ କଥାବାର୍ତ୍ତା ହୋଇଥିଲା । ମୁଁ ନିଜ ପକ୍ଷ ସ୍ପଷ୍ଟତା ସହକାରେ ପ୍ରସ୍ତୁତ କରିଥିଲି । ଆଣବିକ ଅସ୍ତ୍ର ବିଷୟରେ ମଧ୍ୟ କଥା ହୋଇଥିଲୁ ଓ ମୁଁ ଭାରତର ଦୃଷ୍ଟିକୋଣ ବିଶଦ ଭାବ ଉପସ୍ଥାପନ କରିଥିଲି ଓ ତାଙ୍କ ଦୃଷ୍ଟିକୋଣ ମଧ୍ୟ ବୁଝିଥିଲି । ତାଙ୍କର ଯେଉଁ ବିଚାର ଥିଲା ତାହା ସେ ମତେ ବତାଇଲେ, ମୁଁ ନିଜ ଦୃଷ୍ଟିକୋଣ ତାଙ୍କ ସମ୍ମୁଖରେ ସ୍ପଷ୍ଟ କହି ଦେଇଥିବାରୁ ରାଷ୍ଟ୍ରପତି ଜନ୍‌ସନ୍‌ଙ୍କ ସହିତ ପୁଣି ସାକ୍ଷାତ କରିବାର ଆବଶ୍ୟକତା ନଥିଲା । ଅତଃ ରକ୍ଷା ମନ୍ତ୍ରୀଙ୍କ ଜରିଆରେ ସୂଚନା ତାଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲି ।

Digitized by srujanika@gmail.com

ୱାଶିଂଟନରୁ ନ୍ୟୁୟର୍କ ଗଲି । ସେଠାରେ ଆଗପରି କେତେକ ସଂସ୍ଥା ସହିତ ମିଳିବା ପରେ ମୁଁ ମଣ୍ଟ୍ରିଆଲ ଗଲି । ସେଠାରେ 'ଏକ୍ସପୋ ୬୭' ନାମରେ ଆୟୋଜନ କରାଯାଇଥିବା ବିଶ୍ୱର ସବୁଠାରୁ ବଡ ପ୍ରଦର୍ଶନୀ ମୁଁ ଦେଖିଲି । ପୂରା ଗୋଟିଏ ଦିନ ମୁଁ ସେଠାରେ କଟାଇଲି । ସେ ମେଳାରେ ଭାରତୀୟ ମଣ୍ଡପ ମଧ୍ୟ ଥିଲା । ଏହାର ବହୁତ ଭଲ ପ୍ରଭାବ ଲୋକମାନଙ୍କ ଉପରେ ପଡିଥିଲା । ଅନ୍ୟ କେତେକ ଦେଶର ମଣ୍ଡପ ମଧ୍ୟ ମୁଁ ଦେଖିଲି । ସେଠାରୁ ବେଶ୍ କେତେ କଥା ମୁଁ ଜାଣିଲି, ଯଦ୍ୱାରା ମୋର ଜ୍ଞାନ ବୃଦ୍ଧି ହେଲା ।

ସେଠାରୁ ମୁଁ ଓଟାୱା ଗଲି । ସେଠାରେ ଭାରତୀୟ ଉଚ୍ଚାୟୁକ୍ତ ଜେନେରାଲ ଚୌଧୁରୀଙ୍କ ସହିତ ରହିଲି । କାନାଡାର ପ୍ରଧାନମନ୍ତ୍ରୀ ଲେଷ୍ଟର ପିଅରସନି, ଅର୍ଥ ମନ୍ତ୍ରୀ ତଥା ଅନ୍ୟମାନଙ୍କୁ ଭେଟିଥିଲି । ପ୍ରଧାନମନ୍ତ୍ରୀ ଏକ ବର୍ଷ ପରେ ନିବୃତ୍ତ ହେବାର ଥିଲା, ଏ କଥା ମତେ ସେଠାରେ ଜଣା ପଡିଲା । ତାଙ୍କ ବ୍ୟକ୍ତିତ୍ୱର ଗଭୀର ପ୍ରଭାବ ମୋ ଉପରେ ପଡିଲା । ସେ ପ୍ରଥମେ ବିରୁଦ୍ଧ ପକ୍ଷରେ ଥିଲେ । ସେତେବେଳେ ମୋ ସହିତ ସାକ୍ଷାତ ହୋଇଥିଲା ଓ ବଡ ସୌଜନ୍ୟ ଓ ସହାନଭୂତି ସହିତ ମୋ ସହିତ କଥାବାର୍ତ୍ତା କରିଥିଲେ । କାନାଡା ସହିତ ଭାରତର ସମ୍ବନ୍ଧ ବଡ଼ ପ୍ରଗାଢ ରହି ଆସିଛି ଓ ମୋର ବିଶ୍ୱାସ ଭବିଷ୍ୟତରେ ଏହିପରି ରହିବ । ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ମଧ୍ୟରେ ସହଯୋଗ ରହୁଛି । ଆଣବିକ ଅନ୍ୱେଷଣରେ ମଧ୍ୟ ଭାରତକୁ କାନାଡା ଠାରୁ ଭଲ ସହାୟତା ମିଳୁଛି । ତାଙ୍କର ଆଗ୍ରହ ଥିଲା କି ୱାଶିଂଟନ ଗଲେ ତାଙ୍କ ଦେଶ ହୋଇ ଆସିବାକୁ, ତେଣୁ ମୁଁ ସେଠାକୁ ଯାଇଥିଲି ।

ସେଠାରୁ ମୋର ତ୍ରିନିଦାଦ ଯିବାର ଥିଲା । କାନାଡାର ଅର୍ଥ ମନ୍ତ୍ରୀଙ୍କର ମଧ୍ୟ ସେଠାକୁ ଯିବାର ଥିଲା । ତେଣୁ ଆମେ ଦୁଇଜଣ ଗୋଟିଏ ବିମାନରେ ଗଲୁ । ଏ ବ୍ୟବସ୍ଥା ଆଗରୁ କରା ଯାଇଥିଲା । ପ୍ରତିବର୍ଷ ପରି ରାଷ୍ଟ୍ର ମଣ୍ଡଳ ଅର୍ଥ ମନ୍ତ୍ରୀଙ୍କ ସମ୍ମିଳନୀ ତ୍ରିନିଦାଦରେ ଦୁଇ ଦିନ ହେଲା । ଇତି ମଧ୍ୟରେ ମୁଁ ସେଠାର ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ସହିତ ସାକ୍ଷାତ କରିଥିଲି । ଭାରତର ଅନେକ ଲୋକ ବହୁତ ବର୍ଷ ଆଗରୁ ସେଠାକୁ ଯାଇଥିଲେ । ଏପରି ଲୋକମାନଙ୍କ ସଂଖ୍ୟା ସେଠାରେ ବେଶ୍ ବହୁତ, ହିନ୍ଦୁ, ମୁସଲମାନ ପରସ୍ପର ମିଳିମିଶି ସେଠାରେ ରହୁଛନ୍ତି ଓ କୌଣସି ପ୍ରକାର ଝଗଡା ହୁଏ ନାହିଁ -- ଏପରି ମୋର ଅନୁଭବ ହେଲା । ମୁସଲମାନ ଭାଇମାନଙ୍କ ସହିତ ମୁଁ ମିଶିଥିଲି ଓ ସେମାନଙ୍କ ସହିତ ବହୁତ କଥାବାର୍ତ୍ତା ହୋଇଥିଲି । ମୁଁ ସେଠାକୁ ଯାଇଥିବାରୁ ସେମାନେ ବହୁତ ଆନନ୍ଦିତ ହୋଇଥିଲେ । ମୁଁ ମଧ୍ୟ ତାଙ୍କ ସହିତ ମିଶିକରି ବହୁତ ସନ୍ତୋଷ ଅନୁଭବ କଲି ।

ସେଠାରୁ ମୁଁ କାରାକାସ ଗଲି । ଏହା ଦକ୍ଷିଣ ଆମେରିକାର ଭେନେଜୁଏଲା ରାଜ୍ୟର ରାଜଧାନୀ ଅଟେ । ସେଠାରେ ବିଦେଶ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଆଦିଙ୍କ ସହିତ ସାକ୍ଷାତ ହୋଇଥିଲା । ସେଠାରେ ପାହାଡ ଉପରେ ଗୋଟିଏ ସୁନ୍ଦର ହୋଟେଲ ଅଛି । ହୋଟେଲରେ 'ରୋପ୍ ୱେ' ଅର୍ଥାତ ଦଉଡି ମାର୍ଗ ଦ୍ୱାରା ପହଞ୍ଚା ଯାଏ । ଦଉଡି ମାର୍ଗରେ ହିଁ ମୁଁ ସେଠାକୁ ଯାଇଥିଲି । ହୋଟେଲ ବଡ ସୁନ୍ଦର ଢଙ୍ଗରେ ତିଆରି ହୋଇଛି । ସେ ସମୟରେ ଏହା ଖାଲି ଥିଲା । ଏହାର ସଞ୍ଚାଳନ ପାଇଁ ଗୋଟିଏ ଆମେରିକୀ କମ୍ପାନୀ ସହିତ ସରକାର ଏ ବ୍ୟବସ୍ଥା କରିଥିଲେ -- ଏପରି ମୁଁ ଶୁଣିଲି । ଏକାନ୍ତରେ ସୁନ୍ଦର ଢଙ୍ଗ ସହିତ ଏହା ଏକ ଆଦର୍ଶ ସ୍ଥାନ ଥିଲା ।

ଏହାପରେ ମୁଁ ବ୍ରାଜିଲର ରାଜଧାନୀ ରିୟୋଦିଜା-ନେରିୟେ ଯାଇଥିଲି ଯେଉଁଠି ବିଶ୍ୱ ବ୍ୟାଙ୍କ ସମ୍ମିଳନୀ ହେବାର ଥିଲା । ରିୟୋଦିଜା-ନେରିୟେ ସମୁଦ୍ର କୂଳରେ ବସାଯାଇଥିବା ଏକ ସୁନ୍ଦର ସହର ଅଟେ । ବିଶ୍ୱର ସବୁଠାରୁ ବଡ ବନ୍ଦର ଏଠାରେ ଅବସ୍ଥିତ । ସହର ଏପରି ବସାଯାଇଛି ଯେ ସହରର କୌଣସି ଭାଗରୁ ପାଞ୍ଚରୁ ପଚିଶ ମିନିଟରେ ସମୁଦ୍ର କୂଳରେ ପହଞ୍ଚି ହେବ । ସେଠାର ଲୋକ ମଧ୍ୟ ସମୁଦ୍ର ତଟର ବଡ ସୌଖୀନ

Digitized by srujanika@gmail.com

ବୋଲି ଜଣାପଡ଼ିଲା କାରଣ ଅଧିକାଂଶ ଲୋକ ସମୁଦ୍ର କୂଳରେ ଖରାରେ ବାଲି ଉପରେ ପଡି ରହିଥିବାର ଦେଖା ଯାଇଥିଲା । ସମୁଦ୍ର ସ୍ନାନ ମଧ୍ୟ କରୁଥିଲେ । କିନ୍ତୁ ବେଶୀ ସମୟ ସୂର୍ଯ୍ୟ ସ୍ନାନ କରୁଥିବା ଜଣାପଡୁଥିଲା । ସେଠାର ନାଗରିକମାନଙ୍କର ଏହା ଏକ ବିଳାସ ବୋଲି ଜଣା ପଡୁଥିଲା । ଶୁଣିଲି ଯେ ଅଫିସ୍ ପରେ ମଧ୍ୟ କେତେ ଲୋକ ଏଠାରେ ପହଞ୍ଚି ଯାଉଥିଲେ ।

ରୟୋଦିଜା-ନେରିୟୋରେ ଗୋଟିଏ ପାହାଡ ଉପରେ ଯୀଶୁ ଖ୍ରୀଷ୍ଟଙ୍କର ଏକ ବଡ ମୂର୍ତ୍ତି ଅଛି ଯାହା ବହୁତ ଦୂରରୁ ଦେଖା ଯାଉଥିଲା । ରାତିରେ ତା' ଉପରେ ପ୍ରକାଶ ପଡିଲେ, ସେ ମୂର୍ତ୍ତିର ଦୃଶ୍ୟ ଏତେ ସୁନ୍ଦର ଓ ପ୍ରଭାବଶାଳୀ ଲାଗୁଥିଲା ଯେ ମନ ଉପରେ ତାହାର ପ୍ରଭାବ ନପଡ଼ି ରହି ହେବ ନାହିଁ । ଏହି ପାହାଡ ଉପରୁ ମୁଁ ସହରର ସୁନ୍ଦର ଦୃଶ୍ୟ ଦେଖିଲି । ସେଠାରେ ଲୋକମାନେ ବଡ ଆମୋଦ ପ୍ରିୟ ଥିଲେ । ଉପର ପର୍ଯ୍ୟନ୍ତ କାରରେ ଯାଇ ହେଉଥିଲା । କେବଳ ମୂର୍ତ୍ତି ପର୍ଯ୍ୟନ୍ତ କିଛି ସିଡି ଚଢ଼ିବାକୁ ପଡେ । ଯେଉଁ କଳାକାର ଏ ମୂର୍ତ୍ତି ତିଆରି କରିଛନ୍ତି ସେ ବହୁତ ଧନ୍ୟବାଦର ପାତ୍ର ଅଟନ୍ତି । ସେ ମୂର୍ତ୍ତିକୁ ଦେଖି ମୋ ମନରେ ବିଚାର ଆସିଲା ଯେ ଭାରତରେ ଏହିପରି ଗାନ୍ଧିଜୀଙ୍କ ମୂର୍ତ୍ତି କୌଣସି ସ୍ଥାନରେ ସ୍ଥାପନ କରାଗଲେ କେତେ ଭଲ ହୁଅନ୍ତା । କିନ୍ତୁ ଏପରି କୌଣସି ଅନୁକୂଳ ସ୍ଥାନ ଆଜି ପର୍ଯ୍ୟନ୍ତ ମୋ ଧ୍ୟାନରେ ଆସି ନାହିଁ । ଏପରି ବଡ ସହର ପାଖରେ ଏହା ସ୍ଥାପନ କରାଗଲେ ତାହାର ମହତ୍ୱ ଅଧିକ ହେବ । ଗାନ୍ଧିଜୀଙ୍କ ଗୋଟିଏ ମୂର୍ତ୍ତି ରିୟୋଦିଜା-ନେରିୟୋରେ ସ୍ଥାପନ କରାଯାଇଛି । ଅକ୍ଟୋବର ୨ ତାରିଖ ଦିନ ସେଠାର ସଂସଦରେ ତାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା । ଏହି ଅବସରରେ ଭାରତୀୟ ରାଜଦୂତ ସେଠାରେ ଉପସ୍ଥିତ ଥିଲେ । ସେଠାରେ ଗୋଟିଏ ଛକର ନାମ ଗାନ୍ଧିଜୀଙ୍କ ନାମରେ ରଖାଯାଇଛି । ଗାନ୍ଧୀଜୀଙ୍କ ପ୍ରତି ବିଦେଶରେ କେତେ ଭକ୍ତି ଅଛି ତାହା ଏଥିରୁ ସ୍ପଷ୍ଟ ହୁଏ । ଯୀଶୁଖ୍ରୀଷ୍ଟଙ୍କ ମୂର୍ତ୍ତି ଥିବା ପାହାଡରୁ ଅନ୍ୟ ପର୍ବତକୁ ଯୋଡ଼ିବା ପାଇଁ ଦଉଡ଼ି ମାର୍ଗ ମଧ୍ୟ ଏଠାରେ ଅଛି । ସେଠାକୁ ମଧ୍ୟ ମୁଁ ଯାଇଥିଲି । ସେ ସ୍ଥାନ ବି ବହୁତ ଆକର୍ଷକ ଥିଲା । ରିୟୋଦିଜା-ନେରିୟୋର ଦୃଶ୍ୟ ଅତ୍ୟନ୍ତ ମନୋହର ଅଟେ -- କୌଣସି ପ୍ରବାସୀଙ୍କ ଏପରି ନ ଲାଗି ରହି ପାରିବ ନାହିଁ ।

ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଶ୍ରୀ ଜର୍ଜ ଉଡ୍ ତଥା ତାଙ୍କ ପତ୍ନୀଙ୍କୁ ସେଠାରେ ଭେଟିଥିଲି । କାରଣ ସେ ଦୁଇଜଣଙ୍କ ସହିତ ଅନେକ ବର୍ଷରୁ ମୋର ମିତ୍ରତା ଥିଲା ଯାହାକି ଆଜି ମଧ୍ୟ କାଏମ ଅଛି । କଥାବାର୍ତ୍ତା ବେଳେ ସେ ବତାଇଲେ ଯେ ସେ ବ୍ୟାଙ୍କର ଅଧ୍ୟକ୍ଷ କାମରୁ ନିବୃତ୍ତ ହେବେ ଓ ଅନ୍ୟ କେହି ଜଣେ ତାଙ୍କ ଜାଗାରେ ନିଯୁକ୍ତ ହେବେ । ଆମେରିକା ସରକାରଙ୍କ ସହିତ ତାଙ୍କର ଯେଉଁ କଥାବାର୍ତ୍ତା ହୋଇଥିଲା ସେଥିରୁ ଲାଗୁଥିଲା ଯେ ଶ୍ରୀ ମାକନାମରାଙ୍କୁ ନିଯୁକ୍ତ କରାଯିବ । ପରେ ସେହି ହିଁ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ନିଯୁକ୍ତ ହେଲେ ।

ଶ୍ରୀ ଜର୍ଜ ଉଡ୍‌ଙ୍କ କାର୍ଯ୍ୟକାଳରେ ଏହା ଶେଷ ବର୍ଷ ଥିଲା । ସେ ଟିକେ ଥକି ବି ଯାଇଥିଲେ ଯେଉଁ ସକାଶେ ସେବାରୁ ନିବୃତ୍ତ ହେବା ପାଇଁ ସେ ଉତ୍ସୁକ ଥିବା ଭଳି ମତେ ଲାଗିଲା । ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ବହୁତ ମହତ୍ୱପୂର୍ଣ୍ଣ ଅଟେ । ସେଥିରେ ଦାୟିତ୍ୱ ବହୁତ ବେଶୀ ଓ ବହୁତ ଗୁରୁତର ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ସେ ସେ ପଦରେ ପାଞ୍ଚ-ଛଅ ବର୍ଷ କାମ କରିଥିଲେ । ତେଣୁ ମୋ ମତରେ ସେବା ନିବୃତ୍ତ ହେବାକୁ ତାଙ୍କର ଇଚ୍ଛା ସ୍ୱାଭାବିକ ଥିଲା ।

ମୁଦ୍ରାକୋଷ ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ସ୍ୱାଇଟ୍‌ଜର ଥିଲେ । ସେ ପ୍ରସିଦ୍ଧ ଦାର୍ଶନିକ ଆଲବର୍ଟ ସ୍ୱାଇଟଜରଙ୍କ ନିକଟ ସମ୍ବନ୍ଧୀ ଥିଲେ -- ଏପରି ମତେ କୁହା ଯାଇଥିଲା । ସମସ୍ତଙ୍କୁ ସାହାଯ୍ୟ କରିବାକୁ ତାଙ୍କର ଇଚ୍ଛା ଥିଲା ଓ ସେ ସମସ୍ତଙ୍କୁ ସାହାଯ୍ୟ ମଧ୍ୟ କରୁଥିଲେ । ତାଙ୍କ ସହିତ ଅନେକ ବିଷୟରେ ମୋର ଲମ୍ବା ବାର୍ତ୍ତାଳାପ ହେଲା ।

Digitized by srujanika@gmail.com

ବ୍ରାଜିଲ ରାଷ୍ଟ୍ରପତିଙ୍କ ସହିତ ମଧ୍ୟ ମୁଁ ସାକ୍ଷାତ କଲି । କଥାବାର୍ତ୍ତାରେ ସେ ଭାରତ ପ୍ରତି ବଡ଼ ସଦ୍‌ଭାବନା ବ୍ୟକ୍ତ କରିଥିଲେ । ବ୍ରାଜିଲ ସହିତ ବ୍ୟାପାରିକ ସମ୍ବନ୍ଧ ବଢାଇବାକୁ ସେ କହିଲେ । କିନ୍ତୁ ବ୍ରାଜିଲ ଓ ଭାରତ ମଧ୍ୟରେ ରପ୍ତାନି ଓ ଆମଦାନୀ ବସ୍ତୁରେ ବହୁତ ସମାନତା ଥିବାରୁ ଦୁଇ ଦେଶ ମଧ୍ୟରେ ବ୍ୟାପାର ବଢିବାର ବର୍ତ୍ତମାନ ସମ୍ଭାବନା ଜଣାପଡୁ ନଥିଲା ।

କିଛି ବର୍ଷରୁ ବ୍ରାଜିଲରେ ବହୁତ ମୁଦ୍ରାସ୍ଫୀତି ରହିଥିଲା । କିନ୍ତୁ ମତେ ଜଣାଗଲା ଯେ ସେ ବର୍ଷ ଆଗ ଅପେକ୍ଷା ବହୁତ କମ୍ ଥିଲା । ବର୍ତ୍ତମାନ ମଧ୍ୟ ଯେତେ ମୁଦ୍ରାସ୍ଫୀତି ଥିଲା, ସେତିକି ଭାରତରେ ହେଲେ ଆମ ଦେଶର ପରିସ୍ଥିତି ବଡ଼ ବିକଟ ହୋଇଯିବ । ବ୍ରାଜିଲ ଦେଶ କ୍ଷେତ୍ରଫଳ ହିସାବରେ ବହୁତ ବଡ, ଭାରତ ଠାରୁ ମଧ୍ୟ ବଡ; କିନ୍ତୁ ଲୋକସଂଖ୍ୟା ବହୁତ କମ ଅଟେ । ବ୍ରାଜିଲ କେତେକ ଭାଗ ବର୍ତ୍ତମାନ ମଧ୍ୟ ଏପରି ଅଛି ଯେଉଁଠାରେ ଚାଷ କରାଯାଉ ନାହିଁ କି କୌଣସି ଜନବସତି ନାହିଁ । ସେଠାର ଆମାଜନ ନଦୀ ଏତେ ବଡ ଯେ ସମୁଦ୍ର ପରି ଲାଗେ । ମାଇଲ ମାଇଲ ଧରି ଜାହାଜରେ ସେଠାରେ ବ୍ୟାପାର ହୁଏ । ଜଙ୍ଗଲ ମଧ୍ୟ ବହୁତ ଘନ ଅଟେ । ସେଠାରେ ନିବାସୀମାନଙ୍କ ମଧ୍ୟରେ ସ୍ପେନର ଲୋକମାନେ ଅଛନ୍ତି ଏବଂ ଏହାର ମୂଳ ନିବାସୀ ଅର୍ଦ୍ଧ ମିଶ୍ରିତ ହୋଇ ଗଲେଣି । ମୂଳିଆମାନଙ୍କ ମଧ୍ୟରେ ଏପରି ଲୋକ ବେଶୀ ଦେଖାଯାଆନ୍ତି ଓ କେତେକ ଜାଗାରେ ସ୍ପେନର ଲୋକସଂଖ୍ୟା ବେଶି ଜଣାପଡେ ।

ସୈନିକମାନଙ୍କ ପାଇଁ ଏଠାରେ ଏକ ମୁଖ୍ୟାଳୟ ତିଆରି ହୋଇଛି ଯାହାକୁ ମୁଁ ଦେଖିବାକୁ ଯାଇଥିଲି । ସୈନିକମାନଙ୍କ ପାଇଁ ଏପରି ସ୍ଥାନ କ୍ୱଚିତ ଅନ୍ୟ ଦେଶରେ ତିଆରି ହୋଇଛି ।

ସେଠାରୁ ପ୍ୟାରିସ ଓ ବ'ନ ହୋଇ ମୁଁ ଭାରତ ଫେରିଲି । ପ୍ୟାରିସରେ ସେଠାର ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ବେମାର ଥିଲେ । ସେଥିପାଇଁ ମୁଁ ତାଙ୍କ ସହିତ ସାକ୍ଷାତ କରିପାରି ନଥିଲି । ବ'ନରେ ମୁଁ ରାଷ୍ଟ୍ରପତି ଓ ଚାନସେଲର କିସିଂଜର ତଥା ଅନ୍ୟ ମନ୍ତ୍ରୀଙ୍କ ସହିତ ସାକ୍ଷାତ କରିଥିଲି । ସେମାନେ ସମସ୍ତଙ୍କ ସହିତ ଆମର ପାରସ୍ପରିକ ସମ୍ବନ୍ଧ ବିଷୟରେ ବହୁତ କଥାବାର୍ତ୍ତା ହୋଇଥିଲି । ଏହାର ଦୁଇମାସ ପରେ ଚାନସେଲର କିସିଂଜିର ଭାରତ ଆସିଥିଲେ । ସେତେବେଳେ ମଧ୍ୟ ତାଙ୍କ ସହିତ ବହୁତ ବାର୍ତ୍ତାଳାପ ହୋଇଥିଲା ।

ଦିଲ୍ଲୀରେ ମତେ ତାଙ୍କ ନିବାସ ସ୍ଥାନକୁ ଯାଇ ସାକ୍ଷାତ କରିବାକୁ କୁହାଯାଇଥିଲା । କିନ୍ତୁ ସେ ଏତେ ବିନମ୍ର ଥିଲେ ଯେ ସଂସଦ ଭବନରେ ହିଁ ସ୍ୱୟଂ ମତେ ସାକ୍ଷାତ କରିବାକୁ ଆସିଥିଲେ । ଜର୍ମାନୀରେ ମୁଁ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ବେଳେ ସେ ପ୍ରଥମ ମହଲାରୁ ଓହ୍ଲାଇ ମତେ ଭେଟିବାକୁ ଆସିଥିଲେ ଓ ସେହିପରି ଫେରିବା ବେଳେ ମତେ ବିଦା କରିବାକୁ ଆସିଥିଲେ । ଏଥିରେ ମୋ ପ୍ରତି ତାଙ୍କର ମିତ୍ରତା ଦେଖାଯାଏ କାରଣ ପ୍ରୋଟୋକଲ ଅନୁସାରେ ତାଙ୍କ ପକ୍ଷରେ ଏହା କରିବା ଆବଶ୍ୟକ ନଥିଲା ।

Digitized by srujanika@gmail.com

(୩୮) ନେପାଳ, ଭୂଟାନ ଓ ସିକିମ

ତ୍ରିନିଦାଦ, ରିୟୋଦିଜ-ନେରିୟୋ ଯାତ୍ରାରୁ ଭାରତ ଫେରିବାର କିଛିଦିନ ପରେ ହିଁ ନେପାଳ ନରେଶଙ୍କ ଆମନ୍ତ୍ରଣରେ ମୁଁ ନେପାଳ ଯାଇଥିଲି । ସେଠାରୁ ନିମନ୍ତ୍ରଣ ମତେ ବହୁତ ଆଗରୁ ମିଳି ସାରିଥିଲା ଓ ଭାରତ ନେପାଳ ସମ୍ବନ୍ଧ ବେଶି ଭଲ ରଖିବା ପାଇଁ ସେଠାକୁ ଯିବା ବି ଆବଶ୍ୟକ ଥିଲା । ନେପାଳର ମହାରାଜାଙ୍କ ସହିତ ସାକ୍ଷାତ କରିଲି । ତାଙ୍କ ସହିତ ଖୋଲାଖୋଲି ବହୁତ କଥାବାର୍ତ୍ତା ହେଲା ଯଦ୍ଦ୍ୱାରା ମୁଁ ଅନୁଭବ କଲି ଯେ ସେ ଭାରତ ସହିତ ଗାଢ ସମ୍ବନ୍ଧ ରଖିବାକୁ ଚାହାଁନ୍ତି । କିନ୍ତୁ ମତେ ଲାଗିଲା ଯେ ଆଗରୁ ଯାହା କିଛି ସେଥିରେ ବିଗିଡି ଥିଲା ତା'ର ପ୍ରଭାବ ବର୍ତ୍ତମାନ ପୂରା ଶେଷ ହୋଇ ନାହିଁ ।

ମହାରାଜାଙ୍କ ସହିତ ମୁଁ କାଠମାଣ୍ଡୁରେ ଆୟୋଜିତ ଲଘୁ ଉଦ୍ୟୋଗ ପ୍ରଦର୍ଶନୀ ଦେଖିବାକୁ ଗଲି । ସେ ଜଣେ କୁଶଳ ଶାସକ ଥିଲେ -- ମୋ ଉପରେ ଏପରି ଛାପ ପଡିଲା । ତାଙ୍କର ପ୍ରଧାନମନ୍ତ୍ରୀ, ଅର୍ଥ ମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କ ସହିତ ସାକ୍ଷାତ କରିଥିଲି । ଗୋଟିଏ ଆସୋସିଏସନ ସମାରୋହରେ ଭାରତ ନେପାଳ ସମ୍ବନ୍ଧ ଉପରେ ମୁଁ ଭାଷଣ ଦେଇଥିଲି ।

ନେପାଳ ଯାଇଥିବାରୁ ଭାରତ ସହାୟତାରେ ହେଉଥିବା ଗୋଟିଏ ଦି'ଟା କାମ ମୁଁ ଦେଖିଲି । ପଶୁପତିନାଥ ମନ୍ଦିରରେ ଭଗବାନ ପଶୁପତିନାଥଙ୍କ ଦର୍ଶନ ପାଇଁ ମୁଁ ଯାଇଥିଲି । ସେ ମନ୍ଦିର ଭାରତୀୟ ପରମ୍ପରାରେ ତିଆରି ହୋଇଛି । ଭାରତର ବାର ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଏହା ଗୋଟିଏ ଅଟେ ଯେଉଁ ସକାଶେ ସେଠାକୁ ଯାତ୍ରା ବଡ ମହତ୍ତ୍ୱପୂର୍ଣ୍ଣ ଅଟେ । ସେଠାରେ ପୂଜା କରୁଥିବା ପୂଝାରୀ ମହୀଶୂରର ବ୍ରାହ୍ମଣ, ଏ ପରମ୍ପରା ପ୍ରାଚୀନ କାଳରୁ ଚାଲି ଆସୁଛି । ଏ ମନ୍ଦିର ଛଡା ଏହାର କେତେ ରମଣୀୟ ସ୍ଥାନ ମଧ୍ୟ ମୁଁ ଦେଖିଲି ।

ନେପାଳ ଯିବା ବେଳେ ମୋ ବିମାନ ପାହାଡ ମାନଙ୍କ ମଝିରେ ଯାଉଥିଲା ଓ ବିମାନରୁ ଓହ୍ଲାଇବା ବେଳେ କାଠମାଣ୍ଡୁ ସହରର ସୁନ୍ଦର ଦୃଶ୍ୟ ମୁଁ ଦେଖିଲି । ସ୍ଥାନ ବହୁତ ସୁନ୍ଦର ଓ ରମଣୀୟ ଅଟେ ଓ ଏହାର ଜଳବାୟୁ ମତେ ବହୁତ ଭଲ ଲାଗିଲା । ମୋ ନେପାଳ ଯିବା ଦ୍ୱାରା ଦୁଇ ଦେଶର ପାରସ୍ପରିକ ସମ୍ବନ୍ଧରେ ଭଲ ଉନ୍ନତି ହେଲା -- ଏପରି ସେଠାର ଲୋକମାନେ ମୋତେ କହିଲେ ।

୧୯୬୭ରେ ଭୂଟାନ ଓ ସିକିମର ରାଜାମାନଙ୍କ ସହିତ ମୋର ଦିଲ୍ଲୀରେ ସାକ୍ଷାତ ହୋଇଥିଲା । ସେତେବେଳେ ଦୁହେଁ ତାଙ୍କର ସେଠାକୁ ଆସିବାକୁ ମତେ ଆଗ୍ରହ କରିଥିଲେ । ତେଣୁ ୧୯୬୮ ମାର୍ଚ୍ଚରେ ମୁଁ ଭୂଟାନ ଓ ସିକିମ ଯାଇଥିଲି । ପ୍ରଥମେ ମୁଁ ଭୂଟାନ ଗଲି, ତା'ପରେ ସିକିମ । ଭୂଟାନରେ ବିମାନରୁ ଓହ୍ଲାଇବା ଓ ଉଡିବା ପାଇଁ ଏବେ ଗୋଟିଏ ଛୋଟ ଏୟାର ଷ୍ଟ୍ରିପ ତିଆରି କରାଯାଇ ଥିଲା । ସେଠାରେ ହେଲିକେପ୍ଟରରୁ ମୁଁ ଓହ୍ଲାଇଥିଲି । ଭୂଟାନ ପାହାଡମାନଙ୍କ ମଧ୍ୟରେ ଅବସ୍ଥିତ ଓ ଏହାର ଉତ୍ତର ସୀମା ତିବ୍ବତ ସହିତ ଲାଗିଛି । ସେଠାରୁ ମୁଁ ଭୂଟାନର ରାଜଧାନୀ ଥିମ୍ପୁକୁ ଗଲି । ସେଠାରେ ଭୂଟାନର ମହାରାଜା ମତେ ଭେଟିଥିଲେ । ମୁଁ ତାଙ୍କୁ ସାକ୍ଷାତ କରିବାକୁ ଯିବା ପୂର୍ବରୁ ସେ ମତେ ଭେଟିବାକୁ ସ୍ୱୟଂ ଆସିଥିଲେ । ତାଙ୍କ ସହିତ ଭୂଟାନର ବିକାଶ ବିଷୟରେ ଲମ୍ବା କଥାବାର୍ତ୍ତା ହେଲା । ଭୂଟାନ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଅଟେ । କଥାବାର୍ତ୍ତା ବେଳେ ଭୂଟାନ ସଂଯୁକ୍ତ ମହାସଂଘର ସଦସ୍ୟ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ । ମୁଁ କହିଲି ଏଥିରେ ଭାରତର କୌଣସି ଆପତ୍ତି ହୋଇ ନପାରେ । କିନ୍ତୁ ଏହା ବହୁତ ବ୍ୟୟ ସାପେକ୍ଷ ସିଦ୍ଧ ହେବ -- ଏହାର ବିଚାର କରାଯିବା ଉଚିତ । ବର୍ତ୍ତମାନ ଭୂଟାନ ସଂଯୁକ୍ତ ମହାସଂଘର ସଦସ୍ୟ ହୋଇଯାଇଛି ।

Digitized by srujanika@gmail.com

ଭୂଟାନରେ କୃଷିର ବହୁତ ବିକାଶ ହୋଇପାରେ, ସେଥିରେ ସେଠାର ସରକାର ଯୋଗଦାନ କରିପାରନ୍ତି ଓ ଭାରତରୁ ସାହାଯ୍ୟ ତାଙ୍କୁ ମିଳିପାରେ -- ଏ ସମ୍ବନ୍ଧରେ ଆମର କଥାବାର୍ତ୍ତା ହେଲା ଓ ଆମେ ଦୁହେଁ ସହମତ ହେଲୁ ଯେ ସେଠାରେ ଲଘୁ ଉଦ୍ୟୋଗ ଆରମ୍ଭ କରାଯିବା ଉଚିତ ଯେଉଁଥିରେ ଲୋକମାନେ ନିଜର ନୈସର୍ଗିକ ସାଧନ ଉପଭୋଗ କରିପାରିବେ ।

ଭୂଟାନ ରାଜା ବଡ ପ୍ରଗତିଶୀଳ ବିଚାରକ ଥିଲେ । ମୋ ସହିତ କଥାବାର୍ତ୍ତା ବେଳେ ସେ ମତେ କହିଥିଲେ ଯେ ସେ ଶାସନର ଏପରି ବ୍ୟବସ୍ଥା କରିବାକୁ ଚାହାଁନ୍ତି ଯେଉଁଥିରେ ତାଙ୍କ ସ୍ଥାନ ମାତ୍ର ସଂବୈଧାନିକ ରାଜା ଯେପରି ରହିବ । ରାଜ୍ୟର ସାର୍ବଭୌମତ୍ୱ ସେ ସଂସଦକୁ ଦେବାକୁ ଚାହୁଁଥିଲେ । ଏପରି କି ସଂସଦ ଯଦି ନରେଶ ପଦ ରଖିବାକୁ ନ ଚାହିଁବେ, ତେବେ ପ୍ରସ୍ତାବ ଦ୍ୱାରା ତାହା କରିପାରିବେ । ଏହିପରି କ୍ଷମତାର ବିକେନ୍ଦ୍ରୀକରଣ ସେ ଇଚ୍ଛା କରୁଥିଲେ । ଏ ଦିଗରେ ସେ କିଛି ପଦକ୍ଷେପ ମଧ୍ୟ ନେଇଥିଲେ । ଭୂଟାନ ସହିତ ଭାରତର ସବୁବେଳେ ମିତ୍ରତା ରହିଛି ଓ ସ୍ୱତନ୍ତ୍ରତା ପରେ ଭାରତ ଭୂଟାନକୁ ସ୍ୱତନ୍ତ୍ର ରାଜ୍ୟ ରୂପେ ସ୍ୱୀକାର କରିଛି । ମହାରାଜାଙ୍କ ଅଧିକାରୀମାନଙ୍କ ସହିତ ମୋର କଥାବାର୍ତ୍ତା ହୋଇଥିଲା । ବିଜୁଳି ଘର ଆଦି ସ୍ଥାନ ଦେଖିବାକୁ ମୁଁ ଗଲି । ଭୂଟାନ ବହୁତ ରମଣୀୟ ପ୍ରଦେଶ ଅଟେ । ସେଠାର ଲୋକମାନଙ୍କୁ ବାହାରକୁ ଯିବାକୁ ହେଲେ ଭାରତ ହୋଇ ଯିବାକୁ ହୁଏ ।

ସେଠାକାର ବୌଦ୍ଧ ମଠକୁ ମଧ୍ୟ ମୁଁ ଗଲି । ଭୂଟାନରେ ବୌଦ୍ଧଧର୍ମୀଙ୍କ ସଂଖ୍ୟା ବହୁତ । ତେଣୁ ସେଠାରେ ବୌଦ୍ଧ ମଠ ହେବା ସ୍ୱାଭାବିକ । ଏ ସବୁରେ ମୁଁ ଭାରତ ପ୍ରତି ମୈତ୍ରୀ ଭାବ ପାଇଲି । ଏ ସମସ୍ତଙ୍କର ବିଶ୍ୱାସ ଥିଲା ଓ ଆଜି ମଧ୍ୟ ଅଛି ଯେ ଭାରତର ମିତ୍ରତାରୁ ହିଁ ଭୂଟାନ ସୁରକ୍ଷିତ ଅଟେ ।

ଭୂଟାନରୁ ମୁଁ ସିକିମ୍‌ର ରାଜଧାନୀ ଗ୍ୟାଙ୍ଗଟକ୍ ଗଲି ଓ ମହାରାଜାଙ୍କ ସେଠାରେ ରହିଲି । ମତେ ଜଣାଗଲା ଯେ ଗାଙ୍ଗଟକ୍ ଗୋଟିଏ ସୁନ୍ଦର ସ୍ଥାନ ଓ ଭାରତର ଗୋଟିଏ ହିଲ ଷ୍ଟେସନ ସମାନ ଏକ ପାର୍ବତୀୟ ନଗର ଅଟେ ।

ସିକିମ୍‌ର ମହାରାଜାଙ୍କୁ ଚୋଗିୟାଲ କୁହନ୍ତି । ତାଙ୍କ ମନ୍ତ୍ରୀ ୧୯୬୭ରେ ଯେତେବେଳେ ମତେ ଭେଟିଥିଲେ ସେତେବେଳେ ମୁଁ ଦେଖିଥିଲି ଯେ ଭାରତ ପ୍ରତି ତାଙ୍କର କିଛି କଟୁତା ଥିଲା । କାରଣ ତାଙ୍କୁ ଲାଗୁଥିଲା ଯେ ସେଠାରେ ଥିବା ଭାରତୀୟ ରାଜଦୂତଙ୍କ ବ୍ୟବହାର ତାଙ୍କ ପ୍ରତି ଭଲ ନଥିଲା । ସିକିମ ଭାରତ ସହିତ ଗୋଟିଏ ସନ୍ଧି ଦ୍ୱାରା ଆବଦ୍ଧ ଏକ ସୁରକ୍ଷିତ ରାଜ୍ୟ ଅଟେ । ସେ ଚୀନ୍ ଠାରୁ ବିପଦ ଆଶଙ୍କା କରେ । ସିକିମର ସୁରକ୍ଷା ହିଁ ଭାରତର ସୁରକ୍ଷା । ଭାରତ ସ୍ୱତନ୍ତ୍ର ହେବା ସମୟରେ ସିକିମ ଗୋଟିଏ ଭାରତୀୟ ରାଜାମାନଙ୍କ ରାଜ୍ୟ ଭଳି ଥିଲା । କିନ୍ତୁ ଏହା ଭାରତ ସହିତ ସାମିଲ କରାଗଲା ନାହିଁ ଏବଂ ଏହାକୁ ଗୋଟିଏ ମିତ୍ର ରାଜ୍ୟ ରୂପେ ସ୍ୱୀକାର କରାଯାଇ, ସେଇପରି ସନ୍ଧି କରାଯାଇଥିଲା ।

ମୁଁ ଶୁଣିଥିଲି ଯେ ଆମ ବିଦେଶ ସଚିବ ଓ ଯୁଗ୍ମ ସଚିବଙ୍କ ବ୍ୟବହାର ସିକିମ ସହିତ ଠିକ ନଥିଲା । ପ୍ରଧାନମନ୍ତ୍ରୀଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହେଲି ଓ ଏ ସ୍ଥିତି ବଦଳାଇବାକୁ କହିଲି । ସେ ଏ କଥାରେ ସମ୍ମତ ହୋଇଥିଲେ ଓ ସେ ଦିଗରେ କିଛି କରିଥିଲେ । ଏହା ପୂର୍ବରୁ ତାଙ୍କୁ ଏ ବିଷୟରେ କିଛି ଜଣା ନଥିଲା । ସେଥିପାଇଁ ଏପରି ହେଉଥିଲା । ଏ ଦିଗରେ ଉଠା ଯାଇଥିବା ପଦକ୍ଷେପରୁ ଚୋଗିୟାଲ କିଛି ସନ୍ତୁଷ୍ଟ ହେଲେ । ପରନ୍ତୁ ବସ୍ତୁତଃ ତାଙ୍କର ଇଚ୍ଛା ଥିଲା ଯେ ଭୂଟାନ ଭଳି ସିକିମକୁ ମଧ୍ୟ ସ୍ୱତନ୍ତ୍ର ଦେଶ ମାନି ନିଆଯାଉ । ମୁଁ ତାଙ୍କୁ ବୁଝାଇଲି ଯେ ସିକିମ ସ୍ୱତନ୍ତ୍ର ଦେଶ ହୋଇଗଲେ ଚୀନ ସହିତ ଲାଗିଥିବା ସୀମାରେ ଭାରତୀୟ ସେନା

Digitized by srujanika@gmail.com

ରହିପାରିବେ ନାହିଁ ଓ ଚୀନ ବିରୁଦ୍ଧରେ ଏକା ସିକିମ ନିଜର ସୁରକ୍ଷା କୌଣସି ରକମର କରିପାରିବ ନାହିଁ । ତେଣୁ ଏ ସବୁ କଥା ବିଚାର କରି ତାଙ୍କୁ ନିର୍ଣ୍ଣୟ ନେବା ଉଚିତ । ଭାରତ ତାଙ୍କୁ ଏଥିରୁ ନିବୃତ୍ତ କରିପାରିବ ନାହିଁ । ସେ ସ୍ୱତନ୍ତ୍ର ହେଲେ ଭାରତ ନିଜ ସେନା ସେଠାରୁ ହଟାଇ ନେବ । କିନ୍ତୁ ଏ କଥା ବୁଝି ନେବା ଉଚିତ ଯେ ସିକିମର ଏତେ ଶକ୍ତି ନାହିଁ କି ସେ ନିଜେ ନିଜକୁ ରକ୍ଷା କରିପାରିବ । ସେ ଏ କଥାକୁ ମଞ୍ଜୁର କଲେ । ମୁଁ ତାଙ୍କୁ ବୁଝାଇଲି ଯେ ବସ୍ତୁତଃ ସିକିମ ସ୍ୱତନ୍ତ୍ର ରାଜ୍ୟ ନ ହୋଇପାରେ କିନ୍ତୁ ବ୍ୟବହାରରେ ଭାରତକୁ ତାଙ୍କ ସହିତ ସ୍ୱତନ୍ତ୍ର ରାଜ୍ୟ ଭଳି ବ୍ୟବହାର କରିବାରେ କୌଣସି ପ୍ରତିବନ୍ଧ ରହିବ ନାହିଁ ।

ଏପରି ବ୍ୟବହାର ପାଇଁ ମୁଁ ତାଙ୍କୁ ଆଶ୍ୱାସନା ମଧ୍ୟ ଦେଲି ଓ ମୋର ପୂରା ବିଶ୍ୱାସ ଯେ ଏପରି ପରିସ୍ଥିତି ଗଢାଯିବ ଯେଉଁଠି ଶ୍ରୀ ଚୋଗିୟାଲଙ୍କୁ ପୁଣି ଅଭିଯୋଗ କରିବାକୁ ଅବସର ମିଳିବ ନାହିଁ ।

ଚୋଗିୟାଲ ଜଣେ ଆମେରିକାନ ମହିଳା ବିବାହ କରିଥିଲେ । ସେ ସିକିମର ମହିଳାଙ୍କ ସହିତ ପୂରା ମିଶି ଯାଇଥିଲେ । ସିକିମର ସ୍ତ୍ରୀ ଲୋକମାନେ ବହୁତ ଧୀର ସ୍ୱରରେ କଥା କହୁଥିଲେ । ଏଥିରେ ମଧ୍ୟ ମହାରାଣୀ ସେମାନଙ୍କୁ ପୂରା ଅନୁକରଣ କରିଥିଲେ ଯଦ୍ଦ୍ୱାରା ତାଙ୍କ ସହିତ କଥାବାର୍ତ୍ତା କରିବା ମୋ ପକ୍ଷରେ କଷ୍ଟକର ହେଉଥିଲା ।

ସିକିମରେ ଲଘୁ ଉଦ୍ୟୋଗ ବିକାଶ ପାଇଁ ଯେଉଁ ଯୋଜନା ସେଠାରେ ଗୋଟିଏ ନଗରରେ କରା ହୋଇଥିଲା ମୁଁ ତାହା ଦେଖିବାକୁ ଗଲି । ସେଠାର ବ୍ୟବସ୍ଥା ବହୁତ ଭଲ ଜଣା ପଡିଲା । ସିକିମର ଉଦ୍ୟୋଗୀକରଣ ବିଷୟରେ କଥା ହେଲୁ । ମୁଁ କହିଲି ସିକିମର ବିକାଶରେ ଭାରତ ସାହାଯ୍ୟ କରିପାରେ ଓ ଉଦ୍ୟୋଗ ସ୍ଥାପନା ପାଇଁ ଅବଶ୍ୟ ସାହାଯ୍ୟ କରିବ । ସିକିମ ବିକାଶ ପାଇଁ ଭାରତ ବେଶ୍ ଭଲ ସାହାଯ୍ୟ କରୁଛି ଓ ଯେଉଁ ଭାରତୀୟ ପ୍ରତିନିଧିମାନେ ସେଠାରେ ରହୁଛନ୍ତି ତାଙ୍କୁ ଏପରି ଆଦେଶ ଦିଆଯାଇଛି ଯେ ସେ ଏ ବିଷୟରେ ତାଙ୍କର ଉପଯୋଗୀ ହେବେ । ଅତଃ ବର୍ତ୍ତମାନ ଭାରତ ଓ ସିକିମର ସମ୍ବନ୍ଧ ବହୁତ ଭଲ ହୋଇଗଲାଣି ଓ ମତେ ଲାଗୁଛି ଯେ ପ୍ରଥମର ତିକ୍ତତା କମ୍ ହୋଇଯାଇଛି ।

ସିକିମରେ ନେପାଳୀମାନେ ବହୁତ ସଂଖ୍ୟାରେ ଘର କରି ଅଛନ୍ତି । ସେଠାର ଲୋକସଂଖ୍ୟାରେ ଏମାନଙ୍କ ସଂଖ୍ୟା ବହୁତ ବେଶ ଅଧିକ । ଏହାର ମଧ୍ୟ ପ୍ରଭାବ ସିକିମ ରାଜନୀତି ଉପରେ ପଡୁଛି । ଇତି ମଧ୍ୟରେ ସେଠାରେ ଭାରତ ବିରୋଧୀ କିଛି ପ୍ରଦର୍ଶନ ମଧ୍ୟ ହୋଇଥିଲା । ମୁଁ ମହାରାଜାଙ୍କୁ ବୁଝାଇବାକୁ ଚେଷ୍ଟା କଲି ଯେ ଏପରି ପ୍ରଦର୍ଶନରେ ପାରସ୍ପରିକ ସମ୍ବନ୍ଧ ବିଗିଡି ଯିବାର ସମ୍ଭାବନା ଅଧିକ ରହେ । ଅତଃ ଏସବୁ ହେବାକୁ ନ ଦେବା ହିଁ ଉତ୍ତମ ଅଟେ । ସେ କହିଲେ, ''ସିକିମକୁ ତା'ର ରାଷ୍ଟ୍ର ଗୀତ ପାଇଁ ଅନୁମତି ଦିଆଯାଉ ନାହିଁ ।'' ମୁଁ କହିଲି, ''ରାଷ୍ଟ୍ର ଗୀତରେ ଆମର କ'ଣ ଆପତ୍ତି ହୋଇପାରେ ? ଏହା ସତ ଯେ ସିକିମ ସରକାରଙ୍କର ସହଯୋଗ ବିନା ଭାରତୀୟ ସେନା ସେଠାରେ ଉପଯୋଗୀ ହୋଇପାରିବେ ନାହିଁ । ଏଣୁ ଦୁହିଁଙ୍କ ସମ୍ବନ୍ଧ ପ୍ରଗାଢ ଓ ବିଶ୍ୱାସ ପୂର୍ଣ୍ଣ ହେବା ଉଚିତ । ଜଣକର ଅନ୍ୟ ଜଣକ ପ୍ରତି କୌଣସି ପ୍ରକାର ଅବିଶ୍ୱାସ ଦୁଇଜଣକ ପାଇଁ କ୍ଷତିକାରକ ଅଟେ ।''

ଆମ ଦୁଇଜଣକ କଥାବାର୍ତ୍ତାରେ ଚୋଗିୟାଲଙ୍କୁ ବହୁତ ସନ୍ତୋଷ ଲାଗିଲା -- ଏପରି ସେ ମତେ ବତାଇଲେ । ଦିଲ୍ଲୀ ଆସିଲେ ମୋ ଅତିଥି ଭାବେ ମୋ ପାଖରେ ରହିବାକୁ ନିମନ୍ତ୍ରଣ ଦେଲି । ତାଙ୍କ କିଛି ଅସୁବିଧା ଦୂର କରିବାରେ ସାହାଯ୍ୟ କରିବାକୁ ମୁଁ ଇଚ୍ଛା ପ୍ରକଟ କଲି ଓ ତଦନୁସାରେ କିଛି ଅସୁବିଧା ଦୂର ମଧ୍ୟ କରିଲି ।

Digitized by srujanika@gmail.com

ସିକିମରେ ମୁଁ ସେଠାର ନାଥୁଲା ଗିରିପଥ ଦେଖିବାକୁ ଗଲି । ଏହି ଗିରିପଥ ପାଖରେ ତିବ୍ବତର ସୀମା ଓ ଏଠାରେ ଭାରତୀୟ ସେନା ଜଗୁଛନ୍ତି । ସାମନାରେ ଚୀନ ସେନା ରହିଛନ୍ତି ଓ ଚୀନ ତରଫରୁ ସେଠାରେ ସବୁବେଳେ କିଛି ନା କିଛି ଗଡବଡ କରିବା ଚେଷ୍ଟା ଚାଲିଛି । ଗତ ବର୍ଷ ଚୀନ ସେନା ଲଗାତର ଆମ ସେନାକୁ ଲାଉଡ ସ୍ପିକର ସାହାଯ୍ୟରେ ଧମକ ଦେଉଥିଲେ କି ଏଠାରୁ ଚାଲିଯାଅ ନ ହେଲେ ତୁମକୁ ଧ୍ୱଂସ କରି ଦିଆଯିବ । କିନ୍ତୁ ଆମ ସେନା ଦୃଢତାର ସହ ଜବାବ ଦେଉଥିଲେ ଯେ ଏପରି କଲେ ତୁମର ହିଁ ଧ୍ୱଂସ ହୋଇଯିବ । ପରେ ଚୀନ ଏପରି ଧମକ ଦେଇଥିବା କଥା ଅସ୍ୱୀକାର କରିଥିଲା ।

ଏହା ପୂର୍ବରୁ ଏଠାରେ ଚୀନ ସୈନ୍ୟ ଆକ୍ରମଣ କରିଥିଲେ । କିନ୍ତୁ ଆମ ସେନା ତାଙ୍କର ବହୁତ କ୍ଷତି କରି ତାଙ୍କୁ ହଟାଇ ଦେଇଥିଲେ । ଏହାପରେ ଏଠାରେ ଶାନ୍ତି ଅଛି । ସେଥିପାଇଁ ମୁଁ ଏ ସ୍ଥାନ ଦେଖିବାକୁ ଯାଇଥିଲି ଓ ନିଜର ସୈନିକ ଅଫିସରଙ୍କ ସହିତ କଥାବାର୍ତ୍ତା ହୋଇଥିଲି ।

ସେ ସ୍ଥାନ ବଡ ବିକଟ ଅଟେ । ବରଫରେ ଆଚ୍ଛାଦିତ ରହେ ଓ ସେଠାରେ ନା ଜନବସତି ନା ଗଛ ବୃକ୍ଷ ଅଛି । ତଥାପି, ତାପମାନ ଯୋଗୁଁ ସମସ୍ତ କଷ୍ଟ ସତ୍ତ୍ୱେ ଆମ ଜବାନ ସେଠାରେ ବଡ ବାହାଦୁରୀ ଓ ଦୃଢତାର ସହ ରହି ଉତ୍ସାହ ଓ ଆନନ୍ଦରେ କାମ କରୁଛନ୍ତି । ଏହା ଦେଖି ମୁଁ ବଡ ପ୍ରସନ୍ନ ହେଲି । ମୁଁ ସେମାନଙ୍କୁ ଧନ୍ୟବାଦ ଦେଲି ଓ ଅଭିନନ୍ଦନ ଜଣାଇଲି ।

ନାଥୁଲା ଗିରିପଥରେ ଆମ ଜବାନମାନଙ୍କ କାର୍ଯ୍ୟ କୁଶଳତା ଦେଖି ମୋର ଆମ ସେନା ଉପରେ ଯେଉଁ ଗର୍ବ ଥିଲା ତାହା ଆହୁରି ବଢିଗଲା । ମୋର ଦୃଢ ଧାରଣା ଯେ ସିକିମ ସରକାରଙ୍କ ସାଥୀ ଓ ସହଯୋଗ ଯେତେଦିନ ଯାଏ ଆମକୁ ମିଳୁଥିବ ସେତେଦିନ ଯାଏ ଆମର କୌଣସି ବିପଦ ନାହିଁ ।

ଏହି ସମୟରେ ଭାରତରେ ଆସାମର ପାର୍ବତ୍ୟ ଅଞ୍ଚଳ ବିଷୟରେ ଏକ ଉଗ୍ର ଆନ୍ଦୋଳନ ଚାଲୁଥିଲା । ଆସାମର ପାହାଡି ଅଞ୍ଚଳରେ କିଛି ଭାଗରେ ଆସାମରୁ ପୃଥକ ହେବା ପାଇଁ ଜୋରଦାର ଦାବି ଆରମ୍ଭ ହୋଇଥିଲା । ଏହି ପାହାଡି ଅଞ୍ଚଳର ପ୍ରତିନିଧି ଥିଲେ ପ୍ରଫେସର ସ୍ୱେଲ, ଯେ ସଂସଦ ସଦସ୍ୟ ଥିଲେ । ଏ ବିଷୟରେ ଚର୍ଚ୍ଚା ତ ବହୁତ ସମୟରୁ ଚାଲୁ ଥିଲା । ମୁଁ ମନ୍ତ୍ରୀମଣ୍ଡଳରେ ନଥିବା ବେଳେ ଏ ଚର୍ଚ୍ଚା ଆରମ୍ଭ ହୋଇ ସାରିଥିଲା ଓ ମୁଁ ମନ୍ତ୍ରୀ ମଣ୍ଡଳରେ ଆସିବା ବେଳେ ଗୃହ ମନ୍ତ୍ରୀଙ୍କ ତରଫରୁ ଏପରି ଏକ ସଂଦିଗ୍ଧ ଘୋଷଣା କରାଗଲା ଯେଉଁଥିରୁ ଆଭାସ ମିଳୁଥିଲା ଯେ ଏହି ପାହାଡି ବିଭାଗର ଗୋଟିଏ ପୃଥକ ରାଜ୍ୟ ତିଆରି ହେବ । ଏ ବିଷୟରେ ଶ୍ରୀ ଅଶୋକ ମେହେତାଙ୍କ ଅଧ୍ୟକ୍ଷତାରେ ଗୋଟିଏ ସମିତି ମଧ୍ୟ ନିଯୁକ୍ତି କରାଯାଇଥିଲା । ଶ୍ରୀ ଅଶୋକ ମେହେତା ସେତେବେଳେ ମନ୍ତ୍ରୀ ମଣ୍ଡଳରେ ଥିଲେ । ତାଙ୍କ ସୁପାରିଶ ଅନୁସାରେ ଆସାମରେ ଏ ସବୁ ପାହାଡି ଅଞ୍ଚଳ ରହିବ କିନ୍ତୁ ଏହି ପାହାଡି ବିଭାଗକୁ ଆସାମ ଅନ୍ତର୍ଗତରେ ହିଁ ସ୍ୱାୟତ୍ତତା ଦିଆଯିବ । ଏ ପ୍ରସ୍ତାବ ଉପରେ ବିରୋଧୀ ପକ୍ଷ ନେତାମାନଙ୍କ ସହିତ ମଧ୍ୟ ବିଚାର ଆଲୋଚନା କରାଗଲା ଯେଉଁଥିରେ ମୁଁ ଉପସ୍ଥିତ ଥିଲି । ସେତେବେଳେ ମୁଁ ବତାଇଥିଲି ଯେ ଗୃହ ମନ୍ତ୍ରୀ ଦ୍ୱାରା ଯେଉଁ ବକ୍ତବ୍ୟ ପ୍ରକାଶ କରାଯାଇଛି ସେଥିରେ ପାହାଡି ଅଞ୍ଚଳକୁ ପୃଥକ ରାଜ୍ୟ କରିବାକୁ ବଚନ ଦିଆଯାଇଛି ବୋଲି କୁହାଯାଇ ପାରିବ ନାହିଁ । ଗୃହ ମନ୍ତ୍ରୀ ମୋ କଥାକୁ ସମର୍ଥନ କଲେ । କାରଣ ଏହି ବକ୍ତବ୍ୟରେ ଏ ସମ୍ବନ୍ଧରେ କେବଳ ବିଚାର କରିବାକୁ କୁହାଯାଇଥିଲା । ଏଥିରୁ ଅଧିକ ସେଥିରେ କୌଣସି କଥା ନଥିଲା ।

ପ୍ରଧାନମନ୍ତ୍ରୀଙ୍କ ସହିତ ଏ ବିଷୟରେ ମୋର କଥାବାର୍ତ୍ତା ବେଳେ ମୁଁ ତାଙ୍କୁ କହିଲି ଯେ ଆସାମରୁ ଏ ଭାଗକୁ ଅଲଗା କରିବା ଭାରତ ପାଇଁ ବଡ ବିପଜ୍ଜନକ ବିଷୟ । ଏପରି ହେଲେ ଭାରତର ସେ ତରଫ

Digitized by srujanika@gmail.com

ସୀମା ସୁରକ୍ଷିତ ହୋଇପାରିବ ନାହିଁ । ଏଣୁ ମୋ ମତାନୁସାରେ ଏ ଭାଗକୁ ଅଲଗା କରାଯିବ ଉଚିତ ହେବ ନାହିଁ ।

ଶେଷରେ ସ୍ଥିର ହେଲା ଯେ ଏ ଅଞ୍ଚଳ ଆସାମ ରାଜ୍ୟରେ ହିଁ ରହିବ କିନ୍ତୁ ପାଖାପାଖି ସ୍ୱାୟତ୍ତ ହୋଇ ପୁଲିସ ବିଭାଗ ତାଙ୍କ ପାଖରେ ରହିବ । ମୁଁ ଏପରି ସ୍ୱାୟତ୍ତତା ସ୍ୱୀକାର କରିବା ପକ୍ଷରେ ନଥିଲି କାରଣ ସେଥିରୁ ପୃଥକ ପ୍ରଦେଶ ସ୍ୱୀକାର କରିବାର ପ୍ରଶ୍ନ ଉଠିବାର ସମ୍ଭାବନା ଥିଲା । ତଥାପି ଆସାମର ମୁଖ୍ୟମନ୍ତ୍ରୀ ଶ୍ରୀ ଚାଲିହା ଏପରି ସ୍ୱାୟତ୍ତତା ଦେବାକୁ ସମ୍ମତି ଦେଇଥିଲେ କିନ୍ତୁ ଗୃହ ବିଭାଗ ଦେବାକୁ ରାଜି ନ ଥିଲେ ।

ମନ୍ତ୍ରୀ ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କ ସହିତ ଏ ବିଷୟ ଚର୍ଚ୍ଚା ହେଲା ବେଳେ ପ୍ରଧାନମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନେ ଗୃହ ବିଭାଗ ଅର୍ଥାତ ପୁଲିସ ସ୍ୱାୟତ୍ତ ଅଧିକାରୀକୁ ଦେବାକୁ ଚାହୁଁଥିଲେ କିନ୍ତୁ ମୁଁ ଏହାର ବିରୋଧ କଲି । ଏଥି ସହିତ ମୁଁ କୌଣସି ପ୍ରକାରେ ସମ୍ମତ ହୋଇପାରୁ ନଥିଲି କାରଣ ଏହା ବିପଜ୍ଜନକ ବୋଲି ମତେ ଜଣା ପଡୁଥିଲା ଏବଂ ଲାଗୁଥିଲା ଯେ ଏଥିରେ ଆସାମର ଅଖଣ୍ଡତା ବିପଦରେ ପଡିଯିବ । ବିଚାର ପରେ ପ୍ରଧାନମନ୍ତ୍ରୀ ନିଜ ନିର୍ଣ୍ଣୟ ଉପରେ ଦୃଢ ରହିଲେ ଓ ଅଷ୍ଟ୍ରେଲିଆକୁ ନିଜର ଯାତ୍ରା ରଦ୍ଦ କରିବାକୁ ପ୍ରସ୍ତୁତ ହୋଇଗଲେ । ମୁଁ ତାଙ୍କୁ ପରାମର୍ଶ ଦେଲି ଯେ ଅଷ୍ଟ୍ରେଲିଆକୁ ଯାତ୍ରା ରଦ୍ଦ କରିବା ଉଚିତ ନୁହେଁ କାରଣ ଯାହା ନିର୍ଣ୍ଣୟ କରିବା କଥା ତାହା ସେଠାରୁ ଆସିବା ପରେ ମଧ୍ୟ କରାଯାଇ ପାରେ । ନିର୍ଣ୍ଣୟକୁ ଏତକ ଦିନ ସ୍ଥଗିତ ରଖିଲେ କୌଣସି କ୍ଷତି ହେବ ନାହିଁ । ପ୍ରଥମେ ତ ସେ ମୋ କଥା ସ୍ୱୀକାର କରୁ ନଥିଲେ । କିନ୍ତୁ କିଛି ସମୟ ପରେ ମାନିନେଲେ ଓ ଏ ସମ୍ବନ୍ଧରେ ନିଜର ନିର୍ଣ୍ଣୟ ସ୍ଥଗିତ ରଖିଲେ ।

ଏହାପରେ ସେ ଅଷ୍ଟ୍ରେଲିଆ ହୋଇ ଆସିଲେ । ତା'ର ଅନେକ ଦିନ ପରେ ଯେତେବେଳେ କଂଗ୍ରେସ ସଂସଦୀୟ ଦଳର କାର୍ଯ୍ୟକାରୀ ତଥା କଂଗ୍ରେସ କାର୍ଯ୍ୟସମିତିରେ ଏ ବିଷୟରେ ବିଚାର ହେଲା, ସେତେବେଳେ ସ୍ୱାୟତ୍ତତାର ବଡ ବିରୋଧ କରାଗଲା । କିଛି ବିଚାର ବିନିମୟ ପରେ ପ୍ରଧାନମନ୍ତ୍ରୀ ନିଜର ଆଗ୍ରହ ଛାଡି ଦେଲେ ଓ ଏପରି ନିର୍ଣ୍ଣୟ କରାଗଲା ଯାହା ଅନୁସାରେ ପାହାଡି ଅଞ୍ଚଳକୁ ସ୍ୱାୟତ୍ତତା ଦିଆଯିବ କିନ୍ତୁ ଘରୋଇ ବିଭାଗ ସଂଯୁକ୍ତ ଆସାମ ପାଖରେ ରହିବ । ତା'ପରେ ସଂସଦରେ ଏ ସମ୍ବନ୍ଧରେ ଗୋଟିଏ ବିଧେୟକ ପ୍ରସ୍ତୁତ କରି ତାକୁ ସ୍ୱୀକାର କରାଗଲା ।

ଏ ସମସ୍ୟାର ଏ ସମୟରେ ଏପରି ନିରାକରଣ କରାଯାଇଥିଲା ଓ ପ୍ରଧାନମନ୍ତ୍ରୀଙ୍କୁ ନିଜ କଥା ଛାଡିବାକୁ ପଡିଲା । କିନ୍ତୁ ତାଙ୍କ ମନରେ ମୋ ବିରୁଦ୍ଧରେ କିଛି ପକ୍ଷପାତ ବିଚାର ରହିଗଲା ଭଳି ମତେ ସେ ସମୟରେ ଲାଗିଲା । ୧୯୬୯ରେ ମୁଁ ମନ୍ତ୍ରୀମଣ୍ଡଳରୁ ବାହାରି ଯିବା ପରେ "ମେଘାଳୟ" ନାମରେ ଏ ଅଞ୍ଚଳକୁ ଏକ ପୃଥକ ରାଜ୍ୟ ଗଢାଗଲା ।

୧୯୬୮ ଜୁଲାଇ ମାସରେ ମୁଁ ଇରାନ ଯାଇଥିଲି କାରଣ ଇରାନ ସରକାର ଓ ସେଠାର ବାଦଶାହାଙ୍କ ଠାରୁ ମତେ ଇରାନ ଯିବାପାଇଁ ନିମନ୍ତ୍ରଣ ମିଳିଥିଲା । ଇରାନ ଭାରତ ସହିତ ନିଜ ସମ୍ବନ୍ଧ ବଢାଇବାକୁ ଚାହୁଁଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ତ ପାକିସ୍ତାନ ସହିତ ଗାଢ ସମ୍ବନ୍ଧ ଥିଲା, କିନ୍ତୁ ଭାରତ ସହିତ ଏପରି ନଥିଲା । ସେଥିରେ ପରିବର୍ତ୍ତନ ହୋଇଥିଲା ଓ ସେ ବର୍ତ୍ତମାନ ଭାରତ ସହିତ ନିଜ ସମ୍ବନ୍ଧ ଭଲ ରଖିବାକୁ ଚାହୁଁଥିଲା, ସେଥିପାଇଁ ମତେ ଆମନ୍ତ୍ରିତ କରାଯାଇ ଥିଲା ।

Digitized by srujanika@gmail.com

ଇରାନର ପ୍ରଧାନମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ବିଦେଶ ମନ୍ତ୍ରୀ ତଥା ଉଦ୍ୟୋଗ ମନ୍ତ୍ରୀ ଆଦିଙ୍କ ସହିତ ମୋର ଭେଟ ହୋଇଥିଲା । ସେଠାରେ ଆର୍ଥିକ ଯୋଜନାର ଦାୟିତ୍ୱ ଯାହାଙ୍କର ଥିଲା ତାଙ୍କ ସହିତ ମୋର ବହୁତ ଲମ୍ବା କଥାବାର୍ତ୍ତା ହେଲା । ସବୁ ବିଚାର ଆଳାପ ମୈତ୍ରୀପୂର୍ଣ୍ଣ ଥିଲା । ଟାଟାର ରାସାୟନିକ ସାର ଯୋଜନାକୁ ଭାରତ ସରକାର ସ୍ୱୀକୃତି ଦେବା ବିଷୟରେ ବହୁତ ଆତୁର ଥିଲେ । ସେଥିପାଇଁ ମତେ ବହୁତ ଆଗ୍ରହ କରିଥିଲେ । ଏ ଯୋଜନା ମଂଜୁର ହେଉ ନଥିଲା ଓ ଢିଲା ପଡିଯାଇଥିଲା । ସେଥିଯୋଗୁଁ ସେମାନେ ବହୁତ ଅସନ୍ତୁଷ୍ଟ ଥିଲେ ।

ଇରାନର ଶାହା ସେତେବେଳେ ଗୋଟିଏ ସୁନ୍ଦର ସ୍ୱାସ୍ଥ୍ୟପ୍ରଦ ସ୍ଥାନରେ ରହୁଥିଲେ । ସେଠାରେ ତାଙ୍କ ସହିତ ସାକ୍ଷାତ କରିବା ଯୋଗାଡ କରାଯାଇ ଥିବାରୁ ମୁଁ ସେଠାକୁ ଗଲି । ଏହା ବଡ ରମଣୀୟ ସ୍ଥାନ ଥିଲା । ଶାହାଙ୍କ ସହିତ ମୋର ଖୁବ କଥାବାର୍ତ୍ତା ହେଲା ଓ କଥାବେଳେ ସେ ଅତ୍ୟନ୍ତ ମୈତ୍ରୀ ପୂର୍ଣ୍ଣ ନୀତି ପ୍ରକଟ କରିଥିଲେ । ମୋ ପ୍ରତି ସେ ବଡ ସଦ୍‌ଭାବନା ଦେଖାଇ ଥିଲେ । ସେ ଜଣେ ଅତ୍ୟନ୍ତ କୁଶଳ ଶାସକ ଥିଲେ -- ଏପରି ଛାପ ମୋ ଉପରେ ପଡିଥିଲା । ମୁଁ ଯେତେବେଳେ ବମ୍ବେର ମୁଖ୍ୟମନ୍ତ୍ରୀ ଥିଲି, ସେତେବେଳେ ସେ ବମ୍ବେ ଆସିଥିଲେ ଓ ସେତେବେଳେ ଆମେ ପ୍ରଥମେ ପରସ୍ପରକୁ ଭେଟିଥିଲୁ । ତେଣୁ ଏ ଭେଟରେ ଆମର ପୁରୁଣା ପରିଚୟ ତାଜା ହେଲା ।

ମୁଁ ଶୁଣିଲି ଯେ ଇରାନର ଶାହା ନିଜ ଜ୍ଞାତିକୁଟୁମ୍ବ ସହିତ କେତେଥର ହେଲିକେପ୍ଟରରେ ଉଡୁଥିଲେ ଓ ଦୁର୍ଘଟଣାର କୌଣସି ଭୟ କରୁ ନଥିଲେ । ସାଧାରଣତଃ ରାଜା ଓ ଉତ୍ତରାଧିକାରୀମାନେ ଏପରି ବିପଦକୁ ଯାଉ ନଥିଲେ କିନ୍ତୁ ଖୁଦାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖୁଥିବାରୁ ସେ ଏ ବିପଦକୁ ଡରୁ ନଥିଲେ । ଏଥିରୁ ତାଙ୍କ ନିର୍ଭୟତାର ପ୍ରମାଣ ମିଳେ ।

ମୁଁ ଇସ୍‌ଫାହାନ ଯାଇଥିଲି ଓ ସେଠାରୁ ଇରାନର ରାଜଧାନୀ ତେହେରାନ ଫେରି ଆସିଥିଲି । ସେଠାରେ ଯେଉଁ ଦୁଇହଜାର ବର୍ଷର ପୁରୁଣା ଭୂ-ବିଭାଗ ଖୋଳି ବାହାର କରାଯାଇଥିଲା ତାହା ଦେଖିଲି । ଗୋଟିଏ ପୁରୁଣା ବଡ ମସ୍‌ଜିଦ୍ ମଧ୍ୟ ଦେଖିଲି ଯାହା ବହୁତ ସୁନ୍ଦର ଥିଲା । ଦୁଇଟି ଝୁଲୁଥିବା ମୀନାର ମଧ୍ୟ ଦେଖିଲି । ଏହିପରି ଦୁଇଟି ଝୁଲୁଥିବା ମୀନାର ଅହମ୍ମଦାବାଦରେ ମଧ୍ୟ ଅଛି । ମୁଁ ଭାବୁଛି ଯେ ଇସ୍ପାହାନର ମୀନାରର ନକଲ ଉପରେ ଏହା ତିଆରି ହୋଇଛି । ମୁଁ ମୀନାର ଦେଖିବାକୁ ଗଲି, ସେ ସମୟରେ ଗୋଟିଏ ମୀନାର ଉପରେ କେହି ଜଣେ ଚଢି ଭିତରୁ ଏ ମୀନାରକୁ ହଲାଇଲେ, ଅନ୍ୟ ମୀନାରଟି ନିଜେ ନିଜେ ହଲିଲା । ଦୁଇ ମୀନାର ମଧ୍ୟରେ ବେଶ ଦୂରତ୍ୱ ଥିଲା । ଏହିପରି ଭାବରେ ସେମାନେ ମୀନାରର ଏ ବିଶେଷତ୍ୱ ପ୍ରଦର୍ଶନ କରୁଥିଲେ କି ସେ ସମୟରେ ଇଞ୍ଜିନିୟର କେତେ ଦକ୍ଷ ଥିଲେ । ବର୍ତ୍ତମାନ ତ ଏପରି କଳା ଦେଖାଯାଏ ନାହିଁ ।

ତେହେରାନରେ ଇଣ୍ଡୋଇରାନିୟାନ ଆସୋସିଏସନ ତରଫରୁ ମତେ ସ୍ୱାଗତ କରାଯାଇଥିଲା । ସ୍ୱାଗତ ଇରାନୀ ଢଙ୍ଗରେ କରାଯାଇ ଥିଲା । ସ୍ୱାଗତର ଉତ୍ତର ଭାଷଣରେ ମୁଁ କହିଲି, ‘‘ଆର୍ଯ୍ୟମାନେ କେନ୍ଦ୍ର ଏସିଆରୁ ଭାରତକୁ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେ ବାଟରେ ଯାତ୍ରା ଭଙ୍ଗ କରି ଇରାନରେ ସବୁଦିନ ପାଇଁ ରହିଗଲେ । ଅନ୍ୟମାନେ ଭାରତରେ ଯାଇ ବସତି ସ୍ଥାପନ କଲେ ଓ ସେମାନେ ଭାରତୀୟ ହେଲେ । ଇରାନ ତେଣୁ ଭାରତୀୟମାନଙ୍କର ଦ୍ୱିତୀୟ ଘର ।’’ ମୋର ଏକଥା ଶୁଣି ଉପସ୍ଥିତ ଲୋକ ବହୁତ ଖୁସି ହୋଇଥିଲେ ।

ଇରାନରେ ସମସ୍ତଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହେଲା ଓ ସେଠାର ଶାହାଙ୍କ ସହିତ ଯେଉଁ ବାର୍ତ୍ତାଳାପ ହେଲା ସେଥିରୁ ମତେ ପ୍ରତୀତ ହେଲା ଯେ ସେମାନେ ଭାରତ ସହିତ ନିକଟ

Digitized by srujanika@gmail.com

ସମ୍ପର୍କ ରଖିବାକୁ ଚାହାଁନ୍ତି ଓ ପରସ୍ପର ସାଂସ୍କୃତିକ ସମ୍ବନ୍ଧ ବଢାଇବାକୁ ମଧ୍ୟ ସେମାନଙ୍କର ତୀବ୍ର ଇଚ୍ଛା ଅଛି ।

ସେଠାରୁ ଫେରିବା ପରେ ଇରାନ ସମ୍ବନ୍ଧୀୟ ନିଜ ମନ୍ତବ୍ୟର ବିବରଣ ମୁଁ ପ୍ରଧାନମନ୍ତ୍ରୀକୁ ଦେଲି । କିନ୍ତୁ ଏହାପରେ ମୁଁ ଦେଖିଲି ଯେ ଦୁଇ ଦେଶର ସମ୍ବନ୍ଧ ବଢାଇବା ପାଇଁ ଯେଉଁ ପଦକ୍ଷେପ ନେବାର ଥିଲା, ସେ ପଦକ୍ଷେପ ନିଆହେଲା ନାହିଁ ଓ ଏ ଦିଗରେ ଢିଲା ଦେଖାଗଲା ।

ମୁଁ ଇରାନରେ ଥିବା ବେଳେ, ନିଜର ଜଣେ ପୁରୁଣା ମିତ୍ର ସୈଫ ଆଜାଦଙ୍କ ସହିତ ଅଚାନକ ସାକ୍ଷାତର ସୁଯୋଗ ମିଳିଥିଲା । ମୁଁ ୧୯୪୨ରେ ଏର୍‌ବଦା ଜେଲରେ ତାଙ୍କ ସମ୍ପର୍କରେ ଆସିଥିଲି, ଯେଉଁଠ, ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ତାଙ୍କୁ ନାଜୀମାନଙ୍କର ସମର୍ଥକ ଭାବି ନଜର ବନ୍ଦୀରେ ରଖା ଯାଇଥିଲା ।

ସେ କିଛି ବର୍ଷ ଜର୍ମାନୀରେ ରହିଥିଲେ ଯେଉଁ ସକାଶେ ତାଙ୍କୁ ହିଟଲରଙ୍କ ସମର୍ଥକ ଭାବୁଥିଲେ । ତେଣୁ ଯୁଦ୍ଧ କାଳରେ ତାଙ୍କୁ ଜେଲରେ ରଖା ଯାଇଥିଲା । ଯେଉଁ ବ୍ୟାରାକରେ ସେ ଥିଲେ ସେଠାରେ ଆମେମାନେ ରହୁଥିଲୁ । ଏହିପରି ତାଙ୍କ ସହିତ ରହିବା ପାଇଁ ଅବସର ମିଳିଥିଲା । ତାଙ୍କ ସହିତ ଦୁଇ ଅଢେଇ ବର୍ଷ ରହିଥିଲୁ, ଯାହା ଫଳରେ ଆମେ ପରସ୍ପରର ଅତ୍ୟନ୍ତ ନିକଟ ସମ୍ପର୍କରେ ଆସିଥିଲୁ ।

ସଂସ୍କୃତ ଓ ପାର୍ସି ଭାଷାରେ ମିଶି ଯାଉଥିବା ଅନେକ ଶବ୍ଦ ଅଛି । ଏ ବିଷୟରେ ବି ତାଙ୍କ ସହିତ ମୋର ଚର୍ଚ୍ଚା ହୋଇଥିଲା । ତାଙ୍କ କଥାନୁସାରେ ଦୁଇ ଭାଷାରେ ୨୫ ପ୍ରତିଶତରୁ ଅଧିକ ଶବ୍ଦ ସମାନ ଅଛି ।

ଇରାନ ଯାତ୍ରାରେ ମୁଁ ତାଙ୍କ ସହିତ ସାକ୍ଷାତ କରିବାର ବିଚାର କରିଥିଲି । ତଦନୁସାରେ ତେହେରାନ ପହଞ୍ଚିବା ପରେ ମୁଁ ତାଙ୍କୁ ଖୋଜିବାକୁ ଚେଷ୍ଟା କଲି ଓ ତାଙ୍କୁ ଯେବେ ମୋର ଇରାନ ଆସିବାର ଜଣାପଡିଲା, ସେ ମଧ୍ୟ ମତେ ଖୋଜିବାକୁ ଚେଷ୍ଟାକଲେ ତଥା ମତେ ପତ୍ର ଲେଖିଲେ ଯେ ଗଣ୍ଠିବାତ ଯୋଗୁଁ ସେ ଚାଲିପାରୁ ନାହାଁନ୍ତି କିନ୍ତୁ ମତେ ଦେଖିବାକୁ ବହୁତ ଇଚ୍ଛା ଥିଲା ।

ବିଚାର ବିମର୍ଶ ପାଇଁ ମୁଁ ଗୋଟିଏ ସ୍ଥାନକୁ ଯାଇ ଜାଣିଲି ଯେ ତାଙ୍କ ଘର ସେଠାରୁ ନିକଟରେ । ମୁଁ ତାଙ୍କୁ ସାକ୍ଷାତ କରିବାକୁ ଗଲି । ସେ ଜଣେ ପତ୍ରକାର ଥିଲେ ଓ ପତ୍ରକାରୀରେ ତାଙ୍କର ବହୁତ ଆଗ୍ରହ ଥିଲା । ତାଙ୍କ ଦପ୍ତରରେ ଆମେ ବଡ ପ୍ରେମ ପୂର୍ବକ ଭେଟିଲୁ ଓ ଆମ ଦୁଇଜଣ ପରସ୍ପର ସହିତ ମିଳି ବଡ ପ୍ରସନ୍ନ ହେଲୁ ।

ଜେଲରେ ମଧ୍ୟ ସେ ଖୁବ୍ ଖୁସ-ମିଜାଜରେ ରହୁଥିଲେ ଓ ବର୍ତ୍ତମାନ ମୁଁ ଯେତେବେଳେ ତାଙ୍କୁ ଭେଟିଲି ବେମାରି ସତ୍ତ୍ୱେ ମଧ୍ୟ ତାଙ୍କୁ ସେଇ ଖୁସ-ମିଜାଜରେ ଦେଖିଲି । ଆମେ ପୁରୁଣା କଥା ଓ ବର୍ତ୍ତମାନ ପ୍ରବୃତ୍ତି ବିଷୟରେ ପରସ୍ପର କଥାବାର୍ତ୍ତା ହେଲୁ । ଜେଲରେ ଥିବା ପରେ ପ୍ରାୟ ଚବିଶ ବର୍ଷ ହୋଇ ଯାଇଥିଲା । ତଥାପି ଜେଲରୁ ଖଲାସ ହେବା ପରେ ଥରେ ସେ, ଇରାନର ଶାହା ବମ୍ବେ ଆସିବା ସମୟରେ, ବମ୍ବେରେ ମୋ ସହିତ ସାକ୍ଷାତ କରିଥିଲେ । ତାହା ବି ପ୍ରାୟ ୧୩/୧୪ ବର୍ଷ ତଳେ । ତେଣୁ ଦୀର୍ଘ ସମୟ ପରେ ଭେଟି ଆମ ଦୁହିଁଙ୍କୁ ସତରେ ବଡ ଆନନ୍ଦ ଲାଗିଲା ।

ସେ ଚାଲିବୁଲି ପାରୁ ନଥିଲେ, ତଥାପି, ମୁଁ ମନାକରିବା ସତ୍ତ୍ୱେ, ମତେ ବିଦାୟ ଦେବାକୁ ଅନ୍ୟର ସାହାରା ନେଇ ବାହାରକୁ ଆସିଲେ ଓ ଗଳିର ମୋଡରେ ପହଞ୍ଚାଇ ଫେରିଗଲେ । ତାଙ୍କର ବୟସ ସେ ସମୟରେ ୬୫/୬୬ ବର୍ଷ ଥିଲା ।

Digitized by srujanika@gmail.com

(୩୯) କୋଶିଜିନଙ୍କ ସହିତ କଥାବାର୍ତ୍ତା

୧୯୬୭ ନଭେମ୍ବର ମାସରେ ରୁଷର ପ୍ରଧାନମନ୍ତ୍ରୀ ଶ୍ରୀ କୋଶିଜିନ ଭାରତ ଆସିଥିଲେ । ଭାରତର ପ୍ରଧାନମନ୍ତ୍ରୀଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହେଲା । କିନ୍ତୁ କ'ଣ କଥାବାର୍ତ୍ତା ହୋଇଥିଲା ମତେ କୁହାଯାଇ ନଥିଲା । ତାଙ୍କର ଜବାହରଲାଲଜୀଙ୍କ ସହ କଥାବାର୍ତ୍ତା ବେଳେ କେବଳ ତାଙ୍କର ରୁଷୀୟ ଦ୍ୱିଭାଷୀ ଜଣକ ଉପସ୍ଥିତ ଥିଲେ । ପରେ ଶ୍ରୀ କୋଶିଜିନ ମୋ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା ବ୍ୟକ୍ତ କରିଥିଲେ, ତେଣୁ ବ୍ୟବସ୍ଥା କରାଯାଇ ଥିଲା । ଏଥି ପାଇଁ ସେ ଯେଉଁ ସମୟ ନିଶ୍ଚିତ କରିଥିଲେ, ସେ ସମୟ ମୋ ପାଇଁ ଅନୁକୂଳ ନଥିଲା କାରଣ ଯେଉଁ କାମରେ ମୁଁ ବ୍ୟସ୍ତ ଥିଲି ତାହା ଛାଡ଼ି ପାରି ନଥିଲି । ତେଣୁ ପରେ ଦୁଇଜଣଙ୍କ ଅନୁକୂଳ ସମୟ ନିଶ୍ଚିତ କରାଯାଇଥିଲା ।

ଆମ ବାର୍ତ୍ତାଳାପ ବେଳେ ଦୁଇ ଦେଶର ରାଜଦୂତ ତଥା ଦ୍ୱିଭାଷୀ ଉପସ୍ଥିତ ଥିଲେ । କଥାବାର୍ତ୍ତା ବେଳେ ସେ ବତାଇଲେ ଯେ ରୁଷ ସହଯୋଗରେ ଏଠାରେ ଯେଉଁ ଉଦ୍ୟୋଗ ଆରମ୍ଭ କରାଯାଇଛି, ତା'ର ପ୍ରଗତିରେ ସେ ସନ୍ତୁଷ୍ଟ ଅଛନ୍ତି ଓ ତା' ସହିତ ଏ କଥା କହିଲେ ଯେ ଅନ୍ୟ କେତେକ ଉଦ୍ୟୋଗ ମଧ୍ୟ ସାର୍ବଜନିକ କ୍ଷେତ୍ରରେ ଆରମ୍ଭ କରିବା ଉଚିତ । ତା'ପରେ ମୁଁ କହିଲି, "ଏ ବିଷୟ ସବୁ ଦୃଷ୍ଟିରୁ ବିଚାର କରା ନଗଲେ ସାର୍ବଜନିକ କ୍ଷେତ୍ରରେ ଉଦ୍ୟୋଗ କାର୍ଯ୍ୟକ୍ଷମ ହେବ ନାହିଁ ଓ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟରେ କିଛି ଠିକଣା ରହିବ ନାହିଁ । ଅତଃ ଏ ବିଷୟରେ ପୂର୍ଣ୍ଣ ସାବଧାନ ରହିବା ଉଚିତ । ଏ ପ୍ରକାର ବ୍ୟବସ୍ଥା ଆମେ ବିଚାର କରୁଛୁ ।" ସେ ମତେ କହିଲେ, "ମୁଁ ଶୁଣୁଛି ଯେ ଆପଣ ସାର୍ବଜନିକ ଉଦ୍ୟୋଗ ସପକ୍ଷରେ ନାହାନ୍ତି ।" ମୁଁ କହିଲି, "ଆପଣଙ୍କର ଏକଥା ସମ୍ପୂର୍ଣ୍ଣ ଭୁଲ ଅଟେ । ଯେ କେହି ଆପଣଙ୍କୁ ଏକଥା କହିଛି ସେ ଆପଣଙ୍କୁ ଭୁଆଁ ବୁଲେଇଛି ।" ତା'ପରେ ସେ କହିଲେ, "ଏ ବିଷୟରେ ଆପଣଙ୍କ ଛପା ବ୍ୟକ୍ତବ୍ୟ ତ ମୁଁ ପଢ଼ି ନାହିଁ, ପରନ୍ତୁ ଏପରି ଛାପ ମୋ ମନରେ ପଡ଼ିଛି ।" ମୁଁ କହିଲି କି, "ସଂସଦରେ ଏ ସମ୍ବନ୍ଧରେ କେତେ ଥର ମୁଁ ମୋର ବିଚାର ପ୍ରକଟ କରିଛି । ସେଠାରେ ମୋ ଭାଷଣ ପଢ଼ିଥିଲେ ବାସ୍ତବିକତା ଆପଣଙ୍କୁ ଜଣାପଡ଼ି ଥା'ନ୍ତା । କିନ୍ତୁ ଆପଣ ଏପରି କୌଣସି ଭାଷଣ ପଢ଼ିନାହାନ୍ତି, ଏହା ଆପଣଙ୍କ କଥାରୁ ସ୍ପଷ୍ଟ ହେଉଛି ।"

ମୁଁ ତାଙ୍କୁ କହିଲି କି, "ସାର୍ବଜନିକ ଉଦ୍ୟୋଗର ବିରୁଦ୍ଧରେ ମୁଁ ନୁହେଁ । ମୁଁ ଏହାକୁ ସମର୍ଥନ କରିଛି । ଏକଥା ଅବଶ୍ୟ ସତ ଯେ ସାର୍ବଜନିକ ଉଦ୍ୟୋଗର ସଂଚାଳନ କୁଶଳତାର ସହ ହେବା ଉଚିତ ଓ ସେଥିରେ ରାଜ୍ୟର ସାଧନ ବଢ଼ିବା ଉଚିତ । ଏଥିରେ ଯେଉଁ ପୁଞ୍ଜି ଲାଗୁଛି ତା'ର ପରିମାଣ ବହୁତ ଅଧିକ । ତେଣୁ ସମସ୍ତ ଦିଗରୁ ବିଚାର କରି ଏହା କରାଯାଇପାରେ ।"

ଏହାପରେ ଏ ଚର୍ଚ୍ଚା ସେ ବନ୍ଦ କରିଦେଲେ ଓ ମତେ ଲାଗିଲା କି ମୋ କଥା ସେ ମାନି ନେଲେ । ମୋ ବିରୋଧୀମାନେ ମୋ ବିରୁଦ୍ଧରେ କିପରି ଭୁଲ କଥା ପ୍ରଚାର କରୁଥିଲେ ଏହା ତାହାର ସ୍ପଷ୍ଟ ପ୍ରମାଣ ଥିଲା ।

ପରେ ସେ ରାଜନୀତି ବିଷୟ ଆରମ୍ଭ କରି କହିଲେ, "ଜନସଂଘ ଏ ଦେଶର ଏକ ବିଭେଦନକାରୀ ତତ୍ତ୍ୱ ଅଟେ ଓ ମତେ ଲାଗୁଛି ଯେ ଏହା ବଢୁଛି । ସଂସଦରେ ମଧ୍ୟ ଏହାର ସଂଖ୍ୟା ବଢ଼ିଛି ।" ମୁଁ କହିଲି, "ଆଗେ ସଂସଦରେ ବିପକ୍ଷରେ ସବୁଠାରୁ ବଡ ଦଳ ସାମ୍ୟବାଦୀମାନଙ୍କର ହିଁ ଥିଲା । କିନ୍ତୁ ପରେ ସେମାନେ ଆପୋଷରେ ଲଢ଼ିବାକୁ ଲାଗିଲେ ଓ ଦୁଇଭାଗ ହୋଇଗଲେ -- ଗୋଟିଏ ପକ୍ଷ ରୁଷର ସମର୍ଥକ ହେଲେ ଓ

Digitized by srujanika@gmail.com

ଦ୍ୱିତୀୟଟି ଚୀନର । ଏହାଦ୍ୱାରା ଦୁଇପକ୍ଷ ଛୋଟ ହୋଇଗଲେ ଓ ସ୍ୱତନ୍ତ୍ର ପାର୍ଟି ସଦସ୍ୟଙ୍କ ସଂଖ୍ୟା ବିପକ୍ଷରେ ସର୍ବାଧିକ ହୋଇଗଲା ତଥା ସାମ୍ୟବାଦୀ ଦଳର ସ୍ଥାନ ଦୁଇକୁ ଖସିଗଲା ।''

ସେ କହିଲେ, ''ସାମ୍ୟବାଦୀ ଦଳ ରୁଷର ବିଶେଷ ଅନୁକୂଳ ଅଟନ୍ତି । ସାମ୍ୟବାଦୀମାନେ ରାଷ୍ଟ୍ରଭକ୍ତ ଅଟନ୍ତି, ଜନତାର ଭଲ ସେବା କରନ୍ତି ଓ ମୋ ଖିଆଲରେ କାମ ମଧ୍ୟ ଭଲ କରନ୍ତି ।'' ତା'ପରେ ମୁଁ କହିଲି, ''ଆପଣଙ୍କ ମାନ୍ୟତା ସହିତ ମୁଁ ଏକମତ ନୁହେଁ । ଆପଣଙ୍କ ଏକଥା ଠିକ୍ ନୁହେଁ ଯେ ସାମ୍ୟବାଦୀ ଦଳ ପୂର୍ଣ୍ଣ ରୂପେ ରାଷ୍ଟ୍ରଭକ୍ତ ଅଟନ୍ତି କାରଣ ସେମାନଙ୍କର ଏ ଦେଶ ଅପେକ୍ଷା ଆପଣଙ୍କ ଦେଶ ପ୍ରତି ବେଶି ପ୍ରେମ ଅଛି ।'' ତା'ପରେ ସେ ପଚାରିଲେ, ''ଆପଣ କଣ ଅର୍ନ୍ତରାଷ୍ଟ୍ରୀୟ ଏକତାର ବିରୁଦ୍ଧରେ ?'' ମୁଁ କହିଲି ''ଏ କଥା ସମ୍ପୂର୍ଣ୍ଣ ଭୁଲ ଅଟେ । ଅର୍ନ୍ତରାଷ୍ଟ୍ରୀୟ ଏକତା ଦୃଢ ରାଷ୍ଟ୍ରବାଦ ବ୍ୟତୀତ ହୋଇ ନପାରେ । ରାଷ୍ଟ୍ରବାଦ ଅର୍ନ୍ତରାଷ୍ଟ୍ରୀୟ ଏକତାର ଅନୁକୂଳ ହେବା ଉଚିତ ଓ ଅର୍ନ୍ତରାଷ୍ଟ୍ରବାଦ ରାଷ୍ଟ୍ରବାଦର ସମର୍ଥକ ଏବଂ ଏହାକୁ ସଶକ୍ତ କରିବା ବାଲା ହେବା ଉଚିତ । ରୁଷର ପ୍ରଶ୍ନ ଉପସ୍ଥିତ ହେଲେ ଆପଣ ପ୍ରଥମେ ରୁଷର ହିତ ଦେଖିବେ ନା ଆମର ?'' ମୋର ଏକଥା ସେ ସ୍ୱୀକାର କଲେ । ତା'ପରେ ମୁଁ କହିଲି, ''ଅର୍ଥାତ ଏକଥା ସ୍ପଷ୍ଟ ଯେ ଭାରତକୁ ପ୍ରଥମେ ଭାରତର ହିତ ଦେଖିବା ଉଚିତ ଓ ଏହାର ସୁସଂଗତ ରୂପରେ ହିଁ ଅର୍ନ୍ତରାଷ୍ଟ୍ରୀୟ ହିତ ଚିନ୍ତା କରିବା ଉଚିତ ।'' ଏହାପରେ ସେ ଏ ଚର୍ଚ୍ଚା ମଧ୍ୟ ବନ୍ଦ କରିଦେଲେ ଓ ଅନ୍ୟ କିଛି ସାଧାରଣ ବାର୍ତ୍ତାଳାପ ପରେ ଆମ ବାର୍ତ୍ତାଳାପ ସମାପ୍ତ ହେଲା ।

ତାଙ୍କ ସହିତ ଆସିଥିବା ପ୍ରତିନିଧିମାନେ ମତେ ରୁଷ ଯିବାକୁ ଆଗ୍ରହ କଲେ । ସେମାନେ କହିଲେ ଆପଣଙ୍କୁ ରୁଷ ଆସିବା ବହୁତ ବର୍ଷ ହୋଇଗଲାଣି । ତେଣୁ ଆଉଥରେ ରୁଷ ଆସିବା ଉଚିତ ।

ଅତଃ ୧୯୬୮ରେ ଯେତେବେଳେ ମୁଁ ବିଦେଶ ଗଲି ସେତେବେଳେ ଫେରିବା ବେଳେ ମୋ ବିମାନ ମସ୍କୋ ହୋଇକରି ଆସିବାର ଥିଲା । ତାଙ୍କର ଆଗ୍ରହ ଥିଲା ଯେ ମୁଁ ସେଠାରେ ରହିଯିବି । କିନ୍ତୁ ମୁଁ କହିଲି ଯେ ସେଥର ରହିବା ସମ୍ଭବ ନୁହେଁ କିନ୍ତୁ ଦ୍ୱିତୀୟ ଥର ନିଶ୍ଚୟ ଆସିବି । ତଥାପି ମୁଁ ଯେତେବେଳେ ବିମାନରେ ମସ୍କୋରେ ପହଞ୍ଚିଲି, ସେଠାରେ ଜଣେ ଦୁଇଜଣ ମନ୍ତ୍ରୀ ଓ ଅନ୍ୟ ପ୍ରତିନିଧି ବିମାନଘାଟିରେ ମତେ ଭେଟିଥିଲେ ।

ସେଠାରେ ସେମାନେ ମତେ ଭୋଜନ ମଧ୍ୟ ଦେଇଥିଲେ ଓ ତାଙ୍କ ସହିତ ବହୁତ କଥାବାର୍ତ୍ତା ହେଲା । ସେମାନେ ମତେ କହିଲେ, ''ଦ୍ୱିତୀୟ ବାର ମସ୍କୋ ହୋଇଗଲେ ଆମକୁ ନିଶ୍ଚୟ ଜଣାଇବେ ।'' ମୁଁ କହିଲି ଯେ ଆପଣଙ୍କ ରାଜ୍ୟ ବ୍ୟବସ୍ଥା ଏତେ କୁଶଳ ଯେ, ଆପଣଙ୍କୁ ନ ଜଣାଇ ମୁଁ ଯାଇପାରିବି ନାହିଁ । ଏ କଥା ମଧ୍ୟ କହିଲି ଯେ ମତେ ତ ଏଠାକୁ ଆସିବାକୁ ଖୁବ୍ ଭଲ ଲାଗେ କିନ୍ତୁ ଆପଣଙ୍କ ସହିତ ମତଭେଦ ହେଲେ ଆପଣଙ୍କ ନାରାଜୀ ବହୁତ କଠୋର ହୁଏ । ଏକଥା ହସି ହସି ରହସ୍ୟରେ ହେଲେ ମଧ୍ୟ କହିଦେଲି । ବିମାନଘାଟିରେ ପ୍ରାୟ ଘଣ୍ଟାଏ, ଘଣ୍ଟାଏ ପନ୍ଦର ମିନିଟ୍ ରହି ଭାରତ ଅଭିମୁଖେ ବାହାରିଲି ।

ଏହାପରେ ୧୯୬୯ ଜୁଲାଇ ବା ଅଗଷ୍ଟ ମାସରେ ରୁଷ ଯିବାର ସ୍ଥିର କରିଥିଲି କିନ୍ତୁ ୧୯୬୯ ଜୁଲାଇରେ ମନ୍ତ୍ରୀ ମଣ୍ଡଳରୁ ତ୍ୟାଗପତ୍ର ଦେବା କାରଣରୁ ସେଠାକୁ ଯାଇପାରି ନଥିଲି ।

୧୯୬୮ ଅପ୍ରିଲ ଆରମ୍ଭରେ ସିକିମ୍‌ରୁ ଫେରିବା ପରେ ଏସିଆନ ବ୍ୟାଙ୍କର ଦ୍ୱିତୀୟ ବୈଠକରେ ଯୋଗ ଦେବାକୁ ମୁଁ ଫିଲିପାଇନ୍ସର ରାଜଧାନୀ ମାନିଲା ଗଲି । ଏ ବ୍ୟାଙ୍କ ଦୁଇ ବର୍ଷରୁ ଚାଲୁଥିଲା । ବ୍ୟାଙ୍କର ଆରମ୍ଭ ତ ଭଲ ଭାବରେ ହୋଇଥିଲା କିନ୍ତୁ ବ୍ୟାଙ୍କ ନୂଆ ହୋଇଥିବାରୁ କାମ ବେଶି ବଢିନଥିଲା । ସେଥିରେ ଭାରତର ଚୀନ, ଆମେରିକା ଓ ଜାପାନ ପରେ ତୃତୀୟ ସ୍ଥାନରେ ଥିଲା । ଏ ବୈଠକରେ ଏସିଆର ଦେଶମାନଙ୍କର

Digitized by srujanika@gmail.com

ବିକାଶ ସମ୍ବନ୍ଧରେ ବେଶ ଭଲ ଚର୍ଚ୍ଚା ହେଲା । ମୁଁ ସେଠାରେ କହିଥିଲି ଯେ ଏସିଆନ୍ ବ୍ୟାଙ୍କରୁ ଋଣ ନେବା ଭାରତର ବର୍ତ୍ତମାନ କୌଣସି ଯୋଜନା ନାହିଁ କିନ୍ତୁ ଅନ୍ୟ ଏସିଆନ୍ ଦେଶ ବିକାଶ ପାଇଁ ଯେତେ କରାଯାଇପାରେ ସେତେ ଯୋଗଦାନ କରିବାକୁ ଆମେ ନିଶ୍ଚୟ କରିଛୁ ।

ଏସିଆନ ବ୍ୟାଙ୍କର ଉପାଧ୍ୟକ୍ଷ ଶ୍ରୀ କୃଷ୍ଣମୂର୍ତ୍ତି ଥିଲେ ଯେ ବିଶ୍ୱ ବ୍ୟାଙ୍କ ତଥା ମୁଦ୍ରାକୋଷରେ ବହୁତ ଦିନ କାମ କରିଥିଲେ । ସେ ବହୁତ ଯୋଗ୍ୟ ବ୍ୟକ୍ତି ଥିଲେ । ମୁଁ ତାଙ୍କର ସେଠାରେ ରହୁଥିଲି । ଫିଲିପାଇନ୍ସର ରାଷ୍ଟ୍ରପତି ଓ ଅର୍ଥମନ୍ତ୍ରୀଙ୍କ ସହିତ ଫିଲିପାଇନ୍ସ ଓ ଭାରତ ସମ୍ବନ୍ଧ ଘନିଷ୍ଠ କରାଯିବା ବିଷୟରେ କଥାବାର୍ତ୍ତା ହେଲା । ମାନିଲା ସହରରେ ସେ ସମୟରେ କାନୁନ ବ୍ୟବସ୍ଥାର ସ୍ଥିତି ଏପରି ଥିଲା ଯେ ସନ୍ଧ୍ୟା ପରେ ସ୍ତ୍ରୀଲୋକମାନଙ୍କର ପଦାକୁ ବାହାରିବା ବହୁତ ମୁସ୍କିଲ ଥିଲା ।

ମାନିଲାରୁ ମୁଁ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ ଗଲି କାରଣ ମୋ ମତରେ ଏସବୁ ଦେଶ ସହିତ ଭାରତର ଘନିଷ୍ଠ ସମ୍ବନ୍ଧ ରହିବା ଉଚିତ । ପାଶ୍ଚାତ୍ୟ ବଡ ଦେଶ ସହିତ ଭାରତ ଯେପରି ସମ୍ବନ୍ଧ ରଖିଛି ସେପରି ସମ୍ବନ୍ଧ ଦକ୍ଷିଣ-ପୂର୍ବ ଏସିଆ ସହିତ ରଖିପାରି ନାହିଁ । ମୋ ଦୃଷ୍ଟିରେ ଏହା ଠିକ୍ ହୋଇ ନାହିଁ । ସେମାନଙ୍କ ସହିତ ବିଶେଷ ଘନିଷ୍ଠ ସମ୍ବନ୍ଧ ରହିବା ଉଚିତ କାରଣ ଏସବୁ ଦେଶରେ ଭାରତର ସଂସ୍କୃତି ଆଜି ମଧ୍ୟ ବିଦ୍ୟମାନ ଓ ଏ ଦେଶର ନିବାସୀ ଆମ ସହିତ ନିଜର ସମ୍ବନ୍ଧ ଘନିଷ୍ଠ କରିବାକୁ ଚାହାନ୍ତି ।

ବ୍ୟାଙ୍କକ୍‌ରେ ମୁଁ ସେ ଦେଶର ପ୍ରଧାନମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲି ଓ ଦୁଇ ଦେଶର ସମ୍ବନ୍ଧ ବଢାଇବା ବିଷୟରେ ବହୁତ କଥାବାର୍ତ୍ତା ହୋଇଥିଲା ।

ସେ ଦେଶ ବେଶ୍ ଭଲ ଦେଶ ଓ ବହୁତ ଭାରତୀୟ ସେଠାରେ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ମୁଁ ଦେଖିଲି ଯେ ସେଠାରେ ବାସିନ୍ଦାଙ୍କ ସହିତ ତାଙ୍କ ସମ୍ବନ୍ଧ ଭଲ ଥିଲା ।

ବ୍ୟାଙ୍କକ୍‌ରେ ବୁଦ୍ଧଙ୍କର ସୁନାର ଗୋଟିଏ ବଡ ମୂର୍ତ୍ତି ଅଛି, ମୁଁ ତାଙ୍କୁ ଦର୍ଶନ କଲି । ଏହି ପ୍ରଶଂସନୀୟ ମୂର୍ତ୍ତି, ଅନେକ ବର୍ଷ ପୂର୍ବରୁ ବର୍ମାରୁ ଅଣାଯାଇଥିଲା ଓ ମାଟିରେ ପୋତି ହୋଇ ପଡିଥିଲା । କିମ୍ବଦନ୍ତୀ ଅନୁସାରେ ସେଠାର ଜଣେ ସାଧୁ ସ୍ୱପ୍ନ ଦେଖିଲେ ଯାହା ଫଳରେ ମୂର୍ତ୍ତି ଖୋଜା ଚାଲିଲା । ଏ ମୂର୍ତ୍ତି ବହୁତ ବଡ ଓ ସୁନ୍ଦର ଅଟେ । ସେଠାର ଗୋଟିଏ ଅନ୍ୟ ମନ୍ଦିର ମୁଁ ଦେଖିବାକୁ ଗଲି । ସେଠାରେ ବୁଦ୍ଧ ଭଗବାନଙ୍କର ଗୋଟିଏ ୨୭-୨୮ ଫୁଟ ଲମ୍ବ ମୂର୍ତ୍ତି ଶୋଇଥିବା ମୁଦ୍ରାରେ ଥିଲା । ଅତି ସୁନ୍ଦର ଥିଲା । ସେଠାରେ ବୁଦ୍ଧ ଧର୍ମର ବଡ ପ୍ରଭାବ ଅଛି ଓ ମୁଁ ଦେଖିଲି ଯେ ଭାରତର ସଂସ୍କୃତି ମଧ୍ୟ ସେଠାରେ ବିଦ୍ୟମାନ ।

ସେଠାରେ ଦିନେ ରହି ମୁଁ ଭାରତ ଫେରିଲି ।

Digitized by srujanika@gmail.com

(୪୦) କାନ୍ତିଲାଲ ସମ୍ବନ୍ଧୀୟ ଆରୋପର ଉତ୍ତର

୧୯୬୮ ମସିହା ବଜେଟ ଆଲୋଚନା ବେଳେ ଶ୍ରୀ ମଧୁ ଲିମାୟେ ସଂସଦରେ ମୋ ପୁଅ କାନ୍ତିଲାଲ ବିରୁଦ୍ଧରେ କେତେକ ଆରୋପ ଲଗାଇଥିଲେ । ପ୍ରଥମେ ତ କାନ୍ତିଲାଲ ମୋର ପ୍ରାଇଭେଟ୍ ସେକ୍ରେଟେରୀ ହେବା ଉପରେ ଆପତ୍ତି କଲେ ଏବଂ ପୁଣି ଆରୋପ ଲଗାଇଲେ ଯେ ତାଙ୍କ ଜରିଆରେ ବଜେଟ ବିଷୟ ଲୋକମାନଙ୍କୁ କୁହାଯାଇଛି । ମୁଁ ଏହାର ଉତ୍ତରରେ କହିଲି ଯେ ବଜେଟ ବିଷୟ ବାହାରେ ପ୍ରଘଟ କଥା ପୂରାପୂରି ଭୁଲ । ତାଙ୍କ ପାଖରେ ଏହାର କୌଣସି ପ୍ରମାଣ ବି ନଥିଲା । ମୁଁ ବତାଇଲି ଯେ କାନ୍ତିଲାଲ ମୋ ପ୍ରାଇଭେଟ୍ ସେକ୍ରେଟେରୀ ରୂପେ କୌଣସି ସରକାରୀ କାମ କରନ୍ତି ନାହିଁ, କେବଳ ଅଣସରକାରୀ କାମରେ ମତେ ସାହାଯ୍ୟ କରନ୍ତି । ଏହା ବି ମୁଁ ସ୍ପଷ୍ଟ କଲି ଯେ ୧୯୬୪ରେ କାମରାଜ ଯୋଜନାରେ ମୁଁ ମନ୍ତ୍ରୀମଣ୍ଡଳ ଛାଡିଲି, ତା'ପରେ ମୋ ପୁଅ ମୋ ପ୍ରାଇଭେଟ୍ ସେକ୍ରେଟେରୀ ରୂପେ କାମ କରିବା ଆରମ୍ଭ କରିଲେ । ଏହା ପୂର୍ବରୁ ସେ ବ୍ୟବସାୟ କରୁଥିଲେ ଓ ଏକ ଉଦ୍ୟୋଗ ମଧ୍ୟ ସେ ଚଳାଉଥିଲେ ।

ପାର୍ଲାମେଣ୍ଟ ସମ୍ମୁଖରେ ମୁଁ ସମସ୍ତ ବିଷୟ ରଖିଲି । ମୁଁ କହିଲି ୧୯୬୩ ଶେଷ ବା ୧୯୬୪ ଆରମ୍ଭରେ କାନ୍ତିଲାଲ ମତେ ଲେଖିଥିଲେ ଯେ ବର୍ତ୍ତମାନ ମୁଁ ଉଦ୍ୟୋଗ ବ୍ୟବସାୟରୁ ମୁକ୍ତ ହୋଇ ଦେଶ ସେବା କରିବାକୁ ଚାହୁଁଛି । ୧୯୫୧-୫୨ରେ ବ୍ୟବସାୟ ଆରମ୍ଭ କରିବା ସମୟରେ ମଧ୍ୟ ସେ ମତେ ଲେଖିଥିଲେ ଯେ ସାରା ଜୀବନ ମୁଁ ବ୍ୟବସାୟରେ କଟାଇବାକୁ ଚାହୁଁ ନାହିଁ, ଏବଂ ଏପରି ଏକ ବ୍ୟବସ୍ଥା କରବି ଯେଉଁଥିରୁ ମୋ ଜୀବନ ନିର୍ବାହ ହେବ -- ଅର୍ଥାତ ମାସିକ ଅଢେଇ ହଜାର ଟଙ୍କା ଆୟ ରହିବ ଓ ତା'ପରେ ଦେଶସେବା କାମରେ ଲାଗିବାକୁ ମୋର ବିଚାର ଅଛି । ନିଜର ଏ ଉଦ୍ଦେଶ୍ୟ ସାଧନ ପାଇଁ ସେ ମୋ ପାଖକୁ ପତ୍ର ଲେଖିଥିଲେ ଓ ଏହା ମଧ୍ୟ ଲେଖିଥିଲେ ଯେ ବର୍ତ୍ତମାନ ଆପଣ ମନ୍ତ୍ରୀ ନାହାନ୍ତି ତଥା କୌଣସି ପଦରେ ମଧ୍ୟ ନାହାନ୍ତି । ଏଣୁ ଏ ସମୟ ନିଜର ସାର୍ବଜନିକ ଜୀବନ ଆରମ୍ଭ ମୁଁ ଆପଣଙ୍କ ସେବାରେ ରହି କରିବାକୁ ଚାହୁଛି । ଆମ ଦୁଇଜଣଙ୍କର ବିଶ୍ୱାସ ଥିଲା ଯେ ଏଥିରେ ଦୋଷାରୋପଣର ଅବକାଶ ନାହିଁ ଓ ଏ ସମୟ ବେଶ ଅନୁକୂଳ ଅଟେ ।

ସେତେବେଳେ ନିଜର ସହାୟତା ପାଇଁ ବୈତନିକ ସହାୟକ ରଖିବା ସ୍ଥିତିରେ ମୁଁ ନଥିଲି । ଏପରି ପରିସ୍ଥିତିରେ ମୋ ପୁଅଠାରୁ ସହାୟକ ରୂପେ କାମ କରିବା ସାହାଯ୍ୟ ମତେ ମିଳିଥିଲା । ତେଣୁ ମୁଁ ତା'ର ଅନୁରୋଧ ସ୍ୱୀକାର କରିଲି ଓ କହିଲି ଯେ ଏ କାମ କରିବା ପୂର୍ବରୁ ତୁମକୁ ସମସ୍ତ ବ୍ୟବସାୟରୁ ମୁକ୍ତ ହେବାକୁ ପଡିବ, ନହେଲେ ରାଜନୈତିକ ଝିଂଝଟ ଉତ୍ପନ୍ନ ହୋଇପାରେ । ସେ ମତେ କହିଲେ ଯେ ସେ ବ୍ୟବସାୟରୁ ମୁକ୍ତ ହୋଇଯିବେ । ଏ ସବୁ ସ୍ଥିର କରିସାରି ସେ ଏ ପଦକ୍ଷେପ ନେଇଥିଲେ । ତାଙ୍କ କହିବାନୁସାରେ ପରମାନେଣ୍ଟ ମ୍ୟାଗ୍ନେଟ ଉଦ୍ୟୋଗ ସେ ବିକ୍ରି କରିଦେଲେ ଓ ଏପରି ସବୁ କାମଧନ୍ଦାରୁ ଯଥା ସମ୍ଭବ ମୁକ୍ତ ହୋଇଗଲେ । କେବଳ ଗୋଟିଏ ଦୁଇଟି କମ୍ପାନୀରେ ସେ ଡାଇରେକ୍ଟର ଥିଲେ ଓ ସେଥିରେ ସେ କୌଣସି କାମ କରୁନଥିଲେ ।

ଏହାପରେ ଶ୍ରୀ ମଧୁ ଲିମାୟେ ଦ୍ୱିତୀୟଥର ମତେ ଆକ୍ରମଣ କଲେ ଓ କହିଲେ ଯେ ମୋ ପୁଅ ବର୍ତ୍ତମାନ ମଧ୍ୟ କେତେକ ବ୍ୟବସାୟରେ ଅଛନ୍ତି ଓ ସେଥିରୁ ବର୍ତ୍ତମାନ ସୁଦ୍ଧା ମୁକ୍ତ ହୋଇନାହାନ୍ତି । ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସେ ଲେଖିଲେ । ମୁଁ ଶ୍ରୀ ମଧୁ ଲିମାୟେଙ୍କୁ ଯେଉଁ ଉତ୍ତର ଦେଲି ତା'ର କପି ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇଦେଲି । ଶ୍ରୀ ମଧୁ ଲିମାୟେ ଆରୋପ ଲଗାଇଥିଲେ ଯେ କାନ୍ତିଲାଲ ଡୋଡସଲ କମ୍ପାନୀର କାମ କରୁଛନ୍ତି

Digitized by srujanika@gmail.com

ଓ ସେଠାରୁ ତାଙ୍କୁ ବେତନ ମଧ୍ୟ ମିଳୁଛି ଓ ସେଠାରେ ତାଙ୍କ କାମ ଚାଲୁଅଛି । ତେଣୁ ମୁଁ ସଦନକୁ ଯାହା କହିଛି ତାହା ସତ ନୁହେଁ । ଏ ସମ୍ପର୍କରେ ସେ ସଦନରେ ପ୍ରିଭିଲେଜ୍ ମୋଶନ୍ ପେଶ କରିଲେ ।

କାନ୍ତିଲାଲ ୧୯୬୪ରେ ହିଁ ଡୋଡସଲ କମ୍ପାନୀରେ ନିଜ ସମ୍ବନ୍ଧ ଆପୋଷ ବୁଝାମଣାରେ ସମାପ୍ତ କରି ନେଇଥିଲେ । କମ୍ପାନୀରେ ତାଙ୍କ କାମ ପାଇଁ ତାଙ୍କୁ ରିଟାୟର୍‌ମେଣ୍ଟ ବେନିଫିଟ୍ ରୂପେ ମାସକୁ ଟ.୨୦୦୦/- ହିସାବରେ ତିନିବର୍ଷ ପର୍ଯ୍ୟନ୍ତ ଦେବାକୁ ନିଶ୍ଚିତ ହୋଇଥିଲା ଓ କମ୍ପାନୀ ତାଙ୍କୁ ଏ ଟଙ୍କା ଦେଉଥିଲା । ଏହା ତିନିବର୍ଷ ପାଇଁ ପେନସନ ଥିଲା ମାତ୍ର ।

୧୯୬୪ରେ ଯେତେବେଳେ କାନ୍ତିଲାଲ ମୋ ସହିତ କାମ କଲେ ସେତେବେଳେ ମୁଁ କୌଣସି ସରକାରୀ ପଦରେ ନଥିଲି, କେବଳ ସଂସଦ ସଦସ୍ୟ ଥିଲି । ଅତଃ ସେ ସମୟରେ ସେ ନିଜ ବ୍ୟବସାୟ କରୁଥିଲେ ସେଥିରେ କୌଣସି ଅସୁବିଧା ନଥିଲା କିନ୍ତୁ ମୋର ଓ ତାଙ୍କର ସାର୍ବଜନିକ ଜୀବନରେ ସିଦ୍ଧାନ୍ତର ରକ୍ଷା ପାଇଁ ଆମେ ଦୁହେଁ ଏହା ସ୍ଥିର କଲୁ ଯେ ବର୍ତ୍ତମାନ ସେ ବ୍ୟବସାୟରେ ରହିବା ଅନୁଚିତ । ତେଣୁ ସେ ବ୍ୟବସାୟ ଛାଡି ଦେଲେ ଓ ଯେଉଁ ଗୋଟାଏ ଦିଟା କମ୍ପାନୀରେ ଥିଲେ ସେଥିରେ ସେ କୌଣସି କାମ କରୁନଥିଲେ । ଏଥିରୁ କୁହାଯାଇ ନପାରେ ଯେ ସେ ବ୍ୟବସାୟରେ ଲାଗିଥିଲେ । କିନ୍ତୁ ଯେଉଁମାନେ ମିଛ ଦୋଷ ଦେବାକୁ ଚାହାନ୍ତି ତାଙ୍କୁ କିଏ ବନ୍ଦ କରିପାରିବ ? ଶ୍ରୀ ମଧୁ ଲିମାୟେ ଏହି ପ୍ରକୃତିର । ନିଜକୁ ସେ ବହୁତ ସଚ୍ଚୋଟ ଭାବନ୍ତି ଓ କାହାର ବିରୁଦ୍ଧ ହୋଇଗଲେ ସତ ମିଛ କଥାକୁ ନେଇ ଦୋଷାରୋପଣ ନ କରି ରହିପାରନ୍ତି ନାହିଁ । ଏହିପରି ସେ ମୋର ବହୁତ ଆଲୋଚନା କଲେ । ମୁଁ ତା'ର ଟାଣୁଆ ଜବାବ ଦେଲି । ସେଥିରେ ମୋ ଖିଆଲରେ ସେ ଅପ୍ରସ୍ତୁତ ହୋଇଥିଲେ । ସାର୍ବଜନିକ ଜୀବନରେ ତାଙ୍କ ପକ୍ଷରେ ନ ଥିବା ଲୋକଙ୍କ ବିରୁଦ୍ଧରେ ସେ ଅଭିଯୋଗ କରୁଥିଲେ । କେବେ କେବେ ତାଙ୍କ ଆକ୍ରମଣ ସତ ହୁଏ ତ କେବେ ମିଛ । କାନ୍ତିଲାଲ ବିରୁଦ୍ଧରେ ସେ ଯେଉଁ ଆରୋପ ଲଗାଇଥିଲେ ତାହା ମିଛ ଥିଲା । ସବୁ ତଥ୍ୟ ପ୍ରସ୍ତୁତ କରି ମୁଁ ସଦନରେ ଏହା ସିଦ୍ଧ କରିଦେଲି । ସଂସଦରେ କାରବାରର ବିବରଣ ଏହାର ସାକ୍ଷୀ ଅଟେ ।

ପ୍ରଧାନମନ୍ତ୍ରୀ ଶେଷରେ ମୋ କଥା ସମର୍ଥନ କରିଥିଲେ । ସଂସଦରେ ଯେତେବେଳେ ଶ୍ରୀ ମଧୁ ଲିମାୟେ ତ୍ୟାଗପତ୍ର ଦାବି କରିଥିଲେ, ସେତେବେଳେ ମୁଁ କହିଲି, ''ଆପଣ କହିଲେ ମୁଁ ତ୍ୟାଗପତ୍ର ଦେଇପାରିବି ନାହିଁ । ଅବଶ୍ୟ ପ୍ରଧାନମନ୍ତ୍ରୀଙ୍କ ମନରେ ଏସବୁ ବିଷୟରେ କୌଣସି ସନ୍ଦେହ ହେଲେ ଓ ଏଥିରେ କୌଣସି ସତ୍ୟ ଅଛି ବୋଲି ସେ ଅନୁଭବ କଲେ, ମୁଁ ତତ୍‌କାଳ ମନ୍ତ୍ରୀମଣ୍ଡଳ ତ୍ୟାଗ କରିବି । ସାର୍ବଜନିକ ଜୀବନର ମର୍ଯ୍ୟାଦା ଠିକ୍ ରୂପେ ଓ ଠିକ୍ ପ୍ରକାର ଏହିପରି ଭାବେ ପାଳନ କରାଯାଇପାରେ । କିନ୍ତୁ ଶ୍ରୀ ମଧୁ ଲିମାୟେ ବାରମ୍ବାର ତ୍ୟାଗପତ୍ର ଦେବାକୁ କହିଲେ ତାହା ଉଚିତ କୁହାଯାଇ ନପାରେ ?''

ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ କହିଲେ ଯେ ତାଙ୍କ ମନରେ କୌଣସି ସନ୍ଦେହ ନାହିଁ ଓ ଯାହା ସବୁ ମୁଁ କହିଥିଲି ତାହା ସେ ସମ୍ପୂର୍ଣ୍ଣ ରୂପେ ସ୍ୱୀକାର କରିଛନ୍ତି । ସେ ଏ ସମ୍ବନ୍ଧରେ ମୋ ସହିତ କଥାବାର୍ତ୍ତା ମଧ୍ୟ କରିଥିଲେ । କଥାବାର୍ତ୍ତା ବେଳେ ମୁଁ ତାଙ୍କୁ କହିଥିଲି ଯେ ସେ ଆବଶ୍ୟକ ମନେ କଲେ ଅର୍ଥ ସଚିବଙ୍କୁ କହି ଏହାର ତଦନ୍ତ କରାଇପାରନ୍ତି । ଯେଉଁପରି ବି ହେଉ ତାଙ୍କର ଏ ବିଷୟରେ ସମ୍ପୂର୍ଣ୍ଣ ବିଶ୍ୱାସ ହେବା ଉଚିତ ।

ବଜେଟ ବାହାରେ ଜଣାଯିବା ବିଷୟରେ ଯେଉଁ ଆରୋପ ଲଗାଯାଇଥିଲା, ସେ ବିଷୟରେ ବି ମୁଁ ପ୍ରଧାନମନ୍ତ୍ରୀଙ୍କୁ ଜବାବ ଦେଇଥିଲି । ମୁଁ ତାଙ୍କୁ ଲେଖିଥିଲି, ''ମୁଁ ଏ ସମ୍ବନ୍ଧରେ ଯେଉଁ ଅନୁସନ୍ଧାନ କଲି ତା'

Digitized by srujanika@gmail.com

ଅନୁସାରେ ଏ ଆରୋପ ପୂରାପୂରି ମିଥ୍ୟା ଅଟେ, ଏଥିରେ କୌଣସି ପ୍ରକାର ସନ୍ଦେହ ମୋ ମନରେ ନାହିଁ । ତଥାପି ଆପଣ ଯେଉଁ ମାଧ୍ୟମରେ ଚାହାନ୍ତି, ଏ ସମ୍ବନ୍ଧରେ ତଦନ୍ତ କରାଇପାରନ୍ତି ।'' କିନ୍ତୁ ପ୍ରଧାନମନ୍ତ୍ରୀ କୌଣସି ତଦନ୍ତ ଆବଶ୍ୟକ ବା ଉଚିତ ମନେ କଲେ ନାହିଁ -- ଏପରି ସେ ମତେ କହିଥିଲେ । କିନ୍ତୁ ପାର୍ଲାମେଣ୍ଟରେ ଏହି ଆରୋପର ଯେଉଁ ପ୍ରକାର କଡା ଶବ୍ଦରେ ଜବାବ ଦେବା ଉଚିତ ଥିଲା, ସେ ସେପରି ଦେଲେ ନାହିଁ -- ଏପରି ପ୍ରଭାବ ମୋ ଉପରେ ନ ପଡି ରହିଲା ନାହିଁ ।

ମୋ ଉପରେ ଏପରି ପ୍ରହାର ଏହାପରେ ଜାରି ରହିଲା । ଏଥର ରାଜ୍ୟସଭାରେ ଶ୍ରୀ ଭୂପେଶ ଗୁପ୍ତ ଆଦି କାନ୍ତିଲାଲ ବିରୁଦ୍ଧରେ କିଛି ଆରୋପ ଲଗାଇଲେ -- ବିଶେଷତଃ ତାହାର ପରମାନେଣ୍ଟ ମ୍ୟାଗ୍ନେଟକୁ ନେଇ । ଏହା ସହିତ ଆଉ ଗୋଟିଏ ଆରୋପ ଲଗାଗଲା ଯେ ମୋ ଭୂତପୂର୍ବ ପ୍ରାଇଭେଟ୍ ସେକ୍ରେଟେରୀ ଶ୍ରୀ ଟୋନ୍‌ପେ କାନ୍ତିଲାଲକୁ ସାହାଯ୍ୟ କରିବା ପାଇଁ ଉଦ୍ୟୋଗ ମନ୍ତ୍ରାଳୟକୁ ଚିଠି ଲେଖିଥିଲେ । ଏ ବିଷୟରେ ପ୍ରଶ୍ନ କରାଯାଇଥିଲା । ଏ ଚିଠି ବିଷୟରେ ମୁଁ କିଛି ଜାଣି ନଥିଲି । କିନ୍ତୁ ସେ ବିଷୟରେ ଅନୁସନ୍ଧାନ କରି ମୁଁ ଦେଖିଲି ଆରୋପ ଅମୂଳକ ଥିଲା । ସେତେବେଳେ ମୁଁ ଜାଣିଲି ଯେ ୧୯୬୫ ରେ ଯେତେବେଳେ ମୁଁ ମନ୍ତ୍ରୀ ନଥିଲି ସେତେବେଳେ ତତ୍‌କାଳୀନ ଗୃହମନ୍ତ୍ରୀ ଶ୍ରୀ ଗୁଲଜାରୀଲାଲ ନନ୍ଦା ସି.ବି.ଆଇ. ଦ୍ୱାରା ଏ ବିଷୟ ତଦନ୍ତ କରାଇଥିଲେ । ୧୯୬୫ରେ ମୁଁ ଏହା ଶୁଣିଥିଲି ଓ ଏକଥା ମଧ୍ୟ ଶୁଣିଥିଲି ଯେ ''ଏସିୟାନା''ରେ, ଯେଉଁଠାରେ ମୋ ପୁଅ ରୁହେ, ତଲାସୀ ନେବାର ଥିଲା । କିନ୍ତୁ ତଲାସୀ ନିଆଗଲା ନାହିଁ ।

ସି.ବି.ଆଇ.ରେ ଏ ସମ୍ବନ୍ଧୀୟ ଯେଉଁ ଫାଇଲ ଥିଲା, ସେ ବିଷୟରେ ଦିନେ ପ୍ରଧାନମନ୍ତ୍ରୀ ମତେ ଡକାଇ ମୋ ସହିତ କଥାବାର୍ତ୍ତା କଲେ । ଗୃହ ବିଭାଗରୁ ସେ ଫାଇଲ ସେ ସିଧା ମଗାଇ ନେଇଥିଲେ । ଏ ବିଷୟରେ ମୁଁ ଶୁଣିଥିଲି ଯେ ପ୍ରାୟ ପନ୍ଦର ଦିନ ଆଗରୁ ଶ୍ରୀ ଦୀନେଶ ସିଂହଙ୍କ ମାର୍ଫତରେ ଏଇ ଫାଇଲ ମଗାଯାଇଥିଲା ଓ ଗୃହମନ୍ତ୍ରୀଙ୍କୁ କୌଣସି ସୂଚନା ସୁଦ୍ଧା ଦିଆଯାଇନଥିଲା । ସ୍ୱୟଂ ପ୍ରଧାନମନ୍ତ୍ରୀ ମତେ କହିଥିଲେ ଯେ ଗୃହମନ୍ତ୍ରୀ ଏହା ବିରୁଦ୍ଧରେ ପ୍ରତିବାଦ କରିଥିଲେ । ଫାଇଲର କେବଳ ଖଣ୍ଡିଏ କାଗଜ ସେ ମତେ ଦେଖାଇ କହିଥିଲେ ଯେ ଏଇ କେବଳ ଖଣ୍ଡିଏ କାଗଜ ଯେଉଁ ବିଷୟରେ ପୁଷ୍ଟିକରଣ ଦରକାର ପଡିପାରେ ।

ଏହା ଶ୍ରୀ ଟୋନ୍‌ପୋଙ୍କ ଦ୍ୱାରା ଲିଖିତ ଉଦ୍ୟୋଗ ମନ୍ତ୍ରାଳୟର କୌଣସି ଏକ ଅଧିକାରୀଙ୍କ ପାଖକୁ ପତ୍ରର ଫଟୋଷ୍ଟାଟ କପି ଥିଲା । କାନ୍ତିଲାଲକୁ ମିଳିଥିବା ଲାଇସେନ୍ସ ବିଷୟରେ ଯେଉଁ ଆଦେଶ ଦିଆଯିବାର ଥିଲା ସେଥିରେ ବିଳମ୍ବ ନ କରିବାକୁ ଶ୍ରୀ ଟୋନ୍‌ପୋ ଏ ଚିଠିରେ ଲେଖିଥିଲେ । କୌଣସି ନୂଆ ଲାଇସେନ୍ସ ଦିଆଯିବା ପାଇଁ ଲେଖାଯାଇ ନଥିଲା । ମୁଁ ପ୍ରଧାନମନ୍ତ୍ରୀଙ୍କୁ କହିଲି ଯେ ମୋ ମନ୍ତ୍ରାଳୟ ଦ୍ୱାରା ବିଳମ୍ବ ନହେବା ପାଇଁ ଏପରି ପତ୍ର ଲେଖିବା ସାଧାରଣ କଥା ଅଟେ । ସେହିପରି ଏ ପତ୍ର ଲେଖା ହୋଇଥିବ । ତେଣୁ ଏଥିରେ ପକ୍ଷପାତର ପ୍ରଶ୍ନ ନାହିଁ । ପ୍ରଧାନମନ୍ତ୍ରୀ ମତେ ଅନ୍ୟ କୌଣସି କାଗଜ ଦେଖାଇ ନଥିଲେ । ବରଂ ମୁଁ ଯେତେବେଳେ ଏ ପତ୍ର ବିଷୟରେ ସ୍ପଷ୍ଟୀକରଣ ଦେଲି ସେ କହିଲେ ଏ ପତ୍ରରେ ଆଉ ଏପରି କିଛି ନାହିଁ ଯେଉଁ ବିଷୟରେ କେହି କିଛି କହିପାରିବେ ।

ଏହାପରେ ଗୃହମନ୍ତ୍ରୀ ଶ୍ରୀ ଚୌହ୍ୱାନ ମତେ ଭେଟି ଥିଲେ । ସେ ଏ ବିଷୟରେ ମୋ ସହିତ କଥା ହେଲେ ଓ ସେ ପତ୍ରର ମୂଳ ପତ୍ର ଓ ଫାଇଲ ମତେ ଦେଖାଇଲେ । ସେ ମୂଳ ପତ୍ରରେ ମୁଁ ଉଦ୍ୟୋଗ ବିଭାଗର ଟିପ୍‌ପଣୀ ଦେଖିଲି ଯାହା ମତେ ଦେଖାଇ ଥିବା ଫଟୋଷ୍ଟାଟ କପିରେ ନଥିଲା । ଏଥିରୁ ମୁଁ ଜାଣିଲି ଯେ ଏଥିରେ କିଛି ଚାଲ ଅଛି । ଏ ପତ୍ର ବିଷୟରେ ରାଜ୍ୟ ସଭାରେ ପ୍ରଶ୍ନ କରାଯାଇଥିଲା ଓ ପକ୍ଷପାତ ହୋଇଥିଲା ବୋଲି ଦେଖାଇବା ପାଇଁ ପ୍ରଯତ୍ନ କରାଯାଇଥିଲା କିନ୍ତୁ ମୁଁ ସ୍ପଷ୍ଟ ଭାବେ କହିଲି ଯେ ଏ ତ 'ରୁଟିନ୍ ମ୍ୟାଟର', ଏ

Digitized by srujanika@gmail.com

ଚିଠିରେ କୌଣସି ନିୟମ ବିରୁଦ୍ଧ କାମ କରିବାକୁ କୁହାଯାଇ ନାହିଁ ନା କୌଣସି ଲାଇସେନ୍ସ ଦେବା କଥା କୁହାଯାଇଛି । ଅତଃ ଏହା ଗୋଟିଏ ମିଥ୍ୟା ଅପବାଦ ଛିଡା କରିବାର ପ୍ରଯତ୍ନ ଅଟେ । ଏଥିରେ ଗୃହମନ୍ତ୍ରୀ ଓ ରାଜ୍ୟସଭା ସଦସ୍ୟମାନଙ୍କ ବିଶ୍ୱାସ ହୋଇଗଲା ଯେ ଏଥିରେ କିଛି ସାର ନାହିଁ ଓ କେବଳ ମୋ ଉପରେ କାଦୁଅ ଫିଙ୍ଗିବାକୁ କରାଯାଉଛି । ଏହାର କିଛି ମାସ ପୂର୍ବରୁ ରାଜ୍ୟସଭାରେ ଯେବେ ପ୍ରଧାନମନ୍ତ୍ରୀଙ୍କ ଉପରେ କିଛି ଆରୋପ ଲଗାଯାଇଥିଲା ଓ ଲଗାତର ପ୍ରଶ୍ନ ହେବାରେ ଲାଗିଲା ଯେଉଁଥିରେ ଗୋଟିଏ ହୀରା ହାରର ପ୍ରଶ୍ନ ଥିଲା । ମୁଁ ସେ ସବୁର ପ୍ରତ୍ୟୁତ୍ତର ଦୃଢ ଭାବେ ଦେଇ ଏହା ଖଣ୍ଡନ କରିଥିଲି । ପୁନର୍ବାର ସେ ଚର୍ଚ୍ଚା ବନ୍ଦ ହୋଇଯାଇଥିଲା ।

ପ୍ରଧାନମନ୍ତ୍ରୀ ପ୍ରଥମରୁ କାନ୍ତିଲାଲ ଉପରେ ଲଗାଯାଇଥିବା ଆରୋପ ଉପରେ ସ୍ପଷ୍ଟ ନୀତି ଅବଲମ୍ବନ କରିଥିଲେ ଏକଥା ଆଗକୁ ବଢି ନଥାନ୍ତା । କିନ୍ତୁ ଯେପରି ଏସବୁ ଘଟିଲା ସେଥିରେ ସ୍ପଷ୍ଟତଃ ପ୍ରଧାନମନ୍ତ୍ରୀଙ୍କ ସମର୍ଥକଙ୍କର ହାତ ଥିଲା ଓ ସେଥିରେ ତାଙ୍କୁ ଖୁସି ଲାଗୁଥିଲା ।

ପ୍ରଧାନମନ୍ତ୍ରୀଙ୍କ ପାଇଁ କୌଣସି ଅସୁବିଧା ଆସିଲେ, ମୁଁ ତାଙ୍କୁ ସମର୍ଥନ କରୁଥିଲି କାରଣ ଏପରି କରିବା ମୁଁ ମୋର କର୍ତ୍ତବ୍ୟ ବୋଲି ଭାବୁଥିଲି । ଏତେ କରି ମଧ୍ୟ ତାଙ୍କର ମୋ ପ୍ରତି ବ୍ୟବହାର ନିର୍ମଳ ଲାଗୁନଥିଲା । ଏଥିରୁ ମୁଁ ଅନୁଭବ କରିବାକୁ ଲାଗିଲି ଯେ ସେ ମତେ ମନ୍ତ୍ରୀମଣ୍ଡଳରେ ସ୍ୱେଚ୍ଛାରେ ନେଇ ନାହାନ୍ତି ବରଂ କୌଣସି ଚାପ ବଶତଃ ନେଇଛନ୍ତି ଯେଉଁ ସକାଶେ ତାଙ୍କ ମନରେ ବର୍ତ୍ତମାନ ମଧ୍ୟ କିଛି ଅସନ୍ତୋଷ ଅଛି । କାନ୍ତିଲାଲ ଉପରେ ହୋଇଥିବା ଆରୋପ ବିଷୟରେ ମୁଁ ସଂସଦ ଓ ରାଜ୍ୟସଭାରେ ସ୍ପଷ୍ଟ ଭାବେ କହିଥିଲି ଯେ ପ୍ରଧାନମନ୍ତ୍ରୀଙ୍କ ପାଖରେ ଏ ବିଷୟରେ ଆଉ କିଛି ତଥ୍ୟ ଥିଲେ ବା ସନ୍ଦେହ ଥିଲେ, ମୁଁ ମନ୍ତ୍ରୀମଣ୍ଡଳରେ ଗୋଟିଏ ମିନିଟ୍ ବି ରହିପାରିବି ନାହିଁ । ପରେ ଜଣେ ବିଶ୍ୱସ୍ତ ବ୍ୟକ୍ତିଙ୍କଠାରୁ ମୁଁ ଜାଣିଲି ଯେ ମୋ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ବାସ ଭବନରେ ତାଙ୍କର କେତେକ ପରାମର୍ଶଦାତାଙ୍କ ସହିତ ମିଟିଂ ହୋଇଥିଲା ଓ ସେଥିରେ ଏପରି କିଛି ବିଚାର କରାଯାଇଥିଲା ଯେ, ଏ ମାମଲାକୁ ନେଇ ମତେ ମନ୍ତ୍ରୀମଣ୍ଡଳ ତ୍ୟାଗ କରିବାକୁ କହିବା ଉଚିତ ହେବ । କିନ୍ତୁ ତାଙ୍କର ବିଶେଷ ମିତ୍ରମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କୁହାଗଲା ଯେ, ଏ ବିଷୟରେ ସେ କୌଣସି ଭୁଲ ପଦକ୍ଷେପ ନେଲେ ସେଥିରେ ଓଲଟି ତାଙ୍କୁ କ୍ଷତି ସହିବାକୁ ପଡିବ । ମୋର କୌଣସି କ୍ଷତି ହେବାର ନଥିଲା କାରଣ ମୋ ବିରୁଦ୍ଧରେ ଯେଉଁ ଆରୋପ ଲଗାଯାଇଥିଲା ସେଥିରେ କୌଣସି ଯଥାର୍ଥତା ନ ଥିଲା । ଏହାପରେ ପ୍ରଧାନମନ୍ତ୍ରୀ ସି.ବି.ଆଇ. ବିଭାଗର ଫାଇଲ ବିଷୟରେ ମତେ କହିଥିଲେ ଓ ସଂସଦରେ ମତେ ସମର୍ଥନ ପ୍ରଦାନ କରିଥିଲେ ।

ଏ ମାମଲା ଶେଷ ହେବା ପରେ, ବରଂ ଏହା ସାଥେ ସାଥେ ଶ୍ରୀ ଚନ୍ଦ୍ରଶେଖର 'ବିର୍ଲା କମ୍ପାନୀ' ବିରୁଦ୍ଧରେ ତଦନ୍ତ କରିବାକୁ ଦାବି କରିଥିଲେ । ସେ ବିଷୟରେ କିଛି ତଥ୍ୟ ସେ ମୋ ଠାରୁ ମଗାଇଥିଲେ । ଯେଉଁ ତଥ୍ୟ ଦିଆଯାଇ ପାରିବ, ମୁଁ ତାହା ଦେଇଥିଲି ଓ ଦିଆଯାଇ ନପାରିବା ତଥ୍ୟ ବିଷୟରେ ତାଙ୍କୁ ଏହା କୁହାଯାଇଥିଲା ।

ଶ୍ରୀ ଚନ୍ଦ୍ରଶେଖର 'ବିର୍ଲା କମ୍ପାନୀ' ଉପରେ ତିରିଶ-ଚାଳିଶ ଆରୋପ ଲଗାଇଥିଲେ ଓ ସେଥିରୁ କେତେକ ପାଇଁ ତଦନ୍ତ ଆୟୋଗ ନିଯୁକ୍ତ କରିବାକୁ କହିଥିଲେ । ଏ ସମ୍ବନ୍ଧରେ ମନ୍ତ୍ରୀମଣ୍ଡଳରେ ଶ୍ରୀ ଫଖରୁଦ୍ଦୀନ ଅଲ୍ଲୀ ଅହମ୍ମଦ ଦୁଇ ତିନିଥର ଚର୍ଚ୍ଚା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କେତେକ ସାଥି, ମୁଁ ଏ ନିଯୁକ୍ତିରେ ବାଧା ଦେଉଛି ବୋଲି ଦେଖାଇବା ପାଇଁ, ପରିସ୍ଥିତି ତିଆରି କରିଥିଲେ । ଏ କଥା ସମ୍ପୂର୍ଣ୍ଣ ମିଥ୍ୟା ଥିଲା । ଏ ବିଷୟରେ ମୋ ନୀତି ସୁସ୍ପଷ୍ଟ ଥିଲା । ପ୍ରଧାନମନ୍ତ୍ରୀଙ୍କୁ ମୁଁ ବତାଇଥିଲି ଯେ ଯେଉଁ ଆରୋପର ମୋ ବିଭାଗ ସହିତ ସମ୍ବନ୍ଧ

Digitized by srujanika@gmail.com

ଅଛି, ସେ ବିଷୟରେ ମୁଁ ତଦନ୍ତ କରିଛି ତଥା ଯେଉଁ ଆରୋପର ତଦନ୍ତ ବାକି ଅଛି, ତା'ର ତଦନ୍ତ କରାଯାଇ ଦରକାର ହେଲେ ଦଣ୍ଡ ଦିଆଯିବ । କିଛି ବିଷୟର ତଦନ୍ତ କାମ ସି.ବି.ଆଇ.କୁ ଦିଆଗଲା । ତେଣୁ ତଦନ୍ତ ଆୟୋଗର ନିଯୁକ୍ତି ନିରର୍ଥକ ଥିଲା । ଅତୀତରେ ଏପରି ତଦନ୍ତ ଆୟୋଗ ନିଯୁକ୍ତିରେ କିଛି ଲାଭ ହୋଇ ନାହିଁ ବରଂ ସରକାରଙ୍କୁ ବହୁତ ଖର୍ଚ୍ଚ ସହିବାକୁ ପଡିଛି ଓ ଆୟୋଗର ରିପୋର୍ଟରୁ ଅଭିଯୁକ୍ତ ବ୍ୟକ୍ତିଙ୍କ ମୁକ୍ତ ହେବାର ରାସ୍ତା ମିଳିଛି । ମୁଁ ତାଙ୍କୁ କହିଲି ଫୌଜଦାରୀ ଅଭିଯୋଗ ଗୁଡିକ କୌଣସି ପୋଲିସ ଅଫିସରଙ୍କୁ ତଦନ୍ତ କରିବାକୁ ଦିଆଯାଉ । ସେ ଇନ୍ସପେକ୍ଟର ଜେନେରାଲ ଗ୍ରେଡର ହେଲେ କାହାରି ସୁପାରିଶ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିବ ନାହିଁ । ସେ ଅଧିକାରୀ ନିରପକ୍ଷ ତଦନ୍ତ କରି, କୌଣସି ପ୍ରମାଣ ପାଇଲେ ସେଥିପାଇଁ ମକଦ୍ଦମା ଚଳାଇବେ । ଏହା ଉପଯୋଗୀ ଉପାୟ ଅଟେ । ଅବଶ୍ୟ ଯେଉଁ ମାମଲାରେ ବିଭାଗୀୟ ତଦନ୍ତ ଆବଶ୍ୟକ, ସେଥିରେ ବିଭାଗୀୟ ତଦନ୍ତ କରାଇ ଯେଉଁ କାର୍ଯ୍ୟାନୁଷ୍ଠାନ ଠିକ୍ ହେବ ତାହା କରାଯିବା ଉଚିତ । ଏ ବିଷୟରେ ଶ୍ରୀ ବିରଳାଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ କଥାବାର୍ତ୍ତା ହୋଇଥିଲା କିନ୍ତୁ ମୋର ତାଙ୍କ ସହିତ ବା ତାଙ୍କ ଲୋକ ସହିତ କେବେ କୌଣସି କଥାବାର୍ତ୍ତା ହୋଇ ନଥିଲା । ରାଜ୍ୟସଭାରେ ଏ ବିଷୟରେ ସ୍ପଷ୍ଟୀକରଣ ମଧ୍ୟ କରାଯାଇଥିଲା କିନ୍ତୁ ଶ୍ରୀ ଚନ୍ଦ୍ରଶେଖର ନିଜର ପ୍ରତିବାଦ ଜାରି ରଖିଲେ ଓ ଯେଉଁ ବଜେଟ ଚାରିମାସ ଆଗରୁ ପେଶ ହୋଇଥିଲା ସେ ବିଷୟରେ କେତେକ ପ୍ରଶ୍ନ କଲେ ଓ ସେଥିରେ କର ଛାଡି ଦେବା କଥା ଯୋଡି ଦେଲେ । ରାଜ୍ୟସଭାରେ ଏସବୁ ଆରୋପର କଡା ଜବାବ ଦେଇଥିଲି ।

କଂଗ୍ରେସ ସଂସଦୀୟ ଦଳର କାର୍ଯ୍ୟକାରୀ କମିଟି, ଶ୍ରୀ ଚନ୍ଦ୍ରଶେଖର ମୋ ଉପରେ ଦୋଷାରୋପ କରିଥିବାରୁ ତାଙ୍କଠାରୁ ଜବାବ ମାଗିଥିଲେ ଓ ତାଙ୍କ ବୟାନ ଶୁଣିବା ପରେ ତାଙ୍କ କାର୍ଯ୍ୟକୁ ନିନ୍ଦାକରି ନିଜର ନାରାଜି ତାଙ୍କ ପାଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପହଞ୍ଚାଇବାକୁ ନିର୍ଣ୍ଣୟ କରିଥିଲେ ।

ପ୍ରଧାନମନ୍ତ୍ରୀ ମତେ ବତାଇଥିଲେ ଯେ ଶ୍ରୀ ଚନ୍ଦ୍ରଶେଖରଙ୍କ ସହିତ ସେ ମୌଖିକ କଥା ହୋଇଛନ୍ତି; କିଛି ଲେଖିକରି ଦେଇ ନାହାନ୍ତି । କିନ୍ତୁ ଯେଉଁ ଚିଠି ସେ ପରେ ଲେଖିଥିଲେ ସେଥିରେ ଏ ବିଷୟ କିଛି ଉଲ୍ଲେଖ ନଥିଲା ଓ ଶ୍ରୀ ଚନ୍ଦ୍ରଶେଖର ସାର୍ବଜନିକ ରୂପେ କହିଲେ ପ୍ରଧାନମନ୍ତ୍ରୀ ତାଙ୍କୁ ସମାଲୋଚନା କରିନାହାନ୍ତି କି ତାଙ୍କ କାମକୁ ନା ମଞ୍ଜୁର କରିନାହାନ୍ତି । ପ୍ରଧାନମନ୍ତ୍ରୀ ଧରିଥିବା ପନ୍ଥା ବହୁ ଆଲୋଚନାର ପାତ୍ର ହୋଇଥିଲା । ସାର୍ବଜନିକ ଭାବେ ପ୍ରଧାନମନ୍ତ୍ରୀ କେବେ କହିନଥିଲେ ଯେ ସେ ଶ୍ରୀ ଚନ୍ଦ୍ରଶେଖରଙ୍କୁ କାର୍ଯ୍ୟକାରିଣୀର ନାରାଜି ଜଣାଇଛନ୍ତି । ମତେ କିନ୍ତୁ ଦୁଇଥର ସେ କହିଥିଲେ ଯେ ସେ ଶ୍ରୀ ଚନ୍ଦ୍ରଶେଖରଙ୍କୁ ଜଣାଇ ଦେଇଛନ୍ତି । ତେଣୁ ଏ ବିଷୟରେ ମୁଁ ବେଶି କିଛି କହିଲି ନାହିଁ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଏ ପ୍ରକାର ଭୁଲ ନୀତି ବିଷୟରେ ମୋ ମନରେ କୌଣସି ସନ୍ଦେହ ନଥିଲା । ଅନ୍ୟ ସଦସ୍ୟଙ୍କ ମନରେ ମଧ୍ୟ କୌଣସି ସନ୍ଦେହ ନଥିଲା । ଏହି ଘଟଣା ଏ କଥାର ସୂଚକ ଯେ ମୋ ପ୍ରତି ପ୍ରଧାନମନ୍ତ୍ରୀଙ୍କ ବ୍ୟବହାର ଶୁଦ୍ଧ ନହୋଇ ସନ୍ଦେହାତ୍ମକ ଥିଲା ।

ପ୍ରଧାନମନ୍ତ୍ରୀଙ୍କ ଏ ପ୍ରକାର ବ୍ୟବହାର ମତେ ମିତ୍ରତା ପୂର୍ଣ୍ଣ ଲାଗୁନଥିଲା । କେତେକ ମାମଲାରେ ସେ ପ୍ରଥମେ ଅନ୍ୟସାଥିଙ୍କ ସହିତ କଥା ହୋଇଯାଉଥିଲେ ମୋ ସହିତ କେବଳ ମନ୍ତ୍ରୀମଣ୍ଡଳରେ ବିଚାର ବିନିମୟ ହେଉଥିଲା ।

କଂଗ୍ରେସ ଦଳରେ ତାଙ୍କ ସମର୍ଥକ ମୋର ସମାଲୋଚନା କରିବା ବେଳେ ସେ କିଛି କହୁନଥିଲେ ଯେଉଁ ସକାଶେ ଦଳର ଅନୁଶାସନ ଶିଥିଳ ହୋଇଯାଉଥିଲା । କିନ୍ତୁ ସ୍ୱୟଂ ତାଙ୍କର କେହି ସମାଲୋଚନା କଲେ ସେ ତାହା ସହ୍ୟ କରୁ ନଥିଲେ ଓ ବଡ ନାରାଜି ଦେଖାଉଥିଲେ । ସଂସଦୀୟ ଦଳର କାର୍ଯ୍ୟକାରିଣୀରେ ମୁଁ ସ୍ପଷ୍ଟ କହିଥିଲି ଯେ, ଯେ କୌଣସି ସଦସ୍ୟ ଅନ୍ୟ କୌଣସି ସଦସ୍ୟଙ୍କର ଏପରି ସମାଲୋଚନା କରିଲେ, ତାଙ୍କ

Digitized by srujanika@gmail.com

ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ କାରଣ ଏପରି ନକଲେ ଦଳରେ ଅନୁଶାସନ ରହିବ ନାହିଁ ଓ ଏହା ଦୁର୍ବଳ ହୋଇଯିବ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବା ଜଣାପଡିଲା ନାହିଁ । ମୋ ପ୍ରତି ତାଙ୍କ ବାହ୍ୟ ଆଚରଣ ତ ସର୍ବଦା ଉତ୍ତମ ଓ ବିନୟ ପୂର୍ଣ୍ଣ ଥିଲା । ଏଣୁ ତ୍ୟାଗପତ୍ର ଦେଇ ମନ୍ତ୍ରୀମଣ୍ଡଳରୁ ହଟିଯିବା ପାଇଁ କୌଣସି କାରଣ ମତେ ମିଳିଲା ନାହିଁ । ଏପରି କୌଣସି କାରଣ ମତେ ମିଳିଥିଲେ, ମୁଁ ନିଶ୍ଚୟ ତତ୍‌କାଳ ନିଜ ପଦଛାଡି ମନ୍ତ୍ରୀମଣ୍ଡଳରୁ ହଟି ଯାଇଥାନ୍ତି ।

(୪୧) ପୁନଃ ବିଦେଶ ଯାତ୍ରା

୧୯୬୮ ସେପ୍ଟେମ୍ବରରେ ମୁଁ ପୁଣି ବିଦେଶ ଯାତ୍ରା କଲି । ଏଥର ମୁଁ ଲଣ୍ଡନ ଓ ୱାଶିଂଟନ ଯାଇଥିଲି । ୱାଶିଂଟନରେ ବିଶ୍ୱ ବ୍ୟାଙ୍କ ତଥା ମୁଦ୍ରାକୋଷର ବୈଠକ ଥିଲା । ଲଣ୍ଡନରେ ପ୍ରତିବର୍ଷ ପରି ରାଷ୍ଟ୍ରମଣ୍ଡଳ ଅର୍ଥମନ୍ତ୍ରୀଙ୍କର ସମ୍ମିଳନୀ ହେବାର ଥିଲା ।

ମୁଁ ବିଦେଶ ଯିବା ପୂର୍ବରୁ ଶ୍ରୀ ମାକ୍‌ନାମ୍‌ରା ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ହୋଇଥିଲେ । ସେ ଭାରତ ଆସିବାବେଳେ ମୁଁ ତାଙ୍କ ସହିତ ସାକ୍ଷାତ କରିଥିଲି । ସେ ସମୟରେ ତାଙ୍କ ସହିତ ବହୁତ କଥାବାର୍ତ୍ତା ହୋଇଥିଲା । ସେ ଭାରତରେ ହୋଇଥିବା ପ୍ରଗତିର ନିରୂପଣ କରିଥିଲେ ଓ ତା'କୁ ଆହୁରି ଆଗକୁ ବଢାଇବାରେ ସବୁ ପ୍ରକାର ସାହାଯ୍ୟ କରିବାକୁ ଇଚ୍ଛା ବ୍ୟକ୍ତ କରିଥିଲେ । ନିଜର ଯାତ୍ରାବେଳେ ସେ ଭାରତର ପ୍ରଗତିରେ ବହୁତ ପ୍ରଭାବିତ ହୋଇଥିଲେ -- ୱାଶିଂଟନ ଯିବାପରେ ମତେ ଜଣାପଡିଲା ।

୧୯୬୮ ନଭେମ୍ବର ମାସରେ ଶ୍ରୀ ନିକ୍ସନ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେଲେ । ନିର୍ବାଚନ ପୂର୍ବରୁ ସାମାନ୍ୟ ନାଗରିକ ଭାବେ ସେ ଭାରତ ଆସିଥିଲେ । ସେତେବେଳେ ମୁଁ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଆମନ୍ତ୍ରିତ କରିଥିଲି ଓ ଘଣ୍ଟାଏ ଦେଢଘଣ୍ଟା ଧରି ବିଭିନ୍ନ ବିଷୟ ଉପରେ କଥାବାର୍ତ୍ତା ହୋଇଥିଲୁ । ରାଷ୍ଟ୍ରପତି ନିର୍ବାଚନରେ ଜନ କେନେଡିଙ୍କ ସହିତ ତାଙ୍କ ପ୍ରତିଦ୍ୱନ୍ଦିତା ସମୟରେ ଟେଲିଭିଜନରେ ମୁଁ ଦୁଇଜଣଙ୍କ ମଧ୍ୟରେ କଥାବାର୍ତ୍ତା ଶୁଣିଥିଲି, ଦେଖିଥିଲି । ସେତେବେଳେ ମୁଁ ୱାଶିଂଟନରେ ଥିଲି । ସେ ସମୟରୁ ମୁଁ ତାଙ୍କଠାରେ ବହୁତ ପରିବର୍ତ୍ତନ ଦେଖିଲି, ସେ ଖୋଲା ମନରେ କଥା କହୁଥିଲେ ଓ ତାଙ୍କ ସହିତ୍ କଥାବାର୍ତ୍ତାରୁ ମତେ ଜଣାଗଲା ଯେ ସେ ବିନା କୌଣସି ପୂର୍ବାଗ୍ରହରେ ପ୍ରତ୍ୟେକ କଥା ବୁଝିବାକୁ ଚାହୁଁଥିଲେ । ମୁଁ ୱାଶିଂଟନ ଯିବାବେଳେ ସେ ନିର୍ବାଚନରେ ଲାଗିଥିଲେ । ତେଣୁ ମୁଁ ତାଙ୍କୁ ଭେଟି ପାରି ନଥିଲି । ରାଷ୍ଟ୍ରପତି ଜନସନଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ଏଥର ନିର୍ବାଚନରେ ସେ ଛିଡା ହୋଇ ନଥିଲେ । ଭିଏତ୍‌ନାମ ମାମଲାରେ ତାଙ୍କର ବଡ ସମାଲୋଚନା ହୋଇଥିଲା । ଯେଉଁ ସକାଶେ ସେ ବଡ ଦୁଃଖୀ ଥିଲେ ।

ଏ ବିଦେଶ ଯାତ୍ରାରୁ ଫେରିବା ପରେ, ସବୁ ବର୍ଷ ପରି, ଭାରତର କିଛି ସ୍ଥାନକୁ ମୁଁ ଯାତ୍ରା କଲି । ଏଥର ମୁଁ ଜାମ୍ମୁ ସ୍ୱତନ୍ତ୍ର ଭାବେ ଗଲି କାରଣ ଜାମ୍ମୁ ଲୋକମାନଙ୍କର ଅଭିଯୋଗ ଥିଲା ଯେ ଭାରତର ନେତା ଶ୍ରୀନଗର ପ୍ରାୟତଃ ଯାଆନ୍ତି, କିନ୍ତୁ ଜାମ୍ମୁ ଯାଆନ୍ତି ନାହିଁ । ଜାମ୍ମୁରେ ମୁଁ ସେଠାର ଅନେକ ପ୍ରତିନିଧିମାନଙ୍କ ସହିତ ମିଳିତ ହେଲି ଓ ଏକ ସାର୍ବଜନିକ ସଭାରେ ଭାଷଣ ମଧ୍ୟ ଦେଲି । ସେଠାର ଲୋକମାନଙ୍କୁ ବୁଝାଇବାକୁ ମୁଁ ଚେଷ୍ଟା କଲି ଯେ ଜାମ୍ମୁକୁ ଆମେ ଶ୍ରୀନଗରଠାରୁ କମ୍ ମହତ୍ତ୍ୱ ଦେଉନାହୁଁ ଓ ଏଠାକୁ ବାରମ୍ବାର ଆସିବାକୁ ଚାହୁଁଛୁ । ଶେଖ ଅବଦୁଲ୍ଲା, ନିଜର ଅଭ୍ୟାସାନୁସାରେ ସେ ସମୟରେ ଭାରତର ଯେଉଁ ଆଲୋଚନା କରିଥିଲେ

Digitized by srujanika@gmail.com

ତା'ର ଉତ୍ତର ମୁଁ ଦେଲି ଓ ସାର୍ବଜନିକ ସଭାରେ ଘୋଷଣା କଲି ଯେ ଜାମ୍ମୁକାଶ୍ମୀର ଭାରତରେ ମିଶିବା ଅଟଳ ଅଟେ ଓ ମୋର ଦୃଢ ବିଶ୍ୱାସ ଯେ ଏହାକୁ କେହି ବଦଳାଇ ପାରିବେ ନାହିଁ । ମୁଁ ଏକଥା କହିଲି ଯେ ଶେଖ ସାହେବ ଜନମତ ଦାବି କରୁଛନ୍ତି ପରନ୍ତୁ ତାହା ତ ନିର୍ବାଚନ ଜରିଆରେ ତିନିଥର ନିଆସରିଛି । ଜାମ୍ମୁରେ ବିଦ୍ୟାର୍ଥୀମାନଙ୍କର ଦୀକ୍ଷାନ୍ତ ସମାରୋହରେ ମୁଁ ଦୀକ୍ଷାନ୍ତ ଭାଷଣ ମଧ୍ୟ ଦେଲି ।

୧୯୬୯ ମାର୍ଚ୍ଚ ଶେଷକୁ ଆମେରିକାର ଭୂତପୂର୍ବ ରାଷ୍ଟ୍ରପତି ଆଇଜେନ ହଓ୍ୱାରଙ୍କ ଶ୍ମଶାନ ଯାତ୍ରାରେ ଯୋଗ ଦେବାକୁ ମୁଁ ପୁଣି ଓ୍ୱାଶିଂଟନ ଗଲି । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କର ଯିବା ଥିଲା । କିନ୍ତୁ ସେତେବେଳେ ସେ ରେଙ୍ଗୁନ ଯାଇଥିଲେ । ସେଠାରୁ ତାଙ୍କର ସନ୍ଦେଶ ମିଳିଲା ଯେ ସେ ଯାଇପାରିବେ ନାହିଁ । ତେଣୁ ମତେ ସେଠାକୁ ଯିବାକୁ ହେବ । ବାରଘଣ୍ଟାରେ ମତେ ଯିବାକୁ ପଡିଲା । ତଥାପି ମୁଁ ତତ୍‌କାଳ ସବୁ ପ୍ରସ୍ତୁତ କରି ଓ ସିଧା ଓ୍ୱାଶିଂଟନ ଗଲି । ସେଠାରେ ତ ମୁଁ ଯଥା ସମୟରେ ପହଞ୍ଚିଗଲି କିନ୍ତୁ ବିମାନଘାଟି ଠାରୁ ଠିକଣା ସ୍ଥାନରେ ପହଞ୍ଚିବାକୁ ସମୟ କମ୍ ଥିଲା । ତେଣୁ ସେଠାରୁ ମତେ ହେଲିକପ୍ଟର ଦ୍ୱାରା ନିଆଗଲା । ଏହିପରି ମୁଁ ଠିକ୍ ସମୟରେ ପହଞ୍ଚିଲି ।

ହେଲିକପ୍ଟରରୁ ଓହ୍ଲାଇ ମୁଁ ସିଧା ଆଇଜେନ ହଓ୍ୱାରଙ୍କ ଶବ ରଖାଯାଇଥିବା ସ୍ଥାନକୁ ଗଲି ଓ ଭାରତ ତରଫରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି । କିଛି ସମୟ ପରେ ତାଙ୍କ ଶବଯାତ୍ରା ଆରମ୍ଭ ହେଲା, ସେଥିରେ ମୁଁ ଯୋଗ ଦେଲି । ଏ କାର୍ଯ୍ୟକ୍ରମରେ ଦୁଇତିନି ଘଣ୍ଟାରୁ ଅଧିକ ସମୟ ଲାଗିଲା । ଆମେରିକାରେ ଯେଉଁ କେତେକ ନୂଆମନ୍ତ୍ରୀ ହୋଇଥିଲେ ସେମାନଙ୍କ ମଧ୍ୟରେ ଜଣେ ଦୁଇଜଣଙ୍କ ସହିତ ମୋର ଭେଟ ହୋଇଗଲା । ନୂଆ ରାଷ୍ଟ୍ରପତି ନିକ୍ସନ ସେ ସମୟରେ କାମରେ ବଡ ବ୍ୟସ୍ତ ଥିଲେ । ତେଣୁ ସନ୍ଧ୍ୟାରେ ହ୍ୱାଇଟ ହାଉସରେ ସ୍ୱାଗତ ସମାରୋହ ପରେ ତୁରନ୍ତ ପାଞ୍ଚଦଶ ମିନିଟ୍ ପାଇଁ ତାଙ୍କୁ ଭେଟିବା ବ୍ୟବସ୍ଥା ହୋଇଥିଲା । ଦିନରେ ତ ତାଙ୍କ ସହିତ ଭେଟ ହେବାର ସମ୍ଭବ ନଥିଲା । ଆଇଜେନ ହଓ୍ୱାରଙ୍କ ଅନ୍ତିମ କ୍ରିୟା ସମୟରେ ଗୀର୍ଜାଘରେ ଯେଉଁ ପ୍ରାର୍ଥନା ହୋଇଥିଲା ସେଥିରେ ମୁଁ ଯୋଗ ଦେଲି । ଅନେକ ଦେଶର ମୁଖ୍ୟ ପ୍ରତିନିଧି ସେଠାକୁ ଆସିଥିଲେ ଓ ସବୁ କାର୍ଯ୍ୟକ୍ରମ ବିଧିପୂର୍ବକ ସମ୍ପନ୍ନ ହୋଇଥିଲା ।

ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ସ୍ୱାଗତ ସମାରୋହରେ ଯୋଗ ଦେଇ ହ୍ୱାଇଟ୍ ହାଉସରୁ ମତେ ଶୀଘ୍ର ନିଉୟର୍କ ଯିବାର ଥିଲା, ଯେଉଁଠାରୁ ବିମାନ ଚଢି ସିଧା ଭାରତକୁ ଫେରିଆସିବାର ଥିଲା । ଏଥି ମଧ୍ୟରେ ସ୍ୱାଗତ ସମାରୋହ ପରେ ରାଷ୍ଟ୍ରପତି ନିକ୍ସନଙ୍କ ସହିତ ସାକ୍ଷାତ କରିବାକୁ ସମୟ ମିଳିବ କି ନାହିଁ ସେଥିରେ ସନ୍ଦେହ ଥିଲା । କିନ୍ତୁ ରାଷ୍ଟ୍ରପତି ସାକ୍ଷାତ କରିବାର ବ୍ୟବସ୍ଥା କରିଥିଲେ, ଯେଉଁଥିରେ ସ୍ୱାଗତ ସମାରୋହର ତୁରନ୍ତ ପରେ, ଯିବା ସମୟ ହେବା ପୂର୍ବରୁ ତାଙ୍କ କକ୍ଷରେ ସାତ ଆଠ ମିନିଟ୍ ପାଇଁ ସାକ୍ଷାତ ହୋଇଥିଲା । ମୁଁ ଯେତେବେଳେ ତାଙ୍କୁ ସ୍ୱାଗତ ସମାରୋହରେ ଭେଟିଲି ସେ ବଡ ଆତ୍ମୀୟତାରେ ନିଜ ପତ୍ନୀଙ୍କ ସହିତ ମୋର ପରିଚୟ କରାଇ ଥିଲେ ।

ତାଙ୍କ ସହିତ ସାକ୍ଷାତ ବେଳେ ସେ ମୋ ପାଇଁ ବେଶି ସମୟ ଦେବାକୁ ଅକ୍ଷମ ଥିବାରୁ କ୍ଷୋଭ ପ୍ରକାଶ କଲେ । ନୂଆଦିଲ୍ଲୀରେ ଆମ ସାକ୍ଷାତ ବିଷୟ ସେ ମତେ ମନେ ପକାଇ ମଧ୍ୟାହ୍ନ ଭୋଜନ ପାଇଁ ପୁଣି ଧନ୍ୟବାଦ ଦେଲେ । ସେ ଭାରତ ସହିତ ଭଲ ସମ୍ବନ୍ଧ ରଖିବାକୁ ଇଚ୍ଛା ପ୍ରକାଶ କରିଲେ । ଆହୁରି କହିଲେ ଭାରତ ପାଇଁ ବାଛିଥିବା ରାଜଦୂତ ତାଙ୍କ ଭଲ ସହଯୋଗୀ । ତେଣୁ ରାଜଦୂତଙ୍କ ଜରିଆରେ ଯେ କୌଣସି ବିଷୟ ତାଙ୍କ ପାଖରେ ଶୀଘ୍ର ପହଞ୍ଚି ପାରିବ । ଏସବୁ କଥାବାର୍ତ୍ତା ଖୁବ ଶୀଘ୍ର ଶୀଘ୍ର ହୋଇଥିଲା ।

Digitized by srujanika@gmail.com

ମୁଁ ବାହାରେ ତିନି ରାତି ରହିଲି । ଏଥିରୁ ଦୁଇ ରାତି ତ ବିମାନରେ କଟିଲା, ଗୋଟିଏ ରାତି ମୁଁ ଭାରତୀୟ ରାଜଦୂତ ନବାବ ଅଲ୍ଲୀ ଜାବର ଜଂଗଙ୍କ ନିବାସ ସ୍ଥଳରେ କଟାଇଲି ।

ସିଧା ଆମେରିକା ଯିବା ଆସିବାରେ ବିମାନ ଯାତ୍ରା କିଛି କଷ୍ଟକର ହୁଏ -- ଏକଥା ମୁଁ ଜାଣିଥିଲି । ସାମାନ୍ୟତଃ ସମସ୍ତଙ୍କୁ ଏହା ଅନୁଭୂତ ହୁଏ କି ଆମେରିକାରୁ କେହି ଭାରତ ସିଧା ଆସିଲେ ଏତେ ଥକି ଯାହାନ୍ତି ଯେ ଦୁଇ ତିନି ଦିନ ଆରାମ କରିବା ଦରକାର ପଡେ । ଏଥି ପାଇଁ ଯାତ୍ରାରେ ପୂରା ସମୟ ମୁଁ ବିଶ୍ରାମ କଲି । ଯେତେ ପାରିଲି ସେତେ ଶୋଇଲି । କିଛି ପଢାପଢି କଲି ନାହିଁ । ଅଳ୍ପ ଭୋଜନ କଲି । ଏହାର ଫଳସ୍ୱରୂପ ଭାରତ ଆସି କୌଣସି ଅବସନ୍ନ ଅନୁଭବ କଲି ନାହିଁ । କେବଳ ଏତିକି ନୁହେଁ; ଏହାପରେ ତିନି ଚାରି ଦିନରେ ହିଁ ଏସିଆନ ବ୍ୟାଙ୍କ ବୈଠକ ପାଇଁ ମତେ ଅଷ୍ଟ୍ରେଲିଆର ରାଜଧାନୀ ସିଡ୍‌ନୀ ଯିବାର ଥିଲା, ସେଠାକୁ ମଧ୍ୟ ଯାଇଥିଲି ।

ସିଡ୍‌ନୀକୁ ଏହା ମୋର ଦ୍ୱିତୀୟ ଯାତ୍ରା ଥିଲା । ପ୍ରଥମେ ମୁଁ ୧୯୬୫ରେ ଯାଇଥିଲି । ସେତେବେଳେ ସାର ରବଟ ମେଂଜିଜ୍ ସେଠାର ପ୍ରଧାନମନ୍ତ୍ରୀ ଥିଲେ । ଯେ ମୋ ଯାତ୍ରାର କିଛି ସମୟ ପରେ ସ୍ୱେଚ୍ଛାପୂର୍ବକ ପ୍ରଧାନମନ୍ତ୍ରୀତ୍ୱରୁ ମୁକ୍ତ ହୋଇଥିଲେ । ତାଙ୍କ ପରେ ଶ୍ରୀ ହୋଲ୍ଟ ପ୍ରଧାନମନ୍ତ୍ରୀ ହୋଇଥିଲେ ଯେ ପ୍ରଥମେ କୋଷାଧ୍ୟକ୍ଷ ଥିଲେ । ଶ୍ରୀ ହଲ୍ଟଙ୍କ ସହିତ ମୋର ପାଞ୍ଚ ଛ' ବର୍ଷରୁ ପରିଚୟ ଥିଲା । ୧୯୬୮ ଆରମ୍ଭରେ ପହଁରିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା କାରଣ ସମୁଦ୍ରରେ ତୋଫାନ ଆସିଥିବାରୁ ତାଙ୍କୁ କେହି ବଞ୍ଚାଇ ପାରିଲେ ନାହିଁ । ସେ ପହଁରିବାକୁ ଭାରି ଭଲ ପାଉଥିଲେ । ସେ ବଡ ସାହସୀ ଥିଲେ । ସେ ଯେଉଁ ଘାଟରେ ପହଁରିବାକୁ ଯାଇଥିଲେ ତାହା ବହୁତ ସୁରକ୍ଷିତ ଘାଟ ନଥିଲା । ଏକଥା ଜାଣି ମଧ୍ୟ ସେ ସେଠାକୁ ପହଁରିବାକୁ ଗଲେ ଓ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଯେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସେଥିରେ କୁହାଯାଇପାରେ ଯେ ମୃତ୍ୟୁ ତାଙ୍କୁ ସେଠାକୁ ଟାଣି ନେଇଥିଲା । ସେଠାକୁ ଯିବାର ତାଙ୍କର କୌଣସି ଆବଶ୍ୟକତା ନଥିଲା । କିନ୍ତୁ ଭାଗ୍ୟ ବଳବାନ ଅଟେ ଓ ମୁଁ ମାନୁଛି ଯେ ଭାଗ୍ୟ ତାଙ୍କୁ ସେଠାକୁ ନେଇଯାଇଥିଲା ।

ଶ୍ରୀ ହୋଲ୍ଟଙ୍କ ପରେ ଶ୍ରୀ ଗର୍ଟନ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କ ସହିତ ମୋର ଆଗରୁ ପରିଚୟ ନଥିଲା । ୱାଶିଂଟନରେ ରାଷ୍ଟ୍ରପତିଙ୍କ ସ୍ୱାଗତ ସମାରୋହରେ ହ୍ୱାଇଟ୍ ହାଉସ୍‌ରେ ତାଙ୍କ ସହିତ କିଛି ସମୟ ପାଇଁ ସାକ୍ଷାତ ହୋଇଥିଲା ଓ ତାଙ୍କୁ ମୋର ସିଡ୍‌ନୀ ଆସିବା କଥା କହିଥିଲି ।

ସିଡ୍‌ନୀରେ ପ୍ରଧାନମନ୍ତ୍ରୀ ଓ କେତେକ ମନ୍ତ୍ରୀଙ୍କ ସହିତ ସାକ୍ଷାତ ହୋଇଥିଲା । ଗଭର୍ଣ୍ଣର ଜେନେରାଲଙ୍କ ସହିତ ସାକ୍ଷାତ କରିଥିଲି, ଲର୍ଡ କେସି ସେ ସମୟରେ ଗଭର୍ଣ୍ଣର ଜେନେରାଲ ଥିଲେ । ସେହି ସମୟରେ ଅଷ୍ଟ୍ରେଲିଆର କୋଷାଧ୍ୟକ୍ଷଙ୍କ ସହିତ ମୋର ଭଲ ପରିଚୟ ହୋଇଗଲା । ସେ ନଭେମ୍ବର ମାସରେ ଭାରତ ଆସିଥିଲେ । ସେତେବେଳେ ମତେ ଅଷ୍ଟ୍ରେଲିଆ ଯିବାକୁ ନିମନ୍ତ୍ରଣ ଦେଇଥିଲେ । ସେଥିପାଇଁ ମୁଁ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିଲି । ତାଙ୍କ ପରିବାର ସହିତ ମୋର ଭେଟ ହୋଇଥିଲା ।

ସିଡ୍‌ନୀରୁ ଫେରିବା ବେଳେ ମୁଁ ସିଙ୍ଗାପୁର ଯାଇଥିଲି । ସେଠାର ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ କଲି । ସେଠାରେ ସରକାରୀ ଅତିଥି ଭବନରେ ମତେ ରଖାଯାଇଥିଲା । ସାଧାରଣତଃ ଭାରତୀୟ ରାଜଦୂତଙ୍କ ବାସଭବନରେ ମୁଁ ବିଦେଶ ଯାତ୍ରାରେ ରହେ । କିନ୍ତୁ ଏଠାରେ ଭାରତୀୟ ରାଜଦୂତଙ୍କ ଘରେ ଏୟାରକଣ୍ଡିସନର ନଥିବାରୁ ଏଠାରେ ବନ୍ଦୋବସ୍ତ କରିଥିବା କଥା ସେ ମତେ କହିଥିଲେ ।

Digitized by srujanika@gmail.com

ସିଙ୍ଗାପୁର ପ୍ରଧାନମନ୍ତ୍ରୀ ବଡ ପ୍ରଗତିଶୀଳ ଓ ଚତୁର ରାଜନୀତିଜ୍ଞ ଅଟନ୍ତି । ତାଙ୍କ ସହିତ ଅନେକ ବିଷୟ ଉପରେ ମୋର ଲମ୍ବା କଥାବାର୍ତ୍ତା ହେଲା । ସେ ସାଧାରଣତଃ ବେଶି କଥା କୁହନ୍ତି ବୋଲି ଜଣାଶୁଣା ଥିଲେ । କିନ୍ତୁ ମୋ ସହିତ କଥାବାର୍ତ୍ତା ବେଳେ ବେଶି ସମୟ ମୋ କଥା ଶୁଣୁଥିଲେ । ସେଥିରୁ ଜଣାଯାଉଛି ବୋଧହୁଏ ମୋ କଥା ଶୁଣିବାକୁ ତାଙ୍କୁ ଖୁସି ଲାଗୁଥିଲା ।

ସିଙ୍ଗାପୁରରେ ରହୁଥିବା ଭାରତୀୟଙ୍କ ସହିତ ସାକ୍ଷାତ ହୋଇଥିଲା । ସିଙ୍ଗାପୁରର ବନ୍ଦର ମୁଁ ଦେଖିଲି । ସେଠାରେ ସରକାରୀ ଗୃହ ନିର୍ମାଣ ବ୍ୟବସ୍ଥା ଦେଖିଲି । ସିଙ୍ଗାପୁର ସହର ହିଁ ଏ ରାଜ୍ୟର ରାଜଧାନୀ ଅଟେ ଓ ବଡ ସମୃଦ୍ଧ ଅଟେ । ଏଠାରେ ଉଦ୍ୟୋଗ ବହୁତ ବିକଶିତ ହୋଇଛି । ଲୋକମାନେ ବଡ ପରିଶ୍ରମୀ ଅଟନ୍ତି । ସରକାରଙ୍କ ଦ୍ୱାରା ଏତେ ଘର ନିର୍ମାଣ ହୋଇଛି ଯେ ସେଠାରେ ତିରିଶ ପ୍ରତିଶତରୁ ଅଧିକ ଲୋକ ସରକାରୀ ଘରେ ରୁହନ୍ତି । ଘର ସବୁ ସୁନ୍ଦର ଦେଖାଯାଏ । ସୁନ୍ଦରତା, ସ୍ୱଚ୍ଛତା ଓ ସୁବିଧାର ଭଲ ବ୍ୟବସ୍ଥା ଏ ଘରମାନଙ୍କରେ କରାଯାଇଛି । ସେଠାର ଏସବୁ ବ୍ୟବସ୍ଥା ମତେ ଅନୁକରଣୀୟ ପ୍ରତୀତ ହେଲା ।

ସିଙ୍ଗାପୁରର ବିଦେଶମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ସହିତ ସାକ୍ଷାତ କରିଥିଲି । ଏ ସମସ୍ତ କଥାବାର୍ତ୍ତାରୁ ମୁଁ ଜାଣି ପାରିଲି ଯେ ସେମାନେ ଭାରତ ସହିତ ଭଲ ସମ୍ବନ୍ଧ ରଖିବାକୁ ଚାହାନ୍ତି । ମୋ ମତରେ ଦକ୍ଷିଣ ପୂର୍ବ ଏସିଆର ଦେଶ ସହିତ ଭାରତର ବହୁତ ନିକଟ ସମ୍ପର୍କ ସ୍ଥାପନ କରିବା ଉଚିତ ଓ ମିତ୍ରତା ବଢାଇବା ଉଚିତ କାରଣ ଏସବୁ ଦେଶ ସହିତ ଆମର ସାଂସ୍କୃତିକ ସମ୍ବନ୍ଧ ଅଛି ଓ ରାଜନୈତିକ ଦୃଷ୍ଟିରୁ ପ୍ରତ୍ୟେକ ଅନ୍ୟ ଜଣର ସୁରକ୍ଷାରେ ଉତ୍ତମ ଯୋଗଦାନ କରିପାରିବେ । ଚୁକ୍ତି ସ୍ୱାକ୍ଷର କରିବାର ପ୍ରଶ୍ନ ନାହିଁ କିନ୍ତୁ ପାରସ୍ପରିକ ହିତ ସମ୍ବନ୍ଧ ବଢାଇବା ଉଚିତ ଓ ପରସ୍ପର ପ୍ରତି ବାସ୍ତବିକ ଓ ସୁଦୃଢ ବୁଝାମଣା ରହିବା ଉଚିତ । ମୋର ଦୃଢ ବିଶ୍ୱାସ ଯେ ପରସ୍ପର ପରିଚୟ ବଢିଲେ ଓ ପାରସ୍ପରିକ ସମ୍ବନ୍ଧ ସୁଦୃଢ ହେଲେ ଚୀନରୁ ବିପଦର ଆଶଙ୍କା ରହିବ ନାହିଁ ।

ଏ ଯାତ୍ରାରୁ ମୁଁ ଭଲ ଭାବରେ ହୃଦୟଙ୍ଗମ କଲି ଯେ ଜାପାନ, ଅଷ୍ଟ୍ରେଲିଆ, ଭାରତ ଆଦି ଦକ୍ଷିଣପୂର୍ବ ଏସିଆର ସବୁ ଦେଶ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ ଘନିଷ୍ଠ ଓ ସୁଦୃଢ ହେବା ଉଚିତ ।

Digitized by srujanika@gmail.com

(୪୨) ଡ. ଜାକିର ହୁସେନଙ୍କ ମୃତ୍ୟୁ ଓ ନୂଆ ରାଷ୍ଟ୍ରପତି ମନୋନୟନ

ମୋ ଅଷ୍ଟ୍ରେଲିଆ ଓ ସିଙ୍ଗାପୁର ଯାତ୍ରାରୁ ଫେରି ୧୯୬୯ ମେ ତିନି ତାରିଖ ଦିନ ୧୧ଟା ବେଳେ ଅଫିସକୁ ମୁଁ ସବୁଦିନ ଅପେକ୍ଷା ଡେରିରେ ଗଲି, ମୁଁ ଅଫିସ ପହଞ୍ଚିବାର ଟିକିଏ ପରେ ରାଷ୍ଟ୍ରପତି ଭବନରୁ ରାଷ୍ଟ୍ରପତିଙ୍କ ଏ.ଡି.ସି.ଙ୍କ ପାଖରୁ ଟେଲିଫୋନ ପାଇଲି ଯେ ରାଷ୍ଟ୍ରପତିଙ୍କର ସାଂଘାତିକ ହୃଦ୍‌ଯନ୍ତ୍ରଣା ହୋଇଛି ଯେଉଁଥିରୁ ବଞ୍ଚିବାର ସମ୍ଭାବନା ଖୁବ୍ କମ୍ । ଏହା ଶୁଣି ସାଙ୍ଗେ ସାଙ୍ଗେ ମୁଁ ସେଠାକୁ ଗଲି । ପ୍ରଧାନମନ୍ତ୍ରୀ ସେ ସମୟରେ ରାଜସ୍ଥାନ ଯାତ୍ରାରେ ଯାଇଥିଲେ । ରାଷ୍ଟ୍ରପତି ଭବନରେ ପହଞ୍ଚି ଦେଖିଲି ଯେ ରାଷ୍ଟ୍ରପତିଙ୍କର ତତ୍‌କାଳିକ ଉପଚାରର କୌଣସି ସୁଫଳ ହେଲା ନାହିଁ ଓ ଜଣାପଡୁଥିଲା ଯେ ତାଙ୍କର ଦେହାନ୍ତ ହୋଇଯାଇଛି । ସମ୍ମାନ ପ୍ରଦର୍ଶନ ପାଇଁ ତାଙ୍କ କକ୍ଷକୁ ଯାଇ ମୁଁ ଯାହା ଦେଖିଲି ସେଥିରୁ ଜାଣିଲି ଯେ ତାଙ୍କର ଦେହାବସାନ ହୋଇଯାଇଛି । ମୁଁ ତାଙ୍କର ସଚିବ ତଥା ଏ.ଡି.ସିଙ୍କୁ ଡ. ଓ୍ୱରା ଆଦିଙ୍କୁ ଡକାଇ ରାଷ୍ଟ୍ରପତିଙ୍କର ପୂରା ପରୀକ୍ଷା କରିବାକୁ କହିଲି । ସେମାନେ କିଛି ସମୟ ପରେ ଆସି ପରୀକ୍ଷା କରି ଘୋଷଣା କଲେ ଯେ ଡକ୍ଟର ସାହେବଙ୍କ ଦେହାନ୍ତ ହୋଇଯାଇଛି ।

ଡ. ଜାକିର ହୁସେନ ଗାଧୁଆ ଘରକୁ ଯାଇଥିଲେ । ପନ୍ଦର ମିନିଟ୍‌ରୁ ବେଶି ସମୟ ହୋଇଯିବା ପରେ ସେ ବାହାରକୁ ନଆସିବାରୁ ଦରଜାକୁ ଖଟ ଖଟ କରି ବାହାରୁ ଖୋଲି, ଡକ୍ଟର ସାହେବ କମୋଡରୁ ତଳେ ପଡିଥିବାର ଦେଖାଗଲା । ଯେଉଁ ଡାକ୍ତରମାନେ ସେଠାରେ ଉପସ୍ଥିତ ଥିଲେ ସେମାନଙ୍କୁ ଡକାଗଲା । ପ୍ରତିଦିନ ଭଳି ଡାକ୍ତର ତାଙ୍କୁ ଦେଖିବାକୁ ଆସିଥିଲେ ସେଥିପାଇଁ ସେମାନେ ସେଠାରେ ଉପସ୍ଥିତ ଥିଲେ । ଏଇ ଡାକ୍ତରମାନେ ତାଙ୍କ ହୃଦୟକୁ ଉତ୍ତେଜିତ କରିବାକୁ ପ୍ରଯତ୍ନ କଲେ । କିନ୍ତୁ ସଫଳତା ମିଳିଲା ନାହିଁ । କାରଣ ତାଙ୍କ ପ୍ରାଣ ପକ୍ଷୀ ଉଡିଯାଇଥିଲା । ମତେ ଟେଲିଫୋନ କରାଯାଉଥିବା ବେଳେ ଡାକ୍ତରଙ୍କ ପ୍ରଯତ୍ନ ଜାରି ଥିଲା । ସେଥିପାଇଁ ବୋଧେ ମତେ ତାଙ୍କ ଦେହାନ୍ତର ଖବର ଦିଆଯାଇନଥିଲା । ପରେ ଡକାଯାଇଥିବା ବିଶେଷଜ୍ଞମାନେ ଡ. ଜାକିର ହୁସେନଙ୍କ ଦେହାନ୍ତ ହୋଇଯାଇଛି ବୋଲି ଲେଖିକରି ଦେବା ପରେ ରାଷ୍ଟ୍ରପତିଙ୍କ ନିଧନ ଘୋଷଣା କରାଗଲା ।

ପ୍ରଧାନମନ୍ତ୍ରୀ ସନ୍ଧ୍ୟା ପାଞ୍ଚ ସାଢେପାଞ୍ଚ ବାଜିବା ଆଗରୁ ଆସିପାରି ନଥିଲେ । ତେଣୁ ଶବଯାତ୍ରା ପରଦିନକୁ ରଖାଗଲା ଓ ସେ ପର୍ଯ୍ୟନ୍ତ ଜାକିର ସାହେବଙ୍କ ଶବ ଅନ୍ତିମ ଦର୍ଶନାର୍ଥେ ରାଷ୍ଟ୍ରପତି ଭବନରେ ରଖାଗଲା । ଏସବୁ ବ୍ୟବସ୍ଥା ଟେଲିଫୋନ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ସହିତ ପରାମର୍ଶ ପରେ କରାଯାଇଥିଲା, ମୁଁ ସେଠାରୁ ପୁଣି ମୋ କାର୍ଯ୍ୟାଳୟକୁ ଗଲି । ସବୁ ଅଫିସ ତୁରନ୍ତ ବନ୍ଦ କରି ଦିଆଗଲା । ସେ ପ୍ରତିଷ୍ଠା କରିଥିବା ଜାମିଆ-ମିଲିଆରେ ତାଙ୍କ ଶବର ଅନ୍ତିମ ସଂସ୍କାର କରାଯାଇଥିଲା ।

ଡ. ଜାକିର ହୁସେନ ବିଲକ୍ଷଣ ବ୍ୟକ୍ତିତ୍ୱ ପୁରୁଷ ଥିଲେ । ସ୍ୱଭାବରେ ବଡ ସରସ ଓ ସରଳ ଥିଲେ । ତାଙ୍କ ସ୍ୱଭାବ ଏତେ ଶାନ୍ତ ଥିଲା ଯେ ଜୀବନରେ କଦବା କେବେ ରାଗି ଥିବେ । ମାନବ ଜାତିକୁ ସେ ପ୍ରେମ କରୁଥିଲେ । ସେ ଫୁଲ ଖୁବ୍ ଭଲ ପାଉଥିଲେ ଓ ଗୋଲାପ ଆଦି ପ୍ରକାର ପ୍ରକାର ଫୁଲ ସେ ନିଜ ବଗିଚାରେ ଲଗାଇଥିଲେ ।

Digitized by srujanika@gmail.com

ଗାନ୍ଧିଜୀ ତାଙ୍କୁ ମୌଳିକ ଶିକ୍ଷା କମିଟିର ଅଧ୍ୟକ୍ଷ କରିଥିଲେ ଓ ସେ ମୌଳିକ ଶିକ୍ଷା ଯୋଜନା ତିଆରି କରିଥିଲେ । ମୌଳିକ ଶିକ୍ଷାରେ ତାଙ୍କର ବହୁତ ଆଗ୍ରହ ଥିଲା । ନିଜ ଯୋଜନାନୁସାରେ ବିଭିନ୍ନ ରାଜ୍ୟରେ କାମ ନ ହେବାର ଦେଖି ତାଙ୍କୁ ଗଭୀର ଦୁଃଖ ଲାଗୁଥିଲା । ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ ଓ ଅତ୍ୟନ୍ତ ପବିତ୍ର ଥିଲେ । ତା' ସହିତ ସେ ଜଣେ ଭାରତୀୟ ଥିଲେ । ନିଜକୁ ପ୍ରଥମେ ଭାରତୀୟ ଓ ପରେ ମୁସଲମାନ ମାନୁଥିଲେ । ଗାନ୍ଧିଜୀଙ୍କ ଭଳି ସେ ସର୍ବଧର୍ମ-ସମଭାବରେ ଦୃଢ଼ ବିଶ୍ୱାସ ରଖୁଥିଲେ । ରାଷ୍ଟ୍ରପତି ପଦରେ ନିଜର ଦୁଇବର୍ଷ କାର୍ଯ୍ୟ କାଳରେ ସେ ନିଜର ପ୍ରଶଂସନୀୟ ବ୍ୟକ୍ତିତ୍ୱର ପ୍ରଭାବ ପକାଇଥିଲେ । କୌଣସି ପଦପାଇଁ ସେ କେବେ କୌଣସି ଆକାଂକ୍ଷା କରିନଥିଲେ । ଯେଉଁ ଦାୟିତ୍ୱ ତାଙ୍କୁ ଦିଆଯାଉଥିଲା ତାହା ସେ ବଡ ପ୍ରସନ୍ନତାର ସହିତ ମନ ଲଗାଇ କରୁଥିଲେ । ବିହାର ଗଭର୍ଣ୍ଣର ରହିବା ପରେ ସେ କୌଣସି ପ୍ରକାର ଇଚ୍ଛା ପ୍ରକଟ କରିନଥିଲେ ଓ ବହୁତ ଆଗ୍ରହ କରାଯିବା ପରେ ହିଁ ଉପରାଷ୍ଟ୍ରପତି ପଦ ସ୍ୱୀକାର କରିଥିଲେ ।

୧୯୬୨ରେ ଯେତେବେଳେ ଡ. ରାଧାକୃଷ୍ଣନ ରାଷ୍ଟ୍ରପତି ହେଲେ ସେତେବେଳେ ଡ. ଜାକିର ହୁସେନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ପସନ୍ଦ କରାଯାଇଥିଲା ଓ ସେ ଉପରାଷ୍ଟ୍ରପତି ନିର୍ବାଚିତ ହେଲେ । ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସେ ନିଜର ଦାୟିତ୍ୱ ଦକ୍ଷତାର ସହିତ ତୁଲାଇଥିଲେ । ରାଜ୍ୟସଭାର ସଭାପତି ରୂପେ କାର୍ଯ୍ୟ ସଂଚାଳନ କରିବାବେଳେ କେତେକ ସଦସ୍ୟଙ୍କର ଅଶାନ୍ତ ବ୍ୟବହାରରେ ସେ ଦୁଃଖୀ ଥିଲେ କିନ୍ତୁ ବଡ ଶାନ୍ତିର ସହିତ ସବୁ ସହ୍ୟ କରୁଥିଲେ । ୧୯୬୭ରେ ସେ ସ୍ପଷ୍ଟ କରି ଦେଇଥିଲେ ଯେ ସେ ପଦରେ ଆଉ ସେ ରହିବାକୁ ଚାହୁଁ ନାହାନ୍ତି ।

ତାଙ୍କ ହୃଦୟ ବେମାରି ଥିଲା । ତେଣୁ ରାଜ୍ୟସଭାର କେତେକ ସଦସ୍ୟଙ୍କର ଆଚରଣ ଦେଖି, ସେ ଜାଗାରେ ସେ ଆଉ ପାଞ୍ଚ ବର୍ଷ ରହିବାକୁ ଚାହିଁ ନଥିଲେ । ଡ. ରାଧାକୃଷ୍ଣନଙ୍କ ପରେ ରାଷ୍ଟ୍ରପତି ପଦ ପାଇଁ ତାଙ୍କୁ ପସନ୍ଦ କରାଯାଇଥିଲା ।

କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡର ଦୁଇତିନି ଜଣ ସଦସ୍ୟଙ୍କର ଡ. ରାଧାକୃଷ୍ଣନଙ୍କୁ ରାଷ୍ଟ୍ରପତି ପଦରେ ଆଉ ବେଶି ସମୟ ରଖିବାକୁ ଇଚ୍ଛା ଥିଲା, କାରଣ ଡ. ରାଧାକୃଷ୍ଣନ କୁଶଳତା ସହକାରେ କାମ କରି ଭଲ ଖ୍ୟାତି ଅର୍ଜନ କରିଥିଲେ । କିନ୍ତୁ ଅଧିକାଂଶ ସଦସ୍ୟ ଜାକିର ସାହେବଙ୍କୁ ରାଷ୍ଟ୍ରପତି କରିବା ସପକ୍ଷରେ ଥିଲେ, ତେଣୁ ସମ୍ମତିକ୍ରମେ ତାଙ୍କୁ ରାଷ୍ଟ୍ରପତି କରିବା ନିଷ୍ପତ୍ତି ହୋଇଗଲା । ବିରୋଧି ଦଳରୁ କେତେକ ଏହାର ବିରୋଧ କରିଥିଲେ ଓ ସେଥିରେ କିଛି ଜାତି କଥା ବି ଉଠିଥିଲା । କିନ୍ତୁ ଏ ବିରୋଧ ନଗଣ୍ୟ ଥିଲା ଓ ଜାକିର ସାହେବ ଭଲ ବହୁମତରେ ରାଷ୍ଟ୍ରପତି ନିର୍ବାଚିତ ହେଲେ ।

ଦେଶର କିଛି ଭାଗରେ, ବିଶେଷତଃ ବଙ୍ଗଳା ଓ କେରଳରେ ଓ କଂଗ୍ରେସ ଭିତରେ ବି, ଯାହା ଚାଲିଥିଲା ତଥା ମତଭେଦ ଦେଖା ଦେଉଥିଲା ସେଥିରେ ଡାକ୍ତର ସାହେବଙ୍କୁ ବହୁତ ଦୁଃଖ ହେଉଥିଲା । ସେ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ କରିବାକୁ ଗଲି, ସେତେବେଳେ କଥାବାର୍ତ୍ତା ବେଶ ସ୍ନେହ ପୂର୍ଣ୍ଣ ହୋଇଥିଲା । ସେ ମତେ କହିଲେ କି ଆପଣ ତ ମୋ ବଡଭାଇ ଅଟନ୍ତି । ମୁଁ କହିଲି ରାଷ୍ଟ୍ରପତି ହୋଇଥିବାରୁ ଆପଣ ଆମ ସମସ୍ତଙ୍କଠାରୁ ବଡ ଅଟନ୍ତି । ମୁଁ ଯେତେବେଳେ ତାଙ୍କ ସହିତ ସାକ୍ଷାତ କରୁଥିଲି ସେ ଦେଶର କୌଣସି ନା କୌଣସି ପରିସ୍ଥିତି ବିଷୟରେ ଚିନ୍ତାଗ୍ରସ୍ତ ଥିଲେ । ମୃତ୍ୟୁର କିଛିଦିନ ଆଗରୁ ମୁଁ ଯେତେବେଳେ ତାଙ୍କ ସହିତ ସାକ୍ଷାତ କରିଥିଲି, ତାଙ୍କ କଥାରୁ ଜଣାପଡିଲା ଯେ ସେ ଦେଶର ସେତେବେଳର ସ୍ଥିତି ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଏକଥା ମୁଁ ଜାଣିଛି ଯେ ଦେଶର ସ୍ଥିତିରେ ସେ ଦୁଃଖୀ ଥିଲେ ଓ ଗୋଟିଏ ମାର୍ମିକ କଥା ମତେ କହିଲେ । କଥାଟି ହେଲା ଯେ ଯେତେବେଳେ ସେ ଦେଶର ସ୍ଥିତି ପ୍ରତି ଚିନ୍ତା ବ୍ୟକ୍ତ

Digitized by srujanika@gmail.com

କରୁଥିଲେ, ପ୍ରଧାନମନ୍ତ୍ରୀ କହୁଥିଲେ ଯେ ସେଥିରେ ଚିନ୍ତା କରିବାର କୌଣସି କାରଣ ନାହିଁ । ସେ ଦୁଃଖର ସହିତ ମତେ କହିଲେ ଯେ ଦେଶର ସ୍ଥିତି ଏପରି ଚିନ୍ତାଜନକ ଅଟେ କିନ୍ତୁ ପ୍ରଧାନମନ୍ତ୍ରୀ ସେଥିରେ ଚିନ୍ତାର କୌଣସି କାରଣ ଦେଖୁ ନାହାନ୍ତି । ସେ ବଡ ସଜ୍ଜନ ଥିଲେ ତେଣୁ କିଛି ଅଧିକ ସୂଚକ କଥା କହିପାରୁ ନଥିଲେ କିନ୍ତୁ ଦେଶର ସ୍ଥିତିରେ ସେ ବଡ ଚିନ୍ତିତ ଓ ଭୟଭୀତ ରହୁଥିଲେ ଏପରି ମତେ ସ୍ପଷ୍ଟ ପ୍ରତୀତ ହେଲା ।

ବିଦେଶରେ ଯେଉଁଆଡେ ଯାଇଥିଲେ, ସେଠାରେ ତାଙ୍କ ବ୍ୟକ୍ତିତ୍ୱର ଭଲ ପ୍ରଭାବ ପଡିଥିଲା । ରାଷ୍ଟ୍ରପତି ପଦର ଶୋଭା ସେ ବଢାଇ ଥିଲେ କହିଲେ ଅତିଶୟୋକ୍ତି ହେବ ନାହିଁ । ସେଥିପାଇଁ ତାଙ୍କ ମୃତ୍ୟୁରେ ସାରା ଦେଶକୁ ବଡ ଧକ୍କା ଲାଗିଥିଲା ।

ତାଙ୍କ ମୃତ୍ୟୁ ପରେ ତାଙ୍କର ଶ୍ମଶାନ ଯାତ୍ରା ଓ ଅନ୍ତିମ କ୍ରିୟା ଶେଷ ହୋଇଯିବା ପରେ; ସେଇ ଦିନ ସନ୍ଧ୍ୟା ବା ପରଦିନ -- ମୋର ଠିକ୍ ମନେ ନାହିଁ -- ପ୍ରଧାନମନ୍ତ୍ରୀ ମତେ ଡକାଇଥିଲେ । ମୁଁ ସାଙ୍ଗେ ସାଙ୍ଗେ ତାଙ୍କୁ ସାକ୍ଷାତ କରିବାକୁ ଗଲି । ସେ ଭାବନା ବ୍ୟକ୍ତ କଲେ ଯେ ରାଷ୍ଟ୍ରପତିଙ୍କ ଆକସ୍ମିକ ନିଧନରେ ଓ ଏପରି ପ୍ରଭାବଶାଳୀ ରାଷ୍ଟ୍ରପତି ନ ରହିବାରୁ ତାଙ୍କୁ ବିଶେଷ ଧକ୍କା ଲାଗିଛି । ଏହାପରେ ରାଷ୍ଟ୍ରପତିଙ୍କ ବିଷୟରେ କଥା ଆରମ୍ଭ କରି କହିଲେ, ''ଏହା ଗୋଟିଏ ପ୍ରଶ୍ନ ଯେ କ'ଣ କରିବା ଉଚିତ ଓ ରାଷ୍ଟ୍ରପତି ପଦ ପାଇଁ କାହାକୁ ପସନ୍ଦ କରାଯିବ ?'' ମୁଁ କହିଲି, ''ଆଜିଯାଏ ଆମ ତିନି ରାଷ୍ଟ୍ରପତି ବହୁତ ପ୍ରଭାବଶାଳୀ ଓ ଉପଯୋଗୀ ରହିଛନ୍ତି । ଏହା ଆମର ସୌଭାଗ୍ୟ ଯେ ଏପରି ରାଷ୍ଟ୍ରପତି ମିଳିଥିଲେ କାରଣ ଏ ତିନିଜଣ ରାଷ୍ଟ୍ରପତି ପଦକୁ ଶୋଭାନ୍ୱିତ କରିଥିଲେ । ଏପରି ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଆମେ ରାଷ୍ଟ୍ରପତି ପଦ ପାଇଁ ବାଛିବା ଉଚିତ । ମୋ ଧ୍ୟାନରେ ତ ଏପରି କୌଣସି ବ୍ୟକ୍ତି ନାହାନ୍ତି କିନ୍ତୁ ଏକଥା ମନେ ରଖିବା ଉଚିତ ଯେ ପରମ୍ପରା ଜାରି ରହେ ଓ ଯାହାଙ୍କୁ ବି ଆମେ ରାଷ୍ଟ୍ରପତି କରିବା ସେ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ ଭଲ । ଏହି ଦୃଷ୍ଟିରୁ ଆପଣଙ୍କୁ ଭାବିବା ଉଚିତ ।''

ସେ ପଚାରିଲେ, ''ଶ୍ରୀ ଭି.ଭି. ଗିରିଙ୍କୁ ଏ ପଦରେ ନିର୍ବାଚନ କଲେ ଆପଣଙ୍କର ଆପତ୍ତି ଅଛି କି ?'' ମୁଁ କହିଲି, ''ମୋ ବିରୋଧ କରିବାର କୌଣସି ବିଶେଷ ପ୍ରଶ୍ନ ନାହିଁ । କିନ୍ତୁ ଆପଣତ ବାରମ୍ବାର କହୁଥିଲେ ଯେ ସେ ଉପରାଷ୍ଟ୍ରପତି ଥିବାବେଳେ ଆପଣ ସନ୍ତୁଷ୍ଟ ନ ଥିଲେ । ଉପରାଷ୍ଟ୍ରପତି ପାଇଁ ଯେତେବେଳେ ତାଙ୍କ ନାମ ପ୍ରସ୍ତାବ କରାଗଲା ସେତେବେଳେ ତାଙ୍କୁ ଉପରାଷ୍ଟ୍ରପତି କରିବା ଆପଣଙ୍କ ପସନ୍ଦ ନଥିଲା ଓ ଏକଥା ମଧ୍ୟ ଆପଣ କହିଥିଲେ ଯେ ସେ ରାଷ୍ଟ୍ରପତି ହେଲେ କାମ ଚଳିବ ନାହିଁ । ସେତେବେଳେ ମୁଁ ଆପଣଙ୍କୁ କହିଥିଲି ଯେ ଉପରାଷ୍ଟ୍ରପତିଙ୍କୁ ହିଁ ରାଷ୍ଟ୍ରପତି କରିବା କୌଣସି ନିୟମ ନାହିଁ । ଏକଥା ଆପଣ ମାନନ୍ତି ଓ ମୁଁ ମଧ୍ୟ ମାନେ ଯେ ଉପରାଷ୍ଟ୍ରପତିଙ୍କୁ ହିଁ ରାଷ୍ଟ୍ରପତି କରାଯିବା ପରମ୍ପରା ତିଆରି କରିବା ଉଚିତ ନୁହେଁ । ଏପରି ଅବସ୍ଥାରେ ଶ୍ରୀ ଗିରିଙ୍କୁ ରାଷ୍ଟ୍ରପତି ପଦ ପାଇଁ ମୁଁ ପସନ୍ଦ କରି ନପାରେ ।'' ଏ କଥା ମଧ୍ୟ ମୁଁ ତାଙ୍କୁ କହିଲି ଯେ, ''ସେ ସପରିବାରେ ବୁଲିବାକୁ ଭଲ ପାଆନ୍ତି ଓ ଘରର ସବୁ ଲୋକଙ୍କୁ ସାଙ୍ଗରେ ନେଇ ବୁଲିବାକୁ ଯାଆନ୍ତି, ଯାହାର ବହୁତ ସମାଲୋଚନା ହେଉଛି । ତାଙ୍କୁ ରାଷ୍ଟ୍ରପତି କରିବାରେ ଏହା ଏକ ପ୍ରତିବନ୍ଧକ ଅଟେ ।''

ପରେ ମୁଁ କହିଲି, ''ଏ ବର୍ଷ ଗାନ୍ଧିଜୀଙ୍କର ଶତାବ୍ଦୀ ବର୍ଷ ଅଟେ । ତେଣୁ କେତେ ଲୋକ ପ୍ରସ୍ତାବ ଦେଇପାରନ୍ତି ଯେ କୌଣସି ହରିଜନଙ୍କୁ ରାଷ୍ଟ୍ରପତି କରିବା ଉଚିତ । କିନ୍ତୁ ବର୍ତ୍ତମାନ ଆମ ପାଖରେ କେବଳ ଦୁଇଟି ନାମ ଅଛି ଓ କୌଣସି ତୃତୀୟ ନାମ ନଜରରେ ନାହିଁ । ଏମାନେ ହେଲେ ଶ୍ରୀ ଜଗଜୀବନ ରାମ ଓ ଶ୍ରୀ ସଞ୍ଜୀବାୟା ।'' ଏମାନଙ୍କ ମଧ୍ୟରୁ ଶ୍ରୀ ଜଗଜୀବନ ରାମ ଦଶବର୍ଷ ପର୍ଯ୍ୟନ୍ତ ନା ଆୟକର ଫର୍ମ ପୂରଣ କରିଥିଲେ ନା ସମ୍ପତ୍ତି କର ଫର୍ମ । ତେଣୁ ମୁଁ କହିଲି, ''ପସନ୍ଦ କରିବା ସମୟରେ ଏକଥା ମଧ୍ୟ ବିଚାର କରିବା ଉଚିତ । ଶ୍ରୀ

Digitized by srujanika@gmail.com

ସଞ୍ଜୀଭାୟାଙ୍କ ବୟସ ବର୍ତ୍ତମାନ କମ୍ ଅଛି । ଏତେ ଶୀଘ୍ର ରାଷ୍ଟ୍ରପତି ହେଲେ, ଏ ପଦରୁ ଅବସର ନେବା ପରେ ସେ ଆଉ କୌଣସି କାମ କରିପାରିବେ ନାହିଁ । ଏଥିରେ ତାଙ୍କୁ ଅସୁବିଧା ହୋଇପାରେ । ଏକଥା ଠିକ୍ ଯେ ତାଙ୍କର ବ୍ୟକ୍ତିତ୍ୱରେ କିଛି ଅଯୋଗ୍ୟତା ନାହିଁ ଓ ବ୍ୟକ୍ତିଗତ ରୂପେ ସେ ମୋର ବନ୍ଧୁ କିନ୍ତୁ ଜାତୀୟ ସ୍ତରରେ ଉଚ୍ଚ ସ୍ଥାନ ନ ହେଲେ ଏ ପଦ ପାଇଁ ପସନ୍ଦ କରିବାରେ ଅସୁବିଧା ହୋଇପାରେ । ଏମାନଙ୍କ ଛଡା ଅନ୍ୟ କୌଣସି ପ୍ରସ୍ତାବ ମୁଁ ଦେଇପାରୁ ନାହିଁ ।''

ସାଥିମାନଙ୍କର ମତଥିଲା ଯେ ଦକ୍ଷିଣରୁ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ପଦ ପାଇଁ ପସନ୍ଦ କରିବା ଉଚିତ । ସେଥିପାଇଁ କେତେକ ସହକର୍ମୀ ଶ୍ରୀ ସଂଜୀବ ରେଡ୍ଡୀଙ୍କ ନାମ ପ୍ରସ୍ତାବ କଲେ । ସେତେବେଳେ ସେ ଲୋକସଭାରେ ଅଧ୍ୟକ୍ଷ ଥିଲେ କିନ୍ତୁ ତାଙ୍କ କାମରେ ପ୍ରଧାନମନ୍ତ୍ରୀ ଅସନ୍ତୁଷ୍ଟ ଥିଲେ ଓ ମୋ ଆଗରେ କେତେଥର ସେ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରିଥିଲେ ।

ଏହାର କିଛି ଦିନ ପରେ ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ତାଙ୍କ କାର୍ଯ୍ୟାଳୟ ଗଲି ସେ କହିଲେ ଯେ ଶ୍ରୀ ଜଗଜ୍ଜୀବନ ରାମ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ନ ହେବାକୁ ଚାହାନ୍ତି । ଏପରି ସେ କହିଛନ୍ତି ଓ ସମ୍ବାଦପତ୍ରରେ ମଧ୍ୟ ଏପରି ଖବର ବାହାରିଛି । ମୁଁ କହିଲି କି, ''ଶ୍ରୀ ଜଗଜ୍ଜୀବନ ରାମ ବୋଧ ହୁଏ ବିଶେଷ ଆଗ୍ରହ ପାଇଁ ଆଶା ରଖିଥିବେ କିନ୍ତୁ ଆୟକର ବିଷୟ ତାଙ୍କର ରାଷ୍ଟ୍ରପତି ହେବାରେ ପ୍ରତିବନ୍ଧକ ହୋଇଛି ।'' ଖବରକାଗଜରେ ବାହାରିଥିଲା ଯେ ପ୍ରଧାନମନ୍ତ୍ରୀ ଶ୍ରୀ ଭି. ଭି. ଗିରିଙ୍କୁ ରାଷ୍ଟ୍ରପତି କରିବା ସପକ୍ଷରେ ଅଛନ୍ତି ଓ ତାଙ୍କର ଆଗ୍ରହ ଯେ ତାଙ୍କ ପସନ୍ଦ ବ୍ୟକ୍ତିଙ୍କୁ ହିଁ ରାଷ୍ଟ୍ରପତି କରାଯିବା ଉଚିତ । ଶ୍ରୀ କାମରାଜଙ୍କଠାରୁ ହିଁ ମୁଁ ଜାଣିଲି ଯେ ସେ ଆଗରୁ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ ଓ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ନାମ ଉଠାଇବା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ କି, ''ତାଙ୍କ ନାମ ମୁଁ ପ୍ରସ୍ତାବ କରି ନାହିଁ । ତଥାପି ତାଙ୍କ ପାଇଁ ମୋର କିଛି ଆପତ୍ତି ନାହିଁ ?'' କିନ୍ତୁ ପରେ ସେ ମତେ କହିଲେ କି, ''ସଞ୍ଜୀବ ରେଡ୍ଡୀ ରାଷ୍ଟ୍ରପତି ହେଲେ ସରକାରଙ୍କ ପାଇଁ ଅସୁବିଧା ଉତ୍ପନ୍ନ କରିବେ ।'' ମୁଁ କହିଲି, ''ରାଷ୍ଟ୍ରପତି ତ ସମ୍ବିଧାନିକ ରାଷ୍ଟ୍ରପତି ଅଟନ୍ତି, ସେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ କାମ କରିବାକୁ ବାଧ୍ୟ ଅଟନ୍ତି । ଏଣୁ ଏ ଭୟ ଅକାରଣ ଅଟେ ।'' ମୁଁ ପୁଣି କହିଲି କି ସହକର୍ମୀମାନଙ୍କ ସହିତ ଏ ବିଷୟ ବିଚାର କରିନେବା ଉଚିତ ଓ ଅନୌପଚାରିକ ଚର୍ଚ୍ଚା କରି ସର୍ବସମ୍ମତି କ୍ରମେ ପସନ୍ଦ କରାଗଲେ ଭଲ ହେବ । ଯଦି କୌଣସି ବ୍ୟକ୍ତି ସର୍ବସମ୍ମତି ନପାଆନ୍ତି ତେବେ ବହୁମତ ଦ୍ୱାରା ପସନ୍ଦ କରି ରାଷ୍ଟ୍ରପତି କରାଗଲେ ଠିକ୍ ହେବ । ଅତଃ ମୋ ମତରେ ଏହା ଜରୁରୀ ଓ ଉଚିତ ହେବ ଯେ ଆପଣ ପ୍ରଥମେ ସହକର୍ମୀଙ୍କ ସହିତ ଅନୌପଚାରିକ ଭାବେ ଚର୍ଚ୍ଚା କରି ନିଅନ୍ତୁ ।'' ସେତେବେଳେ ସେ ଆଉ କିଛି କହିଲେ ନାହିଁ ଓ କଥାବାର୍ତ୍ତା ଶେଷ ହେଲା ।

ଏହାପରେ ମୁଁ ଯେତେବେଳେ ତୃତୀୟ ଥର ତାଙ୍କୁ ଭେଟିଲି । ସେ କହିଲେ, ''ଶ୍ରୀ ଜଗଜ୍ଜୀବନ ରାମ ରାଷ୍ଟ୍ରପତି ହେବାକୁ ପ୍ରସ୍ତୁତ ଅଛନ୍ତି ।'' ମୁଁ କହିଲି, ''ମୁଁ ତାଙ୍କ ନାମ ସମର୍ଥନ କରିପାରିବି ନାହିଁ । ମୋ ଖିଆଲରେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ପକ୍ଷରେ ଆମର ଅଧିକ ସହକର୍ମୀ ଅଛନ୍ତି । ମୋର ଆଉ କାହାରି ନାମ ପ୍ରସ୍ତାବ କରିବାର ନାହିଁ ।'' ଏଥର ମଧ୍ୟ ସାଥୀମାନଙ୍କ ସହିତ ଅନୌପଚାରିକ ଭାବେ କଥାବାର୍ତ୍ତା କରିବାକୁ କହିଲି, ସେ ଏପରି କରିବାକୁ ମନା ତ କଲେ ନାହିଁ କିନ୍ତୁ ଏଥିରେ କୌଣସି ବିଶେଷ ଆଗ୍ରହ ଦେଖାଇଲେ ନାହିଁ । ମତେ ସେ ଏକଥା ବି ପଚାରିଲେ, ''ଏ ପସନ୍ଦ କରିବା କାମ କାହାର ?'' ସେ ଏକଥା ପଚାରିଲେ ଅବଶ୍ୟ, କିନ୍ତୁ ସେ ସ୍ୱୟଂ ଜାଣିଥିଲେ ଯେ ଏ କାମ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡର ଅଟେ । ୧୯୫୭ ଓ ୧୯୬୨ରେ ଏହି ବୋର୍ଡ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ମନୋନୟନ କରିଥିଲେ । ଏତିକି ନୁହେଁ ୧୯୬୭ରେ ମଧ୍ୟ ଏହି ବିଧି ପାଳନ କରାଯାଇଥିଲା । ମୁଁ ତାଙ୍କୁ କହିଲି, ''ପାର୍ଲାମେଣ୍ଟାରୀ ବୋର୍ଡର ଅଧିକାର ଅଛି ।''

Digitized by srujanika@gmail.com

ଏହାପରେ ସେ ଆଉ କିଛି କହିଲେ ନାହିଁ । ସମ୍ବାଦପତ୍ରରେ ପ୍ରଚାର ଚାଲୁଥାଏ । ସେଥିରେ ଶ୍ରୀ ଗିରି ଓ ଶ୍ରୀ ଜଗଜ୍ଜୀବନ ରାମଙ୍କ ବିଷୟରେ ବାରମ୍ବାର କୁହାଯାଉଥିଲା ଯେ ପ୍ରଧାନମନ୍ତ୍ରୀ ଯାହାଙ୍କୁ ଚାହିଁବେ ତାଙ୍କୁ ରାଷ୍ଟ୍ରପତି କରିବା ଉଚିତ କାରଣ ତାଙ୍କୁ ହିଁ ରାଷ୍ଟ୍ରପତିଙ୍କ ସହିତ କାମ କରିବାକୁ ପଡେ । କିନ୍ତୁ ଏକଥା ଠିକ୍ ନଥିଲା କାରଣ ପ୍ରଧାନମନ୍ତ୍ରୀଙ୍କୁ ବଦଳାଇ ଦିଆଯାଇପାରେ କିନ୍ତୁ ରାଷ୍ଟ୍ରପତିଙ୍କୁ, ତାଙ୍କ କାର୍ଯ୍ୟକାଳ ମଧ୍ୟରେ, କେହି ବଦଳାଇ ପାରିବେ ନାହିଁ ଓ ରାଷ୍ଟ୍ରପତି ଯିଏ ହୁଅନ୍ତୁ ନା କାହିଁକି ତାଙ୍କୁ ସମ୍ବିଧାନ ଅନ୍ତର୍ଗତ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଚଳିବାକୁ ପଡେ ।

ଗାନ୍ଧୀ-ଶତାବ୍ଦ-ସମିତି ଭାରତ ଛଡା ଅନ୍ୟ ଦେଶରେ ମଧ୍ୟ ତିଆରି ହୋଇଥିଲା । ପଶ୍ଚିମ ଜର୍ମାନୀରେ ମଧ୍ୟ ଏହା ଗଠନ ହୋଇଥିଲା ଓ ପଶ୍ଚିମ ଜର୍ମାନୀର ଚାନ୍ସଲର ଶ୍ରୀ କିସିଂଜର ଏହାର ଅଧ୍ୟକ୍ଷ ଥିଲେ । ତାଙ୍କ ତରଫରୁ ମତେ ସେଠାକୁ ଯାଇ ଗାନ୍ଧୀ ଶତାବ୍ଦୀ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଆମନ୍ତ୍ରଣ କରାଯାଇଥିଲା । ତା' ସହିତ, ଭାରତ ସହିତ ପଶ୍ଚିମ ଜର୍ମାନୀର ସମ୍ବନ୍ଧ ଉପରେ କଥାବାର୍ତ୍ତା କରିବାକୁ ଆମନ୍ତ୍ରଣ ମଧ୍ୟ ଦିଆଯାଇଥିଲା । ଅତଃ ଜୁଲାଇ ଆରମ୍ଭରେ ମୁଁ ପଶ୍ଚିମ ଜର୍ମାନୀ ଗଲି । ପ୍ରଥମେ ଫ୍ରାଙ୍କଫର୍ଟ ଗଲି ଓ ସେଠାରୁ ବ'ନ ଗଲି । ବ'ନରେ ସେଠାର ଚାନ୍ସଲର, ଭାଇସ ଚାନ୍ସଲର ଶ୍ରୀ ବ୍ରାଣ୍ଟ ଓ ଶ୍ରୀ ଶୀଲ ଆଦିଙ୍କ ସହିତ ମୋର ପଶ୍ଚିମ ଜର୍ମାନୀର ରାଜନୀତି, ଔଦ୍ୟୋଗିକ ବିକାଶ ଇତ୍ୟାଦି ବିଷୟରେ ମିତ୍ରତା ପୂର୍ଣ୍ଣ ଓ ଉପଯୋଗୀ କଥାବାର୍ତ୍ତା ହେଲା । ଶ୍ରୀ କିସିଂଜର ନିର୍ବାଚନ ସଭାକୁ ଯାଇଥିବାରୁ ସମିତିର ଉଦ୍‌ଘାଟନ ସମାରୋହରେ ଯୋଗ ଦେଇପାରିଲେ ନାହିଁ । ଏଥିପାଇଁ ସେ ଦୁଃଖ ପ୍ରକାଶ କରିଲେ । ଭାଇସ୍ ଚାନ୍ସଲର ଶ୍ରୀ ବ୍ରାଣ୍ଟଙ୍କର ଜିତିବାର ପୂରା ସମ୍ଭାବନା ଥିଲା । ଏଥିରେ ଜିତିବା ପରେ ଚାନ୍ସଲର ହୋଇପାରିଥାନ୍ତେ ।

ବ'ନରୁ ମୁଁ ହମ୍ବର୍ଗ ଗଲି । ଅନ୍ୟ ଗୋଟିଏ ଦୁଇଟି ସ୍ଥାନ ଓ ସେଠାର ପ୍ରଗତି ତଥା ଉଦ୍ୟୋଗ ସ୍ଥାନ ଦେଖିବାକୁ ଗଲି । ''ଭୋଲ୍ସୱ୍ୟାଗନ୍'' ଗାଡି ତିଆରି କାରଖାନା ଦେଖିଲି । ସେ କାରଖାନାର ସଂଚାଳନ ବହୁତ ଉତ୍ତମ ଢଙ୍ଗରେ କରାଯାଉଥିଲା । ଏହାର କାର୍ଯ୍ୟ ମତେ ବହୁତ କୁଶଳତା ପୂର୍ଣ୍ଣ ଜଣାପଡିଲା । ଏଇଭଳି ଛୋଟ ମୋଟର ଗାଡି ଭାରତରେ ତିଆରି କରିବା ପାଇଁ ଯଥା ସମ୍ଭବ ପୂରା ସହାୟତା ପ୍ରଦାନ କରିବାକୁ ପଶ୍ଚିମ ଜର୍ମାନୀ ସରକାର ଇଚ୍ଛା ପ୍ରକଟ କରିଥିଲେ । ସେଠାରୁ ମୁଁ ବ'ନ ଫେରି ଆସିଲି । ଶେଷ ଦିନ ଟ୍ରେଡ ସେଣ୍ଟର ଓ ଇନ୍‌ଭେଷ୍ଟମେଣ୍ଟ ସେଣ୍ଟର ଥିବା ଫ୍ରାଙ୍କଫର୍ଟ ସହରରେ ଗାନ୍ଧୀ ଶତାବ୍ଦୀର ଉଦ୍‌ଘାଟନ ସଭାରେ, ଯେଉଁଠାରେ ସେଠାର ପ୍ରତିଷ୍ଠିତ ବ୍ୟକ୍ତି ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ, ଗାନ୍ଧିଜୀଙ୍କ ବିଷୟରେ ମୁଁ ଭାଷଣ ଦେଲି । ଶ୍ରୋତାମାନଙ୍କ ଉପରେ ଏହାର ଉତ୍ତମ ପ୍ରଭାବ ପଡିଲା । ଏ ଭାଷଣ ମହତ୍ତ୍ୱପୂର୍ଣ୍ଣ ଥିଲା ଓ ସମ୍ବାଦପତ୍ରମାନଙ୍କରେ ଏହାକୁ ବଡ ମହତ୍ତ୍ୱ ଦିଆଯାଇଥିଲା ।

ଜର୍ମାନୀରୁ ମୁଁ ଫେରି ବମ୍ବେ ଆସିଲି ଓ ବମ୍ବେରୁ ବିମାନ ଯୋଗେ ସିଧା ବାଙ୍ଗାଲୋରରେ ଜୁଲାଇ ୯ ତାରିଖ ଦିନ ପହଞ୍ଚିଲି । ସେଠାରେ କଂଗ୍ରେସ ମହାସମିତି ଓ କାର୍ଯ୍ୟ ସମିତିର ବୈଠକ ରଖାଯାଇଥିଲା । ପୂର୍ବ ମାସରେ ଦିଲ୍ଲୀରେ ପାର୍ଲାମେଣ୍ଟାରୀ ବୋର୍ଡର ବୈଠକରେ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ବାଛିବା ଓ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଉପରେ, ବାଙ୍ଗାଲୋରରେ ବିଚାର କରିବା ନିଶ୍ଚୟ ହୋଇଥିଲା । ୯ ତାରିଖ ସନ୍ଧ୍ୟାରେ ହିଁ କାର୍ଯ୍ୟ ସମିତିରେ ଏହାର ବିଚାର ହେବାର ଥିଲା । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶ ମିଳିଲା ଯେ ଅସୁସ୍ଥତା ଯୋଗୁ ସେ ସେଦିନ ଆସିପାରିବେ ନାହିଁ । ପରଦିନ ସେ ଆସିଲେ । କିନ୍ତୁ ଆସିବା ପୂର୍ବରୁ ସେ ଆର୍ଥିକ ପ୍ରଶ୍ନ ଉପରେ ଏକ 'ବକ୍ତବ୍ୟ' ପଠାଇ ଦେଇଥିଲେ ଯାହା ଶେଷରେ ଲେଖାଥିଲା, ''ମୁଁ ଏ ବିଚାର ଜଲ୍‌ଦିରେ ଲେଖିଛି ।'' ପରଦିନ କାର୍ଯ୍ୟ ସମିତିରେ ଏହା ଉପରେ ଚର୍ଚ୍ଚା ହେଲା । ସେଥିରେ ବିଶେଷ କିଛି ନୂଆ କଥା ନଥିଲା । କଂଗ୍ରେସ କାର୍ଯ୍ୟକ୍ରମ

Digitized by srujanika@gmail.com

ଅନୁସାରେ ଯେଉଁ ବି କାମ ପ୍ରଥମରୁ ହେଉଥିଲା ସେଥିରୁ କିଛି ବିଷୟରେ ତଥା ବ୍ୟାଙ୍କ ରାଷ୍ଟ୍ରୀୟକରଣ ବିଷୟରେ ତାଙ୍କର ବିଚାର ଲେଖା ହୋଇଥିଲା । କିଛି ଲୋକ ବ୍ୟାଙ୍କର ସାମାଜିକ ନିୟନ୍ତ୍ରଣରେ ସନ୍ତୁଷ୍ଟ ନାହାନ୍ତି ଓ ସେମାନଙ୍କ ବ୍ୟାଙ୍କ ରାଷ୍ଟ୍ରୀୟକରଣ ଚାହାନ୍ତି କହି ଗୋଟିଏ ପ୍ରସ୍ତାବ ଦେଇଥିଲେ ଯେ ପାଞ୍ଚ ଛ' ବଡ ବଡ ବ୍ୟାଙ୍କକୁ ରାଷ୍ଟ୍ରୀୟକରଣ କରାଯାଉ ବା ସାମାଜିକ ନିୟନ୍ତ୍ରଣ ଦ୍ୱାରା ବ୍ୟାଙ୍କମାନଙ୍କରୁ ସାର୍ବଜନିକ ଉଦ୍ୟୋଗମାନଙ୍କ ପାଇଁ ଅଧିକ ଅର୍ଥ ଦିଆଯାଉ । ଏହା ବି ଏକ ବିଚିତ୍ର କଥା ଯେ ଏ ବକ୍ତବ୍ୟ କଂଗ୍ରେସ ଅଧ୍ୟକ୍ଷଙ୍କୁ ନ ପଠାଇ ଶ୍ରୀ ଫକୀରୁଦ୍ଦୀନ ଅଲ୍ଲୀ ଅହମ୍ମଦ ଦ୍ୱାରା ପଠାଯାଇଥିଲା । ଏହାର କିଛି ଆଲୋଚନା ମଧ୍ୟ ହେଲା । ଏହା ଉପରେ ବିଚାର କରିବାର ବେଶି ସମୟ ରାଷ୍ଟ୍ରୀୟକରଣ ଚର୍ଚ୍ଚାରେ ଗଲା । କେତେକ ସଦସ୍ୟ ରାଷ୍ଟ୍ରୀୟକରଣକୁ ଜୋରଦାର ସମର୍ଥନ କଲେ । ପ୍ରଧାନମନ୍ତ୍ରୀ ମଧ୍ୟ ଏହାର ସମର୍ଥନ କଲେ । ଏହାର ବିରୁଦ୍ଧରେ ମୁଁ ତଥା ଜଣେ ଦି'ଜଣ ସଦସ୍ୟ କହିଲୁ ଯେ ସାମାଜିକ ନିୟନ୍ତ୍ରଣ ପାଇଁ ନିଷ୍ପତ୍ତି ଏବେ ମାତ୍ର କରାଯାଇଛି ଓ ମୁଁ ଏ ନିର୍ଣ୍ଣୟ କରିଛି ଯେ ବର୍ଷେ ଦି'ବର୍ଷ ପର୍ଯ୍ୟନ୍ତ ଏହାକୁ ପ୍ରୟୋଗ କରି ଯଦି ଏହା ସଫଳ ନହୁଏ ତେବେ ରାଷ୍ଟ୍ରୀୟକରଣ ପାଇଁ ପଦକ୍ଷେପ ନିଆଯିବ । ତେଣୁ ବର୍ତ୍ତମାନ ରାଷ୍ଟ୍ରୀୟକରଣ କରିବା ଠିକ୍ ହେବ ନାହିଁ ଓ ସେଥିରେ କ୍ଷତି ହେବ ।

ଏ ଚର୍ଚ୍ଚାରେ ସମସ୍ତେ ଏକମତ ନ ହେବାରୁ ଶ୍ରୀ ଚୌହ୍ୱାନ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ କଂଗ୍ରେସ ମହା ସମିତିରେ ଉପସ୍ଥାପନ କରିବା ପ୍ରସ୍ତାବ ରଖିଲେ ଓ ଗୋଟିଏ ଆପୋଷ ବୁଝାମଣା ପ୍ରସ୍ତାବ ପ୍ରସ୍ତୁତ କଲେ ଯାହା ଉପରେ ସର୍ବସମ୍ମତ ହୋଇପାରିବ । ଏ ପ୍ରସ୍ତାବକୁ କଂଗ୍ରେସ ମହାସମିତିରେ ମୁଁ ପେଶ କରିବା ଉଚିତ ବୋଲି କେତେକ ସଦସ୍ୟ ପ୍ରସ୍ତାବ ଦେଲେ ଓ ସମସ୍ତେ ଏହାକୁ ମଞ୍ଜୁର କଲେ । ତେଣୁ ମୁଁ ମଧ୍ୟ ଏ ପ୍ରସ୍ତାବ ସ୍ୱୀକାର କଲି ।

କଂଗ୍ରେସ ମହାସମିତିରେ ସେହି ଅନୁସାରେ ପ୍ରସ୍ତାବ ପେଶ କରିବା ବେଳେ, ପ୍ରଧାନମନ୍ତ୍ରୀଙ୍କ 'ବକ୍ତବ୍ୟ'ରେ ଦିଆଯାଇଥିବା ପ୍ରସ୍ତାବ ସବୁ ମୁଁ ବତାଇଲି ଓ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରେ କୁହାଯାଇଥିବା କିଛି ବିଚାର ଜଲ୍‌ଦିରେ ଲେଖାଯାଇଛି ଅଂଶକୁ କାଟି ଦେବାକୁ ପ୍ରସ୍ତାବ ଦେଲି । କେବଳ ଏତିକି ପରିବର୍ତ୍ତନ ସେଥିରେ କରାଯାଇଥିଲା । ଶ୍ରୀ ଚୌହ୍ୱାନ ଏହା ଅନୁମୋଦନ କଲେ । ପ୍ରସ୍ତାବ ପେଶ କରି ମୁଁ କହିଲି ରାଷ୍ଟ୍ରୀୟକରଣ ସିଦ୍ଧାନ୍ତକୁ ଆମେ ସ୍ୱୀକାର ତ କରିଛୁ ପରନ୍ତୁ ରାଷ୍ଟ୍ରୀୟକରଣ କେବେ କରାଯିବ ଏହାର ନିର୍ଣ୍ଣୟ କାର୍ଯ୍ୟ ସମିତିକୁ ହିଁ ପରିସ୍ଥିତିର ସମ୍ପୂର୍ଣ୍ଣ ବିଚାର କରି କରିବା ଉଚିତ ! ସବୁଠାରୁ ମହତ୍ତ୍ୱ କଥା ହେଲା ଯେ ଆମେ ସମସ୍ତେ ମିଳିମିଶି କାମ କରିଛୁ !

ଏ ପ୍ରସ୍ତାବ ଉପରେ ବହୁତ ଯୁକ୍ତିତର୍କ ହେଲା ଓ ଅନେକ ସଂଶୋଧନ ମଧ୍ୟ ପ୍ରସ୍ତାବ କରାଗଲା ଗୋଟିଏ ସଂଶୋଧନ ରାଷ୍ଟ୍ରୀୟକରଣ ବିଷୟରେ ଥିଲା । ଶେଷରେ ମୁଁ ଆଲୋଚନାର ଜବାବ ଦେଲି ଓ ନିଜର ଦୃଷ୍ଟିକୋଣ ବୁଝାଇଲି । ଭାଷଣ ଶେଷରେ ମୁଁ ସବୁ ସଂଶୋଧନ ପ୍ରସ୍ତାବକଙ୍କୁ ପ୍ରସ୍ତାବ ପ୍ରତ୍ୟାହାର କରିନେବାକୁ ଅନୁରୋଧ କଲି ଯାହାର ଫଳସ୍ୱରୂପ ଅଧମିନିଟ୍‌ରେ ସବୁ ପ୍ରସ୍ତାବ ପ୍ରତ୍ୟାହୃତ ହୋଇଗଲା । ଏଥିରୁ ସ୍ପଷ୍ଟ ହୁଏ ଯେ ମୋ ଭାଷଣରେ ସଦସ୍ୟଙ୍କୁ ଭଲ ସମାଧାନ ମିଳିଲା । ଏତେ କରିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ କିଛି ସମର୍ଥକ ମୋ ପିଠି ପଟେ କହୁଥିଲେ କି ପ୍ରସ୍ତାବକୁ ମୁଁ ଠିକ୍ ଭାବରେ ପେଶ କରିଲି ନାହିଁ । ମୋ ବିରୁଦ୍ଧରେ ଏ ପ୍ରକାର ଭ୍ରମାତ୍ମକ ବିଚାର ଓ ପ୍ରଚାର କିଛି ସମୟରୁ ଚାଲିଥିଲା । ଏଥିରେ ମୁଁ ଆଶ୍ଚର୍ଯ୍ୟ ହେଲି ନାହିଁ । କିନ୍ତୁ ପ୍ରସ୍ତାବ ଉପରେ ପେଶ ହୋଇଥିବା ସବୁ ସଂଶୋଧନ ପ୍ରସ୍ତାବ ମୋ ସ୍ପଷ୍ଟୀକରଣ ପରେ ଶୀଘ୍ର ପ୍ରତ୍ୟାହୃତ ହୋଇଯାଇଥିଲା । ମୂଳ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାଶ୍ ହେଲା । ଏଥିରୁ କେହି ବି ଦେଖିପାରିବ ଯେ ମୁଁ ଯେଉଁ ଭାବରେ ପ୍ରସ୍ତାବକୁ ପେଶ୍ କଲି ଓ ଯେଉଁ ପ୍ରକାର ଆଲୋଚନାର ଉତ୍ତର ଦେଲି ସେଥିରେ ଅଧିକାଂଶ ସଦସ୍ୟ

Digitized by srujanika@gmail.com

ସନ୍ତୁଷ୍ଟ ହୋଇଥିଲେ । ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ପେଶ୍ କରାଯାଇ ଥିବା ସଂଶୋଧନକୁ ଏତେ ଶୀଘ୍ର ପ୍ରତ୍ୟାହାର କରିଲେ ତାହାର ଉଦାହରଣ କଦବା କ୍ୱଚିତ ଥିବ ।

ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ନିର୍ଣ୍ଣୟ କରିବାକୁ ପାର୍ଲାମେଣ୍ଟାରୀ ବୋର୍ଡର ବୈଠକ ଜୁଲାଇ ୧୨କୁ ବାଙ୍ଗାଲୋରରେ ରଖାଯାଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ସେଦିନ ମଧ୍ୟ ଏ ବିଷୟରେ ବିଚାର କରିବା ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ ଓ ଦୁଇ ତିନିଦିନ ଧରି ସବୁ ସଦସ୍ୟଙ୍କ ସହିତ ଅଲଗା ଅଲଗା କଥାବାର୍ତ୍ତା କରିଲେ । ଶ୍ରୀ କାମରାଜଙ୍କୁ ସେ କହିଲେ ଯେ ଶ୍ରୀ ଜଗଜ୍ଜୀବନ ରାମଙ୍କୁ ରାଷ୍ଟ୍ରପତି କରିବା ପ୍ରସ୍ତାବ ମୁଁ ଦେଇଥିଲି । ଶ୍ରୀ କାମରାଜ ସ୍ୱଭାବତଃ ଏଥିରେ ଆଶ୍ଚର୍ଯ୍ୟ ହେଲେ । ସମସ୍ତଙ୍କ ପରେ ପ୍ରଧାନମନ୍ତ୍ରୀ ମତେ ଡକାଇଲେ । ମୁଁ ତାଙ୍କୁ ପଚାରିଲି, "ଏପରି କଥା ଆପଣ କିପରି କହିପାରିଲେ ?" ପ୍ରଥମ ଦିନ ଯେଉଁ କଥାବାର୍ତ୍ତା ହୋଇଥିଲା ମୁଁ ତାକୁ ମନେ ପକାଇଦେଲି ଓ ସେ ସ୍ୱୀକାର କଲେ ଯେ ଏହା ଠିକ୍ କଥା । ମୁଁ ତାଙ୍କୁ କହିଥିଲି ଯେ କୌଣସି ହରିଜନଙ୍କୁ ରାଷ୍ଟ୍ରପତି କରିବାକୁ ହେଲେ ଦୁଇଜଣ ଅଛନ୍ତି ପରନ୍ତୁ ସେମାନଙ୍କ ବିଷୟରେ ବିଚାର କରିବାକୁ ହେବ । ଶ୍ରୀ ଜଗଜ୍ଜୀବନ ରାମଙ୍କ ବିଷୟରେ ମୁଁ ସ୍ପଷ୍ଟ କରି ଦେଇଥିଲି ଯେ ଆୟକର ମାମଲାରେ ତାଙ୍କ ପ୍ରତିଷ୍ଠା ପ୍ରତି ଆଞ୍ଚ ଆସିଛି । ସେଇ କାରଣରୁ ତାଙ୍କୁ ରାଷ୍ଟ୍ରପତି କରିବାକୁ ମୁଁ ସମର୍ଥନ କରିପାରିବି ନାହିଁ । ମୋର ଏ ବି ସ୍ପଷ୍ଟ ମତ ଥିଲା ଯେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ରଖିବା ଉଚିତ ହେବ ନାହିଁ ଏବଂ ଏହାର ସଙ୍କେତ କଥାବାର୍ତ୍ତା ବେଳେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିଲି । ପରନ୍ତୁ ଏହାର ନିର୍ଣ୍ଣୟ କାମ ପ୍ରଧାନମନ୍ତ୍ରୀଙ୍କର ଥିଲା । ତେଣୁ ଏ ବିଷୟରେ ମୁଁ କିଛି ଆଗ୍ରହ କଲି ନାହିଁ । ରାଷ୍ଟ୍ରପତି ପଦ ପାଇଁ ଶ୍ରୀ ଜଗଜ୍ଜୀବନଙ୍କ ନାମ ସମର୍ଥନ ନ କରିପାରିବା କହିବା ବେଳେ ମୁଁ କହିଥିଲି ଯେ ବହୁମତ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ରାଷ୍ଟ୍ରପତି କରିବା ସପକ୍ଷରେ ଅଛି ।

କେତେକ ସଦସ୍ୟ ଏ ବିଷୟ ବର୍ତ୍ତମାନ ବିଚାର ନ କରି ଦିଲ୍ଲୀରେ ବିଚାର କରିବା ପକ୍ଷରେ ଥିଲେ । ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ଚର୍ଚ୍ଚା ହେଲା । କିନ୍ତୁ ପ୍ରଧାନମନ୍ତ୍ରୀ ଏ ବିଷୟକୁ ସ୍ଥଗିତ ରଖିଲେ କିଛି ଲାଭ ନାହିଁ ବୋଲି ମତ ସହିତ ଏକମତ ହେଲେ । ତେଣୁ ନିର୍ଣ୍ଣୟକୁ ସ୍ଥଗିତ ରଖିବା ପ୍ରସ୍ତାବ ସେ ରଖିଲେ ନାହିଁ । ପରନ୍ତୁ ମୁଁ ଦେଖିଲି ଯେ ସେ ଶ୍ରୀ ଜଗଜ୍ଜୀବନ ରାମଙ୍କ ପକ୍ଷରେ ଥିଲେ କାରଣ ଶ୍ରୀ ଗିରିଙ୍କ ବିଚାର ସେ ଛାଡି ଦେଇଥିଲେ ଓ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ସମର୍ଥନ କରୁ ନଥିଲେ ।

ମୋ ସହିତ କଥାବାର୍ତ୍ତା ବେଳେ ପ୍ରଧାନମନ୍ତ୍ରୀ ରାଜାଜୀ (ଶ୍ରୀ ରାଜ ଗୋପାଳଚାରୀ)ଙ୍କ ଠାରୁ ପାଇଥିବା ପତ୍ର ମତେ ଦେଖାଇଲେ । ସେଥିରେ ରାଜାଜୀ ପ୍ରଧାନମନ୍ତ୍ରୀ (ଇନ୍ଦିରାଜୀ)ଙ୍କୁ ରାଷ୍ଟ୍ରପତି କରିବା ପ୍ରସ୍ତାବ ଦେଇଥିଲେ । ଯାହାକି ସ୍ପଷ୍ଟତଃ ସେ ସ୍ୱୀକାର କରି ନଥିଲେ ।

ପାର୍ଲାମେଣ୍ଟାରୀ ବୋର୍ଡ ବୈଠକକୁ ଆମେ ଯେତେବେଳେ ଗଲୁ ଦେଖିଲୁ ପ୍ରାରମ୍ଭରୁ ହିଁ ସେଠାର ବାତାବରଣ ବଡ ଗମ୍ଭୀର ଥିଲା କାରଣ ଦୁଇ ପକ୍ଷରୁ କୌଣସି ପକ୍ଷ ବୁଝାମଣା କରିବାକୁ ପ୍ରସ୍ତୁତ ନଥିଲେ । ପ୍ରଧାନମନ୍ତ୍ରୀ ପ୍ରଥମେ କହିବା ଆରମ୍ଭ କଲେ ଓ କହିଲେ ଯେ ପ୍ରଥମେ ସେ ଶ୍ରୀ ଗିରିଙ୍କ ପାଇଁ ବିଚାର କରୁଥିଲେ । କିନ୍ତୁ ଅନେକ ସଦସ୍ୟଙ୍କ ସହିତ କଥାବାର୍ତ୍ତା କରି ଜାଣିଲେ ତାଙ୍କ ପ୍ରତି ସର୍ବସମ୍ମତି ନାହିଁ ବରଂ ବିରୋଧ ଜଣାପଡିଲା । ଶ୍ରୀ ଜଗଜ୍ଜୀବନ ରାମଙ୍କ ପ୍ରତି ବହୁମତ ଜଣା ପଡିବାରୁ ସେ ତାଙ୍କ ନାମ ଓ ପ୍ରସ୍ତାବ କଲେ ଶ୍ରୀ ଫକୀରୁଦ୍ଦୀନ ଅଲ୍ଲୀ ଅହମ୍ମଦ ଏହାକୁ ସମର୍ଥନ କଲେ । ଶ୍ରୀ ପଟିଲ କହିଲେ ସର୍ବ ସାଧାରଣଙ୍କ ମତ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ସପକ୍ଷରେ ଜଣା ପଡୁଛି । କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ନିଜଲିଙ୍ଗପ୍ପା ମଧ୍ୟ ଏହି କଥା କହିଲେ । ଶ୍ରୀ ଫକୀରୁଦ୍ଦୀନ ଅଲ୍ଲି ଅହମ୍ମଦ କହିଲେ ଯେ ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣୟ ସ୍ୱୀକାର କରାଯିବା ଉଚିତ । ମୁଁ ତାଙ୍କୁ କହିଲି ଯେ ଜବାହରଲାଲଜୀ ପ୍ରଧାନମନ୍ତ୍ରୀ ଥିବା ବେଳେ ଦୁଇଥର ତାଙ୍କ ରାୟ ବିରୁଦ୍ଧରେ

Digitized by srujanika@gmail.com

ନିର୍ଣ୍ଣୟ ନିଆଯାଇଥିଲା ଓ ଜଣେ ନିଷ୍ଠାପର ଲୋକତନ୍ତ୍ରବାଦୀ ଥିବାରୁ ସେ ସେ ନିର୍ଣ୍ଣୟ ସ୍ୱୀକାର କରିଥିଲେ । ବର୍ତ୍ତମାନ, ମୁଁ ଭାବୁଛି, ସେହିପରି କରାଗଲେ ଠିକ୍ ହେବ । କିନ୍ତୁ ପ୍ରଧାନମନ୍ତ୍ରୀ ଓ ଶ୍ରୀ ଫକୀରୁଦ୍ଦୀନ ଅଲ୍ଲୀ ଅହମ୍ମଦ ଏଥିପାଇଁ ପ୍ରସ୍ତୁତ ନଥିଲେ । ମୁଁ କହିଲି କି ବର୍ତ୍ତମାନ ଏହି ଦୁଇଜଣଙ୍କ ଦୋଷଗୁଣ ଚର୍ଚ୍ଚା କରି କିଛି ଲାଭ ନାହିଁ । ଦୋଷଗୁଣ ଝିନ୍‌ଝଟ୍‌ରେ ନ ପଡି ଆମେ ଜାଣିବା ଦରକାର ଯେ ବହୁମତ କାହା ସପକ୍ଷରେ ଅଛି ଓ ସେଇ ଅନୁସାରେ ନିର୍ଣ୍ଣୟ କରିବା ଉଚିତ । ଏଥିରେ ଡେରି କଲେ ଅନ୍ୟ କୌଣସି ଉପାୟ ବାହାରିବାର ନାହିଁ ।

ତା'ପରେ ଶ୍ରୀ ନିଜଲିଙ୍ଗପ୍ପା ସବୁ ସଦସ୍ୟଙ୍କୁ ପଚାରିବା ଆରମ୍ଭ କଲେ । କାରଣ ଏହା ନକଲେ ବହୁମତ କାହା ସପକ୍ଷରେ ଅଛି ଜାଣିବା ଅସମ୍ଭବ ଥିଲା । ଏପରି କରାଯିବା ବେଳେ କାହାରି ଆପତ୍ତି ଉଠି ନଥିଲା ପ୍ରଧାନମନ୍ତ୍ରୀ ଶ୍ରୀ ନିଜଲିଙ୍ଗପ୍ପାଙ୍କ ପାଖରେ ବସିଥିଲେ । ଶ୍ରୀ ଜଗଜ୍ଜୀବନଙ୍କ ନାମ ସେ ପ୍ରସ୍ତାବ କରିଥିଲେ । ତେଣୁ ସେ ଶ୍ରୀ ଜଗଜ୍ଜୀବନ ରାମଙ୍କୁ ସମର୍ଥନ କଲେ । ମୁଁ ତାଙ୍କ ପାଖରେ ହିଁ ବସିଥିଲି । ତେଣୁ ତାଙ୍କ ପରେ ମତେ ପଚରାଗଲା ଓ ମୁଁ ସଞ୍ଜୀବ ରେଡ୍ଡୀଙ୍କୁ ସମର୍ଥନ କଲି । ମୋ ପରେ ଶ୍ରୀ ଜଗଜ୍ଜୀବନ ରାମ ବସିଥିଲେ । ତାଙ୍କ ପାଇଁ ତ ସ୍ୱୟଂ ନିଜକୁ ସମର୍ଥନ କରିବା ସ୍ୱାଭାବିକ ଥିଲା ତେଣୁ ତାଙ୍କର କିଛି କହିବା ଆବଶ୍ୟକ ନଥିଲା । ଶ୍ରୀ ଫକୀରୁଦ୍ଦିନ ଅଲ୍ଲୀ ତାଙ୍କର ସମର୍ଥନ କଲେ । ଶେଷରେ ସମସ୍ତେ ଅର୍ଥାତ ସର୍ବଶ୍ରୀ ଏସ.କେ.ପଟିଲ, କାମରାଜ ଓ ଚୌହ୍ୱାନ ତିନିଜଣ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ସମର୍ଥନ କଲେ । ଶ୍ରୀ ନିଜଲିଂଗପ୍ପା ମଧ୍ୟ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ପକ୍ଷରେ ଥିଲେ । ଏହିପରି ଗୋଟିଏ ପକ୍ଷରେ ତିନି ଓ ଅନ୍ୟ ପକ୍ଷରେ ପାଞ୍ଚ ଥିଲେ । ତେଣୁ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ନୀଜଲିଙ୍ଗପ୍ପା କହିଲେ କି ଶ୍ରୀ ସଂଜୀବ ରେଡ୍ଡୀଙ୍କ ପକ୍ଷରେ ବହୁମତ ଥିବାରୁ ତାଙ୍କୁ ରାଷ୍ଟ୍ରପତି ପଦ ପାଇଁ ଆମ ପ୍ରାର୍ଥୀ କରିବା ଉଚିତ । କିନ୍ତୁ ପ୍ରଧାନମନ୍ତ୍ରୀ ବହୁମତ ନିର୍ଣ୍ଣୟକୁ ସ୍ୱୀକାର କରିବାକୁ ମନା କଲେ । ଏ ବିଷୟରେ ନିଜର ଆପତ୍ତି ଦେଖାଇ ସେ କହିଲେ କି ଏହାର ବଡ ଗମ୍ଭୀର ପରିଣାମ ହେବ । ସେ ଯେତେବେଳେ ଏକଥା କହିଲେ ସମସ୍ତେ କହିଲେ ଯେ ସଂଜୀବ ରେଡ୍ଡୀଙ୍କ ନାମ ଘୋଷଣା କରାନଯାଉ ଓ ପ୍ରଧାନମନ୍ତ୍ରୀ ତଥା ଶ୍ରୀ ନିଜଲିଙ୍ଗପ୍ପା ଆପୋଷରେ କଥାବାର୍ତ୍ତା କରି କିଛି ନିର୍ଣ୍ଣୟ କରନ୍ତୁ । ଏ ଦୁଇଜଣ ଯେଉଁ ନାମ ଉପରେ ଏକମତ ହେବେ ତାଙ୍କୁ ଆମେ ମାନିନେବୁ । ଅତଃ ଯେତେବେଳ ପର୍ଯ୍ୟନ୍ତ କଥାବାର୍ତ୍ତା ନ ହୋଇଛି ସେତେବେଳ ଯାଏ ଘୋଷଣା ନ କରିବାକୁ ନିଶ୍ଚୟ ହେଲା । ପାର୍ଲାମେଣ୍ଟାରୀ ବୋର୍ଡର କାରବାର ପୁସ୍ତିକାରେ ବହୁମତ ଦ୍ୱାରା ଏ ନିର୍ଣ୍ଣୟ ଏ ବିଷୟ ଉଲ୍ଲେଖ କରିବାକୁ ପଡିଲା, ଯେତେବେଳେ ସାଧାରଣ ପ୍ରଚଳିତ ପ୍ରଥାନୁସାରେ ବହୁମତ ନିର୍ଣ୍ଣୟକୁ ସର୍ବସମ୍ମତି ବୋଲି ମାନିବାର ଥିଲା ।

ରାତି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଶ୍ରୀ ନିଜଲିଙ୍ଗପ୍ପାଙ୍କ ସହିତ ସାକ୍ଷାତ କରି ନଥିଲେ । ପରଦିନ ସକାଳେ ଶ୍ରୀ ନିଜଲିଙ୍ଗପ୍ପାଙ୍କ ସହିତ କଥାବାର୍ତ୍ତା ହେଲେ । କିନ୍ତୁ ପରିଣାମ କିଛି ହେଲା ନାହିଁ । ଏ କଥାବାର୍ତ୍ତା ପରେ ସେ ପ୍ରେସ କନ୍‌ଫରେନ୍ସ ରଖିଥିଲେ । ଏଥି ଭିତରେ ଶ୍ରୀ ନିଜଲିଙ୍ଗପ୍ପାଙ୍କ ପାଖକୁ ଖବର ପଠାଇଥିଲେ ଯେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଲେ ଠିକ୍ ହେବ । ତଦନୁସାରେ ମଇ ୧୩ ତାରିଖ ଦିନ ୧୦-୧୧ଟା ପରେ ଶ୍ରୀ ନିଜଲିଙ୍ଗପ୍ପା ରାଷ୍ଟ୍ରପତି ପଦପାଇଁ କଂଗ୍ରେସ ପ୍ରାର୍ଥୀରୂପେ ଶ୍ରୀ ସଂଜୀବ ରେଡ୍ଡୀଙ୍କ ନାମ ଘୋଷଣା କଲେ । ସେଇଦିନ ସନ୍ଧ୍ୟାରେ ବିମାନ ଯୋଗେ ମୁଁ ଦିଲ୍ଲୀ ଫେରିଥିଲି ।

Digitized by srujanika@gmail.com

(୪୩) ମନ୍ତ୍ରୀମଣ୍ଡଳରୁ ତ୍ୟାଗପତ୍ର

ବାଙ୍ଗାଲୋର କନଫରେନ୍ସ ପରେ ପ୍ରଧାନମନ୍ତ୍ରୀ ଯେଉଁ ପ୍ରେସ କନଫରେନ୍ସ କରିଥିଲେ, ସେଥିରେ ସେ ଦଳର ନିର୍ଣ୍ଣୟ ଉପରେ ନିଜର ଅସନ୍ତୋଷ ପ୍ରକଟ କରିଥିଲେ ଓ କହିଲେ କି ଏଥିରେ ତାଙ୍କର ଅପମାନ ହେଲା । ଏକଥା ମୁଁ ଦିଲ୍ଲୀ ପହଞ୍ଚିବା ପରେ ଜାଣିଲି ।

୧୪ ତାରିଖ ରାତିରେ ଜଣେ ଅଧିକାରୀ ମତେ ବତାଇଲେ ଯେ ଶ୍ରୀ ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ନିକଟବର୍ତ୍ତୀ ଜଣେ ଅଧିକାରୀ କଥାବାର୍ତ୍ତା ବେଳେ ତାଙ୍କୁ କହିଛନ୍ତି ଯେ ମତେ ମନ୍ତ୍ରୀମଣ୍ଡଳରୁ ବାହାର କରି ଦିଆଯିବ । ମୁଁ ତାଙ୍କୁ କହିଲି ଏପରି କରାଗଲେ ମୋର କୌଣସି ଆପତ୍ତି ନାହିଁ । ଏପରି କଳୁଷିତ ବାତାବରଣରେ ମନ୍ତ୍ରୀମଣ୍ଡଳରେ ରହିବା ଶେୟସ୍କର ନୁହେଁ । ଅତଃ ପ୍ରଧାନମନ୍ତ୍ରୀ ମତେ ବାହାର କରିଦେଲେ ସେଥିରେ ଦୁଃଖ କରିବାର କୌଣସି କାରଣ ନାହିଁ ।

୧୯୬୯, ଜୁଲାଇ ୧୬ ତାରିଖ ଦିନ ମୁଁ ଅର୍ଥ ମନ୍ତ୍ରାଳୟରେ ବସିଥିବା ବେଳେ, ଦ୍ୱିପହର ସାଢେବାର ବା ଗୋଟାଏ ପାଖାପାଖି ପ୍ରଧାନମନ୍ତ୍ରୀଙ୍କ ଏକ ବିଶେଷ ପତ୍ର ତାଙ୍କର ଜଣେ ଅଧିକାରୀ ମୋ ପାଖରେ ପହଞ୍ଚାଇ ଦେଲେ । ଏ ଚିଠି ମିଳିଲା, ଏହାପରେ ପରେ ପ୍ରାୟ ଦେଢଟା ବେଳେ ଏହା ଘୋଷଣା ମଧ୍ୟ କରି ଦିଆଗଲା କି ପ୍ରଧାନମନ୍ତ୍ରୀ ଅର୍ଥ ବିଭାଗର କାର୍ଯ୍ୟଭାର ସ୍ୱୟଂ ହାତକୁ ନେଲେ । ଏଥିରୁ ସ୍ପଷ୍ଟ ଥିଲା ଯେ ପ୍ରଧାନମନ୍ତ୍ରୀ ଏ ବିଷୟରେ ମୋ ସହିତ କୌଣସି କଥା ହେବାକୁ ଚାହୁଁ ନଥିଲେ, ବର୍ତ୍ତମାନ ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରି ସାରିଲେଣି । ତେଣୁ ଏଥିରୁ ଏକମାତ୍ର ଅର୍ଥ ମୁଁ ବୁଝିପାରିଲି ଯେ, ମୋର ମନ୍ତ୍ରୀମଣ୍ଡଳରେ ରହିବା ପ୍ରଧାନମନ୍ତ୍ରୀ ପସନ୍ଦ କରୁନାହାନ୍ତି । ଚିଠିରେ ମତେ ଲେଖିଥିଲେ ଯେ ମୁଁ ଉପପ୍ରଧାନମନ୍ତ୍ରୀ ରହିଥିବି ଓ ମତେ କି ବିଭାଗ ଦିଆଯିବ ସେ ବିଷୟରେ ସେ ପରେ କଥାବାର୍ତ୍ତା କରିବେ । ତାଙ୍କର ଏ ଢଙ୍ଗ ବଡ ଆଶ୍ଚର୍ଯ୍ୟଜନକ ଓ ଅତ୍ୟନ୍ତ ଚାତୁର୍ଯ୍ୟଭରା ଥିଲା -- ଏଥିରେ ମୋର ସନ୍ଦେହ ନଥିଲା । ମୁଁ ସାଙ୍ଗେ ସାଙ୍ଗେ ତାଙ୍କୁ ଜବାବ ଲେଖି ପଠାଇଲି ଯେ, ''ଯେଉଁ ପ୍ରକାର ଚିଠି ଆପଣ ଲେଖିଛନ୍ତି ଓ ଯେପରି ଭାବରେ ଅର୍ଥ ମନ୍ତ୍ରାଳୟ ଆପଣ ନିଜ ହାତକୁ ନେଇଛନ୍ତି, ଏସବୁ ଦେଖି ମୁଁ ମନ୍ତ୍ରୀମଣ୍ଡଳରେ ରହିପାରିବି ନାହିଁ । ତେଣୁ ମନ୍ତ୍ରୀମଣ୍ଡଳରୁ ମୋ ତ୍ୟାଗପତ୍ର ସ୍ୱୀକାର କରି ନିଅନ୍ତୁ ।''

ଏହାପରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ହିତେନ୍ଦ୍ର ଦେସାଇ ଦିଲ୍ଲୀ ଆସିଥିଲେ ଓ ପ୍ରଧାନମନ୍ତ୍ରୀଙ୍କ ସହିତ କିଛି କଥାବାର୍ତ୍ତା ହେଲେ । ସେ ମତେ କହିଲେ କି ପ୍ରଧାନମନ୍ତ୍ରୀ ଆପଣଙ୍କ ସହିତ ସାକ୍ଷାତ କରିବାକୁ ଚାହାନ୍ତି କିନ୍ତୁ କିପରି ଆପଣଙ୍କ ସହିତ କଥା ହେବେ ସେଥିପାଇଁ ସେ ଚିନ୍ତିତ । ଶ୍ରୀ ହିତେନ୍ଦ୍ର ଦେସାଇ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ, ''ଆପଣ କହିଲେ ସାଙ୍ଗେ ସାଙ୍ଗେ ମୋରାରଜୀ ଭାଇ ଆପଣଙ୍କୁ ସାକ୍ଷାତ କରିବେ -- ଏହା ମୋର ବିଶ୍ୱାସ ।''

ରାତିରେ ସାତଟା ଆଠଟା ପାଖାପାଖି ମତେ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ ମିଳିଲା ଯେଉଁଥିରେ ସେ ମୋ ସହିତ ସାକ୍ଷାତ ହେବାର ଇଚ୍ଛା ପ୍ରକଟ କରିଥିଲେ । ମୁଁ ତାଙ୍କୁ କହିଲି ରାତିରେ ସାକ୍ଷାତ କରିବା କଷ୍ଟକର ହେବ । ସୁତରାଂ ତାଙ୍କର ଆପତ୍ତି ନଥିଲେ କାଲି ସାକ୍ଷାତ କରିବି । ତଦନୁସାରେ ପରଦିନ ସକାଳେ ସାକ୍ଷାତ କରିବା ନିଶ୍ଚିନ୍ତ ହେଲା ଓ ମୁଁ ତାଙ୍କୁ ସାକ୍ଷାତ କରିବାକୁ ଗଲି । ସେତେବେଳେ ସେ କହିଲେ କି ମୁଁ ମନ୍ତ୍ରୀମଣ୍ଡଳରେ ରହେ -- ଏହା ତାଙ୍କର ଇଚ୍ଛା । ମୁଁ କହିଲି, ''ଯେଉଁପରି ଭାବରେ ଆପଣ ମୋ ସ୍ୱାଭିମାନକୁ ଆଘାତ କରିଛନ୍ତି, ସେଥିରୁ ଏହା ସ୍ପଷ୍ଟ ଯେ ଆପଣ ମତେ ମନ୍ତ୍ରୀମଣ୍ଡଳରେ ରଖିବାକୁ ଚାହାନ୍ତି ନାହିଁ । ତେଣୁ

Digitized by srujanika@gmail.com

ମୋ ପକ୍ଷରେ ତ୍ୟାଗପତ୍ର ଦେବା ଛଡା କୌଣସି ଚାରା ନାହିଁ । ଅର୍ଥ ମନ୍ତ୍ରାଳୟରେ ଆପଣଙ୍କୁ କୌଣସି ପରିବର୍ତ୍ତନ କରିବାର ଥିଲେ, ସେଥିପାଇଁ ଆପଣ ମୋ ସହିତ କଥାବାର୍ତ୍ତା କରି ନେବା ଉଚିତ ଥିଲା । ଆପଣ ଜାଣନ୍ତି ଯେ ଆପଣଙ୍କ ସହିତ ମୁଁ କେବେ ଛଳ କପଟ ସହକାରେ କଥାବାର୍ତ୍ତା କରେ ନାହିଁ । କୌଣସି ବିଷୟରେ ଆପଣଙ୍କ ସହିତ ଏକମତ ନହେଲେ ବି ମୁଁ କେବେହେଁ ଅଶିଷ୍ଟତା ସହ ଉପସ୍ଥାପନ କରି ନାହିଁ । କିନ୍ତୁ ଆପଣ ମୋ ସହିତ ଏପରି ବ୍ୟବହାର କଲେ ଯାହା କେହି କିରାଣୀ ସହିତ ବି କରିବେ ନାହିଁ । ଏପରି ଅବସ୍ଥାରେ ମୋର ଆଉ ଭାବିବା ପାଇଁ କ'ଣ ଅଛି ?'' ଏହାପରେ ସେ ସ୍ୱୀକାର କଲେ ଯାହା ସବୁ ଘଟିଲା ତାହା ଠିକ୍ ହେଲା ନାହିଁ । ତା'ପରେ ମୁଁ କହିଲି ''ଆପଣ ମାନୁଛନ୍ତି ଯେ ଏସବୁ କାମ ଭୁଲ ବାଟରେ ହୋଇଛି, ତେବେ ଆପଣଙ୍କ ଆପଣ ଭୁଲ ଠିକ୍ କରିନେବା ଉଚିତ ।'' ସେ ପଚାରିଲେ, ''ବର୍ତ୍ତମାନ ଏହା କିପରି ସମ୍ଭବ ହେବ ?'' ମୁଁ କହିଲି, ''ଯଦି ଆପଣଙ୍କୁ ଲାଗୁଛି, ଏସବୁ ଭୁଲ ବାଟରେ ହୋଇଯାଇଛି ତେବେ ଭୁଲ ସଂଶୋଧନ କରିବା ମନ୍ଦ କାମ ହେବ ନାହିଁ । କିନ୍ତୁ ଆପଣ ଏପରି କରିବାକୁ ନ ଚାହିଁଲେ ମୁଁ ସେଥିପାଇଁ ଆପଣଙ୍କୁ ଆଗ୍ରହ କରିବି ନାହିଁ । ଆପଣ ନିଜେ ଅନୁଭବ କଲେ ତେବେ ଯାଇଁ ଏପରି କରିବା ଉଚିତ ହେବ ।''

ତା' ସହିତ ମୁଁ କହିଲି, ''ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଚନ୍ଦ୍ରଭାନ ଗୁପ୍ତା ମତେ ଭେଟିଥିଲେ । ସେ ବତାଇ ଥିଲେ ଯେ ତାଙ୍କ ସହିତ ହୋଇଥିବା କଥାବାର୍ତ୍ତା ବେଳେ ଆପଣ ଅଭିଯୋଗ କରିଛନ୍ତି କି ମୁଁ ଆପଣଙ୍କ ବିରୋଧ କରୁଛି । ମୋ ଚିଠିରେ ମୁଁ ଲେଖିଥିଲି ଯେ ଆପଣଙ୍କର ମୋ ଉପରେ ଏପରି ମିଛ ଅଭିଯୋଗ ଲଗାଇବା ଠିକ୍ ନୁହେଁ ।''ସେ ଏହା ପୂରା ମନାକରି କହିଲେ, ''ଗୁପ୍ତାଜୀଙ୍କ ସହିତ ହୋଇଥିବା କଥାବାର୍ତ୍ତା ବେଳେ ମୁଁ ଆପଣଙ୍କ କଥା ଉଲ୍ଲେଖ କରି ନାହିଁ ।'' ଏପରି ଭୁଲ ଜବାବ ସେ ଯେତେବେଳେ ଦେଲେ, ମୁଁ ଗୁପ୍ତାଜୀଙ୍କୁ ପ୍ରଧାନମନ୍ତ୍ରୀ ତାଙ୍କୁ କ'ଣ କହିଥିଲେ -- ସେ ବିଷୟରେ ପୁଣି ପଚାରିଲି । ପ୍ରଧାନମନ୍ତ୍ରୀ ଗୁପ୍ତାଜୀଙ୍କୁ ଯେଉଁ କଥା କହିଥିଲେ ଗୁପ୍ତାଜୀ ମତେ ବତାଇଲେ ଓ ବର୍ତ୍ତମାନ କହିଲେ ସେ ମିଛ କହି ସେଥିରୁ ମୁକୁଳିବାକୁ ଚାହୁଁଛନ୍ତି । ତେଣୁ ମୁଁ ଗୁପ୍ତାଜୀଙ୍କର ଏ ପତ୍ର ଉଲ୍ଲେଖ କରି ପୁନର୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲି । ଏହାପରେ ପ୍ରଧାନମନ୍ତ୍ରୀ ପୂର୍ଣ୍ଣ ନିରବ ରହିଲେ କାରଣ ଆରୋପ କରିବା କଥା, ସେ ବର୍ତ୍ତମାନ ମନାକରି ପାରୁ ନଥିଲେ ।

୧୯ ତାରିଖ ଦିନ ସଂସଦୀୟ ଦଳର ବୈଠକ ହେଲା । ପ୍ରଧାନମନ୍ତ୍ରୀ ଏ ବିଷୟରେ ଆହୁରି କିଛି କଥା କହିଲେ । ସେ କହିଲେ ଯେ ଅର୍ଥ ମନ୍ତ୍ରାଳୟ ସେ ମୋ ଠାରୁ ଏଥି ସକାଶେ ନେଲେ କାରଣ ସେ ଅର୍ଥ ମନ୍ତ୍ରାଳୟ ବିଷୟରେ ଅନୁଭବ ପ୍ରାପ୍ତ କରିବାକୁ ଚାହୁଁଥିଲେ । ଏକଥା ମଧ୍ୟ ପ୍ରତିପାଦନ କଲେ ଯେ ପ୍ରତ୍ୟେକ ବିଷୟରେ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣୟ ଶିରୋଧାର୍ଯ୍ୟ କରିବା ଉଚିତ । ତା'ପରେ ତାଙ୍କର ଅନୁମତି ପ୍ରାପ୍ତ କରି ମୁଁ ଜବାବ ଦେଲି, ''ଯଦି ଅର୍ଥ ମନ୍ତ୍ରାଳୟ ଆପଣଙ୍କୁ ଅନୁଭବ କରିବାର ଥିଲା, ତେବେ ତାହା କହିଥିଲେ ମୁଁ ପ୍ରସନ୍ନତା ପୂର୍ବକ ଆପଣଙ୍କୁ ସେ ବିଭାଗ ସମର୍ପି ଦେଇଥାନ୍ତି କାରଣ ଇଚ୍ଛାନୁସାରେ ନିଜ ପାଖରେ ବିଭାଗ ରଖିବା ପ୍ରଧାନମନ୍ତ୍ରୀଙ୍କ ଅଧିକାର ଅନ୍ତର୍ଭୁକ୍ତ । କିନ୍ତୁ ଚିଠିରେ ତ ଆପଣ ଅନ୍ୟ କିଛି ଲେଖିଥିଲେ । ପ୍ରଧାନମନ୍ତ୍ରୀଙ୍କ କଥାକୁ ଶିରୋଧାର୍ଯ୍ୟ କରିବା କଥା ଯାହା କହିଲେ ତା ଲୋକତାନ୍ତ୍ରିକ ନୀତିର ପୂରାପୂରି ବିପରୀତ ଅଟେ । କାରଣ ଲୋକତନ୍ତ୍ରରେ କୌଣସି ଜଣେ ବ୍ୟକ୍ତିର ଏପରି ନିର୍ଣ୍ଣୟ କରିବା ଅବାଧିତ ଅଧିକାର ହୋଇନପାରେ । ସିଦ୍ଧାନ୍ତ ନିର୍ଣ୍ଣୟ କରିବା ଅଧିକାର ମନ୍ତ୍ରୀମଣ୍ଡଳର ଅଛି । ଏପରି ଅଧିକାର କଂଗ୍ରେସ ଅଧ୍ୟକ୍ଷଙ୍କ ଠାରେ ନ୍ୟସ୍ତ କରାଯାଇ ନପାରେ । କାର୍ଯ୍ୟ ସମିତି ଯେଉଁ ନୀତି ନିର୍ଦ୍ଧାରଣ କରେ ଅଧ୍ୟକ୍ଷ ତାହା କାର୍ଯ୍ୟରେ ପରିଣତ କରନ୍ତି । ମନ୍ତ୍ରୀମଣ୍ଡଳ ପ୍ରଧାନମନ୍ତ୍ରୀଙ୍କ କଥା ସ୍ୱୀକାର କରିଲେ ସେଥିରେ କିଛି ଭୁଲ ନାହିଁ । କିନ୍ତୁ ଅନେକ ସଦସ୍ୟଙ୍କର ଭିନ୍ନ ମତ ହେଲେ, ବହୁମତରେ ଯାହା ନିର୍ଣ୍ଣୟ ହେବ ତାକୁ ପ୍ରଧାନମନ୍ତ୍ରୀ ମଧ୍ୟ ସ୍ୱୀକାର କରିବା ଉଚିତ । ମୁଁ ବମ୍ବେ ମୁଖ୍ୟମନ୍ତ୍ରୀ ଥିବାବେଳେ ସବୁବେଳେ ଏହି ନୀତିରେ ଚାଲିଛି । କଂଗ୍ରେସ ବା ମନ୍ତ୍ରୀମଣ୍ଡଳରେ ଯାହା କିଛି

Digitized by srujanika@gmail.com

ନିର୍ଣ୍ଣୟ ହୁଏ, ସେଥିରେ ମତଭେଦ ଥିଲେ ମଧ୍ୟ ତାହା ଶିରୋଧାର୍ଯ୍ୟ କରିବା ମୋର ନୀତି । ଏଥିରେ କେବେ କୌଣସି ବ୍ୟତିକ୍ରମ ହୋଇଛି, ଏପରି ଆଜି ପର୍ଯ୍ୟନ୍ତ କେହି କହିଛି ନା କହି ପାରିବେ ।''

ଏହାପରେ ତୃତୀୟ ପ୍ରହର ପ୍ରାୟ ତିନି-ଚାରିଟା ବେଳେ ପ୍ରଧାନମନ୍ତ୍ରୀଙ୍କ ମୋର ତ୍ୟାଗପତ୍ର ସ୍ୱୀକାର ଚିଠି ମତେ ମିଳିଲା । ତା'ର ଜବାବ ମଧ୍ୟ ମୁଁ ସେତିକି ବେଳେ ଲେଖି ପଠାଇଦେଲି । ସେହି ସନ୍ଧ୍ୟାରେ ସେ ଚଉଦଟି ବ୍ୟାଙ୍କର ରାଷ୍ଟ୍ରୀୟକରଣ ନିର୍ଣ୍ଣୟ କରି ତା'ର ଘୋଷଣା ମଧ୍ୟ କରିଦେଲେ ।

୧୯୬୮ରେ ଶ୍ରୀ ଜଗନ୍ନାଥନଙ୍କ ନିଯୁକ୍ତି ବିଶ୍ୱ ବ୍ୟାଙ୍କରେ ଡାଇରେକ୍ଟର ପଦରେ ହୋଇଥିଲା । ରାଜଦୂତଙ୍କ ସମାନ ପଦରେ ତାଙ୍କୁ ସେଠାକୁ ପଠାଯାଇଥିଲା । ତାଙ୍କ ଯିବାପରେ ଅର୍ଥ ସଚିବ ଜାଗା ଖାଲି ହେଲା । ସେ ସମୟରେ ଶ୍ରୀ ଆଇ.ଜି. ପଟେଲ ପ୍ରଧାନ ଅର୍ଥ ଉପଦେଷ୍ଟା ଥିଲେ । ଅତିରିକ୍ତ ସଚିବ ଶ୍ରେଣୀରେ ସେ ଅନେକ ବର୍ଷରୁ ଅର୍ଥ ମନ୍ତ୍ରାଳୟରେ କାମ କରୁଥିଲେ ଓ ଆମେରିକାରେ ବିଶ୍ୱ ବ୍ୟାଙ୍କ ଓ ମୁଦ୍ରା କୋଷରେ କାମ କରିଥିଲେ । ଏ ପଦରେ ସର୍ବଦା ଆଇ.ସି.ଏସ୍. ବା ଏହାର ସମକକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଉଥିଲା । କିନ୍ତୁ କୌଣସି ବିଶିଷ୍ଟ ଅର୍ଥଶାସ୍ତ୍ରୀଙ୍କୁ ବାହାରୁ ନିଆଯାଉ ନଥିଲା । ଶ୍ରୀ ଆଇ. ଜି. ପଟେଲ ଅର୍ଥଶାସ୍ତ୍ରୀ ରୂପେ, ଅର୍ଥ ଉପଦେଷ୍ଟା ପଦରେ ଅର୍ଥ ମନ୍ତ୍ରାଳୟକୁ ଆସିଥିଲେ ଓ ଡ. ଜେ. ଜେ. ଅଞ୍ଜାରିଆ ଚିଫ୍ ଇକନମିକ ଆଡଭାଇଜର ଥିବା ସମୟରେ ତାଙ୍କ ସହିତ କାମ କରୁଥିଲେ । ୧୯୬୨ରେ ସେ ସରକାରୀ ଚାକିରୀରେ ନରହି ପୁଣି ଅଧ୍ୟାପକ ହେବାକୁ ନିଷ୍ପତ୍ତି କରିଲେ ଓ ମତେ ଏକଥା କହି ସରକାରୀ ଚାକିରିରୁ ଚାଲି ଯାଇଥିଲେ । କିନ୍ତୁ ମୋ ଯିବାପରେ ଶ୍ରୀ ଟି. ଟି. କୃଷ୍ଣମାଚାରୀ ବୁଝାଇ ସୁଝାଇ ତାଙ୍କୁ ଅର୍ଥ ମନ୍ତ୍ରାଳୟକୁ ଫେରାଇ ଆଣିଥିଲେ । ସେ ବହୁତ ଦକ୍ଷ ଓ ସନ୍ତୁଳିତ ବିଚାରର ଥିଲେ ଓ ପ୍ରଗତିଶୀଳ ବୃତ୍ତିର କୁଶଳ ପ୍ରଶାସକ ମଧ୍ୟ ସିଦ୍ଧ ହୋଇଥିଲେ ।

ମତେ ଲାଗିଲା ଯେ ଇକନମିକ୍ ସେକ୍ରେଟାରୀଙ୍କ ସ୍ଥାନରେ ଏପରି ଅର୍ଥଶାସ୍ତ୍ରୀଙ୍କୁ ନିଯୁକ୍ତ କଲେ ବ୍ୟବହାରିକ ରୂପେ ଏହା ଉପଯୋଗୀ ହେବ । ଏହା ବି ମୁଁ ଅନୁଭବ କଲି କି ଏ ସ୍ଥାନରେ କୌଣସି ଆଇ.ସି.ଏସ୍ ବ୍ୟକ୍ତି ବା ସେଇପରି କୌଣସି ଅଧିକାରୀଙ୍କୁ ହିଁ ରଖିବାର ଆବଶ୍ୟକତା ନାହିଁ । ଏଥିରେ ଆଇ.ସି.ଏସ୍. ମାନଙ୍କ ମଧ୍ୟରେ କିଛି ଅସନ୍ତୋଷ ଉପୁନ ହୋଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ସହିତ ଯେତେବେଳେ ଏ ବିଷୟରେ ମୁଁ କଥା ହେଲି, ପ୍ରଥମେ ତ ସେ ଏଥିରେ ସମ୍ମତି ପ୍ରଦାନ କରିଲେ କିନ୍ତୁ ପରେ ସେ ଶ୍ରୀ ଆଇ. ଜି. ପଟେଲଙ୍କୁ ସଚିବ ଭାବେ ନିଯୁକ୍ତ କରିବାକୁ ଅନିଚ୍ଛା ପ୍ରକାଶ କଲେ । ପରିଶେଷରେ ତାଙ୍କୁ ସ୍ପେଶାଲ ସେକ୍ରେଟାରୀ ରୂପେ ନିଯୁକ୍ତ କରାଗଲା । ସ୍ପେଶାଲ ସେକ୍ରେଟାରୀ ରୂପେ ତାଙ୍କ ସ୍ଥାନ ସେକ୍ରେଟାରୀ ସମକକ୍ଷ ଥିବାରୁ ମୁଁ ଏ ନିଯୁକ୍ତି ବିଷୟରେ କିଛି ଆପତ୍ତି କଲି ନାହିଁ ।

ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ନୀତି ପରେ କାହିଁକି ବଦଳିଗଲା ତା'ର ଠିକ୍ କାରଣ ମୁଁ ଜାଣିପାରିଲି ନାହିଁ । ମୋ ଖିଆଲରେ ସେ ଶ୍ରୀ ଆଇ.ଜି.ପଟେଲଙ୍କୁ ମୋ ଲୋକ ଭାବି ଏପରି କରିଥିବେ । ମୁଁ ମନ୍ତ୍ରୀମଣ୍ଡଳରୁ ବାହାରି ଗଲି, ତା'ପରେ ସେ ତାଙ୍କୁ ସେକ୍ରେଟାରୀ କରିଥିଲେ । ସେ ମୋ ଲୋକ ଥିଲେ--ଏକଥା ଠିକ୍ ନ ଥିଲା ।

ଶ୍ରୀ ପଟେଲ ସ୍ୱତନ୍ତ୍ର ବୁଦ୍ଧିର ବ୍ୟକ୍ତି ଥିଲେ । ବ୍ୟକ୍ତିଙ୍କ ବଦଳରେ ସେ ସିଦ୍ଧାନ୍ତ ଓ ସରକାରଙ୍କର ଅନୁଗତ ଥିଲେ । ଏଥି ପାଇଁ ସେ ଶ୍ରୀ ଟି. ଟି. କୃଷ୍ଣମାଚାରୀ ଓ ଶ୍ରୀ ସଚୀନ ଚୌଧୁରୀଙ୍କ ବିଶ୍ୱାସର ପାତ୍ର ଥିଲେ । ସ୍ୱୟଂ ସେ କେବେ ସଚିବ ହେବାକୁ ଇଚ୍ଛା କରି ନଥିଲେ । ମୋ ସହିତ ଏ ବିଷୟରେ କୌଣସି କଥା କହିନଥିଲେ । ତାଙ୍କୁ

Digitized by srujanika@gmail.com

ସେଶାଲ ସେକ୍ରେଟାରୀ କରାଯାଇଥିଲା କିନ୍ତୁ ତାଙ୍କୁ କାହିଁକି ସେକ୍ରେଟାରୀ କରାନଗଲା ସେ ବିଷୟରେ ସେ ପଦେ ବି କହି ନଥିଲେ । ସତ କହିବାକୁ ଗଲେ ସେ ନିଜ ପାଇଁ କୌଣସି ପଦ ଦାବି କେବେ ହେଲେ କରି ନାହାନ୍ତି । ସେ ବଡ ଶାନ୍ତ ଓ ସ୍ୱାଭିମାନୀ ବ୍ୟକ୍ତି ଅଟନ୍ତି । ସବୁବେଳେ ନିଜ କାମରେ ବ୍ୟସ୍ତ ରହୁଥିଲେ । ଲୋକମାନଙ୍କର କଲ୍ୟାଣ କିପରି ହେବ, ସେଇ ଦୃଷ୍ଟିରୁ କାମ କରୁଥିଲେ । ସ୍ୱାସ୍ଥ୍ୟ ବିଗିଡିବାକୁ ଭ୍ରୁକ୍ଷେପ ନକରି ଲଗାତର କାମ କରୁଥିଲେ । ଏ ଥିଲା ତାଙ୍କର ବିଶିଷ୍ଟତା । ଏପରି ଅଧିକାରୀ ବହୁତ କମ୍ ଥାଆନ୍ତି । ମୋ ବିଦେଶ ଯାତ୍ରା ତଥା ବିଶ୍ୱ ବ୍ୟାଙ୍କ ବୈଠକରେ ସେ ମୋ ସାଥିରେ ଥିଲେ ଓ ଅନେକ ସମୟରେ ତାଙ୍କର ବହୁମୂଲ୍ୟ ସହାୟତା ମତେ ମିଳୁଥିଲା । ସେ ବଡ ସଙ୍କୋଚ ସ୍ୱଭାବର ବ୍ୟକ୍ତି । ଆଗକୁ ଆସିବା ମହତ୍ତ୍ୱାକାଙ୍କ୍ଷା ନ ରଖି, ଯୋଗ୍ୟ ଅଧିକାରୀ ରୂପେ ସେ ସର୍ବଦା କାମ କରିଛନ୍ତି ଏକଥା ସମସ୍ତେ ଜାଣନ୍ତି ।

ଏ ପ୍ରକରଣ ସମାପ୍ତ କରିବା ପୂର୍ବରୁ ଏଠାରେ ଅନ୍ୟ ଏକ ବିଷୟ ଉଲ୍ଲେଖ ଅପ୍ରାସଙ୍ଗିକ ହେବ ନାହିଁ । ୧୯୬୭ରେ ମନ୍ତ୍ରୀମଣ୍ଡଳରେ ଯୋଗଦେବା ପରେ ପ୍ରଧାନମନ୍ତ୍ରୀଙ୍କ ସ୍ଥାୟୀ ନିବାସ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ମୋର କେତେଥର କଥାବାର୍ତ୍ତା ହୋଇଥିଲା । ସେ ସମୟରେ ସେ ଯେଉଁ ଘରେ ରହୁଥିଲେ ତାହା ପ୍ରଧାନମନ୍ତ୍ରୀଙ୍କ ପାଇଁ ଉପଯୁକ୍ତ ନଥିଲା । ତେଣୁ ତାଙ୍କ ପାଇଁ ନୂଆ ଘର ତିଆରି କରିବା ବିଚାର କରାଗଲା । ପ୍ରଥମେ ତ ସେ ଆଉ ଯେଉଁ ଘର ଥିଲା ସେଥିରୁ ଗୋଟିଏ ପସନ୍ଦ କରିବାକୁ ଭାବୁଥିଲେ ତେଣୁ ରାଜେନ୍ଦ୍ର ପ୍ରସାଦ ମାର୍ଗରେ ପାଞ୍ଚ ନମ୍ବର ଘର ବା ଯେଉଁ ଘରେ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ ରହୁଥିଲେ ସେଥିରେ ରହିବାକୁ ଚାହୁଁଥିଲେ । ପାଞ୍ଚ ନମ୍ବର ଘର ମୁଁ ଯେତେବେଳେ ନିଜ ପାଇଁ ଦେଖିବାକୁ ଗଲି ସେତେବେଳେ ଶୁଣିଲି ଯେ ସେ ଘର ସେ ଦେଖିବାକୁ ଚାହାନ୍ତି । ମୁଁ କହିଲି କି ସେ ଆଗ ପସନ୍ଦ କରି ନିଅନ୍ତୁ ଓ ଏହାପରେ ଯେଉଁ ଘର ମିଳିବ ସେଥିରୁ ମୁଁ ପସନ୍ଦ କରିବି । କିନ୍ତୁ ଶେଷକୁ ଏ ଦୁଇ ଘର ମଧ୍ୟରୁ କୌଣସି ଗୋଟିକକୁ ପସନ୍ଦ କଲେ ନାହିଁ । ପରେ ସେ ହାଇଦ୍ରାବାଦ ହାଉସକୁ ଯିବାକୁ ବିଚାର କଲେ । କିନ୍ତୁ ମତେ ଲାଗୁଥିଲା ଯେ ଏ ଘର ବହୁତ ବଡ ଓ ସେଥିରେ ସେ ରହିଲେ ସେଥିରେ ବହୁତ ସମାଲୋଚନା ହେବ । ତା'ପରେ ଦର୍ଭଙ୍ଗା ହାଉସ କିଣିବା ବିଚାର ହେଲା କିନ୍ତୁ ତା'ର ମୂଲ୍ୟ ବହୁତ ଅଧିକ ହୋଇଥିବାରୁ ସେ ବିଚାର ତ୍ୟାଗ କରାଗଲା ।

ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ହୋଇଥିବା କଥାବାର୍ତ୍ତାରେ ସେ ମତେ କହିଥିଲେ ଯେ ତିନିମୂର୍ତ୍ତି ମାର୍ଗରେ ଯେଉଁ କୋଠାରେ ଜବାହରଲାଲଜୀ ରହୁଥିଲେ ଓ ଯେଉଁଠି ବର୍ତ୍ତମାନ "ଜବାହରଲାଲ ନେହେରୁ ସ୍ମାରକ" ରହିଛି ସେଠାରେ ରହିବାରେ ତାଙ୍କ କୌଣସି ଆପତ୍ତି ନାହିଁ । ଶାସ୍ତ୍ରୀଜୀଙ୍କୁ ଏହି କୋଠାରେ ରହିବା ଉଚିତ ଥିଲା । ଏହା ମଧ୍ୟ ତାଙ୍କୁ ଲାଗୁଥିଲା । ମୁଁ ତାଙ୍କୁ କହିଲି ପ୍ରଧାନମନ୍ତ୍ରୀ ରହିବା ପାଇଁ ସେ କୋଠା ବହୁତ ଉପଯୁକ୍ତ ଅଟେ । ତେଣୁ ଆପଣ ସେଠାରେ ରହିବା ନିଷ୍ପତ୍ତି କଲେ ଠିକ୍ ହେବ । ଏପରି ନିର୍ଣ୍ଣୟ କରିଲେ 'ଜବାହରଲାଲ ନେହେରୁ ସ୍ମାରକ' ପାଇଁ ସରକାର ନୂଆ କୋଠା ତିଆରି କରିପାରନ୍ତି । ମୁଁ ତାଙ୍କୁ ଏହା ବି କହିଲି, ଏ ସମ୍ବନ୍ଧରେ ନିର୍ଣ୍ଣୟ ଆପଣଙ୍କୁ ହିଁ କରିବାକୁ ହେବ । ଆପଣ ଯାହା ନିର୍ଣ୍ଣୟ କରିବେ ମୁଁ ତାହା ସ୍ୱୀକାର କରିବି ।

ଏହାର କିଛି ସମୟ ପରେ ଦୀନେଶ ସିଂହ ମତେ କହିଲେ କି ପ୍ରଧାନମନ୍ତ୍ରୀ ଏ ସମ୍ବନ୍ଧରେ ନିର୍ଣ୍ଣୟ ମନ୍ତ୍ରୀମଣ୍ଡଳ ଦ୍ୱାରା କରାଇବାକୁ ଚାହାନ୍ତି ଓ ସେ କହିଛନ୍ତି ଯେ ମନ୍ତ୍ରୀମଣ୍ଡଳର ଯେଉଁ ବୈଠକରେ ଏହା ବିଚାର କରାଯିବ, ସେଥିରେ ସେ ଉପସ୍ଥିତ ରହିବେ ନାହିଁ । ଏହାର ଅଧ୍ୟକ୍ଷତା ଆପଣଙ୍କୁ ହିଁ କରିବାକୁ ହେବ । ମୁଁ ଦୀନେଶ ସିଂହଙ୍କୁ କହିଲି ଯଦି ମନ୍ତ୍ରୀମଣ୍ଡଳର ନିର୍ଣ୍ଣୟ ସ୍ୱୀକାର କରିବାକୁ ପ୍ରଧାନମନ୍ତ୍ରୀ ପକ୍କା ପ୍ରସ୍ତୁତ ଥାଆନ୍ତି

Digitized by srujanika@gmail.com

ତେବେ ଯାଇଁ ମୁଁ ଏହାର ଅଧ୍ୟକ୍ଷତା କରିପାରିବି । ତେଣୁ ଆପଣ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏକଥା ପଚାରି ନିଅନ୍ତୁ ।

ତଦନୁଯାୟୀ ସେ ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହୋଇ ମତେ ବତାଇଲେ ଯେ ମନ୍ତ୍ରୀମଣ୍ଡଳରେ ଯାହା ବି ନିର୍ଣ୍ଣୟ ହେବ, ତାହା ପ୍ରଧାନମନ୍ତ୍ରୀ ନିଃସଙ୍କୋଚରେ ସ୍ୱୀକାର କରିବେ । ସ୍ୱୟଂ ମୁଁ ମଧ୍ୟ ଏ ବିଷୟରେ ତାଙ୍କ ସହିତ କଥା ହୋଇଗଲି ଯଦ୍ଦ୍ୱାରା ପରେ କୌଣସି ଭୁଲ ବୁଝାମଣା ରହିବ ନାହିଁ । ମତେ ତାହା ହିଁ କହିଲେ, ସେଇ ଅନୁସାରେ ମନ୍ତ୍ରୀମଣ୍ଡଳ ତିନିମୂର୍ତ୍ତି ଭବନ ସପକ୍ଷରେ ନିର୍ଣ୍ଣୟ କଲେ ଯେଉଁଥିରେ କେବଳ ଗୋଟିଏ ମତ ବିରୁଦ୍ଧରେ ଥିଲା । ଏହାପରେ ମୁଁ ଏହା ବି କହିଲି ଯେ, ''ଜବାହରଲାଲ ନେହେରୁ ସ୍ମାରକର ଅଧ୍ୟକ୍ଷ ରାଷ୍ଟ୍ରପତି ଅଟନ୍ତି ତେଣୁ ତାଙ୍କ ସମ୍ମତି ମିଳିବା ପରେ ହିଁ ଆମେ ଏ ଦିଗରେ ଆଗକୁ କିଛି କରିବା ଉଚିତ ।'' ସେଇ ଅନୁସାରେ ଡ. ଜାକିର ହୁସେନଙ୍କୁ ପଚରା ଯିବାରୁ ସେ ମତେ କହିଲେ ଏ ନିର୍ଣ୍ଣୟ ବିଲ୍‌କୁଲ୍ ଠିକ୍ ଅଟେ ଓ ସେ ସେଥିରେ ଏକମତ । ଏକଥା ମୁଁ ପ୍ରଧାନମନ୍ତ୍ରୀଙ୍କୁ କହିଲି ଓ ସେ ମଧ୍ୟ ନିଜର ସମ୍ମତି ପ୍ରକାଶ କରିଲେ । ଏକଥା ମଧ୍ୟ ସେ କହିଲେ ଯେ ମନ୍ତ୍ରୀମଣ୍ଡଳ ଯାହା ନିର୍ଣ୍ଣୟ କରିଛନ୍ତି ତାହା ଅବଶ୍ୟ କାର୍ଯ୍ୟାନ୍ୱିତ କରାଯିବ । କିଛି ଦିନ ପରେ ସ୍ମାରକର କେତେକ ସଦସ୍ୟ ଏହାର ବିରୋଧ କରିବାରୁ, ମୋ ସହିତ କିଛି ଚର୍ଚ୍ଚା ନ କରି, ପ୍ରଧାନମନ୍ତ୍ରୀ ନିଶ୍ଚୟ କରିନେଲେ ଯେ ସେ ସେ ଭବନରେ ରହିବେ ନାହିଁ ଓ ଏହିପରି ମନ୍ତ୍ରୀମଣ୍ଡଳର ନିର୍ଣ୍ଣୟ ଅମାନ୍ୟ କଲେ ।

ପ୍ରଧାନମନ୍ତ୍ରୀଙ୍କ ଏ ନିର୍ଣ୍ଣୟ ଏକତରଫା ଓ ମତେ ଦିଆଯାଇଥିବା ବଚନର ବିରୋଧ ଥିଲା । କିନ୍ତୁ ତାଙ୍କର ଏ ନିର୍ଣ୍ଣୟର ମୁଁ କୌଣସି ବିରୋଧ କରି ନାହିଁ କାରଣ ସେଥିରେ ଭୁଲ ବୁଝାମଣା ହେବାର ସମ୍ଭାବନା ଥିଲା ।

ଏହାପରେ ପ୍ରଧାନମନ୍ତ୍ରୀଙ୍କ ରହିବା ପାଇଁ ନୂଆ ଭବନ ତିଆରି କରିବା ନିର୍ଣ୍ଣୟ କରାଗଲା । ସେ ନିର୍ଣ୍ଣୟ ମତେ ଉଚିତ ପ୍ରତୀତ ହେଉ ନଥିଲା କାରଣ ଏଥିରେ ବହୁତ ଖର୍ଚ୍ଚ ହେବାର ଥିଲା ଓ ସେଥିରେ ଲୋକମାନଙ୍କର ସମାଲୋଚନାର ଶିକାର ହେବାର ଆଶଙ୍କା ଥିଲା । କିନ୍ତୁ ମୁଁ ଏହାର ବିରୋଧ କରିଲି ନାହିଁ କାରଣ ମୁଁ ଆଗରୁ କହିସାରିଛି ଯେ ଏ ସମ୍ବନ୍ଧରେ ନିର୍ଣ୍ଣୟ ସ୍ୱୟଂ ପ୍ରଧାନମନ୍ତ୍ରୀ ନେବା ଉଚିତ । ତେଣୁ ନିର୍ଣ୍ଣୟର ଦାୟିତ୍ୱ ତାଙ୍କର ଥିଲା ।

ତିନିମୂର୍ତ୍ତି ଭବନକୁ ପ୍ରଧାନମନ୍ତ୍ରୀଙ୍କ ନିବାସ କରିବା ନିର୍ଣ୍ଣୟ ହେବା ପରେ 'ଜବାହରଲାଲ ନେହେରୁ ସ୍ମାରକ ତଥା ପୁସ୍ତକାଳୟ' ପାଇଁ ଭବନ ନିର୍ମାଣର ବ୍ୟବସ୍ଥା ମୁଁ ବଜେଟରେ କରିଥିଲି । କିନ୍ତୁ ଯେତେବେଳେ ମନ୍ତ୍ରୀମଣ୍ଡଳର ନିର୍ଣ୍ଣୟ ବଦଳାଇ ଦିଆଗଲା ଓ ତିନିମୂର୍ତ୍ତି ଭବନରେ ''ଜବାହରଲାଲ ନେହେରୁ ସ୍ମାରକ ତଥା ପୁସ୍ତକାଳୟ'' ସେହିଠାରେ ରହିବାକୁ ଦିଆଗଲା ତଥା ପ୍ରଧାନମନ୍ତ୍ରୀଙ୍କ ପାଇଁ ନୂଆ ବାସ ଭବନ ତିଆରି କରିବା ସୂଚନା ମିଳିଲା, ମୁଁ ଜବାହରଲାଲ ନେହେରୁ ସ୍ମାରକ ତଥା ପୁସ୍ତକାଳୟ ପାଇଁ ନୂଆ ଭବନ ତିଆରି କରିବା ମନା କରିଦେଲି ।

Digitized by srujanika@gmail.com

(୪୪) କଂଗ୍ରେସ ଦଳରେ ଫାଟ

ବ୍ୟାଙ୍କ ରାଷ୍ଟ୍ରୀୟକରଣ କରି ପ୍ରଧାନମନ୍ତ୍ରୀ ଏହାର ବହୁତ ପ୍ରଚାର କଲେ -- ଏଇ ପ୍ରଚାରର ଉଦ୍ଦେଶ୍ୟ ହେଲା ଯେ ଜନତା ଉପରେ ପ୍ରଭାବ ପଡୁ ଯେ ସେ ଜଣେ ପ୍ରଗତିଶୀଳ ଓ କର୍ମଚଞ୍ଚଳ ପ୍ରଧାନମନ୍ତ୍ରୀ ଅଟନ୍ତି । ଫଳରେ ତାଙ୍କର କୀର୍ତ୍ତି ବଢ଼ିବ ଓ ସେ ଲୋକପ୍ରିୟ ହେବେ । ଏଥିରେ ତାଙ୍କୁ ବେଶ୍ ସଫଳତା ମଧ୍ୟ ମିଳିଲା । ଶ୍ରୀଯଶବନ୍ତ ରାଓ ଚୌହ୍ୱାନ ବ୍ୟାଙ୍କମାନଙ୍କର ରାଷ୍ଟ୍ରୀୟକରଣ ଘୋଷଣା ପାଇଁ ବହୁତ ପ୍ରଶଂସା କରିଲେ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆଗରୁ ଥିବା ତାଙ୍କର ବିରୋଧ ଭାବ କିଛି ଢିଲା ପଡି ଯାଇଥିଲା ।

ପ୍ରଧାନମନ୍ତ୍ରୀ ମୋ ସହିତ ଯେପରି ବ୍ୟବହାର କରିଥିଲେ, ସେଥିରେ କଂଗ୍ରେସ କାର୍ଯ୍ୟକାରୀ ସମିତିର ଅଧିକାଂଶ ସଦସ୍ୟ ବହୁତ କ୍ଷୁବ୍ଧ ହୋଇଥିଲେ ଓ ୨୧ ଜୁଲାଇ ସନ୍ଧ୍ୟାରେ ବସିବାକୁ ଥିବା କଂଗ୍ରେସ କାର୍ଯ୍ୟକାରୀ ସମିତିରେ ଏ ବିଷୟ ବିଚାର କରିବା ପାଇଁ ନିଶ୍ଚୟ କରାଯାଇଥିଲା । କଂଗ୍ରେସ ଅଧ୍ୟକ୍ଷ ବୈଠକ ଆୟୋଜନ କରିଥିଲେ । ସେହିଦିନ ସଂସଦରେ ମୋ ବକ୍ତବ୍ୟରେ ମୁଁ ତ୍ୟାଗପତ୍ର ଦେବାର କାରଣ ଉପରେ ଆଲୋକପାତ କରିଥିଲି । ସାରା ସ୍ଥିତି ସ୍ପଷ୍ଟ କରିଥିଲି । ତା'ପରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ହେଲା । ସେଥିରେ ସେ ମୋର କିଛି ପ୍ରଶଂସା କରି ଆତ୍ମପକ୍ଷ ସମର୍ଥନ ଜବାବ ଦେଲେ କିନ୍ତୁ ତ୍ୟାଗପତ୍ର ପାଇଁ ମୁଁ ଦେଇଥିବା କାରଣର କୌଣସି ଜବାବ ଦେଇପାରି ନଥିଲେ ।

ଏହା ପୂର୍ବରୁ କଂଗ୍ରେସ ସଦସ୍ୟ ଯେତେବେଳେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କର ପ୍ରାର୍ଥୀ ପାଇଁ ନାମାଙ୍କନ ପତ୍ର ପୂରଣ କରାଇବାକୁ ତାଙ୍କ ପାଖକୁ ଗଲେ, ସେତେବେଳେ ସେ ପୂରଣ କରିବାକୁ ମନା କରିଦେଲେ ଓ କହିଲେ କି ୨୧ ତାରିଖ ବୈଠକରେ କ'ଣ ହେଉଛି ଦେଖିବା ପରେ ଏ ବିଷୟରେ କିଛି ନିଶ୍ଚିତ କରିବେ । ୨୧ ତାରିଖ ବୈଠକରେ କାର୍ଯ୍ୟ ସମିତି ଦ୍ୱାରା ନିଜ ନୀତିର ନିନ୍ଦା ହେବ ବୋଲି ତାଙ୍କର ପୂରା ଆଶଙ୍କା ଥିଲା । ସେଥିପାଇଁ ସେ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନଙ୍କ ସହିତ ଏ ବିଷୟରେ କଥା ହେଲେ ଓ ଆଶା ଦେଖାଇଲେ ଯେ ଯଦି କୌଣସି ପ୍ରସ୍ତାବ ସ୍ୱୀକାର କରା ନଯାଏ ତେବେ କୌଣସି ଏକ ସମାଧାନ ଚିନ୍ତା କରାଯାଇପାରେ । ଶ୍ରୀ କାମରାଜ ତଥା ଅନ୍ୟ ସଦସ୍ୟମାନଙ୍କ ସହିତ ସେ କଥାହେଲେ କିନ୍ତୁ ମୋ ସହିତ ସେ କୌଣସି କଥା ହେଲେ ନାହିଁ । ଏସବୁ ବିଷୟରେ ମତେ କିଛି ଜଣାନଥିଲା ।

ସନ୍ଧ୍ୟାରେ ଯେତେବେଳେ କାର୍ଯ୍ୟ ସମିତି ବୈଠକ ହେଲା, ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ପ୍ରସ୍ତାବ ଦେଲେ ଯେ ବର୍ତ୍ତମାନ କୌଣସି ପ୍ରସ୍ତାବ ରଖିବା ଠିକ୍ ହେବ ନାହିଁ ବରଂ ଏ ବିଷୟରେ ବିଚାର କରି କୌଣସି ସୁଖଦ ସମାଧାନ ବାହାର କରିବାକୁ ଚେଷ୍ଟା କରାଗଲେ ଠିକ୍ ହେବ । ଶ୍ରୀ କାମରାଜ କହିଲେ ଯେ ପ୍ରଧାନମନ୍ତ୍ରୀ ଯାହା ସବୁ କଲେ ତାହା ସର୍ବଥା ଅନ୍ୟାୟ ପୂର୍ଣ୍ଣ ଓ ମୋରାରଜୀ ଭାଇଙ୍କ ସହିତ ଯେପରି ବ୍ୟବହାର କଲେ ତାହା ତାଙ୍କର କରିବା ଆଦୌ ଉଚିତ ନୁହେଁ । ପ୍ରଧାନମନ୍ତ୍ରୀ କହିଲେ, ''ଯଦି କୌଣସି ଭୁଲ ହୋଇଛି ସେଥିପାଇଁ ମୁଁ ଅନୁତପ୍ତ ।'' ତା'ପରେ ସେ କଂଗ୍ରେସ ଅଧ୍ୟକ୍ଷଙ୍କ ସହିତ କଥାବାର୍ତ୍ତା କରି କୌଣସି ସମାଧାନ ବାହାର କରିବାକୁ କହିଲେ କିନ୍ତୁ ସେଥିପାଇଁ କୌଣସି ପ୍ରସ୍ତାବ ରଖିଲେ ନାହିଁ ।

ପରଦିନ ପ୍ରଧାନମନ୍ତ୍ରୀ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ନାମାଙ୍କନ ପତ୍ର ଉପରେ ହସ୍ତାକ୍ଷର କରି ରାଷ୍ଟ୍ରପତି ପଦ ପାଇଁ ତାଙ୍କ ପ୍ରାର୍ଥୀତ୍ୱ ସ୍ୱୀକାର କଲେ । ମୁଁ ମୋ ସାଥିମାନଙ୍କୁ ଏହି ସମୟରେ ଚେତାବନୀ ଦେଇଥିଲି କି, ''ପ୍ରଧାନମନ୍ତ୍ରୀ କଂଗ୍ରେସ ପ୍ରାର୍ଥୀଙ୍କ ବିଷୟରେ ଯେଉଁ ନୀତି ଧରିଛନ୍ତି, ସେଥିପାଇଁ ଯଦି କୌଣସି ନିଶ୍ଚିତ କାରବାର ଆପଣମାନେ ନ କରନ୍ତି, ଓ ନିର୍ବାଚନ ହେବାର ପ୍ରତୀକ୍ଷାରେ ରୁହନ୍ତି, ତାହା ହେଲେ ଶେଷ ଆଡକୁ ପ୍ରଧାନମନ୍ତ୍ରୀ

Digitized by srujanika@gmail.com

ଓଲଟି ପଡିବେ ଓ ସଞ୍ଜୀବ ରେଡ୍ଡୀଙ୍କୁ ନ ହରାଇ ରହିବେ ନାହିଁ -- ଏଥିରେ ମୋର ସନ୍ଦେହ ନାହିଁ । ସେତେବେଳେ ପସ୍ତାଇଲେ କିଛି ହେବ ନାହିଁ ଓ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଦୁର୍ବଳ କରିଦେବେ ।'' ଶ୍ରୀ ସଂଜୀବ ରେଡ୍ଡୀ, ଶ୍ରୀ ଯଶବନ୍ତରାଓ ଚୌହ୍ୱାନ ତଥା ଅନ୍ୟ ସମସ୍ତଙ୍କର ମତ ହେଲା ଯେ ନିର୍ବାଚନ ପର୍ଯ୍ୟନ୍ତ କିଛି କରାଯିବ ନାହିଁ, ତା'ହେଲେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ନିର୍ବାଚନରେ ସଫଳ ହେବା ସମ୍ଭବ ହେବ । ମୁଁ ପୁଣି ସମସ୍ତଙ୍କୁ ବୁଝାଇବାକୁ ପ୍ରଯତ୍ନ କଲି ଓ ଚେତାବନୀ ଦେଲି କି ଏପରି କରି ଆପଣମାନେ ବଡ ଭୁଲ କରୁଛନ୍ତି ଓ ପ୍ରଧାନମନ୍ତ୍ରୀଙ୍କ ଜାଲରେ ଫସି ଯାଉଛନ୍ତି । କିନ୍ତୁ ସେତେବେଳେ ଠିକ୍ କାରବାର କରିବାକୁ ସେମାନେ ସାହସ କଲେ ନାହିଁ ।

କଂଗ୍ରେସ ପ୍ରାର୍ଥୀଙ୍କୁ ନିର୍ବାଚନ କରିବାକୁ, କଂଗ୍ରେସ ସଦସ୍ୟମାନଙ୍କୁ କୌଣସି ଲିଖିତ ଅନୁରୋଧ କରିବାକୁ ପ୍ରଧାନମନ୍ତ୍ରୀ ମନାକଲେ । ସେଥିପାଇଁ ସେ ବାହାନା ବାହାର କଲେ ଯେ ଏପରି କଲେ ବିପକ୍ଷ ଦଳମାନେ ଆଇନଗତ ଆପତ୍ତି ଉଠାଇବେ, ତେଣୁ ମୁଁ ଏହା କରିପାରିବି ନାହିଁ । ଏକଥା ପୂରାପୂରି ଭୁଲ ଥିଲା । କାରଣ ସ୍ୱର୍ଗତଃ ଜାକିର ହୁସେନଙ୍କ ରାଷ୍ଟ୍ରପତି ନିର୍ବାଚନ ପରେ, ସର୍ବୋଚ୍ଚ ନ୍ୟାୟାଳୟରେ ଯେଉଁ ମକଦ୍ଦମା କରାଯାଇଥିଲା ସେଥିରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ମତ ବ୍ୟକ୍ତ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନିଜ ଦଳର ସଦସ୍ୟଙ୍କୁ ତାଙ୍କର ପ୍ରାର୍ଥୀଙ୍କ ପାଇଁ ଅପିଲ କଲେ ସେଥିରେ କୌଣସି ଅନୌଚିତ୍ୟ ରହିବ ନାହିଁ । କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ସମର୍ଥନ ଉପରେ ଉପରେ କରୁଥିଲେ, ପ୍ରକୃତରେ ତ ସେ ତାଙ୍କୁ ହରାଇବାକୁ ଚାହୁଁଥିଲେ । ସେଥିପାଇଁ ସେ ଶ୍ରୀ ରେଡ୍ଡୀଙ୍କ ପାଇଁ ଲିଖିତ ଅନୁରୋଧ କଲେ ନାହିଁ ।

ପରେ ସଂସଦୀୟ ଦଳର ବୈଠକ ଡକାଇ ସମସ୍ୟାର ସମାଧାନ ପାଇଁ ବାଟ ଖୋଜି ବାହାର କରିବାକୁ ନିଶ୍ଚୟ ହେଲା । ଏଥିପାଇଁ ବୈଠକ ହେଲା । ଏ ବୈଠକରେ ମୁଁ ଉପସ୍ଥିତ ନଥିଲି କିନ୍ତୁ ମୁଁ ଶୁଣିଲି ଯେ ସେଠାରେ ଯେଉଁ ଚର୍ଚ୍ଚା ହେଲା ସେଥିରେ ମଧ୍ୟ ପ୍ରଦେଶର ଶ୍ରୀ ନୀତିରାଜ ସିଂହ, 'ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା ହେଉଛି' କହି ଆପତ୍ତି କରିଲେ । ମତେ ଖବର ମିଳିଲା ଯେ ବାସ୍ତବିକ ବିରୋଧ କରିବାକୁ ତାଙ୍କୁ ଛିଡା କରାଯାଇଥିଲା । ସେତେବେଳେ ମୁଁ ଜାଣିଲି ଯେ ଶ୍ରୀ ସିଂହ ମନ୍ତ୍ରୀ ହେଲେ କିଛି ଆଶ୍ଚର୍ଯ୍ୟ କଥା ହେବ ନାହିଁ । ସତକୁ ସତ ପରେ ସେ ମନ୍ତ୍ରୀ ହୋଇଥିଲେ ।

ଶ୍ରୀ ନିଜଲିଙ୍ଗପ୍ପା, ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ନିର୍ବାଚନ କରିବା ପାଇଁ ଓ ତାଙ୍କୁ ସମର୍ଥନ କରିବା ପାଇଁ କଂଗ୍ରେସ ଦଳ ସଂସଦମାନଙ୍କୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ କହିଲେ ଯେ ସେ ସେଥିରେ ଏକମତ କିନ୍ତୁ ସିଧା ଅନୁରୋଧ କଲେ ନାହିଁ କି ପରେ ଲିଖିତ ଅନୁରୋଧ କଲେ ନାହିଁ ବରଂ ତିନିଚାରି ଦିନ ପରେ ତାଙ୍କ ସମର୍ଥକମାନେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ବିରୁଦ୍ଧରେ ପ୍ରଚାର ଆରମ୍ଭ କରିଦେଲେ ଓ ବାତାବରଣକୁ ବିଗାଡିବାକୁ ଲାଗିଲେ । ଅଗଷ୍ଟ ୧୧-୧୨ ତାରିଖ ଦିନ ଶ୍ରୀ ଜଗଜ୍ଜୀବନ ରାମ ଓ ଶ୍ରୀ ଫକୀରରୁଦ୍ଦିନ ଅଲ୍ଲୀ ଅହମ୍ମଦ କଂଗ୍ରେସ ଅଧ୍ୟକ୍ଷଙ୍କ ଉପରେ ଆରୋପ କରି ତାଙ୍କ ପାଖକୁ ଖଣ୍ଡେ ଚିଠି ଲେଖିଲେ । ସେଥିରେ ସେମାନେ ଲେଖିଲେ, ଏପରି ବିଚାର ଚାଲିଛି ଯେ କଂଗ୍ରେସ ଅଧ୍ୟକ୍ଷ ଜନସଂଘ ତଥା ସ୍ୱତନ୍ତ୍ର ଦଳ ସହିତ ବିଚାର ବିମର୍ଶ କରୁଛନ୍ତି ଯଦ୍ୱାରା କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ବଡ ଉତ୍ତେଜନା ଖେଳି ଯାଇଛି । ଏହା ଲେଖି ସେମାନେ ରାଷ୍ଟ୍ରପତି ନିର୍ବାଚନରେ ନିଜର ଅନ୍ତରାତ୍ମା ଅନୁସାରେ ମତ ଦେବା କଥା କହିଲେ ଓ ଏଇ ଆଧାର ଉପରେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ପକ୍ଷରେ ମତ ନ ଦେଇ ଶ୍ରୀ ଭି.ଭି.ଗିରିଙ୍କ ସପକ୍ଷରେ ମତ ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷଙ୍କର ଅନୁମତି ମାଗିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ଭିତରେ ଭିତରେ ଶ୍ରୀ ଭି. ଭି. ଗିରିଙ୍କର ସମର୍ଥନ କରୁଥିଲେ । ଏ ପତ୍ର ବିଷୟ ଜଣାପଡିବା ପରେ ତାଙ୍କ ସମର୍ଥନରେ କଂଗ୍ରେସ ଅଧ୍ୟକ୍ଷଙ୍କ ପାଖକୁ ପ୍ରଧାନମନ୍ତ୍ରୀ ମଧ୍ୟ ଖଣ୍ଡେ ଚିଠି ଲେଖିଲେ । ଏହିପରି ସେ ଖୋଲାଖୋଲି ଭାବେ ଶ୍ରୀ ରେଡ୍ଡୀଙ୍କୁ ବିରୋଧ କରିବା ଆରମ୍ଭ କରିଦେଲେ ।

Digitized by srujanika@gmail.com

ଏହି ସମୟରେ ମଧ୍ୟ ମୁଁ କଂଗ୍ରେସ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲି ଯେ ଏଇ ଦୁଇଜଣ ମନ୍ତ୍ରୀ ଓ ଏପରି ଆଚରଣ କରୁଥିବା କାର୍ଯ୍ୟସମିତି ଓ ସଂସଦୀୟ ଦଳ ସଦସ୍ୟମାନଙ୍କ ବିରୁଦ୍ଧରେ ଅନୁଶାସନ ଭଙ୍ଗ କାର୍ଯ୍ୟାନୁଷ୍ଠାନ କରାଯାଉ ଯଦ୍ଵାରା ବିଗିଡି ଯାଇଥିବା ବାତାବରଣ ଠିକ୍ ହୋଇପାରିବ । ଶ୍ରୀ ନିଜଲିଙ୍ଗପ୍ପା ଓ ଶ୍ରୀ କାମରାଜ ଏଥିରେ ଏକମତ ଥିଲେ କିନ୍ତୁ ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ଓ ଶ୍ରୀ ସୁବ୍ରହ୍ମଣ୍ୟମ ଏପରି ନକରିବା ପାଇଁ କଂଗ୍ରେସ ଅଧ୍ୟକ୍ଷଙ୍କୁ ବୁଝାଇଲେ । ସେଥିଯୋଗୁଁ ସେ ଏ କାର୍ଯ୍ୟାନୁଷ୍ଠାନ କଲେ ନାହିଁ । ଏହାର ଏହି ଫଳ ହେଲା ଯେ ପ୍ରଧାନମନ୍ତ୍ରୀ ଓ ତାଙ୍କ ସାଥିମାନେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କ ବିରୁଦ୍ଧରେ ଆହୁରି ଜୋରଦାର ପ୍ରଚାର କଲେ ଓ ଶେଷରେ ଶ୍ରୀ ସଞ୍ଜୀବ ରେଡ୍ଡୀ ନିର୍ବାଚନରେ ହାରିଗଲେ । ଅଗଷ୍ଟ ୨୦ରେ ନିର୍ବାଚନ ଫଳ ଘୋଷଣା କରାଗଲା । ମତେ ତ ଆଗରୁ ଏହା ସଫା ଦେଖାଯାଉଥିଲା ଓ ସେଇ କାରଣରୁ ମାସକ ଆଗରୁ କଂଗ୍ରେସ ଅଧ୍ୟକ୍ଷ ଓ ସାଥୀମାନଙ୍କୁ ଚେତାବନୀ ଦେଇଥିଲି । କିନ୍ତୁ ଯାହା ହେବାର କଥା ତାହା ହିଁ ହୁଏ ଓ ଏଇଥିରେ ବୁଦ୍ଧିମାନ ଲୋକଙ୍କର ମଧ୍ୟ ଭୁଲ ହୁଏ । ଅତଃ କାହାକୁ ଦୋଷ ଦେବା ମୁଁ ଠିକ୍ ଭାବୁ ନାହିଁ ।

କଂଗ୍ରେସ ଅଧ୍ୟକ୍ଷ ୨୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ତଥା ଶ୍ରୀ ଜଗଜ୍ଜୀବନ ରାମ ଓ ଶ୍ରୀ ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କଠାରୁ ଜବାବ ମାଗିଲେ ଯାହା ଉପରେ ବିଚାର କରିବାକୁ ୨୫ରେ କାର୍ଯ୍ୟ ସମିତି ବୈଠକ ରଖାଗଲା ।

ଶ୍ରୀ ଗିରି ରାଷ୍ଟ୍ରପତି ନିର୍ବାଚିତ ହେଲେ । ଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ସମର୍ଥନ କରିଥିଲେ ଓ ବଡ ସ୍ପଷ୍ଟ ଭାବେ ମତେ କହିଥିଲେ ଯେ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ପ୍ରଧାନମନ୍ତ୍ରୀ ପରାଜିତ କଲେ, ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ଉଚିତ । କିନ୍ତୁ ବର୍ତ୍ତମାନ ସେ ଢିଲା ପଡିଗଲେ । ସମ୍ଭବତଃ ତାଙ୍କୁ ଲାଗିଥିବ ଯେ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ବର୍ତ୍ତମାନ ବେଶ ମଜଭୁତ ହୋଇଗଲାଣି । ତେଣୁ ତାଙ୍କ ବିରୁଦ୍ଧରେ ରହିବା ଏଣିକି ଠିକ୍ ହେବ ନାହିଁ । ହୋଇପାରେ, ଏପରି ଭାବି ସେ ଢିଲା ପଡିଗଲେ । କିନ୍ତୁ ସେ କହିଲେ ଯେ ୨୫ ତାରିଖ ବୈଠକରେ ପେଶ କରିବାକୁ ବୁଝାମଣା ପାଇଁ ଗୋଟିଏ ପ୍ରସ୍ତାବ ସେମାନେ ତିଆରି କରିଛନ୍ତି । ପ୍ରସ୍ତାବରେ ଘଟି ସାରିଥିବା ଘଟଣା ଗୁଡିକ ଭୁଲି ଯିବାର ଉଲ୍ଲେଖ ଥିଲା ଅର୍ଥାତ ଅନୁଶାସନ ଭଙ୍ଗ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ କରା ନଯାଉ ।

କଂଗ୍ରେସ କାର୍ଯ୍ୟ ସମିତିର ଏ ବୈଠକ ଉତ୍ତେଜନା ପୂର୍ଣ୍ଣ ଥିଲା । ପ୍ରଥମେ ତ ଏ ଦାବି କରାଯାଇ ଥିଲା ଯେ ଶ୍ରୀ ଜଗଜ୍ଜୀବନ ରାମ ତଥା ଶ୍ରୀ ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦ ଓ ପ୍ରଧାନମନ୍ତ୍ରୀ କଂଗ୍ରେସ ଅଧ୍ୟକ୍ଷଙ୍କ ଉପରେ ଲଗାଇଥିବା ଆରୋପର ସ୍ପଷ୍ଟୀକରଣ କରି ପ୍ରମାଣ କରନ୍ତୁ ବା ସେଥିପାଇଁ ଦୁଃଖ ପ୍ରକାଶ କରନ୍ତୁ । ଆରୋପ ମିଥ୍ୟା ହୋଇଥିବାରୁ ପ୍ରମାଣ କରାଯାଇ ପାରି ନଥିଲା ତେଣୁ ଦୁଇଜଣ ସ୍ୱୀକାର କଲେ ଯେ ଆମ ଅନୁମାନ ଠିକ୍ ନଥିଲା ତେଣୁ ଆମ ଆରୋପ ମଧ୍ୟ ନିରାଧାର ଥିଲା । ପ୍ରଧାନମନ୍ତ୍ରୀ ମଧ୍ୟ ପରେ ନିଜର ମୌନ ସମ୍ମତି ପ୍ରକଟ କରି ଏକଥା ମାନିଲେ । ଏ ବିଷୟରେ ପ୍ରସ୍ତାବ ମଧ୍ୟ ପାଶ କରି ଦିଆଗଲା ।

ଏହାପରେ ଶ୍ରୀ ଚୌହ୍ୱାନଙ୍କର ଏକତା ପ୍ରସ୍ତାବ ପ୍ରସ୍ତୁତ ହେଲା । ଶ୍ରୀ କାମରାଜ ତଥା ଅନ୍ୟ ସଦସ୍ୟମାନେ କହିଲେ ଯେ ଏ ବିଷୟରେ ଅର୍ଥାତ କଂଗ୍ରେସ ପ୍ରାର୍ଥୀ ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ପରାଜିତ କରିଥିବାରୁ ପ୍ରଧାନମନ୍ତ୍ରୀ ଓ ତାଙ୍କ ସାଥିମାନଙ୍କୁ ଦୁଃଖ ପ୍ରକାଶ କରିବା ଉଚିତ ନ ହେଲେ ସଂସ୍ଥାରେ ଅନୁଶାସନ ରହିପାରିବ ନାହିଁ । ପ୍ରଧାନମନ୍ତ୍ରୀ ଏହା କରିବାକୁ ସଫା ମନାକରି କହିଲେ ଯେ ଯାହା ହେଲା ଠିକ୍ ହିଁ ହେଲା । ତେଣୁ ସେଥିପାଇଁ କୌଣସି ପ୍ରକାର ଦୁଃଖ ପ୍ରକାଶ କରାଯାଇ ନପାରେ ଓ ଏପରି କରିବାକୁ ଚାପ ପଡିଲେ କଂଗ୍ରେସ ବିଘଟିତ ହୋଇଯିବ ଓ ଏହାର ଦୋଷ ଏପରି ଆଗ୍ରହ କରୁଥିବା ବ୍ୟକ୍ତିଙ୍କ ଉପରେ ପଡିବ -- ଏକଥା ସେମାନେ ବୁଝିବା ଉଚିତ । ଅଧିକାଂଶ ସଦସ୍ୟଙ୍କ ମନରେ ଏକତା ଗଢି ରଖିବାର ପ୍ରବଳ ଇଚ୍ଛା ଥିଲା । ଯଦ୍ଵାରା ସେମାନେ

Digitized by srujanika@gmail.com

ଢିଲା ପଡିଗଲେ ଓ ଦୁଃଖ ପ୍ରକାଶ ପାଇଁ ଆଗ୍ରହ କରିବା ତ୍ୟାଗ ଗଲେ, ମୁଁ ଏକଥା ମଞ୍ଜୁର କରି ନଥିଲି । ମୁଁ ସଭାସ୍ଥଳରୁ ଚାଲିଯିବାକୁ ଚାହୁଁଥିଲି । କିନ୍ତୁ ଶ୍ରୀ କାମରାଜ ଓ ଅନ୍ୟ ସଦସ୍ୟମାନେ ମତେ ନଯିବାକୁ ଆଗ୍ରହ କଲେ । ସେମାନଙ୍କ ଆଗ୍ରହ ମୁଁ ଅନାଦାର କରିପାରିଲି ନାହିଁ । ମୁଁ କହିଲି, ''ଏ ପ୍ରସ୍ତାବ ସହିତ ମୁଁ ଏକମତ ହୋଇପାରିବି ନାହିଁ । ମୁଁ ଏହାର ବିରୋଧ କରୁଛି ।'' କିନ୍ତୁ ମୋ ବିରୋଧ ଉଲ୍ଲେଖ କରିବାକୁ ଆଗ୍ରହ କଲି ନାହିଁ । ବିଚାର ପରେ ଯେତେବେଳେ ସାଥୀମାନେ ଏକତା ପାଇଁ ପ୍ରସ୍ତାବ ରଖିଲେ ମତେ ଭଲ ଲାଗିଲା ନାହିଁ ଯେ ଏକତାକୁ ଭାଙ୍ଗିବାକୁ ମୁଁ ଏକା ଦାୟୀ ହୁଏ । ସେଥିପାଇଁ ମୁଁ ଏ ନୀତି ଗ୍ରହଣ କରିଥିଲି ।

ମୋ ମନରେ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଏକତା ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ ଚାଲାଖି କାମ ଓ ସମସ୍ତେ ସେଥିରେ ପ୍ରତାରିତ ହେଉଛନ୍ତି । ପ୍ରଧାନମନ୍ତ୍ରୀ ନିଜକୁ ଶକ୍ତିଶାଳୀ ଗଢିଚାଲିଛନ୍ତି ଓ ନିଜର ଦୃଢଶକ୍ତିର ପ୍ରଦର୍ଶନ ପାଇଁ ଏପରି ଅବସର ପ୍ରତୀକ୍ଷାରେ ସେ ଥିଲେ, କିନ୍ତୁ ମୋ ସାଥୀମାନେ ସେ ସମୟରେ ଏକଥା ସ୍ୱଷ୍ଟ ଭାବରେ ଦେଖିପାରୁ ନଥିଲେ ଓ ଏକତା ପାଇଁ ଆକାଂକ୍ଷା ସେମାନଙ୍କୁ ଦୁର୍ବଳ କରିଦେଇଥିଲା । ଏହିପରି କାର୍ଯ୍ୟସମିତି ବୈଠକ ସମାପ୍ତ ହେଲା ।

ଏହାର କିଛିଦିନ ପରେ ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନେ ପୁଣି କଂଗ୍ରେସ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ପ୍ରଚାର କରିବା ଆରମ୍ଭ କରିଦେଲେ । ୧୯୬୯ ସେପ୍ଟେମ୍ବର ଶେଷରେ ବା ଅକ୍ଟୋବର ଆରମ୍ଭରେ ତାମିଲନାଡୁ ପ୍ରଦେଶ କଂଗ୍ରେସ ସମିତିରେ ଶ୍ରୀ ସୁବ୍ରହ୍ମଣ୍ୟମଙ୍କ ବ୍ୟବହାର ବିରୁଦ୍ଧରେ ବଡ ବିରୋଧ ଉଠିଲା ଓ ଶ୍ରୀ କାମରାଜ ତଥା ତାଙ୍କ ମଧ୍ୟରେ ତିକ୍ତତା ଚରମସୀମାରେ ପହଞ୍ଚିଗଲା । ଶ୍ରୀ ସୁବ୍ରହ୍ମଣ୍ୟମଙ୍କୁ ଜଣାପଡିଲା ଯେ ତାଙ୍କୁ ପ୍ରାଦେଶିକ ସମିତି ଅଧ୍ୟକ୍ଷ ପଦରୁ ହଟାଇ ଦିଆଯିବ ତେଣୁ ସେ ଅଧ୍ୟକ୍ଷ ପଦରୁ ତ୍ୟାଗପତ୍ର ଦେଇଦେଲେ । ଅଧ୍ୟକ୍ଷ ପଦରୁ ତ୍ୟାଗପତ୍ର ଦେବା କାରଣରୁ କଂଗ୍ରେସ ମହାସମିତିରେ ତାଙ୍କର ସଦସ୍ୟତା ନିଜକୁ ନିଜେ ସମାପ୍ତ ହୋଇଗଲା । କଂଗ୍ରେସ ମହାସମିତିର ସଦସ୍ୟ ରୂପେ ହିଁ ସେ କଂଗ୍ରେସ କାର୍ଯ୍ୟ ସମିତିର ସଦସ୍ୟ ଥିଲେ । ଅତଃ କଂଗ୍ରେସ ମହାସମିତିର ସଦସ୍ୟ ନ ରହିବା କାରଣରୁ କାର୍ଯ୍ୟ ସମିତିରେ ତାଙ୍କ ସଦସ୍ୟତା ନିଜକୁ ନିଜେ ସମାପ୍ତ ହୋଇଗଲା । ଅକ୍ଟୋବର ୭ ବା ୮ ତାରିଖ ଦିନ କଂଗ୍ରେସ ମହାସମିତି ସେକ୍ରେଟାରୀ ଡା. ଶଙ୍କର ଦୟାଲ ଶର୍ମା, ଶ୍ରୀ ସୁବ୍ରହ୍ମଣ୍ୟମଙ୍କ ପାଖକୁ ଏ ବିଷୟରେ ପଠାଯିବା ଚିଠିର ଡ୍ରାଫ୍ଟ କଂଗ୍ରେସ ଅଧ୍ୟକ୍ଷଙ୍କ ସମକ୍ଷରେ ରଖିଲେ । ଏହା ଉପରେ କଂଗ୍ରେସ ଅଧ୍ୟକ୍ଷ ନୋଟ୍ ଲେଖିଲେ ଯେ ଏ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ଉଚିତ ଯେ ସେ କଂଗ୍ରେସ ମହାସମିତିର ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ କି ନାହିଁ ଓ ଏ ସବୁ ତଥ୍ୟ ଜାଣିବା ପରେ ହିଁ ଚିଠି ପଠାଯାଇ ପାରିବ । କଂଗ୍ରେସ ଅଧ୍ୟକ୍ଷଙ୍କ ସମକକ୍ଷରେ ଏ ଡ୍ରାଫ୍ଟ ଚିଠି ରଖାଯିବା ପରେ ପରେ ଏହାର ଗୋଟିଏ କପି ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଞ୍ଚି ଯାଇଥିବ । ତେଣୁ ସେ ଓ ତାଙ୍କର ଚାରି ସହକର୍ମୀ -- ସର୍ବଶ୍ରୀ ଯଶବନ୍ତ ରାଓ ଚୌହ୍ୱାନ, ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦ, ଜଗଜ୍ଜୀବନ ରାମ ତଥା ଉମାଶଙ୍କର ଦୀକ୍ଷିତ ୮ ତାରିଖ ଦିନ କଂଗ୍ରେସ ଅଧ୍ୟକ୍ଷଙ୍କୁ ଚିଠି ଲେଖିଲେ ଯେ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କ ସହିତ କରାଯାଉଥିବା କାରବାର ଅସମ୍ବିଧାନିକ ଅଟେ ଓ ଆପଣ ଆନ୍ଧ୍ର ପ୍ରଦେଶ ଓ ଉତ୍ତର ପ୍ରଦେଶରେ ମଧ୍ୟ ଅଧ୍ୟକ୍ଷ ହଟାଇବାର ପ୍ରଯତ୍ନ କରୁଛନ୍ତି । ଏଣୁ ଆପଣ ୨୫ ଅଗଷ୍ଟର ଏକତା ପ୍ରସ୍ତାବ ଉଲ୍ଲଙ୍ଘନ କରୁଛନ୍ତି । ଏହା ଚୋରୀ ଉପରେ ସିନାଜୋରୀ ଭଳି କଥା ହେଲା । ବସ୍ତୁତଃ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କ ପାଖକୁ ଚିଠି ବର୍ତ୍ତମାନ ପର୍ଯ୍ୟନ୍ତ ପଠାଇ ନାହାନ୍ତି, ତଥାପି ଚିଠି ପଠାଇ ଦିଆଯାଇଥିଲେ ବି କୌଣସି ଭୁଲ କାମ ହୋଇନଥାନ୍ତା କାରଣ ଶ୍ରୀ ସୁବ୍ରହ୍ମଣ୍ୟମ ନିଜେ ଯେଉଁ ପଦକ୍ଷେପ ଉଠାଇ ଥିଲେ, ତା' ଫଳରେ ସମ୍ବିଧାନ ଅନୁସାରେ ସେ କାର୍ଯ୍ୟ ସମିତିର ସଦସ୍ୟ ରହି ନଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ଚାଲ ଚଳାଉଥିଲେ, ଏ ଚାଲ ତା'ର ଅନୁସରଣ ମାତ୍ର -- ଏଥିରେ କୌଣସି ସନ୍ଦେହ ନାହିଁ ।

Digitized by srujanika@gmail.com

କଂଗ୍ରେସ ଅଧ୍ୟକ୍ଷ କଡା ଶବ୍ଦରେ ଏହାର ଜବାବ ଦେଲେ । ଅନ୍ୟ କେତେଜଣ ସହକର୍ମୀ, ଚିଠିରେ ହସ୍ତାକ୍ଷର କରିଥିବା ପାଞ୍ଚ ସଦସ୍ୟଙ୍କୁ ପଚାରିଲେ ଯେ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କ ବିରୁଦ୍ଧରେ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ତ ହୋଇନାହିଁ । ତେବେ ଆପଣମାନେ କାହିଁକି ମିଥ୍ୟା ଅଭିଯୋଗ କରିଥିଲେ । ସେମାନେ ଜବାବ ଦେଲେ ଯେ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କୁ ଆମେ ହଟାଇବାକୁ ଚାହୁଁ ନଥିଲୁ, ସେଥିପାଇଁ ଆମେ ଏହା କରିଥିଲୁ । ସେମାନେ ଏହାବି କହିଲେ ଯେ ବର୍ତ୍ତମାନ ତ ଆମ ଉଦ୍ଦେଶ୍ୟ ସିଦ୍ଧ ହୋଇଗଲାଣି । ତେଣୁ ଆମ କାମକୁ ଅନୁଚିତ କୁହାଗଲେ ଆମର କିଛି ଚିନ୍ତା ନାହିଁ । ତାଙ୍କ ରୀତିନୀତି ଏପରି ଥିଲା । ପ୍ରଧାନମନ୍ତ୍ରୀ ତଥା ତାଙ୍କ ସାଥିମାନଙ୍କ ଭଳି ଶ୍ରୀ ଚୌହ୍ୱାନ ସେଥିରେ ସାମିଲ ହୋଇଯାଇଥିଲେ ।

ଏହାପରେ କଂଗ୍ରେସ କାର୍ଯ୍ୟସମିତି ଓ ମହାସମିତିର ଅଧିବେଶନ ଶୀଘ୍ର କରିବା ପାଇଁ ଦାବୀ ହେଲା । କଂଗ୍ରେସ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କ ପାଇଁ ଅନୁକୂଳ ନଭେମ୍ବର ୧ ଓ ୨ ତାରିଖକୁ ଅଧିବେଶନ ରଖିବାକୁ ପ୍ରସ୍ତାବ ଗଲା ଓ ତଦନୁସାରେ ଏଇ ତାରିଖକୁ ଅଧିବେଶନ ରଖାଗଲା ।

ଇତି ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ସମର୍ଥକଙ୍କ ତରଫରୁ କଂଗ୍ରେସ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ପ୍ରଚାର ଚାଲିଥାଏ ଓ ମହାସମିତିର ଅଧିବେଶନ ପାଇଁ ଖୋଲାଖୋଲି ଭାବରେ ଦସ୍ତଖତ ସଂଗ୍ରହ କରାଗଲା । ଦସ୍ତଖତ ସଂଗ୍ରହ କରିବା କାମ ପ୍ରଧାନମନ୍ତ୍ରୀଙ୍କ ସାଥି ଓ ମନ୍ତ୍ରୀ ଖୋଲିଖୋଲି ଭାବେ କରୁଥିଲେ ।

ଅକ୍ଟୋବର ୨୮-୨୯ ତାରିଖ ଦିନ ଶ୍ରୀ ଫକୀରୁଦ୍ଦିନ ଅଲ୍ଲି ଅହମ୍ମଦ ଗୋଟିଏ ପ୍ରେସ୍ କନ୍‌ଫରେନ୍ସ ଡକାଇ ଥିଲେ ଯେଉଁଥିରେ ସେ କଂଗ୍ରେସ ଅଧ୍ୟକ୍ଷଙ୍କ ଖୁବ ସମାଲୋଚନା କରିଲେ । ସେ ଆରୋପ ଲଗାଇଲେ ଯେ କଂଗ୍ରେସର ଫରିଦାବାଦ ଅଧିବେଶନ ସମୟରେ କଂଗ୍ରେସ ସମ୍ବିଧାନରେ ଅନେକ ପରିବର୍ତ୍ତନ କରାଯାଇଛି ଫଳରେ ସଂସ୍ଥାର ନିର୍ବାଚନ କାମ ବହୁତ କଠିନ ହୋଇଯାଇଛି ଓ କଂଗ୍ରେସ ଅଧ୍ୟକ୍ଷଙ୍କ ନିର୍ବାଚନ ଏକ ବର୍ଷ ପାଇଁ ମୁଲତବୀ ରଖାଯାଇଛି । ତେଣୁ କେବଳ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଶୀଘ୍ର କରିବା ଉଦ୍ଦେଶ୍ୟରେ ଅର୍ଥାତ ସେଥିପାଇଁ ବ୍ୟବସ୍ଥା କରିବା ପାଇଁ କଂଗ୍ରେସ ମହାସମିତିର ରିକ୍ୱିଜିସନ ସଭା ଡକାଯାଉ । ଏ ଦାବୀ ଅକ୍ଟୋବର ୩୧ ରାତି ଦୁଇଟାରେ ଅର୍ଥାତ ନଭେମ୍ବର ପହିଲା ସୂର୍ଯ୍ୟୋଦୟ ପୂର୍ବରୁ ମହାସମିତି ଜେନେରାଲ ସେକ୍ରେଟେରୀ ଶ୍ରୀ ସାଦିକ ଅଲ୍ଲୀଙ୍କୁ ଦିଆଗଲା । ଶ୍ରୀ ଫକୀରୁଦ୍ଦିନ ଅଲ୍ଲି ଅହମ୍ମଦ ପ୍ରେସ କନ୍‌ଫରେନ୍ସ କରି ସେଥିରେ କଂଗ୍ରେସ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଯେଉଁ ପ୍ରଚାର କରିଥିଲେ ତାହା କାର୍ଯ୍ୟସମିତି ସଦସ୍ୟଙ୍କ ପକ୍ଷରେ ଘୋର ଅନୁଚିତ ଥିଲା । ସେଥିପାଇଁ ସେ କଂଗ୍ରେସ ଅଧ୍ୟକ୍ଷଙ୍କର ବିଶ୍ୱାସର ପାତ୍ର ହୋଇରହିଲେ ନାହିଁ । ତେଣୁ କଂଗ୍ରେସ ଅଧ୍ୟକ୍ଷ ତାଙ୍କୁ ୩୧ ତାରିଖ ଦିନ କଂଗ୍ରେସ ସଦସ୍ୟ ପଦରୁ ହଟାଇ ନେଲେ । ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କୁ ମଧ୍ୟ ସେ ଲେଖିଲେ ଯେ କଂଗ୍ରେସ ବିଧାନାନୁସାରେ ସେ ଆଉ କଂଗ୍ରେସ କାର୍ଯ୍ୟ ସମିତିର ସଦସ୍ୟ ନାହାନ୍ତି, ତେଣୁ କାର୍ଯ୍ୟ ସମିତି ବୈଠକରୁ ତାଙ୍କୁ ନିମନ୍ତ୍ରଣ କରାଯିବ ନାହିଁ ।

ନଭେମ୍ବର ପହିଲା ଓ ଦୁଇ ତାରିଖରେ କାର୍ଯ୍ୟ ସମିତିର ବୈଠକ ହେଲା । ପହିଲା ଦିନ ଆମେ କାର୍ଯ୍ୟସମିତିର ଦଶ ଜଣ ସଦସ୍ୟ ଉପସ୍ଥିତ ଥିଲୁ, ଓ କେରଳର ଶ୍ରୀ ଆବ୍ରାହାମ ଖବର ଦେଇଥିଲେ ଯେ ସେ ଅଧଘଣ୍ଟା ଡେରିରେ ଆସିବେ । ଏଗାରଟା ଆଗରୁ ସେ ଆସି ପହଞ୍ଚିଥିଲେ । ଏହିପରି କାର୍ଯ୍ୟ ସମିତିର ୧୧ ଜଣ ସଦସ୍ୟ ଉପସ୍ଥିତ ଥିଲେ । ବାକି ଦଶଜଣ ସଦସ୍ୟଙ୍କ ମଧ୍ୟରୁ ଶ୍ରୀ ସୁବ୍ରହ୍ମଣ୍ୟମ ବିଧାନାନୁସାରେ ସଦସ୍ୟ ନଥିଲେ, ଓ ଶ୍ରୀ ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କୁ କାର୍ଯ୍ୟ ସମିତି ସଦସ୍ୟରୁ ହଟାଇ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଆଗରୁ ସ୍ଥିର କରିଥିଲେ ଯେ ସେ ବୈଠକରେ ଉପସ୍ଥିତ ରହିବେ ନାହିଁ । ସେ ନିଜର ସମର୍ଥକଙ୍କୁ ନିଜ ନିବାସକୁ ଡାକିଥିଲେ । ଶ୍ରୀ ଆବ୍ରାହାମ କାର୍ଯ୍ୟ ସମିତିକୁ ଆସି କହିଲେ ଯେ ସକାଳେ ତାଙ୍କୁ ପ୍ରଧାନମନ୍ତ୍ରୀ ଡକାଇଥିଲେ ।

Digitized by srujanika@gmail.com

ଶ୍ରୀ ସୁବ୍ରହ୍ମଣ୍ୟମ୍ ତାଙ୍କୁ ଡାକିବାକୁ ଯାଇଥିଲେ ଓ ସେ ବହୁତ ଆଗ୍ରହ କରିବାରୁ ସେ ସେଠାକୁ ଯାଇଥିଲେ । ପୂର୍ବ ରାତିରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ସେତେବେଳେ ସେ ଜାଣିଲେ ଯେ ପ୍ରଧାନମନ୍ତ୍ରୀ ବୈଠକକୁ ଯିବେ ନାହିଁ । ସେଥିଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ନିବାସ ସ୍ଥାନକୁ ଯିବା ତାଙ୍କୁ ବ୍ୟର୍ଥ ଜଣାପଡୁଥିଲା । କିନ୍ତୁ ଶ୍ରୀ ସୁବ୍ରହ୍ମଣ୍ୟମଙ୍କ ଆଗ୍ରହ ଯୋଗୁଁ ତାଙ୍କୁ ଯିବାକୁ ପଡିଥିଲା । ସକାଳେ ଯେତେବେଳେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ ତାଙ୍କୁ ନିଜର ଦୃଷ୍ଟିକୋଣ ଅବଗତ କରାଇଲେ । ତା'ପରେ ସେ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କୁ ସ୍ପଷ୍ଟଭାବେ କହି କରି ଆସିଲେ ଯେ ସେ ତାଙ୍କ ସାଥିରେ ନାହାନ୍ତି । ସେଠାରୁ ସିଧା କାର୍ଯ୍ୟ ସମିତି ବୈଠକକୁ ଆସିଥିଲେ । ପ୍ରଧାନମନ୍ତ୍ରୀଙ୍କ କହିବାର ଥିଲା ଯେ କଂଗ୍ରେସ ଅଧ୍ୟକ୍ଷଙ୍କର କାର୍ଯ୍ୟସମିତିରେ ବହୁମତ ନାହିଁ । ତେଣୁ ନିଜ ପାଇଁ ବହୁମତ ଯୋଗାଡ କରିବାକୁ ସେ ଶ୍ରୀ ସୁବ୍ରହ୍ମଣ୍ୟମ୍ ଓ ଶ୍ରୀ ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କୁ ସମିତି ସଦସ୍ୟରୁ ହଟାଇଛନ୍ତି । କିନ୍ତୁ ପ୍ରକୃତ ଘଟଣାରୁ ସ୍ପଷ୍ଟ ଯେ ତାଙ୍କ କଥା ଠିକ୍ ନଥିଲା । ପ୍ରଧାନମନ୍ତ୍ରୀ କଂଗ୍ରେସ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ପ୍ରଚାର କରି ଚାଲିଥିଲେ । ଯେଉଁ ଦୁଇଜଣ କାର୍ଯ୍ୟ ସମିତିରୁ ବାହାରିଗଲେ ସେମାନଙ୍କୁ ବାହାର କରି ଦିଆଯାଇ ନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମର୍ଥକଙ୍କ ସଂଖ୍ୟା ଦଶରୁ ବେଶି ହୋଇନଥାନ୍ତା ଓ କାର୍ଯ୍ୟ ସମିତି ବୈଠକରେ ୨୧ରୁ ୧୧ ସଦସ୍ୟ ଉପସ୍ଥିତ ଥିଲେ ।

ଡ. ଶଙ୍କର ଦୟାଲ ଶର୍ମା ୩୧ ତାରିଖ ରାତି ପର୍ଯ୍ୟନ୍ତ କଂଗ୍ରେସ ଅଧ୍ୟକ୍ଷଙ୍କୁ ଆଶ୍ୱାସନା ଦେଉଥିଲେ ଯେ ସେ ତାଙ୍କ ସାଥିରେ ଅଛନ୍ତି କିନ୍ତୁ କାର୍ଯ୍ୟ ସମିତି ବୈଠକ ଦିନ ସକାଳେ ସେ ପ୍ରଧାନମନ୍ତ୍ରୀଙ୍କ ସେଠାକୁ ଚାଲିଗଲେ ତାପରେ ସେ ମଧ୍ୟ କଂଗ୍ରେସ ଅଧ୍ୟକ୍ଷଙ୍କ ବିରୋଧ କରିବା ଆରମ୍ଭ କଲେ । ମୁଁ ତ ଛ'ମାସ ଆଗରୁ କଂଗ୍ରେସ ଅଧ୍ୟକ୍ଷଙ୍କୁ କହିଥିଲି ଯେ ଶ୍ରୀ ଶଙ୍କର ଦୟାଲ ଶର୍ମାଙ୍କ ଆନୁଗତ୍ୟ ବିଶ୍ୱସନୀୟ ନୁହେଁ । ମୋର ମନେ ହୁଏ ଯେ ସେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧ ସବୁ ଖବର ତାଙ୍କୁ ଦେଉଥିଲେ । ମୋର ଏ ବି ଅନୁମାନ ଯେ ତାଙ୍କଠାରୁ ମିଳିଥିବା ଖବର ଆଧାର ଉପରେ ଆଠ ଅକ୍ଟୋବର ଦିନ ପ୍ରଧାନମନ୍ତ୍ରୀ ଓ ତାଙ୍କର ଚାରିଜଣ ସହକର୍ମୀ କଂଗ୍ରେସ ଅଧ୍ୟକ୍ଷଙ୍କୁ ଚିଠି ଲେଖିଥିଲେ । ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କୁ ଲେଖାଯାଇଥିବା ଚିଠିର ଡ୍ରାଫ୍ଟ ଡା. ଶଙ୍କର ଦୟାଲ ଶର୍ମା ତିଆରି କରି କଂଗ୍ରେସ ଅଧ୍ୟକ୍ଷଙ୍କୁ ଦେଇଥିଲେ, ତେଣୁ ତା'ର କପି ସେ ପ୍ରଧାନମନ୍ତ୍ରୀ ଓ ତାଙ୍କ ସହକର୍ମୀଙ୍କ ପାଖରେ ପହଞ୍ଚାଇଥିବେ । ତେବେ ଯାଇ ସେଇ ରାତିରେ ସେମାନେ କଂଗ୍ରେସ ଅଧ୍ୟକ୍ଷଙ୍କୁ ଚିଠି ଲେଖିଥିଲେ । ସେତେବେଳେ ତାଙ୍କୁ ଜଣାନଥିଲା ଯେ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କ ପାଖକୁ ଏଚିଠି ପଠାଇବାକୁ ମନା କରି ଦେଇଥିଲେ ଫଳରେ ସେ ଚିଠି ଯିବା ସ୍ଥଗିତ କରାଯାଇଥିଲା ।

କଂଗ୍ରେସ କାର୍ଯ୍ୟ ସମିତିର ନଭେମ୍ବର ପହିଲା ଓ ଦୁଇ ତାରିଖ ବୈଠକରେ, ପ୍ରଧାନମନ୍ତ୍ରୀଙ୍କ ଆଚରଣ ଉପରେ ବିଚାର କରାଗଲା । ସେ ନିଜ ନିବାସ ସ୍ଥାନରେ ନିଜ ସହକର୍ମୀଙ୍କ ବୈଠକ କରି 'ରିକ୍ୱିଜିସନ' ନାମରେ କଂଗ୍ରେସ ମହାସମିତିର ବୈଠକ କରିବାକୁ ନିଶ୍ଚୟ କରିଥିଲେ । ଏହା ଉପରେ ବିଚାର କରିବାକୁ କଂଗ୍ରେସ ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ । ଏହାପରେ କାର୍ଯ୍ୟସମିତିର ପର ବୈଠକ ୧୩ ନଭେମ୍ବରକୁ ରଖାଗଲା । କିନ୍ତୁ ପ୍ରଧାନମନ୍ତ୍ରୀ କଂଗ୍ରେସ ସଂସଦୀୟ ଦଳର ଯେଉଁ ବୈଠକ ୧୬ ତାରିଖକୁ ରଖିଥିଲେ ତାକୁ ବଦଳାଇ ୧୩କୁ ରଖିଲେ, ସୁତରାଂ କାର୍ଯ୍ୟସମିତି ବୈଠକର ତାରିଖ ବଦଳାଇ ୧୧କୁ ରଖାଗଲା । ୧୧ ତାରିଖ ବୈଠକ ପାଇଁ ମୁଁ ଯେତେବେଳେ ସେଠାରେ ପହଞ୍ଚିଲି ସେତେବେଳେ ଶ୍ରୀମତୀ ସୁଭଦ୍ରା ଯୋଶୀ, ଶ୍ରୀ ଭଗତ, ଶ୍ରୀ ଶାନ୍ତି ଭୂଷଣ ପ୍ରଭୃତି କାର୍ଯ୍ୟ ସମିତି ବିରୁଦ୍ଧରେ ପ୍ରଦର୍ଶନର ଆୟୋଜନ କରିଥିଲେ ଓ ସେମାନେ ସଦସ୍ୟମାନଙ୍କୁ ଭିତରକୁ ଯିବା ବନ୍ଦ କରିବାକୁ ପ୍ରଯତ୍ନ କରୁଥିଲେ । ସକାଳେ ସମ୍ବାଦପତ୍ରରେ ମୁଁ ପଢିଥିଲି ଯେ ସେମାନେ ଏପରି ପ୍ରଦର୍ଶନ କରିବେ । ପ୍ରଧାନମନ୍ତ୍ରୀ କିନ୍ତୁ ସେମାନଙ୍କୁ ବନ୍ଦ କରି ନଥିଲେ । ଅବଶ୍ୟ ସେଠାକୁ ପୋଲିସ ପଠାଇଥିଲେ ।

Digitized by srujanika@gmail.com

ପୋଲିସ ପ୍ରଦର୍ଶନକାରୀଙ୍କୁ ହଟାଇଲା ନାହିଁ କି ଆଇନ ବିରୁଦ୍ଧ କାମ ବନ୍ଦ କରିବାକୁ ଯେଉଁ କାର୍ଯ୍ୟାନୁଷ୍ଠାନ କରାଯାଏ ତା' କଲା ନାହିଁ । ମୁଁ ଯେତେବେଳେ ସେଠାରେ ପହଁଞ୍ଚିଲି, ପ୍ରଦର୍ଶନକାରୀମାନେ ଗେଟ୍ ଆଗରେ ମୋ ଗାଡି ପାଖରେ ଛିଡା ହୋଇଗଲେ । ତେଣୁ ଗାଡି ଭିତରକୁ ନେବା ମୁସ୍କିଲ ହେଲା ଓ ମତେ ଗାଡିରୁ ଓହ୍ଲାଇବାକୁ ପଡିଲା । ଗାଡିରୁ ଓହ୍ଲାଇବା ପରେ ସେମାନେ ମତେ ଘେରିବାକୁ ଚେଷ୍ଟା କଲେ । କିନ୍ତୁ ମୁଁ ସେ ଘେରରେ ରହି କୌଣସି ପ୍ରକାରେ କାର୍ଯ୍ୟାଳୟରେ ପହଞ୍ଚିଗଲି । ଏହିପରି ମତେ ଭିତରକୁ ଆସିବାରୁ ବନ୍ଦ କରିବା ତାଙ୍କର ନିଷ୍ଫଳ ହେଲା । ଭିତରକୁ ଯାଇ ମୁଁ ଜାଣିଲି ଯେ ସେମାନେ କଂଗ୍ରେସ ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣ କରିଥିଲେ ଓ ସୌଭାଗ୍ୟ ବଶତଃ ସେ ଶାରୀରିକ ଆଘାତରୁ ବଞ୍ଚିଯାଇଥିଲେ ।

ଏହାର ଘଣ୍ଟାଏ ଦେଢଘଣ୍ଟା ପରେ ପ୍ରଧାନମନ୍ତ୍ରୀଙ୍କ ନିଜି ସଚିବ ଶ୍ରୀ କାପୁରଙ୍କ ଟେଲିଫୋନ କଂଗ୍ରେସ ସେକ୍ରେଟେରୀଙ୍କ ପାଖକୁ ଆସିଲା ଯେ ବିରୋଧି ପ୍ରଦର୍ଶନରେ ପ୍ରଧାନମନ୍ତ୍ରୀଙ୍କୁ ବହୁତ ଦୁଃଖ ଲାଗିଲା । ପ୍ରଧାନମନ୍ତ୍ରୀ ସ୍ୱୟଂ କଂଗ୍ରେସ ଅଧ୍ୟକ୍ଷଙ୍କ ସହିତ କଥା ହେବାର ଶିଷ୍ଟତା ତ ଦେଖାଇ ନଥିଲେ କିନ୍ତୁ ଜନତାଙ୍କ ଆଗରେ ନିଜର ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଦେଖାଇବା ପାଇଁ ଏପରି କରିଥିଲେ । ମୋର ମନେ ହୁଏ, ନିଜକୁ ବଞ୍ଚେଇବା ପାଇଁ ସେ ଏପରି ଟେଲିଫୋନ କରିଥିଲେ ।

ଏ ବିଷୟରେ ବହୁତ ବିଚାର ବିନିମୟ ପରେ ଆମେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଅନୁଶାସନ ଭଙ୍ଗ ଯୋଗୁଁ କାର୍ଯ୍ୟାନୁଷ୍ଠାନ କରିବାକୁ ନିଶ୍ଚୟ କରିଲୁ କାରଣ ଏପରି ନ କରିଥିଲେ କଂଗ୍ରେସର ଅସ୍ତିତ୍ୱ ରହିନଥାଆନ୍ତା ।

ମଝିରେ ମଝିରେ ସର୍ବଶ୍ରୀ ବସନ୍ତ ରାଓ ନାଏକ, ମୋହନଲାଲ ସୁଖାଡିୟା ଆଦି ଶ୍ରୀ ଚନ୍ଦ୍ରଭାନ ଗୁପ୍ତାଙ୍କୁ ଡକାଇ ବୁଝାମଣା ପାଇଁ ଚେଷ୍ଟା କରୁଥିଲେ । ବୁଝାମଣାର ସର୍ତ୍ତ ଆମେ ଚର୍ଚ୍ଚା କରିଥିଲୁ । ଶେଷରେ ଆମେ ଏ ସର୍ତ୍ତ ମାନିବାକୁ ପ୍ରସ୍ତୁତ ହୋଇଗଲୁ, ସୁତରାଂ ଅନୁଶାସନାତ୍ମକ କାରବାର ସ୍ଥଗିତ ରଖାଗଲା । କିନ୍ତୁ ସନ୍ଧ୍ୟାରେ ସେମାନଙ୍କ ଠାରୁ ସୂଚନା ମିଳିଲା ଯେ ପ୍ରଧାନମନ୍ତ୍ରୀଙ୍କ ଉପରେ କଂଗ୍ରେସ ଅଧ୍ୟକ୍ଷ ଲଗାଇଥିବା ଆରୋପ ଫେରାଇ ନେବାପରେ ହିଁ ବୁଝାମଣା ସମ୍ଭବ ହୋଇପାରେ । ଏ ସର୍ତ୍ତ ଅନୁଚିତ ଥିଲା କାରଣ ସେମାନଙ୍କ କହିବାନୁସାରେ ଆରୋପ ଫେରାଇ ନେଲା ପରେ ବି ଯଦି ବୁଝାମଣା ହୋଇନଥାନ୍ତା ତେବେ କଂଗ୍ରେସ ଅଧ୍ୟକ୍ଷ ତଥା କାର୍ଯ୍ୟ ସମିତି ପାଖରେ ପୁଣି କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ପ୍ରକାର ସାଧନ ରହି ନଥାଆନ୍ତା ମୁଁ କହିଲି ଯେ ଦୁଇପକ୍ଷର ପ୍ରତିନିଧି ମିଳିକରି କଥାବାର୍ତ୍ତା କରନ୍ତୁ ଓ ଯେଉଁ ପକ୍ଷରେ ଦୋଷ ଦେଖାଯିବ ସେ ନିଜ ଭୁଲ ସ୍ୱୀକାର କରିବେ । ଏହାପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ଯାହା ଲେଖିଛନ୍ତି ତାହା ଫେରାଇ ନିଆଯିବ ନାହିଁ । ଏହାପରେ ବୁଝାମଣା କଥାବାର୍ତ୍ତା ବନ୍ଦ ହୋଇଗଲା ।

କାର୍ଯ୍ୟସମିତି ବୈଠକରେ ଏଗାର ଜଣ ସଦସ୍ୟ ଉପସ୍ଥିତ ଥିଲେ । ସେମାନେ କାର୍ଯ୍ୟସମିତିରୁ ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ ସଦସ୍ୟତାରୁ ହଟାଇ ଦେବା ପ୍ରସ୍ତାବ ପାଶ୍ କଲେ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଂଗ୍ରେସର ସଦସ୍ୟ ଆଉ ନ ରହିବା ହେତୁ, ସେ କଂଗ୍ରେସ ସଂସଦୀୟ ଦଳ ନେତା ବି ରହିପାରିଲେ ନାହିଁ । ତେଣୁ ଦଳର ନୂଆ ନେତା ନିର୍ବାଚନ କରିବାକୁ କୁହାଗଲା ।

ପ୍ରଧାନମନ୍ତ୍ରୀ କଂଗ୍ରେସ ସଂସଦୀୟ ଦଳର ୧୩ ତାରିଖ ଦିନ ଯେଉଁ ବୈଠକ କଲେ, ସେଠାକୁ ଆମେ କେହି ଗଲୁ ନାହିଁ । ଯେଉଁମାନେ ଗଲେ ସେମାନେ କାର୍ଯ୍ୟ ସମିତିର ପ୍ରସ୍ତାବ ଅବଜ୍ଞା କରି ପ୍ରଧାନମନ୍ତ୍ରୀଙ୍କ ପ୍ରତି ବିଶ୍ୱାସ ବ୍ୟକ୍ତ କରିଲେ । ସଂସଦୀୟ ଦଳର ଯେଉଁ ସଦସ୍ୟମାନେ ସେଥିରେ ଭାଗ ନେଲେ ସେମାନେ

Digitized by srujanika@gmail.com

ଏପରି ବ୍ୟବହାରରେ ବସ୍ତୁତଃ କଂଗ୍ରେସ ବିରୁଦ୍ଧରେ ବିଦ୍ରୋହ କଲେ ଓ ଏହିପରି ଆଚରଣ ଦ୍ୱାରା ସେମାନେ କଂଗ୍ରେସରୁ ଅଲଗା ହୋଇଗଲେ । ପ୍ରଧାନମନ୍ତ୍ରୀ ଯେତେବେଳେ କଂଗ୍ରେସ ସଦସ୍ୟ ରହିଲେ ନାହିଁ ସେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ତ୍ୟାଗପତ୍ର ଦେବା ଉଚିତ ଥିଲା । ତା'ପରେ ସଂସଦ ସଦସ୍ୟମାନଙ୍କ ମଧ୍ୟରେ ବହୁମତ ପାଇବା ପରେ, ନୂଆଦଳ ତିଆରି କରି, ତା'ର ନେତା ରୂପେ ପ୍ରଧାନମନ୍ତ୍ରୀ ହେବା ଉଚିତ ଥିଲା । କିନ୍ତୁ ସେ ଏପରି କଲେ ନାହିଁ ଓଲଟି କଂଗ୍ରେସୀ ହିସାବରେ ସେ ପ୍ରଧାନମନ୍ତ୍ରୀ ହୋଇ ରହିଲେ ଓ ଦାବି କଲେ ଯେ ଯେଉଁମାନେ ବିଦ୍ରୋହ କରିଥିଲେ ସେଇମାନେ ହିଁ କଂଗ୍ରେସ ସଂସଦୀୟ ଦଳର ସଦସ୍ୟ ଅଟନ୍ତି । ତାଙ୍କର ଏ ଆଚରଣ କଂଗ୍ରେସ ବିଧାନର କେବଳ ବିରୁଦ୍ଧ ନଥିଲା, ଅନୈତିକ ମଧ୍ୟ ଥିଲା । ସତକଥା ହେଲା ଯେ କ୍ଷମତା ତାଙ୍କ ହାତରେ ଥିବାରୁ ସେ "ଜୋର ଯାହାର ମୂଳକ ତାହାର" ନୀତିରେ କାମ କଲେ । ସଂସଦ ଭବନରେ ଯେତେବେଳେ ବୈଠକ ଚାଲିଥିଲା, ସେତେବେଳେ ବାହାରେ ଅନେକ ସମର୍ଥକଙ୍କ ଗହଳି ଜମି ଯାଇଥିଲା ଯଦିଓ ଆଇନାନୁସାରେ ସେଠାରେ ଭିଡ ଜମିବା କଥା ନୁହେଁ କାରଣ ସଂସଦ ଅଧିବେଶନର ତିନି ଚାରିଦିନ ଆଗରୁ ହିଁ ଭାରତୀୟ ଦଣ୍ଡବିଧାନର ୧୪୪ ଧାରା ଲାଗୁ କରି ସେଠାରେ ଅଧିକ ଲୋକ ଏକାଠି ହେବା ନିଷେଧ କରି ଦିଆଯାଏ । ଏଥର କୁହାଗଲା ଯେ ସେଦିନ ଏ ନିଷେଧାଜ୍ଞା ଲାଗୁ କରାଯାଇନ ଥିଲା ଓ ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନଙ୍କୁ ସେଠାରେ ଜମା ହେବାକୁ ଦିଆଯାଇଥିଲା ଯଦ୍ୱାରା ତାଙ୍କୁ ଗହଳିର ସଂଖ୍ୟା ବଳ ଲାଭ ହେବ । ଏହିପରି କ୍ଷମତାର ସମ୍ପୂର୍ଣ୍ଣ ଦୁରୁପଯୋଗ କରି ପ୍ରଧାନମନ୍ତ୍ରୀ ନିଜର ପଦ ବଜାୟ ରଖିଲେ ।

ସଂସଦର ଜଣେ ସଦସ୍ୟା ଶ୍ରୀମତୀ ତାରକେଶ୍ୱରୀ ସିହ୍ନା ଯେତେବେଳେ ସେଠାରେ ପହଞ୍ଚିଲେ, ସେତେବେଳେ ଭିଡର ଲୋକମାନେ ତାଙ୍କୁ ଘେରିଗଲେ ଓ ପୋଲିସ ଉପସ୍ଥିତିରେ ତାଙ୍କ ସହିତ ଅତ୍ୟନ୍ତ ଅସଭ୍ୟ ବ୍ୟବହାର କଲେ । ଭିଡର ନେତାମାନେ ତାଙ୍କୁ ସେଠାରୁ ଚାଲିଯିବାକୁ କହିଲେ କିନ୍ତୁ ଶ୍ରୀମତୀ ସିହ୍ନା ସଂସଦର ଜଣେ ସଦସ୍ୟ ହୋଇଥିବାରୁ ତାଙ୍କର ସେଠାକୁ ଯିବାର ଅଧିକାର ଅଛି ବୋଲି କହି ତାଙ୍କ କଥା ମାନିବାକୁ ମନା କରିଦେଲେ । ଆଶ୍ଚର୍ଯ୍ୟର କଥା ଯେ ପୋଲିସ ତାଙ୍କୁ ସେଠାରୁ ଚାଲିଯିବାକୁ କହିଲା । ପରେ ପୋଲିସ ଉପସ୍ଥିତିରେ ଭିଡରୁ କେହି ଜଣେ ତାଙ୍କୁ ଥାପଡଟାଏ ମଧ୍ୟ ମାରିଲା ।

ଶ୍ରୀମତୀ ତାରକେଶ୍ୱରୀ ସିହ୍ନା ଯେତେବେଳେ ଏହା ସତ୍ତ୍ୱେ ସେଠାରୁ ହଟିଲେ ନାହିଁ, ପୋଲିସ ତାଙ୍କୁ ଗିରଫ କରିଲେ ଓ ଥାନାକୁ ନେଇଗଲେ । ଉପଦ୍ରବୀମାନଙ୍କୁ ଗିରଫ କରିବା ବଦଳରେ, ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସର୍ବଥା ଅନୁଚିତ ଓ ବେଆଇନ ଥିଲା । ଗୋସ୍ୱାମୀ ତୁଳସୀ ଦାସ ଯାହା କହିଥିଲେ "ସମରଥକୋ ନହିଂ ଦୋଷ ଗୁସାଇ" (The powerful do no wrong) ଏହା ଏହି ଘଟଣା ଉପରେ ସମ୍ପୂର୍ଣ୍ଣ ଲାଗୁ ହେଉଥିଲା । ପରେ ପ୍ରଧାନମନ୍ତ୍ରୀ ଭିଡ ପାଖକୁ ଆସିଲେ । କିନ୍ତୁ ଶ୍ରୀମତୀ ତାରକେଶରୀଙ୍କ ଉପରେ କରାଯାଇଥିବା ଆକ୍ରମଣକୁ ନିନ୍ଦା କରିବା ପରିବର୍ତ୍ତେ ଓଲଟି ତାଙ୍କୁ ଦେଇଥିବା ଉତ୍ସାହ ପାଇଁ ସେ ସମବେତ ଜନତାକୁ ଧନ୍ୟବାଦ ଦେଲେ ।

ପ୍ରଧାନମନ୍ତ୍ରୀଙ୍କ ଏପରି ଆଚରଣରୁ କେହି ବି ଅନୁମାନ କରିପାରନ୍ତି ଯେ ଶ୍ରୀମତୀ ତାରକେଶରୀ ସିହ୍ନାଙ୍କ ସହିତ ଯେଉଁ ଦୁର୍ବ୍ୟବହାର କରାଗଲା ସେଥିରେ ନା ସେ ନାରାଜ ଥିଲେ ନା ସେଥିପାଇଁ ତାଙ୍କର କୌଣସି ଅନୁତାପ ଥିଲା ।

କଂଗ୍ରେସ ସଂସଦୀୟ ଦଳର ସଦସ୍ୟ ଯେତେବେଳେ ଏପରି ବିଦ୍ରୋହ କଲେ, ସେତେବେଳେ ଯେଉଁ ସଦସ୍ୟମାନେ ବିଦ୍ରୋହରେ ଯୋଗ ନ ଦେଇ ସଂସ୍ଥା ପ୍ରତି ଅନୁଗତ ରହିଥିଲେ ସେହି ୬୫ ଜଣ ସଦସ୍ୟ ୧୩ ତାରିଖ ଦିନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ନିଜ ଲିଙ୍ଗପ୍ପାଙ୍କ ନିବାସ ସ୍ଥାନରେ ମିଳିତ ହେଲେ । ଏହି ବୈଠକରେ ସେମାନେ

Digitized by srujanika@gmail.com

ମତେ ଦଳର ଅଧ୍ୟକ୍ଷ ନିର୍ବାଚିତ କଲେ ଓ ଡ. ରାମ ସୁଭଗ ସିଂହ ତଥା ଶ୍ରୀ ଶ୍ୟାମ ନନ୍ଦନ ମିଶ୍ର କ୍ରମଶଃ ସଂସଦ ତଥା ରାଜ୍ୟ ସଭାରେ ଦଳର ନେତା ବଛାଗଲେ । ଡ. ରାଜୁ ସଂସଦରେ ଉପନେତା ହେଲେ । କଂଗ୍ରେସ ସଂସଦୀୟ ଦଳର ସମ୍ବିଧାନ ତିଆରି ବେଳେ ଏପରି କଳ୍ପନା କରାଯାଇ ନଥିଲା ଯେ ଏ ଦଳକୁ କେବେ ବିରୋଧି ପକ୍ଷରେ ମଧ୍ୟ ରହିବାକୁ ହେବ । ତେଣୁ ସର୍ବଦା ଶାସକ ଦଳ ହୋଇରହିବା କଳ୍ପନା ରଖି ଏ ସମ୍ବିଧାନ ତିଆରି ହୋଇଥିଲା । ତେଣୁ ଏ ବୈଠକରେ ସମ୍ବିଧାନରେ ଉପଯୁକ୍ତ ସଂଶୋଧନ କରି ଦଳର ଅଧ୍ୟକ୍ଷ ଓ ଦୁଇ ସଦନର ନେତା ସମ୍ବନ୍ଧରେ ବ୍ୟବସ୍ଥା କରାଗଲା । ସେଇଅନୁସାରେ ୧୬ ତାରିଖ ଦିନ ଅଧ୍ୟକ୍ଷ ତଥା ଦୁଇ ସଦନର ନେତାମାନଙ୍କର ନିର୍ବାଚନ ହେଲା । ଏହିପରି କଂଗ୍ରେସ ସଂସଦୀୟ ଦଳର ବିରୋଧ ପକ୍ଷ ଉତ୍ପନ୍ନ ହେଲା । ସଂସଦ ତଥା ରାଜ୍ୟ ସଭାରେ ଆଜି ପର୍ଯ୍ୟନ୍ତ ଅଧିକୃତ ରୂପେ କୌଣସି ବିରୋଧ ପକ୍ଷ ନଥିଲେ କାରଣ ଆଜିଯାଏ ଯେତେ ବିରୋଧୀ ଦଳ ଥିଲେ, ସେମାନଙ୍କ ମଧ୍ୟରେ କାହାରି ସଦସ୍ୟ ସଂଖ୍ୟା ସଦନର ମୋଟ ସଦସ୍ୟମାନଙ୍କର ଦଶ ପ୍ରତିଶତ ନଥିଲା । ପ୍ରଥମଥର ହିଁ ସଂସଦରେ ଡା. ରାମ ସୁଭଗ ସିଂହ ଓ ରାଜ୍ୟସଭାରେ ଶ୍ରୀ ଶ୍ୟାମ ନନ୍ଦନ ମିଶ୍ର ଅଧିକୃତ ରୂପେ ବିରୋଧ ପକ୍ଷ ନେତା ହେଲେ, ସେମାନଙ୍କୁ ଏପରି ମାନ୍ୟତା ମିଳିବାକୁ ଡେରି ଲାଗିଲା ନାହିଁ । କାରଣ ବହୁମତ ଶ୍ରୀମତୀ ଗାନ୍ଧୀଙ୍କ ପକ୍ଷରେ ହେଲେ ମଧ୍ୟ ଅଧ୍ୟକ୍ଷ ଆମକୁ ଅବହେଳା କରିପାରି ନଥିଲେ । ଶେଷରେ ଦୁଇ ପକ୍ଷକୁ ମାନ୍ୟତା ଦିଆଗଲା । କିନ୍ତୁ ଆମ ପକ୍ଷକୁ କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟି (ଓ) ନାମ ଦିଆଗଲା । କେତେଲୋକ ଏହାକୁ 'ଅପୋଜିସନ କଂଗ୍ରେସ କୁହନ୍ତି ।' କିନ୍ତୁ ଆମେ ନିଜ ଦଳକୁ ସଂଗଠନ କଂଗ୍ରେସ (ଅର୍ଗାନାଇଜେସନ୍ କଂଗ୍ରେସ) କହୁ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ରିକ୍ୱିଜିସନ କରିଥିବା ସଦସ୍ୟମାନଙ୍କ ମଧ୍ୟରୁ କେତେକଙ୍କର ହସ୍ତାକ୍ଷରରେ ତଥାକଥିତ କଂଗ୍ରେସ ମହାସମିତିର ଅଧିବେଶନ ୨୨ ଓ ୨୩ ନଭେମ୍ବରକୁ ଡକାଇ ଥିଲେ । କଂଗ୍ରେସ ସମ୍ବିଧାନରେ ଏପରି ଅଧିବେଶନର କୌଣସି ବ୍ୟବସ୍ଥା ନାହିଁ ତେଣୁ ସେ ସମସ୍ତ କାରବାର ଅବୈଧାନିକ ଥିଲା । ନଭେମ୍ବର ପହିଲା ଦିନ କାର୍ଯ୍ୟସମିତି ବୈଠକ ହେଲା । ଏକ ତାରିଖ ରାତି ପ୍ରାୟ ଦୁଇଟା ବେଳେ ୪୦୭ ସଦସ୍ୟଙ୍କ ହସ୍ତାକ୍ଷରରେ ମହାସମିତିର ଅଧିବେଶନ ପାଇଁ ''ରିକ୍ୱିଜିସନ'' ଚିଠି ମିଳିଲା । କାର୍ଯ୍ୟସମିତି ଏହା ଉପରେ ବିଚାର କଲା । 'ରିକ୍ୱିଜିସନ' ପାଇଁ ସବୁ ହସ୍ତାକ୍ଷର ଖଣ୍ଡେ କାଗଜରେ ନଥିଲା । ବରଂ ଅନେକ କାଗଜ ଉପରେ କିଛି କିଛି ଦସ୍ତଖତ ଥିଲା । କୌଣସି କାଗଜରେ ୧୦ ବା ୨୦ରୁ ଅଧିକ ହସ୍ତାକ୍ଷର ନଥିଲା ଓ କେତେକ କାଗଜରେ ତ ୧ରୁ ୪ ପର୍ଯ୍ୟନ୍ତ ଦସ୍ତଖତ ଥିଲା । ଏଥିରୁ ଜଣାପଡୁଛି ଯେ ଦସ୍ତଖତ କିପରି ପ୍ରାପ୍ତ କରାଯାଇଥିବ । ଗୁଜରାଟ ସଦସ୍ୟମାନଙ୍କର ଯେଉଁ ଦସ୍ତଖତ ଥିଲା ତାକୁ ଦେଖି ମତେ ଜଣାପଡିଲା ଯେ ସେଥିରୁ ତିନି ଚାରି ଦସ୍ତଖତ ନକଲି ଥିଲା । ଏହା ମୁଁ ନିଜ ଆଖିରେ ଦେଖିଥିଲି ।

ଅନ୍ୟ କେତେକ ହସ୍ତାକ୍ଷର ସତ ନଥିଲା । ପଞ୍ଜାବର ହସ୍ତାକ୍ଷର ମଧ୍ୟରେ ଏପରି ଦୁଇ ଜଣଙ୍କର ହସ୍ତାକ୍ଷର ଥିଲା ଯେ କି କେତେ ମାସ ଆଗରୁ କଂଗ୍ରେସ ଛାଡି ଦେଇଥିଲେ ଓ ଏ ସମୟରେ କଂଗ୍ରେସ ସଦସ୍ୟ ନଥିଲେ । ତେଣୁ କାର୍ଯ୍ୟସମିତି, ''ରିକ୍ୱିଜିସନ''କୁ ସ୍ପଷ୍ଟ ରୂପେ ନିୟମ ବିରୁଦ୍ଧ କହି ଅସ୍ୱୀକାର କରିଲେ । କିନ୍ତୁ କଂଗ୍ରେସ ମହାସମିତିର ପ୍ରଥାଗତ ସାଧାରଣ ଅଧିବେଶନ କରିବାକୁ କାର୍ଯ୍ୟସମିତି ସ୍ଥିର କରି ଡିସେମ୍ବର ତୃତୀୟ ସପ୍ତାହରେ ଗୁଜରାଟରେ ଏହା କରିବାକୁ ସେହିଦିନ ଘୋଷଣା କରିଦେଲେ ।

ପ୍ରଧାନମନ୍ତ୍ରୀ ତଥା ତାଙ୍କ ସାଥିମାନଙ୍କର ଦାବୀ ଥିଲା ଯେ କଂଗ୍ରେସ ମହାସମିତି ସଦସ୍ୟମାନଙ୍କର ବହୁମତ ତାଙ୍କ ସପକ୍ଷରେ ଅଛି । ତାଙ୍କର ଏହି ଦାବୀ ସତ ହୋଇଥିଲେ କାର୍ଯ୍ୟସମିତି ଦ୍ୱାରା ଆୟୋଜିତ ମହାସମିତିରେ ଉପସ୍ଥିତ ରହି ସେମାନେ କାର୍ଯ୍ୟସମିତିର ପ୍ରସ୍ତାବକୁ ବିରୋଧ କରିପାରିଥାନ୍ତେ ଓ ଏହିପରି

Digitized by srujanika@gmail.com

କାର୍ଯ୍ୟସମିତି ପ୍ରତି ଅବିଶ୍ୱାସ ପ୍ରକଟ କରିପାରିଥାନ୍ତେ । କିନ୍ତୁ ତାଙ୍କର ପୂରା ବିଶ୍ୱାସ ଥିଲା ଯେ ତାଙ୍କୁ ବହୁମତ ମିଳିବ ନାହିଁ । ସେଥିପାଇଁ ସେ ବିଦ୍ରୋହରେ ଏପରି ଅନୈତିକ ଓ ଅବୈଧାନିକ କାରବାର କରିଥିଲେ । ତାଙ୍କର ଅଧିବେଶନ ଦିଲ୍ଲୀରେ ହେଲା ଓ ତା'ର ଅଧ୍ୟକ୍ଷତା ଶ୍ରୀମତୀ ଗାନ୍ଧୀ କରିଥିଲେ, ଯେ କି କାର୍ଯ୍ୟସମିତି ଦ୍ୱାରା ବୈଧାନିକ ଭାବେ କଂଗ୍ରେସ ସଦସ୍ୟଠାରୁ ହଟାଇ ଦିଆଯାଇଥିବାରୁ, କଂଗ୍ରେସ ସଦସ୍ୟ ମଧ୍ୟ ନଥିଲେ । ସମ୍ବିଧାନ ସମ୍ବନ୍ଧରେ ଯେ ଟିକିଏ ବି ଜାଣନ୍ତି, ସେ ବୁଝିପାରିବେ ଯେ ଏପରି ଅବସ୍ଥାରେ ତାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା କଂଗ୍ରେସ ମହାସମିତି ଅଧିବେଶନ କୌଣସି ଭାବେ ନିୟମିତ ବୋଲି ଧରାଯାଇ ପାରିବ ନାହିଁ। ବମ୍ବେରେ କଂଗ୍ରେସର ଖୋଲା ଅଧିବେଶନ କରିବାକୁ ସେ ଘୋଷଣା କଲେ । ଏହା ବି ତାଙ୍କର ପୂରା ଭୁଲ କାରବାର ଥିଲା ।

କାର୍ଯ୍ୟସମିତି, କଂଗ୍ରେସ ମହାସମିତି ବୈଠକ ତଥା କଂଗ୍ରେସର ଖୋଲା ଅଧିବେଶନ ଅହମ୍ମଦାବାଦରେ କରିବାକୁ ସ୍ଥିର କରିଥିଲେ । ତଦନୁସାରେ ଏହି ଅଧିବେଶନ ଅହମ୍ମଦାବାଦଠାରୁ ବାର ତେର ମାଇଲ ଦୂର ଗାନ୍ଧୀନଗରରେ ହେଲା ଯେଉଁଠାରେ ଗୁଜରାଟର ନୂଆ ରାଜଧାନୀ ତିଆରି ହେଉଥିଲା ଓ ଯେଉଁଠି ଲୋକମାନଙ୍କର ରହିବା ବର୍ତ୍ତମାନ ଆରମ୍ଭ ହୋଇନଥିଲା । ସମସ୍ତଙ୍କର ଅନୁମାନ ଥିଲା ଯେ ଯେତେଲୋକ ଅଧିବେଶନକୁ ଆସିଥିଲେ ସେମାନଙ୍କ ସଂଖ୍ୟା ପାଞ୍ଚଲକ୍ଷ ପାଖାପାଖି ହେବ । ପୂର୍ବ କିଛି ବର୍ଷରୁ କଂଗ୍ରେସ ଅଧିବେଶନରେ ଏତେ ଅଧିକ ଉପସ୍ଥିତି କେବେ ଦେଖାଦେଇ ନଥିଲା, ସବୁଦିନେ ଉପସ୍ଥିତି ବହୁତ ରହିଲା । ବ୍ୟବସ୍ଥା ଓ ଅନୁଶାସନରେ କୌଣସି କମି ହୋଇ ନଥିଲା । ବିଶେଷତ୍ୱ ଏହାହେଲା ଯେ ଏତେ ଭିଡ ହୋଇଥିବା ସତ୍ତ୍ୱେ କୌଣସି ଦୁର୍ଘଟଣା ଘଟି ନଥିଲା କି କାହାର ପକେଟମାର ହୋଇ ନଥିଲା ।

ଏହାର ବିପରୀତ, ବମ୍ବେ ପରି ବିଶାଳ ନଗରରେ ଯେଉଁ ଅଧିବେଶନର ଆୟୋଜନ ହୋଇଥିଲା ସେଥିରେ ଏପରି ଉତ୍ସାହର ଅଭାବ ଦେଖାଯାଉଥିଲା । ସେଥିରେ ଉପସ୍ଥାନ ମଧ୍ୟ ବେଶି ହୋଇ ନଥିଲା । ତଥାପି ସେମାନେ ଅଧିକ ଉପସ୍ଥିତି ଦାବୀ କରିଥିଲେ । ଯେଉଁ ସ୍ଥାନରେ ଏ ଅଧିବେଶନ ହୋଇଥିଲା ସେହି ସ୍ଥାନର କ୍ଷେତ୍ରଫଳ ଦେଖିଲେ ଜଣାଯାଏ ଯେ ସେଠାରେ ଦେଢଲକ୍ଷରୁ ଅଧିକ ଲୋକ ବସିପାରିବେ ନାହିଁ । ତଥାପି ପାଞ୍ଚ ଲକ୍ଷରୁ ଅଧିକ ଉପସ୍ଥିତି ସେମାନେ ଦାବୀ କରିଥିଲେ । ରେଡିଓ ତଥା ଅନେକ ସମ୍ବାଦପତ୍ର ତାଙ୍କ ହାତରେ ଥିଲା । ସେଥିରେ ହେଉଥିବା ଜୋର ପ୍ରଚାର କେହି ବନ୍ଦ କରିପାରି ନଥିଲେ । ଶାସକ ଦଳ ଦ୍ୱାରା ରେଡିଓର ଯେତେ ଦୁରୁପଯୋଗ ଏଠାରେ କରାଯାଇଥିଲା, ଏତେ ମୋ ଜାଣିବାରେ ଏହି ଦେଶରେ ବା ଦୁନିଆର କୌଣସି ଦେଶରେ କରାଯାଇନଥିବ ।

ପ୍ରଧାନମନ୍ତ୍ରୀଙ୍କ ଏହା ତଥା ଏହା ପରର ଆଚରଣ ଇତିହାସ ପୃଷ୍ଠାରେ ନିଜ ଢଙ୍ଗରେ ଗୋଟିଏ ନମୁନା ରହିବ । ଏପରି ନମୁନା ଖାଲି ଏ ଦେଶର କ'ଣ, କୌଣସି ଦେଶରେ ଆଜିଯାଏ ଦେଖିବାକୁ ମିଳି ନାହିଁ । କିନ୍ତୁ ଏପରି ଚାଲାଖିରେ ସେ ବହୁତ ସଫଳ ହୋଇଥିଲେ । ଏକଥା ମାନିବାକୁ ହେବ ଯେ ତାଙ୍କ ବୁଦ୍ଧି ବହୁତ ତେଜ ଅଟେ ଓ ତାଙ୍କର ସାହସ ବହୁତ କିନ୍ତୁ ତାଙ୍କ ବୁଦ୍ଧି ଯେପରି ଉପଯୋଗ ହେଉଛି, ତା'କୁ ଦେଖି ମତେ ଲାଗୁଛି ଯେ ତାକୁ ସଦ୍‌ବୁଦ୍ଧିର ଉପଯୋଗ ବୋଲି ବହୁତ ମୁସ୍କିଲରେ କୁହାଯାଇ ପାରିବ ।

Digitized by srujanika@gmail.com

(୪୫) ମୋ ପରିବାର

ମୋ ପରିବାର ସମ୍ବନ୍ଧୀୟ କିଛି ବିଷୟ ସମୟ ସମୟରେ ଆଗରୁ ମୁଁ କହିସାରିଛି କିନ୍ତୁ ପୁନରୋକ୍ତି ଦୋଷର ବିପତ୍ତିକୁ ମୁଣ୍ଡରେ ନେଇ କେତେକ କଥା ଏଠାରେ ଏକାଠି ଉଲ୍ଲେଖ କରିବା ଠିକ୍ ମନେ କରୁଛି ।

ଆଗରୁ ଯାହା କହିଛି, ମୋ ପିତା ଭାବନଗର ରାଜ୍ୟରେ ଶିକ୍ଷକ ଚାକିରୀ କରୁଥିଲେ । ଏଣୁ ପିଲାଦିନେ ମୋ ଲାଳନପାଳନ ଭଦୋଳିରେ ମୋ ଅଜା (ମା'ଙ୍କ ବାପା)ଙ୍କ ଘରେ ହୋଇଥିଲା । ଅଜାଙ୍କ ଘରେ ଥିଲେ, ଅଜା, ଆଇ, ଦୁଇଜଣ ମାମୁଁ ଓ ତାଙ୍କ ପରିବାର । ଏ ସମସ୍ତଙ୍କର କେବଳ ପ୍ରେମ ପୂର୍ଣ୍ଣ ଛାୟା ମତେ ମିଳି ନଥିଲା ବରଂ ସେମାନଙ୍କଠାରୁ ଉତ୍ତମ ସଂସ୍କାର ମତେ ପ୍ରାପ୍ତ ହୋଇଥିଲା ।

ମୋ ପିତାଙ୍କ ଦେହାନ୍ତ ମୁଁ ମାଟ୍ରିକ୍‌ରେ ଥିବାବେଳେ ହୋଇଯାଇଥିଲା ଓ ଏହାର ତତ୍‌କାଳ ପରେ ମୋର ବିବାହ ହୋଇଥିଲା । ମୋ ବିବାହ ୧୯୧୧ରେ ହୋଇଥିଲା କିନ୍ତୁ ପତ୍ନୀ ସହିତ ରହିବା ୧୯୧୭ରୁ ସମ୍ଭବ ହୋଇଥିଲା । ଏହାର କାରଣ ହେଲା ଯେ ସେ ପର୍ଯ୍ୟନ୍ତ ମୁଁ ପଢୁଥିଲି ଓ ଆମ ଦୁହିଁଙ୍କ ବୟସ ସେ ସମୟରେ ବହୁତ କମ୍ ଥିଲା । ବି.ଏ. ପାଶ କରିସାରିବା ପରେ ମୁଁ ଗୃହସ୍ଥ ଜୀବନ ଆରମ୍ଭ କରିଥିଲି । ୧୯୧୮ରେ ଯେବେ ମୁଁ ଚାକିରୀ ଆରମ୍ଭ କଲି, ମୋ ଭାଇ, ଭଉଣୀ, ମା ଓ ପତ୍ନୀ ଆମେ ସମସ୍ତେ ଅହମ୍ମଦାବାଦରେ ଏକା ସାଙ୍ଗରେ ରହୁଥିଲୁ । ମୋ ଭଉଣୀରୁ ଜଣକ ଲୁଗାରେ ନିଆଁ ଲାଗିଯାଇଥିଲା, ସେଥିରେ ସେ ଗୁରୁତର ଭାବରେ ପୋଡି ହୋଇଯାଇ ଥିଲେ ଓ ସେଥିରେ ମରିଯାଇ ଥିଲେ । ସେହିଦିନୁ ନିଜ ପରିବାରରେ ମୁଁ ବାଣ ନ ଫୁଟାଇବା ସଂକଳ୍ପ କରିଥିଲି ଓ ଆଜିଯାଏ ତାହା ପାଳନ କରୁଛି ।

୧୯୨୮ ସୁଦ୍ଧା ମୁଁ ପାଞ୍ଚ ସନ୍ତାନର ପିତା ହୋଇସାରିଥିଲି । ସେଥିରୁ ୧୯୩୦ରେ ଯେତେବେଳେ ମୁଁ ଚାକିରି ଛାଡିଲି ସେତେବେଳେ ଦୁଇ ଝିଅ ଓ ଦୁଇ ପୁଅ -- ଚାରି ସନ୍ତାନ ଜୀବିତ ଥିଲେ । ମୁଁ ଚାକିରି ଛାଡିବା ପର୍ଯ୍ୟନ୍ତ ସେମାନେ ମୋ ସହିତ ରହୁଥିଲେ । ମୋ ବଡ ଝିଅ ବୀରୁର ଜନ୍ମ ୧୯୨୧ ଶେଷ ଆଡକୁ ହୋଇଥିଲା । ଏହାପରେ ଗୋଟିଏ ପୁଅ ହେଲା । ସେ ଜନ୍ମର ୧୮ ମାସ ପରେ ଭଗବାନଙ୍କ ପାଖକୁ ଚାଲିଗଲା । ୧୯୨୫ ରେ ଦ୍ୱିତୀୟ କନ୍ୟା ଇନ୍ଦୁ ଜନ୍ମ ହୋଇଥିଲା ଓ ୧୯୨୬ରେ ଦ୍ୱିତୀୟ ପୁତ୍ର କାନ୍ତିଲାଲ ଜନ୍ମ ହୋଇଥିଲା । ୧୯୨୮ରେ ଯେଉଁ ତୃତୀୟ ପୁଅ ଜନ୍ମ ହୋଇଥିଲା, ତା'ର ମୃତ୍ୟୁ ୧୯୩୦ରେ ମୁଁ ଚାକିରି ଛାଡିବାର ଏକମାସ ପରେ ହୋଇଥିଲା । ଏହିପରି ଶେଷକୁ ଦୁଇଝିଅ ଓ ଗୋଟିଏ ପୁଅ ମୋ ପାଖରେ ଥିଲେ ।

୧୯୩୦ରେ ଚାକିରି ଛାଡିବାର କିଛି ଦିନ ପରେ ମୁଁ ଜେଲ ଯାଇଥିଲି, ଯଦ୍ଦ୍ୱାରା ମୋ ପିଲାମାନଙ୍କ ପଢାପଢିରେ ବହୁତ ଅବ୍ୟବସ୍ଥା ହୋଇଗଲା । ମୋ ପତ୍ନୀ ମଧ୍ୟ ଜେଲ ଯାଇଥିଲେ । ବଡ ଝିଅକୁ ମୁଁ ବରୋଦା ପାଖ ଇଟୋଲାସ୍ଥ କନ୍ୟା ଗୁରୁକୂଳରେ ରଖି ଦେଇଥିଲି । ସାନଝିଅ ମୋ ସାନ ଭାଇ ଅମ୍ବୁଭାଇ ସହିତ ରହୁଥିଲା । ଆଉ ପିଲାମାନଙ୍କୁ ମୋର ସବୁଠାରୁ ସାନ ଭାଇ, ଛୋଟୁ ଭାଇ, ଯେ କରାଚୀ ଚାଲି ଯାଇଥିଲେ, ତାଙ୍କ ସହିତ ୧୯୩୧ରେ ସେଠାକୁ ପଠାଇ ଦେଇଥିଲି । ଏହିପରି ସେମାନଙ୍କ ପଢାପ୍ରତି ୧୯୩୦ ପରେ ମୁଁ ଧ୍ୟାନ ଦେଇପାରି ନଥିଲି । ମୋ ଜୀବନ ଜେଲରେ କଟିଥିଲା ବା କଂଗ୍ରେସ କାମରେ ଗୁଜରାଟ ବୁଲିବାରେ । ୧୯୩୪ରେ ମୁଁ ଜେଲରୁ ଆସିଲି । ତା'ପରେ ମୋଠାରୁ ଛୋଟ ଭାଇ, ଅମ୍ବୁଭାଇ, ସହିତ ଅହମ୍ମଦାବାଦରେ ରହୁଥିଲି । ମୋର ଦୁଇଝିଅ ସେତେବେଳେ ମ୍ୟୁନିସିପାଲ ସ୍କୁଲକୁ ପଢିବାକୁ ଯାଉଥିଲେ ଓ ପୁଅ ମଧ୍ୟ ସେଠାରେ ଗୋଟିଏ ସ୍କୁଲରେ ପଢିବାକୁ ଯାଉଥିଲା । ପରେ ତାକୁ ଗୁଜରାଟ ବିଦ୍ୟାପୀଠରେ ରଖିଥିଲି । ଏହାପରେ

Digitized by srujanika@gmail.com

ମାଟ୍ରିକ ଶେଷ ବର୍ଷରେ ବମ୍ବେରେ ତାକୁ ଶ୍ରୀ ମଙ୍ଗଳ ଦାସ ପକ୍ୱାସାଙ୍କ ଘରେ ରଖିଥିଲି, ସେଠାରେ ସେ ବର୍ଷେ ପଢିଥିଲା ।

୧୯୨୯ ପର୍ଯ୍ୟନ୍ତ ଯେତେବେଳେ ମୋ ପିଲାମାନେ ମିଛ କହୁଥିଲେ ବା କିଛି ଜିନିଷ ନଷ୍ଟ କରି ଦୁଷ୍ଟାମି କରୁଥିଲେ ମୁଁ ସେମାନଙ୍କୁ ଶକ୍ତ ଦଣ୍ଡ ଦେଉଥିଲି ଓ ମାରୁଥିଲି ମଧ୍ୟ । ସେ ଦିନମାନଙ୍କରେ ମୋର ଖୁବ ଶୀଘ୍ର ରାଗ ଆସୁଥିଲା । ୧୯୨୯ ରୁ ମୁଁ ଅନୁଭବ କରିବାକୁ ଲାଗିଲି ଯେ କ୍ରୋଧ କରିବା ଉଚିତ ନୁହେଁ । କିନ୍ତୁ ଅନ୍ୟ ପକ୍ଷରେ ଏପରି ଲାଗୁଥିଲା ଯେ କାମ ପାଇଁ ରାଗିବା ଜରୁରୀ ଅଟେ । ଏଥିରେ କ୍ରୋଧ କାବୁରେ ଆସୁନଥିଲା । ୧୯୨୯ରେ ମୁଁ ଭଲ ଭାବେ ବୁଝିନେଲି ଯେ ନିଜ ପିଲାଙ୍କୁ ବା ଅନ୍ୟ କାହାକୁ ଶାରୀରିକ ଦଣ୍ଡ ଦେଇ ସୁଧାରିବା ପାଇଁ ଚେଷ୍ଟା କରିବା ଉଚିତ ନୁହେଁ । ସେ ପୂର୍ବଜନ୍ମ ପ୍ରଭାବରୁ ଏକ ସଂସ୍କାର ନେଇ ଆସିଛନ୍ତି । ସେ ସଂସ୍କାରକୁ ମୁଁ ତାଙ୍କୁ ଶକ୍ତ ଦଣ୍ଡ ଦେଇ ସୁଧାରି ପାରିବି ନାହିଁ ଓ ଏହା ଉଚିତ ମଧ୍ୟ ନୁହେଁ । ସେମାନଙ୍କୁ ଶାରୀରିକ ଦଣ୍ଡ ଦେଲେ ସେମାନେ ତା'ର ପ୍ରତିରୋଧ ତ କରିପାରିବେ ନାହିଁ । ଏଣୁ ମୋ ପାଇଁ ଏହା ଠିକ୍ ନୁହେଁ । ଏହା ଭାବି କରି ହିଁ ୧୯୨୯ରୁ ମୁଁ ଶାରୀରିକ ଦଣ୍ଡ ଦେବା ବନ୍ଦ କରିଦେଲି ।

୧୯୩୭ରେ ମୁଁ ଯେତେବେଳେ ବମ୍ବେରେ ମନ୍ତ୍ରୀ ହେଲି ସେତେବେଳେ ମୋ ପିଲାମାନେ ବମ୍ବେରେ ହିଁ ପଢୁଥିଲେ । ମୋ ପୁଅ କାନ୍ତିଲାଲ କବିବାଇ ହାଇସ୍କୁଲରେ ପଢୁଥିଲା । ୧୯୩୯ରେ ମୁଁ ଯେତେବେଳେ ମନ୍ତ୍ରୀପଦ ଛାଡିଲି, ସିଧା ଅହମ୍ମଦାବାଦ ଗଲି ଓ ସେତେବେଳେ ମଧ୍ୟ ମୋ ଛୋଟ ଭାଇ ଅମ୍ବୁଭାଇ ସହିତ ରହିଲି । ସେତେବେଳେ ଆମେ ଚାରି ଭାଇ ଅହମ୍ମଦାବାଦରେ ରହୁଥିଲୁ । ଅମ୍ବୁଭାଇ ଗୋଟିଏ ମିଲରେ ମ୍ୟାନେଜର ଥିଲେ । ତା'ଠାରୁ ସାନ-ନାନୁ ଭାଇ ସେଇ ବର୍ଷ ଲଣ୍ଡନରୁ ଏଫ୍.ଆର.ସି.ଏସ୍. ହୋଇ ଆସିଥିଲେ ଓ ସବୁଠାରୁ ସାନ ଭାଇ, ଛୋଟୁଭାଇ, ମ୍ୟୁନିସିପାଲିଟିରେ ଚିଫ୍ ଇଞ୍ଜିନିୟର ଥିଲେ । କିଛି ଦିନ ଆଗରୁ ସିନ୍ଧରୁ ଅହମ୍ମଦାବାଦକୁ ତାଙ୍କର ବଦଳି ହୋଇଥିଲା ।

୧୯୪୦-୪୧ରେ ଓ ତାପରେ ୧୯୪୨ରେ ଯେତେବେଳେ ମୁଁ ଜେଲ ଗଲି, ସେତେବେଳେ ସବୁ ପିଲାଙ୍କ ପଢା ଗଡବଡ ହୋଇଗଲା । ୧୯୩୯ରେ ମୁଁ ମନ୍ତ୍ରୀପଦ ଛାଡିଲି, ତା'ପୂର୍ବରୁ ବଡ ଝିଅର ବିବାହ ନିଜ ସଡୁର ଭାଇ ସହିତ କରିଦେଇଥିଲି, ଯାହା ଦୁଇଜଣଙ୍କ ସମ୍ମତି ନେଇ କରାଯାଇଥିଲା । ୧୯୪୧ ଶେଷକୁ ନଭସାରୀରେ ଏ ବିବାହ ହୋଇଥିଲା । ସେତେବେଳେ ବିବାହ ପାଇଁ ମୁଁ କାହାରିକୁ ନିମନ୍ତ୍ରଣ କରି ନଥିଲି । ତଥାପି ପ୍ରାୟ ସବୁ ନିଜ ସମ୍ପର୍କୀୟ ମାନେ ବିନା ଡକାରେ ଆସିଥିଲେ । ତେଣୁ ବହୁତ ଭିଡଭାଡ ହୋଇଥିଲା । କାରଣ ମୋର ଏଠାରେ ଏହା ପ୍ରଥମ ବିବାହ ଥିଲା ଓ ସବୁ ସମ୍ପର୍କୀୟମାନେ ମୋ ପ୍ରତି ଖୁବ ସଦ୍‌ଭାବନା ରଖିଥିଲେ ।

ମୋ ପୁଅ କାନ୍ତିଲାଲ ମାଟ୍ରିକ ପାସ୍ କରିବା ପରେ କଲେଜରେ ଭର୍ତ୍ତି ହେଲା, କିନ୍ତୁ ଇଣ୍ଟର ସାଇନ୍ସ ପରୀକ୍ଷାରେ ଅନୁତୀର୍ଣ୍ଣ ହୋଇଗଲା ଯଦ୍ଦ୍ୱାରା ଆଗକୁ ପଢିବାକୁ ତା'ର ଇଚ୍ଛା ହେଲା ନାହିଁ । ଏହାର ଏକ କାରଣ ଏହା ମଧ୍ୟ ଥିଲା ଯେ ମୁଁ ତାକୁ ବିଜ୍ଞାନ ନେବାକୁ କହିଥିଲି ଯଦ୍ଦ୍ୱାରା ଇଞ୍ଜିନିୟରିଂଗ ବା ଅନ୍ୟ ଲାଇନ୍‌ରେ ଯାଇପାରିବ । କିନ୍ତୁ ଏ ବିଷୟ ତା ପ୍ରତି ଅନୁକୂଳ ହେଲା ନାହିଁ ଓ ପରୀକ୍ଷାରେ ସେ ଅସଫଳ ରହିଲା । ଏଣୁ ସେ କୌଣସି କାମରେ ଲାଗିଯିବାକୁ ବିଚାର କଲା । ମୁଁ ବିଚାର କରି ଏୟାର ଗ୍ରାଉଣ୍ଡ ଇଞ୍ଜିନିୟରିଂ ଲାଇନ୍ ନେବାକୁ ପରାମର୍ଶ ଦେଲି । ଟାଟା ଏୟାର ଓ୍ୱେଜ କମ୍ପାନୀରେ ସେ ସମୟରେ ଗ୍ରାଉଣ୍ଡ ଇଞ୍ଜିନିୟରିଂ ପାଇଁ ପ୍ରଶିକ୍ଷଣାର୍ଥୀ (ଆପ୍ରେଣ୍ଟିସ୍) ରଖାଯାଉଥିଲେ । ତେଣୁ ମୋ ପରାମର୍ଶରେ ସେ ସେଠାରେ ଆପ୍ରେଣ୍ଟିସ୍ ଭାବେ ଯୋଗ ଦେଲା । ସେଥିପାଇଁ ସେଠାରେ ଏକ ହଜାର ଟଙ୍କା ଜମା କରିବାକୁ ପଡିଥିଲା, ଯେଉଁଥିରୁ ମାସିକ ଟ.୫୦/- ତାକୁ ମିଳୁଥିଲା ।

Digitized by srujanika@gmail.com

ଏଇପରି ଗ୍ରାଉଣ୍ଡ ଇଞ୍ଜିନିୟରିଂ ପ୍ରଶିକ୍ଷଣ ଦେଢବର୍ଷ ହୋଇଯାଇଥିଲା । ତା'ର ଜଣେ ସାଙ୍ଗ ତା'କୁ ବୁଝାଇଲେ ଯେ ଏ କାମରେ ତା'ର ଜୀବନ ବିକାଶ ବିଶେଷ ହେବ ନାହିଁ କାରଣ ଏଥିରେ ଉପରକୁ ଉଠିବା ପାଇଁ ବେଶି କିଛି ସମ୍ଭାବନା ନଥିଲା ପରି ଜଣାପଡୁଛି । ସେ ସାଙ୍ଗ କାନ୍ତିଲାଲକୁ ବୀମା କାମ ଧରିବାକୁ କହିଲେ ସେଥିପାଇଁ କାନ୍ତିଲାଲ ମତେ ପଚାରିଲା । ସେତେବେଳେ ତା'ର ବୟସ ଥିଲା ୨୪ । ମୁଁ ତାକୁ କହିଲି, ''ତୁମକୁ ଯେଉଁ କାମ କରିବାକୁ ଇଚ୍ଛା ହେଉଛି କର କିନ୍ତୁ ମୁଁ ସେଥିପାଇଁ କାହାକୁ ସୁପାରିଶ କରିପାରିବି ନାହିଁ ।'' ସେ କହିଲା, ''ଆପଣଙ୍କ ଅନୁମତି ହେଲେ, ମୁଁ ସେ ଲାଇନ୍‌ରେ ଯିବି କାରଣ ନିଉ ଇଣ୍ଡିଆ ଇନ୍‌ସୁର୍ୟାନ୍‌ସରେ ମୁଁ ଚାକିରି ଖୋଜି ପାଇଛି ।'' ତା'ପରେ ମୁଁ କହିଲି, ''ଚାକିରି କରିବାକୁ ହେଲେ କରିପାର କିନ୍ତୁ ଏକଥା ବୁଝିଥାଅ । କୌଣସି ସରକାରୀ କର୍ମଚାରୀ ଜରିଆରେ ବୀମା କାମ କରିବ ନାହିଁ ।'' ସେ ଏ ସର୍ତ୍ତ ମଞ୍ଜୁର କରି ବୀମାରେ କାମ କଲା ।

ଏହାର ଦୁଇଚାରିମାସ ଆଗର କଥା । ଦିନେ ଶ୍ରୀ ରାମେଶ୍ୱର ଦାସ ବିରଳା ମତେ ଦେଖା କରିବାକୁ ଆସିଥିଲେ । ମୁଁ ସେ ସମୟରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବାରେ ବ୍ୟସ୍ତ ଥିଲି । ତେଣୁ ତାଙ୍କୁ କିଛି ସମୟ ବାହାରେ ବସିବାକୁ ପଡିଲା । ସେତିକିବେଳେ ସେ କାନ୍ତିଲାଲକୁ ଦେଖି ପଚାରିଲେ, ''ତୁମେ କ'ଣ କରୁଛ ?'' ସେ ଜବାବ ଦେଲା ଯେ ସେ ଗ୍ରାଉଣ୍ଡ ଇଞ୍ଜିନିୟରିଙ୍ଗ୍ କାମ ଶିଖୁଛି । ଶ୍ରୀ ବିରଳା କହିଲେ, ''ଏଠି ନ ଶିଖି ଯାଇ ଆମେରିକାରେ ଶିଖ, ଭଲ ହେବ ।'' ସେ ଜବାବ ଦେଲା, ''ଆମେରିକା ଯିବାକୁ ମୋ ପାଖରେ ଏତେ ପଇସା ନାହିଁ ।'' ଶ୍ରୀ ବିରଳା କହିଲେ ''ମୁଁ କେତେକ ବିଦ୍ୟାର୍ଥୀଙ୍କୁ ଛାତ୍ର ବୃତ୍ତି ଦେଇ ପଢାଇବା ପାଇଁ ପଠାଉଛି । ତୁମେ ଇଚ୍ଛା କଲେ ତୁମ ପାଇଁ ଏପରି ବ୍ୟବସ୍ଥା ହୋଇପାରିବ ।'' କାନ୍ତି ଏ ବିଷୟରେ ତାଙ୍କୁ ଜବାବ ଦେଲା ନାହିଁ ।

ଏକଥା ଯେତେବେଳେ ଜାଣିଲି ମୁଁ ତାକୁ କହିଲି, ''ତୁମର କହିବା ଉଚିତ ଥିଲା ଯେ, ଏପରି ଭାବରେ ପଇସା ନେଇ ମୁଁ ବିଦେଶ ଯିବା ଚାହେଁ ନାହିଁ ।'' ସେ କହିଲା ଯେ ମୁଁ ଯିବାକୁ ସମ୍ମତି ପ୍ରକାଶ ହିଁ କରି ନଥିଲି । ତା'ପରେ ମୁଁ ଶ୍ରୀ ବିରଳାକୁ କହିଥିଲି, ''ଆପଣଙ୍କର କାନ୍ତିକୁ ଏପରି କହିବା ଉଚିତ ନଥିଲା । କାରଣ ଏପରି ପ୍ରଲୋଭନରେ ସେ ପଡିବା ଠିକ୍ ନୁହେଁ ।'' ସେ କହିଲେ, ''ମୁଁ ତ ଏମିତି କହିଥିଲି । ଏଥିରେ ଅନ୍ୟ କିଛି କାରଣ ନଥିଲା ।''

ସେ ସମୟରେ ନିଉ ଇଣ୍ଡିଆ କମ୍ପାନୀର ଜେନେରାଲ ମ୍ୟାନେଜର ଶ୍ରୀ ବି. କେ. ଶାହା ଥିଲେ । ତାଙ୍କ ସହିତ ମୋର ପରିଚୟ ନଥିଲା । ଶ୍ରୀ ଏ.ଡି. ଶ୍ରଫ୍ ଏ କମ୍ପାନୀର ଚେୟାରମ୍ୟାନ ଥିଲେ । ସେ ମୋ ମଦ ନିଷିଦ୍ଧ ନୀତି ଯୋଗୁଁ ମୋ ବିରୋଧୀ ଥିଲେ । ଦିନେ ମୁଁ ଶ୍ରୀ ବି.କେ. ଶାହାଙ୍କୁ ଡାକି ପଚାରିଲି, ''ଆପଣ ମୋ ପୁଅକୁ ବୀମା କାମ ପାଇଁ ଆପଣଙ୍କ ପାଖରେ ଚାକିରିରେ ରଖିଛନ୍ତି, ଏହା ପଛରେ କ'ଣ କାରଣ ଅଛି ମୁଁ ଜାଣିବାକୁ ଚାହେଁ । ତା'ର ଏ କାମ ବିଷୟରେ ଜ୍ଞାନ ଅଛି ନା ନାହିଁ ତାକୁ ପରୀକ୍ଷା କରିଛନ୍ତି ନା ନାହିଁ -- ଏ ସବୁ ମୁଁ ଜାଣିବାକୁ ଚାହେଁ । ଯଦି ଯୋଗ୍ୟତା ବଦଳରେ ସେ ମୋ ପୁଅ ବୋଲି ଆପଣ ତାକୁ ନେଇଥାଆନ୍ତି ତେବେ ଏଥିରେ ଅକାରଣ ମୋର ବଦନାମ ହେବ ଓ ତା'ର ମଧ୍ୟ କ୍ଷତି ହେବ, କାରଣ ଯେତେବେଳେ ମୁଁ କ୍ଷମତାରେ ନ ରହିବି ସେତେବେଳେ ଆପଣ ତାକୁ ବାହାର କରିପାରିବେ । ଏଣୁ ମୁଁ ଏହା ଜାଣିବାକୁ ଚାହେଁ ଯେ ଆପଣ ତାକୁ କେଉଁ ଆଧାର ଉପରେ ନେଇଛନ୍ତି ଓ ସେ ଏ କାମପାଇଁ ଯୋଗ୍ୟ କି ନୁହେଁ ।'' ସେ କହିଲେ, ''ସମୟ ସମୟରେ ଆମେ ପ୍ରବେଶନର ଭାବେ ଏ କାମ ପାଇଁ ଯୋଗ୍ୟ ଅଥବା ଏ କାମ ବୁଝିବାବାଲା ଅଥବା ବୁଝିପାରିବା ବାଲା ଯୁବକମାନଙ୍କୁ ନେଉଛୁ, ଏହିପରି କାନ୍ତିଲାଲକୁ ଆମେ ନେଇଛୁ । ତାଙ୍କୁ ନେବାବେଳେ ଆମେ ଆପଣଙ୍କୁ

Digitized by srujanika@gmail.com

ଆଦୌ ଖିଆଲ କରି ନାହୁଁ ଓ ଆପଣଙ୍କ ପୁଅ ବୋଲି ଆମେ ତାଙ୍କୁ ରଖି ନାହୁଁ । ସେ ମଧ୍ୟ ଏ ବିଷୟରେ ମତେ କିଛି କହିନାହାନ୍ତି । ତାଙ୍କ ସହିତ କଥାବାର୍ତ୍ତା କରିବା ପରେ ମତେ ଜଣାଗଲା ଯେ ସେ ବୀମା କାମ ଭଲ ଭାବରେ କରିପାରିବେ । ଏଣୁ ଅନ୍ୟମାନଙ୍କ ପରି ତାଙ୍କୁ ରଖିଲୁ ଓ ମୋର ବିଶ୍ୱାସ ଯେ ଏ କାମ ସେ ଭଲ ଭାବରେ କରିପାରିବେ ।'' ମୁଁ ତାଙ୍କୁ ପଚାରିଲି ''ଆପଣ ତାଙ୍କୁ ଯେଉଁ ବେତନ ଦେଉଛନ୍ତି ତାହା ଅନ୍ୟମାନଙ୍କ ଠାରୁ ବେଶି ନୁହେଁ ତ ?'' ସେ କହିଲେ, ''ଟଙ୍କାଟିଏ ବି ବେଶି ନୁହେଁ, ସମସ୍ତଙ୍କ ପାଇଁ ଆମର ଯାହା ନିୟମ, ସେଇ ଅନୁସାରେ ମଧ୍ୟ ତାଙ୍କୁ ଦରମା ମିଳୁଛି ।''

ଏହାର କିଛି ଦିନ ପରେ ନିଉ ଇଣ୍ଡିଆ କମ୍ପାନୀର ଜେନେରାଲ ବୈଠକ ହେଲା । ସେଥିରେ କେହି ଜଣେ ଶେୟାର ହୋଲ୍ଡର କାନ୍ତିଲାଲଙ୍କୁ ଚାକିରିରେ ରଖିବା ବିଷୟ ଶ୍ରୀ ଏ.ଡି. ଶ୍ରଫ୍‌ଙ୍କୁ ପ୍ରଶ୍ନ କରିଥିଲେ । ସେ ସଫା ଜବାବ ଦେଇଥିଲେ ଯେ ''ଏଥିରେ କୌଣସି ପ୍ରକାର ସୁପାରିଶର ପ୍ରଶ୍ନ ଉଠୁ ନାହିଁ । ଏକଥା ସମସ୍ତେ ଜାଣନ୍ତି ଯେ ଶ୍ରୀ ମୋରାରଜୀ ଦେସାଇଙ୍କ ସହିତ ମୋର ଭଲ ସମ୍ବନ୍ଧ ନାହିଁ । ଏଥିରୁ ସମସ୍ତେ ଏକଥା ବୁଝିପାରୁଥିବେ ଯେ ଏପରି କଥା ସମ୍ଭବ ନୁହେଁ । ବେତନ ମଧ୍ୟ ଯେପରି ଅନ୍ୟଙ୍କୁ ଦିଆହେଉଛି, ସେଇପରି ତାଙ୍କୁ ମଧ୍ୟ ତାଙ୍କ ଯୋଗ୍ୟତା ଓ କାମ ଉପରେ ଆମେ ଦେଉଛୁ ।''

ମୋର ଯାହା ମନେ ଅଛି, ଦ୍ୱିତୀୟ ବର୍ଷ ହିଁ କାନ୍ତିଲାଲ ନିଜ ସହିତ କାମ କରିବାବାଲାଙ୍କ ମଧ୍ୟରେ ସବୁଠାରୁ ବେଶି ବୀମା କାମ ଦେଇଥିଲା । ସେଥିପାଇଁ ତାକୁ ପୁରସ୍କାର ମଧ୍ୟ ମିଳିଥିଲା ଓ ଏହିପରି ନିଜ କାମରେ ସେ ଦକ୍ଷତା ସିଦ୍ଧ କରିଥିଲା । କୌଣସି ସରକାରୀ ଅଫିସରଙ୍କ ବା ତାଙ୍କ ମାର୍ଫତରେ କାହାରି ବୀମା ନ କରିବାର ନିୟମ ପାଳନ କରୁଥିଲା ।

ଦିନେ ଶ୍ରୀ ମନୁଭାଇ ଶାହା କିଛି ସାଥିଙ୍କ ସହିତ କଥାବାର୍ତ୍ତାବେଳେ କହିଲେ ଯେ ''କାନ୍ତିକୁ ଶ୍ରୀ କମାନୀ ବହୁତ ବଡ ରକମର ବୀମା ଦେଇଛନ୍ତି । ଯାହା ମତେ ଲାଗୁଛି, ସେ ମୋରାରଜୀ ଭାଇ ସକାଶେ ଦେଇଛନ୍ତି ।'' ଏକଥା ମୁଁ ଶୁଣିବା ମାତ୍ରେ ଶ୍ରୀ ପୂନମ ଚନ୍ଦ କମାନୀଙ୍କୁ ଫୋନରେ ପଚାରିଲି ଏଥିରେ କେତେଦୂର ସତ୍ୟତା ଅଛି ମତେ କୁହନ୍ତୁ । ସେତେବେଳେ ଶ୍ରୀ କମାନୀଙ୍କ ସହିତ ମୋର ବିଶେଷ ପରିଚୟ ନଥିଲା । ଆମେ ପରସ୍ପରକୁ ଜାଣି ଥିଲୁ କିନ୍ତୁ ସେତେ ପାଖାପାଖି ନୁହେଁ । ସେ ସାଙ୍ଗେ ସାଙ୍ଗେ କହିଲେ, ''ଶ୍ରୀ କାନ୍ତିଲାଲ ସହିତ ମୋର ପରିଚୟ ଅଛି ତେଣୁ ତାଙ୍କ ଜରିଆରେ ବୀମା କରାଇଲି । ଆପଣଙ୍କର ସେଥିରେ କୌଣସି ସମ୍ବନ୍ଧ ନାହିଁ ।'' ମୁଁ କହିଲି, ''ଆପଣ ଯାହାଙ୍କ ଜରିଆରେ ସବୁବେଳେ ବୀମା କରାନ୍ତି, ତାଙ୍କ ଜରିଆରେ ନକରି କାନ୍ତିଲାଲ ଠାରୁ କରାଇଲେ । ସେଥି ସକାଶେ ଏ ଅଭିଯୋଗ ହୋଇଛି ବୋଲି ଜଣାପଡୁଛି । କାହାର ହକ ଛଡାଇ ଆପଣ ଏପରି ବୀମା କରାଇଲେ, ସେ ବ୍ୟକ୍ତିଙ୍କୁ ଦୁଃଖ ଲାଗିବା ସ୍ୱାଭାବିକ ଅଟେ । ଏଣୁ ଆପଣଙ୍କୁ ଏ ବିଷୟରେ ଭାବିବା ଉଚିତ ।'' ଏହାପରେ, ମୋର ଯାହା ମନେ ଅଛି, କାନ୍ତିଠାରୁ ଏହି ବୀମା କରିବା କାମ ବନ୍ଦ କରାଯାଇଥିଲା । ମୋ ଖିୟାଲରେ, ଶ୍ରୀ ମନୁଭାଇଙ୍କୁ ମଧ୍ୟ ଏହାପରେ ଏ ବିଷୟରେ ସତ୍ୟତା ଜଣାପଡିଥିଲା ।

ବୀମା କାମ କାନ୍ତି ଭଲଭାବେ କରୁଥିଲା ଓ ସେଥିରେ ସେ ଖୁବ୍ ପ୍ରଗତି କରିଥିଲା । ସେ ମୋ ପାଖରେ ରହୁଥିବାରୁ ତା'ର ନିଜ ରୋଜଗାର ପଇସା ଖର୍ଚ୍ଚ ହେଉନଥିଲା । ଏପରି ଚାରି ପାଞ୍ଚ ବର୍ଷରେ ନିଜ ରୋଜଗାରରୁ ଭଲ ସଞ୍ଚୟ କରିପାରିଲା । ସେଥିରେ, ପରେ ସେ ନିଜ ଧନ୍ଦା ଆରମ୍ଭ କରିଥିଲା । ବିଶେଷ କରି ମିଲ ଜେନେରାଲ ଷ୍ଟୋର୍ସ କାମ ଓ କମିଶନରେ ମାଲ ବିକ୍ରି କରିବା କାମ ମଧ୍ୟ ସେ ଆରମ୍ଭ କରିଥିଲା ।

Digitized by srujanika@gmail.com

ଥରେ ଜଣେ ଗୁଜରାଟୀ ଯୁବକ ଏ ସମ୍ବନ୍ଧରେ ମତେ ଖଣ୍ଡେ ଚିଠି ଲେଖିଥିଲେ । ସେଥିରୁ ମତେ ଏସବୁ ଖବର ଜଣାପଡିଥିଲା । ସେ ମତେ ଲେଖିଥିଲେ କି, ''ଆପଣଙ୍କ ପୁଅ ମିଲ୍ ଷ୍ଟୋର କାମ କରୁଛନ୍ତି । ଯଦ୍ଵାରା ସେ ଆମର ସବୁ କାମ ନେଇଯାଉଛନ୍ତି ଓ ଆମ କାମରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଆପଣ କ୍ଷମତାରେ ଅଛନ୍ତି, ସେଥିପାଇଁ ଏପରି ହେଉଛି । ଅତଃ ଆପଣ ତାଙ୍କୁ ବମ୍ବେରୁ ଆଉ କୌଣସି ସ୍ଥାନକୁ ପଠାଇ ଦିଅନ୍ତୁ । ଅନ୍ୟ କୌଣସି ରାଜ୍ୟକୁ ଯାଇ ସେ ଏଇ କାମ ମଧ୍ୟ କରିପାରନ୍ତି ।'' ସେ ଏଥିପାଇଁ ଯେଉଁ ବ୍ୟକ୍ତିଙ୍କ ନାମ ମତେ ବତାଇଥିଲେ, ତାଙ୍କୁ ଡାକି ମୁଁ ପଚାରିଲି, ''ଏକଥା କଣ ସତ ଯେ ଆପଣ ଷ୍ଟୋରର ସବୁ କାମ କାନ୍ତିଲାଲକୁ ଦେଇଛନ୍ତି ?'' ସେ କହିଲେ ''ଏକଥା ପୂରାପୂରି ଭୁଲ ଅଟେ । କେବଳ ଏତିକି ସତ ଯେ ଆମକୁ ଆମ କାମ ପାଇଁ ଯେଉଁ ଜିନିଷ ଦରକାର ସେଥିରୁ ଦୁଇଟି ଜିନିଷ ପାଇଁ ତାଙ୍କ ଅଫର ସବୁଠାରୁ କମ୍ ମୂଲ୍ୟର ଥିଲା ଓ ମାଲ ସବୁଠାରୁ ଭଲ ଥିଲା । ସେଥିପାଇଁ ସେ ଅର୍ଡର ତାଙ୍କୁ ଦିଆହୋଇଛି । ବାକି ସବୁ ଜିନିଷ ଅଲଗା ଅଲଗା ବେପାରୀମାନଙ୍କ ଠାରୁ ନିଆ ହେଉଛି ।'' ଏହାପରେ ସେ ଗୁଜରାଟୀ ଯୁବକଙ୍କୁ ମୁଁ ଏସବୁ ଲେଖିକରି କହିଲି, ''ଆପଣ ଯାହାସବୁ ଲେଖିଥିଲେ ତାହା ସତ ଜଣାପଡୁ ନାହିଁ, କାରଣ ଯେଉଁ ବ୍ୟକ୍ତିଙ୍କ କାରବାର ଆପଣ ଲେଖିଥିଲେ ସେ ସ୍ୱୟଂ ପ୍ରକୃତ ସବୁ କଥା ମତେ କହିଛନ୍ତି । ତେଣୁ ଆପଣଙ୍କର ଏପରି ଭୁଲ କଥା ଲେଖିବା ଉଚିତ ହୋଇନାହିଁ ।''

ସେ ପୁଣି ମତେ ଲେଖିଲେ, ''କାନ୍ତିଲାଲ ଏ କାମ କରୁଛନ୍ତି । ତେବେ ସେ ଏଠାରେ ରହି ବ୍ୟବସାୟ କରିବାରୁ ଆମ ବ୍ୟବସାୟ ସେତିକି କମ୍ ହେବା ସ୍ୱାଭାବିକ । ଆପଣ ତାଙ୍କୁ କୌଣସି ଭଲ ସରକାରୀ ଚାକିରିରେ ଲଗାଇ ଦିଅନ୍ତୁ । ସେଠାରେ ତାଙ୍କୁ ଦୁଇ ହଜାର ଟଙ୍କା ଦରମା ମିଳିଲେ ମୁଁ ଅସଙ୍ଗତ ବୋଲି କହିବି ନାହିଁ । ସେ ଏଠାରେ ବ୍ୟବସାୟ କରିବା ଉଚିତ ନୁହେଁ କାରଣ ଏଥିରେ ଆମଭଳି ଲୋକଙ୍କର କ୍ଷତି ହେଉଛି । ଆପଣ ଯଦି ଏକଥା ନମାନିବେ, ତେବେ ମତେ ପ୍ରଧାନମନ୍ତ୍ରୀ ଜବାହରଲାଲଜୀଙ୍କୁ ଲେଖିବାକୁ ପଡିବ ।''

ମୁଁ ତାଙ୍କୁ ସାଙ୍ଗେ ସାଙ୍ଗେ ଲେଖିଲି, ''ଆପଣଙ୍କୁ ଏପରି କଷ୍ଟ ଉଠାଇବାକୁ ପଡିବ, ତା' ବଦଳରେ ମୁଁ ସ୍ୱୟଂ ହିଁ ଆପଣଙ୍କ ପତ୍ର ଓ ମୋ ଜବାବ ଜବାହରଲାଲଜୀଙ୍କ ପାଖକୁ ପଠାଇ ଦେଉଛି । ଆପଣ ଯାହା ଚାହାଁନ୍ତି ତାଙ୍କୁ ଲେଖିପାରନ୍ତି ।'' ଏହାପରେ ମୁଁ ସେ ଚିଠି ଜବାହରଲାଲଜୀଙ୍କ ପାଖକୁ ପଠାଇ ଲେଖିଲି ଯେ, ''ଏ ବିଷୟରେ ଆପଣ ଯେଉଁ ତଦନ୍ତ କରିବାକୁ ଚାହାନ୍ତି ତାହା କରିଲେ ଠିକ୍ ହେବ । ମୋ ପୁଅ ହେବା କାରଣରୁ ସେ ବ୍ୟାପାର ଧନ୍ଦା କରିପାରିବ ନାହିଁ, ତାକୁ ତ ଅନ୍ୟାୟ କୁହାଯିବ, କାରଣ ସ୍ୱତନ୍ତ୍ର ରୂପେ କାମ କରିବା ଅଧିକାର ମୁଁ କୌଣସି ପ୍ରକାରେ ତା'ଠାରୁ ଛଡାଇ ନେଇ ନପାରେ, ସେ କୌଣସି ଭୁଲ କାମ କଲେ ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ଓ ମୋ ପାଖରେ ନ ରଖିବା ମୋର କର୍ତ୍ତବ୍ୟ ନିଶ୍ଚୟ ହେବ । ଏକଥା ମୁଁ ତାକୁ ଆରମ୍ଭରୁ କହିଛି । କିନ୍ତୁ ଯେତେଦିନ ଯାଏ ସେ ସଚ୍ଚୋଟ ଭାବେ ନିଜ ବ୍ୟବସାୟ କରିବ ସେ ପର୍ଯ୍ୟନ୍ତ କୌଣସି ନ୍ୟାୟପରାୟଣ ବ୍ୟକ୍ତି ତା ଉପରେ ଦୋଷାରୋପ କରିପାରିବ ନାହିଁ । ଯାହାଙ୍କର କାମ, ହିଂସାରେ ନିନ୍ଦା କରିବା, ତାଙ୍କୁ ସେଥିରୁ କିଏ ନିବୃତ୍ତ କରିପାରିବ ? କିନ୍ତୁ ଏପରି ନିନ୍ଦାକୁ ଡରି ଯଦି ମୋ ପୁଅର ନାଯ୍ୟ କାମଧନ୍ଦାରେ ମୁଁ ବାଧାଦିଏ, ତେବେ ଏହାକୁ ମୋ ପକ୍ଷରେ ଅନ୍ୟାୟ କୁହାଯିବ -- ଏଥିରେ ସନ୍ଦେହ ନାହିଁ । ମୁଁ ବମ୍ବେରେ ଥିବାବେଳେ ଯେତେବେଳେ ଏପରି ଅଭିଯୋଗ ମିଳୁଥିଲା ସେତେବେଳେ ମୁଁ ତାହାର ପୂରା ତଦନ୍ତ କରାଉଥିଲି । କେବେ କେବେ ଆବଶ୍ୟକତାନୁସାରେ ଦକ୍ଷ ପୋଲିସ ଅଧିକାରୀଙ୍କ ଜରିଆରେ ତଦନ୍ତ କରାଉଥିଲି । ଏହିପରି ତଦନ୍ତ କରିଥିବା ପ୍ରତ୍ୟେକ ଅଧିକାରୀ ମତେ ସମ୍ପୂର୍ଣ୍ଣ ଭାବେ ଆଶ୍ୱସ୍ତ କରିଥିଲେ କି ଅଭିଯୋଗ ପୂରାପୂରି ଭୁଲ ଓ କେବଳ ଇର୍ଷା ଅଥବା ନିନ୍ଦା ସ୍ୱଭାବ ଯୋଗୁଁ ହିଁ କରାଯାଉଛି ।''

Digitized by srujanika@gmail.com

ଏକଥା ଲେଖିବାକୁ ଯେତେବେଳେ ବସିଛି, ତେବେ ଆଉ ଗୋଟିଏ ଦୁଇଟି କଥା ଲେଖିଥାଏ । ୧୯୫୬ ଅକ୍ଟୋବର ଶେଷକୁ ଯେତେବେଳେ ମୁଁ ବମ୍ବେ ମୁଖ୍ୟମନ୍ତ୍ରୀ ପଦ ଛାଡିଲି, ତା'ର କିଛି ଆଗରୁ କାନ୍ତି ସ୍ୱୟଂ ନିଜ ପାଇଁ ନେତାଜୀ ସୁଭାଷ ରୋଡରେ 'ଆସିଆନା'ରେ ଗୋଟିଏ ଫ୍ଲାଟ ନେଇଥିଲା । ମତେ ତ ଫ୍ଲାଟ ନେବା ପରେ ହିଁ ଏକଥା ଜଣାପଡିଲା । ସରକାରୀ ପ୍ରଭାବରେ ବା ଏପଟ ସେପଟ କରି ସେ କୌଣସି ଅଧିକାରୀଠାରୁ ସାହାଯ୍ୟ ନେଇ ନଥିଲା । ନିଜର ସରକାରୀ ଘର ଖାଲି କରିବା ପରେ, ସେଇ ଫ୍ଲାଟରେ ମୁଁ ତା' ସହିତ ରହିବାକୁ ଗଲି । ସେଇଦିନୁ ସେ ସେଠାରେ ରହୁଛି ଓ ବମ୍ବେ ଗଲେ ମୁଁ ତା' ପାଖରେ ରହୁଛି । ପିଲାମାନେ ମା' ବାପାଙ୍କ ସହିତ ରୁହନ୍ତୁ ଏହା ସଂଯୁକ୍ତ କୁଟୁମ୍ବ ପ୍ରଥା ଅଟେ ଓ ଭାରତୀୟ ସଂସ୍କୃତିର ଏହା ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ମୋ ବିରୁଦ୍ଧରେ କୌଣସି କଥା କହି ନପାରିବା ସ୍ଥିତି ହେବାରୁ, କେତେକ ବ୍ୟକ୍ତି ମୋ ଉପରେ ଦୋଷ ଲଗାଇବା ପାଇଁ ମୋ ପୁଅ ଉପରେ ଆକ୍ଷେପ କରନ୍ତି । କେତେ ବର୍ଷରୁ ଏଇ ପ୍ରକାର ଧନ୍ଦା କରୁଥିବା ଗୋଟାଏ ଦୁଇଟା ସମ୍ବାଦପତ୍ର ଏ ବିଷୟରେ ଲେଖା ଛାପୁଛନ୍ତି । ଏ ଲେଖାର ବାସ୍ତବତା ସମ୍ବନ୍ଧରେ ମୁଁ ତଦନ୍ତ ମଧ୍ୟ କରାଇଛି ଓ ଯେଉଁ ଆରୋପ ଲଗାଯାଉ ଥିଲା ତାହା ପୂରା ନିରାଧାର ସିଦ୍ଧ ହୋଇଥିଲା ।

୧୯୬୨-୬୩ରେ ଜବାହରଲାଲଜୀ ମୋ ପାଖକୁ ଖଣ୍ଡେ ଚିଠି ପଠାଇଥିଲେ ଯେଉଁଥିରେ କାନ୍ତି ଉପରେ ଦୋଷାରୋପଣ କରାଯାଇଥିଲା । ଏହା ଉପରେ କେତେକ୍ ଅଜଣା ଲୋକଙ୍କର ହସ୍ତାକ୍ଷର ଥିଲା । ଜବାହରଲାଲାଜୀ ସେ ଚିଠି ଦେଖିବାକୁ ମୋ ପାଖକୁ ପଠାଇଥିଲେ । ମୁଁ ସାଙ୍ଗେ ସାଙ୍ଗେ ତା'ର ଜବାବ ଲେଖିଥିଲି, ''ଏଥିରେ ଲଗାଯାଇଥିବା ଦୋଷ ସମ୍ପୂର୍ଣ୍ଣ ରୂପେ ଭୁଲ ଅଟେ । କିନ୍ତୁ ମୁଁ ଚାହେଁ ନାହିଁ ଯେ ଆପଣ ମୋ କଥା ମାନି ନିଅନ୍ତୁ । ମୁଁ ଚାହେଁ ଯେ ଆପଣ ଏ ବିଷୟରେ ଯେପରି ଠିକ୍ ବୁଝିବେ ସେହିପରି ଓ ଆପଣଙ୍କ ଇଚ୍ଛାନୁସାରେ ଯେଉଁ ବ୍ୟକ୍ତି ଦ୍ୱାରା ତଦନ୍ତ କରାଗଲେ ଆପଣ ସନ୍ତୁଷ୍ଟ ହେବେ ସେଇ ବ୍ୟକ୍ତିଙ୍କ ଦ୍ୱାରା ତଦନ୍ତ କରାଇ ନିଅନ୍ତୁ । ଯଦି କେହି ଏପରି ଦୋଷାରୋପ କରନ୍ତି, ଆପଣ ଜାଣିବାନୁସାରେ ତାଙ୍କୁ ନିଜେ ଜବାବ ଦେଇପାରିବେ ଓ ଏ ବିଷୟରେ ମୋର କୌଣସି ଭୟ ରହିବ ନାହିଁ ।'' ଜବାହରଲାଲଜୀ ଶୀଘ୍ର ମତେ ଉତ୍ତର ଦେଲେ, ''ଏ ଚିଠି ଆପଣଙ୍କ ପାଖକୁ କୌଣସି ତଦନ୍ତ ପାଇଁ ପଠାଯାଇ ନଥିଲା । କାରଣ ସେଥିରେ ଯେଉଁ କଥା ଉଲ୍ଲେଖ ଅଛି ତାକୁ କେହି ମାନିବେ ନାହିଁ । ଆପଣଙ୍କ ମନରେ ଏପରି ଆଶଙ୍କା ହେବ ମୁଁ କଳ୍ପନା ସୁଦ୍ଧା କରି ନଥିଲି ।''

ହିନ୍ଦୁସ୍ଥାନରେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କର ଉପରେ ଶତୃତା ବା ନାରାଜୀ ଥିଲେ ବା କ୍ଷତି କରିବା ଇଚ୍ଛା ହେଲେ, ତା' ଉପରେ ଭଳି କି ଭଳି ଆରୋପ ଲଗାଇବା ଗୋଟିଏ ସାଧାରଣ ଅଭ୍ୟାସ ହୋଇଗଲାଣି । ବହୁତ ଦିନୁ ପରାଧୀନତାର ଫଳସ୍ୱରୂପ ସାଧାରଣ ଲୋକଙ୍କ ସ୍ୱଭାବରେ ମିଛ କଥାରେ ବିଶ୍ୱାସ କରିବା ଘର କରିନେଲାଣି ବୋଲି ଜଣାପଡୁଛି । ଏଥିରେ ନିନ୍ଦୁକଙ୍କ କାମ କିଛି ସହଜ ହୋଇଯାଇଛି । କିନ୍ତୁ ମୋର ବିଶ୍ୱାସ ଯେ ଦେଶରେ ଲୋକମାନଙ୍କ ମନରେ ନିର୍ଭୟତା ଆସିଲେ ଓ ଏପରି ନିନ୍ଦାର ସତ୍ୟରୂପ ଦେଖିଲେ ବା କୁତ୍ସା ଶୁଣି ଶୁଣି ଥକି ଗଲେ, ଏ କୁସ୍ୱଭାବ ଦୂର ହୋଇଯିବ । ଯେଉଁ ବ୍ୟକ୍ତି ସତ୍ୟରେ ଚଳିବାକୁ ଅହରହ ନିଷ୍ଠାପର ଚେଷ୍ଟା କରୁଛି, ଯେଉଁ ବ୍ୟକ୍ତି ନିଜର ନିଷ୍ଠା ସତ୍ତ୍ୱେ ଏପରି ନିନ୍ଦା ଶୁଣୁଛି, ସେମାନେ ଏପରି କୁତ୍ସାକୁ ଗୋଟିଏ କଠୋର ପରୀକ୍ଷା ବୋଲି ମାନିବା ଉଚିତ ଓ କୌଣସି ରୋଷ ଓ ଦ୍ୱେଷ ଛାଡି ଶାନ୍ତ ଭାବେ, ଏହାକୁ ପରୀକ୍ଷା ଭାବି ସହିଯିବା ଉଚିତ । ଶେଷରେ ସତ୍ୟର ଜୟ ନ ହୋଇ ରହିପାରିବ ନାହିଁ -- ମୋର ଏଥିରେ ପୂର୍ଣ୍ଣ ବିଶ୍ୱାସ ଅଛି । ମୋର ଜୀବନରେ ଘଟିଥିବା ଏପରି ଅନେକ ଘଟଣାରୁ ମୋର ପୂରା ବିଶ୍ୱାସ ହୋଇଯାଇଛି (କାନ୍ତିଲାଲ ବିଷୟରେ ଓ ଅନ୍ୟ ଏପରି ଆକ୍ଷେପର ଜବାବ ମୁଁ ଆଗରୁ ହିଁ ଦେଇଛି) ।

୧୯୫୨ରେ, ଯେପରି ମୁଁ ଉପରେ କହିଛି, ମୋର ତିନି ସନ୍ତାନ ଜୀବିତ ଥିଲେ -- ଦୁଇ ଝିଅ, ଗୋଟିଏ ପୁଅ । ବଡଝିଅର ୧୯୪୧ରେ ବିବାହ ହୋଇଯାଇଥିଲା ଓ ସାନ ଝିଅ ଇନ୍ଦୁ, ଯେ କାନ୍ତିଲାଲ ଠାରୁ

Digitized by srujanika@gmail.com

ବର୍ଷେ ବଡ ଥିଲା, ମେଡିକାଲ କଲେଜରେ ପଢୁଥିଲା । ୧୯୫୨ ଅପ୍ରିଲରେ ସେ ଏମ୍.ବି.ବି.ଏସ୍. ଶେଷ ପରୀକ୍ଷା ଦେବାର ଥିଲା । ଶେଷ ପରୀକ୍ଷା ପାଇଁ ଭଲ ରୂପେ ପ୍ରସ୍ତୁତ ହେବା ପାଇଁ ମୁଁ ତା'କୁ ହଷ୍ଟେଲରେ ରଖିବାକୁ ଚାହୁଁଥିଲି । କିନ୍ତୁ ନିର୍ବାଚନ କାମରେ ମତେ ସବୁବେଳେ ବାହାରକୁ ଯିବାକୁ ପଡୁଥିଲା ଓ ମୋ ପତ୍ନୀକୁ ଘରେ ଏକଲା ରହିବାକୁ ପଡୁଥିଲା । ଏଣୁ ଇନ୍ଦୁକୁ ସେ ହଷ୍ଟେଲରେ ରଖିଲେ ନାହିଁ ।

ଇନ୍ଦୁର ମୋ ପ୍ରତି ବହୁତ ସ୍ନେହ ଥିଲା । ସେ ସବୁବେଳେ ଇଚ୍ଛା ପ୍ରକଟ କରୁଥିଲା ଯେ ବିବାହ ନକରି ସେ ମୋ ସେବା କରିବ । ଏଥିପାଇଁ ସେ ସର୍ଦ୍ଦାର ପଟେଲଙ୍କ ଝିଅ ମଣି ବହନଙ୍କ ଉଦାହରଣ ମତେ ଦେଉଥିଲା । ସେ ପରିପକ୍ୱ ବୟସର ହୋଇଯାଇଥିଲା । ହଷ୍ଟେଲରେ ନରଖିବାରୁ ସେ ଘରେ ପଢୁଥିଲା । କିନ୍ତୁ ତାକୁ ଯେପରି ପ୍ରସ୍ତୁତ ହେବା ଥିଲା, ସେତିକି ହୋଇପାରିଲା ନାହିଁ । ତା'ର ସେଥିରେ ଭାରି ଚିନ୍ତା ହେଉଥିଲା । ୧୯୫୨ ନିର୍ବାଚନରେ ଯେତେବେଳେ ମୁଁ ହାରିଗଲି, ଏହାର ବିକଟ ପ୍ରଭାବ ତା'ର ମନରେ ପଡିଲା ଯଦ୍ୱାରା ତା'ର ମସ୍ତିଷ୍କରେ ଅସ୍ଥିରତା ଆସିଗଲା । ସେଥିରେ ତା'ର ଗମ୍ଭୀର ପ୍ରକାର 'ନର୍ଭସ ବ୍ରେକଡାଉନ' ହୋଇଗଲା । ଫଳରେ ତା'ର ଜ୍ଞାନ ତନ୍ତୁ ଦୁର୍ବଳ ହୋଇଗଲା ଓ ଥରେ ଜଳିକରି ଆତ୍ମହତ୍ୟା କରିବାକୁ ମଧ୍ୟ ସେ ଚେଷ୍ଟା କରିଥିଲା । କିନ୍ତୁ ଟିକିଏ ଚେଷ୍ଟାକରି ଅଟକି ଯାଇଥିଲା ।

''ନର୍ଭସ ବ୍ରେକ୍‌ଡାଉନ୍'' କାରଣରୁ ସେ ଅପ୍ରିଲରେ ପରୀକ୍ଷା ଦେଇପାରି ନଥିଲା । ଏଣୁ ଏହାପର ପରୀକ୍ଷାରେ ବସିବାକୁ ସ୍ଥିର କରିଥିଲା । ତଦନୁସାରେ ଅକ୍ଟୋବର-ନଭେମ୍ବର ପରୀକ୍ଷା ଦେବାକୁ ଗଲାବେଳେ ମୋ ଫାଉଣ୍ଟେନ ପେନ ନେଇ ଯାଇଥିଲା । ପରୀକ୍ଷାରୁ ଫେରିବା ପରେ କଲମରୁ କେତେ କମ୍ ସ୍ୟାହି ଖର୍ଚ୍ଚ କରିଥିଲା ମୁଁ ଜାଣି ପାରିଥିଲି । ସେଥିରୁ ସେ ପରୀକ୍ଷାରେ କେତେ ଲେଖିଛି ତା'ର ଆଭାସ ମିଳିଥିଲା । କିନ୍ତୁ ସେଥିରୁ ମୁଁ ଅନୁଭବ କରୁଥିଲି ସେ ପ୍ରଶ୍ନର ଉତ୍ତର ଠିକ୍ ଲେଖିଛି । ପରୀକ୍ଷା ଫଳ ଆସିଲା । ସେ ଅନୁତୀର୍ଣ୍ଣ ରହିଲା । ମତେ କିଏ ଜଣେ କହିଲେ ଯେ କେହି ଜଣେ ଡାକ୍ତର ତା' ମନରେ ଏକଥା ପୂରାଇ ଦେଇଛି ଯେ ସେ ମୁଖ୍ୟମନ୍ତ୍ରୀଙ୍କ ଝିଅ ହୋଇଥିବାରୁ ତା'କୁ ଜାଣିଶୁଣି ଅନୁତୀର୍ଣ୍ଣ କରାଇଛନ୍ତି । ଇନ୍ଦୁର ଅସ୍ଥିର ମନରେ ଏହାର ଗମ୍ଭୀର ପ୍ରଭାବ ପଡିଥିଲା । ସେ ୟୁନିଭରସିଟିରେ ଆଉଥରେ ଅଙ୍କ ଗଣନା କରାଇବା ପାଇଁ ମତେ ଆଗ୍ରହ କଲା । କିନ୍ତୁ ମୋ ଦୃଷ୍ଟିରେ ତା'କୁ ଯାହା କୁହାଯାଇଥିଲା ତାହା ଠିକ୍ ନ ଥିଲା । ଏଣୁ ଆଉଥରେ ଅଙ୍କ ଗଣନା କରାଇବା ମତେ ଠିକ୍ ଲାଗିଲା ନାହିଁ । ତା' କଥା ମୋର ପସନ୍ଦ ନଥିଲା । ଏଣୁ ତା ଆଗ୍ରହ ମୁଁ ମାନିଲି ନାହିଁ । ଏହାର ମନ୍ଦ ପ୍ରଭାବ ତା' ଉପରେ ପଡିଲା ।

ପ୍ରଥମେ ତ ସେ ବିବାହ କରିବାକୁ ମନା କରୁଥିଲା । କିନ୍ତୁ ପରେ କଲେଜର ଜଣେ ସହପାଠୀ ସହିତ ବିବାହ କରିବା ଇଚ୍ଛା ମତେ କହିଥିଲା । ସେ ପୁଅଟି ଅନ୍ୟ ଜାତିର ଥିଲା ଓ ବୟସରେ ଇନ୍ଦୁଠାରୁ ତିନିବର୍ଷ ସାନ ଥିଲା । ତେଣୁ ମୁଁ ତାକୁ କହିଲି ଯେ ବୟସ ସାନ ଥିବାରୁ ତା' ସହିତ ବିବାହ ବିଚାର କରିବା ଉଚିତ ହେବ ନାହିଁ । କିନ୍ତୁ ସେ ନିଜର ଆଗ୍ରହ ଜାରି ରଖିଲା । ସେଥିପାଇଁ ଶେଷକୁ ମୁଁ ସେ ବିବାହ ପାଇଁ ଅନୁମତି ଦେଇଦେଲି । ୧୯୫୩ ମେ ମାସରେ ମୁଁ ବିବାହ କରାଇବାକୁ ବିଚାର କରୁଥିଲି । କିନ୍ତୁ ଇତି ମଧ୍ୟରେ ଦୁଇ ଜଣଙ୍କ ମଧ୍ୟ ଝଗଡା ହୋଇଗଲା । ଏଥିରେ ତା' ମନକୁ ବହୁତ ଆଘାତ ଲାଗିଲା । ମତେ ତ ଏ ଖବର ପରେ ଜଣାପଡିଲା । ସେଇବର୍ଷ ମାର୍ଚ୍ଚ ମାସରେ ମୁଁ ଜୁହୁରେ କିଛି ଦିନ ପାଇଁ ରହିବାକୁ ଗଲି । ସେତେବେଳେ ତା'କୁ ବି ମୋ ସହିତ ନେଇଯାଇଥିଲି । ସେଠାରେ ଦିନେ ଖୁବ୍ ସକାଳୁ ସେ ସମୁଦ୍ରରେ ବୁଡିବାକୁ ଚାଲିଗଲା । କିନ୍ତୁ ଯେତେବେଳେ ଛାତିଏ ପାଣି ହୋଇଗଲା, ସେତେବେଳେ ଆଉ ଆଗକୁ ଯିବାକୁ ସାହସ ହେଲା ନାହିଁ ବା ଜଣା ନାହିଁ କାହିଁକି ସେ ଫେରି ଆସିଲା । ମତେ ଏ କଥା ଜଣାପଡିବାରୁ ମୁଁ ଶୀଘ୍ର ମାଲବାର ହିଲସ୍ଥ ନିବାସକୁ ତା'କୁ

Digitized by srujanika@gmail.com

ପଠାଇଦେଲି । ମୁଁ କୁହୁରୁ ଫେରିବା ଆଗରୁ ଦିନେ ନିଜ ଲୁଗାରେ ନିଆଁ ଲଗାଇ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କଲା । ଏଥିରେ ସେ ବହୁତ ପୋଡି ଯାଇଥିଲା । କିନ୍ତୁ ପାଟି ତୁଣ୍ଡ କଛି କରି ନଥିଲା । କେବଳ ଏୟା କହୁଥିଲା କି, "ମତେ ମରିବାକୁ ଦିଅ । ମୋର ଚିକିତ୍ସା କରାଅ ନାହିଁ ।" ବହୁତ ପୋଡି ଯାଇଥିବାରୁ ଅପ୍ରିଲ ତିନି ବା ଚାରି ତାରିଖ ଦିନ ତା'ର ମୃତ୍ୟୁ ହୋଇଥିଲା । ଏହାପରେ ହିଁ ମତେ ଜଣାପଡିଲା ଯେ ଯେଉଁ ଯୁବକ ସହିତ ତା'ର ବିବାହ ହେବାର ଥିଲା, ସେ କିଛି ଦିନ ଆଗରୁ ତା'ର ସମ୍ବନ୍ଧ ବିଚ୍ଛିନ୍ନ କରି ଦେଇଥିଲା । ସେଥିରେ ସେ ବ୍ୟାକୁଳ ହୋଇ ଏହି ପଦକ୍ଷେପ ନେଇଥିଲା । କାରଣ ତା'ର ଜ୍ଞାନ ତନ୍ତୁ ଦୁର୍ବଳ ହୋଇ ପଡିଥିଲା ଓ ମସ୍ତିଷ୍କ ତଥା ମନ ମଧ୍ୟ ସ୍ଥିର ରହୁ ନଥିଲା । ଏ ଘଟଣାରୁ ମତେ ମଧ୍ୟ ବଡ ଆଘାତ ଲାଗିଲା । କିନ୍ତୁ ଶେଷରେ 'ଯାହା ସବୁ ହେଉଛି ତାହା ଈଶ୍ୱରୀୟ ବିଧାନ ଅନୁସାରେ ହିଁ ହେଉଛି' ଉପରେ ବିଶ୍ୱାସ ରଖି ମୋର ମାନସିକ ଶକ୍ତି ଫେରିପାଇଲି ।

ଏହିପରି ବର୍ତ୍ତମାନ ମୋର ଦୁଇଟି ସନ୍ତାନ ଅଛନ୍ତି । ସେମାନେ ନିଜେ ନିଜେ ସ୍ୱତନ୍ତ୍ର ଜୀବନଯାପନ କରୁଛନ୍ତି । ମୋ ପତ୍ନୀ ମୋ ସୁଖ ଦୁଃଖର ଭାଗୀଦାର ହୋଇ ମୋ ସାର୍ବଜନିକ ଜୀବନରେ ଯଥାଶକ୍ତି ସହଯୋଗ ପ୍ରଦାନ କରୁଛନ୍ତି ଓ ଆମର ଗୃହସ୍ଥ ଜୀବନ ସରଳତା ପୂର୍ବକ ଚଳୁଛି ।

(୪୬) ଅସୁସ୍ଥତାର ଅନୁଭବ

ମୁଁ ଆଗରୁ କହିଛି ଯେ ପିଲାଦିନୁ ମୋ ଶରୀର ସୁଗଠିତ ଓ ସୁସ୍ଥ ଥିଲା । ତଥାପି ଆଜି ପର୍ଯ୍ୟନ୍ତ ତିନି ଚାରିଥର ମୁଁ ବେମାରି ପଡିଥିଲି । ଏତିକି ନୁହେଁ, ତିନି ଚାରିଥର ତ ମୋର ଅପରେସନ (ଅସ୍ତ୍ରୋପଚାର) ହୋଇଛି । ଏ ବିଷୟରେ ଏଠାରେ କିଛି ଲେଖିବା ଅନୁପଯୁକ୍ତ ହେବ ନାହିଁ ।

ପୁରୁଣା ପାହୁଲା ସାଇଜର ଗୋଟିଏ କଳାଜାଇ ମୋ ମଥାର ଡାହାଣ ପଟେ, ବାଳ ଭିତରେ ଓ ବାମ ପଟେ ତା'ଠାରୁ ଛୋଟ ଦାଗ, ଜନ୍ମ ବେଳୁ ଥିଲା । ୧୯୫୨ ପ୍ରାରମ୍ଭରେ ଡ. ଡାକା ନାମରେ ମୋର ଜଣେ ସର୍ଜନବନ୍ଧୁ, ଯେ କି ବର୍ତ୍ତମାନ ଜୀବିତ ନାହାନ୍ତି, ଯାକୁ ଦେଖି କହିଲେ ଯେ ଏହାକୁ କାଢି ଦେବା ଉଚିତ, ନହେଲେ ଭବିଷ୍ୟତରେ ଏଥିରୁ ଅସୁବିଧା ପରିସ୍ଥିତି ଉତ୍ପନ୍ନ ହୋଇପାରେ । ଡାକ୍ତରମାନେ ଏପରି ମାମଲାରେ ବହୁତ ହୁସିଆର ରୁହନ୍ତି କାରଣ ତାଙ୍କ ଖିଆଲରେ ଏଥିରୁ କ୍ୟାନ୍‌ସର୍ ହେବାର ସମ୍ଭାବନା ଥାଏ । ଆଉ ଅନ୍ୟ ଜଣେ ଦୁଇଜଣ ସର୍ଜନ ଏଇୟା କହିଥିଲେ ଓ ମୋ ଝିଅ ଇନ୍ଦୁ ଯେ ଡାକ୍ତରୀ ପଢାର ଶେଷ ବର୍ଷରେ ଥିଲା ସେ ମଧ୍ୟ ସେଇୟା କହିଲା । ଏହିପରି ପାଞ୍ଚସାତ ଜଣ ଯେତେବେଳେ ଆଗ୍ରହ କଲେ ସେମାନଙ୍କୁ ଏ ଚିନ୍ତାରୁ ମୁକ୍ତ କରିବାକୁ ମୁଁ କହିଲି, "ଭଲ କଥା, ଅପରେସନ କରିବାକୁ ହେଲେ ଅବଶ୍ୟ କରନ୍ତୁ ।" ଏବଂ ଦିନେ ଅପରେସନ ପାଇଁ ମୁଁ ଡା. ଡାକାଙ୍କ ହସ୍‌ପିଟାଲରେ ପହଞ୍ଚିଲି ।

ଦାଗ ଥିବା ସ୍ଥାନକୁ ଇଞ୍ଜେକ୍‌ସନ୍ ଦ୍ୱାରା ବଧିରା କରି ଅପରେସନ କରାଗଲା ଓ ପ୍ରାୟ ଦେଢ ଘଣ୍ଟାଯାଏ ଆସ୍ତ୍ରୋପଚାର ହେଲା କାରଣ ଡାକ୍ତରଙ୍କ ଚେଷ୍ଟା ଚାଲିଥିଲା ତା'ର କୌଣସି ଚିହ୍ନ ନ ରଖିବା ଦିଗରେ । ଅପରେସନ ପାଇଁ ଯେଉଁ ଇଞ୍ଜେକ୍‌ସନ୍ ଦିଆଯାଇଥିଲା ତା'ର ପୂରା ପ୍ରଭାବ ମୋ ଉପରେ ପଡ଼ି ନଥିଲା ଯଦ୍ୱାରା ଅସ୍ତ୍ରକ୍ରିୟା ସମୟରେ ସମ୍ଭବତଃ ମତେ କାଟୁଥିଲା, କିନ୍ତୁ ମୁଁ କିଛି କହିଲି ନାହିଁ ଓ ଯେଉଁ ଯନ୍ତ୍ରଣା ହେଉଥିଲା ତା' ଏପରି ଶାନ୍ତ ଭାବେ ସହ୍ୟ କରିଲି ଯେପରି ଡାକ୍ତରଙ୍କୁ ଜଣାପଡିଲା ନାହିଁ । ମୋ ମୁହଁ ଉପରେ

Digitized by srujanika@gmail.com

ରୁମାଲ ଢଙ୍କା ହୋଇଥିଲା । ଅପରେସନ ପରେ ମୁଁ ଯେତେବେଳେ ଡାକ୍ତରଙ୍କୁ ଏକଥା କହିଲି, ସେମାନଙ୍କୁ ବଡ ଦୁଃଖ ଲାଗିଲା । କିନ୍ତୁ ମୁଁ କହିଲି, ''ଆପଣ ମନ କଷ୍ଟ କରିବା ଦରକାର ନାହିଁ କାରଣ ସେଥିରେ ମୋର କିଛି ବିଶେଷ କ୍ଷତି ହୋଇ ନାହିଁ ।''

ଏ ଡାକ୍ତର ମତେ ବଡଭାଇ ଭଳି ମାନୁଥିଲେ ଓ ମୋର ଏଥିରେ ସନ୍ଦେହ ନଥିଲା ଯେ ସେ ବଡ ସାବଧାନତା ସହକାରେ ଅପରେସନ କରିଥିଲେ । ସାବଧାନରେ ଘା'କୁ ଯୋଡି ଏପରି ସିଲେଇ କରିଥିଲେ ଯେ ପରେ ଯେପରି ଚିହ୍ନ ନରୁହେ । ତଥାପି ସିଲାଇ ଠିକ୍ ହୋଇ ନଥିଲା ଓ ଚିହ୍ନ ରହିଗଲା । ଏଥିରେ ତାଙ୍କର ବଡ ଅବଶୋଷ ହେଲା । କିନ୍ତୁ ସେଥିରେ ତାଙ୍କର କୌଣସି ଦୋଷ ନଥିଲା -- ଏଥିରେ ମୋର ଟିକିଏ ବି ସନ୍ଦେହ ନଥିଲା । ତାଙ୍କର ଅବଶୋଷ ତ ମୋ ପ୍ରତି ତାଙ୍କର ସଦ୍‌ଭାବନା ହେତୁ ହେଉଥିଲା । ଅପରେସନ୍ ପୂରା ହେବାର ପନ୍ଦର ମିନିଟ ଭିତରେ ବ୍ୟାଣ୍ଡେଜ ବାନ୍ଧି ମୁଁ ଘରକୁ ଚାଲିଆସିଲି ଓ ମୋର ଦୈନିକ କାମରେ ଲାଗିଲି । ଏହାର କିଛି ଦିନ ପରେ କଂଗ୍ରେସ ମହାସମିତି ଅଧିବେଶନ ପାଇଁ ମତେ ଇନ୍ଦୋର ଯିବାକୁ ପଡିଲା । ତା' ଆଗରୁ ମୋର ବ୍ୟାଣ୍ଡେଜ ଖୋଲା ହୋଇଥିଲା ।

ଏହା ମୋର ଅପରେସନର ପ୍ରଥମ ଅନୁଭବ ଥିଲା । ଏହାପରେ ଆଉ ଦୁଇଥର ଅପରେସନ ହୋଇଥିଲା -- ଥରେ ପଥର ପାଇଁ ଓ ଅନ୍ୟଟି ହାର୍ଣ୍ଣିୟା ପାଇଁ । ୧୯୪୯ରେ ଯେତେବେଳେ ବମ୍ବେ ସରକାର ମୁକାମ ପୁନାରେ ଥିଲା ସେତେବେଳେ ସର୍ବପ୍ରଥମେ ମୋ ଉପରେ ''ପାଇଲାଇଟିସ୍'' ଆକ୍ରମଣ ହୋଇଥିଲା । ମୁଁ ପ୍ରାକୃତିକ ଚିକିତ୍ସାରେ ବିଶ୍ୱାସ କରେ । ସେଥିପାଇଁ ସେତେବେଳେ ଏଲୋପାଥି ଔଷଧ ନେବାକୁ ମନାକରି ମୁଁ ଉପବାସ କରିଲି । ଜ୍ୱର ବହୁତ ଥିଲା ଓ ମୁଁ ଶଯ୍ୟାଗ୍ରସ୍ତ ଥିଲି । ତେଣୁ ସହଯୋଗୀ, ଡାକ୍ତର ତଥା ବନ୍ଧୁମାନେ ସମସ୍ତେ ଔଷଧ ଖାଇବାକୁ ଆଗ୍ରହ କରୁଥିଲେ । ଡ. ଦୀନେଶ ମେହେଟ୍ଟା ସେ ସମୟରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଚଳାଉଥିଲେ । ପ୍ରାକୃତିକ ଚିକିତ୍ସାରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଓ ଗାନ୍ଧିଜୀଙ୍କ ଚିକିତ୍ସା ବି ସେ କରୁଥିଲେ । ସେ ଆସୁଥିଲେ ଓ ମତେ ଦେଖି କିଛି ଚିକିତ୍ସା ମଧ୍ୟ କରୁଥିଲେ । ଡାକ୍ତର ଓ ସହଯୋଗୀମାନେ ବାଲାସାହେବ ଖେରଙ୍କୁ ଲେଖି ଆଗ୍ରହ କଲେ ଯେ ସେ ମତେ ଔଷଧ ଖାଇବାକୁ ବୁଝାନ୍ତୁ । ତଦନୁସାରେ ସେ ମତେ ଔଷଧ ଖାଇବାକୁ ବୁଝାଇଲେ । ଏହି ପରିସ୍ଥିତିରେ ଡ. ଦୀନେଶ 'ଓରିୟୋ ମାଇସିନ୍' ଖାଇବାକୁ କହିଲେ ଓ ଏପରି ମତ ବ୍ୟକ୍ତ କଲେ ଯେ ପ୍ରାକୃତିକ ଚିକିତ୍ସାରେ କୌଣସି ପ୍ରତିବନ୍ଧକ ହେବ ନାହିଁ । ଏ ବିଷୟରେ ମୁଁ ତାଙ୍କ ସହିତ ଆଦୌ ଏକମତ ନଥିଲି । କିନ୍ତୁ ପ୍ରାକୃତିକ ଚିକିତ୍ସା ବିଶେଷଜ୍ଞ ଦ୍ୱାରା ଏପରି ଅଭିମତ ବ୍ୟକ୍ତ କରାଯିବା ପରେ ମୋ ପକ୍ଷରେ ଏ ବିଷୟରେ ବାଲାସାହେବଙ୍କ ସହିତ ଯୁକ୍ତି କରିବା କଷ୍ଟ ହେଲା । ଏ ପରିସ୍ଥିତିରେ ମୁଁ ଏ ଔଷଧ ଖାଇଲି । ମୋ ଖିଆଲରେ ଏହା ସେ ସମୟରେ ନୂଆ ବାହାରିଥିଲା ଓ ଏହା ବେଶି ମାତ୍ରାରେ ମତେ ଦିଆଯାଇଥିଲା । ସେଥିଯୋଗୁଁ ଆସିଥିବା ଦୁର୍ବଳତା ମୋ ଶରୀରରେ ବହୁତ ଦିନ ରହିଥିଲା । ମୁଁ ମାନୁଛି ଯେ ଏ ଔଷଧ ଖାଇବାକୁ ରାଜି ହୋଇ ମୁଁ ମୋର ଦୁର୍ବଳତାର ପରିଚୟ ଦେଇଥିଲି ଓ ଏହା ମୋର ଭୁଲ ଥିଲା । ଭବିଷ୍ୟତରେ ଏପରି ଭୁଲ ନ କରିବାକୁ ନିଶ୍ଚୟ କଲି ।

ଏହାପରେ ୧୯୫୧ରେ ମୁଁ ଦାହାଣୁରେ ଥିଲି । ସେତେବେଳେ ଥରେ ମୋ ପେଟରେ ତୀବ୍ର ଯନ୍ତ୍ରଣା ହୋଇଥିଲା । ସେ ସମୟରେ ମୁଁ ଦାହାଣୁ ଗସ୍ତରେ ଯାଇଥିଲି ଓ ସପ୍ତାହରେ ଗୋଟିଏ ଦିନ ଉପବାସ କରୁଥିଲି । ଯେଉଁଦିନ ଯନ୍ତ୍ରଣା ହେଲା ସେ ଦିନ ମୋର ଉପବାସ ଦିନ ଥିଲା । ସେ ଦିନ ମୋ ସାଥିମାନେ ଚାରି ପାଞ୍ଚଥର ପଇଡ ପାଣି ପିଆଇଥିଲେ । ଦାହାଣୁ ଜିଲ୍ଲା କଂଗ୍ରେସ କମିଟି ଅଧ୍ୟକ୍ଷଙ୍କ ଘରେ ରହୁଥିଲି ଯେଉଁଠି ଗୋଟିଏ ରୁମରେ ମୋର ଏକା ରହିବାର ବନ୍ଦୋବସ୍ତ କରାଯାଇଥିଲା । ସେଇ ଘରେ ମୁଁ ଶୋଇଥିଲି । ରାତିରେ

Digitized by srujanika@gmail.com

ପ୍ରାୟ ଗୋଟାଏ ପଇଁଚାଳିଶ ମିନିଟ୍ ବେଳେ ପେଟର ଡାହାଣ ପଟେ ଖୁବ୍ ଜୋରରେ ଦରଜ ଲାଗିଲା । ମୋ ନିଦ ଭାଙ୍ଗିଗଲା । ଦରଜ ବନ୍ଦ ହେବାର ନାମ ନେଉ ନଥାଏ, ଓଲଟି ଆସ୍ତେ ଆସ୍ତେ ବଢୁଥାଏ ।

ଅନ୍ୟ ସମସ୍ତେ ପାଖ ରୁମରେ ଶୋଇଥିଲେ । ସେମାନଙ୍କ ମଧ୍ୟରେ କାହାକୁ ନ ଉଠାଇବାକୁ ମୁଁ ନିଶ୍ଚୟ କରିଥିଲି କାରଣ ସେମାନଙ୍କୁ ସବୁ ଉଠାଇ ବ୍ୟସ୍ତ କରାଇବା ଛଡା ଆଉ କିଛି ସମ୍ଭବ ନ ଥିଲା । ବମ୍ବେରୁ ସେଠାକୁ ଡାକ୍ତରଙ୍କୁ ଡକାଇଲେ ବହୁତ ସମୟ ଲାଗିବ ଓ ସକାଳ ହେଲେ ମୋର ବମ୍ବେ ଯିବାର ଥିଲା, ସେଥିପାଇଁ ମୁଁ ଏପରି ନିର୍ଣ୍ଣୟ କରିଥିଲି । କିଛି ସମୟ ତ ମୁଁ ଯନ୍ତ୍ରଣାରେ ଛଟପଟ ହେଲି । ହଠାତ୍ ମୋର ପ୍ରାର୍ଥନା ମନେ ପଡିଲା । ସକାଳେ ଉଠିବା ବେଳେ ଓ ରାତିରେ ଶୋଇବା ବେଳେ ମୁଁ ଗୋଟିଏ ପ୍ରାର୍ଥନା କରୁଥିଲି । ସେଥିରୁ ଭଗବାନଙ୍କୁ ଏହା ମାଗୁଥିଲି ଯେ ଯେଉଁ ଦୁଃଖ ଆସିବାର ଅଛି, ଯେଉଁ କର୍ମଫଳ ମୋ ଭାଗ୍ୟରେ ଅଛି, ଯେଉଁ ରୋଗ ହେବାର ଅଛି, ସେ ସବୁ ଆସୁ ସୁତରାଂ ମୁଁ ମୋର ଋଣ ସବୁ ପରିଶୋଧ କରି କର୍ମ ବନ୍ଧନରୁ ମୁକ୍ତ ହୋଇପାରିବି, ଏଇ ପ୍ରାର୍ଥନାର ଶ୍ଳୋକ ମତେ ''ଅନୁଗୀତା''ରୁ ୧୯୨୫-୨୬ରେ ମିଳିଥିଲା ଓ ସେଇଦିନୁ ମୁଁ ଏ ପ୍ରାର୍ଥନା କରିଆସୁଛି । ଏ ପ୍ରାର୍ଥନା ମନେ ପଡିବାରୁ ମୁଁ ମନକୁ ମନ କହିଲି, ''ରାତିରେ ଶୋଇବା ବେଳେ ଯେଉଁ ବେମାରି ଆସିବାର ଅଛି, ଆସୁ । ଶୋଇବା ଆଗରୁ ପ୍ରାର୍ଥନା ପରେ ଯଦି ଏ ବେମାରି ଆସି ମତେ ଦୁଃଖ ଦିଏ ସେଥିରେ ମୋର ବିଚଳିତ ହେବା ଉଚିତ ନୁହେଁ । ସେଥିରୁ ଯାହା ଦୁଃଖ କଷ୍ଟ ପାଇବି ତାହା ଶାନ୍ତି ଓ ଆନନ୍ଦର ସହିତ ମୋର ସହିବା ଉଚିତ ।'' ଏହିପରି ଈଶ୍ୱରଙ୍କ ଠାରେ କ୍ଷମା ମାଗି ମୁଁ ଶାନ୍ତ ହୋଇଗଲି ଓ ସାଙ୍ଗେ ସାଙ୍ଗେ ନିଦ ଆସିଗଲା । ସକାଳେ ଉଠିବା ବେଳକୁ ଆଉ ଯନ୍ତ୍ରଣା ନଥିଲା । ଏଣୁ କୌଣସି ଚିକିତ୍ସା ଦରକାର ପଡିଲା ନାହିଁ ।

୧୯୫୫ ଡିସେମ୍ବର ମାସ ଆରମ୍ଭରେ ମତେ ପୁଣି 'ପାଇଲାଇଟିସ୍' ଯନ୍ତ୍ରଣା ହେଲା ଯାହା ଆଗଠାରୁ ତୀବ୍ର ଥିଲା । ଜ୍ୱର ମଧ୍ୟ ଚାରିଡିଗ୍ରୀ ପର୍ଯ୍ୟନ୍ତ ହୋଉଯାଉଥିଲା । ଏଥର ମୁଁ ସ୍ଥିର କରିଥିଲି କିଛି 'ଆଣ୍ଟିବାୟୋଟିକ' ନ ନେଇ କେବଳ ପ୍ରାକୃତିକ ଚିକିତ୍ସା ହିଁ କରିବି ।

ଡ. ଲାଲ ପଟେଲ ଆଦି ଡାକ୍ତର ବନ୍ଧୁମାନଙ୍କୁ ମୋ ବେମାରିର ଖବର ମିଳିବାରୁ ସେମାନେ ସାଙ୍ଗେ ସାଙ୍ଗେ ମତେ ଦେଖିବାକୁ ଆସିଲେ । ସେମାନେ କହିଲେ ବର୍ତ୍ତମାନ 'ଇନ୍‌ଫେକ୍‌ସନ'ରୁ ହୋଇଛି ତେଣୁ 'ଆଣ୍ଟିବାୟୋଟିକ' ଔଷଧ ନେବା ଉଚିତ । ନହେଲେ ଏହାଦୂର ହେବ ନାହିଁ । ମୁଁ କହିଲି, ''ମୋର ସେଥିରେ ବିଶ୍ୱାସ ନାହିଁ । ତେଣୁ ସେ ଚିକିତ୍ସା ମୁଁ କରିବି ନାହିଁ । ଉପବାସରେ ହିଁ ସବୁ ଠିକ୍ ହୋଇଯିବ -- ଏଥିରେ ମୋର ସନ୍ଦେହ ନାହିଁ ।'' ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ସେମାନେ ମୋ ସହିତ ଯୁକ୍ତି କଲେ କିନ୍ତୁ ନା ସେମାନେ ମତେ ବୁଝାଇ ପାରିଲେ ନା ମୁଁ ତାଙ୍କୁ । ଶେଷରେ ମୁଁ ତାଙ୍କୁ କହିଲି, ''ମତେ ଯେତେବେଳେ ୧୦୪ ଡିଗ୍ରୀ ଜ୍ୱର ହୋଇଛି ମୋ ସହିତ ଯୁକ୍ତି କରିବା କ୍ଷତିକାରକ ହୋଇପାରେ । ଏଥିରେ କଷ୍ଟ କମିବା ବଦଳରେ ବଢିବ । ତେଣୁ ଏ ଯୁକ୍ତିତର୍କ ବର୍ତ୍ତମାନ ବନ୍ଦ କରିବା ଉଚିତ ଓ ଔଷଧ ଖାଇବା ପାଇଁ ମତେ ଅଧିକ ବ୍ୟସ୍ତ କରିବା ଉଚିତ ନୁହେଁ । ଔଷଧ ନ ଖାଇବାକୁ ମୁଁ ସ୍ଥିର କରିସାରିଛି । ତଥାପି ଯଦି ଅବସ୍ଥା ଗମ୍ଭୀର ହୋଇଯିବ ଓ ବଞ୍ଚିବାର ବାଟ ନଥିବ ତେବେ ଆପଣଙ୍କ ଔଷଧ ଅବଶ୍ୟ ବ୍ୟବହାର କରିବି ।'' ଡାକ୍ତର ବନ୍ଧୁ ଏଥିରେ ନାରାଜ ହେଲେ କିନ୍ତୁ ମୋ ଦୃଢ ସଂକଳ୍ପକୁ ଦେଖି ସେ ନିଜର ଆଗ୍ରହ ଛାଡିଦେଲେ ।

ମୁଁ ଦଶଦିନ ଉପବାସ ରହିଲି ଯେଉଁଥିରେ କି ବେମାରି କମ୍ ହୋଇଗଲା । ଡାକ୍ତର ପରୀକ୍ଷା କରି କହିଲେ, ''ଆଉ ଇନ୍‌ଫେକ୍‌ସନ୍ ନାହିଁ । ଆପଣଙ୍କ ସଂକଳ୍ପ ବଳରେ ହିଁ ଆପଣ ଭଲ ହୋଇଗଲେ ।'' ମୁଁ

Digitized by srujanika@gmail.com

କହିଲି, ''ଆପଣ ଏକଥା ମାନୁଥିଲେ ଔଷଧ ଖାଇବାକୁ ମତେ ବାଧ୍ୟ କରିବେ ନାହିଁ।'' ଏହାପରେ ବିଶ୍ରାମ ପାଇଁ କୁହୁରେ କିଛିଦିନ ରହିବାକୁ ଗଲି, ସେଠାରେ କିଛି ଦିନରେ ପୂରା ଠିକ୍ ହୋଇଗଲି।

ଏହାପରେ ୧୯୫୭-୫୮ରେ ମତେ ଲାଗିଲା ଯେ ଏ ଯନ୍ତ୍ରଣା ପଥର ସକାଶେ ହୋଇଥିବ। ଦହାଣୁରେ ମୁଁ ପଇଡ ପାଣି ଖୁବ୍ ପିଇଥିଲି ଯଦ୍ୱାରା ପଥର 'କିଡ୍‌ନୀ'ରୁ ଆସି ମୂତ୍ରନଳୀରେ ଚାଲିଯାଇଥିବ ଓ ସେଥିଯୋଗୁଁ ଯନ୍ତ୍ରଣା ହୋଇଥିବ। ଏହାପରେ ୧୯୫୮ ପର୍ଯ୍ୟନ୍ତ ପୀଡା ହେଲା ନାହିଁ, କିନ୍ତୁ ୧୯୫୮ରେ ଚାରି ପାଞ୍ଚଥର ଯନ୍ତ୍ରଣା ହୋଇଥିଲା। ସେ ଯନ୍ତ୍ରଣା ମୁଁ କାହାକୁ ନ ଜଣାଇ ସହି ନେଉଥିଲି ଓ ନିଜର କାମ କରୁଥିଲି।

୧୯୫୮ ଜୁନ ବା ଜୁଲାଇ ମାସରେ ମୁଁ ଗୋଟିଏ ସ୍କୁଲ ଉତ୍ସବ ପାଇଁ ନୈନିତାଲ ଯାଇଥିଲି। ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଆଗ୍ରହ ଥିଲା ଯେ ମୁଁ ନୈନିତାଲ ଯାଏ। ସେଠାରେ ଗଭର୍ଣ୍ଣମେଣ୍ଟ ହାଉସ୍‌ରେ ରହୁଥିଲି। ଦ୍ୱିପହର ପାଖାପାଖି ମୁଁ ସେଠାରେ ପହଞ୍ଚିଥିଲି। ଖାଇସାରି ଶୋଇ ଉଠିବା ବେଳେ ଦରଜ ଲାଗିଲା। ପାଞ୍ଚଟା ବେଳେ ପନ୍ଥଜୀଙ୍କ ଏକ ସଭାରେ ମୋର ପହଞ୍ଚିବାର ଥିଲା। କିନ୍ତୁ ସେତେବେଳ ଯାଏ ଦରଜ କମି ନଥିଲା। ତଥାପି ମୁଁ କାହାକୁ ଏ କଥା କହି ନଥିଲି ଓ ଦରଜ ସହିଲି। ସେଇ ଅବସ୍ଥାରେ ମୁଁ ପନ୍ଥଜୀଙ୍କ ସଭାକୁ ଗଲି, ଏକ ଘଣ୍ଟାରୁ ଅଧିକ ସମୟ ସଭା ଚାଲିଲା। ମୁଁ ଦରଜକୁ ସହି ବସି ରହିଲି। ପ୍ରାୟ ସାତଟା ବେଳେ ଘରକୁ ଆସିଲି, ତେବେ ଯାଇ ଦରଜ ବନ୍ଦ ହେଲା।

ପରଦିନ ଦ୍ୱିପହରକୁ ପନ୍ଦର ଶହଫୁଟ ଉଚ୍ଚରେ ଥିବା ବିରଳା ସ୍କୁଲ ଯିବାର ଥିଲା। ମତେ ଘୋଡାରେ ବା ପାଲିଙ୍କିରେ ସେଠାକୁ ଯିବାକୁ କୁହାଯାଇଥିଲା। କିନ୍ତୁ ଦୁଇଟିକୁ ମନା କରି ମୁଁ ପାଦରେ ହିଁ ଉପରକୁ ଗଲି ଓ ସମାରୋହ ସମାପ୍ତ ହେବା ପରେ ତଳକୁ ଆସିଲି। କିନ୍ତୁ ଆଉ ଦରଜ ଲାଗିଲା ନାହିଁ ଓ ପରଦିନ ମୁଁ ଦିଲ୍ଲୀ ଫେରି ଆସିଲି।

କିନ୍ତୁ ଦରଜ ଯେତେବେଳେ ବହୁତ ସମୟ ଯାଏ ଲାଗି ରହିଲା ସେତେବେଳେ ମୁଁ ଜାଣିପାରିଲି ଯେ ଏଦରଜ କିଡ୍‌ନୀରେ ପଥର ଯୋଗୁଁ ହେଉଛି। ତେଣୁ ପଥରକୁ କାଢି ଦେବା ହିଁ ଏହାର ଉପଯୁକ୍ତ ଚିକିତ୍ସା ଅଟେ। କାରଣ ସେଠାରେ ପଥର ବେଶି ଦିନ ରହିଲେ ଅନ୍ୟ କୌଣସି ବେମାରିର ସମ୍ଭାବନା ଥିଲା।

ତେଣୁ ୧୯୫୮ ଡିସେମ୍ବର ମାସରେ ବମ୍ବେର ବମ୍ବେ ହସ୍‌ପିଟାଲ୍‌ରେ ଡ. ଶାନ୍ତିଲାଲ ମେହେତା ଦ୍ୱାରା ଅପରେସନ କରାଇଲି। ପ୍ରଥମରୁ ମୁଁ ମାନୁଥିଲି ଯେ ଡ. ଶାନ୍ତିଲାଲ ମେହେତା ବମ୍ବେରେ ସମସ୍ତଙ୍କ ଅପେକ୍ଷା ସିଦ୍ଧ ସର୍ଜନ ଅଟନ୍ତି। ମୋର ଜଣେ ସାନ ଭାଇ -- ନାନୁ ଭାଇ -- ବି ସର୍ଜନ ଥିଲା। ଏ ଦୁଇଜଣ ଏକାଠି ପଢୁଥିଲେ ଓ ପରସ୍ପରର ପ୍ରଗାଢ ବନ୍ଧୁ ଥିଲେ। ହୋଇପାରେ ଯେ ଏଥିପାଇଁ ତାଙ୍କ ପ୍ରତି ମୋର ପକ୍ଷପାତିତା ଥିଲା। କିନ୍ତୁ ତାଙ୍କ ସହିତ ମୋର ପରିଚୟ ପରଠାରୁ ମୋର ବିଶ୍ୱାସ ହୋଇଗଲା ଯେ ସେ ଜଣେ ଦକ୍ଷ ସର୍ଜନ ଓ ଜଣେ ରୋଗୀ ତାଙ୍କ ଉପରେ ବିଶ୍ୱାସ ରଖିପାରେ। ସେ ସ୍ୱୟଂ ବି ନିଜ କର୍ତ୍ତବ୍ୟ ପାଳନରେ ଏତେ ଉତ୍ସାହୀ ଓ ନିଷ୍ଠାବାନ ଯେ ସେ ସବୁ ରୋଗୀଙ୍କୁ ଗୋଟିଏ ଦୃଷ୍ଟିରେ ଦେଖୁଥିଲେ ଓ ସମସ୍ତଙ୍କର ଏକା ପ୍ରକାର ଯତ୍ନ ନେଉଥିଲେ। ସେ ଜଣେ ସ୍ପଷ୍ଟ ବକ୍ତା ଥିଲେ ଓ ରୋଗୀଙ୍କୁ ଠିକ୍ ପରାମର୍ଶ ଦେଉଥିଲେ, ମୋ ଦୃଷ୍ଟିରେ ତ ଏହା ଏକ ବଡ ସଦ୍‌ଗୁଣ ଅଟେ। ବମ୍ବେ ହସ୍‌ପିଟାଲରେ ସେ କାମ କରୁନଥିଲେ। ତେଣୁ ସେଠାରେ ତାଙ୍କ ଦ୍ୱାରା ଅପରେସନ କରାଇବାରେ କିଛି ଅସୁବିଧା ଥିଲା। କିନ୍ତୁ ହସ୍‌ପିଟାଲ ସଞ୍ଚାଳକଙ୍କୁ ମୁଁ ଅନୁରୋଧ କଲି। ସେଥିରୁ, ସେଠାରେ ଅପରେସନ କରିବାକୁ ଅନୁମତି ମିଳିଥିଲା।

Digitized by srujanika@gmail.com

ଅପରେସନ ପୂର୍ବ ରାତିକୁ ମତେ ହସ୍ପିଟାଲ ନିଆଯାଇଥିଲା । ଦିନକ ଆଗରୁ ନେବାର କାରଣ ମତେ କୁହାଯାଇ ନଥିଲା । କିନ୍ତୁ ସେଠାରେ ପହଞ୍ଚିବାପରେ ରାତି ନ'ଟା ସାଢେ ନ'ଟା ବେଳେ ଡାକ୍ତର ମୋ ପାଖକୁ ଆସିଲେ ଓ କହିଲେ ଆପଣଙ୍କୁ ଇଞ୍ଜେକ୍ସନ୍ ଦିଆଯିବ । କାରଣ ପଚାରିବାରୁ ସେ କହିଲେ, "ଆପଣ ଚିନ୍ତା ନକରି ନିଶ୍ଚିନ୍ତ ଭାବରେ ଶୋଇଯିବେ । ଅପରେସନ୍ ସମୟରେ କୌଣସି ଅସୁବିଧା ହେବ ନାହିଁ । ସେଥିପାଇଁ ଏ ଇଞ୍ଜେକ୍ସନ୍ ଦେବା କଥା ।" ମୁଁ କହିଲି, "ଏପରି ଇଞ୍ଜେକ୍ସନ୍‌ରେ ମୋର ବିଶ୍ୱାସ ନାହିଁ । ଅପରେସନ୍ ପାଇଁ ମୁଁ ଚିନ୍ତା କରୁ ନାହିଁ । ଅପରେସନ୍‌ରେ ଶେଷକୁ ମରିବା ଡ଼ର ମଣିଷକୁ ଚିନ୍ତିତ କରେ । କିନ୍ତୁ ମୁଁ ମୃତ୍ୟୁକୁ ଡରେ ନାହିଁ । କାରଣ ମୁଁ ଜାଣେ ମୃତ୍ୟୁ ଅନିବାର୍ଯ୍ୟ ଅଟେ, ତା'ର ଚିନ୍ତା କରିବା ବ୍ୟର୍ଥ ଅଟେ ।" ପୁଣି ମଜାରେ ମୁଁ ତାଙ୍କୁ କହିଲି, "ମୋର ଚିନ୍ତା କରିବାର କାରଣ କଣ ? ଅପରେସନ ବେଳେ ମୃତ୍ୟୁ ହୋଇଗଲେ ମୁଁ ତ ଆନାସ୍ଥେସିୟା ପ୍ରଭାବରେ ରହିବି ଯାହା ସକାଶେ ମତେ ମୃତ୍ୟୁ ଜଣାପଡିବ ନାହିଁ । ତେଣୁ ମୋର ସେ ଚିନ୍ତା ଅନାବଶ୍ୟକ । ଚିନ୍ତା ତ ଆପଣଙ୍କୁ କରିବା ଉଚିତ, ମତେ ନୁହେଁ ।" ଡାକ୍ତରଙ୍କୁ ଏ ମଜା ବହୁତ ଭଲ ଲାଗିଲା ଓ ସେ ହସିକରି ଚାଲିଗଲେ । ଇଞ୍ଜେକ୍ସନ୍ ଦେବା ଦରକାର ନାହିଁ ବୋଲି ସେ ମାନିନେଲେ ।

ପରଦିନ ପ୍ରାୟ ଏକ ଘଣ୍ଟାରେ ସେ ଖୁବ୍ ଭଲ ଭାବେ ଅପରେସନ କରିଥିଲେ ଅପରେସନ ପରେ ମତେ ମୋ ରୁମକୁ ନେଇଯାଇଥିଲେ । ପୁଣି ଦ୍ୱିତୀୟ ଥର ରାତିରେ ନିଦ ହେବା ପାଇଁ ଇଞ୍ଜେକ୍ସନ୍ ଓ ଔଷଧ ନେବାକୁ ସେ କହିଲେ । ମୁଁ ପୁଣି ମନା କରି କହିଲି, "ଯନ୍ତ୍ରଣା ଏଥିରେ ଦୂର ହୁଏ ନାହିଁ । କେବଳ ତାହାର ଅନୁଭୂତି କମ୍ ହୁଏ । ତେଣୁ ଏପରି ଚିକିତ୍ସାରେ ମୋର ବିଶ୍ୱାସ ନାହିଁ ଓ ତାହାର ଦରକାର ବି ନାହିଁ ।" ସେ ମୋ କଥା ମାନିନେଲେ ।

ଅପରେସନ ଆଗରୁ ମୁଁ ତାଙ୍କଠାରୁ ସର୍ତ୍ତ କରି ନେଇଥିଲି ଯେ କୌଣସି ପ୍ରାଣୀର ଶରୀରରୁ ତିଆରି ହୋଇଥିବା ଏପରି କୌଣସି ଔଷଧ ସେ ମତେ ଦେବେ ନାହିଁ । ସେ ଏ ସର୍ତ୍ତ ମଞ୍ଜୁର କରିଥିଲେ ଓ ଏପରି କୌଣସି ଔଷଧ ମତେ ଦେଇ ନଥିଲେ । ବ୍ଲଡ ଟ୍ରାନ୍ସଫ୍ୟୁଜନ ଅର୍ଥାତ ଶରୀରକୁ ରକ୍ତ ଦେବାରେ ମୋର କୌଣସି ଆପତ୍ତି ନଥିଲା କାରଣ ଏ ରକ୍ତ ମଣିଷ ଶରୀରରୁ ସ୍ୱଇଚ୍ଛାରେ ବାହାର କରାଯାଉଥିଲା । କିନ୍ତୁ ଏହା ଦରକାର ହୋଇଥିଲା କି ନାହିଁ ମୋର ବର୍ତ୍ତମାନ ମନେ ନାହିଁ । ପଥର ମୂତ୍ର ମାର୍ଗରେ ଲାଖି ଯାଇଥିଲା, ସେଥିପାଇଁ ବଡ ସାବଧାନତା ସହକାରେ ଅପରେସନ କରିବାକୁ ପଡିଥିଲା । ଡାକ୍ତର ଭଲ ଭାବେ ପଥର କାଢି ଦେଇଥିଲେ । ମୂତ୍ର ମାର୍ଗକୁ ସିଲାଇ କରିବାକୁ ପଡିବ ନାହିଁ ସେଥିପାଇଁ ଗୋଟିଏ ନଳୀ ଲଗାଯାଇଥିଲା ଯେଉଁଥିରେ ପରିସ୍ରା ବାହାରକୁ ଆସିପାରିବ । ଏହି ନଳି ଯୋଗୁଁ ହୋଇଥିବା ଘା' ଶୁଖିବାକୁ କିଛି ଦିନ ଲାଗିଲା । ସେ ମତେ କହିଥିଲେ ଯେ ଆପଣ ଚାଲିବା ଆରମ୍ଭ କଲେ ଶୀଘ୍ର ଘା ଶୁଖିଯିବ । ଏହାପରେ ଦୁଇ ତିନି ଦିନ ମଧ୍ୟରେ ଘା' ଶୁଖିଗଲା ଓ ପ୍ରାୟ ୧୧-୧୨ ଦିନରେ ମୁଁ ଘରକୁ ଚାଲିଯାଇଥିଲି ।

ମୋ ଝିଆରୀ ଜଣେ ଡାକ୍ତର ଓ ଆଉ ଜଣେ ଡାକ୍ତର -- ସରଳା ମିସ୍ତ୍ରୀ -- ମୋ ଝିଅ ଭଳି ଥିଲେ । ଏ ଦୁଇଜଣ ମୋର ଦେଖାଚାହାଁ କରୁଥିଲେ । ଏମାନଙ୍କ ଛଡ଼ା ଗୋଟିଏ ନର୍ସ ମଧ୍ୟ ରଖାଯାଇଥିଲା । କିନ୍ତୁ ସମସ୍ତଙ୍କୁ ଯେତେ କମ୍ କଷ୍ଟ ଦିଆଯାଇପାରେ ମୁଁ ସେତିକି ଦେଉଥିଲି । ସ୍ୱାଭାବିକ ଭାବେ ପ୍ରଥମ ଦୁଇତିନି ଦିନ ମତେ ଯନ୍ତ୍ରଣା ହେଉଥିଲା । କିନ୍ତୁ ସେଥିପାଇଁ ବିଶେଷ କରି କାହାକୁ କିଛି କହୁନଥିଲି । ଦ୍ୱିତୀୟ ଦିନ ବିଛଣାରେ ଶୌଚ ଯିବା ମୋର ଶକ୍ତି ନଥିଲା । ଏଥିପାଇଁ କମୋଡ ଉପରେ ବସିବାକୁ ଅନୁମତି ମାଗିଥିଲି । ସେତେବେଳେ ସେ କହିଥିଲେ ଏଥିରେ ଯେଉଁ ଯନ୍ତ୍ରଣା ହେବ ତାକୁ ସହିପାରିଲେ ଅନୁମତି ଦିଆଯିବ । ମୁଁ କମୋଡ ଉପରେ ଶୌଚ

Digitized by srujanika@gmail.com

ପାଇଁ ବସିଲି । ଏହାଦ୍ୱାରା ପେଟ ସଫା ହେଲା ଓ ବହୁତ ଭଲ ଲାଗିଲା, ଏହିପରି ମୋର ଦ୍ୱିତୀୟ ଅପରେସନ ହୋଇଥିଲା ।

ଅପରେସନ ପରେ ଡାକ୍ତର କହିଥିଲେ ଯେ ତିନି ମାସ ଯାଏ ମୋର କୌଣସି ଓଜନ ଜିନିଷ ଉଠାଇବା ଉଚିତ ନୁହେଁ । ମୁଁ ଏହା ପୂରା ଭାବେ ପାଳନ କଲି । ଏହାଛଡା ତିନି ମାସ ଯାଏ ସବୁଦିନେ ସକାଳେ ପାଞ୍ଚ ଛ ମାଇଲ ବୁଲିବା କାର୍ଯ୍ୟକ୍ରମ ମଧ୍ୟ ରଖିଲି । ଫଳରେ ଶରୀର ଆଗଭଳି ସୁସ୍ଥ ହୋଇ ଯାଇଥିଲା । ଅପରେସନ ଖୁବ୍ ଭଲ ହୋଇଥିଲା । ଏଣୁ କୌଣସି ବିଶେଷ ଯତ୍ନର ଆବଶ୍ୟକତା ନଥିଲା ଓ ଦୁଇ ତିନି ମାସରେ ମୋର କମ୍ ହୋଇଥିବା ଓଜନ ପୂରା ହୋଇଯାଇଥିଲା ।

୧୯୬୩ ଶେଷ ବା ୧୯୬୪ ଆରମ୍ଭରେ ଯେତେବେଳେ ମୁଁ କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ନଥିଲି, ଦିଲ୍ଲୀରେ ତ୍ୟାଗରାଜ ମାର୍ଗସ୍ଥ ଘରେ ରହୁଥିଲି । ସେଇ ସମୟରେ ଦିନେ ଆଲମାରୀ ଉପରେ ଥିବା ଲୁଗାପଟାରେ ଭର୍ତ୍ତି ହୋଇଥିବା ଓଜନିଆ ବ୍ୟାଗକୁ ମୁଁ ଗୋଟିଏ ହାତରେ ଧରି ତଳକୁ ନେଇ ଆସିଲି, ବ୍ୟାଗ ବହୁତ ଓଜନିଆ ଥିଲା ଓ ମୁଁ ଭୁଲି ଯାଇଥିଲି ଯେ ମୋର ବୟସ ବହୁତ ହୋଇଯାଇଛି, ଯଦ୍ଦ୍ୱାରା ଶରୀର ଯେତେ ସୁସ୍ଥ ଥିଲେ ବି, ଆଗଭଳି ବୋଝ ସମ୍ଭାଳି ପାରିବ ନାହିଁ । ଫଳରେ ବ୍ୟାଗକୁ ତଳକୁ ଓହ୍ଲାଇବା ଦ୍ୱାରା ମୋର ହାର୍ଣ୍ଣିୟା ହୋଇଗଲା । ଡ. ଭୋଂସଲେ ବର୍ଷକୁ ଥରେ ଦୁଇଥର ବଡ ପ୍ରେମ ସହକାରେ ମୋର ଶରୀର ମାଲିସ୍ କରୁଥିଲେ । ଏ ଘଟଣାର ତୃତୀୟ ଦିନ ସେ ମାଲିସ କରିବାକୁ ଆସିଲେ । ଗୋଡରେ ଯେତେବେଳେ ମାଲିସ କଲେ, ମୁଁ କହିଲି ଯେ କଷ୍ଟ ହେଉଛି, ସେ ପଚାରିଲେ, "ଆପଣ କୌଣସି ଭାରି ଜିନିଷ ଉଠାଇ ନାହାନ୍ତି ତ ?" ମୁଁ, ଯାହା ହୋଇଥିଲା-ସବୁ କହିଲି । ତେବେ ସେ କହିଲେ, "ସେଥିରୁ ହିଁ ଆପଣଙ୍କର ହାର୍ଣ୍ଣିୟା ହୋଇଯାଇଛି ।" ତେବେ ଯାଇ ମତେ ହାର୍ଣ୍ଣିୟା ହୋଇଥିବା ଜଣାଗଲା । ହାର୍ଣ୍ଣିୟା ଅପରେସନ ଦ୍ୱାରା ଭଲ ହୋଇପାରେ, ଏକଥା ମୋ ବିଶ୍ୱାସ ହେବା ପରେ ୧୯୬୪ ଜୁଲାଇ ମାସରେ ମୁଁ ଏହାର ଅପରେସନ କରାଇଲି ।

ଏଥର ଅପରେସନ ହରକିଶନ ଦାସ ହସ୍‌ପିଟାଲରେ, ସେମାନଙ୍କର ସାଧାରଣ ନିୟମ ବିରୁଦ୍ଧରେ, ଡ. ଶାନ୍ତିଲାଲଙ୍କ ଦ୍ୱାରା ଅପରେସନ କରାଇଥିଲି । ସେତେବେଳେ ଅପରେସନ ପରେ କେହି ଜଣେ ଏ କଥା ପ୍ରଚାର କରିଥିଲେ ଯେ ଅପରେସନ ଅସଫଳ ହେଲା । ଏକଥା ତାଙ୍କ ଶ୍ୱଶୁରଙ୍କ ଅଫିସରେ ପହଞ୍ଚିଥିଲା । ସେ ତଦନ୍ତ କରି ଜାଣିଲେ ଯେ କେହି ଜଣେ ଜାଣିଶୁଣି ଡ. ମେହେତାଙ୍କୁ ବଦନାମ କରିବାକୁ ଏହା ପ୍ରଚାର କରିଥିଲେ । ଏହି ଘଟଣାର ପୁନରାବୃତ୍ତି ନ ହେଉ ସେଥିପାଇଁ ହାର୍ଣ୍ଣିୟା ଅପରେସନ ବମ୍ବେ ହସ୍‌ପିଟାଲରେ ନ କରାଇ ମୁଁ ହରକିଶନ ଦାସ ହସ୍‌ପିଟାଲରେ କରାଇଥିଲି । ଆଗର ଅନୁଭବ କାରଣରୁ ଡ. ଶାନ୍ତିଲାଲ ଏଥର ମତେ ଅପରେସନ ଆଗ ଦିନ ହସ୍‌ପିଟାଲକୁ ଡାକି ନଥିଲେ; ଅପରେସନ ଘଣ୍ଟାଏ ଆଗରୁ ସକାଳୁ ଆସିବାକୁ କହିଥିଲେ ଓ ପ୍ରାଥମିକ କାମପରେ ତତ୍‌କାଳ ଅପରେସନ କରିଥିଲେ । ଗୋଟାଏ କଥା ସେ ପ୍ରଥମରୁ କହି ଦେଇଥିଲେ ଯେ ଅପରେସନ ସଫଳ ହେବାକୁ ଓ ହାର୍ଣ୍ଣିୟାର ଦରକାର ପୁଣି ନ ହେବାକୁ ମତେ "ଭାସେକ୍ଟମୀ" କରାଇବା ଆବଶ୍ୟକ । ମୁଁ ରାଜିଥିଲି, ତଦନୁସାରେ ସେ ସଫଳତାର ସହିତ ଅପରେସନ ସମ୍ପାଦନ କଲେ । କିଛି ଦିନରେ ମୁଁ ହସ୍‌ପିଟାଲରୁ ଘରକୁ ଗଲି ଓ ତା'ପରେ ସେଥିପ୍ରତି ସାବଧାନତା ଅବଲମ୍ବନ କରୁଛି । ଏଣୁ ସେ ବିଷୟରେ ଚିନ୍ତା କରିବା ଦରକାର ନାହିଁ ବୋଲି ମୋର ଧାରଣା ।

Digitized by srujanika@gmail.com

(୪୭) ମୋର ପ୍ରତ୍ୟୟ

ମୋର ଜୀବନର ପ୍ରତ୍ୟେକ ପ୍ରବୃତ୍ତିରେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ସେଥିରୁ ଉଦ୍ଭୂତ ଜୀବନ ଦୃଷ୍ଟି ସର୍ବଦା କାମ କରିଛି । ତେଣୁ ସେ ବିଷୟରେ ସ୍ପଷ୍ଟ କରିବା ମୁଁ ଆବଶ୍ୟକ ମନେ କରୁଛି । ମୋ ମାତାପିତା ଓ ମୋର ଅଜା ତିନି ଜଣଙ୍କର ଈଶ୍ୱରଙ୍କ ପ୍ରତି ଗଭୀର ଶ୍ରଦ୍ଧା ଥିଲା, ଯେଉଁଥିରୁ ସାଧାରଣତଃ ସେ ତିନିଜଣ ନିସ୍ପୃହ ରହୁଥିଲେ ଓ ଜୀବନରେ ସତ୍ୟ ପ୍ରତି ଦୃଢ ରହିବାକୁ ସେମାନଙ୍କର ପ୍ରଯତ୍ନ ମୁଁ ପିଲାଦିନୁ ଦେଖି ଆସିଛି । ମତେ ଲାଗେ ଯେ ମୁଁ ସେଇ ସଂସ୍କାର ନେଇ ଜନ୍ମ ହୋଇଛି କାରଣ ଏପରି ଶ୍ରଦ୍ଧା ମତେ ପିଲାଦିନୁ ସହଜ ଭାବରେ ମିଳିଛି ।

ମୋର ଧାରଣା ଯେ ସମସ୍ତ ସୃଷ୍ଟି; ଯେଉଁ ରୂପରେ ଆମର ଦୃଷ୍ଟିଗୋଚର ହେଉଛି ସେଇ ରୂପରେ ମଧ୍ୟ ସେ ଅନନ୍ତ ଓ ଅସୀମ ଅଟେ । ଆମ ପୃଥିବୀ ପରି ଅସଂଖ୍ୟ ଗ୍ରହ ଏ ସୃଷ୍ଟିରେ ଅଛନ୍ତି ଓ ସମସ୍ତ ନିୟମିତ ଗତିରେ ବୁଲୁଛନ୍ତି । ଏଇପରି ଯେଉଁ ଜଗତର ସୃଷ୍ଟି ହୋଇଛି ତାହା ଯଦି ନିୟମିତ ରୂପେ ଓ କୌଣସି ବିଶେଷ ନିୟମର ଆଧାର ଉପରେ ସଞ୍ଚାଳିତ ନ ହୁଏ ସେ ରହି ପାରିବ ନାହିଁ ଓ ନଷ୍ଟ ନ ହୋଇ ରହିପାରିବ ନାହିଁ । ଏଣୁ ମୋ ମନରେ ଆଶଙ୍କା ନାହିଁ ଯେ ଏହା କୌଣସି ନିଶ୍ଚିତ ନିୟମାନୁଯାୟୀ ସଞ୍ଚାଳିତ ହେଉଛି । ଏଇ ନିୟମ ପଛରେ କର୍ମର ସିଦ୍ଧାନ୍ତ ଅଛି । ଅର୍ଥାତ୍ କର୍ମ ଓ କର୍ମର ଫଳ ଏହି ନିୟମର ମୂଳମନ୍ତ୍ର ଅଟେ । ବିଜ୍ଞାନ ଶାସ୍ତ୍ରୀ ଯାହାକୁ 'ଲ' ଅଫ୍ ଆକ୍‌ସନ୍ ଆଣ୍ଡ୍ ରିଆକ୍‌ସନ୍'ର ସିଦ୍ଧାନ୍ତ କୁହନ୍ତି, ତାହାର ଅନ୍ୟ ଅଂଶ ହେଉଛି ଯେ 'ଆକ୍‌ସନ୍ ଆଣ୍ଡ୍ ରିଆକ୍‌ସନ୍ ଆର୍ ଇକ୍ୱାଲ୍ ଆଣ୍ଡ୍ ଅପୋଜିଟ୍' ଅର୍ଥାତ କ୍ରିୟା ଓ ପ୍ରତିକ୍ରିୟା ଦୁହେଁ ସମାନ ଓ ପରସ୍ପର ବିରୋଧୀ ଅଟନ୍ତି । କର୍ମର ସିଦ୍ଧାନ୍ତ ମଧ୍ୟ ଏହିପରି । କର୍ମ ସିଦ୍ଧାନ୍ତରେ ମଧ୍ୟ ଯେପରି କର୍ମ ସେପରି ତା'ର ଫଳ । ଯେପରି ସୃଷ୍ଟି ଉପରେ ଏ ସିଦ୍ଧାନ୍ତ ଲାଗୁ ହୁଏ, ସେହିପରି ମନୁଷ୍ୟ ଉପରେ ଏ ସିଦ୍ଧାନ୍ତ ଲାଗୁ ହୁଏ ।

ଏ ସମସ୍ତ ସୃଷ୍ଟି ଏକ ସମାନ ଓ ଅବ୍ୟର୍ଥ ନ୍ୟାୟର ଆଧାର ଉପରେ ନ ଚାଲିଲେ ତିଷ୍ଠି ପାରିବ ନାହିଁ । ସୃଷ୍ଟି ଅନାଦି କାଳରୁ ଚାଲି ଆସୁଛି ଏଥିରେ ବିଜ୍ଞାନ ଶାସ୍ତ୍ରୀଙ୍କ ମନରେ ସନ୍ଦେହ ରହିବା ଉଚିତ ନୁହେଁ । ଏଥିରେ ଯେଉଁ ପରିବର୍ତ୍ତନ ଅବିରତ ହୋଇ ଆସୁଛି ଏହା କୌଣସି ନିୟମର ଆଧାର ଉପରେ ହିଁ ହେଉଛି ଏବଂ ଏହି ପରିବର୍ତ୍ତନରେ ହେଉଥିବା କମ୍ ବେଶୀ ମଧ୍ୟ ସମାନ ଭାବରେ ହେଉଛି, ଅର୍ଥାତ ପରିବର୍ତ୍ତନ ଯୋଗୁ ବସ୍ତୁ କମୁ ନାହିଁ କି ବଢୁ ନାହିଁ । ଏଥିରୁ ଏହା ନିଶ୍ଚିତ ଧାରଣା ହୋଇଗଲାଣି ଯେ ପ୍ରତ୍ୟେକ ମନୁଷ୍ୟ କର୍ମ କରିବାକୁ ସ୍ୱତନ୍ତ୍ର ଅଟେ; ଏକର୍ମ ଭଲ ହେଉ ବା ଖରାପ ହେଉ, ପାପ କର୍ମ ହେଉ ବା ପୁଣ୍ୟ କର୍ମ ହେଉ, ବା ସେ କାମରେ ପାପପୁଣ୍ୟ ଭଳି କୌଣସି ବିଚାର ନ ହେଉ । କିନ୍ତୁ ପ୍ରତ୍ୟେକ ମନୁଷ୍ୟର ଜୀବନ ତା'ର କର୍ମ ଉପରେ ଅଧାରିତ ।

ମନୁଷ୍ୟ ଯାହା କିଛି ସୁଖ, ଦୁଃଖ ବା ଶାନ୍ତି ଅନୁଭବ କରେ, ସେ ତାହା ନିଜ କର୍ମ ଅନୁସାରେ ଅନୁଭବ କରେ । କୌଣସି ଜଣେ ବ୍ୟକ୍ତି ଦ୍ୱାରା ଅନ୍ୟ ବ୍ୟକ୍ତି ସୁଖୀ ବା ଦୁଃଖୀ ହୋଇପାରେ ନାହିଁ । ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଦୁଃଖୀ କରିପାରିଲେ ତା'କୁ ନ୍ୟାୟ କୁହାଯାଇ ପାରିବ ନାହିଁ; ଏବଂ ଯଦି ସେପରି ଘଟେ, ତେବେ ମଣିଷ ନିଜ ଜୀବନରେ ସ୍ୱତନ୍ତ୍ର ବୋଲି କୁହାଯାଇ ପାରିବ ନାହିଁ । ଯଦି ମନୁଷ୍ୟ ଯାହା କରେ ତା' ଅନ୍ୟ ଉପରେ ନିର୍ଭର କରେ ତେବେ ସେ ସ୍ୱୟଂ ଭଲ କି ଖରାପ କହି ହେବ ନାହିଁ । ମନୁଷ୍ୟ ଯାହା ଭୋଗ କରେ, ସେ ନିଜ କଲା କର୍ମର ପରିଣାମ ସ୍ୱରୂପ ହିଁ ଭୋଗ କରେ । ଏହି ସୁଖ ବା ଦୁଃଖର କାରଣ ବା ସହାୟକ ଅନ୍ୟ କେହି ହୋଇପାରେ କିନ୍ତୁ ସେ ସହାୟକ ଏଥିପାଇଁ ଦାୟୀ ହୋଇ ପାରିବ ନାହିଁ, ଦାୟୀ ତ କେବଳ ମନୁଷ୍ୟର ନିଜ

Digitized by srujanika@gmail.com

କର୍ମ । ଜନ୍ମ ଓ ପୁର୍ନଜନ୍ମର ସିଦ୍ଧାନ୍ତ, କର୍ମ ସିଦ୍ଧାନ୍ତରୁ ଆବିଷ୍କାର ହୋଇଛି । ଏ ମାନ୍ୟତା ବା ଶ୍ରଦ୍ଧା ଭାରତୀୟ ସଂସ୍କୃତିର ଅନ୍ତର୍ଗତ । ପାଶ୍ଚାତ୍ୟ ସଂସ୍କୃତିରେ ପୁର୍ନଜନ୍ମର ସିଦ୍ଧାନ୍ତ ନାହିଁ ।

ମନୁଷ୍ୟ ନିଜର ଗୋଟିଏ ଜୀବନରେ ଅନେକ କର୍ମ କରେ । କିନ୍ତୁ ତା'ର ସମସ୍ତ ଫଳ ସେ ନିଜର ଏହି ଜୀବକାଳ ଭିତରେ ପୂରାଭାବେ ଭୋଗ କରିପାରେ ନାହିଁ । ତେଣୁ ଯେଉଁ କର୍ମଫଳ ବାକି ରହିଯାଏ, ତା'ର ପରିଣାମ ସ୍ୱରୂପ ମନୁଷ୍ୟର ପୁର୍ନଜନ୍ମ ହୁଏ ଓ ଏପରି କର୍ମ ବଢିଯିବାରୁ ଜନ୍ମ ଓ ପୁର୍ନଜନ୍ମର ଚକ୍ର ଚାଲିଥାଏ । କେଉଁ କର୍ମର ଫଳ କେବେ ଓ କିପରି ମିଳିବ ତାର ନିୟମ ଅବଶ୍ୟ ଥିବ ଏଥିରେ ମୋର ସନ୍ଦେହ ନାହିଁ । ଆମକୁ ସେ କଥା ଜଣା ନାହିଁ । ଏଥିପାଇଁ କୁହାଯାଇ ନପାରେ ଯେ ଏପରି ନିୟମ ନାହିଁ ।

ଆଜିର ଯୁଗରେ ବିଜ୍ଞାନ ଶାସ୍ତ୍ରୀମାନେ ଯେଉଁ ବିକାଶ କରୁଛନ୍ତି ଓ ଯେଉଁ ଅନେକ ଗବେଷଣା ହେଉଛି ତାହା ବି ସୃଷ୍ଟିର ନିୟମାନୁସାରେ ହେଉଛି; ଓ ଏଇ ନିୟମ ଯୋଗୁଁ ହିଁ ଏହା ସମ୍ଭବ ହେଉଛି । ମୋ କହିବାର ଅର୍ଥ ଏହା ଯେ ବିଶ୍ୱର ରହସ୍ୟ ଯାହାକି ସମ୍ପୂର୍ଣ୍ଣ ରୂପେ ଆବିଷ୍କୃତ ହୋଇ ନାହିଁ ବା ଆମ ଗୋଚରକୁ ଆସି ନାହିଁ -- ତାହା ତୁଳନାରେ ଆମ ବିଜ୍ଞାନ ସାମାନ୍ୟ ଅଟେ । ଆଜିର ବିଜ୍ଞାନ ସୃଷ୍ଟିର ରହସ୍ୟ ସମ୍ମୁଖରେ ବହୁତ ସୀମିତ ଓ ତୁଚ୍ଛ ଅଟେ । ଅର୍ଥାତ ସମସ୍ତ ସୃଷ୍ଟିର ଗୁଢତାର ପରିମାଣ ତୁଳନାରେ ଏହା ବହୁତ କମ୍ ଅଟେ । ସୃଷ୍ଟିର ନିୟମ ଜ୍ଞାନରୁ ହିଁ ବର୍ଷା କେବେ ହେବ, ଭୂକମ୍ପ କେବେ ଆସିବ, ଧୂମ ପବନ କେବେ ହେବ ଇତ୍ୟାଦି ବହୁତ ବିଷୟ ଜଣାଯାଇ ପାରୁଛି । ମୁଁ ଜାଣୁଛି ଯେ ଏଇସବୁ ଘଟଣା ଏବଂ ଜ୍ଞାନ ବିଜ୍ଞାନ ଗବେଷଣାରୁ ଏ ସିଦ୍ଧ ହେଉଛି ଯେ ଏ ସୃଷ୍ଟିର ସଞ୍ଚାଳନ କୌଣସି ନିଶ୍ଚିତ ନିୟମାନୁସାରେ ହେଉଛି ।

ଜନ୍ମ ଓ ପୁନର୍ଜନ୍ମ ବିଶ୍ୱାସରେ ଏ ସିଦ୍ଧାନ୍ତ ବି ନିହିତ ଯେ ମନୁଷ୍ୟ ଯେତେବେଳେ ନିଜ ସଞ୍ଚିତ କର୍ମଫଳ ଭୋଗ କରିନିଏ ଓ ଏପରି କର୍ମ କରେ ଯହିଁରୁ ନୂଆଫଳ ଭୋଗ କରିବା ଆବଶ୍ୟକ ପଡେ ନାହିଁ, ସେତେବେଳେ ତା'ର ପୁନର୍ଜନ୍ମ ହୁଏ ନାହିଁ । ଏ ବିଶ୍ୱାସାନୁସାରେ କର୍ମ ତିନି ପ୍ରକାରର -- (୧) ପୁଣ୍ୟକର୍ମ; (୨) ପାପକର୍ମ; ଓ (୩) ପାପପୁଣ୍ୟ ରହିତ କର୍ମ । ଅନ୍ୟର ଭଲ କରି ପୁଣ୍ୟ କମାଇବା ପ୍ରବୃତ୍ତିକୁ ପୁଣ୍ୟ କର୍ମ କହନ୍ତି । ଏହି କର୍ମ କରୁଥିବା ବ୍ୟକ୍ତିକୁ ପାର୍ଥିବ ସୁଖ ପ୍ରାପ୍ତ ହୁଏ । ଯେଉଁ କର୍ମ ମନୁଷ୍ୟ ଅନ୍ୟର କ୍ଷତି କରିବା ଉଦ୍ଦେଶ୍ୟରେ କରେ, ବା ଅନ୍ୟର କ୍ଷତି କରି ନିଜର ଲାଭ କରିବା ପ୍ରବୃତ୍ତି ଥାଏ ତା'କୁ ପାପକର୍ମ କୁହାଯାଏ । ଏ କର୍ମର ଫଳକୁ ପାର୍ଥିବ ଦୁଃଖ କୁହାଯାଏ । ଯେତେଦିନ ଯାଏ ମନୁଷ୍ୟ ଅନୁରାଗ ବା ବିରାଗରେ କାମ କରେ ସେତେଦିନ ପର୍ଯ୍ୟନ୍ତ ସେ ଜନ୍ମ-ପୁନର୍ଜନ୍ମରୁ ମୁକ୍ତ ହୁଏ ନାହିଁ ଓ ତା'ର କର୍ମ ପାପ ବା ପୁଣ୍ୟ ଉଦ୍ଦେଶ୍ୟରେ ହୋଇଥାଏ । କିନ୍ତୁ ଯେଉଁ ଲୋକ ଅନୁରାଗ ଓ ବିରାଗରୁ ମୁକ୍ତ ହୋଇଯାଏ ଓ କୌଣସି କର୍ମରୁ କିଛି ପାଇବା ପାଇଁ ଇଚ୍ଛା ରଖେ ନାହିଁ ଅର୍ଥାତ ପାପ ବା ପୁଣ୍ୟ ଇଚ୍ଛା ମନରେ ନରଖି କର୍ତ୍ତବ୍ୟ ରୂପେ କର୍ମ କରେ, ସେ କର୍ମ ପାପ-ପୁଣ୍ୟ-ରହିତ ହୁଏ ଓ ତା'ର ପରିଣାମ ସ୍ୱରୂପ ତାକୁ ସୁଖ ଦୁଃଖ ଭୋଗିବାକୁ ପଡେ ନାହିଁ । ଅତଃ ସେ କର୍ମ ତା' ପାଇଁ ବନ୍ଧନ କର୍ମ ହୁଏ ନାହିଁ । ତେଣୁ ଯଦି କୌଣସି ମନୁଷ୍ୟ କେବଳ ଏପରି କର୍ମ କରେ, ତା'ର ପୁନର୍ଜନ୍ମ ହୁଏ ନାହିଁ । ଏପରି କର୍ମକୁ ଅନାସକ୍ତି କର୍ମ କୁହାଯାଏ । ଅର୍ଥାତ ମନୁଷ୍ୟ ଯେବେ ଅନୁରାଗ ଓ ବିରାଗରୁ ମୁକ୍ତ ହୋଇ ସବୁକର୍ମ ଅନାସକ୍ତି ଭାବେ କରେ ତେବେ ନିଜର ପୂର୍ବକର୍ମର ଯେଉଁ ସଞ୍ଚିତ ଫଳ ଭୋଗିବାକୁ ଥାଏ, ତା'କୁ ଭୋଗ କରିବା ପରେ ତା'ର ପୁନର୍ଜନ୍ମର ସମ୍ଭାବନା ରହେ ନାହିଁ ।

ସାମାନ୍ୟତଃ ଅଧିକାଂଶ ମନୁଷ୍ୟ ଅନୁରାଗ-ବିରାଗଯୁକ୍ତ ହୁଅନ୍ତି । ତଥାପି ଏପରି ମନୁଷ୍ୟ ମଧ୍ୟ ସବୁ କର୍ମ ଅନୁରାଗ-ବିରାଗରେ ପ୍ରେରିତ ହୋଇ କରନ୍ତି ନାହିଁ । ମନୁଷ୍ୟ ଅନ୍ଧ ବହୁତ କର୍ମ ସ୍ୱଭାବତଃ କର୍ତ୍ତବ୍ୟ ରୂପେ କରିଥାଆନ୍ତି ଓ ଏପରି କର୍ମ ପାଇଁ ପରେ ତାଙ୍କୁ କୌଣସି ପରିଣାମ ଭୋଗ କରିବାକୁ ପଡେ ନାହିଁ ।

Digitized by srujanika@gmail.com

ପ୍ରତ୍ୟେକ ପାପ ବା ପୁଣ୍ୟ କର୍ମର ଦୁଇଟି ପରିଣାମ ହୁଏ:

(୧) କର୍ମର ଫଳସ୍ୱରୂପ ସୁଖ ଦୁଃଖ ଭୋଗିବାକୁ ପଡେ ।

(୨) ଏଇ ପ୍ରକାର କର୍ମ ପୁନର୍ବାର କରିବାର ବାସନା ଉତ୍ପନ୍ନ ହୁଏ ।

ମନୁଷ୍ୟଠାରେ ସତ୍ ଓ ଅସତ୍ -- ଦୁଇ ପ୍ରବୃତ୍ତି ଏକାଠି ଥାଏ । ସେ ସତ୍‌କର୍ମ କଲେ ତା'ର ସତ୍ ପ୍ରବୃତ୍ତି ଦୃଢ ହୁଏ ଓ ଅସତ୍ କର୍ମ କଲେ ସତ୍ ପ୍ରବୃତ୍ତି କମ୍ ହୋଇଯାଏ ଓ ଅସତ ପ୍ରବୃତ୍ତି ବଢେ । ସତ୍ ଓ ଅସତ୍‌ର ଖିଆଲ ପ୍ରତ୍ୟେକ ମନୁଷ୍ୟର ଥାଏ । ପ୍ରତ୍ୟେକ ମନୁଷ୍ୟ ଜାଣେ କ'ଣ ଭଲ ଓ କ'ଣ ମନ୍ଦ, କ'ଣ ଠିକ୍ ଓ କ'ଣ ଭୁଲ । କିନ୍ତୁ ଯେତେବେଳେ ସେ ସତ୍‌କୁ ପସନ୍ଦ ନକରି ସତ୍-କର୍ମ କରିବାକୁ ବିଚାର କରେ ନାହିଁ; ସେ ଅସତ କର୍ମରେ ପଡିଯାଏ ଯଦ୍ୱାରା ତା'ଠାରେ ଅସତ୍‌ର ଭାବନା ବଢିଯାଏ । ପୂର୍ବ କର୍ମ ଜନିତ ବାସନା ବା ପ୍ରବୃତ୍ତିରୁ ଯେଉଁ ଫଳ ମିଳେ, ସେଇ ଅନୁସାରେ ମନୁଷ୍ୟ ଭଲ ବା ମନ୍ଦ କାମ ପୁନର୍ବାର କରିବା ପାଇଁ ପ୍ରେରଣା ପାଏ । କିନ୍ତୁ ଯଦି ମନୁଷ୍ୟ ସ୍ୱୟଂ ସତ୍ ଉପରେ ଦୃଢ ରହିବାକୁ ନିର୍ଣ୍ଣୟ କରେ, ତେବେ ଅସତ୍ କର୍ମର ବାସନା ବା ପ୍ରବୃତ୍ତି ଥିଲେ ମଧ୍ୟ ସେ ପୁନର୍ବାର ନିଜକୁ ଏପରି ଅସତ୍ କର୍ମରୁ ନିବୃତ୍ତ କରିପାରେ । ଏ ସ୍ୱତନ୍ତ୍ରତା ତା'ର ଅଛି ।

ସଂଚିତ କର୍ମର ସୁଖ ବା ଦୁଃଖକୁ ସେ ଏଡେଇ ଦେଇ ପାରିବ ନାହିଁ । କିନ୍ତୁ ଏହାର ଯେଉଁ ଅନ୍ୟ ପରିଣାମ-ପୁନର୍ବାର କରିବାର ପ୍ରବୃତ୍ତି ବା ବାସନା ଉତ୍ପନ୍ନ ହୁଏ, ତା'କୁ ମନୁଷ୍ୟ ବଦଳାଇପାରେ । ନୂଆ ନୂଆ କର୍ମ କରିବାର ସ୍ୱତନ୍ତ୍ରତା ତା'ର ଅଛି । ସେହି ସ୍ୱତନ୍ତ୍ରତାର ଯଦି ସେ ଠିକ୍ ଉପଯୋଗ କରେ ତେବେ ସେ ନିଜକୁ ମିଥ୍ୟା ବାସନା ଓ ପ୍ରବୃତ୍ତିଠାରୁ ବଞ୍ଚାଇ ପାରେ । ସାମାନ୍ୟତଃ ମନୁଷ୍ୟ ସତ୍ୟର ଅନ୍ୱେଷଣ କରିବା ପ୍ରବୃତ୍ତି ରଖେ ନାହିଁ । ତା'ଠାରେ ଏପରି ଜୀବନ ଦୃଷ୍ଟି ନଥାଏ । ଏପରି ମନୁଷ୍ୟ ଜୀବନରେ ଯେଉଁ ମାର୍ଗରେ ଅଭ୍ୟସ୍ତ ହୋଇଯାଏ ସେଇ ମାର୍ଗ ଧରି ଚାଲେ । କିନ୍ତୁ ଯେ ମୂଳତତ୍ତ୍ୱ ଅର୍ଥାତ ସତ୍ୟର ଅନ୍ୱେଷଣରେ ରତ ଥାଏ, ସେ ବିଚାର ଓ ବିବେକ ପୂର୍ଣ୍ଣ ଭାବେ ସେଇ ବାଟରେ ଚାଲେ । ଏପରି ମନୁଷ୍ୟ ନିରନ୍ତର ସତ୍ୟ ସାଧନରେ ଲାଗି ରହି ସତ୍ୟର ଦର୍ଶନ ମଧ୍ୟ କରେ ଓ ଶେଷରେ ପୁନର୍ଜନ୍ମ ଚକ୍ରରୁ ମୁକ୍ତ ହୋଇଯାଏ । ସେ ବ୍ୟକ୍ତିର ତତ୍ତ୍ୱ ମୂଳ ତତ୍ତ୍ୱରେ ମିଶିଯାଏ । ମୋର ଏପରି ବିଶ୍ୱାସ ଥିବାରୁ ମୁଁ ମାନି ଆସୁଛି ଯେ ଜୀବନରେ ସତ୍ୟର ସାଧନା କରିବା ମଣିଷର ମୁଖ୍ୟ କର୍ତ୍ତବ୍ୟ ଅଟେ । ଏବଂ ମୁଁ ଏକଥା ମଧ୍ୟ ମାନି ଆସିଛି ଯେ ଜୀବନର ସମସ୍ତ ପ୍ରବୃତ୍ତି ଏଇ ଜୀବନ ତତ୍ତ୍ୱ ସାଧନ ପାଇଁ ନିୟୋଜିତ ହେବା ଉଚିତ ।

ଏଇ ଜୀବନ ତତ୍ତ୍ୱର ସାଧନ ପାଇଁ ତିନୋଟି ମାର୍ଗ କୁହାଯାଇଛି:

(୧) ଜ୍ଞାନ ମାର୍ଗ, (୨) ଭକ୍ତି ମାର୍ଗ ଓ (୩) କର୍ମ ମାର୍ଗ ।

ଭକ୍ତି ମାର୍ଗ ଓ କର୍ମ ମାର୍ଗ -- ଏ ଦୁଇମାର୍ଗ ଏକ କର୍ମ ଯୋଗର ଦୁଇ ବିଭାଗ ଅଟେ ବା ଏହାର ଦୁଇ ଭିନ୍ନ ଭିନ୍ନ ସ୍ୱରୂପ ଅଟେ । ଜ୍ଞାନ ମାର୍ଗରେ ମନୁଷ୍ୟ ସଂସାର ପ୍ରତି ବୈରାଗ୍ୟ ରଖି ସବୁବେଳେ ଧର୍ମ ଚିନ୍ତାରେ ନିଜ ଜୀବନ କଟାଏ ଯଦ୍ୱାରା ସେ ସଂସାରର ମୋହ ଛାଡି ଗୃହତ୍ୟାଗ କରିଦିଏ । ଗୃହତ୍ୟାଗ କରି ସେ ଧ୍ୟାନମଗ୍ନ ହୋଇ ସତ୍ୟର ସାଧନା କରେ । ଏହିପରି ଅବିରତ ଦ୍ୱାରା ସେ ଅନୁରାଗ-ବିରାଗରୁ ମୁକ୍ତ ହୋଇଯାଏ ଓ ଏପରି ଜ୍ଞାନ ପ୍ରାପ୍ତି ପରେ ସେ ସମାଜରେ ଲୋକଙ୍କୁ ଉପଦେଶ ଦେଇ, ଲୋକମାନଙ୍କ ସେବା କରି, ଜନ୍ମ ବନ୍ଧନରୁ ମୁକ୍ତ ହୋଇଯାଏ । ଏହି ସେବାରେ ତା'ର ଜ୍ଞାନର ପରୀକ୍ଷା ମଧ୍ୟ ହୁଏ । ଏହି ସୃଷ୍ଟିର ସେବା ବ୍ୟତୀତ ଈଶ୍ୱର ଦର୍ଶନ ବା ସତ୍ୟର ଦର୍ଶନ ହୋଇ ନପାରେ, ଏଣୁ 'ଜନ ସେବା ହିଁ ପ୍ରଭୁ ସେବା' ସିଦ୍ଧାନ୍ତ ସତ୍ୟ ଦର୍ଶନର ଏକ ସୁନ୍ଦର ସାଧନ ଅଟେ । ଏହିପରି କର୍ମକର୍ତ୍ତା କରି ମନୁଷ୍ୟ ଅନାସକ୍ତି ମଧ୍ୟ ପ୍ରାପ୍ତ କରେ ।

Digitized by srujanika@gmail.com

ଈଶ୍ୱରଙ୍କୁ ସର୍ବଦା ଭକ୍ତି କରି କରି ମଧ୍ୟ ମନୁଷ୍ୟ ଅନାସକ୍ତ କାମ କରିବା ଶିଖେ । ଏଥିରୁ ମୁଁ ଜାଣୁଛି ଯେ ସାଧାରଣ କର୍ମ -- କର୍ମ ମାର୍ଗ ଓ ଭକ୍ତି ମାର୍ଗ ପ୍ରାୟ ଏକ ଅଟେ । ମନୁଷ୍ୟ କୌଣସି ଫଳର ଆଶା ନରଖି ଜନସେବା କାମ କଲେ, ତାହା ତା'ର ପ୍ରକୃତ ସେବା ହୋଇଥାଏ ଓ ତେବେ ଯାଇ ସେ ଅନାସକ୍ତ କର୍ମ କରି କରି ଅନୁରାଗ-ବିରାଗ ମୁକ୍ତ ହୋଇଯାଏ । ଜ୍ଞାନ ମାର୍ଗ, କର୍ମମାର୍ଗ ଓ ଭକ୍ତିମାର୍ଗ ଏଇ ତିନି ମାର୍ଗ ଶେଷ ଯାଏ ଯାଇ ସେ ଅନାସକ୍ତି ପ୍ରାପ୍ତ ହୁଏ । ଅତଃ ସମ୍ପୂର୍ଣ୍ଣ ଅନାସକ୍ତି ହିଁ ସତ୍ୟର ଦର୍ଶନ ଅଟେ । ମୁଁ ଏପରି ବିଶ୍ୱାସ କରେ । ଏହି ବିଶ୍ୱାସରୁ ହିଁ ପ୍ରାରବ୍ଧ (ଭାଗ୍ୟ)ର ଉତ୍ପନ୍ନ ହୁଏ କିନ୍ତୁ ଭାଗ୍ୟକୁ ଏପରି ମାନିବା ଉଚିତ ନୁହେଁ ଯାହା ମନୁଷ୍ୟକୁ ଅଳସୁଆ କରିଦିଏ ।

ମନୁଷ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସୁଖଦୁଃଖ ଭୋଗ କରେ ସେ ସବୁ ତା'ର ସଞ୍ଚିତ କର୍ମର ପରିଣାମ ଅଟେ । ସେଥିପାଇଁ ଅନ୍ୟକୁ ଦୋଷ ଦେବା ବ୍ୟର୍ଥ ଅଟେ ।

ମନୁଷ୍ୟ ପଥର ଖଣ୍ଡେ ଝୁଣ୍ଟିଲେ ପଥରର ଦୋଷ ଦିଏ ନାହିଁ, ସେ ବୁଝେ ଯେ ତା' ଦୋଷରୁ ସେ ଝୁଣ୍ଟିଲା ବା ତା'ର ଝୁଣ୍ଟିବାର ଥିଲା, ତେଣୁ ସେ ଝୁଣ୍ଟିଲା । ସେହିପରି ଯଦି କୌଣସି ବ୍ୟକ୍ତିର ଅନ୍ୟ ଏକ ବ୍ୟକ୍ତି ଦ୍ୱାରା କ୍ଷତି ହୁଏ ବା ତା' ମନରେ ଦୁଃଖ ଜାତ ହୁଏ, ତେବେ ସେଥିପାଇଁ କାହାକୁ ଦୋଷ ଦେବା ଉଚିତ ନୁହେଁ ବରଂ ସେ ବୁଝିବା ଉଚିତ ଯେ ଏହା ନିଜର କର୍ମର ପରିଣାମ ଅଟେ । ଯେଉଁ ସୁଖ ଦୁଃଖ ଭୋଗିବାର ଅଛି ସେଥିରୁ ମନୁଷ୍ୟକୁ କେହି ରକ୍ଷା କରିପାରିବେ ନାହିଁ । ଅନ୍ୟପକ୍ଷରେ ସୁଖ ଓ ଦୁଃଖ ସମୟରେ ମନୁଷ୍ୟ ଯଦି ମାନସିକ ସ୍ଥିରତା (ସମଭାବ) ଦୃଢ ରଖିପାରେ ତେବେ ଦୁଃଖର ତୀବ୍ର ଅନୁଭୂତିରୁ ଅବଶ୍ୟ ବଞ୍ଚିଯାଇପାରେ । ଏହାର ଅର୍ଥ ହେଲା ଦୁଇଟି ଅବସ୍ଥାରେ (ସୁଖ ଦୁଃଖରେ) ମନୁଷ୍ୟ ବିଚଳିତ ନ ହୋଇ ମନସ୍ଥିର ଓ ଶାନ୍ତ ରଖିଲେ, ପରିସ୍ଥିତି ଯାହା ହେଉ ନା କାହିଁକି, ସେଥିରେ ମନୁଷ୍ୟ ଶାନ୍ତ, ସନ୍ତୁଷ୍ଟ ଓ ନିର୍ବିକାର ହୋଇ ରହିଲେ, ସେ ଦୁଃଖକୁ ହୁଏତ ଦୂର କରିନପାରେ କିନ୍ତୁ ଦୁଃଖୀ ହେବାରୁ ନିଶ୍ଚୟ ବଞ୍ଚିଯାଇ ପାରେ ।

ମନୁଷ୍ୟ ଯାହା କିଛି ଭୋଗକରେ, ତାହା ନିଜର କର୍ମର ଫଳସ୍ୱରୂପ ହିଁ ଭୋଗ କରେ । ଏ ବିଶ୍ୱାସ ମନୁଷ୍ୟକୁ ନିଷ୍କ୍ରିୟ କରେ ନାହିଁ ବରଂ ସତ୍‌କର୍ମ ପ୍ରତି ଅଧିକ ଜାଗ୍ରତ କରାଏ । ପୂର୍ବଜନ୍ମ କର୍ମ ଯେତେ ଖରାପ ହେଲେ ମଧ୍ୟ, ମନୁଷ୍ୟ ଭଲ କର୍ମ ଆରମ୍ଭ କରିପାରେ ଓ ଏହିପରି ଭାବରେ ତା'ର ଭବିଷ୍ୟତକୁ ଅଧିକ ଉଜ୍ଜ୍ୱଳ ଓ ସମୃଦ୍ଧ କରିପାରେ । ଏପରି ବିଶ୍ୱାସ କରୁଥିବା ମନୁଷ୍ୟ ଭିତରେ ଏ ଆଶା ସର୍ବଦା ରହିଥାଏ । ତଥାପି ଯେଉଁମାନେ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ଏ ଜନ୍ମରେ ଖରାପ କାମ କରିବାକୁ ପଛାନ୍ତି ନାହିଁ । କାରଣ ଦୁଷ୍କର୍ମର ଫଳ ଭୋଗ କରିବାକୁ ତାଙ୍କ ପାଇଁ ପୁନର୍ଜନ୍ମ ନାହିଁ । କିନ୍ତୁ ଯେପରି କରିବେ ସେପରି ଭୋଗିବାକୁ ପଡିବ -- ଏ ଜନ୍ମରେ ନହେଲେ, ପର ଜନ୍ମରେ -- ଏହି ଭୟ ରହିଲେ, ମନୁଷ୍ୟ ଭୁଲ କାମ କରିବାକୁ କୁଣ୍ଠାବୋଧ କରିବ ବା ପଛଘୁଞ୍ଚା ଦେବ ଓ ଭଲ କାମ କରିବାକୁ ତା'ର ମନ ବଳିବ । ଏପରି ବିଶ୍ୱାସ କରିବା ମାନେ ନୁହେଁ ଯେ ଯେଉଁ ବ୍ୟକ୍ତି ଦୁଃଖ ଭୋଗ କରୁଛି, ସେ ନିଜର କର୍ମଫଳ ହିଁ ଭୋଗ କରୁଛି, ତେଣୁ ତା'ର ଦୁଃଖକୁ କମ୍ କରିବା ଚେଷ୍ଟା ବ୍ୟର୍ଥ ଅଟେ । ଅନ୍ୟ ପକ୍ଷରେ ଜନ୍ମ ଓ ପୁନର୍ଜନ୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ତ ପ୍ରତ୍ୟେକଙ୍କର ଦୁଃଖ ଦୁର୍ଦ୍ଦଶାରେ ଭାଗ ନେବାକୁ ଚେଷ୍ଟା କରିବା ଉଚିତ କାରଣ ମନୁଷ୍ୟର ସେବା କଲେ ସେ ସତ୍ୟ ବା ଈଶ୍ୱରଙ୍କର ପରିଚୟ ପାଇପାରେ । ଦୁଃଖୀମାନଙ୍କର ଦୁଃଖ କମ୍ କରିବା ନିଜର କର୍ତ୍ତବ୍ୟ ବୋଲି ବିଶ୍ୱାସ କଲେ, ଦୁଃଖ କମ୍ କରାଯାଇ ନପାରିଲେ ମଧ୍ୟ ଦୁଃଖୀ ଲୋକଙ୍କ ଦୁଃଖରେ ଭାଗିଦାର ହେଲେ, ଦୁଃଖକୁ ସହଜରେ ଭୋଗ କରିବାରେ ସେ ସହାୟକ ତ ହୋଇପାରିବ । ଏହା ବି ଗୋଟିଏ ପ୍ରକାର ନିଃସ୍ୱାର୍ଥ ସେବା ଅଟେ । ଏହି ବିଶ୍ୱାସ ଯଦି ଠିକ୍ ଓ ବାସ୍ତବିକ୍ ଭାବେ ପାଳନ କରାଯାଏ ତେବେ ମନୁଷ୍ୟ ଅନାସକ୍ତ ହୋଇପାରେ । ସେ ଭଗବାନଙ୍କ

Digitized by srujanika@gmail.com

ପାଖରେ ନିଜକୁ ବା ନିଜର ଅହଂଭାବକୁ ସମର୍ପଣ କରି ବିନମ୍ର ହୋଇପାରେ । ମନୁଷ୍ୟ ଯେତେ ବିନମ୍ର ଏବଂ ଅନାସକ୍ତ ହେବ ସେ ସେତେ ନିଃସ୍ୱାର୍ଥ ସେବା କରିପାରିବ ।

ଯେଉଁଠାରେ ପ୍ରତିଫଳର (ବଦଳରେ) ଆଶାଥାଏ ସେଠାରେ ନିଃସ୍ୱାର୍ଥତା ନଥାଏ ବରଂ ନିରାଶାର ସମ୍ଭାବନା ଥାଏ । ନିରାଶରୁ ଅନେକ ଖରାପ ପ୍ରବୃତ୍ତି ଜନ୍ମ ହୁଏ । ମୋର ଏ ବିଶ୍ୱାସ ପିଲାଦିନୁ ରହିଛି । ଏପରି ବିଶ୍ୱାସ ମୋର ଜନ୍ମରୁ ହିଁ ଅଛି । ଅନୁଭବ ବଢିବା ସହିତ, ଏହା ବିବେକପୂର୍ଣ୍ଣ ଓ ଦୃଢ ହେବାରେ ଲାଗିଥିଲା । ଫଳରେ ଯେ କୌଣସି ପରିସ୍ଥିତିରେ ବିବେକାନୁସାରେ ଓ ଶାନ୍ତିରେ କାମ କରିବା ମୋ ପକ୍ଷରେ ସହଳ ଓ ସରଳ ହୋଇଥାଏ । ଏଇ କାରଣରୁ ଯାହା କିଛି ଭୋଗିବାକୁ ପଡେ, ସେଥିପାଇଁ କାହାକୁ ଦୋଷ ଦେବା ପ୍ରବୃତ୍ତି ମୋ ଭିତରେ ନାହିଁ । ଏଥିରୁ ଅନୁରାଗ-ବିଭାଗରୁ ମୁକ୍ତ ରହିବା ଚେଷ୍ଟା ଅଧିକ ସରଳ ହୋଇଥାଏ । ଏପରି ମୋର ଅନୁଭବ ହୋଇଛି ।

ଗୀତା ଅଧ୍ୟୟନରୁ ମୋର ଏ ବିଶ୍ୱାସ ଦୃଢୀଭୂତ ହୋଇଛି ଓ ଜୀବନର ଅନୁଭବରେ ଏହାକୁ ରୂପ ଦେବା ସରଳ ହୋଇଛି । ଅନୁଭୂତି ଦ୍ୱାରା ଏ ବିଶ୍ୱାସ ଅଧିକ ପରିପକ୍ୱ ହୋଇଛି ଯେଉଁ ସକାଶେ ଜୀବନ ଅଧିକ ସମୃଦ୍ଧ ଓ ସହଜ ହୋଇପାରିଛି । ଗୀତା ଅଧ୍ୟୟନରୁ ମୋର ସର୍ବଧର୍ମ-ସମଭାବର ଭାବନା ପୁଷ୍ଟ ହୋଇଛି । ମୁଁ ବିଶ୍ୱାସ କରେ ଯେ ନିଜର ବିକାଶ କରିବାକୁ ମୋର ଯେତେ ଅବାଧ ଅଧିକାର ଅଛି, ସେତିକି ଅଧିକାର ପ୍ରତ୍ୟେକ ପ୍ରାଣୀ ବା ବ୍ୟକ୍ତିର ଅଛି । ଏଥିରୁ ମୁଁ ଏହା ଶିଖିଛି ଯେ ମତଭେଦ ଯାହା ବି ହେଉ, ଅନ୍ୟର ମତ ପ୍ରତି ଅସହିଷ୍ଣୁ ହେବା ଉଚିତ ନୁହେଁ । ଯେତେବେଳ ଯାଏ ଅନ୍ୟ ମତର ସତ୍ୟତାରେ ଓ ନିଜ ମତର ଅସତ୍ୟତାରେ ବିଶ୍ୱାସ ନ ହୋଇଛି ସେତେବେଳ ଯାଏ ନିଜ ମତାନୁସାରେ କାମ କରିବା ଉଚିତ ବୋଲି ମୁଁ ଭାବେ । ସେଇପରି ମୁଁ ଭାବେ ଯେ ଅନ୍ୟ ବ୍ୟକ୍ତି ବି ନିଜ ମତାନୁସାରେ ଚଳିବା ହିଁ ଉଚିତ ଅଟେ ।

ମୁଁ ଏକଥା ମଧ୍ୟ ମାନେ ଯେ ପ୍ରତ୍ୟେକ ବ୍ୟକ୍ତି ଅଧ୍ୟାତ୍ମିକତାରେ ଅଧୋଗାମୀ ନୁହେଁ ଉର୍ଦ୍ଧ୍ୱଗାମୀ ଅଟେ । ଯାହାର ଚେଷ୍ଟା ଯେତିକି ହେବ ସେ ସେତିକି ବିକାଶ କରିପାରିବ । କୌଣସି ବ୍ୟକ୍ତି ସାହାଯ୍ୟ ନେବାକୁ ଚାହିଁଲେ ଏହା ଦିଆଯାଇ ପାରିବ, ଅନ୍ୟଥା ନୁହେଁ । କିନ୍ତୁ ସାହାଯ୍ୟ ଦେବାକୁ ମନୁଷ୍ୟ ସର୍ବଦା ପ୍ରସ୍ତୁତ ରହିବା ଉଚିତ -- ଏହା ମୁଁ ବିଶ୍ୱାସ କରେ । ଈଶ୍ୱରୀୟ ନିୟମ ସର୍ବଦା କଲ୍ୟାଣକାରୀ ଅଟେ । ଏଇ ନିୟମାନୁସାରେ ଚଳିଲେ ସବୁବେଳେ ମଙ୍ଗଳ ହୁଏ, ଏଥିରେ ମୋର ସନ୍ଦେହ ନାହିଁ । ସବୁ ପରିସ୍ଥିତି ଈଶ୍ୱରୀୟ ନିୟମାନୁସାରେ ଉତ୍ପନ୍ନ ହୁଏ ଏପରି ବିଶ୍ୱାସ ସ୍ୱୀକାର କରିବା ଆମର କର୍ତ୍ତବ୍ୟ ଅଟେ । ଭବିଷ୍ୟତରେ କ'ଣ ଘଟିବ ତାହା ମନୁଷ୍ୟକୁ ଜଣା ନାହିଁ, ଏଣୁ ମନୁଷ୍ୟକୁ ସଦ୍‌ବୁଦ୍ଧି ପୂର୍ବକ ବିଚାର କରି କର୍ମ କରିବା ଉଚିତ ଓ ନିୟତିର ନିୟମାନୁସାରେ ତା'ର ଯେଉଁ ପରିଣାମ ଆସିବ ତା'କୁ ଶିରୋଧାର୍ଯ୍ୟ କରିବା ଉଚିତ । ଏଥି ସହିତ ମନୁଷ୍ୟକୁ ନିଃସ୍ୱାର୍ଥପର ଭାବେ ଭଲ କାମ ସର୍ବଦା କରିବା ଉଚିତ । ଗାନ୍ଧିଜୀଙ୍କ ଜୀବନରୁ ମୋର ଏ ବିଶ୍ୱାସ ଅଧିକ ଦୃଢ ହୋଇଛି ।

ମହାତ୍ମା ଗାନ୍ଧୀ ଜନ୍ମବେଳେ ଜଣେ ସାଧାରଣ ମଣିଷ ଥିଲେ । କିନ୍ତୁ ସତ୍ୟ ଓ ଅହିଂସା ମାର୍ଗରେ ନିଜର ଜୀବନଯାପନ କରି ସେ ଅନୁରାଗ, ବିରାଗ ଓ ଆସକ୍ତିରୁ ମୁକ୍ତ ହୋଇ ସାଧାରଣ ମନୁଷ୍ୟରୁ ମହାମାନବ ହୋଇଥିଲେ । ଯେ କୌଣସି ବ୍ୟକ୍ତି ଏପରି ପ୍ରଯତ୍ନ କଲେ ମହାନ ହୋଇପାରିବ ଏଥିରେ ମୋର ସନ୍ଦେହ ନାହିଁ । କୌଣସି ମନୁଷ୍ୟ ଅନ୍ୟଜଣକୁ ଭଲ ବା ଖରାପ କରିପାରେ ନାହିଁ କିନ୍ତୁ ନିଜେ ଉତ୍ତମ ଜୀବନଯାପନ କଲେ ଅନ୍ୟର ମନରେ ଭଲ ହେବାର ସ୍ପୃହା ଜାଗ୍ରତ କରାଇପାରେ । ଅନ୍ୟ ମନୁଷ୍ୟ ମନରେ, ଯଦି ଏହିପରି ଜୀବନଯାପନ କଲେ ସୁଖ ମିଳିବ ଭାବନା ଜାଗ୍ରତ ହୁଏ ତେବେ ସେ ଏହି ରାସ୍ତାରେ ଚାଲିବାକୁ ଇଚ୍ଛା କରିବ । ଏପରି ଇଚ୍ଛା ଉତ୍ପନ୍ନ ହେଲେ ସେ ସାହାଯ୍ୟ ମାଗିଲେ ତା'କୁ ଏହି ରାସ୍ତାରେ ଚାଲିବା ପାଇଁ ସାହାଯ୍ୟ

Digitized by srujanika@gmail.com

କରାଯାଇପାରେ । ମୁଁ ନିଜେ ବିଗିଡିବାକୁ ନ ଚାହିଁଲେ ମତେ କେହି ବିଗାଡି ପାରିବେ ନାହିଁ ଓ ସୁଧୁରିବାକୁ ଇଚ୍ଛା ହେଲେ ଯେଉଁଠାରୁ ମତେ ଶିଖିବାକୁ ମିଳିବ, ସେଠାରୁ ଶିକ୍ଷା ଗ୍ରହଣ କରି ମୁଁ ନିଜ ଜୀବନକୁ ଅଧିକ ସମୃଦ୍ଧ କରିପାରେ । ମୋର ବିଶ୍ୱାସ ହୋଇଯାଇଛି ଯେ ଏହା ସମସ୍ତେ ପାଳନ କରିପାରିବେ । ଜୀବନକୁ ଏହିପରି ବିକଶିତ କରିବାକୁ ମୁଁ ସର୍ବଦା ପ୍ରଯତ୍ନ କରେ ।

ମୋର ଧାର୍ମିକ ଶ୍ରଦ୍ଧା ଯେପରି ଭାବେ ଦୃଢ ହୋଇଛି ଓ କର୍ମ ସିଦ୍ଧାନ୍ତରେ ମୋର ଯେଉଁ ଅତୁଟ ବିଶ୍ୱାସ ଅଛି ତାହାର ପ୍ରଭାବ ମୋ ଜୀବନର କାର୍ଯ୍ୟପଦ୍ଧତି ଉପରେ ମଧ୍ୟ ପଡିଛି । ଏଥିରୁ କୌଣସି ଗୋଷ୍ଠୀ ସହିତ ନ ମିଶିବା ମୋ ଜୀବନର ଗୋଟିଏ ସିଦ୍ଧାନ୍ତ ଅଟେ । ଆମ ଦେଶର ନନ୍‌ଆଲାଇନ୍‌ମେଣ୍ଟ ନୀତିରେ ମୁଁ ବିଶ୍ୱାସ କରେ । ଏତିକି ନୁହେଁ, ବରଂ ନିଜ ଜୀବନରେ ମଧ୍ୟ ଏ ନୀତି ମୁଁ ମାନି ଚଳୁଛି । ଏଇ କାରଣରୁ ଷଡଯନ୍ତ୍ର ବା ଚକ୍ରାନ୍ତ କରିବାରେ ମୁଁ ବିଶ୍ୱାସ କରେ ନାହିଁ । ଜୀବନରେ ଯାହା ବି ମିଳେ ତାହା ଈଶ୍ୱରଙ୍କ ପ୍ରସାଦ ବୋଲି ମୁଁ ବିଶ୍ୱାସ କରେ ।

ମୁଁ ଯାହା ଆଗରୁ କହିଛି, ମୋ ଜୀବନରେ ଯାହା ବି ସୁଖ ଦୁଃଖ ଆସେ ତାକୁ ମୁଁ ମୋ କର୍ମର ଫଳ ବୋଲି ମାନି ନିଏ । ଏଣୁ ମତେ ଯେଉଁ ଦୁଃଖ ବା ଅସୁବିଧା ହୁଏ ତାହା କୌଣସି ବ୍ୟକ୍ତି ଦ୍ୱାରା ହୋଇଥିଲେ ମଧ୍ୟ ମୁଁ ସେ ବ୍ୟକ୍ତିକୁ ଦାୟି ବୋଲି ଭାବେ ନାହିଁ । ଏହି କାରଣରୁ ମୁଁ ଜୀବନରେ କୌଣସି ବ୍ୟକ୍ତିକୁ ନିଜର ଶତ୍ରୁ ବୋଲି ଭାବି ନାହିଁ । ମତେ ନିଜର ଶତ୍ରୁ ବୋଲି ଭାବୁଥିବା ତ କିଛି ଲୋକଥିବେ କିନ୍ତୁ ମୁଁ ତାଙ୍କୁ ମୋ ଶତ୍ରୁ ଭାବେ ନାହିଁ ଓ ସେମାନଙ୍କ ସାହାଯ୍ୟ ଦରକାର ପଡିଲେ ଓ ମୁଁ ସାହାଯ୍ୟ କରିପାରିବା ସ୍ଥିତିରେ ଥିଲେ, ସେମାନଙ୍କୁ ସାହାଯ୍ୟ ନକରି ମୁଁ ରହିପାରେ ନାହିଁ । ମୋ ବିଷୟରେ, କିଛି ଲୋକ ଯେଉଁଥିରେ ମୋର କିଛି ସାଥି ଓ ନେତା ଅଛନ୍ତି, ପ୍ରଚାର କରିଛନ୍ତି ଯେ ମୁଁ ଭାରି ଜିଦୀ ଓ କାହାରି କଥାମାନେ ନାହିଁ । ଯେଉଁମାନେ ଏପରି କୁହନ୍ତି, ମୁଁ ତାଙ୍କୁ ଏହାର ପ୍ରମାଣ ଦେବାକୁ କହିଲେ ସେମାନେ ପ୍ରମାଣ ପାଆନ୍ତି ନାହିଁ । ମୁଁ ତାଙ୍କୁ ଯେତେବେଳେ ପଚାରେ ଆପଣ ଏପରି କାହିଁକି କୁହନ୍ତି, କେତେକ ଜବାବରେ କୁହନ୍ତି ଆପଣ ଆମ କଥା ଶୁଣନ୍ତି ନାହିଁ କି ଆମ କଥା ମାନନ୍ତି ନାହିଁ । ମୁଁ ତାଙ୍କୁ ପଚାରେ ଯେ ଘଣ୍ଟାଏ ଦି'ଘଣ୍ଟା ବିଚାର ବିନିମୟ ପରେ ମଧ୍ୟ ଆପଣ କିପରି କହିପାରନ୍ତି ଯେ ମୁଁ ଆପଣଙ୍କ କଥା ଶୁଣେ ନାହିଁ ? କୌଣସି ଲୋକକୁ ସାକ୍ଷାତ ଦେବାକୁ ମୁଁ ଆଜିଯାଏ ମନାକରି ନାହିଁ କାରଣ ମୋର ବିଶ୍ୱାସ ଯେ କେହି ସାକ୍ଷାତ କରିବାକୁ ଆସିଲେ ତାକୁ ସାକ୍ଷାତ ଦେବା ଉଚିତ । ଏହାର କାରଣ ହେଲା ଯେ ସାକ୍ଷାତ ହେଲେ ମୁଁ ତାଙ୍କ କଥା ଶୁଣିପାରିବି ଓ ତେବେ ଯାଇ ମୁଁ ତାଙ୍କ ପାଇଁ କୌଣସି ଉପଯୋଗୀ ବି ହୋଇପାରିବି । ଆଉ କିଛି ନହେଲେ, ତାଙ୍କ କଥାଶୁଣି ମୁଁ ତାଙ୍କୁ ଟିକିଏ ସନ୍ତୋଷ ତ ଦେଇପାରିବି ।

ମୋର ଦୃଢ ବିଶ୍ୱାସ ଯେ ନିଃସ୍ୱାର୍ଥ ଲୋକସେବା ଦ୍ୱାରା ହିଁ ଈଶ୍ୱର ଦର୍ଶନ ସମ୍ଭବ ଅଟେ । ଏଣୁ ମୁଁ ସମସ୍ତଙ୍କ ସହିତ ଏପରି ସମ୍ପର୍କ ରଖିଛି -- କାହାକୁ ନିଜଠାରୁ ସାନ ମାନେ ନାହିଁ କି କାହାଠାରୁ ନିଜକୁ ବଡ ବୋଲି ମାନେ ନାହିଁ । କାରଣ ଗୁଣ, ଦୁର୍ଗୁଣ ପ୍ରତ୍ୟେକ ମନୁଷ୍ୟ ଭିତରେ ଥାଏ । ମୁଁ ମଧ୍ୟ ଏଇ ନିୟମର ଅଧୀନ ଅଟେ । ଅତଃ ସେହିପରି ସମସ୍ତଙ୍କ ସହିତ ବ୍ୟବହାର କରିବାକୁ ପ୍ରଯତ୍ନ କରେ । ଏପରି ସ୍ଥିତିରେ ଯଦି କେହି ମତେ କୁହନ୍ତି ଯେ ମୁଁ ତାଙ୍କ କଥା ଶୁଣିଲି ନାହିଁ, ମୁଁ ତାଙ୍କୁ କୁହେ ଆପଣଙ୍କର ଏକଥା ସତ ନୁହେଁ, ତେବେ ସେ କୁହନ୍ତି, "ଆପଣ ମୋ କଥା ଶୁଣିଲେ ସତ କିନ୍ତୁ ଗୋଟାଏ ବି କଥା ମାନିଲେ ନାହିଁ ।" ଏହା ହୋଇପାରେ ଯେ କାହାର ଗୋଟିଏ କଥା ମଧ୍ୟ ମୁଁ ସ୍ୱୀକାର କରିପାରି ନାହିଁ କାରଣ ସେଥିରୁ ଗୋଟିଏ କଥା ମୋର ବିଶ୍ୱାସଯୋଗ୍ୟ ହୋଇ ନ ଥାଇପାରେ । ତଥାପି ମୁଁ ତାଙ୍କୁ କୁହେ ଆପଣଙ୍କ କଥା ସ୍ୱୀକାର ନ କରିବା ଅର୍ଥ ନୁହେଁ ଯେ ଆପଣଙ୍କ କଥା ଉପରେ ମୁଁ ବିଚାର କରି ନାହିଁ । ଆପଣ ମଧ୍ୟ ମୋ କଥା ମାନିଲେ ନାହିଁ । ଏପରି ଅଭିଯୋଗ ମୁଁ କେବେ

Digitized by srujanika@gmail.com

ଆପଣଙ୍କୁ କରିଛି ? ମୁଁ ଆପଣଙ୍କ କଥା ନ ମାନିଲେ ମୁଁ ଜିଦ୍‌ଦୀ କିନ୍ତୁ ଆପଣ ମୋ କଥା ନ ମାନିଲେ ଜିଦ୍‌ଦୀ ନୁହନ୍ତି। ତେବେ ଯାଇ ସେ ସ୍ୱୀକାର କରନ୍ତି ଯେ ମତେ ଜିଦ୍‌ଦୀ ଆରୋପ କରିବା ତାଙ୍କର ଭୁଲ। ମୁଁ ଜାଣେ ଯେ କୌଣସି ବିଷୟରେ ନିଜର ବିଚାର ବା ମତ ଠିକ୍ ନଥିବା ଜାଣିକରି ମଧ୍ୟ ଯଦି ମନୁଷ୍ୟ ତା'ର ବିଚାର ବା ମତକୁ ଜାବୁଡି ଧରିଥାଏ ତାକୁ ଜିଦ୍‌ଦୀ କୁହନ୍ତି। ଏହାକୁ ଅସତ୍ୟ କୁହାଯିବ ଓ ଏହାକୁ ମୁଁ ଦୁର୍ଗୁଣ କୁହେ। ଏ ବିଷୟରେ ମୁଁ ଦୃଢ ଅଟେ ଓ ଦୃଢ ରୁହେ ଯେ ଯେଉଁ କଥା ମତେ ସତ୍ୟ ଜଣାପଡେ ତାହା ଅସତ୍ୟ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମତେ ସେଥିରେ ଅଟଳ ରହିବା ଉଚିତ। ମୁଁ ସର୍ବଦା ଏଥିପାଇଁ ପ୍ରଯତ୍ନ କରେ। ଏଇପରି ଅନ୍ୟ ଜଣେ ନିଜ ନିର୍ଣ୍ଣୟ ଉପରେ ଦୃଢ ରହିଲେ ମୁଁ ତାଙ୍କୁ ଜିଦ୍‌ଦୀ କୁହେ ନାହିଁ ବରଂ ତାଙ୍କର ଆଦର କରେ। ଏଣୁ କୌଣସି ବିଷୟ ଉପରେ ବିଚାର ବିନିମୟ କରିବାବେଳେ ମୁଁ ସମସ୍ତଙ୍କୁ ମୋ ବିଚାର ବୁଝାଇବାକୁ ଚେଷ୍ଟା କରେ, ତା' ସହିତ ଅନ୍ୟର ବିଚାର ବୁଝିବାକୁ ତା'ଠାରୁ ଅଧିକ ପ୍ରଯତ୍ନ କରେ ଓ ତାଙ୍କ ବିଚାର ଠିକ ଲାଗିଲେ ମୁଁ ତାହା ମାନି ନିଏ। ମୁଁ ଯାହା ମୋର କର୍ତ୍ତବ୍ୟ ଭାବେ ସେଇ ଅନୁସାରେ ଚାଲିବାକୁ ଚେଷ୍ଟାକରେ ଓ ଅନ୍ୟ ଜଣେ ଯାହା ନିଜର କର୍ତ୍ତବ୍ୟ ଭାବନ୍ତି ସେଥିରେ ବାଧା ଦେବାକୁ ମୁଁ ଆଦୌ ଚେଷ୍ଟା କରେ ନାହିଁ।

ମୋର ହେତୁ ହେବା ଦିନୁ ମୁଁ ଗୋଟିଏ କଥା ଭଲ ଭାବରେ ବୁଝୁଛି ଯେ ମନୁଷ୍ୟ ସତ୍ୟ ଛଡା ଆଉ କୌଣସି କଥା ଅଭ୍ୟାସ କରିବା ଉଚିତ ନୁହେଁ କାରଣ ଅଭ୍ୟାସ ମନୁଷ୍ୟକୁ ପରାଧୀନ ଓ ଦୁର୍ବଳ କରିଦିଏ। ତେଣୁ କୌଣସି ଅଭ୍ୟାସ ବା ବ୍ୟସନରୁ ଦୂରରେ ରହିବାକୁ ମୁଁ ସର୍ବଦା ଚେଷ୍ଟା କରେ। ଏହାଦ୍ୱାରା ସଂଯମ ଓ ନିଶ୍ଚୟ କରିବାର ଶକ୍ତି ଦୃଢ ହୁଏ। କେବେ କେବେ ମତେ ଲାଗେ ଯେ ଏଇ ଦୃଢତାରୁ ମତେ ବିଚଳିତ କରିବା ପାଇଁ କିଛି ଲୋକ ମୁଁ ଜିଦ୍‌ଦୀ ବୋଲି ଦୋଷାରୋପଣ କରନ୍ତି, ସେମାନେ ଭାବନ୍ତି ଯେ ମୁଁ ଏଇ ଦୋଷାରୋପଣକୁ ଡରି ତାଙ୍କ କଥା ମାନିଯିବି। କିନ୍ତୁ ମୋ ପଢାଶେଷ ହେବା ସମୟରେ ମତେ ଜଣାଯାଇଥିଲା ଯେ ମନୁଷ୍ୟକୁ କୌଣସି କାମ ଭୟରେ କରିବା ଉଚିତ ନୁହେଁ। ନିର୍ଭୟ ହେବାକୁ ହେଲେ ମନୁଷ୍ୟକୁ କୌଣସି ପ୍ରକାର ଲୋଭ, ବା କାହାଠାରୁ କିଛି ପାଇବାର ଇଚ୍ଛା ବା ଆଶା ରଖିବା ଉଚିତ ନୁହେଁ -- ଏହା ମୋର ଦୃଢ ବିଶ୍ୱାସ ହୋଇଯାଇଛି। ମନୁଷ୍ୟ ସମ୍ପୂର୍ଣ୍ଣ ରୂପେ ବିନା ଇଚ୍ଛାରେ ରହି ନପାରେ। ଏଣୁ ମୁଁ ବିଶ୍ୱାସ କରେ ଯେ ନିଜର ଇଚ୍ଛା ସତ୍ୟପ୍ରାପ୍ତି ଅନ୍ୱେଷଣାଭିମୁଖୀ ହେଲେ ଓ ସେଥିପାଇଁ ଜନସେବା ଇଚ୍ଛାରେ ସମସ୍ତ ଇଚ୍ଛା ବିଲୀନ ହୋଇଗଲେ, ମନୁଷ୍ୟ ନିର୍ଭୟ ହୋଇପାରେ। ମୁଁ ଶିଖିଛି ଯେ ସେବାରେ ମଧ୍ୟ ମନୁଷ୍ୟର ଲୋଭ ନ ରହିବା ଉଚିତ।

ସମସ୍ତେ ନିଜ କର୍ମଫଳ ଭୋଗ କରନ୍ତି। ତଥାପି ମନୁଷ୍ୟର ଯଦି ସତ ଅର୍ଥରେ ମନୁଷ୍ୟ ହେବାର ଇଚ୍ଛା ଥାଏ -- ସତ୍ୟପ୍ରାପ୍ତ କରିବାକୁ ଇଚ୍ଛାଥାଏ-- ତେବେ ସେ ଅନ୍ୟର ଦୁଃଖ କଷ୍ଟରେ ଯଥାଶକ୍ତି ସାହାଯ୍ୟ କରି ତା'ର ଦୁଃଖ କଷ୍ଟ କମ୍ କରିବା ଇଚ୍ଛା ସର୍ବଦା ରଖିବା ଉଚିତ ଓ ତଦନୁସାରେ ସର୍ବଦା ଚେଷ୍ଟା କରିବା ଉଚିତ। ଏ ବିଶ୍ୱାସକୁ ମୁଁ ସୀମାବଦ୍ଧ କରି ରଖି ନାହିଁ। ତେଣୁ କୁଟୁମ୍ବ ପାଇଁ ମୋ କର୍ତ୍ତବ୍ୟ ମୁଁ ପାଳନ କରୁଛି। କିନ୍ତୁ କୁଟୁମ୍ବ ଲୋକଙ୍କ ପାଇଁ ସମ୍ପତ୍ତି ଛାଡିଯିବା ଧର୍ମ ମୁଁ ମାନେ ନାହିଁ ବରଂ ଏପରି କରିବା ମୁଁ ଧର୍ମର ବିରୁଦ୍ଧ ବୋଲି ବିଶ୍ୱାସ କରେ ଏଇ କାରଣରୁ ମୁଁ ଏପରି ଇଚ୍ଛାପତ୍ର ତିଆରି କରିଛି ଯେ ମୋ ପରେ ମୋର ଯାହା ସମ୍ପତ୍ତି ରହିବ ତାହା ମୋ ପିଲାମାନଙ୍କୁ ନମିଳି ସାର୍ବଜନିକ ସେବାରେ ଉପଯୋଗ କରାଯିବ।

Digitized by srujanika@gmail.com

ପରିଶିଷ୍ଟ - ୧

ଶ୍ରୀ ଚଗଲା -- ମୋରାରଜୀ ପତ୍ର ବ୍ୟବହାର

ଶ୍ରୀ ଚଗଲାଙ୍କ ଚିଠି

୧୦ ଅକ୍ଟୋବର, ୧୯୫୦

ପ୍ରିୟ ମୋରାରଜୀ,

ଆପଣଙ୍କ ହୃଦୟ ସ୍ପର୍ଶୀ ଚିଠି ମିଳିଛି । ଏଥିରେ ଯେଉଁ ଭାବନା ଆପଣ ପ୍ରଦର୍ଶନ କରିଛନ୍ତି ସେଥିରେ ପ୍ରେରିତ ହୋଇ ମୁଁ ତତ୍‌କାଳ ତା'ର ଜବାବ ଦେଉଛି ।

ମୁଁ ବ୍ୟକ୍ତିଗତ ରୂପେ ଆପଣଙ୍କୁ କହିଛି ଓ ସାର୍ବଜନିକ ରୂପେ ମଧ୍ୟ କହିଛି ଯେ ପ୍ରଧାନ ନ୍ୟାୟଧୀଶ ରୂପେ ମୋ କାମର ସବୁଠାରୁ ସୁଖମୟ ଅନୁଭୂତି ଆପଣଙ୍କ ସହିତ ମୋ ସମ୍ବନ୍ଧ ଅଟେ । କେବେ କେବେ କେତେକ ପ୍ରଶ୍ନ ଉପରେ ଆମ ମତ ଭିନ୍ନ ଭିନ୍ନ ହୋଇଛି ତଥାପି ଆପଣଙ୍କ ଦୃଷ୍ଟିକୋଣକୁ ମୁଁ ସର୍ବଦା ପସନ୍ଦ କରିଛି ବିଶେଷ କରି ଏହି କାରଣରୁ ଯେ ମୁଁ ସବୁବେଳେ ଦେଖିଛି ଯେ ଆପଣଙ୍କ ନିର୍ଣ୍ଣୟ କେବେ ବି ଜାତି ବାଦ ବା ପୁଅ-ପୁତୁରା-ବାଦରେ ପ୍ରଭାବିତ ହୁଏ ନାହିଁ ।

କିନ୍ତୁ ଏବେ ସରକାରୀ କ୍ଷେତ୍ରରେ ମୁଁ ଗୋଟିଏ ଭାବନା ବଢୁଥିବାର ଦେଖୁଅଛି -- ହୋଇପାରେ ଯେ ଆପଣଙ୍କର ଏପରି ଭାବନା ନାହିଁ ଯେ ଉଚ୍ଚ ନ୍ୟାୟାଳୟ ଏକ ପ୍ରକାର ତୃତୀୟ ବିଧାନ-ଭବନ ଅଟେ ଓ ଏହା ସରକାରକୁ ଉଖାଡି ଦେବାକୁ ଚାହୁଁଛନ୍ତି, ତେଣୁ ତା'ର କ୍ଷମତା ଅର୍ଥାତ ତା'ର ଅଧିକାର ଉପରେ ଅଙ୍କୁଶ ଲଗାଇବା ଉଚିତ । ଏବକାର କିଛି ଘଟଣାରୁ ଏଇ ଅସୁସ୍ଥ ଭାବନାର ପୁଷ୍ଟି ହୋଇଛି ।

ବିଧାନ ସଭାର ଗୋଟିଏ ଅଧ୍ୟାଦେଶ ଦ୍ୱାରା, ଧାର୍ମିକ ସଂସ୍ଥା (ଧର୍ମାର୍ଥ ଟ୍ରଷ୍ଟ) ସମ୍ବନ୍ଧୀୟ କେଶ୍‌ରେ, ଉଚ୍ଚ ନ୍ୟାୟାଳୟର ଅଧିକାର ଛଡାଇ ନେବାରୁ ତା'ର ସ୍ଥିତି କିପରି କଠିନ ହୋଇଯାଇଛି ସେ ବିଷୟରେ ଚିଠି ଲେଖି ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲି । ଏଥିରେ ମତେ ବହୁତ ଦୁଃଖ ଲାଗିଛି ତେବେ ସେଥିପାଇଁ ଆପଣ କାହିଁକି ମତେ ଦୋଷ ଦେଉଛନ୍ତି ? ମୁଁ ଯେପରି ସବୁବେଳେ କହିଆସିଛି, ଆପଣଙ୍କ ହାତରେ କ୍ଷମତା ଓ ଅନ୍ତିମ ନିର୍ଣ୍ଣୟ ନେବାର ଅଧିକାର ଅଛି । ତଥାପି ଆପଣ ଅନ୍ତତଃ ଆମର ପରାମର୍ଶ ନିଅନ୍ତୁ । ଆମର ଯାହା କହିବାର ଅଛି ଶୁଣନ୍ତୁ ଓ ତା'ପରେ ଯେଉଁ ନିର୍ଣ୍ଣୟ ଆପଣଙ୍କୁ ଠିକ୍ ଲାଗିବ ତା କରନ୍ତୁ ।

ଆମେ ସମସ୍ତେ ଅସାମ୍ପ୍ରଦାୟିକ ଓ ଲୋକତନ୍ତ୍ରୀୟ ଶାସନ ପାଇଁ କାମ କରିବାକୁ ଶପଥ ନେଇଛୁ ଓ ଆପଣଙ୍କ ଏହି ମତ ସହିତ ମୁଁ ଏକମତ ଯେ ଆଜିର ପରିସ୍ଥିତିରେ ସମ୍ପୂର୍ଣ୍ଣ ରୂପେ ଲୋକତାନ୍ତ୍ରୀୟ ଓ ଅସାମ୍ପ୍ରଦାୟିକ ହେବା ବହୁତ କଷ୍ଟ । ଅନେକ ଥର ମତେ ଏପରି ଲାଗିଛି ଯେ ଆମେ ଦୁହେଁ ଯେଉଁକାମକୁ ନିଜର ବୋଲି ମାନିଛୁ ସେଥିରେ ଜଣେ ଉଚ୍ଚ ନ୍ୟାୟାଧୀଶ ରୂପରେ ନୁହେଁ କିନ୍ତୁ ଜଣେ ବନ୍ଧୁ ଓ ଦେଶଭକ୍ତ ରୂପେ ଆପଣ ମୋ ସେବାର ଉପଯୋଗ କରିନାହାନ୍ତି । ଏସବୁ ସତ୍ତ୍ୱେ ଆମ କାମ କେବେ ନିଷ୍ଫଳ ହେବ ନାହିଁ ଓ ଦେଶକୁ ରକ୍ଷା କରିବା ସମୟ ଆସିଲେ ପୂର୍ବାପେକ୍ଷା ଅଧିକ ଶକ୍ତି ପ୍ରୟୋଗ କରି ଭଲ ଭାବରେ ତା'କୁ ବଞ୍ଚାଇ ପାରିବା ବିଶ୍ୱାସ ଥିବାରୁ ହିଁ ତ ଆମେ ସବୁ କଷ୍ଟ ଉଠାଇ ଦିନରାତି କାମ କରୁଛେ ?

Digitized by srujanika@gmail.com

ଜୀବନ ସମ୍ବନ୍ଧରେ ଆପଣଙ୍କ ଦୃଷ୍ଟିକୋଣ ଓ ଆପଣଙ୍କ କିଛି ବିଚାର ସହିତ ମୋର ତୀବ୍ର ମତଭେଦ ଅଛି । ଏପରି ମତଭେଦ ରଖିବା ମୋର ଅଧିକାର ଭୁକ୍ତ -- ଏକଥା ତ ଆପଣ ମାନିବେ । ତଥାପି ଆପଣଙ୍କ ମୌଳିକ ନୈତିକତା ଓ ସତ୍ୟ ନିଷ୍ଠାକୁ ମୁଁ ସମ୍ମାନ କରେ । ଆମର ଲକ୍ଷ୍ୟ ଏକ, ତା'କୁ ଦେଖିବାରେ ଆମ ଦୃଷ୍ଟିରେ ଅନ୍ତର ଥାଇପାରେ । କିନ୍ତୁ ଯେତେଦିନ ଯାଏ ଆମେ ଆମ ଦେଶକୁ ଗଭୀର ଭାବେ ଭଲପାଉଥିବା ଓ ତାହାର ମଙ୍ଗଳ କାମନା କରୁ ସେତେ ଦିନଯାଏ ଆମ ମଧ୍ୟରେ ଅତୁଟ ବନ୍ଧନ ରହିବା ଉଚିତ ।

ଆପଣଙ୍କର
ଏମ୍. ସି. ଚଗଲା

ଶ୍ରୀ ଚଗଲାଙ୍କ ଚିଠି

୨୫ ନଭେମ୍ବର, ୧୯୫୦

ପ୍ରିୟ ମୋରାରଜୀ,

ଆପଣଙ୍କ ଚିଠି ପାଇଛି । ପଢ଼ିକରି ଦୁଃଖ ଲାଗିଲା ଓ ଆଶ୍ଚର୍ଯ୍ୟ ମଧ୍ୟ ହେଲି । ତଥାପି ଆପଣ ଏ ଚିଠି ଲେଖି ଗୋଟାଏ ପ୍ରକାର ଭଲ କରିଛନ୍ତି । କାରଣ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ମୋର ଏ ପଦରେ ରହିବା ଆପଣଙ୍କର ପସନ୍ଦ ନୁହେଁ ଓ ମୋ ବଦଳରେ କେହି ଅଧିକ ବିନମ୍ର ତଥା ଆଜ୍ଞାକାରୀ ବ୍ୟକ୍ତି ପ୍ରଧାନ ନ୍ୟାୟଧୀଶ ହେଲେ ଆପଣଙ୍କୁ କେତେ ଭଲ ଲାଗୁଥାନ୍ତା । କିନ୍ତୁ ଆପଣଙ୍କୁ ମୋତେ ସହ୍ୟ କରିବାକୁ ହେବ, ସେଥି ପାଇଁ ମୁଁ ଅନୁତପ୍ତ । ତଥାପି ଆମେ ପରସ୍ପରକୁ ବୁଝିପାରିଲେ ବୋଧହୁଏ ଆପଣଙ୍କୁ କଷ୍ଟ ହେବ ନାହିଁ । ତେଣୁ ମୋତେ ଚିଠି ଲେଖିବା ବେଳେ, ଆପଣ ଯେତେ ନାରାଜ ଥିଲେ ତା'ଠାରୁ ଅଧିକ ନାରାଜ କରାଇବାର ବିପଦ ଉଠାଇ ବି ମୁଁ ସମ୍ପୂର୍ଣ୍ଣ ନିର୍ମଳ ହୃଦୟରେ ଆପଣଙ୍କ ପାଖକୁ ଏ ଚିଠି ଲେଖୁଛି ।

ଆପଣଙ୍କ ପ୍ରଚାର ବିଭାଗର ନିୟାମକ ପ୍ରଧାନ ନ୍ୟାୟାଧୀଶଙ୍କ ପ୍ରତ୍ୟେକ ଉଚ୍ଚାରଣ ଉପରେ ସୂକ୍ଷ୍ମ ଦୃଷ୍ଟି ରଖୁଥିବା ଜଣାପଡୁଛି, ଯଦ୍ଵାରା ନିଜର ମାଲିକଙ୍କ ନଜରକୁ ଆସିବା ଯୋଗ୍ୟ ବିଷୟ ସବୁ ସେ ଠାବ କରିପାରୁଛନ୍ତି । ମୋର ଧାରଣା ଯେ ପ୍ରଚାର ବିଭାଗର ନିୟାମକଙ୍କର ଏହା ଅପେକ୍ଷା ଅଧିକ ମହତ୍ଵପୂର୍ଣ୍ଣ ଅନ୍ୟ କାମ ଅଛି । ମୁଁ ଗୋଟିଏ ବିନମ୍ର ପ୍ରସ୍ତାବ ଦେଇପାରେ କି ? ତାଙ୍କୁ ନାଗରିକମାନଙ୍କୁ ଆଇନକାନୁନ୍ ଜଣାଇବା କାମରେ ବିଶେଷ ସମୟ ଦେବା ଉଚିତ, ଯଦ୍ଵାରା ଲୋକମାନେ ଜାଣିପାରିବେ ତାଙ୍କର କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ଵ କ'ଣ । ଅଧିକାଂଶ ଲୋକ ଏ ବିଷୟ କମ୍ ଜାଣିଛନ୍ତି ।

ମତେ ସବୁଦିନେ ଏପରି ଜଣାପଡୁଥିଲା ଓ ଆପଣଙ୍କ ପତ୍ର ପଢ଼ିବା ପରେ ମୁଁ ଏହି ନିଶ୍ଚିତ ନିର୍ଣ୍ଣୟରେ ପହଞ୍ଚିଛି ଯେ ବମ୍ବେ ସରକାର ମୋ ଆଲୋଚନା ପସନ୍ଦ କରନ୍ତି ନାହିଁ । ଏପରିକି ଥଟ୍ଟାରେ କୁହାଯାଇଥିବା କୌଣସି କଥା ସେ ସହ୍ୟ କରିପାରନ୍ତି ନାହିଁ । ବୁଦ୍ଧିମତା, ରାଜନୀତିଜ୍ଞତା ଓ ଦେଶଭକ୍ତି ଉପରେ ସରକାର ନିଜର ଏକାଧିକାର ମାନନ୍ତି ଓ ଯେଉଁମାନେ ସେଥି ସହିତ ଏକମତ ନୁହନ୍ତି ସେମାନେ ହୁଏତ ମୂର୍ଖ ବା ଅସାଧୁ । ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ସ୍ଵତନ୍ତ୍ର ଚିନ୍ତାଧାରା କେତେ ଶୀଘ୍ର ଅଦୃଶ୍ୟ ହୋଇଯାଉଛି ତାହା ଆପଣଙ୍କୁ ଜଣାନାହିଁ । ସେମାନଙ୍କ ମଧ୍ୟରୁ କେତେଜଣ ମତେ କହିଛନ୍ତି ଯେ ସେମାନେ ନିଜର ପ୍ରାମାଣିକ ମତବ୍ୟକ୍ତ କରିବାକୁ ସାହସ କରନ୍ତି ନାହିଁ । କାରଣ ଏପରି କଲେ ତୁରନ୍ତ ଚାକିରିରୁ ହାତ ଧୋଇବାକୁ ପଡିବ ।

Digitized by srujanika@gmail.com

ଆପଣ ଯେତେବେଳେ ପ୍ରଧାନ ନ୍ୟାୟାଧୀଶଙ୍କ ଥଟ୍ଟାରେ କରାଯାଇଥିବା ଆଲୋଚନାକୁ ମଧ୍ୟ ସହ୍ୟ କରିପାରନ୍ତି ନାହିଁ ତେବେ ଆପଣଙ୍କ ଅଧୀନସ୍ଥ କେହି ଅଧିକାରୀ ଏପରି ଆଲୋଚନା କରିଲେ, ଜଣାନାହିଁ, ଆପଣ କ'ଣ କରି ପକାଇବେ । ପୂନାର ଡ. ଫାଡ଼କର୍‌ଙ୍କ ତାଜା ଉଦାହରଣ ଆଗରେ ଅଛି । ତାଙ୍କୁ ଏଥିପାଇଁ ତ୍ୟାଗପତ୍ର ଦେବାକୁ ପଡିଲା କାରଣ ସେ ଆପଣଙ୍କ ମଦ ନିଷେଧ ଆଜ୍ଞାର ଆଲୋଚନା କରିଥିଲେ । ଯଦି ଲୋକତନ୍ତ୍ରରେ ଆପଣଙ୍କର ପ୍ରକୃତ ବିଶ୍ୱାସ ଥାଏ ତେବେ ଡ. ଫାଡ଼କର୍‌ଙ୍କ ଭଳି ବ୍ୟକ୍ତିଙ୍କୁ ଆପଣ ସମ୍ମାନ ଦେଖାଇବା ଉଚିତ । କିନ୍ତୁ ଯଦି କେହି ସରକାରଙ୍କୁ ସାମାନ୍ୟ ଥଟ୍ଟା କଲା ତେବେ ଆପଣ ସେଥିରେ ଏକଦମ୍ ଏତେ ନିଆଁ ହୋଇଯାଆନ୍ତି ଯେ ସେ ଥଟ୍ଟାରେ କହିଥିଲା ବୋଲି ବୁଝିପାରନ୍ତି ନାହିଁ ।

ମୁଁ କୌଣସି ବିଷୟରେ କହିବା ବେଳେ ମୋ କଥା କାହାକୁ ଭଲ ଲାଗିବ କି ନାହିଁ, ଏ ବିଚାର କରିବା ମୋର ଅଭ୍ୟାସ ନାହିଁ । ବ୍ରିଟିଶ୍ ସରକାରଙ୍କ ଅଧୀନରେ କାମ କରିବା ସମୟରେ ମୋର ଏ ଅଭ୍ୟାସ ହୋଇ ନାହିଁ ଓ ଆମ ନିଜ ସରକାରଙ୍କ ଅଧୀନରେ କାମ କରିବା ସମୟରେ ଏ ଅଭ୍ୟାସ କରିବାକୁ ମୋର ଉଦ୍ଦେଶ୍ୟ ନାହିଁ ।

ଇଂଲଣ୍ଡରେ ସରକାରଙ୍କ କି କି ଆଲୋଚନା ହୁଏ, ମୁଁ ଜାଣିଲି ଯେ ଆପଣଙ୍କୁ ସେ କଥା ଜଣାନାହିଁ । ଇଂଲଣ୍ଡର ଜଣେ ପ୍ରଧାନ ନ୍ୟାୟାଧୀଶ ଏବେ "ନୂଆ ସ୍ୱେଚ୍ଛାଚାରିତା" (ଦି ନ୍ୟୁ ଡେସ୍‌ପୋଟିଜିମ୍) ନାମକ ଖଣ୍ଡେ ବହି ଲେଖିଛନ୍ତି । ତା'କୁ ପଢିବାକୁ ମୁଁ ଆପଣଙ୍କ ବିଶେଷ ଭାବରେ ସୁପାରିଶ କରୁଛି । ଏହି ବହି ଲେଖିଥିବାରୁ ମୁଁ ଜାଣିବାରେ ଗୃହମନ୍ତ୍ରୀ ପ୍ରଧାନ ନ୍ୟାୟାଧୀଶଙ୍କୁ କୌଣସି ରୁକ୍ଷ ଚିଠି ଲେଖି ନାହାନ୍ତି । ବ୍ରିଟିଶ ସରକାର ବହୁ କାଳରୁ ଲୋକତନ୍ତ୍ର ପଦ୍ଧତିରେ ଶାସନ କରି ଆସୁଛି । ସମାଲୋଚନାର ସେମାନେ ଆଦର ଓ ସ୍ୱାଗତ କରନ୍ତି କାରଣ ସେମାନେ ଜାଣନ୍ତି ଯେ ସେମାନେ ତ୍ରୁଟି ଶୂନ୍ୟ ନୁହନ୍ତି ଓ ସେଥିପାଇଁ ସେମାନେ ଜାଣିବାକୁ ଓ ବୁଝିବାକୁ ଚାହାନ୍ତି କି ଲୋକମତ କ'ଣ କହୁଛି ଯଦ୍ୱାରା ନିଜର ଭୁଲ ସଂଶୋଧନ କରି ନିଜ ଶାସନକୁ ଜନତାର ସବୁ ବର୍ଗ ପାଇଁ ସ୍ୱୀକାର୍ଯ୍ୟ କରିପାରିବେ ।

ମୋ ଭାଷଣର ଯେଉଁ ଦୁଇଟି ବାକ୍ୟ ଆପଣ ଉଦ୍ଧାର କରିଛନ୍ତି, କ'ଣ ଏତିକି ଉପରେ ଆପଣଙ୍କୁ ଧ୍ୟାନ ଦେବାକୁ ଉପଯୁକ୍ତ ଲାଗିଲା ? ସେ ଭାଷଣର ବାକି ଅଂଶ ଆପଣଙ୍କ ପ୍ରଚାରକ ଅଧିକାରୀଙ୍କୁ ବା ଆପଣଙ୍କୁ ଧ୍ୟାନ ଦେବା ଯୋଗ୍ୟ ଲାଗିଲା ନାହିଁ ? କିନ୍ତୁ ମୁଁ ତ ଭାବୁଛି ଯେ ପୂର୍ବାଗ୍ରହ ନଥିବା ବ୍ୟକ୍ତି ଏଇ ଦୁଇବାକ୍ୟରେ ଥିବା ଥଟ୍ଟାକୁ ବୁଝିପାରିବ । ମୁଁ ତ କେବଳ ଏତିକି କହିବାକୁ ଚାହୁଁଥିଲି ଯେ ଆଇନ୍‌କାନୁନ କେବେ କେବେ ବଡ ତରବରିଆରେ ଓ ବହୁତ ଅଧିକ ବିଷୟରେ ତିଆରି କରାଯାଉଛି ଯାହାକୁ ହଜମ କରିବାକୁ ଲୋକଙ୍କ ପାଖରେ ସମୟ ନାହିଁ । ବାର ଆସୋସିଏସନ୍ ତରଫରୁ ମତେ ମିଳିଥିବା କେତେ ମାନପତ୍ରରେ ବିଧାନୀ କରଣର ଏହି ଦିଗକୁ ବିଶେଷ ଧ୍ୟାନ ଆକର୍ଷଣ କରାଯାଇଛି । ମଦ୍ୟ ନିଷେଧ କାନୁନ ଅନ୍ତର୍ଗତ ଏବେ ଯେଉଁ ନିୟମ ଗେଜେଟ୍‌ରେ ପ୍ରକାଶ କରାଯାଇଛି, ମୁଁ ଚାହେଁ ଯେ ଆପଣ ଏହାକୁ ଧ୍ୟାନ ପୂର୍ବକ ଦେଖନ୍ତୁ । କ'ଣ ଆପଣ ଗମ୍ଭୀରତା ସହ ମାନିବେ କି ଯେ କୌଣସି ନାଗରିକ ଏ ନିୟମ ବୁଝିଛି ?

ମୁଁ ସମୟ ସମୟରେ କାନୁନକୁ ସମ୍ମାନ ଦେଖାଇବା ଉପଦେଶ ଦିଏ । କାନୁନ ସମ୍ମତ ଶାସନର ସ୍ଥାପନା ପାଇଁ ମୁଁ ଯାହା କିଛି କରୁଛି ଆପଣ ତାହାର ପ୍ରଶଂସା କେବେ କରିନାହାନ୍ତି । ମୋର ସେଥିପାଇଁ ଅପେକ୍ଷା ନାହିଁ, ଆବଶ୍ୟକତା ବି ନାହିଁ । କିନ୍ତୁ ଯେବେ ଆପଣ କଟାକ୍ଷ ପାତ କରି ଏପରି ହାଲୁକା ଇଶାରା କରୁଛନ୍ତି ଯେ ମୁଁ କାନୁନ ଭାଙ୍ଗୁଛି ବା ଏପରି କରିବା ବାଲାଙ୍କ ସହିତ ମିତ୍ରତା ରଖୁଛି, ତାହା ଆପଣଙ୍କୁ ଶୋଭା ଦିଏ ନାହିଁ । ଅବଶ୍ୟ ମୁଁ ମାନୁଛି ଯେ ମୁଁ ସାଧୁ, ସନ୍ଥ ବା ମହାତ୍ମାମାନଙ୍କ ସଙ୍ଗତରେ ରହୁନାହିଁ । ମୋ ବନ୍ଧୁ ଭୁଇ

Digitized by srujanika@gmail.com

କରିପାରନ୍ତି କାରଣ ମାନବ ସୁଲଭ ତ୍ରୁଟି ଓ ଦୁର୍ବଳତାରୁ ସେ ମୁକ୍ତ ନୁହନ୍ତି । କିନ୍ତୁ ଯେଉଁମାନେ ନିଷ୍କଳଙ୍କ ସଦ୍‌ଗୁଣ ଚାଦର ଘୋଡେଇ ହୋଇ ବୁଲୁଛନ୍ତି, କିନ୍ତୁ ବୁଝିବା ଶକ୍ତି ଓ ସହନଶୀଳତା ଯାହାଙ୍କ ଠାରେ ଆଦୌ ନାହିଁ, ସେମାନଙ୍କଠାରୁ ମୋ ମିତ୍ରମାନେ ହଜାର ଗୁଣରେ ଭଲ ।

ଆପଣ ମତେ ପଚାରୁଛନ୍ତି ଯେ ମୋ ବିରୁଦ୍ଧରେ ପ୍ରଚାର ହେଲେ ମତେ କିପରି ଲାଗିବ । ମୁଁ ନିଜର ସାର୍ବଜନିକ ଭାଷଣରେ କେବେ କାହାର ବ୍ୟକ୍ତିଗତ ଆଲୋଚନା କରି ନାହିଁ । ଆପଣଙ୍କୁ ତ ଜଣାନାହିଁ -- ଏପରି କଥାବାର୍ତ୍ତା ବେଳେ ଆପଣଙ୍କ ନିନ୍ଦା କରିବା ବାଲାଙ୍କ ବିରୁଦ୍ଧରେ ଯାହାଙ୍କ ସଂଖ୍ୟା ବହୁତ -- ମୁଁ ସର୍ବଦା ଆପଣଙ୍କ ପକ୍ଷ ନିଏ । ଆପଣଙ୍କ ନୈତିକତା ଓ ସଚ୍ଚୋଟତାର ମୁଁ ସର୍ବଦା ପ୍ରଶଂସା କରେ । ମୋର ଆଶା, ସରକାର ମୋ ବିରୁଦ୍ଧରେ ଯାହା କି ପ୍ରଚାର କରିବେ ତାକୁ ସହ୍ୟ କରିବାକୁ ମୋର ଶକ୍ତି ଓ ଉଦାରତା ଅଛି । ଏପରି ଶକ୍ତି ଓ ଉଦାରତା ମୋର ନହେଲେ ଲୋକତାନ୍ତ୍ରିକ ଭାବନା ରଖିବା ପାଇଁ ମୁଁ ଅଯୋଗ୍ୟ ସାବ୍ୟସ୍ତ ହେବି । ଆପଣ କହୁଛନ୍ତି ଯେ ଆପଣ ଭବିଷ୍ୟତ ପାଇଁ ଚିନ୍ତିତ । ଏପରି ଚିନ୍ତା ମୋର ବି ଅଛି । ଅନ୍ୟମାନଙ୍କ ପରି ମୁଁ ସେତିକି ଉତ୍କଣ୍ଠା ଓ ଉତ୍ସାହର ସହ ଏ ଦେଶକୁ ପ୍ରେମ କରେ । କିନ୍ତୁ ମୁଁ ଏପରି ସଙ୍କେତ ଦେଖୁଛି ଯେ ସେଗୁଡିକ ନିୟନ୍ତ୍ରଣ କରାନଗଲେ, ତାହା ଆମକୁ ନିରଙ୍କୁଶ ଏକଛତ୍ର ଶାସନ ଆଡକୁ ନେଇଯିବ । ଆପଣ ଓ ମୁଁ ନଗଣ୍ୟ । ଆମ ଜନତାର ଭବିଷ୍ୟତ ତୁଳନାରେ ଆମ ଅଭିମାନ, ଆମ ସ୍ୱାଭିମାନ ଓ ଆମ ଭାବନାର କୌଣସି ମୂଲ୍ୟ ନାହିଁ, ଏଥିପାଇଁ ଭଗବାନ ଆମମାନଙ୍କ ଦ୍ୱାରା ଏପରି କିଛି ନ କରାଇବା ଉଚିତ ଯାହାକି ଆମ ଭବିଷ୍ୟତକୁ ଏପରି ରାସ୍ତାକୁ ନେଇଯିବ ଯାହା ଏକ ମହାନ ରାଷ୍ଟ୍ର ପାଇଁ ଶୋଭାଜନକ ନୁହେଁ ।

ଆପଣଙ୍କର

ଏମ୍. ସି. ଚଗଲା

ନୋଟ: *ଏ ଚିଠି ଅନ୍ୟ କେହି ଦେଖିବେ ନାହିଁ, ସେଥିପାଇଁ ମୁଁ ନିଜେ ଟାଇପ କରିଛି । ଆପଣ ତ ମୋ ପ୍ରତି ଏପରି ଶିଷ୍ଟାଚାର ଦେଖାନ୍ତି ନାହିଁ ।*

ଏମ୍.ସି. ଚଗଲା

ଶ୍ରୀ ଦେସାଇଙ୍କ ଚିଠି

ବମ୍ବେ

୨୮ ନଭେମ୍ବର, ୧୯୫୦

ପ୍ରିୟ ଶ୍ରୀ ଚଗଲା,

ଆପଣଙ୍କ ୨୫ ତାରିଖ ଉତ୍ତର ପାଇଁ ଧନ୍ୟବାଦ ।

ମୋ ଚିଠିରେ ଜଣେ ବନ୍ଧୁଙ୍କ ତରଫରୁ ଭୁଲ ବୟାନ ଯୋଗୁଁ ଉତ୍ପନ୍ନ ହୋଇଥିବା ଦୁଃଖ ଦେଖିବା ବଦଳରେ ଆପଣ ଯେତେବେଳେ ନିଜ ସ୍ୱତନ୍ତ୍ରତା ପ୍ରତି ନାରାଜୀ ଓ ନାପସନ୍ଦ ଦେଖିଲେ ସେତେବେଳେ ମୋ ପ୍ରତି ଆପଣ କେତେ ନାରାଜ ହୋଇଥିବେ ଓ ଆମ ନୀତି ପ୍ରତି କିପରି ପୂର୍ବାଗ୍ରହ ରଖନ୍ତି ତାହା ମୁଁ କଳ୍ପନା କରିପାରୁଛି ।

Digitized by srujanika@gmail.com

ମତେ ଲାଗୁଛି କି ବିଚରା ପ୍ରଚାର ଅଧିକାରୀଙ୍କ ଉପରେ ଅନାବଶ୍ୟକ ଏତେ କଠୋର ନ ହୋଇଥିଲେ ଭଲ ହୋଇଥାନ୍ତା । ସେ ତ କେବଳ ନିଜର କର୍ତ୍ତବ୍ୟ ପାଳନ କରିଥିଲେ । ସେ କାମରେ ଉପସ୍ଥିତ ଥିଲେ ଓ ଆପଣ ଯେଉଁ କଥା ଥଟ୍ଟାରେ କହିଲେ ବୋଲି କହୁଛନ୍ତି ତା'ର କିପରି ପ୍ରଭାବ ଉପସ୍ଥିତ ଜନତାଙ୍କ ଉପରେ ପଡିଲା ସେ ସ୍ୱୟଂ ଦେଖିଛନ୍ତି । ଏକଥା ମୁଁ ମାନିନେଉଛି ଯେ ଆପଣ ଥଟ୍ଟାରେ କହିଛନ୍ତି କିନ୍ତୁ ଯାହା କିଛି ଆପଣ କହିଲେ ତା କ'ଣ ପୂର୍ବାଗ୍ରହ ପ୍ରେରିତ ନୁହେଁ ? ସେଥିରୁ ଆମ ନୀତି ଆପଣଙ୍କ ପସନ୍ଦ ନୁହେଁ ବୋଲି ଜଣାପଡୁ ନଥିଲା ?

ଏବେ ଆପଣ କହୁଛନ୍ତି ଯେ ସରକାର କୌଣସି ପ୍ରକାର ସମାଲୋଚନା ପସନ୍ଦ କରୁନାହାନ୍ତି, ତେବେ କ'ଣ ଆପଣ ଆମ ପ୍ରତି ପ୍ରକୃତ ନ୍ୟାୟ କରୁଛନ୍ତି ? ସାରା ବୁଦ୍ଧିମତ୍ତା, ରାଜନୀତିଜ୍ଞତା ଓ ଦେଶଭକ୍ତିର ଠିକା ଏ ସରକାର ନେଇଛନ୍ତି ବୋଲି ମୁଁ କେବେ ଦାବି କରି ନାହିଁ କି ଆମେ କେବେ କହିନାହୁଁ ଯେ ଯେଉଁ ବ୍ୟକ୍ତି ଆମଠାରୁ ଭିନ୍ନ ମତ ପୋଷଣ କରନ୍ତି ସେ ମୂର୍ଖ ଓ ବେଇମାନ ସମ୍ବାଦପତ୍ରରେ ଓ ସଭା ମଞ୍ଚରେ ଆମର ଯେଉଁ ପ୍ରକାର ଖୋଲାଖୋଲି ଭାବେ ଓ ଧୃଷ୍ଟତାର ସହ ସମାଲୋଚନା କରାଯାଉଛି ତଥା ପ୍ରକାର ପ୍ରକାର ଆରୋପ ଆମ ଉପରେ ଲଗାଯାଉଛି, ଭାଷଣ ଦେବାର ସ୍ୱତନ୍ତ୍ରତା ଓ ସମାଲୋଚନା ପ୍ରତି ଆମର ଆଦର ଭାବର ପୂର୍ଣ୍ଣ ସାକ୍ଷୀ ଅଟେ । ଏହା କେହି ବି ନିରପକ୍ଷ ଅଥବା ପୂର୍ବାଗ୍ରହ ରହିତ ନିରୀକ୍ଷକ କହିପାରିବ । ଆପଣ ଯାହା କିଛି ଧାରଣା କରି ନେଇଛନ୍ତି ସେଥିରୁ ଗୋଟିଏ ହେଲା ସରକାରୀ ଅଧିକାରୀଙ୍କ ମଧ୍ୟରେ ସ୍ୱତନ୍ତ୍ର ବିଚାର ଦ୍ରୁତ ଗତିରେ ଉଭେଇ ଯାଉଛି । ସରକାରୀ କାର୍ଯ୍ୟାଳୟରେ ଫାଇଲ ଓ ଅଧିକାରୀମାନଙ୍କଠାରୁ ମିଳୁଥିବା ବୃତ୍ତାନ୍ତ ଆପଣ ଦେଖିଥିଲେ ଏପରି ଅନୁଚିତ କଥା କେବେ କହି ନଥାନ୍ତେ । ଅଧିକାରୀମାନଙ୍କ ସହିତ ମଧ୍ୟ ଆମର ବିଚାର ବିନିମୟ ହୁଏ । ସେତେବେଳେ ଆପଣ ଉପସ୍ଥିତ ଥିଲେ, ଏପରି ପୂର୍ବାଗ୍ରହ କଦାପି ରଖି ନଥାନ୍ତେ । ଏଥିରୁ ଜଣାପଡୁଛି ଯେ ଆପଣଙ୍କ ସହିତ ଦେଖା କରିବାକୁ ଆସୁଥିବା ବ୍ୟକ୍ତିଙ୍କ ଠାରୁ ଆମ ବିରୁଦ୍ଧରେ ଯାହା କିଛି ଶୁଣୁଛନ୍ତି ସେ ସବୁ କେତେ ସରଳତାରେ ମାନି ନେଉଛନ୍ତି ।

ଡ. ଫାଡ୍‌କେଙ୍କ ଉଦାହରଣ ଆପଣ ଦେଇଛନ୍ତି । ଯାହାଙ୍କ ବିଷୟରେ ଆପଣ ଲେଖିଛନ୍ତି ସେ ଡ. ଫାଡକେର ନୁହଁନ୍ତି, ଡ. ଫାଡକେ ଅଟନ୍ତି । ଯେଉଁ ଘଟଣା ହୋଇଥିଲା ସେ ବିଷୟରେ ଆପଣ ପଚରା ଉଚରା କରିବା କଷ୍ଟ ଉଠାଇଛନ୍ତି କି ? ମୁଁ ଯାହା ଜାଣିଛି, ଏ ସଜ୍ଜନ ଧନ୍ୟବାଦ ଜ୍ଞାପନ କରିବାକୁ ଛିଡା ହେଲେ କିନ୍ତୁ ଲାଗିଗଲେ ଜନ୍ମ ନିରୋଧ ଉପରେ ଧାର୍ମିକ ପ୍ରବଚନରେ ତଥା ସେ ଦିଗରେ ସରକାରଙ୍କର ନିଷ୍ଫଳତା ଉପରେ ଟୀକା ଟିପ୍‌ପଣୀରେ । ସେ ଅବସରର ଦୁରୁପଯୋଗ କରିଲେ । ଏ ବିଷୟ ପାଇଁ ସେ ଅବସର ଉପଯୁକ୍ତ ନ ଥିଲା ଓ ଧନ୍ୟବାଦ ଅର୍ପଣ ଅବସରକୁ, ଜବାବ ଦେବାକୁ ସରକାରଙ୍କ ପାଖରେ ଯାହାର ସୁବିଧା ନାହିଁ, ଏପରି ଲମ୍ବା ଟୀକା, ଟିପ୍‌ପଣୀ ବା ଆଲୋଚନା ପାଇଁ ସୁବିଧା ନିଆଯାଇ ନପାରେ । ସଂସ୍ଥାର ଅତିଥି ଡ. ଗିଲ୍‌ଡର ଆମନ୍ତ୍ରଣ କର୍ତ୍ତାଙ୍କୁ ଏପରି ବ୍ୟବହାର ଅନୁଚିତ ବୋଲି କହିଥିଲେ ଓ ଏଇ ବ୍ୟକ୍ତିମାନେ, ସାଙ୍ଗ କାର୍ଯ୍ୟକର୍ତ୍ତାଙ୍କ ଚେତାବନୀ ସତ୍ତ୍ୱେ ଏପରି ଅବିନୟ ବ୍ୟବହାର ପାଇଁ ଡ. ଫାଡକେଙ୍କୁ କ୍ଷମା ମାଗିବାକୁ କହିଲେ । ଏ ବିଷୟରେ ଆପଣଙ୍କ ଆଲୋଚନାର ସବୁଠାରୁ ଦୁଃଖର ବିଷୟ ଏହା ଯେ ଡ. ଫାଡ୍‌କେଙ୍କ ଆଲୋଚନା ବିଷୟ ଆପଣ ମଦ୍ୟ ନିଷେଧ ସହିତ ଯୋଡି ଦେଲେ । ଏଥିରୁ ଜଣାପଡୁଛି ଯେ ସମ୍ବାଦପତ୍ର ଆମ ବିରୁଦ୍ଧରେ ଯାହା କିଛି ଲେଖୁଛନ୍ତି ତାହା ଆପଣ କେତେ ସରଳତାର ସହ ମାନି ନେଉଛନ୍ତି ଓ ସରକାରଙ୍କ ମଦ୍ୟ ନିଷେଧ ନୀତି ଆପଣଙ୍କୁ ଆମ ଉପରେ କେତେ ଉତ୍ତେଜିତ କରି ରଖିଛି ।

ଦୟାକରି ଏ କଥା ମାନି ବସନ୍ତୁ ନାହିଁ ଯେ ମୁଁ ଥଟ୍ଟା କ'ଣ ବୁଝିପାରେ ନାହିଁ କାରଣ ସେଥିରେ ମୋର ରାଗ ଉଠିଯାଏ । ଥଟ୍ଟା ଉପଯୁକ୍ତ ସ୍ଥାନରେ ହେଲେ ଠିକ୍ ଜଣାପଡେ । କିନ୍ତୁ ଭୁଲ ସ୍ଥାନରେ ଓ ପ୍ରତିକୂଳ

Digitized by srujanika@gmail.com

ଘଟଣା ସମ୍ବନ୍ଧରେ ହେଲେ ତାହା ବିପଦଜନକ ହୋଇଯାଏ । ଏ ପ୍ରଭେଦ ଆପଣଙ୍କୁ ବତାଇବା ଆବଶ୍ୟକ ହେବା ଉଚିତ ନୁହେଁ । ବ୍ରିଟିଶ ସରକାର ଅଧୀନରେ ଆପଣ କ'ଣ କରୁଥିଲେ, ମୁଁ ଜାଣେ ନାହିଁ କିନ୍ତୁ ଏତିକି ଅବଶ୍ୟ ଜାଣୁଛି ଯେ ଆଜି ଆପଣ ଯେତେ ଅଧିକ ଓ ତୀବ୍ର ଆଲୋଚନା କରୁଛନ୍ତି ତା'ର ଅଧା ମାତ୍ରା ଓ ତୀବ୍ରତାରେ ମଧ୍ୟ ବ୍ରିଟିଶ ସରକାରଙ୍କର ଖୋଲା ଆଲୋଚନା ଆପଣ କରି ନଥିବେ ।

ମୋ ଚିଠିକୁ ଆପଣ ଅ-ବିନୟପୂର୍ଣ୍ଣ ମାନୁଛନ୍ତି -- ଏଥିରେ ମୁଁ ଆଶ୍ଚର୍ଯ୍ୟ ହୋଇଛି । ସେଥିରେ ଅ-ବିନୟତା କେଉଁଠି ଅଛି ଆପଣ ଦୟାକରି ବତାଇବେ, ଯେଉଁ ସକାଶେ ମୁଁ ଅନୁତାପ କରିପାରେ । ବନ୍ଧୁ ଭାବରେ ମୁଁ ଆପଣଙ୍କୁ ଯାହା ଲେଖିଥିଲି ତାକୁ ଆପଣ ଅ-ବିନୟପୂର୍ଣ୍ଣ ମାନିଲେ, ରାଜ୍ୟର ଭବିଷ୍ୟତ ପାଇଁ ଯାହା କିଛି ମତେ ହାନିକାରକ ଲାଗିବ ତା'କୁ ଆପଣଙ୍କ ପାଖକୁ ନିଜ ଚିଠିରେ ବି ଖୋଲିକରି ଲେଖିବା ମୋ ପକ୍ଷରେ କଠିନ ହେବ । ଏହା ସମ୍ଭବ ଯେ କୌଣସି ବିଷୟରେ ମୋ ମାନ୍ୟତାକୁ ଆପଣ ଭୁଲ ମାନିପାରନ୍ତି କିନ୍ତୁ ସେଥିପାଇଁ ମତେ ବଦନାମ କରାଗଲା ଅସହିଷ୍ଣୁତାରେ ଅଥବା ଥଟ୍ଟା ଓ ନାଗରିକ ସ୍ୱତନ୍ତ୍ରତାର ଆଦରର ଅଭାବରେ ମତେ ଆକ୍ରମଣ କରିଛନ୍ତି -- ଏହା କ'ଣ ଉଚିତ ? ଆପଣଙ୍କୁ ନ ରଗାଇ ନିଜର ଆଶଙ୍କା ଆପଣଙ୍କୁ ବତାଇବାରୁ ମତେ ଅନୁମତି ଦେବେ ନାହିଁ ? ଏହା କ'ଣ ଆପଣଙ୍କର ବନ୍ଧୁତ୍ୱ, ସହିଷ୍ଣୁତା, ଉଦାରତା ? ଗତଥର ଆପଣ ଲେଖିଥିଲେ ଯେ ଆମେ ଦୁହେଁ ଯେଉଁ କାମକୁ ନିଜର କରି ନେଇଛୁ ସେଥିରେ ଜଣେ ନ୍ୟାୟାଧୀଶ ବଦଳରେ ଜଣେ ବନ୍ଧୁ ଓ ଦେଶପ୍ରେମୀ ରୂପେ ଆପଣଙ୍କ ସେବାକୁ ମୁଁ ଉପଯୋଗ କରି ନାହିଁ । କିନ୍ତୁ ଯେତେବେଳେ ମୁଁ ଏ ଦିଗକୁ ଆପଣଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କରୁଛି ଯେ ଆପଣଙ୍କ ଆଲୋଚନାର ସାଧାରଣ ଜନତାଙ୍କ ଉପରେ କିପରି ପ୍ରଭାବ ପଡିବ, ଆପଣ ଏକଦମ ରାଗି ଯାଉଛନ୍ତି ଓ ମୋ ଉପରେ ଅସହିଷ୍ଣୁତା ଓ ଆଜ୍ଞାକାରୀ ବ୍ୟକ୍ତିଙ୍କୁ ପ୍ରଧାନ ନ୍ୟାୟାଧୀଶ କରିବା ଇଚ୍ଛା ଦୋଷାରୋପଣ କରୁଛନ୍ତି । ଯେବେଠାରୁ ମଦ୍ୟ ନିଷେଧ ଆଇନ ତିଆରି ହେଲାଣି ଓ କାର୍ଯ୍ୟକାରୀ କରାଗଲାଣି ସେବେଠାରୁ ଆପଣ ମୋ ପ୍ରତି ଓ ମୋ ସାଥିମାନଙ୍କ ପ୍ରତି କିପରି ପୂର୍ବାଗ୍ରହ ରଖିଛନ୍ତି -- ତାହା ପ୍ରକଟ ହୋଇଛି । ଏ ବିଷୟରେ ଆପଣ ମୋ ସହିତ ଉଗ୍ର ମତଭେଦ ପ୍ରକଟ କରିଛନ୍ତି -- ଏକଥା ମୁଁ ଜାଣେ; କିନ୍ତୁ ଆପଣ ଏତେ ରାଗିଯିବେ ଏକଥା ମୁଁ ଜାଣି ନଥିଲି ।

ଆପଣ ଇଂଲଣ୍ଡର ଉଦାହରଣ ଦେଇଛନ୍ତି । ମୁଁ ମଧ୍ୟ ଇଂଲଣ୍ଡରେ ନ୍ୟାୟାଧୀଶ ଯେଉଁ ପରମ୍ପରା ପାଳନ କରନ୍ତି ତା' ଉପରେ ବିଚାର କରିବାକୁ ଆପଣଙ୍କୁ ନିବେଦନ କରିପାରେକି ? କ୍ଲବର ସଦସ୍ୟ ହେଲେ ମଧ୍ୟ ସେମାନେ ସେଠାକୁ ଯାଆନ୍ତି ନାହିଁ -- ସମ୍ଭବତ କେବେ କିମିତି ଯାଉଥିବେ । ଯେଉଁ ସଭାରେ ବିବାଦ ଉଠିବାର ସମ୍ଭାବନା ଥାଏ ସେ ସଭାକୁ କେବେ ହେଲେ ଯାଆନ୍ତି ନାହିଁ । ଇଂଲଣ୍ଡରେ ବା ଆମେରିକାରେ ବା ଯେ କୌଣସି ଲୋକତନ୍ତ୍ରୀୟ ଦେଶରେ ସେଠାର ସରକାର ଏପରି ଶାସନ ଚଳାଇ ପାରନ୍ତି ଯାହାକି ଜନତାର ସବୁ ବର୍ଗ ଦ୍ୱାରା ସ୍ୱୀକାର୍ଯ୍ୟ ହେବ ଏକଥା ମୁଁ ମାନିବି ନାହିଁ । ମନୁଷ୍ୟ ଦ୍ୱାରା ତିଆରି ଯେ କୌଣସି ଅନୁଷ୍ଠାନ ପକ୍ଷରେ ଏପରି ସିଦ୍ଧି ପ୍ରାପ୍ତ କରିବା ଅସମ୍ଭବ ଅଟେ ।

ଆପଣଙ୍କ ଭାଷଣରୁ କେବଳ ଦୁଇଟି ଆପତ୍ତି ଜନକ ବାକ୍ୟ ମୁଁ ଉଦ୍ଧାର କରିଥିଲି । ଏଥିରୁ କିପରି କୁହାଯାଇପାରେ ଯେ ସେଥିରେ ଆଉ କିଛି ଉଲ୍ଲେଖନୀୟ ବିଷୟ ନଥିଲା ? ଯଦି ମୁଁ କୁହେ ଯେ ଭାଷଣର ବାକି ଭାଗ କେବଳ ଯେ ଆପତ୍ତି ଜନକ ନଥିଲା ବରଂ ଶିକ୍ଷାପ୍ରଦ ଥିଲା, ଏଥିରେ କିଛି ଫରକ ପଡିବ କି ?

ଆଇନ ଗତ ଶାସନକୁ ସମ୍ମାନ ଦେଖାଇବା ଉପରେ ଆପଣ ଜୋର ନେଇଛନ୍ତି -- ଏକଥା ମୁଁ ଜାଣେ । କିନ୍ତୁ ସାର୍ବଜନିକ ରୂପେ ଆପଣ କେବେ କହିଛନ୍ତି କି ଲୋକତନ୍ତ୍ର ଅନୁସାରେ ପୂରା ତାକତ ଲଗାଇ ଏ ସରକାର କାନୁନ ସମ୍ମତ ଶାସନ ସ୍ଥାପନା କରିବାକୁ ସବୁ ଚେଷ୍ଟା କରୁଛନ୍ତି ? ବରଂ ଓଲଟି ଆପଣଙ୍କ ଆଲୋଚନା

Digitized by srujanika@gmail.com

ଉପରେ ଜନତା ଓ ସମ୍ବାଦପତ୍ରରେ ଟୀକା ଟିପ୍‌ପଣୀରୁ କ'ଣ ଜଣାପଡୁ ନାହିଁ ଯେ ଆମେ ନାଗରିକ ସ୍ୱତନ୍ତ୍ରତା ଓ ଲୋକତନ୍ତ୍ରର ସିଦ୍ଧାନ୍ତକୁ ଖାତିର କରୁନାହୁଁ ?

ମତେ ସମାଲୋଚନା କରିବା ବ୍ୟକ୍ତିଙ୍କ ସମ୍ମୁଖରେ ଆପଣ ମୋ ପକ୍ଷ ନେଇଛନ୍ତି ଓ ମୋର ସଚ୍ଚୋଟତାର ପ୍ରଶଂସା କରିଛନ୍ତି, ସେଥିପାଇଁ ମୁଁ ଆପଣଙ୍କ ପାଖରେ ଋଣୀ । କିନ୍ତୁ ଯେଉଁମାନେ ନିଷ୍କଳଙ୍କ ସଦ୍‌ଗୁଣର ଚାଦର ଘୋଡାଇ ହୋଇ ବୁଲୁଛନ୍ତି କିନ୍ତୁ ତାଙ୍କ ମଧ୍ୟରେ ବୁଝିବା ଶକ୍ତି ଓ ସହନଶୀଳତା ଆଦୌ ନଥିବା ଲୋକମାନଙ୍କ ମଧ୍ୟରେ ଆପଣଙ୍କ ବାକ୍ୟ ରଚନାରୁ ଲାଗୁଛି ଯେ ଆପଣ ମତେ ଓ ମୋ ଭଳି ଲୋକଙ୍କୁ ମଧ୍ୟ ସାମିଲ କରୁଛନ୍ତି -- ଆପଣଙ୍କ ବର୍ଣ୍ଣନା ଓ ତିରସ୍କାରରେ କୌଣସି ମେଳ ଅଛି କି ?

ଆଇନ ଭାଙ୍ଗିବା ସମ୍ବନ୍ଧୀୟ ନିଜ ଲେଖାରେ ପରୋକ୍ଷରେ ମଧ୍ୟ ତାଚ୍ଛଲ୍ୟତା ନ ଥିଲା । ଆପଣଙ୍କ ଭାଷଣରେ ଉଲ୍ଲେଖିତ ବର୍ତ୍ତମାନ ସରକାରଙ୍କର ଆଇନ ଭଙ୍ଗ କରିବା ଅନିବାର୍ଯ୍ୟତା ହୁଏତ ଆପଣଙ୍କର ବା ଆପଣଙ୍କ ଭଲ ଭାବେ ଜାଣିଥିବା ଲୋକମାନଙ୍କ ଅନୁଭବରୁ ପ୍ରତୀତ ହୋଇଥିବ । ଏହାଛଡା ଆପଣଙ୍କ ବ୍ୟାପକ ମନ୍ତବ୍ୟକୁ ମୁଁ କିପରି ସ୍ପଷ୍ଟ କରିପାରିବି ? ଆପଣ ବୁଝାଇବାକୁ ଚାହାନ୍ତି ଯେ ଏହା ଆପଣ ଥଟ୍ଟାରେ କହିଥିଲେ । କିନ୍ତୁ ଏହା କ'ଣ ତାଚ୍ଛଲ୍ୟ ନଥିଲା ? ଓ ନ୍ୟାୟାଧୀଶଙ୍କ ଦ୍ୱାରା ଏପରି ତାଚ୍ଛଲ୍ୟ କରାଗଲେ ସରକାରଙ୍କର ସ୍ଥିତି ହାସ୍ୟାସ୍ପଦ ହେବ ନାହିଁ ? ଆପଣଙ୍କ ତାଚ୍ଛଲ୍ୟଠାରେ ମତେ ଯେତେ ଦୁଃଖ ହୋଇଛି ତାକୁ ଆପଣଙ୍କୁ ବତାଇବାକୁ ଯେତିକି ମିତ୍ରଗତ ଅଧିକାର ଦରକାର ତା' କ'ଣ ମତେ ଦେବେ ନାହିଁ ? ମୋ ବିଚାର ପ୍ରତି ଆପଣ ଅସହିଷ୍ଣୁ ହୋଇଯାଇଛନ୍ତି ଯାହାର ଫଳସ୍ୱରୂପ ଆପଣଙ୍କ ସାର୍ବଜନିକ ଆଲୋଚନା ଉପରେ ମୋ ପ୍ରତିକ୍ରିୟାକୁ ଆପଣ ବଡ ଅନୁଦାର ଦୃଷ୍ଟିରେ ଦେଖୁଛନ୍ତି -- ଏଥିପ୍ରତି ଟିକିଏ ଧ୍ୟାନ ଦେବେ କି ? ମୋ ଭଳିଆ ଲୋକ ଯେକି ଆପଣଙ୍କ ଦୃଷ୍ଟିରେ ବୁଦ୍ଧିମତା ଓ ସହିଷ୍ଣୁତା ଅଭାବରେ ମଧ୍ୟ ଶୁଭନିଷ୍ଠ ଓ ସଚ୍ଚୋଟ ଅଟନ୍ତି ତାଙ୍କୁ ଭୁଲ ପାଇଁ ପ୍ରଧାନ ନ୍ୟାୟଧୀଶଙ୍କ ଠାରୁ ଅତ୍ୟନ୍ତ ସହିଷ୍ଣୁତା ଓ ଭାରସାମ୍ୟ ହେବାକୁ ଅପେକ୍ଷା କରିବା କ'ଣ ଅନୁଚିତ ହେବ ? ଏପରି ଅବସ୍ଥାରେ ପ୍ରଧାନ ନ୍ୟାୟଧୀଶଙ୍କ ଠାରୁ ଏହାଠାରୁ ଅଧିକ ଆଶା କରାଯାଇ ପାରିବ ନାହିଁ ?

ଆପଣଙ୍କର ଆଶା ଯେ ସରକାର ଆପଣଙ୍କ ବିରୁଦ୍ଧରେ ଯାହା କିଛି ପ୍ରଚାର କରିବେ ତାହା ସହ୍ୟ କରିବାକୁ ଆପଣଙ୍କ ଭିତରେ ଶକ୍ତି ଓ ଉଦାରତା ରହିବ । କିନ୍ତୁ ବନ୍ଧୁ ହିସାବରେ ଆପଣଙ୍କୁ ଲେଖିଥିବା ଚିଠିରେ ମୁଁ ଆପଣଙ୍କର ଯେଉଁ ଆଲୋଚନା କରିଛି ସେଥିପାଇଁ କ'ଣ ଆପଣ ସେପରି ଉଦାରତା ଦେଖାଇଛନ୍ତି ? ସାର୍ବଜନିକ ରୂପେ ଆପଣ ଯେଉଁମାନଙ୍କର ଭଲ ମନ୍ଦ କୁହନ୍ତି ସେମାନେ ଯଦି ତା' ବଦଳରେ ଭଲ ମନ୍ଦ କୁହନ୍ତି ଆପଣଙ୍କୁ କିପରି ଲାଗିବ, ଏକଥା ମୁଁ ଆପଣଙ୍କୁ ପଚାରିବାରୁ ଆପଣ ଅନ୍ଦାଜ ଲଗାଇଲେ ଯେ ଏପରି କିଛି ହେବାକୁ ଯାଉଛି । ଏ ପର୍ଯ୍ୟନ୍ତ ତ ମୁଁ ଏପରି କିଛି କରିନାହଁ ବରଂ ଯଥା ସମ୍ଭବ ଅନ୍ୟଙ୍କୁ ଏପରି କରିବାରୁ ବାରଣ କରିଛି । କଥାବାର୍ତ୍ତା ପାଇଁ ମୋ ପାଖକୁ ଆସୁଥିବା ଯେ କୌଣସି ପତ୍ରକାରଙ୍କୁ ଆପଣ ପଚାରିଲେ, ମୁଁ ଯାହା ଆପଣଙ୍କୁ କହିଲି ତାହା ଶୀଘ୍ର ବିଶ୍ୱାସ ହୋଇଯିବ । ଉପରୋକ୍ତ ପ୍ରଶ୍ନ ପଚାରିବାରେ ମୋର ଏତିକି ଉଦ୍ଦେଶ୍ୟ ଯେ ଆପଣ ତୁଳନା କରନ୍ତୁ ଓ ମୋ ଭାବନାକୁ ବୁଝନ୍ତୁ । କୌଣସି ବିଷୟରେ ଯେତେ ଉତ୍ତେଜନା ଥିଲେ ବି କାହାକୁ ପ୍ରତ୍ୟାଘାତ କରିବା ଚେଷ୍ଟାରୁ ପରମ ଦୟାଳୁ ପରମେଶ୍ୱର ମତେ ବଞ୍ଚାନ୍ତୁ -- ଏହା ମୋର ପ୍ରାର୍ଥନା । ମୁଁ ବଞ୍ଚିଥିବା ବେଳେ ଦେଶରେ ଏକଛତ୍ରବାଦ ଆସିଲେ ମୁଁ ସେ ସମୟରେ ସରକାରରେ ରହିବି ନାହିଁ ବରଂ ଈଶ୍ୱର ଯେଉଁ ଅଳ୍ପ ବହୁତ ଶକ୍ତି ମତେ ଦେଇଛନ୍ତି ତାହାଦ୍ୱାରା ସେଇ ଏକଛତ୍ରବାଦ ବିରୁଦ୍ଧରେ ଭୟଙ୍କରରୁ ଭୟଙ୍କର କଷ୍ଟ ଉଠାଇ ଲଢି କରି ମରି ଶେଷ ହୋଇଯିବି ।

Digitized by srujanika@gmail.com

ମତେ ଟାଇପ୍ କରିବା ଆସେ ନାହିଁ । ତେଣୁ ଏ ପତ୍ର ମୁଁ ଅନ୍ୟଠାରୁ ଟାଇପ କରାଇଛି । ଏଥିପାଇଁ ମୁଁ ଅନୁତପ୍ତ । ଏପରି ଭୁଲ ମୁଁ ଦ୍ୱିତୀୟ ଥର କରିବି ନାହିଁ ଓ ଏହାର ଫଳସ୍ୱରୂପ ଯେଉଁ ଅବିନୟ ପ୍ରତୀତ ହୋଇଛି ସେଥିପାଇଁ ମୁଁ କ୍ଷମା ମାଗୁଛି । ଆଶା, ଆପଣ କ୍ଷମା ପ୍ରଦାନ କରିବେ ।

ଆପଣଙ୍କ ଚିଠି ଦ୍ୱାରା ମତେ ଏତେ ଦୁଃଖ ଲାଗିଲା ଓ ଏତେ ଡର ଲାଗିଲା ଯେ ଭବିଷ୍ୟତରେ ଏଭଳି ପ୍ରସଙ୍ଗ ଆସିଲେ ନିଜ ଭାବନାକୁ ଆଗରେ ପ୍ରକଟ କରିବି କି ନାହିଁ ବୁଝିପାରୁ ନାହିଁ । ଏକଥା ମୁଁ ଜରୁରୀ ମାନୁଛି ଯେ ନ୍ୟାୟ ବିଭାଗର ନ୍ୟାୟାଧୀଶଙ୍କ ଭାବନାକୁ ଆଘାତ କରିବା ଉଚିତ ନୁହେଁ କାରଣ ଆମେ ଦୁହେଁ ଯେଉଁ ଲୋକତନ୍ତ୍ରୀୟ ଶାସନ ନିର୍ମାଣ କରିବାକୁ ଚାହୁଁଛେ ସେଥିପାଇଁ କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ରହିବା ଅତ୍ୟାବଶ୍ୟକ ଅଟେ । ଏ ବିଷୟରେ ଆପଣ ମତେ ଅମାୟିକ ମାର୍ଗଦର୍ଶନ କରାଇଲେ ମୁଁ ଆପଣଙ୍କ ପାଖରେ କୃତଜ୍ଞ ରହିବି ।

ଆପଣଙ୍କର
ମୋରାରଜୀ ଦେସାଇ

ଶ୍ରୀ ଚଗଲାଙ୍କ ଚିଠି

୨୭ ନଭେମ୍ବର, ୧୯୫୦

ପ୍ରିୟ ମୋରାରଜୀ,

ଆପଣଙ୍କ ୨୬ ନଭେମ୍ବର ପତ୍ର ପାଇଁ ଧନ୍ୟବାଦ ।

ଆପଣ ବିଶ୍ୱାସ ରଖିବେ ଯେ, କୌଣସି ବିଷୟ ବନ୍ଧୁ ଭାବରେ ଆପଣ ଆଲୋଚନା କଲେ ମୁଁ କୌଣସି ଆପତ୍ତି କରିବି ନାହିଁ । ମତେ ଆପଣଙ୍କ ପତ୍ରର ସ୍ୱର ସକାଶେ ଖରାପ ଲାଗିଥିଲା । ତା' ସହିତ ଆଉ ଗୋଟିଏ କାରଣ ହେଲା ଆପଣ ସେ ଚିଠି ବନ୍ଧୁ ଭାବରେ ନୁହେଁ, ବମ୍ବେ ସରକାରଙ୍କ ଜଣେ ମନ୍ତ୍ରୀ ଭାବରେ ଲେଖିଥିଲେ । ଭବିଷ୍ୟତରେ ନିଜ ମତଭେଦ ଆପୋଷରେ ଚର୍ଚ୍ଚା କଲେ କିପରି ହେବ ? ଆପଣ ଯଦି ମୋ ଘରକୁ ଆସନ୍ତି ମତେ କେତେ ପ୍ରସନ୍ନତା ଲାଭ ହେବ ଆପଣ ଜାଣନ୍ତି । ଆମେ ମୁହାଁମୁହିଁ କଥା ହେଲେ ସବୁ କିଛି ସ୍ପଷ୍ଟ ହୋଇଯାଏ । ସେ ସମୟ କହିବା ଶବ୍ଦ, ପ୍ରେମଭାବ ଓ ଚେହେରାର ହାବଭାବ ଆମର ସାହାଯ୍ୟ କରନ୍ତି । ଅନ୍ୟ ପକ୍ଷରେ ଥଣ୍ଡା ମୁଦ୍ରିତ ଶବ୍ଦ ପଢ଼ିବାକୁ ହେଲେ କେବଳ ସେଇ ଶବ୍ଦ ଗୁଡ଼ିକର ସାହାରା ନେବାକୁ ପଡ଼େ ।

ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ରହୁ । ଦୃଷ୍ଟିକୋଣ ବା ନୀତି ସମ୍ବନ୍ଧୀୟ ମତଭେଦ ଯୋଗୁଁ ବ୍ୟକ୍ତିଗତ ସମ୍ବନ୍ଧ ନ ବିଗିଡୁ ସେଥିପାଇଁ ଆପଣ ଯେତିକି ଉତ୍ସୁକ ମୁଁ ମଧ୍ୟ ସେତିକି ।

ଆଗ ଚିଠିରେ ମୁଁ ଯାହା କିଛି ଲେଖିଛି, ମୁଁ ତା'ର ପୁନରାବୃତ୍ତି କରିବାକୁ ଚାହୁଁ ନାହିଁ ପରନ୍ତୁ ଆପଣଙ୍କ ଚିଠିରେ ଉଠାଯାଇଥିବା ଦୁଇ ତିନି ବିଷୟର ଜବାବ ଦେବାକୁ ମତେ ଅବଶ୍ୟ ଜରୁରୀ ଲାଗୁଛି ।

(୧) ଡା. ଫାଡକର ବିଷୟରେ ଲେଖିବା ସମୟରେ ମୋ ପାଖରେ ସମାଚାର ପତ୍ରରେ ଯାହା କିଛି ଛପା ହୋଇଥିଲା ତାହା ହିଁ ମୋର ଆଧାର ଥିଲା । ଅନ୍ୟ କୌଣସି ସାଧନ ମୋ ପାଖରେ ନଥିଲା ।

Digitized by srujanika@gmail.com

(୨) ଆପଣଙ୍କର ଏକଥା କହିବା ମୋ ପ୍ରତି ବଡ ଅନ୍ୟାୟ ଯେ ମଦ୍ୟ ନିଷେଧ ଲାଗୁ ହେବା ଦିନଠାରୁ ମୁଁ ଆପଣଙ୍କର ଓ ଆପଣଙ୍କ ସାଥିମାନଙ୍କ ପ୍ରତି ପୂର୍ବାଗ୍ରହ ରଖୁଛି । ଏହା କହି ଆପଣ ମୋ ଉପରେ ଶୁଦ୍ଧ ମନୋଭାବନାର ଆରୋପ ଲଗାଇଛନ୍ତି । କିନ୍ତୁ ମୋର ଆଶା ଯେ ମୁଁ ଏପରି ଅପରାଧ କେବେ କରି ନାହଁ । ମଦ୍ୟ ନିଷେଧ ନୀତି ବିଷୟରେ ମୁଁ ଆପଣଙ୍କ ସହିତ ଏକମତ ନୁହେଁ, ଏକଥା ମୁଁ ଆପଣଙ୍କୁ ଲୁଚାଇ ନାହିଁ । ମୋ ଭାବନାନୁସାରେ ଏ ନୀତି ଭ୍ରମାତ୍ମକ ଅଟେ । ଏଥିରେ ସାଧାରଣ ଲୋକଙ୍କ ହିତରେ କ୍ଷତି ଘଟିବ ଓ ଶେଷରେ ଏହା ନିଷ୍ଫଳ ହିଁ ରହିବ କିନ୍ତୁ ତା' ଆଗରୁ ଏତେ ଅନିଷ୍ଟ ହୋଇଯାଇଥିବ ଯେ ତା'କୁ ପୂରଣ କରାଯାଇ ପାରିବ ନାହିଁ । ତଥାପି ମୋର ଦାୟିତ୍ୱ ଜ୍ଞାନ ଅଛି । ମୁଁ ବୁଝିଛି ଓ ଅନ୍ୟମାନଙ୍କୁ ବୁଝାଇଛି ଯେ ଏସବୁ ସତ୍ତ୍ୱେ ମଦ୍ୟ ନିଷେଧ ସରକାରୀ କାର୍ଯ୍ୟକ୍ରମର ଗୋଟିଏ ଅଂଗ ମାତ୍ର, କେବଳ ଏହି ଗୋଟିଏ ପ୍ରଶ୍ନରେ ସରକାରଙ୍କୁ ବିଚାର କରାଯାଇ ନପାରେ । ମୁଁ ସର୍ବଦା ଅଭିମାନ ବ୍ୟକ୍ତ କରିଛି ଯେ ଆମ (ବମ୍ବେର) ସରକାର ଭାରତରେ ଅନ୍ୟ ସବୁ ସରକାରଙ୍କଠାରୁ ଶ୍ରେଷ୍ଠ ଅଟେ ଓ ଆମେ ବମ୍ବେ ରାଜ୍ୟରେ ରହୁଛୁ ସେଥିପାଇଁ ଆମ ମନରେ ଆନନ୍ଦ ଓ ଗର୍ବ ହେବା ଉଚିତ ।

(୩) ଅଂଗ୍ରେଜ ନ୍ୟାୟାଧୀଶ ଯେଉଁ ରୀତି ପାଳନ କରନ୍ତି, ସେ ବିଷୟରେ ମୋ କ୍ଲବକୁ ଯିବା ବିଷୟରେ ଯେଉଁ ଆଲୋଚନା କରିଛନ୍ତି ତାହା ଠିକ୍ ନୁହେଁ । ନ୍ୟାୟାଧୀଶଙ୍କ ବ୍ୟକ୍ତିଗତ ଜୀବନ ତାଙ୍କର ନିଜର ଓ ଇଂଲଣ୍ଡରେ ସମସ୍ତେ ଏହାକୁ ସମ୍ମାନ ଦେଖାନ୍ତି । ନ୍ୟାୟାଧୀଶ କ୍ଲବ୍‌କୁ ଯାଆନ୍ତି ନାହିଁ କହିବା ଠିକ୍ ହେବ ନାହିଁ । କେତେକଙ୍କୁ କ୍ଲବ ଯିବା ଭଲ ଲାଗେ ସେମାନେ ଯାଆନ୍ତି । କେତେକଙ୍କୁ କ୍ଲବ ଯିବା ଭଲ ଲାଗେ ନାହିଁ, ସେମାନେ ଯାଆନ୍ତି ନାହିଁ । ଏ କଥା ମୁଁ ମାନୁଛି ଯେ ବିବାଦ ଗ୍ରସ୍ତ ମାମଲା ଚର୍ଚ୍ଚାର ସଭାରେ ସେମାନେ ଭାଗ ନିଅନ୍ତି ନାହିଁ । ଆପଣ କୁହନ୍ତୁ ତ ମୁଁ କୌଣସି ରାଜନୀତିକ ସଭାକୁ କେବେ ଯାଇଛି ? ବା କୌଣସି ବିବାଦାସ୍ପଦ ବିଷୟରେ ମୁଁ କିଛି କହିଛି ? ମଦ୍ୟ ନିଷେଧ ବିଷୟରେ ମୁଁ କାହିଁ କେଉଁଠି ଭାଷଣ ଦେଇଛି ଆପଣ ଜାଣିଛନ୍ତି ? ସାମାନ୍ୟ ବିବାଦ ଉଠିବାର ସମ୍ଭାବନା ଥିବା ସଭାରେ ଭାଷଣ ଦେବା ନିମନ୍ତ୍ରଣ ମୁଁ କେତେ ଅସ୍ୱୀକାର କରିଛି ଆପଣ ଜାଣନ୍ତି ? ଅବଶ୍ୟ ନ୍ୟାୟପାଳିକା ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ମୁଁ କୁହେ ଓ କହିବି । ଏହା କରିବା ନା କେବଳ ମୋର ଅଧିକାର ଅଟେ, ମୋର କର୍ତ୍ତବ୍ୟ ମଧ୍ୟ । ଏକଥା ମୁଁ ଭୁଲିପାରିବି ନାହିଁ ଯେ ନ୍ୟାୟଧୀଶ ହେବା ଛଡା ମୁଁ ନିଜ ଦେଶର ମଙ୍ଗଳରେ ଧ୍ୟାନ ଦେଉଥିବା ଜଣେ ନାଗରିକ ମଧ୍ୟ ଅଟେ ଓ ଏଭଳି ଶୈକ୍ଷଣିକ, ସାମାଜିକ ଏବଂ ସାଂସ୍କୃତିକ ବିଷୟରେ ମୁଁ ଗଭୀର ଧ୍ୟାନ ଦିଏ ।

(୪) ଏକଥା କହିବା ଠିକ୍ ହେବ ନାହିଁ ଯେ କାନୁନ୍ ସମ୍ମତ ଶାସନ ସ୍ଥାପନା ପାଇଁ ସରକାର ଯାହା ସବୁ କରିଛନ୍ତି ସେ ସବୁକୁ ମୁଁ ସାର୍ବଜନିକ ଭାବେ ପ୍ରଂଶସା କରେ ନାହିଁ । ଓକିଲ ମଣ୍ଡଳ ଦ୍ୱାରା ଆୟୋଜିତ ସମାରୋହରେ ମୋ ଭାଷଣରେ ସବୁବେଳେ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ପୃଥକ୍ କରିବା ପାଇଁ ଆପଣ ଯାହା କରୁଛନ୍ତି, ତା' ଉପରେ ଆଲୋକପାତ କରେ । ଏକଥା ସତ ଯେ ମୁଁ ଆପଣଙ୍କର ଆଲୋଚନା ମଧ୍ୟ କରିଛି କିନ୍ତୁ ସବୁବେଳେ ଏପରି କରିନାହିଁ ।

(୫) ଆପଣ କହିଛନ୍ତି ଯେ ମୁଁ ବ୍ରିଟିଶ୍ ସରକାରଙ୍କୁ ଯେଉଁ ସମାଲୋଚନା କରିଛି ତା'ଠାରୁ ଅଧିକ ମାତ୍ରା ଓ ତୀବ୍ରତାରେ ନିଜ ସରକାରଙ୍କୁ ସମାଲୋଚନା କରୁଛି । ଆପଣ ନିଶ୍ଚିତ ଭାବେ ଜାଣନ୍ତି ଯେ ଏକଥା ମଧ୍ୟ ଠିକ୍ ନୁହେଁ । ଏପରି କହିବା ଦ୍ୱାରା ମୋର ଅତୀତ ଜୀବନର ଉଚିତ ବା ନିରପେକ୍ଷ ବିଚାର ହେବ ନାହିଁ । ମୁଁ ନ୍ୟାୟାଧୀଶ ହେବା ପୂର୍ବରୁ ମୋ ଜୀବନ ଖୋଲା ପୁସ୍ତକ ସଦୃଶ ଅଟେ ଏବଂ ମୁଁ ଗର୍ବର ସହିତ କହିପାରେ ଯେ ବ୍ରିଟିଶ ସରକାର ନୀତିର ମୁଁ ସମ୍ପୂର୍ଣ୍ଣ ସମାଲୋଚକ ଥିଲି ।

Digitized by srujanika@gmail.com

ଏହି ଦୁର୍ଭାଗ୍ୟ ପୂର୍ଣ୍ଣ ଓ ଏତେ କଟୁତାପୂର୍ଣ୍ଣ ପତ୍ର ବ୍ୟବହାରର ଗୋଟିଏ ସୁଖମୟ ପରିଣାମ ଅବଶ୍ୟ ହୋଇଛି । ତାହା ହେଉଛି, ଏଥିରେ ଏହି ତଥ୍ୟ ସମର୍ଥିତ ହୋଇଛି ଯେ ସାଧନ ବିଷୟରେ ଆମ ମଧ୍ୟରେ ଯେତେ ମତଭେଦ ଥାଉ ନା କାହିଁକି ଲୋକତନ୍ତ୍ରରେ ବିଶ୍ୱାସ ଓ ଏକଛତ୍ରବାଦ ବିରୁଦ୍ଧରେ ଆମେ ଦୁହେଁ ସମାନ ଏକମତ । ଯେତେଦିନ ପର୍ଯ୍ୟନ୍ତ ଏ ଭୂମିକା ରହିଥିବ ସେତେଦିନ ଯାଏ ଆମେ ମିତ୍ର ହୋଇ ରହିଥିବୁ ଓ ଆମ ପରସ୍ପର ସମ୍ପର୍କରେ ଆସିବା ଦିନଠାରୁ ମୋର ଆପଣଙ୍କ ପ୍ରତି ରହିଥିବା ଆଦର ଭାବ ସର୍ବଦା ରହିବ ।

ଆପଣଙ୍କର

ଏସ୍. ସି. ଚଗଲା

ନୋଟ: *ଏ ପତ୍ର ଟାଇପ କରିବାକୁ ମତେ ସମୟ ମିଳିଲା ନାହିଁ ।*
ତେଣୁ ହସ୍ତାକ୍ଷର ପାଇଁ ଦୟାକରି ମତେ କ୍ଷମା କରିବେ ।

Digitized by srujanika@gmail.com

ପରିଶିଷ୍ଟ - ୨

କଥାବାର୍ତ୍ତାର ସଂକ୍ଷିପ୍ତ ବିବରଣୀ

ଶ୍ରୀ ରାମ ନିବାସ ଆର. ରୁଇୟାଙ୍କ ନିବାସ ସ୍ଥାନରେ ୧୧ ଡିସେମ୍ବର ୧୯୫୨ ରାତ୍ରି ଭୋଜନ ପରେ ଯେଉଁ କଥାବାର୍ତ୍ତା ହୋଇଥିଲା ତା'ର ସଂକ୍ଷିପ୍ତ ବିବରଣୀ ।

ସେ ସମୟରେ ଉପସ୍ଥିତ ବ୍ୟକ୍ତିମାନେ ହେଲେ -- ମୁଁ, ପ୍ରଧାନ ନ୍ୟାୟାଧୀଶ, ଶ୍ରୀ ଏମ୍. ସି. ଚଗଲା, ଗୃହ ବିଭାଗ ସଚୀବ, ଶ୍ରୀ ପ୍ରାଣଲାଲ ଦେବକର ନାନ୍‌ଜୀ, ଶ୍ରୀ ଧର୍ମସୀ ଖଟାଉ, ଶ୍ରୀ ନବୀନ ଚନ୍ଦ୍ର ମଫତଲାଲ, ଶ୍ରୀ ମୋତିଲାଲ ଟାପୁରିୟା, ଶ୍ରୀ ଚିମନଲାଲ ପରିଖ, କଷ୍ଟମ୍‌ସ କଲେକ୍ଟର ଓ ଇନ୍‌କମ୍‌ଟାକ୍ସ କମିଶନର ।

ମୁଁ ସେଠାରେ ଆଠଟା ପାଞ୍ଚରେ ପହଞ୍ଚିଲି କିନ୍ତୁ ଅନ୍ୟମାନେ ସନ୍ଧ୍ୟା ସାଢେ ସାତରୁ ସେଠାରେ ଥିଲେ ।

ପ୍ରାୟ ସାଢେ ଆଠଟା ବେଳେ ଆମେ ଭୋଜନ କରିବାକୁ ବସିଲୁ ଓ ସାଢେ ନ'ଟାରେ ଭୋଜନ ଶେଷ କଲୁ । ଏ ସମସ୍ତ ସମୟ ମୁଁ ପ୍ରଧାନ ନ୍ୟାୟାଧୀଶଙ୍କ ପାଖରେ ବସିଥିଲି । ପ୍ରାୟ ସାଢେ ନ'ଟା ଯାଏ ପ୍ରଧାନ ନ୍ୟାୟଧୀଶ ଓ ମୋ ଭିତରେ ସାଧାରଣ ବିଷୟରେ ମୈତ୍ରୀପୂର୍ଣ୍ଣ ବାର୍ତ୍ତାଳାପ ହୋଇଥିଲା ।

ସାଢେ ନ'ଟା ପରେ, ଶ୍ରୀ ପ୍ରାଣଲାଲ ମନ୍ତ୍ରୀମାନଙ୍କ ଦ୍ୱାରା ବ୍ୟାପାରୀମାନଙ୍କ ଉପରେ ହେଉଥିବା ବ୍ୟାପକ ଅସାଧୁତା ଆରୋପ ବିଷୟ ଆରମ୍ଭ କଲେ । ମୁଁ ତାଙ୍କୁ କହିଲି ଆମେ ବମ୍ବେର ସବୁ ବେପାରୀମାନଙ୍କୁ ନିନ୍ଦା କରି ନାହୁଁ, କେବଳ ଯେଉଁମାନେ ଅସାଧୁ ସେଇମାନଙ୍କର ସମାଲୋଚନା କରିଛୁ । ତେଣୁ ଆପଣଙ୍କର ଚିନ୍ତା କରିବା ଦରକାର ନାହିଁ । କିନ୍ତୁ ସେ ନିଜ କଥା ବନ୍ଦ ନକରି ସରକାରୀ ବ୍ୟବସ୍ଥାରେ ଚାଲିଥିବା ଭ୍ରଷ୍ଟାଚାର ଦୂର ନ କରାଯିବାରୁ ସରକାରଙ୍କର ନିନ୍ଦା କଲେ । ମୁଁ ତାଙ୍କୁ କହିଲି ଯେ ଲୋକେ ସହଜରେ ଲାଞ୍ଚ ଦେଉଛନ୍ତି ଓ ସରକାରଙ୍କୁ ଏକଥା ଜଣାଇବାକୁ କେହି ପ୍ରସ୍ତୁତ ହେଉନାହାନ୍ତି କି ଲାଞ୍ଚ ଖୋର ଅଧିକାରୀଙ୍କୁ ଦଣ୍ଡ ଦେବାରେ ଆମକୁ ସାହାଯ୍ୟ କରୁନାହାନ୍ତି । ଏଥିଯୋଗୁଁ ସରକାରଙ୍କ କାମ କଠିନ ହୋଇଯାଉଛି । ଶ୍ରୀ ପ୍ରାଣଲାଲ କହିଲେ ଯେ ଲାଞ୍ଚ ଦେଇ କାମ ନ କରାଇଲେ ତାଙ୍କୁ କ୍ଷତି ସହିବାକୁ ପଡୁଛି ।

ପ୍ରଧାନ ନ୍ୟାୟାଧୀଶ ମଧ୍ୟ ଏ ଚର୍ଚ୍ଚାରେ ଯୋଗ ଦେଲେ । ସେ କହିଲେ ପ୍ରକାର ପ୍ରକାର ନିୟନ୍ତ୍ରଣ ଯୋଗୁଁ ଲାଞ୍ଚଖୋରୀ ବଢୁଛି । ମୁଁ କହିଲି ସମାଜରେ ଭ୍ରଷ୍ଟାଚାର ବ୍ୟାପକ ହୋଇଗଲାଣି ଯେଉଁଥି ପାଇଁ ନିୟନ୍ତ୍ରଣ ଲଗାଇବା ଆବଶ୍ୟକ ହୋଇଯାଉଛି । ଏକଥା ନିଶ୍ଚୟ ଯେ କେବଳ ନିୟନ୍ତ୍ରଣରେ ଭ୍ରଷ୍ଟାଚାର ଦୂର ହୋଇପାରିବ ନାହିଁ । ପ୍ରଧାନ ନ୍ୟାୟାଧୀଶ ଏହାର ବିରୋଧ କଲେ ନାହିଁ କିନ୍ତୁ ଭ୍ରଷ୍ଟାଚାର ପାଇଁ ଶାସନ ବ୍ୟବସ୍ଥାକୁ ଦାୟି କରିବାରେ ଅଟଳ ରହିଲେ । ସେଥିପାଇଁ ସେ ଉଦାହରଣ ଦେଲେ ଯେ ବିନା 'ପଗଡ଼ି'ରେ ଘର (ଫ୍ଲାଟ) ମିଳିବା ମୁସ୍କିଲ । ମୁଁ କହିଲି ଯେ ଆପଣଙ୍କର ଏକଥା ସର୍ବଥା ସତ୍ୟ ନୁହେଁ କାରଣ ଏପରି କେତେ ଉଦାହରଣ ମୁଁ ଜାଣେ ଯେଉଁଠି 'ପଗଡ଼ି' ନ ଦେଇ ସିଧା ବା ସରକାରଙ୍କ ଜରିଆରେ ଲୋକଙ୍କୁ ଘର ମିଳିଛି । ପ୍ରଧାନ ନ୍ୟାୟାଧୀଶ ଏକଥା ସ୍ୱୀକାର କଲେ ନାହିଁ ଓ କହିଲେ କି ଏ ବିଷୟରେ ମତେ ଆପଣଙ୍କଠାରୁ ବେଶି ଜଣାଅଛି କାରଣ ଲୋକେ ଆପଣଙ୍କ ବଦଳରେ ଆମକୁ ବେଶି ଖୋଲିକରି କୁହନ୍ତି । ମଁ କହିଲି ପ୍ରଧାନ ନ୍ୟାୟାଧୀଶ ଖୋଲାଖୋଲି ଭାବେ ଲୋକମତ ସହିତ ସମ୍ପର୍କ ରଖି ପାରିବେ ନାହିଁ କାରଣ ଆମ ସହିତ ଲୋକେ ଯେତେ ସ୍ୱାଧୀନ ଭାବରେ ମିଶିପାରିବେ ସେପରି ଆପଣଙ୍କ ସହିତ ମିଶିପାରିବେ ନାହିଁ । ତଥାପି ସେ ନିଜ କଥା ଉପରେ ଅବିଚଳିତ ରହିଲେ ।

Digitized by srujanika@gmail.com

ମୁଁ କହିଲି "ପଗଡି" ସମସ୍ୟା ସରକାର ସଫଳତାର ସହ ସମାଧାନ କରିଛନ୍ତି କିନ୍ତୁ ଯେଉଁ ଲୋକ ଫ୍ଲାଟ ନେବା ପୂର୍ବରୁ ସରକାରଙ୍କୁ ଏ ଖବର ଦେବେ ତାଙ୍କୁ ସେହି ଫ୍ଲାଟ ନ ଦେବା ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟ ହିଁ ସରକାରଙ୍କ କାମକୁ କଠିନ କରି ଦେଇଛି ଓ ସେଥିରୁ ଏ ପରିସ୍ଥିତି ଉତ୍ପନ୍ନ ହୋଇଛି । ଏ କଥାରେ ସେ ନାରାଜ ହୋଇଗଲେ ଓ ସେ ନିର୍ଣ୍ଣୟ ବିଷୟରେ କହିବାକୁ ଲାଗିଲେ । ମୁଁ କହିଲି ଏପରି କଥାବାର୍ତ୍ତା ପାଇଁ ଏ ସ୍ଥାନ ଉପଯୁକ୍ତ ନୁହେଁ, ଆମେ ଦୁଇଜଣ ଏକା ରହିଲେ ଏ କଥାବାର୍ତ୍ତା ଉପଯୁକ୍ତ ହେବ । କିନ୍ତୁ ସେ ଏକଥା ଉପରେ କୌଣସି ଧ୍ୟାନ ଦେଲେ ନାହିଁ ଓ ନିଜ ଆଲୋଚନାରେ ଉତ୍ତେଜିତ ହୋଇଗଲେ ।

ମୁଁ ତାଙ୍କୁ କହିଲି ଯଦି ଆପଣଙ୍କୁ ଲାଗୁଛି ଯେ ଆମେମାନେ ଭୁଲ ବାଟରେ ଓ ଏପରି ଢଙ୍ଗରେ କାମ କରୁଛୁ ଯଦ୍ଦ୍ୱାରା କୌଣସି ଉପକାର ହେଉ ନାହିଁ ତେବେ ଆପଣ ନିଜର ସୁରକ୍ଷିତ ସ୍ଥାନ ତ୍ୟାଗ କରି, ରାଜନୀତିରେ ପଶି ଶାସନତନ୍ତ୍ରକୁ ନିଜ ଅଧିକାରରେ ନେବା ଉଚିତ ଯଦ୍ଦ୍ୱାରା ଶାସନ ଚଳାଇବା ଉତ୍ତମ ରାସ୍ତା ଆପଣ ଦେଖାଇ ପାରିବେ । ସେ କହିଲେ ଯେ ମତେ ସେ କଥା ଜଣା ଅଛି ଓ କେବେ ନା କେବେ ମୁଁ ସେକଥା ନିଶ୍ଚୟ କରିବି । ଏହାପରେ ସରକାରୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅଭିଯୋଗ କରି କହିଲେ ଯେ କ୍ଷମତାରୁ ଦୁର୍ନୀତି ଉତ୍ପନ୍ନ ହୁଏ ଓ ଲୋକେ ଅସହିଷ୍ଣୁ ହୋଇଯାଆନ୍ତି । ଏପରି ଅସହିଷ୍ଣୁ ହେବା ଉଚିତ ନୁହେଁ ।

ଏହିପରି ସେ କ୍ଷମତା ଓ ତା'ର ଦୁରୁପଯୋଗ ଉପରେ ଜୋର ଦେଇ ଚାଲି ଥାଆନ୍ତି । ମୁଁ ତେଣୁ କହିଲି କେବଳ ପ୍ରଶାସନିକ ତନ୍ତ୍ରରେ କ୍ଷମତା ନଥାଏ । ନ୍ୟାୟତନ୍ତ୍ରରେ ମଧ୍ୟ କ୍ଷମତା ଅଛି; ଏବଂ କାର୍ଯ୍ୟପାଳିକାଙ୍କ କ୍ଷମତା ଉପରେ ନିୟନ୍ତ୍ରଣ ଅଛି ଓ ଅନେକଙ୍କ ପ୍ରତି ତାଙ୍କର ଦାୟିତ୍ୱ ଅଛି କିନ୍ତୁ ନ୍ୟାୟତନ୍ତ୍ର ଉପରେ କୌଣସି ନିୟନ୍ତ୍ରଣ ନାହିଁ ତଥା କୌଣସି ଉତ୍ତରଦାୟିତ୍ୱ ବିନା ତାଙ୍କ ପାଖରେ କ୍ଷମତା ଅଛି । ଏଥିରେ ରାଗି ଯାଇ ସେ କହିଲେ ମୁଁ ଉଚ୍ଚ ନ୍ୟାୟାଳୟକୁ ଦାୟିତ୍ୱହୀନ କହିଲି । ମୁଁ କହିଲି ଆମେ କ୍ଷମତା ଓ ତା'ର ପରିମାଣ ବିଷୟରେ କଥା ହେଉଛେ, ତେଣୁ ତାର ଏପରି ଅର୍ଥ ବାହାର କରିବା ଉଚିତ ନୁହେଁ ।

ପରେ ଉତ୍ତେଜିତ ହୋଇ ସେ ବ୍ୟାପାରୀମାନଙ୍କୁ କହିଲେ ବି ଏଇଥିପାଇଁ ମୁଁ ବନ୍ଧୁମାନଙ୍କ କ୍ଷମତା ପ୍ରାପ୍ତ କରିବାକୁ ପରାମର୍ଶ ଦେଉଛି କାରଣ ଲୋକତନ୍ତ୍ରରେ ଏହି ଗୋଟିଏ ମାତ୍ର ଉପାୟ କ୍ଷମତା ଭୋଟଦାତାଙ୍କ ହାତରେ ଅଛି ବୋଲି ସେ ସ୍ୱୀକାର କଲେ । ମୁଁ ସାଙ୍ଗେ ସାଙ୍ଗେ ତାଙ୍କ ସହିତ ସହମତ ହୋଇ କହିଲି, ହଁ, ଏହାହିଁ ଲୋକତନ୍ତ୍ରୀୟ ପଦ୍ଧତି ଅଟେ । କିନ୍ତୁ ମତଦାତା ମାନେ ଗୋଟିଏ ଦଳକୁ କ୍ଷମତା ଦେଇଥିଲେ, ସେମାନେ ଅନ୍ୟମାନେ ଚାହିଁଲେ ତାଙ୍କୁ କ୍ଷମତା ହସ୍ତାନ୍ତର କରିପାରିବେ ନାହିଁ । ତେଣୁ ଯେଉଁମାନେ ସରକାର ପ୍ରତି ଅସନ୍ତୁଷ୍ଟ ସେମାନେ ନିଶ୍ଚିତ କାର୍ଯ୍ୟକ୍ରମ ଉପରେ ନିର୍ବାଚନ ଲଢି ଶାସନ ପରିବର୍ତ୍ତନ କରିବା ଉଚିତ । ଗତ ନିର୍ବାଚନରେ ମୁଁ ଦେଖିଛି ଯେ ନିର୍ବାଚନ ଆମର ଏଠାରେ ସମ୍ପୂର୍ଣ୍ଣ ନିଷ୍ପକ୍ଷ ଅଟେ । ପ୍ରଧାନ ନ୍ୟାୟାଧୀଶ କହିଲେ ଯେ ଉଚ୍ଚ ନ୍ୟାୟପାଳିକାଙ୍କ ପାଖର କ୍ଷମତା ରହିବା ଠିକ୍ । ମୁଁ କହିଲି କଂଗ୍ରେସ ଦଳ ହିଁ ସମ୍ବିଧାନ ତିଆରି କରିଛି ଓ ସେମାନେ ନ୍ୟାୟପାଳିକାଙ୍କୁ କ୍ଷମତା ଦେଇଛନ୍ତି ।

କଥାବାର୍ତ୍ତାରେ ପ୍ରଧାନ ନ୍ୟାୟଧୀଶ ଲାଞ୍ଚ ଦେଉଥିବା ବ୍ୟାପାରୀଙ୍କ ପକ୍ଷରେ କହିଲେ ଯେ ସେମାନେ ଲାଞ୍ଚନେବା ଅଧିକାରୀଙ୍କ ପାଖରେ ଅସହାୟ ଅଟନ୍ତି । ସେ ଏକଥା ବି କହିଲେ ଅନିବାର୍ଯ୍ୟ ଆବଶ୍ୟକତା ଯୋଗୁଁ ଯଦି କୌଣସି ବ୍ୟକ୍ତି କୌଣସି ଅପରାଧ କରେ ମୁଁ ତାକୁ ଉଚିତ ମାନିବି ଓ ଖୋଲାଖୋଲି ଭାବେ ଏକଥା କହିବି । ମୁଁ କହିଲି ଏପରି କହିବା ପ୍ରଧାନ ନ୍ୟାୟାଧୀଶଙ୍କ ପକ୍ଷରେ ବଡ ଆଶ୍ଚର୍ଯ୍ୟ କଥା ଅଟେ ।

ସର୍ବ ଶ୍ରୀ ପ୍ରାଣଲାଲ ଦେବକରଣ ନାନ୍‌ଜୀ ତଥା ଚିମନଲାଲ ପରିଖ ବଡ ଚତୁରତାର ସହିତ ପ୍ରଧାନ ନ୍ୟାୟଧୀଶଙ୍କୁ ପ୍ରୋତ୍ସାହନ ଦେଉଥିଲେ ଓ ସେ କ୍ଷମତାଧାରୀଙ୍କୁ ବଡ କଡା ସମାଲୋଚନା କରିଥିଲେ ।

ତା ୨୦।୧୨।୫୨ ଏମ୍. ଆର. ଦେସାଇ

Digitized by srujanika@gmail.com

ପରିଶିଷ୍ଟ - ୩

ବିନୋବାଜୀଙ୍କ ସହିତ ବିଚାର ବିନିମୟ

(ଆଚାର୍ଯ୍ୟ ବିନୋବା ଭାବେଙ୍କ ସହିତ ୧୯୫୫ ମଇ ମାସରେ ମୋର ଯେଉଁ ବିଚାର ବିନିମୟ ହୋଇଥିଲା, ତାହାର ବିବରଣୀ ଶ୍ରୀ ନାରାୟଣ ଦେସାଇ ତିଆରି କରି ମତେ ଦେଇଥିଲେ । ଶ୍ରୀ ନାରାୟଣ ଦେସାଇ ସ୍ୱୟଂ ଶ୍ରୀ ମହାଦେବ ଦେସାଇଙ୍କର ଏକମାତ୍ର ପୁତ୍ର । ତାଙ୍କର ସମସ୍ତ ଜୀବନ ଗାନ୍ଧିଜୀଙ୍କ ସାନ୍ନିଧ୍ୟରେ ହିଁ କଟିଥିଲା । ତାଙ୍କର ଶିକ୍ଷା ମଧ୍ୟ ଗାନ୍ଧିଜୀଙ୍କ ସାନ୍ନିଧ୍ୟରେ ହୋଇଥିଲା । ମହାଦେବ ଦେସାଇ ତଥା ଗାନ୍ଧିଜୀଙ୍କ ସଂସ୍କାର ସେ ଭଲ ଭାବରେ ହୃଦୟଙ୍ଗମ କରିଥିଲେ । ନିଜର ସାରା ଜୀବନ ସେ ଦେଶ ସେବା ପାଇଁ ଅର୍ପିତ କରିଥିଲେ । ବିନୋବାଜୀଙ୍କ ସହିତ ସେ ସର୍ବୋଦୟ କ୍ଷେତ୍ରରେ କାମ କରୁଥିଲେ ଓ ସେବା ଛଡା ଅନ୍ୟ କାମ ମଧ୍ୟ ଦେଖାଚାହାଁ କରୁଥିଲେ । ଆମ ବିଚାର ବିନିମୟର ବିବରଣୀ ସେ ତିଆରି କରିଛନ୍ତି -- ସେ ଖୁବ୍ ଭଲ ଭାବରେ ଲେଖନ୍ତି । ତେଣୁ ତାଙ୍କର ଏହାକୁ ମୁଁ ନିମ୍ନରେ ଦେଉଛି, ଯଦ୍ୱାରା ସମସ୍ତେ ଆମ ବିଚାର ବିନିମୟ ଜାଣିପାରିବେ । ଆମ କଥାବାର୍ତ୍ତା ମେ ମାସ ପାଞ୍ଚ, ସାତ ଓ ଦଶ ତାରିଖ -- ତିନି ଦିନ ହୋଇଥିଲା ।)

ମୋରାରଜୀ ଦେସାଇ

ତା ୭.୫.୫୫

ବିନୋବାଜୀ	ବହୁତ ଦିନ ପରେ ସାକ୍ଷାତ, ଠିକ୍ ନା ?
ମୋରାରଜୀ	ଆପଣ ବମ୍ବେ ଆସିବାବେଳେ ଦେଖା ହୋଇଥିଲା । ତା'ପରେ ଦେଖା ହୋଇନାହିଁ ।
ବିନେବାଜୀ	ହଁ, ଉତ୍ତର ପ୍ରଦେଶରେ ସାତ ମାସ ଭ୍ରମଣ କରିବା ପରେ ପଣ୍ଡିତଜୀଙ୍କ ସହିତ ସାକ୍ଷାତ ହୋଇଥିଲା । ମୋର ତ ଆକାଶର ଗ୍ରହମାନଙ୍କର ଅବସ୍ଥା ଭଳି -- ଯୋଗାଯୋଗ ହେଲେ ସାକ୍ଷାତ ହେଉଛି ।
ମୋରାରଜୀ	ଆପଣ ବମ୍ବେରେ ଥିଲେ ଅବଶ୍ୟ ମୁଁ ସାକ୍ଷାତ କରୁଥାନ୍ତି । ଏ ସ୍ଥାନ ବହୁତ ଦୂର ପଡୁଛି । ନାରାୟଣ ଦେସାଇ, ରବିଶଙ୍କର ମହାରାଜ ଆଦିଙ୍କ ସହିତ ତ ବମ୍ବେରେ ମଝିରେ ମଝିରେ ଦେଖା ହୋଇଯାଏ । ପୁରୀରୁ ଆସିବା ପରେ ମହାରାଜଙ୍କ ସହିତ ସାକ୍ଷାତ ହୋଇଥିଲା । ବର୍ତ୍ତମାନ ତ ସେ ପଦଯାତ୍ରା କରିବେ ତେଣୁ ମିଳିବା ମୁସ୍କିଲ ହୋଇଯିବ ।
ବିନୋବାଜୀ	ସେ ୭୨ ବର୍ଷର ହୋଇ ଗଲେଣି ନା ?
ମୋରାରଜୀ	ହଁ, ଆଉ ଅଢେଇ ବର୍ଷ ପଦଯାତ୍ରା କରିବେ ।
ବିନୋବାଜୀ	ପାଦରେ ଚାଲିବା ଲୋକଙ୍କର ଆୟୁ ବଢିଯାଏ ।
ମୋରାରଜୀ	କାହାର ଆୟୁ ବଢିବା କଥା ମୁଁ ମାନେ ନାହିଁ ।
ବିନୋବାଜୀ	କେତେଥର ରହସ୍ୟରେ କୁହେ ଯେ ଯେଉଁ ବ୍ୟକ୍ତି ଚାଲୁଥାଏ ତା'କୁ ଯମରାଜ ପଛକୁ ଆସି ଧରିପାରନ୍ତି ନାହିଁ ।

Digitized by srujanika@gmail.com

ମୋରାରଜୀ	ମୁଁ ମାନେ ଯେ ଯାହାର ଯେତିକି ଆୟୁ ନିଶ୍ଚିତ କରାଯାଇଛି ତା'ଠାରୁ ଗୋଟିଏ କ୍ଷଣ ଅଧିକ ସେ ବଞ୍ଚିପାରିବ ନାହିଁ ।
ବିନୋବାଜୀ	ପିଲାଦିନେ ମୋ ମା ବଞ୍ଚି ରହିବା ପାଇଁ ଗୋଟିଏ କଥା କହିଥିଲେ, ତଦ୍ୱାରା ମନୁଷ୍ୟକୁ ସଂଯମ ରହିବା ସାହାଯ୍ୟ ମିଳେ । ସେ କହିଥିଲେ ଯେ ମଣିଷ ଜୀବନରେ କେତେଥର ଖାଇବ ତା' ସ୍ଥିର ହୋଇସାରିଛି । ତେଣୁ ଦୁଇବକ୍ତ ବଦଳରେ ଆମେ ଦିନକୁ ବକ୍ତେ ଖାଇଲେ ପରମାୟୁ ଦୁଇଗୁଣ ହୋଇଯିବ ।
ମୋରାରଜୀ	ନବୁଝି ସଂଯମ କଲେ ତାହା ବେଶି ଦିନ ରହେ ନାହିଁ ।
ବିନୋବାଜୀ	ତା ତ ଠିକ୍ । କିନ୍ତୁ ଅସହାୟ ଦୁନିଆରେ ସାହାରା ଆବଶ୍ୟକ ।
ମୋରାରଜୀ	ମନୁଷ୍ୟ ଅଭିମାନୀ ହେବା ଉଚିତ ନୁହେଁ, ତା'ର ଆତ୍ମ ବିଶ୍ୱାସ ରହିବା ଉଚିତ । ଅତି ଅସହାୟ ଅବସ୍ଥା ଆସିଲେ ସାହାରା ନେବା ଉଚିତ । କିନ୍ତୁ ଆରମ୍ଭରୁ ସାହାରା ନେବା ଠିକ୍ ନୁହେଁ ବୋଲି କୁହାଯାଏ । ସଂକଳ୍ପ ମଧ୍ୟ ଏହି ଶ୍ରେଣୀ ଭୁକ୍ତ । ସଂକଳ୍ପ ପ୍ରତ୍ୟେକ ମଣିଷ ଶକ୍ତିପାଏ କିନ୍ତୁ ବିନା ସଂକଳ୍ପରେ ଶକ୍ତି ପ୍ରାପ୍ତ କରିବା ଆହୁରି ଭଲ ।
ବିନୋବାଜୀ	ସଂକଳ୍ପ ସର୍ବଦା ଦୁର୍ବଳମାନଙ୍କର ସାଧନ ହୁଏ ନାହିଁ । ବାପୁ ସଂକଳ୍ପ ଆଗ୍ରହୀ ଥିଲେ । ତାଙ୍କ ପକ୍ଷରେ ତ ଦୁର୍ବଳତା ପ୍ରଶ୍ନ ହିଁ ଉଠେ ନାହିଁ । ସତ କଥା ହେଲା ଯେ ସଂକଳ୍ପ ଦ୍ୱାରା ମାର୍ଗ ନିଶ୍ଚିତ ହୋଇଯାଏ ।
ମୋରାରଜୀ	ସଂକଳ୍ପରେ ସୁବିଧା ଅଛି ନିଶ୍ଚୟ କିନ୍ତୁ ତାକୁ ଭାଙ୍ଗିବା କଷ୍ଟ ସାଧ୍ୟ । ନିଜକୁ ଠକି ସଂକଳ୍ପ ଭାଙ୍ଗିଲେ ମନୁଷ୍ୟର ବହୁତ କ୍ଷତି ହୁଏ ।
ବିନୋବାଜୀ	ମନୁ ଭଗବାନ ଏ ବିଷୟରେ ଉତ୍ତମ ନୀତି ବୁଝାଇଛନ୍ତି । ସେ କହିଛନ୍ତି କି, ମହାନ ବିଷୟରେ ସଂକଳ୍ପ ନେବା ଉଚିତ । ଛୋଟ ବିଷୟରେ ନିୟମ କରିବା ଉଚିତ । ''ଯଜମାନ ସେବେତ୍ ସତତମ୍ ଅନିତ୍ୟମ ନିୟମାନ ।''
ମୋରାରଜୀ	ଭାଙ୍ଗିବା ଭଳି ସଂକଳ୍ପ ନେଲେ ସେଥିରେ ଆତ୍ମ ପ୍ରବଞ୍ଚନାର ସମ୍ଭାବନା ଥାଏ । ମାର୍ଗ ତ ସ୍ୱୟଂ ନିଜକୁ ଖୋଜିବାକୁ ହେବ । ଲୋକାପବାଦ ଭୟରେ ସଂକଳ୍ପ ନେଲେ ତାହା ହାନିକାରକ ହୁଏ । ସଂକଳ୍ପ କଲେ ତା'କୁ ଭାଙ୍ଗିବା କଠିନ ହୁଏ, ସଂକଳ୍ପ ପାଳନ କରିବା ଭଲ, କିନ୍ତୁ ଲୋକମାନଙ୍କ ବାହା ବାହା ପାଇଁ ଏହା କରିବା ଉଚିତ ନୁହେଁ । ଶେଷରେ ତ ମନୁଷ୍ୟ ନିଜେ ଯେତିକି ସମ୍ଭାଳି ପାରିବ ସେତିକି ରକ୍ଷା କରିପାରିବ । ଯେଉଁଠି ନିଜର ବୁଦ୍ଧି କାମ ନକରେ ସେଠାରେ ତା'ର ଯାହା ଉପରେ ଭରସା ଅଛି ତା'ରି କଥା ଶୁଣିବା ଉଚିତ । ଶ୍ରଦ୍ଧା ବା ସମ୍ମାନ କରିଆରେ କାହାରିଠାରୁ କୌଣସି କାମ କରାଇବା ଉଚିତ ନୁହେଁ । ଏହାଦ୍ୱାରା ନିଜର ବିକାଶ ବାଧାପ୍ରାପ୍ତ ହୁଏ କାରଣ ଆପଣଙ୍କ କଥା ନ ମାନିଲେ ଆପଣ ଭାବିବେ ଯେ ତାଙ୍କର ଆପଣଙ୍କ ଉପରେ ବିଶ୍ୱାସ ନାହିଁ ।
ବିନୋବାଜୀ	ଏହା ସତ୍ୟ ଅଟେ । ନିଜର ଭାବନା ଅନ୍ୟ ଦ୍ୱାରା କାର୍ଯ୍ୟକାରୀ କରାଇବା ସ୍ୱତନ୍ତ୍ରତାର ଲକ୍ଷଣ ନୁହେଁ ।

Digitized by srujanika@gmail.com

ମୋରାରଜୀ — ଲୋକତନ୍ତ୍ର ଅନୁପସ୍ଥିତିରେ ଏପରି ବାତାବରଣ ଆସିପାରିବ ନାହିଁ । କେତେକ କୁହନ୍ତି ଯେ ଲୋକତନ୍ତ୍ର ଜରିଆରେ ଦାରିଦ୍ର୍ୟ ଶୀଘ୍ର ଦୂର ହୋଇପାରିବ ନାହିଁ । ତେଣୁ ଏକଛତ୍ରବାଦ (ଡକ୍ଟେରସିପ୍) ଆସିବା ଉଚିତ । କିନ୍ତୁ ଲୋକତନ୍ତ୍ର ପଦ୍ଧତି ଲୋପ ପାଇଲେ ଆମେମାନେ ଧ୍ୱଂସ ହୋଇଯିବା । ଏ ଦେଶର ଲୋକମାନଙ୍କ ମନରେ ଭୟ ଆଗରୁ ଅଛି । ଏକଛତ୍ରବାଦ ଶାସନରେ ଲୋକମାନେ ଆହୁରି ଭୟଭୀତ ହେବେ । ଭୟ ମନୁଷ୍ୟର ସବୁଠାରୁ ହାନିକରକ ଗୁଣ ଅଟେ । ସେଥିରୁ ମନୁଷ୍ୟକୁ ରକ୍ଷା କରିବା ମହାନ କର୍ମ ଅଟେ । ଯେତେ ଦିନ ଯାଏ ଜଣେ ମତେ ଭୟ କରିବ ସେତେଦିନ ଯାଏ ମୁଁ ଅନ୍ୟ କାହାକୁ ନିଶ୍ଚୟ ଭୟ କରିବି ।

ବିନୋବାଜୀ — ସମସ୍ତେ ତାଙ୍କ ନିକଟରେ ନିର୍ଭୟ ହୁଅନ୍ତୁ -- ଏଥିପାଇଁ ବାପୁ ପୂର୍ଣ୍ଣ ପ୍ରଯତ୍ନ କରୁଥିଲେ ।

ମୋରାରଜୀ — ବାପୁ ନଥିଲେ ଦେଶ ଏତେ ଉପରକୁ ଉଠି ପାରି ନଥା'ନ୍ତା । ଆଜି ଲୋକତନ୍ତ୍ରୀୟ ପଦ୍ଧତି ଠିକ୍ ଭାବରେ ଚାଲୁଛି -- ଏହା ବି ବାପୁଙ୍କ ପ୍ରଯତ୍ନର ଫଳ ଅଟେ । ସେ କଂଗ୍ରେସରେ ଲୋକତନ୍ତ୍ରୀୟ ପଦ୍ଧତି ସର୍ବଦା ଜାରି ରଖୁଥିଲେ । ଏ ରାସ୍ତାରେ ଚାଲିଲେ ହିଁ ଆମର ଶକ୍ତି ବଢ଼ିବ । ଶୀଘ୍ର ପରିଣାମ ପାଇଁ ଅନ୍ୟ କିଛି କରି ବସିଲେ ସେଥିରେ ହାନ ହେବ । ଯେ ବିଷୟକୁ ଆସିଥିବାରୁ ଆରମ୍ଭରେ ମୋ ନିଜ କଥା କହୁଛି । ୧୯୫୨ ନିର୍ବାଚନରେ ମୋର ଗୋଟିଏ ଭ୍ରମ ଧାରଣା ଦୂର ହୋଇଗଲା । ନିର୍ବାଚନରେ ନିଜର ବିଫଳତାରୁ ମତେ ଦଣ୍ଡ ମିଳିଲା -- ହାରିବାରୁ ନୁହେଁ, ବରଂ ମୋର ଭ୍ରମ ଧାରଣାରୁ ଏଇ ଭ୍ରମ ଧାରଣା ଦୂର ହୋଇଗଲା । ମୋର ଧାରଣା ଥିଲା ଯେ ନିଜ ପସନ୍ଦ ରାସ୍ତାରେ ଚାଲିବି ଅର୍ଥାତ୍ ମନ୍ତ୍ରୀପଦରୁ ମୁକ୍ତ ହୋଇ ଅନ୍ୟ କାମରେ ଲାଗିଯିବି -- ମୁଁ କୌଣସି ଜିନିଷ ପାଇବାକୁ ଇଚ୍ଛା କରି କାମ ଆରମ୍ଭ କରେ ନାହିଁ ଓ ମୋ ମୁଣ୍ଡ ଉପରକୁ ଆସିଥିବା ଦାୟିତ୍ୱ ଏଡ଼ାଇ ଦିଏ ନାହିଁ । ସେ ନିର୍ବାଚନ ପରେ ମୁଁ ଭାବିଥିଲି ଯେ ନିଜ ଇଚ୍ଛାନୁସାରେ କୌଣସି କାମ କରିବି । କିନ୍ତୁ ଏହା ମୋର ଭ୍ରମ ଧାରଣା ଥିଲା । ନିର୍ବାଚନ ପରେ ଯାହା ସବୁ ହେଲା ସେଥିରେ ମୋର ଭ୍ରମ ଦୂର ହୋଇଗଲା । ବିଧାତା ମୋ ପାଇଁ ଠିକ୍ କରିଥିବା କାମ ମତେ କରିବାକୁ ପଡ଼ୁଛି ।

ପୂର୍ବ ନିର୍ବାଚନ ସମୟରୁ ବାଲାସାହେବ ନିର୍ବାଚନରେ ଛିଡ଼ା ନ ହେବା ପାଇଁ ନିଶ୍ଚୟ କରିଥିଲେ । ଶ୍ରୀ ଶଙ୍କର ରାଓ ଦେଓ ତାଙ୍କୁ କହିଥିଲେ ଯେ ଏହାକୁ ବିଶ୍ୱାସଘାତକତା କୁହାଯାଏ । ବାଲାସାହେବଙ୍କୁ ଏକଥା ଭଲ ଲାଗିଲା ନାହିଁ । ସେ ତ ନିଜେ ନିର୍ବାଚନରେ ନ ଲଢ଼ିବାକୁ ଠିକ୍ କରିଥିଲେ । କିନ୍ତୁ ମତେ ନିର୍ବାଚନ ଲଢ଼ିବାକୁ ଆଗ୍ରହ କଲେ । ଏ ସମସ୍ୟା ଥିଲା ଯେ ବମ୍ବେ, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ ମିଶ୍ରିତ ରାଜ୍ୟର ଅସୁବିଧା କିପରି ଦୂର କରାଯିବ । ଶାସନ ଚଳାଇବା ବଡ ମୁସ୍କିଲ କାମ, ବିଶେଷତଃ ସେମାନଙ୍କ ପାଇଁ ଯେଉଁମାନେ ସତ୍ୟ ବା ଆତ୍ମାର ଦର୍ଶନ ଇଚ୍ଛା କରନ୍ତି । ରାଜ୍ୟ ଶାସନକାମରେ ମିଥ୍ୟା ଚଳିପାରେ -- ଆଗରୁ ଏପରି ଧାରଣା ଥିଲା । ଆଜି ପର୍ଯ୍ୟନ୍ତ ରାଜ୍ୟ ଏଭଳି ସିଦ୍ଧାନ୍ତ ଉପରେ ଚାଲିଛି । ମହାଭାରତ ଯୁଗରେ ମଧ୍ୟ ଏପରି ଭାବନା ଥିଲା । ବାପୁ ନୂଆ ରାସ୍ତା ଦେଖାଇଲେ । ସେ କହିଲେ ଯେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ

Digitized by srujanika@gmail.com

ମୁହୂର୍ତ୍ତରେ ସତ୍ୟ ପାଳନ କରିବା ଉଚିତ । ରାଜନୀତିରେ, ସତ୍ୟର ଆଧାରରେ ବିଶ୍ୱାସ କରୁଥିବା ବ୍ୟକ୍ତି ସ୍ୱୟଂ ଶାସନ କାମ ହାତକୁ ନେଲେ ଏହା ପାଳନ କରିବା ସମ୍ଭବ ହୋଇପାରିବ । ଶାସନରେ ଦାୟିତ୍ୱରୁ ଦୂରରେ ରହିଲେ କାମ ଚଳିବ ନାହିଁ ବରଂ କାମ କରିବା ସମୟରେ ଧ୍ୟାନ ଦେବା କଥା ଯେ ସତ୍ୟ ପାଳନ କରାଯାଉଛି । ଶାସନ କାର୍ଯ୍ୟରେ କର୍ମଚାରୀ ଓ ସାଥିମାନଙ୍କ ଉପରେ କିଛି ନା କିଛି ବିଶ୍ୱାସ ରଖିବାକୁ ହୁଏ । ସେ ଅସତ୍ୟ ସାହାରର କାମ କଲେ ତାଙ୍କ ଦୋଷ ଶେଷକୁ ମୋ ଉପରକୁ ଆସିବ । ଦୁଇ ତିନିଥର ମୋ ମନରେ ଏ ବିଚାର ଆସିଥିଲା ଯେ ହାରିଗଲେ ବଞ୍ଚିଯିବି । ମୋ ଜୀବନର ନିୟମ ଯେ ଈଶ୍ୱର ଯେଉଁ କାମ ମତେ ସମର୍ପିବେ ତା'ଠାରୁ ଦୂରେଇବା ଉଚିତ ନୁହେଁ । କିନ୍ତୁ ମୁଁ ନିଜକୁ ଈଶ୍ୱରଙ୍କ ଠାରୁ ବେଶି ବୁଦ୍ଧିମାନ ଭାବି ସେ କାମରୁ ବଞ୍ଚିଯିବାକୁ ଇଚ୍ଛା କରିଥିଲି । ସେଥିରେ ମୁଁ ହାରିଗଲି । ଆଉ ଥରେ ମତଗଣନା ହୋଇଥିଲେ ମୁଁ ନିଶ୍ଚୟ ଜିତି ଥାନ୍ତି । କିନ୍ତୁ ମୁଁ ଜାଣିଶୁଣି ସେ ବିଚାର ତ୍ୟାଗ କରିଥିଲି । କିନ୍ତୁ ହାରି କରି ବି ମୁଁ ବଞ୍ଚିପାରିଲି ନାହିଁ । ବାଲାସାହେବ ମତେ ଖବର ଦେଲେ ଯେ ତାଙ୍କ ସହିତ ସାକ୍ଷାତ ନ କରି ମୁଁ ଏ ବିଷୟରେ କୌଣସି ବକ୍ତବ୍ୟ ଦେବି ନାହିଁ । ମୁଁ ଯାଇ ତାଙ୍କ ସହିତ କଥାବାର୍ତ୍ତା କଲି । ସେ କହିଲେ ଆପଣ ଛାଡିପାରିବେ ନାହିଁ । ମୁଁ କହିଲି ଲୋକେ ମତେ ଚାହାନ୍ତି ନାହିଁ । ସେ କହିଲେ ଆପଣଙ୍କ ଛଡା କାମ ଚଳିବ ନାହିଁ । ମୁଁ କହିଲି ମୁଁ ମରିଯାଇଥିଲେ କାମ କିପରି ଚଳନ୍ତା ? ସେ କହିଲେ, ''କିନ୍ତୁ ଯେତେଦିନ ଯାଏ ଆପଣ ଜୀବିତ ଅଛନ୍ତି ସେତେ ଦିନଯାଏ କାମ କରିବା ଉଚିତ ।'' ପରେ ଏକଥା ମଧ୍ୟ କହିଲେ, ''ତେବେ ଅନ୍ୟ କାହା ନାମ ବତାନ୍ତୁ ଯେ ଆପଣଙ୍କ ସ୍ଥାନରେ କାମ କରିପାରେ ।'' ମତେ ସ୍ୱୀକାର କରିବାକୁ ପଡିଥିଲା ଯେ ପ୍ରକୃତରେ କୌଣସି ଯୋଗ୍ୟ ବ୍ୟକ୍ତିର ନାମ ମତେ ଜଣାନଥିଲା । ମହାରାଷ୍ଟ୍ର ତରଫରୁ ମତେ ବେଶି ଆଗ୍ରହ କରାଯାଇଥିଲା । ଶ୍ରୀ ନାଥଜୀ; ଶ୍ରୀ କିଶୋରୀଲାଲ ଭାଇ ମଧ୍ୟ ଏହି ପରାମର୍ଶ ଦେଲେ । ବାଲାସାହେବ କହିଲେ, ''ମୁଁ କହିଲେ ଆପଣ ମାନିବେ ନାହିଁ କିନ୍ତୁ କଂଗ୍ରେସ କାର୍ଯ୍ୟ ସମିତି କହିଲେ ଆପଣ ମାନିବେ ତ ।'' ମୁଁ ତାଙ୍କୁ କହିଲି, ''ଏଥିପାଇଁ ଆପଣ ତାଙ୍କୁ କହିବେ ନାହିଁ, ସେମାନେ ସ୍ୱୟଂ ମତେ କହିଲେ ମୁଁ ମାନିବି ।'' କିନ୍ତୁ ଇତି ମଧ୍ୟରେ ଜବାହରଲାଲଜୀଙ୍କ ଚିଠି ଆସିଗଲା କି ଆପଣ କିଛି ବିଚାର ନ କରି ନିଜ ସ୍ଥାନରେ ରହିଥାଆନ୍ତୁ ଓ କାର୍ଯ୍ୟସମିତି ନିର୍ଣ୍ଣୟାନୁସାରେ ମତେ ରହିବାକୁ ପଡିଲା । ରହିବାରୁ ମୋ ଅଭିମାନ ଦୂର ହୋଇଗଲା । ମୋର ନମ୍ରତା ବଢିଲା, ମୋର ଶକ୍ତି ବଢିଲା । ସବୁଦିନେ ମତେ ବିଦ୍ରୂପ ଶୁଣିବାକୁ ପଡୁଥିଲା ଯେ ହାରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଠାରେ କିଛି ନମ୍ରତା ଦେଖାଯାଉଛି । ରହିବା ମଞ୍ଜୁର କରିବା ଆଗରୁ ମୁଁ କହିଦେଇ ଥିଲି ଯେ ଆମ ଦଳର କୌଣସି ଜଣେ ସଦସ୍ୟ ବିରୋଧ କଲେ, ମୁଁ ଦାୟିତ୍ୱ ଗ୍ରହଣ କରିବି ନାହିଁ । କିନ୍ତୁ ସମସ୍ତେ ମତେ ଏଥିପାଇଁ ଆଗ୍ରହ କଲେ । ଏକଥା ମୁଁ ମଧ୍ୟ କହିଥିଲି ଯେ କୌଣସି ନିର୍ଣ୍ଣୟ ନେବାବେଳେ ଆପଣ ସମସ୍ତଙ୍କୁ କୌଣସି ବିଷୟ ଠିକ୍ ଲାଗୁଥିଲେ ଓ ମୋ ମତ ଅଲଗା ହେଲେ ସମସ୍ତଙ୍କୁ ମୋ ନିର୍ଣ୍ଣୟ ମାନିବାକୁ ହେବ ନହେଲେ ମୁଁ ହଟିଯିବି । ଏ ସର୍ତ୍ତକୁ ବି ସେମାନେ ପ୍ରସନ୍ନତା ପୂର୍ବକ ସ୍ୱୀକାର କଲେ ।

Digitized by srujanika@gmail.com

ଆପଣ ସର୍ବସମ୍ମତି କଥା କହୁଛନ୍ତି । ତେବେ ଶୁଣନ୍ତୁ । ପାର୍ଟି କାମତ ଏପରି ଚଳେ କିନ୍ତୁ ବିପକ୍ଷଙ୍କ ସମ୍ମତି ନେବା ସମ୍ଭବ ନୁହେଁ । ଏକଥା ଠିକ୍ ଯେ ବିପକ୍ଷଙ୍କ ପ୍ରତି ଆମର ଏପରି ମନୋଭାବ ରଖିବା ଉଚିତ ଯଦ୍ଦ୍ୱାରା ସେ ନିଜକୁ ଶତ୍ରୁ ବୋଲି ଭାବିବେ ନାହିଁ କି ଆମେ ତାଙ୍କ ସହିତ ଶତ୍ରୁତା ରଖିବା ନାହିଁ । ଏହାର ଫଳାଫଳ ଭଲ ହେବ । ଏଥିରେ ସ୍ନେହ, ପ୍ରେମ ମିଳେ । ବମ୍ବେରେ ଏହି କାରଣରୁ ପାର୍ଟି କାମ ଭଲ ଭାବରେ ଚଳୁଛି ।

ବିନୋବାଜୀ — ବମ୍ବେ ମିଳିତ ମିଶ୍ର ପ୍ରଦେଶ ହୋଇ ବି ?

ମୋରାରଜୀ — ମହାରାଷ୍ଟ୍ରରୁ ମତେ ବେଶି ସମର୍ଥନ ମିଳୁଛି । ହୀରେ (ଭାଉସାହେବ) ମୋ କଥା ନ ମାନିଲେ ବି । ମନ୍ତ୍ରୀମଣ୍ଡଳ ଗଢିବା ବେଳେ ଏହି ପ୍ରଶ୍ନ ଉଠିଥିଲା । ମୁଁ କହିଲି ମୋ ମନ୍ତ୍ରୀମଣ୍ଡଳ ଏପରି ହେବା ଉଚିତ ଯେପରି ସମସ୍ତେ ଏକହୋଇ କାମ କରିପାରିବେ । ବହୁତ ବିଚାର ବିମର୍ଶ ପରେ ସ୍ଥିର ହେଲା ଯେ ମନ୍ତ୍ରୀମଣ୍ଡଳରେ ମହାରାଷ୍ଟ୍ରରୁ ୪, ଗୁଜରାଟରୁ ୩, କର୍ଣ୍ଣାଟକରୁ ୧ ଓ ବମ୍ବେରୁ ୧ ମନ୍ତ୍ରୀ ନିଆଯିବା ଉଚିତ । ଏଥିରୁ ଅଧିକ ନେଲେ ମୁଁ ଭାବୁଥିଲି ଯେ କୌଣସି ମୁସଲମାନଙ୍କୁ ନେବା ପ୍ରଶ୍ନ ତଥା ଅନ୍ୟ ପ୍ରଶ୍ନ ଉଠିଥାଆନ୍ତା । ଏ ବିଷୟରେ ମୁଁ ସମସ୍ତଙ୍କ ମତ ନେଲି, ନାମ ବିଷୟରେ ମଧ୍ୟ ଚର୍ଚ୍ଚା କଲି । ପ୍ରାଦେଶିକ କଂଗ୍ରେସ୍ ଅଧ୍ୟକ୍ଷଙ୍କ ସହିତ କଥାବାର୍ତ୍ତା ହେଲା । କାନ୍ହଜୀ ଭାଇ ଓ ମୁଁ ତ ଗୋଟିଏ ବିଚାରର ଲୋକ ତେଣୁ ତାଙ୍କ ସହମତ ତ ଥିଲା । ପଟିଲ (ଏସ୍.କେ)ଙ୍କ ଆଗ୍ରହ ଥିଲା ଅନ୍ୟ ଜଣଙ୍କୁ ନେବା ପାଇଁ । କିନ୍ତୁ ମୁଁ ମନା କଲି । ଶେଷରେ ସେ ନିଜେ ହିଁ ସ୍ୱୀକାର କରିଲେ ଯେ ସେ ଯାହାଙ୍କ କଥା ଭାବୁଥିଲେ ସେ ମୋ ବିଚାର ବ୍ୟକ୍ତି ଅପେକ୍ଷା ଭଲ ନଥିଲେ ।

ମୁଁ ଭାବିଥିବା ମହାରାଷ୍ଟ୍ରର ଚାରି ନାମରୁ ଦୁଇଜଣଙ୍କ ପାଇଁ ହୀରେ ଏକମତ ଥିଲେ । କିନ୍ତୁ ନିମ୍ବଲ କର ଓ ତପାସେ -- ଏ ଦୁଇଜଣଙ୍କ ପାଇଁ ସେ ଏକମତ ନଥିଲେ ମୁଁ କହିଲି, ଏହା ହୋଇପାରିବ ନାହିଁ । ନିମ୍ବଲକର ଜଣେ ଉତ୍ତମ ବ୍ୟକ୍ତି ଓ ତାଙ୍କୁ ନେବାରେ ବସ୍ତୁତଃ ଏହା ଦୃଷ୍ଟିରେ ଥିଲା ଯେ ରାଜ୍ୟ ହରାଇଥିବା ଜଣଙ୍କୁ ନେବା ଉଚିତ । ନିମ୍ବଲକର ନିଜ ରାଜ୍ୟ ମିଶ୍ରଣ ବେଳେ ନିଜ ଇଚ୍ଛାରେ ରାଜ କୋଷରୁ ୪୦ ଲକ୍ଷ ଟଙ୍କା ଦେଇଥିଲେ । ନିଜ ରାଜ୍ୟ ଶାସନ ମଧ୍ୟ ସେ ଶ୍ରଦ୍ଧାର ସହ କରୁଥିଲେ । ମୁଁ ତାଙ୍କୁ ମନ୍ତ୍ରୀ ହେବାକୁ କହିବାରୁ ସେ ମନା କଲେ । ସେ କହିଲେ ଏବେ ମୁଁ ଚାଷରେ ଆଠ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି, ମତେ ସେଇ କାମ କରିବାକୁ ଦିଅନ୍ତୁ । ମୁଁ କି ତାଙ୍କୁ ଛାଡେ ? ମୁଁ କହିଲି ଚାଷ ପିଲାମାନେ ସମ୍ଭାଳିବେ । ବହୁତ କହିବା ଶୁଣିବା ପରେ ଶେଷରେ ସେ ମୋ କଥା ସ୍ୱୀକାର କଲେ । ଯେ ଏତେ ବଡ ତ୍ୟାଗ କରିଛନ୍ତି ତାଙ୍କୁ ମୁଁ କିମିତି ଛାଡିଦେବି ? ପ୍ରକୃତ କଥା ହେଲା, ସେ ହୀରେଙ୍କ କଥାରେ ଚଳୁ ନଥିଲେ ଓ ବ୍ରାହ୍ମଣ ଅବ୍ରାହ୍ମଣ ଭେଦଭାବ ମାନୁ ନଥିଲେ । ଏଇକଥା ତପାସେଙ୍କ ମାମଲାରେ ହେଲା । ହରିଜନ, ମୁସଲମାନ ଓ ଇସାଇମାନଙ୍କ ମଧ୍ୟରେ ଜଣଙ୍କୁ ନେବାର ଥିଲା । ଏମାନଙ୍କ ମଧ୍ୟରେ ତପାସେଙ୍କ ଅପେକ୍ଷା ଉତ୍ତମ ଲୋକ କେହି ନଥିଲେ । ହୀରେ କହିଲେ ଯେ ସେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବେ ନାହିଁ । ଏହିପରି ଆରମ୍ଭରେ ହିଁ ସଂଘର୍ଷ ହେଲା ।

Digitized by srujanika@gmail.com

ସେ ଜବାହରଲାଲଜୀଙ୍କ ପାଖକୁ ଗଲେ । ମୁଁ କହିଲି ତାଙ୍କୁ ମୋ ବିଷୟରେ ଯାହା କହିବାର ଅଛି ସେ ମୋ ଆଗରେ କହିବା ଉଚିତ ଓ ଯେ ମୋ ଆଗରେ ମୋ ପ୍ରତି ଅସନ୍ତୋଷ ବ୍ୟକ୍ତ କରନ୍ତି ତାଙ୍କ ସହିତ ମୁଁ କାମ କରିପାରିବି ନାହିଁ । ହୀରେ ଶେଷଯାଏ ମୁଁ କହିଥିବା ନାମ ସ୍ୱୀକାର କରିନଥିଲେ ।

ରବିବାର ଦିନ ଏ ଘଟଣା ହୋଇଥିଲା । ସୋମବାର ଦିନ ମତେ ଗଭର୍ଣ୍ଣରଙ୍କୁ ମନ୍ତ୍ରୀମାନଙ୍କ ନାମ ଦେବାର ଥିଲା । ମୁଁ ଯଶବନ୍ତ ରାଓଙ୍କୁ ପଚାରିଲି ହୀରେ ନ ଆସିଲେ ଆପଣ କ'ଣ କରିବେ ? ସେ କହିଲେ ହୀରେ ନ ଆସିଲେ ମଧ୍ୟ ସେ ମନ୍ତ୍ରୀମଣ୍ଡଳରେ ରହିବାକୁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ଆପଣ ମତେ କୁହନ୍ତୁ ମୁଁ କ'ଣ କରିବି । ମୁଁ କହିଲି ଆପଣଙ୍କୁ ହୀରେଙ୍କ କଥା ଠିକ୍ ଲାଗୁଥିଲେ, ସେଇ ଅନୁସାରେ କରିବା ଉଚିତ ହେବ । କିନ୍ତୁ ତାଙ୍କ କଥା ଆପଣଙ୍କୁ ଠିକ୍ ନ ଲାଗୁଥିଲେ ମୋ କହିବା ମାନନ୍ତୁ । ମୋ କଥା ଠିକ୍ ଲାଗିଲେ ମଧ୍ୟ ଆପଣ ମନ୍ତ୍ରୀ ନ ହେବାକୁ ଚାହିଁଲେ କୌଣସି ଚିନ୍ତା ନାହିଁ । ମୋର ଅପମାନ ହେଲେ ସେଥିରେ ମତେ ଆଘାତ ଲାଗିବ ନାହିଁ, କିନ୍ତୁ ଏ ତ ଆପଣଙ୍କ ସାର୍ବଜନିକ ଜୀବନର ଆରମ୍ଭ । ତେଣୁ ଆପଣଙ୍କୁ ଭଲ ଭାବରେ ବିଚାର କରିବା ଉଚିତ । ଦୁଇ ମିନିଟ୍‌ରେ ହିଁ ସେ ବିଚାର କରି ମତେ କହିଲେ ଯେ ହୀରେ ନ ଆସିଲେ ମଧ୍ୟ ସେ ଆସିବାକୁ ପ୍ରସ୍ତୁତ । ହୀରେଙ୍କୁ ମୁଁ କହିଥିଲି ଯେ ଆପଣ ଆସି ଦେଖନ୍ତୁ । ଆପଣଙ୍କ ପ୍ରତି ଅନ୍ୟାୟ ଲାଗିଲେ ଆପଣ ପରେ ବାହାରି ଯାଇପାରନ୍ତି । ବିଭାଗ ବଣ୍ଟନରେ ମୁଁ ହୀରେଙ୍କୁ ଅସନ୍ତୁଷ୍ଟ କରି ନଥିଲି । ଯଦିଓ ମୁଁ ତାଙ୍କୁ କହିଥିଲି ଯୋଗ୍ୟତାନୁସାରେ ବିଭାଗ ବଣ୍ଟା ହେବ ।

କର୍ଣ୍ଣାଟକ ବାଲା କହିଲେ ଯେ ଆମର ତିନିଜଣଙ୍କୁ ମନ୍ତ୍ରୀମଣ୍ଡଳରେ ନିଅନ୍ତୁ । କିନ୍ତୁ ସେଠାରେ ଏତେ ଯୋଗ୍ୟ ବ୍ୟକ୍ତି ନଥିଲେ । ତାଙ୍କୁ ମଧ୍ୟ ମୁଁ କହିଥିଲି ଯେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ ଇଚ୍ଛାଥିଲେ ଆସ ନ ହେଲେ ନ ଆସ । ରାତିକୁ ସେମାନେ ମଧ୍ୟ ମାନିଗଲେ, କାମ ଆରମ୍ଭ ପରେ ଏ ବିଷୟରେ କୌଣସି ଗୋଳମାଳ ହୋଇ ନଥିଲା । କେବଳ ଡା'ଙ୍ଗର ପ୍ରଶ୍ନ ରହିଲା କିନ୍ତୁ ମୁଁ ଏ ବିଷୟରେ କିଛି କହିବି ନାହିଁ । ରାଜ୍ୟ ପୁନର୍ଗଠନ ଆୟୋଗ ଏ ବିଷୟ ବିଚାର କରିବେ ।

ମୁଁ ଜାଣେ ଯେ ଆପଣ ଭାଷା ସୂତ୍ରରେ ରାଜ୍ୟ ଗଠନ ପକ୍ଷରେ । କିନ୍ତୁ ବମ୍ବେରେ ତ ଯେମିତି ଅଛି ଠିକ୍ ଚାଲୁଛି । ଏଥିରେ ଦୁର୍ବଳତା ଲୁଚି ଅଛି । ଭାଷାନୁସାରେ ଅଲଗା ଅଲଗା ରାଜ୍ୟ ତିଆରି ହେଲେ ଆମେ ଆଞ୍ଚଳିକ କ୍ଷେତ୍ରରେ ପରିଣତ ହୋଇଯିବା ଓ ବମ୍ବେର ବର୍ତ୍ତମାନ ପ୍ରତିଷ୍ଠା ଆଉ ରହିବ ନାହିଁ । ସାରା ଦେଶରେ ଏହାର ପ୍ରଭାବ ପଡିବ । ବମ୍ବେରେ ଶାସନ ଭଲ, ଯାହାର ପ୍ରଭାବ ଅନ୍ୟ ପ୍ରଦେଶ ଉପରେ ପଡୁଛି । ଆମକୁ ବହୁତ ଦାୟିତ୍ୱ ନେବାକୁ ହେବ । ବମ୍ବେ ରାଜ୍ୟ ଏକ ରହିଲେ ବିଶ୍ୱାସନୀୟତା ବଢିବ ଓ ପଇସା ବହୁତ ମିଳିବ । ଆଜି ବି ଏହି ଅନୁଭୂତି, ଉତ୍ତର ପ୍ରଦେଶ ଅପେକ୍ଷା ଅଧିକ ସମ୍ବଳ ଆମକୁ ମିଳୁଛି । ଲୋକମାନେ ଭାବୁଛନ୍ତି ଅଲଗା ହେଲେ କାମ ବଢିବ । କିନ୍ତୁ ଏହା ସତ ନୁହେଁ । ମତେ ତ ରାଜ୍ୟ ପୁନର୍ଗଠନ ଆୟୋଗ ବି ଠିକ୍

Digitized by srujanika@gmail.com

ଲାଗିଲା ନାହିଁ । ଆନ୍ଧ୍ର ଅଲଗା ରାଜ୍ୟ ହେବା ମତେ ଭଲ ଲାଗି ନଥିଲା । କିନ୍ତୁ ଈଶ୍ୱରଙ୍କ ଇଚ୍ଛା ହିଁ ସାଧିତ ହେବ । ବାପୁ, ଶେଷ ପର୍ଯ୍ୟନ୍ତ ପାକିସ୍ତାନ ତିଆରି ହେବା ବିରୁଦ୍ଧରେ ଥିବା ସତ୍ତ୍ୱେ ସେ ତାହା ବନ୍ଦ କରିପାରିଲେ ନାହିଁ । ତେଣୁ ସେ ବିଷୟରେ ଆମେ ବା କ'ଣ ? ବମ୍ବେ ରାଜ୍ୟ ଭାଗ ଭାଗ ହେଲେ ମତେ ଦୁଃଖ ଲାଗିବ ନାହିଁ । ଆଜି ଯାଏ ଈଶ୍ୱରଙ୍କ କୃପାରେ ସବୁ ଠିକ୍ ଚାଲିଛି ।

ମତେ ଆପଣଙ୍କ ସହିତ କେବଳ ଭୂଦାନ ସମ୍ୱନ୍ଧରେ ନୁହେଁ, ଅନ୍ୟ ଅନେକ ବିଷୟରେ କହିବାକୁ ଅଛି । ମୁଁ ଏ ଭୂମିକା ତିଆରି କରିଲି ତେଣୁ ଆପଣ ମୋ ମନ ଓ ମୋ ଚିନ୍ତାଧାରା ଜାଣି ମୋ କଥା ବୁଝିବେ ।

ବିନୋବାଜୀ — ହଁ ଆପଣ ଯାହା ସବୁ କହିଲେ, ମୁଁ ଜାଣି ନ ଥିଲି ।

ମୋରାରଜୀ — ଆଗରୁ ଆପଣଙ୍କ ସାକ୍ଷାତ ହୋଇଥିଲେ ମୁଁ କହିଥାନ୍ତି । ହଁ, ମୁଁ ଯେଉଁ ନୀତି ଧରିଥିଲି ତା'ର ଭଲ ଫଳ ହେଲା । ଜବାହରଲାଲଜୀଙ୍କୁ ବି ମୁଁ କହିଥିଲି ଯେ ଆପଣ ମୋ ସହିତ ଯାହା ବ୍ୟବହାର କଲେ ସେଥିରେ ଲୋକେ କହିବେ ଯେ ଆପଣ ମୋ ସହିତ ପକ୍ଷପାତ କଲେ । କିନ୍ତୁ ସେ କହିଲେ ଯେ ଆପଣ ନ ରହିଲେ କାମ ଚଳିବ ନାହିଁ । ତେଣୁ ଆପଣ କଷ୍ଟ କରି ଏହା କରିବା ଉଚିତ । ମୁଁ ନିଜକୁ କହିଲି ତୁ ଯେଉଁଠି ଅଛୁ ସେଇଠି ରହ ଓ ଈଶ୍ୱର ଯାହା କରାଇବେ ତା' କରିଯା' । ଏଥିରେ ମୁଁ ସଶଙ୍କ ହୋଇଗଲି । କିନ୍ତୁ ଆପଣ କହୁଛନ୍ତି ଯେ ସବୁ ପକ୍ଷ ନେଇ କାମ କରିବାକୁ । ଏହା କିନ୍ତୁ ଅସମ୍ଭବ ଲାଗୁଛି ।

ଶାସନ ରହିତ ସମାଜର କଳ୍ପନା ତାତ୍ତ୍ୱିକ ଦୃଷ୍ଟିରୁ ଠିକ ଲାଗୁଛି କିନ୍ତୁ ପ୍ରକୃତ ଜୀବନରେ ଅସମ୍ଭବ । ବିଶ୍ୱ ମଧ୍ୟ ଏକ ପ୍ରକାର ନିଜକୁ ନିଜେ ଚଳିବା (ଅଟୋମେଟିକ୍) ଶାସନ ଅଟେ । ସମ୍ପୂର୍ଣ୍ଣ ତ କେବଳ ଈଶ୍ୱର ହୋଇପାରନ୍ତି । ଏକଥା ମୁଁ ନିଶ୍ଚୟ ମାନୁଛି ଯେ ଶାସନ କ୍ରମଶଃ ଏକଦମ୍ କମ୍ ହେବା ଉଚିତ । କିନ୍ତୁ ଶାସନ ଉଠାଇ ଦେଲେ ଆମେ ଶକ୍ତିଶାଳୀ ହୋଇପାରିବୁ ନାହିଁ । ଅପର ପକ୍ଷରେ ଆମ ଶକ୍ତି ସବୁବେଳେ ବଢିବାର ଆବଶ୍ୟକତା ଅଛି । ଯେଉଁଠାରେ ଶକ୍ତି ଦ୍ୱାରା କାମ ନଚଳେ ସେଠାରେ ଦୁର୍ବଳତା ଦୂର କରିବାକୁ ଶାସନର ଆବଶ୍ୟକତା ଥାଏ । କଲ୍ୟାଣକାରୀ ରାଜ୍ୟରେ ଶାସନ କ୍ଷମତା ପାଇଁ ହେବା ଉଚିତ ନୁହେଁ । ରାଜ୍ୟାଧିକାରୀମାନେ ଅଫିସର ନୁହେଁ, ସେବକ ହେବା ଉଚିତ । କିନ୍ତୁ ଏହା ଏତେ ସହଜ ନୁହେଁ ।

ସର୍ବଦା ଶାସନ-ରହିତ ହେବା ଅସମ୍ଭବ । ଖୁବ୍ ବେଶି ହେଲେ କ୍ଷମତା ସମସ୍ତଙ୍କ ଉପରେ ବୋଲି ଧରା ନଯାଏ । ରାଜ୍ୟର କ୍ଷମତା କମ୍ ହେବ । ଗ୍ରାମ ପଞ୍ଚାୟତ, ଲୋକାଲ ବୋର୍ଡ, ମ୍ୟୁନିସ୍‌ପାଲିଟି ଆଦିକୁ ମଧ୍ୟ ଆମେ କ୍ଷମତା ଦେଉଛୁ । ଦୁଇ ତିନି ବର୍ଷ ମଧ୍ୟରେ ଏପରି ଗୋଟିଏ ହେଲେ ଗ୍ରାମ ରହିବ ନାହିଁ ଯେଉଁଠି ଗ୍ରାମ ପଞ୍ଚାୟତ ନଥିବା । ନିର୍ବାଚନରେ ବହୁତ ଖର୍ଚ୍ଚ ହୁଏ । ଏଥିରେ ଅସତ୍ୟ, ଭ୍ରଷ୍ଟାଚାର ବଢେ । ଏଥିରୁ କୌଣସି ପ୍ରକାରେ ରକ୍ଷା ମିଳୁ -- ଏହା ଏକ ବଡ ପ୍ରଶ୍ନ ଅଟେ । ଭାବୁଥିଲି ଲୋକମାନଙ୍କୁ ଏକାଠି

Digitized by srujanika@gmail.com

କରି ହାତ ଉଠାଇ ମତ ନିଆଯାଉ । କିନ୍ତୁ ଏଥିରେ ବି ବିପଦ ଅଛି । ଏ ପ୍ରତ୍ୟକ୍ଷ ରୀତିରେ ଗୁଣ୍ଡାଗିରି ଚାଲିପାରେ । କିନ୍ତୁ ସେମାନଙ୍କ ଠାରୁ ଲୋକମାନେ ସ୍ୱୟଂ ନିଜକୁ ରକ୍ଷା ନକଲେ, ରାଜ୍ୟ କିଛି କରିପାରିବ ନାହିଁ । ପ୍ରତ୍ୟେକଙ୍କର ଶକ୍ତି ବଢିଲେ ଯାଇ ସମାଜ ନିର୍ଦ୍ଦୋଷ ହୋଇପାରେ । ଛୋଟ ଛୋଟ ଗାଁ ପାଇଁ ସାମୂହିକ ପଞ୍ଚାୟତର ଯୋଜନା କରାଯାଇଛି । ବର୍ତ୍ତମାନ ଗ୍ରାମ ପଞ୍ଚାୟତମାନଙ୍କୁ ଜମି କରର ୧୫ ପ୍ରତିଶତ ଦିଆଯାଉଛି ପରେ ୩୦ ପ୍ରତିଶତ ଦେବୁ ଓ ଦରକାର ହେଲେ ଏହାଠାରୁ ଅଧିକ ଦେବୁ । ତାଙ୍କ ଦ୍ୱାରା ଅଧିକ କାମ କରାଇବୁ । ତଳୁ ଶାସନ କରିବାର ଅନ୍ୟ ବାଟ ମଧ୍ୟ ଅଛି -- ଯଥା ବିକାଶ ଯୋଜନା, ମଜଦୂର ସଂଗଠନ, ଜଙ୍ଗଲ ମଣ୍ଡଳ ଆଦି, କିନ୍ତୁ ତା' ମଧ୍ୟ କଷ୍ଟ ସାଧ୍ୟ । କିନ୍ତୁ ତାକୁ ପାର କରିବାକୁ ହେବ ।

ସମସ୍ତଙ୍କ ସହଯୋଗ ନେବାର ଯେଉଁମାନେ ବିରୋଧ କରନ୍ତି ବା ଯେଉଁମାନେ ସରକାରକୁ ଭାଙ୍ଗିବାକୁ ଚାହାନ୍ତି ସେମାନଙ୍କ ସହଯୋଗ ନିଆଯାଇ ନ ପାରେ । ରାଜ୍ୟ ଚଳାଇବାରେ ଅସତ୍ୟର ସାହାରା ନିଆଯିବ ନାହିଁ ଏହା ନିଶ୍ଚୟ କରିଛି । ମତେ କେତେ ଲୋକଙ୍କ ଡାକ (ଚିଠିପତ୍ର)ଦେଖିବାକୁ ପଡୁଛି । ଜଣେ ପଚାରିଲେ ଆପଣ ଅନ୍ୟର ଚିଠି ଦେଖନ୍ତି ? ମୁଁ ସ୍ୱୀକାର କଲି । କମ୍ ଦେଖିବାକୁ ପ୍ରଯତ୍ନ କରିବି କିନ୍ତୁ ପଚାରିଲେ ମନା କରିପାରିବି ନାହିଁ । ନିଜର ଅଧିକାରୀମାନଙ୍କୁ ଓ ପୋଲିସ୍‌କୁ ମିଛ ନ କହିବାକୁ କହୁଛି । ଭୁଲ କଲେ କ୍ଷମା ଦେବି କିନ୍ତୁ ମିଛ କହିଲେ ନୁହେଁ । ପୋଲିସମାନେ ମାର୍‌ପିଟ୍ କାମ କରନ୍ତି ମୁଁ ତାଙ୍କୁ କହିଛି ଏପରି କଲେ କେହି ରକ୍ଷା କରିପାରିବେ ନାହିଁ । ବାପୁଙ୍କ ହତ୍ୟା ମାମଲାରେ କାହାକୁ ମାରପିଟ କରାଯାଇ ନାହିଁ । ଏଥିରେ ମୋର କେବଳ ଅଭିମାନ ନାହିଁ ଖୁସି ମଧ୍ୟ ହୋଇଛି । ସତ୍ୟରେ ଯେତେ ଶକ୍ତି ଅଛି, ଅସତ୍ୟରେ ହୋଇ ନପାରେ । ସମସ୍ତେ ତ ଏକଥା ମାନନ୍ତି ନାହିଁ କିନ୍ତୁ ମୋ ଆଗ୍ରହ ଯୋଗୁଁ ସେମାନଙ୍କର ସହାନୁଭୂତି ହୁଏ । ମୋ ସହିତ ପୋଲିସ ଏପଟ ସେପଟ କୁହନ୍ତି ନାହିଁ । ଏମରି କଲେ ମୁଁ ବୁଝେ ଯେ ସେ ଡରି ଏପରି ବ୍ୟବହାର କରନ୍ତି । ଏଥିରେ ଦୋଷ ମୋର । ଏ ବିଷୟରେ ମୁଁ ବହୁତ ପ୍ରଗତି କରିଛି ବୋଲି କହୁ ନାହିଁ କି ମୋ ସାଥିମାନଙ୍କ ହୋଇଛି ବୋଲି କହୁନାହିଁ । ଖରାପ କାମରୁ ନିବୃତ୍ତ ହେବାକୁ ମୋ ସାଙ୍ଗମାନେ ଚେଷ୍ଟା କରନ୍ତି ଓ ତାର ଭଲ ପରିଣାମ ମଧ୍ୟ ହୁଏ । ପରିଣାମ ଆସ୍ତେ ଆସ୍ତେ ହୁଏ କିନ୍ତୁ ହୁଏ ନିଶ୍ଚୟ । ସମସ୍ତେ ଏପରି ଭାବନ୍ତି ବୋଲି ମନେ ହୁଏ ନା, ସମସ୍ତଙ୍କୁ ବିଚାର କରିବା ପାଇଁ ପ୍ରେରିତ କରିବା ହିଁ ବଡ କାମ । ବମ୍ୱେରେ ସ୍ଥିତି ଯଦି ଠିକ୍ ଅଛି ତା ମୋ ଯୋଗୁଁ ନୁହେଁ । ଲୋକମାନେ ସହଯୋଗ କରୁଥିବାରୁ ଏ ସ୍ଥିତି ଆସିଛି । କେବଳ ପୋଲିସ୍ ଦ୍ୱାରା କିଛି ହୁଏ ନାହିଁ । ସମାଜରେ ଉଚ୍ଚ ସ୍ଥାନାଧିକାରୀମାନେ, ଉତ୍ତମ ବ୍ୟକ୍ତି ହେବା ଉଚିତ ।

ସମାଜରେ ଉଚ୍ଚ ସ୍ଥାନାଧିକାରୀମାନଙ୍କୁ ସୁଧାର କରିବା ସବୁଠାରୁ ବଡକାମ ଅଟେ । ମନ୍ତ୍ରୀ, ଓକିଲ, ଡାକ୍ତର ସମସ୍ତେ ସୁଧାରି ଗଲେ, ସମସ୍ତଙ୍କ ଉପରେ ଉତ୍ତମ ପ୍ରଭାବ ନ ପଡି ରହିବ ନାହିଁ । ଏହା କରିବାକୁ ମୁଁ ପ୍ରଯତ୍ନ କରୁଛି । କିନ୍ତୁ ଯେ ସତ୍ୟରେ ବିଶ୍ୱାସ ନ କରନ୍ତି ତାଙ୍କ ସହିତ ସହଯୋଗ କିପରି କରାଯିବ ? କଂଗ୍ରେସରେ ଯେ ସମସ୍ତେ ସତ୍ୟକୁ

Digitized by srujanika@gmail.com

ମାନନ୍ତି ଏହା କୁହାଯାଇ ନପାରେ । କିନ୍ତୁ ଯାହାର ସତ୍ୟରେ ବିଶ୍ୱାସ ନାହିଁ ମୁଁ ତାଙ୍କ ସହିତ କାମ କରିପାରେ ନାହିଁ ।

ମୃଦୁଳା ବେନ ମତେ ପଚାରିଥିଲେ ଯେ ଆପଣ ସମାଜବାଦୀମାନଙ୍କର ସହଯୋଗ କାହିଁକି ନେଉ ନାହାନ୍ତି ? ମୁଁ ତାଙ୍କୁ କହିଥିଲି ଯେ ସେମାନେ 'ମିଥ୍ୟା'କୁ ମାନନ୍ତି ଓ ତା'ର ମାନେ ହେବ ଯେ ଦେଶର ସବୁକାମ ମାର୍କସ୍‌ବାଦରେ ଚାଲିବ । ସେତେବେଳେ ଶ୍ରୀ ଜୟପ୍ରକାଶ ମଧ୍ୟ ମାନୁଥିଲେ ଯେ ଗାନ୍ଧିବାଦ ସମାଜବାଦର ଶତ୍ରୁ ଅଟେ । ସେମାନଙ୍କ ମଧ୍ୟରେ ତ ସମସ୍ତେ ଜଣେ ଜଣେ ନେତା ଅଟନ୍ତି ଓ ଅନୁଶାସନର ଅଭାବ ଅଛି । କିନ୍ତୁ କଂଗ୍ରେସ ଅନୁଶାସନକୁ ମାନି ଚଳେ । ଯାହାଙ୍କର ଅସତ୍ୟରେ ଆସ୍ଥା ଅଛି ତାଙ୍କ ସହିତ ମୁଁ କିପରି କାମ କରିପାରେ ? ବାପୁଙ୍କୁ ଅଭିଯୋଗ କରାଯିବାରୁ ତାଙ୍କୁ ବି ମୁଁ ଏହି କଥା କହିଥିଲି ଯେ ଯେଉଁମାନେ ଏ ଆଦର୍ଶକୁ ମାନନ୍ତି ନାହିଁ ମୁଁ ତାଙ୍କ ସହିତ ସାଥି ହୋଇପାରିବି ନାହିଁ । ବାପୁ କହିଥିଲେ, ଠିକ୍ । ଏହି ପଦ୍ଧତି ଉପରେ ଆଜି ବି ମୁଁ ଚଳୁଛି ।

(ପ୍ରାର୍ଥନା ସକାଶେ କଥାବାର୍ତ୍ତା ବନ୍ଦ ରହିଲା । ପ୍ରାର୍ଥନା ପରେ ବାର୍ତ୍ତାଳାପ ପୁଣି ଆରମ୍ଭ ହେଲା)

ବିନୋବାଜୀ: ଶାସନ ଅନୁପସ୍ଥିତି ବିଷୟରେ ଆପଣ ଯାହା କହିଲେ ସେଥିରେ କୌଣସି ବିଶେଷ ମତ ଭେଦ ନାହିଁ । ଜନ କଲ୍ୟାଣରେ କୌଣସି ବିଘ୍ନ ନ ଆସୁ, ରାଜ୍ୟର କାମ ଆସ୍ତେ ଆସ୍ତେ କମ୍ ହୋଇଯାଉ, ଲୋକ ଶାସନ ସ୍ୱଭାବିକ ଭାବେ ବଢୁ -- ଏସବୁ ବିଷୟରେ ମୁଁ ଏକମତ । ଶାସନର ସମ୍ପୂର୍ଣ୍ଣ ଅନୁପସ୍ଥିତି ଭଳି ଚରମ ବକ୍ତବ୍ୟ ଜ୍ୟାମିତିକ ବିବୃତି ଯଥା -- ''ଦୁଇ ସମାନ୍ତରାଳ ରେଖା ଏକାଠି ମିଶନ୍ତି ନାହିଁ'' ବା, ଯାହା ଅନ୍ୟମାନେ କୁହନ୍ତି, ସେମାନେ ଶୂନ୍ୟ ଡିଗ୍ରୀକୋଣ କରି ଅନନ୍ତରେ ମିଶନ୍ତି ସହିତ ତୁଳନା କରାଯାଇପାରେ । ଆପଣ କୁହନ୍ତି ଯେ ''ଶାସନ ମୁକ୍ତ ସମାଜ ଅସମ୍ଭବ'' ଓ ମୁଁ କୁହେ ''ସମ୍ଭବ'', ଏଥିରେ କେବଳ ଭାଷାର ପାର୍ଥକ୍ୟ ଅଛି । କେତେ ଲୋକ ସମାଜକୁ ଶାସନହୀନ ହୋଇଛି ବୋଲି କହୁଥିଲେ । ମୁଁ ସେଥିରେ ସଂଶୋଧନ କରି କହିଲି ଯେ ସମାଜ ଶାସନହୀନ ନୁହେଁ, ଶାସନ ମୁକ୍ତ ହେବା ଉଚିତ । କିନ୍ତୁ ଏହା ଆଦର୍ଶ ପରିସ୍ଥିତି ଅଟେ । ଆମେ ସେ ବିବାଦକୁ ଯିବା ନାହିଁ । ଅନ୍ୟ ବିଷୟରେ ବେଶି ମତଭେଦ ନାହିଁ ।

ଆପଣ କୁହନ୍ତି ଯେ ଅହିଂସାରେ ବିଶ୍ୱାସ ରଖୁଥିବା ପକ୍ଷରୁ ଶୀଘ୍ର ପରିବର୍ତ୍ତନ ଆଶା କରାଯାଇପାରେ କିନ୍ତୁ ଯାହାଙ୍କର ଏଥିରେ ବିଶ୍ୱାସ ନାହିଁ ସେମାନଙ୍କ ସହିତ କାମ କରିବା ମୁସ୍କିଲ ଅଟେ । କିନ୍ତୁ ଆଜି ପ୍ରାର୍ଥନାରେ ଯେପରି କହିଲି, ମାନବତା ଆମର ବିଶ୍ୱାସ ଥିଲେ ପରିବର୍ତ୍ତନ ଅବଶ୍ୟ ହୋଇପାରିବ । ଅନେକ ସମୟରେ ଦେଖାଯାଏ ଯେ ନିଜକୁ ସତ୍ୟବାଦୀ କହୁଥିବା ଲୋକମାନଙ୍କର ସତ୍ୟରେ ବିଶ୍ୱାସ ନଥାଏ ଓ ଏହାକୁ ମନା କରୁଥିବା ଲୋକମାନେ ସତ୍ୟବାଦୀ ହୋଇଥାନ୍ତି । ଅତଃ ଅନୁଭବ ଦ୍ୱାରା ହିଁ ଏହାକୁ ନିଶ୍ଚୟ କରିବା ଉଚିତ । ସମସ୍ତେ ମୋ ଆଗରେ ଖୋଲା ହୃଦୟରେ କଥାବାର୍ତ୍ତା କରନ୍ତି ବୋଲି ମୋର ଅନୁଭବ ହୋଇଛି । ଜେ.ପି. (ଜୟ ପ୍ରକାଶ) କହନ୍ତି, କଂଗ୍ରେସ

Digitized by srujanika@gmail.com

ନେତା କରନ୍ତି । ତା'ପରେ ମତେ ଲାଗିଲା ଯେ କିଛି କାର୍ଯ୍ୟକ୍ରମ ତ ମିଳିମିଶି କରାଯାଇପାରେ, ଏପରି କଲେ ମିଳିମିଶି କାମ କରିବାର ଅଭ୍ୟାସ ପଡିଯିବ ଓ ଅବିଶ୍ୱାସର ମାତ୍ରା କମ୍ ହୋଇଯିବ । ପକ୍ଷଦୃଷ୍ଟି ନରଖି ନୈତିକ ଦୃଷ୍ଟିରେ କାମ ହେଲେ ପରସ୍ପର ପ୍ରତି ଅନୁକୂଳ ଭାବ ରଖି ଅନେକ କାମ ହୋଇପାରିବ । ତଥାପି ଆପଣ ଯାହାସବୁ କହିଲେ ମୋଟ ଉପରେ ମୁଁ ଆପଣଙ୍କ ସହିତ ଏକମତ ।

ମୋରାରଜୀ — ଆଗରେ ମିଛ କହୁଛି ଜାଣି ତାଙ୍କ ଉପରେ ବିଶ୍ୱାସ କରିବା ଠିକ୍ ହେବ ନାହିଁ । ଥରେ ତାଙ୍କ ଉପରେ ବିଶ୍ୱାସ କରାଯାଇପାରେ କିନ୍ତୁ ବାରମ୍ବାର ନୁହେଁ ।

ବିନୋବାଜୀ — ଏହା ଅନୁଭବ ଉପରେ ନିର୍ଭର କରେ । ଆଜି ପର୍ଯ୍ୟନ୍ତ ଯେ ଗୁଣ୍ଡା ରହିଛି ସେ ମଧ୍ୟ ସୁଧୁରିପାରେ ।

ମୋରାରଜୀ — ଅବଶ୍ୟ । ଜଣେ ନାସ୍ତିକ ଈଶ୍ୱରଙ୍କୁ ମାନିପାରେ ଓ ଈଶ୍ୱରଙ୍କୁ ମାନିବା ବ୍ୟକ୍ତି ଈଶ୍ୱରଙ୍କୁ ନ ମାନିପାରେ କିନ୍ତୁ ଯେ ଈଶ୍ୱରଙ୍କୁ ମାନିବାକୁ ଇଚ୍ଛା ନ କରେ, ତା'ଠାରେ ବିଶ୍ୱାସ କରାଯାଇ ନପାରେ ।

ବିନୋବାଜୀ — ବିଶ୍ୱାସ କରିବା ଇଚ୍ଛା ତା' ମନରେ କିଏ ଜନ୍ମାଇ ପାରେ ? କିନ୍ତୁ ଆମେ ଭାବିବା ଉଚିତ ଯେ ତା'ର ପରିବର୍ତ୍ତନ ସମ୍ଭବ ହୋଇପାରେ ।

ମୋରାରଜୀ — ମୁଁ ମାନୁଛି । ସେପରି ବ୍ୟକ୍ତିଙ୍କୁ ଖରାପ ଭାବିବା ଠିକ୍ ନୁହେଁ । ମୁଁ ରାଗ-ଦ୍ୱେଷ ମୁକ୍ତ ବୋଲି କହିପାରିବି ନାହିଁ । କିନ୍ତୁ ମୁକ୍ତ ହେବା ପାଇଁ ପ୍ରଯତ୍ନ କରୁଛି । ମୋ ମନରେ ଖରାପ ଭାବନା ଆସିବା ମୋର ଦୁର୍ବଳତାର ପରିଚୟ । ମୋ ଆଚରଣ ଏପରି ହେବା ଉଚିତ ଯଦ୍ୱାରା ଲୋକମାନେ ମତେ ବିଶ୍ୱାସ କରିବେ । ଲୋକମାନଙ୍କର ମୋ ଉପରେ ବିଶ୍ୱାସ ନ ରହିଲେ ଜାଣିବାକୁ ହେବ ଯେ ମୋ ମଧ୍ୟରେ କେଉଁଠି ଅସତ୍ୟ ରହିଛି । ଅତଃ ସାବଧାନତାର ସହ ଚଳିବା ଜରୁରୀ ଅଟେ ।

ବିନୋବାଜୀ — ସାବଧାନ ରହିବା ଆମର କର୍ତ୍ତବ୍ୟ ଅଟେ । ଉଭୟ ଭିତର ଓ ବାହାର ବ୍ୟବହାରରେ ସାବଧାନ ରହିବା ଉଚିତ । ଅବିରତ ସାବଧାନ ରହୁଥିବା ବ୍ୟକ୍ତି ସତ୍ୟର ଅନ୍ୱେଷଣ କରିପାରେ । ସନ୍ଦେହଶୀଳତା ସାବଧାନୀର ସଙ୍କେତ ନୁହେଁ ।

ମୋରାରଜୀ — ସାବଧାନୀ ଓ ସନ୍ଦେହ -- ଦୁଇଟି ସମ୍ପୂର୍ଣ୍ଣ ଅଲଗା ଅଲଗା ବ୍ୟବହାର ।

ବିନୋବାଜୀ — ଯେଉଁ ଗୁରୁଠାରୁ ଆପଣଙ୍କୁ ଜ୍ଞାନ ମିଳିଛି, ତାଙ୍କଠାରୁ ହିଁ ମୁଁ ଜ୍ଞାନ ପାଇଛି । ତେଣୁ ଆମ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ କେତେ ହୋଇପାରେ ?

ମୋରାରଜୀ — ପାର୍ଥକ୍ୟ ବିଶଦ ବିବରଣୀରେ ଥାଇପାରେ । ବାପୁଙ୍କ ମାର୍ଗରେ ଚାଲିଲେ ପ୍ରକୃତ ମାନବତା ଉତ୍ପନ୍ନ ହେବ । ସେଥିପାଇଁ ପ୍ରଯତ୍ନ କରିବା ଆମର କର୍ତ୍ତବ୍ୟ । ଏ ପ୍ରଯତ୍ନ କେବଳ ଗୋଟିଏ ମାର୍ଗରେ -- ଆପଣଙ୍କ ମାର୍ଗରେ କଲେ ସଫଳତା ମିଳିବ -- ଏ କଥା ମୁଁ ବିଶ୍ୱାସ କରେ ନାହିଁ । ପ୍ରଶାସକ ଓ ଧର୍ମାଚାର୍ଯ୍ୟ ଦୁହେଁ ମିଳିମିଶି ପ୍ରଯତ୍ନ କଲେ ସଫଳତା ମିଳିବ । ଦୁହିଁଙ୍କୁ ଜଣେ ଅନ୍ୟ ଜଣର ପୂରକ ହେବା ଉଚିତ । ଲୋକମାନେ

Digitized by srujanika@gmail.com

ଆପଣଙ୍କୁ ହିଁ ପୂଜା କରିବେ । କିନ୍ତୁ ସେମାନେ ପ୍ରଶାସକଙ୍କୁ ଅନୁକରଣ କରିବେ କାରଣ ସେମାନେ ସେପରି ହେବାକୁ ଇଚ୍ଛା କରିବେ, ମନରେ ଶାନ୍ତି ପାଇବା ପାଇଁ ଲୋକେ ଧର୍ମୋପଦେଶକଙ୍କ ପାଖକୁ ଯାଆନ୍ତି । ଦୁହେଁ ଏକାଠି କାମ କଲେ ଫଳ ଉତ୍ତମ ହେବ । ସରକାର ସତ୍ୟର ଆଧାର ଉପରେ ଚାଲିଲେ ଲୋକେ ସତ୍‌ରେ ଚାଲିବେ । ଏହାର ବିପରୀତ ମଧ୍ୟ ସେତିକି ସତ୍ୟ ଅଟେ କାରଣ ସରକାରଙ୍କ ପ୍ରତିନିଧିମାନେ ତ ଲୋକମାନଙ୍କ ଦ୍ୱାରା ମନୋନୀତ ହୁଅନ୍ତି ।

ବିନୋବାଜୀ — ଏହା ବି ମୁଁ ସ୍ୱୀକାର କରୁଛି । ଏହାକୁ ମୁଁ ଅନ୍ୟ ପ୍ରକାରେ କହୁଛି । ସରକାରଙ୍କ ଶକ୍ତିକୁ ୦ (ଶୂନ) ଧରାଯାଉ ଓ ଜନତାଙ୍କର ୧ (ଏକ), ଦୁଇ ଶକ୍ତି ଏକାଠି ହେଲେ, ୧୦ ହେବ ।

ମୋରାରଜୀ — ଏପରି ଉଦାହରଣ ଦ୍ୱାରା ଭ୍ରମ ଧାରଣା ସୃଷ୍ଟି ହେବ ଯେ ସରକାର କୌଣସି କାମର ନୁହନ୍ତି । ଏପରି ପୃଥକୀକରଣରୁ ଭ୍ରାନ୍ତ ଧାରଣା ହେବ ଯେ ସରକାର ଜନତାଙ୍କର ନୁହେଁ । ମୁଁ ଏକଛତ୍ର ବାଦରେ ବିଶ୍ୱାସ କରେ ନାହିଁ । ମତେ କେହି ଏକଛତ୍ର ଶାସକ ହେବାକୁ କହିଲେ ମୋର ଅଧୋଗତି ହେବ । ଭଗବାନ ତ ସମସ୍ତ କ୍ଷମତା ନିଜ ହାତରେ ରଖିନାହାନ୍ତି । ଦେଶ ପାଇଁ ମଧ୍ୟ ଏପରି ପରିସ୍ଥିତି ତିଆରି କରିବାକୁ ପ୍ରଯତ୍ନ ହେବା ଉଚିତ । ଅସମ୍ପୂର୍ଣ୍ଣରୁ ସମ୍ପୂର୍ଣ୍ଣ ଦିଗରେ ଗତିକରିବା ସମସ୍ତଙ୍କର ଉଦ୍ଦେଶ୍ୟ ହେବା ଉଚିତ । ସମସ୍ତଙ୍କ ଭିତରେ ଏପରି ଇଚ୍ଛା ରହିବା ଉଚିତ । ସମସ୍ତଙ୍କ ମନରେ ଏ ଭାବନା ସୃଷ୍ଟି କରିବା ଆମର କେବଳ କାମ ନୁହେଁ, ଧର୍ମ ମଧ୍ୟ, ଏପରି ବ୍ୟବହାର ନକଲେ, ମୁଁ ଧର୍ମରୁ ଦୂରେଇ ଯିବି । କିନ୍ତୁ ଆପଣ ରୋଜରୋଜ ଯେଉଁ ଶାସନ ମୁକ୍ତି କଥା କହୁଛନ୍ତି ସେଥିରେ ସରକାରଙ୍କ ପ୍ରତି ଲୋକମାନଙ୍କ ମନରେ ଘୃଣା ସୃଷ୍ଟି ହେବ । ଅତଃ ଆପଣଙ୍କୁ ସାବଧାନତା ସହକାରେ କହିବା ଉଚିତ ।

ବିନୋବାଜୀ — କେତେ ଲୋକ ତ ଶାସନହୀନ ସମାଜ କଥା କହୁଛନ୍ତି କିନ୍ତୁ ମୁଁ ଶାସନମୁକ୍ତ କହୁଛି । ଶବ୍ଦର ଉପଯୋଗ ବୁଦ୍ଧିର ସହିତ ହେବା ଉଚିତ । କର୍ମ ମୁକ୍ତି ଓ ଅକର୍ମଣ୍ୟତା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି ।

ମୋରାରଜୀ — ସାଧାରଣ ଲୋକେ ଏ କଥା ବୁଝନ୍ତି ନାହିଁ ।

ବିନୋବାଜୀ — ବୁଝନ୍ତି । ହିନ୍ଦୁସ୍ଥାନର ଲୋକେ ଦୁନିଆର ଲୋକମାନଙ୍କଠାରୁ ଅଧିକ ବୁଝନ୍ତି । ଆପଣଙ୍କ ଉପଦେଶାନୁସାରେ ଶାସନ ମୁକ୍ତି କଥା ନ କହିଲେ, ଏହା ଧର୍ମ ବିରୁଦ୍ଧ ହେବ । ମୁଁ ମାନୁଛି ଯେ ସାବଧାନୀ ରଖିବା ଆବଶ୍ୟକ ଅଟେ । ତେଣୁ ମୋର କୌଣସି ଭୁଲ ହେଲେ ଲୋକମାନେ ମତେ କୁହନ୍ତି, ମୋ ଭଳି ଲୋକ ଶାସନ ମୁକ୍ତି କଥା ନିଶ୍ଚୟ କହିବେ ।

ମୋରାରଜୀ — ଏକଥା ଆପଣ ନିଶ୍ଚୟ କରିପାରନ୍ତି ।

ବିନୋବାଜୀ — ମୁଁ ସମସ୍ତଙ୍କୁ ବୁଝାଇବାକୁ ପ୍ରସ୍ତୁତ ଅଛି । ଆଜି ଯଦି ଶାସନରେ ମୋର ବିଶ୍ୱାସ ନଥାନ୍ତା, ମୁଁ ଶରାବ ବନ୍ଦ ବିଷୟରେ କହୁ ନଥାନ୍ତି । ଏ ବିଷୟରେ ଆପଣଙ୍କ ସହିତ ମୋର

Digitized by srujanika@gmail.com

	କୌଣସି ବିଶେଷ ମତଭେଦ ନାହିଁ, କିନ୍ତୁ ମୋର ଆଦର୍ଶକୁ ମୁଁ ସର୍ବଦା ମୋ ଆଗରେ ରଖିବି, ନ ହେଲେ ଅକଲ୍ୟାଣ ହେବ ।
ମୋରାରଜୀ	ମୁଁ ଏହା ମାନୁଛି ଆଜି ପ୍ରାର୍ଥନା ବେଳେ ଆପଣ ଛତା ବନ୍ଦ କରିବାକୁ କହିଲେ । ସେତେବେଳେ ମୁଁ ମଧ୍ୟ ଛତା ବନ୍ଦ କରିଥିଲି, କିନ୍ତୁ ବର୍ଷା ହୋଇଥିଲେ ମୁଁ ସେଠାରୁ ହିଁ ଚାଲିଯାଇଥା'ନ୍ତି କାରଣ ସେତେବେଳେ ମୋ ପାଖରେ ବଦଳିବାକୁ ଆଉ ଲୁଗା ନଥିଲା । ଛତା ତଳକୁ ଭଗବାନ ଆସନ୍ତି ନାହିଁ -- ଏ କଥା ମୁଁ ମାନେ ନାହିଁ ।
ବିନୋବାଜୀ	ଏହା କେବଳ ବିନୋଦନ ଭାବନା ସହିତ ଜଡିତ ।
ମୋରାରଜୀ	ଏପରି ଭାବନା ସମସ୍ତଙ୍କ ପାଖରେ ନଥାଏ ।
ନାରାୟଣ ଦେସାଇ:	ଅନ୍ୟ କେହି ଶାସନ ମୁକ୍ତି କଥା ନ କୁହନ୍ତୁ -- ଆପଣ ଏହା ଚାହାଁନ୍ତି ?
ମୋରାରଜୀ	ମୁଁ ଅନ୍ୟକୁ କିପରି ବନ୍ଦ କରିପାରିବି ?
ନାରାୟଣ ଦେସାଇ:	କାହାରି କହିବାରେ ଅସାବଧାନତା ଜଣାପଡିଲେ, ସାବଧାନ କରାଇ ଦେଇପାରନ୍ତି ।
ମୋରାରଜୀ	କାହାକୁ ଖରାପ ନ ଲାଗିଲେ କହିପାରେ । କୌଣସି ଠିକ୍ ବା ଭୁଲ କାମ କଲି କି ନାହିଁ, ସେଥିପାଇଁ ମୁଁ ସର୍ବଦା ସାବଧାନ ଥାଏ ।
ବିନୋବାଜୀ	ମୁଁ ପ୍ରାର୍ଥନାରେ ଶାସନକୁ ସ୍ୱୀକାର କରିଛି । ମରାଠାମାନଙ୍କ କଥା କହି ନଥିଲି ?
ମୋରାରଜୀ	ଆପଣ ସ୍ୱୟଂ ଶାସନ କରିଥିଲେ ଓ ତା' ଈଶ୍ୱରଙ୍କ ନାମରେ ? (ହାସ୍ୟ)
ବିନୋବାଜୀ	ଏ ପର୍ଯ୍ୟନ୍ତ ଆପଣ ଯାହା କହିଲେ ସେଥିରେ ମୁଁ ଡିଟୋ କହିପାରେ ।
ମୋରାରଜୀ	ଆପଣ କହୁଛନ୍ତି ଯେ ସମସ୍ତେ ଭୂଦାନରେ ଲାଗନ୍ତୁ । ମତେ ଏକଥା ଠିକ୍ ଲାଗୁ ନାହିଁ ଓ ଏହା ସମ୍ଭବ ମଧ୍ୟ ନୁହେଁ । ଯାହାର ଏ କାମରେ ଶ୍ରଦ୍ଧା ଅଛି ସେ ଏକାମରେ ଲାଗିଲେ କୌଣସି ଆପତ୍ତି ନାହିଁ । କିନ୍ତୁ ସମସ୍ତେ ଏ କାମରେ ଲାଗିଲେ, ଅନ୍ୟକାମ କିଏ କରିବ ?
ବିନୋବାଜୀ	ନିର୍ବାଚନ ଭଳି ଚାରିମାସ ସମସ୍ତ ଶକ୍ତି ଏ କାମରେ ଲଗାଯାଉ ।
ମୋରାରଜୀ	ନିର୍ବାଚନ ବେଳେ ମଧ୍ୟ ଅନ୍ୟ କାମ ଛଡା ଯାଇ ନଥିଲା । ସେତେବେଳେ ମଧ୍ୟ ଅନ୍ୟ କାମରେ ଆମ ଶକ୍ତି ଲାଗିଥିଲା ।
ବିନୋବାଜୀ	ସେତିକି ଶକ୍ତି ଏ କାମରେ ଲାଗିଲେ କୌଣସି ଆପତ୍ତି ନାହିଁ ।
ମୋରାରଜୀ	କିନ୍ତୁ ବମ୍ବେ ରାଜ୍ୟରେ ଏ କାମ ପାଇଁ ବିଧାନ ସଭାରେ ତ୍ୟାଗପତ୍ର ଦିଆଯାଉଛି, ଦେଶପାଣ୍ଡେ ଦେଲେ ଓ ଭୌଁସଲେ ମଧ୍ୟ ଦେଲେ । ଏଥିପାଇଁ ଉପନିର୍ବାଚନ କରିବାକୁ ପଡୁଛି ଓ ସେଥିରେ ବହୁତ ଖର୍ଚ୍ଚ ହେଉଛି । ଭୌଁସଲେଙ୍କ ନିର୍ବାଚନ କ୍ଷେତ୍ର ଏପରି ଯେ

Digitized by srujanika@gmail.com

ସେଠାରେ କର୍ଣ୍ଣାଟକ ଓ ମହାରାଷ୍ଟ୍ର ବିବାଦ ଉଠିପାରେ । ବିଧାନ ସଭାରେ ହାଜିରା ଦେଇ ସାରାଦିନ ଭୂଦାନ କାମ କରିବା ଏହାଠାରୁ ତ ଭଲ ।

ବିନୋବାଜୀ : ଏ ଦୁଇଟି ଘଟଣା ଅଲଗା ଅଲଗା । ଜଣେ ଜୀବନ ଦାନ ଦେଇଛି, ଅନ୍ୟ ଜଣକ ଦେଇ ନାହିଁ । ଯେ ଜୀବନ ଦାନ ଦେଇ ନାହିଁ ତା' ପକ୍ଷରେ ଭୂଦାନ କାମରେ ପଡିବା, ନ ପଡିବା ତା'ର ଇଚ୍ଛା ଉପରେ ନିର୍ଭର କରୁଥିଲା । କିନ୍ତୁ ସେଥିରେ ପଡିଲେ ତା'ର ନିୟମ ମାନିବା ଉଚିତ ।

ବଙ୍କୁ ଭାଇଶାହା : ଦିନେ ବିଧାନ ସଭାରେ ହାଜିରା ଦେଇ ବାକି ଦିନରେ ଅନ୍ୟ କାମ କରିବା ଦ୍ୱାରା କ'ଣ ନୈତିକ ଦାୟିତ୍ୱ ପାଳନ ହେବ ?

ମୋରାରଜୀ : ହଁ ।

ବିନୋବାଜୀ : ମୁଁ ଏକଥା ମାନେ ନାହିଁ -- ଏପରି ହେଉଥିବ ।

ମୋରାରଜୀ : ଜୟ ପ୍ରକାଶଜୀ ତ ଜୀବନ ଦାନୀ ଅଟନ୍ତି, ସେ ରେଙ୍ଗୁନ୍ କିମିତି ଗଲେ ।

ବିନୋବାଜୀ : ସେ ଜୀବନ ଦାନୀ ହେବା ପୂର୍ବରୁ ଯାଇଥିଲେ ନା ?

ମୋରାରଜୀ : ନାଁ, ବର୍ତ୍ତମାନ ଏବେ ଯାଇଛନ୍ତି । ସେଇ କଥା କହୁଛି ।

ବିନୋବାଜୀ : ଏକଥା ମୁଁ ଜାଣି ନାହିଁ । କିନ୍ତୁ ମୋର ବିଶ୍ୱାସ ସେ ଯାଇଛନ୍ତି ମାନେ ସେଠାରେ ମଧ୍ୟ ଭୂଦାନ ଓ ସର୍ବୋଦୟ କଥା କହୁଥିବେ ।

ମୋରାରଜୀ : କିଏ ଜାଣେ ? କିନ୍ତୁ ମୁଁ ଆଗରୁ କହିଥିବା ଲୋକ (ଶ୍ରୀ ଭେଁସଲେ)ଙ୍କ ଠାରୁ ଜୀବନ ଦାନ କିପରି ନିଆଯାଏ ? ସେ ତ ସର୍ବଥା ଭାବପ୍ରବଣ ବ୍ୟକ୍ତି ଅଟନ୍ତି । ସେ ତ ଏବେ ତିନିବର୍ଷ ତଳେ ବିବାହ କରିଛନ୍ତି । ପିଲାମାନଙ୍କର କ'ଣ କରିବେ ମୁଁ ଜାଣେ ନାହିଁ । ମୁଁ ତାଙ୍କୁ ପଚାରିଥିଲି ଆପଣଙ୍କ ପତ୍ନୀ ରାଜି ନ ହେଲେ କ'ଣ କରିବେ ? ସେ ଏ ବିଷୟ ଛାଡି ଅନ୍ୟ କଥା କହିଲେ ବେଲଗାଁ, ମହାରାଷ୍ଟ୍ର ଓ କର୍ଣ୍ଣାଟକର ବିବାଦାତ୍ମକ ଜିଲ୍ଲା । ସେ ମତେ କିଛି ପଚାରି ନାହାନ୍ତି । କିନ୍ତୁ ଆପଣଙ୍କୁ କିଛି ନା କିଛି ବଚନ ଦେଇଥିବେ । ଏହା ଧର୍ମ-ଅଧର୍ମ ମାମଲା ଆପଣ ଦୟାକରି ନିଜର ମତ ଦିଅନ୍ତୁ ।

ବିନୋବାଜୀ : ସେ ନିଜ ଇଚ୍ଛାରେ ଆସିଥିଲେ । ଏ ତ ଦେଢ ବର୍ଷର କଥା । ତା'ପରେ ସେ ଛାଡି ଯାଇପାରନ୍ତି । କିନ୍ତୁ ବର୍ତ୍ତମାନ ଗଲେ ଅସୁବିଧା ହେବ । ଆପଣଙ୍କ ସାହାଯ୍ୟ ଚାହୁଁଛି ।

ମୋରାରଜୀ : ମୁଁ ତ ଦୁଇଜଣଙ୍କୁ ମନା କରିଦେଇଛି ଓ କହିଛି ଯେ ସେମାନଙ୍କର ତ୍ୟାଗପତ୍ର ସ୍ୱୀକାର କରିବି ନାହିଁ, ଅନ୍ୟ ଦଳରୁ କେହି କଂଗ୍ରେସକୁ ଆସିବାକୁ ଚାହିଁଲେ ମୁଁ କହିବି ଆଗ ନିଜ ଦଳରୁ ତ୍ୟାଗପତ୍ର ଦେଇ ଆସ । ତ୍ରାଭାଙ୍କୋର, କୋଚିନ୍‌ରେ, ତାମିଲନାଡୁ କଂଗ୍ରେସୀଙ୍କୁ ନିଆଗଲା -- ମୁଁ ଏହାକୁ ଠିକ୍ ମାନେ ନାହିଁ । ସନ୍ନ୍ୟାସୀ ପାଇଁ ପ୍ରସ୍ତୁତ ହେବା ଆଗରୁ କାହାକୁ ସନ୍ନ୍ୟାସୀ କରିବା ଉଚିତ ନୁହେଁ ।

Digitized by srujanika@gmail.com

ବିନୋବାଜୀ	ବ୍ୟକ୍ତିଗତ ଭାବେ ମୁଁ କାହାକୁ ଏପରି କରିବାକୁ କହି ନାହିଁ ।
ମୋରାରଜୀ	(ମୁଁ ବଲସାର ନିକଟସ୍ଥ ପାନେରା ପର୍ବତରେ ଜଣେ ସାଧୁଙ୍କ ଗପ କହିଲି) ଏହିପରି ସନ୍ୟାସୀ ହେବାକୁ ଚାହୁଁଥିବା ବ୍ୟକ୍ତିର ପରୀକ୍ଷା ନେବା ଉଚିତ ।
ବିନୋବାଜୀ	ଠିକ୍ ଅଛି । ଆପଣଙ୍କର ମଧ୍ୟ ପରୀକ୍ଷା ହୋଇଯିବ ।
ମୋରାରଜୀ	ବାପୁ ଲୋକମାନଙ୍କୁ ପ୍ରତିଜ୍ଞା କରିବାକୁ କହିଥିଲେ । କିନ୍ତୁ ଦାଣ୍ଡି ଯାତ୍ରାର ଅଶୀ ଜଣଙ୍କ ମଧ୍ୟରେ ଚାରିପାଞ୍ଚ ଜଣ ମାତ୍ର ପ୍ରତିଜ୍ଞା ରଖିଥିବେ । ଏହାଦ୍ୱାରା ଲୋକମାନଙ୍କର ଧର୍ମ ପ୍ରତି ଶ୍ରଦ୍ଧା କମିଯାଏ ।
ବିନୋବାଜୀ	ସେ ଯାହା ହେଉ ନା କାହିଁକି ବାପୁ ନିଜର ବିଶ୍ୱାସ ବଳରେ ମାଟିକୁ ସୁନା କରି ଦେଇଥିଲେ ।
ମୋରାରଜୀ	ମୁଁ ମାନୁଛି । ତାଙ୍କ ବିନା ମୋ ଭିତରେ ଶକ୍ତି କିପରି ଆସିବ ? ବମ୍ବେ ରାଜ୍ୟରେ ପୋଲିସ ଗୁଳିକାଣ୍ଡ ଉପରେ ଆପଣ ଅସନ୍ତୁଷ୍ଟ -- ଏପରି ମୁଁ ଶୁଣିଛି । ତେଣୁ ସେ ବିଷୟ ଟିକିଏ ବିସ୍ତାର କରି କହୁଛି । ମୁଁ ଗୃହମନ୍ତ୍ରୀ ଥିବାବେଳେ ଥରେ ଉପଦ୍ରବ ହୋଇଥିଲା । ବାପୁ ମତେ କହିଲେ ଯେ ସେନା ଓ ପୋଲିସଙ୍କୁ ସେଠାରୁ ହଟାଇ ଦିଅ, ନିଜକୁ ବଳିଦାନ ଦିଅ । ଏତିକି ନୁହେଁ, ବରଂ ଉଠିବା ସମୟରେ କହିଲେ ଯେ ଆପଣଙ୍କର ଶକ୍ତି ଅନୁସାରେ କାମ କରନ୍ତୁ । ପ୍ରାର୍ଥନାରେ ପ୍ରଥମେ ମଧ୍ୟ ସେ ଏହି କଥା କହିଲେ । ମୁଁ ଆତ୍ମ ନିରୀକ୍ଷଣ କଲି କିନ୍ତୁ ବଳିଦାନରେ ଆନନ୍ଦ ଅନୁଭବ କଲି ନାହିଁ କି ବିଶ୍ୱାସ ହେଲା ନାହିଁ ଯେ ଏହାଦ୍ୱାରା କୌଣସି ଦୃଢ ପରିଣାମ ମିଳିବ । ପୋଲିସ ବା ଫୌଜଙ୍କୁ ହଟାଇଦେଲେ ମୋର ବଳିଦାନ ତ ନିଶ୍ଚୟ ହୋଇଯିବ କିନ୍ତୁ ତା'ପରେ ଫୌଜଙ୍କ ସ୍ଥିତି ସମ୍ଭାଳିବାକୁ ପଡିବ । ଏପରି ଭାବି, ମୋ ଦ୍ୱାରା ଯାହା ହୋଇପାରିବ ତାହା କରିବାକୁ ସ୍ଥିର କଲି । ସକାଳେ ୧୪୪ ଧାରା ବନ୍ଦ କରି ଉପଦ୍ରବ ଗ୍ରସ୍ତ ସ୍ଥାନ ବୁଲି ବାହାରିଲି । ହଜାର ହଜାର ଲୋକ ଆସି ମତେ ଭେଟିଲେ । ଗୋଟାଏ ଜାଗାରେ ପଥର ମାଡ ହୋଇଥିଲା । କିନ୍ତୁ ସେ ଦିଗରେ ମୋ ଧ୍ୟାନ ନଥିଲା । ଏହାର ସୁପ୍ରଭାବ ପଡିଲା ଓ ବାତାବରଣରେ ଯେଉଁ ଉତ୍ତେଜନା ଥିଲା ତାହା କମିଗଲା । ଏସବୁ ମୁଁ ଯାଇ ବାପୁଙ୍କୁ କହିଥିଲି । ସେ କହିଲେ ଆପଣ ଯାହା କଲେ ଠିକ୍ କଲେ । ମାଉ୍ଲଙ୍କର ବାପୁଙ୍କୁ କହିଲେ, ''ଆପଣ ମୋରାରଜୀଙ୍କୁ ଏପରି ପରାମର୍ଶ କାହିଁକି ଦେଲେ ?'' ବାପୁ ମତେ ପଚାରିଲେ ମୁଁ ଆପଣଙ୍କୁ କ'ଣ ମୁଁ ଭୁଲ ପରାମର୍ଶ ଦେଇଥିଲି ? ମୁଁ ପଚାରିଲି, ''କାହିଁକି'' ତା'ପରେ ସେ ପଚାରିବାର କାରଣ କହିଲେ । ମୁଁ କହିଲି, ''ଆପଣତ ଠିକ୍ ପରାମର୍ଶ ଦେଇଥିଲେ, ଓ ମୋ ଉପରେ ବିଶ୍ୱାସ କରିଥିଲେ କିନ୍ତୁ ମୁଁ ସେ ଅନୁସାରେ କାମ କରି ନଥିଲି । ଏହା ମୋର ଭୁଲ ଥିଲା । ମୋ ଦ୍ୱାରା ହୋଇ ନପାରିବା ଭଳି ପରାମର୍ଶ ନେବାକୁ ମୁଁ ଆପଣଙ୍କ ପାଖକୁ ଆସି ନଥିଲି । ଅହିଂସାରେ ମୋର ଯେତିକି ଶକ୍ତି ହେବ ମୁଁ ସେତିକି କରିପାରିବି । ମୁଁ ତ କହୁନାହିଁ ଯେ ମୁଁ ସତ୍ୟବାଦୀ । ଏପରି ହୋଇଥିଲେ ସମସ୍ତେ ମୋ କଥା ମାନି ନେଉଥାନ୍ତେ । ସମସ୍ତେ ଏପରି ମାନୁନାହାନ୍ତି ତା' ମାନେ ମୋ ଭିତରେ କିଛି ଅସତ୍ୟ ଅଛି ।''

Digitized by srujanika@gmail.com

ବିନୋବାଜୀ — ଶାସନ ଚଳାଇବା ବାଲାଙ୍କର ସୀମା ଥାଏ । ସେମାନେ ଏଇ ସୀମା ଭିତରେ କାମ କରିପାରନ୍ତି ।

ମୋରାରଜୀ — ଆପଣ ଆଇନ୍ ଦ୍ୱାରା ଗୋ ହତ୍ୟା ବନ୍ଦ କରିବା ପକ୍ଷରେ । ମୁଁ ଏ ବିଷୟରେ ମୋ ମତ ସ୍ପଷ୍ଟ କରିବି । ବମ୍ବେ ରାଜ୍ୟରେ ଅଳ୍ପ ବୟସ ଓ ଉପକାରୀ ପଶୁଙ୍କୁ ମାରିବା ମନା, କିନ୍ତୁ ବୁଢା ପଶୁଙ୍କୁ ନୁହେଁ । ସେମାନଙ୍କୁ ମଧ୍ୟ ମାରିବା ବନ୍ଦ କଲେ । ଦୁଇଟି ସମସ୍ୟା ଆସୁଛି । କୃଷକମାନେ ହିଁ ଏପରି ପଶୁଙ୍କୁ ବିକ୍ରି କରନ୍ତି । ସେମାନେ ଜାଣନ୍ତି ଯେ ସେମାନେ କାହାକୁ ବିକୁଛନ୍ତି । ସେମାନଙ୍କୁ ବିକ୍ରୀ ନ କରିବାକୁ ବୁଝାଇଲେ ଓ ସେମାନେ ମାନିଲେ କାମ ସରଳ ହୋଇଯିବ, ନହେଲେ ବିରାଟ ସମସ୍ୟା ଆସିବ । ବୁଢାପଶୁଙ୍କ ଯତ୍ନ ସେମାନେ ନେଇପାରିବେ ନାହିଁ ଓ ସରକାର ସେମାନଙ୍କ ଯତ୍ନ ନେଲେ, ସେଥିପାଇଁ ଅର୍ଥ ଦରକାର । ଆଜିକାଲି ତ ଏହା ମୁସ୍କିଲ । ବୁଢା ମନୁଷ୍ୟ ପାଇଁ ସରକାରଙ୍କ ପକ୍ଷରେ ଯେତେବେଳେ ସମ୍ଭବ ନୁହେଁ, ବୁଢାପଶୁଙ୍କୁ ପାଇଁ କିପରି ହୋଇପାରିବ ? ବୁଢା ପଶୁଙ୍କ ବଦ୍ଧ ନିଷେଧ କରି ଦେଲେ କୃଷକ ତାଙ୍କୁ ଖୋଲା ଛାଡି ଦେବେ ଓ ସେମାନେ ଆଡେସାଡେ ବୁଲି ଲୋକମାନଙ୍କର କ୍ଷତି କରିବେ । ତା'ଦ୍ୱାରା କଳି ଝଗଡା ହେବ । ଏହା କ'ଣ ଠିକ୍ ହେବ ? ମୁଁ ଏ ପଶୁଙ୍କୁ ବାନ୍ଧି ରଖିଲେ ଲୋକମାନଙ୍କୁ ପ୍ରୋତ୍ସାହନ ମିଳିବ । ଏତେ ପଶୁଙ୍କ ପାଇଁ ଗୋଶାଳା ଖୋଲିଲେ ଭାବନ୍ତୁ କେତେ ଜମି ଦରକାର ହେବ, ଯେତେବେଳେ ଖାଦ୍ୟଶସ୍ୟ ପାଇଁ ଜମି ନିଅଣ୍ଟ ହେଉଛି । ବିଧାନସଭାରେ ମୁଁ ବିଧାନ ପ୍ରସ୍ତୁତ କରିଥିଲି । ବିପକ୍ଷର ୬୦-୭୦ ପ୍ରତିଶତ ସଭ୍ୟ ଗୋହତ୍ୟା ପ୍ରତିବନ୍ଧକର ବିରୁଦ୍ଧରେ ଥିଲେ । ଜଲଗାଁଓରେ ଏକ ସାର୍ବଜନିକ ସଭାରେ ମୁଁ ଏକଥାରେ ଲୋକମାନଙ୍କୁ ରାଜି କରାଇଥିଲି । ସେଥିପାଇଁ ତ ମୁଁ ବହୁତ ଯୁକ୍ତି ବାଢିପାରେ । କିନ୍ତୁ ଆଜି କେବଳ ଅସଲ କଥା ବିଷୟରେ କହିବି । ଗାଈ ଦୁଧ ଦିଏ । ସେହିପରି ମଇଁଷି ମଧ୍ୟ ଦୁଧ ଦିଏ । ଜୀବଦୟାରେ ଅନ୍ୟ ପ୍ରାଣୀମାନେ ମିଶନ୍ତି । ଗୋଧ୍ରାରେ ମତେ ଏହା ଅନୁଭବ ହେଲା । ଲୋକମାନେ କେତେକ ପଶୁଙ୍କୁ ଖୋଲା ଛାଡି ଦେଲେ । ସେ ପଶୁମାନେ ଏପରି ଦୁର୍ଦ୍ଦାନ୍ତ ହୋଇଗଲେ ଯେ ତାକୁ ସମ୍ଭାଳିବା କଷ୍ଟକର ହୋଇପଡିଲା ଓ ସେମାନେ ବହୁ ଫସଲ ନଷ୍ଟ କଲେ ।

ବିନୋବାଜୀ — ଉତ୍ତର ପ୍ରଦେଶର ଲୋକେ ଏହାର କିଛି ଉପାୟ ସ୍ଥିର କରିଥିବେ ।

ମୋରାରଜୀ — ସେମାନଙ୍କ ପାଖରେ କୌଣସି ଉପାୟ ନାହିଁ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଲୋକମାନଙ୍କ ମଧ୍ୟରୁ କେତେ ଜଣ କେବଳ ଗାଈ ଦୁଧ ପିଉଥିବେ ?

ବିନୋବାଜୀ — ମୁଁ ସେମାନଙ୍କ କଥା କହୁ ନାହିଁ । ଗୋ ରକ୍ଷା ଆଇନ ପ୍ରଣୟନ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ କମିଟି ଏ ବିଷୟରେ ସର୍ବସମ୍ମତ ନିର୍ଣ୍ଣୟ ନେଇଥିବେ ।

ମୋରାରଜୀ — ଜନତାର ଭୟରେ କରିଥିବେ ।

ବିନୋବାଜୀ — ସେ କଥା ନୁହେଁ । ଏ ମହତ୍ୱପୂର୍ଣ୍ଣ କଥା ଯେ ତାଙ୍କର ସୁପାରିଶ ସର୍ବସମ୍ମତ ଅଟେ । ମଧ୍ୟପ୍ରଦେଶରେ, କାଶ୍ମୀରରେ --

Digitized by srujanika@gmail.com

ମୋରାରଜୀ — କାଶ୍ମୀରରେ ଗାଈ କମ୍ ଅଛନ୍ତି । ସୌରାଷ୍ଟ୍ରରେ ଗୋ ବଧ ବିରୁଦ୍ଧରେ କାନୁନ ତ ଅଛି । କିନ୍ତୁ ସେଠାରୁ ବହୁତ ଗୋରୁ ଆମ ଆଡକୁ ଆସୁଛନ୍ତି ଓ ବହୁତ ପାକିସ୍ତାନ ଯାଉଛନ୍ତି ।

ବିନୋବାଜୀ — ଏହା ବଡ ଗମ୍ଭୀର ବିଷୟ । ଭାରତୀୟ ସଭ୍ୟତାର ବିଷୟ, ଆଜି ଏ ବିଷୟରେ ଚର୍ଚ୍ଚା କରିବା ନାହିଁ, କଲିକତାରେ ଯାହା କିଛି ହେଉଛି ତାହା ଗୋଟାଏ ମିନିଟ୍ ମଧ୍ୟ ସହ୍ୟ କରିବା ବିଷୟ ନୁହେଁ ।

ମୋରାରଜୀ — ସେ ବିଷୟରେ ମୁଁ କିଛି ଜାଣେ ନାହିଁ ।

ବିନୋବାଜୀ — ମୀରାବେନ୍ ଠାରୁ ଜାଣିଲି । ସେଠାରେ ସୁସ୍ଥ ଭଲ ଗାଈ କଟା ହେବା ପାଇଁ ଯାଆନ୍ତି । ସେମାନଙ୍କୁ ତିନିଦିନ ଭୋକିଲା ରଖନ୍ତି ଓ ପରେ କାଟନ୍ତି । ଏସବୁ ଅତ୍ୟନ୍ତ ନିଷ୍ଠୁରତା ଅଟେ ।

ମୋରାରଜୀ — ସେପରି ଲୋକଙ୍କର ବିଷୟରେ କ'ଣ କହିବି ? ମାଛକୁ ମଧ୍ୟ ମାରିବା ଆଗରୁ ଭୋକିଲା ରଖନ୍ତି ।

ବିନୋବାଜୀ — ଏଥିପାଇଁ ସମସ୍ତଙ୍କୁ ମିଳିମିଶି କାମ କରିବା କଥା । ଏଥିପାଇଁ 'ପଜିଟିଭ୍', 'ନେଗେଟିଭ୍' ଦୁଇପଟୁ କାମ କରିବାକୁ ହେବ । ମୁଁ ପାରିବା ଭଳି 'ପଜିଟିଭ୍' କାମ କରୁଛି ।

ତା ୮.୫.୫୫

ମୋରାରଜୀ — ସର୍ବଦଳୀୟ ସରକାର କିପରି ହୋଇପାରିବ ?

ବିନୋବାଜୀ — ଏହା ଏକ ବିସ୍ତୀର୍ଣ୍ଣ ବିଷୟ । ଗାଁମାନଙ୍କରେ ନିମ୍ନସ୍ତରର ସବୁକାମ ଦଳ ନିର୍ବିଶେଷରେ କରାଯାଉ । ଗ୍ରାମମାନଙ୍କରେ ବେଶି ବେଶି କ୍ଷମତା ରହୁ । ତଳେ ଲୋକମାନଙ୍କର କ୍ଷମତା ବେଶି ବେଶି ରହୁ, ଉପରବାଲାଙ୍କ ପାଖରେ ସଂଯୋଜକ ଶକ୍ତି ରହୁ । ନିର୍ବାଚନ ପରୋକ୍ଷରେ ହେବା ଉଚିତ ।

ମୋରାରଜୀ — ଏ ବିଷୟରେ ମୁଁ ଆପଣ ଙ୍କ ସହ ଏକମତ । କିନ୍ତୁ ଆଜି ଏହା ସମ୍ଭବ ନୁହେଁ । ପଞ୍ଚାୟତ ଗୁଡିକ ଠିକ୍ ଭାବରେ ହୋଇଗଲେ ଏହା ସମ୍ଭବ ହୋଇପାରେ ।

ବିନୋବାଜୀ — ଏଥିରୁ ଯେତେ ସାଙ୍ଗେ ସାଙ୍ଗେ କାର୍ଯ୍ୟକାରୀ କରାଯାଇପାରେ, ତାହା ଶୀଘ୍ର ଆରମ୍ଭ କରିବା ଉଚିତ, ବାକି ପରେ, କେବଳ ଭୂଦାନ ଯଜ୍ଞର ଏହା ମୁଖ୍ୟ ଉଦ୍ଦେଶ୍ୟ ନୁହେଁ । ସଂଖ୍ୟାଧିକ କରିବାରେ ଲୋକଙ୍କ ଭଲ ପାଇଁ କାମ କରିବାରେ ଅର୍ଥାତ ୫୧:୪୯ ମୁଁ ବିଶ୍ୱାସ କରେ ନାହିଁ ।

ମୋରାରଜୀ — ମୁଁ ଏଥିରେ ଏକମତ । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଅସୁବିଧା ହୁଏ । ମୋ ଭଳି ସରକାରରେ କାମ କରୁଥିବା ବ୍ୟକ୍ତିଙ୍କର ଏକଥା ମନେ ରଖିବା ଉଚିତ । ଲୋକେ ଯଦି କୁହନ୍ତି ଯେ ତୁମେ ତ ନିଜର ବହୁମତ ବଳରେ କାମ କରୁଛ, ମତେ ସେଥିରେ ଚିଡିବା ବା ଖୁସି ହେବା ଉଚିତ ନୁହେଁ । କିନ୍ତୁ ଯାହାଙ୍କ ପାଖରେ କ୍ଷମତା ଥାଏ ସେମାନେ ପ୍ରାୟ

Digitized by srujanika@gmail.com

ଚିଡିଯାଆନ୍ତି ବା ରାଗି ଯାଆନ୍ତି । ମୁଁ ମୌଳିକ ଶିକ୍ଷା ସପକ୍ଷରେ କିନ୍ତୁ ବର୍ତ୍ତମାନ ସ୍ଥିତିରେ ସାଧାରଣ ଶିକ୍ଷାଠାରୁ ଏଥିରେ ବେଶୀ ଖର୍ଚ୍ଚ ହେଉଛି । ମୁଁ ଆପଣଙ୍କ ସହିତ ଏକମତ ଯେ ଶିକ୍ଷା ସରକାରଙ୍କ ପାଖରେ ନ ରହିବା ଉଚିତ । କିନ୍ତୁ ସମାଜ ଏ କାମ ପାଇଁ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଏ କାମ କିପରି ଛାଡି ଦେବି ? କଲେଜ ଓ ସେକେଣ୍ଡାରୀ ଶିକ୍ଷାରେ ଆମେ ସରକାରୀ ହସ୍ତକ୍ଷେପ କମ କରି ଦେଇଛୁ । ପ୍ରାଥମିକ କ୍ଷେତ୍ରରେ ମଧ୍ୟ ଆମେ ସ୍କୁଲ ବୋର୍ଡ ରଖିଛୁ । କିନ୍ତୁ ମହାରାଷ୍ଟ୍ରରେ ଏଥିରେ ମଧ୍ୟ ଦଳୀୟ ନୀତି ଚାଲୁଛି । ଶିକ୍ଷାମନ୍ତ୍ରୀ ହେବା ବେଳେ ଦିଙ୍କର ଭାଇ କହୁଥିଲେ ଯେ ଆମେ ସବୁ ଶିକ୍ଷା ସରକାରଙ୍କ ଠାରୁ ନେଇ ଲୋକମାନଙ୍କୁ ଦେବା ଉଚିତ । କିନ୍ତୁ ବର୍ତ୍ତମାନ ସେ କୁହନ୍ତି ଯେ ତାଙ୍କ ମତ ବଦଳିଯାଇଛି । ବିଶ୍ୱବିଦ୍ୟାଳୟମାନଙ୍କରେ ଗୁପ୍ତ ଚକ୍ରାନ୍ତ ଛଡା ଆଉ କିଛି ନାହିଁ । ସବୁ ସ୍ଥାନରେ ଗଣତାନ୍ତ୍ରିକ ପଦ୍ଧତିରେ କାମ ଚଳିପାରିବ ନାହିଁ ।

ଖଣ୍ଡୁଭାଇ ଦେସାଇ : କାହା ଦ୍ୱାରା ତ ମାର୍ଗଦର୍ଶନ ହେବ ? ତେବେ କାହାଦ୍ୱାରା ?

ମୋରାରଜୀ ସରକାର ମାର୍ଗ ଦର୍ଶନ କରିବେ ଓ ଅର୍ଥ ମଧ୍ୟ ଦେବେ ।

ଖଣ୍ଡୁଭାଇ ଦେସାଇ : କିନ୍ତୁ 'ରେଜିମେଣ୍ଟେଶନ' କଡା ନିୟମ ହେବା ଉଚିତ ନୁହେଁ ।

ମୋରାରଜୀ ଅବଶ୍ୟ ।

ଖଣ୍ଡୁଭାଇ ଦେସାଇ : ତା' ହେଲେ ଠିକ୍ ଅଛି ।

ମୋରାରଜୀ ସୌରାଷ୍ଟ୍ରବାଲାଙ୍କୁ ମୁଁ କହୁଛି ଆପଣ ଏହା ପ୍ରୟୋଗ କରନ୍ତୁ । ଗୁଜରାଟରେ କଥାରେ କୁହନ୍ତି 'ମତଲବ ପ୍ରୟୋଗ କରି ମନୁଷ୍ୟ ବୁଦ୍ଧିମାନ ହୁଏ ।' ଅର୍ଥାତ ଶାସନ ମୁକ୍ତ ଶିକ୍ଷାନୀତି ଯେତେ ଦିନ ଯାଏ ପ୍ରୟୋଗ କରାନଯାଏ ସେତେଦିନ ଯାଏ ସମସ୍ୟାର ସମାଧାନ ହେବ ନାହିଁ । କିନ୍ତୁ ଏକଥା ଯେତେବେଳେ ମୁଁ ମୋ ସାଙ୍ଗମାନଙ୍କୁ ବୁଝାଇପାରୁ ନାହିଁ, ଅନ୍ୟମାନଙ୍କ କଥା କ'ଣ କହିବି ? ମୋ ମତ ମନାଇବା ପାଇଁ ମୁଁ ଜୋର ଜବରଦସ୍ତ ତ କରିପାରିବି ନାହିଁ ।

ଖଣ୍ଡୁଭାଇ ଦେସାଇ : ସହଯୋଗୀ ମନ୍ତ୍ରୀଙ୍କ ସହିତ ମତଭେଦ ହେଲେ କ'ଣ କରିବା ଉଚିତ ?

ମୋରାରଜୀ ବୁଝାମଣା କରିବାକୁ ହେବ କିନ୍ତୁ ସିଦ୍ଧାନ୍ତ କ୍ଷେତ୍ରରେ ତ ଏହା କରାଯାଇ ନପାରେ ।

ବିନୋବାଜୀ ଛୋଟ ଛୋଟ କଥାରେ ସିଦ୍ଧାନ୍ତ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ ।

ଖଣ୍ଡୁଭାଇ ନିଃସନ୍ଦେହ ।

ମୋରାରଜୀ ମଦ୍ୟ ନିଷେଧର ମୋର ଅନୁଭବ ଅଛି । ଏଥିପାଇଁ ଯେତେବେଳେ ସମିତି ତିଆରି କରିବା ସ୍ଥିର ହେଲା ମୁଁ କହିଲି, ଏଥିରେ ମଦ୍ୟ ନିଷେଧରେ ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କୁ ହିଁ ସଭ୍ୟ ରଖିବା ଉଚିତ । ଜବାହରଲାଲଜୀ ଏଥିରେ ଚିଡିଗଲେ । କିନ୍ତୁ ମୁଁ ମୋ ମତରେ ଦୃଢ ରହିବାରୁ ସେ ମାନିଗଲେ । ଅତଃ ସିଦ୍ଧାନ୍ତ ମାମଲାରେ ଦୃଢ ରହିବା ଉଚିତ ।

Digitized by srujanika@gmail.com

ବିନୋବାଜୀ : ସର୍ବଦଳୀୟ ସରକାର ଦୁଇଟି ପରିସ୍ଥିତିରେ ହୋଇପାରେ ବୋଲି ବିଶ୍ୱାସ କରାଯାଏ । ଏକରେ ଯୁଦ୍ଧବେଳେ ଓ ଦୁଇରେ ଯେତେବେଳେ କୌଣସି ଦଳର ବହୁମତ ନଥାଏ ।

ମୋରାରଜୀ ଦ୍ୱିତୀୟ ପରିସ୍ଥିତି ଆସିବା ଭଲ ନୁହେଁ । ଏଥିରେ ନୀତିହୀନ ବ୍ୟକ୍ତିମାନେ ନିଜର ମୂଲ୍ୟ ଦାବି କରନ୍ତି । ଏଥିପାଇଁ ମୁଁ ମିଶ୍ର-ମନ୍ତ୍ରୀମଣ୍ଡଳ ପସନ୍ଦ କରେ ନାହିଁ । ନାଚାର ହୋଇ ଚଳାଇବା ଶାସନ ଭଲ ହୁଏ ନାହିଁ । କିନ୍ତୁ କଂଗ୍ରେସରେ ବୁଝାମଣା କରିବାକୁ ପଡେ । ଦୁର୍ନୀତି-ବିରୋଧ କମିଟିରେ ପଟିଲର ନାମ ଦେଖି, ମୁଁ ଖୋଲିକରି ବିରୋଧ ତ କଲି ନାହିଁ କିନ୍ତୁ ଏହାକୁ ମୁଁ ଦୁର୍ବଳତା ବୋଲି ମାନୁଛି । ପଣ୍ଡିତଜୀଙ୍କୁ ମୁଁ ଯେତେବେଳେ ପଚାରିଲି ଯେ ଆପଣ କ'ଣ କଲେ, ସେ କହିଲେ "ଚୋର ଧରିବାକୁ ଚୋରକୁ ଲଗାଅ" କିନ୍ତୁ ଏପରି କାମ ଚଳି ନପାରେ । ଅପରିଷ୍କାର ଝାଡୁରେ ଘର କିପରି ସଫା ହେବ ?

ଧେବରଭାଇ ମୋରାରଜୀ ଭାଇଙ୍କ ସହିତ ବିଚାର କରିବାକୁ ଅନ୍ୟ ବିଷୟ ଥିଲା । ଶାସନ-ହୀନ-ସମାଜ ଓ ଗଣତନ୍ତ୍ର ଉପରେ ଗାନ୍ଧିଜୀଙ୍କ ଅନୁଗାମୀମାନଙ୍କ ମଧ୍ୟରେ ବହୁତ ମତଭେଦ ଅଛି । ତେଣୁ ବର୍ତ୍ତମାନ ଠାରୁ ଶାସନ-ହୀନ ସମାଜ ବିଷୟରେ ବିଚାର କରାଯାଉ ।

ବିନୋବାଜୀ ଏ ବିଷୟରେ ଚର୍ଚ୍ଚା ହୋଇଛି । ଯେତ ଏପରି ବିଷୟ ଯେ ଏହା ଉପରେ ଅନେକ ଦିନ ଏକାଠି ରହି ଆଲୋଚନା କଲେ ମଧ୍ୟ ସରିବ ନାହିଁ । ସେ ଗୋଟିଏ ଅବସ୍ଥା ସମର୍ଥନ କରି କହିଛନ୍ତି ଯେ ଆଜିର ପରିସ୍ଥିତିରେ ସମାଜର ମଙ୍ଗଳକୁ ଧ୍ୟାନରେ ରଖି ଶାସନକୁ ଯଥା ସମ୍ଭବ କମ୍ କରି ଦିଆଯିବା ଉଚିତ । ମୁଁ ପ୍ରଶ୍ନ କଲି ଶେଷରେ କ'ଣ ହେବ ? ଶାସନ ରହିବ ନା ନାହିଁ ? ଏହା ତାତ୍ତ୍ୱିକ ଆଲୋଚନା ଅଟେ । ଏହାର ବୈଶିଷ୍ଟ୍ୟ ଉପରେ ଆମେ ଆହୁରି ଗଭୀରକୁ ଯାଇ ନାହୁଁ । ବିଷୟର ଅନ୍ୟପକ୍ଷ ମୁଁ ପ୍ରସ୍ତୁତ କରିନାହିଁ । ବର୍ତ୍ତମାନ ଆପଣ ତାହା ଉଠାଇଛନ୍ତି । ମୋ ବିଚାରରେ ଗ୍ରାମର କ୍ଷମତା ବଢିବା ଉଚିତ ଯଦ୍ୱାରା ସେମାନେ ନିଜେ ସେମାନଙ୍କର ସମସ୍ତ କାମ ସମ୍ଭାଳି ପାରିବେ । ଆପଣଙ୍କ ପଦ୍ଧତି ଯାହା ହେଉନା କାହିଁକି ଗ୍ରାମବାସୀମାନେ ଦାୟିତ୍ୱ ସମ୍ଭାଳିବା ପାଇଁ ପ୍ରସ୍ତୁତ ହୋଇଗଲେ ଏହା ଠିକ୍ କାମ କରିବ ।

ଗ୍ରାମଦାନରେ ଆମେ କେତେ ଗାଁର ପୂରା ଜମି ପାଇଛୁ ଉଦାହରଣ ସ୍ୱରୂପ ମଙ୍ଗରୋଠ । ଆସନ୍ତା ବର୍ଷ ସେଠାର ଲୋକମାନେ ସ୍ଥିର କରିବେ ଯେ ସେମାନେ ବାହାରୁ ଲୁଗା ମଗାଇବେ ନାହିଁ । ସରକାର ରାଜି ଥିବାରୁ ସେମାନଙ୍କୁ ସାହାଯ୍ୟ ମିଳିବ । ନତୁବା ଲୋକମାନେ ସ୍ୱାବଲମ୍ବୀ ହେଲେ ସେଥିରେ କୌଣସି ପ୍ରତିବନ୍ଧକ ଆସିବ ନାହିଁ । ଅତଃ ଗୋଟିଏ ଦିଗରେ ଶାସନର ଦାୟିତ୍ୱ କମ୍ ହୋଇଯିବ ଓ ଅନ୍ୟ ଦିଗରେ ଗ୍ରାମ୍ୟ ଶକ୍ତି ବଢିବ ।

ମୋରାରଜୀ ମୁଁ ଏହାର ବିରୁଦ୍ଧରେ ନାହିଁ । ଶେଷରେ ଦେଖିବେ ଯେ ଗ୍ରାମରେ ମଧ୍ୟ ଶାସନ ରହିବ । କିନ୍ତୁ ଏ ବିଷୟରେ ବର୍ତ୍ତମାନ ଆମେ ଚର୍ଚ୍ଚା କରିବା ନାହିଁ । ଏକଥା ମୁଁ ମାନୁଛି

Digitized by srujanika@gmail.com

ଯେ ସର୍ବୋଦୟ ଓ ଗଣତନ୍ତ୍ରର ଭାବନା ଅଲଗା ଅଲଗା ଅଟେ । ମୁଁ ୫୧:୪୯ର ବହୁମତ ମାନେ ନାହିଁ ।

ବିନୋବାଜୀ ମୁଁ ଯାହା କହିଛି ତାକୁ ପୁଣି ସଂକ୍ଷେପରେ କହୁଛି:

(୧) ନିମ୍ନତମ ସ୍ତରରେ କ୍ଷମତା,

(୨) ଉପରବାଲାଙ୍କ ପାଖରେ କେବଳ ସଂଯୋଜକ କ୍ଷମତା,

(୩) ଉପରବାଲାଙ୍କର ଉନ୍ନତ ନୈତିକ ଶକ୍ତି ଯଦ୍ୱାରା ତାଙ୍କର ପରାମର୍ଶ ଆଦେଶ ରୂପେ ଗ୍ରହଣ ହେବ,

(୪) ମୂଳ ସ୍ତରରେ ପାର୍ଟି ରହିବ ନାହିଁ ଓ ଗ୍ରାମ ପଞ୍ଚାୟତରେ ନିର୍ଣ୍ଣୟ ସର୍ବସମ୍ମତି କ୍ରମେ ହେବ, ଓ

(୫) ଅପ୍ରତ୍ୟକ୍ଷ ନିର୍ବାଚନ, ତେଣୁ ଖରାପ ଫଳ କମ୍ ହୋଇଯିବ ।

ଏହାଛଡା ମିଶ୍ର ମନ୍ତ୍ରୀମଣ୍ଡଳ ବିଷୟ ଚର୍ଚ୍ଚା ହୋଇଥିଲା । ଏହା କେବଳ ଯୁଦ୍ଧ କାଳରେ ବା ସଂଖ୍ୟା ଗରିଷ୍ଠ ଅଭାବରେ ହୋଇପାରେ । ମୋ ମନରେ ତୃତୀୟ ବିଷୟ ଥିଲା । ଆଜି ଆମ ସମ୍ମୁଖରେ ଭୀଷଣ ସଙ୍କଟ ଦେଖା ଦେଇଛି । ଏହାଠାରୁ ଅଧିକ ସଙ୍କଟ ଅବାଞ୍ଛନୀୟ । ଏ ସମୟରେ ସବୁ ଦଳର ଲୋକେ ଏକାଠି ହୋଇ କାମ କଲେ କେମିତି ହୁଅନ୍ତା ? କୌଣସି ସାଧାରଣ ଯୋଜନା ହେଲେ ମତ ଭେଦ ସୃଷ୍ଟି ହେବ ନାହିଁ ।

ମୋରାରଜୀ ସମସ୍ତେ ଗୋଟିଏ ସ୍ୱରରେ କହିଲେ ଠିକ୍ ହେବ । କିନ୍ତୁ ଏପରି କରିବେ ନାହିଁ । ସବୁଦଳ ଏକାଠି କାମ କଲେ ଭଲ ହେବ । କିନ୍ତୁ ବର୍ତ୍ତମାନ ଅନେକ ସାଧନ ଶୁଦ୍ଧିରେ ବିଶ୍ୱାସ କରୁନାହାନ୍ତି ଭାବୀ ସମାଜର ଉପଯୁକ୍ତ ଚିତ୍ରମଧ୍ୟ ସେମାନଙ୍କ ଆଗରେ ନାହିଁ । ଭାବିଥିଲୁ ଯେ ଗାଁରେ ସମସ୍ତେ ମିଳିମିଶି କାମ କରିବେ । ମ୍ୟୁନିସିପାଲିଟି ସମ୍ବନ୍ଧରେ ଏହିପରି ଭାବିଥିଲୁ । କିନ୍ତୁ ଏହା ସମ୍ଭବ ଲାଗୁ ନାହିଁ । ଭାବିଥିଲୁ କଂଗ୍ରେସ ମ୍ୟୁନିସିପାଲିଟି କାମ ଛାଡି ଦେଉ । କିନ୍ତୁ ପ୍ରଶ୍ନ ଉଠେ, ଏପରି କଲେ ପରିଣାମ କ'ଣ ହେବ ।

ବିନୋବାଜୀ କେବଳ ଗୋଟିଏ ପ୍ରଶ୍ନ ହେଉଛି ପ୍ରସ୍ତାବ ବ୍ୟବହାରିକ କି ନୁହେଁ ? ମୋ ମତରେ ବ୍ୟବହାରିକ ଅଟେ । ଏଥିପାଇଁ ଉପଯୁକ୍ତ ବୁଦ୍ଧି ଆବଶ୍ୟକ । ବିଶ୍ୱାସ ମଧ୍ୟ ଅଧିକ ରଖିବା ଉଚିତ । ଆଶଙ୍କା ରଖିବା ଅନୁଚିତ ।

ମୋରାରଜୀ ସାବଧାନ ରହିବା ଉଚିତ । ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକେ .....

ବିନୋବାଜୀ ଈଶ୍ୱର ଏତେ ନମନୀୟ ଯେ ତାଙ୍କ ଛତ୍ରଛାୟାରେ ସମସ୍ତଙ୍କ ସବୁକାମ ଚଳିପାରେ ।

ମୋରାରଜୀ ଅନ୍ୟଥା କେହି ତାଙ୍କୁ ବିଶ୍ୱାସ କରିବେ ନାହିଁ ।

ବିନୋବାଜୀ ଜୟ ପ୍ରକାଶ ଓ ଜବାହରଲାଲ ମଧ୍ୟରେ ବୁଝାମଣା କଥାବାର୍ତ୍ତା ବିଫଳ ହୋଇଛି । ଏଥିରେ ଜୟ ପ୍ରକାଶ ପକ୍ଷର ଶକ୍ତି କମ୍ ହୋଇଯାଇଛି ।

Digitized by srujanika@gmail.com

ମୋରାରଜୀ	ଏହାର କିଛି ଦାୟିତ୍ୱ ମୋ ଉପରେ ଅଛି -- କହୁଛି । କାର୍ଯ୍ୟ ସମିତିରେ ଜବାହରଲାଲଜୀ ଅଚାନକ ଏ ବିଷୟ ଉଠାଇଥିଲେ । ସମସ୍ତଙ୍କ ମଝିରେ ତ କିଛି କହିବା ଉଚିତ ନ ଥିଲା । ପରେ ଜବାହରଲାଲଜୀ ଆମ ଭିତରୁ କେତେକଙ୍କୁ ଡକାଇଲେ କହିଲେ ଯେ ସେମାନେ (ଶ୍ରୀ ଜୟପ୍ରକାଶ ଓ ସାଥି) କିଛି ସର୍ତ୍ତରେ କଂଗ୍ରେସରେ ମିଶିବାକୁ ଚାହାନ୍ତି । ମୁଁ କହିଲି ଯାହା କରିବେ ବୁଝି ବିଚାରି କଲେ ଭଲ ହେବ । ସେମାନେ ଆଜି ଆମ ସାଙ୍ଗକୁ ଆସିବାକୁ ପ୍ରସ୍ତୁତ ହେବେ କିନ୍ତୁ ନିର୍ବାଚନ ବେଳେ ଛାଡି ଦେଇଯିବେ । ବର୍ତ୍ତମାନ ସାଥିରେ କାମ କରିବେ, ବାହାରକୁ ଯାଇ ସମାଲୋଚନା କରିବେ । କିନ୍ତୁ ଆପଣଙ୍କ ଦ୍ୱାରା ତ ନିଜ ସାଥିମାନଙ୍କ ସମାଲୋଚନା ହୋଇ ପାରିବ ନାହିଁ । ସବୁ ପକ୍ଷରେ ସଜ୍ଜନ ଥାଆନ୍ତି ଏହା ମୁଁ ମାନୁଛି । କିନ୍ତୁ ଏଇ କାରଣରୁ ସେମାନଙ୍କ ସହିତ ମିଶି କାମ କରାଯାଇ ନପାରେ ।
ବିନୋବାଜୀ	ସଜ୍ଜନ ମାନେ କେବଳ ଦୈବୀ ଶକ୍ତି ବାଲା ନୁହେଁ । ଯାହା ସହିତ ବିଚାରଧାରା ମିଶିଯାଏ, ସେପରି ଲୋକମାନେ, ବିଚାର ସ୍ପଷ୍ଟ ହୋଇଯିବା ପରେ, ଆସିଲେ ତାଙ୍କ ସହିତ ମିଶି କାମ କରାଯାଇ ପାରିବ ବୋଲି ଆମକୁ ମାନିବା ଉଚିତ ।
ମୋରାରଜୀ	ଥରେ ମୁଁ ଶ୍ରୀ ଅଶୋକ ମେହେତା ଓ ଶ୍ରୀ ମେହରଲିଙ୍କ ସହିତ କଥା ହେଉଥିଲି । ସେମାନେ କହିଲେ ମିଳିମିଶି କାମ କରିବା ପାଇଁ ଗୋଟିଏ କାର୍ଯ୍ୟକ୍ରମ ତିଆରି କରିବା ଉଚିତ । ମୁଁ କହିଲି ଆପଣ ମାର୍କସବାଦ ମାନନ୍ତି ? ସେମାନେ ସ୍ୱୀକାର କରିବା ପରେ ମୁଁ କହିଲି କି ଆପଣ ହିଂସାରେ ବିଶ୍ୱାସ କରନ୍ତି । ତା'ହେଲେ ଆମ ସହିତ ଚଳିପାରିବେ ନାହିଁ ।
ବିନୋବାଜୀ	ଉଚ୍ଚ ସ୍ତରରେ ଏପରି କଥାବାର୍ତ୍ତା ହେଲେ ଭଲ ।
ଧେବରଭାଇ	ସମାଜବାଦୀରେ ଆଜିକାଲି ତିନୋଟି ଦଳ ଅଛନ୍ତି । ଏକ -- ଜୟପ୍ରକାଶଙ୍କ କଥା ମାନିବା ବାଲା, ଦୁଇ -- ରାମ ମନୋହର ଲୋହିଆ ଅନୁଯାୟୀ, ଓ ତିନି -- ପ୍ରଚ୍ଛନ୍ନ କମ୍ୟୁନିଷ୍ଟ ।
ବିନୋବାଜୀ	ମତେ ଜଣା ପଡୁଛି ଯେ ଜବାହରଲାଲ ସହିତ ବିଚାର ବିନିମୟ ଭାଙ୍ଗିଯିବାରୁ ଜୟପ୍ରକାଶଙ୍କର ଶକ୍ତି କ୍ଷୀଣ ହୋଇଯାଇଛି ।
ଧେବରଭାଇ	ଆପଣ ଏହା ଚାହାନ୍ତି ନା ଯେ ଭଲ କାମ ପାଇଁ ଅହିଂସାରେ ବିଶ୍ୱାସ କରୁଥିବା ସମସ୍ତେ ଏକାଠି ହୋଇଯାଆନ୍ତୁ ?
ବିନୋବାଜୀ	ହଁ ।
ମୋରାରଜୀ	କିନ୍ତୁ ରାଜନୈତିକ ଚିନ୍ତନ ତ କିଛି ହେବା ଦରକାର । ରାଜ୍ୟ ଚଳାଇବା ପାଇଁ ଏହାର ବହୁତ ଆବଶ୍ୟକ ଅଛି ।
ବିନୋବାଜୀ	ଏଥିରୁ ମୁଁ ବୁଝିପାରୁ ନାହିଁ ଯେ ଗାନ୍ଧିଜୀଙ୍କ ଆମ ଉପରେ କ'ଣ ପ୍ରଭାବ ପଡିଛି । ଏ ପର୍ଯ୍ୟନ୍ତ ମୁଁ ଯାହାସବୁ ଶୁଣିଲି ଏଥିରେ କିଛି ନୂଆ କଥା ନାହିଁ । ପାଶ୍ଚାତ୍ୟ ଡେମୋକ୍ରେସୀ ବାଲା ଏ କଥା କହିସାରିଛନ୍ତି ।

Digitized by srujanika@gmail.com

ମୋରାରଜୀ ଗାନ୍ଧିଜୀଙ୍କ ଏ ପ୍ରଭାବ ପଡିଛି ଯେ ବିରୋଧିମାନଙ୍କ ସହିତ ଶ୍ରଦ୍ଧାର ସହ ବ୍ୟବହାର କରିବା ଉଚିତ । ସେମାନେ ଆମ ବିଷୟରେ ଯାହା କିଛି କୁହନ୍ତୁ ନା କାହିଁକି, ତାଙ୍କ ଉପରେ କ୍ରୋଧ କରିବୁ ନାହିଁ । କିନ୍ତୁ ତାଙ୍କ ସହିତ ସହଯୋଗ କରି କାମ ହୋଇପାରିବ ନାହିଁ ।

ବିନୋବାଜୀ ଅହିଂସାରେ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ସାଥିରେ ନେବା ଉଚିତ ।

ବଙ୍କୁ ଭାଇ ମିନିଷ୍ଟରମାନଙ୍କ ବେତନ ବିଷୟରେ ଆପଣଙ୍କୁ କିଛି କହିବାର ଅଛି ନା ?

ବିନୋବାଜୀ ମୋର କହିବା କଥା ହେଲା ଯେ ନେତୃତ୍ୱରେ ଯେ ପର୍ଯ୍ୟନ୍ତ ସାମ୍ୟଯୋଗ ନ ଆସିଛି ସେ ପର୍ଯ୍ୟନ୍ତ ସମାଜରେ ସାମ୍ୟଯୋଗ ଆସିପାରିବ ନାହିଁ । ନେତୃତ୍ୱ ଦୁଇ ପ୍ରକାରର । ଏକ-ନିମ୍ନ ସ୍ତରରେ ନେତୃତ୍ୱ ଯାହାକି ଶିକ୍ଷକମାନଙ୍କ ହାତରେ, ଦୁଇ- ଉପରର ନେତୃତ୍ୱ ଯାହାକି ମନ୍ତ୍ରୀମାନଙ୍କ ପାଖରେ ଅଛି । ଶିକ୍ଷକ ଓ ମନ୍ତ୍ରୀଙ୍କ ବେତନରେ ଫରକ ନ ରହିବା ଉଚିତ । ସେହିପରି ଗଭର୍ଣ୍ଣର ଓ ପ୍ରେସିଡେଣ୍ଟଙ୍କ ବେତନ । ଏମାନେ (ମନ୍ତ୍ରୀ ଇତ୍ୟାଦି) ଯଦି ସମାନ ବେତନ ନିଅନ୍ତି, ସମାଜ ଉପରେ ଭଲ ପ୍ରଭାବ ପଡିବ ।

ମୋରାରଜୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ବେତନରେ ଫରକ ନ ରହିଲେ ଠିକ ହେବ । ସେଇପରି କେନ୍ଦ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବେତନରେ ମଧ୍ୟ । କିନ୍ତୁ ମନ୍ତ୍ରୀ ଓ ପ୍ରେସିଡେଣ୍ଟ ଏବଂ ମିନିଷ୍ଟର ଓ ଗଭର୍ଣ୍ଣରଙ୍କ ବେତନରେ ପାର୍ଥକ୍ୟ ରହିବା ଉଚିତ ।

(ମଝିରେ ଗୋଟିଏ ବିଚାର ବିନିମୟ ବେଳେ ମୁଁ ଉପସ୍ଥିତ ନଥିଲି ।)

ତା ୧୦.୫.୫୫

ମୋରାରଜୀ କାଲି ଆପଣଙ୍କ ବ୍ୟାଖ୍ୟାନ ଶୁଣି ମୁଁ ପ୍ରସନ୍ନ ହୋଇଥିଲି । କେବଳ ମୁଁ ନୁହେଁ, ଆମେ ସମସ୍ତେ । ସମସ୍ତେ କୃଷିକାମ କରିବେ -- ଆପଣ ଏହା ସମ୍ଭବ ଭାବନ୍ତି ?

ବିନୋବାଜୀ ଆଜିର ପରିସ୍ଥିତିରେ ନୁହେଁ । କିନ୍ତୁ ଆଦର୍ଶ ସ୍ଥିତିରେ ଅବଶ୍ୟ ।

ମୋରାରଜୀ ଠିକ୍ ।

ବିନୋବାଜୀ କୃଷି ଏପରି ଗୋଟିଏ ଉଦ୍ୟୋଗ ଯେଉଁଠି ପ୍ରକୃତି ସହିତ ମନୁଷ୍ୟର ସମ୍ବନ୍ଧ ଲାଗି ରହିଥାଏ । ଏଇ ଲାଭରୁ ଆମେ କାହାରିକୁ ବଞ୍ଚିତ କରିବାକୁ ଚାହୁଁ ନାହୁଁ ।

ମୋରାରଜୀ ଆଜି କୃଷି ଯାହାର ଜୀବିକା, ତା'ର କୃଷି ବିଷୟରେ ପୂର୍ଣ୍ଣ ଜ୍ଞାନ ନାହିଁ ।

ବିନୋବାଜୀ ତାଙ୍କୁ ଜ୍ଞାନ ଦେବାକୁ ପଡିବ । ଏହାଛଡା ଅନ୍ୟ ଜୀବିକା ଦିଆଯାଇ ପାରିଲେ ତାହା ଦେବା ଉଚିତ ।

ମୋରାରଜୀ ଆପଣଙ୍କ ମୌଳିକ ଶିକ୍ଷା ସହିତ ମୁଁ ଏକମତ । କିନ୍ତୁ ଏପରି ଶିକ୍ଷକ କେଉଁଠାରୁ ଆଣିବି ? ଶିକ୍ଷକଙ୍କ ହୃଦୟ ପରିବର୍ତ୍ତନ କରିବା ବହୁ କଷ୍ଟସାଧ୍ୟ । ମୁଁ ଆର୍ଯ୍ୟନାୟକଙ୍କୁ

Digitized by srujanika@gmail.com

କହିଲି ଯେ ଆପଣଙ୍କୁ ସବୁ କିଛି ସମର୍ପି ଦେବାକୁ ମୁଁ ପ୍ରସ୍ତୁତ । ଆପଣ ଯାହା ଚାହାଁନି ପ୍ରୟୋଗ କରନ୍ତୁ । କିନ୍ତୁ କାର୍ଯ୍ୟରେ ପରିଣତ କରିବା ସମୟରେ କିଛି ବାଧା ଆସିଲା । ଦୁଇଚାରି ବର୍ଷରେ ବହୁତ କିଛି ହେବ -- ଏପରି ଆଶା ଅଛି । ମୋ ମନ ତ ଶିକ୍ଷା ବିଭାଗ ନେବାକୁ ଥିଲା । କିନ୍ତୁ ନେବାକୁ ପଡିଲା ଗୃହ ବିଭାଗ ଯାହାର କାମ ଶିକ୍ଷାର ପୁରା ଓଲଟା । ଆନ୍ଦୋଳନର ପରିଣାମ ସ୍ୱରୂପ ଆମ ରାଜ୍ୟରେ ଯେଉଁସବୁ ଗୁଳିକାଣ୍ଡ ହେଉଛି ତାର ଦାୟିତ୍ୱ ଶେଷରେ ମୋ ଉପରକୁ ଆସୁଛି । କିନ୍ତୁ ମୁଁ ନାଚାର 'ଭାରତ ଛାଡ୍' ଆନ୍ଦୋଳନରେ ଲୋକମାନେ ଭୁଲ ବାଟ ଧରିଲେ ।

ବିନୋବାଜୀ — ସେମାନେ କୁହନ୍ତି ଯେ ସ୍ୱରାଜ୍ୟ ପ୍ରାପ୍ତିରେ ତାଙ୍କର ଯୋଗଦାନ ଅଛି ।

ମୋରାରଜୀ — ସର୍ବୋଦୟ ସମ୍ମିଳନୀକୁ ମୁଁ ଆସିବାକୁ ଚାହୁଁଥିଲି । କିନ୍ତୁ ଆସୁ ଆସୁ ରହିଗଲି । କାରଣ ସେଠାରେ ମନ୍ତ୍ରୀମାନଙ୍କୁ ଅପମାନ କରାଯାଏ ।

ବିନୋବାଜୀ — କିନ୍ତୁ ଆପଣଙ୍କ ଆସିବାର ଅଧିକାର ଅଛି । ଆପଣ ଏହାକୁ ଛାଡିଦେଲେ ଅନ୍ୟମାନେ ମାଡି ବସିବେ ।

ମୋରାରଜୀ — ମତେ ସେଠାକୁ ଆସି ଝଗଡା କରିବାର ନ ଥିଲା ।

ବିନୋବାଜୀ — ମୁଁ ତ ଥରେ କହିଥିଲି ଯେ ଶାସକମାନେ ଜନକଙ୍କ ଆଦର୍ଶ ପାଳିବା ଉଚିତ ଓ ଶାସନ ବାହାରେ ଥିବା ଲୋକେ ଶୁକଦେବ ଭଳି ହେବା ଉଚିତ ।

ମୋରାରଜୀ — ପୂରାପୂରି ଠିକ୍ । କିନ୍ତୁ ଏ ଆଦର୍ଶ ପର୍ଯ୍ୟନ୍ତ ପହଁଞ୍ଚିବା ବଡ କଠିନ ଅଟେ । ମୁଁ ଏ ଆଗ୍ରହ ରଖେ, ଯେ କୌଣସି ଖରାପ କାମ ମୋ ହାତରେ ନ ହେଉ । କିନ୍ତୁ ଜନକ ତ ଖରାପ ବିଚାର ମନକୁ ଆଣୁ ନ ଥିଲେ । ଏହା ବଡ କଷ୍ଟ ସାଧ୍ୟ । ମୋ ସ୍ଥିତି ତ ଏମିତି ଠିକ୍ ଅଛି । ପାର୍ଟି ମତେ ବିଶ୍ୱାସ କରୁଛି ଏଥିରେ ମୋ ଦାୟିତ୍ୱ ଓ କାର୍ଯ୍ୟକ୍ଷେତ୍ର ବହୁତ ବଢୁଛି ଓ କାମରେ କଠିନତା ମଧ୍ୟ ସେତିକି ବଢୁଛି ।

ବିନୋବାଜୀ — ଶାସକଙ୍କୁ ସତ୍ୟ ଓ ଅହିଂସା ଦୁଇଟିକୁ ରକ୍ଷା କରିବା ଉଚିତ ଓ ଦୁଇଟିରୁ କୌଣସି ଗୋଟିକୁ ରଖିବାକୁ ହେଲେ ସତ୍ୟକୁ ଧରି ରଖିବା ଉଚିତ -- ଏହା ଆପଣଙ୍କ କଥାର ସାର ଅଟେ ।

ମୋରାରଜୀ — ହଁ ଅହିଂସା ବିଷୟରେ କମ୍ପ୍ରମାଇଜ୍ କରାଯାଇପାରେ କିନ୍ତୁ ଅସତ୍ୟ ଅକ୍ଷମଣୀୟ । କ୍ରୋଧ କରିବା ଖରାପ ଏକଥା ମୁଁ ଜାଣେ ତଥାପି କ୍ରୋଧ ଆସିଯାଏ । ଏଥିପାଇଁ କ'ଣ କରିବି ? ମୋର ପରିବାରକୁ ତ ମୋ ଆଦର୍ଶରେ ମନାଇ ପାରି ନାହିଁ ।

ବିନୋବାଜୀ — ଗୋଧରାରେ ଯେଉଁ ପୁରୁଷୋତ୍ତମ ମହାରାଜ ଥିଲେ, ମହାଦେବ ଭାଇ ତାଙ୍କର ବହୁତ ପ୍ରଶଂସା କରୁଥିଲେ । ବାପୁ ପଚାରିଲେ, "ସେ କିପରି ଅଛନ୍ତି ? କ'ଣ ବିବାହିତ ?" ମହାଦେବ ଭାଇ ହଁ କହିବାରୁ ପୁଣି ପଚାରିଲେ, "ତାଙ୍କ ପତ୍ନୀ କିପରି ?" ମହାଦେବ ଭାଇ କହିଲେ ସେ ତ ଜଣେ ସାଧ୍ୱୀ । ଏକଥା ଶୁଣି ବାପୁ କହିଲେ, "ତା' ହେଲେ ସେ ତ ପ୍ରକୃତରେ ସାଧୁ ଅଟନ୍ତି ।"

Digitized by srujanika@gmail.com

ମୋରାରଜୀ	ଏସବୁ ଶୁଣିଲେ ମୋର ଅଭିମାନ ଉଭେଇ ଯାଏ ଓ ପାଦ ପୃଥିବୀ ଉପରେ ଦୃଢ ହୋଇଯାଏ ।
	(କିଏ ଜଣେ ପଚାରିଲେ ଭୂଦାନ ବିଷୟ ଚର୍ଚ୍ଚା ହୋଇଯାଇଛି) ।
ମୋରାରଜୀ	ହଁ, ଶାସନ ଅଧିକାରୀ କାହାଠାରୁ ଭୂଦାନ କରାଇଲେ, ସେଥିରେ କ୍ଷତି ଘଟିବ ବୋଲି ମୁଁ ଭାବେ । କାରଣ ସେ ପରିସ୍ଥିତିରେ ଲୋକେ ଡରିକରି ଭୂମି ଦେବେ ବା ପ୍ରଭାବ ବଢିବା ଆଶାରେ । ଯୁଦ୍ଧ ଚାନ୍ଦାରେ ଯେପରି ହୋଇଥିଲା, ସେପରି ହେବା ଠିକ୍ ନୁହେଁ । ଭୂଦାନର ଉଦ୍ଦେଶ୍ୟ ହେଲା ଶେଷରେ ମନୁଷ୍ୟକୁ ବଦଳାଇବା । ନିଜର ଏ କାମ ଛାଡି ଦେଲେ ଗାଁ ଗାଁ ବୁଲି ଭୂଦାନ କାମରେ ଲାଗିଯିବି । କିନ୍ତୁ ପଣ୍ଡିତଜୀ ମତେ ସମର୍ପି ଥିବା କାମ ଛାଡି ପାରିବ ନାହିଁ ।
	ପଣ୍ଡିତଜୀ ଅତ୍ୟନ୍ତ ସତ୍ୟପ୍ରିୟ ମନୁଷ୍ୟ, ଏ କଥା ସତ ଯେ କେବେକେବେ ତାଙ୍କ ଭାବନାର ରୀତି ବିପଦଜନକ ହୋଇଯାଇଥାଏ । ତା'ର କାରଣ ହେଲା ଯେ ତାଙ୍କ ଉପରେ ପଶ୍ଚିମର ପ୍ରଭାବ । ଏ କାରଣ ହୋଇପାରେ ଯେ ସେ କେବେ ଦାରିଦ୍ର୍ୟ ଦେଖିନାହାନ୍ତି । କିନ୍ତୁ ସେ ନିଜକୁ ଅନ୍ୟ ଅପେକ୍ଷା ବଡ ମାନନ୍ତି ନାହିଁ, ଏଥିପାଇଁ ମୁଁ ତାଙ୍କୁ ସମ୍ମାନ ଦେଖାଏ । ଆଜି ତାଙ୍କ ପାଖରେ ଏତେ କ୍ଷମତା ଅଛି ଯେ କୌଣସି ଡିକ୍ଟେଟର ପାଖରେ ଏତେ ନଥିବ । ତଥାପି ସେ ନିଜକୁ ସମସ୍ତଙ୍କ ସହିତ ସମାନ ମାନନ୍ତି । ଆପଣ ତାଙ୍କ ସମ୍ପର୍କରେ ବେଶି ରହିଲେ ଭଲ ।
ବିନୋବାଜୀ	ମୋ ପ୍ରକୃତି ଏପରି ଯେ ମୁଁ ତାଙ୍କୁ ବିରୋଧ କରିପାରିବି ନାହିଁ ।
ବଳୁଭାଇ	ତା ତ ସତ, କିନ୍ତୁ ଶ୍ରଦ୍ଧାର ବିରୋଧ ଲାଭଦାୟକ ।
ମୋରାରଜୀ	କୌଣସି ପ୍ରକାର ଆକ୍ରମଣ ଠିକ୍ ନୁହେଁ ।
ବିନୋବାଜୀ	ଏ କଥା ସତ ।
ମୋରାରଜୀ	ଯେତେବେଳ ଯାଏ ମଣିଷ ଗର୍ବୀ ରୁହେ, ସେ ପର୍ଯ୍ୟନ୍ତ କାମ କରିବା କଷ୍ଟ ହୁଏ ।
ବିନୋବାଜୀ	ଗର୍ବ ଆଦୌ ନ ରହିବା ଉଚିତ । ଯେତେ ମାନିକରି ଚଳିଲେ ବି କିଛି ନ କିଛି ରହିଯାଏ ।
ମୋରାରଜୀ	ମୁଁ ୩୫ ବର୍ଷ ହେବ କ୍ରୋଧ ଦୂର କରିବାକୁ ପ୍ରଯତ୍ନ କରୁଛି । ପ୍ରଥମେ ତ ମୁଁ ଭାବୁଥିଲି ଯେ ଶାସନ ଚଳାଇବାବେଳେ କିଛି ସୁଯୋଗ ମିଳିଲେ କ୍ରୋଧ କରିବା ଉଚିତ । କିନ୍ତୁ ଆଠ ଦଶବର୍ଷ ପରେ ମୁଁ ବୁଝିପାରିଲି ଯେ କ୍ରୋଧ ସବୁ ସମୟରେ ଖରାପ । ଏହାପରେ ମୋ ଆଗରେ କେହି ମିଛ କହିଲେ ମୁଁ ରାଗି ଯାଉଥିଲି । କିନ୍ତୁ ପୁଣି ଭାବିଲି ଏଥିରେ ମୋର ରାଗର କ'ଣ ଅଛି ? ହଁ, ନିଜ ଭିତରେ କୌଣସି ଖରାପ କଥା ହେଲେ କ୍ରୋଧ ଆସିଯାଏ ।

Digitized by srujanika@gmail.com

ବିନୋବାଜୀ	ଯେଉଁ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ କ୍ରୋଧ ଭଲ ନୁହେଁ, ସେ ନିଜ ପାଖରେ ସବୁବେଳେ କିଛି ମିଶ୍ରି ରଖିବା ଉଚିତ । କ୍ରୋଧ ଆସିଲେ ମିଶ୍ରି ଟିକେ ପାଟିରେ ପକାଇ ଦେବେ । (ହାସ୍ୟ)
ମଣିବେନ	କଂଗ୍ରେସ ସମ୍ମିଳନୀ ପାଇଁ ଆମର ଲୋକମାନେ ପୁରୀ ଯାଇଥିଲେ । ସେମାନଙ୍କ ମନରେ ଦୁଃଖ ହୋଇଛି କାରଣ ସେଠାର ବାତାବରଣ କଂଗ୍ରେସ ବିରୋଧି ଥିଲା ।
ବିନୋବାଜୀ	ଏ ଧାରଣା ଠିକ୍ ନୁହେଁ କାରଣ ଯଦି କେହି ସେଠାରେ କଂଗ୍ରେସ ବିଷୟରେ କହିଥାଏ ସେ ହେଉଛି କେବଳ ମୁଁ ।
ମୋରାରଜୀ	ଭାଷଣରୁ ନୁହେଁ । କିନ୍ତୁ ଲୋକମାନଙ୍କ କଥାବାର୍ତ୍ତାରୁ ତାଙ୍କର ଏ ଧାରଣା ହେଲା ।
ବିନୋବାଜୀ	ଆପଣ ମୋ ଦୃଷ୍ଟି ଏ ଦିଗକୁ ଆଣି ଠିକ୍ କରିଛନ୍ତି । ଏପରି ବାତାବରଣରେ ଅହିଂସାର ଅଭାବ ଅଛି । ମୁଁ ତାକୁ ସୁଧାରିବାକୁ ପ୍ରଯତ୍ନ କରିବି ।
ମୋରାରଜୀ	ବ୍ୟଙ୍ଗାତ୍ମକ କଥାରେ କାମ ବିଗିଡି ଯାଏ । ଏହା ବଦଳରେ ସିଧା ଆକ୍ଷେପ କରିବା ଠିକ୍ ।
ବିନୋବାଜୀ	ସିଧା କଥାବାର୍ତ୍ତାରେ ସତ୍ୟ ସୁରକ୍ଷିତ ରହେ । ମୁଁ ମାନୁଛି ଯେ ଆପଣଙ୍କ ସର୍ବୋଦୟ ସମ୍ମିଳନୀକୁ ଆସିବା ଉଚିତ ।
ମୋରାରଜୀ	ବାପୁ କଂଗ୍ରେସରେ ଥିବାବେଳେ ଯେଉଁମାନେ ସତ୍ୟ ଓ ଅହିଂସାରେ ବିଶ୍ୱାସ କରୁ ନଥିଲେ, ସେମାନେ ଆଜି ଅହିଂସା କଥା କହୁଛନ୍ତି ।
ବିନୋବାଜୀ	ଆଟମ୍ ଯୁଗରେ ହିଂସାର ବ୍ୟର୍ଥତା ବିଷୟରେ ଜ୍ଞାନ ହେବା ଉଚିତ ।
ମୋରାରଜୀ	ଅବଶ୍ୟ, ଜବାହରଲାଲଜୀ ମଧ୍ୟ ସାଧନର ଶୁଦ୍ଧତାରେ ବିଶ୍ୱାସ କଲେଣି । ଈଶ୍ୱରଙ୍କଠାରେ ଶ୍ରଦ୍ଧା ରଖିବା ବ୍ୟକ୍ତିଙ୍କୁ ସେ ଏବେ ଉପହାସ କରୁନାହାନ୍ତି ।
ନାରାୟଣ	ଜୟପ୍ରକାଶ ଜୀ ଶାସନ ଶୁଦ୍ଧି ଓ ଈଶ୍ୱର ଦୁହିଁଙ୍କୁ ବିଶ୍ୱାସ କରନ୍ତି ।
ମୋରାରଜୀ	ନିଃସନ୍ଦେହ । ମୁଁ ବି ମାନୁଛି ଯେ ସେ ଏ ମାମଲାରେ ଆଗରେ ଅଛନ୍ତି । କିନ୍ତୁ ସେ ଏହା ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିନାହାନ୍ତି ।
ନାରାୟଣ	ଅହିଂସାରେ ତାଙ୍କର ପୂର୍ଣ୍ଣ ଆସ୍ଥା ଅଛି ।
ମୋରାରଜୀ	ବର୍ଗ ସଂଘର୍ଷକୁ ସେ ମାନନ୍ତି ନା ନାହିଁ ?
ନାରାୟଣ	ନାଁ, ବର୍ଗ ନିରାକରଣକୁ ମାନନ୍ତି ।
ମୋରାରଜୀ	ଏହା ତ ହୋଇପାରେନା । ଗୋଟିଏ ବର୍ଗ ହୋଇପାରିବ ନାହିଁ । ବର୍ଗ-ସହଯୋଗ ହେବା ଉଚିତ ।

Digitized by srujanika@gmail.com

ନାରାୟଣ	ଅମୀର ଓ ଗରିବଙ୍କ ବର୍ଗ ରହିବ ?
ମୋରାରଜୀ	ନା, କିନ୍ତୁ ଅଲଗା ଅଲଗା ବୃତ୍ତି ରହିବ ।
ନ ାରାୟଣ	ଅର୍ଥାତ ବର୍ଗ ଭେଦ ରହିବ ନାହିଁ, ବୃତ୍ତି ଭେଦ ରହିବ ।
ମୋରାରଜୀ	ହିଁ, ଏକଥା କହିପାରନ୍ତି । ମୁଁ ବୁଝିପାରେନା ଯେ ଲୋକେ ଈଶ୍ୱରଙ୍କୁ କାହିଁକି ମାନନ୍ତି ନାହିଁ ।

*(ବିନୋବାଜୀଙ୍କ ସ୍ୱାସ୍ଥ୍ୟ ସମନ୍ଧରେ କିଛି କଥା ପରେ ବାର୍ତ୍ତାଳାପ ଶେଷ ହେଲା ।
ମୋଟରେ ୭-୮ ଘଣ୍ଟା ବାର୍ତ୍ତାଳାପ ହୋଇଥିଲା ।)*

Digitized by srujanika@gmail.com